# ହା'ରେ ଦୁର୍ଭାଗା ଦେଶ

# ହା'ରେ ଦୁର୍ଭାଗା ଦେଶ
# HA'RE DURBHAGA DESHA

ଲେଖକ :

**ଶ୍ରୀ ଲକ୍ଷ୍ମୀଧର ନାୟକ**

Written by :

**Sri Laxmidhar Nayak**

ପରିବର୍ଦ୍ଧିତ ୨ୟ ମୁଦ୍ରଣ—୧୯୬୮

Enlarged 2nd Edition—1968

ପ୍ରକାଶକ :

**ଦାସ ବ୍ରଦର୍ସ**

ବ୍ରହ୍ମପୁର : କଟକ

Published by :

**DAS BROTHERS**

Berhampur: Cuttack

**ମୂଲ୍ୟ—ଦଶ ଟଙ୍କା**

**Price—Rupees Ten only**

ମୁଦ୍ରାକର :

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

**ସତ୍ୟବାଦୀ ପ୍ରେସ**

କଟକ—୧

Printer :

**Sri Udayanath Sarangi**

**SATYABADI PRESS**

Cuttack—1.

# ଉତ୍ସର୍ଗ

ଦ୍ୱିତୀୟ ମହାଯୁଦ୍ଧର ଶେଷ ଆଡ଼କୁ
୧୯୪୦ରୁ ୧୯୪୫ ଭିତରେ
ଭାରତର ଜାତୀୟ ଜୀବନରେ ଯେଉଁ ନୈତିକ ଅଧଃପତନର
ଅସ୍ତୁମାରମ୍ଭ ହୋଇଥିଲା,
ଆଜି
ସ୍ୱାଧୀନତାପ୍ରାପ୍ତିର ଦୀର୍ଘ ଏକୋଇଶି ବର୍ଷ ଭିତରେ
ତା'ର ସଂଶୋଧନ ପରିବର୍ତ୍ତେ
ରାଜନୈତିକ ଜୀବନଠୁ ଆରମ୍ଭ କରି
ସାମାଜିକ, ସାଂସ୍କୃତିକ ଓ ପ୍ରଶାସନିକ ପ୍ରତିଟି କ୍ଷେତ୍ରରେ
ଦୁର୍ନୀତିର ଯେଉଁ ଭୟାବହ ରୂପ ଦେଖିବାକୁ ମିଳୁଛି,
ସେଇ ପରିପ୍ରେକ୍ଷିରେ···
ଦୀର୍ଘ ଏକୋଇଶି ବର୍ଷ ତଳେ ଲିଖିତ
ଏଇ ଉପନ୍ୟାସର ପ୍ରଧାନ ଚରିତ୍ର ଭୂପେନ୍ଦ୍ରକୁ
ଯେଉଁମାନେ ପୁଣି ଥରେ ବିଚାର କରିବାକୁ ଚେଷ୍ଟା କରିବେ,
ସେଇମାନଙ୍କ ହାତରେ
[illegible]ରେ ଦୁର୍ଭାଗା ଦେଶ'ର ଦ୍ୱିତୀୟ ମୁଦ୍ରଣର
ସଶ୍ରଦ୍ଧ ନିବେଦନ ।

**ଲକ୍ଷ୍ମୀଧର ନାୟକ**
୧୭।୭।୬୮

ଡାକବାଲା ଆସିଛି ।

ଗାଁମୁଣ୍ଡରେ ସେଇ ଝଙ୍କା ବରଗଛ ସେପାଖରୁ ଲୋକେ ଧାଇଁଲେ ଦଳେ ଦଳେ । ଖେଳିଗଲା ଗୋଟାଏ ଚହଳ । ସେଇମିତି ଜରୁରୀ କିଛି ନଇଲେ ପିଅନବାବୁ ନିଜେ ଆସିଥାନ୍ତେ କାହିଁକି ? ସାଧାରଣତଃ [illegible]ଟୋଳିଙ୍କ ହାଟପାଳି ଗାଁଲୋକେ ଯାଇଁ ଡାକଘରୁ ଚିଠି ନେଇଆସନ୍ତି । ଟେଲିଗ୍ରାମ ବା ରେଙ୍ଗଲରୁ ଟଙ୍କା କଉଡ଼ି କାହାର ଆସିଥିଲେ ଖବର ଆସେ, ଲୋକ ଯାଇଁ ନିଜେ ନେଇଆସେ । ଗହୀର ବିଲର ଡେଙ୍ଗୁଆ ହିଡ଼ ଉପରେ ପିଅନବାବୁଙ୍କୁ କ୍ୱଚିତ୍ ଆସିବା ଦେଖାଯାଏ ଏ ଗାଁକୁ । ସେଇମିତି ମଲାଗଲା ଖବର କାହାର ଥିଲେ ଯମଦେବତାଙ୍କ ଶୁଭାଶୀର୍ବାଦ ଗାଁର କୌଣସି ପୋଡ଼ାକପାଳିଆ ପରିବାରକୁ ଜଣାଇଦେବା ପାଇଁ ଡାକବାଲାର ଅପ୍ରତ୍ୟାଶିତ ଆବିର୍ଭାବ ହୁଏ ବରଷେ ଛ' ମାସକେ ଥରେ ଅଧେ, ନଇଲେ ନାହିଁ ।

ସମସ୍ତଙ୍କ ମୁହଁରେ ଗୋଟାଏ ଉଦ୍‌ବେଗ୍ନତାର ଭାବ । କାହାର କ'ଣ ହୋଇଚି ? କି ଅଘଟନ ବିପତ୍ତି ପଡ଼ିଚି କା' ଉପରେ ! ବୁଢ଼ାଏ ଧାଇଁଲେ ଗୁନିଆ [illegible] । କାଳ ସମାଚାର ଯେମିତି ଖରାପ, ଲଢ଼େଇରେ ମାରା ମୁଲକଟା ଧୁଳୁଭୁଷ ।

ହଣାକଟା, ଧରାମରା । ଟେଲିଗ୍ରାମଟା ତ ମଲମଣିଷ ରକତରେ ଭାସୁଛି । ଗାଁର ସବୁ ଭେଣ୍ଡିଆଙ୍କ ଯାଇ ସେଇଠି । କାହାର କ'ଣ ଖବର ଆସିଲା କେଜାଣି ? କିନ୍ତୁ ପିଅନବାବୁଙ୍କୁ ଭରସି କରି ପଚାରିବ କିଏ ? ନିଜ ନିଜ ଭିତରେ ଫୁସ୍‌ଫାସ୍ ହୋଇ ଗୁଳିଲେ ସମସ୍ତେ ଦଳେ ଦଳେ ।

ଡାକବାଲା ଆସିଛି ।

ଗାଁମୁଣ୍ଡର ସେଇ ଝଙ୍କା ବରଗଛ ସେପାଖରୁ ଲୋକେ ଧାଇଁଲେ ଛୁଟେ ଛୁଟେ । ଦେଖିଲେ ଗୋଟାଏ ଚହଲ । ସେଇମିତି ଜରୁରୀ କାର୍ଯ୍ୟ, ନହେଲେ ପିଅନବାବୁ ନିଜେ ଆସିଥାନ୍ତେ କାହିଁକି ? ସାଧାରଣତଃ ହପ୍ତାକରେ ହାଟପାଳି ଗାଁଲୋକେ ଯାଇଁ ଡାକଘରୁ ଚିଠି ନେଇଆସନ୍ତି । ଟେଲିଗ୍ରାମ ବା ବେଙ୍ଗଲରୁ ଟଙ୍କା କଉଡ଼ି କାହାର ଆସିଥିଲେ ଖବର ଆସେ, ଲୋକ ଯାଇଁ ନିଜେ ନେଇଆସେ । ଗମ୍ଭୀର ବଳଦ ଜେଣ୍ଡୁଆ ହାଡ଼ ଉପରେ ପିଅନବାବୁଙ୍କୁ କ୍ୱଚିତ୍ ଆସିବା ଦେଖାଯାଏ ଏ ଗାଁକୁ । ସେଇମିତି ମଲାଗଲା ଖବର କାହାର ଥିଲେ ଯମଦେବତାଙ୍କ ଶୁଭ ଆଶୀର୍ବାଦ ଗାଁର କୌଣସି ପୋଡ଼ାକପାଳିଆ ପରିବାରକୁ ଜଣାଇଦେବା ପାଇଁ ଡାକବାଲାର ଅପ୍ରତ୍ୟାଶିତ ଆବିର୍ଭାବ ହୁଏ ବରଷେ ଛ'ମାସକେ ଥରେ ଅଧେ, ନହେଲେ ନାହିଁ ।

ସମସ୍ତଙ୍କ ମୁହଁରେ ଗୋଟାଏ ଉଦ୍‌ବେଗ୍ନତା'ର ଭାବ । କାହାର କ'ଣ ହେଇଚି ? କି ଅଘଟଣ ବିପତ୍ତି ପଡ଼ିଚି କା' ଉପରେ ! ବୁଢ଼ାଏ ଧାଇଁଲେ ଗୁଜିଆ ହୋଇ । କାଳ ସମାଚାର ଯେମିତି ଖରାପ, ଲଢ଼େଇରେ ମାରା ମୁଲକଟା ଦୁଲୁକୁଚି ।

ହଣାକଟା, ଧରାମରା । ଟେଲିଗ୍ରାମଟା ତ ମଲାମଣିଷ ରକ୍ତରେ ଛାପିଛି । ଗାଁର ସବୁ ଭେଣ୍ଡିଆଙ୍କ ଯାଇ ସେଇଠି । କାହାର କ'ଣ ଖବର ଆସିଲା କେଜାଣି ? କିନ୍ତୁ ପିଅନବାବୁଙ୍କୁ ଭରସି କରି ପଚାରିବ କିଏ ? ନିଜ ନିଜ ଭିତରେ ଫୁସ୍‌ଫାସ୍ ହୋଇ ଗଲେ ସମସ୍ତେ ଛୁଟେ ଛୁଟେ ।

ତଳସାଇ ଦାଣ୍ଡ ଝପି ଡାକପିଅନ ସିଧାସଳଖ ଆସି ଟ୍ରୁଣ୍ଡାହେଲା ଅଧିକାରୀଙ୍କ ପିଣ୍ଡାତଳେ । ଉଞ୍ଚ ପଥର ପାହାଚ ଉପରେ ଚିଠିମୁଣାଟାକୁ ବେକରୁ କାଢ଼ି ପିଅନବାବୁ ବସିଲା । ସମସ୍ତଙ୍କୁ ଶୁଣେଇ ଶୁଣେଇ କହିଲା—' ଟିକେ ଦେଖ ତ, ସାନବାବୁ ଘରେ ଅଛନ୍ତି ?

—ସାନବାବୁ ? ହଁ ହଁ, କଟକରୁ ଆସି କେତେ ଦିନ ହେଲା ଅଛନ୍ତି ତ ଗାଁରେ । ବୁଢ଼ା କୁସୁନ ଜେନା କହିଲା—ବାପେ ତାଙ୍କର ଯାଇଛନ୍ତି ପୁରୀ, କଲଟର ସାଇବକୁ ଦେଖାକରିବାକୁ । ଧାଇଭଙ୍ଗା ମାରପିଟର ମକଦ୍ଦମା ତାରିକ ଆଜ ।

—ଏତେ କଥା କହିବାକୁ ତତେ କିଏ କହୁଚି ? ଆଖିତରାଟି ଚରଣ ପଧାନ କହିଲା······ସେ ତ ସାନବାବୁଙ୍କୁ ଖୋଜୁଚନ୍ତି । ପିଢ଼ିରେ ଫଙ୍କାର, ଦଶ ବର୍ଷର ଟୋଟିଏ ଲଙ୍ଗଳା ଟୋକାକୁ ଚରଣ ହାତରେ ଠେଲିଦେଲା······ଯା' ଡାକିଆଣିବୁ ସାନବାବୁଙ୍କୁ ।

ଡାକ ଆଣିବାକୁ ପଡ଼ିଲା ନାହିଁ । ଅଡ଼ଙ୍ଗ ଉପରେ ପାଟିତୁଣ୍ଡ ଶୁଣି ସାନବାବୁ ନିଜେ ଆସି ଠିଆହେଲେ । ଏ କ'ଣ ! ଏତେ ଲୋକ କାହିଁକି ? ଭିଡ଼ ଦେଖି ଉପେନ୍ଦ୍ର ଆଶ୍ଚର୍ଯ୍ୟ ହେଲା । ସ୍ତବ୍ଧ ହୋଇ ସେ ଚାହିଁଲା ଅସ୍ଥିକଙ୍କାଳସାର ଗ୍ରାମବାସୀମାନଙ୍କୁ । ଅପରିଚ୍ଛନ୍ନ ଚେହେରା, ଅସଂଯତ ଲୁଗାପଟା । ନୁଖୁରା ବାଳ ଝୋଟ ପରି ଫୁରୁଫୁରୁ ଉଡ଼ୁଛି ! କ'ଣ ହେଇଚନ୍ତି ଏମାନେ ।

ସାନବାବୁଙ୍କ ଆବିର୍ଭାବରେ ଟିକିଏ ସଙ୍କୁଚିତ ହେଲା ପରି ସମସ୍ତେ ପାଖେଇଗଲେ । କେହି କେହି ହାତ ଉଠେଇ ଜୁହାର ବି କଲେ । ଟେଲିଗ୍ରାମଟା ବଢ଼େଇଦେଲା ପିଅନ । ତାପରେ ତିରିଶି ଟଙ୍କାର ମନିଅର୍ଡ଼ରର ଫର୍ମଟା ଗୋଟାଏ ବନ୍ଧା ପାକେଟ ଭିତରୁ ଖୋଜି ବାହାର କରି ସଇ ପାଇଁ କାଢ଼ି ରଖିଦେଲା । ତାପରେ ଗୋଟାଏ ମୁଣାଭିତରୁ ପୁଳାଏ ଟଙ୍କା କାଢ଼ି ଗଣନ୍ତି କରି ବସିଲା ।

ଉପେନ୍ଦ୍ରର କିନ୍ତୁ ଏସବୁ ପ୍ରତି ଲକ୍ଷ୍ୟ ନ ଥିଲା, ସେ ଭାବୁଥିଲା ଆଉ କିଛି । ସେ ନିରୀକ୍ଷଣ କରି ଦେଖୁଥିଲା, ତା ସାମନାରେ ଠିଆ-

ହୋଇଥିବା ଗାଁଲୋକଙ୍କୁ । ଏମାନଙ୍କୁ ସେ ଯେ ଚିହ୍ନି ପାରୁ ନାହିଁ । ଗଲା କେତେ ବର୍ଷ ଧରି କଟକରେ ପଢ଼ାପଢ଼ି କରିବା ଅବସ୍ଥାରେ ସେ ଗାଁକୁ ଖୁବ କମ୍ ଆସେ, ଆଉ ଯଦିବା ଆସେ, ଖୁବ କମ୍ ସମୟ ପାଏ ଗାଁଲୋକଙ୍କ ସାଙ୍ଗେ ମିଶି ଦୁଃଖସୁଖ ହେବାକୁ । ତେବେ ବି ଏସବୁ ଲୋକେ ଏତେ ନୂଆ ନୂଆ ଦେଖାଯାଉଛନ୍ତି କାହିଁକି ? ସାତସିଆଁ ଗାମୁଛା ଖଣ୍ଡେ ଖଣ୍ଡେ ଅଣ୍ଟା ଚାରିପାଖେ ଗୁଡ଼ାଇ ଭୁଡ଼ାଇ କୌଣସିମତେ ଲଜ୍ଜାକୁ ଢାଙ୍କି ରଖିଛନ୍ତି । ଛାତିର ପଞ୍ଜରାହାଡ଼ ଗଣିହୋଇ ଯାଉଛି । ପେଟ ଖାଲି ହୋଇ ପଶିଯାଇଛି ଭିତରକୁ । ଲୋଚକୋଚ ହୋଇ ଲାଗି ରହିଥିବା ପାଉଁଶିଆ ଚମ ତଳୁ ଫୁଟି ଦିଶୁଛି ଦୁର୍ଭିକ୍ଷପ୍ରପୀଡ଼ିତ ଜୀବନର ଅକାଳ ବାର୍ଦ୍ଧକ୍ୟ । ମଶାଣିରୁ କେଉଁଠା ମୁର୍ଦ୍ଦାର ଯେପରି ଜୀବନ ପାଇ ଉଠି ଆସିଛି ! କି ଭୀଷଣ କଦାକାର ଚେହେରା ! କୋଟରଗତ ଚକ୍ଷୁ, ମାଂସହୀନ ମୁଖ, ଜ୍ୟୋତିଃହୀନ ରୂପ । ଏମାନେ କ'ଣ ମଣିଷ—ଏଇମାନେ କ'ଣ ତା ପଲ୍ଲୀଗାଁର ସୁଖୀ ଦୁଃଖୀ ଭାଇ !

—ଫର୍ମଟା ଦଇକରି ଦିଅନ୍ତୁ ବାବୁ ! ଟଙ୍କା ଗଣନ୍ତୁ ।

ପିଅନ ଡାକରେ ଉପେନ୍ ଚମକି ଉଠିଲା । ଏ କ'ଣ ? ତାରଟାକୁ ସେ ଏ ପର୍ଯ୍ୟନ୍ତ ଯେ ଖୋଲି ପଢ଼ିନି ! ଲଫାପାଟା ଖୋଲି ପଢ଼ୁ ପଢ଼ୁ ସେ ଥରେ ମନିଅର୍ଡ଼ର ଫର୍ମ ଉପରେ ଆଖି ବୁଲାଇନେଲା । ଓ, କଟକରୁ ଲୋକନାଥବାବୁ ପଠେଇଛନ୍ତି ଦୁଇ ମାସର ଟିଉସନ୍ ଟଙ୍କା । ମାସକୁ କୋଡ଼ିଏ ଟଙ୍କା ହିସାବରେ ଦି'ମାସର ପ୍ରାପ୍ୟ ଚାଳିଶି ଟଙ୍କା । ଗାଁକୁ ଆସିଲାବେଳେ ସେ ନେଇଆସିଥିଲା ଦଶ ଟଙ୍କା । ଆଉ ବାକୀ ତିରିଶି ଟଙ୍କା ଠିକ ସମୟରେ ହିଁ ଆସିଛି । ଟଙ୍କା ତା'ର ଦରକାର ଥିଲା ଭୀଷଣ । ଏଥିରୁ ପନ୍ଦରଟି ଟଙ୍କା ଆଜି ବାପାଙ୍କୁ ଦେଲେ ସେ ଭାରି ଖୁସି ହେବେ । କାଲି ପୁଣି ପିଇବାକୁ ଗାଡ଼ିଖର୍ଚ୍ଚ ନ ଥିଲା ତାଙ୍କର । ପଢ଼ାପିଲା ଉପେନ୍ଦ୍ର, ଟଙ୍କା କାହୁଁ ପାଇବ ? ଏହା ଜାଣିବା ସତ୍ତ୍ୱେ ବି ଗୁର ଦି'ଟା ଟଙ୍କା ପାଇଁ ସେ ମୁହଁ ହରେଇଛନ୍ତି । ହଁ, ଆଜି ଏ ତିରିଶିଟାଯାକ ଟଙ୍କା ନେଇ ତାଙ୍କ ହାତରେ ଗୁଞ୍ଜିଦେବ । ବାପା ଆଶ୍ଚର୍ଯ୍ୟ ହେବେ, ଖୁବ

ଆଶ୍ଚର୍ଯ୍ୟ ! ରାତି ନ ପାହୁଣୁ ଏକାବେଳକେ ତିରିଶି, ତିରିଶିଟା ଟଙ୍କା ! ଏତେଗୁଡ଼ାଏ ଟଙ୍କା ଉପେନ୍ଦ୍ର ପାଇଲା କେଉଁଠୁ ? ସେ ଭାବିବେ, ଭାବି ଅବାକ୍ ହେବେ । ଚାକିରି ନ କରୁଣୁ ବି ପୁଅ ତାଙ୍କର ରୋଜଗାର କରିପାରେ । ଖୁସିରେ ତାଙ୍କ'ମନ ଭରିଯିବ ।

—ସଇ କଲେ ବାବୁ ? ପିଅନ ପୁଣି ଥରେ ମନେ ପକାଇଦେଲା । ତାପରେ ଟିକିଏ ରହିଯାଇ ମାଗିଲା ଗିଲାସେ ପାଣି, ଭାରି ଶୋଷ ।

—ହଁ, ହଁ, ପାଣି । ଉପେନ୍ ପ୍ରକୃତିସ୍ଥ ହୋଇ କହିଲା—ସିଗୁଟି ରେ ବଳିଆ ! ଘରୁ ବୋଉକୁ କହି ପାଣି ଗିଲାସେ ଆଣିବୁ ।

ବଳିଆ ଚାଲିଗଲା । ଲଫାପା ଭିତରୁ ତାରଟା କାଢ଼ି ଉପେନ୍ଦ୍ର ପଢ଼ିଲା । ସେ ବି. ଏ. ରେ ଫାଷ୍ଟ କ୍ଲାସ ପାଇଛି । ଓଃ—ଏଇ ଖବରଟା ? ଏଇଟା ତ ତାର ବହୁ ଆଗରୁ ଜଣାଥିଲା । ଫାଷ୍ଟକ୍ଲାସ ପାଇ ବି. ଏ. ତ ସେ ପାଶ କରିଥାନ୍ତା ନିଶ୍ଚୟ । ପରିଶ୍ରମ କ'ଣ କମ୍ କରିଛି ସେ ! ଦିନ ନାହିଁ, ରାତି ନାହିଁ । କଟକର ସେ ଅଖ୍ୟାତ ଗଳିର ଅନ୍ଧାରୁଆ ଘରକଣରେ ଦିନବେଳେ ବି ଲଣ୍ଠଣ ଜାଳି, ଖାଇବା ପିଇବା ଭୁଲି ଏକାଗ୍ର ଧ୍ୟାନରେ ସେଇ ଯେଉଁ ପଢ଼ା······ସେଇଥିରେ ତ ତା' ଆଖି ହେଲା ଖରାପ । ଅନବରତ ବହିଲା ପାଣି । ହଜାର ଡେରମ୍ଭଳର ଔଷଧ ଖାଇ କାଇଁ ଏ ପର୍ଯ୍ୟନ୍ତ ବି ତ ଆଖିର ସେ ପୂର୍ବଜ୍ୟୋତିଃ ଫେରିଆସିଲା ନାହିଁ । ହଁ, ଏଥର କଟକ ଯାଇ ସେ ଆଉ ଗୋଟାଏ ଅଧିକା ଟିଉସନ୍ କରିବ । ଚଶମା ଗୋଟାଏ ତାର ନିହାତି ଦରକାର । ନଇଲେ କିଛି ଦିନରେ ସେ ଅନ୍ଧ ହୋଇଯିବ । ଅନ୍ଧ ! ଚଶମାଗୁଡ଼ାକ ବି କି ଭୀଷଣ ଦାମ୍ ! ଚାଳିଶି ଟଙ୍କା କମ୍‌ରେ ସାଧାରଣ ଚଶମାଟିଏ ମିଳିବା ମୁସ୍କିଲ । ଯୁଦ୍ଧବଜାର, ଆଗେ ଯେଉଁ ଫ୍ରେମ୍ ଥିଲା ଚାରି ପାଞ୍ଚ ଟଙ୍କା, ଆଜି ସେ କୋଡ଼ିଏ ପଚିଶି । ତା ବି ସମୟବେଳେ ମିଳୁନି । ଆଉ କାଚ, ତା ଦାମ ତ କଳ୍ପନା କରିବା ସମ୍ଭବ ନୁହେଁ । କି ଯୁଦ୍ଧ ଏ, ଦୁନିଆଟା ଗଲା ଛାରଖାର ହୋଇ । ସମସ୍ତ ମାନବସମାଜ ଆଜି ଯେମିତି ରସାତଳକୁ ଧସେଇ ଯାଉଛି । ବିଜ୍ଞାନର ପ୍ରଗତି, ବିଶ୍ୱର ସଂସ୍କୃତି, ସବୁ ଯେମିତି ଧ୍ୱସ୍ତବିଧ୍ୱସ୍ତ ହୋଇଯିବ ଏ ଯୁଦ୍ଧର ନୃଶଂସ ବର୍ବରତାରେ । ସମଗ୍ର ପୃଥିବୀ ବୋଧେ' ଏକ ସଙ୍ଘର୍ଷର

ରଣଭୂମି ହୋଇଉଠିବ । ଖୁବ୍ ଶୀଘ୍ର, ଖୁବ୍ ଶୀଘ୍ର ହୁଏତ ପଡ଼ିବ ଗୋଟାଏ ବୋମା । ଭୂପୃଷ୍ଠ ବିଧ୍ୱସ୍ତ ହୋଇଯିବ, ଭୂମିକମ୍ପ ହେବ, ଆଉ ବିଶାଳ ଧରିତ୍ରୀ ବିଲୁପ୍ତ ହୋଇଯିବ ପାତାଳର କେଉଁ ଅତଳ ଗର୍ଭରେ ।

ଭୟାବହ କଳ୍ପନାର ଆତଙ୍କରେ ଦିନବେଳଟାରେ ବି ଏତେ ଲୋକଙ୍କ ଭିତରେ ଉପେନ୍ଦ୍ର ଚମକି ଉଠିଲା । ତତ୍ପରେ ମନିଅର୍ଡ଼ର ଫର୍ମ ଉଠେଇନେଇ ସେ ଅନ୍ୟମନସ୍କ ଭାବରେ ଓଲଟେଇ ପାଲଟେଇ ଦୁଇ ଥର ଦେଖିଲା । କେଉଁଠି ସହି କରିବାକୁ ହୁଏ ଜାଗାଟା ଖୋଜି ପାଇଲାନି ଯେମିତି । ପିଅନ ଅଙ୍ଗୁଳିକୁ ଅନେଇ କିଛି ନିର୍ଦ୍ଦେଶ ପାଇଁ ଅପେକ୍ଷା କଲା । ତାପରେ ହଠାତ୍ ପ୍ରକୃତିସ୍ଥ ହେଲା ପରି ମନିଅର୍ଡ଼ର ଫର୍ମ ଓଲଟେଇ ବି ଜାଗାରେ ସହି କଲା ।

—ଟଙ୍କା ଗଣନ୍ତୁ । ପିଅନ କହିଲା ନମ୍ର ଗଳାରେ ।

—ଟଙ୍କା ? ଗଣିଚ ତ ତମେ । ଆଉରି ଥରେ ଗଣିବାକୁ ପଡ଼ିବ ?

—ହଁ ହଁ, ଗଣିନିଅନ୍ତୁ ।

—ଟଙ୍କା ନେବ ଗଣି, ପାଣି ପିଇବ ଛାଣି— ମନ୍ତବ୍ୟ କଲା ସାଉନ୍ତ ବୁଢ଼ା ।

ଉପେନ୍ କଣେଇ କରି ଚାହିଁଲା । କହିଲା—ଟଙ୍କା ଗଣିନେବାକୁ ଇ ହେବ, ନା ମଉସା ? ଭରସି ଟଙ୍କାର ବିଶ୍ୱାସ ବି ଆଜି ଆଉ ନାହିଁ ଏ ଯୁଦ୍ଧଖୋର ଦୁନିଆରେ !

—ହଁ ସାନବାବୁ, ଯୁଦ୍ଧ ଖବର କ'ଣ ? ଗେଜେଟ ପଢୁଚ, କ'ଣ କହିଲ ଟିକିଏ ହାଲ ହଇକତ ।

ଲୋକଗହଳି ଭିତରୁ କିଏ ଜଣେ କହିଲା—ଯୁଦ୍ଧ ଲାଗିଲା କେଉଁଠି ନା କେଉଁଠି, କାହା ଭିତରେ, କାହାର ସ୍ୱାର୍ଥ ପାଇଁ, ଅଥଚ ଆମେମାନେ ନ ଖାଇ ନ ପିଇ ମଲୁ ।

ଲୋକଟା ଟିକିଏ ପାଠୁଆ ବୋଲି ମନେହେଲା ଉପେନ୍ଦ୍ରର । ଫୋକାଳିଆ ଚେହେରା, ମୁହଁରେ କିଛି ବୁଦ୍ଧିର ଦୀପ୍ତି । ତମ ନାଁ କ'ଣ ? ଉପେନ୍ ପଚାରିଲା ।

—ମତେ କ'ଣ ଆପଣ ଚିହ୍ନିବେ ? ମୁଁ ମିଶିସାହିର କଣ୍ଟୁରୀ ଜେନା ପୁଅ ।

—ପଢ଼ୁଛ ?

—ନା, ପଢ଼ା ଛୁଡ଼ିଲାଣି ବର୍ଷେ ହେଲା । ପିଲାଟା ଭଲ ପଢ଼ୁଥିଲା । କହିଲା ଗାଉଁଲି ବୁଢ଼ା । ପଇସା ଯୋଗାଇ ପାରିଲାନି କଣ୍ଟୁରୀ, ନଇଲେ ତମରି ପରି ନାଁ କରିଥାନ୍ତା ।

—ମୁଁ କ'ଣ ନାଁ କରିଛି ? ଉପେନ୍ ଟିକିଏ ହସିଲା ।

—ଖୁବ୍ ନାଁ କରିଛ ବାବୁ ! ଆମ ଗାଁକୁ କଟକରେ ଚିହ୍ନିଲେ କେମିତି ? ସେଦିନ ଶଗଡ଼ରେ ମୁଗ ଦଶ ବସ୍ତା ନେଇ ଯାଇଥିଲି ଯେ ମାଲଗୋଦାମରେ ମତେ ସବୁ ଯୋଉଁବେଳେ ପଚାରିଲେ, ମୁଁ ତମ ନାଁ କହିଲାରୁ ସମସ୍ତେ ଚିହ୍ନିଲେ । ତମେ ସେ ରାଣୀହାଟ ଛକରେ ଯେଉଁ ବଡ଼ କଲିଜ ଅଛି, ସେଇଥିରେ ପଢ଼ୁଚ ନା ବାବୁ ?

—କଲେଜଟା ଦେଖିଚ ତାହାହେଲେ ! ଉପେନ୍ଦ୍ର ଅନ୍ୟମନସ୍କ ଭାବରେ ପଚାରିଲା ।

—ଯୁଦ୍ଧର ଗୋଳାବାରୁଦ କୁଆଡ଼େ ସେଇଠି ଜମା ହେଉଚି ବୋଲି ସଭିଏଁ କୁହାକୁହି ହଉଥିଲେ । ସତ ନା ବାବୁ ?

—କୋଉ କଥା ନେଇ କୁଆଡ଼େ ଗେଞ୍ଜିଲାଣି ଗାଉଁଲି ବୁଢ଼ା । ଟିକିଏ ଥାପରା କରି କହିଲା ନିଧି ବିଶ୍ୱାଳ । ଯୁଦ୍ଧ କଥା ସାନବାବୁଙ୍କୁ ପଚାରି, ନିଜେ ସବୁ ଜାଣିଲି ପରି ମାମଲତକାର ଦେଖେଇ ହେଉଚୁ ଯେ !

—ଯୁଦ୍ଧ କଥା କ'ଣ ଶୁଣିବ ? କହିଲା ଉପେନ୍ଦ୍ର । ଠିକ ତ କହୁଛି ଜେନାପୁଅ । ଯୁଦ୍ଧ ଲାଗିଲା କୋଉଠି ନା କୋଉଠି, ଅଥଚ ଯୁଦ୍ଧର

ହାରଜିତ୍‌ରେ ଏତେ ଟିକିଏ ଫାଇଦା ନାହିଁ ଯାହାର, ତା'ର ସୁଖ-ସ୍ୱାଚ୍ଛନ୍ଦ୍ୟ ଉପରେ ଯେତେସବୁ କୋଡ଼ମାଡ଼ । ଅନାହାରରେ ଛଟପଟ ହୋଇ ମରୁଛ ଲୁକମାନେ । ବିଲର ଫସଲକୁ ଟେକିଦଉଛ ଅନ୍ୟ ହାତରେ । ନିଜ ପେଟରେ ଓଦାକନା ପକେଇ, ଉଗାଡ଼ିହର କଣ୍ଟାଛପର ତଳେ ଉହଲ ବିକଳ ହୋଇ ମରଣର ବାଘିଷିକା ଦେଖୁଛ । ଗାଁର ସୁଝୀ ମଣିଷ ଉପରେ ଅଭାବର ଅକାଳ ବଜ୍ର ପଡ଼ୁଛି । ଏଇ ତ ହଉଛ ଯୁଦ୍ଧର ଇତିହାସ; ଏଇ ତ ହେଉଛି ତାର କାହାଣୀ । ଦୁର୍ନୀତି ଆଉ ଅନାଚାରର, ଦଲାଲି ଆଉ କଳାବଜାରୀ । ଧାନଦୁଃଖୀର ଭାଗ୍ୟକୁ ନେଇ ସଭ୍ୟତାର ନିର୍ମମ ଉପହାସ । ବୁଝିଲ ! କହୁକହୁ ଉପେନ୍ଦ୍ର ହଠାତ୍ ଟିକିଏ ରହିଗଲା ।

—ମୋର ଚିଠି ଆଇଚ ପିଅନବାବୁ ? ସାଧୁ ସାନ୍ତରା ପଚାରିଲା, ପୁଅ ଦି ବରଷ ହେଲା ସେଇ ଆଡ଼େ ରହିଲା । ଏତେ ଚିଠି ଦେଲଣି, ହାଟପାଳିକି ହାଟପାଳି କେତେ ଧାଇଁଚ ।

—ଧାଇଁଲେ କ'ଣ ହେବ, ଚିଠି ଆସିଲେ ସିନା !

—ଠିକ୍ ତ୍, ଚିଠି ଆସିଲେ ସିନା ! ସାନ୍ତରା ମନକୁ ମନ ଟିକିଏ ଭାବିଲା । ତାପରେ କରୁଣ ଦୃଷ୍ଟିରେ ଚାହିଁ ପଚାରିଲା—ସାନବାବୁ ! ଚିଠି ଆଉ କ'ଣ ଆସିବନି ?

କିଏ ଜବାବ ଦେବ ଏ ପ୍ରଶ୍ନର ? କିଏ କହିବ ସାନ୍ତରା ବୁଢ଼ାର ଭେଣ୍ଡିଆ ପୁଅ ରେଙ୍ଗୁନ ଭୂଇଁରୁ ଆଉ ଫେରିବ କି ନାହିଁ ! ରଣରାକ୍ଷସର ଦୁର୍ଦ୍ଧର୍ଷ ଅଭିଯାନରେ ବର୍ଧାତାର ସତ୍ୟ-ଶିବ-ସୁନ୍ଦର ସୃଷ୍ଟି ଯେଉଁଠି ଧ୍ୱସ୍ତବିଧ୍ୱସ୍ତ, ସେଠି କିଏ କହିବ ଅନାଗତ ଭବିଷ୍ୟତ ସମ୍ବନ୍ଧରେ ? କିଏ କହିବ ସାନ୍ତରା ବୁଢ଼ାର ପୁଅ ମରିଚି କି ବଞ୍ଚିଚି ! ଫେରିବ କି ନ ଫେରିବ, କିଏ କହିବ ?

ତଥାପି ସାନ୍ତ୍ୱନା ଦେବା ପାଇଁ ଉପେନ୍ କହିଲା—ହଁ, ଚିଠି ଆସିବ ସାଧୁ ମଉସା, ଧନେଶ୍ୱର ବି ଫେରିଆସିବ ।

—ଏ ଯୁଦ୍ଧରୁ ଧନଆ ବଞ୍ଚିଥିଲେ ସିନା ! ମଧୁ ପଧାନ କହିଲା । ଯେତେକ ଆମ ଗାଁରୁ ଯାଇଥିଲେ, କାହାର ତ କିଛି ଖବର ଅନ୍ତର ନାହିଁ । ମଝିରେ ମଝିରେ କିଏ କେମିତି କହୁଛି, ବୋମା ମାଡ଼ରେ ସଭିଏ ନିପାତ ହୋଇ ଯାଇଚନ୍ତି ।

ଗାଁରେ ମଧୁ ସବୁଠୁ ବଡ଼ କୁହାଳିଆ, ମାମଲତକାର । ମାମଲା ମକଦ୍ଦମାରେ ସେଇ ଗାଁଲୋକଙ୍କୁ ପରାମର୍ଶ ଦିଏ । ନ୍ୟାୟୁନଶାପରେ ଭାଗବତ ଟୁଙ୍ଗୀ ଘରେ ସେଇ ବୁଝାମଣାରେ ଫଇସଲା କରେ ! ଗାଡ଼ିଆ ଗୋଳି ହେଲେ ମାଛମରାର ଭାଗବଣ୍ଟା ତା'ର ହୁକୁମରେ ହୁଏ । ଗାଁରେ ହଇଜା ଲାଗିଲେ ପ୍ରଥମେ ଠୁଙ୍ଗୁଳା ଠୁଙ୍ଗୁଳି ଔଷଧର ବ୍ୟବସ୍ଥା ମଧୁ ପଧାନ କରେ । ଗାଁରେ ବସନ୍ତ ଯେପରି ନ ଲାଗିବ, କାଳିସୀ ଲଗେଇବାର ବ୍ୟବସ୍ଥା ସେଇ କରେ । ମଧୁ ଖାଲି ଏ ଗାଁର ମାମଲତକାର ନୁହେଁ, ମାମଲତି କରିବାକୁ ସେ ଆଖପାଖ ଦଶ ଖଣ୍ଡି ମଉଜା ବୁଲେ । ତାର ପାଁ ସେରିଆ ଓଜନ ବଟୁଆର ରଙ୍ଗୀନ୍ ଫୁଲ, ତା' ଶାଣିତ ବୁଦ୍ଧିର ଉଜ୍ଜ୍ୱଳ ନିଶାଣ । ମଧୁ ଜଣେ ସର୍ବବାଦୀସମ୍ମତ ମାମଲତକାର । କହିଲା ବେଳେ ମଧୁ ମୁହଁରେ ବାଟୁଲି ବାଜେ ନାହିଁ । ଛେପ ଟୋକି ଉପେନ୍ଦ୍ର ଆଡ଼କୁ ସିଧା ଲକ୍ଷ୍ୟ ଆଣେଇ ସେ କହିଗଲା—ଟଙ୍କାରେ ଧାନ ଚାରି ସେର, ପୃଥିବୀ ସରଜନା ହେଲା ଦିନୁ ଦିନେକାଳେ ଶୁଣା ନ ଥିଲା ଏକଥା । କିରସିନି ସେରେ ଦେଡ଼ ଟଙ୍କା, ତା ବି ପେଣେ ମିଳୁନି । କୋଠିରେ ଜବରଦସ୍ତ ତାଲା ପକେଇ ଧାନ ଜବତ । ସରକାରୀ ହାକିମଙ୍କର ଛଣ୍ଟିଚପା ଜୁଲମ, ଆମ ବାପଅଜା ଦିହକରେ କେବେ ଶୁଣାଥିଲା ହଇଏ ସାନ୍ତ୍ରା ?

ମଧୁ ଉତ୍ତେଜନାରେ ଆଉ କ'ଣ କହି ପକେଇଥାନ୍ତା, ହଠାତ୍ କୁସୁନି ଜେନାର ଦାନ୍ତ ଝଡ଼ାରେ ସେ ଦବିଗଲା । ବୁଝିପାରିଲା ତା' ଭୁଲ । ଆଗରେ ପିଅନବାବୁ, ସରକାରୀ ଲୋକ, କଥାଗୁଡ଼ାକ ସେ ବେପରୁଆ କହିପକେଇ ଠିକ କରିନି । ତା ଭାଗ୍ୟ ଭଲ, ପିଅନବାବୁ ଏତେବେଳ ଯାଏ ତାଙ୍କୁ ବାନ୍ଧି ନ ପକେଇ ଚୁପ୍ କରି ବସିଚି ।

ମଧୁ ପଧାନ କଥା ଏପରି ଅଧାପନ୍ତରିଆ ହୋଇ ବନ୍ଦ ହୋଇ-ଯିବାରୁ ଲଡ଼େଇ ବାବଦରେ ଆଲୋଚନା କରିବା ଉତ୍ତେଜନା ହଠାତ୍ ଶିଥିଳ ହୋଇଗଲା । ଜଣେ ଦି ଜଣ କାମର ବାହାନା କରି ଉଠି ଚାଲିଗଲେ । କିନ୍ତୁ ପୁରୁଖା ପୁରୁଖା ଲୋକ ଦଶ ବାର ଜଣ ସେମିତି ଠିଆ ହୋଇ ରହିଲେ । ଡାକବାଲା କାହିଁକି ଆସିଲା ? ସାନବାବୁଙ୍କ ତାର ଆଉ ତିରିଶିଟା ଟଙ୍କା କୋଉଠୁ ଆସିଲା ? ଏସବୁ କଥା ତନଖି କରି ଜାଣିବା ପାଇଁ ସେମାନଙ୍କ ଭିତରୁ କେତେ ଜଣଙ୍କୁ ପିଣ୍ଡା ଉପରେ ବେଶ ଥୟ ହୋଇ ବସିବାର ଦେଖାଗଲା ।

ଗୋଟେ ଟଙ୍କା ଭଙ୍ଗେଇ ଉପେନ୍ଦ୍ର ପିଅନଠାରୁ ଗୁରିଟା ଲଫାପା ଆଉ ଛଅଟା ପୋଷ୍ଟକାର୍ଡ କିଣିଲା । କୁସୁନ୍ନ ଜେନା ଏଇ ଅବକାଶରେ ଦି’ ଜଣଙ୍କ କାନ ପାଖରେ କ’ଣ ଫୁସ୍‌ଫୁସ୍ କରି କହି ବଚର୍ ବଚର୍ ହେଲା । ତା ପରେ ଝୁଙ୍କ୍ ହେମନ୍ତ ବାନ୍ଧି ଟିକିଏ ଥଙ୍ଗଥଙ୍ଗ ହୋଇ ପଚାରିଲା—ଏ ‘ତାରୁ’ ଆଉ ଟଙ୍କା କୁ’ଠୁ ଆଇଲା କି ସାନବାବୁ ?

—ତାର ? ଲଫାପା ଓ କାର୍ଡ କେତେ ଖଣ୍ଡ ଗଣି ଦେଖୁ ଦେଖୁ ଉପେନ୍ କହିଲା—ମୁଁ ବି. ଏ. ପାଶ କରିଛି କି ନା, ସେଇ ଖବରଟା ମୋର ଜଣେ ସାଙ୍ଗପିଲା ଦେଇଛି ।

—ଆଉ ଟଙ୍କା ? ମଧୁ ପଧାନ ପଚାରିଲା ।

—ଟଙ୍କା ! ଉପେନ୍ କିଛି କହିବା ଆଗରୁ କୁସୁନ୍ନ ଜେନା ଖପ୍ କରି କଥା ଉପରେ ମାଡ଼ିବସି କହିଲା —ବୁଝିପାରୁନ, ସରକାରି ପାଶ୍ ହେଲା, ଟଙ୍କା ଆସିବନି !

ଉପେନ୍ଦ୍ର ଆପତ୍ତି କରିବାକୁ ଯାଉଥିଲା; କିନ୍ତୁ ବୁଢ଼ା କୁସୁନ୍ନ ଜେନାର ଏତେ ବଡ଼ ସବ୍‌ଜାନତା ଟିପ୍‌ପଣୀ ବିରୁଦ୍ଧରେ କିଛି କହି ତା ଆନନ୍ଦ ଆଉ ଉତ୍ତେଜନାରେ ଆଘାତ ଦେବାକୁ ସାହସ କଲା ନାହିଁ । ତଳକୁ ମୁହଁପୋତି ସେ ଚୁପ୍ କରି ବସିରହିଲା । ପରୀକ୍ଷାରେ ପାଶ୍ ଖବରଟା ଶୁଣି ପିଅନ କହିଲା—ବାବୁ, ମୋ ପାଉଣା ।

କିଛି ଆପତ୍ତି ନ କରି ଟଙ୍କାଟିଏ କାଢ଼ି ପିଅନ ହାତରେ ଗୁଞ୍ଜି ଦେଲା ଉପେନ୍ଦ୍ର ।

ଗୋଟାଏ ଟଙ୍କା ! ସମସ୍ତେ ଆଖି ଖୋସିଦେଲେ । ଭୁଣ୍ଡ ଶୁଣେଇ ମାଗୁ ମାଗୁ ଏକାବେଳେ ଗୋଟାଏ ଟଙ୍କା ।• ଆଶାତୀତ ଭାବରେ ପୁରସ୍କୃତ ହୋଇ ପିଅନ ନମସ୍କାର କରି ଉଠି ଚାଲିଗଲା ।

ମଧୁ ପଧାନ କହିଲା—ହଇଦେସ ଗୋଟାଏ ଟଙ୍କା ଦେଇଦେଲେ ବାବୁ !

—କାହିଁକି ନ ଦେବେ ରେ ! କୁସୁନ ଜେନା କହିଲା । କୋଉ ଘର ପିଲା ସେ, ପରମାନନ୍ଦ ଅଧିକାରୀଙ୍କ ନାତି । ବୁଝିଲୁ, କ'ଣ ନ ଥିଲା ଏ ଘରେ ! କାଲି ଦେଖିଲା ପରି ଲାଗୁଚି । ପାଲିଙ୍କି, ସବାରି, ଡାଟଗାଡ଼ି, ଦକ୍ଷିଣୀ ବଳଦ, ଚାରି ଚାରିଟା ହଳ, ଚାରି ଚାରିଟା ହଳିଆ, ଧନ-ଜନ-ଗୋପ-ଲକ୍ଷ୍ମୀ, କୋଉ କଥାରେ ନଅଣ୍ଟ ଥିଲା ! ସତ୍ତ ପାଇଲେ ଦାଶ ଖଣ୍ଡ ମୌଜାର ଲୋକ ଆସି ରୁଣ୍ଡ ହେଉଥିଲେ ଏଇ ପିଣ୍ଡା ତଳେ ଧାନ କରଜ ପାଇଁ । କାଲି ପରି ଦିଶିଯାଉଚି, ବୁଢ଼ା ଏଇ ଅଗଣା ଉପରେ ବଟୁଆ ଖୋଲି ବସିଥିବେ, ଯେ ଆସିଲା ତାକୁ ଦେଉଥିବେ ନେଡ଼ିଏ ଲେଖାଏଁ ଚୂନପାନ । ଗୋଟି ବଡ଼ ବାଛବିଚାର କିଛି ନାହିଁ । ସାନବାବୁ ସେତେବେଳେ ଏତିକି ଟିକିଏ ପିଲା । ଅଧିକାରୀଙ୍କ କୋଳରେ ସଦାବେଳେ । ଆଉ ବୁଢ଼ା ବି ନାତି ବୋଲି ପାଣି ପିଅନ୍ତି ନାହିଁ ।

—ତାଙ୍କ କଥା କାହିଁକି କହୁଚୁ ? ଦଶ ଖଣ୍ଡ ଗାଁରେ ଗୋଟାଏ ମଣିଷ ଥିଲେ ସେ । ଯେମିତି ଏକବାଜିଆ ସେମିତି ସାହାସିକ । ହାତକ ଜମି ପାଇଁ ସାନପଡ଼ାର ମହାପାତ୍ରବଂଶଙ୍କ ସାଙ୍ଗେ ମାରପିଟ୍, ମାଲିମକଦ୍ଦମା । ଦଶ ବାଟି ଜମି ପଟ୍ଟକେ ବନ୍ଦି ହୋଇଗଲା, ଏତେବଡ଼ ଖାନଦାନ୍ ଘରଟା ଉଜୁଡ଼ି ଛାରଖାର ହୋଇଗଲା, ହେଲେ ମୁଣ୍ଡ ନଇଁଲା ନାହିଁ । ଆଜି ସେଇ ପରମାନନ୍ଦ ଅଧିକାରୀଙ୍କ ନାତି, ଏଇ ସାନବାବୁ, କ'ଣ ଦେଖି ନାହାନ୍ତି, କି ଅପୂରସ କରି ନାହାନ୍ତି ! ଆଜ ଯିନା ବିଧି ବାମ ହୋଇଚି, ସବୁଦିନେ କ'ଣ ଏଇଆ ଥିବ ! ସାନବାବୁ ପାରିଲେଣି । ଚାହୁଁ ଚାହୁଁ ଏ ଘର ଉଠି ବସିବ । ମା ଜାଉଳିଆ ଖାଲି କୋଟି ପରମାୟୁ ଦେଇଥାଉ ।

ମଧୁ ପ୍ରଧାନର ଏ କଥାଟା ଆଦୌ ଅତିରଞ୍ଜିତ ନୁହେଁ । କାରଣ କେବଳ ମଧୁ ପ୍ରଧାନ ନୁହେଁ, ଏ ଗାଁର ଅଧିକାଂଶ ଘରର ଦଶ ପୁରୁଷର ଇତିହାସ ଯେ ଜାଣିଛି ସେ ବି ଏଇଆ ଆଶା କରିବ । ଅଧିକାଂଶଙ୍କ ଘର, ମର୍ଯ୍ୟାଦା ମାଟିରେ କଣ୍ଟକ ପାଇଁ ଯାହା ପଡ଼ିଯାଇଚି, ସେ ପୁଣି ଉଠିବ, ଗଢ଼ିଉଠିବ ଉପେନ୍ଦ୍ରର ବିଦ୍ୟା, ବୁଦ୍ଧି, ଶକ୍ତିର ସାଧନାରେ । କାରଣ ଉପେନ୍ଦ୍ର ଅସାଧାରଣ, ଅସାମାନ୍ୟ । ହାତରେ ଗୋଟେଇ କରି, ଲାଇବ୍ରେରୀ ବହି ନେଇ, ସାଙ୍ଗସାଥୀମାନଙ୍କ ଠାରୁ ସାହାଯ୍ୟ ମାଗି, ସେ ଫାଷ୍ଟ ଡିଭିଜନରେ ମାଟ୍ରିକ ପାଶ୍ କରିଛି ସ୍କଲାର୍‌ସିପ୍ ନେଇ । ଆଜି ଘରର ଏକାନ୍ତ ଅଚଳ ଅବସ୍ଥା ଜାଣି ବୁଝି ସେ କଲେଜରେ ନାଁ ଲେଖେଇଛି । ଟିଉସନ୍ କେତେଟା ଯୋଗାଡ଼ କରି ନିଜର ଖର୍ଚ୍ଚ ଚଳେଇଛି, ଆଉ ଘରକୁ ପ୍ରତି ମାସରେ ନିୟମିତ ସାହାଯ୍ୟ କରିଆସିଚି ଦଶ ଟଙ୍କା କରି । ଏ କ'ଣ ସହଜ କଥା ! କେତେ ଜଣ ପାରନ୍ତି ! ଉପେନ୍ଦ୍ର ବୟସର କେତେ ଜଣ ପିଲା ଏପରି ଦାୟିତ୍ୱଶୀଳ ?

ଏ ବଂଶର ଅତୀତ ଗୌରବ ଫେରେଇ ଆଣିବ ଉପେନ୍ଦ୍ର । ପୁଣି ସବାରି, ପାଲିଙ୍କି, ଡାଟଗାଡ଼ି, ଦକ୍ଷିଣୀ ବଳଦ, ସବୁ ହେବ, ସବୁ ! ଚନ୍ଦ୍ରପକ୍ଷ, କଇଁଫୁଲିଆ ଜହ୍ନ ଆଲୁଅରେ ଅଧିକାଂଶ ଘରର ଧାଗୁଡ଼ି-ବନ୍ଧା ଦକ୍ଷିଣୀ ବଳଦ ପୁଣି ଧାଇଁବ ମେଳଣଚଉଁରା ଆଡ଼େ ଦଶ ଖଣ୍ଡ ମୌଜାର ଚହଳ ବଳରେ ଚହଳ ପକେଇ । ପୁଣି ଲାଗିବ ଦିଆନିଆ, ଦାନ ଖଇରାତ । ଦଶ ଖଣ୍ଡ ମୌଜାରୁ ପୁଣି ଆସିବେ ଲୋକେ, ଅଖା ଯାକ, ଟୋକେଇ ମୁଣ୍ଡେଇ ଧାନ କରଜ ନେବା ପାଇଁ । ବାରପଟ ଖଳାବାଡ଼ିରେ ଆକାଶଛୁଆଁ କଳେଇଗଦା ତଳେ ପୁଣି ବସିବ ଗାଁଭାଇଙ୍କର ହସଖେଳର ଆଡ଼୍ଡା, ଯାନ-ଯାତ୍ରା, ପର୍ବ-ପର୍ବାଣି । ଘରର ଦାଣ୍ଡଦୁଆର ମୁହଁରେ ପୁଣି ଜମିବ ଗାଁର ପୁରୁଖା ଲୋକଙ୍କ ଭିଡ଼, ଗୁନଆଡ଼ି ଫେରିଆସିବ । ସାନବାବୁ ହାକିମ ହେବେ । ଏ ଗାଁର ଠେକ ରହିବ ଆଖପାଖ ପାଞ୍ଚ ଖଣ୍ଡ ମୌଜାରେ ।

ଏଇମିତି କେତେ କଳ୍ପନାରେ ସମସ୍ତେ ନିଜ ନିଜ ମନ ଭିତରେ ମାତିଉଠିଲେ । ଆନନ୍ଦର ଆତିଶଯ୍ୟରେ ଫଙ୍କାର ଗୁଡ଼ିଆ ଅଣ୍ଟାରୁ ବିଡ଼ିଆ

କାଢ଼ି ତୃନପଣ ମଳ ବସିଲା । କାରଣ ତାର ଦାଦି ବୁଢ଼ା ଅଧିକାରୀଙ୍କ ଅମଳରେ ଏ ଘରର ଚାକର ଥିଲା । ସାନବାବୁ ହାକିମ ହେଲେ ଲାଭଟା ତା'ର ଅନେକାଂଶରେ ବେଶି ।

କୁସୁନ ଜେନା ଯିବାକୁ ଉଠି ଛିଡ଼ାହେଲା । ହାତ ଟେକିଲେଇ ଆଶୀର୍ବାଦ କଲା । ଏଇ ସୁଯୋଗରେ ମଧୁ ପଧାନ କହିପକେଇଲା—ବାବୁ, ପାଶ୍ କଲ, ସରକାରୀ ଟଙ୍କା ଆସିଲା । ଜାଡ଼ୁଆ ଠାକୁରାଣୀଙ୍କ ପାଖରେ ଯନ୍ତାଳ କରନ୍ତ ନେଇଁ ?

ମଧୁ ପଧାନ ଜାଡ଼ୁଆ ଠାକୁରାଣୀଙ୍କ କାଳିସୀର ମାଟପଣ୍ଡଦାର । ସେ କାଳସୀ ଲଗାଏ । ଜାଡ଼ୁଆ ମାଆଙ୍କୁ ପ୍ରସନ୍ନ କରାଏ, ପୁଣି ଗାଁର ଆଗତ ଭବିଷ୍ୟତ ସବୁ କଥା କୁହାଏ । ବ୍ୟକ୍ତିଗତ ଭାବରେ ଯଦି କେହି ଅଧିଆ ପଡ଼େ, ତା' ମନ 'ମନାସି' କଥା ବି ପ୍ରକଟ କରାଏ । ଅଧିକାରୀଙ୍କ ଘରର ଭବିଷ୍ୟତ କ'ଣ ହେବ, ସାନବାବୁ କେବେ ହାକିମ ହେବେ, ଅଜଠୁ କେତେ ଦିନ ଭିତରେ ଏ ଘରର ପୂର୍ବଶିରୀ ଫେରିଆସିବ, ଏସବୁ କଥା ଗ୍ରାମଦେବତୀ ଜାଡ଼ୁଆ ମାଆଙ୍କୁ ମାଳଣା କରି ଯନ୍ତାଳ କଲେ ସେ କାଲେ ଅବତରି ସବୁ ହାଲ ହଇକତ କହନ୍ତେ ବୋଲି ମଧୁ ପଧାନ ଗାଁଭାଇଙ୍କୁ ଟିକିଏ ଆଭାସ ଦେଇଦେଲା ।

ବାଜ ସାଉତରା ଏତେବେଳେ ଯାଏ ଚୁପକରି ବସିଥିଲା । ସେ ବି ଏ ଗାଁର ଗୋଟିଏ ଅଧାପନ୍ତରିଆ ମାମଲତକାର । ଏଇଠି ଗୋଟିଏ ମଉକା ପାଇ ସେ ତା' ମନ୍ତବ୍ୟ ଦେଇବସିଲା—ବେଶି ନୁହେଁ, ଟଙ୍କା ପାଞ୍ଚଟା ହେଲେ ଭଲ ଯନ୍ତାଳଟାଏ ହୁଅନ୍ତା । ମୁହେଁ ମୁହେଁ ସେ ହିସାବ ଯୋଡ଼ି ଡାଲି, ଗୁଡ଼ଲ, ସାରୁ, କଖାରୁର ଦାମ କଷିବସିଲା ।

ଉପେନ୍ଦ୍ର ମନେ ମନେ ଟିକିଏ ହସିଲା । ପାଞ୍ଚଟା ଟଙ୍କା ! ପାଞ୍ଚ ଟଙ୍କା ପାଇଲେ ଏମାନଙ୍କର ଅନନ୍ଦର ସୀମା ନାହିଁ । ପାଞ୍ଚଟି ଟଙ୍କାରେ ଗାଁଦେବତୀଙ୍କ ସମେତ ଏମାନଙ୍କର ଯୁଗଯୁଗାନ୍ତ କ୍ଷୁଧାର ଅବସାନ ହେବ । ପାଞ୍ଚଟି ଟଙ୍କାରେ ଗାଁର ପଚିଶ ପ୍ରାଣୀଙ୍କ ଭୂରିଭୋଜନ ସଙ୍ଗେ ଜାଡ଼ୁଆ ଠାକୁରାଣୀଙ୍କ ପ୍ରସିଦ୍ଧ ଯନ୍ତାଳ ମଉଚ୍ଛବ ମହାସମାରୋହରେ ସୁସମ୍ପନ୍ନ ହେବ । ଅଥଚ ଘରୁ ପାଞ୍ଚଟି ଟଙ୍କା ଦେଲା ପରି ମୁଣ୍ଡ ଏ ଗାଁରେ ଆଜି କେହି ନାହିଁ ।

ଦୀର୍ଘ ନିଶ୍ୱାସ ପକେଇ ଉପେନ୍ ପାଞ୍ଚଟି ଟଙ୍କା କାଢ଼ି ବାଳ ଗଉଡ଼ର ହାତକୁ ଦେଲା । ଏତେ ବଡ଼ ସୁସମ୍ବାଦ ଦିନରେ ଗାଁଭାଇଙ୍କର ଆଶା ଭାଙ୍ଗି ଦେବା ପାଇଁ ତାର ମନ ହେଲାନି । ଗୁଡ଼ା ପାଞ୍ଚଟା ଟଙ୍କା, ଏଥିପାଇଁ ସାରା ଗାଁଟା ଆଜି ତା ପାଖରେ କାଙ୍ଗାଳ ପରି ହାତ ପତେଇଛନ୍ତି ।

ଉଃ, କି ଶୋଚନୀୟ ଦାରିଦ୍ର୍ୟ ! ଏ ଅଭିସମ୍ପାତରୁ ଏମାନଙ୍କର ମୁକ୍ତି କେବେ ? ଉପେନ୍ଦ୍ର ଭାବିଲା, ଏ ଲଜ୍ଜାକର ଦାରିଦ୍ର୍ୟରୁ ଗ୍ରାମ୍ୟ ଜୀବନର ପରିତ୍ରାଣ ହେବ କେବେ ? କେବେ ଏମାନେ ମଣିଷ ପରି ବଞ୍ଚିବେ, ଚାଲିବାର ବଳ ପାଇବେ, ଆଉ କଥା କହିବାର ପାଇବେ ଶକ୍ତି ! ଗ୍ରାମ୍ୟ ଜୀବନର ସୁନ୍ଦର ମଧୁର ଛବି କେବେ ପୁଣି ଏମାନଙ୍କ ମୁହଁର ହସରେ ଫୁଟିଉଠିବ ? କେବେ ?

ହଠାତ୍ ଗୋଟାଏ ଭୟଙ୍କର ଗର୍ଜନ । 'ଉଡ଼ାଜାହାଜ', 'ଉଡ଼ାଜାହାଜ' ପାଟି କରି ଉଠିଲେ ସମସ୍ତେ । ପିଣ୍ଡା ତଳକୁ ଭୁସ୍ଭାସ୍ ଡେଇଁଲେଇ ପଡ଼ି ତାଟକା ହୋଇ ଅନେଇ ରହିଲେ ଆକାଶ ଆଡ଼େ । କାନ ଅତଡ଼ା ପକାଇ ଡେଙ୍ଗା ତାଳଗଛ ମଥାନ ଛୁଇଁ ଉଡ଼ିଗଲା ଏରୋପ୍ଲେନ । ଉପେନ୍ଦ୍ର ସେଇଆଡ଼େ ସ୍ଥିରଦୃଷ୍ଟିରେ ଅନେଇ ରହିଲା । ତାକୁ ଜଣାପଡ଼ିଲା, ତା ମନର ଯେତେ କିଛି ଅସମାଧିତ ପ୍ରଶ୍ନ, ସବୁ ଯେମିତି ପିଷ୍ଟ ହୋଇଗଲା ଦ୍ରୁତଗାମୀ ବ୍ୟୋମଯାନର ପ୍ରଚଣ୍ଡ ଧକ୍କାରେ । ତା' ବିକଟ ଗର୍ଜନରେ ସବୁ ଯେପରି ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ।

ଦାଣ୍ଡପିଣ୍ଡାରୁ ଘରଭିତରକୁ ପଶି ଯାଉ ଯାଉ ସାମ୍ନାରେ ସତୁରି ବର୍ଷର ବୁଢ଼ୀମାକୁ ଦେଖି କାଠ ହୋଇଗଲା ଉପେନ୍ । ଏ କ'ଣ ! ଗଲା ପନ୍ଦର ଦିନ ହେଲା ବୁଢ଼ୀମାକୁ ଜର । ଏଇ ଘଣ୍ଟାକ ଆଗରୁ ତ ସେ ଦେଖି ଆସିଥିଲା । ତା ଭିତରେ ଦେହ ପୋଡ଼ିଯାଉଥିଲା । ତଳସାହିରୁ ସେ ଆସିଲା କେମିତି ଏଠିକି ? କ'ଣ ହୋଇଛି ? ସେ ପଚାରିଲା—ବିଛଣାରୁ ଉଠିବାକୁ ତତେ କିଏ କହିଲା ମା ?

ସେଇ ଦୁର୍ବଳ ମଳିନତା ଭିତରେ ବି ବୁଢ଼ୀମା ମୁହଁରେ ହସ ଫୁଟିଲା—ତୁ ପାଶ୍ କରିଛୁ ପରା, ଧାଇଁ ଆସିଲି ତତେ ଟିକିଏ ଦେଖିବାକୁ । ଏ ବଅଁଶରେ ଆଜି ଯାଏ କିଏ ଏତେ ପାଠ ପଢ଼ି ନ ଥିଲେ ରେ ! ତୋ ପରି ବୁଦ୍ଧି ତୋ ଜେଜେବାପାକୁ ଛାଡ଼ିଦେଲେ ମୋ ଦେଖନ୍ତରେ ଆଉ କାହାଠି ନ ଥିଲା । ଏ ଘରର ଟେକ ତୁ ରଖିଲୁ ପୁଅ ! ତୋର କୋଟି ପରମାୟୁ ହେଉ—କହି ସେ ଛଳ ଛଳ ଆଖିରେ ଉପେନ୍‌ର ଦେହମୁଣ୍ଡ ଆଉଁସି ଦେବାକୁ ଲାଗିଲେ ।

କିଛି କ୍ଷଣ ତୃପ୍ତି କରି ଛୁଆହୋଇ ବୁଢ଼ୀମାର ସ୍ନେହସୁଆଗ ପ୍ରାଣଭରି ଉପଭୋଗ କରିନେଲା ଉପେନ୍ଦ୍ର । ତା ପରେ ଧୀରେ ଧୀରେ ବୁଝେଇଲା ପରି କହିଲା—ଚାଲ୍, ଘର ଭିତରକୁ ଚାଲ୍ । ମୁଁ କ'ଣ ଯାଇ ନଥାନ୍ତି ତୋ ପାଖକୁ ! ଏତେ ଜରରେ ବିଛଣାରୁ ଉଠି ଆସିଲୁ କାହିଁକି ?

—ହଁ, ଯାଉଛି । ଶୋଇ ଶୋଇ ବିଜାର ଲାଗିଲାଣି ରେ ପୁଅ, କେତେ ଶୋଇବି ? ଏ ଜର ଆଉ ମତେ ଛାଡ଼ିବନି । ଜୀବନଟା ଚାଲି ଯାଆନ୍ତା କି ହେଲେ । ସବୁ ତ ଶୁଣିଲି, ପାଶ କଲୁ, ଘରର ଟେକ ରଖିଲୁ । ଖାଲି ହାତକୁ ଦିହାତ ହେଇଥାନ୍ତୁ ଦେଖିଦେଇ ଆଖି ବୁଜିଥାନ୍ତି—କହି ବୁଢ଼ୀମା ଉଚ୍ଛ୍ୱସିତ କୋହରେ କଇଁ କଇଁ ହୋଇ କାନ୍ଦିଉଠିଲେ ।

—ଏ କ'ଣ, କାନ୍ଦୁଛୁ କାହିଁକି ମା ! ସବୁ ଦେଖିବୁ, ସବୁ ହବ । ତୁ ଆଗ ଭଲ ହ' ତ ।

—ମୋର ଆଉ କି ଭଲ ରେ ପୁଅ ? ତର ସମ୍ବାଦ ପାଇ, କରୁଆ ଶେଯରୁ ଉଠି ଦେଖିବାକୁ ଧାଇଁ ଆସିଲି । ବୋହୂକୁ ଲୁଚି ଲୁଚି ଆଇଚି । ଦେଖିଲେ ସେ ଏଇନା ଏତ୍ତକ ପାଟି କରିବ । କାଇଁ ଦବୁଟି ମତେ ମୋ ଅଫିମଖିଆ ଖର୍ଚ୍ଚ । କଷ୍ଟକରୁ ପଶ ଟଙ୍କା ଆଇଚି । ବେଶି ନାଇଁ, ମତେ ଆଠଣା'ଟି ପଇସା ଦେ । ତିନି ଦିନ ହେଲା ଅଫିମ ଖାଇନି ବାପ, ପଇସାଟିଏ କାହାକୁ ମାଗିବି ? କିଏସେ ଦେବ ମତେ ? ସବୁ ତ ଦେଖୁଚୁ । ମତେ ନ ନେଇ ଠାକୁରେ ଏ ବୟସରେ ଯାହା ବଞ୍ଚେଇ ରଖିଛନ୍ତି । ଏତେ ଦହଗଞ୍ଜ ମୁଁ ଆଉ ସହି ପାରୁନି ରେ ! ଘରର ଏ ଅବସ୍ଥା ମତେ ପୁଣି ଦେଖିବାକୁ ଥିଲା ! ପୋଡ଼ା କପାଳ କଥା, କାହାକୁ କହିବି ? ଛେପଢ଼ୋକି ବୁଢ଼ୀମା କ'ଣ କହିବାକୁ ଯାଉଥିଲେ, ଉପେନ୍ ବାଧା ଦେଲା । ତାର ଭୟ ହେଲା, ଏମିତି କହୁ କହୁ ବୁଢ଼ୀମା ହଠାତ୍ ବାହୁନି କାନ୍ଦି ଉଠିବ ହୁଏତ । ସେ ଏଇମିତି ବେଳେ ବେଳେ ପଦେ ଅଧେ କହିଦେଇ ଭେ ଭେ କରି କାନ୍ଦିଉଠେ । ତା' ବାପଘରର କଥା ମନେ ପକାଏ । ତା ବୋଉର ଗେହ୍ଲାପଣିଆକୁ ଝୁରେ । ରୋଜଗାରିଆ ଭାଇର ଆଦର କଥା ବଖାଣେ । ଉପେନ୍ଦ୍ର ଅନେକ ଥର ଶୁଣିଛି, ମା ତାର ଖୁବ୍ ଖାନଦାନ ଘରର ଝିଅ ଥିଲା ।

—ଦବୁ ମତେ ଆଠଣା ? ଲୁହ ଛଳଛଳ କଣ୍ଠରେ ପୁଣି ଥରେ କାଙ୍ଗାଳଣୀଙ୍କ ପରି ହାତ ବଢ଼ାଇଦେଲେ ବୁଢ଼ୀମା । ଆଠଣା ନଇଲେ ଚଉଣା ହେଲେ ଦେଇଥା ।

ସାତ'ଣା ଖୁଚୁରା ଥିଲା । ସେତକ ସାଙ୍ଗେ ସାଙ୍ଗେ ବୁଢ଼ୀମା ହାତରେ ଗୁଞ୍ଜିଦେଇ ତାକୁ ଏକ ପ୍ରକାର ଠେଲି ଆଣିଲା ପରି ଉପେନ୍ଦ୍ର ନେଇଆସିଲା ତଳସାହିର ଶୋଇଲା ଘରକୁ ।

ସାତଣା ପଇସା ପାଇ ବୁଢ଼ୀମାର ଆନନ୍ଦର ସୀମା ନାହିଁ । ମନକୁ ମନ କେତେ କୋଡ଼ି ଠାକୁରଙ୍କ ନାଁ ନେଇ ସେ ନାତିକୁ କଲ୍ୟାଣ କରି

ଚାଲିଲେ ଅନର୍ଗଳ । ଏତେ ଦିନକେ ଆଜ ବୁଢ଼ୀମାକୁ କଥା କହିବାର ଶୁଣିଲେ ଘରର ଲୋକେ ।

ବୁଢ଼ୀମାକୁ ଖଟ ଉପରେ ଶୁଆଇଦେଇ ଉପେନ୍ ଆସିଲା ବୋଉ ପାଖକୁ । ଗମ୍ଭୀର ଘର ଭିତରେ ହାରାମଣି ବସି ପାନ ଭାଙ୍ଗୁଥିଲେ । ପାଖକୁ ଯାଇ ଅବଶିଷ୍ଟ ଟଙ୍କାତକ ତଳେ ଥୋଇଦେଇ ପାଶ୍ ଖବରଟା ଜଣେଇଲା ଉପେନ୍ ।

ଡାକବାଲା ଆସିଲାବେଳେ ଦାଣ୍ଡଦୁଆର ମୁହଁରେ କାନପାତି ପୁଅର ପାଶ୍ ଖବର ଆଉ ଟଙ୍କା ଆସିବା କଥା ଚିହ୍ନାରଖି କରି ବୁଝି ଆସିଥିଲେ ହାରାମଣି । ପୁଅ କଟକ ଯାଇ ଚାରି ବର୍ଷ ହେଲା କ'ଣ ସବୁ ପଢ଼ୁଛି । ପାଶ୍ ଫାଶ୍ ଗୋଟାଏ କ'ଣ କରିବା କଥା ସେ ଜାଣିଛନ୍ତି ଆଗରୁ । ତେଣୁ ସେ ବିଷୟରେ ବିଶେଷ କିଛି କୌତୂହଳ ପ୍ରକାଶ ନ କରି ସେ ତଳେ ଥୁଆ ହୋଇଥିବା ଟଙ୍କା ଆଡ଼କୁ ଚାହିଁ କହିଲେ—କେତେ ଟଙ୍କା ଆସିଥିଲା କି ?

—ତିରିଶି । ଉପେନ୍ ତଳେ ବସିପଡ଼ିଲା ଟିକେ ଗୁଆ ଖାଇବାକୁ ।

—ତିରିଶି ଟଙ୍କା ଟି ? ହାରାମଣି ଟିକିଏ ବିସ୍ମୟସ୍ତବ୍ଧ ଗଳାରେ-ପଚାରିଲେ—ଏତିକି କ'ଣ, ଆଉ ଟଙ୍କା କ'ଣ ହେଲା ?

—ଏତେ ବଡ଼ ଆନନ୍ଦ ଦିନରେ ବୋଉ ମୁହଁରୁ ଟଙ୍କା ସମ୍ବନ୍ଧରେ ଏ ତୁଚ୍ଛ ସମ୍ଭାଷଣ ଶୁଣିବ, ଏହା ସ୍ୱପ୍ନରେ ମଧ୍ୟ କଳ୍ପନା କରି ନଥିଲା ଉପେନ୍ଦ୍ର । ପୁଅର ଏତେ ବଡ଼ ପାଶ୍, ଏତେ ବଡ଼ କୃତିତ୍ୱରେ ବୋଉ କଲ୍ୟାଣ କରିବ କ'ଣ, ଓଲଟି କେତେଟା ଟଙ୍କା ସମ୍ବନ୍ଧରେ ନିର୍ଲଜ୍ଜ ଭାବରେ ପ୍ରଶ୍ନ କରି ତାକୁ ଅପମାନିତ କରିବ, ଏହା ସେ ଆଶା କରି ନ ଥିଲା । ତଥାପି ଧୈର୍ଯ୍ୟ ଧରି କୈଫିୟତ ଦେଇ ବସିଲା—ତିରିଶ ଟଙ୍କାରୁ ଡାକବାଲାକୁ ଦେଲି ଟଙ୍କାଏ, ନ'ଅଣାର କିଣିଲି ଲଫାପା, ମା'ଙ୍କ ଦେଲି ସା'ତଣା, ଆଉ ଗାଁବାଲାଙ୍କୁ ଦେଲି ପାଞ୍ଚ ଟଙ୍କା ଠାକୁରାଣୀଙ୍କ ପାଖେ ଯାତ୍ରାଳ ପାଇଁ ।

—ଦେଲୁ ଭଲ କଲୁ । କେମିତିଆ ଗୋଟାଏ ଟାଆଁ ହିଆ ଗଳାରେ ହାରାମଣି କହିଲେ । ଘରେ ପଡ଼ିଛ ବାପା ବୋଉ ନ ଖାଇ ନ ପିଇ ମରୁଥାନ୍ତୁ, ପୁଅଙ୍କର ଦାଣ୍ଡରେ ଚୁଲିଥାଉ ମାମଲତିଗିରି । ଲାଜ ନ ଥାଏ ତମ ତମତମାଣିଆ ବଡ଼ଲୋକଙ୍କୁ !!

—ଗାଁବାଲା ମାଗିଲେ । ଥଙ୍ଗ ଥଙ୍ଗ ହୋଇ ଉପେନ୍ କହିଲା ।

—ମାଗିଲେ ? ମୁହଁ ଛୁଆଁଉ କହିଲେ ହାରାମଣି । ମାଗିଲେ ବୋଲି ଦେଇଦେଲୁ । ଗଲୁ ତୁ ମାଗି ଆଣିବୁ କାହାଠୁ ଅଧଲାଟାଏ । ଦଶ ଓଳି ଉପାସ ଶୋଇଥିଲେ କେହି ଆସି ପଚୁରିବେନି ଖାଇଚ କି ମରିଚ ? ନେଲାବେଳକୁ ଫୁସୁଲୁଫୁସୁଲି କରି ବେଶ୍ ନେଇଜାଣନ୍ତି ଏ ସବାଖିଆ ଗାଁବାଲାଏ । ତୁ କ'ଣ କରିବୁ, ସେଇ ଲାଉର ମଞ୍ଜି ତ ତୁ । କୁଆଡ଼ୁ ହବୁ । ମାଲିମକଦ୍ଦମାରେ ତ ଗୋସବାପେ ତିନି ଘର ସମ୍ପତ୍ତି ଉଡ଼େଇଦେଲେ । ଆଉ ଯାହା ମାଟେ କଣେ ଅଛି ବାପେ ତ ସେତେକ ଗୁଣ୍ଡି ପାଇଲେ ଗାଁବାଲାଙ୍କୁ ନେଇ ହିଙ୍ଗୁଳି ମିଠେଇ ଖାଇ ଘରେ କଳା-କନା ବୁଲେଇଲେ । ଆଉ କ'ଣ ? ପାରୁ ପାରି ଦି' ଅକ୍ଷର ପଢ଼ିଚୁ ତୁ ! କ'ଣ ହେବ ପଢ଼ିଲେ ? ସେଇ ଉଡ଼ା ଖୋଇ, ଛତରା ପ୍ରକୃତି କ'ଣ ଯିବ ତୁମମାନଙ୍କର ? ନେଇଯା ଏ ଟଙ୍କା, କହି ହାତରେ ଆଉଁଇଦେଲେ ହାରାମଣି, କ'ଣ ହେବ ମୋର ? ସାତ ସାତଟା ଟଙ୍କା ତ ବାଣ୍ଟିକୁଣ୍ଟି ଦେଇ ଆସିଲୁ । ଏ ଟଙ୍କା କେତଟା କାହିଁକି ମତେ ଦେଉଚୁ ? କ'ଣ ଦୋଷ ଛଡ଼େଇବା ପାଇଁ ? ଯା ନେଇଯା, କହି ହାରାମଣି ରାଗରେ ତମତମ ହୋଇ ଉଠି ଚୁଲିଗଲେ ବାହାରକୁ ।

—ରଖ୍, ନ ରଖ୍, ଟଙ୍କା ଏଇଠି ଥୁଆହେଲା । କହି ଉପେନ୍ ଉଠି ଚୁଲିଆସିଲା ସେ ଘରୁ·· ଦାଣ୍ଡ ପଟକୁ । ଦାଣ୍ଡଘରର ଭଙ୍ଗା ଖଟ ଉପରେ ଶୋଇପଡ଼ିଲା ଗଭୀର ଦୁଃଖରେ । ସେ ଯେପରି ଏକ ପ୍ରଚଣ୍ଡ ଆଘାତ ପାଇଛି !! ମନ ଭିତରଟା ଯେପରି କିଏ କୋଟରେଇଲା ପରି ଲାଗିଲା ତାକୁ । ଓଃ, ବୋଉର କି ସ୍ଥୂଳ ନଜର !! ସେ ଭାବିଲା —ତା ପରିବାରର କି ଘୋର ଦରିଦ୍ର ଅବସ୍ଥା !! ଅଭାବ ଯୋଗୁଁ ଆଜି ପୁଅ-ମା

ଭିତରେ ବିରୋଧ, ସ୍ୱାମୀ-ସ୍ତ୍ରୀ ଭିତରେ ମନାନ୍ତର, ଶାଶୁ-ବୋହୂ ଭିତରେ କଳି, ସାଇପଡ଼ିଶା ଭିତରେ ଚକବାଲ! ଟିକିଏ ହେଲେ ହସ ନାହିଁ କାହା ଓଠରେ-ପଦୁଏ ହେଲେ କଥା ନାହିଁ କାହା ତୁଣ୍ଡରେ। ଘର କେତେଟା ଟଙ୍କା ପାଇଁ ଗର୍ଭଧାରିଣୀ ଜନନୀ ପୁଅର ଏତେ ବଡ଼ ଆନନ୍ଦ ଦିନରେ ବି ଭର୍ତ୍ସନା କରିପାରେ। ପରିବାରର କି ଅଧଃପତନ! ଟଙ୍କାଟା ଆଜି ଏକମାତ୍ର ବଡ଼ ଜିନିଷ। ସ୍ୱାମୀ, ପୁତ୍ର ତା ତୁଳନାରେ କିଛି ନୁହେଁ। ଟଙ୍କା ଉଜାଡ଼ିଲେ ସ୍ୱାମୀ, ପୁତ୍ର ସମସ୍ତେ ଅପଦାର୍ଥ—ପରିବାରର କଳଙ୍କ। ଟଙ୍କା ପାଇଁ କେବଳ ସ୍ୱାମୀ-ପୁତ୍ରର ପ୍ରୟୋଜନ। ଟଙ୍କା ନାହିଁ ବୋଲି ଆଜି ସ୍ୱାମୀ-ପୁତ୍ର ସମସ୍ତେ ଥିଲେ ମଧ୍ୟ ଏ ଘର ଶୂନ୍ୟ। ଏ ପରିବାରରେ ହସ ନାହିଁ, ଆନନ୍ଦ ନାହିଁ, ପ୍ରାଣ ନାହିଁ, ସ୍ପନ୍ଦନ ନାହିଁ। ଦାରିଦ୍ର୍ୟ, ଦାରିଦ୍ର୍ୟ··· ଉପେନ୍ ଭାବିଲା, କି ଭୀଷଣ ଏ ଦାରିଦ୍ର୍ୟ, କି ଭୟଙ୍କର ଏ ଦାରିଦ୍ର୍ୟର ବିଭୀଷିକା! ଅଭାବରେ ଏ ଘର-ସଂସାରର କି କୁତ୍ସିତ ପରିଣତି! ନରକ ପରି କି ହଳାହଳମୟ ହୋଇଉଠିଛି ଗୃହସ୍ଥର ପାରିବାରିକ ଜୀବନ!

ଶାନ୍ତି ନାହିଁ ଏ ଘରେ—ଏ ପଲ୍ଲୀକୁଟୀରର ଛାୟାଶୀତଳ ଆବେଷ୍ଟନୀ ଭିତରେ। ଉପେନ୍ ଭାବିଲା, ସ୍ନେହ-ମାୟା-ମମତାହୀନ ବନ୍ଧନ ଭିତରେ ବାନ୍ଧି ରହିବାର କି ସାର୍ଥକତା? ଏଠି ଯେମିତି ସବୁ ଜାଲ, ସବୁ ଫେର, ସବୁ ମିଛ ଆଉ ଛଳନା, ମନଭୁଲାଣିଆ ସ୍ନେହ, ଲୋକଦେଖାଣିଆ ବନ୍ଧୁତା। ଦାରିଦ୍ର୍ୟର କଷାଘାତରେ ସବୁ କିଛିର ଅସଲ ରଙ୍ଗ ଯେପରି ବଦଳି ଯାଇଛି। ଭାଙ୍ଗିପଡ଼ିଛି ମେରୁଦଣ୍ଡ, ତୁଟିଯାଇଛି ବିଶ୍ୱାସ, ଛିଡ଼ିଯାଇଛି ଶୃଙ୍ଖଳାର ବନ୍ଧନ।

ଆଖି ବୁଜି ଉପେନ୍ ଟିକେ ଶୋଇବାର ଚେଷ୍ଟା କଲା। ମୁଣ୍ଡ ଉପରର ଝରକା ଖୋଲା ଥିଲା। ନଡ଼ିଆଗଛର ବାହୁଙ୍ଗା ଦୋହଲାଇ ବହି ଆସୁଥିଲା ଖିଲିଖିଲିଆ ପବନ। ସେ ପବନରେ ମିଶି ରହିଥିଲା ଗୋଟାଏ କି ଗ୍ରାମ୍ୟଫୁଲର ମୂର୍ଚ୍ଛିତ ମହକ। ଆଃ, କି ଶାନ୍ତି! ପ୍ରାଣ ଭରି ସେଇ ସୁଗନ୍ଧ ପବନକୁ ଆଘ୍ରାଣ କରୁ କରୁ ଆଖିବୁଜି ଭାବିଲା ଉପେନ୍—ଦୁଃଖଦୈନ୍ୟପ୍ରପୀଡ଼ିତ ଗ୍ରାମ୍ୟଜୀବନ ଗୃହପାଖେ, ପଲ୍ଲୀଗ୍ରାମର ଏହି ସ୍ନିଗ୍ଧ ଶ୍ୟାମଳ ପ୍ରକୃତି, ସୁଗନ୍ଧ ଶୀତଳ ବତାସ, ନୀଳ ଆକାଶର ଆଲୋକ, ନରମ ମାଟିର ବାସ୍ନା ଆଉ ଦୂର ବିଲପାଟର ପ୍ରାଣଭୁଲାଣିଆ କଅଁଳ

ପରଶ ଯଦି ନ ଥାନ୍ତା, ପ୍ରାଣଧର ବଞ୍ଚିବା ଯେ କି ବର୍ଭିଷିକାମୟ ହୋଇ-ଉଠନ୍ତା ଏଠି, କଳ୍ପନା କରିବା ଅସମ୍ଭବ । ଆଜି ଏ ଦୁର୍ଦ୍ଦିନରେ ଶତ ଶତ ନିରନ୍ନ ଗ୍ରାମବାସୀଙ୍କୁ ପଲ୍ଲୀଜନନୀ ତା ମାଟିର ସ୍ନେହ, ଆକାଶର ଆଲୋକ, ପ୍ରକୃତିର ସ୍ପର୍ଶ ଆଉ ଶୀତଳ ଆବେଷ୍ଟନୀର ଆଲିଙ୍ଗନ ଦେଇ ଯେପରି ଭାବରେ ମୃତ୍ୟୁମୁଖରୁ ବଞ୍ଚାଇ ରଖିଛି, କିଏ କରିପାରନ୍ତା ସେପରି ? ଭାବବିହ୍ୱଳ ଆବେଗରେ ସର୍ବଂସହା ପଲ୍ଲୀଜନନୀ ଉଦ୍ଦେଶ୍ୟରେ ଉପେନ୍ ପ୍ରଣତି ଜଣାଇଲା ।

—ଉପେନନା ! ହଠାତ୍ ଗୋଟିଏ କରୁଣ କୋମଳ ନାରୀ-କଣ୍ଠର ଆହ୍ୱାନରେ ଉପେନ୍ ଚମକି ଉଠିଲା । ଦୁଆର ମୁହଁରେ ଜଣେ ଅବଗୁଣ୍ଠନବତୀ ନାରୀ । କିଏ ସେ ? ଖଟ ଉପରେ ଉଠି ବସିଲା ଉପେନ୍ । ଅନେଇ ରହିଲା ଅବାକ୍ ହୋଇ । ମାଧବୀ ନା ? ହଁ, ମାଧବୀ ତ ! କିନ୍ତୁ ଏ କ'ଣ ? ଏ କି ବେଶ ! ଛ' ମାସ ହେଲା ମାଧବୀର ବିଭାଘର । ଯୁଆଁର ଭିତରେ ଏ କି ପରିବର୍ତ୍ତନ ? ହାତରେ କାଚ ନାହିଁ, କପୋଳରେ ସିନ୍ଦୂର ନାହିଁ, ମୁହଁରେ ଲାବଣ୍ୟ ନାହିଁ । ମାଧବୀର ଏ କି ତପସ୍ୱିନୀ ରୂପ ! ମାଧବୀ ବିଧବା ହେଲା କେବେ ?

—ଉପେନନା ! ମାଧବୀ ପୁଣି ଥରେ ଡାକିଲା । ଉପେନ୍ଦ୍ରକୁ ଥକ୍କା ହୋଇ ତା' ଆଡ଼କୁ ଅନେଇ ରହିବା ଦେଖି ମାଧବୀ ଆଶ୍ଚର୍ଯ୍ୟ ହେଲା । ଉପେନ୍ଦ୍ର ତାକୁ ଚିହ୍ନି ପାରୁନି ନା କ'ଣ ! ଏଇ କେତେଟା ମାସରେ ଭୁଲିଯାଇଛି ?

—ଘର ଭିତରକୁ ଆ ମାଧବୀ, ବାହାରେ ଛିଡ଼ାହୋଇଛୁ କାହିଁକି ?

ମାଧବୀ କିନ୍ତୁ ଭିତରକୁ ଗଲା ନାହିଁ । ସେଇ ଦୁଆର ମୁହଁରେ ସ୍ଥିରହୋଇ ଛିଡ଼ାହୋଇ କହିଲା—ଏତେ ଦିନ ହେଲା ଆସିଲଣି, ଟିକିଏ ଆମ ସାଇ ଆଡ଼େ ଗଲ ନାହିଁ ?

—ତମ ସାଇ ଆଡ଼େ ! ହଁ, ହଁ, ବଡ଼ ଭୁଲ ହୋଇଯାଇଛି ମାଧବୀ ! କିନ୍ତୁ ଶାଶୁଘରୁ ଆସି ତୁ ଏଠି ଅଛୁ, ମୁଁ ତ ଜାଣି ନ ଥିଲି ।

—ମୁଁ ଥିବା ନ ଥିବା କଥା ନ ଜାଣିଥିଲେ ବି ବୋଉ ତ ଆଉ ଗାଁ ଛାଡ଼ି ଯାଇନି ! ତାକୁ ବି କ'ଣ ଭୁଲିଗଲ ?

ଯା'ର ଉତ୍ତର କ'ଣ ଦେବ, ଭାବି ପାରିଲାନି ଉପେନ୍ଦ୍ର । କହିଲା, ହଁ, ଭୁଲ ହୋଇଯାଇଛି ମାଧବୀ ! କିନ୍ତୁ ଏ ଭୁଲ ମୋର ଇଚ୍ଛାଗତ । ତୁ ଜାଣୁ, ତୁ ବାହା ହୋଇ ଗଲା ପରେ ସେ ଘରକୁ ଆଉ ମୁହଁ ଦେଖାଇବାକୁ ଯିବା ପାଇଁ ମୋର କି ବିବେକ ଅଛି ? ଛାଡ଼ି ସେସବୁ କଥା, ଏଠି ଆଲୋଚନା କରି ଲାଭ ନାହିଁ । ମାଉସୀ କେମିତି ଅଛି ?

—ଡକେଇ ପଠେଇଚି ବୋଉ ତମକୁ । ଠିକେ ଯିବ ଆଜି ସଞ୍ଜବୁଡ଼ି ।

—ନ ଡାକିଥିଲେ ବି ମୁଁ ଯାଇଥାନ୍ତି । ମାଉସୀ ବି ଆମ ଘରକୁ ଯିବା ଆସିବା ବନ୍ଦ କରିଦେଇଛି ନା ?

କିଛି ଉତ୍ତର ନ ଦେଇ ସ୍ତବ୍ଧ ହୋଇ ଛିଡ଼ା ହୋଇ ରହିଲା ମାଧବୀ । କହିଲା—ବୋଉ ଦିହ ଭଲ ନାହିଁ । ବାତ ବାହାରିଚି ମାସେ ହେଲା । ଶେଯରେ ଗୋଟାଏ କରିରେ ପଡ଼ିଛି ।

—କାହାକୁ ଦେଖେଇଚୁ ? ଔଷଧ କିଏ ଦଉଛି ?

—କିଏ ଅଛି ଯେ ଘରେ ଔଷଧ ଆଣି ଦେବ ? ବାରନନା ତ ମାସେ ହେଲା କଲିକତା ଯାଇଛନ୍ତି । ବୋଉକୁ ଏକା ଛାଡ଼ି ମୁଁ ବି କାହା ପାଖକୁ ଯିବି ? ମତେ କିଏ ଜାଣେ ?

—ଆଜି ଦିହ କେମିତି ଅଛି ?

—କିଛି ଭଲ ନାହିଁ । ମୀଲ ମାଉସୀକୁ ପଡ଼ିଶା ଘରୁ ଡାକିଆଣି ବୋଉ ପାଖରେ ବସେଇ ଏଠିକି ଆସିଲି । ସାଧୁ ଦାଦାଙ୍କ ଝିଅ ଲକ୍ଷ୍ମୀଠୁ ଶୁଣିଲି, ତମେ ଆଇଚ ।

—ଆଜି ଶୁଣିଲୁ ? ମୁଁ ତ ପନ୍ଦର ଦିନ ହେଲା ଆସିଲିଣି, ଉପେନ୍ କହିଲା । କିନ୍ତୁ ଜାଣେନା, ତୁ ଯା' ଭିତରେ ଏ ଦେଶରେ ଆସି

ତାରେ ! ଏ ଅବସ୍ଥା ତୋର ହେଲା କେବେଠୁ ମାଧବୀ ? କାହିଁ ମତେ ତ ଏ ବିଷୟ କିଛି ଜଣେଇନୁ ?

—କ'ଣ ହେବ ଜଣେଇ ? ମୋ ଭାଗ୍ୟ ତ ଅଉଥରେ ଗଡ଼ି ହୋଇ ଯାଇ ନ ଥାନ୍ତା ! ତମକୁ ସନ୍ତେଇ କି ଲାଭ ?

—ଲାଭ ଲୋକସାନ୍‌ର ହିସାବ କରି କ'ଣ ସବୁବେଳେ କେହି କାହାର ଦୁଃଖସୁଖ ଜଣାଏ କାହାକୁ ? ଆଉ ତା ଛଡ଼ା ମୋ ଲାଭକ୍ଷତି ସମ୍ବନ୍ଧରେ ଏପରି ଭାବି ଶିଖିଲୁ କେବେଠୁ ? ଏ ବୁଦ୍ଧି ତତେ ଦେଲା କିଏ ?

—ଆଉ ବୁଦ୍ଧି ଦେବ କିଏ ଉପନନା ! ପର ବୁଦ୍ଧିରେ ବାଟ ଚାଲି ଯୁ' କଚଡ଼ା ଖାଉଛି, ସେଇଥିରୁ ତ ଉଠି ଛିଡ଼ାହେବାର ଶକ୍ତି ଆସିନି ଏଯାଏଁ, ଆଉ ପୁଣି କାହାଠୁ ବୁଦ୍ଧି ଶିଖିବା କଥା ତମେ ଭାବି ପାରୁଚ ନା ?

ଲଜ୍ଜାରେ ଉପେନ୍ଦ୍ର ମୁହଁ କଳା ପଡ଼ିଗଲା । ବାସ୍ତବିକ ମାଧବୀର ଏ ଅଧଃପତନ, ଏ ଶୋଚନୀୟ ଦୁରବସ୍ଥା, ଏ ନିଦାରୁଣ ବୈଧବ୍ୟ ମୂଳରେ— ସେ, ତା ପରିବାର, ଆଉ ଏଇ ନିର୍ମମ ନିଷ୍ଠୁର ସମାଜ ତ !

ମାଧବୀ, ତା କଳ୍ପନାର ମାଧବୀ, ତା' ଜୀବନର ଚିରବାଞ୍ଛିତା ମାଧବୀ, ଏପର୍ଯ୍ୟନ୍ତ ବି ତା ମନରେ, ତା ଧ୍ୟାନରେ ଆଉ ସ୍ୱପ୍ନରେ ସେଇପରି ଚିରଜାଗ୍ରତ ହୋଇ ରହିଛି । କେତେ ଚେଷ୍ଟା କଲାଣି ସେ ତାକୁ ଭୁଲିବାକୁ ; କିନ୍ତୁ କାହିଁ ! କେଉଁଠି ଭୁଲିପାରିଛି ତାକୁ ! ଟିକିଏ ଆଖିବୁଜି ଭାବିଲେ ଲୀଳାୟିତ ଛନ୍ଦରେ ଚାଲିଆସେ ସେଇ କିଶୋରୀ ମାଧବୀ । ଆସି ଉଭା ହୁଏ ଦୃଷ୍ଟି-ପଥରେ ହେମନ୍ତ ଗୋଧୂଳିର ରକ୍ତାଭ ବର୍ଣ୍ଣଚ୍ଛଟା ନେଇ ସଲଜ୍ଜ ସନ୍ଧ୍ୟା ପରି । ଟିକିଏ ଚିନ୍ତାକଲେ ଏବେ ବି ଦିଶିଯାଏ, ଛ' ମାସ ତଳର ସ୍ମୃତି-ଛବିଳ ଦିନଗୁଡ଼ିକର ଅଭୁଲା ଦୃଶ୍ୟ ।

ମାଧବୀକୁ ନେଇ ସେ ଲେଖିଥିଲା କବିତା, ଆଙ୍କିଥିଲା ଛବି, ରଚିଥିଲା ସ୍ୱପ୍ନ । ଭାବିଥିଲା, ମାଧବୀକୁ ସେ ଧରି ରଖିବ—ରଖିବ ତା'

ନିଜସ୍ୱ ସମ୍ପଦ କରି । ପ୍ରତିଷ୍ଠା କରିବ ହୃଦୟର ନିଭୃତ କକ୍ଷରେ । ପ୍ରଣୟର ରକ୍ତକମଳରେ ସେ କରିବ ତାର ଅର୍ଚ୍ଚନା । ବାସନାଧୂପରେ ଗନ୍ଧମଦିର କରି ତୋଳିବ ତା ମାନସମନ୍ଦିର । କିନ୍ତୁ ପାରିଲାନି, ପାରିଲା ନାହିଁ ତା କଳ୍ପନାକୁ ବାସ୍ତବରେ ପରିଣତ କରି । ବାପାଙ୍କ ମୁହଁରେ ସେ ଭରସି କହିପାରିଲା ନାହିଁ କିଛି । ବାପାଙ୍କର ସେଇ ବିରାଟ ଆଶା, ସେଇ ବିପୁଳ କଳ୍ପନା, ସେଇ ଦୁର୍ଦ୍ଦାନ୍ତ ଅଭିଳାଷ···ପୁଅ ମୋର ବି. ଏ. ପାଶ୍ କରିବ, ହାକିମ ହେବ, ରୋଜଗାର କରିବ, ଶହ ଶହ ଟଙ୍କା ଆଣିବ । କଟକରୁ ବଡ଼ଲୋକେ ଆସିବେ ସମ୍ବନ୍ଧ କରିବାକୁ, ଏ ଘରକୁ ଖାନ୍‌ଦାନ ଘରର ଝିଅ ଆସିବ ବୋହୂ ହୋଇ, ଆଣିବ ଆପୁ ଅଳଙ୍କାରର ଭଣ୍ଡାର, ମିଳିବ ଯୌତୁକ, ହଜାର ହଜାର ଟଙ୍କା ଗ୍ରାଷ୍ଟାଟର୍ଛ, ଟ୍ରଙ୍କରେ ସେ ଗଣି ରଖିବେ । ମୁକୁଳେଇ ଆଣିବେ ସେଇ ବନ୍ଧକ ପଡ଼ିଥିବା ସିନ୍ଦୁକଟାକୁ । ଖାଲି ସିନ୍ଦୁକ ନୁହେଁ, ମେହେଗାନି କାଠର ସେଇ ଆଲମାରିଟା ବି । ସେଇ ଟ୍ରଙ୍କ, ମେଜ, ପଲଙ୍କ, ରୂପାର ପାନଡ଼ବା, ପିତ୍ତଳ ପିକଦାନି, ହାତୀଦାନ୍ତବସା ଶାଳୁଆ କାଠର ପଲଙ୍କ, ତା ଉପରେ ବସିବେ ସେ ପୁଣି ଚକା ଉପରେ ଚକା ପକେଇ । ରୂପାର ପାନଡ଼ବାଟାକୁ ପାଖରେ ରଖି ବୋହୂ ହାତଭଙ୍ଗା ପାନଖିଲ ସେ ମସ୍‌ମସ୍ କରି ଚୋବେଇ ପିତ୍ତଳ ପିକଦାନିରେ ଗଜ୍‌ଗଜ୍ କରି ପକେଇବେ ନାଲିଆ ପିକ । ଆଃ, ସେଇ ଦିନ, ସେଇ ମଜାର ଦିନ, ସେଇ ଅପୂସ ଆଉ ଆରାମର ଦିନ ଫେରି ଆସିବ, ପୁଣି ଫେରିଆସିବ । ବଡ଼ଲୋକ ଝିଅର ବୋହୂ ପଣିଆ ସାଙ୍ଗରେ ଅଧିକାରୀ ବଂଶର ନାଁ । ପୁଣି ବାଜିଉଠିବ ତାଙ୍କର ଅମଳରେ ପୁଅର ଭାଗ୍ୟ ନେଇ । ସେ ପୁଣି ଗୁମ୍ଫ ଫୁଲେଇ ବୁଲିବେ କାନ୍ଧରେ ନାଲି ଗାମୁଛା ପକେଇ, ଦରପାକଳା ନିଶ ମୋଡ଼ି ମୋଡ଼ି ଗାଁ ଦାଣ୍ଡରେ ଦଶ ଲୋକଙ୍କ ମେଳରେ ।

ବିରାଟ କଳ୍ପନା, ବାପାଙ୍କର ଏତେ ବଡ଼ କଳ୍ପନାକୁ ଚୂରମାର୍ କରି ଗୋଟିଏ ଧନଦରିଦ୍ର ପରିବାରର ଝିଅ ମାଧବୀ, ଯା'ର ନା ଅଛି ବଡ଼ଲୋକୀ ସୁନାମ, ନା ଅଛି ବୁନିଆଦର ଗର୍ବ, ନା ଅଛି ଆଭିଜାତ୍ୟର ସ୍ପର୍ଦ୍ଧା, ଦଶ ଓଳିରେ ଓଳିଏ ଖାଇବାକୁ ପାଏ ନାହିଁ ଯେ, ମା' ଯାର ଧାନକୁଟେ, ଭାଇ ଯା'ର ସୁଆଙ୍ଗ ଦଳରେ ଛ' ଟଙ୍କା ଦରମାରେ ଚାକିରି କରି କୁଟୁମ୍ବ

ଚଳାଏ, ତାକୁ ସେ ଆଣିବ ଗୃହଲକ୍ଷ୍ମୀ କରି ! ତାକୁ ସେ ବିବାହ କରିବ ! ଏତେ ବଡ଼ ସାହସ ତାର ! ବାପା ବୋଉ ବଞ୍ଚି ଥାଉଁ ଥାଉଁ, ଦି ଅକ୍ଷର ପଢ଼ିଲା ବୋଲି ଏତେ ବଡ଼ ଅନ୍ୟାୟ କରିବସିବ ସେ !

—ନନା, ମାଧବୀ ଅନେକ ସମୟ ଧରି ଉପେନ୍ଦ୍ରକୁ ନୀରବ ରହିବା ଦେଖି କହିଲା—ମୁଁ ଯାଉଚି ।

—ନା, ନା, ଯିବୁ କାହିଁକି ? ଚମକି ଉଠିଲା ପରି କହିଲା ଉପେନ୍ଦ୍ର । ଅନେକ ବେଳୁ ଛିଡ଼ା ହୋଇଛୁ ତୁ, ଆ, ଘର ଭିତରକୁ ଆ ।

—ନା, ମୁଁ ଯିବି । ତମ ପାଖକୁ ଆସିଥିଲି ଗୋଟିଏ କାମରେ ।

—କାମ ? କି କାମ ? ସତେ, କାମ ନ ଥିଲେ ତ ମାଧବୀ ଏଠିକି ଆସି ନ ଥାନ୍ତା, ଉପେନ୍ ଭାବିଲା । ଅଥଚ ଏପର୍ଯ୍ୟନ୍ତ ସେ କିଛି ପଚାରିନାହିଁ ତାକୁ ।

ଟିକିଏ ଅଙ୍ଗଅଙ୍ଗ ହେଲା ମାଧବୀ ।

ଉପେନ୍ ଲଜ୍ଜାବନତା ମାଧବୀ ଆଡ଼କୁ ଉଦ୍‌ବିଗ୍ନରେ ଅନେଇ କହିଲା—କ'ଣ କହ, ତୁମ୍ ହୋଇ ଠିଆ ହେଲୁ କାହିଁକି ?

—ଆସିଥିଲି, ମାଧବୀ କହିଲା—ଗୁରି ଦିନ ହେଲା ଘରେ କିଛି ନାହିଁ । ବୋଉ ସେମିତି ଉପାସରେ ପଡ଼ିଛି । ଆଜି ଟିକେ ଭଲ ଅଛି, କିନ୍ତୁ କ'ଣ ଦେବି ତାକୁ ଖାଇବାକୁ ? ସାଇ ପଡ଼ିଶାଙ୍କ ପାଖରେ ତ ଦଶ ଦଶ ଥର ଠିଆ ହେଲାଣି । ଏ କାଳ ମନ୍ଦରଗରେ କାହା ପାଖରେ ବା କ'ଣ ଅଛି ! କିଏ ବା କେତେ ଦେବ ? ଟିକିଏ ଆଗରୁ ଶୁଣିଲି ତମର କୁଆଡେ଼ ଟଙ୍କା ଆଇଚି । ଆଠଣା ଉଧାରି ଦେବ ମତେ ? ବାରନନା ଏଇ ସାତ ଆଠ ଦିନ ଭିତରେ ନିଶ୍ଚୟ ଟଙ୍କା ପଠାଇବେ । ଗଲା ମାସ ଏଇ ତାରିଖକୁ ଟଙ୍କା ଆସିଥିଲା, ଏ ମାସରେ କ'ଣ ହେଇଚି କେଜାଣି ଟିକିଏ ଡେରି ହେଇଯାଇଚି । ଟଙ୍କା ଆସିଲେ ମୁଁ ନିଜେ ଆଣି ମାଉସୀଙ୍କୁ ଦେଇଯିବି । ଆଠଣା ହେଲେ ମୋର ଚଳିଯିବ ।

—ଆଠଣା ଧାର ପାଇଁ ଆସିଛୁ ? କଥାଟା ଉଚ୍ଚାରଣ କରୁ କରୁ ଉପେନ୍ଦ୍ରର ତାଳୁଟା ଯେପରି ଶୁଖିଗଲା । ମାଧବୀ ଆଠଣା ଧାର ପାଇଁ ଆସିଛି । ଆଠଣା ! ବୋଉ ତାର ଚାରି ଦିନ ହେଲା କିଛି ଖାଇନି । ବହୁତ ଆଶାକରି ଆସିଛି । ଆଠଣା ପଇସା ପାଇଲେ ଆଠ ଦିନ ପାଇଁ ସାହସ ବାନ୍ଧି ଚଳିଯାଇ ପାରିବ ସେ । ଚଳି ଯାଇ ପାରିବ•••ତା ଝରନାଠାରୁ ଟଙ୍କା ଆସିବାଯାଏ କଲିକତାରୁ । ଆଠଣା, ଗୁର ଅଠଣା ! ଗୁର ଆଠଣା ପଇସା ଦେବନି ତାକୁ ସେ, ଦିନେ ଯେଉଁଠି ସେ ଦେବାକୁ ବସିଥିଲା ତାର ସର୍ବସ୍ୱ !

ଗୋଟାଏ ଉତ୍ତେଜନାରେ ଖଟ ଉପରୁ ଡେଇଁପଡ଼ିଲା ସେ ତଳକୁ । ରହିଥା', ମୁଁ ପଇସା ନେଇଆସେ କହି, ତଳ ସାହି ଆଡ଼େ ପ୍ରଚଣ୍ଡ ବେଗରେ ଧାଇଁଗଲା ଉପେନ୍ ।

ମାଧବୀ କ'ଣ କହିବାକୁ ଯାଉଥିଲା, କିନ୍ତୁ ଶୁଣିବାର ତର ନ ଥିଲା ଉପେନ୍‌ର । ଏକା ରହାକେ ସେ ଆସି ପହଞ୍ଚିଲା ବୋଉ ପାଖରେ । କହିଲା, ଦବୁଟି ମତେ ପଇସା ଆଠଣା ।

ହୀରାମଣି ଉପେନ୍ଦ୍ରର ବ୍ୟସ୍ତତା ଦେଖି ପ୍ରଥମେ ଟିକିଏ ଆଶ୍ଚର୍ଯ୍ୟ ହେଲେ । ତା ପରେ କେମିତି ସବୁ ଜାଣିଲା ପରି ପଚାରିଲେ, କ'ଣ କରିବୁ ଆଠଣା ?

—କାମ ଅଛି, ତୁ ଦେ ତ ।

—କାମ, କି କାମ ? ମାଧବୀକୁ ନେଇ ଦବୁ ତ !

—ମାଧବୀ ! ଉପେନ୍ ଆଶ୍ଚର୍ଯ୍ୟରେ ବୋଉ ମୁହଁକୁ ଚାହିଁ କହିଲା । ମାଧବୀକୁ ନେଇ ଦେବି, ତତେ କିଏ କହିଲା ?

—ମୁଁ କ'ଣ ପିଲା, ଏତିକି ଜାଣି ପାରୁନି ! ସେତିକିବେଳୁ ତ ସେ ଆସି ଛିଡ଼ା ହେଇଛି ଦାଣ୍ଡଘରେ, ମୁଁ ଦେଖିନି ନା କ'ଣ ? ଅଲକ୍ଷଣୀଟା, ଜନମ ହଉ ହଉ ତ ବାପକୁ ଖାଇଲା । ବାହା ହଉ ହଉ ତ ଘରଟାକୁ

ଖାଇଲା, ଆଉ କ'ଣ ? ଏମିତି କାଳକାମୀଙ୍କ ମୁହଁ ଚୁହିଁକରି ନାହିଁ । ଛି, ଛି, ମରଣ ହେଉନି ଯା ଏ ନିର୍ଲଜ୍ଜୀଗୁଡ଼ାଙ୍କୁ ।

ଉପେନ୍ଦ୍ରର ସାରା ଦେହ ରାଗରେ ଥରିଉଠିଲା । ବୋଉ ନ ହୋଇଥିଲେ ସେ ହୁଏ ତ କିଛି କରି ବସିଥାନ୍ତା ସେ ମୁହୂର୍ତ୍ତରେ । କିନ୍ତୁ ସମସ୍ତ ଉତ୍ତେଜନାକୁ ଦବେଇ ରଖି ସେ ଅସ୍ୱାଭାବିକ ଗଳାରେ କହିଲା— ମାଧବୀ ନାଁରେ ମୁଁ ତୋଠୁ ଦୁର୍ନାମ ଶୁଣିବାକୁ ଆସି ନାହିଁ । ମତେ ଆଠଣା ପଇସା ଦେ, ମୁଁ ଯାଏଁ ।

ସ୍ତ୍ରୀ ପରେ ଆଉ ହାରାମଣିଙ୍କୁ ଦେଖେ କିଏ ! ମେଘନାଦ ଛାଡ଼ିକରି ସେ ମିଶିଆସିଲେ ଉପେନ୍ଦ୍ର ଉପରକୁ । ଅଠଣା ? କ'ଣ ହେବ ଆଠଣା ଶୁଣେ ? ଦଶ ପାଞ୍ଚଟା ଟଙ୍କା ରୋଜଗାର କରି ଆଣିଚୁ ବୋଲି ଗାଁସାରା ଦାନ ଧର୍ମ କରି ବୁଲିବୁ ନା କ'ଣ ? ଧର୍ମ କରିବାକୁ ଯଦି ଏତେ ମନ, ଟଙ୍କା ଆଣି ମତେ ଦଉଥିଲୁ କାହିଁକି ? ଦେଖେଇ ହଉଥିଲୁ ମତେ ତୋ ରୋଜଗାର ? ଟଙ୍କା ମୁଁ ଦେଖି ନ ଥିଲି କିରେ ? ଚାଲ୍ ଚାଲ୍ ନେଇଯିବୁ ତୋ ଟଙ୍କା । କଣ କରିବୁ କର ଯା ନେଇ । ହାରାମଣି ଗମଗମ ହୋଇ ମଝିଘର ଆଡ଼େ ଚାଲିଗଲେ ।

ସ୍ତବ୍ଧ ହୋଇ ଛିଡ଼ା ରହିଲା ଉପେନ୍ଦ୍ର । ତା' ମୁଣ୍ଡ ଘୂରିଗଲା । ତା ପାଦତଳର ମାଟି ଯେମିତି ଖସିଗଲା ପରି ଲାଗିଲା । ଭାବି ପାରିଲା ନାହିଁ ସେ କିଛି । ଆଠଣା ପଇସା ମାଗିଲେ ବୋଉ ଯେ ଏମିତି ନିଆଁ ବାଣ ହୋଇଉଠିବ, ଏହା ସେ କଳ୍ପନା କରିବା ତ ଦୂରର କଥା, ସାମନାରେ ଦେଖି ବି ବିଶ୍ୱାସ କରିପାରିଲା ନାହିଁ ।

ମଝିଘର ଭିତରୁ ହାରାମଣିଙ୍କୁ ପୁଣି କହିବାର ଶୁଣାଗଲା— ଆଜକାଲିକା ଟୋକାଗୁଡ଼ାକ କି ବେଲଜିଆ ହେଲେ ଲୋ ମା ! ଦିନ ଦି'ପହରଟାରେ ଆସି ମୋ ପୁଅଟା ସାଙ୍ଗରେ···ଛି, ଛି, ଛି ! ପୋଡ଼ା-କପାଳୀ ମୋ ଘର ଉଜାଡ଼ିବ ଆସିଛି ।

ଖୁବ୍ ହେଲା ଖୁବ୍ । ଉପେନ୍ ଆଉ ଶୁଣି ପାରିଲା ନାହିଁ । ଦୁଇ କାନରେ ହାତ ଦେଇ ପଳେଇ ଆସିଲା ଉପର ସାହିକୁ । ଆସି

ଦେଖିଲା, ଧୀରେ ଧୀରେ ଚାଲିଯାଉଛି ମାଧବୀ । ବୋଉ କଥାତକ ସବୁ ସେ ଶୁଣିପାରୁଛି । ଆଖିରୁ ତାର ବୋହିଯାଉଛି ଧାର ଧାର ହୋଇ ଲୁହ ଆଷାଢ଼ର ବର୍ଷା ପରି ।

—ନା ନା, ଯା'ନା ମାଧବୀ! ଉପେନ୍ ଡାକିଲା । କଣ୍ଠ ଫଟେଇ ଡାକିବାକୁ ତାର ମନ ହେଲା । ମାଧବୀ, ଛିଡ଼ା ହୋ, ପଇସା ନ ନେଇ ତୁ ଏଠୁ ଯାଇପାରିବୁ ନାହିଁ । ମୁଁ ତତେ କେଉଁଠୁ ହେଲେ ଆଣି ପଇସା ଦେବ, ଛିଡ଼ା ହ' । କିନ୍ତୁ ପାଟି ତାର ଖନ ମାରିଗଲା । ଗଳା ତାର ବାଷ୍ପରୁଦ୍ଧ ହୋଇଆସିଲା । ଛାତି ତାର ଫାଟିଗଲା ପରି ଲାଗିଲା । ମାଧବୀକୁ ସେ ଡାକିପାରିଲା ନାହିଁ ।

ଚାଲିଗଲା ମାଧବୀ ।

ଚାଲିଗଲା...

ଗାଁ ମଝିର ନିଛକ ଦେହରୁ ଲମ୍ବିଯାଇଛି ଗୋଟିଏ ଅଣଓସାରିଆ ସରୁ ଗୋହିରୀ ରାସ୍ତା । ପଶ୍ଚିମପଟକୁ ଦିଗନ୍ତବିସ୍ତାରୀ ବିଲ ଜମିର ପ୍ରସାରିତ କ୍ଷେତ । ରାସ୍ତାର ଉତ୍ତର ପଟକୁ ବହୁକାଳର ବୁଢ଼ା ଓସ୍ତ ଗଛ । ଏ ଗାଁର ଯୁଗ ଯୁଗର ଜୀବନ ମରଣ, ଭଙ୍ଗା ଗଢ଼ା ଇତିହାସ ସହିତ ଏହାର ବର୍ଦ୍ଧିଷ୍ଣୁ ପ୍ରାଣର ଏକ ସାଂସ୍କୃତିକ ସଂଯୋଗ ରହିଛି । ଓସ୍ତ ଗଛର ଝଙ୍କାଳିଆ ଡାଳଗହଳ ଭିତରୁ ପଲ୍ଲୀ ଆତ୍ମାର ପ୍ରଶାନ୍ତ ଯେପରି ଧମ୍ ଧମ୍ କରି ଝରି ପଡ଼ୁଛି । ତା'ରି ଛାୟାବିତାନ ତଳେ ଜାଡ଼ୁଆ ମା'ଙ୍କ ଆସ୍ଥାନ ଟୁଙ୍ଗୀ । ନଡ଼ା ଛପରର ଏକ ଜରାଜୀର୍ଣ୍ଣ ମାଟିର ଘର, ଠାଏ ଠାଏ କାନ୍ଥ ଫାଟି ମାଟି ଚଲକା ଖସି ପଡ଼ୁଛି । ଆଉ ତା ଭିତରୁ, ଶୁଖିଲା ଚମ ତଳେ କଙ୍କାଳ ଗ୍ରାମ୍ୟ ଜୀବନର ହାଡ଼ ମାଳ ଗଣି ହେଲା ପରି ବାଉଁଶରେ ଫଟା ବିବର୍ଣ୍ଣ ଦେହେରା ବି ବାହାରକୁ ଦିଶୁଚି । ଟୁଙ୍ଗୀ ଭିତରକୁ ଯିବା ଦୁଆର ଆଗରେ ଟାଙ୍ଗି ପଥରର ଗୁରି ଦୁ' ଖଣ୍ଡ ପାହାଚ । ସେତକ ଅତିକ୍ରମ କରି ଲୁହା ଗୋବବସା ଭଙ୍ଗା କବାଟର ଦୁ' ଫାଙ୍କକୁ ଦୁ' ହାତରେ ଟେକି ଧରିଲା ପରି ଆଡ଼େଇ ଦେଇ ଠାକୁରାଣୀଙ୍କର ଆସ୍ଥାନ ଭିତରକୁ ପଶିଗଲେ ଭକ୍ତର ଆଖି ଘରର କଟିକଟିଆ ଅନ୍ଧାର ଭିତରେ ଆଗ ଧନ୍ଦି ହୋଇଯାଏ । ଅନ୍ଧାର ସହିତ

ଅଭ୍ୟସ୍ତ ହୋଇଗଲା ପରେ ଦୃଷ୍ଟିରେ ପ୍ରଥମେ ଯାହା ପଡ଼େ, ତା' ହେଉଛି ଖଣ୍ଡିଏ କଳା ଛିଟ ଶାଢ଼ୀର ଘେର ଭିତରେ ମେଞ୍ଚାଏ ହଳଦୀ ଆଉ ପୂଳାଏ ସିନ୍ଦୂରର ଅବଲେପରେ ଖଣ୍ଡିଏ ମୁଗୁନି ପଥରର ଧାତ୍ରିମୟୀ ପ୍ରତିମା । ସେଇ ପ୍ରତିମାର କପାଳ ତଳକୁ ପୋଟଳ ପଦ୍ମ ପରି ରେଖାୟିତ ଦୁଇଟି ସୁନାର ଆଖି, ଆଉ ଖୁବ୍ ସରୁ ହୋଇ ଶ୍ରେଷ୍ଠ ନାକଦଣ୍ଡାର ବାଁପଟ ପୁଡ଼ାକୁ ସୁନାର ଝୁମ୍ପି ଲଗା ନୋଥ । ବେକରେ ବଉଳ ଫୁଲର ଗଜରା ମାଳ । ତିନି ଚାରି ଦିନର ମାଳା ଶୁଖି ମଉଳି ଯାଇଥିଲେ ମଧ୍ୟ ମୂର୍ଚ୍ଛିତ ଗନ୍ଧର କିଛି ମହକ ଆସ୍ଥାନର ତଳେ ଦକ ଦକ ହୋଇ ଜଳୁଥିବା ଶ୍ରେଷ୍ଠ ଧୂପଶିଖାର ତରଙ୍ଗରେ ଯେପରି ସମସ୍ତ ଘରର ଆବହାଓ୍ୱାକୁ ସୁରଭିତ କରି ରଖିଛି । ଭକ୍ତର ପ୍ରାଣ ଏକ ଅଜଣା ଭୟମିଶ୍ରିତ ପୁଲକରେ ସ୍ପନ୍ଦିତ ହୋଇଉଠେ । ମଥା ଟା ନଇଁ ପଡ଼େ ଜାଉଁଆ ମାଆଙ୍କ ଆସ୍ଥାନ ତଳେ ।

ଦିନ ବେଳେ ଠାକୁରାଣୀଙ୍କ ଆସ୍ଥାନ ଘର ଭିତରକୁ ଗାଁବାଲାଙ୍କର ପ୍ରବେଶ ଖୁବ୍ କ୍ୱଚିତ୍ ଦେଖାଯାଏ । ପ୍ରତି ସନ୍ଧ୍ୟାରେ ଦେଷାଙ୍କର ବନ୍ଧା କାଳସୀ ଆସି ଝୁଣା ଧୂପ ଦେଇଯାଏ । ସକାଳେ ମାଳୀ ବଉଳ ଫୁଲର ମାଳ ନିୟମିତ ଦେଇଯିବାର କଥା, ସେଥିପାଇଁ ଠାକୁରାଣୀଙ୍କର ଜମି ଖଞ୍ଜା ଅଛି । କିନ୍ତୁ ଧାରାବାହିକ କର୍ତ୍ତବ୍ୟ କରିବାରେ ନରୋତ୍ତମ ଅଭ୍ୟସ୍ତ କି ନାହିଁ, ସେକଥା ଗାଁର ମାମଲତକାର ମଧୁ ପ୍ରଧାନ ତନଖି କରିବାର କଥା । ତା' ସେ କରେ କି ନାହିଁ, ସେ ବିଷୟରେ ପଚାରିବାକୁ ତା' ଉପରେ ଆଉ କେହି ମୁରବୀ ନ ଥିବାରୁ ଗାଁରେ ମଧୁ-ନରୋତ୍ତମ ସଲସୂତରା ହୋଇ ଜାଉଁଆ ମା'ଙ୍କର ନୀତି-ନିୟମ ଭ୍ରଷ୍ଟ କରି ନର୍କଗାମୀ ହେବାର ସିଧାସଳଖ ବାଟ ସଫାସୁତରା କରି ରଖିଚନ୍ତି ବୋଲି ମଝିରେ ମଝିରେ ଗାଁ ଟୋକାଙ୍କ ଭିତରୁ ଟିପ୍ପଣୀ ଶୁଣାଯାଏ । ତେବେ ମଧୁ ପ୍ରଧାନର ଏସବୁକୁ ଖାତିର ନ ଥାଏ । ଶୁଣି ନ ଶୁଣିଲା ପରି ସେ ମୁହଁ ବୁଲେଇ ବାଟକାଟି ଚାଲିଯାଏ । କେବେ କେମିତି ଯନ୍ତାଳ ହେଲା ଦିନ, ଗାଁ ଲୋକେ ଯେତେବେଳେ ମଉନ୍ଥବଟେ ବସନ୍ତି, ସେତିକିବେଳେ ଠାକୁରାଣୀଙ୍କର ନୀତି-ନିୟମର ଭ୍ରଷ୍ଟାଚାର କଥା ଉଠିଲେ, ମଧୁ ପ୍ରଧାନ ଜୋର୍ ଦେଇ କହେ —ଠାକୁରାଣୀ ମୋର, ମୁଁ ଯେତେବେଳେ ଯାହା କହିବି ଠାକୁରାଣୀ ମୋ କଥା ମାନିବ । ଅନିୟମ ହେଉଥିଲେ କାଳସୀ ମୋ ବଂଶର ମୁଣ୍ଡ କେବେଠୁ ଖାଇ ସାରନ୍ତାଣି ।

ମଧୁ ପଧାନର ଏ ବାହାଦୁରୀଟା ନିରର୍ଥକ ନୁହେଁ । ଗାଁର ପୁରୁଖା ଲୋକ ଜାଣନ୍ତି, ରାତି ଅଧରେ ମଧୁ ପଧାନ ପ୍ରେତ ଚଢ଼ି ଚଳେ ଅନ୍ଧାରୁଆ ଡାକ ଛାଡ଼ିଲେ ଶୂନ୍ୟରୁ ଗୋଟିଏ ଦେବୀ-କଣ୍ଠର ପ୍ରତିଧ୍ୱନି ଶୁଭେ । ଦେଖାଯାଇଛି, ଗାଁରେ ବସନ୍ତ କି ହଇଜାର ପ୍ରକୋପ ଅତି ବଳାବଳ ହୋଇପଡ଼ିଲେ ତିନି ଗୁର ଥର କାଳସୀ ଲଗେଇ ଜାଡ଼ୁଆ ମାଙ୍କୁ ପ୍ରଶ୍ନ କରାଇ ତାର ନିରାକରଣ ସମ୍ଭବ ନ ହେଲେ ଅଧରାତିକଠି ମଧୁ ପଧାନ ଏକୁଟିଆ ଉଠି ବାଲି ଚଢ଼ାରେ ମୁଣ୍ଡ ଧୋଇ ଜାଡ଼ୁଆ ମାʼଙ୍କ ଆସ୍ଥାନ ଘରେ ହୁଡେଇ ପଶିଯାଇ କି ବିଭୂତି କେଉଁଠୁ ନେଇଆସେ କେଜାଣି ଗାଁର ପ୍ରତି ଘରେ ଘରେ ଟିକିଏ ଟିକିଏ ରାତି ନ ପାହୁଣୁ ବାଣ୍ଟି ଦେଇ ଆସେ, ଆଉ ସକାଳକୁ ଦେଖାଯାଏ, ହାଡ଼ଫୁଟି ମଳିନ ପଡ଼ିଛି, ହଇଜା ମନ୍ତ୍ର ଉଠି ବସିଛି । ଆଉ ଯାହା ପାଇଁ କୋକୁଆ କଟରା ସଜ ହେଉଥିଲା, ସେ ହୁଏ ତ ପାଟି ଖୋଲି ତୋରାଣି ମାଗି ପିଉଛି । ଏସବୁ ଗାଁବାଲାଙ୍କର ପ୍ରତ୍ୟକ୍ଷ ଦେଖିବା କଥା । ଅଙ୍ଗେ ନିଭେଇଥିବା ଅନୁଭୂତି । ଏଥିରେ ଯୁକ୍ତି-ତର୍କର କିଛି ନାହିଁ । ସାତ ଓଳିରେ ଓଳିଏ ଖାଇବାକୁ ନ ଥିଲେ ମଧ୍ୟ ମଧୁ ପଧାନର ମାମଲତିଗିରି ବିରୁଦ୍ଧରେ ଏ ଗାଁରେ ମୁକାବିଲା କରିବାକୁ ଆଉ କେହି ଏ ପର୍ଯ୍ୟନ୍ତ ଭରସି ପାରି ନାହାନ୍ତି ।

ଉପେନ୍ଦ୍ରର ପାଞ୍ଚ ଟଙ୍କା ସାମନାରେ ରଖି ଜାଡ଼ୁଆ ମାଙ୍କ ଆସ୍ଥାନ ଟୁଙ୍ଗୀ ବାରଣ୍ଡା ଉପରେ ବସିଥିଲା ମଧୁ ପଧାନ । ସାମନାରେ ସିଲଟ ଖଡ଼ି ଧରି ବସିଥିଲା ଜେନାପୁଅ । ଦାଣ୍ଡ ଆରପଟକୁ ଗୃହଲୀ ଘର, ଅବଧାନଙ୍କୁ ମଧ୍ୟ ଡକରା ପଡ଼ିଲା । କିନିଷପତ୍ର ସରଞ୍ଜାମ ଯାହା ଯୁଟିବ, ତାʼ ହେପାଜତ ସେ କରିବେ । ମଧୁ ପଧାନର ଇଚ୍ଛା ପାଞ୍ଚ ଟଙ୍କା ଉପରେ ହାତ ବାଜିବନି । ଠାକୁରାଣୀଙ୍କ ଭଲ ମନ୍ଦ ପାଇଁ ଏହା ଡିପୋଜିଟ୍ ରହିବ । ଠାକୁରାଣୀଙ୍କଠେଇଁ ଯନ୍ତାଳ ଗାଁର ସମସ୍ତଙ୍କର ଏକ ଦାୟିତ୍ୱ । ଘର ପିଛା ସମସ୍ତେ ସେରେ ସେରେ ଚାଉଳ ଦେବେ, ମୁଗ ଜାଇ ଢ ଢ ପୋଷ, ଆଉ ବଣାଏ ସାରୁ ଆଉ ଗୁରୁ ଗୁର ଗଛ ଖଡ଼ା । ଯାʼର ସାରୁ ନାଇଁ, ସେ ବାଇଗଣ ଦେବ । ଯାʼର କଦଳୀ ଅଛି ସେ ମୁଗ ଶାଗ ନ ଦେଲେ ବି ଚଳିଯିବ

ଗାଁରେ ଉପେନ୍ଦ୍ର ଠିକାରେ ଯନ୍ତାଳ ହେବା କଥା ପ୍ରଚାର ହୋଇଯିବାର ଅଧଘଣ୍ଟାଏ ଭିତରେ, ଆଉ ମଧୁ ପଧାନର ପ୍ରତି ପରିବାରର କର୍ତ୍ତବ୍ୟ ସମ୍ବନ୍ଧରେ ବାଚନିକ ଆଦେଶ ପରେ ଦଶ ପାଞ୍ଚଟି ଘରୁ ଏ ଭିତରେ ଚୁଲ୍ଲି, ଖାରୁ, ମୁଗ ଆସି ପହଞ୍ଚିଗଲାଣି । ଜାଉଡୁଆ ମା'ଙ୍କ ଯନ୍ତାଳଟା ବ୍ୟକ୍ତିବିଶେଷର କଥା ନୁହଁ, ଏହା ସମସ୍ତଙ୍କର ଏକ ମାତ୍ର ଗତ କର୍ତ୍ତବ୍ୟ ।

ଭିଡ଼ କ୍ରମଶଃ ବଢ଼ିଲା । କେହି ଯନ୍ତାଳଟାକୁ ଗୋଟିଏ ଭଲ ଦିନ ବାର ଦେଖି କରିବା କଥା କହିବାକୁ ବାହାରିଲା ବେଳେ, ଏସବୁ କାମରେ ଟାଳମଟାଳ କରି ଦିନ ଗଡାଇବା ଠିକ୍ ନୁହେଁ ବୋଲି ବିଶ୍ୱାଳ ବୁଢ଼ା ମନ୍ତବ୍ୟ କଲା ପରେ ସେଇ ରାତିରେ ହିଁ ଯନ୍ତାଳ କାମ ବଢ଼େଇ ଦେବାକୁ ବହୁ ମତରେ ନିର୍ଦ୍ଧାରିତ ହେଲା । ବିଶେଷ କରି ଜେନାପୁଅ ଯେତେବେଳେ କହିଲା, ସାନବାବୁ ଠିକା ଦେଇଛନ୍ତି, ଗାଁରେ ସେ ଥିଲା ଭିତରେ ଏ କାମ ବଢ଼ିଯିବା ଉଚିତ୍, ତା ନ ହେଲେ ସେ ଯଦି କଟକ ଚାଲିଯାଆନ୍ତି, ତବୁ ଆଉ କଥାଟା ବେଅଡ଼ୁଆ ହୋଇଯିବ ।

ଏ ବି ଗୋଟାଏ ଓଜନଦାର କଥା । ମଧୁ ପଧାନ କହିଲା— ସବୁ କରିବାର ଭାର ତୋରି ଉପରେ ରହିଲା ନାଥିଆ ! ଶାଳ ଗଜରା ପରି ଭେଣ୍ଡିଆଟାଏ ଭୁ··· ଭୁ ଖଟିପାରିବୁ । ନରୋତ୍ତମ ମାଳୀକି ଯାଇ ଖବର ଦେଇଆ । ମହାଦେବଙ୍କ ସେବାଏତ୍ ଜଣେ ଦ'ଜଣ ଅଛନ୍ତି, ତାଙ୍କୁ ବି କହିଆ । ସମସ୍ତେ ଲାଗିପଡ଼ିଲେ ରାତି ଦ' ଘଡ଼ିକି ଯନ୍ତାଳ କାମ ଉଠିଯିବ ।

କଥା ନଅଁରେ ଗାଧୁଅବେଳ ଗଡ଼ିଯିବାକୁ ବସିଲାଣି । ପାଞ୍ଚ ଟଙ୍କାର ମୋହ ଆଉ ଯନ୍ତାଳର ବିରାଟ ବ୍ୟବସ୍ଥାର ଆଲୋଚନାରେ ସମସ୍ତେ ଯେତେବେଳେ ମସଗୁଲ, ଉପେନ୍ଦ୍ରର ଆବିର୍ଭାବରେ ସମସ୍ତେ ଟିକିଏ ଅସ୍ଥିର ହେଲା ପରି ଚମକି ଉଠିଲେ ।

—ତମେ କାହିଁକି ଆସିଲ ସାନବାବୁ ? ମଧୁ ପଧାନ ପଚାରିଲା । ଏ ଖରାରେ ଗାଁ ଯେ ମୁଣ୍ଡରୁ ଏ ମୁଣ୍ଡକୁ ଚାଲି କରି ଆସିଲ ! କ'ଣ କିଛି ଜରୁରୀ କାମ ?

—ନା, କାମ କରୁଛୁ ନୁହେଁ ପଧାନ ମଉସା, ତମର ସାଙ୍ଗରେ ନିରୋଳାରେ ପଦଏ କଥା । ଠିକଏ ଚୁହାଲୀ ଘରକୁ ଆସିବ ?

—ଗାଣ୍ଡିତଳେ ମଡ଼ି ବସିଥିବା ଗାମୁଛାଟାକୁ କାନ୍ଧରେ ପକେଇ, ମଧୁ ପଧାନ ଧାଣ୍ଡି ସେପଟ ଚୁହାଲୀ ଘରକୁ ଉଠି ଯାଉ ଯାଉ ସମସ୍ତଙ୍କୁ ଲକ୍ଷ୍ୟ କରି କହିଗଲା—ଘରପିଛା ଜଣେ ହିସାବରେ ଯନ୍ତାଳର ବ୍ୟବସ୍ଥା କର, ଆଉ ନାଥିଆ, ତୁ ସାଙ୍ଗରେ ଲଇଷଣିଆ ଆଉ ଜଗା ଓଝାକୁ ନେଇ ସବୁ ଘରୁ ଚାଉଳ, ପନପରିବା ଆଣିବାକୁ ବାହାରି ଯା' । ସାନବାବୁ ସାଙ୍ଗେ କଥା ହେଇ ମୁଁ ଆଉଚି ।

—ଗାଧୁଆ ପାଧୁଆ କରିବନି ?—ଉପେନ୍ଦ୍ର ସମସ୍ତଙ୍କ ଆଡ଼କୁ ଠିକଏ ବିସ୍ଫାରିତ ଦୃଷ୍ଟିରେ ଚାହିଁ ସମୟ ସମ୍ବନ୍ଧରେ ସଚେତନ କରେଇ ଦେଲା । ତା ପରେ ଚୁହାଲୀ ଘର ଭିତରକୁ ମଧୁ ପଧାନକୁ ଡାକିନେଇ କହିଲା—ବଡ଼ ବିପଦରେ ପଡ଼ିଛି ମଧୁ ମଉସା, ମତେ ଗୋଟିଏ ଟଙ୍କା ଦେଇପାରିବ ? ମୁଁ ଅଜି ରାତିରେ କଟକ ଯାଉଛି, ଚାରି ଦିନ ଭିତରେ ତୁମକୁ ଦୁଇ ଟଙ୍କା କରି ଫେରେଇଦେବି ।

—ତମ ଟଙ୍କା ଯେମିତି ଅଛି ସାନବାବୁ ! ଠାକୁରାଣୀଙ୍କର ଟଙ୍କା ତ ଯନ୍ତାଳରେ ଖର୍ଚ୍ଚ ହେବନି । ତା' ଡେପଜିଟ୍‌ରେ ରହିବ । ଅଣ୍ଟାରୁ ଗୋଟିଏ ଟଙ୍କା କାଢ଼ି ଉପେନ୍ ହାତରେ ଗୁଞ୍ଜିଦେଇ ପଚାରିଲା—ବାପା ପୁରୀ ଯାଇଥିଲା, ଫେରି ଆଇଲା କି ? ମଧୁ ପଧାନ ମାମଲତକାର । ସେ ଅନୁମାନ କରିନେଲା, ଉପେନ ସିନା ଗାଁବାଲାଙ୍କ ମୁହଁ ଉପରେ ଭାଙ୍ଗି ନ ପାରି ପାଞ୍ଚ ଟଙ୍କା ବଢ଼େଇଦେଲା, ଘରେ ନିଶ୍ଚୟ କିଛି ଗୋଟାଏ ହୁଲସ୍ଥୁଳ ପଡ଼ିଚି ।

ଟଙ୍କାଟି ନେଇ ତଳକୁ ମୁହଁ ପୋତି ଉପେନ୍ ସିଧା ଚାଲିଲା ମାଧବୀ ଘରକୁ । ତା' ଜୀବନରେ ଏପରି ଆଘାତ ଏଇ ପ୍ରଥମ । ଦୁଃଖ ଦୈନ୍ୟ ଭିତରେ ଅବଶ୍ୟ ତାର ଜୀବନ ଗଢ଼ା । ଛିଣ୍ଡା ମଇଳା ପିନ୍ଧି ଦାରିଦ୍ର୍ୟର ଲଜ୍ଜାକର ବେଷ୍ଟନୀ ଭିତରେ ସେ ତାର ସ୍କୁଲ ଓ କଲେଜ ଜୀବନ ଅତିବାହିତ କରିଛି । କିନ୍ତୁ ଚାରି ଆଠଣା ପଇସା ଲାଗି ବୋଉ ପାଖରେ ସେ ଯେମିତି ଅପମାନିତ ହେଲା ଆଉ ମାଧବୀ ପାଖରେ ହେଲା

ଅପ୍ରସ୍ତୁତ, ସେପରି ନିଦାରୁଣ ଗ୍ଲାନି ସେ ଆଉ କେବେ ଅନୁଭବ କରି ନ ଥିଲା । ପଇସାର ମୋହ ମଣିଷକୁ କି ତଳକୁ ନେଇଯାଇଛି ! ମାଧବୀକୁ କେନ୍ଦ୍ର କରି ତା' ବୋଉ ଅଜି ଯେପରି ଭାବରେ ଭର୍ତ୍ସନା କଲା, ତା ଚରିତ୍ରକୁ ଯେପରି ଭାବରେ କଟାକ୍ଷ କଲା, ଜୀବନର କି ଉଚ୍ଚ ଆଦର୍ଶ ପାଇଁ ସେ ପରିବାର ଭିତରେ ତା ଶିକ୍ଷା ନେଇ ଗର୍ବ କରିବ ?

ଭାରାକ୍ରାନ୍ତ ମନ ନେଇ ଉପେନ୍ ଘର ଭିତରକୁ ପଶିଯାଇ ଦେଖିଲା, ବୋଉ ପାଦତଳେ ବସି ମାଧବୀ ଗୋଡ଼ ଆଉଁସି ଦେଉଛି । ଉପେନ୍‌କୁ ଦେଖି ସୁଧାମଣି ଚମକି ଉଠିଲେ—ଏତେ ଖରାରେ ଧାଇଁ ଆସିଲୁ ପୁଅ ! ଛୁଇ ନେଉଠା ବେଳକୁ କ'ଣ ଆସିଥିଲେ ହେଉ ନ ଥାନ୍ତା !

କିଛି କହିଲାନି ଉପେନ୍ । ଦୋଷୀଟି ପରି ସୁଧାମଣିଙ୍କ ମୁଣ୍ଡ ପାଖରେ ବସି ହାତ ମାରି ଦେହର ତାତି ଦେଖିଲା । ତା ପରେ ଅନ୍ୟମନସ୍କ ଭାବରେ ମାଧବୀ ଆଡ଼କୁ ଚାହିଁ ମନକୁ ମନ ପ୍ରଶ୍ନ କଲା ପରି କହିଲା—ମାଧବୀ କାନ୍ଦୁଚି କାହିଁକି ମାଉସୀ ?

—ତୋରି ପାଖରୁ ଆସିଲା ବେଳୁ ସେ ବସି କାନ୍ଦୁଚି । କ'ଣ ତାକୁ କହିଲୁ କେଜାଣି, କହି ଟିକଏ ଭୁଲ ସଂଶୋଧନ କଲା ପରି ସେ ପୁଣି କହିଲେ—ତୋ ପାଖକୁ ମୋଟେ ଯିବାକୁ ମଙ୍ଗୁ ନ ଥିଲା ସେ । ମୁଁ ନିଆଁନାଗୀ ତାକୁ ଠେଲି ପେଲି ପଠେଇଥିଲି ତୋ ପାଖକୁ, କହି ସେ ଟିକେ ଉଠି ବସିବାକୁ ଚେଷ୍ଟା କଲେ ।

ବେକମୁଣ୍ଡାରେ ହାତ ଦେଇ ଉପେନ୍ ଉଠି ବସେଇଦେଲା ସୁଧାମଣିଙ୍କୁ । କାନ୍ଥରେ ମଇଳା ତକିଆର ଡିରା ଦେଇ ଉପେନ୍ଦ୍ର ଆଡ଼କୁ-ସିଧାସଳଖ ଅନେଇ କହିଲେ ସୁଧାମଣି—ଏମିତି ଶୁଖି କଳାକାଠ ହେଇ-ଯାଇଚ କାହିଁକି ପୁଅ ?

—କଳାକାଠ କାହିଁକି ପଡ଼ିବ ମାଉସୀ ? ପରୀକ୍ଷାଟା ପାଇଁ ଟିକଏ ରାତି ଅନିଦ୍ରା ରହି କଷ୍ଟ କରିବାକୁ ପଡ଼ୁଛି । କିନ୍ତୁ ଏ ଭିତରେ

ତ ମାସେ ଦେଢ଼ ମାସ ବିତିଗଲାଣି । ଗାଁକୁ ଆସି, ବୋଉ ହାତପରଷା ଖାଇ ମୁଁ ତ ବେଶ୍ ମୋଟେଇ ଯାଇଛି ।

ଏତେ କଷ୍ଟରେ ବି ମାଉସୀ ଟିକିଏ ହସିଲେ, କହିଲେ—ତୁ ସବୁଦିନେ ଡାହାଣୀ, ନିଜ ଦେହକୁ ନିଜେ ଆଖି କରୁଛୁ । ପିଲାଦିନେ କେଡ଼େ ସୁନ୍ଦର ଗୋଲଗାଲ ହୋଇଥିଲୁ ।

ଏତିକିବେଳେ ମାଧବୀ ଉଠି ଠିଆ ହେଲା । କହିଲା—ଉପେନ ନା ପେଇଁ ଟିକିଏ ସରବତ୍ ଆଣି ଦେବି ବୋଉ ?

—ସରବତ୍ ? ଏସବୁ ଅଯଥା ଚର୍ଚ୍ଚା କ'ଣ ନ କଲେ ଚଳିବନି, ଉପେନ୍ କହିଲା । ମୋ ପାଇଁ ବ୍ୟସ୍ତ ହେବନି । ବୋଉର ପଥ୍ୟ ବ୍ୟବସ୍ଥା କ'ଣ ହେଲା ?—କହି ଟଙ୍କାଟିକୁ ମାଧବୀକୁ ନିରୋଳାରେ ଦେବା ପାଇଁ ସେ ଦୁଆର ବାହାରକୁ ଉଠିଯାଇ ମାଧବୀକୁ ଡାକିଲା ।

ମାଧବୀ କିନ୍ତୁ ଗଲା ନାହିଁ । ଅଭିମାନରେ ତା' ଛାତି ଫାଟି ଯାଉଛି । ଦିନେ ନାହିଁ କାଲେ ନାଇଁ, ପଇସାଟିଏ ପାଇଁ ସେ କେବେ ହେଲେ ଉପେନ୍ ପାଖରେ ହାତ ପତେଇ ନ ଥିଲା । ଅଜି କି ସର୍ବନାଶୀ ବୁଦ୍ଧି ନେଇ ସେ ଏମିତି ଲୋକହସା ହେବାକୁ ଗଲା ! ଛି, ଛି, ଏ ଅପମାନ ସେ କେଉଁଠି ଲୁଚେଇ ରଖିବ ?

—ମୋ ଉପରେ ରାଗିଚୁ ମାଧବୀ, ଉପେନ୍ ଆହତ ଗଳାରେ କହିଲା । ମୋ ବୋଉ ସ୍ୱଭାବ କ'ଣ ତୁ ଜାଣିନୁ ? ସେ ତ ସବୁଦିନେ ସେଇଆ । ଟିକିଏ ଆଗରୁ ଗାଁ ଠାକୁରାଣୀ ଜାଉଁଆ ମାଆଙ୍କ ଯାତ୍ରାଳ ପାଇଁ ପାଞ୍ଚ ଟଙ୍କା ବୋଉକୁ ନ ପଚାରି ଦେଇ ଦେଇଥିଲି ବୋଲି ରାଗରେ ତମତମ ହୋଇଥିଲା ସେ ମୋ ଉପରେ । ଏତିକିବେଳେ ତୁ ପହଞ୍ଚିଲୁ, ଆଉ ମୁଁ ଯାଇ ତାକୁ ଅଟଣା ପାଇଁ ବିରକ୍ତ କଲି । ସବୁ ଚଢ଼ତକ ସେ ଝାଡ଼ିଦେଲା ଆମ ଦିହିଙ୍କ ଉପରେ । ତତେ ସେ ନିଜର ବୋଲି ନ ଭାବିଥିଲେ, ତୋ ଆଗରେ କ'ଣ ମତେ ସେ ଏମିତି କହିଥାନ୍ତା ? ଆଉ ତା ଛଡ଼ା, ତୁମେ ତ ଜାଣ ମାଉସୀ, ସେହି ଦୁଆର ମୁହଁରୁ

ସୁଧାମଣିଙ୍କ ଆଡ଼େ କରୁଣ ଦୃଷ୍ଟିରେ ଚାହିଁ କହିଲା ଉପେନ୍, ଅଭାବ ଅସୁବିଧାରେ ବୋଉ ବି ତ ଛଟପଟ ହୋଇ ମରୁଛି ମାଉସୀ ! କାହାକୁ ସେ କ'ଣ କହୁଛି, କିଛି ବୁଝିବାର ବିବେକ କ'ଣ ଅଛି ତାର ? ଦୁଃଖ ଦାରିଦ୍ର୍ୟ ମଣିଷର ସବୁ ବୁଦ୍ଧି ବିଚାରକୁ ଭ୍ରଷ୍ଟ କରିଦିଏ ମାଉସୀ ! ବୋଉ ପାଇଁ ମୁଁ ମାଧବୀ ପାଖରୁ କ୍ଷମା ମାଗିବାକୁ ଆସିଛି ।

ଉପେନ୍‌ର ଏତେ ବଡ଼ ଅନୁଶୋଚନା ପରେ ମାଧବୀର ରାଗ ଆଉ କ'ଣ ସୁନ୍ଦର ଦିଶିବ ! ସେଇ ତଳକୁ ମୁହଁ ପୋତି ସେ ଅର୍ଦ୍ଧସ୍ୱଗତ କଣ୍ଠରେ କହିଲା—ରାଗ ମୁଁ ମାଉସୀ ଉପରେ କରିନି ଉପେନନା, ତମ ଉପରେ ବି ନୁହେଁ । ଏଇ ଟିକିକ ରାଗ ଆଉ ଅପମାନକୁ ଯଦି ସହି ପାରିବିନି, ସାରା ଜୀବନଟା ପଡ଼ିଛି, କେତେ ଅସୁମାରି ଦୁଃଖ ଯନ୍ତ୍ରଣାର ଭାର ମୋତେ ବୋହିବାକୁ ପଡ଼ିବ—ଆଜିଠୁ କ'ଣ ଭାଙ୍ଗି ପଡ଼ିଲେ ଚଳିବ ?

—ଏ ତ ଆଉ ସେ ମାଧବୀ ନୁହେଁ ମାଉସୀ ! ଯା ମୁହଁରେ ଯେ ଆଜି ଜୀବନ-ଦର୍ଶନର ମନ୍ତ୍ରବାକ୍ୟ ଶୁଣୁଛି ।

—ଭଗବାନ୍ କ'ଣ ମାଧବୀକୁ ସେଇ ଅଲିଅଳୀ ମାଧବୀ କରି ରଖିଦେଲେ ପୁଅ ? କେତେ ଟେଳବସରରେ ବଢ଼ିଥିଲା । ତୁ ତ ସବୁ ଜାଣୁ । ହୀନମାନ ପୋଡ଼ା କପାଳ ନେଇ ଜନ୍ମ ହୋଇଛି । କହୁ କହୁ ସୁଧାମଣିଙ୍କର କଣ୍ଠ ବାଷ୍ପରୁଦ୍ଧ ହୋଇଆସିଲା ।

ଏହାପରେ ମାଧବୀର ଆଉ ସେଠି ରହିବା କଥା ନୁହେଁ । ମୃଦୁ ପଦକ୍ଷେପରେ ଚାଲିଗଲା ବାହାରକୁ ।

ସୁଧାମଣି ଶୁଣେଇ ଶୁଣେଇ କହିଲେ, ଗଛରୁ ଗୋଟେ ଲେମ୍ବୁ ତୋଳିଆଣ ମାଧବୀ, ଚିନି ସେଇ ଭିତର ଘରେ ଠଣାରେ ଅଛି । ଟିକେ ସରବତ୍ କରି ଦେ ।

ତଳ ଅଗଣା ଆଡ଼େ ମାଧବୀ ସନ୍ତର୍ପଣରେ ଯାଉ ଯାଉ ଟିକିଏ ଉପେନ୍ ଆଡ଼କୁ ଫେରି ଚାହିଁଲା । ନିଜ ଅଜାଣତରେ ସେ ଗୋଟିଏ ବଡ଼ ଆଘାତ ଦେଇଛି ଆଜି ଉପେନ୍‌କୁ । ତା ମନଟା ଧାଣ୍ଟି ଚକଟି ହେଲା ।

ମାଧବୀ ପଛେ ପଛେ ଚାଲି ସାମ୍ନା ଆଡ଼େ ଯାଇ ଉପେନ୍ କହିଲା—ଶୁଣ୍ । ଏ ଟଙ୍କାଟି ନେ, ବୋଉ ପାଇଁ ପଥର ବ୍ୟବସ୍ଥା କର । ମୋ ଉପରେ ବା ରାଗିଲୁ କାହିଁକି ? ବଡ଼ ହେଲୁ ପରେ ତୁ ସ୍ୱାଧୀନ, ସ୍ୱତନ୍ତ୍ର ହୋଇ ଯାଇଚୁ ନା, ମୋ ଗାଳିମାଡ଼କୁ ତୁ ଆଉ ସହିବାକୁ ପ୍ରସ୍ତୁତ ନୋହୁ ! ତା ଛଡ଼ା ତୁ ତ ଜାଣୁ, ମୁଁ ତ ଆଉ ରୋଜଗାର କରୁନି ! ଆଉ, ରୋଜଗାର କରି ଟଙ୍କା ଦେଲେ ତୁ ନବୁ ତ ?

କ'ଣ କହିବାକୁ ଆସି ଉପେନ ସବୁ କ'ଣ କହିଯାଉଛି—ମାଧବୀ ତଟସ୍ଥ ହୋଇ ଉପେନ୍ ମୁହଁକୁ ଟିକିଏ ଚାହିଁଲା । ଠିକ୍ ତ ଉପେନ୍ ଯେମିତି କେତେ କ'ଣ କହିବାକୁ ଆସିଛି । କିନ୍ତୁ ସେସବୁ ଶୁଣିବାକୁ ତାକୁ ଆଉ ବେଳ ନାହିଁ ? ବେଳ ଥିଲେ ବି ସେ କ'ଣ ଆଉ ଶୁଣିପାରିବ ? ସେ କ'ଣ ଆଉ ଶୁଣିବା ଉଚିତ୍ ?

ଉପେନ୍‌କୁ ଆଉ ଅଧିକ କଷ୍ଟ ନ ଦେବା ପାଇଁ ଅଳ୍ପ ଟିକିଏ ଆଗେଇଯାଇ ତା' ହାତରୁ ଟଙ୍କାଟି ନେଇ ମାଧବୀ ଭିତର ଘରକୁ ଚାଲିଗଲା । ଟଙ୍କାଟି ନ ନେଇ ଉପେନ୍‌କୁ ବାତୁଳଙ୍କ ପରି ଏଣୁ ତେଣୁ ଗପିବାକୁ ସୁଯୋଗ ଦେବା ଠିକ୍ ହେବନି ବୋଲି ସିଦ୍ଧାନ୍ତ କଲା ମାଧବୀ । ଯେଉଁଠି ଆଘାତ ଲାଗିଚି, ସେଇଠି ଯଦି ପୁଣି ଅଭିମାନର କଟୂକ୍ତିରେ ଅନ୍ତର କ୍ଷତ ବିକ୍ଷତ କରାଯାଏ ।......

ମାଧବୀ ଭାବ ପାଇଲା ନାହିଁ । ତା'ର ବି ଯେମିତି ସବୁ ଗୋଳମାଳ ହୋଇଗଲା । ମାଉସୀଙ୍କ କଟୁ ଆକ୍ଷେପ ଭିତରେ ଛଟପଟ ହୋଇ ସେ ଉପେନର ପାଖରୁ ପଳେଇ ଆସୁ ଆସୁ ମନେ ମନେ ଭାବୁଥିଲା, ସେ ବି ଛାଡ଼ିବ ନାହିଁ । ପୁଣି ସେ ଯିବ, ତାଙ୍କୁ ଦେଖା କରିବ, ଆଉ ପଚାରିବ—କାହିଁକି, କି ଦୋଷ କରିଚି ସେ ? ତାଙ୍କ ଘରର କି ସର୍ବନାଶ ବା କରିଛି ସେ—କ'ଣ ଭାଙ୍ଗି ଚୁରି ଉଜାଡ଼ି ଦେଇଛି ? ମାଉସୀ ଏପରି ଝିଙ୍ଗାସି କରି କହିଲେ ତା ଚରିତ୍ର ସମ୍ବନ୍ଧରେ, ଉପେନ୍ଦ୍ର କାହିଁକି କଲାନି ପ୍ରତିବାଦ—କାହିଁକି କଲାନି ? ଉପେନ୍ଦ୍ର ତାକୁ ଭଲ ପାଉଥିଲା, ସେ କ'ଣ ତାର ଦୋଷ ! ଉପେନ୍ଦ୍ରକୁ ସେ ଶ୍ରଦ୍ଧା କରେ, ସେ କ'ଣ ତାର ଭୁଲ୍ ?

କାଚ ଗିଲାସରେ ଲେମ୍ବୁ ଚିପୁଡ଼ି, ମାଟିଆରୁ ପାଣି ଢାଳି ଚିନି ଖୋଜିଲାବେଳକୁ ଦେଖିଲା, ଯେଉଁଠି ବୋତଲ ରହିବା କଥା, ସେଠି ନାହିଁ । କାନ୍ଥର ଠଣା ଉପରେ ଶିଶିଟା ଖାଲି ଥୁଆ ହୋଇଚି । କହି ତ ଦେଲା, ଉପେନ୍‌କୁ ସେ ସରବତ୍ ଦେବ କମିତି ? ଛି ଛି, ବୋଉର କ'ଣ ମନେ ନାହିଁ ଚିନି ସରିଯାଇଚି ! ଏବେ ସେ କରିବ କ'ଣ ?

ଥଙ୍ଗ ଥଙ୍ଗ ହେଲା ମାଧବୀ, ତା ପରେ କ'ଣ ଭାବିଲା କେଜାଣି, ଉପେନ୍ଦ୍ରର ଆହତ ପ୍ରାଣରେ ଟିକିଏ ସ୍ନେହର ପ୍ରଲେପ ଦେବା ପାଇଁ ଗଭୀର ଆନ୍ତରିକତାରେ କହିଲା—ଉପେନନା, ତୁମ ଭାଗ୍ୟରେ ଆଜି ମିଠା ନାହିଁ । ଚିନି ସରିଯାଇଚି, ଲେମ୍ବୁ-ଲୁଣ ହିଁ ଆଜି ତୁମକୁ ଖାଇବାକୁ ପଡ଼ିବ ।

—ମୁଁ ତତେ ଲେମ୍ବୁ-ଲୁଣ ପାଣି ଦେବାକୁଇ କହିବାକୁ ଭାବୁଥିଲି ମାଧବୀ ! କାଳେ ଲେମ୍ବୁ-ଲୁଣ କଥା କହିଲେ ତୋ ଘରେ ଚିନି ନ ଥିବା ଲଜ୍ଜାରେ ତତେ ଅଧିକ ଅପମାନିତ କରିବ, ଏଇ ଆଶଙ୍କାରେ ତତେ ଭରସି କିଛି କହି ପାରିଲିନି । ସରବତ୍ ମୋର ଏକାନ୍ତଇ ଦରକାର । ଏତେ ବଡ଼ ଖରାରେ ତୋ ଘରକୁ ଆସିଛି । ଆଉ ସେ ସରବତ୍ ଲେମ୍ବୁ-ଲୁଣ ପାଣିର ସରବତ୍, ବୁଝିଲୁ ? ତୁ ନେଇଆ ମାଉସୀଙ୍କ ପାଖକୁ । ମୁଁ ସେଇଠି ଅପେକ୍ଷା କରିଛି କହି ଏତେବେଳକେ ମାଧବୀ କଥାରେ ସହଜ, ସ୍ୱଚ୍ଛନ୍ଦତାର ଆଭାସ ପାଇ ଗଭୀର ତୃପ୍ତିରେ ଉଚ୍ଛ୍ୱସିତ ହୋଇଉଠିଲା ଉପେନ୍ ।

ଉପେନ୍ଦ୍ରର ସେଇ ଉଚ୍ଛ୍ୱସିତ ମନର ସ୍ପର୍ଶ ଯାଇ ଲାଗିଲା ମାଧବୀର ନିଭୃତ ହୃଦୟରେ । ସେ ବୁଝିପାରିଲା, ଚିନି ବଦଳରେ ସାମାନ୍ୟ ଲେମ୍ବୁ-ଲୁଣ ସରବତ୍ କଥା କହି ସେ ଉପେନ୍ଦ୍ର ମନରୁ ଗୋଟାଏ ବଡ଼ ଦୁଶ୍ଚିନ୍ତାର ପାହାଡ଼କୁ ମାଟି ପରି ନରମ ଆଉ କୋମଳ କରିପାରିଚି, କି ଭାଗ୍ୟର କଥା !

ଉପେନ୍ଦ୍ରକୁ ତଳ ମାହାଲରୁ ଏକାଟିଆ ଫେରିଆସିବା ଦେଖି ସୁଧାମଣି ପଚାରିଲେ—ସରବତ୍ ଖାଇଲୁ ରେ ପୁଅ ?

—ନା, ମାଧବୀ ନେଇ ଆସୁଚି । ଖାର ପ୍ୟା' ଭିତରେ ଆଉ ଚିଠି ଦେଇନି ମାଉସୀ ? କଲିକତାରେ କେଉଁଠି କ'ଣ କରୁଚି ସେ ?

—କଲିକତା ମାଟିଆ ବୁରୁଜରେ, ସେ ଗୋଟାଏ କି କାମ କରୁଚି, ମୁଁ ଠିକ୍ ଜାଣେନି ପୁଅ ! ଆଜଯାଏ ତ ଛଅବର୍ଷ କରି ଯାଇ ସୁଆଙ୍ଗରେ ବୁଲୁଥିଲା । ଏତେ ଦିନକେ ମନ ଘର ଧରିଲା । ପ୍ରତି ମାସରେ ପାଞ୍ଚ ଦଶ ଟଙ୍କା ପଠାଏ, ସେଥିରେ ଚଳିଯାଉ ଆମେ ଦି'ଜଣ, ବୋଉଟା ତ ପେଟ । ମୋ ପାଇଁ କ'ଣ ଅଛି, ମାଧୀ ପାଇଁ ହନ୍ତସନ୍ତ ହୋଇ ମରୁଚି ମୁଁ । ଏ ବୟସରେ ମାଧୀ ମଲେ ଝିଅର ଏ ଜଞ୍ଜାଳ ନେଇ ଦହଗଞ୍ଜ ହେବ···ସେ ମୋ କପାଳ କଥା । ଗାଁରେ ତ ତୁ ନ ଥିଲୁ, ମାଧବୀ ବାହାଘର । ମଧୁ ପଧାନ ମାମଲତକାର ହେଲା । କେତେ ଖୋଜାଖୋଜିରେ ଜୁଟିଲା ଗୋଟାଏ ବୁଢ଼ା ବର । ତତେ ଆଜି କହିବାକୁ ଲାଜ କ'ଣ ପୁଅ ! ଯେତେ କହିଲି, ବାରୁ ମୋ କଥାକୁ କାନ ଦେଲନି । ସମସ୍ତେ କହିଲେ, ବୟସ ଟିକେ ହୋଇ ଯାଇଥିଲେ କ'ଣ ହେଲା, ଥିଲା ଘର, ମାଧବୀ ସୁଖରେ ରହିବ । ଦୋ'ଉ ପକ୍ଷ ଯୋଗୁଁ ମୁଁ ଶେଷ ଯାଏ ନାହିଁ ନାହିଁ କରୁଥିଲି । ନେତ ଅପା ମୋତେ ଏଥିରେ ବାଧ କରି ବୁଝାଇଦେଲା ପୁଅ ! ଖରଚ କରିବାକୁ ତ ସଖ୍ୟ ନ ଥିଲା, ଝିଅ ବୋଝ ଉଠେଇଦେବି ବୋଲି ହଁ ଭରିଦେଲି । ଦି'ମାସ ନ ପୂରୁଣୁ ମାଧବୀ କପାଳ ପୋଡ଼ିଲା । ସେଇ ଦିନଠୁ ଏଇଠି ଆସି ଅଛୁ । ରହିଲେ କିଛି ନ ଥିଲା, ଧାନ କୁଟିବାକୁ ଯଦି ମିଳୁଥାନ୍ତା ଆଗପରି—କିନ୍ତୁ ଧାନ କାହିଁ ? ଗୋଟା ଟାଁଟା[illegible] ତ ଉପାସ ଶୋଉଛନ୍ତି ।

ସୁଧାମଣିଙ୍କ ମୁହଁରୁ କଥା ସରିଚି କି ନାହିଁ, ନେତ ଅପା ଆସି ପହଞ୍ଚିଲା ଆର ଘରୁ । ତା ପଛେ ପଛେ ଗିଲାସରେ ସରବତ୍ ଧରି ପହଞ୍ଚିଲା ମାଧବୀ । ଉପେନ୍ଦ୍ର ଆଡ଼କୁ ସରବତ୍ ଗିଲାସ ବଢ଼େଇ ଦେଇ ନେତ ଅପା ଆଡ଼କୁ ଅନେଇ ଚାଟକା ହେଲା ପରି ପଚାରିଲା—ବାଉଶି ସାହିରେ ହଇଜା ଲାଗିଛି ନଡ଼ୀ ?

—ସେଇ କଥା କହିବାକୁ ପରା ଆସିଥିଲି । ଉପ ଏତେ ଦିନ ହେଲା ଆସିଲାଣି । ଆଜିକା ଟା ମନେ ପଡ଼ିଲା ?

—ହଇଜା ଲାଗିଛି ! ଉପେନ୍ଦ୍ର ଚମକି ଉଠିଲା ପରି ନେତ ଅପା କଥାରେ ବାଧାଦେଇ ପଚାରିଲା । ସଡ଼ା ପଚା ଆମ୍ବ ଖାଇ ବୋଧେ ହଇଜା

ଆରମ୍ଭ ହେଲାଣି । କିନ୍ତୁ ମୁଁ ତ ଏଇକ୍ଷଣି ଗୃହାଳୀ ଘରୁ ଆସିଲି । ହଇଜାର ସ୍ୱର ଶବ୍ଦ ତ ନାହିଁ ।

—ସତ ପାହାନ୍ତାରୁ ବାଉରି ସାହିର ଆଧିଆ ଭୋଇ ବାରପଟି ଖତଗଦାକୁ ଧାଇଁଛି । ଛ' ସାତଟା ଝାଡ଼ା ହେଇଗଲାଣି । ଦାସ୍ତକୁ ସଂବାଳିଆ ଯାଇଥିଲା ଯେ ଶୁଣି ଆସି ଆମ ସାଇରେ ଫୁସ୍‌ଫାସ୍ ହଉଥିଲା ।

ଉପେନ୍ ସ୍ତ୍ରୀର ଦୃଷ୍ଟିରେ ସମସ୍ତଙ୍କୁ ଟିକେ ଟିକେ ଚାହିଁଲା । ହଇଜା ନାଁରେ ଏତେ ଟିକେ ଡର ଭୟ ନାହିଁ କାହା ମୁହଁରେ । ଯେମିତି ଏ ହଇଜାଟା ସମସ୍ତଙ୍କର ଅଳ୍ପ ବହୁତ ଚିହ୍ନା ।

ପାଖ ଚଢ଼ଉଶା ଘରୁ ପାଟି ଶୁଭିଲା ।

ନେତ ଝୁଣ୍ଡୀ କହିଲା, ଗଉଡରା ଘର ଦ' ଜା'ଙ୍କ ଭିତରେ ଲାଗିଛି କଳି । ଅଲଗା ଅଲଗା ହାଣ୍ଡି କରି ଖାଉଚନ୍ତି ଛ'ଦିନ ହେଲା ।

—କ'ଣ ହେଲା କି ? ପଚାରିଲେ ସୁଧାମଣି ।

—କ'ଣ ଶୁଣିବ ସେଗୁଡ଼ାକ ! ଗୋଟେ କଥା, ବଡ଼ ଜା'ର ପିଲାପିଚିକା ହୋଇ ପାଞ୍ଚଟି । ସେଇମାନେ ଦ' ଦ' ଡାଳିଆ ଭାତ ଖାଇଦେଲେ ବୋଲି ସାନ ଜା'ର ଦେହ ସହିଲାନି । ଏତେ ଖାଇଲେ ଏ କାଳ ମହଙ୍ଗରେ ଆସିବ କେଉଁଠୁ ? ବଳି ବାଡିରେ ଘାଣ୍ଟି ଚକାଟି ହୋଇ ମରୁଚି ତ ତା'ର ମଣିଷ । ବଡ଼ ଜା'ର ମରଦ ତ ଗୃହାଳୀ ନେଇ ବସିଚି । କମେଇ ତ କରୁନି ନାଇଁ । ସାନ ଜା'ର ସେଇଥିପେଇଁ ଘଡ଼ ଘଡ଼ ପାଟି । ପିଲାପିଚିକା କେହି ନାଇଁ । ତା'ର ବ କ'ଣ ଦେହ ସହୁଚି ?

—ଏ ଅଲକ୍ଷଣୀଟାଏ, ଯାର କ'ଣ ହେବ ? ଛିଣ୍ଡିଗୁଣିଆ ସ୍ୱଭାବ ଜାଣି ଭଗବାନ ତାକୁ ଦେଇ ନାହାନ୍ତି କିଛି । ମାଇପି ଜନମ ପାଇ ଯାର ହଉ, ତାର ହଉ, ପିଲାଛୁଆଟେ ! ନ ଥିଲେ ନାଇଁ । ଅଛି ଯେତେ-ବେଳେ ଦି ଡାଳିଆ ଭାତ ଖାଇଗଲେ ବୋଲି ଏମିତି ପାଟିକରି ଗାଳି ଦବ, କୁ'ମା ସହିବ ?

ସରବତ୍ ପିଇସାରି ମାଧବୀ ହାତକୁ ଗିଲାସ ବଢ଼େଇଦେଇ ଉପେନ୍ ଉଠି ଛିଡ଼ା ହେଲା । କହିଲା—ଆଜି ଯାଉଛି ମାଉସୀ ! କାଲି ପୁଣି ଆସିବି । ମାଧବୀ କାହିଁ ? ଏଇଠି ତ ଠିଆ ହୋଇଥିଲା । ଗଲା କୁଆଡ଼େ ?

—ତୋ ପେଇଁ ପାନ ଆଣିବାକୁ ଯାଇଥିବ ।

—ପାନ ମୋର କ'ଣ ହେବ ?

—ଆଗେ ଏତେ ପାନ ଖାଉଥିଲୁ । ଛାଡ଼ିଦେଲୁ ?

—ଏତେ ତ ନୁହେଁ । କେହି ଦେଲେ ଖାଏ । ପାନ କିଣି ଖାଇବାକୁ ମୋ ପାଖରେ ପଇସା କାହିଁ ମାଉସୀ ? କହି କଥା ବାଆଁରେଇ ଉପେନ୍ ପଚାରିଲା—ମାଧବୀ ତ ପାନ ଖାଏନା, ମତେ ପାନ ଦେବାକୁ ସେ ଏତେ ବ୍ୟସ୍ତ କାହିଁକି ? କା' ଘରକୁ ଯାଇଛି ସେ ? ତାକୁ ତ କାହିଁ ତଳ ସାହିରେ ବି ଦେଖୁନି

ଆଜି ଉପେନ୍‌କୁ ଚର୍ଚ୍ଚା କରିବା ପାଇଁ, ମାଧବୀକୁ ପାନ ଖଣ୍ଡେ ମାଗି ଆଣିବା ପାଇଁ ପଡ଼ଶା ଘରକୁ ଯିବାକୁ ପଡ଼ୁଛି । ଟଙ୍କ ଟିକିଏ ନାହିଁ । ଲୁଣ ପାଣିରେ ଅଣ୍ଡିଥି ସଞ୍ଚାର ଆଜି ପଲ୍ଲୀଜୀବନର ସମ୍ବଳ ସର୍ବସ୍ୱ । ପନ୍ଦର ପନ୍ଦର ଦିନ ଧରି ଦେହ ଦୁଃଖରେ ଶୋଇଲେ ବି ସାଗୁ ବାଲି ପାଇଁ ଆଠଣା ପଇସା ଧାର ମାଗିବାକୁ ଯାଇ ଅପମାନିତ ହେବାକୁ ପଡ଼ୁଛି । ତଥାପି ଏଇ ଦୈନ୍ୟ ଆଉ ଅପମାନ ଭିତରେ ପଲ୍ଲୀର ସାମାଜିକ ଜୀବନ ଏବେ ବି ସହରର କେତେ ଜଣ ନେତାଙ୍କର ଆଦର୍ଶ ବକ୍ତୃତାର ବିଷୟ ବସ୍ତୁ ? ଅଜାଣତରେ ଉପେନ୍‌ର ଛାତି ଭିତରୁ ଏକ ଦୀର୍ଘ ନିଶ୍ୱାସ ବାହାରି ଆସିଲା । ସେ ସୁଧାମଣିଙ୍କ ଉଦ୍ଦେଶ୍ୟରେ ଏକ ନମସ୍କାର ଜଣେଇ ବାହାରକୁ ଚାଲିଆସିଲା ।

ଅନେକ ବେଳୁ ସଞ୍ଜ ଲାଗିଯାଇଛି । ଠାକୁରାଣୀଙ୍କ ଆସ୍ଥାନ ଚଙ୍ଗୀ ପାଖରେ ଗାଁ ଲୋକଙ୍କ ଭିଡ଼ ଜମି ଉଠିଛି । ତିନି ଗୁଟେଟି ଲଣ୍ଠନ ଧକ ଧକ ଜଳୁଛି । ଓସ୍ତଗଛ ସେପାଖକୁ ଖଡ଼ା ଖୋଳା ହୋଇ ପିତ୍ତଳ ହଣ୍ଡା ବସିଛି । ଚୌଷଇରେ ଲାଗିଛନ୍ତି ବଡ଼ପଣ୍ଡା ଓ ସେବାୟତମାନେ । ଗୁହାଳୀ ବାରଣ୍ଡା ଉପରେ ବସି ସତେଇ ରାଉତରା ଗାଁ ଗୁହାଳୀରେ ପାଠପଢ଼ାର ବେବସ୍ଥାକୁ କେନ୍ଦ୍ର କରି ଅବଧାନର ସତେଇଗି ପୁରୁଷ ଉଠେଇ ଗୁଳିଛି । ଦି'ଦିନ ଅନ୍ତରରେ ଅବଧାନ ଯଦି ଗାଁକୁ ଦୌଡ଼ିବ ପିଲାଏ ପାଠ ପଢ଼ିବେ କ'ଣ ? ଆଜି ଫେଣ୍ ଏତେ ବଡ଼ ଯନ୍ତାଳଟା ଗାଁରେ ମଧୁ ମାମଲତ୍କାର ସେତିକିବେଳୁ କହୁଚି, ଭଣ୍ଡାର ଘରର ମାରଫତ୍-ଦାଣ୍ଡରେ ଅବଧାନ ରହିବ, ଅଥଚ ଠିକ୍ ବେଳବୁଡ଼କୁ କାହାକୁ ନ କହି ଅବଧାନ ନିଜ ଗାଁକୁ ଛୁ । ଗୁହାଳୀଟା ଘୁଞ୍ଚିବା ଉଚିତରେ । ଏମିତି ପଢ଼ାପଢ଼ି ହେଲେ ଗୁହାଳୀ ଘର ଛପର ହେବାକୁ ନଡ଼ା ଦେବ କିଏ ? ବର୍ଷାରେ ହାଣ୍ଡିଅନ୍ଧ ଛୁଡ଼ି ପଡ଼ିଲାଣି । ଯାଉ, କାହାର କ'ଣ ଯାଉଛି ? ଚେଙ୍ଗା ପୋଖରୀରେ ମାଛମରା କଥା ନେଇ ଆଠ ମାସ ହେଲା ତ ଗାଁରେ ଦୋ-ଫାଙ୍କ, ସେଦିନ ବାଡ଼ିଆପିଟା ହେଇ ମରିଥାନ୍ତେ ଗାଁର ଅଧେ ଲୋକ, ଖାଲି ମଧୁ ପଧାନ ଯୋଗୁଁ ଟିକିକେ ରକ୍ଷା ହୋଇଗଲା ।

ତାରପର୍ ଶୁଣି ମଧୁ ପଧାନ ଏଥର ଖଙ୍କାର ଖାଁ ମାରି ଆରମ୍ଭ କଲା—ଦିନେ ଗୁହାଳୀ ଘରେ ସବୁ ସାଇରୁ ମୁରବୀ ଡାକି ବଇଠକ ବସାଅ । ଗୁହାଳୀ ଘର କଥାଟା କ'ଣ ଆଉ ରହିଯିବ ? କେହି ଧାନ-ଧାଆନ ଦେଉ ନାହାନ୍ତି ବୋଲି ମୁଁ ଆଗୁଆ ହେଇ କହୁଛି କହୁନ । ସତେଇ ଭାଇ ଯଦି କଥା ପକେଇଲାଣି, କାଲି ପଅରି ବସ । ଯାହା ଗୋଟେ ଫଇସଲ କରିଦିଅ ।

—ଫଇସଲ ଆଉ କ'ଣ ? ଏ ଗଉଡ଼ର ଅବଧାନଟାକୁ ନକାଲ । ଶଳାଟାର ଭାରି ଦମାକ୍ । ଭାଗବତ ଘରେ ପୁରାଣ ଦପୁଡ଼ା ପଢ଼ୁଛି ବୋଲି, ସେପାଇଁ ଫେଣ୍ ମନ୍ତ୍ରନା ଗାଁସୁକା ନବ । ହେଃ !

ଅନ୍ଧାର ଭିତରେ ଏ ପଦକ କିଏ କହିଲା ବୁଝାଗଲା ନାହିଁ । ଏତିକିବେଳେ କିଏ ଜଣେ ପାଟି କରି ଉଠିଲା—ଆରେ, ସାନବାବୁ କ'ଣ ଫୁଲ୍ଡୁ ଆସୁଛନ୍ତି !

ଉପେନ୍ଦ୍ର ଆସି ସମସ୍ତଙ୍କର ଶ୍ରେଣୀ ଭିତରେ ଠିଆହେଲା । ସମସ୍ତେ ଟିକିଏ ଗାଣ୍ଡି ଟେକି ଦର ଦର ଉଠା ହେଲେ । ଉପେନ୍ଦ୍ର ପ୍ରତି ଶ୍ରେଷ୍ଠ ବଡ଼ ସମସ୍ତିଙ୍କର ଖାତିର୍ ଅଛି । ଏ ଗାଁର ପାଠୁଆ ପିଲା ସେ । ଆଖ ପାଖ ଦଶ ଖଣ୍ଡ ଗାଁରେ ଟାଁର ଟେକ ଢା'ର ପାଇଁ ।

—ବାମ୍ବା ପୁରୀରୁ ଫେରିଲେଣି ? ଏଠିକୁ ଆସିଥିଲେ କି ?

—ନାଇଁ ନାଇଁ, ମୁଁ ତ ତାଙ୍କର ସାଙ୍ଗରେ ପୁରୀରୁ ଆଇଲି କି ନା ! ସେ ସିଧା ସଳଖ ଘରକୁ ଯାଇଚନ୍ତି । ବୁଢ଼ାବାବୁ ଖୋଜୁଥିବେ । ନିଧି ଷଣ୍ଢାଳ କହିଲା, ତମେ ଯାଇ ଟିକେ ଘରୁ ବୁଲି ଆସ ।

ଉପେନ୍ ସିଧା ଘରମୁହାଁ ଚାଲିଲା । କିନ୍ତୁ ଦାଣ୍ଡ ଦୁଆର ମୁହଁରେ ପହଞ୍ଚି ସେ ଭିତରୁ ଗୋଟାଏ ବିକଟାଳ ପାଟି ଶୁଣି ଚମକି ଉଠିଲା । ସଞ୍ଜ ବେଳଟାରେ ଘରେ ଏତେ ବଡ଼ ପାଟି କାହିଁକି ? କ'ଣ ହେଇଚି ? ଏ ତ ବାପାଙ୍କ ପାଟି !

ଦାଣ୍ଡଘର ପାର ହେଇ ଉପେନ୍ ସିଧା ସଳଖ ଭଳି ସାଇକୁ ପଶି ନ ଯାଇ, ଉପରେ ସାଇର କୋଠି ଘର ପାଖରେ କାନ୍ଥ ଦିହକୁ ଲେପଟି ହୋଇ କାନ ଡେରିଲା । ବାପା କହୁଛନ୍ତି—ଆଣ ସେ ଟଙ୍କା । ଦିଅ ମତେ । ଗହଣା ନ ମୁକୁଳେଇଲେ ଚଳୁନି ଯେମିତି ! ସକାଳ ପାଇଲେ ପିଆଦା ଆସି ବସିବ । ସେ ଉପଡ଼ା ଜମିଦାରଙ୍କର ଦି'ବର୍ଷର ଖଜଣା ବାକି । କାଲି ନ ଦେଲେ ଜମିତକ ନିଲାମକୁ ଉଠିବ । ସେତେବେଳକୁ ଦି'ହାତରେ ଫାଲୁଆ ଗୁଣ୍ଡା ଖୁବ୍ ମାରିବ ଯେ ।

—ଫାଲୁଆ ଗୁଣ୍ଡା ମୁଁ ଏକା ମାରୁଚ ନା କ'ଣ ? ତେମେ କ'ଣ ପବନ ପିଇ ଜୀଇଚ ? ବୋଉର ସେ ରାଗ ଚମଚମ ଗଲା ଆଉ କାନ ଅତଡ଼ା ଫାଟି—ନା, ମୁଁ ଦେବନି ସେ ଟଙ୍କା । ତମ ଜମି ନିଲାମକୁ ଯାଉ କି ଚୁଲିକୁ ଯାଉ । ସେଇ ଟଙ୍କା କେଇଟା ଉପରେ ଅଠା ଲାଗିଛି । ଆଣିଚ ତମେ ରୋଜଗାର କରି ? ପୁଅ ଟିଉସନ କରି ଦଶ ପନ୍ଦରଟା ଟଙ୍କା ଅଣିଚ ଯେ, ବାପଙ୍କର ବଡ଼େଇଗିରି ମୁହଁରେ ଲାଜ ନାହିଁ । ସେ ଟଙ୍କା ମୁଁ ଦେବନି । ମୋର ଦକ୍ଷିଣୀ ନୋଳି ହଳକ ମୁକୁଳେଇବି । ସବୁ ଗହଣାତକ ତ ଗୋଟି ଗୋଟି କରି ବନ୍ଧା ପକେଇ ଘରଦୁଆରେ ବୁଡ଼େଇଲ, ଅଉ ନୋଳି ହଳକ ! ସେଇତକ ଗଲେ ତମ ମନକାମନା ସିଦ୍ଧ ହୋଇଯିବ । ମୁଁ ଟଙ୍କା ଦେବନି, ହିସାବ କରି ଠିକ୍ ତେଇଶି ଟଙ୍କା ମୁଁ ରଖିଚି । ମୁଁ ଦେବନି ସେ ଟଙ୍କା କେବେ ।

—ଦେବନି, ନା ଦେବନି ? ଆଣ, ଆଣ ପେଟରା କଞ୍ଚି ।

—କଞ୍ଚି ମୁଁ ଦେବନି ।

—ଦେଖ ଭଲରେ କହୁଚି ଦେଉନ, ଫେର୍……

—ଫେର୍ କ'ଣ ? କ'ଣ କରିବ ତମେ ଶୁଣେ !

—ଉପ ଘରେ ଅଛି । ତା'ର ବହିପରେ ମନ୍ତ୍ର ଦେଇ ମୋର ଦେଖଉଚ, ନା ? ଆସି ପିଠିରେ ପଡ଼ିବ ସେ ?

—ମାରିବ ନା ମତେ କ'ଣ ?

—ଆଣ କଞ୍ଚି ।

—ଦେଖ, ମୋ କାନରୁ କଞ୍ଚି ଫିଟାଅନା କହୁଚ ।

—ଫିଟାନା, ରାଗରେ ଭସ୍ମ ଅଧିକାରଙ୍କ ଗଳା ।

ତା ପରେ ହଠାତ୍ ଗୋଟାଏ କି ଶବ୍ଦ । ଉଠନେ୍ ଧାଇଁଲି ତଳ ସାହିକୁ । ଏ କ'ଣ ? ବୋଉ ତଳେ ପଡ଼ିଚ । ଧାଇଁଯାଇ ବୋଉକୁ

ଉଠେଇ ଧରୁ ଧରୁ ରାଗରେ ଡମଡମ୍ ହୋଇ ପଚାରିଲା ଉପେନ୍—ବୋଉକୁ ଆପଣ ମାରିଲେ ?

—ମାରିବି କାହିଁକି ? ବେଲ, ବେଲ ! ତୁ ଘରେ ଅଛୁ ବୋଲି······

—ବୋଉଠୁ ଚାବି ନେଇ ପେଟରା ଖୋଲୁଛନ୍ତି କାହିଁକି ଆପଣ ?

— ଟଙ୍କା ନବାକୁ ।

—ସେ ଟଙ୍କା ଆପଣ ନେଇ ପାରିବେନି ।

—ନେଇ ପାରିବିନି ! କାଲି ଖଜଣା ତା ହେଲେ ଦିଆହେବ କେମିତି ?

—କମିତି, ମୁଁ କ'ଣ ଜାଣେ !

—ଆଉ କଏ ଜାଣେ ? ମୋଠି କ'ଣ ଲେଖା ହେଇଚି ବନ୍ଧା ଛନ୍ଦା ପଡ଼ି ଏ ଘର ଚଳଉଥିବି କାଳକାଳକ ! ପାଠଶାଠ ଯା ପଢ଼ିବାର ତ ପଢ଼ିଲୁ, ଚଳେଇନୁ ଏଣିକି ଏ ଘର !

—ଯୁ ପାଠ ପଢେଇଛନ୍ତି ତ ଆମଣ ! ଉପେନ୍ କହିଲା । ଚୂଲୀ ଫୁଙ୍କି ଫୁଙ୍କି ଆଖି ଫୁଟିଯାଇଛି, ଟିଉସନ୍‌କୁ ଧାଇଁ ଧାଇଁ ପାଦରେ ଗୋଡ଼ ଫୁଟିଯାଇଛି ପଛକେ···ପାଠ ପଢ଼େଇ ମଣିଷ କରିବା ଗର୍ବର କିନ୍ତୁ ଶେଷ ନାହିଁ ଆପଣଙ୍କର ।

—ଘରେ ଥିଲ, ମୁଁ ଦେଖିନି ? ରାଗରେ ନିଆଁ ବାଣ ହୋଇ କହିଲେ ଅଧିକାରୀ । କଷ୍ଟ କରି ଦି' ଅକ୍ଷର ପଢ଼ିଚୁ ବୋଲି ମୋ ମୁହଁରେ ଜବାବ ଦେବାର ବହପ ପାଇଗଲୁ ନା ?

—କିଛି କହିବାର ଅଧିକାର କ'ଣ ନାହିଁ ମୋର ?

—ଅଧିକାର, ହଁ ଅଧିକାର ନାହିଁ କାହିଁକି ? ମଣିଷ ହେଇଗଲୁ କି ନା ! ସତେ ଯେମିତି ମାସକୁ ଶହ ଶହ ରୋଜଗାର କରି ମତେ ପୋଷୁଥିଲୁ······

—ଉପେନ୍ କେବେ ରାଗେନା, କିନ୍ତୁ ଆଜି ସାରା ଦିନଟା ଧରି ଆଘାତ ପାଇ ପାଇ ମନ ତାର ବିଦ୍ରୋହୀ ହୋଇ ଉଠିଥିଲା । ନିଜକୁ ସମ୍ଭାଳି ପାରିଲା ନାହିଁ ସେ, କହିଲା—ଶହ ଶହ ରୋଜଗାର କରି ଦେଲା ପରେ ମୋ' କହିବା ଅଧିକାର ହେବ ଆପଣଙ୍କୁ ନା ?

—ହବୁ ଯେତେବେଳେ ଶହ ଶହ, ଅଧିକାରୀ କହିଲେ, ଆଖି ଦେଖେଇ ଚଗୃତିବୁ ସେତେବେଳେ । ଅଧିକାର ! ଗ୍ରାର ଦଶ ପନ୍ଦରଟା ଟଙ୍କା ଦେଇ, ଏତେ ବଡ଼ ଜାରି ବାହାଁକରେ ତୋର ? ତିରିଶ୍ ଟଙ୍କା ଆସିଥିଲା । କିଏ କହିଲା ତତେ ଗାଁବାଲଙ୍କୁ ଦେବାକୁ

—କହିବ କିଏ କାହିଁକି ? ଗାଁବାଲା ମାଗିଲେ, ମୋ ଟଙ୍କା ମୁଁ ଦେଲି ।

—ତୋ ଟଙ୍କା ?

—ହଁ, କ'ଣ ଅଛି ଆପଣଙ୍କର ?

—କ'ଣ ଅଛି, ବଦମାସ୍ ! ବି.ଏ.ଟା ପାଶ୍‌କରି ପକେଇଲୁ ବୋଲି କଥା କହିବାର ସାହସ ପାଇଗଲୁ ନା ? ମୋ ମୁଣ୍ଡ ଉପରେ ଗୋଡ଼ଦେଇ ଚାଲିବୁ ତୁ ? କହି ଅଧିକାରୀ ମାରିବାକୁ ଉଠୁକିଗଲେ ଉପେନ୍‌କୁ ।

ହାରାମଣି ହାଉ ହାଉ କରି ପାଟିକରି ଉଠିଲେ । ଘର ଭିତରେ ପଡ଼ିଗଲା ହାଇ ହୁଲୁରି । ଶହେ ଦୁଇ ଡିଗ୍ରୀ ଜରରେ ବି ଧାଇଁ ଆସିଲେ ବୁଢ଼ୀମା । କୁଣ୍ଢେଇ ଧରିଲେ ପୁଅକୁ ।—ହଇରେ ଦାମ, ଏତେ ବଡ଼ ବଢ଼ିଲା ପୁଅକୁ ହାତ ଉଠେଉଛୁ ? ତୋ ମତି ଭରମ ହେଲା କିରେ ?

ଉପେନ୍‌ର ସମସ୍ତ ଦେହ ରାଗରେ ଥରିଉଠିଲା । ଲଜ୍ଜାରେ ତା ମୁଣ୍ଡ ତଳକୁ ନଇଁପଡ଼ିଲା । ଉପର ଘରକୁ ସିଧା ସଳଖ ଧାଇଁ ଯାଇ କାମିଜ୍‌ଟାକୁ କାନ୍ଧରେ ପକେଇ ପୁଣି ତଳ ସାଇକୁ ଆସିଲା ସେ । ସମସ୍ତଙ୍କୁ ମୁଣ୍ଡିଆ ମାରି, ବାପାଙ୍କ ଗୋଡ଼ ଧରି ଲମ୍ବ ହୋଇ ତଳେ ଚଢ଼ିଗଲା । କହିଲା—ମୁଁ ଯାଉଚି ବାପା, ମତେ ଆଶୀର୍ବାଦ କର ।

—କୁଆଡ଼େ ଯିବୁ ?

—କଟକ ।

—କଟକ ! ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଅଧିକାରୀ । ପରୀକ୍ଷା ତ ସରିଚି । କଟକ ଯାଇ କ'ଣ କରିବୁ ?

—ଚାକରୀ ।

—ଚାକରୀ ପାଇଁ କ'ଣ ଏଇ ରାତିରେ ଯିବାକୁ ହେବ ?

—ହଁ ଏଇକ୍ଷଣି, ଏ ଘରେ ମୁଁ ଆଉ ମୁହୂର୍ତ୍ତେ ରହି ପାରିବିନି । ଆପଣଙ୍କର ଏ ଦାରିଦ୍ର୍ୟ, ମୋ'ର ଲଜ୍ଜାର କଥା ବାପା ! ମତେହିଁ ଏଥିପାଇଁ ପ୍ରାୟଶ୍ଚିତ୍ତ କରିବାକୁ ପଡ଼ିବ ।

ଥକ୍କା ହୋଇ ଚାହିଁରହିଲେ ଅଧିକାରୀ । ଉପେନ୍ ଏସବୁ ପାଗଳଙ୍କ ପରି କ'ଣ କହିଚାଲିଛି ! ବହୁ ବର୍ଷ ଧରି ଜୀବନର ଦାରିଦ୍ର୍ୟତମ ଜଞ୍ଜାଳ ସହିତ ଏପରି ଭାବରେ ଅଭ୍ୟସ୍ତ ହୋଇ ଯାଇଥିଲେ ସେ, ଦାରିଦ୍ର୍ୟ ଯେ ଜୀବନରୁ ଅଲଗା କିଛି, ତା ଯେ କଳଙ୍କ, ତା ଯେ ଗାର୍ହସ୍ଥ୍ୟ ଜୀବନର ଏକ ଅପମାନର କାଳିମା, ଏହା ସେ ପ୍ରଥମ କରି ଆଜି ଭାବି ଦେଖିଲେ । ତାଙ୍କର ପଦେ କଥାରେ ଉପେନ୍ ଏତେ ବଡ଼ ଆଘାତ ପାଇବ, ଏହା ସେ ଭାବି ପାରିଲେ ନାହିଁ । ଅନୁଶୋଚନାରେ ତାଙ୍କ ମନ କଅଁଳ ହୋଇଆସିଲା । ସସ୍ନେହ ଗଳାରେ ଉପେନ୍‌ର ଆଘାତକୁ ଟିକିଏ ଲାଘବ କରିବା ପାଇଁ ସେ କହିଲେ—ପଦେ କ'ଣ ରାଗିକରି କହିଦେଲି, ସେତିକିରେ ତୁ ଏମିତି କାନ୍ଦ କାନ୍ଦ ହୋଇଯାଉଚୁ କାହିଁକି ଉପ ?

—ନା, ନା ! ମୁଁ ଜାଣି ନ ଥିଲି, ଦାରିଦ୍ର୍ୟ ମଣିଷକୁ ଏମିତି ପାଗଳ କରି ଦିଏ । ପଶୁଠୁ ବି ଅଧମ କରିଦିଏ । ମୁଁ ଜାଣି ନ ଥିଲି, ଅଭାବରେ ପଡ଼ିଲେ ସ୍ୱାମୀ ସ୍ତ୍ରୀ ଉପରେ ଏପରି ପୈଶାଚିକ ବ୍ୟବହାର କରେ । ଗୃହକର୍ତ୍ତା ପରିବାର ପ୍ରତି ଏମିତି ନିଷ୍ଠୁର ହୋଇଉଠେ । ଆପଣଙ୍କୁ ଏ ଦୁଃଖରୁ ଉଦ୍ଧାର କରିବାକୁ ହେବ

ମତେ । ମୁଁ ଯାଏଁ, କହି ଅଧିକାରୀଙ୍କ ପାଦଧୂଳି ମୁଣ୍ଡରେ ମାରି ଉପେନ୍ ଦାଣ୍ଡ ଆଡ଼େ ଚାଲିଲା ।

ହାରାମଣି ଭେ ଭେ କରି କାନ୍ଦିଉଠିଲେ —ନ ଖାଇ ନ ପିଇ ଏତେ ରାତିରେ କୁଆଡ଼େ ଯାଉଛୁ ରେ ଉପା ? ମତେ ମାରିଦେଇ ଯା—

ଅଧିକାରୀ ପୁଅର ହାତ ଭିଡ଼ିଲେ ।

ବୁଢ଼ୀମା ଆଗକୁ ଯାଇ ବାଟ ଓଗାଳିଲା । କିନ୍ତୁ ବୃଥା, ସବୁ ବୃଥା । ଉପେନ୍ ମାନିଲା ନାହିଁ କିଛି । ତାକୁ ଯିବାକୁଇ ହେବ । ତାକୁ ଶପଥ ନେବାକୁ ହେବ, ଏ ଘରର ଦୁଃଖ ମୋଚନ ପାଇଁ । ସେ ତରୁଣ, ସେ ନବୀନ, ସେ ଅଟଳ, ଅସ୍ଥିର, ପ୍ରତିଜ୍ଞାବଦ୍ଧ । ତା ରକ୍ତ ଆଜି ତାତି ଉଠିଛି । ତା ଶିରରେ ଶିରରେ ଆଜି ଉତ୍ତେଜନାର ବିଦ୍ୟୁତ୍ ବେଗ । ସେ ଆଜି ଦୁରନ୍ତ । ସେ ଆଜି କ୍ଷିପ୍ର । ଦାରିଦ୍ର୍ୟର ପ୍ରତିକାର ତାକୁ କରିବାକୁଇ ହେବ । ଏ ଘରର ବଂଶମର୍ଯ୍ୟାଦା ତାକୁ ଫେରାଇ ଆଣିବାକୁ ହେବ । ଅଭାବ-ଅନାଟନ-ଆହତ ପିତୃହୃଦୟର ବାତ୍ସଲ୍ୟ ମମତା ପୁଣି ସଞ୍ଜୀବିତ କରିବାକୁ ହେବ ତା ବାପାଙ୍କ ହୃଦୟରେ । ଦାରିଦ୍ର୍ୟର କଷାଘାତରେ ତା ଗର୍ଭଧାରିଣୀ ଜନନୀ ପ୍ରାଣରୁ ଯେଉଁ ସ୍ନେହାମୃତର ମନ୍ଦାକିନୀ-ଧାରା ଶୁଖି ନିଶ୍ଚିହ୍ନ ହୋଇଯାଇଛି, ସେ ଉତ୍ସକୁ ପୁଣି ଥରେ ତାକୁ ପ୍ରବାହିତ କରିବାକୁ ପଡ଼ିବ । ଏ ଘରର ପାରିବାରିକ ଆତ୍ମା ଭିତରେ ପୁନଃପ୍ରତିଷ୍ଠା କରିବାକୁ ହେବ ସୁଖସମୃଦ୍ଧିର ପ୍ରାଚୁର୍ଯ୍ୟ ।

ଉପେନ୍ ଉଠି ଚାଲିଗଲା ବାହାରକୁ । ତାକୁ ଧରି ରଖିବାର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲା । ପିଣ୍ଡାର ପାହାଚ ଓହ୍ଲାଇ ସେ ଆସି ଠିଆ ହେଲା ଦାଣ୍ଡ ଉପରେ । ଚାରିଆଡ଼ ଅନ୍ଧାର । ଗାଁର ଜାଉଁଆ ଠାକୁରାଣୀଙ୍କ ଆସ୍ଥାନ ପାଖରୁ ଭାସି ଆସୁଥିଲା ମଉଛବର ହଟ୍ଟଗୋଳ । ଉପରେ ନକ୍ଷତ୍ରଖଚିତ ଆକାଶ । ହଠାତ୍ ଯେପରି ପବନର ହିଲ୍ଲୋଳ ବନ୍ଦ ହୋଇ ଯାଇଛି । ଚାରିଆଡ଼େ ରୁଦ୍ଧ ଅସ୍ୱସ୍ତିର ହାହାକାର ! ଉପେନ୍ ପୁଣି ଥରେ ଦାଣ୍ଡ ଦୁଆର ଆଡ଼େ ଚାହିଁଲା । ନା, କେହି ନାହିଁ । ବାପା ବୋଉ ସମସ୍ତେ ସେଇ ତଳ ଅଗଣାରେ ମୁଣ୍ଡରେ ହାତ ଦେଇ ବସି ପଡ଼ିଛନ୍ତି ।

ପୁଅ ପ୍ରତି ତାଙ୍କର କର୍ତ୍ତବ୍ୟ କଥା ଚିନ୍ତା କରି କିଛୁ କରିବା ଆଗରୁ ସେମାନଙ୍କ ପ୍ରତି ତା' କର୍ତ୍ତବ୍ୟ ପଥରେ ତାକୁ ଆଗେଇ ଯିବାକୁ ହେବ ।

ଉପେନ୍ ଆଗେଇଗଲା ସେଇ ହଗହଜା ଅନ୍ଧାର ଭିତରେ ଜୀବନର ନୂତନ ଆଲୋକ ପାଇଁ କେଉଁଠି ଅଭିମୁଖେ ।

ଷ୍ଟେସନକୁ ସେଇ ଅନ୍ଧାର ରାତିରେ, ପଲ୍ଲୀ ଗାଁର ଅଣଓସାରିଆ ହିଡ଼ ବାଟ ଉପରେ, ପାସେଞ୍ଜର ଟ୍ରେନ୍ ଧରିବାକୁ କ୍ଷିପ୍ରବେଗରେ ଚାଲୁ ଚାଲୁ ଉପେନ୍ ଭାବି ଚାଲିଲା—କଟକ ଗଲେ ହିଁ ସେ ଖୋଜିନେବ ଗୋଟାଏ ଚାକିରି । ଫାଷ୍ଟକ୍ଲାସ ପାଇ ସେ ପାଶ୍ କରିଛି ବି. ଏ. । ଚାକିରି ତାକୁ ନ ମିଳିବ ତ ମିଳିବ କାହାକୁ ? ଏମ୍. ଏ. ଟା ପାଶ୍ କରିଥିଲେ ଅବଶ୍ୟ ଭଲ ହୋଇଥାନ୍ତା, କିନ୍ତୁ ଘର ? ଘର ଯେ ଏକବାରେ ଅଚଳ । ରୋଜଗାର କରି ଟଙ୍କା ନ ଦେଲେ ଚଳିବେ କେମିତି ! ଏ କାଳ ମହରଗରେ—ଟଙ୍କାରେ ଚାରି ସେର ଧାନ ମିଳିବା ମୁସ୍କିଲ୍ ଯୁଠି—ସାହାଯ୍ୟ ନ କଲେ ଏତେ ବଡ଼ କୁଟୁମ୍ବକୁ ନେଇ ବାପା କୁଆଡ଼କୁ ହେବେ ? ବାପା ଯେ ଏପରି ଭାବରେ ରାଗିଲେ ବାସ୍ତବିକ୍ କିଛି ଦୋଷ ନାହିଁ ତାଙ୍କର । ହଇଗଞ୍ଜି ହୋଇ ମରୁଛନ୍ତି ସେ, କିଏ ବୁଝୁଛି ତାଙ୍କର ଦୁଃଖ ? ବହୁତ ସହିଲେଣି ସେ, ବହୁତ ଭୋଗିଲେଣି । ଏଣିକି ମୁକ୍ତି ଦେବାକୁ ହବ ତାଙ୍କୁ ପାରିବାରିକ ଜଞ୍ଜାଳରୁ ।

ଭାବି ଭାବି ଚାଲୁ ଚାଲୁ ହଠାତ୍ ଅନ୍ୟମନସ୍କ ଭାବରେ ଚାହିଁଲା ସେ ଆକାଶକୁ । ତାରାରେ ଭରିଯାଇଛି ସମସ୍ତ ଆକାଶ । ଅନ୍ଧାର ଜମିଯାଇଛି ଗହଳ ହୋଇ ଚାରିଆଡ଼େ । ବିଲ ମଝିରେ କୁଉଠି କେମିତି ଛିଡ଼ା ହୋଇଛି ଆକାଶଛୁଆଁ ଗୋଟାଏ ଗୋଟାଏ ଉଚ୍ଚ ତାଳଗଛ । ଛୋଟ ଛୋଟ ଗାଁଗୁଡ଼ିକ ଅନ୍ଧାର ଭିତରେ ଖୁବ୍ କଳା ହୋଇ ବାରି ହେଉଛି ଦୂରକୁ ! ଯେପରି ପ୍ରାଣ ନାହିଁ ସେମାନଙ୍କର । ମୃତ୍ୟୁର କାଳିମା ଯେମିତି ଘେରି ରହିଛି ଚାରିପାଖେ । ଏତେ ଟିକିଏ ସୋର ଶବ୍ଦ ନାହିଁ ! ଆଲୁଅର ଏତେ ଟିକିଏ କ୍ଷୀଣ ରେଖା ବି ଦିଶୁନି କେଉଁ ଗାଁରେ ! ଅନାହାରରେ, ଅନ୍ଧକାରରେ ସମସ୍ତ ପଲ୍ଲୀପ୍ରାଣ ଯେମିତି ନିର୍ଜୀବ ହୋଇ ଢଳିରହି ମରଣର ବିଭୀଷିକା ଦେଖୁଛି । ତାର ବକ୍ଷୋଦ୍ଭୂତ ଦୀର୍ଘ ନିଶ୍ୱାସର ଶବ୍ଦ ଶୁଭୁଛି ପ୍ରବହମାନ ଦମକା ପବନର ମନ୍ଥର ହିଲ୍ଲୋଳରେ ।

ହାୟରେ ଉପେକ୍ଷିତ ପଲ୍ଲୀ ! ତୋର ମାଟିର ସୁନାର ଫସଲରେ କେତେ ସହର, କେତେ ନଗର, କେତେ ସାମ୍ରାଜ୍ୟ ଗଢ଼ା ହୋଇ ବିଶ୍ୱ ସଭ୍ୟତାର ଇତିହାସରେ ଯୁଗାନ୍ତର ଆଣିଲା—କିନ୍ତୁ ତୋ ଦୁଃଖ ନିର୍ଯ୍ୟାତନାର ଅବସାନ ହେଲା ନାହିଁ ଆଜି ଯାଏ । ଏବେ ବି ତୋ ମାଟିର ସନ୍ତାନମାନେ ଖାଇବାକୁ ପାଇଲେନି ପେଟ ପୂରେଇ ହି ବକ୍ତ । 'ହା-ଅନ୍ନ', 'ହା-ଅନ୍ନ'ର ମର୍ମଭେଦୀ ଆର୍ତ୍ତନାଦ ଏବେ ବି ତୋ ବାୟୁ-ମଣ୍ଡଳରୁ ମୁହୂର୍ତ୍ତକ ପାଇଁ ବନ୍ଦ ହେଲା ନାହିଁ ।

ନିରନ୍ନ ପଲ୍ଲୀବାସୀଙ୍କ ଦୁଃଖରେ ମ୍ରିୟମାଣ ଉପେନ୍‌ର ହୃଦୟ କ୍ଷଣେକ ପାଇଁ ବିଦ୍ରୋହୀ ହୋଇଉଠିଲା । ଆଉ ସେଇ ବିଦ୍ରୋହର ଉତ୍ତେଜନାରେ ସେ କେତେ ଜୋରରେ ଯେ ଚାଲିଛି ଉନ୍ମାଦଙ୍କ ପରି, ଖିଆଲ ନାହିଁ ତାର । ହଠାତ୍ ଷ୍ଟେସନ ଘଣ୍ଟାର ଟିଂ ଟିଂ ଶବ୍ଦ ଶୁଣି ତା ହୋସ୍ ଫେରିଆସିଲା; ଚାହିଁ ଦେଖିଲା ଅଳ୍ପ ଦୂରରେ ଷ୍ଟେସନ । ଷ୍ଟେସନ ତଳେ ନାଲି ସଡ଼କ ଧାରରେ ଝାଁପୁଲା ଗଛପତ୍ର ସନ୍ଧି ଭିତରୁ ଫୁଟି ଦିଶିଲା ପ୍ଲାଟଫର୍ମ ଉପରେ କିରସିନି ବତ୍ତିର ଦରଦରକିଆ ଆଲୁଅ । ଗାଡ଼ି ଆସିବାର ବେଳ ହୋଇଗଲା, ଧାଇଁଲା ଉପେନ୍ ପ୍ରବଳ ବେଗରେ । ଦୂରରୁ ଦିଶିଲା ପାସେଞ୍ଜର ଟ୍ରେନର ହେଡ଼ ଲାଇଟ୍ ! ଘର୍ଘର ନିର୍ଘୋଷରେ ନିର୍ଜନ ପଲ୍ଲୀଗ୍ରାମର ବକ୍ଷ ବିଦୀର୍ଣ୍ଣ କରି ଦୁରନ୍ତ ବେଗରେ ଛୁଟି ଆସୁଛି ପାସେଞ୍ଜର ! ଗୁହୁଁ ଗୁହୁଁ ପ୍ଲାଟଫର୍ମର ପ୍ରତ୍ୟେକ ଅଣୁ ପରମାଣୁ ଥର ଥର କରି କମ୍ପି ଉଠିଲା । ଟିଂ-ଟିଂ-ଟିଂ ! ପୁଣି ବାଜିଉଠିଲା ଘଣ୍ଟା । ଅଳ୍ପ କେତୋଟି ମୁହୂର୍ତ୍ତ ଭିତରେ ଗୋଟାଏ କାନଅତଡ଼ା ସିଟିର୍ ଆବାଜ କରି ପ୍ଲାଟଫର୍ମ ଉପରେ ଆସି ଛିଡ଼ା ହେଲା ପ୍ରକାଣ୍ଡ ଟ୍ରେନ୍ । ଉପେନ୍ ଥରେ କାମିଜ ପକେଟରେ ହାତ ମାରିଲା । ଗୋଟିଏ ହେଲେ ପଇସା ନାହିଁ ପାଖରେ । ଉତ୍ତେଜନାରେ ଚାଲିଆସିଛି ସେ ଘରୁ; ଭୁଲିଯାଇଛି ଗାଡ଼ି ଖର୍ଚ୍ଚ ପର୍ଯ୍ୟନ୍ତ ଆଣିବାକୁ । ହଉ ଦେଖାଯିବ ! ଫଟ୍‌କିନି ଗୋଟାଏ ଥାର୍ଡ୍ କ୍ଲାସ କମ୍ପାର୍ଟମେଣ୍ଟ ଭିତରେ ଉଠି ପଡ଼ିବାକୁ ସେ ଚେଷ୍ଟା କଲା । କିନ୍ତୁ ଏ କ'ଣ ? ଏ ଯେ ଅସମ୍ଭବ ରକମର ଭିଡ଼ । ପଛରୁ ତ ଗାଡ଼ିଟା ଆସିଲା—ମଝିରେ ଏଇ କେତୋଟା ଷ୍ଟେସନ । ଯାହା ଭିତରେ ଏତେ ଯାତ୍ରୀ ଆସିଲେ କୁଉଠୁ ? କୁଆଡ଼େ ବା ଯାଉଛନ୍ତି ଏମାନେ ? କ'ଣ ପାଇଁ ବା ଯାଉଛନ୍ତି ? ଚାକିରି ? କି ଚାକିରି କୁଉଠି ଥୁଆ ହୋଇଛି ଏମାନଙ୍କ

ଯାଇ ? କଲିକତା ? କଲିକତାରେ କୁଲିଗିରି ? ଛି, ଛି, କି ଲଜ୍ଜା ! କି ଅପମାନ ! ଓଡ଼ିଆ ଜୀବନର କି କୁତ୍ସିତ ପରିଣତି ! ଗଜପତି ଜାତିର କି ଶୋଚନୀୟ ଅଧଃପତନ !!

ଗାଡ଼ିରେ ଚଢ଼ିବା ଭୁଲିଯାଇ ଉପେନ୍ ଅନ୍ୟମନସ୍କ ଭାବରେ ଭାବିଚାଲିଛି । ଏତିକିବେଳେ ଦଳେ ଯାତ୍ରୀଙ୍କ ଘେର ଭିତରେ ସେ ହଠାତ୍ ଚପି ହୋଇଗଲା ଗୁରିପଟୁ । ଏଡ଼ିକି ଟିକିଏ ଷ୍ଟେଟ ଷ୍ଟେସନରେ ମଧ୍ୟ ଯାତ୍ରୀଙ୍କର ସୁମାରି ନାହିଁ । ମଙ୍ଗଳ ବାରି ବୁଧ ଚାହାନ୍ତି । ଶୁଭ ଦିନ ଦେଖି ବାହାରିଛନ୍ତି ବିଦେଶ କରି—ଅଖ ଚାଖ ଗାଁଲୋକେ ଏକାଠି ଏକମେଳ ହୋଇ । ଷ୍ଟେସନ ବତିର ମୁମୂର୍ଷୁ ଆଲୋକରେ ଉପେନ୍ ନିରୀକ୍ଷଣ କରି ଦେଖିଲା—ଏମାନେ ଆଜି ସେ କଲିକତାଫେରା କଲିକତା ବାବୁ ନୁହନ୍ତି—କଲିକତାରୁ ଫେରିବା ଚେହେରା··କଲିକତାକୁ ଗଲା ବେଳକୁ ନାହିଁ ।

ନ'ହାତିଆ ଲୁଗା ନାହିଁ, ଗୁଞ୍ଜା ଗୁଣ୍ଡି ଭରତି ବଟୁଆ ନାହିଁ, କି ଛତା ଜୋତାର ଜମକ ନାହିଁ; ଆଣିଥିଲେ ଯାହା ରୋଜଗାର କରି—ଗଣ୍ଠିଲିରେ ଗୁଡ଼େଇ-ପୁଡ଼େଇ, ବାନ୍ଧି-ବୁନ୍ଧି, ଗୁରିଟି ହାଟ ପାଳରେ ସେତକ ନିଃଶେଷ କରି ଫେରି ଯାଉଛନ୍ତି ପୁଣି ଫୁଙ୍ଗୁଲା ଦେହରେ । କାନ୍ଧରେ ଛିଣ୍ଡା ଗାମୁଛା, ଆଉ ଅଣ୍ଟାରେ ଛ' ହାତିଆ କଟିଆ ଗୁଡ଼େଇ ହୋଇ କୌଣସିମତେ ଲଜ୍ଜାକୁ ଢାଙ୍କି ରଖିଛନ୍ତି । ମୁହଁରେ ପନ୍ଦର ପନ୍ଦର ଦିନର ଦାଢ଼ି । ମୁଣ୍ଡରେ ତେଲ ହାତ ବାଜିନି .କେତେ ଦିନ ଧରି କେଜାଣି—ଗାଁ ଟଙ୍କ ପାଣିରେ ବୁଡ଼ି ନୁଖୁରା ବାଳ ଅଠା ଧରି ଜଟ ବାନ୍ଧି-ଯାଇଛି ଏକ ପ୍ରକାର । ଅନାହାରପ୍ରପୀଡ଼ିତ ଚେହେରା—ଯେପରି ଦଶ ଦଶ ଦିନର ହଇଜା ମଲୁ । କୁତ୍ସିତ—କଦାକାର । ଦେହ ମୁଣ୍ଡରେ କିପରି ଗୋଟାଏ ଆଇଁଷିଣିଆ—ପୁରୁକୁଟିଆ ଗନ୍ଧ !!

ହଠାତ୍ ଗାର୍ଡ ସାହେବର ହୁଇସିଲ୍ ବାଜିଉଠିଲା । ଉପେନ୍ ଉଠିଲା ଚମକି । ଏ କ'ଣ, ଏତେବେଳ ଯାଏ ଗାଡ଼ିରେ ସେ ଉଠିନି ! ଗାଡ଼ି ଛାଡ଼ିଦବ ଯେ ! ଖୁବ୍ ଜୋରରେ ସେ ଧାଇଁଲା ଦି ପାଙ୍କର ଡବା

ଆଡ଼େ । ଉଃ, କି ଭିଡ଼ ! ଗୋଟାଏ ଜାଗାରେ, ଲଗିଛି ଟଣାଟଣି, ଗୋଟାଏ ଜାଗାରେ ଠେଲାଠେଲି, ପିଟାପିଟି । ଖାକି ପୋଷାକପିନ୍ଧା ଭାରତୀୟ ମିଲିଟାରୀ ଲୋକ ଠିଆ ହୋଇଛନ୍ତି ଯମଦୂତଙ୍କ ପରି ଦୁଆର ଜଗି ! କାଲି ବେକାର ଥିଲାବେଳେ ଯେ ମଣିଷ ଭାଇ ପାଖରେ ସେମାନେ ହାତ ପାତି ଛିଡ଼ା ହେଉଥିଲେ···ଆଜି ଖଣ୍ଡେ ଖଣ୍ଡେ ଖାକି ପୋଷାକ ଆଉ ନେଳୀ ନାଲି କନାର ବ୍ୟାଜ ପିନ୍ଧି ସେମାନେ ସେପରି ମଣିଷକୁ ପଶୁ ପରି ଦଳି ଦବାର ବିପୁଳ ପରାକ୍ରମ ପାଇଛନ୍ତି ! ସରକାରି ବାହାଦୁରଙ୍କ ଖାସ୍ ଲୋକ ସେମାନେ !! ସେମାନେ ଲଢ଼ୁଛନ୍ତି···ବାସ୍— ସେମାନେ ହାସଲ କରିଛନ୍ତି ମନୁଷ୍ୟତ୍ୱର ସାର୍ଥକତା !! ନ ଲଢ଼ୁଛନ୍ତି ଯେମାନେ ସେମାନେ ସବୁ ଜାନୁଆର ! ପଶୁଠୁ ବି ଅଧମ ! ଲଢ଼ି ବଞ୍ଚିବା ପାଇଁ ସେମାନେ ବଞ୍ଚିଥିବା ଲୋକଙ୍କୁ ଦଳିବେ । ତାଙ୍କର ଗୌରବ୍ ବୁଟ୍ ତଳେ ଦଳି ପିଷ୍ଟ କରିଦେବେ । ସେମାନେ ସରକାରୀ ଲୋକ । ସେମାନେ ମଣିଷ । ସେମାନେ ଖୋଦା ଉପରେ ଖୋଦାଗିରି କରିବାକୁ ହକ୍‌ଦାର । ହାୟରେ ଭାରତୀୟ ମିଲିଟାରୀ ମେଣ୍ଟାଲିଟି ! ଭାରତବାସୀଙ୍କୁ ବଞ୍ଚାଇବା ପାଇଁ ଏମାନେ ମିତ୍ର ଶକ୍ତି ସହିତ ମିଳି ଚକ୍ର ଶକ୍ତି ବିରୁଦ୍ଧରେ ଲଢ଼ୁଛନ୍ତି, ଲଢ଼ୁଛନ୍ତି ହିନ୍ଦୁସ୍ଥାନର ମୁକ୍ତି ପାଇଁ ! ଦେଶ ଭାଇଙ୍କୁ ସ୍ୱାଧୀନ କରିବା ପାଇଁ । ଛେଃ—

ଉପେନ୍ ଭୂତ ଅବଜ୍ଞାରେ ସେମାନଙ୍କ ଆଡ଼କୁ ଥରେ ଚାହିଁ ଆଉ ଗୋଟାଏ ଡବା ଆଡ଼େ ଗଲା । କିନ୍ତୁ ସେ ଡବାଟିରେ ବି ସେ ଭୀଷଣ ଭିଡ଼ ! ସେ ଉଠିବ କେମିତି ? ଗାଡ଼ି ଇଞ୍ଜିନ୍ ହୁଇସିଲ୍ ଦେଲା । ଗାଡ଼ି ଚାଲିଲା ଖୁବ୍ ଧୀରେ । ହଠାତ୍ ଜଣେ କିଏ ସାମନା କାମେରା ଭିତରୁ ପାଟିକରି ଉଠିଲା···ଉପେନ୍ ! ତାପରେ ଟିକେ ଆଲୁଅ ପଡ଼ିଲା ତା ମୁହଁରେ—

—କିଏ, ବ୍ରଜ ?

—ହଁ, କଟକ ଯିବୁ ନା କ'ଣ ?

—ହଁ ଭାଇ !

—ଆ, ଉଠିଆ ବେଗେ ! ବ୍ରଜ ହାତ ବଢ଼ାଇଦେଲା । ଉପେନ୍

ଉଦୁଙ୍କିଗଲା ପାଦୁପର୍ଯ୍ୟନ୍ତ ଜୋର୍ ଦେଇ । ମୁହୂର୍ତ୍ତକ ଭିତରେ ଉପେନ୍ କରୁଡ଼ି ହୋଇ ଢୁକିଲା କମ୍ପାର୍ଟମେଣ୍ଟ ଭିତରେ—ଗୁଡ଼ାଏ ଲୋକଙ୍କ ମୁଣ୍ଡ ଉପରେ । ଦା ଚାରି ଜଣଙ୍କ ନେଡ଼ାରେ ନିର୍ଧୁମ ଠେଲା ବାଜିଲା ତା ପିଠିରେ । ବାଜୁ ପଛେ, ଉପେନ୍ ଭାବିଲା—ଭାଗ୍ୟ ଭଲ, କୌଣସିମତେ ସେ ଟ୍ରେନରେ ଚଢ଼ିପାରିଛି ।

ପ୍ଲାଟଫର୍ମ ଛାଡ଼ି ଟ୍ରେନ୍‌ର ଇଞ୍ଜିନ୍ ହୁସ୍ ହୁସ୍ ଶବ୍ଦ କରି ବେଗ ନେଲା ।

ବ୍ରଜ କହିଲା—ଆ, ଏଇଠି ବ ।

—କି ଅନ୍ଧାର ! କି ଯେ ମୂଢ଼ି ହେଲା ! ରାତିରେ ବି ଗାଡ଼ି ଭିତରେ ବତି ନାହିଁ ! କିଛି ଦେଖାଯାଉଛି ? ତୋ ଟର୍ଚ୍ଚଟା ଟିକିଏ ପକା । ଉପେନ୍ ଯୁ'ା ଟା କାନ୍ଧରେ ଭରା ଦେଇ କୌଣସିମତେ ଉଠି ଛିଡ଼ା ହବାର ଚେଷ୍ଟା କଲା ।

ବ୍ରଜ ଟର୍ଚ୍ଚ ପକେଇଲା । ଉପେନ୍ ପ୍ରଥମେ କାମେରାର ଚାରିଆଡ଼େ ଚାହିଁଲା । ପ୍ରାୟ ଦୁଇଶ' ଖଣ୍ଡେ ଲୋକ, ଚୁଙ୍ଗା-ଚୁଙ୍ଗି, ଚପା-ଚପି । ନିଶ୍ୱାସ ଯିବାର ବି ରାସ୍ତା ନାହିଁ ।

—ବସିପଡ଼ ଏଇଠି । ବ୍ରଜବଲ୍ଲଭ କହିଲା···କ'ଣ କରିବୁ ଆଉ ? କଟକ ପର୍ଯ୍ୟନ୍ତ କୌଣସିମତେ—

—ହଁ, ହ ବସିବାକୁ ପଡ଼ିବ ଟିକିଏ । କହି ଉପେନ୍ ଜାକି-ଜୁକି ହୋଇ ସେଇ ସଂକୀର୍ଣ୍ଣ, ଅପରିସର ଜାଗା ଟିକକରେ ବସୁ ବସୁ କହିଲା—ଭାଗ୍ୟକୁ ତୁ ଦେଖିନେଲୁ, ନଇଲେ କଟକ ଯିବା ମୋର ନ ହୋଇଥିଲା ଆଜି । କିନ୍ତୁ···ଅନ୍ଧାରରେ ତୁ ମତେ ଏପରି ନିର୍ଭୁଲ ଭାବରେ ଚିହ୍ନିଲୁ କେମିତି ?

—ତତେ ପୁଣି ଚିହ୍ନିବାକୁ ଭୁଲ୍ ହବ ନା କ'ଣ ? ଅନ୍ଧାର ଭିତରେ ତୋ ଗୋରା ମୁହଁଟା ଆହୁରି ବେଶୀ ଦାଉ ଦାଉ ହୋଇ ବାରି ହୁଏ । ଖୁବ୍ ଲୋକଗହଳି ଭିତରେ ତୋ ଉପସ୍ଥିତିଟା ବରଂ ବେଶି ତୀବ୍ର ଭାବରେ ଅନୁଭୂତ ହୁଏ ।

ବ୍ରଜ ଟିକିଏ ଥଙ୍ଗ ଥଙ୍ଗ ହୋଇ କହିଚାଲିଲା—ସାଧାରଣ ଭିତରେ ତୁ ଅସାଧାରଣ, ସମସ୍ତଙ୍କ ଭିତରେ ତୁ ସ୍ୱତନ୍ତ୍ର । ତୁ ଥିଲେ, ତତେ ଖୋଜ ବାହାର କରିବାକୁ କ ଚାହିଁ ଟାଣି ଆଣିବାକୁ ଆଦେଶୀ ବୁଦ୍ଧି, ବଦ୍ୟା ଟର୍ଚ୍ଚ କରିବାକୁ ପଡ଼େ ନାହିଁ । ଆଉ ତା ଛଡ଼ା— ଏଇ ଷ୍ଟେସନରେ ଟାଙ୍ଗ ଚୁଡ଼ା ହେଲା ବେଳୁ, ମୁଁ ଜାଣେ କ ନା ତମର ଗାଁ ଷ୍ଟେସନ ଏଇଟା, ତୋର କଥାଇ ବରାବର ଭାବୁଥିଲି । ଦି'ଦିନ ହେଲା ପରୀକ୍ଷାଫଳ ବାହାରିଲାଣି, ଗାଁକୁ ଅଚିହ୍ନ—ଖବରଟା ପାଇଛୁ କି ନାହିଁ ?

—ହଁ, ପାଇଛୁ, ନେହାନନ୍ଦ ତାର କରିଛି ମୋ ପାଖକୁ । ତାକୁ ଯାଇଁ ଗୋଟାଏ ଧନ୍ୟବାଦ ଦେବି । ହୁଁ, ତୋର କ'ଣ ହେଲା ?

—ଭଗବାନଙ୍କୁ ଧନ୍ୟବାଦ, ପାଶ୍‌ଟା କୌଣସିମତେ କରିଛି । ଇକନମିକ୍‌ସ ପେପର୍‌ଟା ଯୁ' ହୋପ୍‌ଲେସ୍ ହୋଇଥିଲା, ତା ତ ତୁ ଜାଣୁ । ଏ ଘାଟୀଟା ପାର ହୋଇଗଲା ସେଇ ଯଥେଷ୍ଟ । କିନ୍ତୁ ତତେ ଫିଷ୍ଟ୍ ଦବାକୁ ପଡ଼ିବ । ଫିଷ୍ଟ ନ ଖାଇ ଆମେମାନେ ତତେ ଛାଡ଼ୁନୁ ଏଥର । ଫାଷ୍ଟକ୍ଲାସ୍ ପଇ ବି ଏ ପାଶ୍ କରିଛୁ—ଫିଷ୍ଟ୍ ଦବାକୁଇ ପଡ଼ିବ ତତେ ।

—ବେଶ୍ ! ଉପେନ୍ ମନକୁ ମନ ହସି ହସି କହିଲା—ଚାଲ, କଟକ ତ ଯାଉଛି । ମେସ୍‌ର ବଟଡ଼ା ଚାଉଳ ଭାତ ଦିନେ ଖୁଆଇ ଦେବି ।

—ତ ହେଲେ ଫିଷ୍ଟ୍ ଖିଆ ହୋଇଚ ! ତୋ ବଗଡ଼ା ଚାଉଳ ଭାତର ସେ ଲମ୍ବା ଚଉଡ଼ା କସରା ଚେହେରା କଳ୍ପନା କରି ମୋ ଫିଷ୍ଟ୍ ଖାଇବା ସଉକ୍ ଏଇଠୁ ଚୁଡ଼ି ପଳେଇଲାଣି ।

—ଆରେ, ସେ ବଗଡ଼ା ଚାଉଳ ଭାତ ବା ମିଳୁଚି କୁଉଠି ! ତୁ ସିନା ବଡ଼ଲୋକର ପିଲା !

—ବଡ଼ଲୋକ କ'ଣ ? ବ୍ରଜବଲ୍ଲଭ କହିଲା—ଭାଗ୍ୟକୁ ରେସନ୍ କଣ୍ଟ୍ରୋଲିଂ ଅଫିସରେ ଦାଦାଙ୍କର ଜଣେ ବନ୍ଧୁ ଅଛନ୍ତି ବୋଲି ଯୁଦ୍ଧ

ବଜାରରେ ଚାଉଳ ମଡ଼କରୁ ରକ୍ଷା ପାଇଚୁ ଆମେ । ନଇଲେ ତ ଗୋଡ଼ି ଚାବେଇ ଚାବେଇ ଅଧା ପାଟି ଦାନ୍ତ ଉଡ଼ିଯାଆନ୍ତାଣି ।

—ଚାଉଳ ମଡ଼କରୁ ରକ୍ଷା ପାଇଛ ଯେତେବେଳେ···ଖୁବ୍ ଫାଇନ୍ ରାଇସ୍ ନିଶ୍ଚୟ ପାଉଥିବ ! ବ୍ଲାକ୍‌ମାର୍କେଟିଂ ତ ?

—ସେସବୁରୁ ତତେ କ'ଣ ମିଳିବ ? ଦରକାର ଯଦି ଅଛି କହ···

—ନା, ନା, ମୋର ଦର୍କାର ନାହିଁ ଭାଇ ! ଦେଶର ହଜାର ହଜାର ଲୋକ ନ ଖାଇ ନ ପିଇ ମରୁଥିବା ବେଳେ ତୁ ବନ୍ଧୁବାନ୍ଧବ ଯା'ର ଦୋସ୍ତଙ୍କୁ ଦାନଖଇରାତ କି କରିପାରୁଛୁ ଶୁଣି ଖୁସି ହେଲି । ଆମ ପାଇଁ ସେ ସରୁ ବାସ୍ନା ଚାଉଳ ନୁହେଁ । କୁପନ ନବାକୁ ପଇସା ଜୁଟେନି ଯା'ର···ତାର ଏତେ ରସିକତା କରି ପୋଷାଏନି ।

ବ୍ରଜ ଟିକିଏ ମର୍ମାହତ ହେଲା । ତାପରେ ହଠାତ୍ କଥାର ସୁର୍ ବଦଳେଇ କହିଲା—ଏମ୍. ଏ. ପଢ଼ିବୁ ତ ?

—ନା, ଆଉ ପଢ଼ିବାର ଦରକାର ନାହିଁ ।

—ମାନେ ? ଫାଷ୍ଟ କ୍ଲାସ ପାଇ ବି. ଏ. ପାଶ୍ କରି ଏମ୍. ଏ. ପଢ଼ିବୁନି ?

—ମାନେ, ଆଉ ପଢ଼ିବାଟା ମୋ ଅବସ୍ଥା ଦୃଷ୍ଟିରୁ ସାଜେନା । ଘର ଅବସ୍ଥା ଯାହା—ବହୁତ ଆଗରୁ ପଢ଼ା ଛାଡ଼ିଦେଇ ଚାକିରି କରିବା ଉଚିତ ଥିଲା ମୋର ।

—ଚାକିରି ? ତାହାହେଲେ ଚାକିରି କରିବା ଉଦ୍ଦେଶ୍ୟରେ କଟକ ଯାଉଛୁ ?

—ସେଇମିତି କହି, ସାହାଯ୍ୟ କରିପାରିବୁ ?

—କି ପ୍ରକାର ସାହାଯ୍ୟ ?

—ଚାକିରିଟା ଟିକିଏ ସୁବିଧାରେ ପାଇବା ପାଇଁ···

—ଓଡ଼ିଶାର ବାୟୁମଣ୍ଡଳ ଭିତରେ ମୋ ସ୍ୱାସ୍ଥ୍ୟଟା ଉଠିଯିବ, ମୋର ବିଶ୍ୱାସ ନୁହେଁ । ତେବେ ନେଉନୁଟା ଟିଉସନ ।

—ନା, ଟିଉସନ ମୁଁ କରିବିନି । ଦଶ ଟଙ୍କା ପାଇଁ ଗୁହଟିର ଅଭିଭାବକଙ୍କୁ ଡରି ଡରି ପ୍ରାଣ ଯିବ । ଟିକିଏ ଡେରି ହୋଇଗଲେ କି ଦଶ ମିନିଟ୍ ଆଗରୁ ଚାଲିଆସିଲେ ଯୁ କୈଫିୟତ ତଲବ, ତାଠୁ ବରଂ ଅନାହାରରେ ମରିବା ଭଲ ।

ବ୍ରଜବଲ୍ଲଭ ହସିଉଠିଲା—ଦେଖୁଛି ଭୀଷଣ ସେଣ୍ଟିମେଣ୍ଟାଲ୍ ତୁ ! ଅଚ୍ଛା, କୌଣସି ଅଫ୍‌ଷ୍ଟ୍ରୋକ୍ରାଟ୍ ଫାମିଲିରେ ପଢ଼ା ସୁବିଧା କରିଦେଇ ଦିଏ—ଯୁଠି ସମୟର ବନ୍ଧା ନିୟମ ନାହିଁ କି ରୋଜ ହାଜିରା ପକେଇବାର କଡ଼ା ତାଗିଦ୍ ନାହିଁ, ଅଥଚ ଫି'ଟା ଟିକିଏ ଆଖି-ଦୃଶିଆ—ଧର ତିରିଶ ପାଖପାଖି···

ଉପେନ୍ ମନେ ମନେ ହସିଉଠିଲା । କହିଲା—ସେଠି ତ ବଡେ଼ ଆଉରି ବେଶୀ । ସମୟର ବନ୍ଧା ନିୟମ ନାହିଁ ମାନେ—ଅଭିଭାବକ ଶିଖେଇଦେବେ ପିଲାକୁ—ମାଷ୍ଟରଙ୍କଠୁ ଯେତେ ଯାହା ସବୁ ବୁଝିନେବୁ—ଇଂରାଜୀ ପରେ ଅଙ୍କ, ଅଙ୍କ ପରେ ଇତିହାସ, ଇତିହାସ ପରେ ଭୂଗୋଳ, ଭୂଗୋଳ ପରେ ସାହିତ୍ୟ । ତା ପରେ ଟ୍ରାଲିଜ୍ ଜ୍ୟାମିତି, ସ୍ୱାସ୍ଥ୍ୟରକ୍ଷା, ସଂସ୍କୃତ, ଆଉ ଶେଷକୁ ଗୁହଟିର ଡ୍ରଇଁ ଖାତାରେ ରବର ପେନ୍‌ସିଲ ଧରି ଆଳୁ-ବାଇଗଣର ଚିତ୍ର ଅଙ୍କା ପର୍ଯ୍ୟନ୍ତ ! ସନ୍ଧ୍ୟାରୁ ରାତି ଅଧଯାଏ, ଆଉ ଅଭିଭାବକଙ୍କର ପଢ଼ା ମତରେ ବା ଫଟିନ୍ ଗାଡ଼ି ଥାଏ, ତାହାହେଲେ ଗୁହଟି ସକାଳରେ ଆସି ଉପସ୍ଥିତ ହେବେ ମେସ୍ ଘରେ ବଢ଼ିଭୋରୁ । ପାଗଳ ବନିବାର ନିର୍ଭୁଲ ପନ୍ଥା !

ବ୍ରଜ ହୋ-ହୋ କରି ହସିଉଠିଲା—ଉପେନ୍‌ର କଥା କହିବା ଭଙ୍ଗରେ । ହଠାତ୍ ଟ୍ରେନ୍‌ଟା ଗୋଟାଏ ପ୍ରବଳ ଝଙ୍କ୍ ଦେଇ ଛିଡ଼ା ହୋଇଗଲା—ବ୍ରଜବଲ୍ଲଭ ଚାହିଁଲା ବାହାରକୁ । ଆରେ, ଏ ଭିତରେ ଏତେଗୁଡ଼ାଏ ଷ୍ଟେସନ ଚାଲି ଆସିଥିଲେ ! ନେକ୍‌ଷ୍ଟ ଷ୍ଟେସନଟା ବୋଧହୁଏ କଟକ !

—ଆଗ ଷ୍ଟେସନଟା କଟକ ? ଉପେନ୍ ଅର୍ଦ୍ଧସ୍ୱଗତ ମନକୁ ମନ ଉଚ୍ଚାରଣ କଲା ।

—ହଁ, ଏଇ ଷ୍ଟେସନଟା ପରେ । ଗାଡ଼ି ଛୁଟି ଚାଲିଲା । ବ୍ରଜ ଭିତରକୁ ମୁହଁ ବୁଲେଇ ବସି ପଚାରିଲା—କୁଆଡ଼କି ଯିବୁ ଷ୍ଟେସନରେ ଓହ୍ଲେଇ ?

—ମାନେ ? ମେସ୍‌କୁ ଯିବ ।

—କେହି ଥିବେ ମେସ୍‌ରେ ?

—ତା ଅବଶ୍ୟ ନ ଥିବେ । ପୂଜାଗୋଟା ତ ଛୁଟି ନେଇ ଚାଲେଇଥିଲା ।

—ତାହେଲେ, ରାତିରେ ଯାଇ ଖାଇବୁ କ'ଣ ?

—ରାତିଟା ଏଇ ଷ୍ଟେସନରେଇ ରହିଯିବ । ଇଣ୍ଟର କ୍ଲାସ ୱେଟିଂ ରୁମ୍ ତ ଅଛି ।

—ସାରା ରାତିଟା ଷ୍ଟେସନରେ ପଡ଼ିରହିବା ଅପେକ୍ଷା···ଆମ ଘରକୁ ଗଲେ ?

—ଏତେ ରାତିରେ ଯାଇ ତମମାନଙ୍କୁ ହଇରାଣ କରିବ କାହିଁକି ? ଆଉ ତା ଛଡ଼ା ତମ ଘରକୁ ତ କେବେ ଯାଇନି !

—କେବେ ଯାଇନୁ ବୋଲି ଯେ ଯିବୁନି, ଯା'ର ତ କିଛି ମାନେ ନାହିଁ ।

—ନା, ତା ଅବଶ୍ୟ ନାହିଁ । ତେବେ, କ'ଣ ଜାଣୁ···ଆମ ଓଡ଼ିଆ ପରିବାର ଭିତରେ ଟିକିଏ ଦୋଷ ଅଛି । କେହି ଜଣେ ଅତିଥି ଆସିଲେ ଘରର ଗୃହିଣୀ ଏପରି ଢଙ୍ଗରେ କାଉଁଳା ହେଇପଡ଼ନ୍ତି ଯେ···ବିଚରା ଅତିଥିକୁ ବରଂ ଲଜ୍ଜିତ ହବାକୁ ପଡ଼େ । ଅହେତୁକ ବ୍ୟସ୍ତତା ! ଆଉ ଦ'ପ୍ରକାର ତରକାରି, ଆଉରି ଦ'ରକମର ଭଜା !! କି ଦରକାର ?

ଯାହା ଅଛି, ଯାହା ହେଉଛି···ସେଇଥିରେ···ସେଇ ସାଧାରଣ ଭିତରେ କ'ଣ ଅଭ୍ୟର୍ଥନା କରାଯାଇପାରେନା ଅନ୍ତରର ! ଅସଲ ହେଲା ଆନ୍ତରିକତା !! ଆନ୍ତରିକତାର ଅଭାବ ଥାଏ ବୋଲି ଯେତେସବୁ ଅହେତୁକୀ ବ୍ୟସ୍ତତାର ଚାଲ ! ଭଲ ଲାଗେନା ମତେ । ସେଇଥିପାଇଁ କାହା ଘରେ ହଠାତ୍ ଯାଇ କୁଣିଆଁ ହବା ଆଇଡ଼ିଆଟାକୁ ମୁଁ ପସନ୍ଦ କରେନା ।

—ବୁଝିଲି, ବ୍ରଜବଲ୍ଲଭ କହିଲା—ଅଦିନ କୁଣିଆଁ ଟିଏ ପାଇଲେ ପରିବାରର ଗୃହିଣୀ···ହଠାତ୍ ଉଚ୍ଛ୍ୱସିତ ହେଇଉଠିବା ଭିତରେ ତୁ ଆନ୍ତରିକତାର ଅଭାବ ଦେଖିପାରୁ···କିନ୍ତୁ ସେ ଉଚ୍ଛ୍ୱାସ ଭିତରେ ଯେ ଆନନ୍ଦ ନ ଥାଏ, ଯା ମୁଁ କେବେ ମାନିବିନି ।

—ହୁଏ ତ ଆନନ୍ଦ ଥାଏ ଟିକିଏ ଅଧେ ! କିନ୍ତୁ ଗୃହିଅଧରେ ଯୁ କୁଟିଆଟିର ଅତିଥିଙ୍କ ଆବିର୍ଭାବରେ ସେମାନଙ୍କୁ ସୁଖତଳ୍ପ ତେଜି ନିଦରୁ ଉଠି ଚୁଲିମୁଣ୍ଡରେ ବସି ନଳୀ ଫୁଙ୍କିବାକୁ ପଡ଼େ—ତା ଅଭ୍ୟର୍ଥନା ପାଇଁ ଆନନ୍ଦ ତ ଦୂରର କଥା, ଈଶ୍ୱର କୃପା କଟାକ୍ଷ ଥାଏ କି ନା ସନ୍ଦେହ ।

—ହଁ, ହଁ, ଖୁବ୍ ଥାଏ—ଖୁବ୍ ! ମୁଁ କିଛି ଶୁଣିବିନି । ଯିବାକୁ ପଡ଼ିବ ତତେ ମୋ ସାଙ୍ଗରେ । ତୋ ପାଇଁ···ହୁଏତ ଟିକିଏ କଷ୍ଟ କରିବେ ଖୁଡ଼ୀ ହେଉକା—କ୍ଷତି କ'ଣ ?

—ଆଚ୍ଛା, ଧନ୍ୟବାଦ !! ଜିଦ୍ ଯେତେବେଳେ ଧରି ବସିଲୁଣି, ଯିବାକୁ ପଡ଼ିବ ତୋ ସାଙ୍ଗରେ । କିନ୍ତୁ ଗୋଟାଏ ସର୍ତ୍ତରେ, କାଲି ସକାଳେ ମତେ ତୋ ସାଇକେଲ ଟିକିଏ ଦବୁ କେତେ ଘଣ୍ଟା ପାଇଁ ।

—କାମ ଖୋଜି ବାହାରିବୁ ? ବ୍ରଜ ଅନୁମାନ କରି ହସି ଉଠିଲା ।

—ତୁ ହସୁଛୁ ? ଉପେନ୍ କହିଲା । ଠିକ୍ ଦେଖିବୁ—ମୁଁ କାଲି ନିଶ୍ଚୟ ଗୋଟାଏ କାମ ଯୋଗାଡ଼ କରିନେବ ।

—ତୋ କାମ କରିବାର ଅସାଧାରଣ ଶକ୍ତି ଉପରେ ମୋର ଅଟଳ ବିଶ୍ୱାସ ଥିଲେ ବି ତୋର କାମ ଯୋଗାଡ଼ କରିଦେବାର ଚେଞ୍ଜାସ୍ପୃାନ୍ ଭାଗ୍ୟ ଉପରେ ମୋର ଏତେ ଟିକିଏ ହେଲେ ଆସ୍ଥା ନାହିଁ । ଓଡ଼ିଶାର ପଲିଟିକ୍ସ ଯାହା···

—ପଲିଟିକ୍ସ ? ମାନେ ?

—ମାନେ ପଲିଟିକ୍ସ ! ବ୍ରଜବଲ୍ଲଭ କହିଲା—ରାଜନୀତି, ଦଳନୀତି, ଜାତିନୀତି, ମତଗତି, ପ୍ରିୟାପ୍ରୀତି, ଭାବଦୋଷ୍ଟି ସବୁ କିଛି । କଟକରେ ୯ଟେ ବର୍ଷ ଧରି ରହିଲୁ—ଦେଶର ସବୁଠୁ ଚମକପ୍ରଦ ସମ୍ବାଦ ଜାଣୁନୁ ?

—କ'ଣ କହୁଚୁ ଭୁ ! ଉପେନ୍ ଆଶ୍ଚର୍ଯ୍ୟରେ ପଚାରିଲା— ଚମକପ୍ରଦ ସମ୍ବାଦ କ'ଣ ?

—କ'ଣ, ଆସ୍ତେ ଆସ୍ତେ ବୁଝିବୁ ଯେ ! ଜୀବନର ବୃହତ୍ତର ପଥ ଉପରକୁ ଗାଡ଼ି ପାହାଚିଲ ସାଇକେଲ ଧରି ତ ଓହ୍ଲାଇବୁ ।

ପୋଲ ଉପରେ ଟାଙ୍ଗି ଗଡ଼ିଲାବାର ଦୁମ୍‌ଦୁମ୍ ଆବାଜ୍—ବ୍ରଜ ପାଟିକରି ଉଠିଲା—ହେଇଗଲା କଟକ ! ଗଡ଼ିଲ । ଜିନିଷପତ୍ର କିଛି ନାହିଁ ପରା ତୋର ! ମୋର କାନ୍ଧୁ ସୁଟ୍‌କେଶ୍ ଛଡ଼ା ଦି'ଟା ମସ୍ତ-ମସ୍ତ ଗଣ୍ଠିଲି । "ଝୁକା" ୯ଇଟି ଅଛି କି ନା—ବୋଉ ଦେଇଛି ବାନ୍ଧି-ବୁନ୍ଧି ଗାଁଟା ଯାକର ଜିନିଷ !

— ଝୁକା ? ଉପେନ୍ ପଚାରିଲା—ତୋର କୌଣସି ବଙ୍ଗାଳୀ ବନ୍ଧୁବେଶିନୀ ?

—ଅରେ ନା । ମୋର ସାନ ଭଉଣୀ "ବନଜା" । ୯କାଠି ଚଉଡ଼ୁ କି ନା—

ଉପେନ୍ କିଛି ଉତ୍ତର ଦେଲା ନାହିଁ । ମନେ ମନେ ସେ କେବଳ ଭାବିଲା, ଗଡ଼ିଲଚଳନରେ ଓଡ଼ିଶାର ଶିକ୍ଷିତ ସମ୍ପ୍ରଦାୟ କେତେ ବଙ୍ଗାଳୀ

ହେଇଯାଉଛନ୍ତି । ଝୁକା ! କ'ଣ ଯୁକା' ମାନେ ? କି ଓଡ଼ିଆ ଶବ୍ଦ ବା ଏ ? ବଙ୍ଗାଳୀ ଅନୁକରଣରେ ଏପରି "ଖୁକା" ବୋଲି ଡାକିବାରେ ବା କି ତାତ୍ପର୍ଯ୍ୟ !! କିନ୍ତୁ ତଥାପି ଏମାନେ ଏପରି ହେବାକୁ ଯେପରି ପ୍ରତିଜ୍ଞାବଦ୍ଧ । ଓଡ଼ିଶାର ଶିକ୍ଷିତ ପରିବାର ଭିତରେ, ବଙ୍ଗାଳୀ ପରି ଆଧୁନିକ ହେବାର ଝୁଙ୍କ୍ ଆଜି ଏପରି ପ୍ରବଳ ଭାବରେ ମାଡିଉଠିଛି ଯେ··· ଉପେନ୍ ଭାବିଲା—ହୁଏତ ଆଉ ଅଳ୍ପ କେତୋଟା ବର୍ଷ ଭିତରେ ଓଡ଼ିଆ ଜାତିର ନିଜସ୍ୱ ସଂସ୍କୃତି ଏକାଥରେ ବିଲୁପ୍ତ ହୋଇଯିବ । ନାଁରେ, ବେଶଭୂଷାରେ, ଚାଲିଚଳନରେ, କଥାଭାଷାରେ ଆଧୁନିକ ଓଡ଼ିଆଙ୍କଠି ବାଙ୍ଗାଳିମିର ବାଦବାକି ଏପରି ଉତ୍କଟ ଆଉ କଦର୍ଯ୍ୟ ଭାବରେ ଫୁଟି ଉଠିଲାଣି ଯେ, ଏ ଜାତିକୁ ଓଡ଼ିଆ ଭାବରେ ବଞ୍ଚାଇ ରଖିବା ପାଇଁ···ଓଡ଼ିଶା ଆସେମ୍ବ୍ଲିରେ ଏକ କଡ଼ା ଆଇନ ପାଶ୍ କରେଇ—ପ୍ରତ୍ୟେକ ଓଡ଼ିଆକୁ ମୁଣ୍ଡରେ ଚୁଟି, କାନରେ ନୋଳି, ବେକରେ ମାଳି, ହାତରେ ଝଡ଼ୁ ଆଉ ଅଣ୍ଟାରେ ବନ୍ଧୁଆ ଝୁଲେଇ···ଓଡ଼ିଆର ପରମ୍ପରାଗତ ଜାତୀୟ ଭୂଷଣରେ ଭୂଷିତ ହବାକୁ ବାଧ୍ୟ ନ କରାଇଲେ ଆଉ ରକ୍ଷା ନାହିଁ !

ହଠାତ୍ ହୋ ହୋ ଶବ୍ଦରେ ଉପେନ୍‌ର ସମସ୍ତ ଭାବନା ବିକ୍ଷିପ୍ତ ହୋଇଗଲା । କଟକ ଷ୍ଟେସନ ! ଟ୍ରେନ୍ ଠିଆ ହେଲା ପ୍ଲାଟଫର୍ମ ଉପରେ । ବ୍ରଜବଲ୍ଲଭ ଗଣ୍ଠିଲି ଦିଇଟା ଓ ସୁଟ୍‌କେଶଟାକୁ ଉପରୁ ତଳକୁ କାଢ଼ି କାଢ଼ି କହିଲା—ଡାକ୍ ତ ଉପେନ୍ ଗୋଟାଏ କୁଲି ।

—କ'ଣ କରିବ କୁଲି ?

ଉପେନ୍ ସୁଟ୍‌କେଶଟାକୁ ନିଜ ହାତରେ ଟେକି ଓଜନ ଅନୁମାନ କରି କହିଲା—ଏଇ ଦଶ ପଚିଶ ସେର ଓଜନର ଗଣ୍ଠିଲି ପାଇଁ କୁଲିର ଦରକାର କ'ଣ ?

—ଦରକାର ନୁହେଁ ? ବ୍ରଜ ମନକୁ ମନ କଥାଟା ଥରେ ଆବୃତ୍ତି କରି କହିଲା—କଟକ ଷ୍ଟେସନ, କଲେଜ ପିଲାଏ ବୁଲୁଥିବେ ଆସି । ଦେଖିବେ ଯଦି···କହିବ ସେ ନିଜେ କୁଲି, କୁଲି ବୋଲି ଡାକ ପକାଇଲା ।

"ବଡ଼ଲୋକର ପୁଅ" ! ଉପେନ୍ ଅନ୍ୟମନସ୍କ ଭାବରେ କଥା କେତେ ପଦ ଉଚ୍ଚାରଣ କରି ଭାବି ଚାଲିଲା—କେତେଟା ଇଂରାଜୀ ପାଠପଢ଼ି ଏ ଦେଶର ଯୁବକ ଆଜି କି ନିଦାରୁଣ ଆତ୍ମାଭିମାନୀ ହୋଇଉଠିଛି ! କି ଅହଙ୍କାର ! ବଡ଼ଲୋକର କି ବିରାଟ ଅହମିକା !! ଯୁ ଦେଶରେ ଶହେରେ ନବେ ଖାଇବାକୁ ପାଆନ୍ତି ନାହିଁ, ସେ ଦେଶ ଯୁବକଙ୍କର ପଇସାର କି ଗର୍ବ ! ଛେଃ— ! ଟଣ୍ଡିଲଟାଏ ହାତରେ ଧରି ନବାରେ ଲଜ୍ଜା ଆଉ ସଙ୍କୋଚର ଶେଷ ନାହିଁ ! ଅଥଚ ସ୍ୱାଧୀନତା ମିଳିଲେ—ଏ ଦେଶର ଯୁବକ ପୁଣି ମରଣ ମୁଖରେ ବନ୍ଧୁକ ଧରି ଯୁଦ୍ଧ କରିବ ! ହାୟ, ମହାତ୍ମା ଗାନ୍ଧି !! ହିନ୍ଦୁସ୍ଥାନର ଏଇ ଟଙ୍କୁ, ଅଥବା, ହତଭାଗା ତରୁଣଙ୍କ ଉପରେ ବିଶ୍ୱାସ ରଖି ତୁମେ କଳ୍ପନା କରି ବସିଛ, ତୁମ ଅସହଯୋଗ ଆନ୍ଦୋଳନ ଭିତର ଦେଇ ସ୍ୱାଧୀନ ଭାରତର ଆଦର୍ଶ ସ୍ୱରାଜ !!

—ଚାଲ୍, ତଳକୁ ଚାଲ୍ ! ବ୍ରଜବଲ୍ଲଭ ଉପେନ୍‌ର ଚିନ୍ତାଧାରାରେ ବାଧା ଦେଇ କହିଲା—ତୋʼର ତ କିଛି ଜିନିଷ ନାହିଁ ।

—ନା ।

ଉପେନ୍ ଆତ୍ମସ୍ଥ ହୋଇ ସୁଟ୍‌କେଶଟାକୁ ଜବରଦସ୍ତି କୁଲି ହାତରୁ ଛଡ଼େଇ ଧରି କହିଲା—ଲୋକଟାକୁ ମାରିବୁ ନା କʼଣ ବ୍ରଜ ? ଗୋଟାଏ ଟଣ୍ଡିଲ ନେବାକୁ ତୋର ଶକ୍ତି ନାହିଁ । ଅଥଚ ତାʼ ମୁଣ୍ଡରେ ଦʼଟାଯାକ ଗଣ୍ଡିଲ ଲଦି ଦେଇ ପୁଣି ସୁଟ୍‌କେଶଟାକୁ ଧରଉଛୁ ! କୁଲି ହେଲେ ବି ସେ ଆମର ମଣିଷ ତ !!

ବ୍ରଜବଲ୍ଲଭ ଲଜ୍ଜିତ ହେଲା । କହିଲା—ହଉ, ଆଣ ପଛେ ମୋ ହାତକୁ ସୁଟ୍‌କେଶଟା—

—ନା, ଚାଲ୍, ଚାଲ୍ ! ଧରିଛି ତ ମୁଁ, କ୍ଷତି କʼଣ ?

ତା ପରେ ସେମାନେ ଫାଟକ ଆଡ଼େ ଆଗେଇଲେ ।

କେତେ ପାହୁଣ୍ଡ ଯାଇ ହଠାତ୍ ଉପେନ୍ ଥମକି ଛିଡ଼ା ହେଲା । ବ୍ରଜ ପାଖକୁ ନିକଟେଇ ଆସି ତା କାନ ପାଖରେ କହିଲା—ହଁ, ଖିଆଲ୍ ନାହିଁ ତତେ କହିବାକୁ—ଟିକଟ ତ ମୁଁ କରିନ !

—କରନୁ ବେଶ୍ କରୁଚୁ ! ଚାଲ୍, ସେଥିପାଇଁ ଭାବିବାକୁ ପଡ଼ିବ ନାହିଁ ।

—ନା, ତୁ ଆଗରେ ଯା—ମୁଁ ପଛରେ ଯାଉଛି ଟିକଏ ଛାଡ଼ ।

—କିଛି ହାତଗୁଞ୍ଜା ଦେଇଦେଲେ ଛାଡ଼ିଦବ ଯେ···ଆସ୍ ।

—ନା । ବ୍ରଜ କହିଲା ହାଲ୍କା ଗଳାରେ ।

—କିନ୍ତୁ ପଇସା ପାଉଲିଟିଏ ବି ଯେ ପାଖରେ ନାହିଁ ।

—ହଉ, ତୋ ପାଖରେ ନ ଥାଉ, ମୋ ପାଖରେ ଅଛି, ଆସ୍···

—ନା, ନା, ଏତେ ଅଯଥା ଖର୍ଚ୍ଚାନ୍ତ କରେଇବା ମୋର ଇଚ୍ଛା ନୁହେଁ । ତୁ ଯା, ମୁଁ ହୁଏ ତ ମେସ୍‌କୁ ହିଁ ଚାଲିଯିବି ।

—ପାଗଳ ନା କ'ଣ ? ବ୍ରଜବଲ୍ଲଭ ଉପେନ୍‌ର ହାତ ଝିଙ୍କି ନେଇ ନେଇ ଚାଲିଲା ଗେଟ୍ ଆଡ଼େ ।

କୁଲି ଧାଇଁଲା ଆଗରେ ଗଣ୍ଠିଲି ମୁଣ୍ଡେଇ—

ଗେଟ୍ ପାଖରେ ବ୍ରଜ ନିଜ ଟିକେଟ୍‌କୁ ଉପେନ୍ ହାତରେ ଗୁଞ୍ଜି ଦେଇ ତାକୁ ଏକପ୍ରକାର ଜବରଦସ୍ତି ଆଗେଇ ଦେଲା ଏବଂ ନିଜେ ତା ପଛେ ପଛେ ଗାର୍ ଚୈନିକଙ୍କ ପରି ମାନ୍ଦୁଣ୍ଡ ପକେଇ—ଟିକେଟ କଲେକ୍‌ଟର ହାତରେ ଟିକେଟ ପରିବର୍ତ୍ତେ ଗୋଟିଏ ଧୋବଲି ଧାତବ ଦ୍ରବ୍ୟ ଗୁଞ୍ଜି ଦେଇ କଣେଇ କରି ଟିକଏ ହସିଦେଲା ! !

"ପାଶ୍ ଅନ—ପାଶ୍ ଅନ"—ଟିକେଟ କଲେକ୍‌ଟରଙ୍କ ଖୁସି ମିଞ୍ଜାସିଆ ଗଳାର ହାଲ୍‌କା ସୁର ବାଜିଉଠିଲା—"ପାଶ୍ ଅନ—"

ପାଶ୍ କରି ଚାଲିଆସିଲା ବ୍ରଜବଲ୍ଲଭ ଉପେନ୍‌କୁ ନେଇ ବାହାରକୁ । ଗୋଟାଏ ରିକ୍‌ସା ଉପରେ ଗଣ୍ଠିଲି ବାଇଗା ଆଉ ସୁଟ୍‌କେଶ୍‌ଟାକୁ ହଜିଲ କରି ରଖି ଦି'ଅଣା ଦେଇ କୁଲିଟାକୁ ବିଦାୟ କରିଦେଲା । ତା ପରେ ଉପେନ୍ ହାତ ଧରି ଟାଣି ନେଇ ନିଜ ପାଖରେ ରିକ୍‌ସା ଉପରେ

ବସେଇଦେଇ ରିକ୍ସାବାଲାକୁ ଚାଲିବାକୁ ଇଙ୍ଗିତ ଦେଇ କହିଲା, ଦେଖିଲୁ ଆଠଣା ଲାଞ୍ଚରେ କେମିତି ସବୁ ଦଫାରଫା ।

—ଚୋରିଆଡ଼ି ଲାଞ୍ଚ, ମିଛ, ଜୁଆଚୋରି, ଠକ୍‌ବାଜି !! କି ଯୁଦ୍ଧ ଲାଗିଲା ଏ କେଜାଣି, ଛୋଟଠୁ ବଡ଼ ପର୍ଯ୍ୟନ୍ତ···ସରକାରୀ, ବେସରକାରୀ, ଯିଏ ଟିକିଏ ଉଚ୍ଚପାହାଚରେ ଅଛି, ଗରିବ, ଦୁଃଖୀରଙ୍କିକୁ ଆଖି କାନ ବୁଜି ସେ ଶୋଷଣ କରି ଚାଲିଛି । ଖାଲି ଟିକିଏ ମଉକା ! ମଉକା ମିଳିଲେ ସେମାନେ ଗରିବଙ୍କ ରକ୍ତ ଚୋଷି ପିଇଲେ—ଉପେନ୍ ଦୀର୍ଘନିଶ୍ୱାସ ନିକ୍ଷେପ କରି କହିଲା—ଏ ନିର୍ମମ ଶୋଷଣରୁ ଦରିଦ୍ର ଦୁନିଆର ମୁକ୍ତି କେବେ କେଜାଣି ?

ବ୍ରଜବଲ୍ଲଭ କିଛି କହିଲା ନାହିଁ । ସେ ଜାଣେ ଉପେନ୍‌ର ସେଣ୍ଟିମେଣ୍ଟ !! ଉପେନ୍ ମୁଣ୍ଡରେ ଯେତେବେଳେ ଖିଆଲ ଚାପେ ·· ତା ଗଳାରେ ଯେତେବେଳେ ବିଦ୍ରୋହର ସୁର୍ ଝଙ୍କୃତ ହୋଇଉଠେ··· ସେତେବେଳେ···ଚଦେ ହେଲେ କିଛି କହିବା ମାନେ—ଉତ୍ତେଜିତ ଉପେନ୍‌ର ଅନର୍ଗଳ ବକ୍ତୃତା ମାଡ଼ରେ ଅତିଷ୍ଠ ହୋଇଉଠିବା !! ବ୍ରଜବଲ୍ଲଭର ଉପେନ୍‌କୁ ଭୟ କରିବାର ଅସଲ କାରଣ ସେଇଠି । ସେ ପ୍ରମାଦ ଗଣିଲା ! ଉପେନ୍ କଥାରେ ଟିକିଏ ସହଜତା ଆଣିବା ପାଇଁ ସେ ପକେଟରୁ ଉଇଲସ୍ କାଢ଼ି ଅଫର୍ କଲା !

—ମତେ ସିଗାରେଟ୍ ଖାଇବାର ଦେଖିଛୁ କେବେ ? ପଚାରିଲା ଉପେନ୍ ।

—ହଉ ବାବା, ନ ଖାଉ ଯଦି, ନ ଖା ପଛେ···ମୁଁ ସିଗାରେଟ ଯାଚିଲି ବୋଲି···ତୁ ଦରିଦ୍ର ଭାରତ ଆଉ ବୁର୍ଜୋୟା ମନୋବୃତ୍ତି ନେଇ ଭାଷଣ ଆରମ୍ଭ କରି ବସନା ଏଇ ରିକ୍ସା ଉପରେ !! ତା'ଠୁ ବରଂ ଗୋଟାଏ କିଛି କବିତା ଆବୃତ୍ତି କର !

—କବିତା ? ଉପେନ୍ ଚମକିଲା ।

—ହଁ, ହଁ କହୁଛି ! ଉଇଲ୍‌ସ୍‌ଷ୍ଟାଟରେ ଅଗ୍ନି ସଂଯୋଗ କରି ଗୋଟାଏ ପ୍ରାଣଭରା ଶୋଷଣ ଶୋଷି ବ୍ରଜବଲ୍ଲଭ କହିଲା—ସେଇ ମାଧବୀକୁ ନେଇ କହୁଛି !!

—ଓଃ, ସେ ତ ଅନେକ ଦିନ ହେଲା ଛାଡ଼ି ଦେଇଛୁ !

—ମାଧବୀ ବାହା ହୋଇଗଲା ଦିନଠୁ ବୋଧହୁଏ ?

—ହଁ, ସେଇଦିନଠୁ ଛାଡ଼ି ଦେଇଥିଲି । କିନ୍ତୁ ଭାବୁଛି ପୁଣି ଲେଖିବି

—ସେଇ ମାଧବୀକୁ ନେଇ ନା ଆଉ କୌଣସି ନୂତନ ନାୟିକା ?

—ଚୁପ୍ କର ! ନାୟିକାଗୁଡ଼ା ସବୁ ରାସ୍ତା ଘାଟରେ ବୁଲୁଛନ୍ତି ନା କ'ଣ ?

ବ୍ରଜବଲ୍ଲଭ ଟିକିଏ ଚମକିଗଲା—ନା, ନା, ମୁଁ ଅଶ୍ଳୀଳ କଟାକ୍ଷ ତ କିଛି କରୁନି ! ପୁଣି ଲେଖିବା କଥା କହିଲୁ କି ନା...ଅନୁମାନ କରି ପଚାରିଲି ସେଇଥିପାଇଁ...ନାୟିକା ହୁଏ ତ ନୂତନ କେହି ! ଅନୁଭୂତିଟା ନୂତନ କିଛି...

ଅନ୍ୟମନସ୍କ ଭାବରେ କହିଲା ଉପେନ୍—ନାୟିକା ନୂତନ ନୁହେଁ, ତେବେ ଅନୁଭୂତିଟା ନୂତନ କିଛି ।

—କାହା ସମ୍ବନ୍ଧରେ, ସେଇ ମାଧବୀ ? ଆଶ୍ଚର୍ଯ୍ୟରେ ପଚାରିଲା ବ୍ରଜବଲ୍ଲଭ ।

—ହଁ, ସେଇ ମାଧବୀ !! ସେଇ ମାଧବୀ ସମ୍ବନ୍ଧରେ ଅନେକ କିଛି ନୂତନ ଅନୁଭୂତି ମର୍ମେ ମର୍ମେ ଅନୁଭବ କରିଛି ଭାଇ...ନାରୀ ଜୀବନରେ ଏପରି ପରିବର୍ତ୍ତନ ହୋଇପାରେ ଏହା ମୁଁ ସେପରି କଳ୍ପନା କରିପାରୁ ନାହିଁ । ଗୋଟାଏ ଗୂଢ଼ ବେଦନାକୁ ଚାପି ରଖିବାକୁ ଚେଷ୍ଟା କରି ଉପେନ୍ କହିଲା—ମାଧବୀର ଅକାଳ ବୈଧବ୍ୟ ମତେ ଯେତେ ଆଘାତ ନ ଦେଇଛି...ତାଠୁ ବେଶୀ ଆଘାତ ଦେଇଛି ତାର ମର୍ମନ୍ତୁଦ ଦାରିଦ୍ର୍ୟ !! ଖାଇବାକୁ ଦାନା ନାହିଁ, ପିନ୍ଧିବାକୁ କନା ନାହିଁ, ସାର

ପଡ଼ିଶାରେ ଧାନକୁଟି ଖୁଦ ଗଣ୍ଡାଏ ଆଣି ଦଶ ଦଶ ଦିନ ଉପାସ ପରେ ତୋରାଣି ମୁନ୍ଦାଏ ପେଟକୁ ଯାଉଛି କି ନା ସନ୍ଦେହ ! ! ଜୀବନର କି କରୁଣ ପରିଣତି ! ! ଦେଖି ତ ଚିହ୍ନିପାରିଲେନି ତାକୁ । ଛ'ଟା ମାସ ଭିତରେ କି ଭୀଷଣ ପରିବର୍ତ୍ତନ ! ସେ ରୂପ, ସେ ଲାବଣ୍ୟ, ସବୁ ଯେପରି ଅଜି କେବଳ ସ୍ୱପ୍ନ ! କେବଳ କଳ୍ପନା ! ଦେଖି ମନେ ହେଲା—ମାଧବୀ ଆଜି ମାଧବୀ ହୋଇ ନାହିଁ ପୃଥିବୀରେ । ତା ଅନ୍ତରାତ୍ମା ମରିଛି—ବଞ୍ଚିଛି ତା ଦେହର ମଳିନ ବିବର୍ଣ୍ଣ ଛାୟା କେବଳ ତା ଜୀବନକୁ ଉପହାସ କରିବା ପାଇଁ । ଦାରିଦ୍ର୍ୟର କଷାଘାତରେ ଏ ଦେଶର ଯୌବନର ଯେ କି ଶୋଚନୀୟ ପରିଣତି—ମାଧବୀ ତାର ଏକ ଜୀବନ୍ତ ପ୍ରତିଚ୍ଛବି ! ! କହି ଉଠେନ୍ ଗୋଟିଏ କ୍ଷୁବ୍ଧ ନିଶ୍ୱାସ ନିକ୍ଷେପ କରି ଚାହିଁଲା ବସର୍ପିତ ଆକାଶ ଆଡ଼େ ।

ବ୍ରଜବଲ୍ଲଭ ବି କିଛି କହିପାରିଲା ନାହିଁ । ଗୋଟାଏ ଅପ୍ରକାଶ୍ୟ ବେଦନାରେ ତା' ଛାତି ଭିତରଟା ଗୁମୁରି ଉଠିଲା । ପ୍ରବଳ ଉତ୍ତେଜନାରେ ଆଉ ଥରେ ସେଇ ଦରପୋଡ଼ା ସିଗାରେଟଟାକୁ ଖୁବ୍ ଜୋର୍‌ରେ ଟାଣି ନେଇ ଏକ ପ୍ରଚଣ୍ଡ ବିରକ୍ତିରେ ଫିଙ୍ଗିଦେଲା ରାସ୍ତା ଉପରକୁ ।

କଙ୍କରମୟ ରାସ୍ତା ଉପରେ କିନ୍ତୁ ରିକ୍‌ସାଟା ଚାଲିଥିଲା ମନ୍ଥର ଗତିରେ ଦୋହଲି ଦୋହଲି, ଆଉ ସେଇ ହଲ-ଦୋହଲର ଘାତ-ପ୍ରତିଘାତ ଭିତରେ ସେ ଦୁହିଁଙ୍କର ମନ ଏପରି ଭାବରେ ଚହଲି ଉଠିଥିଲା ଯେ ଥିର ହୋଇ ବସି ପୁଣି ନୂଆ କରି ଗୋଟାଏ କିଛି ଭାବିବାର ଶକ୍ତି ଆଉ ସେପରି ନ ଥିଲା ।

ରିକ୍‌ସାବାଲାର ଡାକରେ ବ୍ରଜ ଚମକି ଉଠିଲା—ହଁ, ହଁ, ଅଗ ଗଲିଟା । ଗଦି ଉପରେ ସିଧା ହୋଇ ଉଠି ବସି ସେ ପାଟି କରି ଉଠିଲା—ସେଇ ସାମନା କୋଠା !

ରିକ୍‌ସା ଆସି ଠିଆ ହେଲା ଗୋଟାଏ ଦି' ମହଲା କୋଠା ସାମନାରେ । ବ୍ରଜ ଧଡ଼ପଡ଼ ହୋଇ ଉଠି ଓହ୍ଲାଇଗଲା ଘର ଭିତରକୁ ।

ଉପେନ୍ ଦରଜାଠା ହଉ ହଉ କଳା ରାତିର ଅନ୍ଧାର ଭିତରେ ସେଇ କୋଠା ଚେହେରାକୁ ଥରେ ଭଲ କରି ଦେଖିନେବାକୁ ଚେଷ୍ଟା କଲା । ଗୋଟାଏ କିଛି ଢଙ୍ଗରେ ବାହାରଟା ଚର୍ଚ୍ଚିତ ହୋଇଛି ଠିକ୍—କିନ୍ତୁ ସ୍ପଷ୍ଟ ଭୁଷ୍ଟାପତ୍ତନ କିଛି । ହେଲେ ବି ତାର ଧର୍ଦ୍ଧ-ଭ୍ରଷ୍ଟ-ଉଚ୍ଚ-ଆୟତନ ତା ଭିତରେ ଯେ ଗୋଟାଏ ଦୃଢ଼ ନିଶ୍ଚିତ ଆଭିଜାତ୍ୟର ଦର୍ପିତ ଗାମ୍ଭୀର୍ଯ୍ୟ ରହିଛି—ଏଥିରେ ସନ୍ଦେହ ନାହିଁ । କାହିଁକି କେଜାଣି ହଠାତ୍ ତାର ମନେ ହେଲା—ଏଠିକି ଆସି ସେ ଭଲ କରି ନାହିଁ । ତା ପରି ଦରିଦ୍ର ପକ୍ଷରେ ଏ ଧନୀବାଡ଼ି ଭିତରକୁ ଅଳ୍ପ କେତୋଟି ମୁହୂର୍ତ୍ତ ପାଇଁ ହେଲେ ସୁଦ୍ଧା ଆସିବା ଉଚିତ ହୋଇ ନାହିଁ । କିନ୍ତୁ ଏ ଭାବନା କେବଳ କ୍ଷଣିକ ପାଇଁ । ଗୋଟାଏ କିଛି ସିଦ୍ଧାନ୍ତରେ ପହଞ୍ଚିବା ଆଗରୁ ସେଇ ଘର ଭିତରୁ ବ୍ରଜବଲ୍ଲଭ ଡାକି ଉଠିଲା—ଉପି, ଭିତରକୁ ଆ । ବାହାରେ ବସିରହିଲୁ କାହିଁକି ?

ଉପେନ୍ ଉଠି ଠିଆ ହେଲା । ଅନ୍ୟମନସ୍କ ଭାବରେ ସୁଟ୍‌କେଶଟା ଧରି ଘର ଭିତରକୁ ପଶି ଯାଉ ଯାଉ ହଠାତ୍ ଯେମିତି ଅପ୍ରତ୍ୟାଶିତ କିଛି ଗୋଟାଏ ଦେଖି ଥକ୍‌କା ହୋଇ ଦୁଆର ପାଖରେ ଠିଆ ହୋଇଗଲା । ବ୍ରଜ କହିଲା—ଉପେନ୍, ଏଇ ହଉଛି ଖୁକୀ, ମୋର ସାନ ଭଉଣୀ । ବାପା-ବୋଉ, ଦାଦା-ଖୁଡ଼ୀଙ୍କର ଅତି ଆଦରର ଗେଲବସର ଝିଅ ! ଆଉ—

ବାଧା ଦେଇ ବନଲତା କହିଲା—ଅଉ ଏଇ ହଉଛନ୍ତି ଉପେନ୍‌ବାବୁ··ତମର ପରମ ବନ୍ଧୁ । ହଉ, ନମସ୍କାର । ଅଳ୍ପ ହସି ସେ ମଥାନତ କଲା ।

ଠିକଏ କାପରି ଥଙ୍ଗ ଥଙ୍ଗ ହୋଇ ଉପେନ୍ ନମସ୍କାର କରିବାକୁ ବାହାରିଲା; କିନ୍ତୁ ସୁଟ୍‌କେଶଟାର ଓଜନରେ ହାତ ଟେକିବା ଅସମ୍ଭବ ହୋଇଉଠିଲା । ମନ୍ତ୍ରମୁଗ୍ଧ ପରି ସେ କେବଳ ଚାହିଁରହିଲା । ବନଲତା ବୁଝିପାରି ଖିଲ୍ ଖିଲ୍ କରି ହସିଉଠିଲା—ଥାଉ, ଥାଉ, ପ୍ରତି-ନମସ୍କାର ଜଣାଇ ଭଦ୍ରତା ନ ଦେଖାଇଲେ କ'ଣ ଚଳିବନି ? ଆଗ ସୁଟ୍‌କେଶଟାକୁ ରଖନ୍ତୁ !

ଉପେନ୍ ଅପ୍ରସ୍ତୁତ ହେଲା । ବ୍ରଜ ନା'ଉ ପ୍ରିୟତମ ବନ୍ଧୁଟିର ଏ ଲଜ୍ଜାକୁ ଟିକିଏ ହାଲୁକା କରିବା ପାଇଁ କୋଠାର କେଉଁ ଏକ ନିଭୃତ ଚତୁଷ୍କୋଣରେ ଘୁମନ୍ତ ଭୃତ୍ୟଟାକୁ ଲକ୍ଷ୍ୟ କରି ଚିତ୍କାର କରି ଉଠିଲା—କୁଆଡ଼େ ଗଲା ସେ ଅପଦାର୍ଥ !

—ସେ ବିଚରା ହୁଏ ତ ଶୋଇପଡ଼ିଛି ଏତେ ରାତିରେ ! ଆଣନ୍ତୁ ନା ମତେ ଗୋଟାଏ ଦିଅନ୍ତୁ କହି ବନିତା ନିଜେ ଉପେନ୍ ହାତରୁ ସୁଟ୍‌କେଶ୍‌ଟା ନେଇ ଭିତରକୁ ଚାଲିଗଲା । ବ୍ରଜ ଉପେନ୍‌କୁ ବସିବାକୁ ଇଙ୍ଗିତ ଦେଇ ଖାଇବା ପିଇବାର ଯୋଗାଡ଼ ପାଇଁ ବନିତା ପଛେ ପଛେ ଗଲା । ଉପେନ୍ ଚେୟାରରେ ବସି ଲକ୍ଷ୍ୟ କଲା, ବେଶ୍ ଆଧୁନିକ ପରିପାଟିରେ ଘରଟି ସୁସଜ୍ଜିତ ! ଆଭିଜାତ୍ୟର ଦୀପ୍ତି—ପ୍ରତ୍ୟେକ ଆସବାବପତ୍ର ଉପରେ ଚକ୍‌ଚକ୍ କରୁଛି । ତାର ଦରିଦ୍ର ଜୀବନ ସହିତ ଏ ଘରର କୌଣସିଟି ସରଞ୍ଜାମର ବି ଏତେ ଟିକିଏ ସାମଞ୍ଜସ୍ୟ ନାହିଁ । ଦାମିକା ଫର୍ନିଚର, ମୂଲ୍ୟବାନ୍ ଆଲ୍‌ମିରା, ସିନେମା ଅଭିନେତ୍ରୀଙ୍କ ସୁନେଲି ବନ୍ଧାଇ ଫଟୋ—କୌଣସିଟିର ବାଦ୍ ପଡ଼ି ନାହିଁ ।

—ଖାଇବାକୁ ଆସନ୍ତୁ । ବନିତା ଡାକରେ ଉପେନ୍ ଚମକି ଉଠିଲା । ନିରୀକ୍ଷଣ କରି ଚାହିଁଲା କିଛିକ୍ଷଣ ବନିତା ଆଡ଼େ । ତାପରେ କିପରି ସଙ୍କୁଚିତ ହୋଇ କହିଲା—ଏତେ ରାତିରେ ମୋର ନ ଖାଇଲେ ଚଳିବ ।

—ନ ଖାଇଲେ ଚଳିବ, ନା ଖାଇବାରେ ଅଭ୍ୟସ୍ତ ନୁହନ୍ତି ? ବନିତା ତୀକ୍ଷ୍ଣ ବଙ୍କ ଦୃଷ୍ଟିରେ ଚାହିଁ ପଚାରିଲା···

ଉପେନ୍ ଟିକିଏ ହସିଲା । କହିଲା—ଏ ଦୁଇଟିର ଅର୍ଥରେ କ'ଣ କିଛି ପ୍ରଭେଦ ଅଛି ବୋଲି ଆପଣଙ୍କର ମନେ ହୁଏ ?

—ମନେ ନ ହଉଥିଲେ ପଚାରନ୍ତି କାହିଁକି ?

—ତାହାହେଲେ ଧରନ୍ତୁ, ମୁଁ ଯଦି କୁହେ, ନ ଖାଇଲେ ଚଳିବ···

—ଚଳପାରେ, ବନତା କଥା ଛଡ଼ାଇ ନେଇ କହିଲା—ଆପଣ ଖାଇବାରେ ଅଭ୍ୟସ୍ତ ଯେତେବେଳେ, ଖାଇଲେ ବିଶେଷ କିଛି କ୍ଷତି ହବ ନାହିଁ ବୋଧହୁଏ ।

—କ୍ଷତି ହବନି କେମିତି ? ଧରନ୍ତୁ, ମୋର ଖାଇବାର ପ୍ରୟୋଜନ ନାହିଁ ଯେତେବେଳେ, ଜବରଦସ୍ତି ସୁଖାଦ୍ୟ ଆପଣ ମତେ ଖୁଆଇ ମୋ ପେଟକୁ ଅଯଥା ଭାରାକ୍ରାନ୍ତ କରେଇବେ—ଫୁଟପାଥ୍‌ର କୌଣସି ଭୋକିଲା ଭିକାରୀକୁ ସେ ଖାଦ୍ୟତକ ଦେଲେ···

—ଓ, ଏଇ ତୁଚ୍ଛ ଖାଦ୍ୟମୁଠାକୁ କେନ୍ଦ୍ର କରି ଆପଣ କମ୍ୟୁନିଜମ୍ ସମ୍ବନ୍ଧରେ ବକ୍ତୃତା ଝାଡ଼ିବାକୁ ଚାହାନ୍ତି ?

—କିନ୍ତୁ ତୁମର ଏଇ ତୁଚ୍ଛ ଖାଦ୍ୟମୁଠାକ ବିନା ଓଡ଼ିଶାର ହଜାର ହଜାର ଲୋକ ଆଜି ପଚି ସଢ଼ି ମରୁଛନ୍ତି ଜାଣ ?

—ସେଇ ତ ଦୁନିଆର ନିୟମ । ଦଳେ ନ ଖାଇପାରି ଫୋପାଡ଼ି ଦେବେ—ଆଉ ଦଳେ ଖାଇବାକୁ ନ ପାଇ ମରିବେ ।

—ଧନୀକର ଏଇ ସ୍ୱେଚ୍ଛାଚାରୀ ଅଭ୍ୟାସ ବିରୁଦ୍ଧରେ ଆଜି ଗରିବ ପ୍ରତିବାଦ କରି ଅଭିଯାନ ଆରମ୍ଭ କରିଛି ।

—ଆପଣ ସେଇ ଅଭିଯାନ ପଥରେ ଅଗ୍ରଣୀ ବୋଧହୁଏ ?

—ତା ହୋଇପାରିଥିଲେ ଆଜି ଆପଣଙ୍କ ଘରେ—ଗରିବଙ୍କ ଭାଗ୍ୟ ସମ୍ବନ୍ଧରେ ବ୍ୟଙ୍ଗୋକ୍ତି ଶୁଣିବା ପାଇଁ ମୁଁ ବସି ରହି ନ ଥାନ୍ତି ।

—ବସି ରହିଛନ୍ତି ଯେତେବେଳେ, ଖାଇବେ ଆସନ୍ତୁ । ଗରିବଙ୍କ ଅଗ୍ରଣୀ ହୋଇ ଅଭିଯାନର ନେତୃତ୍ୱ ନେବେ ଯେତେବେଳେ······କହୁ କହୁ ବନତା ରହିଗଲା ।

—କାହାର ନେତୃତ୍ୱ ? ବ୍ରଜବଲ୍ଲଭ ପ୍ରବେଶ କରି କହିଲା···ଏଇ ଟିକକ ଭିତରେ ତୁମ ଦୁହିଁଙ୍କର ରାଜନୀତି ଚର୍ଚ୍ଚା ଆରମ୍ଭ ହୋଇଗଲାଣି ! ହୋପ୍‌ଲେସ୍ ! ! ଭଠ୍ ଉଠ୍ ଉପେନ୍···ଖୁଡ଼ୀ ସେଣେ ଅନେଇ ବସିଛନ୍ତି ବଡ଼ାବଡ଼ି କରି !

—କି ତେଲ ? ଓ, ଗାଧୋଇବା ପାଇଁ ? ହଁ ହଁ, ତେଲ ଟିକିଏ ଦରକାର ! କହି ସେ ରୁମାଲରେ ଭଲକରି ମୁହଁ ପୋଛିଲି ।

—କି ତେଲ ଆଣିବି, ବାବୁ ?

—ଯେ କୌଣସି ତେଲ ହେଲେ ଚଳିବ ରେ ! ଉପେନ୍ କହିଲି—ତମର ସିନା ସାହେବ ଘର—ଦଶ ଦଶ ରକମର ସାବୁନ, ଦଶ ଦଶ ରକମର ତେଲ । ମତେ ତ ବେଳେବେଳେ ନୁଖୁରା ଗାଧିବାକୁ ପଡ଼େ । ଯା—ଯା, ଯୁ' ତେଲ ଇଚ୍ଛା ସେ ତେଲ ଟିକିଏ ନେଇ ଆ ।

—ଆସନ୍ତୁ ତେବେ ଗାଧୁଆଘରକୁ । ପାଣି ଦିଆହୋଇଛି । କୁଅମୂଳକୁ ଯିବେ ଯଦି···

—ନା, ନା, ଗାଧୁଆଘରକୁ ଚାଲ । ବାଡ଼ପଟେ ଯାଇଁ କୂଅ ବୋଧହୁଏ ! ପିଲପିଲ ଘର···

—ସେଥିରେ କ'ଣ ଅଛି ବାବୁ ! ପାଚେରୀ ପଟେ ଦୁସୁରା ରାସ୍ତା ଅଛି ।

—ଅଛି ତ ଅଛି । ତୁ ଯା' ଟିକିଏ ତେଲ ଆଣି ଦେ ଝଟ ! କହି ରଞ୍ଜନା ସାଙ୍ଗେ ସାଙ୍ଗେ ସେ ଆସିଲି ଗାଧୁଆ ଘର ପାଖକୁ । ତେଲ ନେଇ ଆସୁଥିଲା ଜୀବନ, ରମଣୀବାବୁଙ୍କର ମଝିଆଁ ପୁଅ ।

"ବାଥ୍‌ଗେଟ୍" ନେଉଡ଼ରେ ଟିକିଏ ଢାଳି ଉପେନ୍ ନାକ ପାଖକୁ ନେଇ ବାସ୍ନା ଶୁଙ୍ଘିଲି । ବାଥ୍‌ଗେଟ୍‌ର ନାଁ ଶୁଣିଥିଲି—ଆଉ ପତ୍ରପତ୍ରିକାରେ ବିସ୍ତୃତ ବିଜ୍ଞାପନ ସେ ପଢ଼ିଥିଲା ଏପର୍ଯ୍ୟନ୍ତ । ଆଜି ପ୍ରଥମ କରି ତା' ତରଳ—ଛଳ ଛଳ ରକ୍ତାଭ ରୂପ ସେ ଦେଖିଲି—ଆଉ ଆଘ୍ରାଣ କଲା ମନମତାଣିଆ ଗନ୍ଧ ! ମୁଣ୍ଡବାଳରେ ଅନ୍ୟମନସ୍କ ଭାବରେ ଘଷି ଘଷି ଗାଧୁଆଘର ଭିତରକୁ ଯାଉ ଯାଉ ସେ ନିଜକୁ ନିଜେ ପରିହାସ କରି ହସିଉଠିଲି । ଆଜି ଭାଗ୍ୟରେ ଯାର ଲେଖା ଅଛି ନିର୍ଜ୍ଜଳା ଏକାଦଶୀ—ତାର ପୁଣି ବାଦ୍‌ସାହୀ ଆଡ଼ମ୍ବରରେ ବାଥ୍‌ଗେଟ୍ ଲଗେଇ ପ୍ରାତଃସ୍ନାନ !! ହା···ହା...ହା...

ଦୁଆରି ବନ୍ଦକରି ସେ ଭୁସ୍ ଭୁସ୍ କରି ପାଣି ଡାଳି ହେଉଛି—ଆଉ ମନକୁ ମନ ହୋ-ହୋ କରି ହସୁଛି ବେଦମ୍ ହୋଇ···

ଉପେନ୍, ଉପେନ୍ ! ବାହାରି ପଟୁ ପାଟି କରି ଡାକ ପକେଇଲା ବ୍ରଜବଲ୍ଲଭ । ଆରେ, ତୋ ହସରେ ଚଳମହଲ୍ଲର ଗୁଡ଼ଚଟା ଯେ ଦୋହଲି ଉଠୁଛି—କଥା କ’ଣ ?

ଡାକ ଶୁଣି ଉପେନ୍ ଆତ୍ମସ୍ଥ ହେଲା । ଭାବିଲା—ଆରେ, ପାଗଳଙ୍କ ପରି ସେ ଏତେ ବେଦମ୍ ହୋଇ ହସୁଛି କାହିଁକି ? ଏ କ’ଣ, ପାଣି ବି ଏ ଭିତରେ ଶେଷ୍ ! ପାଞ୍ଚ ଛଅ ବାଲ୍ଟି ପାଣି ଧରିବା—ବଡ଼ିଆ ଟେବ୍‌ଟାଯାକର ପାଣି ସେ ଏ ଭିତରେ ଭୁସ୍ ଭୁସ୍ ହୋଇ ଅଜାଡ଼ି ହୋଇ ପଡ଼ିଛି ! ହୋପ୍‌ଲେସ ! !

ବ୍ରଜ ପୁଣି ଡାକିଲା—ଗାଧଉଥିବୁ ନା କ’ଣ ?

—କମିଂ ପ୍ଲିଜ୍ ! ! ଗାମୁଛାଟା ବଦଳୁ ବଦଳୁ ଉପେନ୍ ଜବାବ୍ ଦେଲା—ସଇଲା ମୋର, ଯ ଉଛି । ଓ୍ୱାନ୍ ମିନଟ୍ ।

ବାଥ୍ ରୁମ୍‌ର ଦୁଆର ଖୋଲି ବାହାରକୁ ଆସି ଦେଖିଲା—ଟାଳଟିବା ଲୁଙ୍ଗି ଆଉ ପୋଛିହବା ପାଇଁ ଶୁଖିଲା ଟାଉଏଲ ଧରି ଛିଡ଼ା ହେଇଛି ରାଜନା । ଅଳ୍ପ ଦୂରରେ ଛିଡ଼ା ହୋଇ ବ୍ରଜବଲ୍ଲଭ ପାନଆରେ ସଜାଡ଼ି ଲାଗିଛି ତାରି ଆଲବର୍ଟ ଫେରିନ୍ଟାକୁ ।

—ହସୁଥିଲୁ କାହିଁକି ? ପଚାରିଲା ବ୍ରଜ ।

—ଏମେଡ଼ି !

—ପାଗଳ ନା କ’ଣ ?

—ପାଗଳ ହବା ତ ସ୍ୱାଭାବିକ । କୂଅରୁ ସ୍ୱହସ୍ତରେ ପାଣି କାଢ଼ି ଲୁଙ୍ଗୁରି ମୁଣ୍ଡରେ ରୋଜ ଗାଧୋଇ ଆସିବାରେ ଯେ ବରାବର ଅଭ୍ୟସ୍ତ, ସେ ଯଦି ହଠାତ୍ ଗ୍ଲିସରିନ ସୋପ୍ ଆଉ ବାଥ୍‌ଟବ୍ ତେଲର ଖୁସ୍‌ବୋଇ ପାଏ, ଏ ରୁମାଲ, ଲୁଙ୍ଗି ଆଉ ରଜା-ବାଦଶାଙ୍କ ପଛରେ ହରଦମ ଧାଇଁ ବୁଲୁଥିବା ନୌକର ପାଏ, ତାହାହେଲେ ହଠାତ୍ ରାଜଯୋଗ ପ୍ରାପ୍ତି

—ମୋର କିନ୍ତୁ ନ ଖାଇଲେ ଚଳନ୍ତା ବ୍ରଜ ! ଉପେନ୍ କହିଲା ମିନତିଭରା ସ୍ୱରରେ ।

—ମାନେ ? ବ୍ରଜ ଅବାକ୍ ହୋଇ ପଚାରିଲା ।

—ମାନେ, ବନିତା କହିଲା, ସେ କହିବାକୁ ଚାହାନ୍ତି—ଯୁ ଖାଦ୍ୟ ଖାଇ ତାଙ୍କ ପେଟ ଅଯଥା ଭାରାକ୍ରାନ୍ତ ହେବ—ସେଇ ଖାଦ୍ୟ କୌଣସି ଭୋକିଲା ଉପାସୀ ପେଟରେ ପଡ଼ିଲେ ଭଲ ହୁଅନ୍ତା । କିନ୍ତୁ ମୋର ମନେ ହୁଏ, ରାତିଅଧରେ ଭୋକିଲା ଉପାସୀର ଜଠରଜ୍ୱାଳା ସମ୍ବନ୍ଧରେ ଯେ ଏତେ ବେଶୀ ସଚେତନ···ତା ପେଟ ଭିତରେ ଯୁ ପ୍ରଚଣ୍ଡ କ୍ଷୁଧାର ଦାବାନଳ ଜଳୁଛି, ତାକୁ ହିଁ ଶାନ୍ତ କରିବାକୁ ବୋଧହୁଏ ଆମର ଥାଳିଏ ଯାକ ଲୁଚି ଆଉ ଅଧ ଡେକ୍‌ଚିକ ମାଂସ ତରକାରୀ ଅଣ୍ଟିବ ନାହିଁ ।

—ଚୁପ୍ କର ! ବ୍ରଜବଲ୍ଲଭ ପାଟି କରିଉଠିଲେ । ଆଜିଯାଏ ଭଦ୍ରତା ଶିଖିଲୁ ନାହିଁ···କହି ଏଥର ସତକୁ ସତ ସେ ମାରିବା ପାଇଁ ଖୁବ୍ ଜୋର୍‌ରେ ହାତ ଉଠେଇଲା । ବନିତା ଅଳ୍ପ ଘୁଞ୍ଚିଯାଇ ସେ ପ୍ରଚଣ୍ଡ ଆଘାତରୁ ନିଜକୁ ବଞ୍ଚେଇନେଲା ।

ଉପେନ୍ କିନ୍ତୁ ହୋ ହୋ କରି ନ ହସି ରହିପାରିଲା ନାହିଁ ।

ସେଇ ରାତି ପାହାନ୍ତା ପହରକୁ ହଠାତ୍ ଗୋଟାଏ କ ଶବ୍ଦ ଶୁଣି ବନଜାର ନିଦ ଭାଙ୍ଗିଗଲା । ଶେଯ ଉପରେ ଉଠି ବସିଲା ସେ । ଠିକ୍ ତ, କୋଠା ଛାତ ଉପରେ କିଏ ଯେମିତି ଚାଲବୁଲ କରୁଚି । ପାହାନ୍ତାର ତମିସ୍ରାଚ୍ଛନ୍ନ ନିସୁପ୍ତି ଭିତରେ ସ୍ପଷ୍ଟ ଶୁଣାଯାଉଚି ସେ ଚାଲିବାର ପାଦଛନ୍ଦ ।

ଉପର ମହଲାରେ ଚାରିଟି କୋଠରୀ । ପଶ୍ଚିମପଟ ଦୁ'ବଖରାରୁ ଗୋଟିଏ ବନଜାର ପଢ଼ାଘର । ଅନ୍ୟଟି ଶୋଇଲା ଘର, ପୂର୍ବପଟ ଦୁ'ବଖରାରୁ ଗୋଟିଏ ଖୁଡ଼ୀଙ୍କର ଶୋଇଲା ଘର—ଅନ୍ୟଟି ପିଲାମାନଙ୍କର । ତଳେ ଛ'ଟି ବଖରା । ବ୍ରଜର ପଢ଼ାଘର, ଆଡ଼ଭୋକେଟଙ୍କର ଲାଇବ୍ରେରୀ, ଅତିଥି ଅଭ୍ୟାଗତଙ୍କର ବୈଠକଖାନା ଇତ୍ୟାଦି ସବୁ ତାର ଭିତରେ । ଦିନେ ଅଧେ ପାଇଁ ଏ ପରିବାରରେ କେହି ଅତିଥି ହେଲେ ଡ୍ରଇଁ ରୁମରେ ଶୁଏ ବା ବ୍ରଜବଲ୍ଲଭର ଅନ୍ତରଙ୍ଗ କେହି ହୋଇଥିଲେ ତାର ପଢ଼ାଘରେ ହିଁ ଖଣ୍ଡିଏ ଅଧିକା ଖଟିଆ ପକାଇ ସୁବିଧା କରି ଦିଆ ହୁଏ । ସେଇପରି ଏକାନ୍ତ ଆପଣାର କେହି ନ ହେଲେ ଉପର ମହଲାକୁ ଯିବା କାହାକୁ ପ୍ରାୟ ଦେଖାଯାଏ ନାହିଁ । ପୁଣି ଏସବୁରେ ଆଡ଼ଭୋକେଟଙ୍କର ଖୁବ୍ କଡ଼ା ତାଗିଦ୍ ବି ଅଛି । ଛାତ ଉପରକୁ ଯିବା ପାଇଁ ଦାଣ୍ଡ ବାରଣ୍ଡା ପଟୁ ଗୋଟାଏ ସିଡ଼ି ଅଛି । ଘର ଲୋକ ଛଡ଼ା ତା ଉପରକୁ ଯିବା ପାଇଁ କାହାକୁ ହୁକୁମ୍ ନାହିଁ । ବନଜା ଭାବିଲା, ଉପରକୁ ତେବେ ଯାଇଛି କିଏ ? ଭାଇ ? କିନ୍ତୁ ବ୍ରଜ ଭାଇଙ୍କର ତ ସକାଳ ସାତଟା ଆଗରୁ ଉଠିବାର ଅଭ୍ୟାସ ନାହିଁ । ତାହେଲେ ? ବନଜା ଉଠିଲା । ଉଠି କବାଟ ଖୋଲି ଆସିଲା ବାରଣ୍ଡାକୁ । ଭାବିଲା ଡାକିବ ଖୁଡ଼ୀଙ୍କି । କିନ୍ତୁ କ'ଣ ଭାବି ଚୁପ ରହିଲା । ତିନିଟି ପାହାଚ ଉଠିଲେ ହିଁ ଛାତ । ରାତି ପ୍ରାୟ ଶେଷ ହୋଇ ଆସିଲାଣି । ଫର୍ଚ୍ଚା ହେଇଆସୁଛି । ଜହ୍ନ ଅନେକ ବେଳୁ ବୁଡ଼ିଯାଇଛି । ମନେ ମନେ ଏଇପରି କେତୋଟି ଅସଂଲଗ୍ନ କଥା ଭାବି ଭାବି ସେ ଉଠିଲା

ଗୁଡ଼ ଉପରକୁ । କିନ୍ତୁ ଏ କ'ଣ ? ଅଶ୍ଚର୍ଯ୍ୟରେ ଥକ୍କା ହୋଇ ସେ ଛିଡ଼ା ହୋଇଗଲା । ଗୁଡ଼ର ପୂର୍ବପଟକୁ ଲାଗି ଜଣେ କିଏ ଊର୍ଦ୍ଧ୍ୱ ଆକାଶକୁ ଅନାଇ ପାଷାଣ ମୂର୍ତ୍ତିଟି ପରି ଠିଆହୋଇଛି । ନିର୍ବେଧ—ନିଶ୍ଚଳ—ନିସ୍ପନ୍ଦ !! କିଏ ? ଗୁଜ ଭାଇ ? ନା ତ ! ତେବେ ? ଉପେନ୍‌ବାବୁ ନିଶ୍ଚୟ; କିନ୍ତୁ ଏ ପାହାନ୍ତା ପହରରେ ଗୁଡ଼ ଉପରକୁ ଆସି ଆକାଶ ଆଡ଼େ ଏପରି ଅନେଇ ଛିଡ଼ା ହବାର କାରଣ କ'ଣ ? ବନିତା ଆଶ୍ଚର୍ଯ୍ୟ ହୋଇ ନିରୀକ୍ଷଣ କଲା । ଆକାଶର ଶୁଭ୍ର-ନୀଳିମା ଭିତରେ ଅନ୍ଧକାରର ଶେଷ କାଳିମା ଟିକକ ନିଶ୍ଚିହ୍ନ ହୋଇ ଆସୁଚି । ପ୍ରଭାତର ସଫେଦ୍ ନୀଳାଭ ଆଲୋକରେ ତା ସମ୍ମୁଖରେ ଧ୍ୟାନମଗ୍ନ ମୂର୍ତ୍ତିଟିକୁ ଚାହିଁ ବନିତା ମନେ ମନେ ଭାବିଲା, ସତେ ଯେପରି ଉଦୟରାଗର ଆଲୋକ ଐଶ୍ୱର୍ଯ୍ୟକୁ ଆକଣ୍ଠ ପାନ କରିବା ପାଇଁ ଅନାଦି ଯୁଗର ତୃଷିତ ପୃଥିବୀ ବ୍ୟାକୁଳ ଆବେଗରେ ଊର୍ଦ୍ଧ୍ୱାକାଶକୁ ଅନାଇ ରହିଛି । କି ସୁନ୍ଦର ! ମୁହୂର୍ତ୍ତକ ପାଇଁ ବନିତାର ସମସ୍ତ ହୃଦୟ ଅବ୍ୟକ୍ତ ପୁଲକରେ ଶୀତେଇ ଉଠିଲା । ପାଖକୁ ଯାଇଁ ସେଇ ସୌମ୍ୟଶାନ୍ତ ମୂର୍ତ୍ତିଟିକୁ ସ୍ପର୍ଶ କରିବାକୁ ତାର ପ୍ରବଳ ଲୋଭ ହେଉଥିଲା । କିନ୍ତୁ କାହିଁକି କେଜାଣି ପାଖକୁ ଗଲେ କାଳେ ମୂର୍ତ୍ତିଟିର ଧ୍ୟାନ ଭାଙ୍ଗିଯିବ, ଏଇ ଭୟରେ ଥକ୍କା ହୋଇ ସେଇ ଦୂରରୁ କିଛି କ୍ଷଣ ସେ ମୁଗ୍‌ଧ ଦୃଷ୍ଟିରେ ଚାହିଁରହିଲା । ଉପଭୋଗ କଲା ତନ୍ମୟ ପ୍ରାଣରେ । ତାପରେ ଧୀରେ ଧୀରେ ମୃଦୁ ସନ୍ତର୍ପଣରେ ପାହାଚ ଓହ୍ଲେଇ ଚାଲିଆସିଲା ତା ଶୋଇଲା ଘର ଭିତରକୁ ।

ଘର ଭିତରେ ରାତିର ଧୂସର ଅନ୍ଧକାର ସେଇମିତି ଥମଥମ କରୁଥିଲା । ଖୋଲିଦେଲା ସେ ଘରର ସବୁ ଝରକା । ସଙ୍କୁଚିତ କରିଦେଲା ବାଦାମୀ ପରଦାଗୁଡ଼ିକୁ । ପଶି ଆସିବାକୁ ଦେଲା ବାହାରର ଫର୍ଚ୍ଚା ନେଳୀ ଆଲୁଅ, ଆଉ ହାଲ୍‌କା ପବନର ତରଙ୍ଗିତ ଲହରଗୁଡ଼ିକୁ । ତା ପରେ ଅନ୍ୟମନସ୍କ ଭାବରେ ଶେଯ ଉପରେ ଲଟେଇ ପଡ଼ି ଚାହିଁଲା ବାତାୟନ ଭିତରୁ ଦୃଶ୍ୟମାନ ଆକାଶର ବିଶାଳ ବକ୍ଷକୁ । ସେଠି ଉଷାର ଗୋଲାପୀ ରକ୍ତିମା ଧୀରେ ଧୀରେ ଫୁଟିଆସିବାର ଅସହ୍ୟ ବ୍ୟଥାରେ ବାଦାମୀ ମେଘର ସନ୍ଧି ଭିତରେ ଯେପରି ଛଟପଟ କରୁଥିଲା । ବନିତା ସ୍ପଷ୍ଟ ଦେଖି-ପାରିଲା, ଦୂର ଦିଗ୍‌ବଳୟର ନିର୍ଜ୍ଜନ ପ୍ରଶାନ୍ତ ଭିତରେ ଆଗାମୀ ଦିନର ଆତ୍ମା ହାଇ ମାରି ପ୍ରକାଶୋନ୍ମୁଖ ସ୍ୱଚ୍ଛନ୍ଦ୍ୟତାରେ ଅସ୍ଥିର ହୋଇଉଠୁଛି ।

ଆଉ ସେହି ଅସ୍ଥିରତାର କମ୍ପନ ଆସି ଲାଗିଛି ତା କଳ୍ପନା-ସମୁଦ୍ରର ତଟଦେଶରେ । ନିଜ ଅଜାଣତରେ ସେ ଯେପରି ଲହରୀ ପରି ଉଦ୍‌ବେଳିତ ହୋଇଉଠିଛି ।

ପ୍ରଭାତର ଏ ମୁହୂର୍ତ୍ତ, ଉଷାର ଏଇ ଗୋଲାପୀ ଆଭା, ସୂର୍ଯ୍ୟୋଦୟର ରକ୍ତରାଗ, ଆଲୋକର ମଧୁର ବ୍ୟଞ୍ଜନା—ଏତେ ସୁନ୍ଦର, ଏତେ ମଧୁର, ଏତେ ଅପରୂପ କାହିଁକି ? ବେଳେ ବେଳେ କାହିଁକି ମନେହୁଏ, ନିତି ଦିନର ଚନ୍ଦ୍ରଚ୍ଛନ୍ଦ ଭିତରେ ଏଇ ପ୍ରକୃତିର ପ୍ରକାଶ ଆଜି ପ୍ରଭାବ ଏପରି ଅପୂର୍ବ ଆଉ ଅଚିନ୍ତ୍ୟମୟ ! ଆଜି ସେ ଯେମିତି ହଠାତ୍ ଆବିଷ୍କାର କରିଛି ଏକ ଅସାଧାରଣ ପ୍ରଭାତ ଆଉ ତାର ଅନିର୍ବଚନୀୟ ଆଲୋକ-ଐଶ୍ୱର୍ଯ୍ୟ । ଆବିଷ୍କାର କରି ମନର ଉତ୍ତେଜନାରେ ଆପେ ଆପେ ରୋମାଞ୍ଚିତ ହୋଇଉଠିଛି । ହୃଦୟର ମର୍ମେ ମର୍ମେ, ଦେହର ଶିରା-ପ୍ରଶିରାରେ, ଅଜଣା ପରି ତରଳ ପ୍ରେରଣାର ଉଦ୍ଦାମ ସ୍ରୋତରେ ବହିଯିବାର ସ୍ପଷ୍ଟ ଅନୁଭବ କରୁଛି । ସେ ଅନୁଭବ କରୁଛି, ବାହାରର ଏଇ ବିଶାଳ ପ୍ରକୃତି, ଉଦାର ଆକାଶ, ଆଉ ଶ୍ୟାମଳ ପୃଥିବୀ, ଯେଉଁମାନଙ୍କୁ ଏପର୍ଯ୍ୟନ୍ତ ସେ ଦେଖି ବି ଦେଖି ନ ଥିଲା, ଚିହ୍ନି ବି ଭଲ କରି ଚିହ୍ନି ନ ଥିଲା; ସେମାନଙ୍କୁ ଆଜି ଉଷାର ଏ ମାହେନ୍ଦ୍ର ମୁହୂର୍ତ୍ତରେ ଯେପରି ହାତରେ ଛୁଉଁଚି, ପ୍ରତ୍ୟକ୍ଷରେ ସ୍ପର୍ଶ କରୁଚି, ଆଉ ପ୍ରାଣଭରି ଆଘ୍ରାଣ କରୁଚି ।

ଏ ଅନୁଭୂତି ସାଙ୍ଗେ ସାଙ୍ଗେ ତା ମନ ଭିତରେ ଆସିଲା ଏକ ନୂତନ ପରିବର୍ତ୍ତନ, ଏକ ଆଶ୍ଚର୍ଯ୍ୟ ଓଲଟ ପାଲଟ । ଯେପରି ମନେହେଲା, ଅନେକ କିଛି କରିବାର ବାକୀ ରହିଯାଇଛି ତାର, ଅନେକ କିଛି ଦେଖିବାର ଆଉ ଶୁଣିବାର ଅଭାବ ରହିଯାଇଛି । ପ୍ରଭାତର ଏଇ ଉଦୟରାଗର ଅମୃତ କ୍ଷଣରେ ତାକୁ ଜୀବନର ସମସ୍ତ କିଛି ନୂତନ ଆଉ ବିସ୍ମୟକୁ ଆବିଷ୍କାର କରି ସାର୍ଥକ ହେବାକୁ ହେବ ।

ଉଠିଲା ସେ ଶେଯ ଉପରୁ, ଛିଡ଼ା ହେଲା ତଳେ । ହାଇ ମାରି ଅଳସ ଭାଙ୍ଗିଲା । ତା ପରେ ଦେହର ଲୁଗାପଟାକୁ ସଜାଡ଼ିଲା । ଖୋଲି-ଦେଲା ଅସଂଯତ କେଶପାଶ । ରାତିରେ ଶୋଇବାରେ ସେ ହେଇ

ଯାଇଥିଲି ଅଲଗା, ଅଡ଼ୁଆ-ଛଡ଼ୁଆ । ଭଲକରି ଫିଟେଇ ପୁଣି ପକାଇଲି ଗୋଟାଏ ଗଣ୍ଠି ! ମୁହୂର୍ତ୍ତକ ପାଇଁ ତା ଚୂର୍ଣ୍ଣ ଅଳକଦାମର ମୂର୍ଚ୍ଛିତ ଗନ୍ଧକୁ ସେ ଆଘ୍ରାଣ କଲା । ଚାଲି ଚାଲି ଆସିଲା ଟେବଲ ଆଇନା ସାମନାକୁ । ତନ୍ଦ୍ରାଳସ ମୁଖଶୋଭାକୁ ନିରୀକ୍ଷଣ କରି ଦେଖିଲା କିଛି କ୍ଷଣ । ତା ପରେ ପଛକୁ ଫେରି ଚାହିଁ ତା' ପୃଷ୍ଠଭାଗରେ ଥରେ ଚଞ୍ଚଳ ଦୃଷ୍ଟି ଫେରାଇନେଲା । ପାଦେ ଆଗକୁ ଗଲା । ପୁଣି ଟିକିଏ ଛିଡ଼ାହେଲା । କ'ଣ ମନକୁ ମନ ଭାବିଲା । ତା ପରେ ଚଞ୍ଚଳ ପଦକ୍ଷେପରେ ଉପର ମହଲର ପାହାଚରୁ ଓହ୍ଲାଇ ଆସିଲା ତଳ ଘରକୁ—ଯୁ ଘରେ ଶୋଇଥିଲା ବ୍ରଜବଲ୍ଲଭ—ତା' ଅତି ଆଦରର ଭାଇ ବ୍ରଜବଲ୍ଲଭ !

ବ୍ରଜ ଶୋଇଥିଲା ନିଘୋଡ଼ ନିଦରେ । ସବୁ ଦିନ ପରି—ଉଠିବା ବେଳ ତାର ଯେ ପର୍ଯ୍ୟନ୍ତ ବି ହୋଇ ନ ଥିଲା । ମୁଣ୍ଡ ଉପର ଝରକା ବାଟେ ନବୋଦିତ ସୂର୍ଯ୍ୟର ଝଲକାଏ ରଶ୍ମି ଆସି ଶେଯ ଉପରେ ଖେଳି ବୁଲୁଥିଲା । ହାତରେ ହଲେଇ ବ୍ରଜକୁ ସେ ଉଠେଇବାକୁ ଯାଉଛି, ହଠାତ୍ କାହାର ପାଦଶବ୍ଦ ଶୁଣି ବନିତା ଚମକି ଉଠିଲା । ସାମନାରେ ଉପେନ୍ !! ତା ମୁହଁ ଲାଜରେ ଗୋଲାପୀ ପଡ଼ିଗଲା ।

ଘର ଭିତରକୁ ପଶିଯାଇ ଉପେନ୍ କହିଲା—ବାସ୍କେଲ, ଏ ପର୍ଯ୍ୟନ୍ତ ଉଠିନି ନା କ'ଣ ?

—ଉଠିବା ବେଳ ତାଙ୍କର ଏପର୍ଯ୍ୟନ୍ତ ହୋଇନି । ଆଠଟା ଆଗରୁ ସେ କେବେ ଶେଯରୁ ଉଠନ୍ତି ନାହିଁ···ବନିତା ଈଷତ୍ ମୃଦୁହାସ୍ୟ କରି କହିଲା ।

—ଆଜି କିନ୍ତୁ ମୁଁ ତାର ନିତିଦିନିଆ ଅଭ୍ୟାସର ମାଡିଭଙ୍ଗ କରିବି କହି ଉପେନ୍ ବ୍ରଜର ମୁଣ୍ଡ ଉପରେ ବସିପଡ଼ି ତା ବାଳଗୁଡ଼ାକ ଭିତରେ ଆଙ୍ଗୁଠି ଭର୍ତ୍ତି କରି ଝିଙ୍କା-ଓଟରା ଆରମ୍ଭ କରିଦେଲା ।

ଅଳ୍ପଦୂରରେ ଠିଆହୋଇ ବନିତା ଏଇ ଦୃଶ୍ୟଟି ଉପଭୋଗ କରୁ କରୁ ହଠାତ୍ ତାର ମନେହେଲା—ଯେପରି ଏଇ ଉଦାର ପ୍ରଭାତର ଝଲକାଏ ଆଲୁଅ ପ୍ରାଣବନ୍ତ ହୋଇ···ମଣିଷ ଦେହରେ ରୂପାୟିତ ହୋଇ ଘର ଭିତରେ ଆସି ଝଲସୁଛି । ସେ ଲାଜସ୍ନିଗ୍ଧ ଦୃଷ୍ଟିରେ ଉପେନ୍ ଆଡ଼େ ଅନେଇ ରହିଲା ।

ଉପେନ୍‌ର ଝିଙ୍କା-ଓଟରାରେ ବ୍ରଜବଲ୍ଲଭ ଥରେ ନିଦଭରା ଆଖି ମେଲେଇ ଚାହିଁଲା । ତାପରେ ଟିକିଏ ହସିଦେଇ ପୁଣି ଆଖି ବୁଜି କରି ଲେଉଟିଗଲା ।—ରହ, ରହ, ବିରକ୍ତ କରନା···ବୋଧହୁଏ ରାତି ଅଛି । ଭଲକରି ସକାଳ ହେଇନି । ଆଉ ଟିକିଏ ଶୋଇପଡ଼େ ।

ବନିତା ଆଉ ଉପେନ୍ ଦୁହେଁ ଏକାସାଙ୍ଗରେ ହସିଉଠିଲେ । —ହଁ, ତୋର ପାଇଁ ରାତି ଅଟକେଇ ବସିଛି ! ସକାଳକୁ ଆସିବା ପାଇଁ ବାଟ ଛାଡ଼ି ଦେଇନି ! ଗଧ କୁଉଠିକାର ! ଉପେନ୍ ପୁଣି ଥରେ ବ୍ରଜର ମୁଣ୍ଡବାଳ ଭିଡ଼ାଭିଡ଼ି କରି କହିଲା— ଉଠୁଚୁ କି···ନଇଲେ···

—ରହନା ? ବ୍ରଜ ପୁଣି ଆଣ୍ଠୁ ନୋଞ୍ଚୁ କୋଞ୍ଚୁ କରି ମାଡ଼ି ହେଇ ଶୋଇବାର ଉପକ୍ରମ କଲା ।

—ଏଇସା ବାତ୍ ! ଅଚ୍ଛା ! ଉପେନ୍ ବନିତା ଆଡ଼େ ଚାହିଁ କହିଲା—ଟିକିଏ କଷ୍ଟ କରି ଗିଲାସେ ପାଣି ଆଣିବେ । ତା କାନ ଭିତରେ ଢାଳିଲେ···ପୁଅର ନିଦ ଶୋଇବାର ଭାବ ବାହାରିଯିବ ।

ବନିତା ଚୁପା ହସ ହସି···ଗୋଡ଼ ଟିପି ଟିପି···ପାଣି ଆଣିବାକୁ ଯାଉଛି···ଶେଯ ଉପରେ ହଠାତ୍ ଖଟ୍‌କିନି ଉଠିବସି···ବ୍ରଜ ହାତ ବଢ଼େଇ ବନିତାକୁ ଧରି ପକାଇବାକୁ ଚେଷ୍ଟା କରୁ କରୁ ତା ପଣତ କାନିଟା ହାତମୁଠାରେ ପଡ଼ିଗଲା । ତାପରେ ଟାଣିଆଣିଲା ସେ ବନିତାକୁ ତା ପାଖକୁ । ବନିତା କପଟ ରାଗରେ ପାଟିକରି ଉଠିଲା । କିନ୍ତୁ ବ୍ରଜ ମାନିଲା ନାହିଁ କିଛି । ଦ୍ରୁମ୍ କରି ଗୋଟାଏ ବିଧା ଥୋଇଦେଲା ବନିତା ପିଠିରେ । କହିଲା—ଉପେନ ବୋଲରେ ତୁ ଯାଉଥିଲୁ ପାଣି ଆଣି ମୋ କାନରେ ଢାଳିବାକୁ ? ଦୁଷ୍ଟ, ଜାଣୁ ମୁଁ ତୋର ବଡ଼ ଭାଇ ?

—ବଡ଼ ଭାଇ ନା ଗଧ ଭାଇ ? ବନିତା ବ୍ରଜ ହାତରୁ ନିଜକୁ ମୁକ୍ତ କରିନେଇ ଖଣ୍ଡେ ଦୂରରେ ଛିଡ଼ା ହୋଇ ଜିଭ କାଢ଼ି ଖତେଇ-ହେଲା ।

—ଦେଖୁଚୁ, ଦେଖୁଚୁ, ଝିଅର ଦୁଷ୍ଟାମି ? ବ୍ରଜ ଉପେନ୍‌କୁ ସାକ୍ଷୀ କରି କହିଲା—ମୋ ସାଙ୍ଗରେ ତାର କେତେବେଳେ ହେଲେ ବନିଲା ନାହିଁ ! ମତେ ଭକ୍ତି କରିବ କ'ଣ—ଓଲଟି କହୁଚି ଗଧ ।

—କହୁବେନ ! ତୁମେ ଉଠ ନ'ଥା ଯାଏ ଶୋଉନ···

—କାହିଁ, କୁଉଠି ନଥା ! ଏଇ ତ, ସାଢଥା ବ ବାଜନ :

—ଘଣ୍ଟାଥାର ବଡ଼ ଅପରାଧ···ବନତା କହୁ ହସିଉଠିଲ ।

—ହଉ, ହଉ, ତୋ ହସ ଥାଉ ! କୁଆଡ଼େ ଗଲ ସେ ବେଆଦବ ଗୃକରଥା ? ମୁହଁ ଧୋଇବାକୁ ପାଣି ଦେଇଚ ବାହାରେ ?

—ହଠାତ୍ ବଗୃବ ଗୃକରଥା ଉପରେ ଗାଳ ବର୍ଷଣ କାହିଁକ ? ଶୋଇ ଶୋଇ ଠାକୁଇ ସପନ ଦେଖୁଥିଲୁ ନା କ'ଣ ? ପଗୃରଲ ଉପେନ୍ ।

—ମୁହଁ ଧୋଇଲୁଣି ତୁ ?

—ନ ଧୋଇଲେ ଚଳବ ।

—ମାନେ ? ବ୍ରଜ ନଦାଳଆ ଆଖିପତା ରଗଡ଼ୁ ରଗଡ଼ୁ କହିଲ, ସକାଳେ ଉଠି ମୁହଁ ଧୋଉନା ତୁ ?

—ସକାଳେ ଉଠିଲେ ମୁହଁ ଧୋଇବାକୁ ପଡ଼େ ସିନା···ବନତା କହିଲ,···କନ୍ତୁ ସେ ଯେ ରାତ୍ତି ଥାଇ ଉଠେଛନ୍ତ ?

—ରାତ୍ତି ଥାଇ ? ଅବାକ୍ ହୋଇ ପଗୃରଲ ବ୍ରଜବଲ୍ଲଭ—ରାତ୍ତି ଥାଇ ଉଠିଛୁ ତୁ ?

—ରାତ୍ତି ଥାଇ ? ନା ତ ! ! ଉପେନ୍ ପଗୃରଲ ବନତା ଆଡ଼େ କଟେଇ କର ଗୃହିଁ ।

—ନା ତ ମାନେ ?

—ମାନେ, ଆପଣ କପର ଜାଣିଲେ ?

କ'ଣ ଗୋଟାଏ ଉତ୍ତର ଦେବାକୁ ଯାଉଥିଲ ବନତା । ହଠାତ୍ କନ୍ତୁ ରହିଯାଇ ଭାବଲ—ଉପେନ୍‌ର ଯୁ ଗୋପନୀୟ କଥାଟିକୁ ସେ ଆବଷ୍କାର କରଛି, ସେଇଟିକୁ ଏପର ହଠାତ୍ ଖୋଲଦେବା ଉଚତ ହବନ । ସେଇଥିପାଇଁ ଖୁବ୍ ଚତୁର ଭାବରେ କଥାଟାକୁ ବୁଲେଇଦେଇ

କହିଲା—ନା, ମୁଁ ଠିକ୍ ଜାଣି ନାହିଁ। ତେବେ ଅନୁମାନ କରି କହୁଚି। ଆପଣଙ୍କ ଆଖିକୁ ଦେଖିଲେ ବୁଝାପଡୁଛି, ଆପଣ ଅନେକ ବେଳୁ ଉଠିଲେଣି ।

—ଆପଣ ବେଶ୍ ଅନୁମାନ କରିପାରନ୍ତି ତ ? କହିଲା ଉପେନ୍ ।

ଖାଲି ଏତିକି ନୁହେଁ ? ବ୍ରଜ କହିଲା—ବନିତାର ଅନୁମାନଶକ୍ତିର ପରିଚୟ ପାଇ ନାହୁଁ ତୁ ! ସୁଯୋଗ ଆସିଲେ ଦେଖିବୁ···ତା ନମ୍ବର ଅନୁମାନଶକ୍ତି ସବ୍‌ଜାନ୍ତା ବଦ୍ଧୀତାଙ୍କଠୁ ବି ଆଉରି ସାଙ୍ଘାତିକ ।

—ମୁହଁ ଦେଖିଲେଇ ବୁଝାପଡୁଛି । କହିଲା ଉପେନ୍ ।

—ମାନେ ? ଟିକିଏ ହାଲ୍‌କା ଗଳାରେ ପଚାରିଲା ବନିତା ।

—ମାନେ, ଆପଣଙ୍କ ଅନୁମାନଶକ୍ତି । ଉପେନ୍ ବ୍ରଜ ମୁହଁକୁ ଚାହିଁ ବନିତାକୁ ଉଦ୍ଦେଶ୍ୟ କରି କହିଲା ।

—ମୋ ମୁହଁରେ ଲେଖା ଅଛି ନା କ'ଣ ? ବନିତା ପଚାରିଲା ।

—ମୁହଁରେ କାହାର କିଛି ଲେଖା ଥାଏ ନା କ'ଣ ? ଉପେନ୍ ଜବାବ ଦେଲା ।

—ତେବେ ଜାଣିଲେ କପରି ?

—ଠିକ୍ ଆପଣ ଯେପରି ମୋ ଆଖି ଢଙ୍ଗଟା ଦେଖି ଜାଣିଲେ, ମୁଁ ବି ତା ଥାଇ ଉଠିଛି ।

—ଉଃ ! ବନିତା ଲଜରେ ମଉଳିଗଲା ।

ଠୋ ଠୋ କରି ହସିଉଠିଲା ବ୍ରଜ—କେମିତି ଜବ୍‌ଦ ! ଜାଣୁଛି ସେ କିଏ ?

—କିଏ ଶୁଣେ ! ବନିତା ଟିକିଏ ଓଠ ନେଫେଡ଼ି ପଚାରିଲା ।

—ଉପେନ୍, ଉପେନ୍ ! ବ୍ରଜ କହିଲା ଗମ୍ଭୀର ହୋଇ··· ଉପେନ୍ଦ୍ରକିଶୋର ଦାସ ! ମିଃ ଫିଲିପସ୍‌ଙ୍କ ପରି ପ୍ରିନ୍‌ସିପାଲଙ୍କୁ ଯୋ ମୁହେଁ ମୁହେଁ ଜବାବ ଦିଏ !

—ଓ, ତୁମ ବନ୍ଧୁଙ୍କର ସବୁଠୁ ବଡ଼ ବିଶେଷତ୍ୱ ତାହାହେଲେ ପ୍ରିନ୍‌ସିପାଲଙ୍କୁ ମୁହେଁ ମୁହେଁ ଜବାବ ଦେବା ?

—ସେଇଟା କ'ଣ ଏତେ ସହଜ ? ବ୍ରଜ ସଗର୍ବେ ଉତ୍ତର ଦେଲା ।

ବନଲତା କହିଲା—ଆମ ଗାର୍ଲ୍ସ ସ୍କୁଲର ଲେଡ଼ି ପ୍ରିନ୍‌ସିପାଲଙ୍କୁ ନମିତା ବି ମୁହେଁ ମୁହେଁ ଜବାବ ଦିଏ ।

—ଓଃ, ତୋର ସେଇ ଗାର୍ଲ୍ ଫ୍ରେଣ୍ଡ ନମିତା ! ଫାଜିଲ୍‌ଙ୍କ ଏକ୍‌ସେସ ?

ସାବତମନ୍ତ୍ର ରିମାର୍କ ପାଶ୍ କଲା । ବନଲତା କହିଲା—ଦେଖ, ସେଇଟା ତୁମ ବନ୍ଧୁଙ୍କ ଆଡ଼କୁ ଚାଳି ପଡ଼ୁଛ ତ ?

—'ଆଇ ଆମ୍ ସୋ ସରି !' ବ୍ରଜ ଜିଭ କାମୁଡ଼ି ଉପେନ୍ ଆଡ଼କୁ ଅନେଇଲା ।

ଅଳ୍ପ ମୁରୁକି ହସ ହସି ବନଲତା ଚାଲିଗଲା ଭିତରକୁ ।

ଉପେନ୍ ହୋ ହୋ କରି ହସିଉଠେ···ବ୍ରଜ ପିଠିରେ ବସାଇଦେଲା ଗୋଟାଏ ଚୌରସ ବିଧା···ତାକୁ ଭଲ ଲଗିଲା ବନଲତାର କଥା କହିବାର ମଧୁର ଭଙ୍ଗୀଟି ।

ଦୁଆରମୁହଁରେ ଆସି ଛିଡ଼ାହେଲା ସୁଥୁଲକାୟା ଗଜନା । ହାତରେ ଗୁଡ଼ାଖୁ, [redacted], ଟୁଥ୍‌ପେଷ୍ଟ, ବ୍ରସ୍, ମୁହଁ ଧୋଇବାର ଯାବତୀୟ ସରଞ୍ଜାମ ।

—ଇସ୍, ଅନେକ ଡେରି ହୋଇଗଲା କହି ଉଠିଗଲା ବାହାରକୁ ଉପେନ୍ । ବ୍ରଜ ଗଲା ଭିତରକୁ । ଉପେନ୍ ଦାନ୍ତ ଘଷି ସାରି ଘର ଭିତରକୁ ଆସି ଦେଖିଲା, ରୁମାଲ ଆଉ ସାବୁନ୍ ଧରି ଠିଆହୋଇଛି ସେଇ ଗଜନା । ମୁହଁ ପୋଛିବାକୁ ରୁମାଲ ବଢ଼େଇଦେଇ ଗଜନା ପଚାରିଲା—ଦେଇ ପଚାରୁଛନ୍ତି କି ତେଲ ଲଗେଇବେ ଆପଣ ?

—କି ତେଲ ? ଓ, ଗାଧୋଇବା ପାଇଁ ? ହଁ ହଁ, ତେଲ ଟିକିଏ ଦରକାର । କହି ସେ ରୁମାଲରେ ଭଲକରି ମୁହଁ ପୋଛିଲା ।

—କି ତେଲ ଆଣିବି, ବାବୁ ?

—ଯେ କୌଣସି ତେଲ ହେଲେ ଚଳିବ ରେ ! ଉପେନ୍ କହିଲା—ତମର ସିନା ସାହେବ ଘର—ଦଶ ଦଶ ରକମର ସାବୁନ, ଦଶ ଦଶ ରକମର ତେଲ । ମତେ ତ ବେଳେବେଳେ ଜୁଆଁକୁ ବାନ୍ଧିବାକୁ ପଡ଼େ । ଯା—ଯା, ଯୁଁ ହେଲ ଇଚ୍ଛା ସେ ତେଲ ଟିକିଏ ନେଇ ଆ ।

—ଆସନ୍ତୁ ତେବେ ଗାଧୁଆଘରକୁ । ପାଣି ଦିଆହେଇଛି । କୂଅମୂଳକୁ ଯିବେ ଯଦି···

—ନା, ନା, ଗାଧୁଆଘରକୁ ଚାଲ । ବାଡ଼ପଟେ ଯାଇଁ କୂଅ ବୋଧହୁଏ ! ପିଲାପିଲି ଘର···

—ସେଥିରେ କ'ଣ ଅଛି ବାବୁ ! ପାଚେରି ପଟେ ଦୁଆର ରାସ୍ତା ଅଛି ।

—ଅଛି ତ ଅଛି । ତୁ ଯା' ଟିକିଏ ତେଲ ଆଣି ଦେ ଝଟେ ! କହି ବଚନା ସାଙ୍ଗେ ସାଙ୍ଗେ ସେ ଆସିଲା ଗାଧୁଆ ଘର ପାଖକୁ । ତେଲ ନେଇ ଆସୁଥିଲା ଜୀବନ, ରମଣୀବାବୁଙ୍କର ମଝିଆଁ ପୁଅ ।

"ବାଥ୍‌ଗେଟ୍" ନେଡ଼ରେ ଟିକିଏ ଢାଳି ଉପେନ୍ ନାକ ପାଖକୁ ନେଇ ବାସ୍ନା ଶୁଙ୍ଘିଲା । ବାଥ୍‌ଗେଟ୍‌ର ନାଁ ଶୁଣିଥିଲା—ଆଉ ପତ୍ର-ପତ୍ରିକାରେ ବିସ୍ତୃତ ବିଜ୍ଞାପନ ସେ ପଢ଼ିଥିଲା ଏପର୍ଯ୍ୟନ୍ତ । ଆଜି ପ୍ରଥମ କରି ତା' ତରଳ—ଛଳ ଛଳ ରକ୍ତାଭ ରୂପ ସେ ଦେଖିଲା—ଆଉ ଆଘ୍ରାଣ କଲା ମନମତାଣିଆ ଗନ୍ଧ ! ମୁଣ୍ଡବାଳରେ ଅନ୍ୟମନସ୍କ ଭାବରେ ଘଷି ଘଷି ଗାଧୁଆଘର ଭିତରକୁ ଯାଉ ଯାଉ ସେ ନିଜକୁ ନିଜେ ପରିହାସ କରି ହସିଉଠିଲା । ଆଜି ଭାଗ୍ୟରେ ଯାର ଲେଖା ଅଛି ନିର୍ଜଳା ଏକାଦଶୀ—ତାର ପୁଣି ବାଦ୍‌ସାହି ଆଡ଼ମ୍ବରରେ ବାଥ୍‌ଗେଟ୍ ଲଗେଇ ପ୍ରାତଃସ୍ନାନ !! ହା···ହା...ହା...

ଦୁଆର ବନ୍ଦକରି ସେ ଭୁସ୍ ଭୁସ୍ କରି ପାଣି ଢାଳି ହେଉଛି—ଆଉ ମନକୁ ମନ ହୋ-ହୋ କରି ହସୁଛି ବେଦମ୍ ହେଇ...

ଉପେନ୍, ଉପେନ୍ ! ବାହାର ପଟୁ ପାଟି କରି ଡାକ ପକେଇଲା ବ୍ରଜବଲ୍ଲଭ । ଆରେ, ତୋ ହସରେ ତଳମହଲାର ଗ୍ଲାସଟା ଯେ ଦୋହଲି ଉଠୁଛି—କଥା କ’ଣ ?

ଡାକ ଶୁଣି ଉପେନ୍ ଆମ୍ବୃଷ୍ଟ ହେଲା• ଭାବିଲା—ଆରେ, ପାଗଳଙ୍କ ପରି ସେ ଏତେ ବେଦମ୍ ହେଇ ହସୁଛି କାହିଁକି ? ଏ କ’ଣ, ପାଣି ବି ଏ ଭିତରେ ଶେଷ୍ ! ପାଞ୍ଚ ଛଅ ବାଲ୍‌ଟି ପାଣି ଧରିବା—ବଡ଼ଟ ଟେଙ୍କଟାଯାକର ପାଣି ସେ ଏ ଭିତରେ ଭୁସ୍ ଭୁସ୍ ହୋଇ ଅଜାଡ଼ି ହୋଇ ପଡ଼ୁଛି ! ହୋପ୍‌ଲେସ ! !

ବ୍ରଜ ପୁଣି ଡାକିଲା—ଗାଧଉଥିବୁ ନା କ’ଣ ?

—କମିଂ ପ୍ଲିଜ୍ ! ! ଗାମୁଛାଟା ବଦଳୁ ବଦଳୁ ଉପେନ୍ ଜବାବ୍ ଦେଲା—ମଇଲା ମୋର, ଯାଉଛି । ଓ୍ୱାନ୍ ମିନଟ୍ ।

ବାଥ୍ ରୁମ୍‌ର ଦୁଆର ଖୋଲି ବାହାରକୁ ଆସି ଦେଖିଲା—ଟାଲିଟିବା ଲୁଙ୍ଗି ଆଉ ପୋଛିହବା ପାଇଁ ଶୁଖିଲା ଟାଉଏଲ ଧରି ଛିଡ଼ା ହେଇଛି ରାଜନା । ଅଳ୍ପ ଦୂରରେ ଛିଡ଼ା ହୋଇ ବ୍ରଜବଲ୍ଲଭ ପାନଆରେ ସଜାଡ଼ି ଲଗିଛି ତାର ଆଲବର୍ଟ ଟେରିଟାକୁ ।

—ହସୁଥିଲୁ କାହିଁକି ? ପଚାରିଲା ବ୍ରଜ ।

—ଏମେତ୍ତି !

—ପାଗଳ ନା କ’ଣ ?

—ପାଗଳ ହବା ତ ସ୍ୱାଭାବିକ । କୂଅରୁ ସ୍ୱହସ୍ତରେ ପାଣି କାଢ଼ି ଲୁଟୁରା ମୁଣ୍ଡରେ ରୋଜ ଗାଧୋଇ ଆସିବାରେ ଯେ ବରାବର ଅଭ୍ୟସ୍ତ, ସେ ଯଦି ହଠାତ୍ ଗ୍ଲିସରିନ ସୋପ୍ ଆଉ ବାଥ୍‌ଗଟ୍ ତେଲର ଖୁସ୍‌ବୋଇ ପାଏ, ଏ ରୁମାଲ, ଲୁଙ୍ଗି ଆଉ ରଜା-ବାଦଶାଙ୍କ ପଛରେ ହରଦମ ଧାଇଁ ବୁଲୁଥିବା ନୌକର ପାଏ, ତାହାହେଲେ ହଠାତ୍ ରାଜଯୋଗ ପ୍ରାପ୍ତି

କଳ୍ପନାରେ···ଅତିଶୟ ଆନନ୍ଦରେ ପାଗଳଙ୍କ ପରି ନାଚିବା, ହସିବା, କୁଦିବା ତ ଖୁବ୍ ସ୍ୱାଭାବିକ । କିନ୍ତୁ ହଠାତ୍ ରହି ଯାଇ ପୁଣି କହିଲି... କାହିଁ, ଆଣ ତ ମୋ ଲୁଗାଟା ।

ଲୁଗା ପିନ୍ଧିବୁ ତ ! ଏତେ ତରତର କାହିଁକି ? ଲୁଙ୍ଗିଟା ଘେରେଇ ହୋଇଚୁ ତ । ଆଗ ଜଳଖିଆ କରିସାର ।

ଜଳଖିଆ ବି ଏ ଭିତରେ ପ୍ରସ୍ତୁତ ! ତାହେଲେ ମୋ ନିର୍ଜଳା ଏକାଦଶୀ ବ୍ରତ ମାଟି ହେଲା ଦେଖୁଚି ।

ଆପଣଙ୍କ "ସୃଷ୍ଟିଛଡ଼ା" ପାଞ୍ଜିରେ ଆଜି ନିର୍ଜଳା ଏକାଦଶୀ ବ୍ରତ ବିଧାନ ଯଦି ଥାଏ, ତାହେଲେ ପ୍ରାତଃସ୍ନାନ ପରେ ପଲଉ ଆଉ ମାଛ ଭଜାର ଗୁରୁପାକ ଭୋଜନର ଭକ୍ଷଣ ଉଲ୍ଲେଖ ନିଶ୍ଚୟ ଥିବ—କହି, ହସ ହସ ମୁହଁରେ ପ୍ଲେଟଭରା ଖାଦ୍ୟ ନେଇ ପ୍ରବେଶ କଲା ବିନତା । ଏ ଭିତରେ ବ୍ରଜବଲ୍ଲଭର ପଢ଼ା ଟେବୁଲ୍ ଉପରୁ ବହି-ପତ୍ର ଉଠେଇ ନିଆ ହୋଇ—ସେଇଟିକୁ ଡାଇନିଂ ଟେବୁଲରେ ପରିଣତ କରେଇ ଦିଆ ହୋଇଥିଲା । ତାରି ଉପରେ ପ୍ଲେଟଗୁଡ଼ିକୁ ସଜାଡ଼ି ରଖି ଈଷତ୍ ବଙ୍କ ଦୃଷ୍ଟିରେ ଉପେନ୍‌କୁ ଚାହିଁ ସେ ପୁଣି ଆଖି ଫେରାଇନେଲା ।

ବଡ଼ ସକାଳଟାରେ ଏ ଭୂରି ଭୋଜନର ବ୍ୟବସ୍ଥା ଦେଖି ଅବାକ୍ ହୋଇ କହିଲା ଉପେନ୍—"ସୃଷ୍ଟିଛଡ଼ା" ପାଞ୍ଜିରେ ଏକାଦଶୀ ବ୍ରତର ଏତାଦୃଶ ଲୋଭନୀୟ ଖାଦ୍ୟପେୟର ବ୍ୟବସ୍ଥା ନ ଥିଲେ ବି ସଂଶୋଧନ କରି ପୁନଃ ମୁଦ୍ରଣ କରେଇନେବାରେ ବିଶେଷ କଷ୍ଟ ହବ ନାହିଁ—ତେବେ ମୋ ପରି ଅପଦାର୍ଥର ଏକାଦଶୀ ବ୍ରତ ଭାଙ୍ଗିବା ସକାଶେ ଯେ ଅଯଥା ଚେଷ୍ଟା କରି ପରିଶ୍ରାନ୍ତ ହୋଇଚି···ତାକୁ ମୁଁ କିନ୍ତୁ ଧନ୍ୟବାଦ ଦେଇ ପାରୁ ନାହିଁ ।

—ମାନେ ? ବିନତା ପଚାରିଲା ।

—ଏସବୁ ବ୍ୟବସ୍ଥା ନ କରିଥିଲେ ମୁଁ ବେଶୀ ଖୁସି ହୋଇଥାନ୍ତି ।

—ହିନ୍ଦୁ ଗୃହସ୍ଥର ଅତିଥିସେବାଟାକୁ ଆପଣ ପସନ୍ଦ କରନ୍ତି ନାହିଁ ?

—ଖୁବ୍ ପସନ୍ଦ କରେ ! କିନ୍ତୁ ଏଇ ସକାଳ ପହରୁଟାରେ ଏ ପଲଉ, ମାଛଭଜାର ଆଡ଼ମ୍ବରଟା ଯେପରି ଅତଥିର କାଙ୍ଗାଳପଣିଆକୁ ବିଦ୍ରୂପ କରୁଛି !!

—ଇସ୍, ଆପଣଙ୍କର ବଡ଼ ଇନ୍‌ଫିରିଅରିଟି କମ୍ପ୍‌ଲେକ୍ସ ଭାବ ଦେଖୁଛି ତ...

—ହଁ, ଦେଖୁଥାଇ ପାରନ୍ତି । ବଡ଼ଲୋକଙ୍କ ଆଖିରେ ଦରିଦ୍ରର ସବୁ କିଛି ଦୁର୍ବଳତା ବଡ଼ ବେଶୀ ଭାବରେ ଦେଖାଯାଏ ।

—ଜଣେ ଦେଖେଇଦେଲେ ଆଉ ଜଣେ ନ ଦେଖିବ ବା କେମିତି !

—କିନ୍ତୁ ଦୁଃଖ ଏତିକି ଯେ ଆପଣମାନେ କେବଳ ଦେଖନ୍ତି—ବୁଝନ୍ତିନି ।

—କିଏ କହିଲା ବୁଝନ୍ତି ନାହିଁ ? ନ ବୁଝୁଥିଲେ ଏ ସକାଳ ବେଳଟାରେ ଏ ପଲଉ, ମାଛର ବ୍ୟବସ୍ଥା ହୋଇଥାଆନ୍ତା କାହିଁକି ?

—ଧନ୍ୟବାଦ ! ମୋ କଥାଟାକୁ କିନ୍ତୁ ଆପଣ ଠିକ୍ ବୁଝିପାରିଲେ ନାହିଁ ।

—ବୁଝିପାରିଲିନି ଯଦି ଧନ୍ୟବାଦ କାହିଁକି ?

—ଧନ୍ୟବାଦଟା ଦେଲି ଆପଣ କଷ୍ଟ କରି ଏ ବହୁମୂଲ୍ୟ ଖାଦ୍ୟପେୟ ପ୍ରସ୍ତୁତ କରିଥିବା ହେତୁ ।

—ନ ଦେଇଥିଲେ ଚଳିଥାନ୍ତା ।

—ନା, ଚଳିବ କେମିତି ? ଗରିବ ଗ୍ରାସ ପାଇଁ ଲାଳାୟିତ...ଆଉ ଧନୀ ଖୁସାମଦିଆ ଧନ୍ୟବାଦ ପାଇଁ ।

—ଆପଣ ଭାରି ସେଣ୍ଟିମେଣ୍ଟାଲ୍ ତ ! ବନିତା କହିଲା ।

—ମୋଟେ ନୁହେଁ । ଉପେନ୍ ଖାଇବା ପାଇଁ ଟେବୁଲ ସାମନାରେ ବସୁ ବସୁ କହିଲା—ଆପଣ ମତେ ପ୍ରଥମେ ଦେଖୁଛନ୍ତି କି ନା, ସେଥିପାଇଁ ସେପରି ମନେ ହେଉଛି ଆପଣଙ୍କର—ନଇଲେ ମୁଁ ସବୁବେଳେ ଯାହା...ଆଜି ବି ଠିକ୍ ସେଇଆ । କହି ଉପେନ୍ ଖାଇବା ଆରମ୍ଭ କଲା । ବ୍ରଜ ଆଗରୁ ଖାଇବା ଆରମ୍ଭ କରି ଦେଇଥିଲା ।

ସେ ଖାଉ ଖାଉ ଉପେନ୍ ଆଉ ବନଜାର ଯୁକ୍ତିତର୍କକୁ ଖୁବ୍ ଉପଭୋଗ କରୁଥିଲା ।

ଆଉ ଗୋଟିଏ ପ୍ଲେଟରେ ବାଇଗଣ ଭଜା ଆଉ ଆଳୁଦମ୍ ନେଇ ଆସିଲେ ଇନ୍ଦିରା ଦେବୀ । ବନଜାକୁ ଲକ୍ଷ୍ୟ କରି କହିଲେ—ଖାଇବାକୁ ଦେଇ ଏଇଠି ସେତିକବେଳୁ ଛିଡ଼ା ହୋଇଚ ତମେ ଖୁକୀ ? ଆଉ ମାଛଭଜା ହେଉକା ଆଣି ଦଉ··· !

—ଏଇ ଖାଇ ବସିଲାଠି ନମସ୍କାର କରୁଛି ଖୁଡ଼ୀ, କିଛି ମନେ କରିବେ ନାହିଁ । ଚେୟାର୍ ଉପରୁ ଅଧଉଠା ହୋଇ କହିଲା ଉପେନ୍ ।

—ବସ, ବସ, ଇନ୍ଦିରା ବାଧା ଦେଇ କହିଲେ—ଏ କ'ଣ, ପ୍ଲେଟରେ ସବୁ ତ ସେଇମିତି ଥୁଆ ହୋଇଛି !!

—ଦି ଜଣଙ୍କର ବାକ୍ଯୁଦ୍ଧ ଚାଲିଥିଲା ପରା ! ହସି ହସି କହିଲା ବ୍ରଜ ।

—ଖୁକୀ ଯେଉଁଠି ଥିବେ ! ଇନ୍ଦିରା କପଟ ରୋଷରେ ସସ୍ନେହ କଣ୍ଠରେ କହିଲେ ।

—ନା, ମୋର କିଛି ଦୋଷ ନାହିଁ ଖୁଡ଼ୀ !

—ଆଚ୍ଛା, ହଉ ଗଲ ତମେ, ମାଛଭଜା ନେଇ ଆସିବ ।

—ଅଛି ତ ଗୁଡ଼ାଏ । ସରୁ । ଏତିକରେ ତ ଉପେନ୍ବାବୁ ଅପମାନିତ ।

ପାଖରେ ବାଇଗଣ ଭଜା ଆଉ ଆଳୁଦମ ଦଉ ଦଉ ହଠାତ୍ ଆଶ୍ଚର୍ଯ୍ୟରେ ଚାହିଁଲେ ଇନ୍ଦିରା । ବନଜା କହିଲା—"ବଡ଼ ସକାଳେ ଏ ବଡ଼ଲୋକୀ ଖାଦ୍ୟ ତାଙ୍କର [ଦାରିଦ୍ର୍ୟକୁ କୁଆଡ଼େ ଅଟ୍ଟହାସ୍ୟ କରୁଛି ।"

—ଇସ୍, କି ସିରିଅସ୍ ଆପଣ ? ଉପେନ୍ ସାଙ୍ଗେ ସାଙ୍ଗେ କହିଲା—ମାନେ ମୁଁ କହୁଥିଲି—ବଡ଼ ସକାଳେ ମୋ ପରି ଗୋଟାଏ ଅକର୍ମଣ୍ୟ, ଅପଦାର୍ଥ ପାଇଁ ଏତେ କଷ୍ଟ କରି ନ ରାନ୍ଧିଥିଲେ ଭଲ ହୋଇଥାନ୍ତା ।

—ଏଥିରେ ଆଉ କଷ୍ଟ କ’ଣ ? ଉଦ୍ଧବ କହିଲେ—ପିଲମାନଙ୍କ ଜଳଖିଆ ପାଇଁ ସକାଳେ ରୋଜ ଖେଚେଡ଼ି ହୁଏ । ଆଜି ପଲଉ ହେଉଛି—ଏଇ ଯା ପ୍ରଭେଦ । ନଇଲେ ପୂର୍ବାଗ୍ନି ତ ଅଛି ! ଆଉ ତା ଛଡ଼ା ତୁମେମାନେ କାଲି ରାତିରେ କେହି କିଛି ତ ଖାଇ ନ ଥିଲ ! ଆସିଲାବେଳକୁ ସବୁ ତ ହେମକାକର ହୋଇ ଯାଇଥିଲା !

—ଟ୍ରେନ୍‌ଟା କାଲି ଲେଟ୍ ଥିଲା ନା କ’ଣ ? ମୁହଁରେ ଗୋଟାଏ ଦାମିକା ସିଗାରେଟ ଧରାଇ ଘର ଭିତରକୁ ପଶିଆସିଲେ ଆଡ଼ଭୋକେଟ୍ ରମଣୀବାବୁ—ବ୍ରଜର ଦାଦା । ବ୍ରଜ ଆଉ ଉପେନ୍ ଦୁହେଁ ଖାଇଲାଠି ଉଠି ଛିଡ଼ା ହଉଥିଲେ—“ଖାଅ, ଖାଅ ବସି” କହି ଆଡ଼ଭୋକେଟ୍ ଗୋଟିଏ କୁରୁଚ ଟାଣିନେଇ ବସିଲେ ଏବଂ ଉପେନ୍‌କୁ କଣେଇ କଣେଇ ଲକ୍ଷ୍ୟ କଲେ ।

ଉପେନ୍ ବି ଲକ୍ଷ୍ୟ କଲା, ସାହେବ ସଦ୍ୟ ନଶୀଥ ଶଯ୍ୟାରୁ ଉଠି ଆସିଛନ୍ତି ଏଇ ମାତ୍ର ! ! ଦେହରେ ଝକଝକ କରୁଛି ଇଂଲଣ୍ଡ୍ ନାଇଟ୍ ସୁଟ୍ । ଢିଲା ପାଇଜାମା ଆଉ ଢିଲା କୋଟ୍ । କିନ୍ତୁ କନାଟା ଚମତ୍କାର । ଗୋଟାଏ କପର ଝଲସିତ ପାଡ଼ି ଅଛି ରେଶମୀ ସୂତା ଦେହରେ । ସୌମ୍ୟ ଶାନ୍ତ ଚେହେରା । ସ୍ୱର୍ଣ୍ଣାକୃତି ଆଖିରେ ଙ୍କାଚକ୍ଷଣତାର ତେଜ । ପ୍ରଶସ୍ତ ଲଲାଟରେ ଲାଗିରହିଛି ପ୍ରଖର ବୁଦ୍ଧିର ସମୁଜ୍ଜ୍ୱଳ ଶ୍ରୀ ।

—ଦାଦା, ଏଇ ହଉଛି ମୋର ବନ୍ଧୁ ଉପେନ୍ । ଫାଷ୍ଟ କ୍ଲାସ ପାଇ ପାଶ୍ କରିଛି ବି. ଏ. ।

—ଗୁଡ୍ ! ଥରେ ଦିଥର ତୋ ମୁହଁରେ ଏଙ୍କ କଥା ଶୁଣିଛି ଅବଶ୍ୟ···କିନ୍ତୁ କାହିଁ କେବେ ତ ଆମ ଘରକୁ ତୋ ସାଙ୍ଗରେ ଆସିବା ଦେଖି ନ ଥିଲି ! ଖୁବ୍ ଗମ୍ଭୀର ଗଳାରେ କହିଲେ ରମଣୀବାବୁ ।

—କାହା ଘରକୁ ଯିବା ଆସିବାରେ ଉପେନ୍ ବଡ଼ ବେଶୀ ଫର୍ମାଲ୍ ।

—ନା, ସେକଥା ନୁହେଁ । ମୁଁ ବଡ଼ ବେଶୀ ବ୍ୟସ୍ତ ଥାଏ

—ଭୋଖୀ ଭିଖାରୀଙ୍କ ତାଲିକା ସଂଗ୍ରହରେ ନା କ'ଣ ? ବନଲତା ଖିଲ୍ ଖିଲ୍ କରି ହସିଉଠି ପଣତ ଭିତରେ ମୁହଁ ଲୁଚେଇଲା ।

—ମାନେ ? ସିଗାରେଟର ଧୂଆଁ କୁଣ୍ଡଳୀକୃତ ଆକାରରେ ଉପରକୁ ଗୁଡ଼ୁ ଗୁଡ଼ୁ ପଚାରିଲେ ରମଣୀବାବୁ ।

—ଉପେନ୍‌ବାବୁ କମ୍ୟୁନିଷ୍ଟ କି ନା ! ବନଲତା ମୃଦୁ ସ୍ନିଗ୍ଧ କଣ୍ଠରେ ରହସ୍ୟ କରି କହିଲା ।

—ଓ, ଆଇ ସି ! କିନ୍ତୁ କାହିଁ ! ଓଡ଼ିଶାର କମ୍ୟୁନିଷ୍ଟ ପାର୍ଟିର ଲିଡ଼ର୍ ସୁଧାକର ଆଉ ତା ଦଳ ତ ପ୍ରାୟ ଆସନ୍ତି ଏଠିକି, କାହିଁ, ତାଙ୍କ ସାଙ୍ଗରେ କେବେ ଏଠିକି ଆସିବା ତ ଦେଖି ନାହିଁ !

—ନା, ଭୁଲ କହିଛନ୍ତି ବନଲତା ଦେବୀ । ଉପେନ୍ ଅପ୍ରସ୍ତୁତ ହେଲା ପରି କହିଲା—ମୁଁ କମ୍ୟୁନିଷ୍ଟ ନୁହେଁ କି କୌଣସି କମ୍ରେଡ଼ଙ୍କ ସାଙ୍ଗରେ ମୋର ବନ୍ଧୁତା ତ ଦୂରର କଥା—ସାଧାରଣ ଜଣାଶୁଣା ବି ନାହିଁ—କହି ହାତ ଧୋଇବାକୁ ଉଠି ଚାଲିଗଲା ବାହାରକୁ । ଏ ଭିତରେ ତାର ଖିଆ ସରିଥିଲା ।

—ଆଉ ଖା'ଇ ନ ଥାନ୍ତେ କିଛି ?

—ନା । ଗ୍ଲାସେ ପାଣି ପିଇ ଉଠି ଛିଡ଼ାହେଲା । ଇନ୍ଦିରା ଦେବୀ ପ୍ଲେଟ ଡିସ୍‌ଟିର ମାଟି ଶୁଣି ଭିତରକୁ ଚାଲିଗଲେ । ବ୍ରାକେଟ ଉପରୁ ତଉଲିଆ ଆଣି ଉପେନ୍‌କୁ ହାତ ପୋଛିବାକୁ ଦେଲା ବନଲତା ।

—ତା'ପରେ ଲ'ଟା ପଢ଼ୁଛ ତ ? ସକାଳର 'ଷ୍ଟେଟସ୍‌ମ୍ୟାନ'ଟା ଦେଖୁ ଦେଖୁ ପଚାରିଲେ ରମଣୀବାବୁ ।

—ନା, ଚାକିରି । ଉପେନ୍ କହିଲା

—ଚାକିରି ! ଆଡ୍‌ଭୋକେଟ୍ ଖବରକାଗଜର ହେଡ଼ିଂଗୁଡ଼ାକୁ ତରତର ହୋଇ ଦେଖି ଯାଉଁ ଯାଉଁ କହିଲେ—କୃତିତ୍ୱର ସହ ବି. ଏ. ପାଶ୍ କରି...

—କ'ଣ କରିବ ? ବାଧା ଦେଇ ଉପେନ୍ କହିଲା—ଘର ଯେ ଅଚଳ !

—ଓ ! କି ଚାକିରି କରିବ ?

—ଯାହା ଗୋଟାଏ କିଛି ।

—ମାନେ ?

—ଯାହା ଭାଗ୍ୟରେ ଜୁଟିବ ।

—କ'ଣ ଖୁବ୍ ଦରକାର ?

—ସେଇ ସନ୍ଧାନରେ ତ ବାହାରିଲି । ଉପେନ୍ କହିଲା ।

ଖବରକାଗଜ ଉପରୁ ମୁହଁ ଉଠେଇ ଆଡ୍‌ଭୋକେଟ୍ ଏଥର ବିସ୍ଫାରିତ ଚକ୍ଷୁରେ ଚାହିଁଲେ ଉପେନ୍ ମୁହଁକୁ ।

ବ୍ରଜ ଜବାବ ଦେଲା—ବଡ଼ ଏକଜିଦିଆ ଉପେନ୍ । ତାର ଝୁଙ୍କ୍ ଆଜି ଯେମିତି ହେଲେ ଗୋଟାଏ ଚାକିରି ସେ କୁଉଠି ହେଲେ କରିବ ।

ଗମ୍ଭୀର ହୋଇ ବସି ରମଣୀବାବୁ କ'ଣ ଟିକିଏ ଭାବିଲେ । ତା ପରେ ଦି ଚାରି ଥର ସିଗାରେଟଟାକୁ ଖୁବ୍ ଜୋରରେ ଟାଣି ଫସ୍ ଫସ୍ କରି ଧୂଆଁ ଛାଡ଼ିଲେ । ଦାମିକା ସିଗାରେଟ୍ ଗନ୍ଧରେ ସମସ୍ତ ଘରଟା ସୁରଭିତ ହୋଇଉଠିଲା ।

ଗଜନା ଆସି ଖବର ଦେଲା—ଭିତରେ ବାବୁଆଣୀ ଡାକୁଛନ୍ତି ।

—ହଁ, ହଁ । ଆଜି ଟିକିଏ ସହଳ କଚେରି ଯିବାକୁ ପଡ଼ିବ । ସେ ଉଠି ଛିଡ଼ାହେଲେ । ଚାକିରି ଖୋଜି ଯିବା ସମ୍ବନ୍ଧରେ ଆଉ କୌଣସି

ଟିପ୍ପଣୀ ନ ଦେଇ କହିଲେ—ଆଚ୍ଛା, ମୁଁ ଯାଏ। ଆଜ ସନ୍ଧ୍ୟାକୁ ଆସୁଚ ତ ?

—ଦେଖେ ! ଉପେନ୍ କହିଲା।

—ଆସିବ, ଆସିବ। ରମଣୀବାବୁ ଚାଲିଗଲେ ଭିତରକୁ।

ବ୍ରଜ କହିଲା—ଖୁଙ୍କା, ଦେଖ୍ ତ, ସାଇକଲଟା ଭିତରେ ଥିଲା। ଖାବନା ନେଇ ପଳେଇନି ତ କୁଆଡ଼େ ?

ବନଟା ଚାଲିଗଲା। ଉପେନ୍ ତାର ଅଧ ମଇଲା ଧୋତି ଆଉ ହାଫ୍ କାମିଜଟାକୁ ଦେଲେଇ ଯିବାକୁ ପ୍ରସ୍ତୁତ ହେଲା। ବ୍ରଜ ହସି ହସି ପଚାରିଲା—ଏଇ ବେଶରେ ଯିବୁ ଚାକରି ଖୋଜି ?

—ଆଉ ?

—ମୋ ସୁଟ୍ଟା ହବନି ତତେ ?

—ହେଲେ ବି କି ଦରକାର ? ତୋ ସୁଟ୍ଟାକୁ ଦେଖି ତ କେହି ଚାକରି ଦେବେନି ?

—ଏଇ ବୁଦ୍ଧି ନେଇ ତୁ ଚାକରି ଖୋଜି ବାହାରିଛୁ ?

—କାହିଁକି, କ'ଣ ହେଲା ?

—ଏଇ ବେଶରେ ତତେ ଆଗ ଅଫିସ ଭିତରକୁ ପଶିବାକୁ ଦେବେ ନା ?

—କୋଆଲିସନ ମିନିଷ୍ଟ୍ରି ବେଳେ ବି !

—କଂଗ୍ରେସ ମିନିଷ୍ଟ୍ରି ବେଳେ ତ ନ ଥିଲା।

—ସତେ ନା କ'ଣ ?

—ତୁ କିଚ୍ଛି ଖବର ରଖୁନା ଦେଖୁଚି। କରେ, ମହାତ୍ମା ଗାନ୍ଧିଙ୍କ ମାହାତ୍ମ୍ୟ ଉପରେ ସିନା···ନଇଲେ କେଶବର୍ଦ୍ଧିନୀ ତେଲ, ଅଜନ୍ତା ସୋପ୍, ଇଭିନିଂ ଇନ୍ ପ୍ୟାରିସ୍ ବିନା ଯାର ମୁହୂର୍ତ୍ତେ ଚଳେନି—ସେ ପୁଣି ରୁକ୍ଷ ଖଦଡ଼ ପିନ୍ଧି ଶ୍ରୀ-ଅଙ୍ଗକୁ ପୀଡ଼ା ଦିଅନ୍ତା ?

—ବୁଝିଲି, ଇଜ ମିନ୍…

—ବାସ୍—ବାସ୍, ବ୍ରଜ ଚିତ୍କାର କରିଉଠିଲା…ମୁଁ ଯାହା ମିନ୍ କରୁଛି ତୁ ଯଦି ସେଇଆ ଭାବି ଠିକ୍ କରିଥାଉ ତାହେଲେ ନାଁଟା ଉଚ୍ଚାରଣ କରି ଲାଭ ନାହିଁ। ଅନୁସନ୍ଧାନର ଯୋଗାଡ଼ରେ ଅନୁକୂଳ କରି ବାହାରିଛୁ। …ତାଙ୍କ ନାଁଟା ଧରିଲେ ଦିନଯାକ ଖାଇବାକୁ ମିଳେନା—ଜାଣୁ ତ ?

ଯାହାର ଖାଇବାର ଆଶା ଥାଏ ‥ସେ ସିନା ନାଁଟା ଉଚ୍ଚାରଣ କରିବାକୁ ଭୟ କରିବ…ଦିନଯାକ ଉପାସ ରହିବାର ନିର୍ଭୁଲ ଗଣନା ନେଇ ଯେ ଯାତ୍ରାପଥରେ ବାହାରୁଛି…

ବ୍ରଜ କହିଲା—ହଉ, ହଉ, ସେତିକି ଥାଉ। ସୁନା ପିଲାଟି ପରି ବାରଟାକୁ ଚାଲିଆସିବୁ ଖାଇବାକୁ। ମୁଁ ଅପେକ୍ଷା କରିଥିବି।

—ଧନ୍ୟବାଦ ! ଖାଇ ନେଇଥିବୁ ତୁ…

ସାଇକଲ ନେଇଆସି ବାହାର ବାରଣ୍ଡାରେ ରଜନୀ ଠିଆ ହେଲା।

ଘଡ଼ିକି ଚାହିଁଲା ଉପେନ୍—ନ'ଟା ? କଥାରେ କଥାରେ ଏତେ ଡେରି ?

—ଡେରି ? ରାତିରୁ ଉଠି ଧାଇଁଲୁ ନାହିଁ ?

—ଧାଇଁବା'ର କଥା ହୋଇଥିଲେ…

—ଧାଇଁଥାଆନ୍ତେ ନିଶ୍ଚୟ। ରଜନୀ ହସି ହସି ପୁଣି ଘର ଭିତରକୁ ଆସିଲା।

—ସେଥିରେ ଆଉ ଲଜ୍ଜା କ'ଣ ? ପେଟ ପାଇଁ ଅନେକ କଷ୍ଟ କରିବାକୁ ପଡ଼େ…

—ଆପଣ ମୋ ଉପରେ ରାଗୁଛନ୍ତି ନା କ'ଣ ? ରଜନୀ ପଚାରିଲା।

—ତରକାରୀ ତ ଜୁଟେନା ! ଲଙ୍କାମରିଚ ଖାଇଲି କେତେ ଯେ···ରାଗିବ ।

ବନଜା ଓ ବ୍ରଜ ଦୁହେଁ ହସିଉଠିଲେ ।

ବାହାରକୁ ଯାଇ ସାଇକଲଟା ଧରିଲା ଉପେନ୍ଦ୍ର ।

—ଚାଲିଲୁ ? ପଚାରିଲା ବ୍ରଜବଲ୍ଲଭ । ଫେରୁଚୁ କେତେବେଳକୁ ?

—ଠିକ୍ ନାହିଁ ।

—ବାରଟାକୁ ଖାଇବା ପାଇଁ ଆସିବେ ତ ! ପଚାରିଲା ବନଜା ।

—ନା, ନା, ମୋ ପାଇଁ ଅଯଥା କଷ୍ଟ କରି ଅପେକ୍ଷା କରିବେ ନାହିଁ ।

—ଏତେ ଫର୍ମାଲ୍ ହେବେନି । ଆସିବେ ଖାଇବାକୁ ।

—କ୍ଷମା କରିବେ ।

—ତେବେ ସନ୍ଧ୍ୟାକୁ ଆସୁଚୁ ତ ! ପଚାରିଲେ ବ୍ରଜ ।

—ଦେଖିବ ।

—ସାଇକଲ୍‌ଟା ଦବୁନି ?

—ଓ, ଆସିବାକୁ ଡେରିବ ତାହେଲେ । ଅଚ୍ଛା, ବିଦାୟ ! ! ସାଇକଲରେ ବସି ଚାଲିଗଲେ ଉପେନ୍ ।

ବ୍ରଜବଲ୍ଲଭ ଗଲା ଉପର ମହଲକୁ । ଝରକାର ରେଲିଂ ଧରି ଚାହିଁରହିଲା ବନଜା । ଛୁଞ୍ଚା ହୋଇ ଚାହିଁରହିଲା ଉପେନ୍‌ର ଚଳଶୀଳ ସାଇକଲ ଆଡ଼େ । ରାଜପଥ ଉପରେ ସାଇକଲ ଛୁଟିଥିଲା—ଛୁଟିଥିଲା ପ୍ରଚଣ୍ଡ ବେଗରେ । ଆଉ ଛୁଟି ଚାଲିଥିଲା ସମ ଛନ୍ଦରେ ବନଜାର ମସ୍ତିଷ୍କ ଭିତରେ ବିକ୍ଷିପ୍ତ ଭାବନାର ଚଞ୍ଚଳ ସ୍ରୋତଧାରା । ଭାବୁଥିଲା ବନଜା··· ସେ ଯେପରି ହଠାତ୍ ଆଜି ନିଜକୁ ଉଦ୍‌ଭାବନ କରିଛି; ଉଦ୍‌ଭାବନ କରିଛି ବିରାଟ ଏଇ ଶୂନ୍ୟରୁ ବିଶାଳ ଏଇ ସୃଷ୍ଟି । ସେ ଭାବିଲା ଆଶ୍ଚର୍ଯ୍ୟରେ—ହଠାତ୍ କିପରି ଆକାଶରେ ଆସିଲା ଏତେ ରଙ୍ଗ ? ଆଲୋକର ଦୀପ୍ତ ତରଙ୍ଗଗୁଡ଼ିକରେ ମାପ୍ତିମନ୍ତ ଐଶ୍ୱର୍ଯ୍ୟ ! ଅସିଲା ମୁହୂର୍ତ୍ତ-ଗୁଡ଼ିକରେ ଏତେ ଧାରୁଆ ଶାଣ ! ! ଶଙ୍କର ହୋଇଉଠିଲା ମୃତ୍ୟୁ ପରି ସୁସ୍ୱାଦୁ ! ଦେହର ରକ୍ତ ହୋଇଉଠିଲା ଅମୃତ ପରି ମଧୁର ! ବୁଦ୍ଧି-

ପାରିଲାନ ତା ହୃଦୟତନ୍ତ୍ରୀର ତାରେ ତାରେ, ବାଜିଉଠିଲା କି ଅପୂର୍ବ ସଙ୍ଗୀତ ! ସଙ୍ଗୀତର ଲଳିତ ଝଙ୍କାର ବା ଆସିଲା କୁଆଡ଼ୁ ? ଏକ ଅମୃତ-ଲୋକର ମଧୁମୟ ଝଙ୍କାର ସେ ଶୁଣିପାରୁଛି ମୂର୍ଚ୍ଛିତ ବତାସରେ, ତରବାରି ପରି ଝଲସିତ ଦିବାଲୋକର ସାନ୍ଦ୍ର ସ୍ପର୍ଶତାରେ । ସେ ଯେପରି ନିଜକୁ ନୂତନ ଭାବରେ ପାଇଛି—ପାଇଛି ପ୍ରେରଣା ନିଜକୁ ନୂତନ କରି ରଚନା କରିବାରେ । ଅଯାନ୍ତ୍ରିକ ମୌଳିକ ରଚନା ! ସେ କିଛି କରିଲାନ—ସେ ହୋଇଉଠିଲା ! ବିକଶି ଉଠିଲା ଆପେ ଆପେ ତା ଦେହ-ବୃନ୍ତରେ ଆତ୍ମାର ଫୁଲ । ଶୁଭ୍ର ସୁଗନ୍ଧ ଫୁଲ । ଦୀପଧାରରେ ସମୁଜ୍ଜ୍ୱଳ ଗୋଟିଏ ଶିଖା ।

ହଠାତ୍ ବିନତାର ମନେ ହେଲା, ସେ ଯେପରି ଅନେକଗୁଡ଼ିଏ ଢେଉ ଠେଲି···ପ୍ରଥମ କରି ପାଇଛି ମୃତ୍ତିକାର ଆଶ୍ରୟ—ପାଇଛି ତା' ନିଜତ୍ୱକୁ, ତା' ନାରୀତ୍ୱକୁ···ତା' ବଞ୍ଚିବାର ସାର୍ଥକତାକୁ ! ବଞ୍ଚିବାକୁ ଆସିଛି ସେ ଝଲସିତ ରୌଦ୍ରରେ, ନିର୍ମଳ ବୃଷ୍ଟି ପରି, ସବୁଜ ବସନ୍ତ ପରି, ସ୍ୱର୍ଣ୍ଣାଭ ରଶ୍ମିକଣା ପରି !

ବଞ୍ଚିବ ସେ ଉଷାର ଉଦୟରାଗ ପରି, ସନ୍ଧ୍ୟାର ରକ୍ତରାଗ ପରି ବର୍ଣ୍ଣଚ୍ଛଟାର ଐଶ୍ୱର୍ଯ୍ୟରେ, ଜ୍ୟୋତ୍ସ୍ନାପ୍ଲାବିତ ପୂର୍ଣ୍ଣିମାର ଶୁଭ୍ର ସ୍ନିଗ୍ଧତାରେ, ବିପ୍ଳବ ଆଉ ବିକାଶ ଭିତରେ—ପ୍ରଳୟର ଅଗ୍ନିସ୍ଫୁଲିଙ୍ଗ ପରି ।

ଭାବୁ ଭାବୁ ତା ଦେହ ରୋମାଞ୍ଚିତ ହୋଇଉଠିଲା ତପ୍ତ ଉତ୍ତେଜନାରେ । ଆଉଥରେ ସେ ରାଜପଥ ଆଡ଼େ ଚାହିଁ ଉପେନ୍‌କୁ ଲକ୍ଷ୍ୟ କରିବାକୁ ଚେଷ୍ଟା କଲା । କିନ୍ତୁ ସେତେବେଳକୁ ଉପେନ୍ ଚାଲି-ଯାଇଥିଲା ବହୁତ ଦୂରକୁ !

ଘଣ୍ଟେ ଦୂର ତରତର ହୋଇ ଆସି ଉପେନ୍ ସାଇକଲର ଗତି ମନ୍ଦୀଭୂତ କଲା । କୁଆଡ଼େ ଯିବ ? କାହା ପାଖକୁ ? ଖୁବ୍ ଧୀରେ ଧୀରେ ପେଡ଼ାଲ କରି ସେ ଆଗେଇ ଚାଲିଲା । କିନ୍ତୁ ହଠାତ୍ ଗୋଟିଏ କିଛି ସିଦ୍ଧାନ୍ତରେ ପହଞ୍ଚି ପାରିଲାନି ସେ । ଅସଂଲଗ୍ନ କଳ୍ପନା ! କଲେଜର ପାଖ ରାସ୍ତା ଦେଇ ସେ ଆସିଲା ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଫିସକୁ । ତାର ଅନ୍ୟତମ କଲେଜ ବନ୍ଧୁ ହୃଷୀକେଶର ଭାଇ କାମ କରେ ସେଠି । ବୁଝିନେବ ଯଦି ସେଠି କିଛି କାମ-ଫାମ ଖାଲି ଥାଏ । ଆସି ଦେଖିଲା, ଅଫିସ୍ ସେ ପର୍ଯ୍ୟନ୍ତ ଖୋଲିନି । ଖୋଲିବା ସମୟ ହୋଇନି । ଆଉ ଘଣ୍ଟାକ ପରେ ତାର ବାହାରିବା ଉଚିତ ଥିଲା । ମନେ ମନେ ଭାବିଲା ଉପେନ୍, ତାପରେ ଠିକ୍ କଲା—ଆଉ କୁଆଡ଼େ ଦି' ଘେରା ବୁଲି ଆସିବ । ସାଇକଲରେ ବସି ସେ ପୁଣି ବାହାରିଲା । କାଠଯୋଡ଼ି ନଦୀ ବନ୍ଧ ରାସ୍ତା ଉପରକୁ ଉଠି ସେ ଚାହିଁଲା ଚାରିଆଡ଼େ । ସେ ପାଖରେ ଶୁଖିଲା କାଠଯୋଡ଼ି, ଏ ପାଖରେ କୋଠାବାଡ଼ିର ବିଚିତ୍ର ରୂପ । ନୀଳ ଆକାଶ ସୂର୍ଯ୍ୟ-ରଶ୍ମିରେ ଝିକ୍ ଝିକ୍ କରୁଛି—ତଳେ ବସ୍ତା ଉପରେ ପୃଥିବୀର ଦୃଶ୍ୟମାନ ମାଟି ଉପରେ ଝଞ୍ଜାଡ଼ି ହୋଇ ପଡ଼ୁଛି ଆଲୋକର ଉଜ୍ଜ୍ୱଳ ରଶ୍ମି ।

କଟକକୁ ସେ ଯେମିତି ଆଜି ନୂଆ କରି ଦେଖୁଛି ! ସାମ୍ନାରେ ଫାଣ୍ଡି । ଫାଣ୍ଡିର ଏଇ ପାଖେ ଯୁ ରାସ୍ତାଟା ଯାଇଛି ବାଁ ହାତି, ତେଲିଙ୍ଗା ବଜାର ଭିତରକୁ, ସେଇ ରାସ୍ତା ଧରି ଚାଲିଲା ସେ ଆଗେଇ । ଅଧ-ଅଧ ଭଙ୍ଗା ଚାଳଘର କେତେ ଖଣ୍ଡ ଛାଡ଼ି, ଏକ ମହଲା, ଦି ମହଲା କୋଠା କୁଉଠି କେମିତି—ବେଖାପ—ସାମଞ୍ଜସ୍ୟ ନାହିଁ । ଚାଲିଲା ସେ ଆଉରି ଆଗକୁ । କି ଗୋଟାଏ ହୋମିଓପ୍ୟାଥି ଦୋକାନ । ବସିଛନ୍ତି ମଳମୁଣ୍ଡିଆ କେତେ ଜଣ ରୋଗୀ । ଆଖି ଫେରେଇନେଲା । ଡାହାଣ ହାତ ରାସ୍ତା ଛାଡ଼ି ଚାଲିଲା ବାଁ ହାତ—ଛୋଟ ଛୋଟ ଚାଳଘର । ଶାଢ଼ୀ ଶୁଖୁଚି ଦୁଆର ମୁହଁରେ । ଗୋଟିଏ ଘରୁ ହାର୍ମୋନିୟମର ଚଢ଼ା ପରଦାରେ

ସ୍ତ୍ରୀ ଗଳାର ଝଙ୍କାର ଶୁଭୁଛି । ଟପି ଚାଲିଲା ଆଉରି ଆଗକୁ । ସରୁ ସଂକୀର୍ଣ୍ଣ ରାସ୍ତା ଦୁଇ କଡ଼ରେ ପଚା-ସଢ଼ା ପାଣି । ମ୍ୟୁନିସିପାଲିଟିର ଜୟଢିଙ୍କା ବଜାଇ ମଶା ମାଛି ଭଣଭଣ ହଉଛନ୍ତି । କି ସନ୍ତସନ୍ତିଆ, ବୀଭତ୍ସ ଗନ୍ଧ ! ! ରୁମାଲ କାଢ଼ି ନାକରେ ଦେଲା ଉପେନ୍ ! ଇସ୍, କଟକ ସହରଟା କି କଦର୍ଯ୍ୟ ! ଓଡ଼ିଶାର ପ୍ରଧାନ ସହର ! ରାଜଧାନୀ ! ! ଶିକ୍ଷା-ସଭ୍ୟତା-ସଂସ୍କୃତିର ପ୍ରଧାନ ପୀଠ ! ଏଇ ଜଘନ୍ୟ ଆବର୍ଜ୍ଜନା, ଏଇ ଦୁର୍ଗନ୍ଧ ବାୟୁମଣ୍ଡଳ ଭିତରେ ଜାତିର ସ୍ୱାସ୍ଥ୍ୟ ଗଢ଼ିଉଠିବ ? ଦେଶର ପରମାୟୁ ପାଇବ ବୃଦ୍ଧି ? ସେ ପୁଣି ଆଗେଇ ଚାଲିଲା ଭାବି ଭାବି । ଏଇ କ'ଣ କଟକ ? ଏଇ କଟକରେ ସେ କ'ଣ ଗଲା ଚାରି ବର୍ଷ ଧରି ଥିଲା ! କିନ୍ତୁ କଟକର ଏ ବୀଭତ୍ସ କଦର୍ଯ୍ୟ ଚେହେରା କଥା ତ ସେ ଏପର୍ଯ୍ୟନ୍ତ ଭାବି ଦେଖି ନ ଥିଲା ! ଟିକିଏ ଅବାକ୍ ହେଲା । ତାପରେ ଭାବିଲା—ଏପର୍ଯ୍ୟନ୍ତ ଯୁ' କଟକ ତାକୁ ଅଭିଭୂତ କରିଥିଲା, ତା କଳ୍ପନାକୁ କରିଥିଲା ରଙ୍ଗୀନ୍—ତା ସ୍ୱପ୍ନକୁ କରିଥିଲା ମଧୁର—ଏ ତ ସେ କଟକ ନୁହେଁ । ଏ ବାସ୍ତବ କଟକ ସହିତ ତା ଛାତ୍ର-ଜୀବନର କଳ୍ପିତ କଟକର ତ କୁଉଠି ହେଲେ ଏତେ ଟିକିଏ ସାମଞ୍ଜସ୍ୟ ନାହିଁ । ଏତେ ଦିନ କଟକ ଥିଲା ତା ଧ୍ୟାନରେ, ତା ସ୍ୱପ୍ନରେ, ତା ଭାବନାରେ, ତା ଛାତ୍ର-ଜୀବନର କବିତ୍ୱରେ । ସେ ଦେଖିଥିଲା କାଠଯୋଡ଼ି ନଦୀ ବନ୍ଧରେ, ସନ୍ଧ୍ୟାର ରଙ୍ଗୀନ୍ ଆଲୋକରେ ରକ୍ତାଭ କଟକର ରୂପ; ପାଇଥିଲା ଚାନ୍ଦନୀ ରାତିରେ କାଠଯୋଡ଼ି ନଦୀର ବାଲୁକା ଶଯ୍ୟା ଉପରେ କଟକ ନଗରୀର ଯୌବନ-ରସ-ମଦିରାର ମଧୁର ସ୍ୱାଦ । ପାଇଥିଲା ମହାନଦୀର ବୁରୁଜ ଉପରେ ବସନ୍ତସ୍ପନ୍ଦିତ କଟକର ସୁଗନ୍ଧ ପରଶ । କିନ୍ତୁ ଆଜି କଟକର ଏଇ ରାସ୍ତା ଉପରେ ବାସ୍ତବ ଜୀବନଯାତ୍ରୀ ରୂପେ ଛିଡ଼ା ହୋଇ ସେ ଦେଖୁଛି କ'ଣ ? ଦେଖୁଛି କି ବଚନ ଓଲଟ ପାଲଟ ! ପ୍ରାଣର ତାଡ଼ନା ନାହିଁ, କର୍ମପ୍ରବଣତାର ଉତ୍ତେଜନା ନାହିଁ, ଆଗେଇ ଚାଲିବାର ବ୍ୟସ୍ତତା ନାହିଁ । କିପରି ଧୀର ସ୍ଥିର ନିଶ୍ଚିନ୍ତ ଭାବ । ସମସ୍ତ ନଗରୀ ଦିନ ଦଶଟାରେ ଯେପରି ନିଶୀଥ-ଶଯ୍ୟା ଛାଡ଼ି ନିଦରୁ ଉଠି ନାହିଁ । ଜନତା ନାହିଁ, ଗହଳ ନାହିଁ, ବ୍ୟଗ୍ରତା ନାହିଁ । ବାଲୁବଜାର, ଚାନ୍ଦନୀଚୌକ ! ସହରର ସବୁଠୁ ବଡ଼ ଅଂଶ ଏଇଟା । କିନ୍ତୁ କାହିଁ କ'ଣ ? ସୁନା-ରୁପାର ଅଳଙ୍କାର ଦୋକାନରେ

ମଫସଲର ଜଣେ ଦି'ଜଣ ଗରାକ । ଲୁଗାଦୋକାନରେ ଗୋଟାଏ ଅଧେ ବୁଢ଼ା ! ତାପରେ ବସ୍ତ୍ର ଦୋକାନ କେତେଟା ! ସ୍କୁଲପିଲା କେତେ ଜଣ ଖାତା-ପତ୍ର କିଣିବାରେ ଟିକିଏ ଚଙ୍ଗ-ଚଙ୍ଗ, ଚଞ୍ଚଳ । ସେପଟେ ପରିବା ଦୋକାନ । ପୁଲିସ ପାଖରେ ରାସ୍ତାଟା ନିହାତି ସଂକୀର୍ଣ୍ଣ । ଚାରି ପାଞ୍ଚ ଜଣ ଲୋକ ଭିତରେ ଦି ଖଣ୍ଡ ରିକ୍ସା ଅଟକି ଯାଉଛନ୍ତି ସେଠି । ବିଶାଳ ଓଡ଼ିଶାର ବିରାଟ କଟକ—ଆଉ ତା' ବିଖ୍ୟାତ ବାଲୁବଜାରର ବୃହତ୍ ରାସ୍ତା !! ବିଚରା ଉପେନ୍‌କୁ ସାଇକେଲରୁ ସେଇଠି ଓହ୍ଲାଇ ପଡ଼ିବାକୁ ହେଲା । ବାଇକ୍‌ଟାକୁ ଟାଣି ଓଟାରି ଆଗେଇଲା ସେ । ସାମନାରେ ଗୋଟାଏ କି ବ୍ୟାଙ୍କ୍ । ଆଉ କେତେଟା ଦେଖି ଆସିଲା ସ ପଛରେ । ସବୁଗୁଡ଼ିକ ବଙ୍ଗାଳୀଙ୍କର । ହେଡ଼ ଅଫିସ୍ କଲିକତାରେ । ବ୍ରାଞ୍ଚ ତାର କଟକର ଗଳିରେ ଗଳିରେ !! କୋଠା ଭଡ଼ା ନେଇ ଆରାମରେ ବସି ବ୍ୟବସାୟ ମେଲି ଦେଇଛନ୍ତି···ବଡ଼ ବଡ଼ କେତେଟା ଓଡ଼ିଆ ପଇସାବାଲାଙ୍କୁ···ଓପନିଂ ସେରିମନିରେ ସଭାପତି କରି ବସେଇ ଦେଇ, ଦି'ଟା ଖୋସାମଦିଆ କଥା ବାଗେଇ ବୁଝେଇ କହି···ଆରମ୍ଭ କରି ଦେଇଛନ୍ତି ବ୍ୟାଙ୍କିଙ୍ଗ୍ । ଓଡ଼ିଆ ଧନରେ ଓଡ଼ିଶାରେ କାରବାର ।··· ମୁନାଫାଟା ଯାଉଛି ବଙ୍ଗଳାକୁ । ଅଥଚ ଗୁଲାଖ ଚକ୍ଷୁର ଓଡ଼ିଆ ବସିଛି ତା ମହାସ୍ମରଣୀୟ ଉଦାରତା ନେଇ । ଜାତିର କି ବିରାଟ ଦୂରଦୃଷ୍ଟି !! ଅଥଚ ଏ ଜାତି ଭାବୁଚି, ଜାଗିବ, ଉଠିବ—ବଞ୍ଚିବ !! କି ଦୁଃସାହସ ! ପଙ୍ଗୁ, ଅଥର୍ବ, କୂପମଣ୍ଡୂକ···ଓଡ଼ିଆଗୁଡ଼ାଙ୍କର କି ସ୍ପର୍ଦ୍ଧା !!

ଦୀର୍ଘଶ୍ୱାସ ନିକ୍ଷେପ କରି ଉପେନ୍ ଆଗେଇ ଚାଲିଲା । ନଜର ପଡ଼ିଲା କବିରାଜ ଦୋକାନରେ । ଆଉରି କେତେଗୁଡ଼ା ଗୁଡ଼ ଆସିଛି ପଛରେ ! କବିରାଜି ଦୋକାନ ? ଭଡ଼ଟା ଟିକିଏ ଦେଖିବାର ଜିନିଷ । ଏଠି ତ ଭିଡ଼ ହବାର କଥା ! ମନେ ମନେ ହସିଲା ଉପେନ୍—ଯାର ଓଡ଼ିଆ ଜାତିର ଜୀବନୀଶକ୍ତିର ପରିଚୟ ତ ଏଇଠୁ ମିଳିବା କଥା । ହା'ରେ ଦୁର୍ଭାଗା ଜାତି !! ଆଗେଇ ଚାଲିଲା ଦି ପାହୁଣ୍ଡ । ଦି ଚାରିଟା ଗୁଡ଼ିଆ ଦୋକାନ । ମାଛି ଭଣଭଣ । ଏତେ ବଡ଼ ଲୁହା କଡ଼ାଟାଏ ବସିଛି ଚୁଲ୍ଲୀ ଉପରେ । ଦଳୁଚି ବସି ଜଣେ ଅଟା, ପୁରୀ ଛାଣିବ ବୋଧହୁଏ । ଦୋକାନ ତଳେ ନାଳ, ପଚା ପାଣି ଦୁର୍ଗନ୍ଧ ! ନାକ ବଥେଇ

ଉଠୁଛନ୍ତି—କିନ୍ତୁ ବେଶ୍ ଆରାମରେ ବସି କାଙ୍ଗାଳଙ୍କ ପରି ଦି ଚାରି ଜଣ ଖାଇ ଚାଲିଛନ୍ତି—ଗପା-ଗପ୍ । ତାଙ୍କର ଆଡ଼େ ଲୋଲୁପ ଦୃଷ୍ଟିରେ ଚାହିଁ ସାମନା ରାସ୍ତା ଉପରେ ଘୂରି ବୁଲୁଛନ୍ତି ମାଗିଖିଆ ଭିଖାରୀର ଦଳ ! ଗୋଟିଏ ମାଇପି ତାର ମେଡ଼ିଆ—ଧେଙ୍ଗା ପିଲା ଦି ତିନିଟାଙ୍କୁ ଧରି ଅନେଇ ରହିଛି । ଏପାଖ ଗୁଡ଼ିଆ ଦୋକାନ ସାମନାରେ ଆଉରି ଚାରି ପାଞ୍ଚ ଜଣ ଛତରଖିଆ । କି କଦର୍ଯ୍ୟ ବୀଭତ୍ସ ଚେହେରା ! କୁକୁର ପଞ୍ଝାଏ ଅନେଇଛନ୍ତି ଜିଭ କାଢ଼ି । ଜଣେ ଖାଇସାରି ପକେଇଦେଲା ଅଇଁଠା ପତରଟାକୁ ନାଳ ଉପରକୁ । ତରକାରି ମେଞ୍ଚାଏ ଲାଗିଥିଲା ବୋଧେ । ଏକା ସାଙ୍ଗେ ବେମାରିଆ କୁକୁର କେଇଟା ଆଉ ଦି ଜଣ ମାଗିଖିଆ ଝାଁପି ପଡ଼ିଲେ ତା ଉପରେ । ଟାଣି ନେଇଗଲା ଜଣେ ପତରଟାକୁ । ଗୋଟାଏ କୁକୁର କାମୁଡ଼ିଦେଲା ଜଣେ ମାଗିଖିଆର ହାତ । ହାଉ-ହାଉ ହୋଇ ପାଟି କରି ଉଠିଲା ସେ ।

କି ଶୋଚନୀୟ ଦାରିଦ୍ର୍ୟ ! ଉପେନ୍ ଭାବିଲା—କଟକ, ତା କଳ୍ପନାର କଟକର ଏ କି ରୂପ ! ଯୁ’ ଆକାଶରେ ଦାରିଦ୍ର୍ୟର ହାହାକାର, ପବନରେ ପଚା ପାଣିର ଦୁର୍ଗନ୍ଧ, ରାସ୍ତା ଉପରେ ମ୍ୟୁନିସିପାଲିଟିର ଆବର୍ଜନା, ଗଳିମାନଙ୍କରେ କାଙ୍ଗାଳ—ମେଡ଼ାଙ୍କର ମର୍ମଭେଦୀ ଆର୍ତ୍ତନାଦ ! ହାୟ ! ହାୟ !! ତା କଲେଜ ଲାଇଫ୍‌ରେ ଯୁ କଳ୍ପିତ କଟକକୁ ନେଇ ସେ ଲେଖିଥିଲା କବିତା, ରେଭେନ୍‌ସା କଲେଜର ଯୁ ବିରାଟ ବିଲ୍‌ଡ଼ିଂକୁ ଚାହିଁ ସେ ଦେଖିଥିଲା ସ୍ୱର୍ଣ୍ଣଯୁଗର ସ୍ୱପ୍ନ, ଯୁ ଚାଉଳିଆଗଞ୍ଜର ରାସ୍ତା ଧାରରେ ଛିଡ଼ା ହୋଇ ସେ ଲକ୍ଷ୍ୟ କରିଥିଲା ଜନତାର ସମାଗମ—ଭାବିଥିଲା କଟକର ବିଶାଳତାର କଥା, ଷ୍ଟେସନ ଅଭିମୁଖେ ଦ୍ରୁତ ଗତିଶୀଳ ରିକ୍‌ସା, ମଟର ଆଉ ସାଇକେଲର ବ୍ୟଗ୍ର ଚଞ୍ଚଳତାକୁ ଲକ୍ଷ୍ୟ କରି କଳ୍ପନା କରିଥିଲା ବିଶ୍ୱର ପ୍ରଗତି ପଥରେ ତା ଦେଶ ଆଉ ଜାତି ଚଞ୍ଚଳ ପଦକ୍ଷେପରେ ଆଗେଇ ଚାଲିଥିବାର କଥା, କାହିଁ ? କାହିଁ, ସେସବୁର ଏବେ ଟିକିଏ ଚିହ୍ନ-ବର୍ଣ୍ଣ-ଲକ୍ଷଣ ତ ନାହିଁ କୁଉଠେ ? ବରଂ କେତେ ପଛରେ, କେତେ ରସାତଳରେ, ପତନର କେତେ ଅତଳ ଗହ୍ୱରରେ ପଡ଼ିଛି ତା କଟକ, ମଡ଼ିଛି ତା ଦେଶ, ପଡ଼ିଛି ତା ଜାତି—ଅନ୍ଧକାରର ଗୁହାପ୍ରିତ ସୁଡ଼ଙ୍ଗ ଭିତରେ ମଲା ନିର୍ଜୀବ ମୁର୍ଦ୍ଦାର ପରି···

ନିଜ ଅଜାଣତରେ ଗୋଟାଏ ଦୀର୍ଘଶ୍ୱାସ ବାହାରି ଆସିଲା ଉପେନ୍‌ର । ସାମନାରେ କଟେର ! ଗ୍ଲୁଲ ଗ୍ଲୁଲ ଅନେକ ବାଟ ଆସିଲାଣି ସେ । ତାକୁ ଯିବାକୁ ପଡ଼ିବ ଡିଷ୍ଟ୍ରିକ୍ଟ ବୋର୍ଡ଼ ଅଫିସ । ପୁଣି ବାଇକ୍ ଉପରେ ବସି ତରତର ହୋଇ ପେଡ଼ାଲ୍ କଲା ସେ···

ଏ ଭିତରେ ଅଫିସ ଖୋଲି ଯାଇଥିଲା । ହୃଦାନନ୍ଦବାବୁ ଦେଖିଲା ମାତ୍ରକେ ଖୁବ୍ ଖୁସିଟାଏ ହୋଇ ପରୀକ୍ଷାରେ ଉପେନ୍‌ର କୃତିତ୍ୱ ପାଇଁ ଅଭିବାଦନ କଲେ । ତାଙ୍କ ସାନ ଭାଇ ହୃଷୀକେଶ, କୌଣସିମତେ ଟପିଯାଇ ପାରିଛି ଏ ଘାଟୀ···ସେଥିପାଇଁ ମଧ୍ୟ ନିଜ ସୌଭାଗ୍ୟକୁ ପ୍ରଶଂସା କଲେ । ହୃଷୀକେଶକୁ ଲ'ଟା ପଢ଼ାଇବାକୁ ଭାବୁଛନ୍ତି । କହିଲେ ହୃଦାନନ୍ଦବାବୁ···

ଉପେନ୍ କହିଲା—ମୁଁ କିନ୍ତୁ ଆଉ ପଢ଼ିବନି—ଚାକିରି ଅନୁସନ୍ଧାନରେ ବାହାରିଛି ।

ହୃଦାନନ୍ଦବାବୁ ଆଶ୍ଚର୍ଯ୍ୟରେ କାଠ ହୋଇଗଲେ । କୃତିତ୍ୱର ସହ ବି. ଏ. ପାଶ୍ କରି ପଢ଼ିବନି ମାନେ ?

—ସମସ୍ତେ ମୋ କୃତିତ୍ୱ ସହ ବି. ଏ. ପାଶ୍ କରିବାଟା ଦେଖୁଛନ୍ତି—କିନ୍ତୁ ମୋ ଘରର ଅବସ୍ଥା କି ଶୋଚନୀୟ ତା ତ କେହି ଜାଣନ୍ତି ନାହିଁ···

ହୃଦାନନ୍ଦବାବୁ ଟିକିଏ ଦୁଃଖିତ ହେଲେ—ବାସ୍ତବିକ୍, ଆଜିକାଲି କଟକରେ ପଢ଼ିବାଟା ଯେପରି ବ୍ୟୟସାପେକ୍ଷ ହୋଇଉଠିଛି ସେଥିରେ ଗୋଟିଏ ପିଲାକୁ ଉଚ୍ଚ ଶିକ୍ଷା ଦବା କଥା ଭାବିଲେ ଆତଙ୍କରେ ଶିହରି ଉଠିବାକୁ ପଡ଼ୁଛି । ହଉ, କି କାମ କରିବ ବୋଲି ଠିକ୍ କରିଛ ?

—କିଛି ଠିକ୍ କରିନି । ବର୍ତ୍ତମାନ ପାଇଁ ଯାହା ମିଳିବ···ଯେତେ ଟଙ୍କାରେ, ଗ୍ରହଣ କରିନେବି । ଆପଣଙ୍କ ଅଫିସରେ କିଛି ଅଛି ?

ହୃଦାନନ୍ଦବାବୁ ପ୍ରଥମେ ଟିକିଏ ଚାରିପାଖକୁ ଚାହିଁଲେ । ତାପରେ ଉପେନ୍ ସାମନାକୁ ଝୁଙ୍କିପଡ଼ି ଖୁବ୍ ନିମ୍ନ ସ୍ୱରରେ କହିଲେ—

ଗ୍ରୁକର ଦଫା ଖାଲି ଅଛି, ଏତିକିବେଳେ ଚେୟାରମ୍ୟାନଙ୍କୁ ଦେଖାକର ।

—କ'ଣ ଏଇପରି ଯିବ ?

—ନା, ନା, ଇଣ୍ଟରଭିଉ କାର୍ଡ଼ ନ ଥିବ ବୋଧହୁଏ ! ଖଣ୍ଡେ ସ୍ଲିପ୍ ଲେଖିଦିଅ ଆଗେ । କହି ହୃଦାନନ୍ଦବାବୁ ଖଣ୍ଡେ କାଗଜ ବଢ଼େଇ-ଦେଲେ ।

ଉପେନ୍ ନାଁ ଲେଖି ପଠେଇଦେଲା । ବସିଲା ଅପେକ୍ଷା କରି ଡାକରା ପାଇଁ ।

ପ୍ରାୟ ଅଧ ଘଣ୍ଟାକ ପରେ ଭିତରୁ ବେଲ୍ ବାଜିଲା । ହୃଦାନନ୍ଦ-ବାବୁ ଯାଇ ବୁଲିଆସିଲେ···ତାପରେ ଉପେନ୍‌କୁ ଯିବା ପାଇଁ ସଙ୍କେତ ଦେଲେ ।

ଉପେନ୍ ସିଧା-ସଳଖ ଭିତରକୁ ଯାଇ ଚେୟାରମ୍ୟାନଙ୍କୁ ନମସ୍କାର କଲା ।

ଚେୟାରମ୍ୟାନ ପ୍ରଥମେ ଉପେନ୍‌କୁ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ନିରୀକ୍ଷଣ କରି ଦେଖିଲେ । ଦେଖିଲେ ପୁଣି ଥରେ ଇଣ୍ଟରଭିଉ ଚିଠିଟାକୁ । ତାପରେ ଟେବଲ ଉପରେ ପଡ଼ିଥିବା ଫାଇଲଟାକୁ ପାଖକୁ ଟାଣିନେଇ କେତେଟା ଅଫିସିଆଲ କାଗଜରେ ସଇ କରୁ କରୁ ଗମ୍ଭୀର ଗଳାରେ ପଚାରିଲେ—

—ନାଁ କ'ଣ ?

—ଉପେନ୍ଦ୍ରକିଶୋର ଦାସ ।

—ଦାସ ?

—ଆଜ୍ଞା !

—ମାନେ ?

ଉପେନ୍ ପ୍ରଶ୍ନର ଅର୍ଥ ବୁଝି ନ ପାରି ଉତ୍ତର ନ ଦେଇ ଚୁପ୍ ହୋଇ ଛିଡ଼ା ହେଲା ।

ଚେୟାରମ୍ୟାନ୍ ପୁଣି ପଚାରିଲେ—

—ଦାସ ?

—ଅଜ୍ଞା !

—କି ଜାତି ?

—କରଣ । ଉପେନ ଥଙ୍ଗ ଥଙ୍ଗ ହୋଇ କହିଲା ।

—କରଣ ?

—ଅଜ୍ଞା !

—କି କରଣ ? ଚେୟାରମ୍ୟାନ୍ ଏଥର ମୁହଁ ଉଠେଇ ଉପେନ୍‌କୁ ଚାହିଁଲେ ।

—କି କରଣ ? ଉପେନ୍ ଅସ୍ପଷ୍ଟ ସ୍ୱରରେ ଥରେ କଥାଟାକୁ ପୁନରାବୃତ୍ତି କଲା । କହିଲା—ଆଜ୍ଞା, ତା ମୁଁ ଠିକ୍ କହିପାରିବିନି ।

—କହିପାରିବନି ? ଚେୟାରମ୍ୟାନ୍ ଖୁବ୍ ବ୍ୟସ୍ତଭାବରେ ପୁଣି ତଳକୁ ମୁହଁ ପୋତି ହଇ କରି ପଚାରିଲେ । ବାଲେଶ୍ୱରିଆ କରଣ ନା କଟକିଆ ?

ଉପେନ୍ ନିମ୍ନ ଜୋରେ ଉତ୍ତର ଦେଲା—ଅଜ୍ଞା, ମୁଁ ପୁରୀଆ ।

ସେଇ ତଳକୁ ମୁହଁ ପୋତି ଚେୟାରମ୍ୟାନ୍ କହିଲେ—ହଁ, କାମ ଗୋଟାଏ ଖାଲି ହବାର ଅଛି । ତେବେ ଆମେ ତ ଏମିତି ନେଇ ପାରିବୁନି । କାଗଜରେ ବିଜ୍ଞାପନ ଦିଆଯିବ । କେତେ ଦରଖାସ୍ତ ଆସୁଛି ଦେଖାଯିବ । ତା ଭିତରୁ ସିଲେକ୍‌ଟେଡ୍ କେତେ ଜଣଙ୍କୁ ପରୀକ୍ଷା ଦବାକୁ ପଡ଼ିବ । ତାପରେ—ଯେ ନିଜର ମେରିଟ୍ ବଳରେ ପ୍ରଥମ ସ୍ଥାନ ଅଧିକାର କରିବ—ସେଇ ପାଇବ କାମ । ତେବେ ବିଜ୍ଞାପନ ବାହାରିଲେ ତମେ ଦରଖାସ୍ତ କରିବ । ସେତେବେଳେ ମୁଁ ଦେଖିବି—ତୁମ ପାଇଁ ମୁଁ କ'ଣ କରିପାରେ···

ଉପେନ୍ ହସ ବନ୍ଦ କରିପାରିଲା ନାହିଁ । ଫିକ୍ କରି ହସି ଉଠିଲା ।

ଚେୟାରମ୍ୟାନ୍ ଚକ୍ଷୁ ମୁହଁ ଉଠେଇ ଉପେନ୍‌କୁ ଜିଜ୍ଞାସୁ ଦୃଷ୍ଟିରେ ଚାହିଁଲେ ।

—ଧନ୍ୟବାଦ । ଉପେନ୍ ଛାତି ପର୍ଯ୍ୟନ୍ତ ଦି ହାତ ଉଠେଇ ନମସ୍କାର କଲା ।

—ହସିଲ ? ଚେୟାରମ୍ୟାନ୍ ପଚାରିଲେ ।

—ଆଜ୍ଞା ! ହସ ମାଡ଼ିଲା ।

—କାହିଁକି ?

—ଅତିଶୟ ଆନନ୍ଦରେ ! ଆପଣ ଏତେ କଷ୍ଟ କରି—ବହୁମୂଲ୍ୟ ସମୟ ଅପବ୍ୟୟ କରି ମୋ ସାଙ୍ଗରେ ଏତେ କଥାବାର୍ତ୍ତା କଲେ—ଆଉ ବିଜ୍ଞାପନ ବାହାରିଲେ ଦରଖାସ୍ତ କରିବାକୁ ପରାମର୍ଶ ଦେଲେ—ପୁଣି ଦରଖାସ୍ତ କଲେ ମୋ ପାଇଁ କ'ଣ କରିପାରିବେ ସେ ବିଷୟରେ ଚିନ୍ତା କରି ଦେଖିବେ ବୋଲି ଆଶ୍ୱାସନା ଦେଲେ...କହି ଉପେନ୍ ନମସ୍କାର କରି ବାହାରକୁ ଚାଲି ଆସିଲା ।

ହୃଦାନନ୍ଦବାବୁ ଚେୟାରମ୍ୟାନଙ୍କ ଅଫିସ ଦୁଆର ବାହାରେ ନେପ୍‌ଟେଇ କରି କାନ ଡେରିଥିଲେ । ଉପେନ୍ ବାହାରି ଆସିବା ମାତ୍ରକେ ସେ ପଛେ ପଛେ ଆସି ବାହାରେ କହିଲେ—ମୁଁ ଠିକ୍ ଯାହା ସନ୍ଦେହ କରିଥିଲି ।

—ମାନେ ? ଉପେନ୍ ବାଇକ୍‌ଟା ଧରି ରାସ୍ତା ଉପରକୁ ଓହ୍ଲାଉ ଓହ୍ଲାଉ ପଚାରିଲା—କ'ଣ ସନ୍ଦେହ କରିଥିଲେ ?

—ସନ୍ଦେହ କରିଥିଲି—ସେ ତୁମକୁ ନାଁ ଆଉ ଜାତି ହିଁ ପଚାରିବେ ।

—ମାନେ ?

—ମାନେ, ତମେ ବ୍ରାହ୍ମଣ କି ନା...ଏଇଆ ଜାଣିବା ପାଇଁ ।

—ବ୍ରାହ୍ମଣ ହୋଇଥିଲେ ଚାକିରିଟି ପାଇବାର ଆଶା ଥିଲା ନା କ'ଣ ?

—ଆଶା ନୁହେଁ, ଆଜ ହିଁ ମୁକରିର ହୋଇ ଯାଇଥାନ୍ତି ।

—ସତେ ! ଉପେନ୍ ଅବାକ୍ ହୋଇ ପଚାରିଲା । ଚେୟାରମ୍ୟାନ୍ ସାହେବ ବ୍ରାହ୍ମଣ ନା କ'ଣ ?

—ଖାଲି ସେ ନୁହନ୍ତି, ଅଫିସର ମେଜରିଟି ଅଫ୍ ଦ ଷ୍ଟାଫ । ଖାଲି ତିନି ଜଣ କରଣ ଆମେ ଆଗରୁ ରହିଯାଇଛୁ ବୋଲି···ନଇଲେ···

ସାହେବଙ୍କର କରଣ ଉପରେ ଖାଲି ରାଗ ନା···ଆଉ କୁ ଜାତି···?

—ଶ୍ରୋଏତଙ୍କ ପ୍ରତି ଟିକିଏ କୃପା ଦୃଷ୍ଟି ଅଛି । କିନ୍ତୁ କରଣଙ୍କୁ ଗୁଡ଼ ଦେଖିଲେ···

—ଛି, ଛି, କି ମିନ୍ ! ଉପେନ୍ ସାଇକଲରେ ବସି ଯାଉ ଯାଉ କହିଲା—ନମସ୍କାର, ଆପଣଙ୍କୁ ବହୁତ କଷ୍ଟ ଦେଲି ।

ହୃଦାନନ୍ଦବାବୁ ପ୍ରତିନମସ୍କାର ଜଣାଇ ଅଫିସକୁ ଫେରିଗଲେ । ଆଉ ଉପେନ୍ ଚାଲିଲା ସିଧାସଳଖ ସେକ୍ରେଟେରିଏଟକୁ । ସେଠି ତାର ଦୂରସମ୍ପର୍କୀୟ ମଉସା ଜଣେ ବରିଷ୍ଠ କର୍ମଚାରୀ । ନନ୍ଦକିଶୋରବାବୁ ଫାଇଲ କେତେଟା ଓଲଟ ପାଲଟ କରି ଦେଖିବାରେ ବ୍ୟସ୍ତ ଥିଲେ । ଉପେନ୍‌କୁ ଦେଖି ହଠାତ୍ ଆଶ୍ଚର୍ଯ୍ୟ ହେଲେ—"କିରେ ଉପ ? ତୁ କୁଆଡ଼େ ?"

—ଆସିଛି ଆପଣଙ୍କ ପାଖକୁ ।

—ବା, ବା । ନନ୍ଦକିଶୋରବାବୁ ପାଖ କୁରୁସି ଦେଖାଇ ଦେଇ କହିଲେ, 'ସମାଜ'ରେ ଦେଖିଲି···ବି. ଏ.ରେ ଫାର୍ଷ୍ଟ କ୍ଲାସ ପାଇ ପାଶ୍ କରିଛୁ । ଯାହା ହେଉ, ନାଁ ରଖିଲୁ ବାପାଙ୍କର । ତା ପରେ ପଢ଼ିବୁ ତ ?

—ନା, ଆଉ ପଢ଼ିବାର ଉପାୟ ନାହିଁ । ଘର ଅବସ୍ଥା ଜାଣନ୍ତି ତ । ଟିଉସନ୍ କରି ନିଜେ ପଢ଼ିବା ପରେ ତୁଳାଉଥିଲି···ବାପାଙ୍କୁ ଦଶ ପନ୍ଦର କରି ସାହାଯ୍ୟ କରୁଥିଲି । ଏମ. ଏ. ପଢ଼ିବାର ଇଚ୍ଛା ଥିଲା···

କିନ୍ତୁ ଏଥର ଗାଁକୁ ଯାଇ ଘରର ଯୁ ଅବସ୍ଥା ଦେଖିଲି—ଚାକିରି ଚେଷ୍ଟା ନ କଲେ ଆଉ ଗତି ନାହିଁ । ଆପଣଙ୍କ ପାଖକୁ ଆସିଛି ସେଇ ଉଦ୍ଦେଶ୍ୟରେ ।

—ଚାକିରି ପାଇଁ ? ନନ୍ଦକିଶୋରବାବୁ ଟିକିଏ ମନ ମାରିଦେଇ କହିଲେ—କୋଆଲିସନ୍ ମିନିଷ୍ଟ୍ରି ରାଜ । ପୋଷ୍ଟ ଖାଲି ହେବା ତ ଦୂରର କଥା, ପୋଷ୍ଟ କେମିତି କ୍ରିଏଟ କରାହେବ ସେଇ ଚିନ୍ତା ଚାଲିଛି ସବୁବେଳେ । ବ୍ୟାକିଙ୍ଗ୍ ନ ହେଲେ ମିଳିବା ମୁସ୍କିଲ । ଇଉନିଭରସିଟିର କୃଷ୍ଣ ଗୁପ୍ତ ତୁ— ପ୍ରଫେସର ହେରଜାଙ୍କୁ ଧରାଧରି କରି ମନ୍ତ୍ରୀଙ୍କୁ ଦେଖାକର୍ । ତେବେ ଆସିଛୁ ଯେତେବେଳେ, ମି: ମହାନ୍ତିଙ୍କୁ ଟିକିଏ ସାକ୍ଷାତ କରି ଯାଇଥା । ବଡ଼ ଅଫିସର । କାଲେ କିଛି କରିପାରନ୍ତି । କିନ୍ତୁ ବଡ଼ ଓଡ଼ିକୁଳା ।

—କାମ ଖାଲି ଅଛି ? ଉପେନ୍ ପଚାରିଲା ।

—ଅଛି କ'ଣ ଗୋଟାଏ ବୋଲି ତ କାଲି ମତେ କିଏ କହୁଥିଲା । ତେବେ ଥାଉ ନ ଥାଉ, ଦେଖା କରି ଯାଇଥା ନା । କ୍ଷତି କ'ଣ ? ରହ, ମୁଁ ନିଜେ ଯାଇଁ ଇଣ୍ଟରଭିଉର ବ୍ୟବସ୍ଥା କରିଦେଉଛି···କହି ନନ୍ଦକିଶୋରବାବୁ ସାଙ୍ଗେ ସାଙ୍ଗେ ଉଠି ଭିତରକୁ ଗଲେ ।

ବେଶୀ ଡେରି ହେଲା ନାହିଁ । ନନ୍ଦକିଶୋରବାବୁ ଫେରିଆସି ସାଙ୍ଗେ ସାଙ୍ଗେ ଉପେନକୁ କହିଲେ ଭିତରକୁ ଯିବା ପାଇଁ । ଉପେନ୍ ଯାଇଁ ମି: ମହାନ୍ତିଙ୍କୁ ନମସ୍କାର କଲା ।

ବଡ଼ ସେକ୍ରେଟେରିଏଟ୍ ଟେବୁଲ ସାମନାରେ ମି: ମହାନ୍ତି ଓଠ କଡ଼ରେ ସିଗାରେଟ ଧରି ଟାଣୁଥିଲେ । ଘର ଭିତରେ କାଭେଣ୍ଡର ସିଗାରେଟର କଡ଼ା ଗନ୍ଧ ଭାସି ବୁଲୁଥିଲା । ଉପେନ୍‌କୁ ଚାହିଁ ମି: ମହାନ୍ତି ସାଙ୍ଗେ ସାଙ୍ଗେ ଚେୟାର ଅଫର୍ କଲେ । ତାପରେ ସେଇ ସିଗାରେଟ ରଖି ଓଠରେ ଫିସ୍ ଫିସ୍ କରି କହିଲେ—ଶୁଣି ବଡ଼ ଖୁସି ହେଲି, ବୃତ୍ତିଭୂର ସହିତ ବି. ଏ. ପାଶ କରିଛ । କରଣ ଜାତିର ଗର୍ବ ତମେ ।

ଗତ ବର୍ଷ ଫାଷ୍ଟ କ୍ଲାସ ପାଇ ଯେତେକ ବି. ଏ. ପାଶ୍ କରିଥିଲେ ସବୁ-ଗୁଡ଼ାକ ଥିଲେ ନିରାଟ ବ୍ରାହ୍ମଣ !! କରଣ ଏକାଥରେ ବାଦ୍! ଇଉନିଭର୍ସିଟିର କିଛି ବଦମାସି ଥିଲା ବୋଲି ମୁଁ ଭାବୁଥିଲି। ସେପରି କିଛି ହୁଏ ନା କ'ଣ ?

—ଆଜ୍ଞା, ଉପେନ୍ କହିଲା—ସେପରି ଗଣ୍ଡଗୋଳ ବା ପକ୍ଷପାତିତା ତ କେବେ ଶୁଣା ହୋଇନି।

—ଶୁଣା ନ ହୋଇ ପାରିଥାଏ···ଆମ ଅମଳରେ ତ ଆଦୌ ନ ଥିଲା। ତେବେ ଏଣିକି···ଏଣିକି—ଅନେକ କିଛି ଜାଲ-ଜୁଆ-ଚୋରି ଚାଲିଛି। ତୁମେ ଜାଣ ନା···ଆମେ ସବୁ ଜାଣି ମଧ୍ୟ କିଛି କରିପାରୁନୁ। ଏଇ ଧର, ମୋ ଅଫିସରେ ଗୋଟାଏ କାମ ଅବଶ୍ୟ ଖାଲି ଅଛି। ଗ୍ରେଡ ବିଶେଷ ଭଲ ନ ହେଲେ ବି···ନିହାତି ମନ୍ଦ ନୁହେଁ। ଟେମ୍ପରାରି ପିରିଅଡ଼ ଓଭର ହୋଇଗଲା ପରେ ପରମନେଣ୍ଟ ତ ନିଶ୍ଚୟ ହୋଇଯିବ···ଗ୍ରେଡ଼ ମଧ୍ୟ ରିଭାଇଜ୍ଡ଼ ହୋଇଯିବାର ଖୁବ୍ ଚାନ୍ସ ଅଛି। ତେବେ କଥା କ'ଣ କି, ତୁମକୁ ତ ମୁଁ ଆଜି ସୁପାରିଶ କରି-ପାରେନା। ମୁଁ ଅବଶ୍ୟ ଆପଏଣ୍ଟିଂ ଅଥରିଟି। ହେଲେ କ'ଣ ହବ—ତୁମେ ସ୍ୱଜାତି। କରଣ ନ ହୋଇ ଥାଆନ୍ତ କି ? ଏଇକ୍ଷଣି ତୁମକୁ ନେଇଯିବା ମାନେ—ସାଙ୍ଗେ ସାଙ୍ଗେ ବେନାମି ଦରଖାସ୍ତସବୁ ପଡ଼ିବ ମନ୍ତ୍ରୀ ପାଖକୁ। ମୁଁ କରଣ ବୋଲି କରଣ କାଣ୍ଡିଡେଟ୍ ବାଛିନେଇ ରଖିଲି। ଜାଣ ତ, ଜାତି-ପ୍ରୀତି ଥିଲେ ମଧ୍ୟ କାମ ଖଣ୍ଡିକ ପାଇଁ ଅନେକ କିଛି ଭାବି ଚିନ୍ତି କରିବାକୁ ପଡ଼ୁଛି। ତେବେ ତୁମେ ଗୋଟିଏ କଥା କରିପାର। ମୁଁ ଏଠି ବସି ରହିଲି। ନନ୍ଦକିଶୋରବାବୁଙ୍କୁ ମୁଁ କହିବି··· ସେ ତୁମକୁ କହିବେ କାହାକୁ ଯାଇଁ ଦେଖା କରି ମନ୍ତ୍ରୀଙ୍କୁ କିପରି ପ୍ରଭାବିତ କରେଇ ତାଙ୍କଠୁ ଖଣ୍ଡେ ଲେଖେଇ ନବ। ତାପରେ ଯାହା କରିବା କଥା ମୁଁ କରିବି। ଯାଅ, ମୁଁ ତୁମକୁ କଥା ଦେଲି, ତୁମେ ନ ଆସିଲା ପର୍ଯ୍ୟନ୍ତ ମୁଁ ଏ ପୋଷ୍ଟରେ କାହାକୁ ନେବିନି। ବ୍ରାହ୍ମଣ, ଖଣ୍ଡାଏତ ଯେତେ ଯିଏ ଆସିବେ, ସମସ୍ତଙ୍କୁ ମୁଁ ନାକଚ କରି ଫେରାଇଦେବି।

ଉପେନ୍ ସ୍ତମ୍ଭୀଭୂତ ହୋଇ କେବଳ ଶୁଣିଗଲା। କି ଆଶ୍ଚର୍ଯ୍ୟ! ଏତେ ବଡ଼ ଅଫିସରଙ୍କ ମୁହଁରେ ଏତେ ଦୂର ଜଘନ୍ୟ କଥା—ଏତେ

'ମିନ୍ ମେଣ୍ଟାଲଟି ! ପାଞ୍ଚ ଖଣ୍ଡ ଜିଲ୍ଲା ନେଇ ଏତିକ ଟିକିଏ ପ୍ରଭିନ୍ସ ! ! ତା ଭିତରେ ପୁଣି ବ୍ରାହ୍ମଣ—କରଣ—ଖଣ୍ଡାଏତ ନେଇ ଏତେ ଦୂର ବାଛ ବିଚାର ! ହା'ରେ ହତଭାଗା ଜାତି !

ଗୋଟାଏ ଦୀର୍ଘନିଶ୍ୱାସ ପକେଇ ଉପେନ୍ ଆସିଲା ବାହାରକୁ । ସ୍ପଷ୍ଟ ହବାଲେକବରେ ବ ସେ ଚାରିଆଡ଼େ ଅନ୍ଧାର ଦେଖିଲା । ଜେଲ ଘଣ୍ଟାରେ ଠଣ୍ ଠଣ୍ ହୋଇ ହଇଟା ବାଜିଲା । ସାଇକଲଟା ଘୋଷାରି ଘୋଷାରି ଅନ୍ୟମନସ୍କ ଭାବରେ ଆସିଲା ଗୋସ୍ୱାଇଁଙ୍କର ପାର୍କ ଭିତରକୁ । ବାଇକ୍‌ଟା ଆଉଜେଇ ଦେଇ ସଟାଙ୍ଗ୍ ହୋଇ ବେଞ୍ଚ ଉପରେ ପଡ଼ିଗଲା ସେ । ପାର୍କ ଆରପାଖେ ରାସ୍ତା । ରାସ୍ତା ଉପରେ ଲୋକ ଚଳାଚଳ ଧୀରିଲା ହୋଇ ଆସିଛି, କାର୍-ଙ୍କ ଖଣ୍ଡେ ଅଧେ ରିକ୍‌ସା ଯା' ଆସ କରୁଛି । ସାମନାରେ ଗୋଟାଏ କ ପ୍ରେସ, ଗଛସନ୍ଧି ଭିତରୁ ସାଇନ ବୋର୍ଡ଼ର କେତେ ଅଂଶ ଦେଖାଯାଉଛି । ଦୁଆର ମୁହଁରେ ଗୋଟାଏ କଏ ଫାଲଟାଟାଏ ମାରି ଲଙ୍ଗର-ଢ଼ଙ୍ଗର ହଉଛି । ଏପାଖେ ହୋଟେଲ । ହୋଟେଲ ଉପରେ ଆଖି ପଡ଼ିବା ମାତ୍ରକେ ଉପେନ୍ ଯେପରି ପ୍ରବଳ କ୍ଷୁଧା ଅନୁଭବ କଲା; କିନ୍ତୁ ପଇସା ଯେ ନାହିଁ ପାଖରେ ! ବେଞ୍ଚ ଉପରେ ସିଧା ହୋଇ ବସି ପକେଟଗୁଡ଼ାକରେ ହାତ ଭରତ କରି ଭଲ ଭାବରେ ଅଣ୍ଡାଳି ଚାଲିଲା ଉପେନ୍ । ଆଶ୍ଚର୍ଯ୍ୟ ! ଗୋଟାଏ ଦୋ ପଇସି ଆସିଲା କୁଆଡ଼ୁ ? ଭୁଲରେ ତଳ ପକେଟ ଭିତରେ କେତେଦିନୁ ଅବହେଳିତ ହୋଇ ପଡ଼ିଛି ସେଇଟା କିପରି ?

ରାସ୍ତା ଉପରେ ଗୋଟାଏ ବରା ଗୁଲୁଗୁଲା ବିକାଳି ପସରା ନେଇ ବସିଥିଲା । ଉପେନ୍ ଯେମିତି ଗୋଟାଏ ବଡ଼ ସମସ୍ୟା ସମାଧାନ କରିବାର କୂଳକିନାରା ପାଇଲା । ରାସ୍ତା ଉପରକୁ ଧାଇଁଯାଇ କିଣି ଆଣିଲା ସେ ପଇସାକର ପକୋଡ଼ି···ଆଉ ପଇସାକର ଚଣା । କିଣି ପୁଣି ଫେରି ଆସିଲା ସେଇ ବେଞ୍ଚ ଉପରକୁ । ବସି ବସି ଚୋବେଇଲା । ବାସି ଚଣାଗୁଡ଼ାକ ବୋଧହୁଏ···କେମିତି ସେମେଠା ସେମେଠା ଲାଗୁଛି ପାଟିକୁ । ଆଉ ପକୋଡ଼ିଗୁଡ଼ା ଯେମିତି ଖଣ୍ଡେ ଖଣ୍ଡେ ଟାଙ୍କି ଗୋଡ଼ି ! ଏତେ ଟାଣ ! ବ ପାଟି ଦାନ୍ତରେ ଖୁବ୍ ଜୋରରେ ରଗଡ଼ିଲେ ଯାଇଁ ଭାଜୁଛି । ଏକବାରେ ଅଖାଦ୍ୟ ! ତଥାପି ଚୋବେଇ ଚାଲିଲା ଉପେନ୍,

ଆଉ ଭାବିଲା—ସ୍ନା ପରେ କୁଉଠିକି ଯିବ? କାହା ପାଖକୁ? ବୃଜର ଯେ ତାର ଅଜ ଦରକାର—ଗୋଟିଏ ହେଲେ ପଇସା ନାହିଁ ପାଖରେ । ସନ୍ଧ୍ୟାରେ ଖାଇବ କ'ଣ? ବ୍ରଜ କଥା ମନେ ପଡ଼ିଲା । ଭାଗ୍ୟକୁ କାଲି ତା ସାଙ୍ଗରେ ଯାଇଥିଲା ବୋଲି...ଆଜି ସକାଳେ କୌଣସିମତେ ପେଟପୂରା ଖାଇବାକୁ ପାଇଛି—ନଇଲେ ସାରାଦିନ ଖାଲି ଉପାସରେ ଉହାଳ ବିକଳ ହୋଇ ମରିଥାନ୍ତା । ସନ୍ଧ୍ୟାକୁ ପୁଣି ଯିବାକୁ ବ୍ରଜ କହିଛି—ବନଲତା ବି ବହୁତ ବହୁତ ଅନୁରୋଧ କରିଛି ।

ବନଲତା ମନେ ପଡ଼ିଲା । ମନେ ପଡ଼ିଲା ତା କଥା—ତା ହସ, ତା ପରିମାର୍ଜିତ ବ୍ୟବହାରର ସୁନ୍ଦର ଶୋଭନ ଭଙ୍ଗୀ!! ଆଖି ଆଗରେ ନାଚି ଉଠିଲା ବନଲତାର ଗୌର କାନ୍ତ କନକ ମୁଖ । ଭାବନାରେ ମୂର୍ତ୍ତି ଧରି ଭାସି ଉଠିଲା ତାର ଋଜୁ ଦେହଲତାର ଜ୍ୟୋତିର୍ମୟ ଲାବଣ୍ୟ!! ବନଲତା ଏଇ ଦୀପାଲୋକ ପରି ଉଜ୍ଜ୍ୱଳ, ମୃଦୁ ମନ୍ଥର ପବନ ପରି ସ୍ଫୁରିତ, ପ୍ରସାରିତ । ମାଟିର ଶ୍ୟାମଳ ଦୂବଘାସ ପରି ଆର୍ଦ୍ର ଆଉ କୋମଳ!! ବୁଦ୍ଧି ଆଉ ବିଚକ୍ଷଣତାର ଔଜ୍ଜ୍ୱଲ୍ୟ ତାର ଚକ୍‌କଣ ଲଲାଟରେ । ଦୃଷ୍ଟିରେ ସ୍ୱାଧୀନା ନାରୀର ତେଜସ୍ୱିତା । ଓଠର ହସରେ ସ୍ପର୍ଦ୍ଧିତ ଯୌବନର ଝଲସ—କଥାଭାଷାରେ ସୂକ୍ଷ୍ମଦର୍ଶିତାର ସ୍ୱାତନ୍ତ୍ର୍ୟ । ବନଲତା ସୁନ୍ଦରୀ । ସେଇ ଅସାମାନ୍ୟା ବନଲତାର ତାକୁ କହିଛି ସନ୍ଧ୍ୟାରେ ଯିବା ପାଇଁ । କିନ୍ତୁ ନା, ଭଦ୍ରତା ଦୃଷ୍ଟିରୁ ଯିବନି ସେ ସେଠିକି । ସାଇକେଲଟା ବଲେ କାଲି ସକାଳେ ବ୍ରଜବାବୁଙ୍କୁ ଆସି ନେଇଯିବ । ନ ହେଲେ କାହା ହାତରେ ଦେଇ ପଠେଇ ଦବ ସେ । ତାପରେ ମେସ୍ କଥା ମନେ ପଡ଼ିଲା । ଡାଲି ଚାଉଳ ହୁଏତ କିଛି ନ ଥିବ । ସମସ୍ତେ ଘରକୁ ଯାଇଛନ୍ତି । କେହି ଏତେ ଶୀଘ୍ର ଫେରିବେ, ଏ ସମ୍ଭାବନା ବି ନାହିଁ । ତଥାପି ଯାଇଁ ଦେଖିବ—ଦି' ତିନି ଦିନ ଚଳିଗଲା ଭଳି କିଛି ଯଦି ପଡ଼ିଥାଏ କୁଉଠି ।

ନା, ଚଣାଗୁଡ଼ାକ ସଂପୂର୍ଣ୍ଣ ଅଖାଦ୍ୟ! ଦି-ଚାରି ଥର ପାଟିରେ ପକେଇ ଥୁ ଥୁ କରି ଫିଙ୍ଗିଦେଲା ସେଗୁଡ଼ାକ । ଉଠିଗଲା ସାଇକେଲ ଧରି ସାମନା ହୋଟେଲକୁ ପାଣି ପିଇବା ପାଇଁ । ପାଣି ପିଇସାରି ପୁଣି ସାଇକେଲଟା ଉପରେ ସେ ଚଢ଼ିବାକୁ ଯାଉଛି, ହଠାତ୍ ପଛରୁ କିଏ ଜଣେ ଆନ୍ତରିକ

ଗଳାରେ ଡାକ ଉଠିଲା ନାଁ ଧରି । ଫେରି ଚାହିଁଲା ଉପେନ୍, ତା ସ୍କୁଲ ସାଥୀ ବିନୋଦ । ବହୁ ଦିନ ପରେ ଦେଖା । ବିନୋଦ ଆସି କୁଣ୍ଢେଇ ପକାଇଲା । ଫାଷ୍ଟ କ୍ଲାସ ପାଇ ବି. ଏ. ପାଶ୍ କରିଛୁ—ମୋର ହାର୍ଦ୍ଦିକ ଅଭିବାଦନ ।

ଉପେନ୍ ଟିକିଏ ହସିଲା । କହିଲା—ଧନ୍ୟବାଦ । ବହୁ ଦିନ ପରେ ଦେଖା ! ଗାଁକୁ ଯାଇଥିଲୁ ନା କ'ଣ ?

—ନା, ଗାଁକୁ ଯାଇଁ କ'ଣ କରିବି ? ଏଠି ରେସନିଂ ଅଫିସରେ କାମ କରୁଚି ପରା !

—ରେସନିଂ ଅଫିସରେ ? କେବେଠୁ ?

—ହୋଇଯିବ ପାଞ୍ଚ ଛ ମାସ । ବହୁତ କଷ୍ଟରେ ଘୁସ୍-ଘାସ୍ ଦେଇ ପାଇଛି ଭାଇ ! ଖଟିଖଟି ପ୍ରାଣ ଯାଉଛି ।

—ଅଫିସକୁ ଯାଉଛୁ ବୋଧହୁଏ ?

—ହଁ, ଖାଇବାକୁ ଯାଇଥିଲି । ତୁ କୁଆଡ଼େ ଯାଉଛୁ ? ପଚାରିଲା ବିନୋଦ ।

—ମୁଁ ? ଉପେନ୍ ଟିକିଏ ରହି ରହି ହୋଇ କହିଲା—ମୁଁ କୁଆଡେ ଯିବି ସେଇଆ ଭାବୁଛି । କହି ସେ ବିନୋଦ ସାଙ୍ଗରେ ଚାଲି ଚାଲି ହୋଇ ଆଗେଇଲା ।

—ମାନେ ? ବିନୋଦ ପଚାରିଲା ।

—ମାନେ ସକାଳୁ ଗୋଟାଏ ଚାକିରି ଅନୁସନ୍ଧାନରେ ବୁଲି ବୁଲି ହାଂସା ଉଡ଼ିଲାଣି ।

ଆଶ୍ଚର୍ଯ୍ୟରେ ଉପେନ୍ ମୁହଁକୁ ଚାହିଁଲା ବିନୋଦ । ତୋ ଭଳି କୃତି ଛାତ୍ର ପୁଣି ଚାକିରି ଖୋଜି ବାହାରି ହତାଶ ହୋଇ ବୁଲୁଛି ? ଦେଶର ଦୁର୍ଭାଗ୍ୟ କହିବାକୁ ହେବ ।

ଉପେନ୍ ଟିକିଏ ଶୁଖିଲା ହସ ହସିଲା । କହିଲା—ଦେଶର ଦୁର୍ଭାଗ୍ୟ କାହିଁକି ?

—ମାନେ, ତୋ ପରି ସ୍କଲରଙ୍କ ପ୍ରତି ଦେଶର ସରକାରଙ୍କର ତ ଗୋଟାଏ ଦାୟିତ୍ୱ ଅଛି !

—ଓଡ଼ିଆ ଗୋଟାଏ ଜାତି, ତାର ଗୋଟାଏ ଦେଶ, ଆଉ ସେ ଦେଶର ସରକାରଙ୍କର ପୁଣି ଦାୟିତ୍ୱଜ୍ଞାନ !

—ଠିକ୍ କହୁଛୁ ଭାଇ, ଏ ଦେଶରେ ପ୍ରତିଭାଶାଳୀ ହୋଇ ଜନ୍ମ ହେବା ଗୋଟାଏ ପାପ । ଭାଇ ଭାଇ ଭିତରେ ହିଂସା, ବିଦ୍ୱେଷ, ପରଶ୍ରୀ-କାତରତା । ଏଇଥିରେ ଜାତିଟା ଧ୍ୱସ୍ତବିଧ୍ୱସ୍ତ ହୋଇଗଲେ । ବିଜାତୀୟମାନେ ଆସି ବଡ଼ ବଡ଼ ଅଫିସର ହେଇ ବସିବେ ଏଠି··· ଅଥଚ ଦେଶର ପୁଅ ଯାଇଁ ବିଦେଶରେ ହେବେ କୁଲି, କାବାଡ଼ି, ଦପ୍ତରି ।

ଉପେନ୍ଦ୍ର ହସିଲା । କହିଲା—ବହୁତ ଭାବୁଛୁ ଦେଖୁଚି । କିନ୍ତୁ ଏଇ ତ ଜାତିର ଜାଗରଣର ଚିହ୍ନ ! ଆମ ଦେଶର ଗୁଣୀ, ମାନୀ, ବିଦ୍ୱାନ୍ ଯିବେ ଅନ୍ୟ ଦେଶକୁ କୁଲିଗିରି କରିବା ପାଇଁ, ଆଉ ଅନ୍ୟ ଦେଶର କୁଲି, କାବାଡ଼ି ଆସିବେ ଆମ ଦେଶକୁ ହାକିମ ହୁକୁମା ହୋଇ ଶାସନତନ୍ତ୍ର ଚଳେଇବା ପାଇଁ । କି ଉଦାର ମନୋଭାବ !

—ଶୁଣିଛୁ ନା କୋଆଲିସନ ମିନିଷ୍ଟ୍ରିଙ୍କ କୀର୍ତ୍ତି ! ଓଡ଼ିଶା ଲୋକେ ଯେତେବେଳେ ଅନାହାରରେ ମରୁଛନ୍ତି, ଦେଶରେ ଅଧିକା ଧାନ ଅଛି ବୋଲି କହି···ବେଙ୍ଗଲକୁ ଚାଲିଛି ସୁଅମୁହଁରେ ଚାଲାନ ।

ଆମ ମନ୍ତ୍ରୀମାନେ ସଙ୍କୀର୍ଣ୍ଣ ପ୍ରାଦେଶିକତା ଆଉ କୁତ୍ସିତ ମନୋବୃତ୍ତିରୁ ଢେର ଉପରେ ! କହିଲା ଉପେନ୍—ସେମାନଙ୍କର ବୃହତ୍ତର ଉତ୍କଳ ପରିକଳ୍ପନା କିନା ! ପ୍ରତାପରୁଦ୍ରଙ୍କ ରାଜୁତି ଯାଇଥିଲେ ବି ପାଟମନ୍ତ୍ରୀଙ୍କ ଆଖିରେ ଆମର ସେଇ ଆଗଙ୍ଗା-ଗୋଦାବରୀବିସ୍ତୃତ ବିଶାଳ କଳିଙ୍ଗର ସୀମା-ସ୍ୱପ୍ନ ଏପର୍ଯ୍ୟନ୍ତ ଲାଗି ରହିଛି । ବୋଧହୁଏ ସେଇ ସ୍ୱପ୍ନକୁ ଦିନେ ବାସ୍ତବରେ ପରିଣତ କରିବେ—ଏଇ ଆଶାରେ ସଂକୀର୍ଣ୍ଣ ପ୍ରାଦେଶିକତାକୁ ଭୁଲି ଦେଶବାସୀଙ୍କୁ ମାରି ବିଦେଶୀ ଭାଇଙ୍କୁ ବଞ୍ଚଉଛନ୍ତି ! ତାଙ୍କର ବିଚକ୍ଷଣ ରାଜନୈତିକ ଦୂରଦୃଷ୍ଟିକୁ ତାରିଫ୍ କରିବା କଥା ।

ବିନୋଦ ଠୋ ଠୋ କରି ହସିଉଠିଲା । ଏ ଭିତରେ ଚାଲି ଚାଲି ଆସି ସେମାନେ ଚୌଧୁରୀ ବଜାର ମୋଡ଼ ପାଖରେ ପହଞ୍ଚିଥିଲେ । ଉପେନ୍ ପଚାରିଲା—କୁଆଡ଼େ ଯିବୁ ?

—ଅଫିସ୍‌କୁ । ଚାଲ୍ ଯିବୁ ସେଇ ବାଟ ଦେଇ...

—ନା, ମତେ ଆଜି ଗୋଟାଏ ଚାକିରି ଖୋଜିବାକୁ ଇ ପଡ଼ିବ । ଆଚ୍ଛା, ତୋ ରେସନିଂ ଅଫିସରେ କିଛି କାମ ନାହିଁ ?

—ହିଁ, ହିଁ, ମନେ ପଡ଼ିଲା । ବିନୋଦ ଉପେନ୍ ମୁହଁକୁ ଆନନ୍ଦ-ଉଜ୍ଜ୍ୱଳ ଦୃଷ୍ଟିରେ ଚାହିଁ କହିଲା—ସତୁରି ଅଶୀ ଟଙ୍କା ଦରମାରେ ଗୋଟାଏ କ'ଣ କାମ ଖାଲି ଅଛି । ଗ୍ରାଜୁଏଟ୍‌ଙ୍କର ଦରକାର ।

—ମିଳିବ ? ଅଫିସର କିଏ ?

—ମି: ବିଶ୍ୱାଳ, ଜାଣୁ ?

—କିଛି ଦରକାର ତ ପଡ଼ି ନ ଥିଲା ଏପର୍ଯ୍ୟନ୍ତ—କାହିଁକି ଜାଣିବି ?

—ଖୁବ୍ କଡ଼ା ଅଫିସର । ତେବେ ମୋ ପ୍ରତି ତାଙ୍କର ଖୁବ୍ ଭଲ ନଜର । ମତେ କାମରେ ରଖେଇ ଦେଇଛନ୍ତି ବି ସେଇ ।

—କ'ଣ, ଘୁସ୍-ଘାସ୍ ନେଇ ?

—ତା ନେଇକରି ଯେ ରଖେଇଦେଲେ, ସେଇ ତ ତାଙ୍କର ଅସୀମ ଦୟା । ଆଉ ତା ଛଡ଼ା ଘୁସ୍-ଘାସ୍ ନବା ଦବାଟା ତ ଆଜିକାଲି ଆମ ଓଡ଼ିଶାର ଗୋଟାଏ ବଡ଼ କ୍ୱାଲିଫିକେସନ୍—କୃତିତ୍ୱ, ଆଉ ଯୋଗ୍ୟ-ତାରେ ଗଣା ହେଲାଣି ।

—କିନ୍ତୁ ମୋ ପାଖରେ ତ ସେ ଯୋଗ୍ୟତା ନାହିଁ...

ବାଧା ଦେଇ ବିନୋଦ କହିଲା—ତୋର ସେ ଯୋଗ୍ୟତା ପାଇଁ ସଫେଇ ମୁଁ ଦେବି । ଆଗ ଦେଖା କର ତ !

ଏ ଭିତରେ ଅଫିସ୍ ହୋଇ ଯାଇଥିଲା । ଉପେନ୍‌କୁ ଅପେକ୍ଷା କରିବାକୁ ଇଙ୍ଗିତ ଦେଇ ବିନୋଦ ଯାଇଁ ବିଶ୍ୱାଳ ସାହେବଙ୍କ ଦରୁଆନ୍‌କୁ ଦେଖାକରି ବୁଝିଲା—ସାହେବଙ୍କ ମିଜାଜ କେମିତି ଅଛି ।

ଦରୁଆନ୍ କହିଲା—ସାହେବ ଆଜି ବଡ଼ ଦିଲ୍‌ଦାର ମିଜାଜରେ ଅଛନ୍ତି ।

ବାସ୍ ! ବିନୋଦକୁ ଆଉ ପାଏ କିଏ ? ସାଙ୍ଗରେ ଉପେନ୍‌କୁ ଡାକନେଇ ସେ ସଟାଙ୍ଗ୍ ପଶିଗଲା ମି: ବିଶ୍ୱାଳଙ୍କ ଖାସ୍ କାମରା ଭିତରକୁ ।

ମି: ବିଶ୍ୱାଳ ବସି ବିଡ଼ି ଟାଣୁଥିଲେ । ହଠାତ୍ ବିନୋଦକୁ ଦେଖି ବିଡ଼ିଟାକୁ ଆସ୍‌ଟ୍ରେ ଭିତରେ ଗେଞ୍ଜିଦେଲେ । ଖବର ନ ଦେଇ କେହି ଯେ ତାଙ୍କ ଖାସ୍ କାମରା ଭିତରକୁ ପଶି ଆସିବ···ଏକଥା ସେ ଏକାବେଳେ କଳ୍ପନାଇ କରି ନ ଥିଲେ । କୋଆଲିସନ୍ ମନ୍ତ୍ରୀ ରାଜତ୍ୱରେ ହଠାତ୍ ଗୋଟାଏ ବଡ଼ ଚାକିରି ପାଇ, ସବୁ ବଦଭ୍ୟାସର ସଂସ୍କାର କରିନେଇ ···ଅଫିସିଆଲ ଗ୍ରାଭିଟି ମେଣ୍ଟେନ୍ କରିବାରେ ଅପୂର୍ବ ଦକ୍ଷତା ହାସଲ କରିଥିଲେ ମଧ୍ୟ···ବିଡ଼ି ଖାଇବା ବଦଭ୍ୟାସଟାକୁ କୌଣସି ମତେ ଛାଡ଼ି ପାରି ନ ଥିଲେ । ସିଗାରେଟ ଅବଶ୍ୟ ସେ ଖାଉଛନ୍ତି ଆଜିକାଲି·· ମଝିରେ ମଝିରେ ଟ୍ରୁପ୍ ଖଣ୍ଡେ ଅଧେ ମଧ୍ୟ ଖାଆନ୍ତି । ହେଲେ ମନୋହରପୁର ବିଡ଼ିର କଡ଼ା-ମିଠା ସ୍ୱାଦ ସେ କୁଆଡ଼ୁ ଆଉ ପାଉନଲେ ନାହିଁ । ମେଲଥିପାଇଁ କାମ କରି କରି ମୁଣ୍ଡ ଖରାପ ହୋଇଗଲେ ସେ ଲୁଚେଇ-ଛପେଇ ବିଡ଼ିଟାଏ ଟାଣିଦିଅନ୍ତି । ତେବେ ବେଳ ବିଡ଼ି ଟାଣିଲାବେଳେ ସେ ଦରୁଆନ୍‌କୁ ତାଗିଦ କହିଦିଅନ୍ତି କେହି ଦେଖା କରିବାକୁ ଆସିଲେ ଅଧଘଣ୍ଟା ଅପେକ୍ଷା କରିବାକୁ ହୁକୁମ ଦେବାକୁ । କିନ୍ତୁ ଆଜି ସେ ଦୈବାତ୍ କାହିଁକି କେଜାଣି ଦରୁଆନ୍‌କୁ ନିର୍ଦ୍ଦେଶ ଦେବାକୁ ଭୁଲିଯାଇଥିଲେ । ଯାହାହେଉ, ଯାହା ହବାର ତ ହୋଇ-ଯାଇଛି, ତାଙ୍କ ବିଡ଼ିଖିଆ ବଦଭ୍ୟାସଟା ତାଙ୍କ ନିଜ ଜାତିର ଲୋକ ଦେଖିଛି । ପୁଣି ବିନୋଦ ବି ତାଙ୍କରି ଦୟାରେ କାମ ପାଇଛି । ତାକୁ ଏକାନ୍ତରେ ଡାକି କଥା ପ୍ରଘଟ ନ କରିବା ପାଇଁ ସେ ତାଗିଦ୍ କରିଦେଇ ପାରନ୍ତି । ବିଶେଷ କିଛି କ୍ଷତି ହବନି । କିନ୍ତୁ ବିନୋଦ ସାଙ୍ଗରେ ଏ ନୂତନ

ଆଗନ୍ତୁକଟି କିଏ ? ମି: ବିଶ୍ୱାଳ ଜିଜ୍ଞାସୁ ଦୃଷ୍ଟିରେ ବିନୋଦ ଆଡ଼େ ଚାହିଁଲେ ।

ନମସ୍କାର କରି ବିନୋଦ କହିଲା—ମୋର ସ୍କୁଲ ବନ୍ଧୁ । ଇଉନିଭର୍ସିଟିର କୃତୀ ଛାତ୍ର ! ଫାଷ୍ଟ କ୍ଲାସ ପାଇ ବି. ଏ. ପାଶ୍ କରିଛି । ଚାରି ଦିନ ତଳେ 'ସମାଜ'ରେ ବାହାରିଛି ।

—ଓ, ଚାକିରି ପାଇଁ ? ମି: ବିଶ୍ୱାଳ ଆଗତ ଭବିଷ୍ୟତ ଜାଣିଲା ପରି କହିଲେ—ତୁମେ ତାଙ୍କ ଆଣିଛ ?

—ଅଜ୍ଞା ! ବିନୋଦ ନମ୍ର କଣ୍ଠରେ କହିଲା ।

—ନାଁ କ'ଣ ? ମି: ବିଶ୍ୱାଳ ଉପେନ୍ ଆଡ଼େ ଚାହିଁ ପଚାରିଲେ ।

—ଉପେନ୍ଦ୍ର କିଶୋର ଦାସ ।

—ଦାସ ? ମି: ବିଶ୍ୱାଳଙ୍କ କପାଳରେଖା ସଙ୍କୁଚିତ ହୋଇ-ଆସିଲା ।

—ଅଜ୍ଞା ! ଉପେନ୍ଦ୍ର ବିନମ୍ର ସମ୍ଭ୍ରମରେ କହିଲା ।

—ଦାସ, ଆମର ଖଣ୍ଡାଏତ କି ଅଛନ୍ତି ? ବିନୋଦକୁ ଅର୍ଦ୍ଧ—ସ୍ୱଗତୋକ୍ତି ଭାବରେ ପ୍ରଶ୍ନ କଲେ ମି: ବିଶ୍ୱାଳ ।

—ବିନୋଦ କ'ଣ ଉତ୍ତର ଦେବ, ଠିକ୍ କରିପାରିଲା ନାହିଁ ।

—ଦାସ ଖଣ୍ଡାଏତ ମେଦିନୀପୁର ଆଡ଼େ ଅଞ୍ଚଳରେ ଖୁବ୍ ବେଶି ଥାଆନ୍ତି ଜାଣ ? ମି: ବିଶ୍ୱାଳ ପୁଣି ଚାହିଁଲେ ।

—ନା ଅଜ୍ଞା, କହି ପାରିବିନି ।

—ଘର କୁଆଡ଼ି ? ମି: ବିଶ୍ୱାଳ ପଚାରିଲେ ।

—ଅଜ୍ଞା, ମୁଁ ଖଣ୍ଡାଏତ ନୁହେଁ ।

—ଖଣ୍ଡାଏତ ନୁହଁ ? ବିଶ୍ୱାଳ ବିସ୍ମିତ ଦୃଷ୍ଟିରେ କଟମଟ କରି ପ୍ରଥମେ ଉପେନ୍, ତାପରେ ବିନୋଦକୁ ଚାହିଁଲେ ।

—ନା, ମୁଁ ଖଣ୍ଡାଏତ ନୁହେଁ । ଉପେନ୍ ପୁନରାବୃତ୍ତି କଲା ।

—ଆଉ କ'ଣ ? ବ୍ରାହ୍ମଣ ?

—ନା ।

—ତେବେ ?

—କରଣ ।

—କରଣ ? ମି: ବଶ୍ୱାଲଙ୍କ ବୈର-ଦର୍ପ-ଗଞ୍ଜନ ହସ ଧପକ୍ କା ଫୁଲ ଉଠିଲା ପରି ଜଣା ପଡ଼ିଲା । ହୁଁ, ଟିକଏ ବାହାରେ ଯାଇଁ ଅପେକ୍ଷା କର । ମୁଁ ହେଡ୍ କିରାଣୀଙ୍କି ପଚାରି ଦେଖେଁ ଉପରୁ କ'ଣ ଅର୍ଡ଼ର ଆସିଛି । ଉପେନ୍ ବାହାରକୁ ଚାଲିଆସିଲା । ବିନୋଦ ବି ଆସୁଥିଲା —

ଘଣ୍ଟି ବାଜିଲା ।

—ଶୁଣ ! ମି: ବଶ୍ୱାଲ ମନ୍ଦ୍ରକଣ୍ଠରେ ଡାକଲେ ବିନୋଦକୁ । ବିନୋଦକୁ ହଠାତ୍ ଭିତରେ ଅଟକିଯିବାର ଦେଖି···ଉପେନ୍ ବାହାରକୁ ଆସି ଦୁଆର ମୁହଁରେ କାନ ଡେରି ଶୁଣିଲା······

—ତୁମେ ଜାଣିଥିଲ ତ ସେ କରଣ ?

—ଆଜ୍ଞା !

—ଜାଣିବା ସତ୍ତ୍ୱେ ତୁମେ ତାଙ୍କୁ ଏଠିକି ଡାକ ଆଣିଲ କାହିଁକି ?

—ଅଜ୍ଞା !······

—ଅଜ୍ଞା ? ବଶ୍ୱାଲ ଖେଁକାରି ଗୋଡ଼େଇଲେ—ଯେତେ କହିଲେ—ଶିଖେଇଲେ ତୁମେମାନେ ହେଲନି । ଖଣ୍ଡାଏତ ପୁଅ ହୋଇ ଏଡ଼େ ବୋକା ତୁମେସବୁ ? ତୁମମାନଙ୍କର ଜାତି ପ୍ରତି ଗୋଟାଏ କର୍ତ୍ତବ୍ୟଜ୍ଞାନ ନାହିଁ ? ଏଡ଼େ ଦାୟିତ୍ୱହୀନ ତୁମେମାନେ ? ଜାଣ, ଏ ଚାକିରି କଥା ତୁମେ ତାକୁ କହିଦେଲ, ସେଇ ନା ତା କରଣ ଭାଇମାନଙ୍କୁ ଯାଇ ଧରି ପକ୍ଷ ଗୋଟାଏ ହୈ ଚୈ ଆରମ୍ଭ କରେ······

—ସେପରି ପିଲା ସେ ନୁହେଁ ।

—ଚୁପ୍ କର । ମୁଁ କଛି ଶୁଣିବାକୁ ଚାହେଁନା । ଖଣ୍ଡାଏତ

ସମ୍ପ୍ରଦାୟର କଳଙ୍କ ତୁମେମାନେ । ବ୍ରାହ୍ମଣ ବରଂ ରକ୍ଷା ଅଛନ୍ତି...କିନ୍ତୁ ଏଇ କରଣିଆ ଯେତେକ...ଜାଣ, କି ସାଙ୍ଘାତିକ ଲୋକ ସେମାନେ ! ଆମ ଜାତିର ପ୍ରଧାନ ଶତ୍ରୁ—ଆମ ଉନ୍ନତି-ପଥର ପ୍ରଧାନ ଅନ୍ତରାୟ ! ମୁଁ କାଲି ତୁମକୁ ବରଖାସ୍ତ କରିବି ।

—ମୋର ଦୋଷ ହୋଇଛି । ବିନୋଦର କଣ୍ଠ ବାଷ୍ପାକୁଳ ।

—ଯାଅ, ଯାଅ ! ଗର୍ଜନ କରିଉଠିଲେ ମିଃ ବିଶ୍ୱାଳ ।

ବିନୋଦ ଫେରିଆସିଲା । ଉପେନକୁ ଦେଖି ସେ ଲଜ୍ଜାରେ ତଳକୁ ମୁହଁ ପୋତିଦେଲା । ଉପେନ୍‌ର ଆଉ ମୁହୂର୍ତ୍ତେ ତିଷ୍ଠିବାକୁ ମନ ହେଲା ନାହିଁ । ପଳେଇ ଆସିଲା ସେ ରାସ୍ତା ଉପରକୁ । ବିନୋଦ ପାଚ୍ଛେଟି ଦବାକୁ ଆସିଲା ।

ଉପେନ୍ କହିଲା—ସତ କହୁଛି ଭାଇ ! ତୋ କାମ ଯିବାର ଭୟ ନ ଥିଲେ ମୁଁ ଆଜି ମିଃ ବିଶ୍ୱାଳଙ୍କର ବାଘୁଆ ନିଶ ଦପଟାକୁ ଝିଙ୍କି ଉପାଡ଼ି ଦେଇଥାଆନ୍ତି । ଛି, ଛି, କି ଜଘନ୍ୟ, କଦର୍ଯ୍ୟ ମନୋବୃତ୍ତି ! ଏ କୁଟିଳ ପରିସ୍ଥିତି ଭିତରୁ ପଳାଏଁ ଭାଇ ! ନଇଲେ ମୋ ନିଶ୍ୱାସ ରୁଦ୍ଧ ହୋଇଯିବ । ...କହି ସେ ଖୁବ ଜୋରରେ ପେଡ଼େଲ୍ ମାରି ବାଇକ୍‌ରେ ବସି ପଳେଇ ଆସିଲା ମେସ୍ ଅଡ଼େ ।

ମେସ୍ ଦୁଆର ମୁହଁରେ ବାଇକ୍‌ରୁ ଓହ୍ଲେଇ ଉପେନ୍ ଦେଖିଲା— ବାରଣ୍ଡାରେ ଦୁଇଟା ଛେଳି ଶୋଇ ପାକୁଳି କରୁଛନ୍ତି । ଗୋଟିଏ ବୋଗା ବୁଲି କୁଣ୍ଢ ନେପ୍‌ଟେଇଛି କାନ୍ଥ ଦେହକୁ । ଜମିଉଠିଛି ଆଣ୍ଠୁଏ ବହଳରେ ଆବର୍ଜନା । ପାଖ ପଡ଼ଶା ଘରୁ ଚାବି ମାଗି ଦୁଆର ଖୋଲି ଭିତରକୁ ଗଲା । ଏ ଭିତରେ କେବେ ପାଣି ପବନ ହୋଇଛି । ଚୁଲିଘର ଛପର ଦେହରୁ ଝୁଲିଛି ଗୁଡ଼ାଏ ଅଳନ୍ଧୁ । ସିଧା ସଳଖ ସେ ଗଲା ରୋଷେଇ ଘରକୁ । ଚୁଲିରଖା ଟିଣଟା ଦେଖିଲା । ଖାଲି । ଡାଲି ବି ନାହିଁ । ପୂର୍ବଥର ଗଲାବେଳେ ସବୁ ଝାଡ଼ିଝୁଡ଼ି ଗଣ୍ଠିଲିରେ ବାନ୍ଧି ନେଇଯାଇଛି ଗାଁକୁ ବୋଧହୁଏ । ହତାଶ ହୋଇ ପଢ଼ାଘର ଭିତରକୁ ଯାଇ ସେ ଖଟିଆଟା ଉପରେ ଟିକିଏ ବସିଲା । ବଡ଼ କ୍ଳାନ୍ତ ! ଗୋଡ଼ ହାତ ଧୋଇଲେ ଟିକିଏ ଶାନ୍ତି ଲାଗିବ । କୂଅ ପାଖକୁ ଯାଇ ଲୋଟାଏ ପାଣି କାଢ଼ି ଧୁଆ-ଧୋଇ ହେଲା । ଛିଣ୍ଡା ମଇଳା ଗାମୁଛାଟାକୁ ଝାଡ଼ି ମୁହଁ, କାନ ପୋଛାପୋଛି କରିସାରିବା ମାତ୍ରେ ସେ ଯେପରି ଅନୁଭବ କଲା— ପେଟ ଭିତରେ କ୍ଷୁଧାର ଦାବାନଳ ହୁ ହୁ ଜଳୁଛି । [illegible]ଣ କରିବ ? କିଛି ନ ଖାଇଲେ···ସେ ଯେ ପାଦୁଟିଏ ଆଉ ଚଳିପାରିବ ନାହିଁ । କିନ୍ତୁ ଖାଇବାକୁ ପଇସା ବା କାହିଁ ତା ପାଖରେ ? କାହାକୁ ବା ମାଗିବ ଟଙ୍କା ? ଧାର ଦେବ କିଏ ? ଟିଉସନ୍ ବାବଦ ଟଙ୍କା ସବୁ ତ ସେ ପାଇଯାଇଛି । ସେମାନଙ୍କ ପାଖକୁ ଯାଇଁ ମାଗିଲେ ଅବଶ୍ୟ ଆଗାମୀ କିଛି ମିଳନ୍ତା । କିନ୍ତୁ ଟିଉସନ୍ ସେ ଆଉ କରିବନି ବୋଲି ଠିକ୍ କରିଛି । ପୁଣି ଧାର ମାଗି···ନା, ନା, ସେ ତା ଦେଇ ହବ ନାହିଁ । ତା'ଠୁ ବରଂ···

ଟିକିଏ ଭାବିଲା ମନକୁ ମନ । ହଠାତ୍ ତା ନଜର ପଡ଼ିଲା ଟାଇମ୍‌ପିସ୍‌ଟା ଉପରେ । ଚାବି ଦିଆ ହୋଇନି । ବନ୍ଦ ହୋଇ ପଡ଼ିଛି । ସେଇଟାକୁ ଉଠେଇ ନେଇ ସେ ଚାବି ଦେଲା । ପୁଣି ଟିକ୍ ଟିକ୍ ଶବ୍ଦ କରି ଚାଲିଲା ଘଡ଼ି । ବନ୍ଧା ରଖିଦେଲେ ପାଖ ପଡ଼ଶା ଘରେ ମିଳିପାରେ

କିଛି ଟଙ୍କା । ଉପେନ୍ ବାହାର ପଟେ ଯାଇ ଡାକିଲା ଶ୍ୟାମସୁନ୍ଦର-ବାବୁଙ୍କୁ । ଶ୍ୟାମସୁନ୍ଦରବାବୁ ଓକିଲ ମୋହରିର । ବେଶ୍ ଦିପଇସା ଜମେଇଛନ୍ତି । କଚେରିରୁ ଫେରି ନ ଥିଲେ ସେ । ତାଙ୍କ ସାନ ଝିଅ ମାଳ ଆସି ଜବାବ ଦେଲା ।

ଉପେନ୍ କହିଲା—ନେଇଯା ଏ ଘଡ଼ିଟା ବୋଉ ପାଖକୁ । କହିବୁ, ଏଇଟା ବନ୍ଧା ରଖି କିଛି ଟଙ୍କା ଦେବେ । ଦି ଚାରି ଦିନ ପରେ ମୁଁ ପୁଣି ମୁକୁଳେଇନେବି ସୁବିଧା କରି ।

ମାଳକୁ ଯିବାକୁ ପଡ଼ିଲା ନାହିଁ । ଶ୍ୟାମସୁନ୍ଦରବାବୁଙ୍କ ସ୍ତ୍ରୀ ଦୁଆର ସେପଟେ ଆସି ଛିଡ଼ା ହୋଇ ଶୁଣୁ ଥିଲେ । ଉପେନ୍‌କୁ ସେ ଜାଣନ୍ତି । ଖୁବ୍ ଭଲ ପିଲା । ତା ସ୍ୱାମୀ ଭାରି ମାନନ୍ତି ଉପେନ୍‌କୁ । ପ୍ରଶଂସା ବି କରନ୍ତି ଚରିବର । ହେଳା ନ କରି ସେ ଭିତରକୁ ଯାଇଁ ପାଞ୍ଚଟା ଟଙ୍କା ଆଣି ମାଳ ହାତରେ ପଠେଇଦେଲେ । ତୁଣ୍ଡ ଶୁଣେଇ ପଚାରିଲେ—ହେଇଯିବ ପାଞ୍ଚ ଟଙ୍କାରେ ?

—ହଁ, ଖୁବ୍ ! ଘରୁ ଆସିଲି କି ନା ! କିଛି ନାହିଁ ପାଖରେ । ସାଥି ପିଲାମାନେ ବି କେହି ନାହାନ୍ତି । ଘଡ଼ିଟା ରଖନ୍ତୁ । ଛ' ସାତ ଦିନ ଭିତରେ ଟଙ୍କା ଦେଇଦେବି ।

—ଘଡ଼ି କ'ଣ ହେବ ? ମାଳବୋଉ ଆପତ୍ତି କଲେ ।

—ନା, ନା, ରଖନ୍ତୁ । ଏଇ ଯାହା ସାହାଯ୍ୟ କଲେ ଅସମୟ ବେଳେ, ଏଇ ଖୁବ୍ ଯଥେଷ୍ଟ । କହି ଉପେନ୍ ଆଉ କିଛି ଶୁଣିବାର ଅପେକ୍ଷା ନ କରି ଟଙ୍କା ନେଇ ଚାଲିଆସିଲା ।

ଦୁଆର ବନ୍ଦକରି ଚାଲିଲା ସେ ଗୋଟାଏ ପାଖ ହୋଟେଲକୁ । ପରଟା ଆଉ ମାଂସ ଗୋ-ଗ୍ରାସରେ ଗିଳି ଚାଲିଲା । ତାପରେ ଢକଢ଼କ କରି ଦି ଗିଲାସ ପାଣି ପିଇଲା । ପିଇସାରି ହାତ ଧୋଇ···ପାଞ୍ଚ ଟଙ୍କିଆ ନୋଟ୍‌ଟାକୁ ଦୋକାନୀ ଆଡ଼କୁ ବଢ଼େଇ ଦେଲା ପଇସା ନବା ପାଇଁ । ଭାବିଲା···ବାସ୍ତବ ଜୀବନର କର୍ମମୟ ପଥ ଉପରକୁ ପ୍ରଥମ ଦିନ ଅବତରଣ କରି ସେ ଘଡ଼ି ବନ୍ଧା ପକେଇ ସନ୍ଧ୍ୟା ପାଞ୍ଚଟାକୁ ଗୋଟାଏ

ହୋଟେଲରେ ଜଳପାନ କଲା, ଅଥଚ ତା ପରିବାର ତା'ଠୁ ଅନେକ କିଛି ଆଶା କରେ । ତା ଗ୍ରାମବାସୀ ଭାବନ୍ତି···ସେ .ଗାଁର ଅଭାବ ଘୁଞ୍ଚେଇବ··· ତା ବନ୍ଧୁମାନେ କହନ୍ତି...ଫାଷ୍ଟ କ୍ଲାସ୍ ପାଇ ସେ ବି. ଏ. ପାଶ କରିଛି— ହାକମ୍ ହେବ ତା ଭାଗ୍ୟରେ । ଆଉ, ତା ବାପା···

ହେଃ ! ମନକୁମନ ରୂଢ଼ ଅବଜ୍ଞାରେ ଠୋ-ଠୋ କରି ହସି ଉଠିଲା ଉପେନ୍ !

ଦୋକାନୀ ଏଗାର ଅଣା କାଟିରଖି ବାକି ପଇସା ତକ ଫେରେଇ ଦେଲା । ସେତକ ପକେଟରେ ରଖି ଉପେନ୍ ଆସିଲା ରାସ୍ତା ଉପରକୁ । କୁଆଡ଼େ ଯିବ ଯା ପରେ ଟିକିଏ ଚିନ୍ତା କଲା—ତାପରେ ବାଇକ ଉପରେ ଉଠି ଚାଲିଲା ପ୍ରଫେସର୍ ନିଶାକର ଦ୍ବିବେଦୀଙ୍କ ପାଖକୁ ।

ଭଲ ସ୍କଲର୍ ବୋଲି ନିଶାକରବାବୁ ଉପେନ୍‌କୁ ଭଲ ଦୃଷ୍ଟିରେ ଦେଖନ୍ତି । ପୁଣି ପ୍ରିନ୍‌ସିପାଲଙ୍କ ସହିତ ତାଙ୍କର ନିଗୂଢ଼ ସଦ୍‌ଭାବ ଥିବାର ଉପେନ୍ ବି ଭଲ କରି ଜାଣେ । ତାର ଆଶା, ନିଶାକରବାବୁଙ୍କୁ ଧରିଲେ ସେ ନିଶ୍ଚୟ ଚେଷ୍ଟା କରିବେ ଏବଂ ସେ ଚେଷ୍ଟା କଲେ ଚାକିରି ଖଣ୍ଡେ ପାଇବାର ଗୋଟାଏ କିଛି ବନ୍ଦୋବସ୍ତ ନିଶ୍ଚୟ ଦିନେ ଦି ଦିନ ଭିତରେ ହୋଇଯିବ ।

ଏତେ ଜଲ୍‌ଦି ନୁହେଁ । ଟିକିଏ ମୁହଁ ଅନ୍ଧାର ହେଲା ପରେ ନିଶାକରବାବୁଙ୍କ ଘରକୁ ଗଲେ ବି ଚଳିବ । ନିଶାକରବାବୁ ଟିକିଏ ସ୍ପୋର୍ଟସ୍‌ମ୍ୟାନ ପ୍ରକୃତିର ଲୋକ । ସନ୍ଧ୍ୟାବେଳେ ପ୍ରାୟ ଗୋଟାଏ କିଛି ଖେଳାଖେଳି କରିବା ପାଇଁ ସେ ଘରୁ ବାହାରିଯାଆନ୍ତି ।

କୁଆଡ଼େ କେମିତି ବୁଲାବୁଲି କରି ଯିବା ପାଇଁ ଉପେନ୍ ବାଇକ୍ ଫେରାଉଛି, ହଠାତ୍ ତା ପାଖ ଦେଇ ପ୍ରଭଞ୍ଜନ ବେଗରେ ଛୁଟିଗଲା ଗୋଟାଏ ସାଇକଲ । ଧକ୍‌କା ଲାଗିଥିଲେ ଉପେନ୍ ଓଲଟି ପଡ଼ିଥାନ୍ତା—କିନ୍ତୁ ବଞ୍ଚିଗଲା । ହଠାତ୍ ତାର ଦୃଷ୍ଟି ପଡ଼ିଲା—ତା ପାଖ ଦେଇ ଏତେ ଜୋରରେ ଯେ ଉଡ଼ିଗଲା, ସେ ତାର ଯେପରି ପରିଚିତ । ବୋଧହୁଏ ୱାରେନ୍ !

ହିଁ, ଉପେନ୍‌ର ଅନୁମାନ ବିଲ୍‌କୁଲ୍ ଠିକ୍ । କାରଣ ଖଣ୍ଡେ ଦୂର ଯାଇଁ ସାରେନ୍ ବି ପଛକୁ ଫେରି ଚାହିଁଲା —ତାପରେ ସାଇକଲର ଗତି ମନ୍ଦୀଭୂତ କରି ଡାକିଲା—କିଏ ଉପେନ୍ ! ଏକ୍‌ସକିଉଜ୍ ଭାଇ ! ଗୋଟାଏ ଜାଗାରେ ତରବରିଆ କାମ ଅଛି ବୋଲି···କିନ୍ତୁ କିନ୍ତୁ କ'ଣ ଭାବି ସେ ତଳକୁ ଓହ୍ଲାଇ ପଡ଼ିଲା ।

ବାଧ୍ୟ ହୋଇ ଉପେନ୍ ଭଦ୍ରତା ଖାତିରରେ ପୁଣି ବାଇକ୍ ଫେରେଇ ଆସିଲା ସାରେନ୍ ପାଖକୁ । ସାରେନ୍ ହାତ ବଢ଼େଇ ଖାଣ୍ଟି ସାହେବୀ କାଇଦାରେ ଉପେନ୍ ସହିତ କରମର୍ଦ୍ଦନ କଲା । ତାପରେ ଟିକି ପାଟିଆ ଇଂରାଜୀ ବୋଲି ଆରମ୍ଭ କରିଦେଲା ଅନର୍ଗଳ ।

ଉପେନ୍ ଆଶ୍ଚର୍ଯ୍ୟ ହୋଇ ତା କଥା ଶୁଣୁ ଶୁଣୁ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ନିରୀକ୍ଷଣ କରିଗଲା । ଖାକି ହାଫ୍ ପ୍ୟାଣ୍ଟ ଉପରେ ଖାକି ମିଲିଟାରୀ କୋଟ୍ । ଗୋଡ଼ରେ ଟେମ ମୋଜା ଆଉ ପାଦରେ ବୁଟ୍ । ମୁଣ୍ଡରେ ତେରେଛା ହୋଇ ଲଗା ହୋଇଛି ଖଣ୍ଡେ କେଳିଆ ରଙ୍ଗର ଟୋପି··· ସେଥିରେ ଗୋଟାଏ କ'ଣ ନାଲି ରଙ୍ଗର ବ୍ୟାଜ୍ ବି ଲାଗିଛି ।

ଉପେନ୍‌କୁ ପଚାରିବାକୁ ପଡ଼ିଲା ନାହିଁ । ସାରେନ୍ ସବୁ କହିଗଲା—ମିଲିଟାରୀ ସର୍ଭିସ୍‌ରେ ଯୋଗ ଦେଇଛି । ପ୍ରଥମେ ପ୍ରଥମେ ଭୟ କରୁଥିଲି । ଘରେ ସମସ୍ତେ ନାହିଁ ନାହିଁ କରୁଥିଲେ । କିନ୍ତୁ କେତେ ଦିନ ଆଉ ବେକାର ହୋଇ ବସିଥାଆନ୍ତି ଭାଇ ! ଘରେ ଅବଶ୍ୟ ଟଙ୍କା ପଇସାର ଦରକାର ନାହିଁ । ତେବେ କଲେଜର ଅଧାପାଠୁଆ ବାବୁ ଆମେ ! ଆମର ତ ପୁଣି ଗୋଟାଏ ଡେଲି ଏକ୍‌ସପେନ୍‌ସ୍ ଅଛି ! ଅର୍, ଏଇ ସିଗାରେଟ୍, କି ସକାଳ ସଞ୍ଜରେ ହାଲୁଆଇ ଦୋକାନରେ ଗୁ' ଫା ଟିକିଏ, ଆଉ ସଞ୍ଜ ପରେ ସିନେମା ବା ଥିଏଟର । ଏଥିପାଇଁ ବାପା, ଦାଦାଙ୍କ ପାଖରେ ଦାନ୍ତ ନିକୁଟି ଠିଆ ହୋଇ ଗୁହାରିଣା—ଆଟେଣ୍ଡା ପାଇଁ ହାତ-ପତିଆ···ଛି, ଛି, ସେ ମୋ ଦେଇ ହେଲା ନାହିଁ । ଫାଷ୍ଟ ଇଅରରୁ କଲେଜରୁ ଯାଇଥିଲି···କିନ୍ତୁ ଇଂରାଜୀ କହିବାରେ ମୋର ଫୁର୍ତ୍ତି ଦେଖି ଆପଏଣ୍ଟିଂ ଅଥରିଟି ଭାବିଲେ···ମୁଁ ବୋଧହୁଏ ଖୁବ୍ କ୍ୱାଲିଫାଏଡ଼୍ ।

କହୁ ବ ଦେଲ, ଅଣ୍ଡର ଗ୍ରାଜୁଏଟ୍ ! ବାସ୍, ଷାଠିଏ ଟଙ୍କାରେ ମିଳିଗଲା ଗୋଟିଏ କାମ !

—ମୋଟେ ଷାଠିଏ ? ଉପେନ୍ ପଚାରିଲା ।

—ମୋଟେ, ମାନେ ? ସାରେନ୍ କହିଲା ଗର୍ବିତ କଣ୍ଠରେ··· ଆରେ, ଅଲ୍ ଫାଉଣ୍ଡ—ଷାଠିଏ ! ଖାଇବା, ପିଇବା, ପିନ୍ଧିବା, ଅସୁସ କରିବା, ଫୁର୍ତ୍ତି କରିବା···ହରେକ ରକମର ସୁବିଧା, ସବୁ ଉପରୁ । ଷାଠିଏ ଟଙ୍କା ପକେଟ ଖର୍ଚ୍ଚ । ତା ବ ଅଫେନ ମତେ । ହେଲେ ମୋର ଉପୁରି ଦ'ପଇସା ଅଛି ବେଶ୍ !

—ଉପୁରି ଦ ପଇସା ? ମାନେ ? ଉପେନ୍ ସାରେନ୍ ଦେଖା ଦେଖି ବାଇକ୍‌ରେ ବସି କଥାଭାଷା ହୋଇ ଧୀରେ ଧୀରେ ଆଗଉ ଆଗଉ କହିଲା—ଉପୁରି କେମିତି ?

—ଏଇ ପେଟ୍ରୋଲ-ପେଟ୍ରୋଲ ବକି କରି । କଳାବୋଡରେ ! ବଡ଼ ବଡ଼ ଅଫିସର କେତେ ଜଣଙ୍କ ସାଙ୍ଗରେ ସେଇ ଜରିଆରେ ତ ମୋର ଏଇକ୍ଷଣି ବେଶ୍ ବନ୍ଧୁତା !! ଅଉ ସ୍ୟା ବାଦ୍ ସୁ ଉପୁରି ରୋଜଗାର, ତା ମୋ ସାଙ୍ଗରେ ଦ ତିନ ଦିନ ଘୁରିଲେ ତୁ ବେଶ୍ ବୁଝିପାରିବୁ ।

—କହିଲେ ବୁଝିପାରିବ ନାହିଁ ?

—ହଁ, ପାରିବୁନି କାହିଁକି ? ତେବେ ତୁ ବୋଧହୁଏ ସେସବୁରେ ଇଣ୍ଟରେଷ୍ଟେଡ୍ ହେବୁନି ।

—ମାନେ ?

—ମାନେ, ତୋ ବେଶଭୂଷା ଦେଖିଲେ ଜଣାପଡ଼େ···ତୁ ଯେପରି ବଡ଼ ଆଦର୍ଶବାନ୍ ପୁରୁଷ ।

—ଆଦର୍ଶବାନ୍ ବୋଲି କୁ ମତଲବରେ ତୁ ଆକ୍ଷେପ କରୁଛୁ ?

—ଅଇ ମିନ୍ ଆଦର୍ଶ ଚରିତ୍ରବାନ୍ !! ବାହା ହୋଇସାରିଛୁ ବୋଧହୁଏ ?

—କ'ଣ ଶୁଣିଲେ ତୁ ଖୁସି ହବୁ ?

—ସଟେଁନ୍‌ଲି, ଇଫ୍ ଇଜ ଆର୍ ନଟ୍ ମ୍ୟାରେଜ୍ !! ତୁ ଯଦ୍ଧ ବିବାହ ନ କରିଥାଉ । ବାହା ହବ କେଗାଟାଏ କ'ଣ ? ଜଣକ ପାଖରେ ବନ୍ଧା ହୋଇ ରହିବ ? ନୁଇସେନ୍‌ସ !! ନୁଇସେନ୍‌ସ !! ଆରେ, ତରୁଣ ହେଲ ଭ୍ରମର ଜାତି !! ଏ ଫୁଲରୁ ସେ ଫୁଲକୁ ଉଡ଼ିବୁଲିବା ହେଲ ତାର ପ୍ରଣୟ ଧର୍ମ !

—ମିଲଟାରୀରେ ଯୋଗ ଦେଇ ବୋଧହୁଏ ପ୍ରେମ-ମଧୁ ଆହରଣର ଏ ଧର୍ମପଥଟା ଆବିଷ୍କାର କରିଛୁ ! ସାବାସ୍ !

ହୋ-ହୋ କରି ହସିଉଠିଲା ବୀରେନ୍ । ଉପେନ୍‌ର କଥା କହିବା ମର୍ମ ସେ ଠିକ୍ ବୁଝିପାରିଲା ନାହିଁ । ଭାବିଲା, ଉପେନ୍ ହୁଏତ ତାକୁ ମିଲଟାରୀରେ ଯୋଗଦେଇଥିବା ହେତୁ ଅଭିବାଦନ ଜଣାଉଛି । ଉପେନ୍‌ର ପ୍ରଶଂସା ଶୁଣି ସେ ହଠାତ୍ ଉତ୍ସାହିତ ହୋଇଉଠିଲା ! ପଚାରିଲା—କୁଆଡ଼େ ଯିବୁ ?

—ତୁ କୁଆଡ଼େ ଯିବୁ ଯା'···ମୁଁ ଟିକଏ କଲେଜ ହଷ୍ଟେଲକୁ ଯାଉଛି ।

—ହଉ, ଯିବୁ ତ ! ଆ, କପେ କଫି ଖାଇ ଆସିବୁ ମୋ ସାଙ୍ଗରେ । ସାଉଥ୍ ଇଣ୍ଡିଆନ୍ ହୋଟେଲଟା ସାମ୍ନାରେ । ତା ଉଦ୍ଧ୍ ବଡ଼ା, ମସୋରପାଗ, ଆଳୁଆ ··ଇଟ୍‌ଲି ଆଉ ଦୋସା, ଚମତ୍କାର ! ଆ, ସାମାନ୍ୟ ଟିକଏ ଜଳଯୋଗ ! ମୋ ଅନୁରୋଧ ରଖିବାକୁ ହବ । ଉପେନ୍ କାନ୍ଧରେ ହାତ ପକେଇ ବୀରେନ୍ ଟାଣିଲା ଜବରଦସ୍ତି ।

ଖାଇବା ଲୋଭରେ ଯେତେ ନୁହେଁ—ବୀରେନ୍‌ର କଥାଭାଷା, ଚାଲି-ଚଳନ, ଫୁର୍ତ୍ତି-ଫାଏଡ୍ ଅଙ୍ଗଭଙ୍ଗୀ ଦେଖିବାକୁ, ଦେଖି ଉପଭୋଗ କରିବାକୁ ଉପେନ୍‌କୁ ବାସ୍ତବିକ ବଡ଼ ଭଲ ଲାଗୁଥିଲା ।

ଏଇ ମାତ୍ର ସଞ୍ଜ ହୋଇଆସୁଛି । ପ୍ରଫେସର ଦ୍ୱିବେଦୀଙ୍କ ପାଖକୁ ଯିବାକୁ ଆଉ ଘଣ୍ଟାଏ ଦେଢ଼ଘଣ୍ଟା ସମୟ ଅଛି । ତରତର ହବା ଦରକାର

ନାହିଁ । ଏଠି ସେଠି ନିରୁଦ୍ଦେଶ୍ୟ ଭାବରେ ଘୂରିବୁଲିବା ଅପେକ୍ଷା ତା' ପୂର୍ବପରିଚିତ ଜଣେ ଓଡ଼ିଆ ଭାଇ ବୀରେନ୍ ମିଶ୍ରର ମିଲିଟାରି ମେଣ୍ଟାଲିଟି ···ଆଉ ଅଦ୍ଭୁତ ଚରିତ୍ର ଷ୍ଟଡ଼ି କରିବାରେ ଅନେକ ନୂତନ ଧାରଣା ହେବ, ଏଇଥିପାଇଁ ବିଶେଷ ଆପତ୍ତି ନ କରି ସେ ଆସିଲା ସାଉଥ୍ ଇଣ୍ଡିଆନ୍ ହୋଟେଲକୁ ।

ସାଇକଲ୍‌ଟା ତଳେ ରଖି ଦେଇ ବୀରେନ୍ ବୁଟ୍‌ର ଫଟ୍ ଫଟ୍ ଆବାଜ କରି ଉଠି ଗଲା ପାହାଚଗୁଡ଼ାକ । ତାପରେ ଭିତରକୁ ଯାଇ ଗୋଟାଏ ଚେୟାର ଉପରେ ନବାବୀ ଥାଟରେ ବସିପଡ଼ି ଡାକ ଛାଡ଼ିଲା—'ବଏ' !

ବୀରେନ୍ ମୁହଁରୁ କଥା ନ ସରୁଣୁ ଗୋଟାଏ ନୁହେଁ, ଦୁଇ ଦୁଇଟା 'ବଏ' ସହିତ ଖୋଦ୍ ମ୍ୟାନେଜରବାବୁ ବି ଆସି ବୀରେନ୍ ପାଖରେ ନତ-ମସ୍ତକରେ ଠିଆହେଲେ । ଉପେନ୍ ଲକ୍ଷ୍ୟ କଲା···ବୀରେନ୍ ଦେହରେ ମିଲିଟାରି ପୋଷାକ, ଖାକି ପେଣ୍ଟ, ଖାକି କୋଟ, ଆଉ ନେଳିଆ ଟୋପି ଉପରେ ନାଲିଆ ବ୍ୟାଜ ହିଁ ହୋଟେଲର 'ବଏ' ଆଉ ବାବୁ ସମେତ ଅନ୍ୟାନ୍ୟ ଲୋକମାନଙ୍କର ସତର୍କ ଦୃଷ୍ଟି ଆକର୍ଷଣ କରିଛି ।

ବୀରେନ୍ କହିଲା ଟିନ୍‌ପାଟିଆ ଇଂରାଜୀରେ—ଭଲ ଯାହା କିଛି ଅଛି, ସବୁଥିରୁ ଗୋଟାଏ ଗୋଟାଏ ପ୍ଲେଟ୍ ଦିଅ ଆମ ଦିହିଙ୍କି ।

ଏସ୍ ! ମ୍ୟାନେଜର ନିଜେ ମଧ୍ୟ 'ବଏ'ଙ୍କ ସାଙ୍ଗରେ ପରିବେଷଣ କରିବାରେ ବ୍ୟସ୍ତ ହୋଇଉଠିଲେ ।

ଆସିଲା ଅନେକ ପ୍ରକାର ପ୍ଲେଟ । ସୁସଜ୍ଜିତ ହୋଇ ରଖାହେଲା ଟେବୁଲ ଉପରେ । ବୀରେନ୍ ସାହେବୀ ଭଙ୍ଗୀରେ ଖାଉ ଖାଉ କହିଲା—କ'ଣ କରୁଚୁ ତୁ ଆଜିକାଲି ?

—ବି. ଏ. ଟା ପାଶ୍ କରିଛି କୌଣସିମତେ—ଏଥର ଗୋଟାଏ ଚାକିରିର ଅନ୍ୱେଷଣ !!

—ଏଁ, ଇଉ ଆର୍ ଏ ଗ୍ରାଜୁଏଟ୍ ନାଁଓ ! ଏନ ଡିଷ୍ଟିଙ୍କ୍‌ସନ୍ ? ବୀରେନ୍ ଉତ୍ସାହିତ ହୋଇ ଚଚାଇଲା ।

—ହଁ, ଫାଷ୍ଟ କ୍ଲାସ ପାଇଛି । ଉପେନ୍ କହିଲା ।

—ଗୁଡ୍ ! ଗୁଡ୍ ! ଅଧୀର ଆନନ୍ଦରେ ବୀରେନ୍ ଚାମଚଟା ରଖିଦେଇ କରମର୍ଦ୍ଦନ କରିବା ପାଇଁ ହାତ ବଢ଼ାଇଲା ।

ଉପେନ୍ କହିଲା—ମୋ ହାତଟା ଅଇଁଠା ହୋଇଛି ।

—ଓ, ଇଉ ! ବୀରେନ୍ ବିରକ୍ତିରେ ପୁଣି ଚାମଚଟା ଧରି ଖାଇବାକୁ ଲାଗିଲା ।

ଉପେନ ହସ ଚାପି ରଖି କହିଲା—ଏତେ ବଡ଼ ବଡ଼ ଅଫିସରଙ୍କ ସାଙ୍ଗେ ଦୋସ୍ତି କରିଛୁ—କାହାକୁ କହି ପୋଛୁ ଗୋଟାଏ ଚାକିରି ବନ୍ଦୋବସ୍ତ କରିଦେ ।

—ସିଓର, ସିଓର୍ ! ତୋ ପାଇଁ ଯାଇଁ କାହା ପାଖରେ ରେକମେଣ୍ଡ କରିବା ତ ମୋର ଗୋଟାଏ ଗର୍ବ ! ଚାଲ ମୋ ସାଙ୍ଗରେ, ମୁଁ ତ ଯାଉଛି ମିସେସ୍ ରାଏଙ୍କ ପାଖକୁ···

—ସୋ ଭେରି କାଇଣ୍ଡ ଅଫ୍ ଇଉ । ଉପେନ୍ ମସଲା ବରା ଚୋବାଉ ଚୋବାଉ କହିଲା—ଆଜି ଆଉ ତତେ ବେଶି କଷ୍ଟ ଦବା ମୋର ଇଚ୍ଛା ନୁହେଁ । ତୋ ଅଫିସର ବନ୍ଧୁମାନଙ୍କୁ ଆଗ ମୋ ସମ୍ବନ୍ଧରେ ଟିକିଏ ସାଉଣ୍ଡ କରି ରଖ···ତାପରେ ଦିନ ଠିକ୍ କର—

—ଆରେ ନା, ଏସବୁ କରିବା କିଛି ଦରକାର ନାହିଁ । ମୋର ଯୋଉଠି ଜଣାଶୁଣା ଅଛି, ସେଠି ମୋର ପ୍ରବେଶ ଅଛି···ଆଉ ଯୋଉଠି ମୋର ପ୍ରବେଶ ଅଛି···ସେଠି ମୋର ଅବାଧ ସ୍ୱାଧୀନତା ବି ଅଛି ।

—ଆଉ ଯୋଉଠି ତୋର ସ୍ୱାଧୀନତା ଅଛି, ଉପେନ୍ କହିଲା—ସେଠି ତୋର ଉଦ୍ଧତ ପ୍ରତିପତ୍ତି ବି ଅଛି ।

—କ୍ବାଇଟ୍ ପୋଏଟିକ୍ !! କବିତା ଫବିତା ଲେଖୁଚୁ ଆଜକାଲ ?

—ଖାଇବାକୁ ତ ମିଳୁନ, ଆଉ କବିତା···

—କି ଆଶ୍ଚର୍ଯ୍ୟ ! ବୀରେନ କହିଲା—ତୋ ପରି ପ୍ରତିଭାଶାଳୀ ପିଲାକୁ ଏ ଯୁଦ୍ଧ ବଜାରରେ ଖାଇବାକୁ ମିଳୁ ନାହିଁ ! ଆମେ ଯୁଠି··· ଡାଲି, ଭାତ, ରୁଟି, ବିସ୍କୁଟ ଫିଙ୍ଗଦଉଚୁ···ସେଠି !

—ସେଠି ସାଧାରଣ ଲୋକ ନ ଖାଇ ମରୁଚନ୍ତି—ଉପେନ୍ କହିଲା, ଛଅ ମାସ ଆଗରୁ ତୋର ଅବସ୍ଥା କ'ଣ ଥିଲା ଭାବିଲୁ ?

ବୀରେନ୍ ଟିକିଏ ଥମକିଗଲେ । କହିଲା—ମୋ କଥାର ମର୍ମ ବୁଝିଲୁ ନାହିଁ । ମାନେ, ଯାହାର ବୁଦ୍ଧି ଅଛି·· ତା ପେଟ ଅପୋଷା ରହିବନି କେବେ । ଏ ଯୁଦ୍ଧ ବଜାରରେ ରୋଜଗାରର ଏତେ ବାଟ ଅଛି ।

—କ'ଣ ସେ ବାଟ ? ଉପେନ୍ ପଚାରିଲା ।

—ବହୁତ କଣ୍ଟ୍ରାକ୍ଟ ଅଛି । ସପ୍ଲାଇ କରିପାରିବୁ ?

—କ'ଣ ?

—ସବୁ ରକମର ସବୁ ଜିନିଷ, ଆମ ମିଲିଟାରୀ ଡିପାର୍ଟମେଣ୍ଟକୁ । ଅଣ୍ଡା, ମାଂସ, ବାଇଗଣ, ଆଳୁ, ଦୁଧ, ମାଛ, ଯାହା ଜିନିଷ···ଆଉ ଯେତେ ଜିନିଷ । ଦି'ଟଙ୍କାର ଜିନିଷ ଦେଇ କୋଡ଼ିଏ ଟଙ୍କାର ବିଲ୍ ଦବୁ । ଦଶ ଟଙ୍କା ଜଳାପୋଡ଼ିଲେ ଯିବ, ତୁ ପାଇବୁ ଆଠ ଟଙ୍କା ଲାଭ । ମାନେ ଲାଭର ପରିମାଣ ଏଇ ଅନୁପାତରେ ।

—ହୋପ୍‌ଲେସ୍, ସେ ମୋ ଦେଇ ହବ ନାଇଁ ।

—ଆଉ କ'ଣ ହବ ? ଚାକିରି ଗୋଟାଏ କରିବୁ ! ତା ହେଲେ ସିନା ପାଇବୁ !

—ହଁ ତା' ଅବଶ୍ୟ । କିନ୍ତୁ···

ବୀରେନ୍ ପଚାରିଲା—ଆଉ କ'ଣ ଆଣିବା ?

—ନା, ନା, ବହୁତ ଖିଆହେଲାଣି ।

—ଆଚ୍ଛା, ଚା ନା କଫି ! କୁଉଟା ତୁ ପସନ୍ଦ କରୁ ?

—ମୁଁ କୌଣସିଟାକୁ ଭଲ ପାଏନା । କାହା ଉପରେ ମୋର ବିଶେଷ ମୋହ ନାହିଁ କି ଆସକ୍ତି ବି ନାହିଁ । ଯେ କୌଣସି ଗୋଟାଏ ହେଲେ ଚଳିବ ।

—ତା ହେଲେ କଫି ଖା ! ଷ୍ଟିମୁଲେଟ୍ ଡ୍ରିଙ୍କ୍ ! ତୋ ସାହିତ୍ୟିକ ଭାଷାରେ ଉତ୍ତେଜନା-ଉଦ୍ରେକ-କାରକ ପାନୀୟ ! କ'ଣ ? ଠିକ୍ କହୁଛି ତ ?

—କେବଳ ଉତ୍ତେଜକ ପାନୀୟ କହିଥିଲେ ଚଳିଥାନ୍ତା···

—ଆମେ ମିଳିଟାରୀ କି ନା, ଟିକିଏ ରାଉଣ୍ଡ-ଆବାଉଟ୍, ଘୁରିଫେରି ଅଙ୍କା-ବଙ୍କା ରାସ୍ତାକୁ ପସନ୍ଦ କରୁ ।

କଫି ଆସିଲା । ବିରେନ୍ ହାତ ଘଣ୍ଟାକୁ ଚାହିଁ କହିଲା— ସମୟ ହୋଇଗଲା, ଏଥର ଉଠିବା ।

—ହଁ, ମୋର ବି ସମୟ ହେଇଗଲା ।

—ତୁ ଯିବୁ କୁଆଡେ ? ବେକାର ଲୋକ । ଚାଲ ନା, ମୋ ସାଙ୍ଗରେ । ଟିକିଏ ଘୁରି-ଫେରି ଆସିବୁ । ତୋ କବିତା ପାଇଁ ଖୋରାକ ବି ସଂଗ୍ରହ କରିବୁ···

—ଖୋରାକ ?

—ହଁ, ମୋ ସାଙ୍ଗରେ ଗଲେ ବୁଝିବୁ ।···ସବୁ କଣ୍ଟି ଇଠି ଏଇ ହୋଟେଲରେ ବସି କହିବି ନା କ'ଣ ?

—ତୋ ସାଙ୍ଗରେ ମୁଁ ଯିବାକୁ ପ୍ରସ୍ତୁତ । ଉତ୍ପଳ କହିଲା—ଯଦି ମୋ ଚାକିରି ପାଇଁ ବାସ୍ତବିକ୍ କିଛି ସୁବିଧା କରେଇ ଦେଇପାରିବୁ ତୁ···

—ଆଇ ଅସିଓର୍ ଇଉ···ଆଜ ଅନ୍ତତଃ କେତେ ଜଣ ଉଚ୍ଚ-ପାହ୍ୱଆ ସରକାରୀ କର୍ମଚାରୀଙ୍କ ସହିତ ପରିଚିତ କରେଇଦେବି ତତେ ! ଟିକିଏ ପୁସିଙ୍ଗ୍ ହବା ଦରକାର ! ଯା-ଆସ, ମିଳା ମିଶା । ମିସେସ୍‌ଙ୍କ ସହିତ ଭାବ୍‌ଲଭ । ତା'ପରେ ଅଟୋମେଟିକାଲି, ଆପେ ଆପେ ସବୁ ହେଇଯିବ । କହି ବୀରେନ୍ ସିଗାରେଟ୍ କାଢ଼ି ଅଫର କଲା ।

—ନା, ନା, ମୁଁ ଖାଏନା ।

—କ'ଣ ? ସିଗାରେଟ୍ ଖାଉନା ? ତା ହେଲେ ତୋ ଭାଗ୍ୟରେ ଏ ଯୁଗରେ ଚାକର-ଫାକର ନାହିଁ···ବୁଝିଲୁ ! ଏକ୍‌ସକିଉଜ୍ ମି ! କ୍ଷମା କରିବୁ ମତେ ! ତୁମେମାନେ ଯେ ଭାବ, ଖାଲି ଇଉନିଭର୍‌ସିଟିର ଡିଗ୍ରୀ ହାସଲ କରିପାରିଲେ ମଣିଷ ହେଇଯିବ···ଏ ଧାରଣା ଏକେବାରେ ଭୁଲ···ଅନ୍ତତଃ ଏ ମିଲିଟାରିରାଜ ଅମଳରେ ! କହି ବୀରେନ୍ ଉଠି ଛିଡ଼ାହେଲା । ମନିବ୍ୟାଗ ଖୋଲି ଫିଙ୍ଗିଦେଲା ଗୋଟାଏ ପାଞ୍ଚଟଙ୍କିଆ ନୋଟ୍ । ଅଡ଼େଇ ଟଙ୍କା କାଟି ରଖି ମ୍ୟାନେଜର ଫେରେଇଦେଲା ଖଣ୍ଡେ ଦ ଟଙ୍କିଆ ନୋଟ୍ ଆଉ ଦଇଟା ଚାରେଣି । ବୀରେନ 'ବଏ' ଦଟାଙ୍କୁ ଡାକି · ଦୁହିଙ୍କ ହାତରେ ଚାରେଣୀ ଚାରେଣୀ ଗୁଞ୍ଜି ଦେଲା—ବକ୍‌ସିସ !! 'ବଏ' ଦୁ'ଟା ସଲାମ୍ ଦେଲେ ।

—ତଳକୁ ଓହ୍ଲେଇ ବୀରେନ୍ ଧଇଲା ବାଇକ୍, ଆଉ ଖଣ୍ଡେ ସିଗାରେଟ୍ ଲଗାଇ ରାସ୍ତା ଉପରକୁ ଉଠି କହିଲା—ବସ···

—ବତ୍ତି ନାହିଁ ଯେ ବାଇକ୍‌ରେ !

—ମୋର ବ ଅଛି ନା କ'ଣ ? ବସ ନା ବାଇକ୍‌ରେ । ମିଲିଟାରୀ ଲୋକ ସାଙ୍ଗରେ ଯାଉଛୁ—ନାଲିପଗଡ଼ିଆଙ୍କୁ ଭୟ କ'ଣ ରେ ? ଆଚ୍ଛା, ନେ, ଧର ଗୋ ଟଇଟା ! କହି ବୀରେନ୍ ପକେଟରୁ ଗୋଟିଏ ଫ୍ଲେଟ ଟଇ କାଢ଼ି ଉପେନ୍ ହାତକୁ ବଢ଼େଇଦେଲା ।

—କୁଆଡ଼େ ଯିବୁ ? ଉପେନ୍ ପଚାରିଲେ ।

—ପଚାରି ନା କିଛି । ମୋ ପଛେ ପଛେ ଆ ।

ସଂସାର-ପଥରେ ଉପେନ୍ ନୂଆ ! ଭାବିଲେ—ହୁଏ ତ ସାରେନ୍ କରେଇ ଦେଇପାରେ କିଛି । ପୁଞ୍ଜିବାଜ୍ ଅଛି । ଜଣାଶୁଣା ଥାଇପାରେ ବଡ଼ ବଡ଼ ଅଫିସରଙ୍କ ସହିତ । ଗଲେ ମନ୍ଦ କ'ଣ ? ଅନ୍ତତଃ ଗୋଟାଏ ଧାରଣା ତ କରିପାରିବ ସାରେନ୍ ସମ୍ବନ୍ଧରେ । କହିଲେ—ଚାଲ୍, ତୁ କ'ଣ କରିପାରୁ ଦେଖେ···

ସାରେନ୍ ହସିଲା । କହିଲା—କରିପାରେ ମୁଁ ଅନେକ କିଛି । ବୁଝିପାରିବୁ ଏଇକ୍ଷଣି । ଅନ୍ତତଃ ରୋଜଗାର କରିବାର କୌଣସି ନା କୌଣସି ରାସ୍ତା ମୁଁ ତତେ ଦେଖେଇ ଦେଇପାରେ । ତେବେ ତୋ ବେଶଟା ବଡ଼ ଅସନା ହୋଇଛି । ତୋ ବସା କୁଆଡ଼େ ?

— ବସାକୁ ଯାଇ କ'ଣ ହେବ ? ଏ ଲୁଗା ଆଉ କମିଜ୍ ଛଡ଼ା ଦ୍ୱିତୀୟ ନାହିଁ । ମୋ ଅବସ୍ଥାଠୁ ମୋ ବସାଘରର ଚେହେରା ଆହୁରି ଶୋଚନୀୟ ।

—ଆଚ୍ଛା, ଆ ମୋ ସାଙ୍ଗରେ ।

ସାରେନ୍ ଜୋରରେ ବାଇକ୍ ଚଲେଇଲା ।

ସନ୍ଧ୍ୟାର ଅନ୍ଧକାର ଘନୀଭୂତ ହୋଇଉଠିଛି । ରାସ୍ତା ଉପରେ କାଁ ଭାଁ ଯୁ ବତି ଦର ଦର ଲିଭିହୋଇ ଜଳୁଥିଲା, ସେଗୁଡ଼ାକ ଚଉପାଶର ଅନ୍ଧାରକୁ ଆହୁରି ବେଶୀ ଭୟଙ୍କର କରି ତୋଳିଥିଲା । ବଡ଼ ରାସ୍ତା ଉପରୁ ଗଡ଼ି ସାରେନ୍ ଗୋଟାଏ ଗଳି ଭିତର ଦେଇ କେଉଁଠି କୁଆଡ଼େ ଅନ୍ଧ କନ୍ଦରେ ପଶିଲା ସାଇଁ । ଉପେନ୍ ଚିହ୍ନିବାକୁ ଚେଷ୍ଟା କରି ବି ପାରିଲେ ନାହିଁ । ଚାରି ବର୍ଷର ଜଣାଶୁଣା କଟକ ଯେମିତି ହଠାତ୍ ଏକ ଗୁହାଧୃତ ସୁଡ଼ଙ୍ଗ ପରି ଦୁର୍ଭେଦ୍ୟ ହୋଇଯାଇଛି ତା ପାଖରେ ।

ଗୋଟାଏ ଦ'ତାଲା କୋଠା ସାମନାରେ ଓହ୍ଲେଇ ପଡ଼ିଲା ସୀରେନ୍ । ଉପେନ୍ ମଧ୍ୟ ସାଇକେଲ୍‌ରୁ ଓହ୍ଲେଇ ଜାଗାଟା ଚିହ୍ନିବାକୁ ଚେଷ୍ଟା କଲା···କିନ୍ତୁ ଅଟକଳ କରିପାରିଲା ନାହିଁ ।

ଦୁଆର ବନ୍ଦ ହୋଇଥିଲା । ଝରକା ଭିତରୁ ଆଲୁଅର କ୍ଷୀଣ ରେଖା ବାହାରକୁ ଲମ୍ବି ଆସିଥିଲା । ସୀରେନ୍ ପ୍ରଥମେ ଘଣ୍ଟି ଟିଂ ଟିଂ ଥରେ ଦ'ଥର କଲା । ତା ପରେ ସାଇକେଲ୍‌ଟାକୁ ବାରଣ୍ଡା ଦେହରେ ଆଉଜେଇ ଦେଇ ଉପରକୁ ଉଠିଯାଇ ଦୁଆର କଡ଼ା ଧରି ଝଣଝଣ କଲା ।

କବାଟ ଫିଟିଲା ପ୍ରାୟ ତିନି-ଚାରି ମିନିଟ ପରେ । ସୀରେନ୍ ଭିତରକୁ ପଶିଗଲା । ସାଙ୍ଗେ ସାଙ୍ଗେ ପୁଣି ଦୁଆର କିଳା ହେବାର ଶବ୍ଦ ଉପେନ୍ ସ୍ପଷ୍ଟ ଶୁଣିପାରିଲା ।

ଉପେନ୍ ଠିଆ ହୋଇ ଚାରିପାଖ ଅନେଇଲା । ତାକୁ ଜଣାପଡ଼ିଲା ଯେପରି ଚେଲଙ୍ଗାବଜାରର ଗୋଟାଏ କ ଗଳି! ସ୍ଥାନ ଭିତରେ ଚାରି ଆଡ଼ ଶୁନ୍-ଶାନ୍! କ୍ୱଚିତ୍ ଜଣେ ଦିଜଣ ଯା-ଆସ କରୁଛନ୍ତି । ଏ ମହଲା କୋଠାଟା ଅନ୍ଧାର ଭିତରେ—ଆଉ ତା ଚାରିପାଖରେ ଛୋଟ ଛୋଟ ବସ୍ତିଘର ପରିବେଶ ଭିତରେ ଯେପରି ବଡ଼ ବେଖାପ ଆଉ ଭୟଙ୍କର ଦେଖାଯାଉଛି ।

ପୁଣି ଦୁଆର ଖୋଲିଲା । ଜଣେ ଫୁଙ୍ଗୁଳା ଦେହରେ କଳା ମଚମଚ ଚେହେରା ନେଇ ଉପେନ୍ ପାଖକୁ ଆସି କହିଲା—ଭିତରକୁ ଯାଆନ୍ତୁ ।

—ସାଇକେଲ୍‌ଟା ?

—ମତେ ଦିଅନ୍ତୁ । ମୁଁ ଉପରକୁ ଉଠେଇଦେବି ।

—ଅଚ୍ଛା ! ଉପେନ ଉପରକୁ ଉଠିଗଲା । ସନ୍ତର୍ପଣରେ ଘର ଭିତରକୁ ପଶିଲା । ପ୍ରଶସ୍ତ କକ୍ଷ । ମଝିରେ ଗୋଟିଏ ବଡ଼ ସେକ୍ରେ-ଟେରିଏଟ୍ ଟେବୁଲ୍, ଚାରିପାଖେ କେତେ ଖଣ୍ଡ କୁର୍ସି ।

ଉପେନ୍ ବସିବାକୁ ଯାଉଥିଲା, ହଠାତ୍ ବୀରେନ୍ ପଶିଆସିଲା ଘର ଭିତରକୁ । କହିଲା—ଅରେ ଏଠି କାହିଁକି ? ମୋ ସାଙ୍ଗରେ ଆ ନା !

—ଉପେନ୍ ଯନ୍ତ୍ରଚାଳିତବତ୍ ଚାଲିଲା ।

ପାଖ ସିଡ଼ି ଉପରେ ବୀରେନ୍ ଉଚ୍ଚ ଉଚ୍ଚ କହିଲା—ମିସେସ୍ ରାଏଙ୍କୁ ମୁଁ ତୋ ସମ୍ବନ୍ଧରେ ଖୁବ୍ ପ୍ରଶଂସା କରି କହିଛି । ଦୁର୍ଗାଙ୍କ ପରି ବସି ରହିବୁନି, କଥା କହିବୁ । କଥା··· ।

ଉପେନ୍ ଉପରକୁ ଉଠି ଘର ଭିତରକୁ ପଶି ସ୍ତମ୍ଭିତ ଚମକି ଉଠିଲା । ଏ କ'ଣ ! ଏ ତ ଏକାବେଳକେ ଇନ୍ଦ୍ରଭୁବନ !

ମିସେସ୍ ରାଏ ହସି ହସି ଅଭିବାଦନ କଲେ—ଆସନ୍ତୁ ।

ଉପେନ୍ ନମସ୍କାର କଲା ।

ମିସେସ୍ ରାଏ ହସିଉଠିଲେ ।

—ବୀରେନ୍‌ବାବୁ ! ଆପଣଙ୍କ ବନ୍ଧୁ .କିନ୍ତୁ ଏକାବେଳେ ଟିପିକାଲ୍-ଓଡ଼ିଆ ଯୁବକ । ଆପଣଙ୍କର ଠିକ୍ ବିପରୀତ ।

ବୀରେନ୍ କହିଲା—ଭୁଲ୍ ବୁଝିଛ । ଫାଷ୍ଟ କ୍ଲାସ ପାଇ ବି. ଏ. ପାଶ କରିଛି ! ଟିକିଏ ଜଣାଶୁଣା ହେଇଗଲେ—

ଉପେନ୍‌କୁ ବସିବାକୁ ଇଙ୍ଗିତ ଦେଇ ବୀରେନ୍ ନିଜେ ବସିଲା । ତାପରେ ସିଗାରେଟ୍ କାଢ଼ି ଲଗେଇଲା । ଉପେନ୍ ବସି ବସି ଲକ୍ଷ୍ୟ କଲା, ମିସେସ୍ ରାଏ ଆଧୁନିକା ! ଦୁରନ୍ତ ପ୍ରଗତିଶୀଳା ! ଯୌବନ-କୁସୁମ ମଳିନ ପଡ଼ି ଶୁଖି ଝରିଯିବା ଅବସ୍ଥାରେ ଆସି ପହଞ୍ଚିଥିଲେ ବି ମୁଣ୍ଡରେ ପାତା ଦାଗ, ମୁହଁରେ ସ୍ନୋ-ପାଉଡ଼ର ବୋଳି, ଓଠରେ ଲିପଷ୍ଟିକ୍, ଦେହରେ ଆପୂ-ଅଳଙ୍କାର ଲଦି ହେଇ ଚକ୍ ଚକ୍ ବ୍ଲାଉଜ, ଆଉ ଝକ୍‌ଝକ୍ ଶାଢ଼ୀର ଝଲସିତ ସାଜସଜ୍ଜାରେ, ଚଞ୍ଚଳା ତରୁଣୀ ପରି ନିଜକୁ କରି ତୋଳିଛନ୍ତି ତରୁଣର କେଳିକମନୀୟ ବସ୍ତୁ ! ଏ ଛଡ଼ା କଥା କହିବାରେ ଭଙ୍ଗି ଅଛି···ଚାହିଁବାରେ ଠାଣି ଅଛି···ହସିବାରେ ଧ୍ୱନି ଅଛି···ଆଉ ଚାଲିବାରେ

ଅଛି ଲାଲିତ୍ୟ । ସମସ୍ତ କକ୍ଷ ଭରିଉଠିଛି ଦାମିକା ଏସେନ୍ସର ସୁଗନ୍ଧରେ ।

ଏ ଅଲଙ୍କୃତ ଆଧୁନିକତା ଭଲ ଲାଗିଲା ନାହିଁ ଉପେନ୍‌କୁ···କପରି ଅସ୍ୱସ୍ତି ବୋଧ କଲା ସେ ।

ମିସେସ୍ ରାଏ ବୋଧହୁଏ ବୁଝିପାରିଲେ । ତରୁଣର ମନ ବୁଝିବାରେ ଅତି ମାତ୍ରାରେ ଅଭିଜ୍ଞା ସେ !! କହିଲେ—ବୀରେନ୍‌ବାବୁ, ବନ୍ଧୁ ଆପଣଙ୍କର ବିବାହ କରିଛନ୍ତି ବୋଧହୁଏ ।

—କହି ପାରିବିନି ! ବୀରେନ୍ କହିଲା—ତରୁଣ-ତରୁଣୀ କାହାର ବିବାହ କରିବା ବୁଦ୍ଧିଟାକୁ ମୁଁ ପସନ୍ଦ କରିପାରେନା । ତେବେ ଗୋଟାଏ କଥା ମୁଁ କହିପାରେ—ବନ୍ଧୁ ଉପେନ୍ ମୋର ଜଣେ ସ୍ୱନାମଧନ୍ୟ କବି ।

—ତାହାହେଲେ ତ ଅସଂଖ୍ୟ ମାନସୀଙ୍କ ସହିତ ତାଙ୍କର କଳ୍ପନା-କୁଞ୍ଜରେ ନିଭୃତ ଗୁଞ୍ଜନ ହେଉଥିବ କେତେ ମାଧବୀ ନିଶୀଥକୁ ସାର୍ଥକ କରି···

କି ନିର୍ଲଜ୍ଜ ବେହିଆମି !! ଉପେନ୍ ମନେ ମନେ ଆଶ୍ଚର୍ଯ୍ୟ ହେଲା । ଭାରତର ଆଧୁନିକା ଗୃହିଣୀ ଏତେ ଦୂରକୁ ଗତି କରିଛି ଏ ଭିତରେ···?

—କବିଗୁଡ଼ାକ ସ୍ୱାର୍ଥପର ଏ ବିଷୟରେ । ବୀରେନ୍ କହିଲା ।

ଉପେନ୍ କହିଲା—ମନ୍ତବ୍ୟଟାକୁ ତୋର ଅନୁମୋଦନ କରୁଛି ; କିନ୍ତୁ ଆପ୍ରିସିଏଟ୍ କରିପାରୁ ନାହିଁ···

ମିସେସ୍ ରାଏ ହସିଉଠିଲେ ।

ବୀରେନ୍ କହିଲା—ତୋ ଚରିତ୍ରକୁ ଆକ୍ଷେପ କରି କହିଲି କି ନା—ପ୍ରଶଂସା କରିପାରିବୁନି ମୁଁ ଜାଣେ । କିନ୍ତୁ କବିଚରିତ୍ର ସମ୍ବନ୍ଧରେ ମୁଁ ଗୋଟାଏ ଅପ୍ରିୟ ସତ୍ୟ କହୁଛି । ଆଚ୍ଛା—ଯାଉ ଏ କଥା···ମିସେସ ରାଏ, ମୁଁ ଉପେନ୍‌କୁ ଆଣିଛି ତୁମ ପାଖକୁ···ଏକ ବିଶେଷ

ଜ୍ଞାନେଶ୍ୱରେ । ତୁମ କୃପା-କଟାକ୍ଷ ଲାଭକଲେ ସେ କୁଜୀ ଉପରେ ବୁକେଇ ଖଣ୍ଡେ ପାଇପାରିବ, ଏଇ ହେଲା ଅସଲ କଥା । କ'ଣ କହୁଚ ?

ମିସେସ୍ ରାଏ ପୁଣି ହସିଉଠିଲେ । "ମୋ କୃପା-କଟାକ୍ଷ ? ମୋ ଶାଣିତ-କଟାକ୍ଷକୁ ସେ ସମ୍ଭାଳି ପାରିବେ ତ ?"

ଏଥର ଉପେନ୍ ନ ହସି ରହିପାରିଲା ନାହିଁ । ବୀରେନ୍ କହିଲା—ଉପେନ୍ କବି । ତୁମ ପରି କେତେ ତରୁଣୀଙ୍କ ଶାଣିତ କଟାକ୍ଷକୁ ଲକ୍ଷ୍ୟ କରି ସେ କବିତା ରଚନା କରିଆସିଚି·· ତାକୁ କ'ଣ ଏତେ ସହଜ ମନେକଲ ନା କ'ଣ ?

ଏଥର ଲଜ୍ଜାରେ ମିସେସ୍ ରାଏଙ୍କ ମୁହଁ ରକ୍ତାଭ ହୋଇଉଠିଲା । କିଶୋରୀସୁଲଭ ଚପଳତା ଫୁଟାଇ ସେ କହିଲେ—ହଉ, ମୁଁ ମିଃ ରାଏଙ୍କୁ କହିବା ଛଡ଼ା ତାଙ୍କର ବନ୍ଧୁମାନଙ୍କୁ ମଧ୍ୟ କହିବି । କିନ୍ତୁ ଉପେନ୍‌ବାବୁ ରୋଜ ଏଠିକି ଆସିଲେ ସିନା !

—ମୁଁ ତ ପରିଚିତ କରେଇ ଦେଇଗଲି···ଏଥର ତାଙ୍କର ଆବିର୍ଭାବ···ଆଉ ତୁମର ଅନୁଗ୍ରହ ··

—ବାହାରେ କାହାର ଯୋତା ମସ୍-ମସ୍ ଶୁଣାଗଲା ।

—ମିସେସ୍ ରାଏ କହିଲେ···ବାପୁ ଆସିଲା ବୋଧହୁଏ···ଦେଖ ।

ବୀରେନ୍ ଉଠି ଚାଲିଗଲା । ମିସେସ୍ ରାଏ ଅପାଙ୍ଗ ହାଣି କହିଲେ—ଆପଣଙ୍କ ସୁନ୍ଦର ମୁହଁ ଅଉ ବଳିଷ୍ଠ ଦେହକୁ ଏ ମଇଳା ଲୁଗା କମିଜ ବଡ଼ ଅସୁନ୍ଦର ଦେଖାଯାଉଚି । ଆପଣ ଏଠିକି ଆସିବେ ବୋଲି କ'ଣ ଆଗରୁ ଜାଣି ନ ଥିଲେ ?

—ଆଗରୁ ଜାଣିଥିଲେ ବି ବିଶେଷ କିଛି ସାଜସଜ୍ଜା କରିବା ସୁବିଧା ମୋର ନ ଥିଲା । ଏ ଖଣ୍ଡିକ ଲୁଗା ଆଉ କମିଜ ଛଡ଼ା ଦ୍ୱିତୀୟ ମୋ ପାଖରେ ନାହିଁ ।

—ମୁଁ ଦେଖିବି, ଆପଣଙ୍କ ସକାଶେ କ'ଣ କରିପାରେ ! ବୀରେନ୍ ବାବୁଙ୍କୁ ସାହାଯ୍ୟ କଲେ ଆପଣ ଚଳିଯିବା ଭଳି କିଛି ରୋଜଗାର କରିପାରିବେ ।

—ବୀରେନ୍‌କୁ ସାହାଯ୍ୟ ମୁଁ କ'ଣ କରିବ ! ଉପେନ୍ ଆଶ୍ଚର୍ଯ୍ୟରେ ପଚାରିଲା ।

—ଆପଣଙ୍କୁ କହି ନାହାନ୍ତି ସେ କିଛି ?

—ନା ତ…

ହଠାତ୍ ସାଙ୍ଗରେ ଏକ ସୌଖୀନ ଯୁବକ ଧରି ପ୍ରବେଶ କଲା ବୀରେନ୍ ।

—ଆସନ୍ତୁ ବିଶୁବାବୁ! ମିସେସ ରାଏ ହସି ହସି ସ୍ୱାଗତ ସମ୍ଭାଷଣ ଜଣାଇଲେ । ଧୋବ ଫରଫର ସରୁ ଧୋତି, ଟାଉଲା ମଲ୍‌ମଲ୍ ପଞ୍ଜାବୀ ପିନ୍ଧି ଚଷମାଧାରୀ ବିଶୁବାବୁ ଘର ଭିତରକୁ ପ୍ରବେଶ କରି ସିଧା ମିସେସ୍ ରାଏଙ୍କ ପାଖକୁ ଯାଇ ବସିପଡ଼ିଲେ କୁର୍ସିରେ । ତାପରେ ଉପେନ୍ ଆଡ଼କୁ ଚାହିଁ…ଟିକିଏ ଶଙ୍କିତ ଗଳାରେ ଫିସ୍ କରି କ'ଣ ସବୁ କହିଲେ ମିସେସ୍ ରାଏଙ୍କୁ । ମିସେସ୍ ରାଏ ବୀରେନ୍ ଆଡ଼େ ଚାହିଁ ଚାହିଁ ଆଖି ମିଟ୍‌କା ମାରି କହିଲେ—ଦିଅନ୍ତୁ ଆଉ ଦଶଟା ଟଙ୍କା । ଆଜି ଦିନ ତମାମ ସେ ବହୁତ ଧାଁ-ଧପଡ଼ କରି ପରିଶ୍ରମ କରିଛନ୍ତି ।

—ଆଚ୍ଛା-ଆଚ୍ଛା ! ବୀରେନ୍ ପକେଟରୁ ଖଣ୍ଡେ ଦଶଟଙ୍କିଆ ନୋଟ କାଢ଼ି ବିଶୁବାବୁଙ୍କ ହାତକୁ ଦେଇ କହିଲା—ଯାଅ ତମେ, ଶୀଘ୍ର ଯାଅ…

ବିଶୁ ଉଠି ଠିଆ ହେଲା । ଦଶଟଙ୍କିଆ ନୋଟକୁ ମୋଡ଼ାମୋଡ଼ି ପକେଟରେ ରଖୁ ରଖୁ ପଚାରିଲା…ଯେଉଁଠିକି ସେଦିନ ଯାଇଥିଲି, ସେଇଠିକି ତ ?

—ହଁ । ବୀରେନ୍ ଉପେନ୍ ଆଡ଼େ ଆଖି ବୁଲେଇ ଜବାବ ଦେଲା ।

—ମୁଁ ତାହେଲେ ଆଗରେ ଯାଉଛି । ରିକ୍‌ସା ଖର୍ଚ୍ଚଟା ଦେଲନି ?

—କେତେ ? ବୀରେନ୍ ବିରକ୍ତ ଗଳାରେ ପଚାରିଲା ।

—ତମେ କ'ଣ ଜାଣ ନା ?

—ନା, ସନ୍ଦେହ କରୁଥାଏ ସେମାନଙ୍କୁ ବରଂ, ସୁମାନେ କହନ୍ତି...
ମଂସେନ୍ ଗୁଏଙ୍କ ସହିତ ଆଳାପ କରି ସେ ପ୍ରେମରେ ପଡ଼ି ନାହାନ୍ତି ।

—ଚମତ୍କାର ପରିକଳ୍ପନା !! ତତେ ଧନ୍ୟବାଦ—ଏପରି ଗୋଟିଏ ସ୍ୱପ୍ନପୁରୀକୁ ଆଣି କଳ୍ପନାର ନନ୍ଦନବନ ଦେଖେଇଲୁ ବୋଲି । ଉର୍ବଶୀଙ୍କୁ ତ ଦେଖିଲି, କିନ୍ତୁ ତାଙ୍କ ନୃତ୍ୟ ?

—କାଲି ସକାଳେ ଆସ ନା, ଦେଖିପାରିବୁ ଯେ !!

—ଆସିବି ତାହେଲେ । ଗୃହକର୍ତ୍ତ ପାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥା ତ କରେଇଦେଲୁ ! ଏଥର ମୁଁ ଫେରେ ।

—ଫେରିବୁ ତ, ଶୁଣ୍...

—ଆଉ କୁଆଡ଼େ ଯିବ ?

—ଏଇ ଅଳ୍ପଦୂର ।

—କ'ଣ କରିବ ପାଇଁ ?

—ଚାଲ୍, ଫାଇଦା ଅଛି ।

—ଆର୍ଥିକ ଲାଭ ?

—ଅଲବତ୍ତ ! ଆଚ୍ଛା...କହ ତ ହେଉଛୁ...ମାନସୀ-ଫାନସୀ କିଛି ଅଛନ୍ତି ନା ?

—ମାନେ ?

—ବୁଝି ପାରିଲୁନ ପରା ! କିଛି ବ୍ୟବସାୟ ବୁଦ୍ଧି ଅଛି ? ବନ୍ଧୁକୁ ସାହାଯ୍ୟ କରିପାରିବୁ ?

—କି ରକମର ସାହାଯ୍ୟ ?

—କହିବି, ଆ..! ସାମନାରେ ପୁରୁଣାଘାଟଟା ବୋଧହୁଏ ?

—ହବ ପରା ! ଅନ୍ଧାରରେ ଦେଖାଯାଉନ ।

—ଟର୍ଚ୍ଚ ପକା ।

ଉପେନ୍ ହାତରୁ ଟର୍ଚ୍ଚ ନେଇ ବାରେନ୍ ଏଣେ ତେଣେ ମାରି କ'ଣ ଯେପରି ଦେଖିଲା । ତା ପରେ କହିଲା—ହଁ, ପୁରୁଣାଘାଟ । ଆଚ୍ଛା, ଚାଲ୍ ସେ ଟେକଟଳକୁ ।

—ସେଠିକି କାହିଁକି ?

—ଚାଲ୍ ନା···

ଉପେନ୍ ଯନ୍ତ୍ରଚାଳିତବତ୍ ବୀରେନ୍ ପଛେ ପଛେ ଚାଲିଲା ।

ବେଶୀ ଡେରି ନୁହେଁ । ଦୂରରୁ ଗୋଟାଏ ମଟର ଆସିବା ଶବ୍ଦ ଶୁଣାଗଲା । ବୀରେନ୍ ମୁହଁ ଫେରାଇ ଅନେଇଲା । ତାପରେ ଉପେନ୍‌କୁ କହିଲା···ଉପରକୁ ଆ । ରାସ୍ତା କରରେ ମୋ ବାଇକ୍ ଧରି ଛିଡ଼ା ହ—ମୁଁ ଟିକିଏ ଗଳି ଭିତରୁ ଆସେ । କହି ସେ ତରତର ହୋଇ ଚାଲିଗଲା ।

ଉପେନ୍ ନିରୀକ୍ଷଣ କରି ଚାହିଁଲା । ମଟର ଗୋଟାଏ ଆସୁଛି । ଅନ୍ଧାର ଭିତରେ ତା ଲାଇଟ ଖୁବ୍ ଦୂରକୁ ମଧ୍ୟ ବେଶ୍ ବାରି ହଉଛି । ଆଉ ରାତିର ନିର୍ଜନତା ଭେଦ କରି ଚକର ଘର୍ଘର ଧ୍ୱନି ଖୁବ୍ ଜୋରରେ ଶୁଣାଯାଉଛି । ଉପେନ୍ ଅନୁମାନ କଲା ସେଇଟା ମିଲିଟାରି ଲରି ।

ପ୍ରାୟ ପାଞ୍ଚ ମିନିଟ ଭିତରେ ବୀରେନ୍ ଫେରିଆସିଲା—ଚାହୁଁ ଚାହୁଁ ମଟର ମଧ୍ୟ ନିକଟକୁ ଆସିଲା । ବୀରେନ୍ ପଚାରିଲା—ହଁ, ମେସ୍‌ଟାରେ ତୋର କିଏ କିଏ ଥାଆନ୍ତି ?

—ଥାଆନ୍ତି ତିନି ଜଣ କଲେଜ ଛାତ୍ର । ଏଇନା ସେଇଟା ଖାଲି ।

—ସତେ ?

—କାହିଁକି, କଥା କ'ଣ ?

—ତୋ ଭାଗ୍ୟଟା ବଡ଼ ତେଜ ।

—ମାନେ ?

—ଏଇକ୍ଷଣି ଠନ୍ ଠନ୍ ମିଳିଯିବ କିଛି । ଚାବିଟା ତୋର ପାଖରେ ତ ?

ଉପେନ୍ ମନେ ମନେ ଆଶ୍ଚର୍ଯ୍ୟ ହୋଇ କହିଲା—ହଁ, ଚାବିଟା ମୋର ପାଖେ । କିନ୍ତୁ କାହିଁକି ପଚାରୁଛୁ ତୁ ଏସବୁ ?

—କହୁଛି, ରହିଥା । ବୀରେନ୍ ଭଲକରି ଦୂରକୁ ଚାହିଁ କହିଲା—ହଁ, ଏଇ ମଟରଟା ଠିକ୍ । ତାପରେ ସେ ହାତ ଦେଖାଇଦେଲା । ମଟରଟା ଠିଆହେଲା ପାଖକୁ ଆସି । ବୀରେନ୍ ନିଜ ସାଇକଲ୍‌ଟା ଟେକି ଦେଲା ଉପରକୁ···ଭିତରେ ଗୋରିଟା ସୋଲ୍‌ଜର ! ଗୋରା·ସାହେବ ନିଶ୍ଚୟ, ତାଙ୍କ କଥାଭାଷାରୁ ଉପେନ୍ ଅନୁମାନ କଲା । ସାଇକେଲ୍‌ଟା ଟେକିନେଲା କିଏ ଜଣେ ।

ତା ପରେ ବୀରେନ୍ ହଠାତ୍ ପାଟିରେ ଆଙ୍ଗୁଠି ଭର୍ତ୍ତି କରି ଗୋଟାଏ ବଡ଼ ହ୍ୱିସଲ୍ ମାରିଲା । ଚାହୁଁ ଚାହୁଁ ଦିଟା ରିକ୍‌ସା ବାହାରି ପଡ଼ିଲା ଗଳି ଭିତରୁ । ମଟରର ଲାଇଟ ଅଫ୍ କରି ଦିଆଗଲା । ରିକ୍‌ସା ଦିଟା ଆସି ଠିଆହେଲା ଲରି ପାଖରେ । ତା ଭିତରୁ ବାହାରି ପଡ଼ିଲେ ଦିଜଣ ଅବଗୁଣ୍ଠନବତୀ । ସାଙ୍ଗରେ ସେଇ ବିଶୁବାବୁ । ଅସ୍ପଷ୍ଟ ଅନ୍ଧାରରେ ଉପେନ୍ ସ୍ପଷ୍ଟ ଚିହ୍ନି ପାରିଲା । ବୀରେନ୍ ଟେକିଧରିଲା ଗୋଟାକୁ—ଆଉ ଗୋଟାକୁ ବିଶୁ ନିଜେ ! ଲରି ଭିତରୁ ଚାରି ଜଣଯାକ ସୋଲ୍‌ଜର ଉଠେଇ-ନେଲେ ମାଇକିନିଆ ଦିଟାଙ୍କୁ ।

କଥା ନାହିଁ—ପାଟି ତୁଣ୍ଡ ନାହିଁ·· କେବଳ ଫଟାଫଟ୍ ଚଟାଚଟ—ହାତର ଫୁର୍ତ୍ତି ! ରିକ୍‌ସା ଦିଇଟା ସାଙ୍ଗେ ସାଙ୍ଗେ ଚାଲିଗଲା ।

—ବକ୍‌ସିସ୍ ! ଲରି ଭିତରୁ ଗୋଟାଏ ସୋଲ୍‌ଜର ନୋଟ୍ କାଢ଼ି ଦେଲା ବୋଧହୁଏ । ବିଶୁ ହାତ ପତେଇ ଗ୍ରହଣ କଲା । ତା ପରେ ଇଂରାଜୀରେ ଗୁଡ଼ନାଇଟ୍ କହି ସେ ହେଲା ଅନ୍ତର୍ଦ୍ଧାନ । ବୀରେନ୍ ଉପେନ୍ କାନ ପାଖରେ ମୁହଁ ଲଗେଇ କହିଲା—ଆଣ୍, ବାଇକଟା ମତେ ଦେ । ମୁଁ ଟେକି ଦଉଚି ଉପରକୁ । ତୁ ଉଠିପଡ଼ ।

—କ'ଣ ମତଲବ୍ ! ଉପେନ୍ ନିର୍ଭୀକ ଜୋରରେ ପଚାରିଲା ।

—ତୋର ମେସ୍‌ରୁ ।

—ବୀରେନ୍ ? ଉପେନ୍ ପ୍ରକମ୍ପିତ କଣ୍ଠରେ ଡାକିଲା ।

—କୋଡ଼ିଏ ଟଙ୍କା ନଗଦ ।

—ହଲୋ ବାବୁ ? ମିଲଟାରୀ ସାହେବ ଜଣେ କହିଲା ।

—'କମ୍ ଅନ୍···ଗେଟ୍ ଅପ୍' । ଲରି ଭିତରୁ କେତେଟା ମିଳିତ କଣ୍ଠ ଏକା ସାଙ୍ଗେ ହଲ୍ଲା କରି ଉଠିଲେ ।

—ଉଠ୍ ନା । ବୀରେନ୍ ଉପେନ୍‌କୁ ହାତରେ ଠେଲିଦେଲା ।

—ଏତେଗୁଡ଼ା ଟଙ୍କା ଛାଡ଼ୁଚୁ ? ବୋକା···

ଉପେନ୍ ସଜୋରରେ ବୀରେନ୍‌କୁ ଏକ ଧକ୍‌କା ଦେଇ ସାଇକେଲରେ ଉଠି ବସିଲା···ତା ପରେ ଶାଣିତ ଗଳାରେ କହିଲା—ଯା-ଯା-ବୀରେନ୍, ତୁ ମିଲଟାରୀରେ ନାଁ ଲେଖେଇଚୁ, ନଇଲେ—

ଠୋ-ଠୋ କରି ହସିଉଠିଲା ବୀରେନ୍ !! ଡ୍ୟାମ୍ କାଓ୍ୟାର୍ଡ୍ । ସେ ମଟର ଉପରେ ଚଢ଼ି ବସିଲା । ଘର୍ଘର ଆବାଜ କରି ଚାଲିଗଲା ମିଲିଟାରୀ ଲରି ।

ମେସ୍ ଆଡ଼େ ପ୍ରଚଣ୍ଡ ବେଗରେ ବାଇକ୍ ଛୁଟେଇ ଉପେନ୍ ଭାବିଲା···ହାୟ ! ଅର୍ଥଲୋଭରେ ପଡ଼ି ଓଡ଼ିଆ ଯୁବକର ଆଜି କି ଶୋଚନୀୟ ପରିଣତି ! ମିଲିଟାରୀ ଆସି···ଟଙ୍କା ଲୋଭ ଦେଖାଇ···ଦେଶର ଶତ ଶତ ନିରୀହା ଅସହାୟା ଯୁବତୀଙ୍କୁ ଭ୍ରଷ୍ଟା କରି···ଜାତୀୟ ଚରିତ୍ରକୁ କି ନିଦାରୁଣ ଭାବରେ କଳଙ୍କିତ କରି ଚାଲିଚି ! କି ବୀଭତ୍ସ ତାଣ୍ଡବ ! କି କୁତ୍ସିତ ବେଶ୍ୟାବୃତ୍ତି !! କି ଜଘନ୍ୟ ବର୍ବରତା ଆଜି ସମାଜରେ !!! ଜାତିର କି ଅଧଃପତନ ! ଦେଶର କି ଦୁର୍ଗତି ! !

ସେ ପାଷଣ୍ଡ କାମୁକ ସୈନିକଙ୍କର ପୈଶାଚିକ ଅତ୍ୟାଚାରର ମୁହଁରେ ନିକ୍ଷିପ୍ତା ଅସହାୟା ନାରୀ ଦୁଇଟିଙ୍କ ଶୋଚନୀୟ ଦୁରବସ୍ଥା କଥା ଭାବି ଭୟରେ ଶିହରେଇ ଉଠୁ ଉଠୁ ଉପେନ୍‌ର ଦୁଇ ଚକ୍ଷୁ ଅଶ୍ରୁ ସଜଳ ହୋଇଉଠିଲା···

ରାତିରେ ଉପେନ୍‌ର ନିଦ ନ ଥିଲା । ସକାଳେ ବହୁତ ଡେରିରେ ଉଠି ସେ ବସି ବସି ଗତ ରାତି କଥା ମନେପକାଇ ବୋକାଙ୍କ ପରି ଭାବିଲା ବୀରେନ୍ କଥା । ଭାବିଲା, ମିସେସ୍ ରାଏ ଆଉ ଫୁର୍ତ୍ତିଫାଏଡ ଯୁବକ, ବିଶୁର କଥା···

ପ୍ରଥମେ ଠିକ୍ କଲା ସେ ଯାଇଁ ଖୋଜି ବାହାର କରିବ ମିସେସ୍ ରାଏଙ୍କର ସେଇ କୋଠା···ସନ୍ଧାନ ନେବ ବିଶୁର, ଅଉ ପକଡ଼ାଓ କରିବ ବୀରେନ୍‌କୁ । ତାଙ୍କୁ ଅଚ୍ଛା କରି ଶିକ୍ଷାଟାଏ ଦେବ । ଫେର ଭାବିଲା···କି ଲାଭ ! ଏମାନେ ଏଇ ଶ୍ରେଣୀର । ଏଇଆ ୟାଙ୍କର କାରବାର, ଏଇଥିରେ ୟାଙ୍କର ଜୀବନ ଗଢ଼ା ! ପେଟ ପୋଷିବା ପାଇଁ···ଫୁର୍ତ୍ତି କରିବା ପାଇଁ···ଫିଟ୍‌ଫାଟ୍ ହୋଇ ବୁଲିବା ପାଇଁ ଏଇପରି ହୀନ···କୁତ୍ସିତ ପନ୍ଥା ଛଡ଼ା ଅନ୍ୟ କିଛି ଉପାୟ ଜଣା ନାହିଁ ଏମାନଙ୍କୁ । ଜଣା ଥିଲେ ମଧ୍ୟ ଏପରି ସହଜ ସରଳ ସୁବିଧା ଉପାୟ ଛାଡ଼ିବାକୁ କି ଚାହାନ୍ତିନି ଏମାନେ । ଭଦ୍ର ଦସ୍ୟୁ !! ଏମାନଙ୍କ ସାଙ୍ଗରେ ବିରୁଦ୍ଧତା କରି ଲାଭ ନାହିଁ । ଏମାନଙ୍କର ଭୟ ନାହିଁ ମାଡ଼-ଅପମାନ-ଜେଲକୁ ! ଏମାନେ ବଞ୍ଚିବାକୁ ଚାହାନ୍ତି···ଆଉ ସେଥିପାଇଁ ଖାଲି ଇଜ୍ଜତ ବା ଚରିତ୍ର ନୁହେଁ, ରକ୍ତପାତକୁ ମଧ୍ୟ ଭୟ ନାଇଁ ଏମାନଙ୍କର ।

ବାହାରେ ବ୍ରଜବଲ୍ଲଭର ଡାକ ଶୁଣି ଉପେନ୍ ଭାବନାରୁ ଚମକି ଉଠିଲା । ଆସିଲା ବାହାରକୁ । ବ୍ରଜକୁ ଡାକି ନେଇଗଲା ଘର ଭିତରକୁ
—ତୋ ବାଇକ୍‌ଟା କାଲି ଦେଇ ଆସି ପାରିଲିନି, କ୍ଷମା କରିବୁ ।

—ନା ନା, ବାଇକ୍ ପାଇଁ ମୁଁ ଆସି ନାଇଁ । ଅଜି ମଧ୍ୟ ତୋର ସେଇଟା ଦରକାର ଥିବ, ମୁଁ ଜାଣେ । ମୁଁ ଆସିଥିଲି ତତେ ଡାକିନେଇ ଯିବା ପାଇଁ । ଖୁକୀର କ'ଣ ବିଶେଷ କାମ ଅଛି ତୋ ପାଖରେ ?

—ମୋ ପାଖରେ କି କାମ ? ଉପେନ୍ ପଚାରିଲା ।

—କିଏ ଜାଣେ ? କିନ୍ତୁ ଯିବାକୁ ପଡ଼ିବ ତତେ । ନଇଲେ ସେ ନିଜେ ଆସି ଧରିନେଇ ଯିବ ।

—ଏ ଅସନା, ଆବର୍ଜ୍ଜନାଦୃଷ୍ଟ ଘରକୁ ଆସିଲେ ମତେ ଆଉ ସାଙ୍ଗରେ ଧରିନେବା କଥା ଭାବିବେନି ସେ !! ଏପରି ଘରେ ଯେ ରହେ ସେ କେବଳ ଅସ୍ପୃଶ୍ୟ ନୁହେଁ, ସର୍ବଥା ପରିତ୍ୟାଜ୍ୟ ···

—ତା ହେଲେ ପଠାଇଦେବି ମୁଁ ତାକୁ ସଞ୍ଜବେଳେ ! କହି ବ୍ରଜ ଉଠି ଠିଆହେଲା ।

—ନା, ନା, ତାକୁ ଯାଇ କଷ୍ଟ ଦେ ନା କି ମତେ ଲଜ୍ଜିତ ହେବାକୁ ବାଧ୍ୟ କରନା । ତୁ ଯା ! ମୁଁ କଥା ଦେଲି ଆଜି ସନ୍ଧ୍ୟାରେ ନିଶ୍ଚୟ ଯିବି । ବାଇକ୍‌ଟା ଥାଉ । ଚାକିରି ଅନୁସନ୍ଧାନରେ ଆଉରି କେତେ ଆଡ଼େ ଯିବାର ଅଛି ।

—ବେଶ୍, ମୁଁ ତାହାହେଲେ ଚାରିଟା ସୁଦ୍ଧା ଅପେକ୍ଷା କରିବି । ଡେରି ହେଲେ—

—ନା, ନା, ସନ୍ଧ୍ୟା ଛଟା···ଛଟାରୁ ସାତଟା ଭିତରେ ଯେମିତି ହେଲେ ଯାଇ ପହଞ୍ଚିବି ମୁଁ ।

—ଆଚ୍ଛା ! ବ୍ରଜ ହସି ହସି ଚାଲିଗଲା ।

ଉପେନ୍ ଉଠିଲା । ଗାଧୁଆ-ପାଧୁଆ ଆଉ ଅନ୍ୟାନ୍ୟ ନିତ୍ୟ-କର୍ମ ସାରି ପାଖ ହୋଟେଲରେ ସିଧା ଦରସିଝା ଭାତ ତରକାରି କିଛି ଖାଇ ବାହାରି ପଡ଼ିଲା ପୁଣି ବାଇକ୍ ନେଇ ।

ମ୍ୟୁନିସିପାଲିଟି ଅଫିସ, କେତେଟା ବଡ଼ ବଡ଼ କଣ୍ଟ୍ରାକ୍ଟର, ବ୍ୟାଙ୍କ, ଇନ୍‌ସୁରାନ୍ସ କମ୍ପାନୀଙ୍କ ଏଜେଣ୍ଟଙ୍କୁ ଦର୍ଶନ ଦେଇ ହତାଶ ହୋଇ ପୁଣି ଫେରିଆସିଲା ସନ୍ଧ୍ୟା ପାଞ୍ଚଟାରେ । ମନଟା କଷେଇ ଉଠିଲା ! ଛି, କି ଦୁର୍ଭାଗ୍ୟ ତାର ! ଡିଗ୍ରୀ ଥାଇ ବି କାମ ଖଣ୍ଡେ ମିଳୁନି !

ବ୍ରଜକୁ କଥା ଦେଇଥିଲା ଯିବାକୁ । କିନ୍ତୁ ଉତ୍ସାହ ଭାଙ୍ଗିଗଲା ଏବାବେଳେ । ଅନୁସଂସ୍ଥାନର ଯୋଗାଡ଼ ଆଗ କରିବାକୁ ହେବ । ସେ ବାହାରିଲା ସାଙ୍ଗେ ସାଙ୍ଗେ ପ୍ରଫେସର ଦ୍ୱିବେଦୀଙ୍କ ପାଖକୁ । କାଲି ଯିବାକୁ ବାହାରି ଯାଇ ପାରି ନ ଥିଲା । ଆଜି ଯେମିତି ହେଲେ ଯିବ, ଆଉ ଗୋଟାଏ କିଛି କୁଳକିନାରା କରି ଆସିବ ବ୍ରଜଠାରୁ ।

କିନ୍ତୁ ସମୟ ଯେ ବହୁତ ଅଛି ! ମି: ଦ୍ୱିବେଦୀଙ୍କୁ ତ ଏଇକ୍ଷଣି ପାଇବା ମୁସ୍କିଲ !! ତାଠୁ ବରଂ କେତୁଟା ଚିଠି ଲେଖିଦେଲେ , ହୁଅନ୍ତା ! ଓଡ଼ିଶାର ଦି'ଟା ଗଣ୍ଡଗାଁରେ ଆଉ କୁଇଟି କୁ ହାଇସ୍କୁଲରେ ଶିକ୍ଷକ କାମ କେତେଟା ଖାଲି ଅଛି ବୋଲି ସେ ଆଜି ସମ୍ବାଦ ପାଇଛି । ଦୈନିକ ଖବରକାଗଜରେ ବିଜ୍ଞାପନ ବି ପଡ଼ିଛି । ଠିକଣା ଟିପି ଆଣିଥିଲା । ତପନ୍ ଲେଖି ବସିଲା ତିନିଟା ଦରଖାସ୍ତ । ଘଣ୍ଟାକ ଭିତରେ ଲେଖା-ଲେଖି ସାରି ଲଫାପାରେ ବନ୍ଦ କରି ସେ ପାଖ ଲେଟରବକ୍ସରେ ପକାଇଦେବା ଉଦ୍ଦେଶ୍ୟରେ ବାଇକ୍ ନେଇ ବାହାରି ପଡ଼ିଲା ।

ଚିଠିତକ ପକେଇସାରି ସେ ଆକାଶକୁ ଟିକିଏ ଚାହିଁଲା ।

ଅନ୍ଧାର ହୋଇନି । ଆଉରି କିଛି ସମୟ ଅଛି । ବ୍ରଜକୁ କଥା ଦିଆ ହୋଇଛି । ଘଣ୍ଟାଏ ଭିତରେ ତାକୁ ଦେଖା କରି ଟିକିଏ କଥାଭାଷା ହୋଇ ମି: ଦ୍ୱିବେଦୀଙ୍କ ପାଖକୁ ଗଲେ ଭଲ ହୁଅନ୍ତା । ସେଇଆ ଠିକ୍ କଲା । ବାଇକ୍‌ରେ ବସି ଚାଲିଲା ସିଧା ବ୍ରଜ ପାଖକୁ । 'ଫାଟକ ପାଖରେ ରଞ୍ଜନା ସାଙ୍ଗେ ଭେଟ । ତପନ୍ ପଚାରିଲା—ବ୍ରଜ ଅଛି ଘରେ ?

—ନାହିଁ, ଗ୍ରାଇନେଜରଟାବେଳୁ କୁଆଡ଼େ ଯାଇଛନ୍ତି । ଆସନ୍ତୁ ଘରକୁ ।

ଏ ଘରେ ତପନ୍‌ର କେତେ ଘଣ୍ଟା ରହଣି ଭିତରେ ରଞ୍ଜନା ବୁଝି ନେଇଥିଲା, ଏ ବାବୁଟି ବାହାରର ଆଉ ଦଶ ଜଣ ଭଦ୍ର-ଲୋକଙ୍କ ପରି ନୁହନ୍ତି, ପରିବାରର ପ୍ରତ୍ୟେକଙ୍କ ସହିତ ତାଙ୍କର ଯେପରି ଟିକିଏ ଗଭୀର ଆନ୍ତରିକତା ଅଛି ।

—ବ୍ରଜ ତ ନାହିଁ, ଘରକୁ ଯିବ କାହିଁକି ? ଉପେନ୍ ରଞ୍ଜନା ସହିତ ଫାଟକ ପାଖରେ କଥାଭାଷା ହେଉଛି, ହଠାତ୍ ଉପର ମହଲା ଝରକା ଭିତରୁ ଗୋଟିଏ ଶିଶୁ କଣ୍ଠରେ ଉପେନ୍ ନାମର ଅଭିନବ ଉଚ୍ଚାରଣ ଶୁଣାଗଲା । ଉପରକୁ ଚାହିଁ ଦେଖିଲା ଉପେନ୍—ରମଣୀବାବୁଙ୍କ ଚାରି ବର୍ଷର ଛୋଟ ଝିଅଟିକୁ ଧରି ବନଲତା ଠିଆ ହୋଇଛି । ମୁହଁଟି ତାର ହସହସ ।

ରଞ୍ଜନା ଫାଟକ ଖୋଲିଦେଲା । ଉପେନ୍ ସାଇକେଲଟାକୁ ସେଇଠି ଛିଡ଼ା କରେଇଦେଇ ଗଲା ଭିତରକୁ । ଦୁଆର ମୁହଁରେ ଇନ୍ଦିରା ଦେବୀ ଆସି କହିଲେ—ଫାଟକ ପାଖରୁ ଫେରି ଯାଉଥିଲ ଶୁଣିଲି ।

—କିଏ କହିଲା ?

ବନଲତା ଝିଅଟିକୁ କାଖେଇ ଆସି ପହଞ୍ଚିଲା । ଉପେନ୍ ଲକ୍ଷ୍ୟ କଲା—ତାଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇବା ପାଇଁ ପରିବାରର ପ୍ରତ୍ୟେକେ ଯେପରି ଉଚ୍ଛ୍ୱସିତ ହୋଇ ଉଠିଛନ୍ତି ।

ଇନ୍ଦିରା କହିଲେ—ଆସ ଘର ଭିତରକୁ, ବସ । ମୁଁ ଚା କରି ଆଣେ ।

—ଦାଦା ଆସି ନାହାନ୍ତି, ବ୍ରଜ ବି ନାହିଁ, ମୁଁ ଏକୁଟିଆ ବସିବି କାହିଁକି ? ଆଜି ଯାଉଛି—କାଲି ଆସିବି ।

—ଯିବ ତ, ବସ ଟିକିଏ । ଇନ୍ଦିରା ଦେବୀ ବାତ୍ସଲ୍ୟସିକ୍ତ ଗଳାରେ କହିଲେ । ଖୁକୀ ତ ଅଛନ୍ତି—ତାଙ୍କଠୁ କ'ଣ ଆମ ଘର ଭିତରେ ବେଶୀ କିଏ ଗପୁଡ଼ି !

—ନାଇଁ, ନାଇଁ, ଯାଆନ୍ତୁ ସେ !! ବନଲତା କପଟ କ୍ରୋଧରେ ଓଠ ଫୁଲେଇ କହିଲା—ଖୁବ୍ ଗୋଟାଏ ବଡ଼ 'ହାକିମହୁକୁମା' କାମ ପାଇଛନ୍ତି ହୁଏ ତ—ସମୟର ଏକାନ୍ତ ଅଭାବ ।

—ଆପଣଙ୍କ କଳ୍ପନାଶକ୍ତିକୁ ତାରିଫ କରିପାରେ ଯଦି··· ଟିକିଏ ଦୟା କରି କହିବେ···ଜ୍ୟୋତିଷ-ବିଦ୍ୟାରେ ଏ ବିଚକ୍ଷଣ ବ୍ୟୁତ୍ପତ୍ତି ଆପଣଙ୍କର ଜନ୍ମଗତ ନା କୌଣସି ବିଶ୍ୱବିଦ୍ୟାଳୟର ମାହାତ୍ମ୍ୟ !

## ହା'ରେ ଦୁର୍ଭାଗା ଦେଶ

ଇନ୍ଦିରା ହସି ହସି ଚାଲିଗଲେ ଭିତରକୁ । ଜନତା କହିଲା—ମୋ ବ୍ୟକ୍ତିଗତ ଶିକ୍ଷା ଦୀକ୍ଷା ସମ୍ବନ୍ଧରେ ଆପଣଙ୍କୁ କୈଫିୟତ ନ ଦେଇ, ଏତିକି କହିଲେ ଯଥେଷ୍ଟ ହେବ ବୋଧହୁଏ...ଜ୍ୟୋତିଷ ନକ୍ଷତ୍ରାଦିର ଗତି-ଦ୍ୱାରା ଲୋକର ଅଦୃଷ୍ଟ ଗଣନା କରି କହେ । ମୁଁ ଫାଟକ ପାଖରେ ରଖା ହୋଇଥିବା ଆପଣଙ୍କ ସାଇକେଲରେ ଛିଡା ହବାର ଭଙ୍ଗୀରୁ ତା ଗତି-ବିଧି-ବେଗ ସମ୍ବନ୍ଧରେ କଳ୍ପନା କରି ଆପଣଙ୍କ ଅଦୃଷ୍ଟ ଗଣନା କରି ମନ୍ତବ୍ୟ ଦେଲି ।

ଉପେନ୍ ହୋ-ହୋ କରି ହସିଉଠିଲା । ଏପରି ବୁଦ୍ଧି-ବିଦଗ୍ଧ ଉତ୍ତର ସେ ପାଇବ ଜନତାଠାରୁ—କଳ୍ପନା କରି ନ ଥିଲା । କହିଲା—ବାସ୍ତବିକ୍ ଆପଣ ଅସାଧାରଣ ।

—ମତେ କିନ୍ତୁ ପ୍ରଶଂସା କରି ଆପଣ ଅସାଧାରଣ ହେଇ ସାଧାରଣ ହେଇଉଠିଲେ ।

—ମୋ ପାଇଁ ଆପଣଙ୍କର ଦୁଃଖ ନ କଲେ ଚଳିବ । ଆଉ ତା ଛଡା ମୁଁ ଚିରଦିନ ସାଧାରଣ ! ଅସାଧାରଣ ବୋଲି ମତେ ଭାବିବା ଆଉ ତାରିଫ କରିବା କେବଳ ଅନ୍ୟାୟ ନୁହେଁ...ଅକ୍ଷମଣୀୟ ଅପରାଧ ।

—ବଡ଼ ଦୁଃଖ ଲାଗେ, ସାମାଜିକ ପରିସ୍ଥିତି ଭିତରୁ ଆପଣ ସଦାବେଳେ ନିଜକୁ ଶ୍ରେଷ୍ଠ ବୋଲି ବିବେଚନା କରୁଛନ୍ତି । କହିପାରିବେ ଧନଦରିଦ୍ର ହେଲେ ବି କେହି, କି'ଣ ବୁଦ୍ଧି, ବିଦ୍ୟା ଆଉ ଚିନ୍ତାରେ ସମାଜର ଅବସ୍ଥାପନ୍ନ ଲୋକଙ୍କଠୁ ଅସାଧାରଣ ହୋଇପାରେନା ?

—ଆପଣ ଏତେ ଭାବୁଛନ୍ତି ଧନଦରିଦ୍ରଙ୍କ ସମ୍ବନ୍ଧରେ ? ଧନ୍ୟବାଦ !

ଇନ୍ଦିରା ଦେବୀ ଚା ପଠାଇଦେଲେ ଚପ୍ରାସି ହାତରେ ।

ବନିତା କହିଲା – ଧନ୍ୟବାଦ । ମୋର ବି ଦବାକୁ ଅଛି ଆପଣଙ୍କୁ··· କହି ସେ ପୂର୍ଣ୍ଣାଶ୍ରୀ ହାତରୁ କେଟଲି ନେଇ କପରେ ଚା ଢାଳି ଦେଲା ଉପେନ୍‌କୁ ।

ଚା କପ୍ ଗ୍ରହଣ କରି ଉପେନ୍ କହିଲା—ଆପଣ ଚା' ଖାଆନ୍ତି ତ ଖାଆନ୍ତୁ ! କହି ରହିଯାଇ ଟିକିଏ ପୁଣି କହିଲା—ହଁ, ମତେ କାହିଁକି ଧନ୍ୟବାଦ ଦବାର ଅଛି ଆପଣଙ୍କର !

କପ୍‌ରେ ନିଜ ପାଇଁ ଟିକିଏ ଚା' ଢାଳିନେଇ ବନିତା କହିଲା—ଅଛି ଏଇଥିପାଇଁ ଯେ ମାନଦରିଦ୍ରଙ୍କ ସମ୍ବନ୍ଧରେ ଭାବିଛି ବୋଲି ମୁଁ ଯେ ଧନ୍ୟବାଦ ପାଇଲି···ସେଇ ଧନ ଦରିଦ୍ରଙ୍କ ସମ୍ବନ୍ଧରେ ଭାବି ଶିଖିବା ମୂଳରେ ଅଛି ଆପଣଙ୍କ ପ୍ରେରଣା !

ଉପେନ୍ ଅବାକ୍ ହୋଇ ଅନେଇ ରହିଲା । ବନିତା ମୁହଁରେ ମୁଠାଏ ଫଗୁର ଝଲକ ଯେପରି ବିଞ୍ଛାଡ଼ି ହୋଇପଡ଼ିଲା ! ଉପେନ୍‌ର ବିସ୍ମିତ ଦୃଷ୍ଟିରେ ସେ ଲକ୍ଷ୍ୟ କଲା ଏକ ପ୍ରଶଂସିତ ଠାଣିର ତରଙ୍ଗ ।

ଉପେନ୍ ବନିତାର ଭାବାନ୍ତର ଲକ୍ଷ୍ୟ କଲା । ଲକ୍ଷ୍ୟ କରି ଆଶ୍ଚର୍ଯ୍ୟ ହେଲା । କିଛିକ୍ଷଣ ପାଇଁ ଘର ଭିତରେ ସ୍ତବ୍ଧ ନୀରବତା !! ସାଂଘାତିକ ଅବସ୍ଥା ! ଦୁହେଁ ଏକ ବିଷମ ମୁହୂର୍ତ୍ତର ସମ୍ମୁଖୀନ !

ଉପେନ୍ ଆଗ ଭରି ନୀରବତା ଭଙ୍ଗ କଲା—ମୁଁ ଆପଣଙ୍କୁ କି ପ୍ରେରଣା ଦେଇଛି ବ୍ୟାଖ୍ୟା କରିପାରିବେ ?

ଯାଉ ଉତ୍ତର ସେ କ'ଣ ଦେବ, ବନିତା ଭାବି ଠିକ୍ କରିପାରିଲା ନାହିଁ । କଥାଟା କହି ପକେଇ ସେ ଯେ କି ଭୁଲ କରିଛି, ମର୍ମେ ମର୍ମେ ଅନୁଭବ କଲା । ବାସ୍ତବିକ ତାକୁ ଯେ ଉପେନ୍ କି ପ୍ରେରଣା ଦେଇଛି ? କି ଉତ୍ତର ସେ ଦେବ ? ଉଃ·· ଦୁର୍ବଳ ମୁହୂର୍ତ୍ତରେ ତାକୁ ଉପେନ୍ ପ୍ରଶ୍ନର ଉତ୍ତର ନ ଦେଇ ପାରିବାର ନିଦାରୁଣ ଲଜ୍ଜାରୁ ରକ୍ଷା କରିବାକୁ କ'ଣ କେହି ହେଲେ ଜଣେ ନାହିଁ ? ସେ ସେଠୁ ଉଠି ଚାଲିଗଲେ ବି ତ ପାରନ୍ତା ! କିନ୍ତୁ ମନର ଦୁର୍ବଳତା ଯେ ତାର ନିର୍ଭୁଲ ଭାବରେ ଧରା

ଚଢ଼ିଯିବ ଉପେନ୍ ପାଖରେ । ଟୁଣ୍ଡୀ କ ଘରର କେହି ହେଲେ ଜଣେ ପିଲା କ ଗୃହକତ, କେହି ହେଲେ ଆସନ୍ତେନି ଏ ଘରକୁ !···

ଏତିକିବେଳେ ବାହାରେ କହା ଜୋତା ଶବ୍ଦ ଶୁଣାଗଲା । କିଏ ? ବନିତା ମୁଣ୍ଡ ଟେକି ଚାହିଁଲା ଝରକା ବାଟେ । ବ୍ରଜଭାଇ ! ! ଅକଥ୍ୟ ଆନନ୍ଦରେ ହୃଦୟ ତାର ଭରିଗଲା । ଯେପରି ନୂତନ ପ୍ରାଣର ସ୍ପନ୍ଦନ ପାଇଲା ସେ । ଘର ଭିତରକୁ ପ୍ରବେଶ କରି ଉପେନ୍‌କୁ ଦେଖି ଅଭିବାଦନ କଲା ବ୍ରଜ । ଏତିକିବେଳେ ବନିତା ନିଃଶବ୍ଦରେ ଲୁଚି ଚାଲିଗଲା ବାହାରକୁ । ବାରଣ୍ଡାକୁ ଆସି ସେ ଅନୁଭବ କଲା···ଏକ ଅବରୁଦ୍ଧ ବେଷ୍ଟନୀ ଭିତରୁ ସେ ଯେପରି ମୁକ୍ତି ପାଇଛି···

ବ୍ରଜ ସହିତ କଥାବାର୍ତ୍ତା କରିସାରି ଉପେନ୍ ଯେତେବେଳେ ଘରର ଚାରିଆଡ଼େ ଚାହିଁ ଦେଖିଲା ବନିତା ନାହିଁ, କେତେବେଳେ ଅନ୍ତର୍ଦ୍ଧାନ ହୋଇଯାଇଛି, କୌତୁହଳ ବଢ଼ିଚାଲିଲା ତା ମନ ଭିତରେ । ବନିତା ସମ୍ବନ୍ଧରେ କେତେ ପ୍ରକାର ଚିନ୍ତା—କେତେ ରଙ୍ଗମର ଭାବନା ରୂପ ପାଇ ଉଠିଲା ତା କଳ୍ପନାରେ ! କିନ୍ତୁ···ସନ୍ଧ୍ୟାର ଅନ୍ଧକାରରେ, ତା ଭାବନାର ଗତିରେ ଯେପରି ଆସିଲାନି ବେଗ ! ତା ଚିନ୍ତାରେ ଆସିଲା ନାହିଁ ତରଙ୍ଗ । ପ୍ରସାରିତ ହୋଇପାରିଲାନି ତା କଳ୍ପନା ! ବାହାରର ମୁକ୍ତ ଆକାଶ, ବିଶାଳ ପୃଥିବୀର ଅପରିମିତ ବିସ୍ତୃତି ଏକାନ୍ତ ପ୍ରୟୋଜନ ତାର । ସେ ଉଠି ଛିଡ଼ା ହେଲା । ମାଗିଲା ବିଦାୟ ବ୍ରଜଠାରୁ । ବ୍ରଜ ଆଶ୍ଚର୍ଯ୍ୟ ହେଲା । ଉପେନ୍ କହିଲା—ଅନେକବେଳୁ ଆସି ବସିଛି, ଏଥର ମୁଁ ଯାଏଁ···

ବ୍ରଜ ପୁଣି ବାଧାଦେଲା । ଡାକିଲା ବନିତାକୁ । ତାର ଯେପରି ଧାରଣା, ବନିତାର ଗୋଟାଏ ବଡ଼ ଅଧିକାର ଆଉ କର୍ତ୍ତୃତ୍ୱ ଅଛି ଉପେନ୍ ଉପରେ । କିନ୍ତୁ ତିନି ଚାରି'ଥର ଡାକିବା ସତ୍ତ୍ୱେ··· ବନିତାକୁ ଆସିବା ନ ଦେଖି ବ୍ରଜ ନିରୁତ୍ସାହିତ ଗଳାରେ କହିଲା—ଚାଲ୍, ତତେ ଛୁଡ଼ିଦେଇ ଆସିବି ।

—ନା, ନା, ଅଯଥା କଷ୍ଟ କରିବୁ କାହିଁକି ?

ମୁଁ ଯାଏ, ଉପେନ୍ ସାଇକେଲ ଧରି ସନ୍ଧ୍ୟାର ସେଇ ଅନ୍ଧକାରରେ ବାହାରି ଚାଲିଲା ରାସ୍ତା ଉପରକୁ ।

ଉପେନ୍ ଯେତେବେଳେ ରାସ୍ତା ଉପରେ ବନଲତା କଥା ଭାବି ଭାବି ପ୍ରଫେସର ଦ୍ୱିବେଦୀଙ୍କ ଉଦ୍ଦେଶ୍ୟରେ ଚାଲିଥିଲା···ଉପର ତାଲାର ନିର୍ଜନ କୋଠରୀ ଭିତରେ ଶାନ୍ତ ନିଶ୍ଚଳ ଅନ୍ଧକାର ଭିତରେ ବସି ବନଲତା ଭାବୁଥିଲା ଉପେନ୍‌ର ସେଇ ପ୍ରଶ୍ନ···"ମୋ ସମ୍ବନ୍ଧରେ କି ଆପଣ ଭାବୁଛନ୍ତି କାହିଁକି ? ମୁଁ ଆପଣଙ୍କୁ କି ପ୍ରେରଣା ଦେଇଛି ?"

"ବାସ୍ତବିକ ଉପେନ୍ ସମ୍ବନ୍ଧରେ ମୁଁ ଭାବୁଛିବା କାହିଁକି ?" ବନଲତା ମନକୁ ମନ ଆବୃତ୍ତି କରି ଆଶ୍ଚର୍ଯ୍ୟରେ ସ୍ତବ୍ଧ ହୋଇ ବସି ରହିଲା କିଛିକ୍ଷଣ । ତାପରେ ଭାବିଲା ··ଏ କ'ଣ ? କାଲିଠୁ, ଉପେନ୍‌କୁ ଦେଖିବା ମୁହୂର୍ତ୍ତଠୁ ଏ କି ଚଞ୍ଚଳତା ଆସିଛି ତା ମନ ମଧ୍ୟରେ ? ଏ କି ନୂତନ ଆନନ୍ଦ···ନବତମ ଜୀବନ ଆଉ ଉଦ୍ଦାମ ପ୍ରେରଣାର ସ୍ପନ୍ଦନ ଜାଗିଛି ତା ଦେହର ପ୍ରତି ରକ୍ତକଣାରେ ? ସେଇ ସ୍ପନ୍ଦନରେ, ପର୍ବତ-ଗୁହାରେ ବନ୍ଦୀ ଝରଣାର ଜଳ ମର୍ମର ପରି ସେ ଫେଣେଇ ଉଠିଛି । ସେ ଫେଣାର ପ୍ରତି ବିନ୍ଦୁରେ ଜାଗିଛି ଉଚ୍ଛ୍ୱାସ । ବାହାରକୁ ଛୁଟିକି ପଡ଼ିବାର ଉଚ୍ଛ୍ୱାସ । ସାଧ କାହିଁ ସେ ଉଚ୍ଛ୍ୱାସରୁ ସେ ନିଜକୁ ସଂଯତ କରି ଅବିଚଳିତ ହୋଇ ରହିବ ! ! ସେ ଯେ ଉଚ୍ଛ୍ୱସିତ ହୋଇ, ଉଦ୍ଦାମ ବେଗରେ ପ୍ରବାହିତ ହୋଇ ବହି ଚାଲିବା ପାଇଁ ଅଶରୀରୀ ଆତ୍ମଦୈତ୍ୟର ପାଇଛି ଦୁର୍ଲଙ୍ଘ୍ୟ ଇଙ୍ଗିତ । ସେ ଇଙ୍ଗିତକୁ ଅବଜ୍ଞା କରିବାର ଶକ୍ତି କାହିଁ ତାର ? ତାକୁ ଯିବାକୁ ହେବ ପରିପୂର୍ଣ୍ଣତାର ସନ୍ଧାନରେ । ସମସ୍ତ ସ୍ରୋତ ସମ୍ମୁଖରେ ତାର ତୁଚ୍ଛ ଇଚ୍ଛା କେତେ ଟିକିଏ !! ସେ ପ୍ରେରିତ, ନିର୍ବାଚିତ, ଉତ୍ସର୍ଗୀକୃତ । ଯିବାକୁ ହବ ତାକୁ ଜୀବନର ପରମତମ ସାର୍ଥକତା ପାଇଁ ଦୁଇ ବାହୁ ପ୍ରସାରିତ କରି । ଅଞ୍ଜଳି ଭରି ନବାକୁ ହେବ ବଞ୍ଚିବାର ଦାପ୍ତି । ଜୀବନ ମୃତ୍ୟୁଠୁ ବଳି ଦୁର୍ଦ୍ଧର୍ଷ···ମୃତ୍ୟୁଠୁଁ ବଳି ଅଲଙ୍ଘନୀୟ । ମୃତ୍ୟୁକୁ ଯଦି ଆମେ ବାଛିପାରିବା ନାହିଁ—ଜୀବନକୁ ବି କିପରି ପାରିବା ନାହିଁ ନିର୍ବାଚନ । ତା ପାଖରେ ସମର୍ପଣ ହିଁ ହଉଛି ବଞ୍ଚିବା । ସେଇପରି ବଞ୍ଚି ସାର୍ଥକ ହବାଇ ନାରୀ-ଧର୍ମ । ସ୍ୱୀକାର କରି, ଗ୍ରହଣ କରି, ଜୀବନର ମର୍ଯ୍ୟାଦା ଆହରଣ କରି ସେ ଏଇ ଅନ୍ଧକାର ଭିତରୁ

ବିକଶିତ ହେବ···ମୁକ୍ତ ଆଲୋକରେ, ଖୋଲା ବତାସରେ, ସବୁଜ ପୃଥିବୀର ପ୍ରାନ୍ତରେ ପ୍ରାନ୍ତରେ ଉଡ଼ି ବୁଲିବ ଚଞ୍ଚଳ ପ୍ରଜାପତି ପରି ।

ଭାବନାର ସାର୍ଥକ ଆନନ୍ଦରେ ବିନତା ଉଠିଯାଇ ସୁଇଚ ଟିପି ବତି ଲଗାଇଲା । ବିଦ୍ୟୁତ୍ ଆଲୋକ ପ୍ଲାବନରେ କକ୍ଷ ଉଦ୍ଭାସିତ ହୋଇ-ଉଠିଲା ।

ଆଉ ଉପେନ୍—ସନ୍ଧ୍ୟାର ସ୍ଥାଣୁ ଶୀତଳ ଅନ୍ଧକାର ଭିତରେ ଯାଉ ଯାଉ ବିନତା କଥା ବିଶ୍ଳେଷଣ କରି ଭାବିଲା···ବିନତା ତା ସମ୍ବନ୍ଧରେ ଭାବୁଛି ବୋଲି ଯେ ହଠାତ୍ କହି ବସିଲା···ତା ମୂଳରେ ନିଗୂଢ଼ ରହସ୍ୟ ବା କ'ଣ ? କାହିଁକି ବିନତା ତା କଥା ଭାବୁଛି ? ପର ମୁହୂର୍ତ୍ତରେ ନିଜକୁ ନିଜେ ଦୋଷ ଦେଲା ପରି କହିଉଠିଲା···ବିନତା ତା କଥା ଯେତେ ଭାବୁନା କାହିଁକି, ସେ ନିଜେ ବା ବିନତା ସମ୍ବନ୍ଧରେ ଆକାଶ ପାତାଳ ଭାବି ଅସ୍ଥିର ହୋଇଉଠିଚି କାହିଁକି ? ବିନତା ସହିତ ସମ୍ପର୍କ କ'ଣ ତାର ? ବିନତା ତାର କିଏ ?

ଭାବିଲା—ନା, ନିଜକୁ ସେ ସ୍ଥିର ରଖିବ । ଶାସନ କରିବ ମନର ଉତ୍ତେଜନାକୁ । ପୁଣି ଭାବିଲା···ମନର ଅଜାଣତରେ ଫୁଟି 'ସହଜ ସ୍ଫୂର୍ତ୍ତି ଭାବର ଉଚ୍ଛ୍ୱାସ—ମନକୁ କଡ଼ା ଶାସନରେ ଶାସିତ କରି ନିଜକୁ ସାର୍ଥକ ହୋଇ ଉଠିବାରେ ବାଧା ଦେବା କ'ଣ ଅନ୍ୟାୟ ନୁହେଁ ? ଇଚ୍ଛାଟା ଷିତ ପରି ଗ୍ଲାନିକର । ଯେପରି ପରିପାର୍ଶ୍ୱ, ସେଇପରି ପ୍ରତିକ୍ରିୟା । ଯେପରି ଆଲୋକ, ସେହିପରି ପ୍ରସାରଣ । ଭାବି ଠିକ୍ କରିବାରେ କ'ଣ ଅଛି ? ମନକୁ ଶାସନ କରିବା କି ଦରକାର ? ଆକାଶରେ ଯଦି ସୂର୍ଯ୍ୟ ଉଠିଛି—ତେବେ ଖୋଲିଦେବା ଉଚିତ ମନର ବାତାୟନ—ହୃଦୟର ଅବରୁଦ୍ଧ ଦ୍ୱାର । ପଶି ଆସିବାକୁ ଦବା ଉଚିତ ସୁନେଲି ରଶ୍ମିର ଉଚ୍ଛ୍ୱସିତ ପ୍ରବାହଧାରା । ପୁଣି ଯେତେବେଳେ ସୂର୍ଯ୍ୟ ଅସ୍ତମିତ—ବନ୍ଦ କରିଦେବା ଉଚିତ ଦୁଆର ଆଉ ଝରକା । ଘନ ତପ୍ତ କରି ରୋକିବା ଉଚିତ ବିଗଳିତ ଅନ୍ଧକାର । ···ତା ହେଲେ ହିଁ ଜୀବନ ହବ ସହଜ, ବଞ୍ଚିବା ହବ ସାର୍ଥକ··· । ସୃଷ୍ଟିର ମଙ୍ଗଳମୟ ବିକାଶଧାରାରେ ଜୀବନର କ୍ରିୟା ହବ ସୁନ୍ଦର ଆଉ ସମ୍ପୂର୍ଣ୍ଣ !!

ଭାବନାର ପ୍ରବଳ ଉତ୍ତେଜନାରେ ସେ ଆଗେଇ ଚାଲିଲା ଅନ୍ଧାର ଭିତରେ ରୁଦ୍ର ପଥିକ ପରି ଦୃପ୍ତ ଛନ୍ଦରେ··· ।

ପ୍ରଫେସରଙ୍କ ଘର ସାମନାକୁ ଆସି ଉପେନ୍ ପ୍ରଥମେ ଜନତା ସମ୍ବନ୍ଧରେ ବିକ୍ଷିପ୍ତ ଭାବନାରୁ ନିଜକୁ ମୁକ୍ତ କରି ଆତ୍ମସ୍ଥ ହେଲା । ତାପରେ ଫାଟକ ଖୋଲି ଗଲା ଭିତରକୁ । ଦୁଆର ବନ୍ଦ । କିଛିକ୍ଷଣ ଚୁପ୍ ହୋଇ ଛିଡ଼ା ହୋଇ ଘର ଭିତରେ ସୋରଶବ୍ଦ ଶୁଭୁଚି କି ନାହିଁ କାନ ଡେରି ଶୁଣିଲା । ତାପରେ "ବେହେରା", "ବେହେରା" ଡାକିଲା ତିନି ଚାରି ଡାକ ।

—ବାବୁ ନାହାନ୍ତି । ଶ୍ରୀଧର ବାବୁଙ୍କ ବଙ୍ଗଳାକୁ ଯାଇଛନ୍ତି । ଘର ଭିତରୁ ନାରୀକଣ୍ଠର ଜବାବ ।

ଏକନମିକ୍ସ ପ୍ରଫେସର ଶ୍ରୀଧର ବାବୁ, ତାଙ୍କ ବସାଟା ବି ସେଇ ପାଖରେ । ଫାଟକ ପାଖକୁ ଆସି ଉପେନ୍ ଲକ୍ଷ୍ୟ କଲା ବାହାର ବାରଣ୍ଡାରେ ଘମାଘୋଟ ମଜଲିସ୍ । ହଟ୍ଟଗୋଳ, ଅଟ୍ଟହାସରେ ବାୟୁମଣ୍ଡଳ ମୁଖରିତ ।

ଫାଟକ ଖୋଲି ପାଖକୁ ଯାଇ ଦେଖିଲା—କଲେଜର କେତେକ ବୃଦ୍ଧ ପ୍ରଫେସର ବସିଛନ୍ତି ପଶାପାଲି ନେଇ । ଆଉ ତରୁଣ ପ୍ରଫେସର ଦଳ ନେଇ ବସିଛନ୍ତି ତାସ !! ଚାରିପାଖରେ ଘେରି ବସିଛନ୍ତି ଦେଖଣାହାରୀ ପ୍ରଫେସର ଦଳେ, ଆଉ ଘେରି ଠିଆ ହୋଇଛନ୍ତି ସେମାନଙ୍କର କେତେଜଣ ପ୍ରିୟ-ଅନୁଗତ ଛାତ୍ର । କେହି ପଢ଼ା ଛାଡ଼ିଛି, କେହି ପଢ଼ା ଛାଡ଼ିବା ଉପରେ ।

ଉପେନ୍‌କୁ ଦେଖି ଛାତ୍ରଦଳ ସଙ୍କୁଚିତ ହୋଇ ପାଖେଇଗଲେ । କିନ୍ତୁ କୌଣସି ପ୍ରଫେସରଙ୍କ ଦୃଷ୍ଟି ପଡ଼ିଲା ନାହିଁ ଉପେନ୍ ଉପରେ । ଖେଳରେ ସମସ୍ତେ ମସ୍‌ଗୁଲ୍ ! ବିରାଟ ମଜଲିସ୍ । ନିଶ୍ୱାସ ମାରିବାକୁ ବି ଫୁରୁସତ୍ ନାହିଁ । ବୁଢ଼ା ପ୍ରଫେସରଙ୍କ ଦଳ ମସ୍‌ମସ୍ କରି ଗୋଟିବାଉଛନ୍ତି

ଦାନ । ଯୁବକ ପ୍ରଫେସରସବୁ ଫୁଙ୍କୁଛନ୍ତି ଉଇଲ୍ସ । ସିଗାରେଟର ଧୂଆଁ ଛାଡ଼ୁଛନ୍ତି ଭସ୍ ଭସ୍ କରି ! ପ୍ରଫେସରଙ୍କ ପ୍ରାଇଭେଟ ଲାଇଫ୍ ସମ୍ବନ୍ଧରେ ଉପେନ୍ ଏଯାବତ୍ କେବଳ ଶୁଣୁଥିଲା । କିନ୍ତୁ ଦେଖି ନ ଥିଲା ଆଖିରେ । ଆଜି ଚକ୍ଷୁ-କର୍ଣ୍ଣର ବିବାଦ ଭଞ୍ଜନ ହେଲା । ସାରା ପ୍ରଦେଶର ଆଶାର ସ୍ଥଳୀ ଯେଉଁସବୁ କଲେଜ, ସାରା ଜାତିର ଉନ୍ନତିର ପୀଠସ୍ଥଳୀ ଯେଉଁସବୁ କଲେଜ—ବିଶାଳ ଉତ୍କଳର ଭବିଷ୍ୟତ ଭାଗ୍ୟଧର, ସବୁଜ ତରୁଣଙ୍କ ଚରିତ୍ରଗଠନର ପ୍ରଧାନ ଶିକ୍ଷା ପ୍ରତିଷ୍ଠାନ ଯେଉଁସବୁ କଲେଜ, ସେହି ସମସ୍ତର ପରିଚାଳନା-ଦାୟିତ୍ୱପ୍ରାପ୍ତ ଗୁଣୀ, ମାନୀ ପ୍ରଫେସର ଦଳ—ଯୁ'ମାନଙ୍କଠୁ ଏ ଦେଶ ଆଶା କରେ ଅନେକ କିଛି ! ବିଶ୍ୱର ଦ୍ରୁତ ଗତିଶୀଳ କୃଷ୍ଟି, ସଂସ୍କୃତି ଓ ପ୍ରଗତି ସହିତ ନିଜର ଟଙ୍ଗ୍, ଅଥବା ଦେଶର ଚିନ୍ତାଧାରାର ଯୋଗ ରଖି ଜାତିକୁ ଆଗେଇ ନେଇଯିବାର ବିରାଟ ଦାୟିତ୍ୱ ଯୁ'ମାନଙ୍କ ଉପରେ—ସେମାନେ 'ପଶା', 'ତାସ' ଆଉ 'ଦାବା' ନେଇ ଜନ୍ମଭୂମିର ହୃତଗୌରବ ସମ୍ପଦ, ଲୁପ୍ତ ସାହିତ୍ୟ କୀର୍ତ୍ତିର ପୁନରୁଦ୍ଧାର ପାଇଁ କିପରି ଗଭୀର ଆଲୋଚନାରେ ବ୍ୟସ୍ତ ରହିଛନ୍ତି, ଉପେନ୍ ସେଇଆ କେବଳ ଲକ୍ଷ୍ୟ କଲା, ଲକ୍ଷ୍ୟ କଲା ମୂକ-ମୂର୍ଖ ଦେଶବାସୀଙ୍କ ସମ୍ବନ୍ଧରେ ବ୍ୟାକୁଳ ଭାବରେ ଚିନ୍ତାକରି ଏମାନେ କିପରି ଦୁର୍ମୂଲ୍ୟ ସମୟର ସଦ୍-ବ୍ୟବହାର କରୁଛନ୍ତି ! ଜନ୍ମଭୂମିର ଦୁଃଖମୋଚନ ପାଇଁ କି ନିଦାରୁଣ ଭାବନା ଏମାନଙ୍କର ! ତାସର ଲିଟରେଚରେ ଖେଳରେ ଦେଶର ଏକନମିକ୍ସ ପ୍ରୋବ୍ଲେମର ସମାଧାନ ଚିନ୍ତା ଚାଲିଛି । ପଶାପାଲିର ପଟା କାଟି ଗଡ଼େଇ ପଣ୍ଡିତ ଉତ୍କଳମଣିଙ୍କ ଓଡ଼ିଆ ଜାତିର ଭାଗ୍ୟ ପରୀକ୍ଷା କରାହେଉଛି । ଟାନଟ୍ରେବାର ପାକୁଳ ଭିତରେ ଜାତୀୟ କବି ଉପେନ୍ଦ୍ର-ଭଞ୍ଜ, ସାମନ୍ତସିଂହାରଙ୍କ ରସମୟ ସାହିତ୍ୟର ରସ ଆସ୍ୱାଦନ ଚାଲିଛି—ସିଗାରେଟର କୁଣ୍ଡଳୀକୃତ ଧୂମ ଉଦ୍‌ଗୀରଣ ଭିତରେ ଲକ୍ଷ୍ୟ କରାଯାଉଛି—ସେମାନଙ୍କ ପରି କୃତୀ ସନ୍ତାନ ପାଇ ଉତ୍କଳର ଜାତୀୟ ଭାଗ୍ୟ କିପରି ଦ୍ରୁତ ଦ୍ରୁତ ଗତି କରୁଛି—ଗତି କରି ଉଠିଯାଉଛି ଆକାଶକୁ—ଆକାଶର ସେହି ଊର୍ଦ୍ଧ୍ୱତମ ନକ୍ଷତ୍ରଲୋକକୁ—ଯେଉଁଠାକୁ ଏକା ଲକ୍ଷ୍ୟରେ, ଏକ ଧ୍ୟାନରେ ଚାହିଁ ପଣ୍ଡିତ ସାମନ୍ତ ଚନ୍ଦ୍ରଶେଖର ଜ୍ୟୋତିଷ୍କମଣ୍ଡଳୀର ଗତିବିଧିରୁ ଜ୍ୟୋତିଷ-ଶାସ୍ତ୍ରର ଅଭିନବ ତଥ୍ୟ ଆବିଷ୍କାର କରି ସମଗ୍ର ପୃଥିବୀକୁ ଦିନେ ଚମତ୍କୃତ କରି ଦେଇଥିଲେ । ଜାତିର କି ସୌଭାଗ୍ୟ ! ଏପରି କୃତୀ ସନ୍ତାନମାନଙ୍କୁ ଲାଭ

କରି ଦେଶର କି ଗୌରବ !! ହେ ଉତ୍କଳର ଅମରସନ୍ତାନ ଗୋପବନ୍ଧୁ, ସେଇ ସ୍ୱର୍ଗଲୋକରୁ ଥରେ ଦୟାକରି ଦୃଷ୍ଟି ପକାଇ ଦେଖିବ କି ? ସତ୍ୟବାଦୀର ବୁଢ଼ାଅନା ଲୁଞ୍ଜିତଳେ, ଯାହାର ସ୍କୁଲର ପ୍ରତିଷ୍ଠା ଭିତରେ ଯେଉଁ ବିରାଟ ଶିକ୍ଷାର ଆଦର୍ଶ ପ୍ରଚାର କରିଥିଲ, ଆଜି ତୁମ ଦେଶର ଶ୍ରେଷ୍ଠ ବିଦ୍ୟାପୀଠର ପଣ୍ଡ-ପୁରୋଧାମାନେ କିପରି ଚମତ୍କାର ଭାବରେ ତାହା ଗ୍ରହଣ କରିଛନ୍ତି ! ଗ୍ରହଣ କରି ପ୍ରଚାର କରିବା ଚେଷ୍ଟାରେ ବ୍ୟାପୃତ ରହିଛନ୍ତି ଜାତିର ଜୀବନକୁ ଗଢ଼ି ତୋଳିବା ପାଇଁ—ଦେଖିବ କି ଆସି ? ?

ଉପେନ୍‌ର ମନ ବିଦ୍ରୋହୀ ହୋଇଉଠିଲା । ଯୁଁମାନଙ୍କ ହାତରେ ଦେଶର ତରୁଣମାନଙ୍କ ଭାଗ୍ୟ ଏଇପରି ଭାବରେ ବିଡ଼ମ୍ବିତ, ଲାଞ୍ଛିତ, ଅବହେଳିତ, ଯୁଁଜାତି ଏଇପରି ଗୋବରଗଣେଶ ଅପଦାର୍ଥମାନଙ୍କ ହାତରେ, ସେମାନଙ୍କୁ ସେଇ ମୁହୂର୍ତ୍ତରେ ଖୁନ କରିବାକୁ ମନ ହେଲା ଉପେନ୍‌ର; କିନ୍ତୁ କ'ଣ ଭାବି ମନକୁ ସଂଯତ କରିବାକୁ ହେଲା ତାକୁ । ଧୀର ସ୍ଥିର ଗଳାରେ ସେ ଡାକିଲା—'ସାର୍' !

ପ୍ରଥମ ଥର କେହି ତା' ଡାକ ଶୁଣିପାରିଲେ ନାହିଁ । ଦ୍ୱିତୀୟ ଥର ଆହ୍ୱାନରେ ମିଃ ଦ୍ୱିବେଦୀ ଚାହିଁଲେ ଚଷମା ଫାଙ୍କରେ—କିଏ ?

—ମୁଁ ସାର୍ !

—"ମାନେ ?" ଚିହ୍ନି ପାରିଲେନି ମିଃ ଦ୍ୱିବେଦୀ ହଠାତ୍ ।

—ମୁଁ ଉପେନ୍ ।

—ଓ, କ'ଣ ଦରକାର ? ସେ ପୁଣି ଖେଳରେ ମନ ଦେଲେ ।

—କିଛି କଥା ଅଛି ସାର୍ !

—ହଉ, କାଲି କଲେଜରେ ।

—ନା, ସାର୍, ଟିକିଏ ଜରୁରୀ ।

—ଇନା, ନ ହେଲେ ଚଳିବନି ?

—ନା, ସାର୍ !

ବିରକ୍ତ ଗଳାରେ କହିଲେ ଇତିହାସ ପ୍ରଫେସର ମି: ନନ୍ଦ, "ଅଚ୍ଛାବେଳେ ତୁମେମାନେ ଆସି ବିରକ୍ତ କର ! ଯାଅ ହେ ଯାଅ ଦ୍ୱିବେଦୀ ! ଶୁଣି ଆସ । ତୁମେ ଧର ଏ ଖେଳ, ମିଷ୍ଟର ଗଉଡ଼ବର !"

ଗଉଡ଼ବରଙ୍କ ହାତକୁ କାର୍ଡ଼ ଦେଇ ମିଃ ଦ୍ୱିବେଦୀ ଉଠିଆସିଲେ ବାହାରକୁ । ଟିକିଏ ଅନ୍ଧାରିଆ ଜାଗାରେ ଛିଡ଼ା ହୋଇ ଉପେନ୍ କହିଗଲା ତାର ଦୁଃଖ ।

—ହଁ, ତାପରେ ? ଅସ୍ଥିର ହୋଇ ମଝିରେ ମଝିରେ ଖେଳ ଆଡ଼େ ଦୃଷ୍ଟି ପକାଇ କହିଲେ ମିଃ ଦ୍ୱିବେଦୀ—ବ୍ୟାଖ୍ୟା ଟିକିଏ ଛୋଟ କର । ମୋର ସମୟ ନାହିଁ ମୋଟେ ।

—ହଁ, ସାର୍ ! ଉପେନ୍ ଧୈର୍ଯ୍ୟ ଧରି ମିନତିଭରା କଣ୍ଠରେ କହିଲା—ଖଣ୍ଡେ ସୁପାରିଶପତ୍ର—ଡ. ପି. ଆଇ.ଙ୍କ ପାଖକୁ । ଆପଣଙ୍କର ଖୁବ୍ ସଦ୍‌ଭାବ ଅଛି ଶୁଣିଲି ।

—ଅଛି ଠିକ୍, ତେବେ ମୁଁ ଜଣକ ପାଇଁ ଅନେକ ଦିନ ହେଲା କହି ରଖିଛି । ଏପର୍ଯ୍ୟନ୍ତ ସେ କୁଉଠି ପ୍ରୋଭାଇଡ଼୍ ହୋଇନି, ଏପରି ଅବସ୍ଥାରେ ପୁଣି ତୁମ ପାଇଁ—

କିନ୍ତୁ ମୋ ପାଇଁ ସୁପାରିଶ କରିବାରେ ଆପଣଙ୍କୁ ବିଶେଷ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବନି ସାର୍ !

—ତା ଅବଶ୍ୟ ପଡ଼ିବନି । ତୁମେ କୃତିତ୍ୱ ସହ ଫାଷ୍ଟ କ୍ଲାସ ପାଇ ବି. ଏ. ପାଶ୍ କରିଛ । ହେଲେ ବି—

ଉପେନ୍ ଅନୁନୟ ସ୍ୱରରେ ବାଧା ଦେଇ କହିଲା—ନା ସାର୍, ଆପଣଙ୍କୁ ମୋ ପାଇଁ ଏତିକି କରିବାକୁ ପଡ଼ିବ । ମତେ ଖଣ୍ଡେ ସୁପାରିଶପତ୍ର···

—ସୁପାରିଶପତ୍ର ! ମିଃ ଦ୍ୱିବେଦୀ ଆଶ୍ଚର୍ଯ୍ୟ-ଭରା ଗଳାରେ କହିଲେ—ନା, ନା, ସୁପାରିଶ କଥା କହିବନି । ଜାଣ ତ ମେଡ଼ିକାଲ

କଲେଜ୍‌ ସିଲେକ୍‌ସନ୍‌ କେସଟା ! ତେବେ ସୁବିଧା ମିଳିଲେ କେବେ ମୁଁ ଯାଇ ତୁମ ପାଇଁ କହିବି ନିଶ୍ଚୟ । କହୁ କହୁ ମିଃ ଦ୍ୱିବେଦୀ ଚାଲ୍‌ ଚାଲ୍‌ ହୋଇ ଖେଳ ପାଖକୁ ଗଲେ ।

ପଛେ ପଛେ ଦୁ' ପାହୁଣ୍ଡ ଆଗେଇ ଉପେନ୍‌ ପଚାରିଲା—ତା' ହେଲେ କେବେ ଅସିବି ସାର୍ ?

—ଆଗ କିଛି ଦିନ ଛାଡ଼ । ଟିକେ ସୁବିଧା ସୁଯୋଗ ଦେଖିବାକୁ ପଡ଼ିବ କି ନା !

ଉପେନ୍‌ ଆଉ କ'ଣ ଅନୁରୋଧ କରିବାକୁ ଯାଉଥିଲା; କିନ୍ତୁ ଦ୍ୱିବେଦୀ ଯାଇ ଖେଳ ଆଡ୍‌ଡା ଭିତରେ ବସିପଡ଼ିଲେ । କହିବା କଥା ଉପେନ୍‌ ମୁହଁରେ ହିଁ ରହିଲା । କିଛିକ୍ଷଣ ସ୍ଥିର ହୋଇ ସେ ଶୂନ୍ୟ-ଦୃଷ୍ଟିରେ ସେହି ଖେଳ ଆଉ ପ୍ରଫେସର ଦଳଙ୍କୁ ଅନେଇ ରହିଲା । ତା'ପରେ ଏକ ତୀବ୍ରବେଦନାକୁ ଚାପିରଖି ଏକମୁହାଁ ହୋଇ ଚାଲି ଆସିଲା ରାସ୍ତା ଉପରକୁ । ରାସ୍ତାରେ ଅସି ଛିଡ଼ାହୋଇ କୁଆଡ଼େ ଯିବ ପ୍ରଥମେ ଟିକଏ ଭାବିଲା । ଚାରିଆଡ଼େ ଅନ୍ଧାର, ଚାହିଁଲା ଆକାଶକୁ । ତାର ଶେଷ ଆଶା ଭରସାର କି ଶୋଚମୀୟ ବିପର୍ଯ୍ୟୟ ! ନିଶାକରବାବୁ, ଯାହାଙ୍କୁ ସେ ଆଜୀବନ ଭକ୍ତି କରିଆସିଛି ···ଶ୍ରଦ୍ଧା କରିଆସିଛି, ସମ୍ମାନ ଦେଖାଇ ଆସିଛି ···ସେ ଯେ ଆଜି ଏପରି ଭାବରେ, ଏପରି ରୂଢ଼ ଅବଜ୍ଞାରେ ସାମାନ୍ୟ ଅନୁରୋଧ ଟିକଏ ନ ରଖି ଫେରାଇଦେବେ ତାକୁ···ଏହା ସେ ଆଦୌ କଳ୍ପନା କରି ନ ଥିଲା । ତାସ ଖେଳ ପାଖରେ ଜଣେ କୃଷ୍ଣ ଗୁରୁଭକ୍ତ ଅନ୍ନ ସମସ୍ୟା, ଦୁଃଖ, ଦୁର୍ଦ୍ଦଶା କିଛି ନୁହେଁ । ଟେଲଟା ହିଁ ଆଜି ବଡ଼ ତାଙ୍କ ପାଖରେ ।

ଦୀର୍ଘନିଃଶ୍ୱାସ ନିକ୍ଷେପ କରି ଭାରାକ୍ରାନ୍ତ ମନ ନେଇ ଉପେନ୍‌ କେତେ କ'ଣ ଚିନ୍ତା କରି ଆଗେଇ ଚାଲିଲା । କ'ଣ କରିବ ସେ ବର୍ତ୍ତ ମାନ ? ଦେଖୁ ଦେଖୁ ଦୁ'ଦିନ ଚାଲିଗଲା । କେତେ ଚେଷ୍ଟା, କେତେ ଧାଁଧପଡ଼, କେତେ କାହା ପାଖକୁ ଯାଇ କାକୁତି ମିନତି, ସବୁ ବୃଥା ! ସବୁ ନିଷ୍ଫଳ ! ତା ଭାଗ୍ୟକୁ ଯେପରି ନିୟତି ଉପହାସ କରୁଛି । ତା ଶିକ୍ଷା, ଆଉ ବିଶ୍ୱବିଦ୍ୟାଳୟର ଉପାଧିକୁ ଦେଶ ଯେପରି ବିଦ୍ରୂପ କରୁଛି । କ'ଣ କରିବ

ସେ ? ଉପାର୍ଜ୍ଜନର ସମସ୍ତ ପଥ କ ତା ପାଇଁ ରୁଦ୍ଧ ? ସୃଷ୍ଟିକି ସେ ଆସିଛି କ'ଣ ଏକ ଅଭିଶପ୍ତର ଜୀବନ ନେଇ ? ଭୂପୃଷ୍ଠରେ ଜନ୍ମ ହୋଇଛି ସେ କ'ଣ କେବଳ ଅବହେଳିତ ହେବା ପାଇଁ ? କାହାର କିଛି ପ୍ରୟୋଜନରେ ଆସିବାର ଯୋଗ୍ୟତା କ'ଣ ନାହିଁ ତା ପାଖରେ ? ଏତେ ଚେଷ୍ଟା କରି ସେ ପଢ଼ିଲା···ପଢ଼ି ପାସ୍ କଲା କୃତିତ୍ୱର ସହିତ । କିନ୍ତୁ ତଥାପି—ତଥାପି ତା ଜୀବନର ସଦ୍‌ଗତି ହେଲା ନାହିଁ । ଗୃହଆଡ଼ ରୁଦ୍ଧ ତା ପାଇଁ । ତାକୁ ଆହା କରିବାକୁ କେହି ଜଣେ ନାହିଁ ! ତା ଦୁଃଖ ବୁଝିବାକୁ କେହି କୁଉଠ ନାହିଁ ! ତା ଗୁହାରି ଶୁଣିବା ପାଇଁ କାହାର ଏତେ ଟିକିଏ ସମୟ ନାହିଁ ! ସେ ଯେପରି ଏକ ଅବହେଳାର ବସ୍ତୁ ! ସେ ଯେପରି ଏକ ଅପ୍ରୟୋଜନୀୟ ସାମଗ୍ରୀ !! ତାଦ୍ୱାରା କାହାର କିଛି ଲାଭ ନାହିଁ ! ତା ବିଦ୍ୟା-ବୁଦ୍ଧି, ଶିକ୍ଷା-ଦୀକ୍ଷା ଦେଶର କୌଣସି କାମରେ ଲାଗିବ ନାହିଁ ! ସେ ଏକ ବାଜେ ! ଅତିରିକ୍ତ ବାଜେ !!

ଗୋଟାଏ କି ଶବ୍ଦ ଶୁଣି ଉପେନ୍ ଚମକି ପଡ଼ି ଛିଡ଼ା ହେଲା । ଗୋଟାଏ ଇଞ୍ଜିନର ହୁଇସିଲ୍ । ଏ ଭିତରେ ସେ ଆସି ଷ୍ଟେସନ ପାଖରେ ! କ'ଣ ଭାବି ଉପେନ୍ ସାଇକେଲଟାକୁ ସେହିପରି ଘୋଷାରି ଷ୍ଟେସନ ପାଖକୁ ଆସିଲା । ଗଲା ଭିତରକୁ । ପ୍ଲାଟଫର୍ମ ଉପରେ କେତେ ଜଣ ଯାତ୍ରୀ !! କି ଗାଡ଼ି ଆସିବାର ବେଳ ? ତାଳଚେର ? ଗୁଁ ଗୁଁ ଟିଣ୍, ଟିଣ୍ ହୋଇ ଘଣ୍ଟା ବାଜିଉଠିଲା । ଆସି ପହଞ୍ଚିଲା ତାଳଚେର ଗାଡ଼ି । ଛିଡ଼ା ହେଲା ପ୍ଲାଟଫର୍ମ ଉପରେ । ସାଙ୍ଗେ ସାଙ୍ଗେ ହଜାର ଏକ ହୋ ହୋ । ଲୋକ ଓହ୍ଲାଇଲେ । ଲୋକ ଚଢ଼ିଲେ । ଚଞ୍ଚଳ ବ୍ୟସ୍ତତା ଆଉ ପ୍ରଚଣ୍ଡ କୋଳାହଳରେ ମୁଖରିତ ହୋଇଉଠିଲା ବାୟୁମଣ୍ଡଳ !! କିଛିକ୍ଷଣ ପାଇଁ ଉପେନ୍ ମନରୁ ସବୁ ଚିନ୍ତା ଚାଲିଗଲା । ଗୋଟାଏ ଜାଗାରେ ଠିଆ ହୋଇ କେବଳ ଲକ୍ଷ୍ୟ କଲା···ଯାତ୍ରୀମାନଙ୍କର ଯିବା ଆସିବା, ଅଶାନ୍ତ ବ୍ୟଗ୍ରତା ।

ହଠାତ୍ ପଛପଟରୁ ଜଣେ କିଏ ଆସି ଆଖି ବୁଜି ଧରିଲା । କିଏ ? ଉପେନ୍ ଧୀର ଗଳାରେ ପ୍ରଶ୍ନ କରି ନିଜ ହାତରେ ଆଗନ୍ତୁକଟିର କର ସ୍ପର୍ଶ କରି ଅନୁମାନ କରିବାକୁ ଚେଷ୍ଟା କଲା ।

କିନ୍ତୁ ଠିକ୍ କହିପାରିଲା ନାହିଁ ! ଗୋଟାଏ ଢ଼'ଟା ନାଁ ଉଚ୍ଚାରଣ କଲା ଅନ୍ଦାଜରେ । ···ତଥାପି ଆଗନ୍ତୁକଟି ହାତ କାଢ଼ିନେଲା ନାହିଁ ।

—କିଏ ? ଉପେନ୍ ପୁଣି ପଚାରିଲା, "ଚିହ୍ନି ପାରୁ ନାଇଁ·· କ୍ଷମା କରିବ··· !!"

ଏଥର ହାତ ଖୋଲିଗଲା ଏବଂ ହସ ହସ ମୁହଁରେ ଯୁ' ଚପଳ ଚଞ୍ଚଳ ସୁଦର୍ଶନ ଯୁବକଟି ଆସି ସାମନାରେ ଛିଡ଼ା ହେଲା··· ଉପେନ୍ ତାକୁ ଦେଖି କେବଳ ଆନନ୍ଦ ନୁହେଁ, ସ୍ତମ୍ଭିତ ଅବାକ୍ ହୋଇଗଲା । "ଆରେ ଜଗତ୍ ?" ଉପେନ୍ ଆଶ୍ଚର୍ଯ୍ୟସ୍ତବ୍ଧ ଗଳାରେ ପଚାରୁ ନ ପଚାରୁଣୁ ଜଗତ୍ ଆନନ୍ଦବିହ୍ୱଳ ଅଧୀରତାରେ ଉପେନ୍‌କୁ ଛାତି ଉପରେ ଜାକି ଧରି ଗଭୀର ଆବେଗରେ ଆଲିଙ୍ଗନ କଲା । ତାପରେ ବାହୁବନ୍ଧନରୁ ମୁକ୍ତକରି ହସି ହସି ପଚାରିଲା— ଚିହ୍ନିପାରୁନୁ ବୋଧହୁଏ ?

—ମାନେ ? ତୋ ନାଁଟା ନିର୍ଭୁଲ ଭାବରେ ଉଚ୍ଚାରଣ କଲା ପରେ ମଧ୍ୟ ଚିହ୍ନିପାରିଲିନି କ'ଣ ରେ ? ଆଉ ତା ଛଡ଼ା ତୋ ପରି ବଡ଼-ଲୋକ ତ ନୁହେଁ ! କହି ଉପେନ୍ ଆଶ୍ଚର୍ଯ୍ୟ ହୋଇ ଲକ୍ଷ୍ୟ କଲା···ଜଗତ୍ ସାଙ୍ଗରେ ଆଉ ଚାରି ପାଞ୍ଚ ଜଣ ସୌଖୀନ ଯୁବକ ।

—ବଡ଼ଲୋକର ବଡଲୋକକୁ ଆକ୍ରମଣ କରିବା ଖୋଇ. ତୋର ଏପର୍ଯ୍ୟନ୍ତ ବି ଯାଇ ନାହିଁ ଦେଖି ଖୁସି ହେଲି । ହଉ, ଏମାନଙ୍କୁ ତତେ ଆଗେ ପରିଚିତ କରାଇଦିଏ । ମୋର କଲେଜ ବନ୍ଧୁ ଉପେନ୍···ଇଉନି-ଭରସିଟିର କୃତୀ ଛାତ୍ର; ଏ ବର୍ଷ ବି. ଏ· ଫାଷ୍ଟ କ୍ଲାସ ପାଇ ପାସ୍ କରିଛି । ଆଉ ସର୍ବୋପରି ସେ ଜଣେ ପ୍ରଥିତଯଶା ସାହିତ୍ୟିକ ।

ଉପେନ୍ କ'ଣ ଗୋଟାଏ ଆପତ୍ତି କରିବାକୁ ଯାଉଥିଲା— କିନ୍ତୁ ଜଗତ୍ ପୁଣି ଅସମ୍ଭାଳ କଣ୍ଠରେ କହି ଚାଲିଲା—ଆଉ ଉପେନ୍, ଏମାନେ ସବୁ ମୋ ସାହିତ୍ୟିକ ବନ୍ଧୁ । ଲଳିତ ମହାନ୍ତି···ନାଁ । ଶୁଣିଥିବୁ, ଓଡ଼ିଶାର ଉଦୀୟମାନ ଗଳ୍ପଲେଖକ । ଏ ଅନୁପମ ନାୟକ, ବି.ଏ.···ରୋମାଣ୍ଟିକ କବି । ଏ ସୁକବି ଚପଳ ମହାପାତ୍ର, ରବୀନ୍ଦ୍ର ସାହିତ୍ୟର ଜଣେ ବଡ଼ ଭକ୍ତ ।

ଏ ମି: ସୁନ୍ଦରମ୍... ଶାନ୍ତିନିକେତନରୁ ସଦ୍ୟ ଫେରିଛନ୍ତି । ଚିତ୍ରଶିଳ୍ପୀ । ରବୀନ୍ଦ୍ର କବିତା ସୁ' ସୁନ୍ଦର ଆବୃତ୍ତି କରନ୍ତି ଶୁଣିଲେ ଏକାଥରେ ବିଭୋଳ ହୋଇଯିବୁ । ତାଙ୍କ ସହିତ ଅଜଇ ଦେଖା ପରିଚୟ ଏଇ କଟକରେ । ତାଙ୍କୁ ଟାଣି ଟାଣି ସାଙ୍ଗରେ ନେଇଯାଉଛି ପୁରୀ ।

—ପୁରୀ ଯାଉଛ ନା କ'ଣ ?

—ଉତ୍ସବ ମାନେ ? ତୁ ଜାଣୁନା ? ଆଶ୍ଚର୍ଯ୍ୟ !! ଜରେ, ଗୋଟାଏ ଇଣ୍ଟର କ୍ଲାସ କମ୍ପାର୍ଟମେଣ୍ଟ ଏକପ୍ରକାର ରିଜର୍ଭଟି ! ଦେଶର ସବୁ ବଡ଼ ବଡ଼ ସାହିତ୍ୟରଥୀ ଯାଉଛନ୍ତି ଯେ ! ନବୀନ ସାହିତ୍ୟ ସଂସଦର ବିରାଟ ସାହିତ୍ୟ ସମ୍ମିଳନୀରେ ଯୋଗ ଦେବା ପାଇଁ—ହୋପ୍‌ଲେସ୍ ! ଆରେ, ତୁ ନ ଜାଣିଲୁ କେମିତି ? ଚାଲ୍ ଚାଲ୍, ଗାଡ଼ି ଭିତରକୁ ଚାଲ୍ —

—ମୁଁ ଯାଇ କ'ଣ କରିବ ସେଠି ?

—କ'ଣ କରିବୁ, ମାନେ ? ଏମିତି ସୁବର୍ଣ୍ଣ ସୁଯୋଗ ଆଉ ପାଇବୁ ନା ? ଦେଶର ସବୁ ଦଳର, ସବୁ ମତର ସାହିତ୍ୟିକମାନଙ୍କୁ ଦେଖିବାର ଏ ଚମତ୍କାର ଭାଗ୍ୟ ହରେଇବା ତୋ ପରି ସାହିତ୍ୟିକ ପକ୍ଷରେ ବଡ଼ ପରିତାପର କଥା । ଚାଲ୍ ଚାଲ୍ ମୋ ସଙ୍ଗରେ—ଜଗତ୍ ଉପେନ୍‌ର ହାତ ଭିଡ଼ିଲା ।

—ସାଇକେଲଟା ଅଛି ଯେ ! ଉପେନ୍ କହିଲା—ଥାଉ, ଆଉ କେବେ ସୁବିଧା ହେଲେ ଦର୍ଶନ କରି ପୁଣ୍ୟ ଅର୍ଜନ କରିବ । ତା ଛଡ଼ା ମୁଁ ତ ଆଉ ତୋ ପରି ବାଣୀପୂଜକ ବା ସାହିତ୍ୟରସିକ ନୁହେଁ...ମୋ ପାଇଁ ଏତେ ବ୍ୟସ୍ତ ହଉଚୁ କାହିଁକି ?

—ବ୍ୟସ୍ତ ହଉଚି, ମାନେ ! ଜଗତ୍ ଆନ୍ତରିକ ସ୍ୱରରେ କହିଲା—ପୁରୀ ଯିବୁନି ତୁ ?

—ନା, ମୋର ଅନେକ କାମ ।

—ଉଁ ହୁଁ, ତା ହବନି ! ଦେଖିଲିଣି ଯେତେବେଳେ, ତତେ ନିଶ୍ଚୟ ନେଇକରି ଯିବି । ଜାଣୁ, କେତେ ବର୍ଷ ପରେ ତୋ ସହିତ ଦେଖା ?

କିନ୍ତୁ ଅନ୍ଧ ନକ ଅଛି ମୋର କହିବାକୁ । ଏତେ ଦିନ ପରେ ତତେ ଦେଖିଛି—ଜାଣୁ, ମୋ ମନ କେତେ ନାଚି ଉଠିଛି ! ସତରେ ଉପେନ୍, ତତେ ମୋ ସାଙ୍ଗେ ଯିବାକୁ ହିଁ ପଡ଼ିବ । ଆଜି ତାଙ୍କ ଛଡ଼ା ତୁ ନ ଗଲେ ନବୀନ ସାହିତ୍ୟିକମାନଙ୍କର ଏ ବିରାଟ ସମ୍ମିଳନୀ ଆଦୌ ସାର୍ଥକ ହେବନି ମୁଁ ଜାଣେ ।

ଉପେନ୍ ହସିଉଠିଲା । କହିଲା—ଖୁସାମଦିର ଗୋଟାଏ ସୀମା ଅଛି । ପୁଣି ଖୁସାମଦି କରିବାର ସ୍ଥଳ, ପାତ୍ର ଆଉ ଉଦ୍ଦେଶ୍ୟ ବି ବିଚାର କରିବାର କଥା । ଜାଣୁ ତୋର ଏପରି ଅତିରଞ୍ଜିତ କଥା ଶୁଣି ତୋର ସାହିତ୍ୟିକ ବନ୍ଧୁମାନେ ମୋ ସମ୍ବନ୍ଧରେ କେତେ ମତ ପୋଷଣ କରି ମନେ ମନେ ହସି ଉଠିଲେଣି ! ତୋ ମତରେ ମୁଁ ନ ଗଲେ ନବୀନ ସାହିତ୍ୟ ସଂସଦର ବିରାଟ ସମ୍ମିଳନୀ ସାର୍ଥକ ହେବନି । ଅଥଚ ତୋର ଏତେ ବଡ଼ ପ୍ରିୟ ସାହିତ୍ୟିକ ସମ୍ବନ୍ଧରେ ନବୀନ ସାହିତ୍ୟ ସଂସଦର ଏତେ ଟିକିଏ ଚିନ୍ତା ନାହିଁ କି ମୁଣ୍ଡବ୍ୟଥା ବି ନାହିଁ ! ହୁଏ ତ ମୋ ପରି ଗୋଟାଏ ସାହିତ୍ୟିକ ଜୀବ ଯେ ଭୂପୃଷ୍ଠରେ ଅଛି, ତା ବି ହୁଏ ତ ସେ ଜାଣେନା ।

ଜଗତ୍ ଟିକିଏ ଲଜ୍ଜିତ ହେଲା ପରି କହିଲା—ହଉ, ସେମାନେ ଜାଣନ୍ତୁ ନ ଜାଣନ୍ତୁ—ସେଥିପାଇଁ କ୍ଷମା ଭିକ୍ଷା ମୁଁ ମାଗି ନେଉଛି । ଏଥର ସୁନା ପିଲାଟି ପରି ଚାଲ୍ ମୋ ସାଙ୍ଗରେ ପୁରୀ । କହି ପକେଟ୍‌ରୁ ଗୋଟାଏ ଦି ଟଙ୍କିଆ ନୋଟ୍ କାଢ଼ି ଲଳିତକୁ ଦେଇ ପଠାଇଦେଲା ଖଣ୍ଡେ ଇଣ୍ଟରକ୍ଲାସ୍ ଟିକଟ୍ କିଣି ଆଣିବା ପାଇଁ ।

ଲଳିତ ଚାଲିଗଲା ।

ଉପେନ୍ କହିଲା, "କିନ୍ତୁ ମୁଁ ଯେ ଆଦୌ ପ୍ରସ୍ତୁତ ହୋଇ ଆସିନି, ଯିବି କିମିତି ?"

—ପ୍ରସ୍ତୁତ ଆଉ ଗୋଟାଏ କ'ଣ ? ଜଗତ୍ କହିଲା, ମୋ ପାଖରେ ରହିବୁ, ମୋ ଲୁଗା କାମିଜ ପିନ୍ଧିବୁ—ରିକ୍ସାରେ ବୁଲିବୁ—ମୋ

ମନିବ୍ୟାଗଟାକୁ ଯତ୍ନ ସହକାରେ ପକେଟ୍‌ରେ ରଖିବୁ...ଆଉ ସମୟବେଳେ ଖୋଲି ମନ ଖୁସିରେ ଖର୍ଚ୍ଚ କରିବୁ ।

ଉପେନ୍ ହସିଉଠିଲା । କହିଲା, ବାସ୍ତବିକ ଏ ଭିତରେ ରୀତିମତ କବି ହୋଇଉଠିଛୁ ତୁ । ହଉ, ସେସବୁ ତ ବୁଝିଲି; କିନ୍ତୁ ଏ ସାଇକଲ୍‌ଟା କ'ଣ କରିବି ଏଠି ?

—ତୋର ସେଇଟା ?

—ନା, ବ୍ରଜବଲ୍ଲଭର ।

—ବେଶ୍ ତ, ସାଇକେଲଟା ତାର ପଠାଇ ଦେ ଖଣ୍ଡେ ଚିଠି ଲେଖି । ମୋ ଚାକର ଆସିଛି । ଆଜି ରାତିରେ ନେଇ ଦେଇଦେବ । ଆରେ ହଁ, ବ୍ରଜ ବି ତ ଭାରି Interested ଏସବୁ ସାହିତ୍ୟ ସମ୍ପର୍କରେ । ତାକୁ ବି ପୁରୀ ଯିବାକୁ ଲେଖିଦେଲେ କେମିତି ହୁଅନ୍ତା ?

—ଲେଖ୍ ତୁ ! ତୋର ତା ସାଥିରେ ବେଶୀ ବନ୍ଧୁତା ମୋ ଅପେକ୍ଷା । କହି ଉପେନ୍ ମନେ ମନେ ଭାବିଲା—ଦି' ଦିନ ଧରି ବୁଲି ବୁଲି ଯେପରି ଭାବରେ ପରିଶ୍ରାନ୍ତ ସେ......ମନର ଟିକିଏ ସ୍ଫୂର୍ତ୍ତି ଆଉ ନିର୍ଜନତା ଲୋଡ଼ା ତାର । ପୁରୀରେ ଏ ସାହିତ୍ୟିକ କାଣ୍ଡ କାରଖାନାଟା ଗୋଟାଏ ଦେଖିଲା ପରି ଜିନିଷ ହୁଏ ତ ହେବ । ତାର ଯିବା ହିଁ ଉଚିତ୍ ।

ଜଗତ୍ ବ୍ରଜ ପାଖକୁ ଚିଠି ଲେଖିସାରି ତାର କବିବନ୍ଧୁମାନଙ୍କୁ ଉଦ୍ଦେଶ୍ୟ କରି କହିଲା—ତୁମେମାନେ ବି ସବୁ ସଇ କର ଏଥିରେ । ଅନୁପମ ! ତୋର ବି ବ୍ରଜ ସାଥିରେ ଖୁବ୍ ଭଲ ଜଣା ଶୁଣା ଅଛି ନା ?

—ବ୍ରଜ ସହିତ ? ଅନୁପମ ପଚାରିଲା । ତାପରେ ଟିକିଏ ମନେ ପକାଇଲା ପରି କହିଲା—

—ସିଓର୍ ! ସବାନ୍ଧବ ଲେଖିଚୁ ତ ?

—ମାନେ ? ଜଗତ୍ ଆଶ୍ଚର୍ଯ୍ୟରେ ଟିକିଏ ଚାହିଁଲା । ଅନୁପମ ଉପେନ୍ ଆଡ଼େ ଟିକିଏ ଅନେଇଲା, ତାପରେ ଜଗତ୍‌କୁ ଆଖି ଟିପି ଦେଲା ସମସ୍ତଙ୍କ ଅଲକ୍ଷ୍ୟରେ ।

ଯଥେଷ୍ଟ ସେଇ ଟିକକ ଠାର । ଜଣେ ଓଠରେ ଖେଳିଗଲା ଗୋଲାପୀ ହସର ଢେଉ । ଉପେନ୍ ହସଟାକୁ କେବଳ ଲକ୍ଷ୍ୟକଲା; ମାତ୍ର ବୁଝି ପାରିଲା ନାହିଁ କିଛି । ଜଗତ୍ ଚିଠିର ଆଉ ଗୋଟାଏ ଜାଗାରେ କ'ଣ ଟିକିଏ ଲେଖି ଷ୍ଟେସନର ଅସ୍ପଷ୍ଟ ଆଲୁଅରେ ଅନୁପମକୁ ଦେଖାଇଲା । ଅନୁପମ ହସି ହସି ପକେଟରୁ କାଲେଣ୍ଡର୍ ବାହାର କରି ବନ୍ଧୁମାନଙ୍କୁ ଅଫର୍ କଲା ।

ଚାକର ହାତରେ ଚିଠି ଏବଂ ସାଇକେଲଟାକୁ ଦେଇ ତାକୁ ସବୁ ବୁଝେଇ କହି ଜଣେ ଉପେନ୍‌କୁ ଜବରଦସ୍ତି ଟାଣି ଟାଣି ନେଇ କମ୍ପାର୍ଟମେଣ୍ଟ ଆଡ଼େ ଗଲା ।

ଟିଣ୍ ଟିଣ୍ ହୋଇ ଘଣ୍ଟି ବାଜଉଠିଲା ।

ସେମାନଙ୍କ କମ୍ପାର୍ଟମେଣ୍ଟଟା ଦୂରରେ । ଯିବାକୁ ଡେରି ହବ । ଗାଡ଼ି ଷ୍ଟାର୍ଟ ନେଇ ସାରିଲାଣି । ଜଗତ୍ ଉପେନ୍ ହାତ ଧରି ବନ୍ଧୁମାନଙ୍କ ସହିତ ଆଗାମୀ ଷ୍ଟେସନ ପର୍ଯ୍ୟନ୍ତ ଆଉ ଗୋଟାଏ କମ୍ପାର୍ଟମେଣ୍ଟରେ ଉଠିପଡ଼ିଲା ।

ଗାଡ଼ି ଚାଲିଲା ତାର •ବର୍ଦ୍ଧିଷ୍ଣୁ ବେଗରେ ଦୋଳିତ ଛନ୍ଦ ନେଇ ।

କଟକ୍ ଉପେନ୍‌ର ଥିଲା କଲେଜ ବନ୍ଧୁ । ଜମିଦାର ଘର ପିଲା । ପାଠ ପଢ଼ିବା ଥିଲା ତା'ର ଗୋଟାଏ ସଉକ । ସାହିତ୍ୟସେବା ଥିଲା ତା'ର ଏକ ସ୍ୱପ୍ନ ! ସଦାବେଳେ ଗୁଣୁ ଗୁଣୁ କରି ଗୀତ ଗାଇବା, ଅସମାପ୍ତ କବିତାର ପାଦ ପୂରଣ କରିବା, ମୁହଁରେ ହୁଇସିଲ ମାରି ନିଜ ରଚିତ କବିତାର ଗୋଟାଏ ମନଗଢ଼ା ରାଗିଣୀ ଆଳାପ କରିବା ବା କଥାରେ କଥାରେ ହାତ ହଲେଇ, ଭ୍ରୂରୁ ନଚେଇ, ମନ ରଞ୍ଜେଇ, ଛନ୍ଦମୟ କବିତା ଆବୃତ୍ତି କରି ବୁଲିବା ଥିଲା ତାର ଗୋଟାଏ ଉତ୍ତେଜନା । ପଇସାର ଅଭାବ ନ ଥିଲା, ରୂପରେ, ବେଶରେ, କଥାରେ, ବ୍ୟବହାରରେ···ସବୁଥିରେ ସବୁବେଳେ ତାର କବି—କବି ଭାବ । କଲେଜକୁ ଆସି···ଏକ ଅଜ୍ଞାତକୁଳଶୀଳା ସହପାଠିନୀର ଦୀର୍ଘ ଦୋଳାୟିତ ବେଣୀ, ଚଳ ଚଞ୍ଚଳ ଚାଣି, ଆଉ ହାସ୍ୟ ମଧୁର ବାଣୀ ଦୂରରୁ ଶୁଣି, ମନେ ମନେ ଗୁଣି, ହୃଦୟରେ ସ୍ୱପ୍ନ ବୁଣି, ଯେତେବେଳେ ତନ୍ମୟ ବିଭୋର ହୋଇ ସେ ପ୍ରଥମେ କବିତା ଲେଖିଲା···ଉପେନ୍ ହିଁ ଥିଲା ତାର ପ୍ରଥମ ଓ ପ୍ରଧାନ ଶ୍ରୋତା । "ଜଲ୍ ଚର୍ ଡ୍" ପିଲା ଥିଲା ଉପେନ୍ । ସାହିତ୍ୟର ବିଭିନ୍ନ ଦିଗରେ ଥିଲା ତାର ଅସାଧାରଣ ବ୍ୟୁତ୍ପତ୍ତି । କଲେଜ ମ୍ୟାଗାଜିନ୍‌ରେ ତା କବିତା, ଗଳ୍ପ, ସମାଲୋଚନାମୂଳକ ପ୍ରବନ୍ଧ ଅଣି ଦେଉଥିଲା ଗୋଟାଏ ହୁଲିମଚ ଚହଳ ।

ଠିକ୍ ଚହଳ ପକେଇବା ପାଇଁ କିନ୍ତୁ ଉପେନ୍ କରୁ ନ ଥିଲା ଲେଖା-ଲେଖି ! ତା ମନରେ ଥିଲା ଚିନ୍ତା—ତା ପ୍ରାଣରେ ଥିଲା ଆବେଗ—ତା ଲେଖାରେ ଥିଲା ଶକ୍ତି । ସେ ଲେଖି ଯାଉଥିଲା—ଲେଖିବା ପାଇଁ । ସେଇଥିପାଇଁ ତା ଲେଖା ହେଉଥିଲା ସୁନ୍ଦର ଅଉ ସରସ, ପ୍ରାଣକୁ ଛୁଉଁଥିଲା ପାଠକମାନଙ୍କର । ସେଥିପାଇଁ ପଡ଼ୁଥିଲା ଚହଳ ।

କିନ୍ତୁ ସେ ଚହଲରେ ଚହଲି ଉଠିବା ପିଲା ନ ଥିଲା ଉପେନ୍ । ଯୁ' ଗୁଣମାନେ ତାକୁ ବାହାବା ଦବାକୁ ଆସୁଥିଲେ ସେ ସେମାନଙ୍କୁ କେବଳ ନୀରବରେ ଶୁଣି ଯାଉଥିଲା । ସେମାନଙ୍କ ଉଚ୍ଛ୍ୱସିତ ପ୍ରଶଂସାରେ ଭାସି ଯାଇ ନାଚି ଉଠୁ ନ ଥିଲା କି ମାତି ଉଠୁ ନ ଥିଲା ସେ । ବରଂ ପ୍ରଶଂସା ଶୁଣି ସେ ମନେ ମନେ ହସୁଥିଲା । କାରଣ ସେ କ'ଣ — ସେ ନିଜେ ଭଲ କରି ଜାଣିଥିଲା । ପର କଥାରେ ନିଜକୁ ଅତି ବଡ଼ ଭାବି ଅଯଥା ପ୍ରଶଂସାରେ ଗର୍ବିତ ହୋଇଉଠିବା ଥିଲା ତାର ମତିବିରୁଦ୍ଧ ଏବଂ ଏଇ ଗାମ୍ଭୀର୍ଯ୍ୟ ଟିକକ ହେତୁ ସେ ସମବୟସ୍କ କଲେଜ ସହପାଠୀଙ୍କ ଭିତରେ ତା' ଆସନକୁ ରଖି ପାରିଥିଲା ଉଚ୍ଚରେ । ସମ୍ମାନ ବି ପାଉଥିଲା । ସାହିତ୍ୟ ସମ୍ବନ୍ଧରେ ଉପେନ୍ ମୁହଁରୁ କିଛି ଶୁଣିବା ଥିଲା ସମସ୍ତଙ୍କର ପରମ ସୌଭାଗ୍ୟ । କାରଣ ସାହିତ୍ୟ ନେଇ ଉପେନ୍‌କୁ ଯାହା ତାହା ଭାଷଣ ଦେଇ ବସିବା ଖୁବ୍ କ୍ୱଚିତ୍ ଦେଖାଯାଉଥିଲା । ଅଭିମାନୀରେ ସାହିତ୍ୟିକ ଭାବ ଥିଲା ତା' ପ୍ରକୃତିର ବାହାରେ । ନିଜକୁ ବିଜ୍ଞାପିତ କରିବା ଏବଂ ବଡ଼ କରି ପ୍ରକଟ କରି ତୋଳିବା ଥିଲା ତା ଆଦର୍ଶର ବହିର୍ଭୂତ ! ! ଉପେନ୍‌ର ଏଇ ଅସାଧାରଣ ପ୍ରକୃତିଟିକୁ ଜଗତ ଶ୍ରଦ୍ଧା କରୁଥିଲା ଏବଂ କଲେଜରେ ତା' ସାଙ୍ଗ ସାଥୀଙ୍କ ଭିତରେ ପ୍ରାୟ ସମସ୍ତେ ଜାଣିଥିଲେ ଜଗତ ଉପେନ୍‌ର ବଡ଼ ଅନୁଗତ, ଭକ୍ତ ବୋଧା ।

ପ୍ରଥମେ ଯେତେବେଳେ ଜଗତ କବିତା ଲେଖିବା ଆରମ୍ଭ କରେ ଏବଂ ସୁବିଧା ସୁଯୋଗ ଦେଖି ଉପେନ୍‌କୁ ଶୁଣାଏ—ଉପେନ୍ ଅସୀମ ଧୈର୍ଯ୍ୟ ସହକାରେ କେବଳ ଶୁଣେନା—ଦି ପଦ ପ୍ରଶଂସା ବି କରେ; ଉତ୍ସାହ ଦିଏ ।

ସେଇ ଉତ୍ସାହ, ସେଇ ପ୍ରେରଣା, ସେଇ ପ୍ରଶଂସା ହିଁ ଆଜି ଜଗତକୁ କବି କରିଛି ! ଉପେନ୍ ହିଁ ତା' କବିତ୍ୱର ମୂଳରେ, ଜଗତ ଏ କଥା କେବେ ଭୁଲି ନାହିଁ କି ଭୁଲିପାରିବ ନାହିଁ । ଯଦିଚ ସେକେଣ୍ଡ ଇଅରରୁ ଜଗତ କଲେଜରୁ ତା ଶିକ୍ଷାଦୀକ୍ଷା ସାଙ୍ଗ କରି ବିଦାୟ ନେଇଯାଇଛି, ଦୁର୍ଭାଗ୍ୟକ୍ରମେ ବାପାଙ୍କୁ ହରେଇ ଅବସ୍ଥାଚକ୍ରରେ ଜମିଦାରୀର ବୁଝାସୁଝା ଦାୟିତ୍ୱ ବହନ କରିଛି ଏବଂ ପରମ ରୂପସୀ, ତନ୍ୱୀ, ତରୁଣୀଟିଏ ବିବାହ କରି ସଂସାରୀ ହୋଇଛି—କାବ୍ୟଚର୍ଚ୍ଚା ସେ ଛାଡ଼ିନି ଦିନକ ପାଇଁ । ସେ

# ହା'ରେ ଦୁର୍ଭାଗା ଦେଶ

ଯାହା ଲେଖୁ ପଢୁଥିଲେ—ଲେଖିବା ପ୍ରତି ଥିଲା ତାର ଏକ ଗଭୀର ନିଷ୍ଠା ! ଯାହା ଫଳରେ କବିତ୍ୱର ଅସାଧାରଣ ପ୍ରତିଭା ନ ଥାଇ ବି ସେ ଅନେକ ସୁପରିଚିତ କବି—ଆଉ ଅସାମାନ୍ୟ ଶକ୍ତି ଓ ଅଲୌକିକ ଜ୍ଞାନର ଅଧିକାରୀ ହେଇ ବି ଉପେନ୍ ଆଜି ଉତ୍କଳ-ସାହିତ୍ୟ-ଜଗତରେ ଏକ ଅଜ୍ଞାତ ଅପରିଚିତ ଜୀବ ! !

କମ୍ପାର୍ଟମେଣ୍ଟ ଲୋକରେ ଭର୍ତ୍ତି ହୋଇଯାଇଥିଲା । ଜଗତ୍ ବସିବାକୁ ଜାଗା ଖୋଜି ହତାଶ ହେଲା । ଲଳିତ କହିଲା—ଗୋଟାଏ ଷ୍ଟେସନ ତ ! ଛିଡ଼ା ହେଇ ଚାଲିଗଲେ ଚଳିବ ।

ଉପେନ୍ ପଚାରିଲା—କି କି ବହିସବୁ ଲେଖିଛୁ ?

—ପଢ଼ିନୁ ମୋ ବହି କିଛି ?

ଉପେନ୍ ଟିକିଏ ଲଜ୍ଜିତ ହେଲା । କହିଲା—ନା, ଶୁଣିଛି—କ'ଣ କେତେ ବହି ତୁ ଲେଖିଛୁ···କିନ୍ତୁ ଭାଇ, ସମୟ ଅଭାବରୁ ସେସବୁ ସଂଗ୍ରହ କରି ପଢ଼ିବାକୁ ଫୁରୁସତ୍ କରିପାରିନି । ଆଉ ତା' ଛଡ଼ା···ଅଭାବ ଅସୁବିଧା ଭିତରେ ଦେଇ ଜୀବନଟାକୁ କଟାଇବାକୁ ପଡ଼ିଲା କି ନା—ସାହିତ୍ୟ ଚର୍ଚ୍ଚାଟା···ସେଇ ସେକେଣ୍ଡ ଇୟରରୁ ଛାଡ଼ି ଦେଇଛି ।

—ବହିଗୁଡ଼ାକ ମୋ ସୁଟ୍‌କେଶରେ ଅଛି । ଆମ କମ୍ପାର୍ଟମେଣ୍ଟକୁ ଚାଲ ଦେବି । ସାହିତ୍ୟ-ସମ୍ମିଳନୀରେ କେତେ ଖଣ୍ଡ ବାଣ୍ଟିବା ପାଇଁ ନେଇ ଆସିଛି । ହଁ, ପଢ଼ିସାରି ମତାମତ ଦେବାକୁ ପଡ଼ିବ କିନ୍ତୁ ।

—ମୋ ମତାମତରେ କ'ଣ ଦରକାର ? ମୋ ଟିପ୍ପଣୀ ଉପରେ ତୋର ବହି ବିକି ହବ ନାହିଁ ?

—ନିଜକୁ ତୁ ଯେମିତି ଏତେ ନଗଣ୍ୟ କରି ଭାବୁଛୁ, ଜଗତ୍ କିନ୍ତୁ ଜାଣୁ, ତୋର ଯୁ' ପ୍ରତିଭା ଅଛି···ଏବେ ବି ତୁ କଲମ ଧରି ନ ପାରୁଛୁ ଏକ ଶକ୍ତିଶାଳୀ ସାହିତ୍ୟିକ ଭାବରେ ପୂଜା

ଯାହା ଲେଖୁ ପାରନ୍ତେ—ଲେଖିବା ପ୍ରତି ଥିଲା ତାର ଏକ ଗଭୀର ନିଷ୍ଠା ! ଯାହା ଫଳରେ କବିତ୍ୱର ଅସାଧାରଣ ପ୍ରତିଭା ନ ଥାଇ ବି ସେ ଆଜି ସୁପରିଚିତ କବି—ଆଉ ଅସାମାନ୍ୟ ଶକ୍ତି ଓ ଅଲୌକିକ ଜ୍ଞାନର ଅଧିକାରୀ ହୋଇ ବି ଉପେନ୍ ଆଜି ଉତ୍କଳ-ସାହିତ୍ୟ-ଜଗତରେ ଏକ ଅଜ୍ଞାତ ଅପରିଚିତ ଜୀବ ! !

କମ୍ପାର୍ଟମେଣ୍ଟ ଲୋକରେ ଭର୍ତ୍ତି ହୋଇଯାଇଥିଲା । ଜଗତ୍ ବସିବାକୁ ଜାଗା ଖୋଜି ହତାଶ ହେଲା । ଲଳିତ କହିଲା—ଗୋଟାଏ ଷ୍ଟେସନ ତ ! ଛିଡ଼ା ହୋଇ ଚାଲିଗଲେ ଚଳିବ ।

ଉପେନ୍ ପଚାରିଲା—କି କି ବହିସବୁ ଲେଖିଛୁ ?

—ପଢ଼ିନୁ ମୋ ବହି କିଛି ?

ଉପେନ୍ ଟିକିଏ ଲଜ୍ଜିତ ହେଲା । କହିଲା—ନା, ଶୁଣିଛି—କ'ଣ କେତେ ବହି ତୁ ଲେଖିଛୁ···କିନ୍ତୁ ଭାଇ, ସମୟ ଅଭାବରୁ ସେସବୁ ସଂଗ୍ରହ କରି ପଢ଼ିବାକୁ ଫୁରୁସତ୍ କରିପାରିନି । ଆଉ ଗାଁରେ ରହି···ଅଭାବ ଅସୁବିଧା ଭିତର ଦେଇ ଜୀବନଟାକୁ କଟାଇବାକୁ ପଡ଼ିଲା କି ନା—ସାହିତ୍ୟ ଚର୍ଚ୍ଚାଟା···ସେଇ ସେକେଣ୍ଡ ଇଅରରୁ ଛାଡ଼ି ଦେଇଛି ।

— ବହିଗୁଡ଼ାକ ମୋ ସୁଟ୍‌କେଶରେ ଅଛି । ଅନ୍ୟ କମ୍ପାର୍ଟମେଣ୍ଟକୁ ଚାଲି ଦେବା । ସାହିତ୍ୟ-ସମ୍ମିଳନୀରେ କେତେ ବହି ବାଣ୍ଟିବା ପାଇଁ ନେଇ ଆସିଛି । ହଁ, ପଢ଼ିସାରି ମତାମତ ଦେବାକୁ ପଡ଼ିବ ତତେ ।

—ମୋ ମତାମତରେ କ'ଣ ଦରକାର ? ମୋ ଟିପ୍ପଣୀ ଉପରେ ତୋର ବହି ବିକ୍ରି ହବ ନାହିଁ ?

—ନିଜକୁ ତୁ ସିନା ଏତେ ନଗଣ୍ୟ କରି ଭାବୁଛୁ, ଜଗତ୍ କିନ୍ତୁ ଜାଣୁ, ତୋର ଯୁ' ପ୍ରତିଭା ଅଛି···ଏବେ ବି ତୁ କଲମ ଧରି ତ ନ ପାରୁଣୁ ଏକ ଶକ୍ତିଶାଳୀ ସାହିତ୍ୟିକ ଭାବରେ ପ୍ରଜା

ଗ୍ରୀକବି
ସାହିତ୍ୟିକ
ସୃଷ୍ଟି, ଲଳି
"ଭୋକ"
ବିଶ୍ୱ-ସାହି
ସମର୍ଥ
ସମର୍ଥନ କ

—ଦେଶର ସାହିତ୍ୟକ୍ଷେତ୍ର ଏତେ ପ୍ରସ୍ତୁତ ନା କ'ଣ ? ଉପେନ୍ ଆଶ୍ଚର୍ଯ୍ୟରେ କହିଲା···ସାହିତ୍ୟିକ ପ୍ରତିଷ୍ଠା ଏତେ ସୁଲଭ ହୋଇ ପଡ଼ିଛି ?

—ଖବର ରଖିନୁ କି ନା ? ଜଗତ୍ କହିଲା—କେଁରେ, ଓଡ଼ିଶାରେ ବର୍ତ୍ତମାନ ସାହିତ୍ୟିକ ହବା ଏତେ ସହଜ ଯେ ତୁ କଳ୍ପନା କରିପାରିବୁନି ! ଜାଣୁ···ଆଜିକାଲି ଯେ କଲମ ଧରି ଦି'ଅକ୍ଷର ଲେଖିପାରୁଛି ସେ ବି ଗୋଟାଏ କବି ।

ଉପେନ୍ ହସି ଉଠି ଜଗତ୍‌ର ବନ୍ଧୁମାନଙ୍କ ମୁହଁକୁ ଗ୍ରହିଁଲା । କିନ୍ତୁ ଜଣକୁ ହେଲେ ସରସ ଦେଖିଲା ନାହିଁ । ଉପେନ୍ ଅନୁମାନ କଲା··· ଜଗତର ଏପରି ଟିପ୍ପଣୀରେ ସମସ୍ତେ ମର୍ମାହତ । ହୁଏତ···ସାହିତ୍ୟ-କ୍ଷେତ୍ରରେ ସେମାନେ ପ୍ରତ୍ୟେକ ଶିକ୍ଷାନବିସ୍ ! !

ଅନ୍ୟ ଷ୍ଟେସନରେ ଗାଡ଼ି ଛିଡ଼ା ହବା ମାତ୍ରକେ ଉପେନ୍‌କୁ ନେଇ ଜଗତ୍ ତା ବନ୍ଧୁମାନଙ୍କ ସହିତ ଓହ୍ଲାଇ ପଡ଼ି ଇଣ୍ଟରକ୍ଲାସ କମ୍ପାର୍ଟମେଣ୍ଟ ଆଡ଼େ ଧାଇଁ ଗ୍ଲେଲା । ଗାଡ଼ି ଖୁବ୍ ଅଳ୍ପ ସମୟ ପାଇଁ ଛିଡ଼ା ହୁଏ । ସାଙ୍ଗେ ସଙ୍ଗେ ଘଣ୍ଟି ବାଜିଲା । ସମସ୍ତେ ଧଡ଼ପଡ଼ ଉଠିପଡ଼ିଲେ । ଉପେନ୍ ଜଗତ୍ ପଛରେ କମ୍ପାର୍ଟମେଣ୍ଟ ଦୁଆର ମୁହଁରେ ଛିଡ଼ା ହୋଇ ଲକ୍ଷ୍ୟ କଲା—ଶୁଭ୍ର, ସ୍ନିଗ୍ଧ, ମସୃଣ ଚେହେରା ନେଇ ଅନେକଗୁଡ଼ିଏ ଯୁବକ ଆଉ ପ୍ରୌଢ଼ ଭିତରେ ବସି କି ଗମ୍ଭୀର ଆଲୋଚନାରେ ଯେପରି ଖୁବ୍ ବ୍ୟସ୍ତ ରହିଛନ୍ତି । ଜଗତ୍‌କୁ ଦେଖି କେତେ ଜଣ ଆଲୋଚନାରୁ ନିରସ୍ତ ହୋଇ ଗୋଟାଏ ଷ୍ଟେସନ ଆତ୍ମଗୋପନ କରି ରହିବା ସମ୍ବନ୍ଧରେ କୌତୂହଳ ପ୍ରକାଶ କଲେ । ଜଗତ୍ ସେମାନଙ୍କ ସନ୍ଦେହର ଉତ୍ତରଟିକୁ ଟିକିଏ ହସିଦେଇ ଉପେନ୍‌ର ହାତ ଟାଣିନେଇ ଭିତରକୁ ପଶିଗଲା କଥା ଉପେନ୍ ହଠାତ୍ କେତେ ରକମର ସୁଗନ୍ଧ ତୈଳର ମିଶ୍ରିତ ଖୁସ୍‌ବୋ ରୁ ପାଇ ସଚେତନ ହୋଇଉଠିଲା ! "ସାହିତ୍ୟିକ ଆବହାଓ୍ୱା"—ଯାଉଛି, ମନେ ଏଇ କଥାଟି ଜଗତର ଉପେନ୍ ଉପସ୍ଥିତ ଭଦ୍ରମଣ୍ଡଳୀଙ୍କ ଉଁଆସୁଁଆ ପ୍ରତ୍ୟେକଙ୍କୁ ନିରୀକ୍ଷଣ କରି ଦେଖିଲା । ବିବାହ

ଜଗତ୍ ଉଚ୍ଛ୍ୱସିତ ଗଳାରେ ଉପେନ୍‌ର ପରିଚୟ ଦେଇ ବସିଲା···କଲେଜର କୃଷ୍ଣୀ ଛାତ୍ର, ଫାଷ୍ଟ କ୍ଲାସ ପାଇ ବି. ଏ. ପାଶ୍ କରିଛି ଏ ବର୍ଷ; ମୋର ପରମ ବନ୍ଧୁ, ପ୍ରତିଭାଶାଳୀ ସାହିତ୍ୟିକ । କଲେଜ ମାଗାଜିନ୍ ଉପେନ୍‌ର ଲେଖାଲେଖିରେ କିଛି ଦିନ ସାର୍ଥକ ହୋଇ ଉଠିଥିଲା ।

ଯେପରି ଉତ୍ସାହରେ ଜଗତ୍ ଉପେନ୍‌ର ପରିଚୟ ଦେଲା···ଶ୍ରୋତା-ମାନଙ୍କ ପାଖରୁ କିନ୍ତୁ ସେପରି ଆଗ୍ରହ ପ୍ରକାଶ ପାଇଲା ନାହିଁ । ଜଣେ ହେଲେ କାହାକୁ ସେପରି ପ୍ରସନ୍ନ ହେବାର ଦେଖାଗଲା ନାହିଁ । ସବୁଜ-ସାହିତ୍ୟ-ସମିତିର ଜଣେ ସଭ୍ୟ କହିଲେ—କଲେଜ ମାଗାଜିନ୍ ମୁଁ ପଢେନା । 'ଅହଙ୍କାର' ପତ୍ରିକାର ସମ୍ପାଦକ କହିଲେ—ମୋ ପତ୍ରିକାକୁ ଲେଖାଲେଖି କେବେ ଦେଇଥିଲେ ଦେଇଥିବେ—ମୋର ତ ବିଷୟ ନିର୍ବାଚନ କରିବାର ସମୟ ନ ଥାଏ କି ପତ୍ରିକା ବାହାରିଲା ପରେ ସେଥିରେ କ'ଣ ବାହାରିଛି—କାହା ଲେଖା ବାହାରିଛି ତା'ର ଥରେ ପୃଷ୍ଠା ଓଲଟାଇ ଦେଖିବାକୁ ଅବସର ନ ଥାଏ । ପ୍ରେସ୍ ଆଉ ବ୍ୟବସାୟ ନେଇ ମୁଁ ଯେପରି ବ୍ୟସ୍ତ, ତା' ତ ତୁମେମାନେ ଜାଣ—

କମ୍ୟୁନିଷ୍ଟ ପତ୍ରିକାର ଭୂତପୂର୍ବ ସମ୍ପାଦକ କମ୍ରେଡ ଶମ୍ଭୁନାଥ କହିଲେ—କଲେଜର ପ୍ରତ୍ୟେକ ଛାତ୍ର ତ କବି ଆଉ ସାହିତ୍ୟିକ ବୋଲାଇବାର ସ୍ପର୍ଦ୍ଧା କରନ୍ତି । କାହାକୁ ଏବେ ଚିହ୍ନି ରଖିବ !!

କମ୍ରେଡଙ୍କ ମୁହଁରୁ ଏ କଥାଟା ଶୁଣି କେତେ ଜଣ ଯୁବକ ଟିକିଏ ଅପମାନିତ ହେଲା ପରି ଜଣାଗଲା; କିନ୍ତୁ ସେ କେବଳ ମୁହୂର୍ତ୍ତକ ପାଇଁ । ଶ୍ୱକବି ହବା ପାଇଁ ଚେଷ୍ଟା କରୁଥିବା ଉତ୍କଳର ଉଦୀୟମାନ ଯୁବ ହିତ୍ୟିକ ଭୋଳାନାଥ ଯେତେବେଳେ ହସି ହସି କହିଲେ—ଦେଶର କ୍ଷ, ଲତା, ଗୁଳ୍ମ ଯୁ'ଦିନ କବି ହେବେ, କବିତାର ସ୍ୱପ୍ନ ଦେଖିବେ··· "ଭୋଳ" ହେଲେ "ଗୋଳ" ଉଠେଇବେ, ସେଦିନ ଆମ ଜାତିର କବି ବିଶ୍ୱ-ସାହିତ୍ୟ ଦରବାରରୁ ନୋବେଲ୍ ପ୍ରାଇଜ୍ ପାଇବ—ସେତେବେଳେ ସମସ୍ତେ ରୁଦ୍ଧ ହାସୋଚ୍ଛ୍ୱାସକୁ ଚୁପି ରଖି ଘନ ଘନ କରତାଳି ଦେଇ ସମର୍ଥନ କଲେ ।

ସାହିତ୍ୟର ବଡ଼ପଣ୍ଡା ଏତେବେଳକୁ ଟିକିଏ ହସିଲେ । ମାତ୍ର ସେ ହସ ବିଦ୍ରୂପର କି ପ୍ରଶଂସାର କିଛି ବୁଝାଗଲା ନାହିଁ । ସମ୍ପାଦକେ ସମ୍ପାଦକୀୟ ଗାମ୍ଭୀର୍ଯ୍ୟ ମେଣ୍ଟେନ୍ କଲେ ।

ଜଗତ୍ କହିଲା—ଉପେନ୍ ଖୁବ୍ ସୁନ୍ଦର ବକ୍ତୃତା ଦେଇପାରେ ।

—ଭଲ, ଭଲ, ବିଶ୍ୱକବି ଗମ୍ଭୀର ହୋଇ କହିଲେ—ଦେବେ ବକ୍ତୃତା—ବନ୍ଦୋବସ୍ତ କରିଦେବା ।

—କି ଦମ୍ଭ ! ଉପେନ୍ ମନେ ମନେ ହସିଲା ।

ସାହିତ୍ୟ ସଂସଦର ସମ୍ପାଦକ କହିଲେ—ଏଠି କେମିତି ଜବାବ ଦେଇଦଉଛ ହେ, ଏ ତ ଆଉ ପ୍ରବାସୀ-ସାହିତ୍ୟ-ସମିତି ନୁହେଁ—ବକ୍ତୃତା ଦବାକୁ ବସ୍ତାର ରମା—ଶାମା—ଦାମାକୁ ଭିଡ଼ ଆଣି ଛିଡ଼ା କରେଇ ଦବ ! ଏଇ କେତେଟା ଦିନ ଭିତରେ ଆମ ସାହିତ୍ୟ ସଂସଦର ଯୋ' ସୁନାମ ସୁଖ୍ୟାତିର ପ୍ରଚାର ହୋଇଛି—ତାକୁ ଅନ୍ତତଃ ଦେଖିବାକୁ ତ ହେବ ! !

ଶମ୍ଭୁନାଥ କହିଲେ—ଶୁଣୁଥିଲି ଆଜି ସନ୍ଧ୍ୟାରେ ପ୍ରବାସୀ ସାହିତ୍ୟ ସମିତିବାଲାଙ୍କର ମିଟିଂ ପଡ଼ିଗଲାଣି । ସାହିତ୍ୟ ଭବନ କାହାର ସୁରକ୍ଷିତ ରହିବ ସେଥିପାଇଁ ଧାଁ-ଧପଡ଼, ଫୁସୁର୍-ଫାସର । —ସେ ଭବନକୁ ତାଙ୍କର ପଛରେ କିଏ ? ସାହିତ୍ୟର ବଡ଼ପଣ୍ଡା କହିଲେ—ଏଥର ମୁଁ ଯଦି ସମ୍ପାଦକ ନିର୍ବାଚିତ ହୁଏ ଆପଣମାନଙ୍କ ଦୟାରେ—ତାହାହେଲେ ଦେଖିବେ ଗଡ଼ଜାତର ଯେ କୌଣସି ଗୋଟାଏ ରଜାକୁ ଧରି ମୁଁ ଛ'ମାସ ଭିତରେ ଯଦି ଦି'ତାଲା କୋଠା ନ ତୋଳେଇଛି ତ ମୁଁ ସାହିତ୍ୟିକ ନୁହେଁ ।

—ହଁ, ତା' କାହିଁକି ହବନି ? ବିଶ୍ୱକବି କହିଲେ—ମୁଁ ତ ଜଣେ ରଜାକୁ ଆଗରୁ ଠିକ୍ କରି ରଖିଛି । ମତେ ନିଜେ ସେ ଚିଠି ଲେଖି ଡକେଇ ନେଇ ଦଶ ହଜାର ଟଙ୍କା ଦବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି—

କନ୍ଦ୍ରେ ଶମ୍ଭୁନାଥ କହିଲେ—ନା, ନା, ତା' ହବ ନାହିଁ । କୌଣସି ରାଜା ମହାରାଜାଙ୍କ ଦାନରେ ଆମ ସାହିତ୍ୟ ସଂସଦର ଘର ତୋଳା ହବା କଥା ହେଲେ—ମୁଁ ଭୀଷଣ ଭାବରେ ବାଧା ଦେବି । କାହିଁକି, ଦେଶର ଜନସାଧାରଣଙ୍କଠାରୁ କ'ଣ ଆମେ ଟଙ୍କା ଆଦାୟ କରିପାରିବାନି ? "ମୂଲିଆ" କାଗଜରେ ମୁଁ ଗୋଟାଏ ବିବୃତି ଦେଇ-ଦେଲେ ଆପଣମାନେ ଟଙ୍କା ରଖିପାରିବେ ନାହିଁ—ଜାଣନ୍ତି ?

କି ସ୍ପର୍ଦ୍ଧା ! ଉପେନ ଭାବିଲା, ଦେଶବାସୀ ଯେମିତି ଏଙ୍କ କଥାରେ ଉଠନ୍ତି, ବସନ୍ତି । ବିରକ୍ତି ଲାଗିଲା ତାକୁ ଏସବୁ ହାମ୍ବଡ଼ା କଥା । କଥାରେ କାନ ନ ଦେଇ ଉପେନ୍ ଟିକିଏ ଚାରିଆଡ଼େ ଦୃଷ୍ଟି ଫେରାଇ ଚାହିଁଲା । ପଛ ପାଖ ଲମ୍ବ ବେଞ୍ଚରେ ବସିଛନ୍ତି ଯୁ'ମାନେ—ଦେଖିଲେ ମନେ ହେବ ସେମାନେ ଯେପରି ବଡ଼ ଅସହାୟ । ସାହିତ୍ୟିକ ହବାକୁ ପ୍ରବଳ ବାସନା ! କିନ୍ତୁ ସୁବିଧା ସୁଯୋଗ କିଛି ପାଉ ନାହାନ୍ତି । ଏ ପାଖ ବେଞ୍ଚରେ ବସିଥିବା ପ୍ରତିଷ୍ଠାବାନ୍ ସାହିତ୍ୟିକମାନଙ୍କ ପିଠି ଧରିଛନ୍ତି । ଏମାନଙ୍କ ଦୟା ଉପରେ ଯେପରି ତାଙ୍କର ସାହିତ୍ୟିକ ଭାଗ୍ୟ ! ମୁହଁର ବିନମ୍ର ଭାବ ଆଉ ଚକ୍ଷୁର ଶାନ୍ତ ନମ୍ର ଦୃଷ୍ଟି ଭିତରେ ଜାଣିବାର—ଶୁଣିବାର ଆଉ ଆଦେଶ ପାଳନ କରିବାର ବ୍ୟାକୁଳ ବ୍ୟଗ୍ରତା !

ଉପରକୁ ଦୃଷ୍ଟି ନିକ୍ଷେପ କରି ଉପେନ୍ ଦେଖିଲା ଚାରି ଜଣ ବେଶ୍ ଆରାମରେ ଶୋଇଛନ୍ତି । ଜଗତ୍‌କୁ ପଚାରି ବୁଝିଲା···ସେ ଚାରି ଜଣଙ୍କ ଭିତରେ ଜଣେ ଏମ୍.ଏଲ.ଏ., ଜଣେ ମନ୍ତ୍ରୀ ଦଳର କାନକୁହା ଗୁଇନ୍ଦା, ଜଣେ ଭାରତ-ସେବକ-ସମିତିବାଲା, ଆଉ ଜଣେ ନେଶନାଲ୍ ଓ୍ୱାର୍ ଫ୍ରଣ୍ଟର ବେତନଭୋଗୀ କର୍ମଚାରୀ । ଏମାନଙ୍କର ସଂସଦର କାର୍ଯ୍ୟ-ନିର୍ବାହିକା-କମିଟି ଭିତରେ ଆସିବାର ଇଚ୍ଛା ନାହିଁ । ତେଣୁ ସାହିତ୍ୟିକ ଦଳ ଭିତରେ ବସି ଆଗରୁ ମତବାଦ ପ୍ରଚାର କରିବାରୁ ସେମାନେ ନିଶ୍ଚେଷ୍ଟ । ନିଘୋଡ଼ ନିଦରେ ଶୋଇ ସେମାନେ ସଭାର ଉତ୍ତପ୍ତ ମୁହୂର୍ତ୍ତଗୁଡ଼ିକୁ ଉପଭୋଗ କରୁଛନ୍ତି ।

ଉପେନ୍ ଝ ଶୋଇବାକୁ ଉଠୁଥିଲା । ଜଗତ୍ କହିଲା—ନା, ନା, ମୁଁ ବସି ଆଉ ଥାଉ ଶୋଇ ପାରିବୁନି ତୁ । ପୃଷ୍ଠରେ ଦେହଣ୍ଟ ଶୋଇବାକୁ ବହୁତ ରାତି ମିଳିବ । କୁ' ବିଷୟରେ ତୁ ଭାବିକି ଦବୁ— ସେଇଟା ଏଇଠି କହି ରଖ ସମ୍ପାଦକଙ୍କୁ । କାଲି ତାଙ୍କ ସହିତ କଥାବାର୍ତ୍ତା କରିବାର ବେଳ ମିଳିବନି ହୁଏତ ।

ଉପେନ୍ କହିଲା—ସମ୍ପାଦକ କହିଲେ ପରା କାଲି ସବ୍‌ଜେକ୍ଟ କମିଟି ଆଗରୁ···

ବାଧା ଦେଇ କହିଲେ ସମ୍ପାଦକ—ଯାହା କହିଲି ଅବଶ୍ୟ କଥାଟା ଠିକ୍ ସେଇଆ ନୁହେଁ । କଥା ହଉଛି, ଆପଣ ଯେତେବେଳେ ଜଣେ ସାହିତ୍ୟସେବୀ, ଅଣେ ଯି ଆଗରୁ ପ୍ରବୀଣ ସାହିତ୍ୟ ସମିତି ବାଲାଙ୍କ ସହିତ ମିଶିଛନ୍ତି କି ନାହିଁ—ସେଇଟା ପରିଷ୍କାର କରି ନ ଜାଣିଲା ପର୍ଯ୍ୟନ୍ତ ଆମେ କେମିତି କ'ଣ କହିପାରିବୁ ? କହି ସେ ତାଙ୍କର ସାହିତ୍ୟିକ ବନ୍ଧୁମାନଙ୍କୁ କଣେଇ କରି ଗୃହିଁଦେଇ ସମର୍ଥନ ନେଉଁନେଲେ । ତା' ପରେ ଟିକିଏ ରହିଯାଇ କ'ଣ ଭାବିନେଇ ପୁଣି କହିଲେ—ଏପରି କହୁଛୁ ତାର କାରଣ, ଏ ଭିତରେ ସାହିତ୍ୟ-ସମିତିରୁ କେହି କେହି ଆସି ଆମ ସଂସଦରେ ସଭ୍ୟ ହୋଇ ଆମଠୁ ସବୁ ଗୁମରତକ ନେଇ ସମିତିବାଲାଙ୍କୁ ଦେଇ ଯେପରି ପ୍ରତାରକ ସାଜିଛନ୍ତି—ସେପରି ଅବସ୍ଥାରେ ହଠାତ୍ କାହାକୁ ବିଶ୍ୱାସ କରି ଆମ ସଂସଦରେ ପ୍ରବେଶ କରିବାକୁ ଅନୁମତି ଦବା ପାଇଁ ଆମେ ଟିକିଏ ଭୟ କରୁଛୁ ।

—ସାହିତ୍ୟସେବା ଭିତରେ ପୁଣି ଭିତିରିଆ ଗୁମର ଆଉ ମାର ପେଞ୍ଚ ଅଛି ନା କ'ଣ ? ଉପେନ୍ ପରିହାସ ଚଳାରେ କହିଲା ।

—ଠିକ୍ ତା' ନୁହେଁ । ତେବେ ପାର୍ଟି ପଲିଟିକ୍ସ—ଦଳଗତ ରାଜନୀତି ତ ଅଛି । ସବୁଠି ଥାଏ—ଆଉ ରହିବା କଥା ବି ତ—

—ଓ୍ ! ଉପେନ୍ କହିଲା—ମୁଁ ତେବେ ସାହିତ୍ୟ ସମିତିରେ ନାହିଁ କି ଆପଣଙ୍କ ସଂସଦରେ ରହିବାକୁ ଗୃହେଁନା ।

—ନା, ନା, ଠିକ୍ ବୁଝିନେଇ ମତେ ଆପଣ । ଓଡ଼ିଶାରେ ଜଣେ ସାହିତ୍ୟିକ ଭାବରେ ପରିଚିତ ହବାକୁ ଯଦି ଚାହାନ୍ତି, ତା'ହେଲେ ଆପଣଙ୍କୁ ନିଧାର୍ଯ୍ୟଭାବରେ ଆମ ସଂସଦର ସଭ୍ୟ ହବାକୁ ପଡ଼ିବ—ଆଉ ପ୍ରବୀଣ ସାହିତ୍ୟ-ସମିତି ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବାକୁ ପଡ଼ିବ; କାରଣ ପ୍ରବୀଣମାନେ କୌଣସିମତେ ନବୀନମାନଙ୍କର ଖ୍ୟାତି, ଯଶ, ଗୌରବକୁ ପ୍ରଶସ୍ତ ହବାକୁ ଚାହାନ୍ତି ନାହିଁ । ସେମାନେ ଚାହାନ୍ତି—କିଛି କରିବେନି, ଅଥଚ ସବୁ ହୋଇ ବସିଥିବେ—ଯୁ' ଜିନିଷଟାକୁ ଆମେ ବା ଆପଣ ଅନ୍ୟ କେହି କୌଣସିମତେ ଅନୁମୋଦନ କରିପାରୁନା । ତେଣୁ ବିଦ୍ରୋହ ସୁନିଶ୍ଚିତ ।

ଉପେନ୍ ସମ୍ପାଦକଙ୍କ ଯୁକ୍ତି ଶୁଣି ଅବାକ୍ ହେଲା ।

—ଦୁଇରେ, କହିଚାଲିଲେ ସମ୍ପାଦକ, ଆପଣ ସାହିତ୍ୟିକ ଭାବରେ ପରିଚିତ ହବାକୁ ଚାହିଁଲେ—କିଛି କାମ କରିବେ ଆମ ସଂସଦ ପାଇଁ । କଲେଜ ଷ୍ଟୁଡେଣ୍ଟମହଲରେ ଆପଣଙ୍କ ପ୍ରତିପତ୍ତି ନିଶ୍ଚୟ ଥିବ । ପ୍ରତ୍ୟେକଙ୍କ ପାଖରେ ଆମ ସଂସଦର ଗୁଣ-ଗ୍ରାମ ଗାଇ—ସଂସଦର ମୁଖପତ୍ର 'ଅହଙ୍କାର' ପତ୍ରିକାର ଗ୍ରାହକ ହବା ପାଇଁ ଅନୁରୋଧ କରିବେ । ତିନିରେ, ଆପଣଙ୍କ ଲେଖା ପ୍ରକାଶ କରାଇବାକୁ ଇଚ୍ଛା ଥିଲେ—ଏସବୁ ପ୍ରାଇଭେଟ୍ କଥା ଅବଶ୍ୟ—ଯାକୁ ଖୁବ୍ ଗୋପନ ରଖିବାକୁ ହବ—କେବଳ ଜଗତ୍‌ବାବୁ ଆପଣଙ୍କ ସମ୍ବନ୍ଧରେ ଉଚ୍ଚମତ ପୋଷଣ କରିଥିବା ହେତୁ ମୁଁ କହୁଛି—ହଁ, ଲେଖାଲେଖି ପବ୍ଲିଶ୍ କରାଇବାକୁ ଇଚ୍ଛା ଥିଲେ ଖୁବ୍ କମରେ ଚାଳିଶ ଜଣ ବାର୍ଷିକ ଗ୍ରାହକ କରେଇବାକୁ ପଡ଼ିବ । ପତ୍ରିକାଟି ଆମର ଚାଳିଶ ପୃଷ୍ଠା ହୁଏ । ଚାଳିଶ ଜଣ ଗ୍ରାହକ କରେଇଦେଇ ପାରିଲେ ଆପଣଙ୍କ ଲେଖା—ଯାହା ତାହା ହୋଇଥାଉ ପଛକେ—ସବା ଶେଷ ପୃଷ୍ଠାରେ ନିଶ୍ଚୟ ପ୍ରକାଶିତ ହେବ ।

—ସବା ଶେଷ ପୃଷ୍ଠାରେ ? ଉପେନ୍ ଟିକିଏ କପଟ ଦୁଃଖ ପ୍ରକାଶ କରି କହିଲା ।

—ନିରାଶ ହବାର କିଛି ନାହିଁ—ସମ୍ପାଦକ ସାନ୍ତ୍ୱନା ଦେଇ କହିଲେ—ଏ ତ ଆମମାନଙ୍କର ନିୟମ ! କିନ୍ତୁ ଗୋଟାଏ ସୁବିଧା ଅଛି,

ଆପଣ ପାଞ୍ଚ ଜଣ ଲେଖାଏଁ ଗ୍ରାହକ ବଢ଼େଇ ଦେଇପାରିଲେ ଆପଣଙ୍କ ଲେଖା ପୃଷ୍ଠାଏ ପୃଷ୍ଠାଏ କରି ଆଗଉଥିବ ।

ନଗର କହିଲା—ଉପେନ୍‌ର ଖୁବ୍ ପ୍ରତିପତ୍ତି ଅଛି କଲେଜ-ଷ୍ଟୁଡେଣ୍ଟଙ୍କ ଭିତରେ । ସେ ଯଦି ଏକକାଳୀନ ଶହେ ଗ୍ରାହକ କରେଇ ଦେଇ-ପାରିବ ?

—ବେଶ୍ ତ, ସମ୍ପାଦକ କହିଲେ—ତାଙ୍କ ଲେଖା ଯାହାହେଲେ ପତ୍ରିକାର କୋଉଏ ପୃଷ୍ଠାରେ ସ୍ଥାନ ପାଇବ ।

—ଦୁଇଶ' ହେଲେ ?

—ସବା ପ୍ରଥମରେ ।

—ସବା ପ୍ରଥମରେ ! ଉପେନ୍ ଆଶ୍ଚର୍ଯ୍ୟ ଗଳାରେ ପଚାରିଲା ।

—ନିଶ୍ଚୟ ।

— ଲେଖା ?

—ଲେଖା ଯାହା ହେଉ ପଛକେ ।

ସମ୍ପାଦକ କହିଲେ—ଆରେ ଆମେ ତ ସାହିତ୍ୟର ମା—ବାପ । ଆମେମାନେ ଯାହା ଚାହିଁବୁ—ତା' କରିଦେଇ ପାରିବୁ । ପଥରରେ ଦୂବ ଫୁଟାଇ ଦେଇପାରେ ଯେ ସେ କ'ଣ କରି ନ ପାରେ ? ଆମେ ଇଚ୍ଛା କଲେ ତ ଆପଣ ଏକା ଦିନକେ ସାହିତ୍ୟିକ । ଆପଣଙ୍କ ସାହିତ୍ୟିକ ପ୍ରତିଷ୍ଠା ଆମ କୃପା-ଦୃଷ୍ଟିପାତରେ—

—ଆଉ ତା' ଛଡ଼ା ତୁମେ ତ ବି. ଏ. ! କହିଲେ ସମ୍ପାଦକ ।

—ଆଜ୍ଞା ! ଉପେନ୍ ହସ ଚାପି ରଖି ଗମ୍ଭୀର ହୋଇ କହିଲା ।

—ତେବେ ଆଉ କ'ଣ ? ଦେଶର ଅଧା-ପାଠୁଆ, ଦରପାଠୁଆ ଯୁଠି ଆମ ଦପ୍ତରରେ ଆଜି ଲେଖକ—ସେଠି ତୁମେ ହେବ ନାହିଁ କାହିଁକି ?

—କିନ୍ତୁ ପ୍ରଥମ ପୃଷ୍ଠାରେ ଆପଣଙ୍କର ସମ୍ପାଦକୀୟ ବାହାରେ ପରା ! ଉପେନ୍ ପଚାରିଲା ।

—ସେମିତି କିଛି ଧରାବନ୍ଧା ନିୟମ ନାହିଁ । ଆପଣଙ୍କ ଲେଖା ପାଇଁ ନ ହେଲେ ତ ସମ୍ପାଦକୀୟପୃଷ୍ଠାକୁ ପଛେଇ ଦିଆଯିବ । ନା କ'ଣ କହୁଛନ୍ତି ବିରୂପାକ୍ଷବାବୁ ? ସମ୍ପାଦକ ସାହିତ୍ୟର ବଡ଼ପଣ୍ଡାଙ୍କୁ ଲକ୍ଷ୍ୟକରି ପଚାରିଲେ ।

ବିରୂପାକ୍ଷବାବୁ ବସି ଢୁଳାଉଥିଲେ । ହଠାତ୍ ଚମକିଉଠି କହିଲେ—ସେକିକାର ପ୍ରତିଭା ଦୃଷ୍ଟିରୁ ପଛେ ସମ୍ପାଦକୀୟପୃଷ୍ଠାକୁ ମୁଁ ପଛେଇଦେବି—ତେବେ, କ'ଣ ଲେଖନ୍ତି ଆପଣ ?

—"କବିତା"—ଉପେନ୍ କହିଲା ।

—କି ପ୍ରକାର କବିତା ?

—ମୁଁ ଲେଖିବି ଗଣ-କବିତା ।

—ଛେଃ, ଛେଃ, ଆପଣମାନଙ୍କର ସବୁ ହେଉଛି କ'ଣ ! ଗଣ-ସାହିତ୍ୟ, ଗଣ-କବିତା, ଗଣ-ବିପ୍ଳବ । ଆଛା ଦୁଆ ଉଠିଛି ତ ଏ ଓଡ଼ିଶା ମାଟିରେ ! ସାହିତ୍ୟ-ନିକୁଞ୍ଜକୁ କଟାକଟି କରି ଆପଣମାନେ ଗଣଙ୍କ ପାଇଁ ଗୃହଭୂଇଁ ତିଆରି କରିବେ ନା କ'ଣ ?

ବିଶ୍ୱକବି କହିଲେ—ଦେଖନ୍ତୁ, ଆମେ ସାହିତ୍ୟରେ ସବୁ ଅତ୍ୟାଚାର ସହ୍ୟ କରିପାରୁ; କିନ୍ତୁ କୋଡ଼ି, କୋଦାଳ, କାଙ୍କି, ଦା', ହାତୁଡ଼ିର ପ୍ରାଦୁର୍ଭାବକୁ କୌଣସିମତେ ପ୍ରଶ୍ରୟ ଦେଇପାରୁନା ।

କମ୍ରେଡ଼ କବି ଗର୍ଜନ କରିଉଠିଲେ—ଦେଖନ୍ତୁ, ଏପରି କହିବେନି ତ ଭୋଳାନାଥବାବୁ—ସତ କହୁଚି, ମୋର ଆପଣମାନଙ୍କ ସହିତ ପଟିବନି, ବରଂ ମୁଁ ଓ୍ୱାକ୍ ଆଉଟ୍ କରିଯିବି ସଂସଦରୁ । ସମିତିରେ ବି ମିଶିବନି, ନିରପେକ୍ଷ ରହିବି । ଏ ଦା'—ହାତୁଡ଼ି ଯୁଗରେ ଆପଣଙ୍କ ପ୍ରେମ

କବିତାକୁ ପଢ଼ିବ କିଏ ? ଶ୍ରମ ଉପରେ ଆଜି ସଂସାର ନିର୍ଭର କରୁଛି । ଶ୍ରମିକ ଆପଣଙ୍କର କଳ୍ପନାକୁଞ୍ଜରେ ବିରହ-ବିଧୁର ବେଣୁ-ବୀଣା-ମୂର୍ଚ୍ଛନା ଶୁଣିଲେ ବଞ୍ଚିବ ନା ମରିବ ?

ବିଶ୍ୱକବି ଅଣ୍ଟା ସଳଖି ବସିଲେ, କହିଲେ—ଆଚ୍ଛା···ଆପଣଙ୍କ କଥା ହିଁ ବିଚାର କରାଯାଉ । ଭାରତ ରୁଷିଆ ନୁହେଁ । ରୁଷିଆ ଆଦର୍ଶରେ ଆପଣମାନେ ଭାସି ଚାଲିଛନ୍ତି କାହିଁକି ? ଆମ ଦେଶ କଳକାରଖାନା ଶ୍ରମିକଙ୍କ ଦେଶ ନୁହେଁ—ଚାଷୀ ମୂଲିଆଙ୍କ ଦେଶ । ଆଚ୍ଛା କହନ୍ତୁ, ଆପଣମାନେ ଯେଉଁସବୁ କବିତା ଲେଖିଛନ୍ତି, ତାକୁ କେତେ ଜଣ ଚାଷୀ-ମୂଲିଆ ପଢ଼ୁଛନ୍ତି ! କହୋ, ସେମାନେ ସକାଳୁ ଉଠି ତ ଲଙ୍ଗଳେ ଯା'ନ୍ତି ! ଆପଣଙ୍କ କବିତା ପଢ଼ିବାକୁ ସମୟ କାହିଁ ସେମାନଙ୍କର ? ଭଜନ ଲେଖନ୍ତୁ, ଭଜନ—ଭାଗବତ ଟୁଙ୍ଗୀରେ ବସି ଖଞ୍ଜଣି ମାଡ଼ି କରି ଚଳମ ଟାଣି ଗାଇବେ ।"

କମ୍ରେଡ଼ ଗାଜିଉଠିଲେ । କହିଲେ—ଦେଖୁଛି ଆପଣଙ୍କର କାଣ୍ଡଜ୍ଞାନ ନାହିଁ । ମିଛରେ ଆପଣଙ୍କୁ ସମସ୍ତେ ପାଗ୍‌ଳା—ପାଗ୍‌ଳା ବୋଲି କହନ୍ତି ? ବିଶ୍ୱକବି ହେବେ -ନୋବେଲ ପ୍ରାଇଜ୍ ନେବେ ବୋଲି ଘର ଦାଣ୍ଡରେ ହାଟରେ କହି ବୁଲୁଛନ୍ତି—କିନ୍ତୁ ବାହାର ଜଗତରେ ଅଜି ମନୁଷ୍ୟର ଚିନ୍ତାଧାରାରେ କି ଯୁଗ ବିପ୍ଳବ ସଂଘଟିତ ହେଉଛି·· କିଛି ଖବର ରଖିଛନ୍ତି ? ଖାଲି ବଣ୍ଡ ପାଗଳଙ୍କ ପରି—

ମୁଁ ତ ତାକୁ ଦେଖି ଭୋଳ
ମୋ ଭିତରେ ଜାଗେ ଗୋଳ—
ତା ରୂପ ମୋ ଜପାମାଳ,
ମୋ ବୁକୁରେ ବାଜେ ତାଳ ।

ଏଇମିତି ପ୍ରେମ କବିତା ଲେଖିଲେ ଆପଣ ନୋବେଲ୍ ପ୍ରାଇଜ୍ ନେବେ ?

ସମସ୍ତେ ଠୋ—ଠୋ କରି ହସିଉଠିଲେ । ନିଜ ନିଜ ସିଟ ଛାଡ଼ି ଦଳେ ଆସି କମ୍ରେଡ଼ କବିଙ୍କ ପାଖେ···ଦଳେ ବିଶ୍ୱକବିଙ୍କ ପାଖେ ଆସନ ଜମେଇ ବସିଲେ । ଗୁଲଲ୍ ଗୁମୁଲ ଆଲୋଚନା ।

ବିଶ୍ୱକବି ବିଶ୍ୱମୂର୍ତ୍ତି ଧରିଲେ । କହିଲେ—ଆପଣଙ୍କର ଖୁବ୍ ସଂକୀର୍ଣ୍ଣ ମନୋବୃତ୍ତି ଦେଖୁଛି । ସାହିତ୍ୟଟାକୁ ସମାଜର ଶ୍ରେଣୀ-ବିଭାଗ ଭିତରକୁ ଟାଣି ଆଣୁଛନ୍ତି କାହିଁକି ବୁଝିପାରୁନି ? ବିଶ୍ୱସାହିତ୍ୟର କି କି ବହି ପଢ଼ିଛନ୍ତି ଆପଣ ? ଇଣ୍ଟରନ୍ୟାସନାଲ ଲିଟରେଚର ସହିତ ସମ୍ବନ୍ଧ ଅଛି ଆପଣଙ୍କର ? ଖାଲି—

ଛେକ କଲିଙ୍ଗି ଲୋକ, ଦିଅ ହେ ଦିଅ ଭାତ
ନ ଦେଲେ ମତେ ଭାତ ମୁଁ ଛାଡ଼ିବି ନାହିଁ ବାଟ
ଯେତେ ଅଛନ୍ତି ଟମି
ସଭିଙ୍କି ଦେବି ହାଣି
କୋଡ଼ି କୋଦାଳ ଧରି ମୁଁ ଦେବି ଶକତ ଗେଟ ।

ଏଇଆ ଲେଖିଦେଲେ କ'ଣ ଶ୍ରମିକରାଜ ହୋଇଯିବ ?

ପୁଣି ଯୁ' ଗଣ-କବି ଏ କଥା ଲେଖୁଛନ୍ତି ଆଉ ଗାଉଛନ୍ତି—

ଶୋଷିତ ଯେତେ ଦଳିତ ଯେତେ
ଜାଗରେ ଭାଇ ଜାଗ,
କବି ମୁଁ ଜାଗେ କୋଦାଳ କାନ୍ଧେ
ବିଶ୍ୱେ, ସବା ଆଗ ।

ସେଇ ହୁଏତ ନିଜେ ଶହେ ଏକର ଜମିର ଜମିଦାର । ଦି ମହଲା କୋଠାରେ ଶୁଅନ୍ତି । ଲୁଚି—ପଲାଉ ଖାଆନ୍ତି । ପିନ୍ଧନ୍ତି ବାହାରର ଲୋକଦେଖାଣିଆ ପାଇଁ ମୋଟା ଖଦଡ଼ ଅଥଚ ଘର ଭିତରେ ସରୁ ମର୍ସିରାଇଜଡ଼୍ ଧୋତି ଉପରେ ସିଲ୍କ ପଞ୍ଜାବି—ଆଉ ପଞ୍ଜାବି ପକେଟ ଭିତରେ ଅଟୋ ଦିଲ୍‌ବାହାରର ଏସେନ୍‌ସ-ଭିଜା ରୁମାଲ ! ଖୋଜି ବୁଲନ୍ତି କବିତା ଲେଖିବା ପାଇଁ ପ୍ରେରଣା—ନର୍ସ, ଶିକ୍ଷୟିତ୍ରୀ, କଲେଜ-ଗାର୍ଲ ବା ଦରକାର ପଡ଼ିଲେ ପଣ୍ଡିତାଙ୍କଠାରୁ । ବାହା ହୁଅନ୍ତି ଜମିଦାରର ଅଲଅଲ ଝିଅଙ୍କୁ ସମ୍ପତ୍ତି ଆଉ ଯୌତୁକ ଲୋଭରେ । ଚଢ଼ନ୍ତି ମଟର ନଇଲେ ଫିଟନ୍ ଗାଡ଼ି । ବୁଲନ୍ତି ପିଚ୍‌ଦିଆ ରାସ୍ତା ଉପରେ—ସିଗାରେଟ ଫୁଙ୍କି ଇଣ୍ଟଲେକ୍‌ଚୁଆଲ ପ୍ରେମର ସ୍ୱପ୍ନ ଦେଖନ୍ତି ରୁପେଲି ପରଦା ଉପରେ ସିନେମା ଘରେ ! !

—ପଲ୍ଲୀ—ଗାଁ, ହୁଡ଼—ମାଟି, ଦାଆ ଲଙ୍ଗଳ, ଚାଷୀ ମୂଲିଆ ସହିତ ଜୀବନର ସମ୍ବନ୍ଧ ନାହିଁ କି ନିଷ୍ଠାର ଯୋଗ ନାହିଁ; କିନ୍ତୁ ଲେଖନ୍ତି···ଲମ୍ବା ଲମ୍ବା ଗଣ-କବିତା—ବୋଲନ୍ତି ନିଜକୁ ଗଣ-କବି ! କାର୍ଲମାର୍କସଙ୍କ କେତେଖଣ୍ଡ ବହି, ଏମ୍. ମସାମାଙ୍କର କେତୁଟା ବଡ଼ ବଡ଼ କଥା···! ମୂର୍ଖ କୃଷକଦଳଙ୍କୁ ଏକଜୁଟ କରି କେତେଟା ସଭା-ସମିତି ଆଉ ସେଥିରେ କେତୁଟା ମନଭୁଲାଣିଆ କଥା—ଭୋକ, ଭାତ, ଲୁଗା-ଗାମୁଛା, ରୟତ, ପ୍ରଜା, ଧନୀ, ଜମିଦାର, ବିଦ୍ରୋହ, ବିପ୍ଳବ ! ଦେଶ ଆମର, ଦେଶ ସାଧାରଣର, ଦେଶ ଶ୍ରମିକର, ଦେଶ ଚାଷୀ-ମୂଲିଆର । ଇନା ହେଇନି, ହେନେ ହେବ । ରୁଷିଆରେ ହେଉଛି···ଆମେ ମଧ୍ୟ କରିବୁ ! ଏଇପରି କେତୁଟା ଲମ୍ବା କଥା—ଗରମାଗରମ ଭାଷଣ ଦେଇ ବୋଲାଇଲେ କ'ଣ ନା ଗଣ-ନେତା !!

—ବନ୍ଦ କରନ୍ତୁ, ବନ୍ଦ କରନ୍ତୁ—ରାସ୍କେଲ୍ ! କନ୍ଦୁଡ଼ି ଉଠିଦେଇ ଧରି ପକେଇଲେ ଆଣ୍ଠି କରି ଧଗ୍ଗୁକବିଙ୍କ ଗଳା ।

ହୋ—ହୋ, ଗୋଟାଏ ପାଟି । ସମ୍ପାଦକ ଉଠି ଛିଡ଼ା ହୋଇଗଲେ । ତାପରେ ଉଠିଲେ ସାହିତ୍ୟରଥିରଥି । "ଏ କ'ଣ, ଏ କ'ଣ ? ଏ କି ମୂର୍ଖାମି !! ଆପଣମାନେ ସବୁ ମଣିଷ ନା ପଶୁ ?"

ଉପେନ୍ ସ୍ତବ୍ଧ ହୋଇ କେବଳ ଅନେଇ ରହିଲା । ସେ ହସିବ ନା କାନ୍ଦିବ, କିଛି ଭାବି ଠିକ୍ କରିପାରିଲା ନାହିଁ ।

ଦୁଇ ସାହିତ୍ୟିକ ଯୋଦ୍ଧାଙ୍କୁ ଶାନ୍ତକରି ସାହିତ୍ୟର ବଡ଼ପଣ୍ଡା ବିରୂପାକ୍ଷବାବୁ ଏଥର ଭାଷଣ ଦେଲେ । "ଏଇଠି ହଉଛି ଦୋଷ—ଆପଣମାନେ କାହିଁକି ଦେଶରେ ଯୁଗ ସାହିତ୍ୟିକ ବା ଯୁଗ କବି ହୋଇ ପାରୁ ନାହାନ୍ତି ? ଭୁଲ୍ ଆପଣଙ୍କର ଏଇଠି ବୁଝିବାରେ । କିନ୍ତୁ, ସାହିତ୍ୟ ଇଜ୍ ସାହିତ୍ୟ । ସେଥିରେ ପୁଣି ଗୋଟାଏ ଶ୍ରେଣୀବିଭାଗ କ'ଣ ? ଅବଶ୍ୟ [illegible] କଥା ନିଜେ କହିବା ଠିକ୍ ନୁହେଁ—ମୁଁ ଯେ ଆଜି ଆପଣମାନଙ୍କ ମଝିରେ ଆପଣମାନଙ୍କ ସମସ୍ତଙ୍କର ଶ୍ରେଷ୍ଠ ସାହିତ୍ୟିକ ତାର କାରଣ କ'ଣ ଜାଣନ୍ତି ? ମୁଁ ଅସଲରେ ସୁବିଧାବାଦୀ ସାହିତ୍ୟିକ । ସମୟ ଦେଖି, ସୁବିଧା ଦେଖି, ସୁଯୋଗ ଦେଖି ଗଣ-କବିତା ବି ଲେଖେ, ପ୍ରେମ କବିତା

ବି ଲେଖେ । ପ୍ରବୀଣ ସାହିତ୍ୟିକମାନଙ୍କ ସହିତ ମିଶେ, ସବୁଜବାଲାଙ୍କ ସହିତ ବସେ, ନବୀନ ଦଳଙ୍କ ସହିତ ହସେ । କୃଷକ-ସଭାରେ ମୁଁ ବକ୍ତୃତା ଦିଏ—ସୋସିଆଲିଜମ୍ ସମ୍ବନ୍ଧରେ ପ୍ରବନ୍ଧ ଲେଖେ—କମ୍ୟୁନିଜମ ମତ-ବାଦକୁ ସମର୍ଥନ କରେ, ଅର୍ଥାତ୍ ଦରକାର ପଡ଼ିଲେ ଗଡ଼ଜାତ ଦରବାରରେ ରାଜାଙ୍କ ପ୍ରଶସ୍ତି ବି ଥାଏ—ଜମିଦାରମାନଙ୍କ ପଇଁ ବି'ପଦ ଲେଖାଲେଖି କରିଦେଇ ପଇସା ବି ପାଏ, ଆଉ ସରକାରୀ ମହଲରେ ମିଳାମିଶା—ଚଲା-ବୁଲା କରି ଉଦ୍ଦେଶ୍ୟ ସାଧନ ବି କରେ । ମୋ ମତ ହେଲା ସଭିଙ୍କ ସହିତ ସମାନ । ମୋ ଧାରଣା ହେଲା ସବୁଠାରେ ସବୁ ସମ୍ଭବ । ଖାଲି ମିଳି-ମିଶି କରେଇନେବା ଦରକାର । ବୁଦ୍ଧି ଥିଲେ ହେଲା । ଏଇ ଧରନ୍ତୁ, ମୁଁ ଜଣେ ସାହିତ୍ୟିକ—ମୁଁ ଗଳ୍ପ ଲେଖେ, କବିତା ଲେଖେ, ପ୍ରବନ୍ଧ ଲେଖେ, ନାଟକ ଆଉ ସମାଲୋଚନା ବି ଲେଖେ ।

ଉପେନ୍ କହିଲା—ସେ ତ ହେଲା ଆପଣଙ୍କ ବହୁମୁଖୀ ପ୍ରତିଭା; କିନ୍ତୁ ସାହିତ୍ୟସେବାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ତ ଗୋଟାଏ ଥିବ !

ହସି ହସି କହିଲେ ସାହିତ୍ୟର ଅଧିରଥି ବିରୂପାକ୍ଷବାବୁ—ଉଦ୍ଦେଶ୍ୟ କୁହ, ଲକ୍ଷ୍ୟ କୁହ, ସବୁ ହେଲା ମୋର ପଇସା । ରୋଜଗାର ହେଲା ମୋ ସାହିତ୍ୟସେବାର ମୂଳ ଉଦ୍ଦେଶ୍ୟ । କବିତା, ନାଟକ, ଗଳ୍ପ, ଉପନ୍ୟାସ ଲେଖି ଆଜିକାଲି ପଇସା ମିଳୁନି ବୋଲି ପାଠ୍ୟ ପୁସ୍ତକ ଲେଖିବା ଆରମ୍ଭ କରିଦେଇଛି । ପଇସା ନ ପାଇବି ତ ଓଡ଼ିଆରେ ଲେଖିବି କାହିଁକି ?

—ପଇସା ରୋଜଗାର କ'ଣ ସାହିତ୍ୟ-ସେବାର ଲକ୍ଷ୍ୟ ହେବା ଉଚିତ ? ଉପେନ୍ ପଚାରିଲା ।

ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ଏ କ'ଣ ? ଉପେନ୍ ଏପରି ନିର୍ଭୀକ-ଭାବରେ ସାହିତ୍ୟ ଅଧିରଥିଙ୍କି ମୁହେଁ ମୁହେଁ ପ୍ରଶ୍ନ କରୁଛି ?

ବିରୂପାକ୍ଷବାବୁ ଉପେନ୍‌ର ପ୍ରଶ୍ନ ଶୁଣି ହସିଲେ । କ'ଣ କହିବାକୁ ଯାଉଥିଲେ, ହଠାତ୍ ମଝିରେ ବିଶ୍ୱକବି ଭୋଳାନାଥ ବାଧା ଦେଇ

କହିଲେ—ଠିକ୍ କହିଛନ୍ତି ବିରୂପାକ୍ଷବାବୁ—ପଇସା ରୋଜଗାର ହିଁ ମୋ ମତରେ ସାହିତ୍ୟସେବାର ଲକ୍ଷ୍ୟ ହବା ଉଚିତ । ନଇଲେ କାହିଁକି—କି ସାନ୍ତ୍ୱନା ପାଇଁ ସାହିତ୍ୟସେବା କରିବା ? ମୁଁ ଅବଶ୍ୟ ପ୍ରଥମେ ସାହିତ୍ୟସେବା ସମ୍ବନ୍ଧରେ ଖୁବ୍ ଉଦାର ମନୋଭାବ ନେଇ ସାହିତ୍ୟିକ ଜୀବନ ଆରମ୍ଭ କରିଥିଲି । କଳା ପାଇଁ କଳା । ସାହିତ୍ୟ ପାଇଁ ସାହିତ୍ୟ । ଏଇ ମତରେ ପ୍ରଭାବିତ ହୋଇ ଗଲି ବିଚ୍ଛିନ୍ନ ଅଞ୍ଚଳକୁ । ଭାଷା—ସାହିତ୍ୟର ପ୍ରଚାର ଓ ପ୍ରସାର ଭିତରେ ବାହିଲି ଦେଶମିଶ୍ରଣ ସମସ୍ୟାର ସମାଧାନ କରିବାକୁ । ଖୁବ୍ ଲେଖିଲି—ପତ୍ର-ପତ୍ରିକାରେ ଅନେକ ପ୍ରବନ୍ଧ, ଅନେକ ଗଳ୍ପ, ଅନେକ କବିତା ! ! ଦୈନିକ କାଗଜରେ ବି ଦେଲି ଲମ୍ବା ଲମ୍ବା ବିବୃତି । ସେ ଅଞ୍ଚଳରେ ଗାଁ ଗାଁ ବୁଲିଲି । ଘର ଘର ଦେଖିଲି । ଚୋରିଲି ମନ୍ଦିର । କିନ୍ତୁ ଶତ ଚେଷ୍ଟା କରି ପାଇଲିନି ଦେବଟିଏ ପ୍ରତିଷ୍ଠା କରିବା ପାଇଁ । ହୋ, କୋହ୍ଲ, ସାନ୍ତାଳ ଝିଅ କେହି ହେଲେ ଜଣେ ଦେବୀ ସାଜି ଆସି ଏ ପୂଜାରୀର ସେବା ଗ୍ରହଣ କରିବାକୁ ଲୁହିଁଥିଲେ ଅକୁଣ୍ଠିତ ପ୍ରାଣରେ ମୁଁ ବୁକୁର ରକ୍ତ ବି ଢାଳି ଦେଇଥାଆନ୍ତି । କିନ୍ତୁ କିଛି ହେଲା ନାହିଁ । ସେଇ କଳା-ଚିକ୍‌କଣ ଛୁଇଁଲୀମାନଙ୍କ କଜ୍ଜଳ ଖୋସାରେ ଫୁଲଖୋସା ଭଙ୍ଗୀ ଦେଖି ଦେଖି କେବଳ ବିହ୍ୱଳ ହେଲି—କବିତା ଲେଖି ହେଲା ଗଳ୍ପ—ମନ୍ଦିର ପ୍ରତିଷ୍ଠା ହେଲା ନାହିଁ—ଦେବୀଙ୍କର ଆବିର୍ଭାବ ହେଲା ନାହିଁ । ବିରକ୍ତିରେ ସବୁ ଛୁଡ଼ିଛାଡ଼ି ଦେଇ ପଳେଇ ଆସିଲି । ପଇସା ନାହିଁ କି ପ୍ରେମିକା ନାହିଁ—ସାହିତ୍ୟ-ସେବା କରି କି ଲାଭ ! !

ସମସ୍ତେ ଠୋ ଠୋ କରି ହସିଉଠିଲେ । ଉପେନ୍ ଏ ବଦ୍ଧ-ପାଗଳ କବିର କଥା ନ ଶୁଣି ପୁଣି କହିଲା—ସାହିତ୍ୟକୁ ବ୍ୟବସାୟ ଦୃଷ୍ଟିରେ ଦେଖିବା ସାହିତ୍ୟିକ ପକ୍ଷରେ ଘୋର ନିନ୍ଦାର କଥା ।

ସାହିତ୍ୟର ବଡ଼ପଣ୍ଡା ପୁଣି ହସିଉଠିଲେ । କହିଲେ—ହଁ, ମୁଁ ଜାଣେ, ଆମ ଦେଶରେ କେହି କେହି ସାହିତ୍ୟ ସମ୍ବନ୍ଧରେ ଖୁବ୍ ବଡ଼ ବଡ଼ କଥା କହିବାକୁ ଆରମ୍ଭ କରିଛନ୍ତି । ମେଟେହର କବି ଲୁଗା ବୁଣି—ନ ଖାଇ—ନ ପିଇ ବୁଢ଼ା ଓଡ଼ିଆ ସାହିତ୍ୟର ଗନ୍ଧାଘରକୁ ଅମୂଲ୍ୟ ମଣି ମାଣିକ୍ୟରେ ଭରିଦେଇ ଯାଇଛନ୍ତି । ଜାତି ତାଙ୍କ ସାହିତ୍ୟିକ ଦାନର

ମୂଲ୍ୟ ଦେଇ ନ ଥିଲେ ବି ତାଙ୍କର କୌଣସି ଦୁଃଖ ବା ଅଭିମାନ ନ ଥିଲା । କିନ୍ତୁ କାହିଁ, ଏତେ ବଡ଼ ସାହିତ୍ୟିକ ମନୋଭାବ ନେଇ ଯୁ'ମାନେ ଏସବୁ କଥା କହୁଛନ୍ତି ସେମାନେ ପେଟକୁ ଧୋବାଘରେ ପକେଇ କେବଳ ସାହିତ୍ୟସେବାରେ ନିଜକୁ ନିୟୋଜିତ କରିପାରୁ ନାହାନ୍ତି କାହିଁକି ? ଏପରି ସମାଲୋଚକମାନଙ୍କ ପ୍ରତି ମୋର ବଡ଼ ଘୃଣା ହୁଏ । କିଛି ଦିନ ପ୍ରଗତିଶୀଳ ସାହିତ୍ୟ ବିରୁଦ୍ଧରେ କେତେ ଜଣ ଖଡ୍‌ଗ ଉତ୍ତୋଳନ କଲେ । କହିବାର ଉଦ୍ଦେଶ୍ୟ, ଆମର ପୁରୁଣା ସାହିତ୍ୟ-ବିଭବ ଯଥେଷ୍ଟ ଥାଉ ଥାଉ କାହିଁକି ପର ସାହିତ୍ୟ-ଧର୍ମରେ ଅନୁପ୍ରାଣିତ ହେବା ? କିନ୍ତୁ ଯେ ଏକଥା କହିଲେ···ଦେଖାଗଲା ତାଙ୍କର କବିତାରେ ବଙ୍ଗଭାଷାର ଭାବ—ଛନ୍ଦ—ଶବ୍ଦଯୋଜନାର ଗୁପ୍ତପାତ । ମୁଁ ଜାଣେ, ଏସବୁ ଫାଙ୍କା ଆବାଜ । ବଡ଼ ବଡ଼ କଥା କେତୁଟା କହି ଲୋକଙ୍କୁ ଚମକେଇ ଦେଇ "ନାଁ" କରିଯିବା ଉଦ୍ଦେଶ୍ୟରେ···ଗୁଲିଖିପଣିଆ !

ଉପେନ୍ କ'ଣ ଗୋଟାଏ କହିବାକୁ ଯାଉଥିଲା, ହଠାତ୍ ପୁଣି ବାଧା ଦେଇ କହିଲେ ବିରୂପାକ୍ଷବାବୁ—ସେଇ ତରୁଣ ସାହିତ୍ୟିକଙ୍କ କଥା କହୁଚି—ଶୁଣନ୍ତୁ । କଥାରେ କେମିତି ସ୍ଥିରତା ନାହିଁ ତାଙ୍କର ! ଥରେ ସେ କହିଲେ ଅନ୍ୟାନ୍ୟ ଦେଶ ତୁଳନାରେ ଓଡ଼ିଆର ସାହିତ୍ୟ, ସଭ୍ୟତା ଆଉ ସଂସ୍କୃତି ଢେର୍ ଉଚ୍ଚରେ । ଅଥଚ ସେଇ ପୁଣି ନ ଭାବି ନ ଚିନ୍ତି ଲେଖିବସିଲେ ଓଡ଼ିଆ ଜାତିର କୃଷ୍ଟି ବୋଇଲେ କିଛି ନାହିଁ । ଏ କେମିତି କଥା ? ସାହିତ୍ୟରେ ଯଦି ଜାତୀୟ ଜୀବନ ପ୍ରତିବିମ୍ବିତ ହୁଏ ତାହାହେଲେ ଯୁ' ଜାତିର ସାହିତ୍ୟ ଖୁବ୍ ଉଚ୍ଚ ଆଉ ମୂଲ୍ୟବାନ୍—ସେ ଜାତିର ଜାତୀୟ ଜୀବନ କୃଷ୍ଟିହୀନ ହେଲା କପରି ? ସାହିତ୍ୟ ଜାତିର ଚରିତ୍ର ଓ ସାମାଜିକ ଜୀବନକୁ ଗଢ଼େ—ଓଡ଼ିଆ ସାହିତ୍ୟ ସେ ଦିଗରେ ପଙ୍ଗୁ ଆଉ ଅଥର୍ବ କହି ଖୁବ୍ ଗୁଡ଼ାଏ ବଡ଼ ବଡ଼ କଥା ବଖାଣିଲେ ଅଥଚ ତାଙ୍କର ଚରିତ୍ର ଆଉ ସାମାଜିକ ଜୀବନରେ ସବୁଠୁ ବଳି ବଡ଼ କଳଙ୍କର ଛାପ । ସେଇଥିପାଇଁ କହୁଥିଲି ସାହିତ୍ୟରେ ସେବା, ତ୍ୟାଗ ଆଉ ଧର୍ମ କଥାଟା ଯୁକ୍ତିତର୍କ ପାଇଁ ଖୁବ୍ ଭଲ ଶୁଣାଗଲେ ମଧ୍ୟ କାର୍ଯ୍ୟରେ ଠିକ୍ ଓଲଟା । ଅର୍ଥ ପାଇଁ ଯଦି ସାହିତ୍ୟସେବା ନ ହୁଏ, ତାହାହେଲେ ତାଙ୍କର ଗୋଟାଏ ବହି ପାଠ୍ୟ-ପୁସ୍ତକ ନ ହେଲା ବୋଲି

ସେ ଟେକ୍‌ଷ୍ଟ ବୁକ୍ କମିଟିରେ ଶ୍ରାଦ୍ଧ ବାଡ଼ିବସିଲେ କାହିଁକି ? ପଇସା ପାଇବାର ଯୋଗ୍ୟତା ଯାହାର ନାହିଁ, ସେଇ କଟକ ସାହିତ୍ୟ ପାଇଁ ସାହିତ୍ୟ—ଉଦାର ସାହିତ୍ୟସେବା ସମ୍ବନ୍ଧରେ ବକ୍ତୃତା ଝାଡ଼ିବା ତାଙ୍କର ହିଁ ଦରକାର ପଡ଼େ ।

—କିନ୍ତୁ ସବୁଠି ଦେଖାଯାଏ, କବିମାନଙ୍କ ଜୀବନରୁ ଆଦର୍ଶ ଖୋଜାଯାଏ ନାହିଁ ... ଖୋଜାଯାଏ ସେମାନଙ୍କ ସାହିତ୍ୟିକ ଦାନରୁ ।

—ଏଇଠି ମୁଁ ପ୍ରତିବାଦ କରେ । ମହାତ୍ମା ଗାନ୍ଧି ଆଦର୍ଶ ପ୍ରଚାର କରିବା ଆଗରୁ ନିଜ ଜୀବନକୁ—ନିଜର ଆଶ୍ରମକୁ ଆଗ ଆଦର୍ଶମୟ କରି ଗଢ଼ିଥିଲେ ।

—କିନ୍ତୁ ନେତା ଆଉ କବିଙ୍କ ଜୀବନ ତ ଏକ ନୁହେଁ । ଉପେନ୍ କହିଲା ।

—ଏକ ନୁହେଁ କାର୍ଯ୍ୟରେ । କିନ୍ତୁ ଜାତି ବା ଦେଶ ଆଗରେ ଆଦର୍ଶ ପ୍ରଚାର କରିବା କଥା ଯେଉଁଠି ଉଠେ, ସେଠି ଉଭୟଙ୍କର ଦାୟିତ୍ୱ ସମାନ ।

—ଆଦର୍ଶ ବୋଇଲେ ଆପଣ କ'ଣ କହିବାକୁ ଚାହାନ୍ତି ? ଉପେନ୍ ପଚାରିଲା ।

—ଆଦର୍ଶ ବୋଇଲେ ଆଦର୍ଶ ! ଆଦର୍ଶ ସବୁଥିରେ, ଚରିତ୍ରରେ, ଶିକ୍ଷାରେ, ଦୈନନ୍ଦିନ ଜୀବନକ୍ରିୟାରେ, ସତ୍ୟ ଆଉ ମହତ୍ତ୍ୱର ଆଦର୍ଶ ! ସାହିତ୍ୟର ଅଧ୍ୟକ୍ଷଟି ଗମ୍ଭୀର ହୋଇ କହିଲେ ।

—ମୁଁ ବୁଝୁଛି, ଉପେନ୍ କହିଲା—ଆପଣ ଆଦର୍ଶ ବୋଇଲେ ବାହାର ରୂପଟାକୁ ଦେଖୁଛନ୍ତି; ଭିତରଟାକୁ ନୁହେଁ । ଆପଣଙ୍କ ମତରେ ବେଶ୍ୟାସକ୍ତ, ମଦ୍ୟପ ବା କାମୁକର ଜୀବନରେ ଆଦର୍ଶ ହୋଇ କିଛି ନାହିଁ । ତେଣୁ ତା କଥାରେ ମୂଲ୍ୟ କିଛି ଥିଲେ ସୁଦ୍ଧା ଗ୍ରହଣୀୟ ନୁହେଁ ଏବଂ ଗ୍ରହଣୀୟ କିଛି ଥିଲେ ମଧ୍ୟ ଆଦର୍ଶ ଭାବରେ ଜାତୀୟ ଜୀବନରେ ସ୍ଥାନ ପାଇବା ଉଚିତ ନୁହେଁ ।

—ହଁ, ଏକ ପ୍ରକାର ସେଇଆ ।

—କିନ୍ତୁ ମୁଁ କହେ—ଚରିତ୍ର ବୋଇଲେ କ'ଣ କେବଳ ଇନ୍ଦ୍ରିୟ-ସଂଯମକୁ ବୁଝାଏ ? ସାହସ, ଧୈର୍ଯ୍ୟ, ବୁଦ୍ଧି, ଜ୍ଞାନ, ଦୟା—ଏସବୁ କ'ଣ ଚରିତ୍ର ଭିତରେ ନୁହେଁ ? ରବୀନ୍ଦ୍ରନାଥ ଆଉ ସି. ଆର, ଦାସ ପ୍ରଭୃତି ଦେଶପୂଜ୍ୟ ନେତାମାନଙ୍କ ଚରିତ୍ର ବିରୁଦ୍ଧରେ କେତେକ ସମାଲୋଚନା ଶୁଣାଗଲେ ସୁଦ୍ଧା ସେଇମାନେ ଆଜି ଭାରତରେ ଜଣେ ଜଣେ ଶ୍ରେଷ୍ଠ ମାନବ । ସେମାନେ ବଙ୍ଗବାସୀଙ୍କ ଜାତୀୟ ଜୀବନକୁ ବିଶ୍ୱ ସମକ୍ଷରେ ଏକ ବିରାଟ ଆଦର୍ଶ ରୂପେ ଥୋଇ ଦେଇଗଲେ । ସେମାନଙ୍କ ଜୀବନକୁ ଆଉ ଆଦର୍ଶକୁ ଆଜି ଭାରତ ନତମସ୍ତକରେ ଗ୍ରହଣ କରୁଛି ।

ସମସ୍ତେ ଟିକିଏ ଆଶ୍ଚର୍ଯ୍ୟ ହେଲେ ଉପେନ୍‌ର କଥା କହିବାର ନିର୍ଭୀକ ତେଜସ୍ୱିତା ଲକ୍ଷ୍ୟ କରି ।

ଉପେନ୍ କହି ଚାଲିଲା—ମୋର ତ ମନେ ହୁଏ—ମାନବ ଚରିତ୍ରରେ ସବୁଠୁ ବଡ଼ କଥା ହେଲା ସ୍ପଷ୍ଟବାଦିତା । ହେଇ ସେଦିନ ଆପଣଙ୍କର ମାହାତ୍ମା ଗାନ୍ଧି ପୁଣି ସୁଭାଷ ବୋଷଙ୍କୁ ହଟେଇବା ପାଇଁ ସ୍ପଷ୍ଟ ଗଳାରେ କହିଦେଲେ ତ ପଟ୍ଟାଭିଙ୍କର ପରାଜୟ ହେଉଛି ମୋର ପରାଜୟ । ମହାତ୍ମାଙ୍କ ନେତୃତ୍ୱରେ ପରିଚାଳିତ ଭାରତର ଜାତୀୟ କଂଗ୍ରେସ ଆଦର୍ଶ ପୁଣି ତ ଏଇପରି ହୀନ ଆଉ କଦର୍ଯ୍ୟ ହେଇଯାଉଚି ? କହି, ଟିକିଏ ରହିଯାଇ ଉପେନ୍ ପୁଣି କହିଲା—ମୁଁ ଭାବୁଛି—ଯେ ମଦ ଖାଉଛି ବା ବେଶ୍ୟାଘରକୁ ଯାଉଛି—ନିର୍ଭୀକ ଭାବରେ ସେଇ କଥା ଯଦି ସେ କହି-ପାରିଲା, ତାହାହେଲେ ତା ଜୀବନରେ ବଳିଷ୍ଠ ଚରିତ୍ର,ଆଦର୍ଶ ସେଇଠି । ପୁଣି ଜୀବନର କୌଣସି ଏକ ମୁହୂର୍ତ୍ତରେ କେହି ବେଶ୍ୟାଘରକୁ ଯାଇ ମଦ ଖାଇଥିବା ଯୋଗୁଁ ଜୀବନରେ ଅନ୍ୟ ମୁହୂର୍ତ୍ତଗୁଡ଼ିକରେ ତାର ଦେଶକଥା ଭାବିବା, ଦେଶବାସୀଙ୍କ ପାଇଁ ଲେଖିବା ବା ଜାତି ପାଇଁ ଲଢ଼ିବା ଭିତରେ ଯେ ତା ଚରିତ୍ରର ଆଦର୍ଶ ନାହିଁ, ଏହା ତ ଆପଣ କହି-ପାରିବେ ନାହିଁ ?

ବିରୂପାକ୍ଷବାବୁ ଟିକିଏ ଗୁଁ ପୁଁ ହେଲେ ।

ଉପେନ୍‌ର ତେଜସ୍ୱିତା ଦେଖି ଉପରୁ କଂଗ୍ରେସ ଏମ. ଏଲ. ଏ. ଆଉ ଭାରତ-ସେବକ-ସମିତିର ସଭ୍ୟ ତଳକୁ ଉଠିଆସିଲେ । ଇଣ୍ଡିଆ ସର୍ଭେଣ୍ଟ ସୋସାଇଟିର ନଟଗୋପାଳବାବୁ କହିଲେ—ଆପଣଙ୍କୁ ମୁଁ ଅବଶ୍ୟ ଚିହ୍ନେନି—ତେବେ ଆପଣଙ୍କ କଥାକୁ ମୁଁ ସର୍ବାନ୍ତଃକରଣରେ ଅନୁମୋଦନ କରୁଛି । ଜୀବନର କୌଣସି ଅଂଶରେ କୌଣସି ଭୁଲ ସମସ୍ତ ଜୀବନବ୍ୟାପୀ ସାଧନାପଥରେ ଅନ୍ତରାୟ ହୋଇପାରେନା । ଏପରିକି ଅପ୍ରାକୃତ ଇନ୍ଦ୍ରିୟଲାଳସା ଚରିତାର୍ଥ କରି ବି ମୋର ଜଣେ ବନ୍ଧୁ, ଦେଶବାସୀଙ୍କୁ ସେବା କରିବାରେ ଏବଂ ସେବାର ଭିତର ଦେଇ ତାଙ୍କ ଜୀବନର ଆଦର୍ଶ ପ୍ରଚାର କରିବାରେ କୌଣସି ଦିନ ବାଧା ପାଇ ନ ଥିବା କଥା ମୁଁ ନିଜେ ଜାଣେ ।

ସମସ୍ତେ ହସିଉଠିଲେ । କିନ୍ତୁ ଉପେନ୍ କେବଳ ହସିଲା ନାହିଁ । ଭଦ୍ରଲୋକଙ୍କର ଏତେ ବଡ଼ ସ୍ପଷ୍ଟବାଦିତାକୁ ବାସ୍ତବିକ ସେ ତାରିଫ୍ କଲା ।

କଂଗ୍ରେସ ଏମ୍. ଏଲ୍. ଏ. କିନ୍ତୁ ନିଜର ବାହାଦୁରୀ ଦେଖାଇବା ପାଇଁ କହିବସିଲେ—ଏଇଠି ଆପଣଙ୍କ ସେବକ ସମିତି ସହିତ ଆମ କଂଗ୍ରେସର ପ୍ରଭେଦ । ଆପଣ ସେବା ଭିତରେ କେବଳ ମାନବିକ କର୍ତ୍ତବ୍ୟବୋଧକୁ ଦେଖନ୍ତି—ଆମେମାନେ ଦେଖୁ ସଂଗଠନମୂଳକ ରଚନାତ୍ମକ କାର୍ଯ୍ୟ ! ସେଥିପାଇଁ ଆପଣଙ୍କ ସେବା ଭିତରେ ଚରିତ୍ରର ଆଦର୍ଶକୁ କେହି ଦେଖେ ନାହିଁ···କିନ୍ତୁ ଆମ ସେବା ଭିତରେ ଆମକୁ ଆଗେ ଚରିତ୍ରର ଆଦର୍ଶ ସମ୍ବନ୍ଧରେ ସଫେଇ ଦବାକୁ ପଡ଼େ । କଂଗ୍ରେସର ସେବକ ହେବା ଏବଂ ଦେଶବାସୀଙ୍କର ସେବା କରିବା···ସେଇଥିପାଇଁ ସବୁଠୁ ବଳି ଦୁରୂହ ବ୍ୟାପାର ! ! କହି ସେ କମ୍ରେଡ଼ଙ୍କ ଆଡ଼କୁ ଚାହିଁ କହିଲେ—ଆପଣମାନଙ୍କ ସହିତ ବି ଆମର ଅସଲ କଥାରେ ପ୍ରଭେଦ ଏଇଠି—ଏଇ ସେବାର ମତିଗତ ପାର୍ଥକ୍ୟ ନେଇ । ଆପଣମାନେ ଯୁଁ "ମୁକ୍ତି" ଚାହାନ୍ତି, ତା ଭିତରେ ଜୀବନର ସର୍ବସ୍ୱଦାନର ଆଦର୍ଶ ଥାଇପାରେ; କିନ୍ତୁ ସେବାର ନୁହେଁ । କିନ୍ତୁ ଆମ ସ୍ୱାଧୀନତା ମୁକ୍ତିର ଲକ୍ଷ୍ୟ ହେଲା ଏକ ନିଧାର୍ଯ୍ୟ ନୀତି ଭିତର ଦେଇ, ସେବା ଭିତର ଦେଇ । ଦରିଦ୍ର ନାରାୟଣର ସେବା, ହରିଜନ ସେବା,; ଆଉ ସେଇ ସେବା ଭିତରେ

ଦରିଦ୍ର ଭାରତର ଦୁଃଖମୋଚନ ବା ପରାଧୀନ ହିନ୍ଦୁସ୍ଥାନର ସ୍ୱାଧୀନତା ହାସଲ ପାଇଁ ଆନ୍ଦୋଳନ—ଏପରି ଆଦର୍ଶ ସେବା ବିଶ୍ୱରେ ଦୁର୍ଲ୍ଲଭ ।

ଉପେନ୍ ହସିଉଠିଲା । କହିଲା—ମହାତ୍ମାଙ୍କ କଥା ଆପଣ ଘୂରେଇ ଫେରେଇ କହୁଛନ୍ତି; କିନ୍ତୁ କିଛି ବିଶେଷ ଓଜନ ଅଛି ବୋଲି ମୋର ମନ ହୁଏ ନାହିଁ । ମହାତ୍ମା ବାରମ୍ବାର ପରାଜିତ ହେଇ 'କଂଗ୍ରେସ' ଶବ୍ଦଟାର ନୂତନ ନୂତନ ଅର୍ଥ, ନୂତନ ନୂତନ ବ୍ୟାଖ୍ୟା ଆଉ ନିର୍ଦ୍ଦେଶ ପ୍ରଚାର କରି ଅସଲ "କଂଗ୍ରେସ" ଟିର ଜୀବନୀ-ଶକ୍ତିକୁ ନଷ୍ଟ କରିଦେଲେଣି ।

—ମାନେ ? କଂଗ୍ରେସ ଏମ୍. ଏଲ୍. ଏ. ରାମପ୍ରସାଦବାବୁ କହିଲେ—କଂଗ୍ରେସ ବୋଇଲେ ଆପଣ ବୁଝନ୍ତି କ'ଣ ?"

ଉପେନ୍ କହିଲା—କଂଗ୍ରେସ ବୋଇଲେ ମୁଁ କ'ଣ ବୁଝେ ନ ବୁଝେ···ଆପଣ ଆଉ ଆପଣଙ୍କର ଦଳ ତଥା ନିଖିଳ ଭାରତର ପ୍ରତ୍ୟେକ କଂଗ୍ରେସ ସଭ୍ୟ ଯାହା ବୁଝନ୍ତି ଏବଂ ଯେତେ ନିଧାର୍ଯ୍ୟ—ନିଶ୍ଚିତ ରୂପେ ବୁଝନ୍ତି, ତାହା ମହାତ୍ମା ଗାନ୍ଧିଙ୍କର କଂଗ୍ରେସକୁ ବୁଝିଲା ପରି ଯେ ନୁହେଁ—ଏଇଟା ଠିକ୍ ! ମୁଁ ଭଲ କରି ଜାଣେ, କଂଗ୍ରେସକୁ ଠିକ୍ କରି ଥରେ ବୁଝିଲା ପରି ଜିନିଷ କିଛି ନାହିଁ । କାରଣ ମହାତ୍ମା ଗାନ୍ଧିଙ୍କ ମୁହଁରେ କଂଗ୍ରେସର ନିଧାର୍ଯ୍ୟ କେଣ୍ଟା ଆଉ ଅପରିବର୍ତ୍ତିତ ବ୍ୟାଖ୍ୟା କିଛି ନାହିଁ । କଂଗ୍ରେସ ଗୋଟାଏ ଅନୁଷ୍ଠାନ, ଏଇମାତ୍ର ! ! ଏଇଠି ତା ନାମର ସାର୍ଥକତା ! ! କିନ୍ତୁ ତା ଉଦ୍ଦେଶ୍ୟ, ନୀତି ଆଉ ରୀତିର ଯେପରି ଘଡ଼ିକି ଘଡ଼ି ପରିବର୍ତ୍ତନ ହେଉଥିଲା କଂଗ୍ରେସକୁ କେବଳ ମହାତ୍ମା ଗାନ୍ଧିଙ୍କର ଏକ ଖିଆଲ ଆଉ ଡିକ୍‌ଟେଟୋରିଆଲ ପାୱାର ( Dictatorial Power) କହିବା ଛଡ଼ା ଆମେ ଆଉ କିଛି କହିପାରୁନା ।

କମ୍ରେଡ଼ ହସିଉଠି ଉପେନ୍‌ର ହାତ ଟାଣିନେଇ କରମର୍ଦ୍ଦନ କଲେ ।

କଂଗ୍ରେସ ଏମ୍. ଏଲ୍. ଏ. କ'ଣ ଗୋଟାଏ କହିବାକୁ ଯାଉଥିଲେ, ହଠାତ୍ ପୁଣି ଉପେନ୍ କହିଲା—କଂଗ୍ରେସ ସମ୍ବନ୍ଧରେ ଆମ ସମସ୍ତଙ୍କର

ସ୍ତ' ଧାରଣା, ସେ କେବଳ ଅନ୍ଧ ଧାରଣା !! କାହିଁକି ଏ କଥା କହୁଛି— କଂଗ୍ରେସ ସମ୍ବନ୍ଧରେ ପରିଷ୍କାର ଧାରଣା ଅନ୍ୟମାନଙ୍କର ହୋଇଥିଲେ ଦରକାର ବେଳେ ତାର ଖଣ୍ଡମଣ୍ଡରେ ଅଦଳ ବଦଳ ଅନ୍ୟମାନଙ୍କ ଚିନ୍ତାରେ ବି ହୁଅନ୍ତା ! ! କିନ୍ତୁ ନା—କଂଗ୍ରେସ ସମ୍ବନ୍ଧରେ ଯେତେବେଳେ ଯାହା ଶୁଣା ହୋଇଛି—ଯେତେ କିଛି ଅଦଳ ବଦଳ ବ୍ୟାଖ୍ୟା ଆଉ ସଂଜ୍ଞା—ସବୁ ହୋଇ ମହାତ୍ମାଙ୍କ ମୁହଁରୁ ! ! ଅନ୍ୟମାନେ କେବଳ ତାଙ୍କ ମୁଖ-ନିଃସୃତ କଥାକୁ ବଡ଼ ଗଳାରେ, ସଭା-ସମିତିରେ, ଲୋକସମାଜରେ ପ୍ରଚାର କରିଛନ୍ତି । ମହାତ୍ମାଙ୍କ ବିନା ପରାମର୍ଶରେ, ଏପରି କି ଜବାହରଲାଲଙ୍କ ପରି ନେତା କଂଗ୍ରେସ ସମ୍ବନ୍ଧରେ କିଛି ଅଧିକା କଥା ମନରୁ କାଢ଼ି କହିବାର କେବେ ଶୁଣାଯାଇ ନାହିଁ ।

—ରାଜନୀତିରେ ଜଣକୁ ଶୁଣିବାକୁ ହୁଏ...ଜଣକୁ ମାନି ନବାକୁ ହୁଏ ।

—ମାନି ନବାକୁ ହୁଏ—ଅର୍ଥ ବୁଝି; କିନ୍ତୁ ଆପଣମାନେ ଯାହା ଶୁଣୁଛନ୍ତି, ତାକୁ ନ ବୁଝି ଯେ ମାନି ଯାଉଛନ୍ତି—ଏଇ ହେଲା ସବୁଠୁ ଆଶ୍ଚର୍ଯ୍ୟର କଥା । ଅଥଚ ଯାହାଙ୍କ କଥା ମାନି ଆପଣମାନେ କଂଗ୍ରେସରେ ମାତିଛନ୍ତି, ସେ ନିଜେ କଂଗ୍ରେସର ଚାରିଅଣିଆ ସଭ୍ୟ ବି ନୁହନ୍ତି ।

କମ୍ରେଡ଼ ଶମ୍ଭୁନାଥ ଏଥର ସିଟ୍‌ରୁ କୁଦିପଡ଼ି ଉପେନ୍‌କୁ କୁଣ୍ଢେଇ ଧରି ଆନନ୍ଦ ଗଦ୍‌ଗଦ୍ ଗଳାରେ କହିଲେ—କଂଗ୍ରାଚୁ୍ୟଲେସନ୍‌ସ୍ ଚମତ୍କାର ଆପଣଙ୍କ ଯୁକ୍ତି ।

ଏମ୍. ଏଲ୍. ଏ. ମହାଶୟ ରାଗିଉଠିଲେ । କିନ୍ତୁ କ'ଣ ଭାବି ଗମ୍ଭୀର ହୋଇ କହିଲେ—ଆପଣଙ୍କ ସାଙ୍ଗରେ ମୋର ଅନ୍ୟ କେତେବେଳେ କଥାବାର୍ତ୍ତା ହେବ । ଏମିତି ଲୋକଙ୍କ ଭିତରେ ମୁଁ କଂଗ୍ରେସର ଗୁମର ଫିଟେଇ ଦବାକୁ ଚାହେଁ ନାହିଁ ।

କମ୍ରେଡ଼ କହିଲେ—କେହି ଶୁଣିବାକୁ ବୋଧହୁଏ ଚାହାନ୍ତି ନାହିଁ ।

ରାମପ୍ରସାଦବାବୁ କହିଲେ—ଦେଖନ୍ତୁ ଶମ୍ଭୁନାଥବାବୁ ! ଆପଣ ଭଦ୍ରତା ରଖି କଥାବାର୍ତ୍ତା କରନ୍ତୁ । ଆମ ଓଡ଼ିଶାର ମନ୍ତ୍ରୀଦଳ ଆପଣମାନଙ୍କ ସହଯୋଗିତା ଚାହିଁଥିଲେ ବୋଲି ଆମେ ଯେ ତାହା ବୁଝିପାରୁ ନାହିଁ, ତାର କିଛି ମାନେ ନାହିଁ । ଆପଣମାନଙ୍କର ମୌଳିକତା ନାହିଁ···କିନ୍ତୁ ଆମ କଂଗ୍ରେସର ଅଛି ।

—ଆପଣମାନଙ୍କର ମୌଳିକତା କେତେ ତା ଦେଶବାସୀଙ୍କୁ ଅଜଣା ଅଛପା ନାହିଁ । ଓଡ଼ିଶାର କୋଅାଲିସନ ମିନିଷ୍ଟ୍ରିକୁ ସହଯୋଗ ଯୋଗାଇଦେବା ପାଇଁ ଆମେ ତ ଏକ ନିର୍ଦ୍ଦିଷ୍ଟ ସର୍ତ୍ତରେ ରାଜି ଥିଲୁ; କିନ୍ତୁ ଆପଣମାନଙ୍କ ଭିତରୁ ଅନେକ ଯେ ଟଙ୍କା ଲୋଭରେ ଏପାଖ ସେପାଖ ହୋଇଛନ୍ତି···ରୂପ ବଦଳେଇଛନ୍ତି···ରଙ୍ଗ ବଦଳେଇଛନ୍ତି । ପୁଣି ଧରାପଡ଼ି ଯାଇ କଂଗ୍ରେସ ହାଇକମାଣ୍ଡଙ୍କ ଥ୍ରେଟନିଂରେ ମାଫି ମାଗି କୈଫିୟତ ଦେଇ ଶରଣ ପଶିଛନ୍ତି । ଏହାଠୁ ଭିତରେ କଂଗ୍ରେସର କି ମୌଳିକତାର ଦୃଷ୍ଟାନ୍ତ ଥାଇପାରେ ? କି ସଚ୍ଚୋଟପଣିଆ ଅଛି ଆପଣମାନଙ୍କର ?

—ଆଉ କମ୍ୟୁନିଷ୍ଟ ଦଳର ଆଦୌ ଅର୍ଥଲାଳସା ନାହିଁ ନା ?

—ପ୍ରମାଣ କରିଦେବେ ? ଶମ୍ଭୁନାଥ ଚ୍ୟାଲେଞ୍ଜ କଲେ ।

—ନିଶ୍ଚୟ, ପଅରଦିନ ତ ମିଟିଂ ଅଛି, ହାଟ ମଧ୍ୟରେ ବ୍ରହ୍ମଜ୍ଞାନ କାହିଁକି ? ସେଦିନ ସେଇଠି ବୁଝାବୁଝି ହେବା ।

ଭାରତସେବକ ସମିତିର ନଟବର ପଟ୍ଟନାୟକବାବୁ କହିଲେ— ଯାହା କୁହ, ଆମ ଓଡ଼ିଶାର ରାଜନୀତି ସବୁ ଦେଶଠୁଁ ବଳି ଜଘନ୍ୟ ।

—ମାନେ ? ରାମପ୍ରସାଦବାବୁ ପଚାରିଲେ । — ମାନେ, ଆମ ଦେଶରେ କଂଗ୍ରେସ ମିନିଷ୍ଟ୍ରି ଯେପରି ବଦନାମ ଅର୍ଜିଥିଲା···ଏ କୋଆଲିସନ ମିନିଷ୍ଟ୍ରି ବି ସେଇ ଅପକୀର୍ତ୍ତି କରିବସିଲା । କେହି କାହାକୁ କମ୍ ନୁହନ୍ତି । ଦେଶରେ ଜଣେ ହେଲେ ସଚ୍ଚୋଟ ନେତା ଦେଖାଗଲା ନାହିଁ । ଗୋଟାଏ ହେଲେ ଲୋକହିତକର ଅନୁଷ୍ଠାନ ଗଢ଼ାହେଲା ନାହିଁ । ବାପୁଜୀ ଆପଣଙ୍କ କାଳ ହୋଇଗଲା ପରେ ଏ ଦେଶରୁ କଂଗ୍ରେସ ଆନ୍ଦୋଳନ ଅନ୍ତତଃ ମରି ଲୋପ ପାଇବା ଉଚିତ ଥିଲା । କଂଗ୍ରେସ ନାଁରେ ଆମ

ଦେଶରେ ସୁ' ଜାଲ—ଜୁଆଚୋର—ଧପାବାଜି ଚାଲିଛି, ଭାରତରେ ଆଉ କୁ' ପ୍ରଦେଶରେ ସେପରି ହୀନ—କଦର୍ଯ୍ୟ ଭାବ ଦେଖାଯାଏ ନାହିଁ ।

—ଆଚ୍ଛା, "କଂଗ୍ରେସ" ମନ୍ତ୍ରିତ୍ୱ ଅମଳରେ ଦେଶରେ କ'ଣ କିଛି ଉପକାର ହୋଇନି ?

—ହଁ, ହୋଇନି କ'ଣ ? ନଟଗୋପାଳବାବୁ ରାଗିଉଠି କହିଲେ । ଜାତିର ଦେଶ-ମିଶ୍ରଣ ସମସ୍ୟାକୁ ବିହାର କଂଗ୍ରେସ ନେତା ରାଜେନ୍ଦ୍ର ପ୍ରସାଦଙ୍କ ଉପରେ ଦାନ ଦିଆହୋଇଛି—ବ୍ରାହ୍ମଣ-କରଣ-ଖଣ୍ଡାଏତ ଫିଲିଂ ଆରମ୍ଭ କରେଇ ଦେଶରେ ଭ୍ରାତୃତ୍ୱବାଦର ସ୍ୱହପାଠ କରି ଦିଆହୋଇଛି —ଡୁଡୁମା ଜଳପ୍ରପାତକୁ ମାନ୍ଦ୍ରାସକୁ ଦିଆଯାଇ ଓଡ଼ିଆ ଜାତିକୁ ଏକ ବିରାଟ ଶିଳ୍ପ ଉନ୍ନତିରୁ ବଞ୍ଚିତ କରାଯାଇଛି । ଗଗୁଣ୍ଟାଇର ବାଲ୍ ନେଇ ଦେଶର ରାଜସ୍ୱକୁ ଲୁଟ୍ କରାହୋଇଛି । ଯାଙ୍କର ଅମଳରେ ଗ୍ରାମମାନେ ବିଦ୍ରୋହୀ ହୋଇଛନ୍ତି । ୯ଜେ ମନ୍ତ୍ରୀମାନଙ୍କ କୂଟଚକ୍ରାନ୍ତରେ ବିଦେଶରୁ ବ୍ୟବସାୟୀମାନେ ଆସି ସମ୍ବଲପୁରରେ ପେପର ମିଲ୍ ସ୍ଥାପନଠୁ ଆଉ କେତେ ରକମର କାର୍ଯ୍ୟକଳାପ କରିବାର ଚେଷ୍ଟା ହୋଇଛି··· । ଝଜୁଘାଟରେର କ ଗୁଣ ବାହୁନିବ···ସେ ତ ମୂଳରୁ ଫାହାଚ ଫାହାଚ ।

କମ୍ରେଡ୍ ହସିଉଠିଲେ ।

ନଟଗୋପାଳ ବାବୁ କହିଲେ — ତାଙ୍କଠୁଁ ବଳି କୋ-ଆଲସନ ମିନଷ୍ଟ୍ରି !! ଖାଇବାକୁ ନ ଦେଇ ··· ଦେଶର ଧାନ ପରକୁ ଦେଇ ··· ଏମାନେ ଦୁର୍ଭିକ୍ଷପ୍ରପୀଡ଼ିତ ଅଞ୍ଚଳକୁ ଏକବାରେ ଜନଶୂନ୍ୟ କରାଇଦେଲେ । ଏମାନେ ଜାତିକୁ ହତ୍ୟା କଲେ । ଝଡ଼-ଝଞ୍ଜା-ବାତ୍ୟା-ପ୍ରପୀଡ଼ିତ ନିରାଶ୍ରିତ ଦେଶବାସୀଙ୍କ କରୁଣ କ୍ରନ୍ଦନ ଯାହା କାନରେ ବାଜି ନାହିଁ, ଦେଶର ଅର୍ଦ୍ଧମୃତ କଙ୍କାଳର ଦାବୀକୁ ଯେ ଭ୍ରୂକ୍ଷେପ କରିଛି, ମହାଭାରତୀୟ ଉଦାରତା ଦେଖାଇ ନିଜ ଦେଶବାସୀଙ୍କୁ ମାରି ଯେ ପରକୁ ବଞ୍ଚେଇଛି, ତା ପ୍ରତି ଶାସ୍ତି ହଉଛି କ'ଣ ଜାଣ ?

ବିରୂପାକ୍ଷବାବୁ କହିଲେ—ବାସ୍ତବିକ ।

ନନ୍ଦଗୋପାଳବାବୁ କହିଲେ — ୧୯୪୬ଠୁଁ ଆଜି ପର୍ଯ୍ୟନ୍ତ ଦେଶ ଉପରେ ଯେ ଝଡ଼-ତୋଫାନ ବହି ଚାଲିଛି···ଉତ୍ତରର ବାଲେଶ୍ୱର, ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଆଉ ସିଂଗଲା ଅଞ୍ଚଳମାନ ଯେପରି ଭାବରେ ସାଇକ୍ଲୋନଦ୍ୱାରା ପ୍ରପୀଡ଼ିତ ହୋଇଛି, ହଜାର ହଜାର ଲୋକ ଯେପରି ମରିଛନ୍ତି, ଏ ଦେଶବାସୀଙ୍କର ପ୍ରାଣ ଥିଲେ କୋଆଲିସନ ମିନିଷ୍ଟ୍ରିକୁ ଏକା ଧକକେ ଧ୍ୱସ୍ତ-ବିଧ୍ୱସ୍ତ କରି ଦେଇଥାଆନ୍ତେ ।

ଏହି ସମୟରେ ଜଣେ ବାହାରକୁ ଚାହିଁ ପାଟି କରି ଉଠିଲା— ଧୂଆଁ ! ଧୂଆଁ ! !

କଥା ଅଧା ରହିଲା । ସମସ୍ତେ ତରତର ହୋଇ ଓହ୍ଲାଇବାକୁ ବ୍ୟସ୍ତ ହୋଇଉଠିଲେ ।

ପୁରୀ ସମୁଦ୍ରକୂଳଠୁ ଅଳ୍ପ ଦୂରରେ ଗୋଟିଏ ଏକତାଲା କୋଠା । ଜଗତ୍ ତା ବନ୍ଧୁ ଦୁଇଜଣ ଆଉ ଉପେନ୍‌କୁ ସାଙ୍ଗରେ ନେଇ ଷ୍ଟେସନରୁ ସିଧାସଳଖ ସେଇଠିକି ଆସିଲା, ଅନ୍ୟମାନେ ସାହିତ୍ୟ ମଣ୍ଡପକୁ ଗଲେ ।

ରାତି ଅଳ୍ପ ଥିଲା । ଉପେନ୍ ଦିନଯାକ ପରିଶ୍ରମ କରି କ୍ଲାନ୍ତ ହୋଇଥିବା ଯୋଗୁଁ ବେଶ୍ ଆରାମରେ ଶୋଇଗଲା । ସକାଳେ ଟିକିଏ ଡେରିରେ ଉଠି ଦେଖିଲା, ଏକାବେଳେ ବାଦ୍‌ସାହୀ କାରଖାନା !! ଦି' ଦଶ୍ଟା ପୂଝାରୀ--ଦି' ଦଶ୍ଟା ଚାକର—ବଏ—ଚପରାସୀ ସବୁ କଣ୍ଟୁ ପୁରା ଥାଟରେ !! ଜଗତ୍ ଜମିଦାର ପିଲା, ଉପେନ୍ ଜାଣିଥିଲା—କିନ୍ତୁ ତାର ଯେ ଏତେଦୂରର ବଦଖର୍ଚ୍ଚି ଜମିଦାରିଆ ମେଣ୍ଟାଲିଟି ଏହା ତା କଳ୍ପନା ବାହାରେ ଥିଲା । ସେ ଆଶ୍ଚର୍ଯ୍ୟ ଆଉ ବିରକ୍ତ ବି ହେଲା !! ଜଗତକୁ ଡାକି ଟିକିଏ କଡ଼ା ସମାଲୋଚନା ଶୁଣାଇଦବାକୁ ଭାବିଲା । ଫେର୍ ହଠାତ୍ କ'ଣ ମନରେ ଭାବି ନିଜକୁ ସଂଯତ କରିନେଲା ।

ଉପେନ୍‌ର ନିଦ୍ରାଭଙ୍ଗକୁ ଚାକରମାନେ ଅପେକ୍ଷା କରିଥିଲେ । ଶେଯରୁ ଉଠି ତଳେ ଗୋଡ଼ଦେଲା ମାତ୍ରକେ ଧାଇଁଲେ ଚାକର । ଆସିଲା ମୁହଁ ଧୋଇବାର ସରଞ୍ଜାମ । ତା ପଛେ ପଛେ ଗାଧୋଇବାର ଅନୁରୋଧ । ଆଉ ଗାଧୋଇ ସାରି ଆସିଲା ବେଳକୁ ସରୁ ଧୋତି, ଅଦ୍ଧି ପଞ୍ଜାବି, ସିଲ୍‌କ ଚାଦରର ସୌଖୀନ ପରିଧେୟ !

ଉପେନ୍ ଏସବୁ ଜମିଦାରିଆ ଲୁଗାପଟା ଦେଖି ବାଧ୍ୟହୋଇ ଜଗତ୍‌କୁ ଡାକେଇ ପଠେଇଲା । ଚାକର କହିଲା--ବାବୁ ଦୁଆର କିଳି ସେପଟ ଘରେ ଅଛନ୍ତି । ବାହାରିବେ ଇଛୁଣିକା—ବେଳ ହେଇଗଲାଣି ।

—ଦୁଆର କିଳି ଘର ଭିତରେ ? ଉପେନ୍ ଆଶ୍ଚର୍ଯ୍ୟରେ ପଚାରିଲା—କ'ଣ କରୁଛି ସେ ଭିତରେ ?

## ଜମିଦାରିଆ ମାଣ୍ଡ ବାବୁ—ମୁଁ ଚାକର ଲୋକ କ'ଣ ଜାଣିବ ?

—ଉଃ ! ଉପେନ୍ ଅଗତ୍ୟା ସେ ଲୁଗା, ପଞ୍ଜାବି ନେଇ ପିନ୍ଧିଲା । ତାକୁ ବଡ଼ ବେଖାପ ବୋଧହେଲା । ଏସବୁ ଫେନ୍ସି-ଫିନିଆ ଧୋତି ଚାଦରର ସହିତ ତାର କେବେ ଦେଖାସାକ୍ଷାତ ନ ଥିଲା । କିନ୍ତୁ ନ ପିନ୍ଧି ଅନ୍ୟ ଗତି ନ ଥିଲା । ପିନ୍ଧିବା ଲୁଗାଟାକୁ ସେ ଧୋଇ ପକେଇଛି ଏବଂ କାଟିକଟା ଏତେ ଅସନା ହେଇଛି ଯେ ତାକୁ ଛୁଇଁବାକୁ ବି ପ୍ରବୃତ୍ତି ହେଉ ନାହିଁ । ଲୁଗାପଟା ପିନ୍ଧିସାରି ଆଇନା ସାମନାକୁ ଆସି ସେ ଥରେ ନିଜର ଅଦ୍ଭୁତ ବେଶଟାକୁ ଦେଖିଲା—ତାପରେ ମୁରୁକି ମୁରୁକି ହସି ଜଗତର ରୁଦ୍ଧ କୋଠରି ଆଡ଼େ ଚାଲିଲା ।

ଦୁଆର ମୁହଁରେ ଠିକ୍ ପହଞ୍ଚିଲା ବେଳକୁ ଜଗତ୍ ରୁଦ୍ଧଦ୍ୱାର ଖୋଲି ଆଗେଇଆସି ସାହେବୀ କାଇଦାରେ ସୁସ୍ୱାଗତ ଜଣାଇଲା ଏବଂ ଘର ଭିତରକୁ ଉପେନ୍‌କୁ ପାଛୋଟିନେଇ କୁସିରେ ବସେଇଲା । ଉପେନ୍ କେତେ କ'ଣ କହିବା ପାଇଁ ମନେ ମନେ ଠିକ୍ କରି ଆସିଥିଲା; କିନ୍ତୁ ଜଗତ୍‌ର ସାହେବୀ ବେଶ — ଦାମିକା ପେଣ୍ଟ, ସାର୍ଟ, କୋଟ୍, ନେକଟାଇ ଦେଖି ସ୍ତମ୍ଭୀଭୂତ ହୋଇଗଲା । ଆରେ, ଜଗତ୍‌ର ଏ କି ଅଦ୍ଭୁତ ବେଶ ! ସେ ଅବାକ୍ ହୋଇ ଜଗତ୍‌ର ସ୍ନୋ-ପାଉଡରରଞ୍ଜିତ ମୁଖ ଆଉ ଦାମିକା ତୈଳସୁରଭିତ ମସୃଣ କେଶବିନ୍ୟାସ ଆଡ଼କୁ ଅନେଇ ରହିଲା ।

ଉପେନ୍‌ର ଚାହିଁବାର ଭଙ୍ଗୀରୁ ଜଗତ୍ ବୁଝିପାରିଲା ସବୁ କିଛି । ବୁଝିପାରି ଟିକିଏ ଲଜ୍ଜିତ ହେଲା । କିନ୍ତୁ କେବଳ ମୁହୂର୍ତ୍ତକ ପାଇଁ । ଉପେନ୍ ଯେତେବେଳେ ହସି ହସି କହିଲା ତୋର କବିତ୍ୱକୁ ଖାପ୍ ଖାଇଲା ପରି ଏ ସାହେବୀ ବେଶ୍‌ଟା ନ ହେଲେ ମଧ୍ୟ ତତେ ମାନିଛି ବେଶ୍— ସେତେବେଳେ ଜଗତ୍ ସବୁ ରକମର ଅସହଜତାକୁ ଝାଡ଼ିଝୁଡ଼ି ଦେଇ ବେଶ୍ ପ୍ରସନ୍ନ ଗଳାରେ କହିଲା—ତତେ ବି ଧୋତି ପଞ୍ଜାବୀ ସାଜିଛି ବେଶ୍ ! ସିଲ୍‌କ ଚାଦରଟି ଖାଲି ବେକରେ ଗୁଡ଼େଇଦେଲେ ତୁ ହୋଇ ଉଠିବୁ କାର୍ତ୍ତିକ ପରି ଅପରୂପ ! !

ଉପେନ୍ ହସିଉଠିଲା । କହିଲା—ଯାହାହେଉ ଆଜ ମୋ ଭାଗ୍ୟରେ ରାଜଯୋଗଇ ଲେଖାଥିଲା ! ! ନଇଲେ ହଠାତ୍ କାଲି ତୋ ସାଥିରେ ଦେଖା ଆଉ ସାହିତ୍ୟ-ସମ୍ମିଳନୀ ଉପଲକ୍ଷେ ତୀର୍ଥ-ଯାତ୍ରା ବା ଘଟିଥାନ୍ତା କାହିଁକି ?

'ବଏ' ଜଳଖିଆ ଆଉ ଚା' ନେଇ ଆସିଲା । ଅନ୍ୟ ଚାରି ଜଣ ବନ୍ଧୁ ବି ଗୋଟି ଗୋଟି ହୋଇ ଆସି ଯୁଟିଲେ ।

ସନ୍ଦେଶଟିକୁ ଅଧେ ପାଟିରେ ଭରତି କରି ଲଳିତ କହିଲା—ସବ୍‌ଜେକ୍ଟ କମିଟି ବସିବ କେତେବେଳକୁ ?

—"ଦଶଟା ବୋଧହୁଏ ।" ଅନୁପମ କହିଲା ।

ଜଗତ୍ ତା ହାତ ଘଣ୍ଟାକୁ ଚାହିଁ ଟାଇମ୍ ଦେଖି କହିଲା—ବେଳ ହୋଇଗଲା, ଜଲ୍‌ଦି କର ।

ଉପେନ୍ କହିଲା—ମୁଁ କିନ୍ତୁ ଯାଉ ନାହିଁ ।

— କାହିଁକି ? ପଚାରିଲା ଜଗତ୍ ।

—ମୁଁ ତ ଅଭ୍ୟର୍ଥନା ସମିତିର ସଭ୍ୟ ନୁହେଁ ! ଚା' ଖାଇ କହିଲା ଉପେନ୍ ।

—ପାଞ୍ଚ ଟଙ୍କା ମୁଁ ଦେଇଦେବନି ?

—ସେ ଟଙ୍କା ମତେ ଦେଇଦେଲେ ମୋର ପାଞ୍ଚ ଦିନର ଖୋରାକି ଚଳିବ ।

—ସେସବୁ ହବନି । ତତେ ଯିବାକୁ ଇ ପଡ଼ିବ । କହିଲା ଜଗତ୍ ।

—ମୁଁ ଯିବନି, ନିଧାର୍ଯ୍ୟ ଭାବରେ ଯିବନି । କହିଲା ଉପେନ୍ —ତାଠୁ ବରଂ ଦୁଇ ସହରଟାକୁ ବୁଲି ଦେଖିବି ।

—ଏ କ'ଣ ? ଆଣିଲ ତତେ ଯୁଦ୍ଧପାଇଁ···

—ମତେ ଯୁଦ୍ଧପାଇଁ ଆଣ ପଛକେ ମୁଁ କିନ୍ତୁ ଯାହା କରିବି ତାକୁ ଅଦଳ ବଦଳ କରିବାର ଅଧିକାର ନାହିଁ ତୋର ।

ଜଗତ୍ ଟିକିଏ ହସିଲା । କହିଲା—ତୋର କୌଣସି କଥାରେ ମୁଁ ଅପମାନିତ ହେବା ଲୋକ ନୁହେଁ । ସଭାରେ ତତେ ଭାଷଣ ଦେବାକୁ ହିଁ ପଡ଼ିବ ।

—ସେଥିପାଇଁ ମୁଁ ପ୍ରସ୍ତୁତ । ତୁମ ସଂସଦର କର୍ମକର୍ତ୍ତା ସୁବିଧା ଓ ସୁଯୋଗ ଦେଲେ ହେଲା ।

—ଦେବେନି ! ଦେ' ମସ୍ତ । ତା ନ ହେଲେ—ଲଳିତ ଜୋର୍ ଦେଇ କହିଲା—ଆମ୍ଭେମାନେ ସମ୍ମିଳନୀରେ ଗଣ୍ଡଗୋଳ କରିବୁନି ?

ଜଗତ୍ କହିଲା—ଏତେ ଦୂର ଯିବାକୁ ହେବନି । ମୁଁ ଯେ ଏକୁଟିଆ ଶହେ ଟଙ୍କା ଚାନ୍ଦା ଦେଇଛି ! ମୁଁ ଯେ ସଂସଦର ଜଣେ ପୃଷ୍ଠପୋଷକ ! ମୋ କଥାକୁ ଏଡ଼ିଦେବେ ସେମାନେ ? ଏତେ ବେଖାତିର୍ ତାଙ୍କର ?

—ବେଶ୍ ତ—ଯା, ତାହାହେଲେ ଠିକ୍ କରିଆସିବୁ ।

ଅନୁପମ କହିଲା—ହଁ, ଆମେ ଯାଇ ଠିକ୍ କରି ଆସିବା । ଉପେନବାବୁ ଇନା ସେଠାକୁ ନ ଗଲେ ସବୁ ଦିଗରୁ ଭଲ ।

—ଆଚ୍ଛା, ଜଗତ୍ ପଚାରିଲା—ବିଷୟ କ'ଣ ?

ଉପେନ୍ କହିଲା—ବିଦ୍ରୋହୀ ସାହିତ୍ୟିକ ବା ଅର୍ବାଚୀନର ଆକ୍ଷେପ ।

ନାଁରେ ଚମକ ଅଛି । ଲଳିତ କହିଲା—ମୋ ମତରେ 'ବିଦ୍ରୋହୀ ସାହିତ୍ୟିକ' ହିଁ ଥାଉ ।

ଜଗତ୍ କହିଲା—ବେଶ୍ ।

ଉପେନ୍ କହିଲା—କିନ୍ତୁ ନାଁଟା ଶୁଣି ସାହିତ୍ୟର ବଡ଼ପଣ୍ଡାମାନେ ଚମକି ନ ହୁରୁଡ଼ିଲେ ରକ୍ଷା !!

—ହୁରୁଡ଼ିଲେ ମଧ୍ୟ ବସ୍ତାକୁ ପୁଣି ଅଡ଼େଇ ଆଣିବାକୁ ଆମ ଦଳ ତ ଅଛୁ ।

—ଆଉରି କେତେଟା ଦଳ ଅଛନ୍ତି ବୋଧହୁଏ ? ଉପେନ୍ ପଚାରିଲା ।

—ତା ଆଉ ନ ଥାନ୍ତେ ନା କ'ଣ ? ଆମ ଦଳ, କମ୍ରେଡ଼ ଦଳ, ବିଶ୍ୱକବି ଦଳ, ପ୍ରଗତି ଦଳ, ଅଗ୍ରଗାମୀ ଦଳ, ସୌଖୀନ ଦଳ—ଏଇମିତି ଆଉରି କେତେ ।

—ହଉ ଯାଅ ତୁମେମାନେ—ଉପେନ୍ ହସି ହସି କହିଲା—ନବୀନ ସାହିତ୍ୟ ସଂସଦର ଖୁବ୍ ସଂଗଠନ ଦକ୍ଷତା ଦେଖିଲି ।

ଜଗତ୍ ଉଠି ଛିଡ଼ାହେଲା । କହିଲା—ମୁଁ ଫେରିଆସେ—କହିବ ତମେ ସବୁ । ଯୁ ଦୋଷ ଯୋଗୁଁ ପ୍ରବୀଣଙ୍କୁ ଆମେ ନିନ୍ଦା କରୁଥିଲୁ··· ନବୀନଙ୍କ ଭିତରେ ସେ ଦୋଷ ଆଜି ଆଉରି ଉତ୍କଟ ଆଉ ସାଙ୍ଘାତିକ ହୋଇ ଦେଖା ଦେଲଣି । ଏ ଦେଶ ସାହିତ୍ୟର ଆଉ ସଦ୍‌ଗତି ନାହିଁ କହି ସେ ଖୁବ ଆରାମରେ ଗୋଟିଏ 'ସିଗାରେଟ୍ ଲଗେଇ,' ବନ୍ଧୁମାନଙ୍କୁ ନେଇ ଆସିଲା ବାହାରକୁ । ବାହାରେ ଟକ୍‌ସି ଅପେକ୍ଷା କରିଥିଲା । ଉପେନ୍‌କୁ ଅଳ୍ପ ଟିକିଏ ବୁଲିବୁଲି କରି ଆସି ଘରେ ରହିବା ପାଇଁ ବାରମ୍ବାର ଅନୁରୋଧ କରି ଜଗତ୍ ତା ବନ୍ଧୁମାନଙ୍କ ସହିତ ସାହିତ୍ୟ-ମଣ୍ଡପକୁ ଚାଲିଗଲା ।

ଜଗତ୍ ଚାଲିଗଲା ପରେ ଉପେନ୍ କିଛି କ୍ଷଣ ସବୁ ଘର ବୁଲି ବୁଲି ଦେଖିଲା । ଚାକରମାନଙ୍କଠୁ ବୁଝିଲା—ଜଗତ୍ ଏଠି ଖାଲି ଚାରି ମାସଟା ରହେ । ଏଥିପାଇଁ ଦଇଟା ଚାକର ପ୍ରାୟ ଏଠି ବର୍ଷଟାଯାକ ଜଗୁଆଳି ହୋଇ ପଡ଼ି ରହିଥାଆନ୍ତି । ଜମିଦାରୀ କାରବାର ! ପଇସା ଖର୍ଚ୍ଚର ହିସାବ

ନାହିଁ । ଅଫୁସ—ଫୁର୍ତ୍ତି ଆଉ କବିତା ଲେଖା···ଏଇ ହେଲା ଜଗତ୍‌ର ଜୀବନ । ଉପେନ୍ ଭାବିଲା, ମନ୍ଦ ନୁହେଁ···ମଦ ମାଇକିନିଆ ପଛରେ ବଦ୍‌ଖର୍ଚ୍ଚ ନ କରି ଜଗତ୍ କବିତା କରି ପଇସା ଉଡ଼ାଉଛି, ରକ୍ଷା ଅଛି । ତା ସଦ୍‌ବୁଦ୍ଧିକି ତାରିଫ୍ କରିବାକୁ ପଡ଼ିବ ।

ଘରଗୁଡ଼ାକ ବୁଲିସାରି ଉପେନ୍ ବାହାରକୁ ଆସିଲା । ବାରଣ୍ଡାରେ ଛିଡ଼ାହୋଇ ରାସ୍ତାଆଡ଼େ ଚାହିଁଲା । ସମୁଦ୍ରର ପ୍ରଶସ୍ତ ବକ୍ଷ ଦେଖାଯାଉଛି ସାମନାର କେତୁଟା କୋଠାର ସନ୍ଧି ଭିତରେ । ଉତ୍ତୀର୍ଣ୍ଣ ପ୍ରଭାତର କୋମଳ ରୌଦ୍ର ଚାରିଆଡ଼େ ବିଞ୍ଚାଡ଼ି ହୋଇ ପଡ଼ିଛି । ଏଇ ତ ମନ ଖୁସିରେ ଥରେ ବୁଲି ଆସିବାର ବେଳ । ଚାଲି ଚାଲି ହୋଇ ସେ ରାସ୍ତା ଉପରକୁ ଆସିଲା । ଚାଦରଟାର ଦରକାର ନାହିଁ । ଏଇ ଧୋବ ଫରଫର ଧୋତି ଆଉ ଝଲମଲ ପଞ୍ଜାବୀ ଖୁବ୍ ବେଶୀ ହୋଇଉଠିଛି । ଚାରିଆଡ଼େ ଥରେ ଆଖି ବୁଲେଇ ଦେଖିନେଇ ସେ ସମୁଦ୍ରକୂଳ ରାସ୍ତାଆଡ଼େ ଚାଲିଲା । ତା ପରେ ସେଇ ରାସ୍ତା ଧରି ସ୍ୱର୍ଗଦ୍ୱାରମୁହାଁ ହୋଇ ଆଗେଇଲା । ସମୁଦ୍ର ପାଖରୁ ସ୍ୱର୍ଗଦ୍ୱାରକୁ ରାସ୍ତାଟା ଯୁଡ଼ି ମୋଡ଼ ହୋଇଯାଇଛି—ସେଇଠି ବୁଲି ସେ ଖଣ୍ଡେଦୂର ଆଗେଇଛି···ହଠାତ୍ ଗୋଟାଏ ହୋ-ହା ପାଟି ଶୁଣି ଥକ୍କା ହୋଇ ଛିଡ଼ା ହେଲା । କଥା କ'ଣ ? ତାର କୌତୂହଳ ହେଲା । ଆଗକୁ ଯାଇ ଦେଖିଲା—ରାସ୍ତା କଡ଼ରେ ଗୋଟେ ଚାଉଳ ଦୋକାନ ସାମନାରେ ଲମ୍ବ ହୋଇ ଅଧମାଇଲ ଯାଏ ଧାଡ଼ି ଲଗାଇ ଛିଡ଼ା ହୋଇଛନ୍ତି ଦୁଇଶ ଖଣ୍ଡେ ଅଧ ଲଙ୍ଗଳା ଲୋକ । ଦେହ ଫୁଙ୍ଗୁଳା । ପିଠି ଉପରେ ଖଣ୍ଡେ ଖଣ୍ଡେ ଛିଣ୍ଡା କନିଆ । ଚାଉଳ କିଣିବାକୁ ସକାଳ ପହରୁ ଆସି ଠିଆହୋଇଛନ୍ତି ଧାରଣା ଦେଇ । ମହାଜନ ତୋଟେ କାନ୍ଥେ ନାହିରେ ତେଲ ପକାଇ ଧୀରେ ସୁସ୍ଥେ ହାତ ହଲଉଛି । ବ୍ୟଗ୍ରତା ନାହିଁ କି କ୍ଷିପ୍ରତା ନାହିଁ । କଣ୍ଟ୍ରୋଲ୍ ଦରରେ ତ ଦବାକୁ ପଡ଼ୁଛି, ଅଧିକା ପଇସାଟିଏ ତ ମିଳିବାର ଆଶା ନାହିଁ, କାହିଁକି ବ୍ୟସ୍ତ ହେବ ସେ ? ଚିଡ଼ା ହେଉଥାନ୍ତି, ହଇରାଣ ହେଉଥାନ୍ତି ଲୋକଗୁଡ଼ାକ । କେତେ ଜଣ ଫେରିଯାଉଥାନ୍ତି ନାରାଜ ହୋଇ । ସେଥିରେ ତ ଲାଭ ଅଛି । ଚାଉଳ ବଞ୍ଚିବ । ବଞ୍ଚିଗଲେ ରାତି ନଅଟା ପରେ ଦୋକାନ ପଛପଟେ ଅନ୍ଧାରିଆ କାରବାର, କଳାପୋତେଇ ! !

ବହୁତ ବେଳୁ ଛିଡ଼ା ହୋଇ ହୋଇ ଲୋକଙ୍କର ଧୈର୍ଯ୍ୟ ତୁଟିଲାଣି । ସେଥିପାଇଁ ଠେଲାଠେଲି, ପେଲାପେଲି, ପାଟିତୁଣ୍ଡ, ହଟ୍ଟଗୋଳ ! ଉପେନ୍ କିଛି କ୍ଷଣ ଛିଡ଼ାହୋଇ ଦେଖିଲା । ତାକୁ ବି ଏଇପରି କାଣି ଖାଇବାକୁ ପଡ଼େ । ତା ମେସର ଚୂଲ୍ହାଶାଳଟାକୁ ଏଇପରି ଲାଇନ୍‌ରେ ଛିଡ଼ାହୋଇ ହଇରାଣ ହବାକୁ ପଡ଼େ, କୁପନ ଆଣିବା ପାଇଁ ! ଗୃହେଲା ଗଣ୍ଡାକ ପାଇଁ ପୁଣି ଶସ୍ୟଶ୍ୟାମଳା ଉତ୍କଳର ଝିଅଆପୁଅଙ୍କୁ ଏପରି କାଙ୍ଗାଳପଣିଆ କରିବାକୁ ପଡ଼ିବ, କିଏ ଜାଣିଥିଲା ?

ଖଣ୍ଡେ ଦୂର ଆଗେଇଯାଇ ଉପେନ୍ ଦେଖିଲା ଧାଡ଼ିହୋଇ ରାସ୍ତା କଡ଼ରେ ରହିଛନ୍ତି ଅସ୍ଥିକାଙ୍ଗାଳ ମାଗିଖିଆର ଦଳ । ଛିଣ୍ଡା କୌପୁନି ଖଣ୍ଡେ ଖଣ୍ଡେ ଅଣ୍ଟାରେ । ହାତରେ ଖଣ୍ଡେ ଖଣ୍ଡେ ଭଙ୍ଗା ଖପରା । ଝଡ଼ ତୋଫାନରେ ଗୃହଶୂନ୍ୟ, ଆଶ୍ରୟହୀନ ଉତ୍ତର ବାଲେଶ୍ୱର ଅଞ୍ଚଳର ବୁଭୁକ୍ଷୁ ନରକଙ୍କାଳର ଦଳ ! ! ଏମାର ମଠରେ ଅନ୍ନଛତ୍ର ଦିଆହେଉଛି, ଏକମୁହାଁ ହୋଇ ଧାଇଁଛନ୍ତି ସମସ୍ତେ !

ପତ୍ରପତ୍ରିକାରେ ଉପେନ୍ କେବଳ ପଢ଼ିଥିଲା—ଭୋଗରାଇ, ବାଲିଆପାଳ ଥାନା ଅନ୍ତର୍ଗତ•••ବାତ୍ୟା-ପ୍ରପୀଡ଼ିତ ହଜାର ହଜାର ଲୋକଙ୍କର ଦୁର୍ଦ୍ଦଶାର କଥା—! ଆଜି କିନ୍ତୁ ଆଖିରେ ଦେଖିଲା । ସେ ବି ଚାଲିଲା ସେମାନଙ୍କ ସହିତ—ଅନ୍ନଛତ୍ର ପାଖରେ ଏ ଦରମରା ମୁର୍ଦ୍ଦାମାନଙ୍କର କରୁଣ ଅବସ୍ଥା ଥରେ ଦେଖିବା ପାଇଁ ।

ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିଲା—ସେଥିରେ ସେ ନିର୍ଜୀବ ପାଷାଣ ପରି ଜଡ଼ ହୋଇଗଲା ! ପାଞ୍ଚଶ ଜାଗାରେ ପ୍ରାୟ ପାଞ୍ଚ ହଜାର ! ମଣିଷ ତ ନୁହନ୍ତି—ଉଲଗ୍ନ ପ୍ରେତର ଦଳ ! କଳା ଭୂତ ପରି ବିକଟାଳ ବିକଳାଙ୍ଗ ! ! କଙ୍କାଳ-ସାର ଦେହ ଯଷ୍ଟି, ରୁକ୍ଷ ବିଭତ୍ସ ଚେହେରା ! ଠେଙ୍ଗୁଣି ହାଡ଼ ବାହାରି ପଡ଼ିଛି, ଛାତି ପଞ୍ଜରା ବାରି ହୋଇ ଦିଶୁଛି ! ମାଂସର ଲେଶ ନାହିଁ ଦେହରେ । ଲୋମ୍ବ କୋମ୍ବ ଚମଡ଼ାଲେ ନେଳିଆ ନେଳିଆ ଟିରା । ସଜୀବ ଚଳନ୍ତା କଙ୍କାଳ ମାତ୍ର ! !

ଅନେକ ବେଳୁ ଭାତ ବଣ୍ଟା ହୋଇ ସାରିଲାଣି । ପାଁଚ ଜାଗାରେ ପାଞ୍ଚ ହଜାର, କୁଆଡ଼ୁ ଆଉ ଆସିବ ? କିନ୍ତୁ ଏକଥା ବା ନିରନ୍ନର ପେଟ-ଜ୍ୱାଳା ବୁଝିବ କାହିଁ ? ସେ ଚାହେଁ ଭାତ । ଖାଇବାର ଆଶା ଦୃଢ଼ ହୋଇଛି । କେତେ କେତେ ଦିନ ଧରି ଖାଇ ନାହାନ୍ତି ସେମାନେ । ସେମାନେ ମୁଠାଏ ଖାଇବେ, ନ ଖାଇଲେ ସେମାନେ ଏଠୁ ଯିବେନି ।

ପୁଲିସ ଲାଠି ନେଇ ତଡ଼ିଲା । ବେତରେ ପିଟିଲା । କିନ୍ତୁ କ'ଣ ହେବ ? ନିର୍ଜୀବ ମୁର୍ଦ୍ଦାରକୁ ମାରିଲେ କ'ଣ ହେବ ? ତାର କ'ଣ ପ୍ରାଣ ଅଛି ? କାଟିବ ? ଲହୁ ଅଛି ? ଆଖିରୁ ଲହୁ ବହିବ ? କେବଳ କ୍ଷୀଣ ମୁମୂର୍ଷୁ କଣ୍ଠରେ ଆର୍ତ୍ତନାଦ !! ପିଠିକି ଠେଙ୍ଗାଏ ପକାଅ ପଛେ—ପେଟକୁ ମୁଠାଏ ଦିଅ—ଏଇ ବୁକୁଫଟା ଚିତ୍କାରରେ ଚାରିଆଡ଼ କମ୍ପି ଉଠୁଛି । ମାଡ ସହି ଛିଡ଼ା ହେଲେ ମିଳିବ, ସେମାନେ ଜାଣନ୍ତି । ସେଇଥିପାଇଁ ପୋଲିସର ନିର୍ମମ ଅତ୍ୟାଚାର ସତ୍ତ୍ୱେ ସେମାନେ ଛିଡ଼ା ହୋଇଛନ୍ତି । ଭଲେ ହେଲେ ସେମାନେ ବିଚଳିତ ନୁହନ୍ତି କେହି; ବରଂ ପ୍ରତ୍ୟେକଙ୍କର ଆଗେଇ ଯିବାର ପ୍ରବଳ ଚେଷ୍ଟା । ଆଗେଇଯାଇ ଭାତ ମୁଠାଏ ନବାର ବ୍ୟାକୁଳ କ୍ରନ୍ଦନ । ଆଗରୁ ଯେମାନେ ଗଣ୍ଡାଏ ଗଣ୍ଡାଏ ଭାତ ପାଇଥିଲେ··· ଛିଡ଼ାରେ ଛିଡ଼ାରେ ଖାଇ ଚାଲିଛନ୍ତି ରାକ୍ଷସଙ୍କ ପରି । ବାପ ହାତରୁ ପୁଅ ଛଡ଼େଇ ଖାଉଛି । ମା ଖାଉଛି, ପିଲା ଅନେଇଛି···ମାଡ଼ିଆ ଉପରେ ଝାମ୍ପି ପଡ଼ି ଟାଣୁଆ ନଉଛି ଜବରଦସ୍ତି ଲୁଟି ।

ଜଣାପଡ଼ିଲା ଆଉ ଭାତ ଆସିବ ନାହିଁ । ପେଜ ଅଛି—ସେଇ ପେଜ ବଣ୍ଟାଯିବ କିଛି କିଛି । ଖପରା ଖଣ୍ଡେ ଖଣ୍ଡେ ଧରି ଧାଇଁଲେ ସମସ୍ତେ ଆଗକୁ । ଦଳା-ଦଳି, ଚକଟା-ଚକଟି । ଢକ ଢକ କରି ପିଇ ଢୁକିଲେ ଛୁଆଙ୍କୁ ପିଆ···ଖରାରେ ବୁଲି ବୁଲି ହଂସା ଉଡ଼ିଥିବା ଗୋରୁ ମଇଁଷି ପାଣି ପିଇଲା ପରି । ଏ ଶୋଷ ଯେପରି କମିବାର ନୁହେଁ । ପେଟ ଭିତରେ ଭୋକର ଯେ ନିଆଁ ଜଳୁଛି । ସମୁଦ୍ରଯାକର ପାଣି ଦେଇଲେ ବି ତା ଲିଭିବ ନାହିଁ ହୁଏ ତ ! କି ଶୋଚନୀୟ ଅବସ୍ଥା ! ନଇଙ୍କ ଦୁର୍ଭିକ୍ଷ କଥା ସେ ଶୁଣିଥିଲା—କିନ୍ତୁ ଆଖିରେ ଦେଖିଲା ଆଜି !! କି ଭୟଙ୍କର, କି ସାଙ୍ଘାତିକ !! ନିରନ୍ନ—ବୁଭୁକ୍ଷୁ ଭିଖାରୀମାନଙ୍କର କି ଭୟାବହ କ୍ରନ୍ଦନ !! ଉପେନ୍ଦ୍ରର ଚକ୍ଷୁ ଆର୍ଦ୍ର ହୋଇଆସିଲା । ଭାବିଲା···ପେଟ ଜ୍ୱାଳାରେ ବଞ୍ଚି କି ଲାଭ

ଏମାନଙ୍କର, ଦେଶରେ ଯଦି ଖାଇବାକୁ ନାହିଁ, ସରକାରର ଯଦି ଦାୟିତ୍ୱ ନାହିଁ ଏମାନଙ୍କ ପ୍ରତି···ତାହାହେଲେ ମାରି ଦିଆ ଯାଉ ନାହିଁ କାହିଁକି ଏମାନଙ୍କୁ ? ଦେଶରେ ନର୍ଦ୍ଦମାର ତ ଅଭାବ ନାହିଁ । ଏମାନଙ୍କୁ ଫିଙ୍ଗି ଦେଲେ···ପୋତି ହୋଇଯାଆନ୍ତା। ଅନେକ ଘାଇଭଙ୍ଗା ନଦୀର ମୁହାଣ । ବଢ଼ିଦାଉରୁ ଅନ୍ତତଃ କେତେ ଖଣ୍ଡ ଗାଁ ଭାସିଯିବାରୁ ରକ୍ଷା ପାଆନ୍ତା । କେତେଗୁଡ଼ାଏ ଲୋକ ଦୁର୍ଭିକ୍ଷରେ ମରିବାରୁ ବଞ୍ଚିଯାଆନ୍ତେ । ଏମାନେ ତ ଏମିତି ମରୁଛନ୍ତି ତିଳ ତିଳ ହୋଇ···ସେମିତି ଏକା ଥରକେ ଏକା ଦଣ୍ଡକେ ମରନ୍ତେ···କ୍ଷତି କ'ଣ ?

ଅଶ୍ରୁଳ ଦୃଷ୍ଟିରେ କିଛି କ୍ଷଣ ଏମାନଙ୍କୁ ଅନେଇ ରହି ଉପେନ୍ ଧୀରେ ଧୀରେ ଚାଲିଲା ମନ୍ଦିର ଆଡ଼େ । ଗରୁଡ଼ ସ୍ତମ୍ଭ ପାଖରେ ଛିଡ଼ା ହୋଇ ଅନେଇଲା···ବିରାଟ ମନ୍ଦିର ଠିଆହୋଇଛି ଊର୍ଦ୍ଧ୍ୱ ଆକାଶକୁ ମଥା ଟେକି । ନୀଳଚକ୍ର ଉପରେ ଉଡ଼ୁଛି ପତିତପାବନ ବାନା ଫର୍ ଫର୍ ହୋଇ । ମନ୍ଦିର ଭିତରେ ବଡ଼ ଠାକୁର । ଚାଲିଛନ୍ତି ଅସୁମାରି ଲୋକ ଦର୍ଶନ ପାଇଁ ମନ୍ଦିର ଭିତରକୁ । ଉପେନ୍ ବି ଠିକ୍ କରି ଆସିଥିଲା ଚକାଡୋଳାଙ୍କ ଚରଣରେ ମୁଣ୍ଡିଆଟାଏ ମାରିବା ପାଇଁ । କିନ୍ତୁ କାହିଁକି କେଜାଣି ଗରୁଡ଼ ସ୍ତମ୍ଭ ଡେଇଁ ଭିତରକୁ ଯିବା ପାଇଁ ତା ମନ ହେଲା ନାହିଁ । ବଡ଼ ଦାଣ୍ଡ ଉପରେ ଛିଡ଼ାହୋଇ ସେ ଭାବି ଚାଲିଲା···ମନ୍ଦିର ବାହାରେ କାଙ୍ଗାଳମାନଙ୍କ ଆର୍ତ୍ତନାଦ—ଭିତରେ ଆର୍ତ୍ତତ୍ରାଣଙ୍କର ଆରାଧନା ! ବାହାରେ କଙ୍କାଳସାର ଦୀନ ଦୁଃଖୀରଙ୍କଙ୍କର ପେଟଜିଆଁ—ଭିତରେ ଦୀନବନ୍ଧୁଙ୍କ ପାଦତଳେ ଧନୀ-ବାଦଶାଙ୍କର ଘୃତାଳ ଖୀରି ଭେଟି । ବାହାରେ ହଜାର ହଜାର ନିରନ୍ନ ମୁମୂର୍ଷୁଙ୍କର ମୃତ୍ୟୁମୁଖୀ ଦୀର୍ଘଶ୍ୱାସ, ଭିତରେ ନିରଞ୍ଜନ ମହାପ୍ରଭୁଙ୍କର ଧୂପ-ଦୀପ-ଅର୍ଘ୍ୟ-ଅର୍ଚ୍ଚନା !! ପ୍ରଭୁଙ୍କର କି ଅପାର ମହିମା ! କି ଅଦ୍ଭୁତ ଲୀଳା !!

ଅଶ୍ରୁ-ସଜଳ ଦୃଷ୍ଟିରେ ଉପେନ୍ ପୁଣି ଥରେ ନୀଳଚକ୍ରଆଡ଼େ ଚାହିଁଲା । ତା ମୁହଁରୁ ଆର୍ତ୍ତସ୍ୱରରେ ବାହାରିଲା—ହେ ନୀଳାଦ୍ରିବିହାରୀ, ଏ ନିଃସ୍ୱ ନିଃସହାୟଙ୍କ ବ୍ୟାକୁଳ କ୍ରନ୍ଦନ କଅଣ ତମ କାନରେ ବାଜୁ ନାହିଁ ?

ତା ପରେ ସେ ରିକ୍ସା ଖଣ୍ଡେ କରି ଫେରିଆସିଲା ବସାକୁ ।

ବୁଆର ମୁହଁରୁ ରକ୍ଷାକୁ ବିଦାୟ କରିଦେଇ ଉପେନ୍ ବାହାର ବୈଠକଘର ପାର ହୋଇ ଯେତେବେଳେ ନିଜ ଶୋଇବା ଘର ଭିତରକୁ ପଶିଗଲା···ବିସ୍ମୟରେ ତାର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଦ୍ରବୀଭୂତ ହୋଇଗଲା ।

—'ନମସ୍କାର' ! ବନିତା ଶୋଇଥିଲା, ଧଡ଼୍ କରି ଖଟ ଉପରେ ଉଠିବସି ସଲଜ୍ଜ କଟାକ୍ଷରେ ଉପେନକୁ ଅଭିବାଦନ କଲା ।

—'ତମେ' ? ନମସ୍କାରର ପ୍ରତ୍ୟୁତ୍ତରରେ ଉପେନ୍ କେବଳ ସ୍ତବ୍ଧ ଗଳାରେ ସେଇ ପଦକ କଥା ଉଚ୍ଚାରଣ କରି ଅବାକ୍ ହୋଇ ବନିତା ଆଡ଼େ ଅନେଇ ରହିଲା ।

କିଛି କ୍ଷଣ ଧରି କାହା ମୁହଁରେ କଥା ନାହିଁ । ବନିତା ଖଟ ଉପରେ ଉଠି ବସି ଉପେନ୍‌କୁ ଅନେଇଛି···ଆଉ ଉପେନ୍ ସେଇପରି ବୋକାଙ୍କ ପରି ବନିତା ମୁହଁକୁ ଚାହିଁ ଛିଡ଼ା ହୋଇଛି । ଦୁହେଁ ଦୁହିଁଙ୍କୁ ଦେଖି ଅବାକ୍ । ଦୁହେଁ ଦୁହିଁଙ୍କୁ ଚାହିଁ ସ୍ତବ୍ଧ ।

ବିଷମ ପରିସ୍ଥିତି !

ପାଖ ଘରେ ଗୋଟାଏ ଚାକରର ପାଦ ଶବ୍ଦରେ ଦୁହିଁଙ୍କର ମୌନ ସ୍ତବ୍ଧତା ଭାଙ୍ଗିଗଲା । ଉପେନ୍‌ହିଁ ଆଗେ କଥା କହିଲା, "ଆପଣ ଏଠିକି ଆସିଲେ କେମିତି ?"

—ତମେ ବୋଲି ଥରେ ଡାକି ପୁଣି ଆପଣ କାହିଁକି ? ବନିତା ଆଖିରୁ ବିଦ୍ୟୁତର ଝଲକ ଝରାଇ କହିଲା—ଆସିଲି ଟ୍ରେନରେ···ଭାଇଙ୍କ ସାଙ୍ଗରେ ।

ଉତ୍ତର ଶୁଣି ଉପେନ୍ ଟିକିଏ ହସିଲା । ତାପରେ ଚଉକି ଉପରେ ବସି କହିଲା—ତମେ ବୋଲି ଆପଣଙ୍କୁ କହିଲି କେତେବେଳେ ?

—ଏଇ ମତେ ଦେଖି ହଠାତ୍ ପ୍ରଥମେ ଯେତେବେଳେ ଆଶ୍ଚର୍ଯ୍ୟରେ ସ୍ତବ୍ଧ ହୋଇଗଲେ ।

—ହଉ, ପାଟିରୁ ତମେ ବୋଲି ବାହାରି ପଡ଼ିଛି ଯଦି···କ୍ଷମା କରିବେ ।

—କ୍ଷମା କଲି । ଦୟାକରି ମୋ ଅନୁରୋଧ ରଖିବେ । ମତେ ଆପଣ ବୋଲି ସମ୍ବୋଧନ ନ କରି ତମେ ବୋଲି କହିବେ ।

ଉପେନ୍ ଆପତ୍ତି କରିବାକୁ ଯାଉଥିଲା; କିନ୍ତୁ ବନିତା ସୁବିଧା ଦେଲି ନାହିଁ । କହିଲି—ଏତେ ସ୍ୱାର୍ଥପର ଆପଣ ? ଏକୁଟିଆ ଚାଲି ଆସିଲେ ? ଆମକୁ ସାଙ୍ଗରେ ଆଣିଥିଲେ କ'ଣ···

—ସାଙ୍ଗରେ ଆଣିଥିଲେ ଯେ ବିପଦ ନ ଥିଲା, ତା ନୁହେଁ । ତେବେ ମୋର ତ ଆସିବା କଥା ନ ଥିଲା । ଜଗତ୍ ସାଥିରେ ଷ୍ଟେସନ ପ୍ଲାଟଫର୍ମରେ ଦେଖା । ତାପରେ ତାର ଜିଦ୍ । ଏକାନ୍ତ ଅନିଚ୍ଛା ସତ୍ତ୍ୱେ ବି ଟାଣି ଓଟାରି ହୋଇ ଆସିବାକୁ ପଡ଼ିଲା ।

—ସେଇ ଜଗତ୍‌ବାବୁଙ୍କ ଠିରୁ ଆପଣଙ୍କର ଏଠିକି ଆସିବା କଥା ଜାଣି ଆମେ ବି ଆସିଲୁ ।

—ମୋ ଆସିବା କଥା ଜାଣି ଆସିଲ, ମାନେ ?

ବନିତା ବ୍ରୀଡ଼ାବନତ ମୁଖରେ କହିଲା—ମାନେ, ବିଶେଷ କିଛି ନୁହେଁ । ଆସିବାର ଇଚ୍ଛା ହେଲା, ଆସିଲୁ । ଭାଇଙ୍କର ଏସବୁରେ ଖୁବ୍ ଝୁଙ୍କ୍ କି ନା ! ସାହିତ୍ୟିକ ନୁହନ୍ତି, କିନ୍ତୁ ସାହିତ୍ୟ-ଚର୍ଚ୍ଚା କରିବା କି ସାହିତ୍ୟ ସମ୍ବାଦ ସଂଗ୍ରହ କରିବା ବା ସାହିତ୍ୟ ସମ୍ମିଳନୀରେ ଯୋଗଦେଇ ଟିକିଏ ହୈ-ଚୈ କରିବା ତାଙ୍କର ଗୋଟାଏ ପ୍ରବଳ ନିଶା ।

—ଓଃ ! କଥା ବିଶ୍ଳେଷଣ କରି ପଚାରିବା ପିଲା ନୁହେଁ ଉପେନ୍ । ହୁଏ ତ କିଛି କୋତମସ୍ଥ କୌତୂହଳ ଥାଇପାରେ ତା ସମ୍ବନ୍ଧରେ ବନିତାର । କାହିଁକି ଆସିଲା ସେ ବୃଦ୍ଧ ସାଙ୍ଗରେ କହିଲାନି ଯଦି ନିଜ ଇଚ୍ଛାରେ—କେଁକଟାଡି ନେଲେ ଚାରି ଦରକାର କ'ଣ ? କଥା ବୁଲେଇ ନେଇ କହିଲା, କଟକରୁ ସକାଳ ଲୋକାଲ୍ ଗାଡ଼ିରେ ଆସିଲ ନା ? ଏଠି କେତେଟାରେ ପହଞ୍ଚିଲ ?

—ନ'ଟାରେ ।

—ନ'ଟାରେ ପହଞ୍ଚି ଗଲ କୁଆଡ଼ିକି ?

—ମାଟିମଣ୍ଡପ ସାହିରେ ମୋର ଲେଖାଯୋଖା ମଉସା ଅଛନ୍ତି । ସେଇଠି ସୁଟକେଶଟା ରଖିଦେଇ ଗଲୁ ସାହିତ୍ୟ ସମ୍ମିଳନୀ ମଣ୍ଡପଠିକି ।

—ଗାଧୁଆ-ପାଧୁଆ ?

—ସେସବୁ କଟକରୁ ସାରି ଆସିଥିଲୁ ।

—ଛାପରେ ?

—ବଜ ଭାଇ ଯାଇଁ ବୁଝିଲେ ଜଗନ୍ନାଥବାବୁଙ୍କଠୁଁ, ତୁମେ ଏଇଠି ଅଛ । ମତେ ଆଣି ଛୁଆଡ଼ିଦେଇ ସେ ଚାଲିଗଲେ ସବ୍‌ଜେକ୍‌ଟ କମିଟିରେ ଯୋଗଦେବା ପାଇଁ ।

—ବ୍ରଜର ସାହିତ୍ୟ-ପ୍ରୀତି ଏତେ ପ୍ରବଳ, ଯା ତ ମୁଁ ଜାଣି ନ ଥିଲି । କବିତା ଫବିତା ଶୁଣିବା ପାଇଁ ମତେ ଅବଶ୍ୟ ଅନେକ ସମୟରେ ବିରକ୍ତ କରେ···କିନ୍ତୁ···

ବନିତା କହିଲା—ସେଇ ତାଙ୍କର ପ୍ରକୃତି ! ପଢ଼ିବେ, ଶୁଣିବେ ଆଉ ଆଲୋଚନା କରିବେ ସାହିତ୍ୟ ସମ୍ବନ୍ଧରେ; କିନ୍ତୁ ଲେଖିବେ ନା ।

—ତାହେଲେ ସେ ତ ପ୍ରତ୍ୟେକ ସାହିତ୍ୟିକର ପୂଜ୍ୟ । ଯୁଁ ଦେଶରେ ଲୋକେ ନ ପଢ଼ି ଲେଖନ୍ତି···ଲେଖିଲେ ସାହିତ୍ୟିକ ହୁଅନ୍ତି, ସେଠି ବ୍ରଜ ପରି ନିଷ୍ଠାପର ପାଠକ, ସାହିତ୍ୟ ସମ୍ବନ୍ଧରେ ଏତେ ଜାଣି, ଶୁଣି, ପଢ଼ି, ଆଲୋଚନା କରି ନ ଲେଖିବାଟା ଗୋଟାଏ ଆଶ୍ଚର୍ଯ୍ୟର କଥା !

—ବନିତା ହସିଲା । କହିଲା—କୌଣସି ସାହିତ୍ୟିକ ଏଠି ଥିଲେ···

—ଆପଣଙ୍କ ସାହିତ୍ୟିକମାନଙ୍କୁ···

—ପୁଣି ଆପଣ ? ବନନ୍ତା କଥା ମଝିରେ ବାଧାଦେଇ କହିଲ, ମନେ ଉଠେ କହିବାକୁ ଆପଣ ଭୁଲିଯାଉଛନ୍ତି କାହିଁକି ? ଆମ ଦୁହିଁଙ୍କ ସମ୍ବନ୍ଧଟାକୁ ଔପନ୍ୟାସିକ କଥାବସ୍ତୁ ପରି ଖୁବ୍ ଜଟିଳ ନ କରି··· ସହଜ ସରଳ କରିନେଲେ କ୍ଷତି କ'ଣ ?

—କ୍ଷତି ସମ୍ବନ୍ଧରେ ବୁଝିବା ଦରକାର ପଡ଼େ ଯଦି ଲାଭର ଆଶା ଥାଏ ।

—ସମ୍ବନ୍ଧଟାକୁ ସହଜ ସରଳ କରିନେବା ପଛରେ କ'ଣ ଲାଭର ଆଶା ରହିବା ଏକାନ୍ତ ଦରକାର ?

—ଅଦରକାର ଯାହା, ତା ମୁଁ କରେ ନାହିଁ । କାରଣ ଜୀବନର ଯାତ୍ରା-ପଥ ମୋର ଏପରି ଅପ୍ରଶସ୍ତ ଆଉ କଣ୍ଟକାକୀର୍ଣ୍ଣ ଯେ ଅଯଥା କେତେ-ଗୁଡ଼ାଏ ଜଞ୍ଜାଳ ବଢ଼େଇ ବସିଲେ ଛନ୍ଦେଣି-ମନ୍ଦେଣି ହୋଇ ଝୁଣ୍ଟି ପଡ଼ିବାର ଭୟ ଅଛି ।

—ଯାତ୍ରା-ପଥରେ ଚାଲିବାକୁ ତ ହେବ ଯାହାକୁ, ତାର ଝୁଣ୍ଟି-ବାରେ ଭୟ କାହିଁକି ? ବନନ୍ତା ଗମ୍ଭୀର ହୋଇ କହିଲା—

—ନ ରହିବା କଥା । ଉପେନ୍ କହିଲ, ମୋର ବି ନାହିଁ । କିନ୍ତୁ ଏଇ ମୁଁ ଟିକିଏ ଖୁବ୍ ବେଶୀ ହୁସିଆର । ଦେଖିଶୁଣି ଚାଲିବାକୁ ଚେଷ୍ଟା କରେ ।

—ତାହେଲେ କହିବ, ଆପଣଙ୍କର ଚାଲିବାରେ ପ୍ରେରଣା ନାହିଁ; କର୍ତ୍ତବ୍ୟବୋଧ, ବାଧ-ବାଧକତା ଅଛି । ଦେଖି ଶୁଣି ମାପିଚୁପି ଯେ ଚାଲେ, ସେ ହୁଏତ ଚାଲି ଶିଖି ନାହିଁ ।

—ଚାଲିବା ଭିତରେ ପ୍ରେରଣା କଥା ତୁମେ କହୁଚ; କିନ୍ତୁ ଆଖି ଥାଉଁ ଥାଉଁ ଅନ୍ଧଙ୍କ ପରି ମାଡ଼ି ଚାଲିବା—ଆଉ ବୁଦ୍ଧି ଥାଉଁ ଥାଉଁ ଦେଖି ଶୁଣି ଝୁଣ୍ଟି ପଡ଼ି ମରିବା ଜିନିଷଟାକୁ କ'ଣ ତୁମେ ପସନ୍ଦ କର ? ମୁଁ କହେ, ଅନ୍ଧ ହୋଇ ଚାଲିଲେ ଚାଲିବାରେ ପ୍ରେରଣା ଆସେ ନାହିଁ, ଆସେ ବରଂ ସେଇ ଧୀରେ ସୁସ୍ଥ ଚାଲିବା ଭିତରେ ଯଦି ନିଷ୍ଠା ଥାଏ ।

—ମୂଳ କଥାଟାକୁ ଛାଡ଼ି ବହୁତ ଦୂର ଚାଲି ଆସିଥାଇଁ । ମାନେ, ଆପଣଙ୍କ ମତରେ, ଜନତା କହିଲା—ସମ୍ବନ୍ଧ ଭିତରେ ନିଷ୍ଠା ଆଉ ଆନ୍ତରିକତା ଥିଲେ ତା ଆପେ ସହଜ ସରଳ ହୋଇ ସାର୍ଥକ ହୋଇ-ଉଠିବ ।

—ବୋଧହୁଏ ।

—କିନ୍ତୁ ସେଇଟା ହୁଏତ ସମୟସାପେକ୍ଷ ।

—ଉଚ୍ଛୃଙ୍ଖଳତା ଭିତରେ ଆତ୍ମପ୍ରସାଦ ଥାଇପାରେ, କିନ୍ତୁ ଶାଶ୍ୱତ ଆନନ୍ଦ ନାହିଁ । କ୍ଷତି କ'ଣ ଯଦି ତମର ମୋର ସମ୍ବନ୍ଧଟା ସମୟର ଘଟଣା-ଚକ୍ର ଭିତରେ କ୍ରମଶଃ ସହଜ ଓ ସରଳ ହୁଏ ? ଉପେନ୍ ପଚାରିଲା ।

—ମଣିଷ ଯୁ'ଠି ଜାଣିପାରେ ନାହିଁ କି ବୁଝିପାରେ ନାହିଁ···ସେଠି ତାକୁ ସମୟର ଅନାଗତ ଭବିଷ୍ୟତ ଉପରେ ନିର୍ଭର କରିବାକୁ ପଡ଼େ । କିନ୍ତୁ ଯୁଠି ମନର ଧାରଣା ଉପରେ ଆସିଛି ସଂପୂର୍ଣ୍ଣ ବିଶ୍ୱାସ ?

—ମାତ୍ର ବ'ନ୍ଧନରେ ? ଉପେନ୍ ହସି ହସି କହିଲା···ଏଇ ବନ୍ଧନର ଦେଖାଚାହାଁରେ ତମେ ମତେ ବିଶ୍ୱାସ କରିଛ ?

—ବନ୍ଧନ କ'ଣ କମ୍ ? ମୁହୂର୍ତ୍ତିକରେ ସୃଷ୍ଟି ପ୍ରଳୟ ହୁଏ···

—କିନ୍ତୁ ସେଇ ମୁହୂର୍ତ୍ତିକ ପଛରେ ଯେ ଯୁଗଯୁଗାନ୍ତରର ବିସ୍ତୀର୍ଣ୍ଣ ପଟ୍ଟଭୂମି ରହିଥାଏ···

—ପଛରେ ଯାହା ଥାଉ ପଛକେ, ତା ଯେତେବେଳେ ଅଦୃଶ୍ୟ ସେତେବେଳେ ଦୃଶ୍ୟମାନ ମୁହୂର୍ତ୍ତିଟିକୁ ଦେଖି-ଚାହିଁ ଚିହ୍ନିସାରିଲା ପରେ ତାକୁ ସତ୍ୟ ଆଉ ଶ୍ରେଷ୍ଠ ବୋଲି ବିଶ୍ୱାସ ନ କରିବ କାହିଁକି ?

—ମତେ ତମେ ଚିହ୍ନିଛ ବୋଲି ଭାବୁଛ ?

—ମୋ ପାଇଁ ଯେତିକିଟା ଦରକାର ।

—ତମର ଦରକାରୀ ଅଂଶ ଟିକକ ତ ଆଉ ମୋର ସମସ୍ତ ଜୀବନର ପରିଚୟ ନୁହେଁ !

—ନ ହେଉ ! ଆପଣଙ୍କ ଜୀବନର ଯୁ' ଅଂଶ ଟିକକ ସହିତ ମୋର ସମ୍ବନ୍ଧ—ବନଜା ଅପାଙ୍ଗ ଦୃଷ୍ଟିରେ ଉପେନ୍ ଅଡ଼େ ଚାହିଁ ପୁଣି ମୁହଁ ଫେରାଇନେଲା ।

ଉପେନ୍ ଟିକଏ ସ୍ତମ୍ଭୀଭୂତ ହେଲା—ତାପରେ କ'ଣ ଚିନ୍ତାକରି କହିଲା—ମୋ ଜୀବନର ଏପରି କିଛି ଅଂଶର ପରିଚୟ ଏତେ ସହଜ ସରଳ ଯେ ତୁମେ ମାତ୍ର ଦି ଦିନରେ ମତେ ବିଶ୍ୱାସ କରିପାର—ଏହା ତ ମୁଁ ଆଦୌ ଭାବିପାରୁ ନାହିଁ ।

—ଆପଣ ନ ଭାବି ପାରୁଥାଆନ୍ତୁ—ବନଜା କହିଲା—କିନ୍ତୁ ବେଳେବେଳେ ମଣିଷର ଅଜାଣତରେ ତାର ଅଚିନ୍ତିତ ଆଉ ଅକଳ୍ପିତ ବାହାରର ସୂର୍ଯ୍ୟାଲୋକରେ ଯେ ପ୍ରକାଶିତ ଆଉ ପ୍ରକଟିତ ହୋଇଉଠେ —ବିଶ୍ୱସୃଷ୍ଟିର ଏ ବିକାଶ ଧର୍ମକୁ ଆପଣ କଅଣ ଅସ୍ୱୀକାର କରିବେ ?

—କିନ୍ତୁ ମୋ ଅଜାଣତରେ ଯାହା ବାହାରେ ପ୍ରକାଶିତ ହୋଇଛି—ପ୍ରକଟିତ ହୋଇଛି—ତାକୁ ମୁଁ ନିଜେ ନ ଜାଣିଲା ପର୍ଯ୍ୟନ୍ତ— ଅନ୍ୟ ଜଣେ ନେଇ ତାର ସୁବିଧା ନବାକୁ ବସିଲେ ··· ବିପଦରେ ପଡ଼ିବାର ତ ଆଶଙ୍କା ରହିଛି ।

—ବିପଦଟା ସୁବିଧାବାଦୀର । ଆପଣଙ୍କର ତ ନୁହେଁ ।

ଉପେନ୍ ଏଥର ବନଜାର କଥାରେ ମୁଗ୍ଧ ହୋଇ ହସିଉଠିଲା । କହିଲା—ତମ ଯୁକ୍ତି କରିବାର ବିଚକ୍ଷଣତାକୁ ପ୍ରଶଂସା କରୁଛି; କିନ୍ତୁ ସୁବିଧା ନେଇ ବିପଦରେ ପଡ଼ିବାର ଦୁଃସାହସୀ ବୁଦ୍ଧିକୁ ନୁହେଁ ।

—ଆତ୍ମପ୍ରତ୍ୟୟ ଆସିଗଲା ପରେ ନିନ୍ଦା-ପ୍ରଶଂସାକୁ ବୋଧହୁଏ ନ ଶୁଣିବା ଉଚିତ ।

—ଆଚ୍ଛା ହେଲା ପଛେ, ମୋ ପ୍ରଶଂସାରେ ତମର ପ୍ରୟୋଜନ ନାହିଁ । କିନ୍ତୁ ମୋ କଥା ଯଦି ମୁଁ କହେ ··· ମନୁଷ୍ୟର ଧର୍ମ ହଉଚି ତ କାହାକୁ ନ ଠକିବା !

—ଆପଣ ମତେ ଠକେଇଲେ ବି ଠକିବାରେ ଯଦି ମୋର ନିଗାଟାଏ ପ୍ରକାର ଆନନ୍ଦ ଥାଏ ?

—ନା, ନା, ମୁଁ ଠକେଇବ କାହିଁକ ? ଉପେନ୍ ସାମାନ୍ୟ ଟିକଏ ହସି କହିଲ ।

—ଆପଣ ନ ହୁଅନ୍ତୁ—ଆପଣଙ୍କ ଜୀବନର ଯୁ ଅଂଶ ଟିକକ ମୋ ପାଖରେ ସତ୍ୟ ବୋଲି ଧରା ଦେଇଛି, ସେଇ ଯଦ ବ ଠକାଏ— ଏକ୍ କଥା । ଆପଣ ଓ ତା ଭିତରେ କଛି ପ୍ରଭେଦ ନାହିଁ ।

—ଆଚ୍ଛା ବେଶ୍, ଶୁଣିପାରେ ଏଥର ?

—କ'ଣ ?

—ମୋ ଜୀବନର କୁ ଅଂଶଟାର ତୁମେ କ ପରିଚୟ ପାଇଛ ?

—ଶୁଣିଲେ ଆପଣ ସଚେତନ ହୋଇଯିବେ ଯେ ! ଯୁ' ନୂତନ ପରିଚୟ ମୁଁ ପାଇଛି ସେ ହୋଇଯିବ ପୁରୁଣା ! ମୁଁ ତାର ସୁବଧା ନବାକୁ ବସିଲିବେଳେ ଆପଣ ହୁଏ ତ କାପଣ୍ୟ ପ୍ରକାଶ କରିପାରନ୍ତି ।

—ଜୀବନଟା ଯା'ର ଦାରିଦ୍ର୍ୟର ମୂର୍ତ୍ତିମନ୍ତ ହାହାକାର, ତାର ପୁଣି କୃପଣତା କରିବାର କ'ଣ ଥାଇପାରେ ?

—ମଣିଷଜୀବନର ସାର୍ଥକତା କ'ଣ କେବଳ ତାର ଆର୍ଥିକ ଅବସ୍ଥାକୁ ନେଇ ?

—ତା ଛଡ଼ା ଆଉ କ'ଣ ? ପ୍ରତିଭା ! କେତେ ଜଣ ଦେଖନ୍ତି ପ୍ରତିଭା ?

—କନ୍ତୁ ଦେଖିବା ତ ଉଚିତ !

—ଉଚିତ ଅବଶ୍ୟ । କନ୍ତୁ ଦେଖିବା ଦରକାର ପଡ଼ୁନା ।

—କାହାର ଯଦ ଦରକାର ପଡ଼େ ?

—ଓ ! ତମର ଦରକାର ଅଛି ? ଉପେନ୍ ହସି ହସି ପଚାରିଲା ।

—ନ ଅଛି ବୋଲି କାହିଁକ ଭାବୁଛନ୍ତି ?

—ଭାବୁଛି ତୁମେ ଅନ୍ୟାୟ କରୁଛ ବୋଲି । ମୋ ଜୀବନର କିଛି ମୂଲ୍ୟ ଅଛି ବୋଲି ଭାବିବାଟା ତୁମର ଭୁଲ୍ ! !

—କିନ୍ତୁ ଯାହାର ଭାବି ଦେଖିବାର ବୁଦ୍ଧି ଆଉ ଦୂରଦୃଷ୍ଟି ଅଛି ?

—ସେ ବୁଦ୍ଧିକି ମୁଁ କହିବି ବଡଲୋକି ଖିଆଲ । ଦାରିଦ୍ର୍ୟକୁ ପରିହାସ ଦୃଷ୍ଟିରେ ଦେଖି ସେମାନେ ଦରିଦ୍ରର ଜୀବନ ନେଇ ଟିକିଏ ଖେଳିବାରେ ଆନନ୍ଦ ପାଆନ୍ତି ।

—ଆପଣ ଏପରି କହିବେ, ମୁଁ ଏ ଆଶା କରି ନ ଥିଲି ।

—ଆଶା ନ କରିବା ତୁମର ବୁଦ୍ଧିର ଅଭାବ । ମୋ ଭାବିବାଟା କିନ୍ତୁ ସବୁ ଦିଗରୁ ଠିକ୍ ! ! ଧନୀର ଅତ୍ୟାଚାରରେ ଦରିଦ୍ର ଆଜି ଏପରି ଭାବରେ ନିର୍ପୀଡ଼ିତ ଯେ, ସମାଜର ଅବସ୍ଥାପନ୍ନ ଥିଲାବାଲାଙ୍କର କୌଣସି ରକମର ତାରିଫ୍ ବା ପ୍ରଶଂସାକୁ ସେମାନେ ଗରିବ ପ୍ରତି ଧନୀର ଅଳୀକ ଝୁଙ୍କି ବା ଖାମଖିଆଲି ଛଡ଼ା ଆଉ କୌଣସି ଭାବରେ ଗ୍ରହଣ କରିପାରିବେ ନାହିଁ ।

ଉପେନ୍‌ର ନିର୍ଭୀକ ମତବାଦକୁ ବନିତା ମନେ ମନେ ଶ୍ରଦ୍ଧା କଲା, କହିଲା—ସବୁ ଧନୀଙ୍କର ସ୍ୱଭାବ କ'ଣ ସମାନ ?

—ପ୍ରାୟ ! ଉପେନ୍ କହିଲା—ତଫାତ୍ ଖୁବ୍ କମ୍ ।

—କିନ୍ତୁ ଦରିଦ୍ରଙ୍କୁ ଏଇ ଧନୀ ତ ବଞ୍ଚେଇ ରଖିଛନ୍ତି ?

—ନିହାତି ଦାୟରେ ପଡ଼ି । ଦୟାରେ କିନ୍ତୁ ନୁହେଁ । ଦରିଦ୍ରଙ୍କୁ ବଞ୍ଚେଇ ନ ରଖିଲେ ତାଙ୍କର ଗୋଲାମି କରିବ କିଏ ?

—ଆପଣ ତା'ହେଲେ ମତେ ଘୃଣା କରନ୍ତି ?

—ତମକୁ . ମାନେ, ଦୁନିଆର . ବଡଲୋକି ଅହଙ୍କାରଟାକୁ, ନାମବଡ଼ା ଗର୍ବ ଆଉ ଉପୁଡ଼ିଙ୍ଗିଆ ପ୍ରକୃତିଟାକୁ ।

ଜନତା ଅସ୍ପଷ୍ଟ ଗଳାରେ କହିଲା, "ତା ହେଲେ ଧନୀ ଦରିଦ୍ର ଭିତରେ ସମ୍ବନ୍ଧ ରହିପାରେନା ?"

—ରହିପାରେ, ଯେତିକି ରହିବା ଉଚିତ । ମାନେ ପ୍ରୟୋଜନ ଦୃଷ୍ଟିରୁ, ଅଥବା ବାହ୍ୟ ଦୃଷ୍ଟିରୁ—ଆନ୍ତରିକତା ଦୃଷ୍ଟିରୁ କିନ୍ତୁ ନୁହେଁ ।

—ଆନ୍ତରିକତା ଦୃଷ୍ଟିରୁ ନୁହେଁ କାହିଁକି ?

—କାରଣ, ସମାଜ ଭିତରେ ସେଇଟା ଅଚଳ, ଅସୁନ୍ଦର ଓ ନିନ୍ଦନୀୟ । ଧନୀ-ଦରିଦ୍ରର ମିଳାମିଶାଟା ଜନତାର ଚକ୍ଷୁଶୂଳ । ଉଭୟ ଶ୍ରେଣୀ ଭିତରେ କୌଣସି ଆନ୍ତରିକ ଯୋଗାଯୋଗ କ୍ଷତିକାରକ ମଧ୍ୟ ।

—କ୍ଷତି, ଜନତା, ଅଉ ସମାଜ ସେସବୁକୁ ଯେ ଭ୍ରୂକ୍ଷେପ ନ କରେ ? ଜନତା ପଚାରିଲା ।

—ସେ କଥା ଅଲଗା; କିନ୍ତୁ ମୋଟ ଉପରେ ଭ୍ରୂକ୍ଷେପ ନ କରିବା ଉଚିତ ନୁହେଁ । ଯେ ପର୍ଯ୍ୟନ୍ତ ତମେ ସମାଜ ଭିତରେ, ସେ ପର୍ଯ୍ୟନ୍ତ ସମାଜର ଆଇନ, ନୀତି, ଶୃଙ୍ଖଳାକୁ ଭ୍ରୂକ୍ଷେପ ନ କରିବାଟା ବାହାଦୁରୀ ନୁହେଁ—ମାନିନେବା ଉଚିତ ।

—କିନ୍ତୁ ସମାଜ ଯୁଁଠି ମାନିବାକୁ ଚାହେଁନା ? ସ୍ୱୀକାର କରିବାକୁ ଚାହେଁନା ସତ୍ୟ, ଧର୍ମ ଆଉ ନ୍ୟାୟକୁ ? ସମାଜ ଯୁଁଠି ପକ୍ଷପାତୀ ଆଉ ସ୍ୱାର୍ଥପର ?

—ସ୍ୱାର୍ଥପର ତ ହବ ! କାରଣ ଉପରେ ଯେ ସରକାର ରହିଛି—ଶାସନକଳ ରହିଛି । ସମାଜର ଅବିଚାର—ଅନ୍ୟାୟକୁ ବାଛିବା ଆଗରୁ ଦେଶରେ ଶାସନତନ୍ତ୍ରକୁଇ ଆଗେ ବଦଳାଇବାକୁ ପଡ଼ିବ !! ଯେ ପର୍ଯ୍ୟନ୍ତ ସାମ୍ରାଜ୍ୟବାଦୀରାଜ କାଏମ୍ ରହିଛି, ସେ ପର୍ଯ୍ୟନ୍ତ ଧନୀ-ଦରିଦ୍ର ଭିତରେ ଏ ପାର୍ଥକ୍ୟ ରହିବ, ଏ ଉଚ୍ଚ-ନୀଚ, ସାନ-ବଡ଼ ବିଭେଦ ରହିବ । ଧନୀ-ଦରିଦ୍ର ଭିତରେ କୌଣସି ଆନ୍ତରିକ ସମ୍ବନ୍ଧ

ସ୍ଥାପିତ ହୋଇପାରିବ ନାହିଁ, ସ୍ଥାପିତ ହେଲେ ମଧ୍ୟ ବେଶି ଦିନ ତିଷ୍ଠିବ ନାହିଁ । କାରଣ ଉଭୟଙ୍କ ଭିତରେ ଶ୍ରେଣୀ-ଚେତନା ରହିଛି ।

ହଠାତ୍ ବାହାର ବାରଣ୍ଡାରେ ପାଟି ଶୁଭିଲା । "ଏମାନେ ସବୁ ଫେରିଲେ ବୋଧହୁଏ", ଉପେନ୍ ମନକୁ ମନ କଥାଟା ଉଚ୍ଚାରଣ କରି ଆସିଲା ବାହାରକୁ ।

ଉପେନ୍‌କୁ ଦେଖିଲା ମାତ୍ରକେ ଜଟେ ନାଚିଉଠିଲା । ସାଙ୍ଘାତିକ ଷଡ଼ଯନ୍ତ୍ର ! ପ୍ରସ୍ତୁତ ହବାକୁ ପଡ଼ିବ ଆମମାନଙ୍କୁ । ମୁଁ ଖବର ଦଉଛି । ସେମାନଙ୍କର ପକେଟ ଭିତରି ଗୁମର—ଗୋଟି ଗୋଟି କରି ପକେଇ ଦେ' ଆଜ ପଦାରେ । ସମ୍ମିଳନୀ ମଣ୍ଡପରେ ମୁଁ ଭାଷଣ ଦବି, ସେଥିରେ ଅଛି ତାକରି ଉତ୍ତମ-ମଧ୍ୟମର ବ୍ୟବସ୍ଥା କର ।

—କ'ଣ ହେଲା ? ଉପେନ୍ ପଚାରିଲା ।

ବ୍ରଜ ବି ରାଗରେ ଖୁଣ୍ଟ । କହିଲା—ସାଙ୍ଘାତିକ ସ୍ୱାର୍ଥପର ଦଳ । ସଭାପତି, ଉପସଭାପତି, ସମ୍ପାଦକ, ସହକାରୀ ସମ୍ପାଦକ କିଏ ହବ ସେଇଆ ନେଇ ପିଠା-ପିଠି ପର୍ଯ୍ୟନ୍ତ ।

—ସେଇଟା ତ ସାହିତ୍ୟିକ ଜୀବମାନଙ୍କର ପରିଚୟ ! କହି ଉପେନ୍ ଠୋ ଠୋ କରି ହସିଉଠିଲା ।

ହସ ଶୁଣି ବନଜା ବି ଚାଲିଆସିଲା ଘର ଭିତରୁ । ବାରଣ୍ଡାରେ ଠୁଳ ହୋଇଛନ୍ତି, ଚାଲିଛି ଅଲୋଚନା । ଆଲୋଚନାରେ ଏତେ ଲିପ୍ତ ଯେ, ଭିତରକୁ ଅସିବା ପ୍ରତି ଖିଆଲ ନାହିଁ । ହଠାତ୍ ବନଜାକୁ ସାମନାରେ ଦେଖି ସମସ୍ତେ ଆମୃସ୍ଥ ହେଲେ । ଜଟେ ହସି ହସି ଅଭିବାଦନ କଲା । ଅନୁପମ ବି' ହାତ ଆଗେଇଯାଇ ନମସ୍କାର କରିବାର ସାହିତ୍ୟିକ ଭଙ୍ଗୀ ଭିତରେ ଜଣାଇଦେଲା, ସେ ବନଜାକୁ ବହୁ ଆଗରୁ ଚିହ୍ନେ । ଅନ୍ୟାନ୍ୟମାନେ ମୁଗ୍ଧ ହୋଇ ସ୍ଥିରଦୃଷ୍ଟିରେ ଏଇ ଅପ୍ରିୟ ତରୁଣୀଟିର ଅସାମାନ୍ୟ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ଭାବି ଚାଲିଲେ ।

—ଘରକୁ ନ ଆସି ବାହାର ବାରଣ୍ଡାରେ କ'ଣ ଏତେ ଯୁକ୍ତି-ତର୍କ ? ସାହିତ୍ୟ ସମ୍ମିଳନୀ ହଉଛି ତ ? ବନତା ପଚାରିଲା ।

—ହବାର ତ କଥା ! ଜଗତ୍ କହିଲା—ବସିବା ପାଇଁ ସତରଞ୍ଜି ମିଳିଲେ ହେଲା !

—ମାନେ ? ଉପେନ୍ ପଚାରିଲା ।

—ମାନେ, ଏ ଭିତରେ ପ୍ରବୀଣମାନଙ୍କର ପ୍ରତିନିଧି କେହି ଏଠିକି ଆସି ନବୀନମାନଙ୍କର ପୃଷ୍ଠପୋଷକଙ୍କୁ ଓଲଟେଇ ଦେଲେଣି । ସେ ବର୍ତ୍ତମାନ ଖାଇବାକୁ—ବସିବାକୁ ଦବା ପାଇଁ ନାରାଜ ।

ବ୍ରଜ କହିଲା—“ସେଇଟା ବଡ଼ କଥା ନୁହେଁ । ତୁମମାନଙ୍କ ଭିତରେ ଏଇ ସଭାପତି—ସମ୍ପାଦକ ନିର୍ବାଚନ ବିଭ୍ରାଟ ହିଁ ସବୁ ଗଣ୍ଡଗୋଳର ମୂଳ । ବାସ୍ତବିକ ତୁମମାନଙ୍କ ଭିତରେ ଯଦି ସାହିତ୍ୟିକ ଦପ୍ତର ନେଇ ଏମିତି ଟଣାଓଟରା, ତା'ହେଲେ ପ୍ରବୀଣମାନେ ଯେ ନବୀନ ସାହିତ୍ୟିକ-ମାନଙ୍କୁ ଅଫିସ ଛାଡ଼ିଦେବାକୁ ଚାହାନ୍ତି ନାହିଁ—ସେଥିପାଇଁ ତାଙ୍କ ଦୋଷ ଦବାର କ'ଣ ଅଛି ?”

—ହରିବୋଲ, ହରିବୋଲ ! ଉପେନ୍ କହିଲା—କଟକ ଫେରିଯିବାକୁ ଇନା ଆଉ ଟ୍ରେନ ନାହିଁ ନା କ'ଣ ବ୍ରଜ ?

—ପାଗଳ ନା କ'ଣ ! ଜଗତ୍ କହିଲା—ଅଧିବେଶନରେ ତତେ ବକ୍ତୃତା ଦବାକୁ ହିଁ ପଡ଼ିବ ।

—ଶିରୋନାସ୍ତି—ଶିରଃପୀଡ଼ା ! ! ସମ୍ମିଳନୀ ହବାର ଠିକ୍ ନାହିଁ—ମତେ ବକ୍ତୃତା ଦବାକୁ ପଡ଼ିବ !

—ସମ୍ମିଳନୀ ଠିକ୍ ହବ, ନିଶ୍ଚୟ ହବ, ନିର୍ଭୁଲ ଭାବରେ ହବ । ଫୁଲମାଳା ଗୁନ୍ଥା ଚାଲିଛି ଯେତେବେଳେ—ପୃଷ୍ଠପୋଷକ, ସଭାପତି, ସମ୍ପାଦକ ନ ପିନ୍ଧି କ'ଣ ଛାଡ଼ିବେ ?

—ତା’ ହେଲେ ଫୁଲମାଳା ପିନ୍ଧିବାର ଲୋଭଟା କି ସାହିତ୍ୟ ସମ୍ମିଳନୀ ମୂଳରେ ?

ବ୍ରଜ କହିଲା—ମୂଳରେ ଫୁଲମାଳ ପକେଇବାର ଲୋଭ ଆଉ ଶେଷରେ ପ୍ରଶଂସା ଶୁଣିବାର ମୋହ—ଏଇ ଦୁଇଟା ତ ପ୍ରଧାନ ଉଦ୍ଦେଶ୍ୟ ଆମ ଦେଶର ସଭାସମିତିର ସବୁ ଉଦ୍ୟୋକ୍ତାଙ୍କ ଭିତରେ ।

—ଏଇ ଫୁଲମାଳ ପକା ଆଉ ପ୍ରଶଂସାବାଦ୍ଯର ପାଲ୍‌ସୁଆଙ୍ଗ ଦେଖିବାକୁ ତୁ ମତେ ଡାକି ଆଣିଚୁ ? ଉପେନ୍ କହିଲା ବ୍ରଜକୁ ଲକ୍ଷ୍ୟ କରି ।

—ବାସ୍ତବକ୍ ଅବସ୍ଥାରେ ଏମାନଙ୍କୁ ସମର୍ଥନ କରି ଆମେ ବଡ଼ ଭୁଲ୍ କରୁଛୁ । ତେବେ ଆସିଛୁ ଯେତେବେଳେ—ଏଇ ପାଲ୍—ସୁଆଙ୍ଗ ଟାକୁଇ ଦେଖି ଯାଇଥା । କିଛି ଅଭିଜ୍ଞତା ହେବ ।

ବାସ୍ତବିକ ଅଭିଜ୍ଞତା ଅର୍ଜନ କରିବା କଥା ! କାରଣ ଆମ ଦେଶରେ ସବୁ ଅସମ୍ଭବ ସମ୍ଭବ ହୁଏ କିନା ! ସେଇଥିପାଇଁ ସଭାସମିତିରେ ଯୋଗ ଦେଇ ଦେଖି ଶିଖିବା କଥା । ଅଯୋଗ୍ୟ କପଟି କୁର୍ସିରେ ବସି ଗୋଡ଼ ହଲେଇ ସଭାପତିତ୍ୱ କରେ, ଅକର୍ମଣ୍ୟ କାପୁରୁ ବେକରେ ଫୁଲମାଳ ପକେଇ ହାତ ହଲେଇ ଅବାନ୍ତର ଭାଷଣ ଦିଏ, ଅପଦାର୍ଥ କପଟି ଦେଶ-ପ୍ରେମର ବାହାନା ଦେଇ ଦର୍ଶକମଣ୍ଡଳୀର ପ୍ରଶଂସିତ କରତାଳରେ ନାଚି କୁଦି ମୁଣ୍ଡ ହଲେଇ ତା ସବ୍‌ଜାନ୍‌ତା ନେତୃତ୍ୱ ଦେଖାଏ ।

ଉପେନ୍ କଥା ଶୁଣି ସମସ୍ତେ ତୋ ତୋ କରି ହସିଉଠିଲେ । ହସିଲାନି କେବଳ ବ୍ରଜ । ପ୍ରତିବାଦ ସୁରରେ କହିଲା—ଆପଣ କେବଳ ଦୋଷ ବାଛି ଜାଣନ୍ତି, ମଣିଷର ଖରାପ ଦିଗଟାଇ ଦେଖନ୍ତି ।

ଉପେନ୍ କହିଲା—ଓଡ଼ିଆ ଜାତିଟା ଯଦି ଆଜି ଧ୍ୱଂସ ହବାକୁ ଯାଉଥାଏ, ତାହାହେଲେ ସେ କେବଳ ତାର ଏଇ ଭୁଲ୍‌କୁ ନ ଦେଖିବା ହେତୁ, ଦୋଷକୁ ସ୍ୱୀକାର ନ କରୁଥିବା ଯୋଗୁ ! ! ଜାତିଟା ବଞ୍ଚିଛି କେବଳ ଅନ୍ଧ ଗୌରବରେ—ଅତୀତର କଳା, ଭାଷା ଆଉ ସାହିତ୍ୟକ

ଖ୍ୟାତିକୁ ସମ୍ବଳ କରି—ଗୋଟାଏ ଅଳୀକ ସାନ୍ତ୍ୱନାର ଝୁଙ୍କ ଉପରେ । ଝୁଲୁଛି ତାର କଳା-ସାହିତ୍ୟସମୃଦ୍ଧ ଓଡ଼ିଆ ଜାତି, ଯାର ଗଜପତି ଅମଳର ସ୍ପର୍ଦ୍ଧିତ ସାମରିକ ଜାତି, ପୁରୀ-କୋଣାର୍କ-ଭୁବନେଶ୍ୱରର ସ୍ଥାପତ୍ୟ-ଶିଳ୍ପୀ ଜାତି—ସେ ଜାତି— ପଠାଣ, ମୋଗଲ, ମରହଟ୍ଟାର ଅତ୍ୟାଚାରରେ ମରି ନାହିଁ କି ଏବେ ବି ମାଡ୍ରାସୀ, ବଙ୍ଗାଳୀ, ଆନ୍ଧ୍ର ମାନଙ୍କର ପ୍ରାଦେଶିକ ଅବିଚାର, ଅନାଚାର, ଅତ୍ୟାଚାରରେ ମରିପାରିନା । କିନ୍ତୁ ଖାଲି ମୁହଁରେ କହିଲେ କ’ଣ ହବ, କ’ଣ ଅଛି ଆଉ ଜାତିର ? ଆଗଙ୍ଗାଗୋଦାବରୀର ବିରାଟ ବିଶାଳ ଜାତି ଯେ ଆଜି ପାଞ୍ଚ ଛଅଟା ଜିଲ୍ଲା ମଧ୍ୟରେ ଆବଦ୍ଧ ରହି ଅନାହାରର ସ୍ୱପ୍ନ ଦେଖି ମରୁଛି, ସେଥିପ୍ରତି ଦୃଷ୍ଟି ପଡ଼ୁଚି ତ ? ସ୍ପର୍ଦ୍ଧିତ ସାମରିକ ଓଡ଼ିଆ ଜାତି ଆଜି କଙ୍କାଳସାର—ଦୁର୍ବଳ । ଅତୀତର ଶିଳ୍ପ-ବାଣିଜ୍ୟ-ସମୃଦ୍ଧ କଳିଙ୍ଗ ଦେଶ ଆଜି ଭଗ୍ନସ୍ୱାସ୍ଥ୍ୟ ନେଇ ବେକାର ହୋଇ ଘୂରି ବୁଲୁଛି ଆସାମ ଆଉ ଚଟ୍ଟଗ୍ରାମର ପଥେ ପଥେ କୁଲି ମଜୁରିଆ କାମ ପାଇଁ । କହିପାରିବ, ଦେଶର ଏ ଶୋଚନୀୟ ଦୁରବସ୍ଥା ବେଳେ ଜାତିର ଏ ଅଧଃପତନ ଆଖିରେ ଦେଖି ବୁଝି ବି ଦେଶବତ୍ସଳ ଜାତୀୟତାବାଦୀମାନଙ୍କର ଦୋଷ ଗୁଣ ନ ବାଛି, ଭୁଲ୍-ତ୍ରୁଟି ନ ଦେଖାଇ ଦେଇ, ଭ୍ରମ ଭ୍ରାନ୍ତି ବିରୁଦ୍ଧରେ ପ୍ରତିବାଦ ନ କରି ଆଉ କ’ଣ କରିବି ଅତୀତର ଯଶଗୌରବର ଭଗ୍ନାବଶେଷ ଉପରେ ଜାତି ଏବେ ମଧ୍ୟ ବଞ୍ଚିଛି ଆଉ ଯୁଗ ଯୁଗ ପାଇଁ ବଞ୍ଚିବ ?

ଜଗତ୍ ଭାବ-ବିହ୍ୱଳ ହୋଇ ଉପେନ୍‌କୁ କୁଣ୍ଢେଇ ପକାଇଲା । ପୁଣି ନଇଁପଡ଼ି ଉପେନ୍‌ର ପାଦଧୂଳି ନେଇ ମୁଣ୍ଡରେ ମାରିଲା । ଲଳିତ, ଅରୁଣ, ମୃଗାଙ୍କ, ତପନ, ଆଉ ରଞ୍ଜନ ସମସ୍ତ ସ୍ତବ୍ଧ ହୋଇ ଉତ୍ତେଜିତ ଉପେନ୍‌ର ରକ୍ତାଭ ମୁଖଆଡ଼େ ଅନେଇ ରହିଲେ ।

କେବଳ ବ୍ରଜ ତା ଚକ୍ଷୁର ଅଶ୍ରୁ ଗୋପନ କରି ଚାଲିଗଲା ଭିତରକୁ ।

× × × ×

ସେଇ କାରଣରୁ ବ୍ରଜ ଚାହିଁଲା ଉପେନ୍‌କୁ । ଜଗନ୍ ପଚାରିଲା—କୁଆଡ଼େ ? ବ୍ରଜ କହିଲା—“ଆମେ ବସାକୁ ଫେରୁଛୁ ନା କ’ଣ ?”

—ବସାକୁ ଯିବ କାହିଁକି ? ଏଠି ଖାଇଦେଲେ ହବନି ?

—ନ ହବାର କିଛି ନାହିଁ । ତେବେ ମାଉସୀ ଏତେ ଦିନକେ ଆମ ଦି ଭାଇଭଉଣୀଙ୍କି ପାଇଛନ୍ତି—କେତେ ଆଗ୍ରହରେ ରନ୍ଧାବଢ଼ା କରିଥିବେ, ନ ଗଲେ କିମିତି ଚଳିବ ?

—ବେଶ୍, ତା'ହେଲେ ଦି' ଭାଇ-ଭଉଣୀ ତୁମେ ଯାଅ, ଉପେନ୍‌କୁ ଟଣା-ଓଟରା କାହିଁକି ? ସେ ଯେ ମୋ ଅତିଥି !

—ଆପଣଙ୍କ ଅତିଥିଙ୍କୁ ଏଇ ବେଳାଟା ପାଇଁ ଧାର ସ୍ୱରୂପ ନେଇଯାଉଛୁ । ବନତା ହସି ହସି କହିଲା—ସନ୍ଧ୍ୟାବେଳକୁ ଫେରେଇ ଦବୁ ।

ବନତା କଥାରେ ସମସ୍ତେ ହସିଉଠିଲେ । ଜଗତ୍ କହିଲା—ହଉ, ଅନୁରୋଧ ରଖିବ ଗୋଟାଏ ସର୍ତ୍ତରେ—ରାତିରେ ତୁମେ ଦି ଭାଇଭଉଣୀ ଏ ଗରିବର ଅତିଥି ହବ ।

—ଧନ୍ୟବାଦ ! ବନତା ମୃଦୁ-ମଧୁର ହାସ୍ୟଚ୍ଛଟାରେ ସମସ୍ତଙ୍କୁ ନମସ୍କାର ଜଣାଇ, ମରାଳ-ଗ୍ରୀବା ତୋଳି, ମନ୍ଥର ଗତିରେ ରିକ୍ସାରେ ଯାଇ ବସିଲା ।

ଉପେନ୍‌କୁ ସାଙ୍ଗରେ ନେଇ ବ୍ରଜ ବସିଲା ଅନ୍ୟ ଗୋଟାକରେ । ରିକ୍ସା ଚାଲିଲା ।

ମାଟିମଣ୍ଡପ ସାହିର ଶେଷ ମୁଣ୍ଡକୁ ବ୍ରଜବଲ୍ଲଭର ମଉସା ସାଧୁଚରଣବାବୁଙ୍କର ଗୋଟିଏ ଏକତାଲା କୋଠା । ରିକ୍ସା ଛିଡ଼ା ହବା ମାତ୍ରକେ ସାଧୁବାବୁ ବାହାରିଆସି ଉପେନକୁ ସ୍ୱାଗତ ସମ୍ଭାଷଣ ଜଣାଇ ଘର ଭିତରକୁ ଡାକି ନେଇଗଲେ । ବ୍ରଜ ଚିହ୍ନାଇଦେଲା । ଉପେନ୍ ନମସ୍କାର କଲା ।

ବନତା ସିଧା ଚାଲିଗଲା ଘର ଭିତରକୁ । ଦାଣ୍ଡପଟ ବୈଠକ ଘର ଭିତରେ ଯାଇ ବସୁ ବସୁ ଉପେନ୍ ଯେପରି ଅନୁମାନ କଲା, ବନତାକୁ

କେହି ଜଣେ ଉଚ୍ଚସ୍ୱରରେ ତରଳ ହାସ୍ୟଛଟାରେ ଆଦର କରି ପାଛୁଛି ନେଇଗଲା ।

ବ୍ରଜ କ'ଣ ଗୋଟାଏ କାମର ବାହାନା କରି ଚାଲିଗଲା ଅନ୍ଦର ମହଲକୁ । ଉପେନ ଦୀର୍ଘନିଶ୍ୱାସ ପକାଇ ଚାରିଆଡ଼େ ଆଖି ବୁଲାଇ ଚାହିଁଲା । ବହୁ ଦିନର ପୁରୁଣା ଘର । ଛାତ ଠାଏ ଠାଏ ଫାଟିଲା ପରି ଦେଖାଯାଉଛି । କାନ୍ଥରେ ଚୂନ ବହୁତ ବର୍ଷ ଧରି ଲଗି ନାହିଁ । କବାଟ ଆଉ ଝରକାର ରଙ୍ଗ କେଉଁ ଧୂଆଁଳିଆ ପାଉଁଶିଆ ହୋଇଯାଇଛି ।

ସାଧୁବାବୁ ପାନଡବାରୁ ଖଣ୍ଡେ ପାନ ଖାଇ ଆଉ ଖଣ୍ଡେ ଉପେନ୍ ଆଡ଼େ ବଢ଼ାଇଦେଲେ । ଉପେନ୍ ନମସ୍କାର କରି ପ୍ରତ୍ୟାଖ୍ୟାନ କଲା । ସାଧୁବାବୁ କହିଲେ—ଭଲ କରିଛ ! ଗୁଆ'ର ଦର ଯାହା, ପାନ 'ଖଣ୍ଡେ ଖାଇବା ମାନେ ଦି ଦିନ ଅଧା ପେଟରେ ଉପାସ ରହିବା ।

ଉପେନ୍ କଥାଟା ଅର୍ଦ୍ଧସ୍ୱଗତ ଭାବରେ ଶୁଣିଲା । ତାର ଭାବନା ଥିଲା ଅନ୍ୟ ଆଡ଼େ । ଦୃଷ୍ଟି ଥିଲା ସାଧୁବାବୁଙ୍କର ବାର୍ଦ୍ଧକ୍ୟ-ମଳିନ, ପାଣ୍ଡୁର ମୁଖାକୃତି ଉପରେ । ବୟସ ଖସିଯାଇଛି, ଶକ୍ତି କମିଆସିଛି, ଅସ୍ଥି ଭାଙ୍ଗି ପଡ଼ିଛି—କିନ୍ତୁ ତଥାପି ତାଙ୍କର ଉଚ୍ଚ କପାଳ ତଳେ ସୁଦୀର୍ଘ ନାସା ଆଉ ତା ତଳେ ମୋଟା ମୋଟା ଦରପାଚିଲା ନିଶ ଦ'ମଟାରୁ ଯେପରି ଆଭିଜାତ୍ୟ ଦର୍ପଟା ସ୍ପଷ୍ଟ ଫୁଟି ବାହାରୁଛି—କୋଟରଗତ ଚକ୍ଷୁ ଦୃଷ୍ଟି ଭିତରୁ ଝଲସି ଉଠୁଛି ଅତୀତ ଜୀବନର ଐଶ୍ୱର୍ଯ୍ୟ ଆଉ ପୂର୍ବପୁରୁଷଙ୍କର କୌଳିକ ଦୀପ୍ତି ।

ସାଧୁବାବୁ କହିଲେ—ଫାଷ୍ଟ କ୍ଲାସ ପାଇ ବି. ଏ. ପାଶ କରିଛ ଶୁଣିଲି । ଜୀବନରେ ମୋର ଗୋଟାଏ ବଡ଼ ସ୍ୱପ୍ନ ଥିଲା—ଉଦୟକୁ ମଣିଷ କରିବା । ଯୋଉବେଳେ ରୋଜଗାର ଥିଲା ଯେମିତି ଉଦୟ ପଢ଼ିଥିଲେ ଅନେକ ଦୂର ଯାଇ ପାରିଥାଆନ୍ତା । କିନ୍ତୁ ମାଟ୍ରିକଟା ସେ ପାଶ କରି ପାରିଲା ନାହିଁ । ପଣ୍ଡା-ପଡ଼ିହାରୀ ଟୋକାଙ୍କ ସହିତ ମିଶି ପାଚକ ଖାଇ, ଆଖଡ଼ା ଘରେ ହୁମ୍‌ଦୁମ୍ ହୋଇ, ସେ କେବଳ ତା ଜୀବନକୁ ନଷ୍ଟ କଲା ନାହିଁ, ମୋର ଏତେଟିକିବଡ଼ ବଂଶର ଗୌରବକୁ ବି କଳଙ୍କିତ କଲା ।

ଏ ଘର କ'ଣ ଆଉ ରହିବ ? ସବୁଦିନ ମୁଁ ଟିକିଏ ବଦଖର୍ଚ୍ଚୀ । କମେଇଥିଲି ଯାହା, ସବୁ ଉଡ଼େଇ ଦେଇଛି । ଆଜି ଭାବିଲେ ମୁଣ୍ଡ ଘୂରେଇ ଦିଏ । ଏ ଘରେ ଟିକିଏ ଚୂନ ଦବା ପାଇଁ, କବାଟରେ ଟିକିଏ ରଙ୍ଗ ଲଗେଇବା ପାଇଁ ଚାରି ବର୍ଷ ହେଲା ଚେଷ୍ଟା କଲାଣି; କିନ୍ତୁ ସେ ଅଉ ହେଇ ଉଠୁ ନାହିଁ । କୁଆଡୁ ଆଣିବ ଯେ ଖର୍ଚ୍ଚ କରିବ ? ଦେଖୁନ, ଘରର ଛାତଟା କିପରି ଫାଟି ଫାଟି ଆସିଲାଣି ! ଉଦୟଟା ତ ମଣିଷ ହେଲା ନାହିଁ, କ'ଣ ହବ ? କି ଚାକିରି ସେ କରିବ ? ପାଠ ତ ଚଢ଼ିନି, କୋଡ଼ିଏ ତିରିଶ ଟଙ୍କାରେ ଚାକିରି ଛଡ଼ା ଆଉ ବେଶୀ ମିଳିବ ବା କ'ଣ ? ତେବେ ତା ମନର ଟିକିଏ ପରିବର୍ତ୍ତନ କିଛି ଦିନ ହେଲା ଲକ୍ଷ୍ୟ କରୁଛି । ଦି'ମାସ ହେଲା ମିଲିଟାରୀ କଣ୍ଟ୍ରାକ୍ଟରି ନେଇଛି । ବେଶ୍ ଦି'ପଇସା ଆସୁଛି । କିଛି ଦିନ ମନ ଠିକ୍ କରି ଏଇଥିରେ ଲାଗିପଡ଼ିଲେ ହୁଏତ ଘରର ଅବସ୍ଥା ଫେରିଯାନ୍ତା । ତାରି ସାଙ୍ଗର ନିରଞ୍ଜନ । ମାଇନର ବି ପାଶ୍ କରିନି; କିନ୍ତୁ ସେ ଆଜି ଭାଗ୍ୟ ବଳରେ ମିଲିଟାରୀ ଠିକା ନେଇ ଲକ୍ଷେ ଟଙ୍କାର ମୁଣ୍ଡ ! ସେଇ ସାହାଯ୍ୟ କରୁଛି···ଭାଗ୍ୟର ବରଦ ! ଉଦୟର ଏହି ମନ ରହନ୍ତା ଯଦି — କହି ବୃଦ୍ଧ ଏକ ଦୀର୍ଘ ନିଶ୍ୱାସ ନିକ୍ଷେପ କଲେ ।

ହଠାତ୍ ଦୁଆର ମୁହଁରେ ବ୍ରଜ ଆଉ ତା ପଛରେ ଜଣେ ବୟସ୍କା ମାଈଙ୍କୁ ଦେଖି ଉପେନ୍ ସନ୍ତର୍ପଣରେ ଉଠି ଛିଡ଼ା ହେଲା । ବ୍ରଜ କହିଲା — ଏଇ ହଉଛନ୍ତି ମୋର ମାଉସୀ । ଉପେନ୍ ନମସ୍କାର କଲା । ମାଉସୀ ସ୍ନେହ-ସିକ୍ତ ଗଳାରେ କହିଲେ, "ବାହାର ଘରଟାରେ ବସିଛ କାହିଁକି, ଭିତରକୁ ଆସୁନ !"

ବ୍ରଜ କହିଲା — ସେ ବଡ଼ ଲାଜକୁଳା ।

— ଲାଜ କାହାକୁ କରିବ ଏଠି ? କିଏ ମ ଅଛି କି ଘରେ ? ଭୂତମାନଙ୍କୁ ଲାଜ ? ସେ ତ କାହାକୁ ଆଉ ହୁଏନା — କି ଜାଣୁ । କୁଟିଆ କରି ଏ ଘରେ ବସେଇ ଦେଇଗଲୁ କାହିଁକି ? ମାଉସୀ ବ୍ରଜକୁ ଚାହିଁ ଆନ୍ତରିକ ସ୍ୱରରେ କହିଲେ ।

ଉପେନ କହିଲା — ନା, ମୋର ତ କିଛି ଅସୁବିଧା ହେଉନି — ମଉସାଙ୍କ ସାଙ୍ଗେ ବସି କଥାଭାଷା ହଉଥିଲି ।

—ହଁ, ମଉସା ତ ତମର ଯୁ' କଥାଭାଷା ହୁଅନ୍ତି ! କହି ସାଧୁବାବୁଙ୍କ ଆଡ଼େ ଚାହିଁ ମାଉସୀ ପଚାରିଲେ—ଉଦୟ ଏତେ ବେଳଯାଏ ଆସିଲା ନାହିଁ । ନିରଞ୍ଜନବାବୁ ଆସିବେନି ନା କ'ଣ !

—କେମିତି କହିବା ? ସେ ନିରଞ୍ଜନ ତ ଆଉ ନାହିଁ ! ଇନା ତାର କେତେ କାମ, କେତେ ଜଞ୍ଜାଳ ! କାମ ନ ସରିଲେ ସେ ଆସିବ ବା କେମିତି ?

—ତା ହେଲେ ଏମାନଙ୍କୁ ଖାଇବାକୁ ଦେଇଦିଏ ।

—ଦେଇପାର । ସାଧୁବାବୁ ଟିକିଏ ଭାବି ଭାବି କହିଲେ—କିନ୍ତୁ ଉଦୟ ଆଉ ନିରଞ୍ଜନ ଆସିଥିଲେ ଭଲ ହୋଇଥାଆନ୍ତା ।

କଥା ନ ସରୁଣୁ ହଠାତ୍ ବାହାରେ ମଟରର ହର୍ଣ୍ଣ ଶୁଭିଲା । ଶୁଭିଲା ମାତ୍ରକେ ସାଧୁବାବୁ ଧଡ଼-ପଡ଼ ହୋଇ ଉଠି ବାହାର ବାରଣ୍ଡା ଆଡ଼େ ଗଲେ । ମାଉସୀ ତରତର ହୋଇ ଭିତର ପଟ ଦୁଆର ପାଖକୁ ଯାଇ ଗୁହାଗଳାରେ ଡାକିଲେ—ପ୍ରେମା ! ପ୍ରେମା ମ ! ନିରଞ୍ଜନବାବୁ ଆସିଲେଣି ପରା ! ଶୁଭୁଛି ?

—ସତେ ! ଚାଲ ଚାଲ । ଭିତର ପଟୁ କେହିଜଣେ ଉତ୍କଣ୍ଠିତା ତରୁଣୀ କଣ୍ଠସ୍ୱରର ଝିନ-ଝଙ୍କାର ବାଜିଉଠିଲା ।

ହଠାତ୍ ସମସ୍ତ ଘରର ବାୟୁମଣ୍ଡଳ ଯେପରି ମୁଖରିତ ହୋଇଉଠିଲା । ଗୋଟାଏ ନୂତନ ଜୀବନର ଆନନ୍ଦ ହିଲ୍ଲୋଳ—ପୁଲକିତ ଉନ୍ମାଦନାର ଅଧୀର ଚାଞ୍ଚଲ୍ୟ ଜମିଯାଇ ଭିତରେ ଚହଲି ଉଠିଲା ସମସ୍ତ ପରିବାର ଭିତରେ । ଉଦୟନ୍ ସଙ୍କୁଚିତ ହୋଇ ଘରର ଗୋଟାଏ କୋଣ ପାଖକୁ ଘୁଞ୍ଚିଯାଇ ଠିଆହେଲା । ବୁଢ଼ା ଚାକର ଚଳି ହୋଇ ଦୁଆର ଆଡ଼କୁ ଗଲା ଆଗନ୍ତୁକଟିକୁ ଅଭିବାଦନ କରିବା ପାଇଁ । ସାଧୁବାବୁ ବ୍ୟସ୍ତ ହୋଇ ଘର ଭିତରକୁ ଆସି ମୁନ୍‌ସୀଙ୍କୁ ଚାହିଁ କ'ଣ ଟିକିଏ ଠାରିଦେଇ ପୁଣି ବାହାରକୁ ଚାଲିଗଲେ । ମଟରର ଦୁଆର ବନ୍ଦ ହେବାର ଧଡ଼-ଧାଡ଼ ଶବ୍ଦ, ପଦେ ଅଧେ କଥା ଆଉ ଭଙ୍ଗା ଭଙ୍ଗା ସ୍ୱରର ଧ୍ୱନି ! ପାହାଚ

ଉପରେ ଜୋତା'ର ମଚ ମଚ ଆବାଜ୍ । ତା ପରେ ଦୁଆର ମୁହଁରେ ଯେଉଁ ଚଞ୍ଚଳ—ଚପଳ, ସଉଚ୍ଚ—ଶ୍ୟାମଳ ଯୁବକଟିର ଆବିର୍ଭାବ ହେଲା ସଦଳ ବଳରେ, ଉପେନ ଲକ୍ଷ୍ୟ କଲା—ସିଲ୍କ ସୁଟ, ସବୁଜ ନେକ୍‌ଟାଇ, ଆମେରିକାନ୍ ଫେଲ୍ଟ ହାଟ୍‌ର ସାହେବୀ ପୋଷାକରେ ସେ ବାସ୍ତବିକ ଏକ ଦର୍ଶନୀୟ ଜୀବ ! !

—ହେଲୋ ! ଆଗନ୍ତୁକ ହସି ହସି ବ୍ରଜ ଆଡ଼କୁ ହାତ ବଢ଼ାଇ-ଦେଲା । ବ୍ରଜ ଟିକିଏ ଅଗେଇଯାଇ କରମର୍ଦ୍ଦନ କଲା । ତାପରେ ପରସ୍ପରଙ୍କୁ ପରିଚୟ କରେଇ ଦବା ପାଇଁ ଉପେନକୁ ଲକ୍ଷ୍ୟ କରି କହିଲା—ଏଇ ହଉଛି ଉଦୟ, ମଉସାଙ୍କର ଏକମାତ୍ର କୁଳପ୍ରଦୀପ—ଆଉ ଏ' ମି: ନିରଞ୍ଜନ ମହାନ୍ତି—ମିଲିଟାରୀ କଣ୍ଟ୍ରାକ୍ଟର । ଆଉ ମି: ମହାନ୍ତି—ଏ' ହଉଛି ଉପେନ୍—ମୋର କଲେଜ ବନ୍ଧୁ । ଏ ବର୍ଷ ଫାଷ୍ଟ କ୍ଲାସ ପାଇ ବି. ଏ. ପାଶ୍ କରିଛି ।

—ଓ, ଇଉ ଏ ଗ୍ରାଜୁଏଟ । ନିରଞ୍ଜନ ଆଗେଇଯାଇ ଉପେନର ହାତ ଟାଣିନେଇ କରମର୍ଦ୍ଦନ କଲା । ତାପରେ ଭିତର ପଟ ଦୁଆର ଆଡ଼େ ଗୃହିଁ ମାଉସୀଙ୍କି ନମସ୍କାର କରି, ବିନତାକୁ ଅଭିବାଦନ ଜଣାଇ—କଣେଇ କଣେଇ ଅର୍ଦ୍ଧଦୃଶ୍ୟମାନା ଯେଉଁ କିଶୋରୀଟି ଆଡ଼େ ଅନେଇ ଟିକିଏ ମୁରୁକି ହସିଦେଲା—ସେ ଆଉ କେହି ନୁହେଁ, ମାଉସୀଙ୍କର ଅଲିଅଳି କନ୍ୟା ପ୍ରେମା—ବନାମ ଶ୍ରୀମତୀ ପ୍ରତିମା ।

"ବସ ବସ !" ସାଧୁବାବୁ ନିଜେ ଚଉକି ଆଗେଇଦେଲେ । ମାଉସୀ କହିଲେ—ନା ନା, ଏଠି କାହିଁକି—ଆସ ନାହାନ୍ତି ଭିତରକୁ ? ସମସ୍ତେ ତ ଘରର ପୁଅ— କହି, ଆଖି ମାରି ସ୍ୱାମୀଙ୍କୁ କ'ଣ ଟିକିଏ ସଙ୍କେତ ଦେଲେ ।

—ଉଦୟ, ତୁ ଏମାନଙ୍କୁ ନେଇ ଭିତରକୁ ଆ । କହି ସାଧୁବାବୁ ନସର ପସର ହୋଇ ଗୃହିଣୀଙ୍କ ସଙ୍ଗରେ ଭିତରକୁ ଚାଲିଗଲେ । ବୋଧହୁଏ ଖାଇବା-ପିଇବାର ବନ୍ଦୋବସ୍ତ କରିବା ପାଇଁ । ମି: ନିରଞ୍ଜନ ଘନ ଘନ ଦୁଆରଆଡ଼େ ଲୋଲୁପ ଦୃଷ୍ଟି ପକେଇ କାହାର ସାନ୍ନିଧ

ଉଦ୍ଦେଶ୍ୟରେ ଯେପରି ଅସ୍ଥିର ହୋଇଉଠିଲେ । ତାପରେ କ'ଣ ଭାବି ଗୋଟାଏ କୁରୁସି ଟାଣିନେଇ ବସିପଡ଼ିଲେ । ସେ ବସିବା ମାତ୍ରକେ ବ୍ରଜ ଆଉ ଉପେନ୍ ମଧ୍ୟ ବସିଲେ । ଉଦୟ ଭିତରପଟେ ଆଡ଼େ ଚାହିଁ କହିଲା—ବସନ୍ତୁ ବନ ! ପ୍ରତିମା, ଆସୁନୁ ତୁ ଭିତରକୁ !

ପ୍ରତିମା ଆଖିର ଇସାରାରେ କ'ଣ ଟିକିଏ ଠାରିଦେଲା । ଉଦୟ ଠୋ ଠୋ କରି ହସି ଉଠିଲା—ଓ, ଉପେନ୍‌ବାବୁ ? ଆରେ, ସେ ଯେ ବ୍ରଜ ଭାଇଙ୍କ ବନ୍ଧୁ, ତାଙ୍କୁ ତୋର ଲାଜ କ'ଣ ?

ଉଦୟ କଥାକୁ ସମର୍ଥନ କରି ନିରଞ୍ଜନ ଭଙ୍ଗା ଭଙ୍ଗା ଇଂରାଜୀରେ କ'ଣଗୁଡ଼ାଏ କହିଲା । ଉପେନ୍ ଶୁଣି ଅବାକ୍ ହେଲା । ମୁହଁରେ ରୁମାଲ ଦେଇ ବନଲତା ହସିଉଠିଲା । ନିରଞ୍ଜନ ମୂର୍ଖ ହେଲେ ବି ଚାଲାଖ୍ । ସେ ବୁଝିନେଲା ଠିକ୍ । ଏଇ ଶିକ୍ଷା-ଗର୍ବିତା ଝିଅଟି ନିଶ୍ଚୟ ହସିଛି ତାର ଭୁଲ-ଭାଲ ଇଂରାଜୀର ଭଙ୍ଗା-ଭଙ୍ଗା ବୋଲି ଶୁଣି ! ତା ମୁହଁ ଲାଜରେ ପାଣ୍ଡୁର ହୋଇଉଠିଲା । କିନ୍ତୁ ସେ କେବଳ ମୁହୂର୍ତ୍ତକ ପାଇଁ । ତା ଅଧାପାଠୁଆ ଇଂରାଜୀ ଭୁଲଟା ଧରା ପଡ଼ିଗଲେ—ହଠାତ୍ କିପରି ନିଜକୁ ବଞ୍ଚେଇ ନବାକୁ ହୁଏ, ତା ସେ ଖୁବ୍ ଭଲ କରି ଜାଣେ । ସେଇଥିପାଇଁ ସାଙ୍ଗେ ସାଙ୍ଗେ କଥା ବୁଲେଇନେଇ ଉଦୟକୁ ଉଦ୍ଦେଶ୍ୟ କରି କହିଲା—ଆରେ, କାର୍ ଭିତରେ ବ୍ୟାଗଟା ଛାଡ଼ିଆସିଲୁ ଯେ...

—ହଁ, ହଁ । ଉଦୟ ସାଙ୍ଗେ ସାଙ୍ଗେ ଆଜ୍ଞାବାହକ ଭୃତ୍ୟ ପରି ଧାଇଁଗଲା । ବନଲତା ମଧ୍ୟ ମିଃ ମହାନ୍ତିଙ୍କ ଅପ୍ରସ୍ତୁତ ଭାବଟାକୁ ହାଲୁକା କରି ଦବା ପାଇଁ ଦୁଆର ସେପଟେ ଅଧା ଦେହ ଛପା ଦେଇ ଛିଡ଼ା ହୋଇଥିବା କୁମାରୀ ପ୍ରତିମାକୁ ଭିଡ଼ି ଆଣିବା ପାଇଁ ଟିକିଏ ଆଗେଇଗଲା ।

ବେଶୀ କଷ୍ଟ କରିବାକୁ ପଡ଼ିଲା ନାହିଁ ବନଲତାକୁ । ହାତ ଧରି ଟିକିଏ ଟାଣିବା ମାତ୍ରକେ ପ୍ରତିମା ଆସିଲା ଘର ଭିତରକୁ ।

ଆସିବା ମାତ୍ରକେ ସମସ୍ତ କକ୍ଷଟି ଯେପରି ଅଗୁରୁ ଗନ୍ଧରେ ମହକି ଉଠିଲା । ବନଲତା ଆଉ ବ୍ରଜ ଏ ଗନ୍ଧ ସକାଳୁ ଘରୁ ଆସି ହିଁ ପାଇଥିଲେ । ନିରଞ୍ଜନର ଏଇ ଗନ୍ଧଟାକୁ ହିଁ ପସନ୍ଦ ।

ପ୍ରତିମାକୁ ସାଙ୍ଗରେ ନେଇ ସେ ଏଇ ଅଗୁରୁ ଶିଶିରୁ ଅଧ ଡଜନ ଖଣ୍ଡେ ସେଦିନ କିଣିଦେଇଛି । କେବଳ ଉପେନ୍, ଉପେନ୍ ହିଁ କେବଳ ସଚେତନ ହୋଇଉଠିଲା ଏ ଗନ୍ଧ ପାଇ । ଅନିଚ୍ଛା ସତ୍ତ୍ୱେ ଗୃହିଣୀଙ୍କ ଆଗକୁ କାଟି ଆଡ଼େ । ଆଖି ତାର ଝଲସି ଉଠିଲା ସାଜସଜ୍ଜାର ଔଜ୍ଜ୍ୱଲ୍ୟରେ । ବିସ୍ମୟ-ସ୍ତବ୍ଧ ଦୃଷ୍ଟିରେ ସେ ଲକ୍ଷ୍ୟ କଲା—ପ୍ରତିମା ପିନ୍ଧିଛି ଖୁବ୍ ଦାମିକା କ୍ରେପ-ବନାରସୀ ଶାଢ଼ୀ । ଦେହରେ ବ୍ରୋକେଡ୍‌ର ବ୍ଲାଉଜ୍ । ଦି କାନରେ ପୋଖରାଜର ଦୁଲ୍—ଆଉ ବେକରେ ମେଟ୍ରୋ ପାଟର୍ଣ୍ଣର ନୂତନ ଡିଜାଇନ୍ ହାର । ଯୁଦ୍ଧ ବଜାରରେ ଖୋଦ୍ ପ୍ରତିମାଠୁଁ ତା ପରିଧେୟ ଆଉ ଆଭୂଷଣ ଅଳଙ୍କାରର ଦାମ ହୁଏତ ଅନେକ ବେଶୀ ହେବ । ଉପେନ୍ ପ୍ରତିମା ମୁହଁରୁ ଦୃଷ୍ଟି ଫେରାଇନେଇ ବନିତା ଆଡ଼େ ଗୃହିଣୀ ଟିକିଏ ହସିଦେଲା । ସେ ହସର ମର୍ମ କେବଳ ବନିତା ଛଡ଼ା ବୋଧହୁଏ ଆଉ କେହି ବୁଝିପାରିଲେ ନାହିଁ ।

ଉଦୟ ହାତରେ ଗୋଟାଏ ଝୁଲା ମୁଣି ଧରି ପ୍ରବେଶ କଲା । ସେଇଟାକୁ ମାଗି ନେଇ ନିରଞ୍ଜନ କାଢ଼ିଲା ତା ଭିତରୁ ଗୋଟାଏ କାଗଜ ପୁଡ଼ିଆ । ତାପରେ ବନ୍ଧା ହୋଇଥିବା ସୂତା ଦି ଖିଅକୁ ଟାଣି ଛିଣ୍ଡାଇ ଦେଇ ବ୍ରଜ ଆଡ଼କୁ ବଢ଼େଇଦେଲା । ବ୍ରଜ କାଗଜଟା ଖୋଲି ଦେଖିଲା—ଦି ଖଣ୍ଡ ନୂଆ ଶାଢ଼ୀ । ଗୋଟାଏ ନେଳୀ ବନାରସୀ—ଆଉ ଗୋଟିଏ ଜର୍ଜେଟ !! ବନାରସୀ ସିଲ୍‌କ ଝଲମଲ କରୁଛି ତା' ଉଙ୍ଗର ପାଡ଼ିରେ । ଆଉ ଜର୍ଜେଟ ଝକ୍‌ମକ୍ କରୁଛି ତାର ଗୋଲାପୀ ବର୍ଣ୍ଣ—ଚିକ୍‌କଣ ପାଲିସ୍—ଆଉ ରୂପେଲି ଜରି ପାଡ଼ର ବୈଚିତ୍ର୍ୟରେ !! ବ୍ରଜ ହାତରେ ଲୁଗାର ଦେହ ସାଉଁଳି ଦେଖି ଆଶ୍ଚର୍ଯ୍ୟ ହୋଇଉଠିଲା । ବ୍ଲାକ୍ ମାର୍କେଟରେ ଏ ଜିନିଷ ଏବେ ବି ମିଳୁଛି ?

—ଦାମ୍ ଦେଲେ ମିଳିବନି କାହିଁକି ? ଗର୍ବରେ କହିଲା ନିରଞ୍ଜନ ।

ଉଦୟ ମୁରୁକି ହସିଲା ।

ପ୍ରତିମା ସ୍ମିତାଙ୍କିତ ଭଙ୍ଗୀରେ ବ୍ରଜର କୁରୁଶ ପାଖକୁ ଯାଇ ଶାଢ଼ୀ ଦିଇଟା ଉପରେ ତାର ନରମ କୋମଳ ଅଙ୍ଗୁଳିଗୁଡ଼ିକ ସଞ୍ଚାଳନ କରି

କହି ଟିକେଟରୁ ମନଯୋଗ କାଢ଼ି, ନିରଞ୍ଜନ ହଠାତ୍ ଗୋଟାଏ ଶହେ ଟଙ୍କିଆ ନୋଟ୍ ରଖିଦେଲା ଟେବଲ୍ ଉପରେ ।

ପଇସାର କି ଗର୍ବ ! ଉପେନ୍ ତାଚ୍ଛଲ୍ୟ ଦୃଷ୍ଟିରେ ଅନାଇଲା ନିରଞ୍ଜନର ହାସ୍ୟ-ଉଜ୍ଜ୍ୱଳ ମୁଖମଣ୍ଡଳ ଆଡ଼େ ।

—କେତେ ତାହାହେଲେ ? ପଚାରିଲା ବ୍ରଜ ।

—କେତେ କହନ୍ତୁ ଦେଖି ଆପଣ ? ନିରଞ୍ଜନ ପୁଣି ଚାହିଁଲା ଉପେନ୍ ଆଡ଼େ ।

ଉପେନ୍ କହିଲା—ପାରିବିନି କହି, କ୍ଷମା କରିବେ ।

ଉଦୟ କହିଲା—ବନାରସୀଟା ପଞ୍ଚାଅଶୀ ଆଉ ଜର୍ଜେଟ୍‌ରେ ସଚ୍ଚା ଜରିର କାମ ! ସେଇଟାର ଦାମ୍ ଶହେ ପଇଁତିରିଶ ।

—ଭଗବାନ୍ ! ବ୍ରଜ ପାଟି କରି ଉଠିଲା—ଏତେ ଦାମ୍ ! ହେଃ !”

—ଜନତା ହସିଉଠିଲା ।

ନିରଞ୍ଜନ କହିଲା—ଏତେ ଦାମ୍ ? ବେଶି ହୋଇଗଲା ବୋଲି ମନେ ହଉଚି ? କିନ୍ତୁ ଜାଣନ୍ତି—ଏଇ ଶାଢ଼ୀକି ମୁଁ ଇନା ତିନି ଡବଲ ଦାମ୍‌ରେ ବ୍ଲାକ୍ ମାର୍କେଟରେ ଏଇଠି ବସି ବସି ଦି ଖଣ୍ଡ ଶଠେ ଲେଖି ବିକିଦେବି ।

—କେତେରେ ବିକିପାରିବେ ଅନ୍ଦାଜ ? ଉପେନ୍ ପଚାରିଲା ।

—ଏଇ ଧରନ୍ତୁ, ବନାରସୀଟାକୁ ଦୁଇଶ ନଗଦ, ଆଉ ଜର୍ଜେଟ୍‌କୁ ଖୁବ୍ କମ୍‌ସେ କମ୍ ସାଢ଼େ ତିନିଶ'ରେ ।

—ଏତେ ପଇସା ଦେଇ ଶାଢ଼ୀ କିଣିବା ଲୋକ ପୁଣିରେ ଅଛନ୍ତି ?

ନିରଞ୍ଜନ ପୁଣି ହସିଉଠିଲା । କହିଲା—ସେଇଥିପାଇଁ ତ ବନତା ଦେବୀଙ୍କୁ ଟିକିଏ ଆଗରୁ କହୁଥିଲି, ପଇସା ହିଁ ଅଛି ଆଜିକାଲି ଦୁନିଆରେ—ଆଉ ପଇସା ହିଁ ହେଉଛି ମଣିଷର ଦାମ୍ !!

—କିନ୍ତୁ ପଇସା ଆଜିକାଲି ବସ୍ତାର ବୁଲି ପଙ୍କାର ବ କମଉଛି, ଜାଣନ୍ତି ? ବନତା କହିଲି ।

—ଆଉ ଶହ ଶହ ହଜାର ହଜାର ବୁଲି ପଙ୍କାର ବ ବସ୍ତାଘାଟରେ ନ ଖାଇ ନ ପିଇ ମରୁଛନ୍ତି, ଯୀ ବ ଜାଣନ୍ତି ? ନିରଞ୍ଜନ କହିଲା ।

—ହଁ, ଜାଣେ ! ସେସବୁ ଆପଣଙ୍କ ପରି ଲୋକଙ୍କ ଦୌରାତ୍ମ୍ୟରେ ! ଦେଶକୁ ଆପଣମାନେ ଏପରି ଭାବରେ ଲୁଟୁଛନ୍ତି ।

ବ୍ରଜ କହିଲା—ଚୁପ୍ କର । କ'ଣସବୁ ବାଜେ ଗପୁଚୁ ?

ନିରଞ୍ଜନ ହସି ହସି କହିଲା—ନା, ନା, କହନ୍ତୁ ନା ! ଶୁଣିବାକୁ ଭଲ ଲାଗୁଛି ।

—ମାନେ ? ବନତା ପଚାରିଲା ।

—ମାନେ, ଆପଣ ଯାହା କହୁଛନ୍ତି, ନ ବୁଝି ନ ସୁଝି କହୁଛନ୍ତି । ମୋର ତ ମନେ ହୁଏ, ଯୁଦ୍ଧ ଯଦି ବରାବର ଯୁଗ ଯୁଗ ଧରି ଲାଗିରହନ୍ତା···

—ହଁ, ମିଲିଟାରୀ କଣ୍ଟ୍ରାକ୍ଟର ନେଇ ଆପଣମାନଙ୍କ ପରି କେତେ ଜଣ ବ୍ୟାଙ୍କ ଭରି ରଖନ୍ତେ ।

କଥାଟା ଖରାପ ଆଡ଼କୁ ଗତି କରୁଛି ଦେଖି ଉପେନ୍ କହିଲା—କି ମିଲିଟାରୀ କଣ୍ଟ୍ରାକ୍ଟର ଆପଣ ନେଇଛନ୍ତି ?

ନିରଞ୍ଜନ କହିଲା—ମୋ ମିଲିଟାରୀ କଣ୍ଟ୍ରାକ୍ଟର ନବାଟା ଗୋଟାଏ ଇତିହାସ । ତେବେ ସଂକ୍ଷେପରେ—ମୁଁ ସବୁ ସପ୍ଲାଇ କରୁଛି । ପନିପରିବା, ଅଣ୍ଡା, ମାଛ, ମାଂସଠୁ ଆରମ୍ଭ କରି ଝୁଡ଼ି, ଟୋକେଇ,

ବେତ, କାଠର ଫର୍ନିଚର, ଟେବଲ, ଚେୟାର, କୁରୁସି, ହରେକ ରକମର ଦରକାରୀ ଜିନିଷ । ଏରୋଡ୍ରମ କଣ୍ଟ୍ରାକ୍ଟ ବି ନେଇଛି—ଭୁବନେଶ୍ୱରରେ ।

—ପଇସା ଖୁବ୍ ପାଉଛନ୍ତି ନିଶ୍ଚୟ ?

—ଲୁଚେଇ ଲାଭ ନାହିଁ । ପାଉଛି ନିଶ୍ଚୟ । ଏଇ ଦି ବର୍ଷର କାରବାର ଭିତରେ, ମୁଁ କୋଡ଼ିଏ ହଜାରରେ ଗୋଟାଏ ପକ୍କା କରିଛି, ବ୍ୟାଙ୍କରେ ଦେଢ଼ ଲକ୍ଷ ଟଙ୍କା ଫିକ୍ସଡ୍ ଡିପୋଜିଟ୍ ରଖିଛି । କରେଣ୍ଟ ଆକାଉଣ୍ଟରେ ରଖିଛି ଷାଠିଏ ହଜାର । ଆଉ ବାହାରେ ବିଲ୍ ପଡ଼ିରହିଛି ପ୍ରାୟ ସତୁରି—ଅଶୀ ହଜାରର । ଯା' ଛଡ଼ା ଲରି ପାଞ୍ଚ ଛଅ ଖଣ୍ଡ ଆଉ ପ୍ରାଇଭେଟ୍ ଗାଡ଼ି ଦି ଖଣ୍ଡ । ସେଥିରୁ ଖଣ୍ଡେ କାଲି ବିକି ଦଉଛି ।

—କୁ'ଠି ବିକିଦେବେ ? ପଚାରିଲା ପ୍ରତିମା ।

—ସେଇ ଚେଭରଲେଟ୍‌ଟା । ଭଲ ଅଫର୍ ପାଉଛି । କିଣିଥିଲି ବାରଶ'ରେ, ପାଉଛି ଅଠେଇଶି ଶ' । ମନ୍ଦ କ'ଣ ? ନିରଞ୍ଜନ ଚାହିଁଲା ବ୍ରଜ ଆଡ଼େ ।

ବ୍ରଜ କହିଲା—କାର୍‌ଟାର ଅବସ୍ଥା କିମିତି ?

—ଭଲ୍ ଗାଡ଼ି । ତେବେ ବ୍ୟାଟେରି ଠିକ୍ କାମ କରୁନି ବେଳେ ବେଳେ । ହେଲେ, ମୋର ମୁଁ ଗାଡ଼ି ଚଳେଇ ବିକିଦେବି । ତେଣିକି ଯେ ନବ, ସେ ବୁଝିବ ।

ଭିତର ପଟୁ ଡାକ ଶୁଣି ଉଦପୂ ଚାଲିଗଲା ଭିତରକୁ । ତା ପଛେ ପଛେ ପ୍ରତିମା ବି ଚାଲି ଯାଉଥିଲା । ନିରଞ୍ଜନ କହିଲା—ଏ କ'ଣ ? ଶାଢ଼ୀ ଦିଟା ଏଠି ପକେଇଦେଇ ଯାଉଛ ଯେ ? ପସନ୍ଦ ହେଲା ନାହିଁ ?

—ଉଁ ! ଲଜ୍ଜସ୍ନିଗ୍ଧ ଚାଣିରେ ପ୍ରତିମା ଫେରିପଡ଼ି ନିରଞ୍ଜନ ଆଡ଼େ ଟିକିଏ ଚାହିଁ ପୁଣି ଚାଲିଗଲା । ସେ ଚାଣିରୁ କ'ଣ ବୁଝିଲା ନିରଞ୍ଜନ

କେଜାଣି, ହଠାତ୍ ଶାଢ଼ୀ ଧଇଁଟା ଗୋଟେଇ-ପୋଟେଇ ଧରି, ବ୍ରଜକୁ ଚାହିଁ କହିଲା—ମୁଁ ଟିକଏ ମାଉସୀଙ୍କ ପାଖରୁ ଆସେ···କହି ସେ କ୍ଷିପ୍ର-ଗତିରେ ଭିତରକୁ ଚାଲିଗଲା ।

କିନ୍ତୁ ହଠାତ୍ ଏପରି ଭାବରେ ସମସ୍ତଙ୍କ ସାମନାରେ ପ୍ରତିମା ପଛେ ପଛେ ନିରଞ୍ଜନର ଉଠି ଚାଲିଯିବାର ଦୃଶ୍ୟଟା ଖୁବ କୁତ୍ସିତ ଦିଶିଲା ଉପେନ୍ଦ୍ର ଆଖିରେ । ଭଦ୍ରସମାଜରେ ଏ କି ନଗ୍ନ ବୀଭତ୍ସତା ! ସ୍ଥାନ-ଅସ୍ଥାନ, ପାତ୍ର-ଅପାତ୍ର କିଛିର ବାଛ-ବିଚାର ନାହିଁ । ଉପେନ୍ଦ୍ର କ୍ଷୁବ୍ଧ ହୋଇ ମନେ ମନେ ଭାବିଲା, ପରମ୍ପରାଗତ ବଂଶର ମର୍ଯ୍ୟାଦା, ଆଉ ବାହାରର ଆଡ଼ମ୍ବର ବଜାୟ ରଖିବା ପାଇଁ ଅଭାବଗ୍ରସ୍ତ ମଧ୍ୟବିତ୍ତ ପରିବାରର ଆଜି କି ନୈତିକ ଅଧଃପତନ ! ହଠାତ୍ ଉପେନ୍ଦ୍ରର ମନ ତାତି ଉଠିଲା । ସେ ସବୁ କିଛିକୁ କ୍ଷମା କରିପାରେ; କିନ୍ତୁ ସାଧାରଣ ଲୋକାଚାରର ଏ କଦର୍ଯ୍ୟ ବେହିଆମିକୁ କୌଣସିମତେ ନୁହେଁ । ସେ ଉଠି ଛିଡ଼ାହେଲା । କହିଲା, "ବ୍ରଜ, ମୁଁ ଚାଲିଲି ।"

—ମାନେ ? ବ୍ରଜ ବିସ୍ମିତ ଗଳାରେ ପଚାରିଲା ।

—ମୁଁ ଟିକଏ ସ୍ପଷ୍ଟବାଦୀ । କ୍ଷମା କରିବୁ ଭାଇ ! ବର୍ତ୍ତମାନ ଯୁ' ଦୃଶ୍ୟ ଆଖି ସାମନାରେ ଘଟିଗଲା, ଏହା ପରେ ଏ ଘରେ ମୋର ଆଉ ବସିରହିବା ଏକାବେଳକେ ରୁଚି-ବିରୁଦ୍ଧ···କହି ସେ ବନତା ଆଡ଼େ ଟିକଏ ଚାହିଁ ଦୁଆର ଖୋଲି ବିଜୁଳିବେଗରେ ବାହାର ରାସ୍ତାକୁ ଚାଲି ଆସିଲା ।

ବ୍ରଜ ପଛେ ପଛେ ଉଠିଯାଇ ଟିକଏ କ୍ଷମା ମାଗିଲା ପରି ଅନୁଯୋଗ ସ୍ୱରରେ କହିଲା—ଯାହା ତ ହେବାର ହେଲାଣି । ତୁ ଖାଇକରି ଯା । ନଇଲେ ମଉସା କ'ଣ ଭାବିବେ !

—ଯାହା ଭାବନ୍ତୁ ନା କାହିଁକି, ମୁଁ ଆଉ ଏଠି ଏକ ମୁହୂର୍ତ୍ତ ବି ରହିପାରିବିନି । ମତେ କ୍ଷମା ଦେ । ମୁଁ ଯାଉଛି, ସାହିତ୍ୟ-ସମ୍ମିଳନୀ

ମଣ୍ଡପରେ ଦେଖାହେବ···କହି ଉପେନ୍ଦ୍ର ଦ୍ରୁତ ପଦକ୍ଷେପରେ ସେଇ ଓହ୍ଳପଡିଆ ଖ୍‌ରାରେ ଚାଲିବାକୁ ଆରମ୍ଭ କଲା ।

ବନଜା ଦୁଆର ମୁହଁକୁ ଧାଇଁଆସି ଉପେନ୍‌କୁ ଡାକ ଫେରାଇବାକୁ ବୃଥା ଚେଷ୍ଟା କଲା । ଏକ ଅଶାନ୍ତ ମୂର୍ତ୍ତି ପରି ଉପେନ୍ ଆଖି ପଲକରେ ସେଠୁ ନିଶ୍ଚିହ୍ନ ହୋଇଗଲା ।

ସୁସଜ୍ଜିତ ସଭାମଣ୍ଡପ ବିଦ୍ୟୁତ୍ ଆଲୋକରେ ଝଲସି ଉଠିଥିଲା । ଉପେନ୍ ପହଞ୍ଚିଲାମାତ୍ରକେ ବ୍ରଜ ଆଉ ଜଗତ୍ ଦୁହେଁ ଆସି ସମାବେଶରେ ପାଛୋଟି ନେଇଗଲେ ।

—ଏତେ ଡେରି କଲୁ କାହିଁକି ? ପଚାରିଲେ ବ୍ରଜ ।

—ମୋର ତ ସମ୍ମିଳନୀ ଆରମ୍ଭ ପରେ ଦରକାର । ଏତେ ଆଗରୁ ଜଗତ୍ ସାଙ୍ଗରେ କାହିଁକି ଆସିଥାଆନ୍ତି ?... କହି ଉପେନ୍ ମଣ୍ଡପ ଉପରକୁ ଉଠିଲା । ଏ କ'ଣ ? ସେ ଆଶ୍ଚର୍ଯ୍ୟ ହୋଇ ନିରୀକ୍ଷଣ କରି ଦେଖିଲା, ଦଳ ଦଳ ହୋଇ ଘୂରି ବୁଲୁଛନ୍ତି ସବୁ ଏକେଇ ଡେଲିଗେଟ୍ ଫେସନ୍ ଦେଖେଇ । ଯୁଗଠି ବା କେତେ ଜଣ କାନରେ କାନରେ ଫୁସ୍‌ଫୁସ୍ ହଉଛନ୍ତି—ଗୋଟାଏ ଭୟଙ୍କର ଯୁଦ୍ଧର ସମ୍ମୁଖୀନ ହେବା ପୂର୍ବରୁ ରଣ-ରଥୀମାନଙ୍କର ଥାଏ ପରସ୍ପର ସହିତ ପରାମର୍ଶ କରିବାର ଯେଁ ବ୍ୟଗ୍ରତା । କାହା ମୁହଁରେ ହସ ନାହିଁ, କାହାଠି ସତେଜ ଭାବ ନାହିଁ । ସମସ୍ତେ ଯେପରି କିଛି ନା କିଛି ଚିନ୍ତା ଆଉ ଭାବନାରେ ବଡ଼ ଉଦାସ ଆଉ ଗମ୍ଭୀର । ଦଳେ ଅନ୍ୟ ଦଳଙ୍କୁ କଣେଇ କଣେଇ ଚାହିଁ ହସୁଛନ୍ତି । ପଞ୍ଚାଏ ଆଉ ପଞ୍ଚାଙ୍କୁ ଲକ୍ଷ୍ୟ କରି ବିଦ୍ରୂପ କରୁଛନ୍ତି । ଥଟ୍ଟା-ଠାପରା, ହସ-ପରିହାସ । ଅଳ୍ପ ଅଳ୍ପ ଶୁଣେଇ ଶୁଣେଇ ହୁଏତ ପଦେ ଅଧେ ସମାଲୋଚନା । ଆଧୁନିକ ଦଳ, ସବୁଜ ଦଳ, ପ୍ରଗତି ଦଳ, ବିପ୍ଳବିକ ଦଳ—ସମସ୍ତଙ୍କର ଭିନ୍ନ ଭିନ୍ନ ମତବାଦ । ସାହିତ୍ୟର ଅଲଗା ଅଲଗା ଆଭିମୁଖ୍ୟ ।

ଜଗତ୍ କହିଲା—ଆସ, ପରିଚୟ କରେଇଦେବି ସାହିତ୍ୟ-ରଥୀମାନଙ୍କ ସହିତ ।

—ଦରକାର ନାହିଁ । ମୁଁ ବେଶ୍ ଅଛି । ଚାଲ ବରଂ ଟିକିଏ କୁଆଡ଼େ ବସିବା ।

ଏହି ସମୟରେ ବାହାରେ ଶୁଭିଲା ହୋ-ହଲ୍ଲା । ସଭାପତି ଆସିଲେ । କଲେଜର ଜଣେ ପ୍ରଫେସର, ବିଲାତଫେରନ୍ତା । ଆଧୁନିକତନ୍ତ୍ରୀର ଲୋକ । ସାହିତ୍ୟ ସମ୍ବନ୍ଧରେ ଖୁବ୍ ଷ୍ଟଡ଼ି ଅଛି । ଇଣ୍ଟରନେସନାଲ ଲିଟରେଚରରେ ଭଲ ଗବେଷଣା ଅଛି ।

ସମସ୍ତେ ଧାଇଁଲେ ବାହାରକୁ ଯାଇ ପାଛୋଟି ଆଣିବାକୁ । ଜଗତ୍ ଉପେନ୍‌ର ହାତ ଟାଣିଲା ଆଗେଇ ଯିବାକୁ—ଆଗେଇ ଯାଇ ପରିଚିତ ହେବାକୁ । କିନ୍ତୁ ଉପେନ୍ ପଛେଇ ପଛେଇ ହେଲା । କହିଲା—ତୁ ଯା—ତୋର ପାଇଁ ପରିଚିତ ହେବା ଦରକାର । ତୁ ତ କେବଳ ସାହିତ୍ୟିକ ନୋହୁଁ, ସାହିତ୍ୟ ଅନୁଷ୍ଠାନର ପୃଷ୍ଠପୋଷକ ।

ଉପେନ୍ ହାତ ଛୁଡ଼ିଦେଇ ଜଗତ୍ ଆଗେଇଗଲା । କିନ୍ତୁ ଭିଡ଼ ଠେଲି ସଭାପତିଙ୍କ ସାମନାକୁ ଯିବା ମୁସ୍କିଲ । ଲୋକ ପନ୍ଦର କୋଡ଼ିଏ ଜଣ । କିନ୍ତୁ ସେମାନେ ଏମିତି ଘେରି ରହିଛନ୍ତି ସଭାପତିଙ୍କୁ—ଘେରି ରହି ତାଙ୍କର ପ୍ରାଧାନ୍ୟ ଏପରି ଭାବରେ ଦେଖେଇବାରେ ବ୍ୟଗ୍ର—ପ୍ରତ୍ୟେକଙ୍କ ଭିତରେ କଥା କହିବାର—କଥା କହି ସଭାପତିଙ୍କ ଆଖି, କାନ, ମନ ଆଉ ଧ୍ୟାନ ଆକର୍ଷଣ କରିବାର ଏତେ ଉଚ୍ଛୃଙ୍ଖଳ ବ୍ୟସ୍ତତା—ଦେଖିଲେ ମନେହେବ ବିଚରା ସଭାପତି ଯେପରି ଦଳେ ଶିକାରୀ ଭିତରେ ଶ୍ୱାସରୁଦ୍ଧ ହୋଇ ମରିବାର ଅବସ୍ଥା । କିସମ୍ କିସମ୍ ମତବାଦର ସାହିତ୍ୟ ମହାରଥୀମାନେ ନିଜ ନିଜର ଅନୁଗତ ସେନାମାନଙ୍କ ସହିତ ସଦଳବଳରେ ସଭାପତିଙ୍କୁ ସସମ୍ମାନରେ ସମ୍ମିଳନୀ ମଣ୍ଡପକୁ ଅଭ୍ୟର୍ଥନା କରି ଆଣିବା ପରେ ପୁଣି ହଲ୍ଲା ଶୁଭିଲା । କେତେ ଜଣ ସଭାପତିଙ୍କୁ ବସେଇଦେଇ ଧାଇଁଲେ ବାହାରକୁ । ଉପେନ୍ କୌତୂହଳୀ ହୋଇ ଆଗେଇଯାଇ ଦେଖିଲା, ଜଣେ ଗୌରକାନ୍ତି ସୁଦର୍ଶନ ତରୁଣଙ୍କ ସାଥିରେ ଶ୍ୟାମଳାଙ୍ଗୀ ଯୁବତୀ । ରୂପରେ ଶ୍ରୀ ନାହିଁ; କିନ୍ତୁ ସାଜସଜ୍ଜା ବେଶ ପାରିପାଟୀରେ ଅଛି ଉଗ୍ର ଆଧୁନିକତାର ଉଲଙ୍ଗତା—ଯୁବକ-ଦୃଷ୍ଟି ଆକର୍ଷଣ କରିବାର ପ୍ରଚ୍ଛନ୍ନ ପ୍ରୟାସ ! ମୁହଁରେ ପମେଡ଼ ବୋଳାହୋଇ ପାଉଡ଼ର ପେଣ୍ଟ ଦିଆହୋଇଛି, ନାଲିଆ ବ୍ଲାଉଜ ଉପରେ ଖୁବ୍ ଚଉଡ଼ା ସୁନେଲି ପାଡ଼ର ବାଦାମୀ ଜର୍ଜେଟ ଶାଢ଼ୀ । ଓଢ଼ଣା ନାହିଁ । ମୁଣ୍ଡରେ ବେଶୀ ବାଳ ନଁ ଥିଲେ ବି ଫଲ୍ସ ହେୟାର୍ ଦିଆହୋଇ ଚଗ ହୋଇଛି ଗୋଟାଏ

ଖୁବ୍ ଲମ୍ବା ବେଣୀ, ସେଇଟା ଝୁଲୁଛି ପୃଥୁଳାୟିତ ନିତମ୍ବର ମଧ୍ୟଭାଗରେ । ବେଣୀ ଅଗରେ ଦୋହଲୁଛି ରେଶମୀ ଫିତାର ଫାନ୍ଦ ଭିତରେ ହଳଦିଆ ଜବର ଫୁଲ । କପାଳ ଉପରେ ତରଙ୍ଗାୟିତ ସୁଲୁଣୀ । କାନରେ ଦୁଲ୍ । ଆଖିରେ ରିମ୍‌ଲେସ୍ ଚଷମା । ବେକରେ ଫାଶ ହାର—ପଡ଼ିଛି ଶାଢ଼ୀ ଉପରେ । କାନ୍ଧ ପାଖରେ ସୁନାର ସେଫ୍‌ଟିପିନ୍ ଦିଆହୋଇ ଶାଢ଼ୀକୁ ସଙ୍କୁଚିତ କରାହୋଇଛି ନଗ୍ନ ବାହୁଲତାର ସୌନ୍ଦର୍ଯ୍ୟ ଲୋକେ ଦେଖିବା ପାଇଁ । ବକ୍ଷଦେଶରେ ଶାଢ଼ୀ ଉପରେ ଲାଲ୍ ପଥରବସା ସୁନାର ବ୍ରୋଚ୍ । ହାତରେ ସୁନାକାଚ ଅଉ ରିଷ୍ଟୱାଚ । ପାଦରେ ଭେଲଭେଟ୍ କନାର ଚଟି ।

ଓଠରେ ଲିପ୍‌ଷ୍ଟିକ୍ । ଆଖିରେ ନୀଳସାର ଚଞ୍ଚଳ ଅପାଙ୍ଗ—ଶରୀର ପାଖର ବାୟୁମଣ୍ଡଳ ବିଲାତି ସେଣ୍ଟର ମହକରେ ମୂର୍ଚ୍ଛିତ ।

ତରୁଣୀଙ୍କ ଆବିର୍ଭାବ ସାଙ୍ଗେ ସାଙ୍ଗେ ସମସ୍ତେ ଚେୟାର ଛାଡ଼ି ଉଠିପଡ଼ିଲେ । ସଭାପତି ମଧ୍ୟ ଭଦ୍ରତା ଦେଖାଇ ନମସ୍କାର କଲେ । ତରୁଣ ସାହିତ୍ୟିକ ଦଳ ସତେ ଯେପରି ତାଙ୍କ ଯୁଗ ଯୁଗ ସାଧନାର ସାର୍ଥକତା ପାଇଛନ୍ତି—ପାଇଛନ୍ତି ତାଙ୍କ ଧ୍ୟାନର ମାନସୀ, ତାଙ୍କ ସ୍ୱପ୍ନର କାବ୍ୟମୟୀଙ୍କୁ ! ପରିଚିତ ହବାର ଆଗ୍ରହରେ ଆଗେଇଆସି ସମସ୍ତେ ଅଭିବାଦନ ଜଣାଇଲେ ।

ସାହିତ୍ୟ ଅଥରିଟି ବିରୂପାକ୍ଷବାବୁ ପରିଚିତ କରାଇଦେଲେ—କୁମାରୀ ବୀଣାପାଣି ଦାସ—ସୁଗାୟିକା, ସାହିତ୍ୟିକା ଆଉ ତାଙ୍କ ବନ୍ଧୁ ସୁରେଶ ଷଡ଼ଙ୍ଗୀ—ବିଶ୍ୱପର୍ଯ୍ୟଟକ ।

ସଭାପତି କରମର୍ଦ୍ଦନ କରି କୃତାର୍ଥ ହେଲେ ।

ଉପେନ୍ ମୁରୁକି ମୁରୁକି ହସି ବ୍ରଜ ଆଡ଼େ ଚାହିଁଲା ।

କିନ୍ତୁ ବ୍ରଜକୁ ଅନ୍ୟମନସ୍କ ଦେଖି ସେ ପଚାରିଲା—କ'ଣ ଭାବୁଛୁ ?

— ଭାବୁଛି, ଝୁଙ୍କା ଏପର୍ଯ୍ୟନ୍ତ ଆସିଲାନି କାହିଁକି ?

—ଆସୁଥିବେ ହୁଏତ ! ସଭା ତ ଆରମ୍ଭ ହେବାକୁ ଆଉରି ଅନେକ ଡେରି ଅଛି ।

—ତା ଅଛି ଅବଶ୍ୟ । କିନ୍ତୁ ଡେରି କରିବାର ଯେ କିଛି ନ ଥିଲା !

—ଉପେନ୍ ସେ ବିଷୟରେ ଆଉ ବିଶେଷ ଆଗ୍ରହ ନ ଦେଖାଇ କହିଲା—ଦେଖୁଛୁ ମିସ୍ ବୀଣାପାଣିଙ୍କ ପାଖରେ ବସିବା ପାଇଁ ସାହିତ୍ୟିକ-ମାନେ କିପରି ଚଙ୍ଗ୍‌ଚଙ୍ଗ୍ ହେଉଛନ୍ତି !

ବ୍ରଜ ହସିଉଠିଲା । ଜଗତ୍ ସାହିତ୍ୟ ଅଥରିଟିଙ୍କ କାନ ପାଖରେ କ'ଣସବୁ ଫୁସ୍‌ଫୁସ୍ ହୋଇ କଥାବାର୍ତ୍ତା ହଉଥିଲା—ବୋଧହୁଏ ଉପେନ୍‌ର ଭାଷଣ ସମ୍ବନ୍ଧରେ ସେ କିଛି ଠିକ୍‌ଠାକ୍ କରୁଥିଲା ।

ସମସ୍ତେ ଆସନ ଗ୍ରହଣ କଲେ । ପ୍ରଥମେ ପୃଷ୍ଠପୋଷକ, ତାପରେ ସଭାପତି । ସଭାପତିଙ୍କ ପାଖକୁ କ୍ରମାନ୍ୱୟରେ ସମ୍ପାଦକ, ମିସ୍ ବୀଣାପାଣି, ମି: ପର୍ଯ୍ୟଟକ । ଟେବଲ୍ ଦି କଡରେ ବିଶ୍ୱକବି, କମ୍ରେଡ୍, ସବୁଜବାଲା, ପ୍ରଗତିଶୀଳ, ଅଗ୍ରଗାମୀ ଇତ୍ୟାଦି, ଇତ୍ୟାଦି । ସାହିତ୍ୟର ଅଥରିଟି କେତେବେଳେ ଏଠି, କେତେବେଳେ ସେଠି । କେତେବେଳେ କାହା କାନ ପାଖରେ ମୁହଁ ଗୁଞ୍ଜି ଫସ୍‌ଫୁସ୍ ବା କେତେବେଳେ ତାଙ୍କ କାନ ପାଖରେ ମୁହଁ ରଖି କିଏ ଖୁସ୍‌ଖୁସ୍ ! !

ପ୍ରାରମ୍ଭିକ ସଙ୍ଗୀତ ପାଇଁ ଆଗରୁ ଠିକ୍ ହୋଇଥିଲା, ଗୋଟିଏ ଦଶ ବର୍ଷର ଝିଅ ଗାଇବ । କିନ୍ତୁ ମିସ୍ ବୀଣାପାଣି ଜିଦ୍ ଧରି ବସିଲେ, ସେ ସ୍ୱୟଂ ମହଜୁଦ୍ ଥାଉ ଥାଉ ସରସ୍ୱତୀଙ୍କ ବୀଣା ପୁଣି ଅନ୍ୟ କେହି ଆସି ବଜେଇବେ—ସଙ୍ଗୀତ ଶାସ୍ତ୍ର ପ୍ରତି ଏ ଅବମାନନା ସେ କଦାପି ସହ୍ୟ କରି-ପାରିବେ ନାହିଁ । ଦୁଇଟା ଦଳ । ଗୋଟାଏ ପାଖେ ବିଶ୍ୱକବିଙ୍କ ପ୍ରିୟ ଅନୁଚରୀ ତୁଳସୀ, ଅନ୍ୟଆଡ଼େ ଦେବୀ ବୀଣାପାଣି, ଆଉ ତାଙ୍କର ପର୍ଯ୍ୟଟକ ବନ୍ଧୁ ସୁରେଶ ଷଡ଼ଙ୍ଗୀ । ପର୍ଯ୍ୟଟକ ମହାଶୟ କହିଲେ—ମୋ ଲେଡ଼ି ଫ୍ରେଣ୍ଡଙ୍କୁ ପ୍ରାରମ୍ଭିକ ସଙ୍ଗୀତ ଗାଇବାର ସୁଯୋଗ ନ ଦେଲେ ମୁଁ ଏବଂ ଆମ ଦଳର ସମସ୍ତେ ପ୍ରୋଟେଷ୍ଟ କରି ଓ୍ୱାକ୍‌ଆଉଟ କରିଯିବୁ । ବିଶ୍ୱକବି

ଦେଖିଲେ, ତାଙ୍କ ରଚିତ ପ୍ରାରମ୍ଭିକ ସଙ୍ଗୀତଟିକୁ ଯଦି ସେ ଝିଅଟି ନ ଗାଏ, ତାହାହେଲେ ତାଙ୍କ ସୁନାମ ଏବଂ ପ୍ରତିଷ୍ଠାରେ ଭୀଷଣ ଆଘାତ ଆସିବ । ଦି' ପାଖରେ ଦି' ବଡ଼ ମୁଣ୍ଡ । ଶେଷକୁ ସମ୍ପାଦକଙ୍କୁ ବିଶ୍ୱକବିଙ୍କ ହାତ ଧରି ମନେଇବାକୁ ପଡ଼ିଲା । ଆପଣ ସବୁ—ଆପଣଙ୍କ ଯୋଗୁଁ ଏ ସାହିତ୍ୟ ସଂସଦ—ଆପଣଙ୍କ ଚେଷ୍ଟାରେ ଏ ସମ୍ମିଳନୀ—ଆପଣଙ୍କ ଈଠାରେ ଯାହାର ସବୁ କାର୍ଯ୍ୟକ୍ରମ ! ଶେଷକୁ ଆପଣ ଯଦି ବିଶ୍ୱମୂର୍ତ୍ତି ଧାରଣ କରିବେ, ତା'ହେଲେ ଏସବୁକୁ ସମ୍ଭାଳିବ କିଏ ?

ବିଶ୍ୱକବି ବୁଝିଗଲେ । ତାଙ୍କ ହୃଦୟୁ କୋପ ଶାନ୍ତ ହେଲା । ଖାଁଟାପାଣି ତାଙ୍କ ପର୍ଯ୍ୟଟକ ବନ୍ଧୁଙ୍କ ବିରଚିତ କବିତାଟିକୁ କଣ୍ଠ-କର୍କଶ ଗଳାରେ ବେଣୀ ହଲେଇ, ଦୁଲ୍ ଝୁଲେଇ, ଭୂରୁ ନଚେଇ ଅଧଘଣ୍ଟା ଧରି ଗାଇଲେ । ତାପରେ ସଭାପତି ଉଠି ବକ୍ତୃତା ଦେଲେ । ବକ୍ତୃତା ମୂଳରେ ସେଇ ପୁରୁଣା ଶସ୍ତା ଜାତୀୟତାର ଦୁଆ—ଆମ ଓଡ଼ିଆ ଜାତି, ଅମ ଗଜପତି ଦେଶ, ଅମ ଭଞ୍ଜ ସାହିତ୍ୟ, ଆମ ଶିଳ୍ପ-ବୈଭବ ଭାରତରେ ଅଦ୍ୱିତୀୟ—ବିଶ୍ୱରେ ସର୍ବଶ୍ରେଷ୍ଠ । ସବୁଦିନ ଥିଲା, ଏବେ ବି ଅଛି, ଚିରକାଳ ଥିବ । ତାପରେ କିଛି ଐତିହାସିକ ତଥ୍ୟ, କିଛି ପୁରୁଣା କବିଙ୍କର କବିତା ଆବୃତ୍ତି ଏବଂ ଶେଷରେ ତାଙ୍କ ସାହିତ୍ୟିକ ଉଦାରତାର ସଫେଇ ! ବୟସରେ ସେ ପ୍ରବୀଣ ଦଳଆ ଭିତରେ ଗଣା ହେଲେ ମଧ୍ୟ ସାହିତ୍ୟିକ ଉଦାରତା ଦୃଷ୍ଟିରୁ ସେ କିପରି ଏଇ ନବୀନ ସାହିତ୍ୟ ସଂସଦକୁ ଆସିଛନ୍ତି ଏବଂ ପ୍ରବୀଣମାନଙ୍କ କାର୍ଯ୍ୟକଳାପକୁ ନିନ୍ଦା କରି ନବୀନମାନଙ୍କ ସୃଜନୀଶକ୍ତିକୁ ତାରିଫ କରୁଛନ୍ତି ଓ ତାଙ୍କର ଦୃଢ଼ବିଶ୍ୱାସ, ପ୍ରବୀଣ ଯୁ' ଭୁଲ କରିଛି—ନବୀନ ତାକୁ ସୁଧାରି, ଜାତୀୟ ସାହିତ୍ୟରେ ନବ ଜୀବନର ନୂତନ ସ୍ପନ୍ଦନ ଖେଳେଇ ଦେବ, ଇତ୍ୟାଦି, ଇତ୍ୟାଦି ପ୍ରଶସ୍ତି ଗାଇ ସେ ଆସନ ଗ୍ରହଣ କଲେ ।

ବାଜିଲା ଘନ ଘନ କରତାଳି । ସଭାପତି ଆସନ ଗ୍ରହଣ କଲାମାତ୍ରେ ହଠାତ୍ ଦେଖାଗଲା, ସଭାମଣ୍ଡପ ଦି' ପାଖରେ ଦି' ବଡ଼ ସାହିତ୍ୟିକଙ୍କର ଆବିର୍ଭାବ—ସ୍ୱୟଂ ସାହିତ୍ୟର ଅଧିରଥି ଆଉ ବିଶ୍ୱକବି । ଏ କ'ଣ ? ସଭାପତି ସମ୍ପାଦକଙ୍କୁ ପଚାରିଲେ । ସାଙ୍ଗେ ସାଙ୍ଗେ

ପ୍ରତିବାଦ କରି ଛିଡ଼ା ହୋଇଗଲେ ଗଣକବି । ଆମ ସାହିତ୍ୟ ଅଥରିଟିଙ୍କୁ ଅପମାନ ଦେଇ ବିଶ୍ୱକବି ପ୍ରେମ କବିତା ପାଠ କରିବେ ଏଠି ? ନା, ତା କେବେ ହୋଇପାରିବ ନାହିଁ । ପାଗଳାମି କରିବାର ଜାଗା ଏ ନୁହେଁ···କହି ସେ ନିଜ ପକେଟ ଭିତରୁ ଖଣ୍ଡେ କାଗଜ କାଢ଼ି ପଢ଼ିବାକୁ ଆରମ୍ଭ କରିଦେଲେ ।

ଦି' ଜଣଙ୍କ ଝଗଡ଼ା ହେଲେ ତୃତୀୟ ଜଣର ଲାଭ । ସାହିତ୍ୟ ଅଥରିଟି ଆଉ ବିଶ୍ୱକବି ଦୁହେଁ ବାଧହୋଇ ବସିପଡ଼ିଲେ । ଗଣକବିଙ୍କୁ ବାଧା ଦେବାର ବି ଆଉ ଉପାୟ ନାହିଁ; କାରଣ ଖୁବ୍ ଗର୍ଜ୍ଜନ, ତର୍ଜ୍ଜନ ଜୋରରେ ତାଙ୍କର ଭାବ-ଉଚ୍ଛ୍ୱାସ ଉଚ୍ଛ୍ୱସିତ ହୋଇ ଉଠିଲାଣି । ଗଣକବି ଆବୃତ୍ତି କଲେ ଗଦ୍ୟ କବିତା—

ଏ ସର୍ବହରାର ଯୁଗ ।
ଏ ଦଳିତ—ନିଷ୍ପେଷିତର ଯୁଗ ।
ପ୍ରେମିକର ଏଠି ସ୍ଥାନ ନାହିଁ ।
ସ୍ଥାନ ନାହିଁ ପୁଞ୍ଜିପତିର ।
ସ୍ୱପ୍ନ ଦେଖା ଆଉ ଚଳିବନି,
ଦି'ତାଲ କୋଠା ଘରେ ବସି—
ଆରାମ ଆଉ ଐଶ୍ୱର୍ଯ୍ୟ ଭିତରେ ।
ସାମନ୍ତ-ସାମ୍ରାଜ୍ୟବାଦର !

ମଲମୁଣ୍ଡିଆ ଆଜି ଜାଗିଛି,
ବୁର୍ଜୋୟାର ଧ୍ୱଂସ ପାଇଁ
ପ୍ରୋଲିଟେରିଏଟ୍‌ରାଜ୍ ପାଇଁ
ମୁଁ ସର୍ବହରାର କବି,
ମୋ ଶିଂଘା ଉଠିଛି ବାଜି ।
ଶିଂଘା ନାଦରେ ବିଶ୍ୱ ଉଠିଚି ଥରି ।
ଶିହରି ଉଠିଛି ଗର୍ଭିଣୀ ସତି ।

ଅତର୍କରେ ସେ ପ୍ରସବ କରିଛି···
ରକ୍ତ ପିଣ୍ଡୁଳା
ଛ' ମାସିଆ ଭ୍ରୂଣ !
ଆଜି ସେ ଭ୍ରୂଣରୁ କ୍ଷରେ ଯେ ରକ୍ତ
ସେଇଥିରେ ସ୍ନାନ କରି···
ହେ ରକ୍ତମୁଖା ବିଜୟୀ ବୀର,
ଉଠ ରେ ଆଜି ମାତି ।
ଉଠ ରେ ମାତି ଲାଲ ଫୌଜ ରୁଷିଆ ସେନା ପରି
ବ୍ୟୋମଯାନ ପରି ଗର୍ଜି ଉଠ···
ବମ୍ ପରି ଝଡ଼ ।
ରକେଟ୍ ପରି ଫୁଟ ।
ଧ୍ୱଂସ କର, ଧ୍ୱଂସ କର ସାମ୍ରାଜ୍ୟବାଦୀଗଣ୍ !

ସଭାରେ ଦଳେ ହୋ—ହୋ, ଦଳେ ହିଅର—ହିଅର କହି ଘନ ଘନ କରତାଳି ଦେଲେ । ବିଶ୍ୱକବି ଓଠ ନପେଡ଼ି କହିଲେ—ଗୋଟିପୁଅ ନାଚ ଅଛି ପରା ! ତାର ବନ୍ଦୋବସ୍ତ କରଂ ହଉ ! ଯୁ। ଝରେ ଆଜି ସଭା ଜମିବ ନାହିଁ ।

ସାହିତ୍ୟ ଅଥରିଟି କହିଲେ—ମୁଁ ପଛେ କାଲି କହିବି—ଆପଣ କୁହନ୍ତୁ କ'ଣ କହିବେ ।

ବିଶ୍ୱକବି ବିଶ୍ୱଉଦାରତାର ମୋହିନୀ ହସ ହସିଲେ । କହିଲେ—ମୁଁ ତ କହିବାକୁ ଚାହେଁ ନାହିଁ, ମତେ କହିବାକୁ ଆପଣମାନେ ଇ ସମ୍ବନ୍ଧେ ଅନୁରୋଧ କରିଥିଲେ ।

ଜଗତ୍ ଏକ ହମ୍ପ୍ଟିର ଉଠିଯାଇ ସମ୍ପାଦକଙ୍କ କାନ ପାଖରେ କ'ଣ କହିଲା । ସମ୍ପାଦକ ମୁଣ୍ଡ ହଲେଇ କହିଲେ—ହଁ, ହଁ ।

—ଆଜ ଉପେନ୍‌ବାବୁଙ୍କୁ କହିବାକୁ ଦିଆଯିବ କହି ସେ ସଭାପତିଙ୍କ କାନ ପାଖରେ କ'ଣ ଫୁସ୍‌ଫୁସ୍ ହେଲେ। ସଭାପତି ଛିଡ଼ା ହୋଇ ଚୁଲୁଂ ଦେଲେ—ସମୟ ଅଳ୍ପ। ବକ୍ତା ଅନେକ। ଆପଣ ବାକି ପଡ଼ନ୍ତୁ ଗଣକର!

ଏଇ ସମୟରେ କେତେ ଜଣ ଦର୍ଶକ ଗାଲେରୀ ଭିତରୁ ପାଟିକରି ଉଠିଲେ—ପ୍ରବାସୀମାନଙ୍କ ସାହିତ୍ୟ ସପ୍ତାହରେ ବାଈନାଚ ଥିଲା, ଆପଣଙ୍କର ଏଠି ମାହାରୀ ନାଚର ବନ୍ଦୋବସ୍ତ ହୋଇଛି ବୋଲି ଶୁଣି ଆମେ ଆସିଲୁ। ଶୀଘ୍ର ତାର ଯୋଗାଡ଼ କରନ୍ତୁ!

ସାହିତ୍ୟ ଅଧିରଥି ଆଲୋଚନା କଲେ ତିନି ଚାରି ଜଣଙ୍କ ସାଥିରେ। ହଁ, ହଁ, ନାଚଟା'ତ ହଉ, ନହେଲେ କାଲିକି କେହି ଆସିବେନି ଦେଖିବାକୁ। ସଭାପତିଙ୍କ ଭାଷଣ ତ ସରିଛି। ଆଉ ଯେ ଯେମିତିକା କହିବା କଥା, କାଲି କହିବେ। ଶଙ୍କରଉପନ୍‌ସ ତ ବେଶି ନାହିଁ—କହିବାକୁ ସମୟ ଖୁବ୍ ମିଳିବ।

—ନା, ଉପେନ୍‌ବାବୁ ଆଜି କହନ୍ତୁ, ସେ କହିସାରିଲା ପରେ ନାଚ—ଗୀତ। ସମ୍ପାଦକ ସଭାପତିଙ୍କୁ ପରାମର୍ଶ ଦେଲେ।

ସଭାପତି ଉଠି କହିଲେ—ଭାଇମାନେ, ଆପଣମାନେ ଗୀତ—ନାଚ ଶୁଣିବାକୁ ଅସ୍ଥିର ହବାରୁ ଆମେ ବକ୍ତାମାନଙ୍କ 'ଭାଷଣ' ବନ୍ଦ କଲୁ। କିନ୍ତୁ କାଲି ଆପଣମାନଙ୍କୁ ଧୈର୍ଯ୍ୟ ଧରି କେବଳ ବକ୍ତୃତା ହିଁ ଶୁଣିବାକୁ ହବ। ହଉ, ବେଶି ରାତି ହୋଇନି। କେବଳ ଆଉ ଜଣେ ବକ୍ତାଙ୍କ ଭାଷଣ ପରେ ନାଚ—ଗୀତ ହବ। ଆପଣମାନେ କିଛି ସମୟ ଟିକିଏ ଥୟ ଧରନ୍ତୁ। ତାପରେ ପଛକୁ ମୁହଁ ବୁଲେଇ କହିଲେ—ମୁଁ ଉପେନ୍-ବାବୁଙ୍କୁ ତାଙ୍କ ଭାଷଣ ଦେବାକୁ ଅନୁରୋଧ କରୁଛି···କହି ସଭାପତି ଆସନ ଗ୍ରହଣ କଲେ।

ଉପେନ୍ ଛିଡ଼ା ହେଲା। କହିଲା—ବନ୍ଧୁଗଣ, ମତେ ଆଜି ଆପଣମାନଙ୍କ ପାଖରେ ନିଜକୁ ପରିଚିତ କରାଇବାର ସୁଯୋଗ ଦେଇ

ନବୀନ ସାହିତ୍ୟ ସଂସଦ ଯୁ' ଦସ୍ୟୁ ଦେଖାଇଛି, ସେଥିପାଇଁ ମୁଁ କୁଟକ୍ଷ ! !

—"ଦସ୍ୟୁ" କହିଲି, କାରଣ ଏଇମାନେ ହିଁ ହେଲେ ଜାତୀୟ ସାହିତ୍ୟର ମା-ବାପ ! ଏମାନେ ଚାହିଁଲେ ଜଣେ ମୂର୍ଖ-ଅପଗଣର ସାହିତ୍ୟିକ ପ୍ରତିଷ୍ଠା ଏକା ଦିନକେ ଆଣିଦେଇ ପାରିବେ ତାଙ୍କ "ଅହଙ୍କାର" ପତ୍ରିକାରେ ଲେଖା ବାହାର କରେଇ । ଏଇମାନେ ଆଜି ଚାହିଁଲେ ବୋଲି ଆମ ଦେଶରେ, ପଚିଶ ବର୍ଷର ସାହିତ୍ୟିକ ପ୍ରତିଷ୍ଠାନ ପ୍ରବୀଣ ସାହିତ୍ୟ ସମିତି ଭବନ, ଆଜି ଶୂନ୍ୟ । କେବଳ କେତେ ଜଣ ବୁଢ଼ା ସେଠି ଯାଇ ଠେଙ୍ଗା ଧରି ବସୁଛନ୍ତି ମାତ୍ର !

—ଏମାନେ ଚାହିଁଲେ ଅନେକ କିଛି କରିପାରିବେ । ଜାତିର ଜଡ଼ କାନରେ ଜାଗରଣର ମନ୍ତ୍ର ଫୁଙ୍କିବେ—ଦଳିତ, ନିଷ୍ପେଷିତଙ୍କ ମୁହଁରେ ଆଣିଦେବେ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବାର ଶକ୍ତିଶାଳୀ ଭାଷା । ଦେଶର ଲୁପ୍ତ ସାହିତ୍ୟରତ୍ନକୁ ଉଦ୍ଧାର କରିବେ ଏଇମାନେ । ଜାତୀୟ ଜୀବନକୁ ପ୍ରଗତିଶୀଳ ସାହିତ୍ୟର ଆଦର୍ଶ ଆଉ ଆନ୍ଦୋଳନ ଭିତରେ ଗଢ଼ି ତୋଳିବାର ଚେଷ୍ଟା ମୂଳରେ ଜଡ଼ବାଦୀ ପ୍ରବୀଣ ଦଳ ବାଧା ଦେବାରୁ ଏମାନେ ଆଜି କେନ୍ଦ୍ରୀୟ ଅନୁଷ୍ଠାନରୁ ବାହାରିଆସି ଗଢ଼ିଛନ୍ତି ନବୀନ ସାହିତ୍ୟ ସଂସଦ୍ ।

—ଏମାନେ ନବୀନ—ନିତ୍ୟ ନୂତନର ଉପାସକ । ସେଇଥିପାଇଁ ପ୍ରତିଦିନ ଏମାନଙ୍କର ନୂଆ ନୂଆ ସଭ୍ୟ ସଂଗ୍ରହ, ନୂଆ-ନୂଆ ରୁଲ ରେଗୁଲେସନ୍, ନୂଆ-ନୂଆ ମତବାଦ । ସଭାପତି, ସମ୍ପାଦକ, ପରାମର୍ଶ-ଦାତା, କାର୍ଯ୍ୟନିର୍ବାହକ ସଭ୍ୟ ମନୋନୟନ ପ୍ରତିଦିନ । ଆଜି ଯାହା ଠିକ୍—କାଲିକି ତାହା ଭୁଲ୍ । ଆଜି ଯାହା ହେଲା, କାଲିକି ତାହା ବଦଳା ହେଲା । ଆଜି ଯାହା ଗୃହୀତ ହେଲା, କାଲିକି ତାହା ପୁରୁଣା ହୋଇ ପରିତ୍ୟାଜ୍ୟ ହେଲା ।

—ଏମାନଙ୍କର ପ୍ରତିଦିନିଆ ମନ୍ତ୍ରଣା, ରାତିଦିନିଆ ଷଡ଼ଯନ୍ତ୍ର, ପନ୍ଦର-ଦିନିଆ ଆଲୋଚନା, ମାସିକିଆ ବୈଠକ । ପୁଣି ପ୍ରତି ତି'ମାସରେ ସଭା,

ତିନି ମାସରେ ବିଶେଷ ଅଧିବେଶନ, ଛ' ମାସରେ ସମ୍ମିଳନୀ, ବର୍ଷ ଶେଷରେ ବିରାଟ ସାହିତ୍ୟ କୁମ୍ଭମେଳା ।

—ଏମାନେ ଚାହିଁଲେ ଅନେକ କିଛି କରିପାରିବେ ଏବଂ ଯେତେବେଳେ ଚାହିଁବେ ସେତେବେଳେ ସବୁ କିଛି କରିପାରିବେ— ଏଇ ଦୃଢ଼ନିଶ୍ଚିତ ବିଶ୍ୱାସ ଥିବା ଯୋଗୁଁ ଏମାନେ ପ୍ରତିଦିନ ଆଲୋଚନା କରି ଦେଖୁଛନ୍ତି ଏବଂ ଉତ୍କଳର ପ୍ରତ୍ୟେକ ଅଞ୍ଚଳର ସାହିତ୍ୟିକମାନଙ୍କୁ ଚିଠି ଲେଖି ପରାମର୍ଶ ମାଗୁଛନ୍ତି—କେମିତି କ'ଣ କରିବେ—କେମିତି କ'ଣ କରିବା ଉଚିତ ! କ'ଣ କଲେ ଦେଶରେ କେବଳ ନବୀନ ରହିବେ—ନବୀନର ସାହିତ୍ୟିକ ପ୍ରତିପତ୍ତି ରହିବ ! ସେମାନେ ଚିରଦିନ ନବୀନ ହୋଇ ରହିବେ—ପ୍ରବୀଣ କେବେହେଲେ ହେବେ ନାହିଁ ।

—ଏମାନେ ଆଲୋଚନା କରୁଛନ୍ତି । ଗମ୍ଭୀର ଭାବରେ ଚିନ୍ତା କରୁଛନ୍ତି । ଚିନ୍ତା କରୁଛନ୍ତି ଦିନ-ଦିନ, ମାସ-ମାସ, ବର୍ଷ-ବର୍ଷ ଧରି !

—ପ୍ରବୀଣ ସାହିତ୍ୟିକ ଦଳ ଜାତିପ୍ରୂ ସାହିତ୍ୟ ସମ୍ବନ୍ଧରେ ଭାବୁ ନ ଥିଲେ । ନବୀନ ଏମାନେ, ଭାବୁଛନ୍ତି । ଭାବୁଛନ୍ତି ଗଲା ଦି ବର୍ଷ ଧରି । ମାତ୍ର କିଛି ଠିକ୍ କରିପାରୁ ନାହାନ୍ତି । ଏମାନଙ୍କ ପରେ ଅତି ଆଧୁନିକ ନବୀନ ଦଳ ଯୁଁମାନେ ଆସିବେ, ସେମାନେ ହୁଏତ ଚାରି, ଛଅ ବର୍ଷ ଧରି ଭାବି ଭାବି ଜାତିପ୍ରୂ ସାହିତ୍ୟ ପ୍ରତି ସେମାନଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ କୌଣସି ଅବଧାରଣା କରିପାରିବେ ନାହିଁ । ଆଉ ଏମାନଙ୍କ ପରେ ପରେ କ୍ରମାନ୍ୱୟରେ ଏ ଦେଶର ଆଗାମୀ ଯୁବକ ସାହିତ୍ୟିକ ଦଳ ଏପରି ବିଚକ୍ଷଣ ଭାବୁକ ବନିବେ ଯେ ଚିରକାଳ ପାଇଁ ଏ ଦେଶ ଯୁବକର ଜାତିପ୍ରୂ ସାହିତ୍ୟ ସମ୍ବନ୍ଧରେ ଭାବିବାର ସଙ୍କଟାପନ୍ନ ଦାୟିତ୍ୱ ଏକାବେଳେ ଆଉ ନ ଥିବ ।

—ସଭାରେ ପିନ୍‌ଡ୍ରପ୍ ସାଇଲେନ୍‌ସ !! କବିଗୁଲାଲ୍ ଉପେନ୍— ଅଥଚ ଏ ଦେଶର ଯୁବ-ସାହିତ୍ୟର ବଡ଼ପଣ୍ଡା ଜାତିପ୍ରୂ ସାହିତ୍ୟ ପ୍ରତି ତାର ଏଇ ଦାୟିତ୍ୱବୋଧ ନେଇ କହେ—ଓଡ଼ିଆରେ ଲେଖିବ କାହିଁକି ?

—ଯା'ର ଉତ୍ତରରେ ମୁଁ ଆଜି ପର୍ଯ୍ୟନ୍ତରେ, ଓଡ଼ିଆରେ ଲେଖି ପଇସା ରୋଜଗାର କରିବା କଥା ଭାବିବା ପୂର୍ବରୁ ସେ ଭାବିଛନ୍ତି କି ସେ ଓଡ଼ିଆରେ ଲେଖୁଛନ୍ତି କାହିଁକି ? କାହାପାଇଁ ଲେଖୁଛନ୍ତି ? ତାଙ୍କ ଲେଖାକୁ ପଢ଼ୁଛି କିଏ ? ମୁଁ ଜାଣେ, ଯା'ର ଉତ୍ତର ଦବାକୁ ତାଙ୍କର କିଛି ନାହିଁ । ଯାହା କିଛି ଦେବେ—ତା' ନିରର୍ଥକ । କେବଳ ତର୍କ ଆଉ ଯୁକ୍ତି । ଯା' ସାହିତ୍ୟିକର ଦେଶବାସୀଙ୍କ ଜୀବନଗଠନ ପ୍ରତି କର୍ତ୍ତବ୍ୟ ନାହିଁ, ସେ ଦେଶର ସାହିତ୍ୟିକ-ଜୀବନ-ମରଣ ସମସ୍ୟା ପ୍ରତି ଜନସାଧାରଣର ଦାୟିତ୍ୱ ରହି ନ ପାରେ । ମାନସିକ ତାଡ଼ନାରେ ଦିଖଣ୍ଡ କବିତା, ଦିଟା ପ୍ରବନ୍ଧ, କିଛି ଗଳ୍ପ—ଉପନ୍ୟାସ ଲେଖି ପ୍ରକାଶ କରିଦେଲେ ସାହିତ୍ୟିକ ଦାୟିତ୍ୱ ଶେଷ ହୁଏ ନାହିଁ । ଲୋକ-ସମାଜ ଭିତରେ ସାହିତ୍ୟର ପ୍ରଚାର—ସାହିତ୍ୟର ବିକାଶ—ସାହିତ୍ୟିକ ମନୋବୃତ୍ତି ସୃଷ୍ଟି କରି ସକ୍ରିୟ ଆନ୍ଦୋଳନ ନ କରି ପାରିବା ଯାଏ ସାହିତ୍ୟିକ ଧାନର ମୂଲ୍ୟ ମିଳିବ ନାହିଁ । ବର୍ତ୍ତମାନ ସାହିତ୍ୟସେବା ନାମରେ ଦେଶର କେତେ ଜଣ ସ୍ୱେଚ୍ଛାଚାରୀ ସାହିତ୍ୟିକ ଯେଉଁ ଯଥେଚ୍ଛାଚାରର ଆରମ୍ଭ କରିଛନ୍ତି ଅନୁଷ୍ଠାନ ଭଙ୍ଗି—ସଭାପତି, ସଂପାଦକ, କୋଷାଧ୍ୟକ୍ଷ ହେବା ପାଇଁ ଦଳ, ଶ୍ରେଣୀ ଆଉ ବିଭାଗ ସୃଷ୍ଟି କରି ଯେଉଁ ଭେଦଭେଦ ସୃଷ୍ଟି କରୁଛନ୍ତି—ସାହିତ୍ୟିକ ହୋଇ ଅନ୍ୟ ଲେଖକ ବିରୁଦ୍ଧରେ କଟୂକ୍ତି, ଅନ୍ୟର ଲେଖାକୁ ବିଦ୍ରୂପ, ଅନ୍ୟ କବିର ପ୍ରତିଭାକୁ ଈର୍ଷା କରି, ନିନ୍ଦା-ରଟନା କରି ସଂକୀର୍ଣ୍ଣ ମନୋବୃତ୍ତିର ପରିଚୟ ଦେଉଛନ୍ତି—ସେଥିରେ ମନେହୁଏ, ଏ ଦେଶର ଅର୍ଦ୍ଧଲୁପ୍ତ ସାହିତ୍ୟ ଖୁବ୍ ଶୀଘ୍ର ବିଲୁପ୍ତ ହେବ । ଦେଶର ଚାରିଆଡ଼େ ଆଜି ସଂକୀର୍ଣ୍ଣ ଜାତିଗତ ବିଦ୍ୱେଷ, ବର୍ଣ୍ଣଗତ ବିବାଦ, ଦଳଗତ ପାର୍ଥକ୍ୟ ! ଏସବୁ ବିରୁଦ୍ଧରେ ସାମାଜିକ ଜୀବନର ଆଦର୍ଶ-ପ୍ରଚାରକ, ଜାତୀୟ ସାହିତ୍ୟିକ ପ୍ରତିବାଦ କରନ୍ତା କି'ଣ, ଜନତାକୁ ବୁଝାନ୍ତା କି'ଣ, ଲୋକସାଧାରଣଙ୍କୁ ଗଢ଼ନ୍ତା କି'ଣ—ଓଲଟି ନିଜ ନିଜ ଭିତରେ ସେଇ ଫଟାଫଟି, ଦଳାଦଳି, ସଂକୀର୍ଣ୍ଣ ମନୋଭାବକୁ ଆଣି ପୂରାଉଛି—ଆଉ ନିଜେ ମଧ୍ୟ ସୁଅ ମୁହଁରେ କୁଟା ଖଣ୍ଡ ପରି ଭାସି ଚାଲିଛି !

—ସାହିତ୍ୟିକ ଜୀବନରେ କି ଆଦର୍ଶ, କି ବିଶେଷତ୍ୱ, କି ସ୍ୱାତନ୍ତ୍ର୍ୟ ଦେଶବାସୀ ଦେଖିଲେ ଯେ, ତା ଲେଖାକୁ ସମ୍ମାନ କରିବ···ପୁଣି ପଇସା ଦେଇ କିଣିବ—ଲେଖକର ଦାରିଦ୍ର୍ୟ ମୋଚନ କରିବ ?

ଘନ ଘନ କରତାଳିରେ ସଭାଗୃହ ପ୍ରକମ୍ପିତ ହେଲା । ବିରୂପାକ୍ଷ-ବାବୁ ବିଶ୍ୱଜିତଙ୍କୁ ଗୁହାଁଲେ । ସମ୍ପାଦକ ସଭାପତିଙ୍କ ମୁହଁକୁ ଗୁହାଁ କିଛି ମତାମତ ଶୁଣିବାକୁ ଅପେକ୍ଷା କଲେ । କିନ୍ତୁ ସଭାପତି ନିର୍ବିକାର । ଭାବିଲେ ସମ୍ପାଦକେ—ଇସ୍, ସଭାପତି ତ ପ୍ରବୀଣ, ତାଙ୍କ ମନ ପୁଣି ଟଳି ପଡ଼ିଲା କି ପ୍ରବୀଣ ସାହିତ୍ୟ ସମିତି ଆଡ଼କୁ ? କିନ୍ତୁ କମ୍ରେଡ଼ ଏକାବେଳକେ ପିଇ ଯାଉଥିଲେ କଥାଗୁଡ଼ାକୁ ।

ଉପେନ୍ କହିଲା—ମୁଁ ବୁଝୁନି, ଓଡ଼ିଶାର ଏଇ କେଉଁଟି ଆଙ୍ଗୁଠିଗଣା ସାହିତ୍ୟିକଙ୍କ ଭିତରେ କାହିଁକି ଏତେ ଦଳାଦଳି ? ଯୋଉଁଠି ଜାତି ଓ ଦେଶର ସାହିତ୍ୟ ବୋଇଲେ କୃଷ୍ଟି ବୁଝାଏ, ସେଠି ପ୍ରତ୍ୟେକ ସାହିତ୍ୟିକର ମୂଲ୍ୟ ତ ନିଶ୍ଚୟ ଅଛି । ଜାତୀୟ କୃଷ୍ଟି ବା ସଂସ୍କୃତି ତ କେବଳ ଜଣକ ଦାନରେ ସମୃଦ୍ଧ ହୋଇପାରେନା ! ଜଣେ ତ କେବଳ ଦେଶର କଳା ବା ସାହିତ୍ୟକୁ ନେଇ ଆକାଶରେ ଥୋଇ ଦେଇପାରେନା ! ସେଥିପାଇଁ ପ୍ରତ୍ୟେକଙ୍କର ପ୍ରୟୋଜନ—ପ୍ରତ୍ୟେକଙ୍କ ସାହାଯ୍ୟ, ସହାନୁଭୂତି ଆଉ ଦାନର ଆବଶ୍ୟକ । ଦୁଃଖର କଥା, ଏମାନେ ଏତିକି ବୁଝନ୍ତି ନାହିଁ । ସେଇଥିପାଇଁ ଆଜି ଏମାନଙ୍କ ଭିତରେ ଦଳାଦଳି, ମାନ-ଅଭିମାନ । ଏପରି କି ବ୍ରାହ୍ମଣ, କରଣ, ଖଣ୍ଡାଏତ, ସାହିତ୍ୟିକ ଭେଦଭାବ ପର୍ଯ୍ୟନ୍ତ ଅଛି । କାହା ଲେଖା କେହି ପଢ଼ନ୍ତି ନାହିଁ । ପଚାରିଲେ ସଗର୍ବେ କହନ୍ତି, ଓଡ଼ିଆ ସାହିତ୍ୟିକଙ୍କ ଲେଖା ମୁଁ ପଢ଼େନା ! ଅଥଚ ଆଶା କରନ୍ତି ତାଙ୍କ ଓଡ଼ିଆ ଲେଖାକୁ ସମସ୍ତେ ପଢ଼ୁଛନ୍ତି, ପଢ଼ିବେ ଆଉ ପ୍ରଶଂସା କରିବେ···ପୁଣି ପଇସା ବି ଦେବେ ।

"ହିଅର," "ହିଅର"—ସଭାରେ ପୁଣି ଘନଘନ କରତାଳି । ସାହିତ୍ୟିକ ଦଳ କିନ୍ତୁ ମନେ ମନେ କୁହୁଳିବାକୁ ଆରମ୍ଭ କଲେ ।

ଷ୍ଟଣ୍ଟିତ ଗଳାରେ ଉପେନ୍ କହିଗୁଲିଲା—ଆଜି ସାହିତ୍ୟ ଜଗତରେ ଏଇ କନ୍ଦଳ ପାଇଁ ଦେଶରେ ଖଣ୍ଡେ ସାହିତ୍ୟ ପତ୍ରିକା ନାହିଁ, ଖଣ୍ଡେ ଭଲ ବହି ନାହିଁ, ଜଣେ ଉଦାର ମନୋଭାବର ସାହିତ୍ୟିକ ନାହିଁ । ସାହିତ୍ୟକ୍ଷେତ୍ରରେ ଆଜି ସମସ୍ତେ କବି, ସମସ୍ତେ ଲେଖକ, ସମସ୍ତେ

ସାହିତ୍ୟିକ । ସମସ୍ତଙ୍କ ମୁହଁରେ ବଡ଼ ବଡ଼ କଥା, ସମସ୍ତଙ୍କ କଥାରେ ବଡ଼ ବଡ଼ ଆଦର୍ଶ ! ! ଏଇ ସୁବିଧା ନେଇ ଆଜି ଦେଶର ପ୍ରକାଶକମାନେ ପ୍ରକୃତ ସାହିତ୍ୟିକକୁ ଅବଜ୍ଞା କରି କେତେ ଜଣ ଅପରିପକ୍ୱ—ଅପରିଣାମ-ଦର୍ଶୀଙ୍କ ସସ୍ତା ଲେଖା ବିନା ପଇସାରେ ନେଇ ବହି ଛାପି ତୋଳୁଛନ୍ତି କୋଠା ! ଅଥଚ ଯଥାର୍ଥ ସାହିତ୍ୟିକ ମରୁଛନ୍ତି ଅନାହାରରେ । ଆଜି ସେଇଥିପାଇଁ ପ୍ରକାଶକ ଜୋରରେ କହିବାକୁ ସାହସ କରୁଛନ୍ତି—ପାଠକ ଲେଖକର ଲେଖା କିଣୁନି, କିଣୁଛନ୍ତି ପ୍ରକାଶକର ବହି ! ଲେଖକର ନାଁ ତା ବହି ବିକ୍ରୀ କରଉନି, ପ୍ରକାଶକର ସୁପାରିଶ ଉପରେହିଁ ବହିର କାଟ୍ତି ! ! ଯାଠୁଁ ବଳି ଲଜ୍ଜାର କଥା ଏ ଦେଶର ସାହିତ୍ୟିକ ପକ୍ଷରେ ଆଉ କ'ଣ ହୋଇପାରେ ?

"ସେମ—ସେମ୍" ।

ଦର୍ଶକମଣ୍ଡଳୀ ଚିତ୍କାର କରିଉଠିଲେ ।

କହିଚାଲିଲେ ଉପେନ୍—ପ୍ରକାଶକ ଖୋଜୁଛନ୍ତି ଏପରି ଲେଖା, ଯୁ' ଲେଖା ପାଇଁ କିଛି ଦବାକୁ ପଡ଼ିବନି । ପ୍ରଥମ ଯୁକ୍ତି, ତାଙ୍କର ବିଶ୍ୱାସ ଅଛି ଯେ କୌଣସି ଗୋଦାମରୁଦ୍ଧ ବହିକି ମଧ୍ୟ ସେ ସୁପାରିଶ କରି ବିକ୍ରି କରି ଦେଇପାରିବେ । ଦ୍ୱିତୀୟରେ, ସାରଗର୍ଭକ ଲେଖା ପଢ଼ୁଛି କିଏ ? ସାହିତ୍ୟିକ ଭାଷା ବୁଝିବ କିଏ ? ଦରକାର ତାଙ୍କର ଶସ୍ତା ଲେଖା—ମାଇଚିଆ ଭାଷାରେ ଲେଖା—ଏଣୁ ତେଣୁ ଗୋଟାଏ କିଛି ପ୍ରେମ କାହାଣୀ । କାରଣ ଟେକ୍ସଟ୍, ବୁକ୍‌କୁ ଛାଡ଼ିଦେଲେ—ଅନ୍ୟାନ୍ୟ ବହି ଭିତରେ କେବଳ ଉପନ୍ୟାସର ଅଳ୍ପ ବହୁତ ବିକ୍ରୀ ଅଛି ଏବଂ ସେ ବିକ୍ରୀ କେବଳ ଦରପାଠୋଇ କଣ୍ଢୁଆସୁଣୀଙ୍କ ଯୋଗୁଁ । ଦେଶର ଶିକ୍ଷିତ ସମାଜ ଓଡ଼ିଆ ଉପନ୍ୟାସ ପଢ଼ନ୍ତି ନାହିଁ, ପଢ଼ନ୍ତି ବଙ୍ଗଳା ବା "ପେଙ୍ଗୁଇନ୍" ସିରିଜ୍‌ର ଡିଟେକ୍ଟିଭ୍ ନଭେଲ୍ ! ! ଲାଇବ୍ରେରୀ ପାଇଁ ଯୁ' କାଁ ଭାଁ ଗୋଟାଏ ଅଧେ ବହିର ଅର୍ଡର ଆସେ, ସେଥିରେ କେତୁଟା ପୁରୁଣାକାଳିଆ କବିଙ୍କର ଛାନ୍ଦ ବହି ଛଡ଼ା ଲେଖାଥାଏ, ଭଲ ଉପନ୍ୟାସ ଦେଖି କେତେଖଣ୍ଡ ପଠାଇବାକୁ । ମାନେ ଭଲ ଉପନ୍ୟାସ ଦେଖି ନୁହଁ, ବାଛି-ବୁଛି ପଠାଇବା ଭାରଟା ବହିବିକ୍ରେତାର ବୁଦ୍ଧି ଓ ବିଚକ୍ଷଣତା

ଉପରେ ! ମଫସଲ ଗ୍ରାହକମାନଙ୍କର ଏ ଅନ୍ଧବିଶ୍ୱାସକୁ ସହରର ବହି-ଦୋକାନୀମାନେ ଖୁବ୍ ଚମତ୍କାର ଭାବରେ ଅକ୍ଷୁଣ୍ଣ ରଖନ୍ତି । ତାଙ୍କଦ୍ୱାରା ବା ତାଙ୍କର ବନ୍ଧୁବାନ୍ଧବ, ଜଣା-ଶୁଣା, ଭାବ ଦୋସ୍ତି ଥିବା ଆଉ କୌଣସି ବହିଦୋକାନୀର ପ୍ରକାଶିତ ଶସ୍ତା-ଗୋଦାମରଦ୍ଦ ଉପନ୍ୟାସ କେତେ ଖଣ୍ଡ ପଠେଇଦେଇ ନିଶ୍ଚିନ୍ତ !!

ସଭାରେ କରତାଳି !!

ଉପେନ୍ କହିଲେ—ପ୍ରକାଶକ ଆଉ ବହିଦୋକାନୀଙ୍କ ଉପରେ ଆକ୍ଷେପ କରିବାର କିନ୍ତୁ କିଛି ନାହିଁ ବାସ୍ତବିକ୍ । କାରଣ ଦେଶର ଯଥାର୍ଥ ସାହିତ୍ୟିକ ଯେ ପର୍ଯ୍ୟନ୍ତ ତା ଲେଖାର ସ୍ୱାଦ ଦେଶବାସୀଙ୍କୁ ଚେଷ୍ଟାକରି ନ ଚଖେଇଛି, ସେ ପର୍ଯ୍ୟନ୍ତ ଖାଣ୍ଟି ସାହିତ୍ୟର ନିଶାଳ ରସ ସେବନ ପାଇଁ ବ୍ୟାକୁଳ ହେବ କିଏ ? ପ୍ରକାଶକ ଓ ବହିଦୋକାନୀ ପାଖରୁ ସୁସ୍ୱାଦୁ ସାହିତ୍ୟ-ରସର ସନ୍ଧାନ କରି ଗରାଖ ନ ପାଇ ଥରକୁ ଦ'ଥର ନ ଫେରିଲେ ପ୍ରକାଶକ ଭଲ ସାହିତ୍ୟ ପ୍ରକାଶ କରିବ କାହିଁକି ? ବହିଦୋକାନୀ ଭଲ ସାହିତ୍ୟ ବହି ସମ୍ପାଦିବ ବା କାହିଁକି ? ସେଇଥିପାଇଁ କହୁଥିଲି—ପଇସା ନ ପାଇଲେ "ଓଡ଼ିଆରେ ଲେଖିବି କାହିଁକି" କହିବା ଆଗରୁ ସାହିତ୍ୟିକର ଭାବିବା ଉଚିତ, ମୁଁ ଓଡ଼ିଆରେ ଲେଖୁଛି କାହିଁକି ? କାହା ପାଇଁ ଲେଖୁଛି ? ଯେ ଲେଖା ପଢ଼ୁଛି କିଏ ? କିଏ ପଢ଼ୁଛି, ପୁଣି ନ ପଢ଼ୁଥିଲେ କିପରି ପଢ଼ିବେ, ସେ କଥା ଭାବି କ୍ଷେତ୍ର ପ୍ରସ୍ତୁତ କରିଦେଇ ସାରିଲା ପରେ ଜାତି ଉପରେ ଅଭିମାନ କଥା ଚଳେ, ଦେଶବାସୀଙ୍କୁ ଦାୟୀ କରିବା ଶୋଭା ପାଏ !! ରବି ଠାକୁର ତାଙ୍କ ସାହିତ୍ୟର ପ୍ରଚାର, ପ୍ରସାର ଓ କାଟତି ପାଇଁ କ୍ଷେତ୍ର ନିଜେ ହିଁ ପ୍ରସ୍ତୁତ କରିଥିଲେ । ଶାନ୍ତିନିକେତନ ଥିଲା ତାଙ୍କର ସାହିତ୍ୟସାଧନାର ପ୍ରଧାନ କ୍ଷେତ୍ର । ସେ କେବଳ ସାହିତ୍ୟିକ ହୋଇ ସାହିତ୍ୟର ସ୍ୱପ୍ନ ଦେଖୁ ନ ଥିଲେ, ସେ ଥିଲେ ସାହିତ୍ୟର ବାର୍ତ୍ତାବହ, କର୍ମୀ ଆଉ ସେବକ । ଦେଶ ଦେଶାନ୍ତରରେ, ଦେଶବାସୀଙ୍କ ଦୁଆରେ ଦୁଆରେ ସେ ତାଙ୍କ ହୃଦୟବୀଣା ତାରରେ ଗୀତ ଗାଇ ବୁଲିଛନ୍ତି, ଲୋକଙ୍କୁ ଶୁଣେଇଛନ୍ତି, ତାଙ୍କୁ ବୁଝେଇଛନ୍ତି, ତାଙ୍କୁ ମନେଇଛନ୍ତି । ତାପରେ ଦେଶ ଜାଗିଛି, ଜାତି ଉତ୍କଣ୍ଠିତ ହୋଇ ପଛେ ପଛେ ଧାଇଁଛି । ଦେଶ ଓ ଜାତି

ତାଙ୍କ ସାହିତ୍ୟିକ ମତବାଦରେ ଅନୁପ୍ରାଣିତ ହେଲା ପରେ ସେ ଗୋଟାଏ ଜାଗାରେ ବସି ଲେଖିଛନ୍ତି, ଆଉ ଲୋକସାଧାରଣଙ୍କୁ ଆଦେଶ କରିଛନ୍ତି । ଜାତି ନତମସ୍ତକରେ ଗୁରୁଦେବଙ୍କର ସେ ଆଜ୍ଞା, ସେ ପ୍ରଭୁତ୍ୱକୁ ସ୍ୱୀକାର କରିଛି । କଂଗ୍ରେସ ନାଁରେ ମହାତ୍ମା ଗାନ୍ଧି ଦେଶବାସୀଙ୍କଠୁ କୋଡ଼ି କୋଡ଼ି ଟଙ୍କା ପାଇଛନ୍ତି; କାରଣ କଂଗ୍ରେସ ଭିତରେ ତାଙ୍କର ଆତ୍ମଦାନର ମହିମା ଉଜ୍ଜ୍ୱଳ ସେବାର ଆଦର୍ଶରେ ସ୍ୱାକ୍ଷରିତ ।

ଜନତା ଭିତରେ "ମହାତ୍ମା ଗାନ୍ଧି କି ଜୟ" ଧ୍ୱନି ! ! ତାପରେ ପୁଣି କରତାଳି ।

ଉପେନ୍ କହିଲା—କିନ୍ତୁ ଆମ ଦେଶର କବି-ସାହିତ୍ୟିକ ଦଳ ଘରକଣରେ ବସି ଭାବେ, ଦେଶବାସୀ ତାକୁ ଫୁଲମାଳ ଦେଇ ବନ୍ଦନା କରି ନେଇଯିବେ ସମ୍ମିଳନୀ ମଣ୍ଡପକୁ । ସାହିତ୍ୟ ପାଇଁ ସେବାର ଆଦର୍ଶ ନାହିଁ, ତ୍ୟାଗର ଦୃଷ୍ଟାନ୍ତ ନାହିଁ···ଅଥଚ ରହିଛି ଅହଙ୍କାର, ଆତ୍ମମ୍ଭରିତା ଆଉ ବେ-ଆଦବୀ ମନୋବୃତ୍ତି ! ! ଆଜି କେନ୍ଦ୍ରୀୟ ଅନୁଷ୍ଠାନ ଭାଙ୍ଗିଲା, କିଛି ରହିଲେ ସେଥିରେ, କିଛି ରହିଲେ ଏଥିରେ । କାଲି ଏ ଭାଙ୍ଗିବ, ଗଢ଼ିଉଠିବ ଆଉ ଗୋଟାଏ । ଗଠନମୂଳକ (constructive) କିଛି ନୁହେଁ, ସବୁ କେବଳ ଧ୍ୱଂସାତ୍ମକ (destructive)। କାହିଁକି, ସେଇ କେନ୍ଦ୍ରୀୟ ଅନୁଷ୍ଠାନରେ ରହି କʼଣ ଏ ନବୀନ ଦଳ ସାହିତ୍ୟ ପ୍ରତି ତାଙ୍କର ସେବା କରିପାରି ନ ଥାନ୍ତେ ? ଯାହାର ପ୍ରତିଭା ଅଛି, ସେ କʼଣ କେବଳ ଦଳ ଗଢ଼ି ନେତା, ସଭାପତି, ସମ୍ପାଦକ ହେଲେ ଯାଇଁ ବିକଶିତ ହେବ ? ପୁଣି ସାହିତ୍ୟର ଯଥାର୍ଥ ସେବକ ଯେ, ତାର ସଭାପତି, ସମ୍ପାଦକ ହବାରେ ବା ଦରକାର କʼଣ ? କିନ୍ତୁ ନା, ସେବାର ଉଦ୍ଦେଶ୍ୟ କାହାର ନୁହେଁ ! ନାମ ହିଁ ପ୍ରଧାନ ଲକ୍ଷ୍ୟ ! ! ନାମ ଆଉ ଖ୍ୟାତିର ହାସଲ ପାଇଁ ସେବାର ଲୋକଭୁଲାଣିଆ ଦୁଆ ! ଅନୁଷ୍ଠାନକୁ ଭଙ୍ଗ ଯାହାର ଅନୁଷ୍ଠାନ ଗଢ଼ିବା ଲକ୍ଷ୍ୟ, ସେ ନିଜେ ଭାଙ୍ଗିଛି—ତା ମନ ଭାଙ୍ଗିଛି ଏବଂ କୌଣସି କିଛି ଗଢି ସଂପୂର୍ଣ୍ଣ କରି ଠିଆ କରିବା ତା ପକ୍ଷରେ ଅସମ୍ଭବ ।

—ନନ୍‌ସେନ୍‌ସ ! ଚିତ୍କାର କରିଉଠିଲେ ସମ୍ପାଦକ । ସାହିତ୍ୟର ଝଅଶଟି ରାଗରେ ଥରିଉଠିଲେ । ବିଶ୍ୱକବି ଉପେନ୍‌ର ହାତ ଧରି ଝିଙ୍କିଦେଇ କହିଲେ—ବନ୍ଦ କରନ୍ତୁ—ବନ୍ଦ କରନ୍ତୁ ।

—ସଭାର ଶ୍ରୋତାଙ୍କ ଭିତରେ କିନ୍ତୁ ପ୍ରବଳ ଆଗ୍ରହ, ବିପୁଳ ଉତ୍ତେଜନା ।

—ନା, ନା, ଆଉ ନୁହେଁ, ବସାଅ, ବସାଅ ତାଙ୍କୁ । ଗଣକବି କହିଲେ—ସ୍ପାଇ ସ୍ପାଇ, ଗୁଇନ୍ଦା ଗୁଇନ୍ଦା, ତଡ଼ିଦିଅ ତାଙ୍କୁ ଏଠୁ ।

—ଗୋ ଅନ୍, ଗୋ ଅନ୍ । ସଭାର ଶ୍ରୋତାମାନେ ଚିତ୍କାର କରି ଉଠିଲେ ।

ବ୍ରଜ ଉଠି ଛିଡ଼ାହେଲା ।

ଜଗତ୍ ଆଗେଇଗଲା ।

ମଣ୍ଡପ ଉପରେ ଛିଡ଼ାହୋଇ ଘେରିଗଲେ ସମସ୍ତେ ଉପେନ୍‌କୁ । ସଭାରେ ବି ସମସ୍ତେ ଠିଆହୋଇ ପଡ଼ିଲେ । ବିଶ୍ୱକବି ପକେଇଲେ ଏକ ଧକ୍କା ଉପେନ୍‌କୁ । ଜଗତ୍ ଧରିପକାଇଲା ବିଶ୍ୱକବିଙ୍କ ତଣ୍ଟି । ବ୍ରଜ ଆଉ ଗଣକବି ଦୁହେଁ ମୁହାଁ-ମୁହିଁ ହୋଇ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ।

ଉପେନ୍‌ର ବାହା ଧରି ସାହିତ୍ୟର ବଡ଼ପଣ୍ଡା ଟାଣିଆଣିଲେ । ହୋ, ହୋ ଶବ୍ଦ ! ! ଉପେନ୍‌ର ମଥା ଘୂରିଗଲା । କ'ଣ ହେଲା ! କିଏ କୁଆଡ଼େ ? କ'ଣ କରିବ ସେ ?

ହଠାତ୍ କିଏ ଜଣେ ସେଇ ଭିଡ଼ ଭିତରେ ଠେଲି ପେଲି ହୋଇ ଆସି ଛିଡ଼ାହେଲା ଉପେନ୍ ସାମନାରେ । ହାତକୁ ଖୁବ୍ ଜୋରରେ ମୁଠେଇ ଧରି ଝିଙ୍କି ନେଇଗଲା ବାହାରକୁ । ଠିକ୍ ବୁଝିପାରିଲା ନାହିଁ ଉପେନ୍, କିଏ ସେ ଟାଣି ନେଇଯାଉଛି ତାକୁ ! କିନ୍ତୁ ଚାଲିଗଲା ସେ ପ୍ରବଳ ଉତ୍ତେଜନାର ଝୁଙ୍କରେ ।

ସମସ୍ତ ଦେହ ତାର ଥରୁଥିଲା । ମଣ୍ଡପ ବାହାରକୁ ଆସି ରାସ୍ତା ଉପରେ ସେ ଯେତେବେଳେ ଠିଆହେଲା, ହଠାତ୍ ଆଶ୍ଚର୍ଯ୍ୟରେ ସ୍ତମ୍ଭୀଭୂତ ହୋଇ ଚମକି ଉଠି କହିଲା, "ତୁମେ ?"

× × × ×

—ଦେଖି ପାରୁନ ବୋଧହୁଏ ! ବନଜା ଝାପ୍‌ସା ଅନ୍ଧକାର ଭିତରେ ଅଳ୍ପ ଟିକିଏ ହସି ହସି କହିଲା—ବୁଢ଼ା ହେଲ କାହିଁକି ? ବସ ।

ସାମନାରେ ରିକ୍‌ସା । ଉପେନ୍ ପଚାରିଲେ—କୁଆଡ଼େ ଯିବ ରିକ୍‌ସାରେ ବସି ?

—ପ୍ରାଣରକ୍ଷା ପାଇଁ ଆଗ ରିକ୍‌ସାରେ ଉଠି ବସ ତ ! ତା ପରେ ବୁଝାଯିବ କୁଆଡ଼େ ଯିବ ।

—କିନ୍ତୁ ବ୍ରଜ ଆଉ ଜଗତ୍‌—ଦୁହିଁଙ୍କ ଭିତରୁ କାହାକୁ କାହିଁ ଯେ କେହି ଆସି ନାହିଁ !

—ମୁଁ କହି ଆସିଛି, ଚାଲ—କହି ବନଜା ଉପେନ୍‌ର ହାତ ଧରି ରିକ୍‌ସା ଅଡ଼େ ଟାଣିନେଲା । ତା ପରେ ଆଗେ ନିଜେ ଉଠିବସି ଉପେନ୍ ପାଇଁ ଜାଗା କରିଦେଲା ।

ଏକା ରିକ୍‌ସାରେ ବନଜା ପାଖରେ ବସିବାକୁ ଉପେନ୍ ଟିକିଏ ସଙ୍କୁଚିତ ହେଲା । ବନଜା କହିଲା—ଆସ, ଭୟ ନାହିଁ, ମୁଁ ବିଂଶ ଶତାବ୍ଦୀର ନାରୀ ।

ଉପେନ୍ ଟିକିଏ ଥଙ୍ଗ ଥଙ୍ଗ ହୋଇ ପରେ ଉଠି ବସିଲା । ରିକ୍‌ସା ଚାଲିଲା ।

ବନଜା ପଚାରିଲା— ମାଡ଼ କାହିଁ ବାଜିଛି ପିଠିରେ ?

ଉପେନ୍ ହସିଲା—ଏମିତି ସବୁ ଜାଗାରେ ମାଡ଼ ଖାଇବାରେ ପୌରୁଷ ଅଛି । କହି ଟିକିଏ ରହିଯାଇ ପଚାରିଲା—କୁଆଡ଼େ ଚାଲିଲ ମତେ ନେଇ ?

—ନେଇ ଚାଲିଲି ତମ ପୌରୁଷରେ ପରୀକ୍ଷା ପାଇଁ, ବନଜା କହିଲା ।

—କ'ଣ କହୁଛନ୍ତି ଆପଣ ?

—ଆପଣ ପୁଣି କାହିଁକି ? 'ତୁମେ' ବୋଲି ତ ସକାଳ ପହରୁ ସମ୍ବୋଧନ କରିବା ଆରମ୍ଭ କରିଦେଇଚ । ଆଉ ତା ଛଡ଼ା, ବିପଦରେ ସାଗୀଙ୍କରେ ଯଦିଓ ଆନ୍ତରିକତାକୁ କମେଇ ଦେଇ ସମ୍ପର୍କ ତୁଟେଇ ଦବା କଥା ଭାବୁଥାଅ, ତା କରିପାର ମୋର କେତୋଟା କଥାର ଉତ୍ତର ଦେଲି ପରେ ।

ଉପେନ୍ କିଛି କ୍ଷଣ ନୀରବ ହୋଇ ବସି ମନେ ମନେ କ'ଣ ଭାବିଲି ।

ବନିତା କହିଲି—ମୋ ସମ୍ବୋଧନରେ କିଛି ବିଶେଷତ୍ୱ ଲକ୍ଷ୍ୟ କରୁଛ ?

—କରୁଛି । ସେଇଟା ତମର ଦୟା ।

—ନା, ଦୟା ନୁହେଁ, ସେଇଟା ମୋର ପ୍ରୟୋଜନ । ତା ଛଡ଼ା ତୁମ ମତରେ ତ ଧନୀ ଦରିଦ୍ର ପ୍ରତି ଯାହା କରେ, ଦୟା କରି କରେନା, ଦରକାର ଯୋଗୁଁ କରେ ।

—କିନ୍ତୁ "ଆପଣ" ବଦଳରେ ମୋତେ "ତୁମେ" ବୋଲି ସମ୍ବୋଧନ କରିବାରେ ତୁମର କି ଦରକାରୀ ଉଦ୍ଦେଶ୍ୟ ସାଧନ ହୋଇପାରେ ?

—ଦରକାରୀ ଉଦ୍ଦେଶ୍ୟଟା ଏକାନ୍ତ ବ୍ୟକ୍ତିଗତ ।

—ମୁଁ ନ ଜାଣି ତୁମେ ଦରକାରୀ ଜିନିଷଟାକୁ ଆଦାୟ କରି ନବ ନା କ'ଣ ?

—ଧନୀକର ଗୋଲାମି କରିବା ପାଇଁ ଦରିଦ୍ର ସମ୍ପ୍ରଦାୟ ଜନ୍ମ ହୋଇଥାଏ ଯଦି, ମୋ 'ଦରକାର'ଟା ସମ୍ବନ୍ଧରେ ତୁମର ନ ଜାଣିଲେ ବି ଚଳିବ ।

—ଓ, ସକାଳ କଥାଟାକୁ ମନେରଖିଛ ?

—ଧନୀର ତ ଗୋଲାମି ମନୋବୃତ୍ତି ନୁହେଁ । ସେ ଅପମାନଟାକୁ ଭୁଲିଯାଏନା—ମନେ ରଖେ ।

ଉପେନ୍ ମନେ ମନେ ଟିକିଏ ହସିଲା । ବନତା ହଠାତ୍ ଯେପରି ତା ରୂପ ଆଉ ଚେହେରା ବଦଳେଇ ଦେଇଛି । ଘନ ବନର ଅନ୍ଧକାର ଭିତରେ ଅଙ୍କା-ବଙ୍କା ପାହାଡ଼ୀ ନଦୀ ପରି ଝଙ୍କାରମୟୀ ହୋଇ-ଉଠିଛି । ଉଚ୍ଛ୍ୱସି ଉଠିଛି···ପ୍ରବାହର ଗତିପଥରେ ଉପଲ ଖଣ୍ଡର ବାଧା ଆଉ ଆଘାତ ପାଇ । କୌତୂହଳ ପ୍ରକାଶ କରି ପଚାରିଲା—ସକାଳେ ତ ତୁମକୁ ଏପରି ଦେଖି ନ ଥିଲି ।

—ନ ଦେଖିବାର କଥା । ଦିନର ଆଲୁଅରେ, ଆଉ ସନ୍ଧ୍ୟାର ଅନ୍ଧକାର ଭିତରେ କ'ଣ ପ୍ରଭେଦ ନାହିଁ ?

ଉପେନ୍ ଲଜ୍ଜିତ ହେଲା । କହିଲା—ବାସ୍ତବିକ ବୋକାପଣରେ ସେମିତି ଗୋଟାଏ କଥା କହିଦେଇ ମୁଁ ବଡ଼ ମର୍ମାହତ ।

—ତୁମେ ଯେ ଭଦ୍ର ଏଥିରେ ମୋର ସନ୍ଦେହ ନାହିଁ । ମୁହଁରେ ଖୋଲି କହିବା ଦରକାର ପଡ଼ୁ ନ ଥିଲା । ମୁଁ ଜାଣେ, ତୁମେ ମର୍ମାହତ ହୋଇଥିବ ।

ଉପେନ୍ କହିଲା—ତୁମଠି ହଠାତ୍ ଯେ ଗୋଟାଏ ପରିବର୍ତ୍ତନ ଦେଖୁଛି !

—ପରିବର୍ତ୍ତନ ଯଦି କିଛି ଲକ୍ଷ୍ୟ କରୁଥାଅ, ସେଇଟା ହଠାତ୍ ହୋଇଛି ବୋଲି ହିଁ ପରିବର୍ତ୍ତନ ରୂପେ ଧରା ଦେଇଛି ତୁମ ଦୃଷ୍ଟିରେ ।

—କଥା କ'ଣ ?

—କିଛି ଅଛି ବୋଲି ଭାବୁଚ ?

—ଭାବୁଚି; କିନ୍ତୁ ବୁଝି ପାରୁ ନାହିଁ ।

—ହୁଏ ତ ସମୟ ଆସି ନାହିଁ ।

—ଅସମୟରେ ତେବେ କିଛି କରିବା ଠିକ୍ ନୁହେଁ ।

—ଅସମସ୍ତ ବୋଲି କିନ୍ତୁ କିଛି ନାହିଁ । ଏଇ 'ସମସ୍ତ' ହିଁ 'ଅସମସ୍ତ' ସୃଷ୍ଟି କରେ ।

—କୁଆଡ଼େ ଚାଲିଲ ?

—ଅଭିସାର-ପଥରେ, ବନିତା କହିଲା ।

—ମାନେ ? ଉପେନ୍ ପୁଣି ଆଶ୍ଚର୍ଯ୍ୟରେ ପଚାରିଲା ।

ବନିତା ହେଇ ଅନ୍ଧାର ଭିତରେ ଉପେନ୍ ଆଡ଼େ ଟିକିଏ ଚାହିଁଲା । ଉପେନ୍ ବି ଚାହିଁଲା । ଚାରି ଚକ୍ଷୁର ମିଳନ ହେଲା । ବନିତା କହିଲା—ଦେଖୁନ ପୃଥ୍ୱୀର ନୀଳ ଆକାଶରେ ଆଜି ନକ୍ଷତ୍ରାଲୋକର ଅଭିସାର । ରାତିର ଏ ଅନ୍ଧକାର ଭିତରେ ଆଜି ଯେମିତି ନିଶ୍ଚିହ୍ନ ହୋଇ ମିଳେଇ ଯିବାର ପ୍ରେରଣା ।

—ଏଇଟା କି ଜାଗା ? ଆଗରେ, ସମୁଦ୍ର ବୋଧହୁଏ ! ଉପେନ୍ ଚମକିଲା ପରି ହୋଇ କହିଲା ।

—କି ସୁନ୍ଦର ! ନୀଳ ଆକାଶ, ଆଉ ନୀଳ ସମୁଦ୍ର ଦୁହେଁ ଏକ ହୋଇ ମିଶିଯାଇଛନ୍ତି ଅନ୍ଧାର ଭିତରେ । ଦିଗସୀମାଟା ଦେଖିପାରୁଛ ?

—ଖୁବ୍ ଅସ୍ପଷ୍ଟ ! ଉପେନ୍ ଖୁବ୍ ଦୂରକୁ ଦୃଷ୍ଟି ପ୍ରସାରିତ କରି କହିଲା—ଅନ୍ଧାର ଭିତରେ ଶୁଭ୍ର ଫେନାୟିତ ସମୁଦ୍ରର ରୂପ ବାସ୍ତବିକ୍ କି ଚମତ୍କାର !

ବନିତା କହିଲା—ରିକ୍ସାରୁ ଓହ୍ଲେଇ ପଡ଼ିବା ।

ବନ୍ଦ ହେଲା ରିକ୍ସା । ଉପେନ୍ କିଛି ନ କହି ଓହ୍ଲେଇ ତଳେ ଛିଡ଼ାହେଲା । ବନିତା ତା ଶାଢ଼ୀର ବହୁଳତାକୁ ସଙ୍କୁଚିତ କରି ତଳକୁ ଓହ୍ଲେଇଲାବେଳେ ଟିକିଏ କିପରି ଛନ୍ଦଣି-ମନ୍ଦଣି ହୋଇଗଲା । ଉପେନ୍ ଧରି ପକାଇଲା ତା ହାତ ।

—ଧନ୍ୟବାଦ ! ବନିତା । ଉପେନ୍ ଉଦ୍ଦେଶ୍ୟରେ କହିଲା ରିକ୍ସାବାଲା ଆଡ଼େ ଚାହିଁ । ତା ପରେ ମନିବ୍ୟାଗ୍ ଫିଟେଇ ପଇସା

କାଢ଼ିଲା । ରାସ୍ତାରେ ଅଳ୍ପ ଦୂରରେ ବତୀଖୁମ୍ବ । ଅନ୍ଧାର ରାତିରେ ବତୀର ଆଲୁଅ ଟିକିଏ ବେଶୀ ଉଜ୍ଜ୍ୱଳ ଦେଖାଯାଉଥିଲା । ସେଇ ଉଜ୍ଜ୍ୱଳତା ଭିତରେ ବନିତା ରିକ୍‌ସାବାଲାର ଭଡ଼ାପଇସା ଗଣି, ଦବା ନବାର ବ୍ୟବସାୟ ତୁଟେଇବା ଭିତରେ ଉପେନ୍ କାହିଁକି କେଜାଣି ବନିତାକୁ ଟିକିଏ ନିରୀକ୍ଷଣ କରି ଦେଖିଲା । ଦେଖିଲା—ଦିଗନ୍ତପ୍ରସାରୀ ଅନ୍ଧକାର ଭିତରେ ଏଇ ଇଲେକ୍‌ଟ୍ରିକ୍ ବତୀର ଦୀପ୍ତିମନ୍ତ ସୌନ୍ଦର୍ଯ୍ୟ ପରି ବନିତାର ଝଲସିତ ଅଙ୍ଗରାଗ ! ଚକ୍‌ଚକ୍ କରୁଛି ସେ ଚଞ୍ଚଳତାରେ ! ବହୁତନ୍ତ୍ରୀ ବୀଣା ପରି ତାର ସମସ୍ତ ଶରୀର ଝଙ୍କୃତ ହୋଇଉଠୁଛି ! ରହସ୍ୟମୟ କବିତା ପରି ତା ଦେହର ଲାବଣ୍ୟ ଛଳଛଳ କରିଉଠୁଛି ଭାବ, ଭାଷା ଆଉ ଛନ୍ଦର ସରଳ ସ୍ନିଗ୍ଧତାରେ । ରାତିର ଏଇ ଅନ୍ଧକାର ଭିତରେ ସେ ଚନ୍ଦ୍ରୋଦୟ ପରି କରୁଣ ! ମାଦକମୟୀ, ଜ୍ୟୋସ୍ନାର ଶୀତଳ କିରଣ ପରି ତାର ସମସ୍ତ ଶରୀର ଚାରି ପାଖରେ ଘେରିରହିଛି ସୁରଭିତ ସ୍ୱପ୍ନର ସୁନେଲି ମାଦକତା ! ମାଦକତା ବିଲାସୀ ମଦର ଘନ ଉତ୍ତପ୍ତ ଫେଣ ପରି ଝରିପଡ଼ୁଛି ଚାରିପାଖେ ! ତା କଥା, ତା ଚାହାଁଣୀ, ତା ଭଙ୍ଗୀ ସବୁ ଯେପରି ନିଶୀଥର ଏଇ ନିଭୃତ ନିର୍ଜ୍ଜନତା ଭିତରେ ସଞ୍ଜୀବିତ ହୋଇଉଠୁଛି ନୂତନ ପ୍ରାଣ ରସର ଫଲ୍‌ଗୁ ଉଚ୍ଛ୍ୱାସରେ ।

ଉପେନ୍ ମନେ ମନେ ଆଶ୍ଚର୍ଯ୍ୟ ହେଲା ।

ରିକ୍‌ସା ବିଦାୟ କରିଦେଇ ଉପେନ୍‌କୁ ଚାହିଁଲା ବନିତା । କହିଲା—ଚାଲ ।

—ହେଲେଣି ଯେ ବଡ଼ ଅନ୍ଧାର ! ଉପେନ୍ ସମୁଦ୍ରକୂଳ ଆଡ଼େ ଦୃଷ୍ଟି ରଖି କହିଲା ।

—ଭୟ କ'ଣ ? ମୁଁ ଯେ ଅଛି !

ଉପେନ୍ କହିଲା—କିନ୍ତୁ ମୋର ଯେ ତୁମରି ପାଇଁ ଭୟ ।

ବନିତା ଚାଲିବାକୁ ଆରମ୍ଭ କରି କହିଲା—ମୋ ସହିତ ସମ୍ବନ୍ଧରେ ଭାବ ଶିଖିବାର ଯଥେଷ୍ଟ ଶିକ୍ଷା ପାଇଲା ପରେ ତୁମର ପୁଣି ଭୟ କ'ଣ ?

ସହଜ ଝିଅ ନୁହେଁ ତ ବନଜା ! ଉପେନ୍ ମନେ ମନେ ଭାବିଲା—କଥାରେ ଯେତେ ଅଶ୍ଳୀଳତା ଥାଉ ପଛକେ, ନିଜ ସମ୍ବନ୍ଧରେ ସେ କିନ୍ତୁ ସଂପୂର୍ଣ୍ଣ ସଚେତନ । ତଥାପି କହିଲା—ଆମ ଦେଶର ନାରୀ ଭାବ ଶିଖିବାର ବୟସ ଓ ବୁଦ୍ଧି ଦୁଇଟିଯାକ ପାଇଛି ବୋଲି ଗର୍ବ କରିବା ସତ୍ତ୍ୱେ ବି ଭୁଲ୍ କରେ, ସେଇଥିପାଇଁ ତ ଭୟ !

ବନଜା ଟିକିଏ ହସିଲା, କହିଲା—ଭୁଲ କରେ ହୁଏ ତ ଜାଣିଶୁଣି । ଆନନ୍ଦ ପାଇଁ ।

—ଆନନ୍ଦ ପାଇଁ ଆଦର୍ଶକୁ ବଳି ଦବାଟାକୁ କିନ୍ତୁ ମୁଁ ପସନ୍ଦ କରେ ନାହିଁ ।

—ମୁଁ ଦୁଇଟାଯାକୁ ପସନ୍ଦ କରେ ନାହିଁ ! ଆଦର୍ଶ କୁହ, ଆନନ୍ଦ କୁହ ସବୁ ଜୀବନର ବିକାଶ ପାଇଁ ତ !

—ଆନନ୍ଦ ଜୀବନର ବିକାଶ ଲାଗି ସାହାଯ୍ୟ କରେ ହୁଏ ତ—କିନ୍ତୁ ଆଦର୍ଶହୀନ ବିକାଶ ଭିତରେ ପରିପୂର୍ଣ୍ଣତା ନାହିଁ ।

ବନଜା ହସିଉଠିଲା । ଅନ୍ଧାର ଭିତରେ ଯେପରି ଝଣ୍ଟାଡ଼ ହେଇ ପଡ଼ିଲା ପଞ୍ଚମୀ ଚନ୍ଦ୍ରର ରୂପେଲି ଜ୍ୟୋସ୍ନା । କହିଲା, "କି ସୁନ୍ଦର—ଏ ରାତିର ଅନ୍ଧକାର ଦେଖୁଛ ?" ଜହ୍ନ ନାହିଁ କି ଜ୍ୟୋସ୍ନାଲୋକ ନାହିଁ; କିନ୍ତୁ ତଥାପି ଏଇ ରାତିର ପ୍ରତି ମୁହୂର୍ତ୍ତରେ ଯୁ' ଆନନ୍ଦର ଉତ୍ତେଜନା···ଆଉ ସେଇ ଉତ୍ତେଜନା ଭିତରେ ରହିଛି ଯୁ' ବିକାଶର ସ୍ପନ୍ଦନ, ସେଇଥିରେ ସ୍ପନ୍ଦିତ ହେଇପାରିଲେ ତ ଆସିବ ପରିପୂର୍ଣ୍ଣତା !!

ଉପେନ୍ ଅବାକ୍ ହେଲା । କହିଲା—ମୁଗ୍ଧ ହେଲି କଥାରେ ! କିନ୍ତୁ ଧନ୍ୟବାଦ ଦେଇପାରୁନି । ଯା କହୁଛ, ତାକୁ କେବେ ଆଗରୁ ଭାବି ଦେଖିଛ ?

—ଭାବି ଦେଖିବାର ବେଳ ତ ଅପେକ୍ଷା ସବୁବେଳେ ! ଯୁ' ମୁହୂର୍ତ୍ତରେ ଯୁ' କଥା । ସଙ୍କଟରେ ପଡ଼ିଲେ ହିଁ ଭାବନା ।

—ତୁମେ କ'ଣ ଏଇନା ସଙ୍କଟରେ ?

—ଠିକ୍ କହୁଛ । ନିଜକୁ ସାର୍ଥକ କରି ତୋଳିବାର ଚରମ ସଙ୍କଟରେ । କହି ସେ ପୁଣି ଟିକିଏ ହସିଲା । ଉପେନ୍‌ର ଆସିଲା ଅନ୍ୟମନସ୍କତା । ରହସ୍ୟ କରି କହିଲା—କିନ୍ତୁ କଥାରେ ଏ ସଂଯମହୀନତା ତୁମ ଭାବ-ପ୍ରବଣ ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି ।

—ସଂଯମୀ ହୋଇ ନ ପାରୁଛି ବୋଲି ଭାବ-ପ୍ରବଣତା ଆସିଚି ! ଆଜି ତା ଛଡ଼ା ବେଳେ ବେଳେ ଏମିତି ଅସଂଯତ ହେବାରେ କି ଆନନ୍ଦ ! ସାହିତ୍ୟିକ ତୁମେ, ସ୍ୱୀକାର କରିବ ନିଶ୍ଚୟ । ଶିଳ୍ପୀ ଯେଉଁଠି ଅସଂଯତ ହୋଇଛି ସେଇଠି ତା କଳାରେ ଫୁଟିଛି ଯଥାର୍ଥ ସୌନ୍ଦର୍ଯ୍ୟ—ଆସିଛି ତା ଶୈଳୀରେ ନୈପୁଣ୍ୟ ।

ଉପେନ୍ ମୁଗ୍‌ଧ ହେଲା । ମୁଗ୍‌ଧ ହେଲା ବନିତାର ବିଚକ୍ଷଣ ଯୁକ୍ତିରେ । କହିଲା—ଅନୁମତି ନ ନେଇ ପଚାରିପାରେ···ଆଜି ହଠାତ୍ ମୋ ପାଖରେ ଏତେ ନିଃସଙ୍କୋଚରେ ନିଜକୁ ପ୍ରକାଶ କରିବାରେ କି ଉଦ୍ଦେଶ୍ୟ ତୁମର ?

ଭୟ କର ନାହିଁ···ଅନ୍ଧାର ଭିତରେ ସମୁଦ୍ରକୂଳେ ମୃଦୁ ପଦକ୍ଷେପରେ ଚାଲୁ ଚାଲୁ ବନିତା ଯେପରି ଚମକି ଉଠିଲା । ଶିହରି ଉଠିଲା ଅଫୁରନ୍ତ ଆନନ୍ଦର ଉତ୍ତେଜନାରେ । ବସନ୍ତର ମଳୟ ପରଶରେ ସବୁଜ ବନଶ୍ରୀ ରୋମାଞ୍ଚିତ ହୋଇଉଠିଲା ପରି ଶିହରି ଉଠିଲା । କହିଲା—ମୁଁ ଜାଣେ, ପ୍ରେମକ୍ଷେତ୍ରରେ ଆଜିର ଯୁବକ ଯୁବତୀ ଅପେକ୍ଷା ଅଧିକ ଭୀରୁ ! କିନ୍ତୁ ମୁଁ ତ ତୁମଠୁ ପ୍ରେମ ଚାହୁଁ ନାହିଁ, ମୁଁ ଚାହୁଁଛି ବନ୍ଧୁତା । ପୁରୁଷ ବନ୍ଧୁଟିଏ ଆଜି ବଡ଼ ଦୁର୍ଲ୍ଲଭ ଆମ ସମାଜରେ । ଚାହିଁଲେ ଅଗଣିତ ପ୍ରେମିକ ମିଳିବେ; କିନ୍ତୁ ଜଣେ ଭଦ୍ର ଚରିତ୍ରବାନ୍ ବନ୍ଧୁ, ସେ ବୋଧହୁଏ ମିଳିବା ଅସମ୍ଭବ ।

—ମୋ ସମ୍ବନ୍ଧରେ ଏତେ ବଡ଼ ବିଶ୍ୱାସ ! ଉପେନ୍ ଊର୍ମି ମୁଖର ସମୁଦ୍ର ଆଡ଼େ ଚାହିଁ ରହି କହିଲା ।

—ପ୍ରଶଂସା କରୁନି କିନ୍ତୁ ସେଥିପାଇଁ ଜାଣିରଖ । ପରିହାସସ୍ନିଗ୍ଧ ଗଳାରେ କହିଲା ବିନତା—କାରଣ, ତରୁଣୀଟିଏ ଦେଖିଲେ ଯୁ' ତରୁଣର ପ୍ରେମିକ ସାଜିବା ପାଇଁ ସାଧନା ନାହିଁ, ପକେଟରେ ଆଇନା, ଚିରୁଣୀ ରଖି ଦିନକେ ଶହେ ଥର ମୁଣ୍ଡ-କୁଣ୍ଡିଆର ବିଳାସ ନାହିଁ, ଶାନ୍ତିପୁରୀ ଧୋତି ଉପରେ ବଙ୍ଗୁଆ ଢାଞ୍ଚାର ଚୁଡ଼ିଦାର ପଞ୍ଜାବି ଆଉ ରୁମାଲରେ ଲଭେଣ୍ଡରର ଅତର ସିଞ୍ଚାର ସୌଖୀନ ଚଞ୍ଚଳତା ନାହିଁ, ଆଖିରେ ଚଷମା, ହାତରେ ରିଷ୍ଟୱାଚ, ମୁହଁରେ ସ୍ନୋ-ପାଉଡ଼ରମଖାର ନାରୀ-ସୁଲଭ ରଙ୍ଗଢଙ୍ଗ ନାହିଁ, ଚଷମା ଫାଙ୍କରେ ଛନ ଛନ ଚାହାଣି; ସିଗ୍ରେଟଧରା ବଙ୍କା ଓଠରେ ମୁରୁକ ମୁରୁକ ହସ, ଆଉ ତରୁଣୀ ସାମନାରେ ଲାଜୁଆ ଭଙ୍ଗୀରେ ଠିଆହୋଇ, ହାତ ମକଚି, ମାଇଚିଆ ଗଳାରେ ଖୁସାମଦିଆ କଥା କହିବାର ଉଦ୍‌ବିଗ୍ନତା ନାହିଁ, ମୁଁ ତା ଚରିତ୍ରକୁ ବିଶ୍ୱାସ କରିପାରେ, କିନ୍ତୁ ପ୍ରଶଂସା କରିପାରେନା···

ଉପେନ୍ ଠୋ-ଠୋ କରି ହସିଉଠିଲା । କହିଲା—ଆଉ କିଛି ଅଛି ?

—ଅଛି ! ବିନତା ବି ହସି ହସି କହିଲା—ଅଛି, ଆଉରି ଟିକିଏ ଆଗେଇ ଯିବାରେ···ଆଗେଇଯାଇ ତରୁଣୀଟି ପାଖରେ ରଜଧସ ହୋଇ ତା ଦେହ ଉପରେ ଢଳିପଡ଼ିବାର ଉଲଙ୍ଗ ନିର୍ଲଜ୍ଜତା ! ଉଧାର କରି ପଇସା ଆଣି ତରୁଣୀଟିକୁ ସିନେମା ଦେଖାଇ ନେଇଯିବାର ବଡ଼ଲୋକି ଗୁଲ୍ । ତା ପରେ ଥରେ ଅଧେ ମିଳାମିଶା ବେଳେ ଟିକିଏ ସୁବିଧା ସୁଯୋଗ ଦେଖି ନିକାଞ୍ଚନରେ ସିନେମା ଅଭିନେତାଙ୍କ ପରି ଉତ୍କଣ୍ଠିତ ଆବେଗରେ ପ୍ରଣୟ ନିବେଦନ । ତା ପରେ, ହରହମି କବି ସାଜି ରାତି ଅଧ ପର୍ଯ୍ୟନ୍ତ ଅନିଦ୍ରା ରହି ମାନସୀ ଧ୍ୟାନରେ ତନ୍ମୟ ହୋଇ ପ୍ରେମ କବିତା ରଚନା···

ପୁଣି ଥରେ ଉଚ୍ଛ୍ୱସିତ ଆନନ୍ଦରେ ହସିଉଠି କହିଲା ଉପେନ୍—ତା ହେଲେ ଏ ଅପଦାର୍ଥ ପ୍ରତି ଯୁ' ତରୁଣୀଟିର ଏତେ ବଡ଼ ଝୁଙ୍କି ସେ ବୋଧହୁଏ କୌଣସି ତରୁଣର ପ୍ରେମିକାଯୋଗ୍ୟା ନୁହେଁ···

—ଏଇଟା ବଡ଼ ଭୁଲ କହୁଛ ବନ୍ଧୁ ! ଏପର୍ଯ୍ୟନ୍ତ ମତେ ଭଲ କରି ଦେଖିନ ବୋଧହୁଏ ! ବନଲତା କହିଲା ।

—ଏପର୍ଯ୍ୟନ୍ତ ଦେଖି ନ ଥିଲି; କିନ୍ତୁ ଏଇକ୍ଷଣି ତ ଦେଖିପାରୁଛି ! ଉପେନ୍ କହିଲା—ରୂପ ତୁମର ଅସାମାନ୍ୟ ! ! ଅପୂର୍ବ ତୁମ ଦେହର ଲାବଣ୍ୟ ! କିନ୍ତୁ ଏଇଟା ତ ନୁହେଁ ଆଧୁନିକ ତରୁଣୀର ମାନସୀର ରୂପ ! ତୁମେ ଯେ ବଡ଼ ବେଶୀ ସହଜ-ସରଳ ! ! ସିନେମା ଅଭିନେତ୍ରୀ ଲୀଲା ଚିଟ୍‌ନିସଙ୍କ ଲୀଳାୟିତ ବେଣୀ ପରିବର୍ତ୍ତରେ ତୁମେ ପକେଇଛ ଉପେନ୍ଦ୍ର ଭଞ୍ଜିଆ ଯୁଗର ଜୁଡ଼ା ! କାନରେ ନାହିଁ ଦୁଲ୍ ! ମୁହଁରେ ନାହିଁ ପାଉଡ଼ର—ଓଠରେ ନାହିଁ ଲିପ୍‌ଷ୍ଟିକ୍ । ବାହୁର ନଗ୍ନ ସୌନ୍ଦର୍ଯ୍ୟ ଢାଙ୍କି ହୋଇ ପଡ଼ୁଛି—ପିନ୍ଧିଛ ଗୋଟାଏ ବାଜେ ମିଲ୍‌ର ମୋଟା ଶାଢ଼ୀ ! ପିନ୍ଧିଛ ସେ ଶାଢ଼ୀଟାକୁ ଏପରି ସଂଯତ ଭାବରେ ଯେ ବକ୍ଷର ଲୋଭନୀୟ ଅଂଶର ସୌନ୍ଦର୍ଯ୍ୟ-ଶ୍ରୀରୁ ଲୋଲୁପୀ ପ୍ରେମିକର 'ସନ୍ଧାନୀ ଦୃଷ୍ଟି' ନିଦାରୁଣ ଭାବରେ ବଞ୍ଚିତ ! ! ଗତିରେ ତୁମର ଚପଳାର ଛନ୍ଦ ନାହିଁ, ହସରେ ହେରସାମି ନାହିଁ, ଦୃଷ୍ଟାଣୀରେ ନାହିଁ କାମନାଉଦ୍ଦୀପ୍ତ ଲାଳସା । ହାବ-ଭାବରେ ନାହିଁ ମାଧବୀ ଲତା ପରି ଢଳି ପଡ଼ିବାର ଲାଳିତ୍ୟ ! ତୁମର ଏ ତପସ୍ୱିନୀ ଭାବ ଦେଖି ମୁଁ ଆଉ ବି କିଛି କଳ୍ପନା କରି କହିପାରେ—କଲେଜରୁ ତୁମେ ଫେରିଥିଲେ ମଧ୍ୟ ଚଟଶାଳୀରେ ଶିଶୁପାଠ ସାରି ଫେରିଥିବା ଯୁବତୀର ବିଦ୍ୟା-ବୁଦ୍ଧି ତୁମର ନାହିଁ । ଦିନବେଳେ ଶସ୍ତା ଉପନ୍ୟାସ ଖଣ୍ଡେ ଧରି ଝରକା ପାଖରେ ବସି ବସି ରାସ୍ତାର ବଜାରୀ ଟୋକାଙ୍କ ଆଡ଼େ ଅନେଇବା—ସନ୍ଧ୍ୟାରେ ସିନେମା ଦେଖି ଯିବା ପାଇଁ ଦିନ ଦିପହରରୁ ସାଜସଜ୍ଜା କରିବା···ରାତିରେ ଉଜାଗର ରହି ପାଖ ପଡ଼ୋଶୀ କଲେଜ ଟୋକାଙ୍କ ପାଖକୁ ଗୁପ୍ତପ୍ରେମ ଚିଠାଉ ଲେଖିବାର ଶୈଳୀ ବୋଧହୁଏ ତୁମକୁ ଜଣା ନାହିଁ । ଏପରି ଅବସ୍ଥାରେ ତୁମେ ଇଚ୍ଛା କଲେ ଯେ ଅଗଣିତ ପ୍ରେମିକ ସଂଗ୍ରହ କରିପାରିବ—କାହିଁ ମୋର ତ ବିଶ୍ୱାସ ହୁଏନା !

ବନଲତା ହସିଲା । ଏତେବେଳକେ ଉପେନ୍ କଥାରେ ରସର ସ୍ୱାଦ ପାଇଲା ସେ । କହିଲା—ଦେଶର ପ୍ରଗତିଶୀଳା ଆଧୁନିକାଙ୍କୁ ଲକ୍ଷ୍ୟ କରି ଦେଖିଛ ତା'ହେଲେ···

—କେତେ ଆଉ ଆଖି ବୁଜି ରହି ହବ କୁହ ? ଦେଶର ଆଦର୍ଶ ତରୁଣୀ, ଯୁ'ମାନଙ୍କ ଯୌବନ-ସାଧନାରେ ଦେଶର ଲୁପ୍ତଗୌରବ ଫେରି ଆସିବାର କଥା, ଯୁ'ମାନଙ୍କ ଗର୍ଭରୁ ଦେଶର ଭବିଷ୍ୟତ ଭାଗ୍ୟଧର ସମୁଦ୍ଭବ ହେବାର ସମ୍ଭାବନା, ଯୁ'ମାନଙ୍କ ମାତୃତ୍ୱରେ ଦେଶର ସନ୍ତାନ ହେବ ବଳିଷ୍ଠ, ସୁସ୍ଥ, ସୌମ୍ୟ—ହେବ ବିଦ୍ରୋହୀ, ବିପ୍ଳବୀ, ବିଜୟୀ—ଯୁ'ମାନଙ୍କ ଗୃହିଣୀତ୍ୱରେ ଦେଶର ଜୀବନ ହେବ ମଙ୍ଗଳମୟ,ସେମାନଙ୍କର ଉଲଗ୍ନ ଭାବଭଙ୍ଗୀ ଆଜି ହୋଟେଲରେ, ପ୍ରଶସ୍ତ ରାଜପଥରେ—ସେମାନଙ୍କର ବୀଭତ୍ସତା ସନ୍ଧ୍ୟାର ଅନ୍ଧକାରରେ ନଦୀକୂଳେ, ସେମାନଙ୍କର ବ୍ୟଭିଚାର ହାଟବଜାରରେ, ସିନେମା ଘରେ—ସେମାନଙ୍କର ଉଚ୍ଛୃଙ୍ଖଳତା ସଭାସମିତିରେ, ସଙ୍ଗୀତ-ସମ୍ମିଳନୀରେ—ସେମାନଙ୍କର ଫାଜିଲାମି ଥିଏଟର ଘରେ, ପ୍ରଦର୍ଶନୀ ପଡ଼ିଆରେ । ତା ପୁଣି ଏପରି ଭାବରେ ଝଲମଲ କରି ଉଠିଛି—ଉଦ୍ଦଣ୍ଡୀମାନଙ୍କର ସେ ନଗ୍ନ ଯୌବନର ଝଲ୍‌ସା ନ ଦେଖି, ପରିତ୍ରାଣ କାହିଁ କୁହ !

—କିନ୍ତୁ ସମାଜ ଯେ ତୁମର ଏଇଆ ପସନ୍ଦ କରେ ! ବନିତା କହିଲା ।

—ସମାଜ ବୋଇଲେ ତୁମେ କ'ଣ ବୁଝ ? କାହାକୁ ନେଇ ସମାଜ ? ସଭ୍ୟ କିଏ ସେ ସମାଜର ? ମୋ ମତରେ ସମାଜ ବୋଇଲେ ତ ଆମ ଦେଶରେ ବାସ୍ତବିକ କିଛି ନାହିଁ—କେବଳ ସେଇ ତିନିଟି ଅକ୍ଷର ଛଡ଼ା ! ଯୁ' ଦେଶରେ ଦୁଇ ଜଣ ବସିଲେ ପରାମର୍ଶ—ତିନି ଜଣ ବସିଲେ ମନ୍ତ୍ରଣା—ଚାରି ଜଣ ବସିଲେ ଘଟା—ପାଞ୍ଚ ଜଣ ବସିଲେ ସଭା—ସେ ଦେଶରେ ସମାଜ ବୋଇଲେ କ'ଣ ଦାୟିତ୍ୱସମ୍ପନ୍ନ କୌଣସି ଅନୁଷ୍ଠାନକୁ ବୁଝାଇପାରେ ? ସମାଜ ବୋଇଲେ ଯଦି କିଛି ଥାଆନ୍ତା, ତାହେଲେ ଏ ଦେଶର ବୃଦ୍ଧ ପିତା ଆଜି ଅର୍ଦ୍ଧଶିକ୍ଷିତ ଯୁବକ ପୁତ୍ରଦ୍ୱାରା ଅପମାନିତ ହେଉ ନ ଥାନ୍ତା ? ପ୍ରବୀଣର ବହୁଦର୍ଶିତା, ପ୍ରଗଲ୍‌ଭ ତରୁଣର ଭ୍ରୂକୁଟି-ଦ୍ୱାରା ବିଡ଼ମ୍ବିତ ହେଉ ନ ଥାନ୍ତା ? ପ୍ରତିଭା ଆଜି ପରଶ୍ରୀ-କାତରତାଦ୍ୱାରା ହେଉ ନ ଥାନ୍ତା ଅବହେଳିତ ! କଦର୍ଯ୍ୟ ମନୋବୃତ୍ତି—ଆତ୍ମମ୍ଭରିତା—ସ୍ୱେଚ୍ଛାଚାରିତା ଭିତରେ କୌଣସି ଜାତିର ସମାଜ କେବେ ଗଢ଼ି ଉଠି ନାହିଁ କି ସେପରି ସମାଜ କାହିଁ ଥିଲେ ବି ମୂଲ୍ୟ କିଛି ନାହିଁ । କିନ୍ତୁ

ଉପେନ୍ ହଠାତ୍ କ’ଣ ଭାବି ଅଟକି ଛିଡ଼ାହେଲା·· ଅନେକ ବାଟ ଯେ ଆମେ ଚାଲି ଆସିଥାଇଁ ।

—ନା-ନା···ଚାଲ ଆଉରି ଆଗକୁ, ବନିତା କହିଲା·· ରାତିର ଏ ନିର୍ଜ୍ଜନତା ଭିତରେ ସମୁଦ୍ର କୂଳେ କୂଳେ ଚାଲିବାରେ କି ଆନନ୍ଦ !!

—ଆନନ୍ଦ ମୁଁ ବି କ’ଣ ପାଉ ନାହିଁ ବନିତା ! ସତରେ ତୁମ ସାଥିରେ ଚାଲିବାରେ ମୁଁ ଆତ୍ମହରା ହୋଇଉଠିଛି । କିନ୍ତୁ !

—କିନ୍ତୁ ନୁହେଁ ବନ୍ଧୁ ! ବନିତା ଉପେନ୍‌ର ହାତ ଧରି ପକାଇ କହିଲା—ଚାଲ, ତୁମକୁ ଆଗେଇ ନେଇଯିବାରେ ସାହାଯ୍ୟ କରି-ପାରିଲେ ମୁଁ ଯେ ଧନ୍ୟ ହୋଇଉଠିବି ।

ବନିତା ହାତର ସ୍ପର୍ଶ ! ! ସେ ସ୍ପର୍ଶ ଆକାଶର ନୀଳାଭ ସ୍ୱପ୍ନ ପରି ସୁକୋମଳ ! ସେ ସ୍ପର୍ଶ ମାଦକମୟ···ଅନୁଭୂତିମୟ···ମମତାମୟ । ଗାଢ଼ ଅନ୍ଧକାର ଭିତରେ ସୂର୍ଯ୍ୟ-ସଞ୍ଚାର ପରି ଉତ୍ତପ୍ତମୟ ସେ ସ୍ପର୍ଶ । ଉପେନ୍‌ର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ରୋମାଞ୍ଚିତ ହୋଇଉଠିଲା···ଏ ତୁମେ କ’ଣ କହୁଛ ବନିତା—ସେ କହିଲା ସ୍ତବ୍ଧ-ଗଳାରେ, ତୁମର ଆଜି ହୋଇଛି କ’ଣ ?

—ବୁଝିପାରୁନ କ’ଣ ହୋଇଛି ? ଦିଗନ୍ତପ୍ରସାରୀ ଅନ୍ଧକାର ଭିତରେ ଲକ୍ଷ ଲକ୍ଷ ତାରକା ଆଜି କଥା କହୁଉଠିଛି । ହିଲ୍ଲୋଳିତ ବାୟୁତରଙ୍ଗ ଭିତରେ ନିର୍ଜ୍ଜନତାର ବେଣୁ ବାଜଉଠିଛି । ଅସୀମ ଆଜି ବିରହୀ—ପୃଥିବୀ ଆଜି ଅଭିସାରିକା ! ଫେନାୟିତ ସମୁଦ୍ର କଲ୍ଲୋଳ ଭିତରେ ଉଚ୍ଛ୍ୱସି ଉଠିଛି ଅଦୃଶ୍ୟର ଚେତନା-ଐଶ୍ୱର୍ଯ୍ୟ !! ଦେଖି ପାରୁନ ? ଆଗାମୀ ପ୍ରଭାତର ସାନନ୍ଦ ଆର୍ତ୍ତନାଦ ନେଇ ଏ ରାତି କିପରି ଗଭୀର ପ୍ରାଣରସରେ ସ୍ପନ୍ଦିତ ହୋଇଉଠିଛି ! ସ୍ୱପ୍ନ ଦେଖୁଛି ଦିଗନ୍ତଲୀନ ଅସୀମତା କୋଳରେ ଅଙ୍କୁରାୟମାନ ପରିପୂର୍ଣ୍ଣତାର !!

ତନ୍ମୟ ହୋଇଗଲା ଉପେନ୍ ବନିତାର କବିତ୍ୱମୟ କଥାର କୁହୁକ ଭିତରେ । କହିଲା—ଏ ରାତିର ତରଙ୍ଗମୟ ଅନ୍ଧକାର ପ୍ଲାବନ ଭିତରେ

ତୁମେ ବି ଭାସିଯିବାକୁ ଚାହିଁ…କିନ୍ତୁ ଜାଣ—ତୁମକୁ ଭସାଇ ନବାର ଦୁଃସାହସ ମୁଁ କରିପାରେନା…

—ନା—ନା, ଆଜି ନୁହେଁ ବନ୍ଧୁ !! ବନିତା ଉପେନର ହାତଟିକୁ ଟିକିଏ ନିବିଡ଼ ଭାବରେ ଚୁପି ଧରି କହିଲା—ମତେ ତୁମେ ଭସାଇନିଅ, ଭସାଇନିଅ ବନ୍ଧୁ ! ତୁମ ସାଙ୍ଗରେ ଭାସିଯିବାରେ ହିଁ ଆଜି ମୋ ନାରୀଜନ୍ମର ସାର୍ଥକତା !!

କରୁଣ-କୋମଳ ପ୍ରାର୍ଥନା ପରି କାକୁତିମୟ ବନିତା ହାତର ସ୍ପର୍ଶ । ମର୍ମରିତ ବନ ହିଲ୍ଲୋଳ ପରି ତା ଅଞ୍ଚଳର ପରଶ । ଚକିତ କଳ୍ପନାର ବିଦ୍ୟୁତ୍ ବିକାଶ ପରି ତା' ଚକ୍ଷୁର ଚାହାଁଣୀ । ଉପେନ୍‌ର ହୃଦୟ ଚହଲି ଉଠିଲା । କହିଲା—ମୋ ପରି ଜଣେ ବିଗହର ସାଥିରେ ଭାସିଯିବା ପାଇଁ ତୁମର ଏ ବ୍ୟାକୁଳ ମିନତି କାହିଁକି ବନିତା ! ଜାଣ, ମୁଁ ନିଃସ୍ୱ, ନିଃସହାୟ !

—ତମେ ନିଃସ୍ୱ ହେଲେ ତୁମ ପାଇଁ ନିଜକୁ ନିଃଶେଷ କରାଇ ଯେ ମୁଁ ପରିପୂର୍ଣ୍ଣ ହୋଇଉଠିବି ।

—ନିଜକୁ ନିଃଶେଷ କରି ତୁମେ କିପରି ପରିପୂର୍ଣ୍ଣ ହୋଇଉଠିବ, ବନିତା !

—ସେଇପରି ! ଦେଖୁଛ, ଶୂନ୍ୟର ଏଇ ନୀଳିମ ଐଶ୍ୱର୍ଯ୍ୟରେ ବିଗଙ୍ଗନା କିପରି ଭରିଉଠିଛି…କହି ବନିତା ଉପେନ୍‌ର ବଳିଷ୍ଠ ବାହୁ ଚାରିପାଖରେ ତା ସୁକୋମଳ ଭୁଜଲତାକୁ ଛନ୍ଦିଦେଇ ସମୁଦ୍ର ଆଡ଼େ ମୁହଁ ବୁଲେଇ ଠିଆହେଲା । ଠିଆ ହୋଇ କହିଲା—ଦେଖ, କଳା ମେଘର ଝାଲର ତଳୁ ଉଜ୍ଜ୍ୱଳ ତାରକାର ଦୀପ୍ତି କିପରି ଫୁଟିଉଠୁଛି !

ମନ୍ତ୍ରମୁଗ୍ଧ ପରି ଉପେନ୍ ଚାହିଁରହିଲା ଆକାଶକୁ ।

ତାପରେ ଦୁହେଁ—ବନିତା ଆଉ ଉପେନ୍, କବିତା ଆଉ କଳ୍ପନା ପରି, ଭାବ ଆଉ ଭାଷା ପରି, ଧ୍ୱନି ଆଉ ଛନ୍ଦ ପରି ପରସ୍ପରର ନିବିଡ଼ ସାନ୍ନିଧ୍ୟରେ, ମୁଗ୍ଧ ହୋଇ ଛିଡ଼ା ରହିଲେ କିଛି କ୍ଷଣ—ବିହ୍ୱଳ ଆତ୍ମତୃପ୍ତିରେ !

କଟକ ଫେରିଆସି ଉପେନ୍ ଆବିଷ୍କାର କଲା—ସେ ହଠାତ୍ ଜଣେ ବିଶିଷ୍ଟ ବ୍ୟକ୍ତି ହୋଇଉଠିଛି । ପୁରୀରେ ସେଦିନ ସାହିତ୍ୟ-ସଂସଦର ଅଧିବେଶନରେ ନିର୍ଭୀକ ସମାଲୋଚନା ଟିକିଏ କରି ସେ ବେଶ୍ ଗୋଟାଏ ହୈଚୈ ପକାଇ ଦେଇପାରିଛି । ସଭାସମିତିରେ ଦି ପଦ କଡ଼ା ପାଟିରେ କହିଦେଇ ପାରିଲେ ଓଡ଼ିଶାରେ ବ୍ୟକ୍ତିତ୍ୱ ବଢ଼ିଯାଏ—ମନେ ମନେ ଆଲୋଚନା କରି ସେ ହସିଲା । ଲୋକ ଚିହ୍ନି, ଜାତିର ନେତା ବାଛିବାରେ ଦେଶବାସୀଙ୍କର କି ବିଚକ୍ଷଣ ବୁଦ୍ଧି !

ଦିନେ ସନ୍ଧ୍ୟାରେ ପ୍ରବୀଣ ସାହିତ୍ୟ-ସମିତିର ସଭାପତିଙ୍କ ସହିତ ଦେଖା ! ଉପେନ୍‌ର ପରିଚୟ ପାଇ ଆନନ୍ଦ ଗଦ୍‌ଗଦ୍ କଣ୍ଠରେ କହିଲେ ସଭାପତି— ପୁରୀଠେ, ସେଦିନ ସଂସଦବାଲାଙ୍କୁ ଶୋଧି ଆପଣ ଯୁ’ ନିର୍ଭୀକତା ଦେଖାଇଛନ୍ତି, ସେଥିପାଇଁ ମୁକ୍ତକଣ୍ଠରେ ପ୍ରଶଂସା କରୁଛି ।

ଉପେନ୍ କହିଲା—ଆପଣ ଭୁଲ୍ ଶୁଣିଛନ୍ତି । ସଂସଦବାଲାଙ୍କୁ ମୁଁ ଶୋଧି ନାହିଁ କି ସେଥିପାଇଁ ମତେ ଆପଣ ପ୍ରଶଂସା କରିବାଟାକୁ ମୁଁ ମଧ୍ୟ ତାରିଫ କରିପାରୁନି । ସଂସଦବାଲାଙ୍କୁ ଭର୍ତ୍ସନା କରିବା ପରିବର୍ତ୍ତେ ମୁଁ ବରଂ ସେମାନଙ୍କୁ ଆକ୍ଷେପ କରିଛି । ଦେଶ ଓ ଜାତିକୁ ସେମାନଙ୍କ ଦାନରୁ ବଞ୍ଚିତ କରି ସେମାନେ ଆରାମ ଚୌକିରେ ବସି ହାଇ ମାରୁଥିବା ହେତୁ ସେମାନଙ୍କ ଉଦାସୀନତାକୁ ମୁଁ ସମାଲୋଚନା କରିଛି ।

ସଭାପତି ଟିକିଏ ମର୍ମାହତ ହେଲେ । ଉତ୍ତେଜିତ ଗଳାରେ କହିଲେ—ଆମ ସମିତି ସମ୍ବନ୍ଧରେ ଆପଣ ସେଦିନ କିଛି କହିଥିଲେ ?

—ଭୟରେ ବା ଭୁଲ୍‌ରେ ନୁହେଁ—ଆପଣଙ୍କ ସମିତି ସମ୍ବନ୍ଧରେ କିଛି କହିବାର ନାହିଁ ବୋଲି ମୁଁ କିଛି କହିନି ।

ସଭାପତି ତେତେଇଉଠି ଗୁହାଁଣୀରେ ଗୁହାରିଲେ ଉପେନ୍ ! ଆଜ୍ଞେ । ଆମ ସମିତି ସମ୍ବନ୍ଧରେ କିଛି କହିବାର ନାହିଁ ମାନେ ?

—ମାନେ କହିବାର ଯାହା କିଛି ଅଛି···ତା’ କହିଲେ ମୋ ରସନା କଳଙ୍କିତ ହେବ । ଏଥିପାଇଁ କହିନି ।

—ଆପଣଙ୍କ ସମ୍ବନ୍ଧରେ ଯାହା ଶୁଣିଥିଲି, ଦେଖୁଚି, ଆପଣ ତା'ର ଉପଯୁକ୍ତ !! ସଭାପତି ରୁକ୍ଷ ଗଳାରେ କହିଲେ—କହିପାରିବେ କାଲିଙ୍କର ଜନୈକ ଆମ ସମିତି କ'ଣ କରିଛି ?

—କ'ଣ ନ କରିଛି ? ଜାତୀୟ ସାହିତ୍ୟର ପ୍ରଧାନପୀଠ କେନ୍ଦ୍ରୀୟ ଅନୁଷ୍ଠାନର ପ୍ରତିଷ୍ଠାକୁ ନିଜର ବ୍ୟକ୍ତିଗତ ସ୍ୱାର୍ଥସିଦ୍ଧି ପାଇଁ ନିୟୋଜିତ କରିବାର ସଙ୍କୀର୍ଣ୍ଣ ମନୋବୃତ୍ତି ନେଇ ଆପଣ ଓ ଆପଣଙ୍କ ଦଳ ଦେଶର ତରୁଣ ସାହିତ୍ୟିକମାନଙ୍କୁ ବିତାଡ଼ିତ କରି ଯୁ' ଅପରାଧ କରିଛନ୍ତି, ତାର ଶାସ୍ତିବିଧାନ ଯଦି ମୋ ହାତରେ ଥାଆନ୍ତା —

ଗର୍ଜନ କରିଉଠିଲେ ସଭାପତି—"ଚୁପ୍ କରନ୍ତୁ । ଜାଣନ୍ତି ମୁଁ କିଏ ?"

—ଖୁବ୍ ଭଲକରି ଜାଣେ । ଉପେନ୍ ଉତ୍ତେଜିତ ହୋଇ କହିଲା—ଦେଶର ବରିଷ୍ଠ ଆଇନଜ୍ଞ ବୋଲି ତ ଆପଣ ପେନାଲ କୋଡ଼ର ସେକ୍‌ସନ ଖଟେଇ, ସାଧାରଣ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ନିର୍ବାଚନ ସଭାରେ ନିଜ ହାତରୁ ଟଙ୍କା ଗଣି କେତୁଟା ଲୋକଙ୍କୁ ଖିରି ପୁରି ଖାଇବାକୁ ଦେଇ ସଭ୍ୟ କରେଇ ନେଇ, ଭୋଟ ସଂଗ୍ରହ କରି ଆଜି ବେଆଇନ ଭାବରେ ଆପଣଙ୍କ ଦଳ-ବଳ ନେଇ ସଭାପତି-ସମ୍ପାଦକ ହୋଇ ବସିଛନ୍ତି ।

—ପ୍ରମାଣ ଦେଇପାରିବେ ? ସଭାପତି ହଠାତ୍ ଦବିଯାଇ ପଚାରିଲେ ।

—ଆପଣଙ୍କ ମାରପେଞ୍ଚରେ ଏ ହତଭାଗା ଯଦି କେବେ କଚେରି ଦ୍ୱାରସ୍ଥ ହୁଏ, ତାହାହେଲେ ପ୍ରମାଣ ସେଇଠି ଦେବ । ରାସ୍ତା ଉପରେ ଏଠି ବୋଧହୁଏ ସେସବୁ ପ୍ରମାଣ ଆପଣଙ୍କ କାମରେ ଲାଗିବ ନାହିଁ । କହି ଉପେନ୍ ସାଇକେଲ ଧରି ଚାଲିଗଲା । ସଭାପତି କିଛିକ୍ଷଣ କ୍ରୋଧୋଦ୍ଦୀପ୍ତ ଦୃଷ୍ଟିରେ ଅନାଇ ରହିଲେ ।

ଉପେନ୍‌ର ପ୍ରକୃତି ଏଇପରି—ନିର୍ଭୀକ ତେଜସ୍ୱିତା, ବଳିଷ୍ଠ ମତବାଦ, ଅପ୍ରିୟ ସତ୍ୟବାଦିତା । ଦରିଦ୍ର ସେ, ରୋଜଗାରର ଉପାୟ ନାହିଁ—

ଚଳିବାର ସଂସ୍ଥା ନାହିଁ, ରହିବାର ଆଶ୍ରୟ ନାହିଁ । ତଥାପି କାହା ପାଖକୁ ଯାଇ ଖୁସାମଡ, ସାହାଯ୍ୟ ପାଇବା ଆଶାରେ ଅନ୍ୟାୟକୁ ସମର୍ଥନ, ଉପକାର ପାଇବ ବୋଲି ମୁଣ୍ଡ ନୁଆଁଇ ଆଦେଶ ପାଳନ—ତାହା ତା' ପକ୍ଷରେ ଅସମ୍ଭବ । ନିଜକୁ ନିଜେ ସେ ଗଢ଼ିଛି—ନିଜ ଗୋଡ଼ରେ ଠିଆ ହୋଇଛି, ନିଜକୁ ସମର୍ଥ କରି ତୋଳିଛି ଶିକ୍ଷାରେ ଆଉ ଯୋଗ୍ୟତାରେ । କାହାକୁ ଭୟ କରିବାର କ'ଣ ଅଛି ତାର ! ଗୋଲାମି କରିବା ପାଇଁ ସେ ପୁଣି କରିବ ଖୁସାମତି ! ଅସମ୍ଭବ ।

× × × ×

ମେସ୍‌ର ରୁଦ୍ଧ ଅନ୍ଧକାର ଭିତରେ ବସି ବସି ଉପେନ୍ ଭାବିଲା— କ'ଣ କରିବ ସେ !! ଗୃହୁଁ ଗୃହୁଁ ଅନେକ ଦିନ ବିତିଗଲା—କଟକର ରାଜପଥରେ ବାଇକ୍ ଛୁଟେଇ ସେ ଘୂରି ବୁଲିଲା ଅନେକ—ଗଲା ବହୁତ ଲୋକଙ୍କ ପାଖକୁ—ସ୍କୁଲର ହେଡ଼ମାଷ୍ଟର, କଲେଜର ପ୍ରିନ୍‌ସିପାଲ, ମ୍ୟୁନିସିପାଲିଟିର ଚେୟାରମ୍ୟାନ, ସେକ୍ରେଟେରିଏଟର ବଡ଼ ବଡ଼ ଅଫିସର— ସମସ୍ତଙ୍କୁ ଦେଖା କଲା ।

ନିଜର ଅବସ୍ଥା ଜଣାଇଲା; କିନ୍ତୁ ବୃଥା ! ସବୁ ନିଷ୍ଫଳ । କେହି ତା ଦୁଃଖ ବୁଝିଲେ ନାହିଁ, କେହି ଦେଲେ ନାହିଁ ଖଣ୍ଡେ ଚାକିରି । ତା ପାଇଁ ସବୁ ଆଡ଼ ବନ୍ଦ ! ସମସ୍ତ ପଥ ରୁଦ୍ଧ ! ! ଏହିପରି ଅନେକ ଦିନ ଭାବି ଭାବି ଉପେନ୍ ଶେଷକୁ ହତାଶ ହୋଇ ସବୁ ଆଶା ଭରସା ବିସର୍ଜନ ଦେଇ କଟକ ଛାଡ଼ି ଅଜ୍ଞାତ ପଥର ପଥିକ ହବା କଥା ଭାବୁଛି, ମେସ୍‌ଘର ଦୁଆରେ ବାହାରେ ହଠାତ୍ ଦିନେ କମ୍ରେଡ଼ ଶମ୍ଭୁନାଥଙ୍କ ଆବିର୍ଭାବ । ଉପେନ୍ ଅଭିବାଦନ ଜଣାଇଲା । ଶମ୍ଭୁନାଥ କହିଲେ—ବହୁ କଷ୍ଟରେ ଖୋଜି ଖୋଜି ଆପଣଙ୍କ ମେସର ସନ୍ଧାନ ନେଲି ।

—ଏତେ କଷ୍ଟ କଲେ ! ଧନ୍ୟବାଦ ।

କମ୍ରେଡ଼ ଘର ଭିତରକୁ ପଶିଯାଇ କହିଲେ—ଆପଣଙ୍କ ପାଖକୁ ଟୋଟାଏ ଜରୁରୀ କାମରେ ଆସିଲି ।

—ମୋ ପାଖରେ ଆପଣଙ୍କର ଜରୁରୀ କାମ ?

—ଅବଶ୍ୟ ଆପଣଙ୍କର ବି ସେଥିରେ ଲାଭ ! କମ୍ରେଡ୍ ଝାଟିଆ ଉପରେ ବସିପଡ଼ି କହିଲେ—ଆମ ପାର୍ଟିର ସଭ୍ୟ ଆପଣଙ୍କୁ ହେବାକୁ ପଡ଼ିବ ।

ଉପେନ୍ ଟିକିଏ ହସିଲା । କହିଲା—ଆଚ୍ଛା, ପରେ ଭାବିଚିନ୍ତି କହିବି ।

—ପରେ ଆଉ କ'ଣ ? ଆପଣଙ୍କୁ ହବାକୁ ପଡ଼ିବ । ଓଡ଼ିଶାରେ ଆମ ପାର୍ଟିର ସୁଦୃଢ଼ ସଂଗଠନ ଖୁବ୍ ଜରୁରୀ ହୋଇପଡ଼ିଛି । କିନ୍ତୁ ଆମେ ତ ଆଉ କଂଗ୍ରେସ ପରି ରାସ୍ତାଘାଟରୁ ସଭ୍ୟ ସଂଗ୍ରହ କରିନେବୁ ନାହିଁ—ଆମେ ନେବୁ ଚିନ୍ତାଶୀଳ, ଦାୟିତ୍ୱଶୀଳ ଯୁବକଙ୍କୁ, ଯେଉଁମାନେ ଆମ କମ୍ୟୁନିଷ୍ଟ ପାର୍ଟି ପାଇଁ ତାଙ୍କର ଧନ, ମନ, ପ୍ରାଣ ସବୁ ଉତ୍ସର୍ଗ କରି ଯଥାର୍ଥ ସେବା କରିପାରିବେ ।

—ଆପଣଙ୍କ ପାର୍ଟିର ସଭ୍ୟ ହବା କଥା ଠିକ୍ କଲେ ମୁଁ ନିଶ୍ଚୟ ମନପ୍ରାଣ ଉତ୍ସର୍ଗ କରିପାରେ; କିନ୍ତୁ ଧନ ? ତା ବୋଧହୁଏ ପାର୍ଟିକୁ ମୋ ପାଇଁ ଉତ୍ସର୍ଗ କରିବାକୁ ପଡ଼ିବ ।

—ଅର୍ଥାତ୍ ? ଶମ୍ଭୁନାଥ ପଚାରିଲେ ।

—ଅର୍ଥାତ୍, ମୁଁ ତ ଅନାହାରର ସ୍ୱପ୍ନ ଦେଖି ମରୁଛି, ଆପଣଙ୍କ ପାର୍ଟି ପାଇଁ ଧନ ଉତ୍ସର୍ଗ କରିବି କେଉଁଠୁ ?

—ସତେ ! ଶମ୍ଭୁନାଥ ଟିକିଏ ଗମ୍ଭୀର ହୋଇ ପଚାରିଲେ ।

—ଏ ଘରର ଚେହେରା, ଆଉ ମୋ ଅବସ୍ଥା ଦେଖି ହିଁ ଅନୁମାନ କରିପାରିବେ ।

—ତା ଜାଣୁଚି କିଛି କିଛି । ଆଚ୍ଛା, ଆପଣ ଏବେ କ'ଣ କରୁଛନ୍ତି ?

—ଚାକିରି ଉଦ୍ଦେଶ୍ୟରେ ଦିନରେ ଘୂରି ବୁଲୁଛି, ଆଉ ରାତିରେ ସ୍ୱପ୍ନ ଦେଖୁଛି ।

—ଚାକିରିର ସନ୍ଧାନ ହେଲା ?

—ନା, ହେଲା ନାହିଁ କି ହବ ନାହିଁ ବୋଧହୁଏ ।

—ମାନେ ?

—ମାନେ ମୁଁ ଏକ ଅକର୍ମଣ୍ୟ ।

—ଚାକିରି କରିବା କ'ଣ ଆପଣଙ୍କର ଏକମାତ୍ର ଉଦ୍ଦେଶ୍ୟ ? ଶମ୍ଭୁନାଥ ପୁଣି ପଚାରିଲେ ।

—ଉଦ୍ଦେଶ୍ୟ ରୋଜଗାର, ଚାକିରି ନୁହେଁ । ଉପାର୍ଜନ ପାଇଁ ଚାକିରି ଛଡ଼ା ଅନ୍ୟ ଉପାୟ ବା ପନ୍ଥା ନାହିଁ ବୋଲି...

—କିଏ କହିଲା ନାହିଁ ? କାମେନ୍ଦୁ କହିଲେ—ଆପଣ ଭୁଲ୍ ବୁଝିଛନ୍ତି ।

—ବୁଝି ଥାଇପାରେ । କିନ୍ତୁ ନୌକରି ବା ଗୋଲାମି କରି ପେଟ ପୋଷିବା ଛଡ଼ା ଆମ ଦେଶର ଯୁବକଙ୍କ ପାଇଁ ବ୍ୟବସାୟ-ବାଣିଜ୍ୟ ବା ସ୍ୱାଧୀନ କାରବାରଦ୍ୱାରା ଉପାର୍ଜନ କରିବାର କୌଣସି ପନ୍ଥା ଯେ ଏ ଦେଶର ସରକାର ବା ଏ ଜାତିର ଧନୀବାଲାମାନେ ମୁକ୍ତ ରଖିଛନ୍ତି, ତା ମୋର ମନେ ହୁଏ ନାହିଁ ।

—ସରକାର ଆଉ ପୁଞ୍ଜିବାଦୀବର୍ଗର ଲୋପ, ଏହା ହିଁ ତ କମ୍ୟୁନିଷ୍ଟ ପାର୍ଟି ଚାହେଁ । ଆପଣ ଆସନ୍ତୁ ମୋ ସାଙ୍ଗରେ ପାର୍ଟି ଅଫିସକୁ ।

—ଯାଇ କ'ଣ କରିବ ?

—କରିବେ ଆପଣ ଅନେକ କିଛି ।

—କିନ୍ତୁ ଉପାର୍ଜନ କରିବାର ବାଟ ଗୋଟାଏ କିଛି ଠିକ୍ ନ କଲା ପର୍ଯ୍ୟନ୍ତ ମୁଁ କୌଣସି ସଂଘ, ପାର୍ଟି ବା ଅନୁଷ୍ଠାନରେ ଯୋଗ ଦେଇ କିଛି କରିବାକୁ ଚାହେଁନା । ଦେଶସେବା ଅବଶ୍ୟ ମୋ ଜୀବନର

ଅନ୍ୟତମ ସ୍ୱପ୍ନ, ହେଲେ ଅନାହାରରେ ତ ଆଉ ମୁଁ ସେବା କରି-ପାରେନା । ପୁଣି ଦେଶସେବାର ହାହ୍ନ ଦେଇ ଚାନ୍ଦା ଆଦାୟ କରି ଆତ୍ମସାତ୍ କରିବା ମୋ ଦେଇ ସମ୍ଭବ ନୁହେଁ ।

—ତା ଅବଶ୍ୟ ନୁହେଁ । ତେବେ ଉପାର୍ଜନ ଯେ ନ କରିବେ କିଛି, ଏ କଥା ଭାବୁଛନ୍ତି କାହିଁକି ? ଆସନ୍ତୁ, ଏକ୍ଷଣି ତ ବିଶେଷ କିଛି କାମ ନାହିଁ, ଆମ ପାର୍ଟି ଅଫିସ ଆଡ଼େ ଯିବେ ।

—ଆଜି ଆଉ ନୁହେଁ । କାଲି ମୁଁ ଯିବି ସୁବିଧା କରି । କମ୍ରେଡ଼ ଉଠି ଠିଆ ହେଲେ । କହିଲେ—ଆଚ୍ଛା, ମୁଁ ଯାଉଛି । କାଲି ଆସିବେ ଆପଣ ନିଶ୍ଚୟ ।

ଉପେନ୍ କିଛିଟା କ'ଣ ମନରେ ଭାବିଲା । ତାପରେ କହିଲା, "ଆପଣ କ'ଣ ଖାସ୍ ମୋରି ପାଖକୁ ଏଥିପାଇଁ ଆସିଥିଲେ ?"

—ବିଶ୍ୱାସ କରନ୍ତୁ, ଏହା ଛଡ଼ା ମୋର ଅନ୍ୟ କୌଣସି କାମ ନ ଥିଲା ।

—ତାହେଲେ ଚାଲନ୍ତୁ ।

—ଏଇକ୍ଷଣି ? ପଚାରିଲେ କମ୍ରେଡ଼ ।

—କାଲି ମୋର ଅନ୍ୟଆଡ଼େ ଯିବାର ଅଛି । ଚାଲନ୍ତୁ, ଆଜି ଆପଣଙ୍କ ଅଫିସ୍ ଆଡ଼େ ବୁଲି ଦେଖିଆସିବି ।

ଆନନ୍ଦରେ କମ୍ରେଡ଼ଙ୍କ ମୁହଁ ଉଜ୍ଜ୍ୱଳ ହୋଇଉଠିଲା । ଉପେନ ଚାଲିଲା ତାଙ୍କ ସାଙ୍ଗେ ସାଙ୍ଗେ ।

କମ୍ୟୁନିଷ୍ଟ ପାର୍ଟି ଅଫିସ ଦୁଆର ସାମନାରେ ପହଞ୍ଚି ଉପେନ୍ ଚାହିଁ ଦେଖିଲା, ହ' ଚାଳର ଗୋଟାଏ ଜରାଜୀର୍ଣ୍ଣ କୋଠା । ସାମନାରେ ଝୁଲି ହୋଇଛି ଖଣ୍ଡେ ଟ୍ରେଟ ସାଇନ୍ ବୋର୍ଡ଼ । ଅନେକ ଦିନର ଲେଖା ବୋଧହୁଏ, ଅକ୍ଷରଗୁଡ଼ାକରୁ ରଙ୍ଗ ଛୁଟିଗଲାଣି । ପୁଣି ଉପର ପାଖର ଗୋଟାଏ କଣରୁ କଣ୍ଟା ଖସି ପଡ଼ିଥିବାରୁ ସାଇନବୋର୍ଡ଼ଟି ଚଟନୋନ୍ମୁଖୀ ।

ପାହାଚରେ ଉଠି ସେ ଗଲା ଭିତରକୁ । ବାହାର ପଟ ଅଫିସ ସେଇଟା । ପଡ଼ିଛି ଗୋଟାଏ ଲମ୍ବା ଟେବୁଲ । ହୁଏତ ସେକେଣ୍ଡ ହାଣ୍ଡ କିଣା ହୋଇଛି କାହାଠୁ । ତା ଚାରି ପାଖରେ ଦ'ଚାରି ଖଣ୍ଡ ପୁରୁଣା ଚଉକି । ଟେବୁଲ ଉପରେ କେତେ ଖଣ୍ଡ ସାପ୍ତାହିକ ଦୈନିକ କାଗଜ । କମ୍ୟୁନିଷ୍ଟ ପାର୍ଟିର ମୁଖପତ୍ର ଅଧମେଲା ହୋଇ ପଡ଼ିଛି । ଉପେନ୍ ସେଇ ଟେବୁଲ ପାଖରେ ଟିକଏ ଛିଡ଼ା ହୋଇ କାଗଜ ଦେଖିଲା । କମ୍ରେଡ଼ ଶମ୍ଭୁନାଥ କହିଲେ—ଆସନ୍ତୁ ଉପରକୁ । ସମସ୍ତେ ଉପରେ ଅଛନ୍ତି ବୋଧହୁଏ ।

—ଚାଲନ୍ତୁ, ମୁଁ ଯାଉଛି । କାଗଜ ଟିକଏ ଦେଖେଁ ।

—ହଉ ଦେଖନ୍ତୁ, ମୁଁ ଆସୁଛି । କହି ଶମ୍ଭୁନାଥ କ୍ଷିପ୍ର ଗତିରେ ଭିତରକୁ ଚାଲିଗଲେ । ଉପେନ୍ ଖଣ୍ଡେ କାଗଜ ଟାଣିଆଣି ଦେଖିଲା, ଟେବୁଲଟା ଅନେକ ଦିନ ହେଲା ଝଡ଼ା ହୋଇନି । ଘର ଚଟାଣଟା ବି ଓଳିଆ ହୋଇନି । ରାସ୍ତାରୁ ଧୂଳି ଉଡ଼ି ଆସି ଗଦା ହୋଇଛି ଟେବୁଲ ଆଉ କାଗଜ ଉପରେ । ଉପେନ୍‌ର ହାତ ଧୂଳିଧୂସର ହୋଇଗଲା ।

କାନ୍ଥଗୁଡ଼ାକ କ'ଣ ମାହାତା ଅମଳରେ ଧଉଳା ହୋଇଥିଲା ହୁଏତ ! ଚୂନ ଖସିଲେଣି । ଠାଏ ଠାଏ ଦେଖାଯାଉଛି ଇଟା ! ଛାତରେ ମେଞ୍ଚା ମେଞ୍ଚା ଅଳନ୍ଧୁ । ମଝିରେ ମଝିରେ ବାହାରୁ ଉଡ଼ି ଆସୁଛନ୍ତି ଘରଚଟିଆ ପକ୍ଷୀ । ପଟା ଛାତର ଗୋଟାଏ କଣରେ ଚାଲିଛି ସେମାନଙ୍କର କୁଟା-ଡାଙ୍ଗ ଯୋଡ଼ାଯୋଡ଼ି କରି ନୀଡ଼ ରଚନାର ପାଲା ।

ଗୋଟାଏ ଚୌକି ଝାଡ଼ି ଉପେନ୍ ବସିବାକୁ ଯାଉଥିଲା, ହଠାତ୍ ଦୁଆର ମୁହଁରେ ଶମ୍ଭୁନାଥଙ୍କ ସହିତ ଆଉ କେତେ ଜଣଙ୍କ ଆବିର୍ଭାବ ଦେଖି ନମସ୍କାର କଲା । ଶମ୍ଭୁନାଥ ପରିଚୟ କରିଦେଲେ—କମ୍ରେଡ଼ ସୁଧାକରବାବୁ—କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ଆଉ ଏମାନେ ସମସ୍ତେ କର୍ମୀ, ସାଥୀ !!

ସୁଧାକରବାବୁ ଉପେନ୍‌ର ହାତ ଧରି ଉପରକୁ ଡାକି ନେଇଗଲେ । କହିଲେ—ଆପଣଙ୍କ ସମ୍ବନ୍ଧରେ କମ୍ରେଡ଼ ଶମ୍ଭୁନାଥଙ୍କଠୁ

ସବୁ କିଛି ଶୁଣିଛି । ଆମମାନଙ୍କ ସୌଭାଗ୍ୟ । ଆପଣଙ୍କ ପରି କେତେ ଜଣ ଯୁବକ ସାଥୀଙ୍କୁ ପାଇପାରିଲେ ବାସ୍ତବିକ ଆମ ପାର୍ଟି ଗୋଟିଏ କିଛି କରିପାରନ୍ତା ।

—କିଛି କରନି ତାହାହେଲେ ଏପର୍ଯ୍ୟନ୍ତ ? ଉପେନ୍ ତଳେ ପଡ଼ି ହୋଇଥିବା ସତରଞ୍ଜି ଉପରେ ବସି କାନ୍ଥ ଦେହରେ ଟଙ୍ଗା ହୋଇଥିବା ଛବି କେତେ ଖଣ୍ଡ ଆଡ଼େ ନିରୀକ୍ଷଣ କରି ପଚାରିଲା ।

—ଆମ ପାର୍ଟି କରନି ତ ଲୋକଙ୍କର ଦୁଃଖଦୁର୍ଦ୍ଦଶା ବେଳେ ବାସ୍ତବିକ୍ ଜୀବନ-ମୂର୍ଚ୍ଛା କାମ କରିଛି କିଏ ? ଏଇ କଂଗ୍ରେସିଆଏ ? ଶମ୍ଭୁନାଥ ଉତ୍ତେଜିତ ହୋଇ ଆଉ କ'ଣ କହି ଯାଇଥାନ୍ତେ, ସୁଧାକର-ବାବୁ ଆଖି ଠାରିଦେଲେ । କଂଗ୍ରେସ ବିରୁଦ୍ଧରେ ଶମ୍ଭୁନାଥଙ୍କର ଭାବୋଚ୍ଛ୍ୱାସ ହଠାତ୍ ବନ୍ଦ ହୋଇଗଲା ।

ସୁଧାକରବାବୁ ଏଥର କହିଲେ—କଂଗ୍ରେସକୁ ଆକ୍ଷେପ କରି କହିବାର କିଛି ନାହିଁ । ଆମେ କେବଳ ଅବଶୋଷ କରୁଛୁ । ଭାରତର ଏକମାତ୍ର ଜାତୀୟ ଅନୁଷ୍ଠାନ—କଂଗ୍ରେସ । କିନ୍ତୁ ସେ ଅଶେଷଲକ୍ଷ କୋଟି କୃଷୀ-ମୂଲିଆଙ୍କ ଦୁଃଖଦୁର୍ଦ୍ଦଶା ପ୍ରତି ଦୃକ୍‌ପାତ କରିବାକୁ ଚାହେଁ ନାହିଁ ।

—ମାତ୍ର କଂଗ୍ରେସ ଯେ ଗଣତନ୍ତ୍ର ଅନୁଷ୍ଠାନ ! ଉପେନ୍ କହିଲା—ଭାରତ ସ୍ୱାଧୀନ ହେଲେ କୃଷୀ-ମୂଲିଆଙ୍କ ଦୁଃଖ କ'ଣ ଘୁଞ୍ଚିବ ନାହିଁ ?

—ଆମର ବିଶ୍ୱାସ, "ନୁହେଁ" । କଂଗ୍ରେସ କ୍ରମଶଃ ବଡ଼ବଡ଼ିଆ ପୁଞ୍ଜିପତିଙ୍କର ଅନୁଷ୍ଠାନ ହେଉଉଠୁଛି । ସୁଧାକରବାବୁ କହିଲେ—କୃଷୀ-ମୂଲିଆଙ୍କ ଦାବୀ ଅବହେଳିତ ହଉଛି ଦିନକୁ ଦିନ ।

କାନ୍ଥର ଗୋଟାଏ ଫଟୋ ଆଡ଼େ ଚାହିଁ ପଚାରିଲା ଉପେନ୍—ସେ ଫଟୋ କାହାର ?

ସୁଧାକରବାବୁ ଦୁ' ହାତ ଯୋଡ଼ି ନମସ୍କାର କରି କହିଲେ—ସେଇ ତ ଆମ ପାର୍ଟିର ପ୍ରଥମ ଓ ପ୍ରଧାନ ପ୍ରତିଷ୍ଠାତା !!

ବାସ୍ତବିକ ସେଇ ଜଣକର ସାଧନା, ନିଷ୍ଠା ଆଉ ତ୍ୟାଗ ଉପରେ ଉତ୍କଳର ଏ କମ୍ୟୁନିଷ୍ଟ ପାର୍ଟିର ଅବସ୍ଥିତି !! ଉପେନ୍ ଗୁରୁ ପାଞ୍ଚ ଦିନ କମ୍ରେଡ଼ ଦଳଙ୍କ ସହିତ ମିଶି ଦେଖିଲ, ୧୯୩୦ ଓ ୧୯୩୧ ମସିହାର କଂଗ୍ରେସ ଅସହଯୋଗ ଆନ୍ଦୋଳନ ପରେ ଭାରତବର୍ଷର ରାଜନୈତିକ ଚିନ୍ତାଧାରାରେ ଯେତେବେଳେ ଆସିଲା ନୂତନ ପରିବର୍ତ୍ତନ, ରୁଷିଆର ସାମ୍ୟବାଦ ଆଉ ଇଂଲଣ୍ଡର ଶ୍ରମିକ ଆନ୍ଦୋଳନ ଭାରତର ଯୁବଶକ୍ତିକୁ କଲା ପ୍ରଭାବିତ । ଚାଷୀ ମୂଲିଆଙ୍କୁ ସଂଗଠିତ କରି ତାଙ୍କ ଭିତରେ ଶ୍ରେଣୀ-ଚେତନାର ସ୍ପନ୍ଦନ ଜଗାଇ ଏକ ନୂତନ ପ୍ରଗତିଶୀଳ ଆନ୍ଦୋଳନର ସୂତ୍ରପାତ କରିବା ପାଇଁ କଂଗ୍ରେସ ସାମ୍ୟବାଦୀ ଦଳ ଗଢ଼ା ହେଲା । ଓଡ଼ିଶାରେ କେତେ ଜଣ ତରୁଣଙ୍କୁ ସଙ୍ଗଠିତ କରି ତାଙ୍କୁ ସାମ୍ୟବାଦ ମନ୍ତ୍ରରେ ଅନୁପ୍ରାଣିତ କରି ସେ' ଅଗ୍ରଗାମୀ ଯୁବକ ପ୍ରଥମେ ଚାଷୀ ମୂଲିଆର ଦାବି ହକ ଗଳାରେ ପ୍ରଚାର କଲେ, ଗଡ଼ଜାତ ଆନ୍ଦୋଳନରେ ଅଗ୍ରଣୀ ହୋଇ ଅନ୍ଧାରୀ ମୁଲକର ହୁକ୍କାପିଠା ଶାସନ ବିରୁଦ୍ଧରେ ପ୍ରଥମ ପ୍ରତିବାଦ କଲେ—ସରକାରର ବିଷଦୃଷ୍ଟିରେ ପଡ଼ିଲେ, ହସି ହସି କାରାବରଣ କଲେ, ଜେଲରେ ସଡ଼ିଲେ, ନ ଖାଇ ନ ପିଇ ମଲେ, ତାଙ୍କର ତ୍ୟାଗ ଆଉ ସେବାର ନିଷ୍ଠା ଉପରେ ଓଡ଼ିଶାର ଏଇ କମ୍ୟୁନିଷ୍ଟ ପାର୍ଟି ଆଜି ବଳିଷ୍ଠ ନେତୃତ୍ୱ ଅଭାବରେ ଧ୍ୱଂସମୁଖୀ !! ହୁଏତ କମ୍ରେଡ଼ଙ୍କ ସଂଖ୍ୟା ବଢ଼ିଛି, ବଡ଼ ବଡ଼ କଥାର ପ୍ରଚାର ଚାଲିଛି; କିନ୍ତୁ ଶୃଙ୍ଖଳା ନାହିଁ କି ନିର୍ଦ୍ଦିଷ୍ଟ କର୍ମଯୋଜନା ନାହିଁ । ଏମାନଙ୍କ ମଧ୍ୟରୁ କେହି କେହି ସ୍ୱାର୍ଥ-ସିଦ୍ଧି ପାଇଁ ଖାଦ୍ୟସମସ୍ୟାକୁ ଆଳ କରି କଂଗ୍ରେସ ବିରୁଦ୍ଧରେ ଯାଇ କୋଆଲିସନ ମିନିଷ୍ଟ୍ରିକୁ ସମର୍ଥନ କରିଥିଲେ । ଅଥଚ ଏଇମାନେ ତ ପୁଣି କହିଲେ—କଂଗ୍ରେସ ଏମ୍. ଏଲ୍. ଏ.ଙ୍କୁ ମୁକ୍ତ କର, ଦେଶର ଏହି ଖାଦ୍ୟସଙ୍କଟ ବେଳେ ସେଇମାନେ ହିଁ କେବଳ ନରକଙ୍କାଳଙ୍କୁ ବଞ୍ଚାଇବା ପାଇଁ କିଛି ବ୍ୟବସ୍ଥା କରିପାରନ୍ତି ! ଏଣେ ସରକାର ସହିତ ମିଳି ଏ ଯୁଦ୍ଧକୁ ଜନଯୁଦ୍ଧ କହି ଦେଶଦ୍ରୋହୀ ଦଲାଲ, ତେଣେ କଂଗ୍ରେସ ଲିଡ଼ରଙ୍କୁ ମୁକ୍ତ କର, ଭାରତକୁ ସ୍ୱାଧୀନ କର ବୋଲି ଦେଶ ମୋହାର ଜାଙ୍ଗପୂତା !!

ଉପେନ୍ ଭାବିଲା, କ'ଣ ହବ ଏମାନଙ୍କ ସହିତ ମିଶି ! ସ୍ୱ ଅନୁଷ୍ଠାନର ସ୍ୱାତନ୍ତ୍ର୍ୟ ନାହିଁ, ବଳିଷ୍ଠ ମତବାଦ ଆଉ ନିର୍ଦ୍ଦିଷ୍ଟ କର୍ମପନ୍ଥା ନାହିଁ, ସେଥିରେ ରହି କେବଳ ମିଛରେ ଗୋଟାଏ ହୈ-ଚୈ ପକେଇ କି ଲାଭ ! ଉପେନ୍ ବାସ୍ତବିକ ମର୍ମାହତ ହେଲା । ଦୁଃଖିତ ହେଲା କେବଳ କମ୍ୟୁନିଷ୍ଟ ପାର୍ଟିର ଦୁର୍ଗତି ଦେଖି ନୁହେଁ, କଂଗ୍ରେସର ଶୋଚନୀୟ ଦୁରବସ୍ଥା ଦେଖି । ପଣ୍ଡିତ ଉତ୍କଳମଣିଙ୍କ ତ୍ୟାଗ, ନିଷ୍ଠା ଆଉ ସେବା ଫଳରେ ଓଡ଼ିଶାର ଯୁ' କଂଗ୍ରେସ ଭାରତର ଆଦର୍ଶସ୍ଥାନୀୟ ହୋଇ ପାରିଥିଲା—ତାର ଆଜି କି ଚରମ ଅଧୋଗତି ! ରାଜନୀତି କ୍ଷେତ୍ରରେ ପ୍ରଧାନ ପ୍ରଧାନ ବ୍ୟକ୍ତିଙ୍କର ଶୋଚନୀୟ ଅଧଃପତନ ପରେ ଜାଗି ଉଠିଛନ୍ତି କେତେ ଜଣ ସୁବିଧାବାଦୀ ଜମିଦାରିଆ ଶ୍ରେଣୀର ଲୋକ । ଅର୍ଥଲୋଭ ଦେଖାଇ କେତେ ଜଣ ଅଭାବଗ୍ରସ୍ତ କଂଗ୍ରେସକର୍ମୀଙ୍କୁ ହାତମୁଠାରେ ରଖି ଆଜି ଆନ୍ଦୋଳନରେ ଲାଗି ପଡ଼ିଛନ୍ତି । କଂଗ୍ରେସ ନାଁରେ ଆଜି ସେଇମାନଙ୍କ ଯଥେଚ୍ଛାଚାରରେ ଓଡ଼ିଶା ଦେଶ ଲୁଣ୍ଠିତ, ଓଡ଼ିଆ ଜାତି ଧର୍ଷିତ ।

କି ଦୈବୀ ଦୁର୍ବିପାକ ! ବିଧାତାର କି ଅଭିଶାପ ଏ ଜାତି ଉପରେ !! ସୁଯୋଗ୍ୟ ନେତାମାନଙ୍କର ମତିଭ୍ରମ !! ଅଯୋଗ୍ୟ—ଅପଦାର୍ଥଙ୍କର ପ୍ରାଦୁର୍ଭାବ !! ଓଡ଼ିଶା ରାଜନୀତି କ୍ଷେତ୍ରରେ ଆଜି ମା-ବାପ ନାହିଁ ! ପ୍ରତ୍ୟେକ ବେକାର ଆଜି କର୍ମୀ ! ପ୍ରତ୍ୟେକ କର୍ମୀ ଆଜି ସେବକ ! ଆଉ ପ୍ରତ୍ୟେକ ସେବକ ମୁହଁରେ ଆଜି ଦେଶ ଉଦ୍ଧାରର ବଡ଼ ବଡ଼ କଥା—ବଡ଼ ବଡ଼ ସଂକଳ୍ପ !! ନେତା ଆଜି ସମସ୍ତେ !! ନେତା ହବା ବି ବେଶୀ କଷ୍ଟ ନୁହେଁ !! କଂଗ୍ରେସ ରହିଛି । ଚାଲ ଟୁପ ଦେହ, ମୁଣ୍ଡରେ ମାରି, ମୋଟା ଖଦଡ଼ ପୋଷାକ ପିନ୍ଧି, ଘରେ ବାହାରେ କୁଉଠି ହେଲେ ଦଶ ପାଞ୍ଚ ଜଣଙ୍କୁ ମିଳେଇ କୃଷ୍ଣଙ୍କ ନାମେ ଭକ୍ତିରେ ମାତି କରି ଧାର୍ମିକ ହେଲା ପରି କଂଗ୍ରେସର ଜାତୀୟ ମନ୍ତ୍ର ପଦେ ଅଧେ ଫୁଙ୍କିପାରିଲେ—ମହାତ୍ମାଙ୍କ ନାଁ ଉଚ୍ଚାରଣ କରି, ଇନ୍‌କିଲାବ ଜିନ୍ଦାବାଦ, ସ୍ୱାଧୀନ ଭାରତ କି ଜୟ ବୋଲି ଚିତ୍କାର କରିପାରିଲେ—"ନେତା" ପଦବୀ ମିଳିଗଲା !! ଛାପାରେ ଗାଁଗଣ୍ଡା ବୁଲି କଂଗ୍ରେସ ସଭ୍ୟ ସଂଗ୍ରହ ! ରୋଜଗାରର ସରଳ ସହଜ ପନ୍ଥା !! ପୁଣି ଛଡ଼ା କଂଗ୍ରେସକୁ ଭୋଟ ଦିଅ, ଜିଲା ବୋର୍ଡ଼ ଆଉ ବ୍ୟବସ୍ଥାସଭାରେ ବହୁ ସଂଖ୍ୟାରେ କଂଗ୍ରେସ ଲୋକ ଆସିଲେ ଦେଶର ଦୁର୍ଦ୍ଦଶା ଘୁଞ୍ଚିବ—ଜାତିର ଦୁଃଖ-ମୋଚନ ହବ, ଚାଷୀ ମୂଲିଆ

ସୁଖରେ ରହିବେ, ଜମିଦାରୀ ପ୍ରଥାର ଲୋପ ହେବ, ମୁନାଫାଖୋରଙ୍କୁ ଶାସ୍ତି ଦିଆଯିବ, ଅମଲାତନ୍ତ୍ର ଦଳ ଦିଆଯିବ, ଲାଞ୍ଚ, ମିଛ, ଉତ୍କୋଚର ବ୍ୟଭିଚାର ବିରୁଦ୍ଧରେ ଅଭିଯାନ ଆରମ୍ଭ କରାଯିବ, ଏଇପରି କେତେଟା କଥା, କହାଯାଉଲେ, ଖବର କାଗଜରେ ଲମ୍ବା ଲମ୍ବା ବିବୃତି ବାହାରିବ ! ବିବୃତି ବାହାରିବା ମାତ୍ରକେ ଦେଶରେ ସମଜଦାର ଅଛନ୍ତି ଯେ'ମାନେ ମୁକ୍ତକଣ୍ଠରେ ମାହାତ୍ମ୍ୟ ପ୍ରଚାର କରି ବୁଲିବେ । ଆଉ ଇମିତି ପ୍ରଚାରର ଫଳରେ ଉପେନ୍ ଦେଖିଲା, ଆଜି ଓଡ଼ିଶାରେ କଂଗ୍ରେସ ଭେକଧାରୀମାନେ ମାସକ ଭିତରେ "ନିଷ୍ଠାପର କର୍ମୀ", ଦି ମାସ ଭିତରେ "ସଚ୍ଚା ସେବକ", ଚାରି ମାସରେ "ନେତା", ଆଠ ମାସରେ "ପୂଜ୍ୟ", ଆଉ ବର୍ଷକରେ "ମହାତ୍ମା" !!! ତାପରେ ମହାତ୍ମାମାନଙ୍କର ଜିଲ୍ଲା ବୋର୍ଡ଼ ସଭ୍ୟ ଆଉ ଏମ୍.ଏଲ୍.ଏ. ହେବା ପାଇଁ ଚଳାଚଳା ପ୍ରଚାର । ପ୍ରଚାର ଆପଣା ଆପଣା ପେଟ ପାଟଣା ପାଇଁ, ବନ୍ୟାପ୍ରପୀଡ଼ିତ ଦେଶ, ଦୁର୍ଭିକ୍ଷ-ନିଷ୍ପେଷିତ ଜାତି—ଆଉ ମେଲେରିଆ ମହାମାରିରେ ମୁମୂର୍ଷୁ ଜନତାକୁ ଭୁଲେଇଦେଇ ଲୁଣ୍ଠନ କରି !!

ଉଃ ! କି ଦୁର୍ଯୋଗ ପଡ଼ିଛି ଏ ଦେଶର ମଣିଷ ଉପରେ !! ଦେଶର ରାଜନୀତି ଭିତରେ ଆଜି ଯେ'ଠି ସଇତାନଙ୍କର କୂଟ-ଚକ୍ରାନ୍ତ, ସେଠି ମୁକ୍ତିର ସମ୍ଭାବନା କାହିଁ ? କାହିଁ ବୁଢ଼ାଓଡ଼ିର ଜୀବନର ନୂତନ ଆଲୋକ ?

ଉପେନ୍ ଦୀର୍ଘନିଶ୍ୱାସ ନିକ୍ଷେପ କରି ଆକାଶକୁ ଚାହିଁରହିଲା ।

କିଛିଦିନ ଧରି ଖୁବ୍ ନିରସ୍ତ ମନରେ ଭାବି ଭାବି ଉପେନ୍ ଯେତେବେଳେ କୌଣସି ଉପାୟ ନ ଦେଖି ମେସ୍ ଘର ଭିତରେ ଛଟପଟ ହେଉଥିଲା ଦିନେ ମଧ୍ୟାହ୍ନରେ, ହଠାତ୍ ବନିତାର ଆବିର୍ଭାବ !!

—ଆଶ୍ଚର୍ଯ୍ୟ ! ଉପେନ୍ ଖଟିଆ ଉପରେ ଉଠି ବସି ବିସ୍ମୟସ୍ତବ୍ଧ ଗଳାରେ ପଚାରିଲା—ତୁମେ ?

—ଆକାଶରୁ ଖସିପଡ଼ିଲା ପରି ତଟସ୍ଥ ହୋଇ ବନିତା କହିଲା—ମୋର ବରଂ ତୁମକୁ ଦେଖି ଚମକି ପଡ଼ିବାର କଥା । ଅଛ ତ ଏଇ କଟକରେ ?

—ଅଛି ବୋଲି ତୁମେ ଦେଖୁଛ, କିନ୍ତୁ ମୁଁ ବିଶ୍ୱାସ କରିପାରୁନି । ବାସ୍ତବିକ୍ ତ ମୁଁ ନାହିଁ କଟକରେ ।

—ମାନେ ? ବନିତା ଘର ଭିତରକୁ ପଶିଯାଇ ତଳେ ଥୁଆ ହୋଇଥିବା ଟିଣ ସୁଟକେଶ୍‌ଟା ଉପରେ ବସିପଡ଼ିଲା ।

—ସେଠି ବସୁଛ ? ଉପେନ୍ 'ବ୍ୟସ୍ତ ହୋଇଉଠି କହିଲା—ଛି, ଛି, ଏ ମେସ୍ ଘରକୁ ତୁମେ ଆସିଲ କାହିଁକି ? ବସିବାର ବି ଜାଗା ନାହିଁ ଏଠି !!

ବନିତା ହସିଲା । କହିଲା—ହୁଁ, କିଛି କିଛି ଭଦ୍ରତା ଶିଖିଛ ଏ କେତେ ଦିନ ଭିତରେ । ଦେଖି ଖୁସି ହେଲି ।

ଉପେନ୍ କହିଲା—ତମ ଆକ୍ଷେପ ବିରୁଦ୍ଧରେ କିଛି କହିବାର ଶକ୍ତି ଆଜି ନାହିଁ ମୋର । ବହୁତ ଲାଜ ଲାଗୁଛି । କୁଆଡ଼େ ଆସିଲ କୁହ ?

ବନତାର ଚିତ୍ତ ଭିତରଟା ଗୋଟାଏ ଅଜଣା ବ୍ୟଥାରେ ଥରି ଉଠିଲା । ଉପେନ୍‌କୁ ଏପରି ନିସ୍ତେଜ ସେ କେବେ ଦେଖି ନ ଥିଲା । ତା' କଥାରେ ଏପରି ହତାଶାର ଦୀର୍ଘଶ୍ୱାସ ସେ କେବେ ଲକ୍ଷ୍ୟ କରି ନ ଥିଲା । କହିଲା—ଏତଦିନ [କୁଆଡ଼େ ଯାଇଥିଲ ଏ କେତେ] ଦିନ ? ଭାଇ ଆଜି ମୁଁ ବୋଧହୁଏ ଆଠ ଦଶ ଥର ଆସି ଫେରିଛୁ ।

—ରାତି ଦିନ କରି ତ ବୁଲୁଥିଲି, ମତେ ଖୋଜି ପାଆନ୍ତ ବା କାହିଁକି ତମେ ?

—ରାତିଅଧରେ ବି ବୁଲି···

—ନା, ତା ଅବଶ୍ୟ ନୁହେଁ, ତେବେ ଯୁଁଠି ଗଣ୍ଡାଏ ଖାଇବାକୁ ମିଳିଯାଏ ସେଇଠି ଶୋଇପଡ଼େ !! ମେସ୍‌ରେ ଏ ଆବର୍ଜନାମୟ ଘର ଅବସ୍ଥା ତ ଦେଖୁଛ ।

କେବଳ ମେସ୍‌ଘର ନୁହେଁ, ବନତା ଦେଖୁଥିଲା ଉପେନ୍‌ର ରୂପ-ଭେକର ଅବସ୍ଥା । ମଇଳା କୋଚଟିଆ ଲୁଗା, ବି ଗୃହ ଜାଗାରେ ସିଲେଇ ହୋଇଛି । କାମିଜଟାରେ ପାଞ୍ଚ-ଛଅ ଜାଗା ତାଳି ପଡ଼ିଛି । ପାଦର ଚଟି ଗୋଇଠି ଆଡ଼୍ ଅଧେ ଉଡ଼ିଗଲାଣି । ମୁହଁରେ ଦଶ ପନ୍ଦର ଦିନର ରୁଡ଼ । ମୁଣ୍ଡର ବାଳଗୁଡ଼ାକ ଧୂଳି-ଧୂସର । ମଳିନ-ବିବର୍ଣ୍ଣ ଚେହେରା । କପାଳରେ ଗଭୀର ଚିନ୍ତାର ରେଖା । ବାସ୍ତବିକ ଉପେନ୍ ଭାଙ୍ଗି ପଡ଼ିଛି— ଅଭାବ ଅନାଟନରେ [ତଳତଳାନ୍ତ ହୋଇଯାଇଛି । ବନତା ଲକ୍ଷ୍ୟ କରି ଗଭୀର ଦୁଃଖରେ କହିଲା—ଏତେ ଦିନ ଧରି ଆମେ କେହି ତୁମର ମନେ ପଡ଼ିଲୁ ନାହିଁ ?

—ମନେ ପଡ଼ୁଚ ହୁଏତ ! କିନ୍ତୁ ଏ ଅବସ୍ଥାରେ ମୁଁ ତ ଆଉ ତୁମ ଦୁଆରେ ଠିଆ ହୋଇପାରେନା !

—କାହିଁକି ?

—ଦାରିଦ୍ର୍ୟ ଯେ କି ଲଜ୍ଜା, ସେ କଥା ତମେ ବୁଝିବନି ବନତା ! ଅଭାବ, ଅନାଟନରେ ପଡ଼ିଲେ ମଣିଷ ଯେ କିପରି ହତାଶ ହୋଇଯାଏ, ତା ତୁମେ କଳ୍ପନା କରିପାରିବ ନାହିଁ ।

—ସେଇ ପୁରୁଣା କଥା ଶୁଣିବାକୁ ଚାହେନା ମୁଁ । କ'ଣ କରୁଛ ଏଇକ୍ଷଣି ?

—କିଛି ନାହିଁ ।

—କ'ଣ କରିବ ?

—ଠିକ୍ ନାହିଁ ।

—କାମ କଥା କ'ଣ ହେଲା ? ବନିତା ପଚାରିଲା ।

—କିଛି ନାହିଁ, ହବ କ'ଣ ? କାମ କ'ଣ ମୋ ପାଇଁ ରାସ୍ତା-ଘାଟରେ ପଡ଼ିଛି !

—ତେବେ ରାସ୍ତାଘାଟରେ ଘୂରି ବୁଲୁଛ କାହିଁକି ?

—ନା, ଏ କେତେ ଦିନ କାର୍ଯ୍ୟ ପାଇଁ ଅବଶ୍ୟ ରାସ୍ତାଘାଟରେ ଘୂରି ବୁଲି ନାହିଁ, ବୁଲୁଛି ଭିନ୍ନ ଉଦ୍ଦେଶ୍ୟରେ । ଦେଶର ନେତା ହବା ଉଦ୍ଦେଶ୍ୟରେ ।

—ହେଲ ନେତା ?

—ନେତା ହବାକୁ ଚାହିଁଲେ ହୋଇପାରିବି—କିନ୍ତୁ…

—କିନ୍ତୁ ପୁଣି କ'ଣ ?

—ପଇସା ଖାଇବା ପାଇଁ ନେତା ମୁଁ ସାଜି ପାରିବିନି ଦେଖିଲି ।

—ଦେଶସେବା ପବନ ଖାଇ କରିବା କଥା ଭାବିଥିଲ ନା କ'ଣ ?

—ନା, ତା ନୁହେଁ ଅବଶ୍ୟ । ତେବେ ଦରିଦ୍ର ଦେଶବାସୀଙ୍କୁ ଭୁଲେଇ ଭାଲେଇ, କଂଗ୍ରେସ ନାଁରେ ଚାନ୍ଦା ଅସୁଲ କରି, ଶହ ଶହ ନିରୀହ ଚାଷୀ-ମୂଲିଆଙ୍କ ରକ୍ତ ଶୋଷି ବଞ୍ଚି ରହିବା କଥା, ବଞ୍ଚି ରହି ନେତୃତ୍ୱ ଦେବା କଥା, ତାହା ମୁଁ ଆଦୌ କଳ୍ପନା କରିପାରେନା ବନିତା, ତା'ଠୁ ବରଂ ଅନାହାରରେ ଅପମୃତ୍ୟୁ ମୋ ପକ୍ଷରେ ଢେର୍ ଭଲ ! !

ବନଜା କିଛିକ୍ଷଣ ସ୍ତବ୍ଧ ହୋଇ ବସିଲା । ତାପରେ କହିଲା—ଏତେ ଅଭାବରେ ପଡ଼ି ତମେ ଆମ ଘରକୁ ଯାଉନା କାହିଁକି ?

—ଇଚ୍ଛାକରି ଯାଉନି । ଚାହିଁନି ତୁମକୁ କଷ୍ଟ ଦବାକୁ । ବ୍ରଜକୁ ବ୍ୟସ୍ତବ୍ୟସ୍ତ କରିବାକୁ ।

—ଆଜି କିନ୍ତୁ ଯିବାକୁ ହବ ମୋ ସାଙ୍ଗରେ ।

—କାହିଁକି ?

—ଦାଦା ଡକେଇ ପଠେଇଛନ୍ତି ।

—ଆଉ ତୁମେ ଡାକି ନବାକୁ ଆସିଛ ? ଉପେନ୍ ଅଳ୍ପ ଟିକିଏ ହସି ହସି କହିଲା—କଥା କ'ଣ ?

—ନିମନ୍ତ୍ରଣ ! !

—ସୁସମ୍ବାଦ ନିଶ୍ଚୟ ! ! ମୁଠାଏ ଭାତ ଏ କେତେ ଦିନ ଧରି ପେଟରେ ପଡ଼ିନି । କମ୍ୟୁନିଷ୍ଟ ସମ୍ପାଦକଙ୍କଠୁ ଚାରିଟା ଟଙ୍କା—ଆଉ ଜଣେ କଂଗ୍ରେସ ଏମ୍. ଏଲ୍. ଏ. ଙ୍କଠୁ ଛ'ଟା ଟଙ୍କା ଧାର କରି ମୁଡ଼ି ପିଆଜ, ଚୁଡ଼ା ଗୁଡ଼ ଖାଇ କୌଣସିମତେ ଚଳିଚି । ଆଜି ପେଟଭରି ଖାଇବାଟାଇ ମୋର ସବୁଠୁ ବେଶି ଦରକାର ।

ସନ୍ଧ୍ୟା ଲାଗି ଆସୁଥିଲା । କଟକର ସଂକୀର୍ଣ୍ଣ ରାଜପଥ ଉପରେ ଚାଲୁ ଚାଲୁ ବନଜା ହଠାତ୍ ପଚାରିଲା—ସେଇ ପୁରୀରୁ ଫେରିଲା ପରଠୁଁ ମୁଁ ତୁମର କେବେ ମନେ ପଡ଼ି ନାହିଁ ?

—ତୁମକୁ କିପରି ମନେ ପକେଇବା କଥା କହୁଛ ବୁଝିପାରୁନି ! ମୋ ଜୀବନର ବ୍ୟସ୍ତତା ମୂଳରେ ଯାହାର ପ୍ରେରଣା ପ୍ରତିଟି ମୁହୂର୍ତ୍ତକୁ ଅହରହ ସ୍ପନ୍ଦିତ କରୁଛି, ତାକୁ କେମିତି ଆଉ ମନେ ପକାନ୍ତି ବୁଝେଇ-ପାରିବ ?

ବନଜା କହିଲା—ସେଇଥିପାଇଁ ତାହାହେଲେ ଫାଙ୍କିଦେଇ ଭୁଲି ରହିଛ ତୁମେ ନା ?

—ଭୁଲିନ ତ ମୁଁ ତୁମକୁ ! ସ୍ୱତନ୍ତ୍ର ସତ୍ତା ମୋର କାହିଁ ଯେ ତୁମକୁ ଭୁଲି ରହିବ ! ! ତୁମର ଚିନ୍ତାର ବ୍ୟାକୁଳତା ଭିତରେ ମୁଁ ଯେ ବହୁଦିନୁ ମିଳେଇ ଯାଇଛି ! କହି ଅନ୍ୟମନସ୍କ ଭାବରେ ଉପେନ୍ ବନଲତାର ହାତ ପାପୁଲିଟିକୁ ମୁଠେଇ ଧରିଲା ।

ବନଲତା ବୁଝିଲା, ଉପେନ୍ ଆଜ ବାସ୍ତବିକ ବଡ଼ ଏକା, ବଡ଼ ଅସହାୟ ! ! ସେ ଆଜ ଆଶ୍ରୟ ଖୋଜେଁ । ଅବଲମ୍ବନ ଖୋଜେଁ । ଦାରିଦ୍ର୍ୟ-କଷାଘାତରେ ସେ ଆଜ ନିପୀଡ଼ିତ । ଜୀବନ-ସଂଗ୍ରାମରେ ତା' ବ୍ୟକ୍ତିତ୍ୱ ଆଜ ଅପମାନିତ ! ସେ ଖୋଜେଁ ସାହାଯ୍ୟ, ସେ ଖୋଜେଁ ସାନ୍ତ୍ୱନା ! ସେ ଆଜ ଖୋଜେଁ ଶକ୍ତି ! ! ଟିକିଏ ଆନ୍ତରିକ ସହାନୁଭୂତିରେ ବନଲତା କହିଲା—ଏ ହତଭାଗା ଜାତିର ସେବା କରିବାର ଦୁର୍ବୁଦ୍ଧି ତୁମର କାହିଁକି ଆସିଲା ?

—କିଏ କହିଲା ତୁମକୁ ଏ କଥା ?

—କମ୍ରେଡ଼ ସୁଧାକର, କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ଯାଇଥିଲେ ଆମ ଘରକୁ । ପେଭିଂସ୍ ସାର୍ଟିଫିକେଟ୍ ନ କିଣିବାକୁ ଗାଁ ଗାଁରେ ତାଙ୍କ ଦଳର କେହି ପ୍ରଚାର କରି ବୁଲୁଥିଲେ । ସରକାର ଗିରଫ କରି ନେଇ କେସ୍ କରିଛନ୍ତି । ସେଇ କେସ୍ ସମ୍ବନ୍ଧରେ ପରାମର୍ଶ କରିବାକୁ ଆସିଥିଲେ ସୁଧାକରବାବୁ ଦାଦାଙ୍କ ପାଖକୁ । ତୁମେ ତାଙ୍କ ପାର୍ଟିରେ ଯୋଗ ଦେଇଚ ବୋଲି କହୁଥିଲେ ।

—ତାପରେ, ହଠାତ୍ ସେଦିନ ଜଣେ କଂଗ୍ରେସ ଏମ୍. ଏଲ୍. ଏ. ଆସି କହିଲେ, ତୁମେ କମ୍ୟୁନିଷ୍ଟ ପାର୍ଟି ଛାଡ଼ି ଆସି କଂଗ୍ରେସରେ ଯୋଗ ଦେଇଛ—କଂଗ୍ରେସୀ ହେଇଛ ।

—ଏତିକି ଶୁଣିଛ ବୋଧହୁଏ ! କିନ୍ତୁ ଏହା ଭିତରେ କଂଗ୍ରେସ ଛାଡ଼ି ମୁଁ ରେଡ଼ିକାଲ ପାର୍ଟିର ସମ୍ପାଦକଙ୍କ ପ୍ରାଇଭେଟ୍ ସେକ୍ରେଟେରୀ ବି ହେଇଛି ତିନି ଦିନ ପାଇଁ । ପୁଣି ରେଡ଼ିକାଲ ପାର୍ଟି ଛାଡ଼ି "ହିନ୍ଦୁମହାସଭା"ରେ ଯୋଗ ଦେଇ ମହାସଭାର ପ୍ରଚାର କାର୍ଯ୍ୟ ଚଳେଇବା ପାଇଁ ମାସିକ ଅଶୀ ଟଙ୍କା ଭତ୍ତା ପାଇବାର "ଅଫିସିଆଲ" ଚିଠି ମଧ୍ୟ ପାଇଛି ଚାରି ଦିନ ଭିତରେ ।

ବନଜା ହସିଉଠିଲା । କହିଲା—ତାପରେ ମହାସଭା ଛାଡ଼ି…

—ହଁ, ଛାଡ଼ିବାକୁ ପଡ଼ିଲା ବାଧ୍ୟ ହୋଇ ! ସବୁଥିରେ ଚୋରି, ଚଗୁଲି, ଧପ୍ପାବାଜି, ଦଲାଲି ! ! ଆୟତ୍ତ କରିପାରିଲି ନାହିଁ । ଏସବୁ ସଦ୍‌ଗୁଣ ମୋ ପାଖରେ ନାହିଁ ।

—ରହିଥିଲେ କିଛି ଧନ ଟାଣିଥାନ୍ତ ।

—ରହିବାର ଧୈର୍ଯ୍ୟ ବି ନାହିଁ । ମୁଁ ପଳେଇ ଯିବାକୁ ଚାହେଁ ।

—ମାନେ ? ବନଜା ପଚାରିଲା ।

ଉପେନ୍ କହିଲା—ଗୋଟାଏ ମାସ ଭିତରେ ମୋ ନିଶ୍ୱାସ ରୁନ୍ଧ ହୋଇ ଆସିଲାଣି । ଭଦ୍ରଭାବାପନ୍ନ ମଣିଷ ଜଣେ ନାହିଁ ଯାହାଠୁ ହସି କରି ପଦେ କଥା ଶୁଣିବ । ଖୋଲା ପ୍ରାଣ, ଖୋଲା ମନର ଜଣେ ହେଲେ ନାହାନ୍ତି କେହି ! ଯୁଠି ଦେଖିବ ଜଣେ ଦି'ଜଣ ବସି ଫୁସ୍‌ଫାସ୍ ଫୁଟ୍‌ଫାଟ୍ ! ! ତୁମେ ଗଲେ ହଠାତ୍ ସବୁ ବନ୍ଦ୍‌ବାନ୍ଦ୍ ! ଚୁପ୍ ଚାପ୍ ! ! ଯେପରି ୧୪୪ ଧାରା ଅଇନ ଜାରି ହୋଇଚି । ଏତେ ବଡ଼-ବଡ଼ ହାଣ୍ଡି ପରି ମୁହଁ—କାହାର ତଣ୍ଟି ଚିପି କାହାଠୁ କିଛି ଚୋରି କରିଛନ୍ତି ବା କରିବେ ସେଇ ବିଷୟ ନେଇ ଚଳେଇଛନ୍ତି ଗୁପ୍ତ ପରାମର୍ଶ, ସାଙ୍ଘାତିକ ମନ୍ତ୍ରଣା ! !

ବନଜା ରହସ୍ୟ କରି କହିଲା—ଏଇ ଗୋଟାକ ମାସ ଭିତରେ ତୁମେ ଏତେଦୂର ଦେଶଦ୍ରୋହୀ ହୋଇଉଠିଛ—ଏହା ତ ମୁଁ କଳ୍ପନା କରିପାରୁ ନାହିଁ !

—ଠିକ୍ କହିଛ ! ଉପେନ୍ ହସି ହସି କହିଲା—ଅନ୍ତତଃ ଏଇ ସାର୍ଟିଫିକେଟଟା ମୁଁ ଦେଶର ପ୍ରତ୍ୟେକ ଅନୁଷ୍ଠାନର କର୍ମକର୍ତ୍ତାଙ୍କଠୁ ପାଇ ସାରିଲିଣି ।

—ଆଉରି ଗୋଟାଏ ସାର୍ଟିଫିକେଟ ବି ପାଉଛ ।

—କ'ଣ ସେଇଟା ?

—ସେଇଟା ବାସ୍ତବିକ ଖୁବ୍ ଚମକପ୍ରଦ । କିଛି ନ ପାଇଲେ କିନ୍ତୁ ମୁଁ କିଛି କହୁନ !

—କ'ଣ ପାଇବାର ଆଶା ରଖ !

—ପୁରସ୍କାର ।

—ପକେଟରେ ଗୋଟାଏ ଅଚଳନ୍ତି ଗୁଡ଼ିଣି ଅଛି, ସେଇଟା ପୁରସ୍କାର ଦେଇପାରେ ।

—ଅଚଳନ୍ତିକ ମୁଁ ଚଳେଇନେବ । ଆଣ ସେଇଟା ମୋ ଅଡ଼କ ।

—ଚଳେଇ ନବାର ସାହସ ଯଦି ଅଛି, ଆସ ତାହେଲେ ଏଇ ସାମନାର ମିଠେଇ ଦୋକାନକୁ···ତମ ପାରଦର୍ଶିତା ଦେଖାଯାଉ ।

—ବେଶ୍ ଚାଲ । ବନତା ସଭିଙ୍କୁ ସବୁ ଆଗକରି ଦୋକାନ ଭିତରକୁ ଉଠିଗଲା । ଦୋକାନୀ ଆଶ୍ଚର୍ଯ୍ୟରେ ଅବାକ୍ । ସ୍ତ୍ରୀଲୋକଟାଏ ତା ଦୋକାନରେ ! ଏତେ ଲୋକଙ୍କ ସାମନାରେ ବସି ଖାଇବ ?

ବନତା ବସିପଡ଼ିଲା ଖାଇବାକୁ ଗୋଟାଏ ଚଉକି ଉପରେ । ଉପେନ୍ ବାଧ୍ୟ ହୋଇ ପାଖରେ ବସିଲା ଏବଂ ଦି ଦିଇଟା ରସଗୋଲା ଦବା ପାଇଁ ଦୋକାନୀକୁ ହୁକୁମ କଲା ।

ସାଙ୍ଗେ ସାଙ୍ଗେ ନଜେ ସାହୁକାର ଦେଲା ଦି'ଟା ପ୍ଲେଟରେ ଦି'ଦିଟା ରସଗୋଲା । ବନତା ଖାଉ ଖାଉ କହିଲା—ତୁମେ କେବଳ ଦେଶଦ୍ରୋହୀ ନୁହଁ, ଚରିତ୍ରହୀନ ମଧ୍ୟ ।

—ଚରିତ୍ରହୀନ !! ଉପେନ୍ କଥାଟା ଉଚ୍ଚାରଣ କରି ଠୋଠୋ କରି ହସିଉଠିଲା । କହିଲା—ସେ ସାର୍ଟିଫିକେଟରେ କିନ୍ତୁ ତୁମର ଅଧେ ଭାଗ ।

କାରଣ ତୁମୋ ଚରିତ୍ରହୀନତା ମୂଳରେ ବୋଧହୁଏ ତୁମେ ବି ଜଡ଼ିତ ରହିଛ ।

ବନିତା ବି ହସିଲା । କହିଲା—ସେଇଥିପାଇଁ ତ ସାର୍ଟିଫିକେଟ୍ ଦବାବାଲାଙ୍କୁ ମୁଁ ତମର ହେଲ୍ଥ୍ଉପଯୁକ୍ତ ଧନ୍ୟବାଦଟା ଦେଇଦେଇଛି । ବିଶ୍ୱକବିଙ୍କ ନୋବେଲ ପ୍ରାଇଜଠୁଁ ସେଇଟା ନିଶ୍ଚୟ ବେଶୀ ମୂଲ୍ୟବାନ ।

--ସାର୍ଟିଫିକେଟ ଦବାବାଲା ଆମ ଓଡ଼ିଶାର ବିଶ୍ୱକବି ଭୋଳାନାଥ ନା କ'ଣ ?

—ବୋଧହୁଏ । !

—ଉପେନ୍ ପୁଣି ତାନେ ହସିଲା ।

ଖାଇସାରି ବନିତା ଉଠିଯାଇ ଦୋକାନୀକୁ ଡାକିଲା । କହିଲା ତୁମର ଗୁଡ଼ରଣା ହେଲା ନା ?

—ଆଜ୍ଞା !

—ନିଅ । ' ବନିତା ସେ ଅଚଳନ୍ତି ନୁଆକଟା ପକେଇଦେଲା ଦୋକାନୀର ପ୍ରସାରିତ ହାତ ଉପରକୁ । କୃତଜ୍ଞତାରେ ଭରି ଦୋକାନୀର ମନ ! ଆଖି ତାର ବିସ୍ଫାରିତ ! ସେ ଯେପରି ବନିତାର ସୌନ୍ଦର୍ଯ୍ୟକୁ ଏକଦୃଷ୍ଟିରେ ପିଇ ଗୁଲଚି । ନୁଆକଟାକୁ ଗୁହିଁ ଦେଖିବାର ସମୟ ନାହିଁ ।'

ରାସ୍ତା ଉପରକୁ ଓହ୍ଲାଇଆସି ବନିତା ଉପେନ୍ ମୁହଁକୁ ଗୁହିଁ ଟିକିଏ ହସିଲା । ଉପେନ୍ ହସି ହସି ଗୁହିଁଲା ଦୋକାନୀ ଆଡ଼େ । କେବଳ ଦୋକାନୀ ନୁହେଁ, ଦୋକାନର ଗୁରି ପାଞ୍ଚଜଣ ଗରାଖ ମଧ୍ୟ ତଟସ୍ଥ ହୋଇ ଅନେଇଛନ୍ତି ତାଙ୍କ ଆଡ଼େ ।

ବନିତା ଉପେନ୍‌ର ହାତ ଧରି ଗୁଲିବାକୁ ଆରମ୍ଭ କଲା । କହିଲା—ଦେଖିଲ, ଅଚଳନ୍ତିକୁ କିପରି ଚଳେଇଦେଲି !

—ତାହା ତ ଦେଖିଲ । କିନ୍ତୁ ତୁମେ ବି କିଛି ଦେଖିଲ ନା ? ଦୋକାନରେ ସେ ଲୋକଗୁଡ଼ାକ କିପରି ବୋକାଙ୍କ ପରି ତୁମ ଆଡ଼କୁ ହାଁ କରି ଅନେଇ ରହିଛନ୍ତି ।

ବନଲତା କହିଲା—ପରଦା ଅନ୍ତରାଳରେ ଜଣେ ନାରୀ ଯେତେ ବ୍ୟଭିଚାର କରୁ ନା କାହିଁକି, ସମାଜର ସେଥିପ୍ରତି ଦୃକ୍‌ପାତ ନାହିଁ; ମାତ୍ର ବାହାରେ ଦଶ ଜଣଙ୍କ ସାମନାରେ ଦୁଇ ଜଣ ଯୁବକ-ଯୁବତୀ ଭଦ୍ରଭାବରେ ମିଶିଲେ ସେମାନଙ୍କ ଆଖିରେ ଯେତେସବୁ କଦର୍ଯ୍ୟ ଇଙ୍ଗିତ ।

—ରକ୍ଷା ଅଛି, ତମ ପିଠି ଧରିବାକୁ କେହି ସାହସ କରିନି ଏପର୍ଯ୍ୟନ୍ତ ! ଉପେନ୍ କହିଲା ।

—ସାହସ କରିନି, କେବଳ ତୁମେ ଅଛ ବୋଲି । ନଇଲେ ଏତେବେଳକୁ ମୁଁ ହୁଏତ ଶୂନ୍ୟେ ଶୂନ୍ୟେ ଟେକା ନିଆ ହୁଅନ୍ତିଣି ! କହି ବନଲତା ହସିଉଠିଲା ।

ଉପେନ୍ କହିଲା—ଠିକ୍ କହିଛ । ବୁଦ୍ଧିଷ୍ଠ ଜାତିର "ନାରୀ ହରଣଗୁଳ"ରେ କିନ୍ତୁ ସ୍ୱାଭିମାନ ବାରିଭ ଅଛି । ଜାତି, ଜନସଂଖ୍ୟା କିପରି ଭୀଷଣ ଭାବରେ ବଢ଼ୁଛି ?

—ବଢ଼ୁ ନା, ଦୋଷ କ'ଣ ?

—ଦୋଷ କ'ଣ ମାନେ ? ଶିଶୁକୁ ଜନ୍ମ ଦେଇ ଯେ ଖାଇବାକୁ ଦେଇପାରୁନି, ସେ ଶିଶୁ ଜନ୍ମ କରିବ କାହିଁକି ? କୁତ୍ସିତ ବିକଳାଙ୍ଗ ଶିଶୁ, ରୁଗ୍ଣ-ଶୀର୍ଣ୍ଣ-ଅସ୍ଥିକଙ୍କାଳସାର ଏଭଳି ଶିଶୁ ଜାତିର କଳଙ୍କ, ଦେଶର ଶତ୍ରୁ । ମୋ କ୍ଷମତା ଭିତରେ କିଛି କରିବାର ଥିଲେ, ଦେଶର ଅନ୍ନ ସଂସ୍ଥାର ସୁବନ୍ଦୋବସ୍ତ ନ ହେଲା ପର୍ଯ୍ୟନ୍ତ ମୁଁ ତ କିଛି ବୋଗାଟାଏ ଆଇନ ଜାରି କରି ସ୍ତ୍ରୀ-ପୁରୁଷଙ୍କର ମିଳନ ବନ୍ଦ କରନ୍ତି । ଯେ'ମାନେ ଅନାହାରରେ ମରିବାକୁ ଜନ୍ମ ହୁଅନ୍ତି—ସେମାନେ ମୂଳରୁ ଜନ୍ମ ନ ହେବା ଉଚିତ ।

—କିନ୍ତୁ ଭୁଲ ବୁଝିଛ ବନ୍ଧୁ ! ଏ ଯେ ଭଞ୍ଜକବିଙ୍କ ଆଦିରସର ଦେଶ । ଖାଇବାକୁ ନ ପାଇ ଅନାହାରରେ ମରିବାରେ ବି ଦୁଃଖ ନାହିଁ— ଯଦି ବଟଆରେ ହ୍ୱାଙ୍କର ପାନ ଥାଏ ଆଉ ପାଖରେ ଥାଏ ପ୍ରେମିକା ରସବନ୍ତୀ ।

ଉପେନ୍ ହୋ-ହୋ କରି ହସିଉଠିଲା । କହିଲା—ତା ହେଲେ ଏ ମୃତ୍ୟୁମୁଖୀ ନିରନ୍ନ ଓଡ଼ିଆ ଜାତିକୁ ତଣ୍ଡୁଳ ପରିବର୍ତ୍ତରେ ଅନ୍ତତଃ ତାମ୍ବୁଳ ଯୋଗାଇ ବଞ୍ଚାଇବା ପାଇଁ ଦେଶର ବଡ଼ବଡ଼ଆଙ୍କ ଉଦ୍ଦେଶ୍ୟରେ ଦୈନିକ କାଗଜରେ ଗୋଟାଏ ବିବୃତ୍ତି ଦିଏ ।

—ତମ ବିବୃତିଟାକୁ ମୁଁ ଚିଠା କରିଦେବି କହି ବନତା ବ ହସରେ ଫାଟିପଡ଼ିଲା ।

ତାପରେ ଆଉ ବନତା ଦୁହେଁ ବନ୍ଦ ଦ୍ୱାର ଭିତର ଦେଇ ଚାଲି ଆସିଲେ ଶ୍ୟାମଳ ଦୂର୍ବାଚ୍ଛାଦିତ ମୃତ୍ତିକାର କୋମଳତା ଉପରକୁ । ଚାଲି ଚାଲି ଗଲେ ଆକାଶର ଘନସ୍ୱଚ୍ଛତାରେ ବିସ୍ତାରିତ ଦିଗନ୍ତ ସୀମା ନିକଟକୁ—ପର୍ବତର ଶିଖରିତ ଚୂଡ଼ା ଉପରେ ପୃଥିବୀର ପ୍ରଥମତମ ସ୍ୱର୍ଗ-ଦ୍ୱାର ନିକଟକୁ । ସବୁଜତାରେ ସ୍ନିଗ୍ଧ, ଆଲୋକରେ ଉଜ୍ଜ୍ୱଳ, କଳ୍ପନାରେ ସୁନ୍ଦର । ସୁନ୍ଦର ଆଉ ଅପରୂପ—ଅସାମାନ୍ୟ ଅପରୂପ ।

ଅନୁଭୂତିର ଗଭୀର ନିଭୃତରେ ସେମାନଙ୍କର ପ୍ରାଣେ ପ୍ରାଣେ ସଞ୍ଚାରିତ ହେଲା ପୁଲକ ଆଉ ଆନନ୍ଦର ଶିହରଣ, ରକ୍ତେ ରକ୍ତେ ଲୋହିତ ରଶ୍ମିର ହୋମ ଶିଖା ! ସେମାନେ ଦୁହେଁ ପରସ୍ପରକୁ ଉପଲବ୍ଧି କରିବା ମାଧୁରୀରେ ସ୍ପନ୍ଦିତ ହୋଇଉଠିଲେ, ସମସ୍ତ ଶରୀରରୁ ବିଚ୍ଛୁରିତ ହେଲା ସୁରଭିତ ନିଶାର ସୁଗନ୍ଧ, ଦୃଷ୍ଟି ସାମନାରେ ଝଲସି ଉଠିଲା ଲୋହିତାଭ ସ୍ୱପ୍ନ !

ଉପନ୍ୟାସର ଚମକପ୍ରଦ ଅଧ୍ୟାୟ ପରି ସେମାନଙ୍କ ଭିତରେ ହେଲା ନାହିଁ କୌଣସି ପ୍ରେମର ଅଭିନୟ । ଆକର୍ଷଣ ସେମାନଙ୍କ ଭିତରେ ମାଧ୍ୟାକର୍ଷଣ ଶକ୍ତି ପରି ପ୍ରଚଣ୍ଡ । ଆନ୍ତରିକତା ଥିଲା ଗହନ ଅରଣ୍ୟ ପରି ନିବିଡ଼ । ଅପର୍ଯ୍ୟାପ୍ତ ସ୍ନେହରେ ଭରି ଯାଇଥିଲା ଦୁହିଁଙ୍କର ନିଭୃତ ହୃଦୟ । ପ୍ରେମ ହୋଇ ଉଠିଥିଲା ମୃତ୍ୟୁ ପରି ଅବଶ୍ୟମ୍ଭାବୀ । ନିୟତି ପରି ଦୁର୍ବାର ।

ଭଲ ପାଇବାଟାକୁ ମୁହଁ ଖୋଲି ବିଜ୍ଞାପିତ କରିବାକୁ ପଡ଼େ ନାହିଁ କାହାକୁ କାହା ପାଖରେ । ଚିଠିପତ୍ରରେ ଉଚ୍ଛ୍ୱସିତ ପ୍ରଣୟ ନିବେଦନର ହାସ୍ୟକର ଦୁରବସ୍ଥା ଘଟିନି ସେମାନଙ୍କ ଜୀବନରେ । କହିନି କେହି କାହାକୁ, କିପରି ଏକାନ୍ତ ଭାବେ ଚିନ୍ତା କରି ସୁଖ ପାଏ, ସୁଖ ସ୍ୱପ୍ନ ଦେଖେ ରାତିର ନିଃସୁପ୍ତିରେ କହିବା କି ଦରକାର ? ଯେତେବେଳେ ଚାରିଆଡ଼େ ଦିନର ଆଲୁଅ ଝଲସି ଉଠେନ୍ତି, ସେତେବେଳେ ବାହାରକୁ ଯାଇଁ ଆକାଶରେ ସୂର୍ଯ୍ୟ ଉଠୁଛି କି ନାହିଁ, ଦେଖି କି ଲୋଡ଼ା ? ଫାଲ୍ଗୁଣ ଯେତେବେଳେ ଆସିଚି, ଦକ୍ଷିଣରୁ ବହିଚି ବସନ୍ତର ସୁଗନ୍ଧ ମଳୟ,

ସେତେବେଳେ ବନ ପ୍ରାନ୍ତର ଶ୍ୟାମଳତ ହୋଇଉଠିଛି, ସବୁଜାୟିତ ଗଛ ପଲ୍ଲବରେ ଜାଗିଛି ଶିହରଣ, ଶାଖାପ୍ରଶାଖାରେ କୁସୁମିତ ହୋଇଉଠିଛି ଫୁଲର ସ୍ତବକ, କିଏ ଭଲା ସୃଷ୍ଟିର ଏଇ ବିକାଶ-ଧର୍ମ କଥା ନ ଜାଣେ ? ତରଳ—ଛଳ ଛଳ ରୁପେଲି ଜ୍ୟୋତ୍ସ୍ନାଗ୍ରସ୍ତରେ ଆକାଶରେ ଚନ୍ଦ୍ରୋଦୟର ନିର୍ଭୁଲ ସ୍ୱତଃସିଦ୍ଧ ପରି, ସେମାନଙ୍କ ଭିତରେ ପ୍ରେମର ଅଭ୍ୟୁଦୟ ଥିଲା ଅପୂର୍ବ ଆଉ ଅବଶ୍ୟମ୍ଭାବୀ !! କ'ଣ ହବ କଥା କହି ? କ'ଣ ହବ କଥାରେ କଥାରେ ପରୀକ୍ଷା କରି ? ସମସ୍ତ ଆକାଶ ବତାସ ଯାହା କହୁଛି, ତାକୁ ଆଉରି ବ୍ୟାପକ ଭାଷାରେ ବ୍ୟକ୍ତ କରିବାରେ କି ପ୍ରୟୋଜନ !!

ବ୍ୟକ୍ତ କରିବାର ପ୍ରୟୋଜନ ନ ଥିଲା କିଛି ବାସ୍ତବିକ । କାରଣ ସେମାନେ ଦୁହେଁ ପରସ୍ପରକୁ ଚହିଁବାକୁ ଆରମ୍ଭ କରିଥିଲେ, ଦେଖିବାକୁ ଆରମ୍ଭ କରିଥିଲେ ଅନ୍ତରର ଅମୃତ ଦୃଷ୍ଟି ଦେଇ ନୂତନତମ ରୂପରେ !! ଉପେନ୍ ଆଖିରେ ହଠାତ୍ ଅପରୂପା ହୋଇ ଦେଖା ଦେଲା ବନିତା ! ତା' ଶ୍ରୀରେ ସେ ଦେଖିଲା ଶୀର୍ଣ୍ଣ ଅରଣ୍ୟ ଦେହରେ ବୈଶାଖୀର ଲେଲିହାନ ଦୀପ୍ତି !! ଶ୍ରାବଣର ନିର୍ଝର ଧାରା ପରି ବନିତାର ଲାବଣ୍ୟ, ବନର ମଥାନ ଉପରେ ବଙ୍କା ଜହ୍ନ ପରି ସୁନ୍ଦର ଆଉ ଅପୂର୍ବ । ବନିତାର ଯୌବନରେ ମାଳ ଧାନକ୍ଷେତର ମାଧୁରୀ । ହସରେ ସୂର୍ଯ୍ୟାସ୍ତର କରୁଣ ଗୋଲାପି । ବନିତା ସୁନ୍ଦରୀ—ଅସାମାନ୍ୟା ସୁନ୍ଦରୀ । ବନିତା ସ୍ୱପ୍ନମୟୀ, ଅପରୂପ ସ୍ୱପ୍ନମୟୀ । ଉପେନ୍ ଭାବିଲା, ବନିତା ଯେପରି ଏକ ସ୍ଫୁରିତ କାମନାର ଅନବଦ୍ୟ କବିତା ।

ଆଉ ବନିତା ଭାବିଲା ଉପେନକୁ ଦେଖି, ବିଶାଳ, ବିସ୍ତୀର୍ଣ୍ଣ ଏକାକୀତ୍ୱରେ ଅହଂକୃତ ଏଇ ସୁନ୍ଦର—ସୁଦର୍ଶନ—ବଳିଷ୍ଠ ତରୁଣ ଯେପରି ଅରଣ୍ୟର ଏକ ପଶୁ ପରି ଶକ୍ତିଶାଳୀ । ତେଜ୍ଦୀ —ଦନ୍ତୁରିତ ଗିରିଗହ୍ୱା ଭିତରେ ସେ ଯେପରି ମହାବଳ ବାଘ ପରି ପ୍ରଚଣ୍ଡ ଆଉ ଭୟଙ୍କର ! ତା ଦେହରେ ବନ୍ୟର ମହିମା, ତା ପାଦରେ ଅବାରିତ ସ୍ୱାଧୀନତା ! ତା ଉଚ୍ଚପ୍ରସାରିତ ଲଲାଟ ଯେପରି ଏକାକୀତ୍ୱର ତେଜରେ ସ୍ପର୍ଦ୍ଧିତ ! ତା ଆଖି ଯେପରି ମୁକ୍ତିସନ୍ଧାନୀ ଦୃଷ୍ଟିର ପ୍ରଖରତାରେ ଝଲସିତ । ତା' ମୁହଁର କଥାରେ ଦୃଢ଼ତା ଆଉ ନିର୍ଭୀକତାର ଭାଷା । ତା'

ଲମ୍ବା—ଚଉଡ଼ା ଆକୃତି ଆଉ ଶାରୀରିକ ସାମର୍ଥ୍ୟ ଭିତରେ ସେ ଉଦ୍ଦଣ୍ଡ ବିଜ୍ଞାପନ ପରି ଦର୍ପିତ । ଶକ୍ତି ଯଦି ଶୋଭା ହୁଏ, ତେବେ ଉପେନ୍ ବାସ୍ତବିକ ଜଣେ ବଳିଷ୍ଠ ସୁପୁରୁଷ । ତା ପୌରୁଷର ତେଜ ଆକାଶର ଶୁଭ୍ର ରୌଦ୍ର ପରି ଦୀପ୍ତିମନ୍ତ ।

ଜନତା ଦେଖିଲା, ଉପେନ୍ ନିର୍ଭୀକ, ଶାଣିତ କୃପାଣ ପରି ନିର୍ଭୀକ !! ଉପେନ୍ ନିଷ୍ଠୁର, ଅଗ୍ନିବର୍ଷୀ ରକେଟ୍ ପରି ନିଷ୍ଠୁର ! ଉପେନ୍ ନିର୍ମମ, ପ୍ରଚଣ୍ଡ ବୋମା ପରି ନିର୍ଦ୍ଦୟ ଓ ନିର୍ମମ !! ଜନତାର ମନେହେଲା, ଉପେନ୍ ଯେପରି ନଅର-ନିର୍ଜନ, ଦିଗନ୍ତପ୍ରସାରୀ ଧୂମନ୍ତ ପ୍ରାନ୍ତର ଉପରେ ବିଶାଳ ଏକ ବନସ୍ପତି । ନିଶ୍ଚଳ ତାର ସର୍ବାଙ୍ଗ କର୍କଶ ସ୍ତବ୍ଧତାରେ । ଶକ୍ତିମାନ୍ ସେ ରଙ୍ଗୀନ୍ ଆକାଶର ସୁନେଲି ମଦ ପିଇ, ତୀକ୍ଷ୍ଣ-ଶାଣିତ ବର୍ଚ୍ଛା ପରି । ସେ ସନ୍ଧାନୀ ! ସେ ଶିକାରୀ !! ସେ ଶିକାରୀ ଆଉ ସ୍ୱାଧୀନ—ନିର୍ମେଘ ସୂର୍ଯ୍ୟର ମଧ୍ୟାହ୍ନ ରୌଦ୍ର ପରି ପ୍ରଚଣ୍ଡ, ସ୍ୱାଧୀନ । ପୁରାତନକୁ ସେ ଅବଜ୍ଞା କରେ । ସେ ସୃଷ୍ଟି କରିବାକୁ ଚାହେଁ । ସୃଷ୍ଟି କରିବାକୁ ଚାହେଁ ତୀବ୍ର ଅନୁକ୍ଷଣ ବ୍ୟଥାର ଆନନ୍ଦରେ ! ସେ ସୃଷ୍ଟିଶୀଳ । ସେ ସ୍ୱପ୍ନ ଦେଖୁଛି, ମାଗୁଛି ତା ନିବିଡ଼-ଶୁଭ୍ର ପ୍ରେମ !! ସେ ଆଗାମୀ କାଳର ମୂର୍ତ୍ତିମନ୍ତ ପୂର୍ବାଭାସ । ସେ ଆଗନ୍ତୁକ, ସେ ଅଭ୍ରାନ୍ତ—ଅଚିନ୍ତ୍ୟ । ତା ପ୍ରତି ଶିରା-ସ୍ନାୟୁରେ ଚାଲିଛି ପ୍ରଚ୍ଛନ୍ନ ପ୍ରାଣର ଅଫୁରନ୍ତ ଆୟୋଜନ ।

ଜନତା ଆଉ ଉପେନ୍ ଦୁହେଁ ନିତ୍ୟ ନୂତନ ଭାବନା ଆଉ କଳ୍ପନାର ବୈଚିତ୍ର୍ୟ ଭିତରେ ବନ୍ଧୁତାର ନିଗୂଢ଼ ଆନ୍ତରିକତା ମଧ୍ୟ ଦେଇ ଚାଲିଆସିଲେ ନିଜ ନିଜର ଖୁବ୍ ନିକଟକୁ ।

ଦାଦାଙ୍କ ନାଁ କହି ବନଓ୍ଵା ଯେ ଉପେନ୍‌କୁ ଡାକି ଆଣିଥିଲା ସେଇଟା ମିଛ ନୁହେଁ । ବ୍ରଜର ଅନୁରୋଧରେ ରମଣୀବାବୁ ଉପେନ୍ ପାଇଁ ଗୋଟାଏ କାମ ଠିକ୍ କରିଥିଲେ ବାସ୍ତବିକ । ବ୍ରଜର ବାଧ-ବାଧକତାରେ ଆଉ ବନଓ୍ଵାର ଜିଦ୍‌ରେ ଉପେନ୍ "ସ୍ୱାଧୀନ" ପତ୍ରିକା ଅଫିସରେ ପଚୂଶ ଟଙ୍କା ବେତନର କାମ ଖଣ୍ଡିକ ଗ୍ରହଣ କଲା । ଦେଶର ସର୍ବଶ୍ରେଷ୍ଠ ନାମୀ ଦୈନିକ କାଗଜର ଏଡ଼ିଟୋରିଆଲ ବୋର୍ଡ଼ରେ ରହିଲା ସେ । ପତ୍ରିକାରେ ଏକ ନୂତନ ସମାଲୋଚନାର ସ୍ତମ୍ଭ ସଂଯୋଗ କରାହୋଇଥିଲା କିଛି ଦିନ ହେଲା । ଖାସ୍ କରି ସେଇ ସ୍ତମ୍ଭରେ ଲେଖା-ଲେଖି କରିବା ପାଇଁ ଉପେନ୍‌ର ନିଯୁକ୍ତି ।

ପ୍ରଥମ ଦିନ ସମ୍ପାଦକ ଉପେନ୍‌କୁ ଡାକି ହୁସିଆର କରେଇ-ଦେଲେ—ଦେଖ, ଦାୟିତ୍ୱପୂର୍ଣ୍ଣ କାମ । ଭାବି ଚିନ୍ତି ଲେଖାଲେଖି କରିବ, ଅଫିସିଆଲ ସିକ୍ରେସି ଯେପରି ଲିକ୍‌ଆଉଟ୍ ନ ହୁଏ ! ଅନେକ ଭିତର କଥା ଜାଣିବ ତମେ; ସେ ସବୁ ଯେପରି ବାହାରେ କେହି ନ ଜାଣନ୍ତି ! ଆଉ ଛାପିବାକୁ ଦବା ପୂର୍ବରୁ ଯାହାସବୁ ଲେଖିବ ମତେ ଥରେ ଦେଖେଇନେବ ।

—ଆଜ୍ଞା ! ଉପେନ୍ ସମ୍ମତି ଜଣାଇ ଉଠି ଚାଲି ଆସୁଥିଲା, ସମ୍ପାଦକ କହିଲେ—ରମଣୀବାବୁ ତମର କ'ଣ ହୁଅନ୍ତି ?

—ସଂପର୍କରେ କିଛି ନୁହନ୍ତି । ମୋର ବନ୍ଧୁଙ୍କ ଅନୁରୋଧରେ...

—ବନ୍ଧୁ କିଏ ସେ ? ବ୍ରଜବଲ୍ଲଭ ?

—ଆଜ୍ଞା !

—ହଉ, ଯାଅ । ମନ ଦେଇ କାମ କର ।

—ଉପେନ୍ ନିଜ ଅଫିସ ଭିତରକୁ ଫେରିଆସିଲା ।

—ଦୁଇ ଦିନ ପରର କଥା ।

ଉପେନ୍ ବସି କାମ କରୁଛି···ଜଣେ ସୌଖିନ ଯୁବକ ଆସି ନମସ୍କାର କରି ସମ୍ପାଦକଙ୍କ ହାତଲେଖା ଚିଠି ଖଣ୍ଡିଏ ବଢ଼ାଇଦେଲେ । ଉପେନ୍ ଚିଠି ପଢ଼ି ସାରି କହିଲା—ବସନ୍ତୁ ।

ଯୁବକ ଆସନ ଗ୍ରହଣ କରି ଖଣ୍ଡେ ନୂତନ ପୁସ୍ତକ ଉପେନ୍ ହାତକୁ ବଢ଼ାଇଦେଲେ । ଉପେନ୍ ନେଇ ଦେଖିଲା, ବହିଟି ଚମତ୍କାର । ପ୍ରଚ୍ଛଦ ପଟର ଡିଜାଇନ ସୁନ୍ଦର । ବହିଟିର ନାଁ "ମଦ", କବିତା ସଂଗ୍ରହ । ମଲାଟ ଓଲଟେଇ ଉପେନ୍ ଦେଖିଲା, କବିଙ୍କ ସ୍ୱାକ୍ଷର "ବିଜୟ ଚନ୍ଦ୍ର ଶତପଥୀ" ବ୍ଲକ୍ କରାହୋଇ ମୁଦ୍ରିତ ହୋଇଛି । ଛପା ମନୋରମ—ହୃଦୟଗ୍ରାହୀ !! ପ୍ରକାଶକ—ସ୍ୱପ୍ନମହଲ ।

—ନିଅନ୍ତୁ ! ବିଜୟ ବାବୁ ରୂପେଲି ସିଗାରେଟ କେସ୍ ଖୋଲି ଉପେନ୍ ସାମନାରେ ଧରିଲା ।

—ଧନ୍ୟବାଦ । ମୁଁ ସିଗାରେଟ୍ ଖାଏ ନାହିଁ ।

—ପାନ ମଗାନ୍ତୁ ଡାହାଦେଲେ । କିଏ ଅଛି ବାହାରେ ?

—ନା, ଦରକାର ନାହିଁ । ପାନ ବି ମୁଁ ଖାଏନା । ତା ଛଡ଼ା ଏସବୁ ଚର୍ଚ୍ଚା ତ ଆମର କରିବା କଥା, ଆପଣ କାହିଁକି ବ୍ୟସ୍ତ ହଉଛନ୍ତି ? କହି ଉପେନ୍ କାବ୍ୟ ପୁସ୍ତକର ପୃଷ୍ଠା ଓଲଟାଇ ଦେଖି ଦେଖି କହିଲା—"ରିଭିଉ" ପାଇଁ ଦେଇ ଯାଉଛନ୍ତି ତ ?

—ଆଜ୍ଞା !

—ଆପଣ ନିଜେ ଏତେ କଷ୍ଟ କରି ଆସିଲେ କାହିଁକି ? ଡାକ ଜରିଆରେ ପଠେଇ ଦେଇଥିଲେ ତ ହୋଇଥାନ୍ତା !

—ନା, ନିଜେ ଆସିବାର ଟିକିଏ କାରଣ ଅଛି । ଆପଣଙ୍କ ସହିତ କିଛି ହାଇଭେଟ୍ ··

—କୁହନ୍ତୁ ! ଏଠି ତ କେହି ନାହାନ୍ତି ।

ଟ୍ରେରଆଡ଼କୁ ଥରେ ଚାହିଁନେଇ ବିଜୟ କହିଲା—ଏଇଟି ମୋର ପ୍ରଥମ କବିତା ବହି । ଟିକିଏ ଭଲ ମତାମତ ଦେବେ...

—ଆଚ୍ଛା, ଦେଖିବି ।

—ବହିଟି ପଢ଼ି ପ୍ରଫେସର ନଳିନୀକାନ୍ତବାବୁ ଖୁବ୍ ପ୍ରଶଂସା କରିଛନ୍ତି । ସାହିତ୍ୟର ଅଏରଟି ବିରୂପାକ୍ଷବାବୁଙ୍କୁ ଆପଣ ଜାଣନ୍ତି ନିଶ୍ଚୟ ! ସେଇ ଦେଖନ୍ତୁ ତାଙ୍କର ଅଭିମତ ।

—ଉପେନ୍ ନେଇ ପଢ଼ିଲା ।

ବିଜୟ କହି ଚାଲିଲେ—ବଡ଼ ଉଦାର ସ୍ୱଭାବପନ୍ନ ସେମାନେ । ବହି ନେଇ ଦେଲା ମାତ୍ରକେ ସାଙ୍ଗେ ସାଙ୍ଗେ ପ୍ରଶଂସାପତ୍ର ଦେଇଛନ୍ତି ।

—ବହି ପଢ଼ି ନାହାନ୍ତି ବୋଧହୁଏ !

—ନା, ସାଙ୍ଗେ ସାଙ୍ଗେ ପଢ଼ି ଦେଖିବାର ସମୟ କୁଆଡ଼ି ଥିଲା ? ତେବେ ମୋ ଲେଖା ସହିତ ସେମାନେ ବହୁ ଆଗରୁ ପରିଚିତ । ତା ଛଡ଼ା ବ୍ୟକ୍ତିଗତ ଜଣାଶୁଣା ଅଛି !!

ବହି ଖୋଲି ନ ଦେଖି, କବିତା ନ ପଢ଼ି ଦେଶର ଦାୟିତ୍ୱଶୀଳ ଲୋକମାନେ କିପରି ପ୍ରଶଂସାପତ୍ର ଦେଇପାରନ୍ତି ଟିକିଏ ଅଧେ ଖୁସାମତରେ, ଉପେନ୍ ହେଇଆ ଭଳି ଅସ୍ଥିର୍ଯ୍ୟ ହେଲା ।

—ଆପଣଙ୍କର 'ବିଏ' ଅଛି ସାର୍ !

—ଅଛି, କ'ଣ ଦରକାର ?

—ଟିକିଏ ଚା' ?

ଉପେନ୍ ଘଡ଼ିକୁ ଚାହିଁ ଦେଖିଲା । ଦିନ ଅଢ଼େଇଟା । କହିଲା— ଅଦଣ ନ ଖାଇ ଅଛିଛନ୍ତି ପରା !

—ନା ସାର୍, ଖାଇ ଆସିଛି, ତେବେ ପ୍ରତି ଅଧଘଣ୍ଟାରେ ମୋର କପେ କର ଚା' ଦରକାର । କବିତା ଲେଖିବା ଦିନୁ ଚା' ଆଉ ସିଗାରେଟ୍ ମୋର ଗୋଟାଏ ବଡ଼ ବଦଭ୍ୟାସ ହୋଇଯାଇଛି ।

—ଆଚ୍ଛା, ମୁଁ ମତାମତ ଦେବି । ଆପଣ ଯାଆନ୍ତୁ ।

—ଦୋକାନରେ ବସି ଚା' ଖାଏନା ମୁଁ ।

—ଓ ! ଉପେନ୍ 'ବଏ'କୁ ଡାକିଲା ।

'ବଏ' ଆସିଲା । ବିଜୟ ପକେଟରୁ ଗୋଟାଏ ଦଶଟଙ୍କିଆ ନୋଟ୍ କାଢ଼ିଦେଇ କହିଲା, ରାସ୍ତା ଉପର ହିଲ୍‌ଭ୍ୟୁ ଦୋକାନରୁ ଦିଟା ପ୍ଲେଟରେ ଦି'ଦିଟା ରାଜଭୋଗ ଆଉ ଦି କପ୍ ଚା' ।

ଭଲ ମତଟିଏ ପାଇବା ପାଇଁ ଲାଞ୍ଚ ଦେବା ମତଲବ—ଉପେନ୍ ବୁଝିପାରିଲା । ନା-ନା, ମିଠା ମୁଁ ଖାଏନା—ଚା' କପେ ହେଲେ ଚଳିବ ।

—ସେକଥା ଶୁଣିବିନି । ଖାଇବାକୁ ହବ ଆପଣଙ୍କୁ । ବିଜୟ ଅନୁନୟ ସ୍ୱରରେ କହିଲା ।

'ବଏ' ଚାଲିଗଲା ।

ବିଜୟ ପଚାରିଲା—କେବେ ମତାମତ ଦେବେ ସାର୍ ?

—ଖୁବ୍ ଶୀଘ୍ର । ଟିପି ରଖୁଛି ଆପଣଙ୍କ ନାଁ ଆଉ ବହିର ସମାଲୋଚନା କଥାଟା ମୋ ନୋଟ୍ ବହିରେ । କହି ଉପେନ୍ ପକେଟରୁ ଫାଉଣ୍ଟେନ୍ ପେନ୍ କାଢ଼ି ଦି ତିନି ଥର ଝାଡ଼ିଲା ।

—କି ପେନ୍ ହେଇଟା ସାର୍ ? ରାଜା ?

—ନା, ଗୋଟାଏ ବାଜେ ମାର୍କା । ତେବେ ଚାଲେ ଭଲ ।

—ଏଇ ନିଅନ୍ତୁ ମୋ ଫାଉଣ୍ଟେନ୍ ଟା । ପାର୍କର । ଚମତ୍କାର ଲେଖେ । କହି ବିଜୟ ଜୋର କରି ଉପେନ୍ ହାତରେ ସେଇଟି ଗୁଞ୍ଜି ଦେଲା ।

—ଦାମୀ ପେନ୍ । ଉପେନ୍ କହିଲା—ନୂଆ ପରି ତ ଦେଖାଯାଉଛି ?

—ହଁ, ନୂଆ । ବ୍ଲାକ୍ ମାର୍କେଟରେ କିଣିଛି । ଯୁଦ୍ଧ ବଜାର, ମାର୍କେଟରେ କୌଣସି ଫାଉଣ୍ଟେନ୍ ନ ଥିବାବେଳେ ମୁଁ ପାର୍କର ପାଇଛି । ଅବଶ୍ୟ ଟଙ୍କା ଦେଢ଼ଶ' ଦବାକୁ ପଡ଼ିଛି ।

—ଦେଢ଼ଶ' ? ଉପେନ୍ ଆଶ୍ଚର୍ଯ୍ୟ ହୋଇଗଲା ଏକାବେଳକେ ।

—ଦାମିକା ପେନ୍ ହାତରେ ନ ଧରିଲେ ମୋ ମୁଣ୍ଡକୁ ଭାବନା ଆସେନା ।

'ବଏ' ଜଳଖିଆ ଆଣି ଟେବଲ୍ ଉପରେ ରଖିଲା । ଅନିଚ୍ଛା ସତ୍ତ୍ୱେ ଉପେନକୁ ଖାଇବାକୁ ପଡ଼ିଲା ।

—କବିତା ଲେଖା ମୋର ଗୋଟାଏ ନିଶା । ବିଜୟ ଖାଉ ଖାଉ କହିଚାଲିଲା—ବାପାଙ୍କର ଜମିଦାରୀ ବୁଝା ମୋ ଦେଇ ହେଲା ନାହିଁ । କବିତା ମୋ ଜୀବନର ସ୍ୱପ୍ନ । କବିତାଇ ମୋ ଜନ୍ମର ସାର୍ଥକତା ।

'ବଏ' ଆସି କହିଲା—ଜଣେ କିଏ ଦେଖା କରିବାକୁ ଚାହାନ୍ତି ।

—ଆସିବାକୁ କହ ।

ଦୁଆର ମୁହଁରେ ଜଣେ ଲମ୍ବା ଲୋକର ଆବିର୍ଭାବ ।

—ଆସନ୍ତୁ ଭିତରକୁ । ଉପେନ୍ କହିଲା—କ'ଣ ଚାହାନ୍ତି ?

ନମସ୍କାର କରି ଭଦ୍ରଲୋକଟି ଟେବଲ ପାଖକୁ ଆସି ଖଣ୍ଡେ ଲଫାପା ବଢ଼ାଇଦେଲେ । ଉପେନ୍ ଖୋଲି ଦେଖିଲା, ଭିତରେ କଳିଙ୍ଗ ଥିଏଟରର ଖଣ୍ଡେ କମ୍ପ୍ଲିମେଣ୍ଟାରି ପାସ ସହିତ ପଟ୍ଟନାୟକଙ୍କ ହାତଲେଖା ଖଣ୍ଡେ ଚିଠି ।

ଉପେନ୍ ପଢ଼ୁଥିବାବେଳେ ଅପେନ୍ଦ୍ରକଟି କହି ଗୃହିଲେ—ଆମର ନୂଆ ନାଟକ "ଦାନା"ର ଶୁଭ ଉଦ୍‌ବୋଧନ ରଜନୀ ଆଜି । ଆପଣଙ୍କୁ ଯିବାକୁ ପଡ଼ିବ ସାର୍ !

—ଆଚ୍ଛା ।

—ନିଶ୍ଚୟ ଯିବେ ସାର୍ !

—ଦେଖିବି, ସୁବିଧା ହେଲେ ।

—ମାଲିକଙ୍କୁ କହିବି ଫିଟନ୍ ଗାଡ଼ି ନେଇ ଆସିବେ ?

—ନା, ନା, କିଛି ଦରକାର ନାହିଁ । ମୁଁ ଯିବି । ଯାଅ । କହି ଉପେନ୍ ଗୃହ ଖାଇଲା ।

କଳିଙ୍ଗ ଥିଏଟର୍ସର ପ୍ରବୋହକ ପଛେ ପଛେ ଆସିଲେ ଆଉ ଜଣେ—ପ୍ୟାଣ୍ଟ, କୋଟ, ହ୍ୟାଟ୍‌ପିନ୍ଧା ଗେଡ଼ା—ଗେଟମା ସ୍ମାର୍ଟ୍ ଲୋକ । ସେଇ ଦୁଆର ମୁହଁରୁ ଦାନ୍ତ ନକୁଟି, ହାତ ମକଚ, ହସି ହସି, ଅନୁମତିର ଅପେକ୍ଷା ନ ରଖି ସେ ଭିତରକୁ ପଶିଆସି କୁର୍ଚ୍ଚିରେ ବସିପଡ଼ିଲେ—ଯେମିତି ବହୁ ଦିନର ଚିହ୍ନାଚିହ୍ନି, ଭାବଦୋସ୍ତ !

ଉପେନ୍ ଅବାକ୍ ହୋଇ ଗୃହିଁଲା । ଗୃହିଁବାର ମର୍ମ ବୁଝିପାରିଲେ ଆଗନ୍ତୁକ । କହିଲେ—ମୁଁ ଲକ୍ଷ୍ମୀ ଥିଏଟର୍ସର ମାନେଜର—କହି ପକେଟରୁ ଖଣ୍ଡେ କାର୍ଡ଼ କାଢ଼ି ଦେଇ ପଗ୍ଭରିଲେ—ସୁରିଆ ଆସିଥିଲା ନା ?

—ସୁରିଆ କିଏ ? ଉପେନ୍ ପଗ୍ଭରିଲା ।

—କଳିଙ୍ଗ ଥିଏଟରବାଲାଙ୍କର କାନକୁହା ! ସେଇ ତ ଗଲା ଏଇକ୍ଷଣି ଆପଣଙ୍କ ପାଖରୁ ।

—ଓ ! ଉପେନ୍ ଟିକିଏ ହସିଲା । କହିଲା—ଆପଣ ଲକ୍ଷ୍ମୀ ଥିଏଟରର ମାଲିକ ନା ?

—ମୁଁ ମାଲିକ ନୁହେଁ, ଆଉ କିଏ ? ମୋ ଯୋଗୁଁ ତ ପାର୍ଟି ! ମୁଁ ଛାଡ଼ିଦେଲେ ତାକୁ ଦିନେ କେହି ଚଳେଇ ପାରିବ ?

—ଭଲ ଚାଲିଛି ? ଉପେନ୍ ପଚାରିଲା ।

—ଭଲ ଚାଲିଛି ମାନେ ? ଓଡ଼ିଶାରେ ଏତେ ବଡ଼ ଥିଏଟର ପାର୍ଟି ଆଉ ଅଛି ନା ? ବାର ହଜାର ଟଙ୍କା ଖର୍ଚ୍ଚ କରି 'ରଙ୍ଗମହଲ' ପରି ଷ୍ଟେଜ୍ କରିଛି । ଦି ଚାରି ଦିନ ଭିତରେ 'ବି' ଗ୍ରୁପ୍ ଗଢ଼ୁଛି । କଳିଙ୍ଗ ଥିଏଟର୍ସ ମୋ ସାଙ୍ଗରେ ଟକ୍କର ଦବ ? ଦି' ଚାରିଟା ଟୋକା ନେଇ ଥିଏଟର । ଆଉ ସେଥିରେ ପୁଣି ମୋ ସାଙ୍ଗେ ଜିଦ୍ । କିନ୍ତୁ, ଷ୍ଟେଜ୍ ଉପରେ ଛ-ସାଅ ଟୋକା ଏକାସାଙ୍ଗେ ଛାଡ଼ିଦେଲେ କଟକ ସହରରେ ଆଉ ଲୋକ ରହିବେ ନା ? ଛାତିଆ କଂସା ବାନ୍ଧି ପକେଇ ଧାଇଁବେନି ! ଦେଖି ନାହାନ୍ତି ଆମ ଥିଏଟର !

—ନା । ତେବେ ଶୁଣିଛି ।

—ଶୁଣିଛନ୍ତି ? ହଁ, ଶୁଣିବେନି ? ହାଡ଼ିବନ୍ଧୁ ଦାନ୍ତ ଦେଖେଇ କହିଲେ—ଆମ ଥିଏଟର ନାଁରେ ଏ କଟକ ସହର କମ୍ପୁଛି !!

—କିନ୍ତୁ ମୁଁ ଶୁଣିଛି, କୁଆଡ଼େ ଅଭିନୟ ଭଲ ହଉନି ।

—ଶୁଣିଥିବେ ତାହେଲେ କଳିଙ୍ଗ ଥିଏଟର ପାର୍ଟିର ଦଲାଲଙ୍କଠୁ ! କିନ୍ତୁ, ଆମ ଥିଏଟରକୁ ଦବେଇବା ପାଇଁ ସେ ଦଳେ ଲୋକଙ୍କୁ ଟଙ୍କା ପଇସା ଲାଞ୍ଚ ଦେଇ ପ୍ରଚାର ଚଳେଇଚି କି ନା !

—କିନ୍ତୁ କଳିଙ୍ଗ ଥିଏଟର୍ସ ଭଲ କରୁଛି ବୋଲି ସମସ୍ତେ କହୁଛନ୍ତି ।

—ହ, ଯୁ' ଭଲ କରୁଛି ମୁଁ ଜାଣିନି ! ହାଡ଼ିବନ୍ଧୁ ଉତ୍ତେଜିତ ହୋଇ କହିଲେ—ହେଇ ତ କାଲିକା କଥା । ଲୋକ ନ ହେଲାରୁ "ଶୋ" ବନ୍ଦ ।

—କିନ୍ତୁ ଆଜି ଗୋଟାଏ କ'ଣ ନୂଆ ବହି ମଞ୍ଚସ୍ଥ ହେବ ତାଙ୍କର ।

—ହଁ, ବହି ନାଁ "ଦାନା" । ପୂରା ବାଇସ୍କୋପରୁ ଷ୍ଟୋର ।

—ତାଙ୍କର ତ ସବୁ ବହି ଏଠୁ ସେଠୁ ଷ୍ଟୋର । ବଳଦ୍ୱୂ କହିଲା—କୁ'ଠା ନଜର ଯେ !

—ସତେ ନା କ'ଣ ? ଜପେନ୍ ପଚାରିଲା । ହାଡ଼ବନ୍ଧୁ କହିଲେ—ସେ ଯାହା ହେଉ—ଆପଣ ଆଉ ଆଜ ସେଠିକି ଯାଇପାରିବେ ନାହିଁ । ଆମ ଥିଏଟରକୁ ଯିବାକୁ ହବ । ବଙ୍ଗଳା ବହି ପକେଇ ଦେଇଛୁ । ଦେଖିବେ ଟିକଟ ପାଇଁ କେମିତି ବାଡ଼ିଆ ବାଡ଼େଇ । କଣ୍ଡ, ମୋର ତ ହେଲେ ଅଶୀ ପ୍ରାଣୀ କୁଟୁମ୍ବ । ଦିନକୁ ଦେଡ଼ଶ' ଟଙ୍କା ରୋକଡ଼ ନ ହେଲେ ନ ଚଳେ ! ଯେତେ ଭଲ ଓଡ଼ିଆ ବହି ହେଲେ ଆଉ କ'ଣ ବଙ୍ଗଳା ବହି ଭଳି ସାଙ୍ଗରେ ଟକକର ଦେବ ? ବଳଦ୍ୱୂ ଉଠି ଛିଡ଼ା ହେଲା । କହିଲା, ଆପଣ ତ ବ୍ୟସ୍ତ ଅଛନ୍ତି—ମୁଁ ଯାଉଛି, କାଲି ଆସିବି ।

—ଆଚ୍ଛା ! ଜପେନ୍ ଅନ୍ୟମନସ୍କ ଭାବରେ ଉତ୍ତର ଦେଇ ଚାହିଁଲା ହାଡ଼ବନ୍ଧୁଙ୍କୁ । ଲୋକଟାର ବ୍ୟବସାୟବୁଦ୍ଧି ଯୁ'ପରିମାଣରେ ଅଛି, ସେଇ ପରିମାଣରେ ଅଛି ମୂର୍ଖାମି । ଇଂରାଜୀର ଏ. ବି. ସି. ଡ଼. ନ ଜାଣି ଖାଲି ହାତରେ ଏ. ବି. ପତ୍ରିକା !

ହାଡ଼ବନ୍ଧୁ କହିଲେ—ଆପଣଙ୍କୁ ନିମନ୍ତ୍ରଣ କରିବାକୁ ଆସିଛୁ । ଯେମିତି ହେଲେ ଆଜ ଯିବେ ।

—ବଙ୍ଗଳା ବହି ଦେଖିବାକୁ ମତେ ଭଲ ଲାଗେ ନାହିଁ । ଓଡ଼ିଆ ବହି କରୁଛି ହେଲେ କହିବେ ।

—ଓଡ଼ିଆ ବହି ? ହାଡ଼ବନ୍ଧୁ ଉଚ୍ଛ୍ୱସିତ ହେଇଉଠି କହିଲେ—ହଁ, ଓଡ଼ିଆ ବହି ବି ମୁଁ କରୁଛି । ଆଜି ତ ଷ୍ଟେଜ୍‌ରେ କହିବି ଶହେ ଟଙ୍କା ପାରିତୋଷିକ ଦେବ ଟୋକାଏ ବହି ପିଛା ।

—ଦେବେ ନା କ'ଣ ?

—ନିଶ୍ଚୟ ଦେବ । କିନ୍ତୁ ବହି କାହିଁ ? ମୁଁ କିନ୍ତୁ କଳିଙ୍ଗ ଥିଏଟର୍ସର ଫକୀର ପଟ୍ଟନାୟକ ପରି ଗ୍ରେରକର ଯାହା ବହି କରିବନି । ସେ ମୋ ଦେଇ ହବନି । ମୋ 'ଏକ୍‌ଟର' ସେମେଣ୍ଡ ବହି ଛୁଇଁବେନି । ଜାଣେନ୍ତି "ଏଲମୋର"ରୁ ନାଚ ଶିଖାଇ ତାଲିମ କରିଆଣିଛୁ ସେମାନଙ୍କୁ । ଉଦୟଶଙ୍କର ଆଉ ଅମ୍ଳାନ୍ ଚୌଧୁରୀଙ୍କ ବି ଉକଉଚ । ଓଡ଼ିଆ କୁହାରବ ତାଙ୍କୁ । ଏକା ଦିନକେ କଳିଙ୍ଗ ଥିଏଟର୍ସକୁ ପୋଷାକପତ୍ର ବନ୍ଦି କରେଇ ପଠେଇ ନ ଦେବା ତ କଟକରୁ—ମୋ ନାଁ ହାଡ଼ିବନ୍ଧୁ ନୁହେଁ ।

ଉପେନ୍ ମନେ ମନେ ହସିଉଠିଲା । କହିଲା—ଆଚ୍ଛା, ସୁବିଧା ଦେଖି ଯିବ କେବେ ।

—ହଁ, ଆମ ଥିଏଟର ସମ୍ବନ୍ଧରେ ପଦେ ଅଧେ ଲେଖିଦେବେନି କିଛି ?

—ନୂଆ ବହି କିଛି କରନ୍ତୁ । ଦେଖି ଆସିଲେ ସିନା !

—ନୂଆ ବହି ହବାକୁ ତ ଇନା ଡେର ଅଛି । କାଲି ଆଗ ଦି ଗୁଟି ଧାଡ଼ି ଲେଖି ବାହାର କରିଦଅନ୍ତୁ ନା ! ଫକୀର ବହି ଆଗରୁ ଆମ କଥା ପଦେ ଅଧେ ବାହାରି ଯାଇଥାଉ ।

—ତା କେମିତି ହବ ?

—ହଁ, ହବନି କାହିଁକି ? ଆପଣଙ୍କ ହାତରେ ସବୁ । ଲେଖି-ଦେବେ ଦିପଦ । ତେବେ କଳିଙ୍ଗ ଥିଏଟର୍ସର ଗ୍ରେଟା ଫକୀର ପଟ୍ଟନାୟକ ପରି ମୁଁ ଆପଣଙ୍କୁ କଥାରେ ପଟା-ପଟି କରେଇ କାମ ନେବିନି ! ବିନା ପଇସାରେ ମୁଁ କଥା କହେନି କି ପଇସା ନ ଦେଇ ମୁଁ କାହାଠୁ କିଛି କରେଇ ନିଏ ନାହିଁ । ମୋର ଆପଣଙ୍କ ସହିତ ଗୋଟାଏ ମାସିକା ବ୍ୟବସ୍ଥା ରହିବ । ମାସକେ ଯେତେ ଥର ଲେଖିବେ, ସେତେ ଦଶ ଟଙ୍କା କରି ପାଇବେ । ଏଇ ନିଅନ୍ତୁ ଆଗତୁରା 'ଆଡ଼ଭାନ୍ସ' ଦଶ ଟଙ୍କା । କହି ହାଡ଼ିବନ୍ଧୁ ପକେଟରୁ ଖଣ୍ଡେ ନୋଟ କାଢ଼ି ଟେବଲ୍ ଉପରେ ରଖିଦେଲେ ।

ଉପେନ୍ ଅବାକ୍ !

'ବଏ' ଆସି କହିଲା, "ସମ୍ପାଦକ ଡାକୁଛନ୍ତି !"

କଟମଟ କରି ହାଡ଼ବନ୍ଧୁଙ୍କୁ ଅନେଇ ଉପେନ୍ ଉଠି ଛିଡ଼ାହେଲା ।

—ଆଚ୍ଛା, ଆଉ ଦଶ ଟଙ୍କା ମିଶେଇ କୋଡ଼ିଏ ଟଙ୍କା କରି ଆପଣଙ୍କ ପାଖକୁ 'ଏସିଷ୍ଟାଣ୍ଟ' ମେନେଜର ହାତରେ ପଠେଇ ଦେଉଛି । କାଲି ଯେମିତି ହେଲେ ଦଶ ବାର ଧାଡ଼ି ବାହାର କରିଦେବେ ।

ବିଷମ ବିରକ୍ତିରେ ଉପେନ୍ ଆଉ କିଛି ନ ଶୁଣି ଚାଲିଗଲା ସମ୍ପାଦକଙ୍କ ପାଖକୁ ।

ସମ୍ପାଦକ କହିଲେ, "ଏ ତୁମେ ସବୁ କ'ଣ କରିଛ ? କାଲି କାର୍ଯ୍ୟବଶତଃ ଦେଖିପାରିଲି ନାହିଁ ବୋଲି ଏତେ ଯଥେଚ୍ଛାଚାର ?"

—କ'ଣ ହେଲା ? ଉପେନ୍ ପଚାରିଲା ।

—ମିଶ୍ରିଲାଲଙ୍କ ବିରୁଦ୍ଧରେ ଏମିତି ଲେଖିବାକୁ ତମକୁ କିଏ କହିଲା ?

—ମିଛ ତ କିଛି ଲେଖିନି ! ତାଙ୍କ ବିପକ୍ଷରେ ଅସଂଖ୍ୟ ରିପୋର୍ଟ । ଦିନ ରାତି ଲୋକଙ୍କୁ ସେ ହଇରାଣ କରୁଛନ୍ତି !

—ସେଥିରେ ତୁମର କ'ଣ ଗଲା ? ଜାଣ, ଆମକୁ ମାସିକ ଦି'ହଜାର ଟଙ୍କା ସେ ଦିଅନ୍ତି ? ସେ ଆଜି ମୋ ଘରେ ଯେ କାନ୍ଦ-ବୋବା କରୁଛନ୍ତି, ମୁଁ ଏଷଣି ତାଙ୍କୁ କହିବ କ'ଣ ?

—ଉପେନ୍ ଥକ୍କା ହେଇ ଛିଡ଼ା ହୋଇ ରହିଲା ।

—ଆଚ୍ଛା, ସେ କଥା ଥାଉ ! ସମ୍ପାଦକ ପୁଣି କହିଲେ, "ଶାଳଗ୍ରାମ ମାଡ଼ୁଆଳୀ ଲୁଗାବଜାରରେ କଳାପୋତେଇ କରୁଛି ତୁମେ ଦେଖିଛ ?"

—ମାନେ, ସହରରେ ସମସ୍ତେ ଯେ ସେଇ କଥା କହୁଛନ୍ତି !

—ଅଚ୍ଛା କଥା ! ସହରରେ ସମସ୍ତେ କହିବେ ବୋଲି ତମେ କାଗଜରେ ଲେଖିଦବ ନା କ'ଣ ? ଜାଣ, ସେ ଯଦି ଇନ୍‌ କେସ୍‌ଟିଏ କରି ବସେ, ତୁମେ କି ହଲପଠାରେ ପଡ଼ିବ ?

—କାହିଁକି ହଲପଠାରେ ପଡ଼ିବ ? ତା ବିରୁଦ୍ଧରେ ସାକ୍ଷୀ ଦବାକୁ ଅନେକ ବାହାରିବେ ।

—ହଁ, ତୁମ ବାଲିରଚଳେ ଘର କରି ରହିଛନ୍ତି ସବୁ ? ତୁମ କଥାରେ ତା ବିରୁଦ୍ଧରେ ସାକ୍ଷୀ ଦବାକୁ ଅନେକ ବାହାରିବେ ! ଜାଣ, ଆମ ଦେଶ ଲୋକେ ପାଞ୍ଚଟା ଟଙ୍କା ପାଇଲେ ଠାକୁରାଣୀଙ୍କ ମାଳା ଧରି ସତକୁ ମିଛ, ମିଛକୁ ସତ କହିବାକୁ ପଛୁନ୍ତି ନାହିଁ ! ଆଉ ତା ଛଡ଼ା ଖବର ରଖ ତୁମେ କିଛି ? ଯେତକ ପୁଲିସ, କର୍ମଚାରୀ, ଅମଲା, ହାକିମ-ହୁକୁମା, ସବୁ ତାର ଗ୍ରାହକ—ସମସ୍ତଙ୍କ ସାଙ୍ଗରେ'ତାର ନାନା ରକମର କାରବାର । ବ୍ଲାକ୍ ମାର୍କେଟିଂ ସେ କରୁଛି, କିଏ ନ ଜାଣେ ଏ କଥା ! କିନ୍ତୁ ଯିଏ ଚୋରର ବିଚାର କରିବ, ତାର ଯେତେବେଳେ ଚୋର ସହିତ ଏତେ କାରବାର, ଆମର ଚିନ୍ତା ପଡ଼ି କି ଲାଭ !!

—ଯାହା ଅନ୍ୟାୟ, ତା ବିରୁଦ୍ଧରେ ପ୍ରତିବାଦ ତ ଦରକାର !

—ଓ, ଏଇ ବୁଦ୍ଧି ନେଇ ତୁମେ ସମାଲୋଚନା କରି ଦେଶକୁ ଚଳେଇବ ? ଜାଣ, ଶାଳଗ୍ରାମର ଦୟାରେ ଆମ ପ୍ରେସର ଅଶୀ ଜଣ କର୍ମଚାରୀ ଲୁଗା ପିନ୍ଧି ଇଜ୍ଜତ୍ ରଖନ୍ତି !

—ତା ବୋଲି, ଉପେନ୍ ବାବୁ, ସତ କଥା ଲେଖିବନି ?

—ନା, ଲେଖିବନି । ଯାହା ସତ ତା ସବୁବେଳେ ଲେଖା ଯାଏନି; କାରଣ ସତ୍ୟ, ନ୍ୟାୟ ଆଉ ଧର୍ମ ଉପରେ ଆମର ଶାସନକଳ ଚାଲୁନି । ଯାଅ, ଶାଳଗ୍ରାମଠୁ ମୁଁ ମାଫି ମାଗିନଉଛି ।

—ମାଫି ମାଗିବେ ଆପଣ ?

—ସମ୍ପାଦକୀୟ ଦାୟିତ୍ୱ ସହଜ ନୁହେଁ ଉପେନ୍ ! ଓଡ଼ିଶା ପ୍ରଦେଶ କେବଳ ନାଁକୁ । ଜାଣ, ଦୈନିକ ପାଞ୍ଚ ହଜାର ଖଣ୍ଡ କାଗଜ ଖବ ପଢ଼ୁ-

ଯତରେ କଟେ ! ସେଥିରୁ ଦ'ହଜାର ଖଣ୍ଡର ପଇସା ବୋଧେ ମିଳେନା । କାଗଜ ଚଳିବ କେମିତି କୁହ ? ଦେଶର କାଗଜ ସିନା; କିନ୍ତୁ ଦେଶବାସୀଙ୍କର କ'ଣ କର୍ତ୍ତବ୍ୟବୋଧ ଅଛି ଜାତିର ମୁଖପତ୍ର ପାଇଁ ? କାଗଜ ବାହାର କରିବା କେବଳ ସମ୍ପାଦକର ଗୋଟାଏ ଝୁଙ୍କି । ବ୍ୟବସାୟୀ ବୁଦ୍ଧି ନ ଥିଲେ କାଲି ଏ "ସ୍ୱାଧୀନ" ପତ୍ରିକା ଅଫିସରେ ତାଲା ଝୁଲିବ ।

ଫୋନ୍ ଆସିଲା, ସମ୍ପାଦକ କହିଲେ—ଯାଅ ତମେ !

ଉପେନ୍ ଫେରିଆସି ଦେଖିଲା, ପାର୍କର ଫାଉଣ୍ଟେନ ପେନ୍‌ଟି ଟେବ୍‌ଲ ଉପରେ ଥୁଆ ହୋଇଛି । ହୁଏତ ଇଚ୍ଛା କରି ଭୁଲିଯାଇଛନ୍ତି କବି ବିଜୟ । ଭଲ ମତାମତ ଟିକିଏ ପାଇବା ପାଇଁ ହୁଏତ ପାର୍କର ପେନ୍‌ଟିକୁ ଦେଇ ଯାଇଛନ୍ତି ଲାଞ୍ଚ ସ୍ୱରୂପ ! ସମ୍ପାଦକଙ୍କ କଥା ମନେ ପଡ଼ିଲା ଉପେନ୍‌ର । ବ୍ୟବସାୟୀ ବୁଦ୍ଧି ରହିବା ଦରକାର ସବୁଥିରେ ଫାଉଣ୍ଟେନ ପେନ୍‌ଟିକୁ ଭଲ କରି ନିରୀକ୍ଷଣ କରୁ କରୁ ଉପେନ୍ ମନକୁ ମନ ହସିଉଠିଲା ।

ଉପେନ୍ ପ୍ରଥମ କରି ଚିଠି ଲେଖିଲା ।

ସେ କାମ ପାଇଛି । ଶ୍ରେଷ୍ଠ ହେଉ, ବଡ଼ ହେଉ, ନିଜ ଅନୁ-ସଂସ୍ଥାନର ଗୋଟାଏ ବ୍ୟବସ୍ଥା ହୋଇପାରିଛି, ଏ କ'ଣ କମ ଆନନ୍ଦର କଥା ? ବାପା, ବୋଉ ଶୁଣି ନିଶ୍ଚୟ ଖୁସି ହେବେ । ଦୁଶ୍ଚିନ୍ତାରୁ ପାଇବେ ମୁକ୍ତି ! ସବୁ ଅନିଶ୍ଚିତତା ଭିତରେ ପାଇବେ ଆଶ୍ୱାସନା । ପୁଅ ଚାକିରି କରିଚି । ଦରମା ଅଙ୍କଟା ନିଶ୍ଚୟ ବଡ଼ ନୁହେଁ ପରିବାର ପାଖରେ, ଚାକିରିଟାଇ ସବୁଠୁ ବଡ଼ ସାନ୍ତ୍ୱନାର କଥା । ଆଜି ସେ ଅଳ୍ପ ପାଉଚି, ଦିନ ଆସିବ ତାର ବି ଖ୍ୟାତି ବଢ଼ିବ । ଯୋଗ୍ୟତାର କଦର ହବ । ଖବରକାଗଜ ମାଲିକ ଦରମା ବଢ଼େଇବାକୁ ବାଧ୍ୟ ହେବେ । ସଭାସମିତିରେ ରିପୋର୍ଟ ଲେଖିବାକୁ ଯିବ ସେ । ସରକାରଙ୍କ ମଟର ଆସି ନେଇଯିବ ସଭାସ୍ଥଳକୁ । ମନ୍ତ୍ରୀ କରମର୍ଦ୍ଦନ କରିବେ ଆଉ ଅନୁନୟ କରି କହିବେ, ରିପୋର୍ଟଟା ଯେପରି ତାଙ୍କର ସୁଖ୍ୟାତି କରି ଲେଖାଯାଏ । ନେତା ଆଉ ସରକାରୀ ହାକିମଙ୍କର ରାଜନୈତିକ ଆଉ କର୍ମିଜୀବନର ଭବିଷ୍ୟତ ରହିବ ତା'ର କଲମମୁନରେ । ସେ ବଡ଼ ହୋଇଉଠିବ । ସମ୍ପାଦକଙ୍କ ପାଖରେ ତା' ଯୋଗ୍ୟତା ହେବ ଏକ ପ୍ରଶଂସାର କଥା । ଦରମା ଆପେଇ ବଢ଼ିଯିବ । କିଛି କହିବାକୁ ପଡ଼ିବ ନାହିଁ । ତା ସାମ୍ବାଦିକତାର ପୁରସ୍କାର ଅପ୍ରତ୍ୟାଶିତ ଭାବରେ ମିଳିବ ଅଦୂର ଭବିଷ୍ୟତରେ ।

ଅଫିସରେ ଡିଉଟିର ସମୟାନୁବର୍ତ୍ତିତାକୁ ସେ ମାନେ ନାହିଁ । ଆଠ ଘଣ୍ଟା ବାଦ୍ ସେ ଆଉ ଚାରି ପାଞ୍ଚ ଘଣ୍ଟା ବସିରହେ । ଅନ୍ୟମାନଙ୍କ କାମ ସ୍ୱତଃପ୍ରବୃତ୍ତ ହୋଇ ନିଜେ କରିଦିଏ । ପ୍ରୁଫ୍ କାଟେ, କପି ପଢ଼େ । ଆଉ ଦରକାର ହେଲେ ହେଡ୍ କମ୍ପୋଜିଟର ପାଖରେ ଠିଆହୋଇ ସଂଶୋଧନର ନିର୍ଦ୍ଦେଶ ଦିଏ ।

ଏଇ ଅଳ୍ପ କେତେ ଦିନ ଭିତରେ କର୍ମୀଗୃହୀଙ୍କ ଭିତରେ ବେଶ୍ ଲୋକପ୍ରିୟ ହେଇଉଠିଛି ଉପେନ୍। ସମସ୍ତଙ୍କ ମୁହଁରେ ତାରିଫ୍, ତା' ବୁଦ୍ଧିର ପ୍ରଶଂସା।

ସେଦିନ ଅଫିସ୍ ଘରେ ଗାଁକୁ ଚିଠି ଲେଖିବାରେ ଯେତେବେଳେ ଉପେନ୍ ଖୁବ୍ ଭାବମଗ୍ନ, ସେତେବେଳେ ହେଡ୍ ମେସିନ୍‌ମେନ୍ ସାଙ୍ଗରେ ହେଡ୍ କମ୍ପୋଜିଟର ଆଉ ପ୍ରେସର ଦି' ଗୃହୀ ଜଣ କମ୍ପୋଜିଟର୍, ହେଲ୍‌ପର ଆଉ ଦପ୍ତରୀଙ୍କି ନେଇ ଆସି ଠିଆହେଲେ ଉପେନ୍ ଆଗରେ। ହେଡ୍ ମେସିନ୍‌ମେନ୍ ମୁସ୍ତାଫା ଆଲ୍ଲି ବେଶ୍ କାରିଗର ଲୋକ। ଉପେନ୍‌ର ଖୁବ୍ ପସନ୍ଦ ତାର ଗୁଣ। ଯୁଁଠି କୌଶଳ ଆଉ କାରିଗରୀ, ଉପେନ୍ ସେଇଠି ପ୍ରଶଂସାରେ ଶତମୁଖ। ଗ୍ରେଟ ବଡ଼ ବିଭେଦ କରୁ ନଥେନା ସେ। କାରିଗର ମଣିଷ ହିଁ ସମାଜର ସଂସ୍କୃତି, ସୃଷ୍ଟିର କଳା। ଉପେନ୍ଦ୍ରକୁ ବହୁବାର କହିବାର ଶୁଣାଯାଇଛି, କୋଣାର୍କ ରାଜା ନରସିଂହ-ଦେବଙ୍କର ସ୍ୱପ୍ନ ହେଇପାରେ; କିନ୍ତୁ ତା ନିର୍ମାଣ ଭିତରେ ବିଶୁ ମହାରଣାର ସାଧନା ଆଉ ସମଗ୍ର ଜାତିର ଗର୍ବ। "ସ୍ୱାଧୀନ" କାଗଜ ସମ୍ପାଦକଙ୍କର ଅର୍ଥ ଉପାର୍ଜନର ଏକ ଅବଲମ୍ବନ ହେଲେ ମଧ୍ୟ ତାହା ସମଗ୍ର ପ୍ରଦେଶର ସମ୍ମାନ ଆଉ ସ୍ୱାଧୀନ ପ୍ରେସରେ କାମ କରୁଥିବା କର୍ମୀଗୃହୀମାନଙ୍କର ସାଧନାର ପ୍ରତୀକ।

ବାପା ବୋଉଙ୍କ ପାଖକୁ ଚିଠି ଲେଖିସାରି ଉପେନ୍ ଗାଁ ମାମଲତକାର ମଧ୍ୟ ପ୍ରଧାନ ପାଖକୁ ଦୁଇ ଟଙ୍କାର ଖଣ୍ଡେ ମନିଅର୍ଡ଼ର ଫର୍ମ ପୂରଣ କରି କୁପନରେ ଉପେନ୍ ଗାଁର ହାଲହକିକତ ଜାଣିବା ପାଇଁ ତରବରରେ ଦି' ପଦ ଲେଖି ଆଲ୍ଲି ମିସ୍ତ୍ରୀ ଆଡ଼କୁ ଅନାଇ ପଚାରିଲା— କୁଆଡ଼େ ଆସିଲ ଆଲ୍ଲି ସାହେବ୍? ଆଜି କାଗଜ ବାହାରିବନି ନା କ'ଣ?

—ଆଜ୍ ତ ଇତ୍ୱାର ଅଛି ନା? ଆଜ୍ ତୋ ଆଖ୍‌ବାର ବନ୍ଦ୍।

—ଓ, ଆଜି ରବିବାର। ମୁଁ ତ ସମ୍ପୂର୍ଣ୍ଣ ଭୁଲିଯାଇଛି। ଉପେନ୍ କହିଲା।

—ଆପଣଙ୍କର ଘରେ କିଛି କାମ ନ ଥାଏ ବାବୁ ! ବୁଢ଼ା କମ୍ପୋଜିଟର କାଶୀନାଥ କହିଲା—ଏ ଅଫିସକୁ ତ ଆପଣ ନିଜ ଘର କରି ସାରିଲେଣି !

ଟିକିଏ ହସିଲା ଉପେନ୍ । ବାପାଙ୍କ ପାଖକୁ ଲେଖିଥିବା ଚିଠିଟାକୁ ସେ ଖାମ୍ ଭିତରେ ବନ୍ଦ କରି ମନିଅର୍ଡ଼ର ଫର୍ମଟାକୁ ଓଲଟ ପାଲଟ କରି ଦେଖି କହିଲା—ବେଞ୍ଚ ପଡ଼ିଚି ବସ । ଠିଆ ହେଲ କାହିଁକି ? କୁଆଡ଼େ ଆସିଥିଲ ସବୁ ? ଆଜି ପ୍ରେସ ବନ୍ଦ, ତଥାପି ଦିନ ଏଗାରଟାରେ ତୁମେମାନେ ଦଳ ବାନ୍ଧି ଆସିଚ ମୋ ପାଖକୁ । କଥା କ'ଣ ମିଆଁ ସାହେବ ?

—ବହୁତ ଜରୁରୀ କିଛି...କହି ମୁସ୍ତାଫା ଆଲ୍ଲି ତା ପିଛପାଖରେ ଠିଆହୋଇଥିବା ପ୍ରେସ କର୍ମଚାରୀ ଭାଇମାନଙ୍କୁ ଥରେ ଚାହିଁ ନେଲା । ତାପରେ କହିଲା—କାଶିଆ, ସବ୍‌ସେ ପୁରାନା ଆଦମି, ଓ କୁଛ ବୋଲ୍‌ନା ଚାହାତା ।

—ତୁମ ଘରଟା କେଉଁ ଗଳିରେ ମୁସ୍ତାଫା ଅଲ୍ଲି ? ଶେଖ୍ ବଜାର ?

—ନେହି ହଜୁର, ଆଲିସା ବଜାର ।

—ତୁମେ ଓଡ଼ିଆ କହି ଜାଣନା ?

—ହାମର ଓଡ଼ିଆ ଆଉ ଉର୍ଦ୍ଦୁ, ସବୁ ଗୋଳାଘଣ୍ଟା ଅଛି ବାବୁ ! ମୋ ଠରୁ ଚୁସ୍ତ ଓଡ଼ିଆ ତ କାଶିଆ ବି କହିପାରିବନି ।

କାଶୀନାଥର ବୟସ ହେଇଚି । ବାର ବର୍ଷ ହିଲୁ ସେ ଏ ପ୍ରେସ ଲାଇନରେ କାଗଜ ଭାଙ୍ଗିବାଠୁ ଆରମ୍ଭ କରି, କମ୍ପୋଜିଂ, ଇମ୍ପୋଜିଂ, ମେସିନ ସବୁ କାମ ଦୋରସ୍ତ କରି ଶେଷକୁ ହେଡ଼ କମ୍ପୋଜିଟର କାମରେ ସ୍ଥାୟୀ ମୁକରର ପାଇଚି । ଏଇ "ସ୍ୱାଧୀନ" କାଗଜରେ ଛ ବର୍ଷ କାମ କଲା ପରେ ମୁସ୍ତାଫା ଆଲ୍ଲି ପ୍ରଥମେ ମେସିନ ହେଲ୍‌ପର ଭାବରେ ଭର୍ତ୍ତି ହେଇ ଏଇ କେତୁଟା ବର୍ଷ ଭିତରେ କେମିତି ଓସ୍ତାଦ କାରିଗର ବନିଛି, ତା ବି ସେ ଜାଣେ । ମୁସ୍ତାଫା କଥାରେ ଟିକିଏ ମୁରୁକି ହସ ହସି, ତା ପିଠିକି ଥାପୁଡ଼ା

ଚଶମା ଭିତରୁ ଉପେନ୍ ଆଡ଼େ ଗୃହିଁ କାଶୀ କହିଲା—ଜରୁରୀ କିଛି ନୁହେଁ ବାବୁ, ଆମେ ସମସ୍ତେ କିଛି ଦିନ ହେଲା ଆପଣଙ୍କୁ ପେଟଦୁଃଖ କହିବାକୁ ବହୁତ ଥର ବିଚାର କଲୁଣି, ତେବେ ଆପଣ ଏଠି ନୂଆ, କାଲେ ଏଥିରେ ମୁଣ୍ଡ ଭର୍ତ୍ତି କରିବେ କି ନାହିଁ, ସେଇଥିପାଇଁ ଟିକିଏ ଅଗପଛ ଭାବୁଚୁ। ଆମ ମାଲିକ ତ ଯିମିତି କଡ଼ା ଲୋକ ଆପଣ ଜାଣନ୍ତି...କହି କାଶୀନାଥ ଟିକିଏ ରହିଗଲା ।

—ଆଶ୍ଚର୍ଯ୍ୟରେ ସମସ୍ତଙ୍କ ଆଡ଼େ ଗୃହିଁଲା ଉପେନ୍– କଥା କ'ଣ ?

—ଆଜ୍ଞା, କାଗଜ ଯେତେବେଳେ ପ୍ରଥମେ ବାହାରିଲା, ମାଲିକ୍ ଆମକୁ ଆଠ ଦଶ ଟଙ୍କା ଭତ୍ତା ଦେଇ କେତେ ଦେଶସେବା କାହାଣୀ ଶୁଣାଉଥିଲେ । ନ ଖାଇ ନ ପିଇ ଆମେମାନେ ବି କାଗଜଟା ଗୋଟାଏ ଦେଶର କାମ ଭାବି ଜୀବନମୁଣ୍ଡ ଖଟିଚୁ । ଆଜି ଏଇ 'ସ୍ୱାଧୀନ' କାଗଜର ଅଫିସ ଦି ମହଲା କୋଠା ହେଲାଣି, ଆଉ ମାଲିକଙ୍କର କୋଠା ବାଡ଼ି, ଗାଡ଼ି ସବୁ ହେଲାଣି; କିନ୍ତୁ ଆମର କ'ଣ ? ପାଅାଁଶ କାଗଜରୁ ଆଜି ଦଶ ହଜାର ହେଲାଣି ଛପା ।

—ଦଶ ହଜାର !

—ହଁ, ଆଜ୍ଞା ! ଏଇ ମୁସ୍ତାଫା ତ ଛାପୁଚି । ପଚାରୁ ନାହାନ୍ତି କେତେ ଛପା ହେଉଚି ?

—କିନ୍ତୁ ମତେ କହୁଥିଲେ ରଙ୍ଗନାଥବାବୁ, ପାଞ୍ଚ ହଜାର ଖୁବ୍ କଷ୍ଟମଷ୍ଟରେ ଚଳେ ।

—କହିଥିବେ ଆଜ୍ଞା, କିନ୍ତୁ ମୁସ୍ତାଫାକୁ ମାଲିକଙ୍କର କଡ଼ା ତାଗିଦ୍: ସେ କେତେ ଛାପୁଚି କାହାକୁ କହିବ ନାହିଁ । କାଗଜ ସେଇ ଗଣି ଆଣିବ, ସେଇ ଛାପିବ । ଥରେ ମାଲିକଙ୍କ ଆଗରେ କିଏ ଦଶ ହଜାର ଛପା ହେଉଚି ବୋଲି କହିଦେବାରୁ ମୁସ୍ତାଫା ଆଜ୍ଞିର ଦି' ଦିନର ପଇସା କାଟି ଦିଆଯାଇଥିଲା । କାରଣ ଖବରଟା ତା'ର ପାଖରୁ ନ ବାହାରି-ଥିଲେ କିଏ ଜାଣିଥାନ୍ତା କେମିତି ? ଆପଣଙ୍କୁ, ଆମକୁ କହିବେ ପାଞ୍ଚ ହଜାର

ଗୁପ୍ତ, ଅଥଚ ବିଜ୍ଞାପନ ପାଇବେ ବୋଲି ସରକାରଙ୍କୁ ରିପୋର୍ଟରେ ଦେଖେଇବେ ପନ୍ଦର ହଜାର ।

ସତ ସମ୍ବାଦ ପରିବେଷଣର ଆଦର୍ଶ ପଛରେ ବ୍ୟବସାୟୀ ବୁଦ୍ଧିର ଏତେବଡ଼ ଧପ୍‌ପାବାଜି ଆତ୍ମଗୋପନ କରି ରହିଛି, ଉପେନ୍ ଭାବି ଆଶ୍ଚର୍ଯ୍ୟ ହେଲା । କିନ୍ତୁ କର୍ମଚାରୀଙ୍କ ଆଗରେ ତା ମନର ବିରକ୍ତି ପ୍ରକାଶ ନ କରି କହିଲା--କାହା ବିରୁଦ୍ଧରେ କିଛି ନ କହି ତୁମମାନଙ୍କ କଥାଟା କୁହ କାଶୀନାଥ ! 'ସ୍ୱାଧୀନ' ପତ୍ରିକାର ସମ୍ପାଦକ ମତେ ଦୁଇ ଦିନ ତଳେ କହିଥିଲେ– ସତ୍ୟ, ନ୍ୟାୟ ଆଉ ଧର୍ମ ଉପରେ ସବୁ କିଛି ଚଳେନା । କାଗଜ ଚଳେଇବାକୁ ବ୍ୟବସାୟ ବୁଦ୍ଧି ଦରକାର । ସାମାନ୍ୟ କେତେ ଦିନ ଭିତରେ ତାଙ୍କର ବ୍ୟବସାୟୀ ବୁଦ୍ଧି ଉପରେ ଟିପ୍‌ପଣୀ ଦେବାର ହକ୍ ମୋର ନାହିଁ ...କହି ଉପେନ୍ ଟିକିଏ ଗମ୍ଭୀର ହୋଇ କହିଲା—ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବା ସମସ୍ତଙ୍କର ଜନ୍ମଗତ ଅଧିକାର । ତା' ତୁମମାନଙ୍କର ବି ଅଛି; କିନ୍ତୁ ସେଥିପାଇଁ ଏକ ସଂଗଠିତ ଶକ୍ତି ଗଢ଼ି ଉଠିବା ଉଚିତ ।

—ସେଇ ସଂଗଠନର ଦାୟିତ୍ୱ ଆପଣଙ୍କୁ ନେବାକୁ ଅନୁରୋଧ କରିବା ପାଇଁ ଆମେ ଆସିଛୁ । ମିଳିତ କଣ୍ଠରେ ସମସ୍ତେ କହି ଉଠିଲେ ।

—ଏ ବଡ଼ ଦୁରୂହ ଦାୟିତ୍ୱ । ଏ ଦାୟିତ୍ୱକୁ ମୁଁ ନେଇ ଆଣି ଥୋଇପାରିବି, ଏ ବିଶ୍ୱାସ ତୁମମାନଙ୍କର ହେଲା କେମିତି ? ଉପେନ୍ ପଚାରିଲା ।

—କେମିତି ହେଲା ଆମେ କହି ପାରିବୁନି, କାହିଁକି ହେଲା ତା ବି ଆମେ ଜାଣିନୁ; କିନ୍ତୁ ଆପଣ ଯେ ଆମରି ଭିତରୁ ଜଣେ, ସେ ବିଶ୍ୱାସ ଏ ଦଶ ପନ୍ଦର ଦିନ ଭିତରେ ଆମ ସହିତ ଆପଣଙ୍କ ମିଳାମିଶାରୁ ବିଶ୍ୱାସ ହେଉଛି ।

— ତୁମମାନଙ୍କର ଏତେ ବଡ଼ ବିଶ୍ୱାସର ଆଦର୍ଶ ମଣିଷ ମୁଁ ହୋଇପାରିବି କି ନାହିଁ, ମତେ ଟିକିଏ ଚିନ୍ତା କରିବାକୁ ଦିଅ; କିନ୍ତୁ ତା ଆଗରୁ ମୁଁ ଗୋଟାଏ କଥା କହିଦେବାକୁ ଚାହେଁ—ଦୁଃଖ

ଯେତେବେଳେ ତୁମମାନଙ୍କର, କହିବାର ଦାୟିତ୍ୱ ତୁମର ଭିତରୁ କେହି ଜଣେ ନବା ଉଚିତ ।

—ଆମକୁ କ'ଣ କହିଅସେ, ଅମେ କ'ଣ କହିପାରିବୁ ? କାଶୀନାଥ ଥଙ୍ଗ ଥଙ୍ଗ ହୋଇ କହିଲା ।

—ଦୁଃଖ କହିବାକୁ ଭାଷାର ଦରକାର ପଡ଼େନା କାଶୀନାଥ ! ଦୁଃଖ ଆଉ ଦାରିଦ୍ର୍ୟ, ସେମାନେ ନିଜର ଅଭିବ୍ୟକ୍ତିରେ ସବୁବେଳେ ଉଚ୍ଛ୍ୱସିତ । ଆଉ ଉଚ୍ଛ୍ୱାସ ହିଁ ଶକ୍ତିର ପ୍ରେରଣା, ସାମର୍ଥ୍ୟର ପ୍ରାପ୍ତି । ତୁମେମାନେ ହୁଏତ ଠିକ୍ ମୋ କଥା ବୁଝି ପାରିବନି, ମୁସ୍ତାଫା ଅଲ୍ଲି, ମୁଁ ଠିକଏ ପାଠୁଆ କି ନା ! ମୁଁ ତମମାନଙ୍କ ପାଖରେ ନିଜକୁ ବୁଝାଇ ପାରିବନି, ତାର କାରଣ ମୁଁ ଦି ଅକ୍ଷର ପଢ଼ିଥିଲେ ବି ପାନଦୁଃଖୀଙ୍କର ଅତ୍ମାକୁ ବୁଝିବାର ଶକ୍ତି ହାସଲ କରିନି । ମୋ ମତରେ ତୁମେମାନେ ହିଁ ତୁମ କଥା କହିବ । ତୁମ ନେତା ବାଛିବ ତୁମରି ଭିତରୁ । ତୁମେ ଯେତେବେଳେ ଅନ୍ୟ ମୁହଁରେ ତୁମ କଥା କହିବାକୁ ଚେଷ୍ଟା କରିବ, ସେତେବେଳେ ଦେଖିବ, ତୁମ ଦୁଃଖକୁ ଅନ୍ୟ ପାଖରେ ସେ ଠିକ୍ ଠିକ୍ ବୁଝେଇ ପାରୁ ନାହିଁ । କାରଣ ତୁମ ଦୁଃଖ ତା ଅନୁଭୂତିର କଥା ନୁହେଁ । ତା ନେତୃତ୍ୱ ଗଢ଼ିବାର ଏକ ସୁଯୋଗ । ସେମିତି ମୁଁ ତମ କଥା କହି ପାରିବନି, କାରଣ ତୁମେ ଯେତେବେଳେ ଛପା ମେସିନ୍ ସାଙ୍ଗରେ ଝାଳନାଳ ହୋଇ ଯୁଦ୍ଧ କରୁଚ, ମୁଁ ସେତେବେଳେ ଏଇ ଅଫିସ୍ ଘରେ ଆରାମରେ ବସି ସାହିତ୍ୟର ସ୍ୱପ୍ନ ଦେଖୁଚି । ସାହିତ୍ୟ ଆଉ ସଂଘର୍ଷ ଦୁଇଟା ଅଲଗା ଜିନିଷ । ମୁଁ ତୁମ ଦୁଃଖ କଥା 'ଲେଖିଦେଇପାରେ; କିନ୍ତୁ ତୁମ ଦୁଃଖ କଥା ନେଇ ସଂଗ୍ରାମ ପାଇଁ ବାହାରିବ ସେଇ ଦିନ, ଯେଉଁ ଦିନ ବୁଝିବ ସାହିତ୍ୟିକର ସାଫଲ୍ୟ ସେଇଠି, ଯେଉଁଠି ସେ ଜୀବନଧର୍ମୀ ।

ଉପେନ୍‌ର ଏ କଥାରୁ ସେମାନେ ବିଶେଷ କିଛି ବୁଝିପାରିଲେ ନାହିଁ । ତଥାପି ତାଙ୍କର ମନେହେଲା, ଉପେନ୍ଦ୍ର ପାଖରେ ତାଙ୍କର ମନକଥା କହି ସେମାନେ ଗୋଟାଏ ବଡ଼ ସାନ୍ତ୍ୱନା ପାଇଛନ୍ତି । ଉପେନ୍ଦ୍ର ନିଶ୍ଚୟ ଗୋଟାଏ କିଛି ବ୍ୟବସ୍ଥା କରିବ, ଆଉ ସଂଗଠନର ନିର୍ଦ୍ଦେଶ ଦେବ ।

ମୁସ୍ତାଫା କହିଲା—ହମ୍ ସବ୍ ଯାତେ ହେଁ ବାବୁ !

—ହଁ, ଯାଅ । ମୁଁ ବି ଉଠୁଛି । ଆଜି ରବିବାର, ତୁମେ ଯେତେବେଳେ ମନେପକେଇ ଦେଇଚ, ଛୁଟିଟାକୁ ଟିକିଏ ଉପଭୋଗ କରେ...କହି ଟିକିଏ ରହିଯାଇ ପୁଣି କହିଲା—ବ୍ୟସ୍ତ ହେବାର କିଛି ନାହିଁ । ମୁଁ ପରେ ଏ ବିଷୟରେ ଆଲୋଚନା କରିବି । ତୁମମାନଙ୍କର କିଛି ଅନୁଷ୍ଠାନ ଅଛି ନା ଏଇ ପ୍ରଥମ ଆରମ୍ଭ କରିବ ?

—ଆଗରୁ ଦୁଇ ଥର କରି ଅଧାପନ୍ତରିଆ ହୋଇ ଭାଙ୍ଗି ଯାଇଛି ।

—ଭାଙ୍ଗିଲା କାହିଁକି ?

—ଯାହାକୁ ନେତା କଲୁ ସେଇ ଯାଇ ମାଲିକଙ୍କ ପାଖରେ ଆମରି ବିରୁଦ୍ଧରେ ଚୁଗୁଲି କଲେ । ଏଇ ଅମିୟର ଚରଣ ମହାପାତ୍ର ଆଉ ପ୍ରଭାକର ଦାଶ ହିଁ ଆମକୁ ଧୋକା ଦେଲେ । ଆମର ସବୁ କଥାତକ ନେଇ ଶେଷରେ ମାଲିକଙ୍କ ପାଖରେ ଭଲେଇ ହୋଇ ନିଜ ନିଜର ଦଶ ଦଶ ଟଙ୍କା ଦରମା ବଢ଼େଇନେଲେ ।

—ସେଇଥିପାଇଁ କହୁଥିଲି, ତୁମରି ନେତୃତ୍ୱ ନବ ତୁମରି ଭିତରୁ ଜଣେ କେହି । ନିଜେ ନିଜ କଥା କହି ନ ଶିଖିଲେ, ଚଳିଆ ଜୀବନର ଦାବୀ ହାସଲ ହୋଇପାରିବନି ।

—ଠିକ୍ କହୁଚ ବାବୁ ! ସବୁ ଜାଣିଲା ପରି ଆପଣ ଆମକୁ ବୁଝଉଛନ୍ତି । ହେଲେ ଆପଣଙ୍କ ଉପରେ ଆମର ବିଶ୍ୱାସ ଅଛି ।

—ବିଶ୍ୱାସ ଦେବାଟା ବଡ଼ ସହଜ । ବିଶ୍ୱସ୍ତ ହୋଇପାରିବାଟା ବଡ଼ ଦୁରୂହ···କହି ଉପେନ୍ ଚିଠିଖାମ୍ ଓ ମନିଅର୍ଡ଼ର ଫର୍ମ ଦୁଇଟି ପକେଟରେ ପୂରେଇ ବାହାରକୁ ଆସିଲା ।

ଆକାଶରେ ମଧ୍ୟାହ୍ନର ସୂର୍ଯ୍ୟ । ଗୁଲି ଗୁଲି ମଙ୍ଗଳାବାଗ୍‌ର ସଂକୀର୍ଣ୍ଣ ଗଳି ଭିତରେ ଚା ମେସ୍ ଦୁଆରମୁହଁକୁ ଆସି ମଧୁ ପଧାନକୁ

ଦେଖି ଉପେନ୍ ଆଶ୍ଚର୍ଯ୍ୟ ହେଲା । ଦୁଆରମୁହଁରେ ବଳଦ ଦିଟାଙ୍କୁ ବାନ୍ଧି ଶଗଡ଼ ପାଖରେ ହେର ଫେର ହେଉଥିଲା ମଧୁ । ଉପେନ୍‌କୁ ଦେଖିଲା ମାତ୍ରେ କୋଡ଼ିନିଧି ପାଇଲା ପରି ଆଗେଇ ଆସି ଜୁହାର କଲା ।

—ତମର ପାଖକୁ ତିନି ଟଙ୍କାର ମନିଅର୍ଡ଼ର ଫର୍ମ ଲେଖି ଅଫିସରୁ ମୁଁ ଏଇ ଆସୁଚି । କେତେବେଳୁ ଆସିଲଣି ?

—ମୁଁ ଏଇ ଦଣ୍ଡେ ହେଲା ଆସିଚି । ଚାରି ବସ୍ତା ମୁଗ ଆଉ ବସ୍ତାଏ କୋଳଥ ନେଇ ଆଇଚି, ମାଲଗୋଦାମ ଯିବ । ମୋ ସାଙ୍ଗରେ ଚରଣ ପାହାନ ଆଇଚି । ଭାଉଭଟଙ୍କା ବୁଝିବାକୁ ବସି ଅଟକି ଯାଇଚି ମାଲଗୋଦାମରେ । ମୁଠାଏ ରୋଷେଇବାସ କରି ଖାଇବାକୁ ଏଇଠି ସୁବିଧା ହେବ ଭାବି ଚାଲି ଆଇଲି ।

—ହଁ ହଁ, ଭିତରକୁ ଆସ । ଜଲ୍ଦି ଉପେନ୍ ଚାବି ଖୋଲି ଘର ଭିତରକୁ ଡାକିନେଲା ମଧୁ ପଧାନକୁ । ଭିତରକୁ ଯାଇ ଦିଟା ଗଣ୍ଠିଲି ରଖିଦେଲା ଭଙ୍ଗା ଖଟିଆଟା ଉପରେ । କହିଲା—ଏଥିରେ ବୋଉ ତମର ଦେଇଛନ୍ତି ଗଉଣୀଏ ହୁଡ଼ୁମ୍, ଆଉ ଆର ଗଣ୍ଠିଲିରେ ବନ୍ଧା ହେଇଚି ଦି କଡ଼ା ନଡ଼ିଆ, ବାଡ଼ି ବାଇଗଣରୁ ଦି ପୁଞ୍ଜା, ସଜନା ଛୁଇଁ ଆଉ ମୁଗ ଡାଇ ଦି ମାଣ କାନ୍ତର ।

—ବୋଉ ପଠେଇଚି ? ଆଉ ବାପା ଗାଁରେ ଅଛନ୍ତି ? ତାଙ୍କ ପାଖକୁ ବି ଆଜି ଚିଠି ଖଣ୍ଡେ ଲେଖି ରଖିଚି ।

—ବୁଢ଼ା ନିଜେ ବସିଥିଲେ ଆସିବାକୁ । ପେଟେଣ କ'ଣ ଭାବିଲେ, କହିଲେ—ତୁ ତ ଯାଉଚୁ ମଧୁ, ପୁଅ ଦେହପା କଥା ବୁଝିଆସିବୁ । ଶିଗିମାଗି ଯାଇଚି, ସେଇ ଦିନୁ ଚିଠି ଦବାକୁ ନାହିଁ ।

—ଆଉସବୁ କ'ଣ କହୁଥିଲେ ?

—ନାଇଁ ଆଉ କ'ଣ କହିବେ ! ତେବେ ବୁଢ଼ୀ ମତେ ବନ୍ଧାବନ୍ଧି କରି ଗଣ୍ଠିଲି ଦେଲାବେଳେ କାନ୍ଦୁଣୁ ମାନ୍ଦୁଣୁ ହେଇ କହୁଥିଲେ, ତମକୁ

ସାଙ୍ଗରେ ନେଇଯିବା ପାଇଁ । ଭଲ ଅନୁକୂଳରେ ଆସିବ । ହୁଦେସ୍ ରଗିକର ସଞ୍ଜବୁଡ଼ଠାରେ ଗୃଲ ଅଇଲ । ଆମେ ଗାଁଯାକ ଲୋକ ଯୁ' ହାରିମାରି ହେଉଚୁ ! ଯନ୍ତାଳ କାମ ସାରି ପଙ୍ଗତରେ ବସିଲାବେଳକୁ ତମକୁ ଖୋଜା ପଡ଼ିଲା, ତୁମେ ନାଇଁ, ରାତି ଘଡ଼ିକଠି କଟକ ପଳେଇ ଆଇଚ ଶୁଣି କାହାର ଆଉ ପତର ପାଖରେ ବସିବାକୁ ମନ ହେଲା ନାଇଁ । ଏମିତି କାହିଁକି କଲ ସାନବାବୁ ? ଯନ୍ତାଳ ପ୍ରସାଦ ନ ହେଇଥିଲେ ସେସବୁ ଭାତ ଡାଲି ସେଦିନ ଖତଗଦାରେ ଫିଙ୍ଗା ହେଇଥାନ୍ତା ।

ମଧୁ ପଧାନ କଥା ଶୁଣୁ ଶୁଣୁ ଉପେନ୍ କାମିଜର ଗୁନ୍ତି ବୋତାମ ଖୋଲିଲା । ଅଗଣା ପଟ ଦୁଆର ଖୋଲି ଭିତର ପଟକୁ ଆସି କହିଲା—ମଉସା, କୂଅ ପାଖରେ ବାଲ୍‌ଟି, ଡାଳ ସବୁ ଥୁଆହେଇଚି, ଗୋଡ଼ ହାତ ଧୁଅ । ରୋଷେଇବାସ କରିବ ?

—ରୋଷେଇ ନ କଲେ ଜଳଖିଆ ଖାଇ କ'ଣ ପେଟ ପୂରିବ ? ଚୂଡ଼ାଗୁଡ଼ ବାନ୍ଧିଚି କାନିରେ, ହେଲେ ମୁଠାଏ ବଗଡ଼ା ଚାଉଳର ଭାତ ନ ଖାଇଲେ ହଳିଆ ପେଟ ମାନିବ ନାଇଁ...କହି ମଧୁ ଶଗଡ଼ ପାଖକୁ ଯାଇ ଆଉ ଗୋଟିଏ ଗଣ୍ଠିଲି ନେଇଆସିଲା । ଗୋଟାଏ ବଡ଼ ପିତଳ ତସଲା ଆଉ ଗୋଟାଏ ଭଙ୍ଗାରୁଜା କାଠର ହାଣ୍ଡା କାଖରେ ଯାକି ଅଗଣା ପଟକୁ ଯାଉ ଯାଉ କହିଲା—ତୁମ ପାଇଁ ମୁଠାଏ ଚାଉଳ ଆମ ସାଙ୍ଗରେ ପକେଇଦେବି ସାନବାବୁ ?

—ନାଇଁ, ମୁଁ ତ ଏଇ ହୋଟେଲରେ ଖାଉଚି । କାହିଁକି କଷ୍ଟ କରିବ ମୋ ପେଇଁ ?

—କଷ୍ଟ କଥା ନୁହେଁ ଯେ, ଏ ବଗଡ଼ା ଚାଉଳର ଭାତ ଆଉ ଚାମ୍ପଡ଼ା ଶୁଖୁଆ, ମୁଗଡ଼ାଲି ତମକୁ ଅରୋଚେଇବନି ।

—ଚାମ୍ପଡ଼ା ଶୁଖୁଆ ଆଣିଚ ? ତା ହେଲେ ମୂଗ ଶୁଖୁଆ ଡାଲମା ଆଜି ଖାଏଁ ମଧୁ ମଉସା ! ବୋଉ ବାଇଗଣ ଦେଇଚି, ସଜନା ଛୁଇଁ ଦିଖଣ୍ଡ ଆଉ ଗୋଟେ ବାଇଗଣ କାଟି ପକେଇଦିଅ ସେଥିରେ । ଦି ବର୍ଷ

ତଳେ ଘୋଡ଼ଉଡ଼ିଆ ମେଲଣ ଦେଖିବାକୁ ଯାଇ ଚରଣିଆ ହାତରୁ ଏମିତି ଡାଲମା ପରଷା ଖାଇଥିଲା । ସେ ସୁଆଦ ଆଜଯାଏଁ ପାଟିରୁ ଯାଇ ନାହିଁ ।

ଉପେନ୍‌ର ଏ ପ୍ରଶଂସାରେ ମଧୁ ଦ୍ୱିଗୁଣ ଆନନ୍ଦରେ ହୋଟେଲଟିରେ ଲାଗିପଡ଼ିଲା । ମେସ୍ ଘର ହେଲେ ବି ଥନ୍ତରା ପନିକି, ଭଙ୍ଗା ତାଉଆ ଆଉ ଫଟା କରଚୁଲିର ଅଭାବ ନ ଥିଲା ସେ ଘରେ । ଅଳପ ବହୁତ ସବୁ ସରଞ୍ଜାମ ଠିକ୍ ଅଛି । ବଡ଼ ସକାଳୁ ଗାଧେଇ ଯାଇଥିଲା ଉପେନ୍ । ଫଟା ଲୁଙ୍ଗି ଖଣ୍ଡିକ ପିନ୍ଧି ସେ ବି ମଧୁ ପଧାନକୁ ହୋଟେଲଟିରେ ସାହାଯ୍ୟ ଦେବା ପାଇଁ ବାହାରିଲା ।

କିଛି ସମୟ ପରେ ଚରଣିଆ ବି ଆସି ପହଞ୍ଚିଲା । ହୋଟେଲ ମଝିରେ ଉପେନ୍ ତା ପଢ଼ାଘରକୁ ଉଠିଆସି ବାପାଙ୍କ ଚିଠିଟା ପଢ଼ିଲା । ବାପା ଲେଖିଛନ୍ତି— ତୁ ଗଲାଦିନୁ ବୋଉ ଯୁ'ଠି ବସିଛି ସେଠୁ ଆଉ ଉଠୁ ନାହିଁ, ଦିନରାତି କାନ୍ଦୁଛି । ତୋର କଥା ଝୁରି ଝୁରି କଳାକାଠ ପଡ଼ିଗଲାଣି । ତୁ ବି ଗଲୁ, ଏଯାଏଁ ଖଣ୍ଡେ ଚିଠି ଦେଲୁନି । ତୋ ରାଗ ମୋ ରାଗଠୁଁ ବଳିଗଲା । ହଉ, ମୋର ଦୋଷ ହୋଇଛି । ତୁ ପାରିଲୁ ପୁଅ, ମୋ କଥାକୁ ଧରିବସିଲେ ଏ ବୟସରେ ଆମେ ବୁଢ଼ାବୁଢ଼ୀ ଦି ଜଣ କାହା ଆଶ୍ରା ତଳକୁ ଯିବୁ ? କାମ ନ ହୋଇଥିଲେ ନାହିଁ । ତୁ ଏ ଚିଠି ପାଇ ମଧୁ ପଧାନ ଶଗଡ଼ରେ ଆସିବୁ । ତୋ ପାଖରେ ପଇସା ନ ଥିବ । କେମିତି ଚଳୁଚୁ ? ଚଉଦ ମୁହଁ ଦି ମାଣକୁ ବିକିଦବା କଥା ଭାବୁଚି । ଆଉ ଚଳ ହଉନି । ତୁ ଆସିଲେ ବହୁର ଯା' କରିବ । ସାକ୍ଷୀଗୋପାଳ ମାଇନର ସ୍କୁଲରେ ମାଷ୍ଟର ଚାକିରି ଖଣ୍ଡିଏ ଖାଲି ଅଛି, ଓଡ଼ା ଘର କହୁଥିଲେ । ଯଦି ରହିବୁ ଶୀଘ୍ର ଆ'...ଇତ୍ୟାଦି ।

ଉପେନ୍ ଥରେ ନୁହେଁ, ତିନି ଚାରି ଥର ଚିଠିକୁ ଓଲଟ ପାଲଟ କରି ପଢ଼ିଲା । ତା ଆଖି ଆଗରେ ଭାସିଉଠିଲା ବୋଉର କାନ୍ଦ କାନ୍ଦ ମୁହଁ, ବାପାଙ୍କର ଦୁଃଖକାତର ଚେହେରା । ବାଇଆଙ୍କ ପରି ଗୋଟାଏ ଉତ୍ତେଜନାରେ ସେ ପୁଣି ଭିତର ଘରକୁ ଉଠି ଆସିଲା । ଭାତ ହୋଇ ଯାଇଚି । ଆଲୁମିନିଅମ ଡେକଚିରେ ବସିଚି ମୁଗଡ଼ାଲି ଆଉ ତାମଡ଼ା

ଶୁଖୁଆର ଡାଲମା । ଚରଣିଆକୁ ଉଦ୍ଦେଶ୍ୟ କରି ଉପେନ୍ ପଚାରିଲା—ତମେ କ'ଣ ସବୁ ଆଜି ଯିବ ?

—ଭାଉଭଟଙ୍କା ସବୁ ଠିକ୍ ହେଇଯାଇଛି । ଖସ ଟିକେ ମହଲ ପଡ଼ିଲେ, ଗ୍ଲଇନେଉଠାକୁ ମାଲଗୋଦାମରେ ପାଞ୍ଚଠା ବସ୍ତା ପଇଠ କରିଦେଇ, ଟଙ୍କା ନେଇ ରାତି ରାତି ଶଗଡ଼ ବାହୁଡ଼େଇ ଦବୁ । ବଡ଼େ ବାଟ, ରାତି ପହରକଠି ଏଠୁ ବାହାରି ନ ଗଲେ କାଲି ଦିଦଣ୍ଡ ବେଳଠି ଗାଁରେ ପହଞ୍ଚି ହବ କି ନାହିଁ କେଜାଣି ! ଅଧିକାଂଶ ତ କହୁଥିଲେ ତମକୁ ସାଙ୍ଗରେ ନେଇଯିବା ପାଇଁ । ଶଗଡ଼ ତ ଅଛି, ଗୁଲି ଗାଁ ଆଡ଼ୁ ଫେଣେ ଅନୁକୂଳ କରି ଆସିବ ।

ଟିକିଏ କ'ଣ ଚିନ୍ତା କଲା ପରି ଉପେନ୍ ମଧୁ ପଧାନ ମୁହଁକୁ ଚାହିଁଲା । ପଚାରିଲା—ଗାଁ ମେଳଣ କେବେ ?

—ମେଳଣ ! ସେ ତ ଆଉ ଦଶ ପନ୍ଦର ଦିନ ଡେରି ଅଛି...କହି ଟିକିଏ ଚମକିଲା ପରି କ'ଣ ମନେ ପକେଇ ମଧୁ କହିଲା—ହଁ, ସାନବାବୁ, ଗୋଟିଏ ଜରୁରି କଥା କହିବା ! ବୁଢ଼ା ହେଲି, ଆଉ କିଛି ସ୍ମରଣ ହେଉନି ।

ଉପେନ୍ଦ୍ର ଟିକିଏ ଥକ୍କା ହେଇ ଜରୁରି କଥା ଶୁଣିବା ପାଇଁ ମଧୁ ପଧାନ ଆଡ଼େ ଅନେଇ ରହିଲା ।

—ତେମେ ଯୁ' ଦିନ ଆସିଲ, ତାରି ଦି ଦିନ ପରେ—କହୁ କହୁ ହଠାତ୍ ଢେପ ଢୋକି ଟିକିଏ ଥଙ୍ଗଥଙ୍ଗ ହେଲା ମଧୁ ପଧାନ, ତା ପରେ କହିଲା—ତମେ ଶୁଣିଛ କି ନାଇଁ କେଜାଣି, ମାଧିଆବୋଉର କାଳ ହେଇଯାଇଛି । ଆଉ ତିନି ଦିନ ହେଲା ମାଧିଆର ବି ଖୋଜ ଖବର ନାଇଁ । କୁଆଡ଼େ ଗଲା କେଜାଣି !

—ମାଧିଆ ଗାଁରେ ନାଇଁ, କହୁ କହୁ ଉପେନ୍‌ର ଗଳା ବାଷ୍ପରୁଦ୍ଧ ହେଇଆସିଲା । ଏ ସେ କ'ଣ ଶୁଣୁଛି ! ହଠାତ୍ ମନେହେଲା, ମେସ୍ ଘରର ଫଟା ଛାତଟା ତା' ମୁଣ୍ଡ ଉପରେ ଅଜାଡ଼ି ହୋଇ ପଡ଼ୁଛି

ଯେମିତି ! ବଜ୍ରାହତ ଦୃଷ୍ଟିରେ ଥରେ ମଧୁ ପଧାନ ଆଉ ଚରଣ ଆଡ଼େ ବକ୍ ବକ୍ ହୋଇ ଅନେଇ ଅର୍ଦ୍ଧସ୍ୱଗତ କଣ୍ଠରେ କହିଲା ଉପେନ୍—ସୁଧା ମାଉସୀର ବହୁ ଦୁଃଖ ହେଉଥିଲା, ମୁଁ ଦେଖି ଆସିଥିଲି···

—ହଁ, ସେଇ ବହୁଦୁଃଖ । ତମେ ଆସିବା ପରଦିନ ରାତି ଅଧକଟି ମାଧବୀ ଆସିଲା ମୋ ପାଖକୁ ଜାଉଁଆ ମା'ଙ୍କ ସୁନ୍ଦର ନେବା ପାଇଁ । ପଚାରିଲି, କ'ଣ ହେଉଛି—କହିଲା, ରାତିରେ ଖାଇ ଫୁଟୁଚି ବୋଉ ବହୁ । ଭୋଗଣୀ ଗଳୁନ ତଣ୍ଟିରେ । ଠାକୁରାଣୀଙ୍କ ସୁନ୍ଦୂର ଆଉ ପାଦୁକ ନେଇ ଦେଲେ କାଳେ ଯଦି ରାତି ଓହ୍ଲାଇବ ! ମାଧବୀର ବିକଳ ସହି ପାରିଲିନି । ସେଇ ଅଧରାତିକଟି ତତରରେ ବୁଡ଼ ପକେଇ ପାଦୁକ ସୁନ୍ଦୂର ନେଇ ମାଧବୀ ଘରକୁ ଗଲି···କହି ମଧୁ ପୁଣି ଛେପ ଢୋକିଲା ।

—ସେହୁଡ଼ା ଆଉ କହିଲେ କ'ଣ ହେବ ? ଚରଣ ବାଧାଦେଇ କହିଲା, ତମେ ଗଲାବେଳକୁ ଅବସ୍ଥା ତ ବଳାବଳ ହୋଇ ଯାଇଥିଲା । ସୁନ୍ଦୂର, ପାଦୁକ ଆଉ କ'ଣ କାଠ କରିଥାନ୍ତା ! ତେବେ ଠାକୁରାଣୀଙ୍କ ବେଲପତ୍ରର ଗୁଣରେ ବାଜିଚି—ବୁଢ଼ୀ ସେଇଥରେ ବୈକୁଣ୍ଠ ଯିବ ।

ଉପେନ୍ କହିଲା—କିନ୍ତୁ ମାଧବୀ ଗଲା କୁଆଡ଼େ ମଉସା ? ଆଶ୍ଚର୍ଯ୍ୟ କଥା, ଗାଁଠାଯାକର ଲୋକ ସବୁ ଥିଲେ, ଝିଅଟା କୁଆଡ଼େ ଗଲା କେହି ଖୋଜି ବାହାର କରି ପାରିଲେନି ତମେମାନେ ?

ଜବାବ ଦେଲାନି ମଧୁ ପଧାନ । ଥଙ୍ଗ ଥଙ୍ଗ ହୋଇ କହିଲା ଚରଣ—କ'ଣ ଆଉ ଖୋଜିବେ ! ମାଧୀ ପରି ଝିଅ ଯା କରିବ କ'ଣ କିଏ ଜାଣିଥିଲା ! ବିହାରୀ ଟୋକାଟାକୁ ତ ତମେ ଜାଣ । ରେଙ୍ଗାମ ପଇସାର ଦେମାକ୍ ଥିଲା ତାର । ତାରି ସାଙ୍ଗରେ ହୋଇଥିବ, ନଇଲେ ସେଇଦିନଠୁ ଟାଁରେ ବିହାରୀ ଆଉ ଦିଶୁନି ।

ପ୍ରଚଣ୍ଡ ରାଗରେ ସମସ୍ତ ଦେହ ଥରିଉଠିଲା ଉପେନ୍‌ର । ସେ କ'ଣ କରିବ କିଛି ଭାବିପାରିଲାନି । ସ୍ପଷ୍ଟ ଦିବାଲୋକରେ ବି ସେ ଚାରିଆଡ଼େ ଅନ୍ଧାର ଦେଖିଲା । ପାଗଳଙ୍କ ପରି ସେଠୁ ଉଠିଆସି ପଢ଼ାଘରର ଖଟିଆ ଉପରେ ମୁହଁମାଡ଼ି ଶୋଇ ଆକାଶ ପାତାଳ କେତେ କ'ଣ ଭାବିଗଲା । ତା ମୁହଁରୁ ବାହାରି ପଡ଼ିଲା—ମାଧବୀ ତାହେଲେ ଦୋଷୀରୁଣୀ ! !

ହୋଷ୍ଟେଲବାସ ସାର୍ ମଧୁ ଆଉ ଚରଣ ଦୁହେଁ ଯେତେ ଚେଷ୍ଟା କଲେ ଉପେନ୍‌କୁ ଡାକି ଉଠାଇବାକୁ, ସବୁ ଚେଷ୍ଟା ବ୍ୟର୍ଥ ହେଲା । ଉପେନ୍ ସେଇ ଯେ ଶୋଇ ରହିଲା, ମଧୁ ଆଉ ଚରଣ କେତେବେଳେ ଖିଆପିଆ ସାରି, ବାସନପତ୍ର ମଜାମଜି କରି, ରଖାଥୁଆ କରି, ଦୁଆର ଆଉଜେଇ, ଶଗଡ଼ ନେଇ ବିଦାୟ ହୋଇଗଲେ, ସେ କିଛି ଜାଣିନି । ଟଖିର ଦୁଃଖରେ ମ୍ରିୟମାଣ ହୋଇ ଦୁଶ୍ଚିନ୍ତାରେ ଛଟପଟ ହେଉଥିଲା ସେ । ମନେ ମନେ କ'ଣ ଗୋଟାଏ ସିଦ୍ଧାନ୍ତରେ ପହଞ୍ଚି ସେ ଯେତେବେଳେ ହଠାତ୍ ଖଟିଆ ଉପରୁ ଉଠି ବସିଲା, ସେତେବେଳକୁ ଚାରିଆଡ଼ ଅନ୍ଧାର ହୋଇଯାଇଛି । ଉପେନ୍ କିନ୍ତୁ ଲଣ୍ଠନ ଲଗେଇଲା ନାହିଁ । କାନ୍ଥ ଦେହରେ ଟଙ୍ଗା ହୋଇଥିବା କାମିଜ୍‌ଟାକୁ ଦେହରେ ଗଳେଇ ସେ ଗୋଟାଏ ଉତ୍ତେଜନାରେ ଚାଲିଆସିଲା ରାସ୍ତା ଉପରକୁ । ଆସିଲା ସିଧା ଦୈନିକ 'ସ୍ୱାଧୀନ' ପତ୍ରିକାର ସମ୍ପାଦକ ରଙ୍ଗନାଥବାବୁଙ୍କ ପାଖକୁ ।

—ଏ କ'ଣ ଉପେନ୍ଦ୍ର ! କ'ଣ ହୋଇଚି ତୁମର ? ମୁହଁ ଶୁଖି ଯାଇଛି । ଯେମିତି ବଡ଼ ଦୁର୍ବଳ ମନେ ହେଉଚ ତୁମେ । ରଙ୍ଗନାଥବାବୁ ପଚାରିଲେ ।

—ବଡ଼ ବିପଦ ସାର୍ ! ମତେ ଆପଣଙ୍କୁ କିଛି ସାହାଯ୍ୟ କରିବାକୁ ପଡ଼ିବ ।

—କି ସାହାଯ୍ୟ ?

—କୋଡ଼ିଏଟା ଟଙ୍କା ଦରକାର ଆଉ ଚାରି ଦିନ ଛୁଟି । ମୁଁ ଟିକିଏ କଲିକତା ଯିବି ।

ରଙ୍ଗନାଥବାବୁ ସ୍ତବ୍ଧ ହୋଇ ଟିକିଏ ଉପେନ୍ ଆଡ଼େ ଚାହିଁଲେ । ତାଙ୍କର ଯେପରି ଅନେକ କଥା ପଚାରି ବୁଝିବାକୁ ମନ ହଉଥିଲା । କିନ୍ତୁ ଉପେନ୍‌ର ନିସ୍ତେଜତା ତାଙ୍କ ମନକୁ କରୁଣ ଓ କୋମଳ କରି ତୋଳିଲା ।

ତାଙ୍କର ମନେ ହେଲା, ଯେଉଁପରି ନିଦାରୁଣ ବିପତ୍ତି କଣ୍ଟୁ ନ ପଡ଼ିଥିଲେ ଉପେନ୍ ଏତେ ଭାଙ୍ଗି ପଡ଼ି ନ ଥାନ୍ତା । କ'ଣ ଗୋଟିଏ ଚିନ୍ତାକରି ସେ କହିଲେ—ଗୁରି ଦିନ ଛୁଟି ଅବଶ୍ୟ ମୁଁ ଦେଇପାରେ, କିନ୍ତୁ ଟଙ୍କା ? ଏତେ ଟଙ୍କା ଭି ହିବନି ମୋ ପାଖରେ ! ଆଜି ପୁଣି ରବିବାର । ଅଫିସ ବନ୍ଦ ।

—ଆପଣ ନିଜ ପାଖରୁ ଦେଇଥାନ୍ତୁ ସାର୍ ! ମୋ ଦରମା ବାବଦ ଟଙ୍କାରୁ କାଟିନେବେ ।

—ଏ କେତେ ଦିନର ପ୍ରାପ୍ୟ ଅବଶ୍ୟ ହିବ ତୁମର କୋଡ଼ିଏ ପଚିଶ ଟଙ୍କା, କିନ୍ତୁ..........

—ନା ସାର୍ ! ଆପଣଙ୍କୁ ଦବାକୁଇ ହେବ କୌଣସିମତେ— ଅନୁଯୋଗ ସ୍ୱରରେ କହିଲା ଉପେନ୍ । ତା ଗଳାର ସ୍ୱର ଆର୍ଦ୍ର ଆଉ ବାଷ୍ପରୁଦ୍ଧ ।

—ଦେଇପାରେ, କିନ୍ତୁ ତୁମେ ଯଦି ରମଣୀବାବୁଙ୍କଠାରୁ ଖଣ୍ଡେ ଲେଖି ଆଣିପାର ।

—କୋଡ଼ିଏଟା ଟଙ୍କା ପାଇଁ ରମଣୀବାବୁଙ୍କ ପାଖରୁ ଲେଖେଇ ଆଣିବାକୁ ପଡ଼ିବ ! ଇଲେକ୍ଟ୍ରିକ୍ ଆଲୁଅ ଆଡ଼କୁ ଛଳ ଛଳ ଆଖିରେ ଗୁହିଁ ରହିଥାଏ ଉପେନ୍ । ତାପରେ ଗୋଟିଏ ଶ୍ରେଷ୍ଠ ନମସ୍କାର କରି ବାହାରି ଆସିଲା ରାସ୍ତା ଉପରକୁ । ଗୁଲୁ ଗୁଲୁ ସେ ଭାବିଲା, ବିନତା ହିଁ ତାର ଏକମାତ୍ର ଭରସା ଏ ଦୁର୍ଦ୍ଦିନରେ । ମାଧବୀକୁ ଖୋଜି ବାହାର କରିବାକୁ ଇଃ ହେବ । ବିନତାଠୁ ସେ ଚୁପ୍ କରି ନବ କୋଡ଼ିଏଟି ଟଙ୍କା । ମାଧବୀ ନିଶ୍ଚୟ କଲିକତା ପଳେଇଛି । କଲିକତା ହିଁ ବିହାରୀ ପରି ଲମ୍ପଟର ଏକମାତ୍ର ଆତ୍ମଗୋପନ କରି ରହିବା ପାଇଁ ପ୍ରଶସ୍ତ ସହର । କଲିକତା ବିରାଟ, ତେବେ ବି ଗୋଟାଏ ଦିନରେ ସମସ୍ତ ସହରର ଗଳି କନ୍ଦି ଖୋଜି ବିହାରୀକୁ ଗିରଫ୍ଦାର କରିବ ସେ ।

ବିନତା କ'ଣ ପଚାରିବ ଟଙ୍କା ନେଇ ସେ କ'ଣ କରିବ ? ବିନତା ପାଖରେ କ'ଣ କୈଫିୟତ ଦବାକୁ ହିବ ? ଯଦି ଦବାକୁ ହୁଏ,

ସେ କ'ଣ କଳ୍ପନା କରିବ ମାଧବୀ କଥା ! ମାଧବୀ ଅନ୍ୱେଷଣରେ ସେ ବାହାରିଚି, ଏହା କ'ଣ ସେ ସହଜ କଳାରେ ଜନତା ପାଖରେ ବୁଝେଇ କହି-ପାରିବ ? କିନ୍ତୁ କାହିଁକି ବା ପାରିବନି ? ମାଧବୀ ସହିତ ତାର ସମ୍ପର୍କ କ'ଣ ?

ମନକୁ ମନ ପ୍ରଶ୍ନ କରୁଚି ହଠାତ୍ ଯେପରି ଉପେନ୍ ଥଙ୍ଗ ଥଙ୍ଗ ହେଲା ଗୋଟିଏ ନିଷ୍ପାପ ଉତ୍ତର ପାଇଁ । ନିଷ୍ପାପ ଉତ୍ତର ! ମାଧବୀକୁ ସେ ସ୍ନେହ କରେ । ସ୍ନେହ ଇ ତ ମହାର୍ଘ ପ୍ରେମଠାରୁ । ଦୈହିକ ଲାଲସାହୀନ ମନର ମମତା—ସେଇ ତ ତରୁଣ ଜୀବନର ଦୁର୍ଲଭ କାମନା । ମାଧବୀକୁ ସେ ସ୍ନେହ କରେ । ସ୍ନେହର ବନ୍ଧନ ତା ଜୀବନକୁ କରିଚି ଅମୃତଠାରୁ ମଧୁର । ମାଧବୀକୁ ସ୍ନେହ କରି ସେ ସାର୍ଥକ ହେଉଚି । ସେ ସାର୍ଥକତାରେ ଈର୍ଷା କରିବାର କିଛି ନାହିଁ ଜନତାର ।

ଏଣୁ ତେଣୁ ଆକାଶ-ପାତାଳ ଅନେକ କିଛି ଭାବି ଉପେନ୍ ଯେତେବେଳେ ଅସି ରମଣୀବାବୁଙ୍କ କୋଠା ଦୁଆରେ ପହଞ୍ଚେ, ଠିକ୍ ସେତିକବେଳକୁ ଘର ଭିତରୁ ଗୋଟିଏ କମଳାଲେମ୍ବୁ ରଙ୍ଗର ଶାଢ଼ୀ ପିନ୍ଧି ବାହାରି ଆସୁଚି ଜନତା । ସାଙ୍ଗରେ ଇନ୍ଦ୍ରାଣୀ ଆଉ ତାଙ୍କର ଗୃହ ବର୍ଷର ପ୍ରେଷ୍ଠ ଝିଅ ସ୍ନିଗ୍ଧା ।

ଉପେନ୍‌କୁ ସାମନାରେ ଦେଖି ଥକ୍କା ହୋଇ ଠିଆହେଲା ଜନତା । ହଠାତ୍ ଦେଖି ସେ ଯେପରି ଚିହ୍ନି ପାରିଲାନି । କ'ଣ ହେଉଚି ଉପେନ୍‌ର ? ମୁଣ୍ଡର ବାଳ ଅଡ଼ୁଆ ତଡ଼ୁଆ, କମିଜର ଗୁଣ୍ଡି ବୋତାମ ଲଗି ନାହିଁ । ଯେମିତି ଗୋଟାଏ ଅବ୍ୟବସ୍ଥିତ ଭାବ । ଯେପରି କିଛି ବିପଦରେ ପଡ଼ିଚି । କିଛି ଦରକାର ତାର ।

—ଆମେ ଗୋଟେ ଅଡ୍ଡେ ବାହାରିଚୁ ଉପେନ୍‌ବାବୁ ! ଆଜି ନିମନ୍ତ୍ରଣ, ଶରତ୍‌ବାବୁଙ୍କ ଝିଅର ବାହାଘର । ଆମର ଫେରିବାରେ ଟିକିଏ ଡେରି ହେବ । ଉପର ଘରେ ବ୍ରଜ ଅଛନ୍ତି । ତୁମେ ଯାଅ ବସି କଥା ହେବ ।

—କିନ୍ତୁ ମୋର ଟିକିଏ ବନଲତାଙ୍କ ପାଖରେ କାମ ଅଛି ଝୁଡ଼ୀ ! ମୁଁ ଏକାନ୍ତରେ ତାଙ୍କୁ କିଛି କହିବାକୁ ଚାହେଁ ।

—ଏପରି ସହଜ ଗଳାରେ ଝୁଡ଼ୀଙ୍କ ସାମନାରେ ଉପେନ୍ ବନଲତାର ଏକାକୀତ୍ୱକୁ ଅସହାୟ ଭାବରେ ପ୍ରାର୍ଥନା କରିପାରେ, ବନଲତା ବିଶ୍ୱାସ କରିପାରିଲା ନାହିଁ । ସେ ଜାଣେ, ଉପେନ୍ ଆଜି ତା ଭିତରେ ଏପର୍ଯ୍ୟନ୍ତ ଯେଉଁ ଆନ୍ତରିକତା ସୃଷ୍ଟି ହୋଇଚି, ତା ଝୁଡ଼ୀଙ୍କ ପାଖରୁ ଆଡ଼େଇ ହୋଇ ଯାଇ ଘରର ନିଭୃତ କୋଣରେ କିଛି କଥା ହେବା ପାଇଁ ଅନୁକୂଳ ନୁହଁ । ତେବେ ବି ସେ ଯେପରି ଅନୁଭବ କଲା, ଆକାଶର ଗୋଟିଏ ପ୍ରାନ୍ତରେ ଯେପରି ହଠାତ୍ ଉଠିଚି ଅଘନର ମେଘ । ଦିଗନ୍ତ ଗାଢ଼ ଅନ୍ଧାରରେ ଥମଥମ କରି ଉଠୁଚି । ଚକିତ ବିଦ୍ୟୁତ୍‌ର ଫାଙ୍କେ ଫାଙ୍କେ ବଜ୍ରର ବିଷାଣ ଡାକି ଉଠିଚି । ସେ ଡାକରେ ପ୍ରକୃତି ପାଗଳଙ୍କ ପରି ଛୁଟି ନ ଯାଇ କ'ଣ ସ୍ଥିର ରହିପାରିବ ? ଦକ୍ଷିଣରୁ ଯେତେବେଳେ ବହିଚି ଝଡ଼ର ତୋଫାନ୍, ସମୁଦ୍ରରେ ତରଙ୍ଗ—ସେ ତ ଅବଶ୍ୟମ୍ଭାବୀ ।

ସ୍ଥିର କରିପାରିଲାନି ବନଲତା । ଭୁଲିଗଲା ସେ ଶ୍ଳୀଳତାର କଥା, ଭୁଲିଗଲା ସେ ଭଦ୍ରତା, ଭୁଲିଗଲା ତା ଝୁଡ଼ୀଙ୍କ ପାଖରେ ସୁନ୍ଦର ଅସୁନ୍ଦରର ବାଛବିଚାର । ସେ କ'ଣ କରୁଚି ଭାବି ପାରିଲାନି । ସାପୁଆର ନାଗତୁମ୍ବା ଶୁଣି ଫଣା ଟେକି ନାଗସାପ ଛୁଟିଗଲା ପରି ସେ ପାଖ ଘର ଭିତରକୁ ପଶି ଯାଇଁ ଉପେନ୍ଦ୍ରର କଥା ଶୁଣିବାକୁ ଉଦ୍‌ବିଗ୍ନ ହୋଇପଡ଼ିଲା ।

କିନ୍ତୁ ଘର ଭିତରକୁ ବନଲତା ପଶିଛି ପଶିଛି କ'ଣ କହିବାକୁ ଯାଇଁ ହଠାତ୍ ଯେମିତି କଥାର ସୂତ୍ର ଖୋଜି ପାଇଲାନି ଉପେନ୍ । ଟିକିଏ ଥଙ୍ଗ-ଥଙ୍ଗ ହେଲା । ଏପରି ଅସ୍ୱସ୍ତିକର ପରିସ୍ଥିତିର ସମ୍ମୁଖୀନ ହେବ ଜାଣିଥିଲେ ସେ ହୁଏତ କିଛି କହିବାକୁ ଆସି ନ ଥାନ୍ତା । କିନ୍ତୁ ସେ କ'ଣ କିଛି ଭାବି ଚିନ୍ତି ଆସିଚି ? ମାଧବୀର ଦୁଷ୍ଟିଭ୍ରାଡରେ ତା ଭାରାକ୍ରାନ୍ତ ମନ କ'ଣ କିଛି ଚିନ୍ତା କରିବା ଅବସ୍ଥାରେ ଅଛି ? ସବୁ ଯେ ଗୋଳମାଳ ହୋଇଯାଇଚି । ତା ମନ ଭିତରେ ଏକ ଧୂଳିର ଝଡ଼ । ସେ କିଛି ଦେଖିପାରୁ ନାହିଁ— ସେ କିଛି ଭାବିପାରୁ ନାହିଁ । ଖାଲି ଗୋଟିଏ ଆର୍ତ୍ତନାଦ—ଗୋଟିଏ ବୁକୁଫଟା ଆର୍ତ୍ତନାଦ । ଏଇ ଧୂଳି ଝଡ଼ର ସମୁଦ୍ରକୁ ଅତିକ୍ରମ କରି ତାକୁ

ପହଞ୍ଚିବାକୁ ହବ ଗୋଟିଏ ନିସ୍ତରଙ୍ଗ ବେଳାଭୂମିର ତଟଦେଶରେ । ସେ ଆର୍ତ୍ତକଣ୍ଠରେ କହିଉଠିଲା—

ମୋର କୋଡ଼ିଏଟା ଟଙ୍କା ଦରକାର ବନଲତା ! ତୁମ ପାଖରେ ମୋ ଦାରିଦ୍ର୍ୟର ଆତ୍ମପ୍ରକାଶରେ ଲଜ୍ଜାର କିଛି ନାହିଁ । ତୁମକୁ ସାହାଯ୍ୟ କରିବାକୁ ହି ହେବ । ମତେ କିଛି ପଚାରି ପାରିବନି, ମୁଁ କିଛି କହିବା ଅବସ୍ଥାରେ ନାହିଁ ।

ଉପେନ୍ଦ୍ରର ବ୍ୟସ୍ତତା ଦେଖି ବନଲତା ଆଶ୍ଚର୍ଯ୍ୟରେ ସ୍ତବ୍ଧ ହୋଇଗଲା । ବାହାର ବାରଣ୍ଡାରେ ଖୁଡ଼ୀ ଅପେକ୍ଷା କରିଛନ୍ତି । ଇଲେକ୍‌ଟ୍ରିକ୍ ଆଲୁଅର ଉଜ୍ଜ୍ୱଳତା ଝଲମଲ କରୁଛି । ଘର ଭିତର କିନ୍ତୁ ଅନ୍ଧାର । ନିରନ୍ଧ୍ର ଅନ୍ଧାର ଭିତରେ ଉପେନ୍ ଠିଆ ହୋଇଛି ତା' ଆଗରେ, ଆଉ ମାଗୁଛି କୋଡ଼ିଏଟା ଟଙ୍କା । ସେ କ'ଣ ଉପର ମହଲାକୁ ଯାଇ କୋଡ଼ିଏ ଟଙ୍କା ନେଇଆସିବ ? ସେଥିପାଇଁ କ'ଣ ସୁଯୋଗ ଅଛି ? ଏତେ ସମୟ କ'ଣ ଅପେକ୍ଷା କରି ଠିଆ ହୋଇପାରିବ ଉପେନ୍ଦ୍ର ? ସେ ଯେ ଝଡ଼ ପରି ଅସ୍ଥିର; ବଜ୍ର ପରି ଅଶାନ୍ତ ! ତେବେ, ତେବେ କ'ଣ କରିବ ସେ ?

କିନ୍ତୁ ବେଶୀ ସମୟ ନୁହେଁ, ହଠାତ୍ ଗୋଟାଏ ଖିଆଲ ପଶିଲା ବନଲତା ମନ୍ତ୍ରରେ ବିଜୁଳିର ଚମକ ପରି । ତା' ପରେ ବାଁ ହାତର 'ସୁନା ମୁଦିଟାକୁ ସେ କାଢ଼ି ଗୁଞ୍ଜି ଦେଲା ଉପେନ୍ଦ୍ର ହାତରେ । କହିଲା—ବାହାରେ ଖୁଡ଼ୀ, ମୁଁ ଯାଏଁ···

ଆଖିର ପଲକ ଭିତରେ ଘଟିଗଲା, ପଦିଏ କଥାରେ କୋଡ଼ିଏଟି ଟଙ୍କା ମଗାର ପ୍ରାର୍ଥନା ଆଉ ହାତର ମୁଦି କାଢ଼ି ସମର୍ପି ଦେବାରେ ହୃଦୟର ସର୍ବସ୍ୱ ନିବେଦନ । କିନ୍ତୁ ସାମାନ୍ୟ କେତୋଟି ମୁହୂର୍ତ୍ତର ସ୍ପନ୍ଦନ ଭିତରେ ଦୁଇଟି ଜୀବନର ଯେଉଁ ମହାକାବ୍ୟ ଭୂମିକା ରଚିତ ହେଲା, ତାର ଆଭାସ କ'ଣ କିଛି ପାଇଲେ ଇନ୍ଦ୍ରାଣୀ !

ଝଡ଼ ପରି ଘର ଭିତରୁ ବାହାରିଆସି ରାସ୍ତାର ଅନ୍ଧାର ଭିତରେ ନିଶ୍ଚିହ୍ନ ହୋଇଗଲା ଉ'ପେନ୍ଦ୍ର, ଆଉ ବନତା ସ୍ନିଗ୍ଧାର ହାତ ଧରି ଖୁଡ଼ୀଙ୍କ ସାଙ୍ଗରେ ଫାଟକ ବାହାରକୁ ଆସି ମଟର ଭିତରେ ବସୁ ବସୁ ଚୈନ ସନ୍ଧ୍ୟାର ମୂର୍ଚ୍ଛିତ ସୁଗନ୍ଧ ପରି ମିଳେଇଗଲା, ଗତିଶୀଳ କାର୍‌ର ମୃଦୁ ମନ୍ଥର ଛନ୍ଦ ଭିତରେ···

ମାଟିଆବୁରୁଜର ଏକ ସଂକୀର୍ଣ୍ଣ ଗଳି । ନର୍ଦ୍ଦମା ଓ ଆବର୍ଜନାର ଏକ ଡଷ୍ଟବିନ୍ ପରି ଗଳି ଦୁପାଖର ଟିଣ ଓ ଟାଇଲ-ଘର ବେଷ୍ଟନୀ ଭିତରେ କୁଲି ମଜଦୁରର ଜୀବନ ଏଠି ଯେପରି ନର୍କର ହଳାହଳ ପରି ବିଭୀଷିକାଗ୍ରସ୍ତ ।

କଲିକତାର ଏ ଅଞ୍ଚଳ କେତେଗୁଡ଼ାଏ ଛୋଟ ବଡ଼ ମିଲ୍ ଆଉ ଝୋଟକଳର ସମଷ୍ଟିରେ ଦିନରାତି ବ୍ୟସ୍ତମୁଖର । ଶ୍ରମିକଜୀବନର ଦୈନ୍ୟ ଆଉ ସଙ୍ଘର୍ଷଶୀଳ ପ୍ରାଣର ପରିଶ୍ରାନ୍ତିରେ ଏ ଅଞ୍ଚଳର ଆବହାଓ୍ୱା ସତେ ଯେପରି ମୁମୂର୍ଷୁ ଯକ୍ଷ୍ମାରୋଗୀ ପରି ଅର୍ଦ୍ଧମୃତ । ଖଟି ଖାଇବାର ବ୍ୟସ୍ତତା ଅପେକ୍ଷା ଅପ୍ରଶସ୍ତ ଘର କୋଣରେ ଅନିଦ୍ରାର ଅସ୍ୱସ୍ତି ସମଗ୍ର ଶ୍ରମିକଜୀବନକୁ ଏଠି ଅତିଷ୍ଠ କରି ତୋଳେ । ଏଠି ମଣିଷ ଅଛି, କିନ୍ତୁ ତାର ପ୍ରାଣ ନାହିଁ । ଦେହ ଅଛି, କିନ୍ତୁ ଆତ୍ମା ନାହିଁ । ମଣିଷ ଏଠି ମେସିନ୍ । ଯନ୍ତ୍ର ପରି କାର୍ଯ୍ୟବ୍ୟସ୍ତ । ସକାଳର ଭୁଙ୍ଗା ବାଜିଲେ ସେ ମିଲ୍ ଘରକୁ ଛୁଟେ । ଛୁଟିର ହୁଇସିଲ୍ ବାଜିଲେ ସେ ଘରକୁ ଫେରେ । କିନ୍ତୁ ସେ କି ଘର ? ସେ କ'ଣ ଶାନ୍ତି ଆଉ ଆରାମର ନୀଡ଼ ? ସେ କ'ଣ ସୁଖ ଆଉ ସ୍ୱପ୍ନର ଆବେଷ୍ଟନୀ ? ଆଠ ଘଣ୍ଟା ବାଦ୍ ମୁଠାଏ ରୋଷେଇ କରି, ରାନ୍ଧିବାଢ଼ି ଖାଇ, କେତେଟା ଘଣ୍ଟାର ଯେ ବିଶ୍ରାମ, ତା ଯେପରି ରାସ୍ତାର ବତିଖୁମ୍ବ ମୂଳେ ଏକ ବୁଲା କୁକୁରର ଜିଭକାଢ଼ି କ୍ଳାନ୍ତିର ନିଶ୍ୱାସ ଛାଡ଼ିଲା ପରି ।

ଆକାଶକୁ ଦେଖିବାକୁ ଏଠି ଫୁରୁସତ୍ ନ ଥାଏ । ପ୍ରକୃତି ଏଠି ଏକ କାବ୍ୟର କଥା । ଉପାର୍ଜନର ବ୍ୟସ୍ତତା ଭିତରେ ଆକାଶର ଚନ୍ଦ୍ର, ତାରାଙ୍କର ପ୍ରକୃତି ସବୁ ଯେପରି ଏକ ଦୁଃସ୍ୱପ୍ନ । ବାସ୍ତବ ଜୀବନଠାରୁ ବିଚ୍ଛିନ୍ନ ସୂର୍ଯ୍ୟୋଦୟର ଦିଗନ୍ତ ଅବା ଜ୍ୟୋତ୍ସ୍ନାସ୍ନାତ ପୃଥିବୀର ପୂର୍ଣ୍ଣିମୀ ରାତି । ମାଟିଆବୁରୁଜର ଆକାଶ ଚିମ୍ନିର ଧୂଆଁରେ ବିବର୍ଣ୍ଣ । ଏଠି ତାର ନିଜସ୍ୱ ପ୍ରକାଶ ନାହିଁ । ଯେମିତି ପ୍ରକାଶ ନାହିଁ ଏଠି ମଜଦୁରର

ଜୀବନର ବାସ୍ତବ ଚେହେରାର । ଯାନ୍ତ୍ରିକ ଜଗତ ଏଠି ଚଟକଲର ଝକ୍‌ଝକ୍ ଆବାଜ୍ ଆଉ ମିଲ୍‌ଘରର ଖଟଖଟ ମେକାନିଜମ୍ ଭିତରେ, ଜୀବନର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହରେଇ ବସି, ଭୂଆଁ ଘାସ ମଣ୍ଡ ବାଟୋଇ ଏଣେତେଣେ ଘୂରି ବୁଲିଲା ପରି ଅନିର୍ଦ୍ଦିଷ୍ଟ ମୁଖରେ ଧାଇଁଚି । ତଥାପି ଏ ଧାଇଁବା ଭିତରେ ହଠାତ୍ କେବେ କେବେ ହୋସ୍ ଫେରିଆସେ, ସେ ଥକ୍କା ହୋଇ ଛିଡ଼ା ହୁଏ । ତାପରେ ପଛକୁ ଫେରି ଚାହେଁ । ପଥ ଆଉ ପ୍ରାନ୍ତର, ଦୁଇଟା ଅଲଗା ହୋଇ ଦେଖାଯାଏ କିଛି କ୍ଷଣ; କିନ୍ତୁ ସେ କେବଳ ମୁହୂର୍ତ୍ତିକ ପାଇଁ । ତାପରେ ପୁଣି ସବୁ ଗୋଳମାଳ ହୋଇଯାଏ । ଫାକ୍‌ଟରୀର ପୁଙ୍ଗା ଡାକିଉଠେ । ମଜଦୁର ଜୀବନର ଗତିପଥ ଆଉ ତା' ସ୍ୱପ୍ନମୟ ପ୍ରାଣର ସବୁଜ ପ୍ରାନ୍ତର ।

କୁ'ଟାକୁ ସେ ଧରି ରଖିବ ? ଥରେ ଥରେ ପ୍ରାନ୍ତରର ପ୍ରସାରିତ ସବୁଜିମା ଭିତରେ ତାକୁ ହଜି ନିଶ୍ଚିହ୍ନ ହୋଇଯିବା ପାଇଁ ପ୍ରବଳ ଇଚ୍ଛା ହୁଏ । ପଳେଇଯିବାକୁ ମନେହୁଏ, ଏ ଚଟକଳ, ଏ ବସ୍ତି ଆଉ ଆବର୍ଜନାର ପୂତିଗନ୍ଧମୟ ସଂକୀର୍ଣ୍ଣତାର ପରିବେଷ୍ଟନୀ ଭିତରୁ । କିନ୍ତୁ ଉପାୟ ନାହିଁ । ତା ହାତଗୋଡ଼ରେ ଯେମିତି ଶୃଙ୍ଖଳାର ବନ୍ଧନ । ଛନ୍ଦା ହୋଇଚି ଯିମିତି ତା ମନର ପ୍ରସାରିତ ଦିଗ୍‌ବଳୟ । ସମସ୍ତ ସ୍ୱାଧୀନତାକୁ ତାର ସଙ୍କୁଚିତ କରି ଦିଆଯାଇଚି । ତାକୁ ବନ୍ଦୀକରି ଫିଙ୍ଗି ଦିଆଯାଇଛି ମାଟିଆବୁରୁଜର ନର୍ଦ୍ଦମା ଗଳିରେ ।

ତେବେ ବି ବନ୍ଦୀ, ସଙ୍କୁଚିତ ପ୍ରାଣ ବେଳେବେଳେ ବିଦ୍ରୋହ କରିଉଠେ । ଅନ୍ଧରାତ୍ରର ନିଃସୁପ୍ତି ଭିତରେ କେବେ କେବେ ପାଟିକରି ଉଠେ । ନାଚେ ଆଉ ଗୀତ ଗାଏ । ସେ ନାଚ ଉଲଗ୍ନ ଆଉ ବୀଭତ୍ସ । ଉଲଙ୍ଗତା ଭିତରର କି ଆନନ୍ଦ ! କି ଦୁର୍ବାର ଆନନ୍ଦ !! ତାକୁ ପଶୁଠାରୁ ବି ଅଧମ କରି ରଖା ହୋଇଚି ସମାଜରେ । ସେଇ ପଶୁତ୍ୱର ବର୍ବରତା ନେଇ ସେ ନାଚେ ଆଉ ଗଳା ଫଟେଇ ଗାଏ ।

ସେଦିନ ନାଚ, ଗୀତ, ଗାଉଣାର ଏକ ନିର୍ଲଜ୍ଜ ମଜଲିସ୍ ଯେତେବେଳେ ସମସ୍ତ ମାଟିଆବୁରୁଜର ବସ୍ତିପ୍ରାଣକୁ ଝଙ୍କୃତ କରି ତୋଳିଥିଲା ରାତିର ପ୍ରଥମ ପ୍ରହରରେ, ଉପେନ୍ ହଠାତ୍ ଆସି ପହଞ୍ଚିଲା ବାରର

ସନ୍ଧାନରେ । ସନ୍ଧ୍ୟାରେ ହାବଡ଼ା ଷ୍ଟେସନ୍‌ରେ ଓହ୍ଲେଇ ବସ୍ ଧରି ସେ ଯେତେବେଳେ ମାଟିଆବୁରୁଜରେ ପହଞ୍ଚେ, ରାତି ଆଠଟା ପ୍ରାୟ । କିନ୍ତୁ ସମସ୍ତ ଆଗରୁ ଓଡ଼ିଶାର ପ୍ରସିଦ୍ଧ ଏଁଗା ପାର୍ଟିର ଯାତ୍ରା ମଜଲିସ୍ ଆରମ୍ଭ ହୋଇଯାଇଚି । କେଶୋରାମ ଲୁଗାକଲରେ ସାରୁ ଜଣେ ଅଫିସ୍ ବୟ । କିନ୍ତୁ ସେଇଥିପାଇଁ ତାର ବଡ଼ ପରିଚୟ ନୁହେଁ । ସେ ଯାତ୍ରା ପାର୍ଟିର ସୁଆଙ୍ଗରେ ହରିଶ୍ଚନ୍ଦ୍ର ଭୂମିକାରେ ଓହ୍ଲାଏ । କେତେବେଳେ ସେ ମହାଭାରତର କର୍ଣ୍ଣ ବା ରାମାୟଣର ରାମଚନ୍ଦ୍ର । ତାର ବାଇଶିଟଙ୍କିଆ ଶ୍ରମିକଜୀବନ ପଛରେ ଆତ୍ମଗୋପନ କରି ରହିଚି ଏକ ଅଭିନୟ-କଳାର ଉଜ୍ଜ୍ୱଳ ସଂସ୍କୃତି । ପୁରୀ ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀର ଛତିଶ ସାରୁ ମାଟିଆବୁରୁଜର ପ୍ରସିଦ୍ଧ ଅଭିନେତା, ପ୍ରସିଦ୍ଧ ଆଉ ସର୍ବବାଦସମ୍ମତ ନାଟ୍ୟଗୁରୁ ।

ସୁଆଙ୍ଗ ଚାଲିଚି । ହାରମୋନିଅମ, କ୍ଲାରିଓନେଟ୍, ପଖୋଜ ଆଉ ବଂଶୁଲ । ହାତରେ ଝୁଲମୁଣିଟିକୁ ଧରି ସମବେତ ଦର୍ଶକମଣ୍ଡଳୀ ଭିତରେ ଉପେନ୍ କିଛି କ୍ଷଣ ସ୍ତବ୍ଧ ହୋଇ ଅଭିନେତାମାନଙ୍କର ବକ୍ତୃତା ଶୁଣିଲା । ଗାଡ଼ିରେ ଦୀର୍ଘ ତିନିଶ ମାଇଲ ବାଟ ଆସି ସେ କ୍ଳାନ୍ତ; କିନ୍ତୁ ହଠାତ୍ ସେ ବା ଯିବ କେଉଁଠିକି ! ସାରୁର ସନ୍ଧାନ ନ ପାଇଲେ ଏଠି ଆଶ୍ରା ଦେବ ତାକୁ କିଏ ?

ସାମନାରେ ଦେଖଣାହାରିଙ୍କ ଭିତରେ ପ୍ରାୟ ଅଧିକାଂଶ ତାର ଦେଶର ଲୋକ । ଓଡ଼ିଆର ଯେ ଏକ ନିଜସ୍ୱ ସଂସ୍କୃତି ଅଛି ତା' ଏଇ ମହାନଗରୀର ଆବର୍ଜନା ବସ୍ତି ଭିତରେଇ ନିଦାରୁଣ ଭାବରେ ଉପଲବ୍ଧି କରିହୁଏ । କାନରେ ନୋଳି, କାଖରେ ବଟୂଆ ଆଉ କାନ୍ଧରେ ପାକଲା ଗାମୁଛାର ସଂସ୍କୃତି ଭାରତରେ ଏପର୍ଯ୍ୟନ୍ତ ବି ତାର ବୈଶିଷ୍ଟ୍ୟ ହରେଇ ନାହିଁ ।

ଗୋଟାଏ କ ପାର୍ଟର କିଛି ଅମିତାକ୍ଷର ଛନ୍ଦର ଆବୃତ୍ତି କରି ରଜା ଚାଲିଗଲା । ଗୋଟାଏ ଓସ୍ତାଦ ଗତର ବଂଶୁଲ୍ ଆଉ ଢୋଲକି ଝଙ୍କାର ଭିତରେ କିଛି ଦୂରରେ ଗୁଞ୍ଜରୁଥିବା ଗ୍ରୀନ୍ ରୁମ୍ ଭିତରୁ ଆରେ ରେ-ରେ ପାଟି କରି ଧାଇଁଆସିଲା ଏକ ହନୁମାନ ମୁଖାକୃତିବିଶିଷ୍ଟ

ଅଦ୍ଭୁତ ଜୀବ । ଏଥର ଉପେନ୍ ବୁଝିପାରିଲା, ଆଜିର ସୁଆଙ୍ଗ । ରାମ-ରାବଣ ଯୁଦ୍ଧ କିମ୍ବା ରାମାୟଣର କୌଣସି ଏକ ପର୍ବକୁ ନେଇ ଶ୍ରେତାୟା ଯୁଗର ମହାକାବ୍ୟ ।

ହନୁମାନର ଆବିର୍ଭାବରେ ସମଗ୍ର ନାଟ୍ୟ ମଜଲିସ୍ ଘନ ଘନ କରତାଳରେ ଶବ୍ଦାୟିତ ହୋଇଉଠିଲା । ଆନନ୍ଦର ହୋ' ହଲ୍ଲା । ତାରି ଭିତରେ ଉପେନ୍ ପଛରୁ ଦଳେ ପାଟି କରି ଉଠିଲେ—ବୈଠୋ, ବୈଠୋ । ପରେ ପରେ ଉପେନ୍ କାନ୍ଧ ଉପରେ କାହାର ଗୋଟାଏ ଶକ୍ତ ପନ୍ଝାର ଚାପ ।—ବସ, ବସ । ଠିଆ ହୋଇଚ କାହିଁକି ?

ପଛକୁ ଫେରି ଚାହିଁଲା ଉପେନ୍ । ସେ ଟିକିଏ ପାଖେଇ ଯିବାକୁ ଚେଷ୍ଟା କରୁ କରୁ ଅନ୍ୟମନସ୍କ ଭାବରେ ପଚାରିଲା—ଏଠି ଷୀର ମହାନ୍ତି କିଏ ଅଛି ଜାଣ ?

—ଷୀରବାବୁ ? ସେଇ ତ ଏ ଯାତ୍ରା କରେଇବାର ମାଲିକ । କାଇଁକି ଖୋଜୁଛ ତାଙ୍କୁ ?

—ମୋର ତାଙ୍କୁ ଟିକିଏ ଦରକାର ।

ଲୋକଟି କଟମଟ କରି ଉପେନ୍ ମୁହଁକୁ ଅନେଇଲା ।—ଏଖନ ଷୀରବାବୁକେ ଦେଖା ପାଇବେନା, କହି ସେ ଆଉ କେତେଟା ଲୋକଙ୍କୁ ବସେଇବାକୁ ଯାଉଥିଲା, ଉପେନ୍ ତା ହାତ ଧରି ପାଖକୁ ଟାଣିନେଇ କହିଲା—ମୋର ଟିକିଏ କଥା ଅଛି ତମ ସାଙ୍ଗେ ।

—ଆମି ଏଖୂନ୍ କଥା କହି ପାର୍‌ବୋନା ।

—ତା ନ କହିପାର । ମୁଁ ଯେ ଓଡ଼ିଆ କହୁଚି ଆଉ ମୁଁ ଯେ ନିର୍ଭୁଲଭାବରେ ତୁମ ଦେଶର ଲୋକ, ଏହା କ'ଣ ବୁଝି ପାରୁନ ?

ଏଥର ଲୋକଟା ଟିକିଏ ଥକ୍କା ହୋଇ ଅନେଇଲା । କ'ଣ ଗୋଟେ କହିବାକୁ ସେ ଯେପରି ବାହାରିଲା । କିନ୍ତୁ ଓଡ଼ିଆ ନା ବଙ୍ଗାଳୀ ?

କ'ଣ ସେ କହିବ ? ବାବୁଟି ଓଡ଼ିଆ କହୁଚି କିନ୍ତୁ ଚେହେରାଟା ଯେ, ବଙ୍ଗାଳୀ, ବଙ୍ଗାଳୀ । ଲୋକ ବସେଇବା କାମରୁ କ୍ଷାନ୍ତ ହୋଇ ଟିକିଏ ଅପ୍ରସ୍ତୁତ ଗଳାରେ ପଚାରିଲେ—ଘୋଷବାବୁଙ୍କୁ ଖୋଜୁଚନ୍ତି ?

—ହଁ, ତାଙ୍କୁଇ ଖୋଜୁଚି । ତା ତ ତୁମେ କହିବ, କିନ୍ତୁ ମୋ ସାଙ୍ଗରେ ତୁମେ ହଠାତ୍ ବଙ୍ଗଳା କହିଲ କାହିଁକି ?

ଆଶ୍ଚର୍ଯ୍ୟ ! ଲୋକଟା କି ସାଂଘାତିକ ! ଏ ଯେ ଏକବାରେ ନାଛୋଡ଼ବନ୍ଦା !

—ତୁମ ନା କ'ଣ ?

—ବେଣୁଧର ।

—ଟିକିଏ ବାହାରକୁ ଚାଲ । ମୋର କିଛି କଥା ଅଛି ତମ ସାଙ୍ଗେ ।

ଏଥର ଲୋକଟା ଆପତ୍ତି କଲା ନାହିଁ । ମନ୍ତ୍ରମୁଗ୍ଧ ପରି ଲୋକଙ୍କ ଗହଳ କାଟି ସେ ଆସିଲା ବାହାରକୁ । କହିଲା—କୁ'ଠୁ ଆଇଚ ?

—ସେ ଖବର ତୁମେ ପରେ ବୁଝିବ । ମତେ ଆଗ ନେଇଚାଲ ତୁମ ଘୋଷବାବୁଙ୍କ ପାଖକୁ ।

—ସେ ତ ଇଚ୍ଛୁଣିକା ମିଳିବେନି । ସେ ପାର୍ଟିଆରମାନଙ୍କୁ ବେଶ କରୁଚନ୍ତି ।

—କରୁଥାନ୍ତୁ ବେଶ । ମତେ ନେଇଚାଲ ତୁମେ । ମୁଁ ବାହାରେ ଠିଆ ହେବ । ଭିତରକୁ ଯାଇଁ ତୁମେ ଟିକେ ଖବର ଦେବ । ପଦେ କଥା — ତାପରେ ତୁମର ଛୁଟି ।

ବେଶି ଦୂର ନୁହେଁ । ଗ୍ରେଟ କ୍ଲବ୍‌ଘର ପାଖକୁ ଲାଗି ଚାଲେଇରେ ଘେରିଆ ହୋଇଚି ଚକଡ଼ାଏ ଜାଗା । ପେଟ୍ରୋମାକସ୍ ଜଳୁଛି ! ହୋ ହା

ବ୍ୟସ୍ତତାରେ ଗୃହଅଙ୍ଗ ସରଗରମ । ବେଶ ହୋଇ ଅଭିନେତାମାନେ ଦେଖଣାହାରୀଙ୍କ ମଝିରେ ଗୃହକଣିଆ ଉଚ୍ଚ ମଣ୍ଡପ ଉପରକୁ ଛୁଟି ଯାଉଛନ୍ତି । ପାର୍ଟ ସରିଗଲେ ଲମ୍ଫ ଦେଇ ଧାଇଁ ପଶି ଆସୁଛନ୍ତି ତଳେଇର ଘେର ଭିତରକୁ । ଘେର ଗୃହପାଖେ ବାହାରୁ ଥୋକେ ଲୋକ କଣା କରି ଭିତରେ ପୁଞ୍ଜୀଭୂତ ଅଭିନେତାମାନଙ୍କର ରୂପଲାବଣ୍ୟ ଆଉ ବେଶଭୂଷାର ଚାକଚକ୍ୟ ଆଖିଭରି ନିରୀକ୍ଷଣ କରୁଛନ୍ତି । ସେମାନେ ଯେପରି ତ୍ରେତୟା ଯୁଗର ରାମଚନ୍ଦ୍ରଙ୍କୁ ଯାତ୍ରାମଣ୍ଡପର ଦର୍ଶକଙ୍କ ଭିତରୁ ମନ ପୂରେଇ ଦେଖିବାର ସୁଯୋଗ ପାଇ ନାହାନ୍ତି । ପ୍ରାଣ ତାଙ୍କର ଛଟପଟ କରି ଉଠିଛି । ରାମଚନ୍ଦ୍ରଙ୍କ ସାନ୍ନିଧ ଲାଭ କରି ସେମାନେ ଜୀବନ ସାର୍ଥକ କରିବେ, ଏଇ ଆଶାରେ ତଳେଇର ଘେର ବାହାରୁ ଗ୍ରୀନ୍ ରୁମ୍‌ର ସ୍ୱର୍ଗୀୟ ପରିବେଶକୁ ଆପ୍ରାଣ ଉପଭୋଗ କରୁଛନ୍ତି ।

—ଏଇଠାରେ ଛିଡ଼ା ହୁଅନ୍ତୁ··· । ମୁଁ ଦେଖେ ବୀରବାବୁଙ୍କୁ ଫୁରୁସତ୍ ଅଛି କି ନାହିଁ ! କିଏ ଆସିଛି ବୋଲି ମୁଁ କହିବି ?

—ହଁ କହିବ, ତୁମ ଗାଁର ଉପେନ୍ଦ୍ର । କଟକରୁ ଆସିଛି ।

ବେଣୁଧର ସବ୍ୟସ୍ତେ ଭିତରକୁ ଚାଲିଗଲା । ଉପେନ୍ଦ୍ର କିଛି କ୍ଷଣ ଅନ୍ୟମନସ୍କ ଭାବରେ ଚାହିଁଲା ଗୃହପାଖର ଛୋଟ ଛୋଟ ଘରଗୁଡ଼ିକୁ । ନୂଆ ଗାଁର ମଜଲିସ୍ ବସିଛି ରାସ୍ତା କଡ଼ର ଏକ ପଡ଼ିଆରେ । ପଡ଼ିଆର ଚାରିପାଖ ଘେରି ବସ୍ତିର ଦୃଶ୍ୟମାନ ଛୋଟ ଛୋଟ ଟାଇଲ୍ ଆଉ ଟିଣର ଖପରିଲି ଘର । ଇଲେକ୍‌ଟ୍ରିକ୍ ବତିଖୁମ୍ବ କିଛି କିଛି ଦୂର ବ୍ୟବଧାନରେ । ବତିର ଆଲୁଅ ଅଛି; କିନ୍ତୁ ରୋଷଣୀର ତୋଫାନ୍ ନାହିଁ । ହଇଜା ମଲୁର ନିଷ୍ପ୍ରଭ ଦୃଷ୍ଟି ଯେପରି ଶେଷ ମୁହୂର୍ତ୍ତରେ ନିର୍ବାପିତ ହୋଇଯିବା ଅବସ୍ଥାରେ । କଲେଜ ଛାତ୍ର ଥିଲାବେଳେ, ଦୁଇ ବର୍ଷ ତଳେ ଥରେ ଏକ୍ସକର୍ସନ୍‌ରେ ଆସିଥିଲା ସେ । କିନ୍ତୁ ସେ ଦେଖିଥିଲା କଲିକତାର ସଭ୍ୟତାସମୃଦ୍ଧ ଚୌରଙ୍ଗୀ, ଦେଖିଥିଲା ଭିକ୍ଟୋରିଆ ମେମୋରିଆଲର ସ୍ଥାପତ୍ୟିକ କଳା । ଦେଖିଥିଲା ଟ୍ରାମ୍ ଆଉ ମଟରର ବ୍ୟସ୍ତତାମୁଖର ଉଦ୍ଦଣ୍ଡ ବ୍ୟଗ୍ରତା । ମହାନଗରୀର ଆତ୍ମା ଯେଉଁଠି ଦିନର ସୂର୍ଯ୍ୟାଲୋକରେ ଝଲମଲ୍ କରୁଥିଲା ଆଉ ରାତିର ନିଅନ୍ ଆଲୁଅରେ

ଐଶ୍ୱର୍ଯ୍ୟର ସ୍ୱପ୍ନ ଦେଖୁଥିଲା, ବଢ଼ିଲ ପ୍ରାଣତରଙ୍ଗର ସେଇ ଉଦ୍‌ବେଳିତ ଉଚ୍ଛ୍ୱାସ ଦେଖିଥିଲା ଉପେନ୍ । ଏଠି କିନ୍ତୁ ସେ ଉଚ୍ଛ୍ୱାସର ଏତେ ଟିକିଏ ସ୍ପନ୍ଦନ ନାହିଁ । ପ୍ରାଣ ଏଠି ନିର୍ବେଦ । ଜୀବନ ଏଠି ନିସ୍ତବ୍ଧ । ନିମ୍ନ ମଧ୍ୟବିତ୍ତର ଉପାର୍ଜନ ଦୁଶ୍ଚିନ୍ତାରେ ଏଠାର ମାଟି ଆଉ ଆକାଶ ସବୁ ଯେପରି ଏକ ଅପିମଖୋରର ଅକର୍ମଣ୍ୟତାରେ ଜଡ଼ ଆଉ ନିସ୍ପନ୍ଦ । ଏଠି ସ୍ପନ୍ଦନ ଆଣିବାକୁ ହେଲେ ଘୋଡ଼ାପିଠିରେ ଚାବୁକ୍ ମାରିଲା ପରି ଆଘାତ କରିବାକୁ ହେବ ।

—ଉପେନଦା !

ହଠାତ୍ ବୀରର ସମ୍ବୋଧନରେ ଉପେନ୍‌ର ହୋସ୍ ଫେରି-ଆସିଲା । କିନ୍ତୁ କହିବା ଆଗରୁ ଗୋଟାଏ ଆନନ୍ଦ-ଅଗ୍ନିର ବାହୁ ଯେପରି ତାର ସମସ୍ତ ଦେହକୁ ଆଲିଙ୍ଗନରେ ଅଭିଷ୍ଟ କରି ତୋଳିଲା । ତେବେ ବୀର କ'ଣ କିଛି ଶୁଣିନି ? ଶୁଣି ନାହିଁ ତା ବୋଉର କାଳ ହୋଇଛି ! ମାଧବୀ ପଳାଇଛି ! କିଛି ଶୁଣିନି !! ଧୂସର ଅନ୍ଧକାର ଭିତରେ ଉପେନ୍ ଭଲ କରି ବୀର ମୁହଁକୁ ଥରେ ନିରୀକ୍ଷଣ କରି ଦେଖିଲା । ତା ପରେ କହିଲା—ମୋର କିଛି ଜରୁରୀ କଥା ଅଛି ବୀର ! ତୋ ବସା କେଉଁଠି ?.

—ହଁ ଚାଲ, ବସାକୁ ଚାଲ । ଗାଡ଼ିରେ ଏଇନା ଆସିଲ ବୋଧହୁଏ ! ମତେ ଖଣ୍ଡିଏ ଆଗରୁ ଲେଖି ଦେଲନି କାହିଁକି ? ଆଗରୁ ପଦେ ଲେଖି ଦେଇଥିଲେ ମୁଁ ହାବଡ଼ା ଯାଇ ତୁମକୁ ନେଇଆସିଥାନ୍ତି । ଏଟିକି ଆସିବାକୁ ଭାରି ମୁସ୍‌କିଲ ହୋଇଥିବ ତମକୁ । ଯୋଗକୁ ଏଠି ଆଜି ଆମର ଯାତ ହେଉଛି ବୋଲି, ନଇଲେ ମତେ କ'ଣ ପାଇଥାନ୍ତ ! ସଞ୍ଜ ହେଲେ ମୁଁ ଓସ୍ତାଦ କରିବାକୁ ଚାଲିଯାଏ । ବୀର କ୍ଷିପ୍ର ପଦକ୍ଷେପରେ ମଇଦାନର ଗୋଟିଏ ଚଲା ସରୁ ବାଟ ଧରି ପଶିଗଲା କେତୁଟା ଟାଇଲ୍ ଘରର ସନ୍ଧି ଭିତରେ । କହିଲା—ଟିକିଏ କଷ୍ଟ ହେବ । ମୋ ହାତ ଧରି ଆସ ।

—କଷ୍ଟ କ'ଣ ? ଏଇ ତ ରାସ୍ତା ଦେଖାଯାଉଛି । ତୁ ଚାଲ୍ ଆଗରେ । କେତେ ଦୂର ?

—ବେଶି ନୁହେଁ । ଏଇ ଆଗ ଛକଟା ପାର୍ ହେଲେ ଆମ ବସ୍ତି । ମୁହଁ ହାତ ଧୁଆଧୋଇ କର୍ ତେମେ ପୁଣି ଆସିବଟି ମୋ ସାଙ୍ଗରେ ଏ ଯାତ ଦେଖିବାକୁ ?

— ଯାତ ? ତୁ କ'ଣ ଘରୁ କିଛି ଚିଠି ପାଇନୁ କରେ ? ବସାରେ ପହଞ୍ଚି ଏ ପ୍ରଶ୍ନ କରିବାକୁ ଉପେନ୍ଦ୍ରର ତର ସହିଲାନି ।

—ନା, ମୁଁ ତ କିଛି ଜାଣିନି । କ'ଣ ହୋଇଚି ? ଦି ଦିନ ହେଲା ମୁଁ ଟଙ୍କା ପଠେଇଚି । ବୋଉ ଆଜ ପାଇଥିବ । ଗାଁକୁ ଯାଇଥିଲ ? ବୋଉ ସାଙ୍ଗରେ ଦେଖା ହୋଇଚି ? ମାଧୀ କେମିତି ଅଛି ? ତାଠୁ ବି କେତେ ଦିନ ହେଲା ଚିଠି ପାଇନି ମୁଁ ।

ଏ ଭିତରେ ବସାଘର ହୋଇଯାଇଥିଲା । ପକେଟରୁ କଞ୍ଚି କାଢ଼ି, ଆଲିଗଡ଼ ତାଲାଟାକୁ ଖୋଲି ଘାର ସୁ' ଘର ଭିତରକୁ ପଶିଲା, ଉପେନ୍ ଦେଖିଲା ଆଠ ଫୁଟ ଚଉଡ଼ା, ଦଶ ଫୁଟ ଲମ୍ବା ଏକ ଅପ୍ରଶସ୍ତ ଘରର ଚଉହଦ ଭିତରେ ଧକ ଧକ ହୋଇ ଜଳୁଚି ଫଟା କାଚର ଲଣ୍ଠନ । ଘରର ଗୋଟେ କଣକୁ ଟିଣର ଗୋଟାଏ ଉଠା ଚୁଲୀ । ଚୁଲୀ ପାଖକୁ ଦି ଖଣ୍ଡ ଚେପ୍‌ଟା ରସ ଡେକ୍‌ଚି, ପାଞ୍ଚ ଛ' ପଟ ପିତଳ ଥାଳ, ତିନି ଗୃର ଖଣ୍ଡ ଟିଣ ସୁଟ୍‌କେସ୍, ଖଣ୍ଡେ ଦିଟଣ୍ଡ ଚେଟଗ ଦରଫଟା ହୋଇ ଥୁଆ ହୋଇଚି କାନ୍ଥ ପାଟକୁ । ଛିଣ୍ଡା ସପ ମସିଣା ଟଣ୍ଡେ ତଳେ ପଡ଼ିଚି । ଆଉ ଗୋଟେ କଣକୁ ଡେଗ ହୋଇଚି ତାଲ ଖଜୁରୀ ପଟି ଦିଖଣ୍ଡ । ମୁଣ୍ଡା ଗୁଞ୍ଜୁଣୀ ଖଣ୍ଡେ ପଡ଼ିଚି ବାଲ୍‌ଟି ପାଖରେ । ତାଲାଟାଏ ମୁହଁ ଓଗାଡ଼ ପଡ଼ିଚି ପାନବଟା ପାଖରେ । ମଇଳା କୋଚଟା ଚକଆ ଖଣ୍ଡେ ସପର ଗୋଟେ ପାଖକୁ । ଇଟାର କାନ୍ଥ, ହେଲେ ସେଥିରେ ଚୂନ ଲିପା ହୋଇଛି କି ମାଟି ଗୋବର, କିଛି ସ୍ପଷ୍ଟ ହୋଇ ବୁଝା ପଡ଼ୁନି । ଘର ଭିତରେ ସେଷେଇ ଧୂଆଁର ମଳିନତାର ସ୍ତୂପ । ହେବନ୍ କୌତୂହଳ ଦୃଷ୍ଟିରେ କିଛି କ୍ଷଣ ବଖରାଟିର ପରିବେଶ ସହିତ ନିଜକୁ ଅଭ୍ୟସ୍ତ କରିନେଲା ପରେ ଉପେନ୍ ପଚାରିଲା—ପାଣି ଅଛି ?

—ବାଲ୍‌ଟିରେ ଟିକେ କେଜାଣି···କହି ଏର ଉଠିଯାଇ ଓବୁଡ଼ି ପଡ଼ିଥିବା ଚେପ୍‌ଟା ରସ ତାଲାଟାକୁ ଉଠେଇ ବାଲ୍‌ଟିରୁ ପାଣି ଢାଳେ

ଆଣି ଉପେନ୍‌କୁ ଦେଲା । କହିଲା—ବାହାରେ ଗୋଡ଼ ଧୋଇ ଆସ । ଝାଡ଼ା ଝପଟ ଯିବନା ?

—ନା, ସେ କାମ ଗାଡ଼ିରେ ବଢ଼େଇ ଦେଇଚି ।

—ତା ହେଲେ ଧୁଆଧୋଇ ହେଇପଡ଼ । ସେତେଣ ହୋଟେଲକୁ ଯିବା । ରାତିରେ ଭାତ ଖାଅ ନା ରୁଟି ?

—ହାଣ୍ଡିରେ ପଖାଳ ନାହିଁ ତୋର ? ମୁଠାଏ ଯାହା କଛୁ ହେଇଗଲେ ମୁଁ ଆଉ ଯାଆନ୍ତିନି କୁଆଡ଼େ । ଅନେକ କଥା ଅଛି ତୋ ସଙ୍ଗେ ।

—ସ୍ବର ଛ'ଦିନ ହେଲା ରାତିରେ ଆମର ଆଉ ସ୍ପେଷେଲ ହଜନ । ଯାତରେ ମାତିଛନ୍ତି ସଭିଏଁ ।

—ସଭିଏଁ ? ତୁ, ଆଉ କିଏ ?

—ଏ ଘରେ ଆମେ ଦଶ ବାର ଜଣ । ସମସ୍ତେ ଯାଆନ୍ତି ବାଇ ।

—ଏଇ ଘରେ ଦଶ ବାର ଜଣ ? ରହ କୁଠି ? ଏ ଘରେ ?

—କାଇଁକି, ଉପରେ ଭଡ଼ ଅଛି ପରା !

ବାହାରୁ ଗୋଡ଼ ଧୋଇ ଆସି ଘରଭିତରେ ଉପରକୁ ଅନେଇ ଗାମୁଛାରେ ହାତ ପୋଛୁ ପୋଛୁ ଅବାକ୍ ହେଇ କହିଲା ଉପେନ୍— ଏ ଭାଡ଼ିରେ ଏ ଗରମ ଦିନରେ ଶୁଅ କେମିତି ରେ ?

—ସେଇମିତି ଶୋଉ, କେମିତି କ'ଣ ? ବିଦେଶରେ ଆଉ ଏତେ ସବୁ ଖୋଜିଲେ ଚଳିବ ?

—ଚଟକଲରେ କାମ କରୁଚୁ ପରା, ତତେ ଘର ମିଳିନି ?

—ଦଶ ଦଶ ବର୍ଷ ମୁକରର ହୋଇ ଏଯାଏ ତ ଘର ପାଇ ନାହାନ୍ତି ଲୋକେ, ମୋର ତ ଜମା ଆଠ ମାସ ।

ହାତ ଗୋଡ଼ ପୋଛି, ସପ ଉପରେ ବସିପଡ଼ିଲା ଉପେନ୍। ପଚାରିଲା—ତୁ କ'ଣ ଆଜ ଯାତ ଦେଖିବାକୁ ଯିବୁ ?

—ଟିକିଏ ଥଙ୍ଗ ଥଙ୍ଗ ହେଲା ସୀର। କହିଲା—ତମେ ଯିବନି କି ?

—ଯାତ ମତେ ଭଲ ଲାଗେନି। ତୋ ଗଳା ଟିକିଏ ଭଲ ବୋଲି କବିସୂର୍ଯ୍ୟ ଚମ୍ପୂ ମୁଁ ଖୁସାମତ୍ କରି ଶୁଣେ ତୋ'ଠୁ। ଛ'ଦିନ ହେଲା ଯାତ ତୁ ଦେଖିଲୁଣି, ଆଜି କ'ଣ ନ ଗଲେ ଚଳିବନି ?

—ଚନ୍ଦ୍ର ନ ଚନ୍ଦ୍ର, ତମେ ଯେତେବେଳେ ଆଇଚ, ମୁଁ ଆଉ ଦେଖିବାକୁ ଯିବି କ'ଣ ? ତେବେ ଯାଉଚି ମୁଁ ହୋଟେଲ୍‌କୁ। ତମ ପାଇଁ ଖାବାର ନେଇ ଆସିବି। ଆଉ ସେଠେ କହିଦେଇ ଆସିବି, ଗାଁରୁ ନନା ଆଇଚନ୍ତି, ହୁସିଆରରେ, ଗୋଳମାଳ ନ କରି, ଯାତ କରିବ। ଆଜି ଆମ ଚଟକଲର ହାଜିରବାବୁ ତା ପିଲାଛୁଆ ନେଇ ଯାତ ଦେଖି ଆଇଚି। ସେଣବାବୁ ଭାରି ଭଲ ଲୋକ।

—ଉପେନ୍‌ଠୁ କିଛି ଶୁଣିବାକୁ ଅପେକ୍ଷା ନ କରି ସୀର ଚାଲିଗଲା ବାହାରକୁ। ଲଣ୍ଠନକୁ ଅଳ୍ପ ଟିକିଏ ତେଜଦେଇ ଉପେନ୍ ଗଡ଼ି-ପଡ଼ିଲା ସେଇ ଛିଣ୍ଡା ସପ ଉପରେ। ଚିତ୍ ହୋଇ ଛାତ୍ ଆଡ଼କୁ ଅନେଇ ଉପେନ୍ ଭାବିଲା, ସୀରର ଏଇ କୁଲି ମୂଲିଆ ଜୀବନ, ଏଇ କଲିକତା ପୁରି, ଏଇ ଯାତ ସୁଆଙ୍ଗର ଆନନ୍ଦମୁଖର ଦିନ। ଏଠି ଶହ ଶହ ମାଇଲ ଦୂର ପଲ୍ଲୀ ଗାଁ ସ୍ମୃତିର ଅବକାଶ କାହିଁ ? ରୋଗୀ-ଉପାସୀ ମା'ର ଦୁଃଖ, ଆଉ ହତଭାଗୀ ବିଧବା ଭଉଣୀ ପାଇଁ ଚିନ୍ତାର ପ୍ରୟୋଜନ କାହିଁ ? ଏଠି ଚଟକଲ ହାଜିରବାବୁ, ସେନ୍ ସାହେବର ପରିବାରକୁ ଓଡ଼ିଆ ଯାତ୍ରା ସୁଆଙ୍ଗର ପାଲା ଦେଖେଇବାରେ ଯେ ଗର୍ବ ଆଉ ହୋଟେଲ୍‌ରେ ବସି ବଙ୍ଗାଳୀ "ଖାବାର" ଖାଇବାରେ ଯେ ଅହଙ୍କାର, ତା ପାଖରେ କେତେ ଟିକିଏ ବା ଦାରିଦ୍ର୍ୟପ୍ରପୀଡ଼ିତ ପଲ୍ଲୀଗାଁର ମମତା। ସୁଧାମଣିଙ୍କର କାଳ ହୋଇଯାଇଚି ଔଷଧ ଟିକିଏ ନ ପାଇ, ଖାଇବାକୁ

ନ ପାଇ ମାଧବୀ ବାହାଣୀ ସଙ୍ଗେ ଗାଁ ଗୁଣ୍ଡ ଚଳେଇ ଆସିଛି । ଏ ଖବର ନବା ଘରର ଦରକାର କ'ଣ ? ଠିକ୍ ସମୟରେ ଟଙ୍କା ପଠେଇଥିଲେ ସୁଧାମଣି ହୁଏତ ଏ ଘାଟୀଟା ପାର ହୋଇ ଯାଇଥାନ୍ତେ ! ଆଜି ମାଧବୀ ହୁଏତ ଅପେକ୍ଷା କରିଥାଆନ୍ତା ବୃହତ୍ତର ଜୀବନର ସଦ୍‌ଗତି ଆଶାରେ ! କିନ୍ତୁ ଯାତ ସୁଆଙ୍ଗର ଓସ୍ତାଦ କରିବାରେ ଘରର ସମୟ କୁ'ଠି ଥିଲା ଡାକଘରକୁ ଯାଇ ଠିକ୍ ସମୟରେ ମନିଅର୍ଡ଼ର କରିବାକୁ ? ମନିଅର୍ଡ଼ର ପାଇଁ ଟଙ୍କା ବା କୁ'ଠି ଥିଲା ଦରମା ପାଇବାର ପରଦିନ !

ପଗାରର ଖାମ ହୁଏତ ତାର ନିଃଶେଷ ହୋଇଯାଇଛି ଫାଟକ ଡେଇଁ ରାସ୍ତା ଉପରକୁ ଆସୁ ଆସୁ । ହୋଟେଲର ମାଲିକ ନେଇଛି, ଖାବାର ଗୁଣ୍ଡିଆ ନେଇଛି, ଗୁଡ଼ଲ ଦୋକାନର ସାହୁକାର ନେଇଛି, ଆଉ ନୋଟଶୂନ୍ୟ ଖାମ୍‌ର କାଗଜଟାକୁ ହାତରେ ମଳିଚି ମକଚି ଦି' ପଦ ଆଚ୍ଛାକର ଶୁଣେଇ ଦେଇଛି ପାନ ଦୋକାନୀ ରାମପୂଜନ ସିଂ । ଓସ୍ତାଦ କରିବାର ପାଉଣା ଆଦାୟ କରି, କିଛି ପାନବାଲାକୁ ଦେଇ, କିଛି ରୁଗ୍ଣା ଜନନୀ ଉଦ୍ଦେଶ୍ୟରେ ଦୂର ଗାଁକୁ ପଠାଇବାରେ ଢେର ହୋଇଛି ଅଭିନେତା ଶରେନ୍ଦ୍ରକୁମାରର । ତ୍ରେତୟା ଯୁଗର ରାମଚନ୍ଦ୍ର, କିମ୍ବା ଦ୍ୱାପର ଯୁଗର ଶ୍ରୀକୃଷ୍ଣ ଅବା ରାଧାନାଥଙ୍କ କାବ୍ୟଯୁଗର ବିଖ୍ୟାତ ନାୟକ କେଦାର ।

ଉପେନ୍ଦ୍ରର ଚିନ୍ତାରେ ବାଧା ପଡ଼ିଲା । ହାତରେ 'ଖାବାର' ନେଇ ଫେରିଆସିଲା ଶର । ପିତ୍ତଳ ଥାଳି ଉପରେ ସେସବୁ ଢାଳି ରଖି ଉପେନ୍ ପାଖକୁ ଆଗେଇ ଦେଇ କହିଲା—ଖାଅ ନନା ! ଯାହା ହଉଚି, ଖାବାର ଦୋକାନରେ ମିଠା ସଞ୍ଜ ପହରୁ ଶେଷ ।

—ନା, ନା । ଏଇ ମୋର ଯଥେଷ୍ଟ ହେବ । ଗାଡ଼ିରେ ଆସିଚି, ଭୋକରେ ପେଟ ଜଳୁଚି । ଚୂଡ଼ା ମୁଢ଼ି ହୋଇଥିଲେ ବି ମୋର ଚଳିଥାନ୍ତା ।

—ଛତୁଆ ଥିଲା ପାଖରେ, ହେଲେ ରାତିଟାରେ କ'ଣ ତାକୁ ଖାଇ ଶୋଇଥାନ୍ତ ? କହି ଗିଲାସରେ ପାଣି ଆଣି ରଖିଦେଲା ଶର । ଠିକ୍ ଏତିକିବେଳେ ଲଣ୍ଠନଟା ଦୁଇ ଥର ଦପ୍ ଦପ୍ ହୋଇ ଜଳି ଉଠିଲା ।

—ତେଲ ନାହିଁ ନା କ'ଣ ? ଯାତରେ ସମସ୍ତେ ଭୋଳ । ଅସୁମାରି ଲୋକ । ପଖାଳ କଂସାଏ କଂସାଏ ଖାଇ ସଞ୍ଜବୁଡ଼ୁ ଯାଇ ଚକା ମୁଣ୍ଡି ପକେଇ ବସିଛନ୍ତି ପଡ଼ିଆରେ । ଲଣ୍ଠନରେ ତେଲ ନାହିଁ । ସେ ଆଡ଼କୁ ହୁସ୍ ନାହିଁ କାହାର । ଗୋଟାଏ ଲୋକ, କୁଆଡ଼କୁ ଦେଖିବ ମୁଁ ? ସମସ୍ତେ ତ ଉପୁଡ଼ଙ୍ଗରିଆ ବାବୁ ।

ଘରକରଣାର ଦୈନ୍ୟକୁ ଘୋଡ଼େଇବା ପାଇଁ ସୀରର ଏ ଲମ୍ବା କୈଫିୟତ ଉପେନ୍ଦ୍ରକୁ ଟିକିଏ ହସେଇଲା । ସାନ୍ତ୍ୱନା ଦେଲା ପରି ଅର୍ଦ୍ଧସ୍ୱଗତ ଗଳାରେ କହିଲା ଉପେନ୍—ନ ଥାଉ କିରାସିନ, କ'ଣ ହବ ଆଉ ଆଲୁଅ ? ଏଇ ତ ମୋର ଖିଆ ସରିଲା । ଲିଭିବ ଯଦି ଲିଭୁ । ବ୍ୟସ୍ତ ହଉଚୁ କାହିଁକି ?

—ନାଇଁ, ନାଇଁ, ଅନ୍ଧାରଟାରେ ଖାଇବ ! ଡିବିରି ଗୋଟାଏ ଥିଲା, ଦେଖେ କାଳେ ସେଥିରେ ଯଦି ତେଲ ଥିବ । କହି କାନ୍ଥ ଦିହରେ ମରା ହେଇଥିବା ଖଣ୍ଡେ କାଠ ପଟା ଆଡ଼କୁ ଅନେଇଲା ସୀର । କିନ୍ତୁ ଡିବିର କୌଣସି ଚିହ୍ନ ବର୍ଣ୍ଣ ବି ଦେଖିଲା ନାହିଁ । ଓ, ତାର ମନେ ପଡ଼ିଲା । ସେପାଖ ଘରର ମୂଳିଆ ଜେନା, ଦି ଦିନ ତଳେ ମାଗି ନେଇଚି ଡିବିଟାକୁ । ବିରକ୍ତିରେ ସେ ଗୋଟାଏ ଦୀର୍ଘନିଶ୍ୱାସ ପକେଇଲା ।

ଏତିକିବେଳେ ପୁଣି ତିନି ଥର ଧପ୍ ଧପ୍ ହେଇ ଲିଭିଗଲା ଲଣ୍ଠନ ।

ଉପେନ୍ଦ୍ରର ଖିଆ ସରି ଯାଇଥିଲା । ଥାଳଟାକୁ ଉଠେଇ ରଖିଦେଲା ସୀର ଚୁଲି ମୁଣ୍ଡକୁ । ସେଇ ଅନ୍ଧାରରେ ଦୁଆର ବାହାରକୁ ଉଠିଯାଇ, ହାତ ଧୋଇ, ଡାଳଟାକୁ ବାଲ୍‌ଟି ଭିତରେ ରଖି, ସପ ଉପରେ ଆସି ବସିଲା ଉପେନ୍ । କି ଗରମ ! ଦୁଆରଟା ଖୋଲା ଥାଉ । ଅନ୍ଧାରରେ ଦରିଣ୍ଡି ଗାମୁଛାଟା ବଢ଼େଇଦେଲା ସୀର । ଉପେନ୍ ହାତ ପୋଛିଲା । ତ ପରେ..... ..

—ହଁ, ହଠାତ୍ କୁଆଡ଼େ ଆସିଲ ଉପେନନା ?

—କୁଆଡ଼େ ଆସିଲା ଏ ପ୍ରଶ୍ନର କ'ଣ ଉତ୍ତର ଦେବ ଉପେନ୍ ? ସେ ଟିକଏ ଭାବିଲା । କିନ୍ତୁ ଏ ଅନ୍ଧାର ଭିତରେ, ତାକୁ କ'ଣ ବୁଦ୍ଧି ଦିଶିଲା ? ସେ କ'ଣ କହିବ ?

—ସେ ଗୁମ୍ ହୋଇ ବସିଲା ।

ଟିକଏ ଆଗରୁ ଲଣ୍ଠନ ଲିଭିଯାଇଚି । ଆଲୁଅର ଶେଷ ଆଭାସ ଏପର୍ଯ୍ୟନ୍ତ ବି ଅନ୍ଧାର ଭିତରେ ଯେମିତି ଭାସିବୁଲୁଚି ।

ସେ ଭାସିବା ଆସ୍ତେ ଆସ୍ତେ ମିଳେଇଗଲା ଅନ୍ଧାରରେ । ଗାଢ଼ ହୋଇଉଠିଲା ଅନ୍ଧାର । କରୁଣତାରେ ଆର୍ଦ୍ର, ସ୍ତବ୍ଧତାରେ ଭୟଙ୍କର । ଇସ୍, କି ଭୟଙ୍କର ଅନ୍ଧାର !

—କିଚ୍ଛି କହୁନ ଯେ ଉପନନା ?

—ହଁ । ଉପେନ୍ଦ୍ରର ଗଳା ଅସ୍ପଷ୍ଟ ।

—ନିଦ ଲାଗୁଚି ? ଶୋଇବ ?

—ନା ।

—କୁଆଡ଼େ ଅ'ଇଚ ?

—ଶୁଣିବୁ ତ, ଏତେ ତରତର କାହିଁକି ? କାଲି ସକାଳେ କହିଲେ ହବନି ?

—ସକାଳେ କହିବ ? ହଉ, ତୁମେ ତା'ହେଲେ ଶୁଅ, ମୁଁ ଟିକିଏ ଯାଇ ଆଡ଼୍ବୁଲିଆସେ ।

—ଯିବୁ, ଯା ।

—ତୁମେ ତା'ହେଲେ ଶୁଅ ।

—ହଁ, ମୁଁ ଶୋଇବ ଯେ !

ସେଇ ଅନ୍ଧାରରେ ଉଠି ଛୁଡ଼ାହେଲା ସୁଆଙ୍ଗର ନାୟକ ବୀର। ଦୂରରୁ ଭାସିଆସୁଚ କ୍ଲାରେନେଟ୍‌ର ତରଙ୍ଗିତ ମୂର୍ଚ୍ଛନା । ବେହେଲାର ସକରୁଣ ରାଗ ଯେପରି ମିଶି ହଜଯାଉଚ କ୍ଲାରେନେଟ୍‌ର ଉଚ୍ଛ୍ୱସିତ ଲହର ଭିତରେ । ତବଲାର ମୃଦୁ ଚିପା, ପଖୋଜର ଚଦ୍ଧଳ ଆଁବାଜ୍ ସ୍ୱରର ସମନ୍ୱୟତା ଭିତରେ ଯେପରି ମାଟିଆ ବୁରୁଜର ନିଃସୁପ୍ତ ଆତ୍ମାକୁ ମୋହାଚ୍ଛନ୍ନ କରି ତୋଳୁଛି ।

ଅନ୍ଧାର ଭିତରେ କେତେବେଳେ ଦୃଷ୍ଟିହୀନ ହେଇଯାଇଚ ବୀର, ଠିକ୍ ବୁଝିପାର ନାହିଁ ଉପେନ୍ । ଯେଉଁ ସପ ଉପରେ, କାନ୍ଥକୁ ଆଉଜି, ହାତର ପାପୁଲି ଉପରେ ମୁଣ୍ଡ ରଖି, ଢୁଲେଇଲା ପରି ବସି ବସି ଭାବ ବୁଲାଇ ଉପେନ୍ ।

ସେ କାହିଁକି ଆସିଲା କଲିକତା ? କ'ଣ କହିବାକୁ ଆସିଲା ? କହି ବା ଲାଭ କ'ଣ ? ବୀର କ'ଣ କିଛି ବୁଝିବ ? ବୀର କ'ଣ କିଛି ଶୁଣିବ ? ବୀର କ'ଣ କିଛି ବୁଝିବା ଅବସ୍ଥାରେ ଅଛି ?

ଆସିଛି ଯେତେବେଳେ······

ଭଲ ପାଇ ।

ରାତିର ଘୁମନ୍ତ ପ୍ରହରଗୁଡ଼ିକ ଭିତରେ ଉପେନ୍ ଯେତେବେଳେ ଆଗାମୀ ପ୍ରଭାତର ଅପେକ୍ଷାରେ ନିଶ୍ଚିନ୍ତ ମନରେ ଶୋଇ ପଡ଼ିଥିଲା, ତିନିଶ ମାଇଲ ଦୂରରେ, କଟକରେ ଏକ ନିରନ୍ଧ୍ର କକ୍ଷ ଭିତରେ, ଅସରନ୍ତି ରାତିର ନିଃସୁପ୍ତି କାମନା କରି ଭାବନାରେ ଛଟପଟ୍ ହେଉଥିଲା ବ୍ରଜ।

—ଉପେନ୍ ଗଲା କୁଆଡ଼େ ? ହଠାତ୍ ଟଙ୍କାର କି ଦରକାର ପଡ଼ିଲା ତାର ? କି ଅସହାୟ ଅବସ୍ଥାରେ ପଡ଼ି ସେ ଆସିଥିଲା ତା'ଠୁ ଧାର ପାଇଁ ? କାହାଠୁ ବେଇଜତ୍ ହେବା ଭୟରେ, ଅପମାନରୁ ନିଜକୁ ରକ୍ଷା କରିବା ପାଇଁ ସେ କ'ଣ ଆସିଥିଲା କୋଡ଼ିଏଟି ଟଙ୍କା ପାଇଁ ? ଟଙ୍କା ବଦଳରେ ସେ ଦେଲା ତାକୁ ତା ହାତର ସୁନା ମୁଦି। ତାକୁ ନେଇ ସେ କ'ଣ ବିକିଦେଲା ? ବିକି କେତେ ଟଙ୍କା ପାଇଲା ? ମୁଦିଟାର ଦାମ ଅବଶ୍ୟ ଗଢ଼ାବେଳେ କୋଡ଼ିଏ ଟଙ୍କାଠୁ ଯଥେଷ୍ଟ ବେଶୀ ଥିଲା, ତା ସେ ଜାଣେ । କିନ୍ତୁ ଦରକାର ବେଳେ ସୁନାର ମୂଲ୍ୟ ବି କମିଯାଏ ସ୍ଥଳବିଶେଷରେ। କିନ୍ତୁ କୋଡ଼ିଏ ଟଙ୍କାରୁ କମ୍ ପାଇଥିଲେ ଉପେନ୍ ନିଶ୍ଚୟ ତା' ପାଖକୁ ଫେରି ଆସିଥାନ୍ତା। ଫେରିନି ଯେତେବେଳେ, ସେ ନିଶ୍ଚୟ ତା' ଦରକାରୀ ଟଙ୍କା ପାଇଛି। କିନ୍ତୁ ତା' ନେଇ ସେ ଯାଇଛି କୁଆଡ଼େ ?

ଗତ ରାତିରେ ଶରତ୍‌ବାବୁଙ୍କ ଘରୁ ବାହାଘରର ଉତ୍ସବ ସମାରୋହ ଭିତରୁ ଫେରୁ ଫେରୁ ପ୍ରାୟ ରାତି ଦୁଇଟା ହୋଇଯାଇଥିଲା। ଫେରିଆସି ଉପେନ୍ କଥା ଭାବି ଦେଖିବାକୁ କୌଣସି ପ୍ରୟୋଜନ ମନେ କରି ନ ଥିଲା ସେ। କିନ୍ତୁ ସକାଳୁ ଉଠି ଯେତେବେଳେ ବ୍ରଜର ଅନୁସନ୍ଧିତ୍ସୁ ପ୍ରଶ୍ନର ଉତ୍ତର ଦେବାକୁ ଯାଏ, ସେତେବେଳେ ଉପେନ୍ ଆସି ତା'ଠୁ ଟଙ୍କା ନବାର କାରଣ ସେ ଭାବି ବସିଲା। ଆଉ ସେତିକିବେଳୁ ଉପେନ୍ଦ୍ରର ଦୈନ୍ୟ ସମ୍ବନ୍ଧରେ ବ୍ରଜକୁ ବିଶେଷ ଚିନ୍ତିତ ହେବାକୁ ନ ଦେଇ ଗୋଟାଏ ହାଲ୍‌କା ଉତ୍ତରରେ ସେ ଯଦିଓ ତାକୁ ବିଦାୟ କଲା, ତଥାପି ଦିନର

ଉତ୍ତପ୍ତ ପ୍ରହରକଡ଼ିକୁ ଭିତରେ ସେ ଯେପରି ଅପେକ୍ଷା କରୁଥିଲା ଉପେନ୍‌ର ପୁନଃ ଆବିର୍ଭାବ ।

ଉପେନ୍ ଆସିଲା ନାହିଁ । ସମସ୍ତ ସକାଳଟା ଯାଇ ମଧ୍ୟାହ୍ନର ରୌଦ୍ରଦଗ୍ଧ ଆକାଶ ମଳିନ ପଡ଼ି ଆସିଲା ସନ୍ଧ୍ୟାର ଗୋଧୂଳି ଛଟାରେ । ରାତ୍ରିର ଅବଗୁଣ୍ଠନ ତଳେ ଗୋଧୂଳିର ଲୋହିତ ଆଭାସ, ତାʼବି ନିଶ୍ଚିହ୍ନ ହୋଇଗଲା । ଅନ୍ଧାରର ଗମ୍ଭୀରତା ଭିତରେ ଘରର ନିର୍ଜନତା ଯେତେ ବେଳେ କୋମଳ ଆଉ କରୁଣ ହୋଇଆସିଲା, ମନର ନିଃସଙ୍ଗତା ହଠାତ୍ ଯେପରି କଥା କହିଉଠିଲା ବନିତାର ଭାବନା-ରାଜ୍ୟରେ । ସେ କଥା ଯେପରି ଗଭୀର ବ୍ୟଥାରେ ଆର୍ଦ୍ର, ମମତାମୟ ଅନୁଭୂତିର ସ୍ପନ୍ଦନରେ । ଉପେନ୍‌କୁ ନେଇ ତା ଜୀବନର ଗଲା କେତେ ଦିନର ଅନୁଭୂତି । ଉପେନ୍‌କୁ ସେ ଦେଖି ଆସୁଚି । ସେ ଦେଖା ଅବଶ୍ୟ ଦିନର ଗଣତି ଓ ସମୟର ପରିମାପ ଭିତରେ ବିଶେଷ ଉଲ୍ଲେଖଯୋଗ୍ୟ ନୁହେଁ, କିନ୍ତୁ ସେ ଅନୁଭୂତି କି ନିଦାରୁଣ ଭାବରେ ଜୀବନ୍ତ !

ଶେଯ ଛାଡ଼ି ବନିତା ଆସି ଠିଆହେଲା ଝରକା ପାଖରେ । ନକ୍ଷତ୍ରଖଚିତ ଆକାଶ, ଗଭୀର ପ୍ରଶାନ୍ତିରେ ସ୍ତବ୍ଧ । କଠୋର କର୍ମକ୍ଳାନ୍ତ ଅତ୍ମା ସେ ସ୍ତବ୍ଧତା ଭିତରେ ସମସ୍ତ ସତ୍ତା ହରାଇ ଯେପରି ବିଲୀନ ହୋଇଯାଇଚି । ଏ ବିଲୀନତା ଭିତରେ କୁʼଠି ଅଛି ଉପେନ୍ଦ୍ରର ସ୍ମୃତି ! କୁʼଠି ଅଛି ଉପେନ୍ଦ୍ର ଦେହ ଉତ୍ତାପର ଆଭାସ ! କୁʼଠି ଅଛି ଉପେନ୍ଦ୍ରର ଦୁଃଖର ଅବଶେଷ ! କୁʼଠି ଆତ୍ମଗୋପନ କରି ରହିଛି ଉପେନ୍‌ର ଦାରିଦ୍ର୍ୟର ହାହାକାର ! ତାର ଇଚ୍ଛା ହେଲା, ଶଙ୍କିତ ପଦକ୍ଷେପରେ ସେ ଯିବ ସେଇଠିକି । ସମସ୍ତଙ୍କ ଅଗୋଚରରେ, ରାତ୍ରିର ନିର୍ଜ୍ଜନ ପ୍ରହର ଭିତରେ, ଅଭିସାରିକା ବେଶରେ । ସେ ଯିବ ନିର୍ଝରିଣୀ ପରି । ଯାଇଁ ବସିବ ତନ୍ଦ୍ରାଚ୍ଛନ୍ନ ଉପେନ୍ଦ୍ରର କ୍ଳାନ୍ତ ମଥା ଉପରେ । ଆଉ ତାର ଅଲକ୍ଷ୍ୟରେ ସମସ୍ତ ଜଞ୍ଜାଳକୁ ତାର ପୋଛିଆଣିବ ଦୁଇ ହାତରେ । ଅଞ୍ଜଳି ଭରି ଘେନି ଆସିବ ତାର ଦୈନ୍ୟ । ଆଉ ରଖିଦେଇ ଆସିବ, ତାʼ ମହାର୍ଘ ପ୍ରାଣର ଅସରନ୍ତି ପ୍ରେମ ।

ହଠାତ୍ ସକାଳୁ ଉଠି ଉପେନ୍ ଚମକି ଉଠିବ । ଦେଖିବ, ସେ କେବଳ ବନିତାର ଅଙ୍ଗସ୍ପର୍ଶ ଆଣିନି, ସେ ନେଇଆସିଚି ତାର ସମସ୍ତ ଅସମାଧିତ ପ୍ରଶ୍ନର ଏକ ପରିପୂର୍ଣ୍ଣ ଉତ୍ତର । ସାର୍ଥକତାର ଏକ ଉଜ୍ଜ୍ୱଳ ପ୍ରଭାତ । ଜୀବନର ଦିଗନ୍ତରେ ନୂତନ ସୂର୍ଯ୍ୟୋଦୟର ସୂଚନା ବାର୍ତ୍ତା ।

ଏକ ଉତ୍ତେଜନାରେ ବନିତାର ସମସ୍ତ ଦେହ ଶୀତେଇ ଉଠିଲା । ସେ ପୁଣି ଫେରିଆସିଲା ଶେଯ ଉପରକୁ । ସୁଦୂର ନକ୍ଷତ୍ରର କ୍ଷୀଣ ଜ୍ୟୋତ୍ସ୍ନା ଘରର ଅନ୍ଧକାରକୁ ଧୂସର କରି ତୋଳିଚି । ପ୍ରଶସ୍ତ କକ୍ଷର ଗୋଟିଏ କଣକୁ ବେଲଜିୟମ ଗ୍ଲାସ୍‌ର ବିରାଟ ଟେବୁଲ ଆଇନା ଝକ୍ ଝକ୍ କରୁଚି । ଅନ୍ଧାରର ବିରାଟତ୍ୱ ସହିତ ଗୋଟିଏ ଚତୁଷ୍କୋଣ ଶୁଭ୍ରତାର ଯେପରି ଚାଲିଚି ଏକ ସାଲିସ୍ ଆଉ ସଂଘର୍ଷର ଦ୍ୱନ୍ଦ୍ୱ । ଘରର କାଳିମା ଯେପରି ସେଇ ଶୁଭ୍ରତାର କଣ୍ଠ ଅବରୁଦ୍ଧ କରି, ତାର ସମସ୍ତ ଅବସ୍ଥିତିକୁ ପିଷ୍ଟ କରି ନିଶ୍ଚିହ୍ନ କରିଦେବାକୁ ଚାହେଁ । ଆଉ ଦେହର ଉଜ୍ଜ୍ୱଳତା ଭିତରେ ପ୍ରାଣର ସମସ୍ତ ଶକ୍ତି ନେଇ ସେଇ ଚାରିକୋଣିଆ ଆଇନା ଖଣ୍ଡକ ଯେପରି ତାର ସମସ୍ତ ମହିମାକୁ ଆଉରି ଉଜ୍ଜ୍ୱଳ କରି ପ୍ରକଟ କରିବା ସାଧନାରେ ଅବିଚଳିତ ଓ ଅଟଳ ।

ସେଇ ଅନ୍ଧାର ଭିତରେ ବନିତା ଯାଇ ଠିଆହେଲା ଆଇନା ସାମନାରେ । ଜୀବନରେ ଏଇ ପ୍ରଥମ ଅନ୍ଧାର ଘର ଭିତରେ, ଗଭୀର ନିର୍ଜ୍ଜନ ନିଃସୁପ୍ତି ଭିତରେ ଟେବୁଲ ଆଇନା ସାମନାରେ ଠିଆହୋଇ ସେ ତାର ଦେହର ଲାବଣ୍ୟକୁ ଏପରି ନିରୀକ୍ଷଣ କରି ଦେଖିବାରେ କୌତୂହଳୀ ହୋଇଉଠିଲା । ଆଶ୍ଚର୍ଯ୍ୟ ! ଅନ୍ଧାର ଭିତରେ ବି ଆଇନାରେ ସେ ଦେଖିପାରୁଚି ତା ମୁହଁର ଏକ ଅଦ୍ଭୁତ ଶ୍ରୀ । ସୁନା ପରି ଝକ୍ ଝକ୍ ନୁହେଁ, ଦିନର ଆଲୁଅ ପରି ଉଜ୍ଜ୍ୱଳ ନୁହେଁ, କଳା ମେଘର ଝାଲର ତଳେ କଞ୍ଚିତ୍ ଜ୍ୟୋତ୍ସ୍ନାର କରୁଣ ମଳିନତା ଯେପରି ପ୍ରାଣବନ୍ତ ହୋଇ ଚକ୍ ଚକ୍ କରି ଉଠୁଚି । ନିଜର ଏପରି ସୁକରୁଣ ରୂପ ସେ ଆଜି ପର୍ଯ୍ୟନ୍ତ କାହିଁ କେବେ ତ ଦେଖି ନ ଥିଲା !

ନିସ୍ତବ୍ଧ ଭଙ୍ଗୀରେ କେତେବେଳ ଯାଏ ଆଇନାର ଶୁଭ୍ରତା ଭିତରେ, ନିଜକୁ ନିରୀକ୍ଷଣ କରିବାର ଆଶ୍ଚର୍ଯ୍ୟ ଅନୁଭୂତିରେ ସ୍ପନ୍ଦିତ ହୋଇ ଠିଆହେଲା, ତା ସେ ନିଜେ ଜାଣେନା । ତା ପରେ ପଲଙ୍କ ଉପରକୁ ଫେରିଆସି ସେ ଯେତେବେଳେ ଶୋଇବାର ବ୍ୟର୍ଥ ଚେଷ୍ଟା କଲା, ସେତେବେଳେ ଅଜାଣତରେ ତା' ବାଁ ହାତର ସେଇ ଆଙ୍ଗୁଠି ସମ୍ବନ୍ଧରେ ସଚେତନ ହୋଇଉଠିଲା, ଯୁଁ ଆଙ୍ଗୁଠିରୁ ମୁଦିଟି କାଢ଼ି ସେ ଦେଇଥିଲା ଉପେନ୍‌କୁ । ସମସ୍ତ ଆଙ୍ଗୁଠିଟିକୁ ଡାହାଣ ହାତରେ ସେ ଥରେ ଗଭୀର ଭାବରେ ଚୁପି ସ୍ପର୍ଶ କଲା । ହାଡ଼ର କଠିନତା ଉପରେ ପୁଳାଏ ନରମ ମାଂସର କୋମଳତା ଅନ୍ଧାର ଭିତରେ ଅନୁଭବ କଲା । ଆଙ୍ଗୁଠିର ନିମ୍ନଭାଗରେ ଗୋଟିଏ ଗଭୀର ଦାଗ । ବହୁ ବର୍ଷ ଧରି ସେ ମୁଦିଟି ପିନ୍ଧିଥିଲା । ତା ଜୀବନର ବହୁ ସୁଖଦୁଃଖର ଅନୁଭୂତି ସଞ୍ଚିତ ଜଡ଼ିତ ଥିଲା ଅଙ୍ଗୁରୀୟଟିର ନିର୍ଜୀବ ପ୍ରାଣର ମୌନ ସମ୍ମତି । ବହୁ ଦୃଶ୍ୟର ମୂକସାକ୍ଷୀ ରୂପେ ସେ ଦେଖିଆସିଛି ତା ଭାଗ୍ୟର କେତେ ଉତ୍‌ଥାନ ପତନ, କେତେ ପରିବର୍ତ୍ତନର ତରଙ୍ଗ ଲୀଳା । କାଲଠୁ ସେ ମୁଦିଟି ଦେଇଦେଇଛି ଉପେନ୍‌କୁ, ଦାଗଟି କିନ୍ତୁ ରହିଯାଇଛି । ରହି-ଯାଇଛି ଅନୁଭୂତିର ଶିହରଣ ଆଉ ମର୍ମ୍ମିଳ ବେଦନାର ଲୋହିତ ସ୍ପନ୍ଦନ । ସମୟର ପ୍ରବାହ ଭିତରେ ସେ ଦାଗଟି ହୁଏତ କ୍ରମେ ଲଭି ନିଶ୍ଚିହ୍ନ ହୋଇଯିବ । କିନ୍ତୁ ଆଙ୍ଗୁଠିରୁ ମୁଦିଟି କାଢ଼ି ଦବା ପଛରେ ତା' ଉଚ୍ଛ୍ୱସିତ ପ୍ରାଣର ଯୁଁ ଆବେଗ, ସେ ଯଦି ସେଇମିତି ମନର କୋମଳତା ଉପରେ ଅକ୍ଷୟ ସ୍ମୃତିର ଚିହ୍ନ ସ୍ୱରୂପ ରହିଯାଆନ୍ତା ଜନ୍ମ ଜନ୍ମାନ୍ତର ପାଇଁ, ତା ହେଲେ...

ବନିତା ଆଉ ଭାବିପାରିଲା ନାହିଁ, ତା ଦେହ ରୋମାଞ୍ଚିତ ହୋଇଉଠିଲା । ଉତ୍ତୀର୍ଣ୍ଣ ରାତ୍ରିର ଧୂସରତା ଭିତରେ ଆଗାମୀ ପ୍ରଭାତର ଶୁଭ୍ରତା କ୍ରମଶଃ ସ୍ପଷ୍ଟ ହୋଇ ଆସୁଥିଲା ସୁଦୂର ଆକାଶର ଗୋଟିଏ ପ୍ରାନ୍ତରେ । ବାତାୟନ ପାଖକୁ ଉଠିଯାଇ ପ୍ରବହମାନ ମୁହୂର୍ତ୍ତଗୁଡ଼ିକର ତରଙ୍ଗ ଭିତରେ ସେ ଲକ୍ଷ୍ୟ କଲା କିପରି ସୂର୍ଯ୍ୟୋଦୟର ଲୋହିତ ରାଗ ନିଜକୁ ପ୍ରକଟ କରିବାର ଅସହ୍ୟ ବେଦନାରେ ଛଟପଟ କରୁଛି ।

ଉପେନ୍‌ର ନିଦ ଭାଙ୍ଗିଲା ଯାଆଫେରନ୍ତା ଲୋକଙ୍କ ହଟ୍ଟ-ଗୋଳରେ ।

ଫରଚ୍ଛ ହୋଇଯାଇଛି । ଝଲକାଏ ସୂର୍ଯ୍ୟକିରଣ ଆସି ପଡ଼ିଛି ଘର ଭିତରେ ।

ଶେଯ ଉପରେ ଧଡ଼ପଡ଼ ହୋଇ ଉଠିବସିଲା ଉପେନ୍ ।

ରାତିରେ ନିଦ ହୋଇଛି ତ !—ପଚାରିଲା ବୀର । ତା ସାଙ୍ଗସାଥି ଗୋଟାଏ ଗୋଟାଏ ଦଣ୍ଡବତ ପକେଇଲେ ଉପେନ୍ ଉଦ୍ଦେଶ୍ୟରେ ।

—ଏତେବେଳଯାଏ ଯାତ୍ରା ହଉଥିଲା ? ଉପେନ୍ ପଚାରିଲା ।

—ରାବଣ ବଧ ସୁଆଙ୍ଗ ।—ଜଣେ କହିଲା ସେମାନଙ୍କ ଭିତରୁ—ମଝିରୁ ପୁଳାଏ ପୁଳାଏ କାଟିଦେଲେ, ନଇଲେ ବେଳ ପହରେ ହୋଇଥାନ୍ତା ।

—ହଉ, ତମ ନିତ୍ୟକର୍ମ ସାର ଉପେନନା ! ମୁଁ ଆଜି କାମକୁ ଯିବି ନାହିଁ । ସେଣବାବୁକୁ କହି ଆଇଛି, ସେ ହାଜିରା ପକେଇଦବ । କାଲି ରାତିରେ ଅଧାଖିଆ ହୋଇ ଶୋଇଛ । ମୁହଁ ହାତ ଧୁଆଧୋଇ କର, ଗାଧୋଇ ଚଢ଼ିବ ଯଦି ଚାଲ କଳ ପାଖକୁ । ଭୁ ନଇଲେ ବାଲ୍‌ଟି ଆଉ ଲୋଟାଟା ନେଇଯିବୁଟି ରେ ଫକୀର, ମୁଁ ଏଣେ ଘର କାମ ଶେଷ କରିଦିଏ ।

ସାତ ଆଠ ଜଣ ଯୁଅନ ଢେଣ୍ଡିଆ ସମସ୍ତେ ଗୋଟାଏ ସ୍ୱରରେ କହିଲେ—ନା, ଓସ୍ତାଦ୍, ତମେ ବାବୁଙ୍କୁ ନେଇ କଳମୂଳକୁ ଯାଅ ।

ଆମେ ରନ୍ଧାବଢ଼ା ଯାଇଛି ସାର ଟିକଏ ଟିକଏ ଶୋଇବୁ । ଆମ ସଭିଙ୍କର ଆଜି ଦିନ ଗୋଟାଏରେ କାମକୁ ଯିବା କଥା । ତମେ ବ୍ୟସ୍ତ ହୁଅନ ।

—ହଉ କହି ବୀର ବାଲ୍‌ଟି, ତାଲ ଆଉ ସନଲାଇଟ ସାବୁନକୁ ଖଣ୍ଡେ ଧରି ଉପେନ୍ ଆଡ଼କୁ ଦାନ୍ତକାଠି ଆଉ ମେଞ୍ଚାଏ ଗୁଡ଼ାଖୁ ବଢ଼େଇଦେଲା ।

ବୀର ସିଧାସଳଖ ଆସି ଠିଆହେଲା ପାଇଖାନା ପାଖରେ । ବସ୍ତିର ଗୋଟାଏ ମୁଣ୍ଡକୁ ପବ୍ଲିକ ଲାଟ୍ରିନ୍ । ଧାଡ଼ି ଲାଗି ଠିଆହୋଇଛନ୍ତି ଦଶ ବାର ଜଣ ଲୋକ । ଉପେନକୁ ଜଣକ ପଛରେ ଠିଆ କରାଇଦେଇ ବୀର କହିଲା– ଜଗିଥାଅ, ମୁଁ ଲୋଟାରେ ପାଣି ଆଣି ତମକୁ ଦଉଛି ।

ମନ୍ତବ୍ୟ କରିବାର କିଛି ନାହିଁ । ସକାଳର ନିତ୍ୟକର୍ମର ଆରମ୍ଭ ଏଠି, ଦଶ ଜଣଙ୍କ ପଛରେ ଧାଡ଼ି ବାନ୍ଧି ଠିଆହୋଇ, ଦଶ ଜଣଙ୍କ ଭିତରେ ଜଣେ ହୋଇ ରାନ୍ଧି, ବାଢ଼ି, ଖାଇ, କାରଖାନାରେ କାମକର । ମୌକା କରି, ନିଜର ହକ୍ ଏଠି ସମୟାନୁସାରେ ଆଦାୟ କରି ନ ପାରିଲେ ପଛରେ ପଡ଼ି ହଜିଯିବାର ଭୟ ବି ଅଛି ।

ବୀର ପାଣି ଦେଇଗଲା । ଉପେନ୍ ପାଇଖାନା ଯାଇ, କଳ ପାଖରେ ଗାଧୋଇ ଘରକୁ ଫେରି ଲୁଗା-କମିଜ କାଢ଼ି ପିନ୍ଧିଲା ବେଳକୁ ବୀର ବି ସବୁ ନିତ୍ୟକର୍ମ ସାରି ପଛେ ପଛେ ଆସି ପହଞ୍ଚିଲା । ଓଦା ଲୁଗାପଟା ନେଇ ବାହାରେ ଶୁଖେଇ ଆସି ବୀର ଖଣ୍ଡେ ପାଇଜାମା ପିନ୍ଧି ଟେସର କନାର ପଞ୍ଜାବି ଗଳେଇଲା । ତା ପରେ ଟ୍ରଙ୍କ ଆଇନାକୁ ଧରି କଟକୀ ହାତୀଦାନ୍ତ ପାନିଆରେ ତା ଲମ୍ବା ଲମ୍ବା ମୁଣ୍ଡବାଳଗୁଡ଼ିକୁ ଯତ୍ନ ସହକାରେ ସଜଡ଼ା ସଜଡ଼ି କରି ପଚାରିଲା—କୁଆଡ଼େ ଯିବ ଉପେନନା ? କାମ କ'ଣ କିଛି ।

—ହଁ, କହିବି ଯେ ! ଉପେନ୍ଦ୍ର ହଠାତ୍ ପ୍ରକୃତିସ୍ଥ ହେଲା ପରି କହିଲା—ତମର ଏପାଖେ ଦେଖିବା ଜିନିଷ କ'ଣ ଅଛି ?

—ଏପାଖେ ଆଉ କ'ଣ ? ଯାହା ସବୁ ତ ସେଇ—ଡ୍ରେସନ ରୋଡ଼, ବୋଉ ବଜାର, କାବୁଲ ଗଳି ଆଜ୍ଞେ ।

—କାବୁଲ ଗଳି ? ଉପେନ୍ଦ୍ର ହଠାତ୍ କଥା ମଝିରେ ବାଧା ଦେଇ ପଚାରିଲା—କ୍ଲାଇଭ୍ ଷ୍ଟ୍ରିଟ ?

—ହଁ, ଆମେ ତାକୁ ସବୁ କାବୁଲି ଗଳି କହୁ !

—ସେଠି ଯାଇଁ କ'ଣ ଦେଖିବା ?

ବୀର ଟିକେ ଥକ୍କା ହୋଇ ଉପେନ୍ ମୁହଁକୁ ଚାହିଁଲା । କାବୁଲ ଗଳିରେ କ'ଣ ଦେଖିବ ଉପେନ୍ କାବାହୋଇ ପଚାରୁଛି ? ଦଶ ବାର ମହଲା କୋଠା, ଅଧ ଅଧ ମାଇଲ ଚଉଡ଼ା ରାସ୍ତା, ଅସୁମାରି ମଟର, ଠେଲାପେଲା ଲୋକଗହଳି—ଏସବୁ ଉପେନ୍ ନ ଦେଖିବ ଯଦି, କଲିକତା ଆସିଚି କାହିଁକି ? ବୀରର ଘୋର ସନ୍ଦେହ ହେଲା, ଉପେନ୍‌ର ହଠାତ୍ ଏମିତି କଲିକତା ଆସି ପହଞ୍ଚିବା ପଛରେ, ତା ମତଲବ କଥା ମନେ ମନେ ଆଲୋଚନା କରି । କହିଲା—କଲିକତାକୁ ଲୋକ ତ ହାବଡ଼ା ପୋଲ, କୋଠା, କାଳୀବାଡ଼ି, ଚିଡ଼ିଆଖାନା, ଏଇସବୁ ଦେଖିବାକୁ ଆସେ । ତମେ କାହିଁକି ଆଇଚ, କ'ଣ ଦେଖିବ, ତମେ ସିନା କହିବ ! ଯୁଆଡ଼େ କହିବ, ମୁଁ ନେଇଯିବି ।

—ହଉ ଚାଲ । କହି ବୀର ଆଗେ ଆଗେ ଉପେନ୍ ସଦର ରାସ୍ତା ଆଡ଼େ ଆଗେଇଲା । କିଛି ଦୂର ଆସି, ରାସ୍ତା କଡ଼ରେ ଗୋଟାଏ ବଡ଼ ଜଳଖିଆ ଦୋକାନ ଭିତରକୁ ବୀର ପଶିଯାଇ ଉପେନ୍‌କୁ 'ଖାବାର' ଖାଇବାକୁ ଅନୁରୋଧ କଲା । ଆଉ ବ୍ୟସ୍ତବ୍ୟସ୍ତ ହେଲା ପରି ଦୋକାନୀ ପାଖକୁ ଆଗେଇଯାଇ ତା କାନ ପାଖରେ କ'ଣସବୁ ଫୁସ୍‌ଫୁସ୍ କରି କହିଲା । ବୁଝିପାରିଲା ଉପେନ୍, ଦୋକାନର ସବୁଠୁ ଭଲ 'ଖାବାର' ଦେବା ପାଇଁ ବୀରର ଆଗ୍ରହର ଶେଷ ନାହିଁ ।

ବୀର ସାଙ୍ଗରେ ଜଳଖିଆ ଖାଇସାରି ଉପେନ ରାସ୍ତା ଉପରେ ଆସି ଠିଆହେଲା ବସ୍ ଅପେକ୍ଷାରେ । ଅଳ୍ପ କେତେ ମିନଟ୍ ଭିତରେ

ଲୋକଭର୍ତ୍ତି ଗୋଟିଏ ଷ୍ଟେଟ ବସ୍ ଆସି ଠିଆହବା ମାତ୍ରେ ତାର ସଙ୍ଗେ ଉଠି ବସିଲ ଉପେନ୍। ତା ପରେ ଅଧ ଘଣ୍ଟାଏ ଭିତରେ ଚୌରଙ୍ଗୀର ଲୋକାରଣ୍ୟ ବ୍ୟସ୍ତତା ଭିତରେ ଆସି ପହଞ୍ଚିଲ।

ସାମନାରେ ଏସ୍‌ପ୍ଲାନେଡ୍ କୋଠାର ବସ୍ଷ୍ଟାଣ୍ଡ। ତାର ଚାରିଆଡ଼କୁ ଟିକଏ କାବା ହେଇ ଅନେଇ ଗୋଟିଏ ପ୍ରଚ୍ଛନ୍ନ ଗର୍ବରେ ପଚାରିଲ— ଏଥର କୁଆଡ଼େ ଯିବ କହ।

—ହଁ, କହୁଛ ସବୁ। ଆଗ ଟିକଏ ଚାଲ ସାମନାର ସେଇ ପାର୍କରେ ବସିବା। କଲିକତାକୁ ଏଇଠି ବସି ବସି ବ ପୂରାପୂରି ଦେଖି ହେବ। ଏଇ ତ କଲିକତାର ସବୁଠୁ ଗହଳି ଜ ଗ

—ତମେ ଆଉ କେବେ ଆସିଥିଲ କି ଏଠିକି! ଆଶ୍ଚର୍ଯ୍ୟ ହେଇ ପଚାରିଲା ତାର। ମୁଁ ଭାବୁଥିଲି କଲିକତାରେ ତେମେ ନୂଆ। କହୁ ପାର୍କ ଆଡ଼େ ଯାଉ ଯାଉ ଉପେନ୍ ମୁହଁକୁ କଣେଇ କରି ଚାହିଁ ତାର ପଚାରିଲା—ପାଠପଢ଼ା ତ ସରିଲ, ଏଥର ତମେ କଲିକତାରେ ଗୋଟାଏ କାମ କରୁନ ଉପେନନା ?

—ମୋ ପେଇଁ ଏଠି କି କାମ ଅଛି ?

—ଏତେ ବଡ଼ ସହର, ତମ ପାଇଁ କାମ ନାଇଁ ? ଆମ ଦେଶର ଲକ୍ଷ ଲକ୍ଷ ଲୋକ ଏଠି ଅଛନ୍ତି। ଏତେ ବେପାର, ଏତେ ବଣିଜ, ତମେ କାମ ପାଇବନି ଏଠି ?

—ଆମ ଦେଶର ଲୋକ କି କାମ କରନ୍ତି ଏଠି ? ଉପେନ୍ କହିଲ—ଚଟକଲରେ କୁଲିଗିରି, ଅଫିସରେ ପିଅନଗିରି, ନଇଲେ ବଙ୍ଗାଳୀବାଡ଼ରେ ଚାକର ପୂଝାରି—ଏଇୟା ତ ?

—ଚାକର, ପୂଝାରି କାମ ସିନା ମୂର୍ଖ କରନ୍ତି! ପାଠୁଆ ଓଡ଼ିଆ କ'ଣ ନାହାନ୍ତି ? ତୁମେ ବଡ଼ ଅଫିସିରେ କାମ କରିବ।

—କୁ' ଅଫିସ ତୁ ଜାଣୁ ?

ଏଥର ଶୀର ଟିକେ ଅଡୁଆରେ ପଡ଼ିଗଲା । ବାସ୍ତବିକ୍ ସେ କେଉଁ ଅଫିସ୍‌ର କୁʼ ବାବୁଭୟାଙ୍କୁ ବା ଜାଣେ ? ଜାଗାଏ ଜାଗାଏ କଲିକତା ସହର ବୁଲି ଯାହା କଲାବେଳେ ଯୁʼ ବଡ଼ବଡ଼ିଆ ଓଡ଼ିଆଙ୍କ ସହିତ ତାର ଜଣାଶୁଣା, ସେମାନେ ତ ଦଲାଲି କରନ୍ତି । ଓଡ଼ିଆ ହେଇ ଓଡ଼ିଆଙ୍କ ଚଣ୍ଡି କାଟନ୍ତି, ଗାଁଗଣ୍ଡାରୁ ଯୁʼମାନେ ଆସନ୍ତି ତାଙ୍କୁ ଧମକା ଧମକି କରି ଟଙ୍କା ଅସୁଲ କରନ୍ତି । ଗୋଟାଏ ଗୋଟାଏ ସଙ୍ଘ, ସମିତି, ପରିଷଦ ଗଢ଼ି ଚାନ୍ଦା ଉଠେଇ, ରୋଜଗାରର ଧନ୍ଦା ନେଇ ସେମାନେ ତ ରାତି ଦିନ ବ୍ୟସ୍ତ । ସେମାନଙ୍କ ପାଖକୁ ଉପେନ୍‌କୁ ନେଇ ଗଲେ କʼଣ ହେବ ? ତେବେ ଉପେନ୍ ତ ପାଠୁଆ । ଉପେନ୍ ଯଦି ସେଇମାନଙ୍କ ପରି ଗୋଟାଏ କିଛିʼମାମଲତଗିରି କାରବାର ଆରମ୍ଭ କରେ, କ୍ଷତି କʼଣ ହୁଅନ୍ତା ! ମନେ ମନେ ଶୀର ବେଶ୍ ଉତ୍ସାହୀ ହେଇଉଠିଲା । ତାକୁ ଯେପରି ଗୋଟାଏ ନୂଆ ଦୁନିଆର ଚଉହଦି ଦେଖାଗଲା । ପ୍ରସାରିତ ଆକାଶ ଆଉ ଶ୍ୟାମଳିତ ଭୂଖଣ୍ଡରେ ସେ ଦୁନିଆଁ ଯେପରି ହଠାତ୍ ବଡ଼ ହୋଇଉଠି, ବିରାଟ ସାମ୍ରାଜ୍ୟର ସମ୍ରାଟ ହେଇଉଠିବା ସୌଭାଗ୍ୟରେ ସମୁଜ୍ଜ୍ୱଳ । ପାର୍କର ଗୋଟିଏ ଛୋଟ ଗଛଳିଆ ପଥର ଚେଉରୁଇ ତଳେ ବସିପଡ଼ି ଶୀର କହିଲା—ଅଚ୍ଛା, ତମେ ଯଦି ଗୋଟାଏ ଗୃହାଳୀ ଏଠି ଆରମ୍ଭ କରନ୍ତ କେମିତି ହୁଅନ୍ତା ?

—ଗୃହାଳୀ ?

—ହିଁ, ସଞ୍ଜବେଳେ ଅଫିସର ପିଅନ ଆଉ କଳଘର କୁଲିମାନଙ୍କୁ ପାଠ ପଢ଼େଇବା ସ୍କୁଲ୍ ।

—ନାଇଟ ସ୍କୁଲ ! ହିଁ ଶୁଣିଛି, ପାଞ୍ଚ ଛʼଟା ସ୍କୁଲ୍ ସେମିତି କଲିକତାରେ ଆରମ୍ଭ ହେଇଚ; କିନ୍ତୁ ସେଥିରେ ରୋଜଗାର କରିବାର କʼଣ ଅଛି ?

—ସେଇଥିରେ ତ ରୋଜଗାର । ସଞ୍ଜରେ ଗୋଟାଏ ଗୋଟାଏ ଗୃହାଳୀ ଆରମ୍ଭ କରି, ନୈଶବିଦ୍ୟାଳୟ ନାଁରେ ଏଠି ଟଇସା କମେଇ ନେତାଗିରି କରିବାର ଧନ୍ଦା କେଡ଼େ ସହଜ !

—ସହଜ ହେଇପାରେ, କିନ୍ତୁ ମୁଁ ଏଠି କାହାକୁ ଚିହ୍ନେ ? ମତେ କିଏ ଆଣି ଛାତ୍ର ଯୋଗେଇବ ? ସ୍କୁଲ କରିବାକୁ ଘର ବା ଦବ କିଏ ?

—ତା' ମୁଁ ବୁଝିବି । ଆମ ଚଟକଳର ତଳ ସାଇବକୁ ଧରିଲେ ସବୁ ହେଇଯିବ । ତୁମେ ଜାଣ ଉପେନନା, ଏଠି ଅବଧାନଗିରି କଲେ ବହୁତ ଆଡ଼ୁ ଲଭ ।

ଉପେନ୍ ଆଶ୍ଚର୍ଯ୍ୟରେ ଖିର ମୁହଁକୁ କିଛି କ୍ଷଣ ଅନେଇଲା । ସେ ସ୍ପଷ୍ଟ ଦେଖିପାରିଲା, ଗୋଟାଏ କିଛି ଅନାଗତ ଲଭ ଆଶାରେ ଖିରର ଆଖି ଖୁସିରେ ଚକ୍‌ଚକ୍ କରୁଚି । ତା ମତଲବ ବୁଝିବା ପାଇଁ ବେଶ୍ ନିର୍ମାଯ୍ରା ଗଳାରେ ଉପେନ୍ ପଚାରିଲା—ପାଠ ପଢ଼େଇଲେ ପଇସା ମିଳିବ ବୁଝିଲି; କିନ୍ତୁ ବହୁତ ଆଡ଼ୁ ଲଭ କ'ଣ ?

—ବହୁତ ଅଡ଼ୁ । ଖିର କଥା ପଦକ ନିମ୍ନ କଣ୍ଠରେ ଉଚ୍ଚାରଣ କରି କହିଲା— ତୁମେ ରହିଲେ ସେସବୁ ବୁଝିବ ଉପେନନା ! ଆମ ଗାଁ ଗଣ୍ଡାରୁ ଯୁ'ସବୁ ମୂର୍ଖ ଲୋକ ଆସି ଏଠି ପହଞ୍ଚୁଛନ୍ତି ପେଟ ଜ୍ଵାଳାରେ, ସେମାନେ ପ୍ରଥମେ ଟିକିଏ ଆଶ୍ରା ପାଇ କୁ'ଠି ଯାଇ ହାବୁଡ଼ନ୍ତି ଜାଣ ? ଏମିତି ସବୁ ନୈଶ ବିଦ୍ୟାଳୟ ମାଲିକଙ୍କ ପାଖରେ । ଦି' ଗୁଣ୍ଡ ଦାନ ଖାଇବାକୁ ଦେଇ, ଚଟକଳରେ ସେମାନଙ୍କୁ ନେଇ କାମରେ ଲଗେଇ ଦେଇ ମାଲିକମାନେ ମୁଣ୍ଡ ପିଛା ତାଙ୍କ ଦାନକଅ ମଜୁରିରୁ ନିଅନ୍ତି । କମିଶନ । ହପ୍ତାପାଇଲା ବେଳକୁ ଜଣ ଜଣକା ଟଙ୍କାଏ ଦି ଟଙ୍କା ବି ଦିଅନ୍ତି ସ୍ତା ଛଡ଼ା ଦରଖାସ୍ତ ଲେଖିଦବା ଆମଦାନୀ ଅଛି । ସମୟ ଅସମୟରେ କାହାର କେମିତି ପାଞ୍ଚ ଦଶ ଟଙ୍କା ଦରକାର ପଡ଼ିଲେ ଟଙ୍କା ପିଛା ଚାରଣା, ଆଠଣା ସୁଧ ମିଳେ । ପୁଣି କାହା କାହା ଭିତରେ କଳି ତକରାଳ ହେଲେ ତମକୁ ଯଦି ମୁରବି ମାନି ଭଲଲୋକ କରିବାକୁ ଡାକିବେ, ତାର ପାଉଣା ବି ଅଛି ।

ହୋ ହୋ କରି ହସିଉଠିଲା ଉପେନ୍ ।—ତୁ ଯେମିତି ବୁଝେଇଲୁଣି, ଦେଖୁଚି, ମାସ ଛ'ଟାରେ ମୁଁ ଏଠି ହଜାରପତି ହେଇଯିବି । ମହାନଗରୀରେ ମହତ୍ ରୋଜଗାର !!

—ତମେ କ'ଣ ମୋ କଥାକୁ ଅବିଶ୍ୱାସ କରୁଚ ? ବୀର ପଚାରିଲା ।

—ନାଇଁ, ନାଇଁ, ଅବିଶ୍ୱାସ କରିବି କାହିଁକି ? ଉପେନ୍ କହିଲା । ତୁ କ'ଣ ଦେଶବତ୍ସଳ ଜନନାୟକଙ୍କ ଚେହେରା ନ ଦେଖି ମତେ ଏସବୁ କହୁଚୁ ! କିନ୍ତୁ ଖାଲି ତୋର ମୁହଁରୁ ଶୁଣି ତ ମୁଁ ଏଠି ଗୋଟାଏ ଓଡ଼ିଆ ଛାତ୍ର ସଂଘ ଆରମ୍ଭ କରିଦେଇ ପାରିବିନି ! ସେପରି ଜଣେ ଦି ଜଣ ଯୁଗଜନ୍ମା ମହାପୁରୁଷଙ୍କର ସାକ୍ଷାତ୍ ନ ପାଇଲା ପର୍ଯ୍ୟନ୍ତ ...

କଥା ମଝିରେ ବାଧା ଦେଇ ବୀର କହିଉଠିଲା—ଚାଲ ତେବେ ମୋ ସାଙ୍ଗେ, ମୁଁ ଥରେ ବୁଲେଇ ଆଣିବି ତମକୁ । କହି ବୀର ଉଠି ଛିଡ଼ା ହେଲା ।

ଅନିଚ୍ଛା ସତ୍ତ୍ୱେ ଉପେନ୍ ବି ଉଠି ଛିଡ଼ାହେବାକୁ ବାଧ୍ୟ ହେଲା । ବୀର ମୁହଁରେ କଲିକତାର ଓଡ଼ିଆ ନେତାମାନଙ୍କ ଗୁଣଗ୍ରାମର ବିବରଣୀ ଶୁଣୁଥିଲାବେଳେ ଉପେନ୍ ମନେ ମନେ ଭାବୁଥିଲା ଆଉ ଗୋଟାଏ କଥା । କଲିକତା ସେ ଆସିଲା, କିନ୍ତୁ ଯୁ'ଥିପାଇଁ ଆସିଲା, ତାର ପେ ଏତେ ଟିକିଏ ଆଭାସ ସେ ଦେଇନା ନାଇଁ ବୀରକୁ : କେମିତି କ'ଣ କହି ସେ ଆରମ୍ଭ କରିବ ? ମାଧବୀ ସମ୍ବନ୍ଧରେ କୁ' ମୁହଁରେ ବା ସେ ପ୍ରଶ୍ନ କରିବ ବୀରକୁ ? ଭାବନା ମଝିରେ ତାର ଟିକିଏ ଅନୁଶୋଚନା ବି ଆସିଲା । ଆଗପଛ ନ ଭାବି ହଠାତ୍ ଏମିତି ମାଧବୀକୁ ଖୋଜି ବାହାର କରିବା ପାଇଁ କଲିକତା ଧାଇଁ ଆସିବା ବିଶେଷ ବୁଦ୍ଧିମାନର କାର୍ଯ୍ୟ ହୋଇ ନାହିଁ । ତେବେ ଆସିଲା ଯଦି, ସେ ବିଷୟରେ ଗୋଟାଏ କୁଳ-କିନାରା ଖୋଜି ବାହାର କରିବା ଉଚିତ୍ । ସେ ଭାବିଲା, ବୀରକୁ ପଚାରିବ, ବିଧବା ଭଉଣୀ ଆଉ ରୋଗିଣା 'ମା'କୁ ଗାଁରେ ଛାଡ଼ିଦେଇ ଏଣେ ସେ ନିଶ୍ଚିନ୍ତ ହୋଇ ରହିଚି କେମିତି ? ବାସି ଓଳିକ ଦାନା ନାଇଁ, ବିପଦ ଆପଦରେ ଦୁଆରେ ଠିଆ ହେବାକୁ ଜଣେ ନାହିଁ, ଅଥଚ ସେ ଏଣେ ମୁଣ୍ଡରେ ବାସନା ତେଲ ଲଗାଇ, ଟେଶ କାଟି, ଟସର ପଞ୍ଜାବୀ ପିନ୍ଧି, ବଙ୍ଗାଳୀ ଦୋକାନରେ 'ଖାବାର' ଖାଇ ବେଶ୍ ଓସ୍ତାଦିଗିରି କରି ବୁଲୁଚି କଲିକତାର ଗଳିକନ୍ଦିରେ ! କିନ୍ତୁ କ'ଣ ଭାବି ହଠାତ୍ ଦବିଗଲା ।

ଯାହାକୁ ପ୍ରଶ୍ନ କରିବାକୁ ସେ କିଏ ? ଯାହା ଉପରେ କି ଅଧିକାର ତାର ? ମାଧବୀ ପ୍ରତି ବା କି କର୍ତ୍ତବ୍ୟ କରିଛି ସେ ? ଅନ୍ୟର ଦୋଷ ଦେଖେଇ ଆକଟିବା ଆଗରୁ ତା ନିଜର ଅପାରଗତା କଥା ଭାବି ଦେଖିବା କʼଣ ଉଚିତ ନୁହେଁ ? ମାଧବୀକୁ ସେ ଦିନେ ଭଲ ପାଇଥିଲି, କିନ୍ତୁ ସେ ଭଲ ପାଇବା ପାଇଁ କି ତ୍ୟାଗ ବା କରିଚି ସେ ନିଜେ ? ନା—ଉପେନ୍ ମନେ ମନେ ଭାବିଲା, ଏଇଟାକୁ କିଛି କହିବା ତାର ସୁନ୍ଦର ହେବ ନାହିଁ । ମାʼ ଭଉଣୀ ପ୍ରତି କର୍ତ୍ତବ୍ୟ ଯାହାର ଇ ଏକାନ୍ତ ଦାୟିତ୍ୱର କଥା । ସେଥିରେ ଉପେନ୍‌ର ଦଖଲ ଦେବାର କିଛି ନାହିଁ ।

ନିଜ ଅଜାଣତରେ ଉପେନ୍‌ର ଗୋଟାଏ ଦୀର୍ଘନିଶ୍ୱାସ ବାହାରି ଆସିଲା । ଠିକ୍ ତ, ମାଧବୀକୁ ସେ ଭଲ ପାଇଥିଲା । ମାନେ, ମାଧବୀ ପ୍ରତି ଥିଲା ତାʼର ଦୁର୍ବଳତା । ମନର ଆସକ୍ତି ଆଉ ଗୋଟାଏ ପ୍ରଚ୍ଛନ୍ନ ମୋହର ଲାଳସା । ପାଗଳ ପରି ଗୋଟାଏ ଉତ୍ତେଜନାରେ ମାଧବୀ ଅନ୍ୱେଷଣରେ ସେ ହଠାତ୍ କଲିକତା ଧାଇଁ ଆସିଚି । କିନ୍ତୁ ଉଦ୍ଦେଶ୍ୟ କʼଣ ତାʼର ? ଧରି, ସେ କଲିକତାର ଏଇ ଲୋକାରଣ୍ୟ ଜନତା ଭିତରେ ମାଧବୀକୁ ଆବିଷ୍କାର କଲା କିମ୍ବା କେଉଁ ଏକ ଅପରିଚ୍ଛନ୍ନ ସଂକୀର୍ଣ୍ଣ ଗଳିର ଅପ୍ରଶସ୍ତ ଘର କଣରେ ହଠାତ୍ ଦେଖା ପାଇଲା ମାଧବୀର କିମ୍ବା ଧରି, ମହାନଗରୀର କେଉଁ ଏକ ଆନନ୍ଦମୁଖର; ପ୍ରେକ୍ଷାଳୟରେ ବିହାରୀ ସହିତ ମନ୍ତ୍ରମୁଗ୍ଧା ପରି ବସି କୌଣସି ବମ୍ବେ ଛବି ଦେଖୁଥିବା ଅବସ୍ଥାରେ ସେ ଦେଖିଲା ମାଧବୀକୁ—ତାପରେ କʼଣ କରିବ ସେ ? ବିହାରୀକୁ ଆକ୍ରମଣ କରିବ ? ତା ହାତରୁ ଟାଣିଆଣିବ ମାଧବୀକି ? ବିହାରୀକୁ ପୁଲିସରେ ଦେବ ? ମାଧବୀକୁ ଉଦ୍ଧାର କରି ସମର୍ପି ଦେବ ଯାର ହାତରେ ? ଦେଲେ କି ଉପକାର ବା କରିବ ସେ ମାଧବୀର ? କି ମହତ୍ ଉଦ୍ଦେଶ୍ୟ ବା ସାଧିତ ହେବ ତା ଜୀବନର ? ବାପ ମା-ହରା ବିଧବା ମାଧବୀ, ତା ପାଇଁ ଲମ୍ପଟ ବିହାରୀ ହାତରୁ ମୁକ୍ତି ପାଇବା କʼଣ ଏକମାତ୍ର ସାନ୍ତ୍ୱନା ?

ଆକାଶ-ପାତାଳ ଉପେନ୍ ଅନେକ କିଛି ଭାବି ଚାଲିଲା । ଏ ଭିତରେ ଯାର କେତେବେଳେ ରିକ୍‌ସା ଡାକିଛି, ଆଉ ଯାର ସାଙ୍ଗରେ ରିକ୍‌ସାରେ ବସି କର୍ମବ୍ୟସ୍ତ କଲିକତାର ରାଜପଥରେ ସେ ଧାଇଁ ଚାଲିଛି, ଠିକ୍ ଜାଣିପାରିନି । ସାମନାରେ ଗୋଟାଏ ଛକ ପାଖରେ, ଲାଲ ସିଗ୍‌ନାଲ

ଦେଶୀ ରିକ୍ସା ହଠାତ୍ ଗୋଟାଏ ଝଙ୍କ ଦେଇ ଛିଡ଼ା ହୋଇଯିବାରୁ ଉପେନ୍ ଚମକିଲା ପରି ଆତ୍ମସ୍ଥ ହୋଇ ପଚାରିଲା—ଚୌରଙ୍ଗୀରୁ ଅନେକ ବାଟ ଆମେ ଆସିଲେଣି । ଏଣେ ଯାଉଥାଇଁ କୁଆଡ଼େ ?

—କୁଆଡ଼େ ? ଟିକେ ରହିଯାଇ ବୀର ଉପେନ୍ ମୁହଁକୁ ଚାହିଁ କହିଲା—ଚାଲ, ମୁଁ ଯାଉଛି ସାଙ୍ଗରେ, ସେ ଗଳି ନାଁଟା ମୋର ଠିକ୍ ମନେ ନାଇଁ । ତାପରେ ବୀର ଗୋଟାଏ କ ଉତ୍ତେଜନାକୁ ପ୍ରଚ୍ଛନ୍ନ ରଖିବା ପାଇଁ ଚେଷ୍ଟା କରୁଥିବା ଭଙ୍ଗୀକୁ ଉପେନ୍ ସ୍ପଷ୍ଟ ଲକ୍ଷ୍ୟ କରି ବେଶ୍ ଟିକେ ଆଶ୍ଚର୍ଯ୍ୟ ହେଲା ।

ବେଶି ଡେରି ନୁହେଁ । ପ୍ରାୟ ଦଶ ବାର ମିନିଟ୍ ପରେ ଉପେନ୍ ଗୋଟିଏ ସଂକୀର୍ଣ୍ଣ ଗଳିର ଅପରିଚ୍ଛନ୍ନ କୋଠା ସାମନାରେ ଯେତେବେଳେ ରିକ୍ସାରୁ ଓହ୍ଲାଇଲା, ବୀରକୁ ସମ୍ବୋଧନ କରି ପାଖ ପାନଦୋକାନୀର ଖାଣ୍ଟି ଓଡ଼ିଆ ସମ୍ଭାଷଣକୁ ଶୁଣିବାକୁ ବିସ୍ତାରିତ ଦୃଷ୍ଟିରେ ଚାହିଁ ଦେଖିଲା ସାମନାରେ ସେଇ କୋଠାର ଡାହାଣ କଡ଼କୁ, ଗଳିର ସୁଡ଼ଙ୍ଗ ଭିତରେ ଠିଆ ହୋଇଛି କାନରେ ଦୁଇଟା ନୋଳି, ଆଉ ମୁଣ୍ଡରେ ପୁଳାଏ ଚୁଟି ରଖି ଭଞ୍ଜ ଦେଶର ଜଣେ ଓଡ଼ିଆ ଯୁବକ ।

ପିନ୍ଧାଲୁଗାର ଫେରକାନି ନାଭି ପାଖରେ ଖୋସା ହୋଇଛି । ଫୁଙ୍ଗୁଳା ଦେହ । ବେକରେ ଦି ସରି ମାଳି । ବାଁ ପାଖ ଗାଲ ଡେଙ୍ଗୁଆ ପରି ଫୁଲି ଉଠିଛି । ଓଠରେ ପାନପିକର ବୋଳ ।

—ବୀର ଭାଇ ! ସାଗ୍ରହ ଆନନ୍ଦରେ ଛୁଟିଆସିଲା ଗଳି ଭିତରୁ ସେ ଯୁବକଟି । ତା ପରେ ଅଳ୍ପ କିଛିକ୍ଷଣ ଭିତରେ ଉପେନ୍ ଦେଖିଲା, ଗଳିର ଅନ୍ଧକାର ଭିତରେ ଠେସା ହୋଇ ପଶା ହେଲା ପରି ରହିଛନ୍ତି କଳିଙ୍ଗ ଦେଶର ବହୁ ବୀର ସନ୍ତାନ । ସମସ୍ତଙ୍କ ଚେହେରାରେ କାଳିକାଳି ରୁକ୍ଷତା ଥିଲେ ମଧ ସଚ୍ଛଳତାର ପ୍ରସନ୍ନତା କିନ୍ତୁ ନାଇଁ । ହୁଏତ ଖଟି ଖାଇବାର ଜଞ୍ଜାଳ ଭିତରେ ଏମାନଙ୍କର ଦୈନନ୍ଦିନ ଜୀବନ ଟ୍ରାମ୍ ଆଉ ବସ୍ ପରି ଏକ ଗତାନୁଗତିକତାର ଛନ୍ଦ ଭିତରେ ଗଡ଼ି ଗଡ଼ି ଚାଲିଛି ।

—ମଙ୍ଗରାଜ ଭାଇ କୁଆଡ଼େ ଗଲେ ? ସାର ପଚାରିଲା ତା ଗୁରୁ ପାଖରେ ଘେରି ଠିଆ ହୋଇଥିବା ଛ' ସାତ ଜଣ ଲୋକଙ୍କୁ ଲକ୍ଷ୍ୟ କରି ।

—ଆସ, ଘରେ ଅଛନ୍ତି । ତମ ପାଖକୁ ଆଜି ସଞ୍ଜବୁଡ଼େଇ ଲୋକ ଯିବାର ଥିଲା ଡାକି ଆଣିବାକୁ । କହି ଲୋକଟିଏ ସାରକୁ ବାଟ କଢ଼େଇ ନେଇଗଲା ପାଖ ଗଳିର ଗୋଟିଏ ଅନ୍ଧାରିଆ ଘର ଭିତରକୁ ।

ପଛେ ପଛେ ଗଲା ଉପେନ୍ ।

ଘର ଭିତରେ ତାସର ମଜଲିସ । ଚାଲି ପଡ଼ିଛି । ମୁହାଁମୁହିଁ ବସିଚନ୍ତି ଚାରି ଜଣ ଖେଳାଳୀ ଆଉ ତାଙ୍କୁ ଘେରି ବସିଛନ୍ତି ସାତ ଆଠ ଜଣ ଦେଖଣାହାରି । ଭିତରେ ଆଉ ଜାଗା ନାହିଁ । ସେଇ ଦୁଆର ମୁହଁରେ ଠିଆ ହେଲା ଉପେନ୍ । ସାର କିନ୍ତୁ ସିଧାସଳଖ ଭିତରକୁ ପଶିଯାଇ ଗୋଟାଏ ପୃଥୁଳକାୟ ଲୋକ ପାଖରେ ଆସନ ଜମେଇ ବସିପଡ଼ିଲା । ତାପରେ ଉପେନ୍‌କୁ ଘର ଭିତରକୁ ଯିବାକୁ ଇଙ୍ଗିତ ଦେଇ ସେ ସମସ୍ତଙ୍କୁ ଶୁଣେଇଲା ପରି କହିଲା—ଆମ ଗାଁର ଉପେନନା । ତମ ପାଖକୁ ଡାକି ଆଣିଚି ମଙ୍ଗରାଜ ଭାଇ ! ଖେଳ ବନ୍ଦ କର । ବହୁତ କଥା ଅଛି ।

ମଙ୍ଗରାଜ ତାସକାଠି ଦି' ହାତରେ ରଗଡ଼ି ଦାନ ପକେଇବାକୁ ଯାଉ ଯାଉ ହଠାତ୍ କ'ଣ ଭାବି ଟିକିଏ ସାର ଆଡ଼କୁ ଅନେଇଲେ । କାହାକୁ ଡାକି ଆଣିଚୁ ?

—ଆମ ଗାଁର ଉପେନନା, ବହୁତ ପାଠ ପଢ଼ିଛନ୍ତି । ତମେ ଖୋଜୁଥିଲ ପରା ଜଣେ ପାଠପଢ଼ାଳୀ ଲୋକ !

—ଖୋଜୁଥିଲି ତ, କିନ୍ତୁ ଏଇ ଦି' ପହରଟାରେ ତୁ ଡାକି ଆଣିଲୁ ! ହଉ, ସେ ରହନ୍ତୁ, ସଞ୍ଜକୁ କଥାଭାଷା ହେବା ।

—ନା, ସେ ବୋଧେ ରହିପାରିବେନି । ତମେ ଚାଲ, ପଦେ କଥାଭାଷା ହେଇ ଫେରେ ଆସି ଖେଳରେ ବସିବ ।

ଉପେନ୍ ବୁଝିଲା, ଗୋଟାଏ କିଛି ପ୍ରସ୍ତାବ ବହୁ ଆଗରୁ ମୂଳତବି ଅଛି । ପଡ଼ୋଶୀଲୋକଙ୍କର ଖୋଜା ବହୁ ଦିନୁ ଧରି ଚାଲିଛି । କିନ୍ତୁ ସେ ଆଶ୍ଚର୍ଯ୍ୟ ହେଲା, ଏ ଅନ୍ଧାରୁଆ ଗଳିରେ, ନର୍ଦ୍ଦମା ଭିତରେ, ଏ ଅଶିକ୍ଷିତଙ୍କର କୁତ୍ସିତ ଜୀବିକା ଭିତରେ ଜଣେ ଅଲୌକିକପ୍ରାଣର ଆବିର୍ଭାବ ପାଇଁ ଯେ ଅପେକ୍ଷା ଚାଲିଛି, ତା କ'ଣ ପାଇଁ ? କି ଉଦ୍ଦେଶ୍ୟରେ ? ଶିକ୍ଷିତ ଲୋକର କି ପ୍ରୟୋଜନ ଏଠି ! ସବୁ ତାକୁ ଗୋଟାଏ କେମିତି ଗୋଳମାଳିଆ ଜଣାପଡ଼ିଲା । ତେବେ ସେ ଆସିଛି ଯେତେବେଳେ, ପ୍ରବାସୀ ଓଡ଼ିଆ ଜୀବନର କିଛି କାଁଟି କାହାଣୀର ସମ୍ବାଦ ସଂଗ୍ରହ କରିଯିବା ଉଚିତ ।

ଖେଳରୁ ମଙ୍ଗରାଜ ଉଠି ଠିଆହେଲେ । ଉପେନ୍ଦ୍ରକୁ ମୁହାଁମୁହିଁ ଅନେଇ କହିଲେ—ଆସ ବାବୁ, ପାଖରେ ଆମ ଘର, ସେଇଠି ବାପବା କଥା ହେବା । କହି ତରବରରେ ଗଳିର ଉତ୍ତର ପଟକୁ କିଛି ଦୂର ଆଗେଇ, ପଶ୍ଚିମ ପଟରେ ଆଉରି ଗୋଟିଏ ଅପେକ୍ଷାକୃତ ସଂକୀର୍ଣ୍ଣ ଗଳି ଭିତରକୁ ପଶିଯାଇ, ଯୁଁ ଘର ଦୁଆର ମୁହଁରେ ଠିଆହୋଇ ଝିଞ୍ଜିରି ଖଡ଼ଖଡ଼ କଲେ, ତା' ଆଖପାଖର ପରିବେଶ ଦିନର ମଧ୍ୟାହ୍ନ ଆଲୋକରେ ବି କପରି ରହସ୍ୟମୟ ଜଣାଗଲା ଉପେନ୍‌କୁ ।

ପଛେ ପଛେ ଭୀର ଆସି ଠିଆ ହେଲା ।

ଆଉ ଥରେ ଦୁଇ ଥର ଝିଞ୍ଜିରି ଖଡ଼ଖଡ଼ କଲା ପରେ ଭିତର ପଟୁ କିଳିଣି ଖୋଲିବାର ଆବାଜ ଶୁଣାଗଲା । ବାହାର ପଟୁ "ପାଖେଇ ଯାଅ" ବୋଲି ତୁଣ୍ଡ ଶୁଣେଇ ଭିତରକୁ ପଶିଗଲେ ମଙ୍ଗରାଜ ।

ଅଣଓସାରିଆ ଅଗଣା । ଗୋଟାଏ ଫମ୍ପା ଆଲକାତରା ଡାବଲ ଥୁଆ ହୋଇଛି ପାଚେରୀ ପାଖକୁ ଲାଗି । ଛିଣ୍ଡା ଦଉଡ଼ି ଖଟିଆଟାଏ ପଡ଼ିଛି ନାଳି କଡ଼କୁ । ପିତଳ ଗୋବରସା ହାଂଟା ଠେଙ୍ଗା ଡେରା ହୋଇଛି କାନ୍ଥ କଣକୁ । ଭଙ୍ଗା ଛତାଟାଏ ଟଙ୍ଗା ହୋଇଛି ଓଳି ତଳକୁ । ଅଣଓସାରିଆ ଅଗଣା ସେପଟେ ବଖରାଏ ଘର । ଦୁଆର ମୁହଁରେ ମୋଟା ଅଖାର ଗୋଟାଏ ପରଦା । ଅଖା ସେପଟେ କ'ଣ ଅଛି, ଅନ୍ଧାର ଭିତରେ କି ରହସ୍ୟ-ସମୁଦ୍ରର ଢେଉ ଉଠୁଛି ପଡ଼ୁଛି, ଏପଟୁ କଳ୍ପନା କରିବା ସମ୍ଭବ

ଭୁହେଁ । ଅଖା ଆଡ଼େଇ ମଙ୍ଗରାଜ ଭିତରକୁ ପଶିଗଲେ । କାହା ସଙ୍ଗେ ଫୁସ୍‌ଫୁସ୍ କରି ପଦେ କ'ଣ କଥା ହେଲା ପରି ଜଣାପଡ଼ିଲା । ତାପରେ କିଛି ସମୟ ପରେ ଅଖା ଆଡ଼େଇ ବାହାରକୁ ମୁହଁ କାଢ଼ି କହିଲେ—ଆସ ଖାରବାବୁ ! ବାବୁଙ୍କୁ ବି ସାଙ୍ଗରେ ନେଇଆସ ।

ସାଂଘାତିକ ଅବସ୍ଥା । କ'ଣ କରିବ, ଉପେନ୍‌କୁ ଚିନ୍ତା କରି ଦେଖିବାର ଅବକାଶ ନାହିଁ । ସମଗ୍ର ମହାନଗରୀର ପ୍ରାଣ ଏଠି ସ୍ତବ୍ଧ ଆଉ ନିର୍ବେଦ !

—ଆସ ଉପେନନା ! କହି ଖାର ପଶିଗଲା ଘର ଭିତରକୁ । ଉପେନ୍ ବି ଗଲା ପଛେ ପଛେ । ଅଖାର ପରଦା ଆଡ଼େଇ ଭିତରକୁ ଗଲାବେଳେ ଉପେନ୍ ଯେପରି ଅନୁଭବ କଲା, ସେଇ ଧୂମର ଅନ୍ଧାର ଭିତରେ ବାରଣ୍ଡାର ଗୋଟିଏ କଣକୁ କିଏ ଜଣେ ଆଉଜି ଠିଆହେଇଛି । କଳା ଶାଢ଼ୀରେ ସମସ୍ତ ଦେହ ଆବୃତ । ଆବର୍ଜନାମୟ ଗଳିର ନିପୀଡ଼ିତ ପ୍ରାଣ ଏଠି ଯେପରି ଆତ୍ମଗୋପନ କରି ମୃତ୍ୟୁର ଜ୍ୱାଳାରେ ଛଟପଟ କରୁଛି । କିନ୍ତୁ ସେ ଆଡ଼କୁ ବିଶେଷ ଲକ୍ଷ୍ୟ ନ ଦେଇ ଘର ଭିତରକୁ ଏକମୁହାଁ ହେଇ ପଶିଗଲା ଉପେନ୍ ।

ଏଠି ବି ସେଇ ଅନ୍ଧାର । ଗୋଟିଏ ତକ୍ତପୋଷ ଉପରେ ମଙ୍ଗରାଜ ଟିକିଏ କଡ଼କୁ ଆଡ଼େଇ ହେଇ ବସି ଖାରକୁ ତାଙ୍କ ପାଖକୁ ଲାଗି ବସିବାକୁ ସଙ୍କେତ ଦେଇ ପଚାରିଲେ—ବାବୁଙ୍କ ନାଁ କ'ଣ ?

—ଉପେନ୍ଦ୍ର । ଖାର ଅଙ୍ଗଅଙ୍ଗ ହେଇ କହିଲା, ସେ ମୋର ନନା, ମୋ ବୋଉ ତାଙ୍କୁ ଧରମ ପୁଅ କରିଛି । ଟିକିକରେ ସବୁ ବିଗିଡ଼ିଗଲା, ନଇଲେ···କହି ହଠାତ୍ ରହିଯାଇ ଢୋକ ଗିଳିଲା ଖାର ।

—ଓ, ଏଇ ବାବୁ ! ହଁ, ତୋ ମୁହଁରୁ ବହୁତ ଥର ଶୁଣିଛି ଏ ବାବୁଙ୍କ ନାଁ । ଗୁଡ଼, ଯାହା ହବାର ତ ହେଇଗଲାଣି···କହି କଥାର ପ୍ରସଙ୍ଗ ବଦଳାଇବା ପାଇଁ କ'ଣ ଟିକେ ମନେ ମନେ ଚିନ୍ତା କଲା ପରି ହେଲେ । ତାପରେ କହିଲେ—ଆମେ ଗୋଟାଏ "ପତିତା ଉଦ୍ଧାରଣୀ ସଂଘ" କରିବାକୁ ଠିକ୍ କରିଚୁ । ବଙ୍ଗଳା ସରକାର ଯୁ' ଜୁଲମ ଆରମ୍ଭ

କରିଚି, ତାର ପ୍ରତିକାର ନ କଲେ ଆଉ ଚଳିବନି ବାବୁ ! ଆମର ଜଣେ ସାଠୁଆ ଲୋକ ଦରକାର । ଆପଣ ତ ଆଇଚନ୍ତି; ସବୁ କଥା ଦେଖିବେ, ତାହେଲେ ଆଜି ସଞ୍ଜବୁଡ଼କୁ ମୁଁ ସବୁଆଡ଼େ ଖବର ଦେଇ ଗୋଟାଏ ସଭା ଡାକିବି ।

—ତମେ ଏକା ନା ଆଉ କିଏ ଅଛି ଏ ପ୍ରସ୍ତାବ ପଛରେ ?

—ନା, ଏ କଥାକୁ ଆମେ ପ୍ରକଟ କରିବାକୁ ଚାହୁଁନୁ । ଗତଦିନ ଭାବିଚିନ୍ତି ବହୁ କଷ୍ଟରେ ଆମେ ଏ ସମିତି କରିବାକୁ ଠିକ୍ କରିଚୁ ।

—କ'ଣ ହବ ଏ ସମିତି କରି ? ଉପେନ୍ ପଚାରିଲା । ପତିତାଙ୍କୁ ଉଦ୍ଧାର କରିବ ? ଉଦ୍ଧାର କରି ନବ କୁଆଡ଼େ ? ତାଙ୍କ ସଦ୍‌ଗତିର ଅନ୍ୟ ପନ୍ଥା କ'ଣ ? କିଛି ସଂସ୍ଥା ଅଛି ଆଉ ତାଙ୍କ ଜୀବିକାନିର୍ବାହର ?

—ଏଁ ! ମଙ୍ଗରାଜ ହଠାତ୍ ଯେମିତି ଆକାଶରୁ ଖସିପଡ଼ିଲେ । ହଁ, ଗୋଟାଏ କିଛି ପନ୍ଥା ବାହାର କରିବା । ଆଗ ସମିତିଟା ହଉ ।

—ପନ୍ଥା ଠିକ୍ କରି ସିନା ସମିତି ଗଢ଼ିବା ବ୍ୟବସ୍ଥା କରିବ ! ସେମାନଙ୍କ ଜୀବିକାନିର୍ବାହର କିଛି ରାସ୍ତା ଠିକ୍ ନ କରି......

ଏତିକିବେଳେ ଖୀର ଗୋଟାଏ କ'ଣ କହିବାକୁ ବାହାରିଲା । ମଙ୍ଗରାଜ ତାକୁ ବାଧା ଦବାକୁ ଚେଷ୍ଟା କରି ପୁଣି କ'ଣ ଭାବି ଟିକିଏ ରହିଯାଇ କହିଲେ —ହଉ, ତୁ କହ ।

ଖୀରୁ ଟିକିଏ ଥଙ୍ଗଥଙ୍ଗ ହେଲା । ଟିକିଏ ମଙ୍ଗରାଜଙ୍କ ମୁହଁକୁ ଆଉ ଟିକେ ଉପେନ୍ ଆଡ଼କୁ ଚଙ୍ଗଚଙ୍ଗ କରି ଚାହିଁ କହିଲା—ସବୁ ଠିକ୍ ହେଇଚି ଉପେନନା, ତୁମେ ଖାଲି ହଁ ଭରିଲେ ହେଲା । ସେମାନଙ୍କ ପାଇଁ ଆମେ ଯାହାପାଟି ଠିକ୍ କରିଚୁ ।

ଉପେନ୍ ହସିବ କି କାନ୍ଦିବ କିଛି ଠିକ୍ କରିପାରିଲାନି । କହିଲା—ଏଠି ପତିତାଙ୍କ ସଂଖ୍ୟା କେତେ ?

—ହେବେ ପାଞ୍ଚ ଦଶ ହଜାର ।

—ଗୋଟାଏ ଗୋଟାଏ ସୁଆଙ୍ଗ ପାର୍ଟିରେ କେତେ ଜଣଙ୍କୁ ସ୍ୱାଙ୍କ ଭିତରୁ କାମରେ ଲଗେଇପାରବୁ ସାର ?

ଏଥର ସାର ଟିକଏ ଅଡୁଆରେ ପଡ଼ିଗଲ୍ । ଏ ପ୍ରଶ୍ନର ଉତ୍ତର ସେ କ'ଣ ଦବ, ହଠାତ୍ ଭାବିପାରିଲାନି । କହିଲ୍—ସମସ୍ତେ କ'ଣ ଯାତ୍ରାପାର୍ଟିରେ କାମ କରିବେ ? ଦି' ଚାରିଟା ଦଳ କରି ଆମେ ଗୋଟାଏ ନଜିର ଦେଖେଇ ଦବୁନା । ଅସଲ ଆମ ମତଲବ କ'ଣ ବୁଝିପାରୁଚ ଉପେନ୍ଦନା ?

କଥା ମଝିରେ ପୁଣି ବାଧା ଦେଲେ ମଙ୍ଗରାଜ । କହିଲେ—ତୁ ରହ ସାର, ମୁଁ ବୁଝେଇ ଦଉଚି । ଅସଲରେ ଆମ ମତଲବ ହେଲା ଏଠି ଯେଉଁ ପାଞ୍ଚ ଦଶ ହଜାର ପତିତା ଅଛନ୍ତି, ସେମାନଙ୍କଠୁ ପାଞ୍ଚ, ପାଞ୍ଚ ଟଙ୍କା ନେଇ ଆମ ସଂଘରେ ଗୋଟାଏ ଗୋଟାଏ ମେମ୍ବର କରିଦବୁ । କେହି ଅରାଜି ହେବେ ନାହିଁ । ଆମ ହାତକୁ ସାତ ଆଠ ଦିନ ଭିତରେ ଚାଳିଶ ପଚିଶ ହଜାର ଟଙ୍କା ଚାଲିଆସିବ ।

—କିନ୍ତୁ ସେମାନେ ପାଞ୍ଚ ଟଙ୍କା ଦେଇ ମେମ୍ବର ହେବେ କାହିଁକି ? କ'ଣ ପାଇବା ଆଶାରେ ?

—ବଙ୍ଗଳାର ପୁଲିସ ତାଙ୍କ ଉପରେ ଯେଉଁ ଜୁଲମ କରୁଚି ସେଥିରୁ ଆମେ ତାଙ୍କୁ ରକ୍ଷା କରିବୁ । ତାଙ୍କର ଦେହମୁଣ୍ଡ ହେଲେ ସେବା ଶୁଶ୍ରୂଷା କରିବା, ତାଙ୍କୁ ନାଚଗୀତ ଶିଖେଇବା ପାଇଁ ସ୍କୁଲ ବସେଇବା, ତାଙ୍କୁ ଶିକ୍ଷିତ କରିବା ପାଇଁ ଜାଗାଏ ଜାଗାଏ ଲାଇବ୍ରେରୀ ବସାଇବା, ଆଉ ତାଙ୍କ ନାଁରେ ପୁଲିସ ତରଫରୁ ମାଲି-ମକଦ୍ଦମା ହେଲେ ଓକିଲ ଦେଇ କେସ୍ ଲଢ଼ିବା—ଏଇସବୁ ହେବ ଆମ ସମିତିର କାମ ।

ଉପେନ୍ ଦେଖିଲା, ମଙ୍ଗରାଜ ଚିନ୍ତା କରିଚନ୍ତି ଅନେକ । "ପତିତା ଉଦ୍ଧାରିଣୀ ସଙ୍ଘ" ନାଁରେ ହୁଏତ ଘରତର ଅଧଃପତିତା ନାରୀ

ଜାତି ପାଇଁ ଏ ଗୋଟିଏ ଦ୍ୱିତୀୟ ସ୍ୱର୍ଗର ପରିକଳ୍ପନା କରି ରଖିଚନ୍ତି । ପଇସା ଉପାର୍ଜନର ଫନ୍ଦି ଥିଲେ ଏଇପରି କେତେ କେତେ ମହତ୍ ଅନୁଷ୍ଠାନ କଥା ମଙ୍ଗରାଜଙ୍କ ପରି ପୁଣ୍ୟବନ୍ତ ଲୋକ ଚିନ୍ତା କରିପାରେ । ପୁଣି ତାଙ୍କ ସାଙ୍ଗକୁ ଯଦି ଏଇ ଗାଁର କେତେ ଜଣ ଜୁଆନ ଭେଣ୍ଡିଆ, ଆଉ ଘାର ଓସ୍ତାଦ୍ ପରି ସୁଆଙ୍ଗ ଟୋକା ଥାଆନ୍ତି ଗୀତ ନୃତ୍ୟର ଉତ୍କର୍ଷ ଭିତରେ ପତିତା ଜୀବନର ସଦ୍‌ଗତି ଆଣିଦେବା ପାଇଁ, ତାହେଲେ···

କ'ଣ କରିବ ଉପେନ୍ କିଛି ଭାବିପାରିଲା ନାହିଁ । କହିଲା—କାମ କିଛି ଆରମ୍ଭ ହେଇଚି ନା ମୁଁ ରହିଲେ ଆରମ୍ଭ ହେବ ?

ମଙ୍ଗରାଜ ଟିକିଏ ଚିନ୍ତା କଲା ପରି ଗୁମ୍ ହୋଇ ବସିଲେ । ତାପରେ କହିଲେ—ଆରମ୍ଭ ହେଇଚି ।

—ଆପଣଙ୍କ ସାଙ୍ଗେ ଆଉ କିଏ କିଏ ?

—ଜଣେ ନୈଶ୍ୟ ବିଦ୍ୟାଳୟର ବ୍ୟବସ୍ଥାପକ, ଆଉ ଜଣେ ଉଦୀୟମାନ ଗଣକବି, ଆଉ ଜଣେ ଓଡ଼ିଶାର ବିଖ୍ୟାତ ଗାୟକରତ୍ନ ଜଗଦେବଙ୍କ ପୁତୁରା । ଆଉ ଜଣେ···

—ଥାଉ ମଙ୍ଗରାଜବାବୁ ! ଆଉ ବେଶୀ କହିବାକୁ ପଡ଼ିବ ନାହିଁ । ଏ ତ ଏକ ଅଦ୍ଭୁତ ଯୋଗାଯୋଗ । ଉଦୀୟମାନ ଗଣକବି ଅଛନ୍ତି, ତରୁଣ ଗାୟକଚୂଡ଼ାମଣି ଅଛନ୍ତି, ଶିକ୍ଷାବିତାନର ବ୍ୟବସ୍ଥାପକ ଅଛନ୍ତି । ମାନେ ଶିକ୍ଷା, ସାହିତ୍ୟ, ସଙ୍ଗୀତ ! ! ···ପତିତା ଉଦ୍ଧାର ପାଇବାର ପ୍ରଶସ୍ତ ପଥ । ଏଠି ମୋର ପ୍ରୟୋଜନ କ'ଣ ? ମୁଁ ନା କବିଗୁରୁ, ନା ଗାୟକରତ୍ନ ? ପାଠ ଦି' ଅକ୍ଷର ପଢ଼ିଛି । କିନ୍ତୁ ଏ "ପତିତା ଉଦ୍ଧାରଣୀ ସଙ୍ଘ" ପାଇଁ ଯେ ଶାଠର ପ୍ରୟୋଜନ । ମତେ ତ ସେ ବିଦ୍ୟା ମାଲୁମ ନାହିଁ । ଘାର ଆପଣଙ୍କ ପାଖକୁ ଗୋଟେ ଅପଦାର୍ଥକୁ ଘେନି ଆସିଚ । ତା ହାତରେ ନା ଆଖଡ଼ା ହେବ, ନା ଖଡ଼ା ସିଝିବ ! କହି ଉପେନ୍ ଉଠି ଠିଆ ହେଲା ।

—ବସନ୍ତ । ଆଉରି ଅନେକ କଥା ଅଛି । ଆଚ୍ଛା, "ପତିତା ଉଦ୍ଧାରଣୀ ସଙ୍ଘ" ନ ହେଲା, "ପ୍ରବାସୀ ଓଡ଼ିଆ ସମ୍ମିଳନୀ" କିମ୍ବା "ଜଗନ୍ନାଥ ଧର୍ମ ସମିତି"—ଯାହା ଗୋଟେ କିଛି କରିପାରିଲେ ଗୃହାର ଅଭାବ ହବନି । ମୁଁ ସବୁ କରିବି, ଖାଲି ଖାତାପତ୍ର ନେଇ ବସିବ ତମେ ।

ଘର ଭିତରୁ ବାହାରି ଆସୁ ଆସୁ ପୁଣି ଟିକେ ଠିଆହେଇ ପଚାରିଲା ଉପେନ୍—ଖାତାପତ୍ର ନେଇ ବସିବି, ତାପରେ ?

—ତାପରେ ପ୍ରତି ମାସରେ କଟକରୁ ଜଣେ ଅଧେ ନେତାଙ୍କୁ ଆଣି ଉତ୍କଳ ସମ୍ମିଳନୀ, ସାହିତ୍ୟ ସଭା କିମ୍ବା "ପ୍ରବାସୀ ପୃଷ୍ଠପୋଷୀ ବୈଠକ"ରେ ଭାଷଣ ଦବା ପାଇଁ ଗୋଟାଏ ଆୟୋଜନ କରିପାରିଲେ ଟଙ୍କାର ଅଭାବ କ'ଣ ?

—ଚମତ୍କାର ! ଉପେନ୍ କହିଲା, ମାସିକ ତନ୍‌ଖା଼ଟା ମୋର କେତେ, ସିରି ମଙ୍ଗେ ବୁଝାଅ ଆଗେ ! କହି ଉପେନ୍ ଚାଲି ଚାଲି ହେଇ ଅଗଣା ଆଡ଼େ ଆସିଲା ।

—ହଉ, ତମେ ଟିକିଏ ଦୁଆର ସେପାଖେ ଅପେକ୍ଷା କର । ସିରିର ମୋର କଥା ହେଇ ଯାଉଚି ।

—ହଁ, ମୁଁ ଅପେକ୍ଷା କରିଚି ବାହାରେ । କହି ଉପେନ୍ ଅଗଣାପଟ ଦୁଆର ଖୋଲି ଗଳି ଭିତରକୁ ଆସିଲା । ତାପରେ ଚାଲି ଚାଲି ଗଳିର ସଂକୀର୍ଣ୍ଣ ସୁଡ଼ଙ୍ଗ ଅତିକ୍ରମ କରି ବଡ଼ ରାସ୍ତା ଧରି ଆସି ଆସି ପାନ ଦୋକାନ ପାଖକୁ ଆଗେଇଯାଇ କହିଲା—

—ଖଣ୍ଡେ ପାନ ଦବ ?

ଉପେନ୍ ମୁହଁକୁ ବିସ୍ମାରିତ ଦୃଷ୍ଟିରେ ଚାହିଁ ପାନବାଲା ପଚାରିଲା—ସାଦା ନା ଗୁଣ୍ଡି ?

—କ'ଣ ଖାଇଲେ ଭଲ ଲାଗିବ ? ଉପେନ୍ ଅନ୍ୟମନସ୍କ ଭାବରେ ପଚାରିଲା ।

—କ'ଣ ଖାଇଲେ ! ଥକ୍କା ହୋଇ ଗୁହାଁରିଲା ପାନବାଲା । ଲୋକଟା ପାଗଳା ନା କ'ଣ ? ଗୁଣ୍ଡି ଖାଇଲେ ଭଲ ଲାଗିବ; କିନ୍ତୁ ଯେ ଗୁଣ୍ଡି ଖାଏ ସିନା! ତାର କମିତି ଘାରି ସନ୍ଦେହ ହେଲା । ଲୋକଟା ଓଡ଼ିଆ କହୁଚି । କିନ୍ତୁ ଚେହେରାଟା ସନ୍‌ଲାଇଟ୍ ସାବୁନ ପରି ହଳଦିଆ । ଏ ଗଳିରେ ଏତେ ଓଡ଼ିଆ, କିନ୍ତୁ ଜଣେ ହେଲେ କାହାର ଚେହେରା ଏ ଲୋକଟା ପରି ନୁହେ । ସାଦା-ସିଧା, କିନ୍ତୁ ଆଖିରେ କି ତେଜ ! କଥାରେ କି ଜୋର୍ ! ଛୁଡ଼ା ହବାର ଠାଣିରେ କି ମରଦପଣିଆର ମୁରାଟ !—ବାବୁ ତମ ଘର ? ପାନବାଲା ପଚାରିଲା ।

—ତମ ଘର ? ଉପେନ୍ ଓଲଟା ପଚାରିଲା ।

—ଖଜୁରିଆ ତେରପାଣି ।

—ପୁରୀ ଜିଲ୍ଲା ?

—ଜାଣିଚ କି ?

—ହଁ, ଜାଣେ । ତମ ନାଁ କ'ଣ ?

—ଧନୁର୍ଦ୍ଧର ମହାପାତ୍ର ।

—ଶାସନୀ ବ୍ରାହ୍ମଣ ?

—ହଁ ଅଜ୍ଞା !

—ଏ ଗଳି ନାଁଟା କ'ଣ ?

—ହାଡ଼ିକଟା ଗଳି ।

—ହାଡ଼ିକଟା ! ମନକୁ ମନ ନାଁଟା ଉଚ୍ଚାରଣ କରି ପୁଣି ଥରେ ମହାପାତ୍ରଙ୍କ ମୁହଁକୁ ଅନେଇଲା ଉପେନ୍ ।

—ପାନ ନଅନ୍ତୁ । ଖିଲ ବଢ଼େଇଦେଲା ଧନୁର୍ଦ୍ଧର ।

—କେତେ ଦେବ ?

—ଦେବେ କ'ଣ ? ପାନ ଖଣ୍ଡେ ତ, ଏତେ ଢିନଟଙ୍କ ଆମ ଆଡ଼କୁ ଲୋକ ଦେଖିଲ ।

—ଏତେ ଦିନକେ ? କାଇଁ କି, ଏ ଗଳିରେ ଏତେ ଓଡ଼ିଆ !

—ହଁ ବାବୁ, ଓଡ଼ିଆ ସତ, ହେଲେ···

—ହେଲେ କ'ଣ ? ଉପେନ୍ଦ୍ର ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

—ସେଗୁଡ଼ାକ କ'ଣ ଶୁଣିବ ବାବୁ ! ମଣିଷ ନୁହନ୍ତି ଏମାନେ ।

—ଆଉ ଏ ଅମଣିଷଙ୍କ ଭିତରେ ତୁମେ ଯେ···

—ମୁଁ ବି ସେଇଆ ।

—ତୁମେ ବି ?

—ହଁ ବାବୁ, ପେଟପାଟଣା···

ଠିକ୍ କହୁଚି । ପେଟ ପାଇଁ ମଣିଷ ଅମଣିଷ ହୋଇ ରହିବାକୁ ବି ପସନ୍ଦ କରେ । ଖାଲି ମା, ଭଉଣୀକି ଛାଡ଼ିଦେଇ କଲିକତାରେ ଓ ସ୍ତାଦିଗିରି କରିବାକୁ ବି ପସନ୍ଦ କରେ । ଆଉ ମଙ୍ଗରାଜ ଚୁନ୍ଦା ଉଠେଇବା ପାଇଁ ପତିତା ଉଦ୍ଧାରିଣୀ ସଙ୍ଘ ନାଁରେ ପ୍ରବଞ୍ଚକ ସାଜିବାକୁ ବି ପସନ୍ଦ କରେ । ଓଡ଼ିଆର ପ୍ରବାସୀ ଜୀବନ କୁତ୍ସିତ ବୃତ୍ତିର ଖାଉସ୍ରୋତ ଭିତରେ ଆଜି ଏଇପରି ଜଘନ୍ୟ ଆଉ ଅଭିଶାପଗ୍ରସ୍ତ । ପାଟିରେ ପାନଖଣ୍ଡିକ ପୂରେଇ ଉପେନ୍ ଥରେ ସଂକୀର୍ଣ୍ଣ ଗଳିର ଧୂସରତା ଆଡ଼କୁ ଲକ୍ଷ୍ୟ କଲା । ଖାଲି ଏପର୍ଯ୍ୟନ୍ତ ଆସିନି । ହୁଏତ ମଙ୍ଗରାଜଙ୍କ ବଗିର ସନ୍ଧାନ । ଉପେନ୍ଦ୍ରର ତନଖା ସମ୍ବନ୍ଧରେ ଦୁଇଟି କଲକଣ୍ଠ ଓଡ଼ିଆ ପ୍ରାଣ ହୁଏତ ଗୋଟାଏ ଶେଷ ନିଷ୍ପତ୍ତିରେ ପହଞ୍ଚିବାକୁ ସାମନ୍ତ ଚନ୍ଦ୍ରଶେଖରଙ୍କ ଗଣନା କାମରେ ବ୍ୟତିବ୍ୟସ୍ତ ।

କ'ଣ ଠିକେ ଭାବଲୁ ଉପେନ୍ ।

ବେଶ୍ ଠିକେ ଭାବଲି ।

ତାପରେ···

ମଧ୍ୟାହ୍ନର ସାନ୍ଦ୍ର ପ୍ରଖରତା ଭିତରେ କଲିକତାର ଜନସମୁଦ୍ର ଭିତରେ ନିଶ୍ଚିହ୍ନ ହୋଇଗଲି···

ଯେପରି ଗୋଟାଏ ଉତ୍ତେଜନାରେ ମାଧବୀ ଅନ୍ୱେଷଣରେ ଉପେନ୍ ଆସିଥିଲା, ସେଇପରି ଅବ୍ୟବସ୍ଥିତ ହୃଦୟର ଭାରାକ୍ରାନ୍ତ ମନ ନେଇ ସମସ୍ତ ମଧ୍ୟାହ୍ନ, କଲିକତା ରାଜପଥରେ ଘୂରିବୁଲି ସନ୍ଧ୍ୟାରେ ହାୱଡ଼ା ଷ୍ଟେସନରୁ ପୁରୀ ଏକ୍ସପ୍ରେସରେ ଟିକଟ କାଟି କଟକ ଅଭିମୁଖେ ଫେରିଗଲା । ସାରା ରାତିଟା ଧରି ଗାଡ଼ି ଭିତରେ ସେ ଅନେକ କଥା ଭାବିଲା । ନିର୍ଦ୍ଦିଷ୍ଟ ଲକ୍ଷ୍ୟ କ'ଣ ତା ଜୀବନରେ ? କ'ଣ ହେବ ସେ ? ଗୋଟାଏ ବଡ଼ ରୋଜଗାରିଆ ମଣିଷ, ନେତା ନା ଦାର୍ଶନିକ ? ମାଠପଡ଼ା ତ ସରିଚି । ରୋଜଗାର ଯଦି ତା' ଜୀବନର ଲକ୍ଷ୍ୟ, ତେବେ ଦେଶର ଯେତେସବୁ ସମସ୍ୟା ସମ୍ବନ୍ଧରେ ସେ ଭାବୁଚି କାହିଁକି ? ଦଶ ଜଣଙ୍କ ପାଖରେ ଦୋଷ-ତ୍ରୁଟି ଦେଖିଲେ ସେ ସମାଲୋଚନା କରୁଚି କାହିଁକି ? ଦି'ଅକ୍ଷର ପଢ଼ିଛି ବୋଲି, ତା ଚିନ୍ତାରେ ପ୍ରଗତିଶୀଳ ମନୋଭାବର ଝୁଙ୍କ୍ ଅଛି ବୋଲି ତା ପାଇଁ ସମାଜଟା କ'ଣ ରାତାରାତି ବଦଳିଯିବ ? ସବୁ ଖରାପ ଭଲ ହୋଇଯିବ ! ଯେତେ ଅନ୍ୟାୟ ସୁଧୁରିଯିବ ରାତିକ ଭିତରେ ! ଏମିତି ହେବା କ'ଣ ସମ୍ଭବ !

ବଡ଼ ଜଟିଳ ଏ ପ୍ରଶ୍ନ । ଉପେନ୍ ଭାବିଲା ।

ଏକ୍ସପ୍ରେସ ଗାଡ଼ି ଛୁଟି ଚାଲିଛି । ତା ଗତିଶୀଳ ଛନ୍ଦରେ ଏକଟଣା ସୁରର ଝମ୍ ଝମ୍ ଆବାଜ । ଯା ଆଗରୁ ବି ବହୁତ ଥର ଗାଡ଼ିରେ ବସି, ବହୁ ଜାଗା ଘୂରିବୁଲିଚି ଉପେନ୍ । ଏଇ ଟ୍ରେନ୍, ତାର ଏଇ ଭିଡ଼, ଆଉ ତାର ଗତିଶୀଳତାର ଏଇ ଛନ୍ଦ, ସବୁ ସେଇମିତି ଅତୁଟ ରହିଚି । କାହିଁ ପରିବର୍ତ୍ତନ ? ବରଂ ଯୁଦ୍ଧବଜାର ପାଇଁ ଭିଡ଼ ବଢ଼ିଛି । ଭିଡ଼ ବଢ଼ିବା ସଙ୍ଗେ ସଙ୍ଗେ ଯାତ୍ରୀସଂଖ୍ୟା ବି ବଢ଼ିଚାଲିଛି । ଟିକଟର ମୂଲ୍ୟ ବି ବଢ଼ିଚି । ଆଉ ମୂଲ୍ୟ ବଢ଼ିବା ସଙ୍ଗେ ସଙ୍ଗେ ଟ୍ରେନରେ ଯିବାରେ ଅସୁବିଧା ବି ବଢ଼ିଚି । କମୁ ନାହିଁ ତ କଣ୍ଟ ! ବଦଳୁ ନାହିଁ ତ ଯାତ୍ରୀଙ୍କ ବସିବାର ଅବ୍ୟବସ୍ଥା ! ଯେପରି ମନେହଉଚି, ଭଲ ଆଉ

ଆରାମ ମୁହଁରେ ଚାହିଁଲେ ମଧ୍ୟ ସମସ୍ତେ ନିଜର ପ୍ରୟୋଜନୀୟତା ଦୃଷ୍ଟିରୁ ଜଞ୍ଜାଳ ଭିତରେ, ଆହୁରି ଜଞ୍ଜାଳକୁ ବେଖାତିର କରି, ମାଡ଼ି ମକଚି ଲକ୍ଷ୍ୟପଥରେ ଆଗେଇ ଚାଲିଛନ୍ତି । କୁ'ଥି ପାଇଁ ପରୱା ନାହିଁ କାହାର । କଳାବଜାର ବଢ଼ିଛି—ବଢ଼ୁ । ତେବେ ବି ଦରକାରୀ ଜିନିଷ କିଣିବାକୁ ହେବ । ଟିକଟ ବନ୍ଦ—ତେବେ ବି ଫାଟକ ପାଖରେ ଲାଞ୍ଚ ଦେଇ କୌଣସିମତେ ପ୍ଲାଟଫର୍ମ ଉପରକୁ ଆସି ଠେଲାପେଲା ହୋଇ ରେଳ-ଡ଼ବା ଭିତରେ ପଶିବାକୁ ପଡ଼ିବ । ଟିକଟ କଲେକ୍ଟର ଟିକଟ ଦାବିକଲେ ଦି ଡବଲ ଫାଇନ୍ କରିବ । କରୁ, ତାକୁ କିଛି ହାତଗୁଞ୍ଜା ଦେଇ ରଫାଦଫା କରିଦେବାକୁ ହେବ । ଗାଡ଼ିରେ ଚଢ଼ି ଯିବାକୁଇ ହେବ । ଆରାମ ଥାଉ ନ ଥାଉ । ଟିକିଏ ଅସୁବିଧା । ଅସୁବିଧା ଇ ତ ମଣିଷର ଜଞ୍ଜାଳ । ଆଉ ଜଞ୍ଜାଳଇ ତ ମଣିଷର ଜୀବନ ।

ଉପେନ୍ ଭାବିଲା, ସମସ୍ତେ ଯଦି ଏଇ ଭାବନାରେ ଜୀବନକୁ ଉପଭୋଗ କରି ଚାଲିଛନ୍ତି, ତାର ଏମିତି ଖାପଛଡ଼ା ଚିନ୍ତାର ମତିଭ୍ରମ କାହିଁକି ? ସବୁ କିଛି ଖରାପ ଭିତରେ ସେ ବି କାହିଁକି ନିଜକୁ ସୁହାଇ ନେଇ ପାରୁ ନାହିଁ ? ସେ କାହିଁକି ଛିଟିକି ପଡ଼ୁଛି ସମାଜର ଗତାନୁ-ଗତିକତା ଭିତରୁ ? ସେ କାହିଁକି ପାଖେଇ ଯାଉଛି ବ୍ୟତିକ୍ରମଠୁ ଦୂରକୁ? କାହିଁକି ? ସେ କ'ଣ ଶୁଚିବାୟୁଗ୍ରସ୍ତ ?

ଗୋଟାଏ କୁ' ଷ୍ଟେସନରେ ଗାଡ଼ି ଠିଆ ହେଲା । ଛୋଟ ଗୋଟାଏ ଷ୍ଟେସନ । ପ୍ଲାଟଫର୍ମରେ ଆଲୁଅର ରୋଷଣୀ ନାହିଁ । ଏକ୍ସପ୍ରେସ ଟ୍ରେନ୍‌ଟା ଏଠି ଛିଡ଼ା ହବା କଥା ନୁହେଁ । ତେବେ ବି ଛିଡ଼ା ହୋଇଗଲା । ବୋଧେ ସିଗ୍ନାଲ ପଡ଼ିନି କିମ୍ବା ଆଉ କିଛି ଅସୁବିଧା । ମାତି ନିୟମର କିଛି ବିଭ୍ରାଟ । ଶୃଙ୍ଖଳାର ବ୍ୟତିକ୍ରମ ।

ବ୍ୟତିକ୍ରମ ସବୁଠି । ଉପେନ୍ ଭାବିଲା, ଯା'ର ଧାଇଁବାର କଥା, ସେ ବି କୁ'ଠି କାହାର ଅସୁବିଧା ପାଇଁ ଅପେକ୍ଷା କରି ଠିଆହୋଇଛି । ଖାଲି ଶୃଙ୍ଖଳାକୁ ଧରିବସିଲେ ଧାଇଁବା ତ ଦୂରର କଥା, ଚାଲି ବି ହବନି । ଖାଲି ସତ ଓ ନ୍ୟାୟକୁ ଜାବୁଡ଼ି ଧରିଲେ ବଡ଼ ହେବା ତ ଦୂରର କଥା, ବଞ୍ଚି ବି ହବନି । ଆଜିର ଦୁନିଆଟା ତା'ହେଲେ କ'ଣ

ଏଇଆ ? ତୁମେ ଯେତେ ଭଲ ହୁଅ ପଛେ, ଖରାପକୁ ତୁମକୁ ସ୍ୱୀକାର କରିବାକୁ ହେବ । ତୁମେ ଯେତେ ନ୍ୟାୟବାନ୍ ହୁଅ ପଛେ, ଅନ୍ୟାୟକୁ ପ୍ରଶ୍ରୟ ଦେବାକୁ ହେବ । ତୁମେ ଯେତେ ଠିକ୍ ଥାଅ ପଛେ, ଭୁଲ୍‌କୁ ବି ଶୁଣିବାକୁ ହେବ ଆଉ ଅପେକ୍ଷା କରିବାକୁ ହେବ ଏଇ ଗତିପ୍ରମତ୍ତ ଏକ୍‌ସପ୍ରେସ୍ ଗାଡ଼ି ପରି ଅଧବାଟରେ ହଠାତ୍ । ତୁମେ ଯେତେ ବଡ଼ ହୁଅ ପଛେ, ଯେତେ ବିରାଟ ତୁମର ଲକ୍ଷ୍ୟ ହେଉ ପଛେ, ତୁମକୁ ଏଇପରି ଗୋଟିଏ ଗୋଟିଏ ଛୋଟ ଷ୍ଟେସନ୍‌ରେ ଅଟକି ଯିବାକୁ ହି ପଡ଼ିବ । ଉପେନ୍ ଭାବିଲା, ଠିକ୍ ତ, ପଦେ ପଦେ ବାଧା । ଚାଲିବାର ଯେତେ ନିଶ୍ଚିତ ପ୍ରତିଜ୍ଞା ନେଇ ଆଗେଇଲେ ବି ନିର୍ବାଧରେ ଚାଲି ହେଉଛି କେଉଁଠି ? ସେ ତ କେତେ ବଡ଼ ବିରାଟ ପରିକଳ୍ପନା ନେଇ ଓହ୍ଲାଇଥିଲା ଜୀବନର ବୃହତ୍ତର ରାଜପଥ ଉପରକୁ, ଆଗେଇ ଯିବାର ତ କମ୍ ପ୍ରେରଣା ନ ଥିଲା ତାର । କିନ୍ତୁ କେତେ ଦୂର ସେ ଆଗେଇଛି ?

ହୁଇସିଲ୍ ବାଜିଉଠିଲା । ବୋଧେ ସିଗ୍‌ନାଲ ପଡ଼ିଲା । ଏକ୍‌ସପ୍ରେସ୍‌ର ବେଗ ଧୀରେ ଧୀରେ ବଢ଼ି ଚାଲିଲା । ପୁଣି ସେଇ ଝମ୍‌ଝମ୍ ଆଓ୍ୱାଜ । ସେଇ ଦୋଳା ଆଉ ସେଇ ଝିଙ୍କଣରେ ଗତିଶୀଳତା ଭିତରେ ସମୟର ନିଶ୍ଚୁପ୍ ପଦକ୍ଷେପ । ସମୟ ଏଠି କଥା କହୁଛି । ବେଶ ସ୍ପଷ୍ଟ ତାର କଥା । ଶୁଣିବାର ଉଦ୍ଦୀପନା ଥିଲେ ବେଶ୍ ଶୁଣିହେବ । କିଏ କହେ, ସମୟର ପ୍ରାଣ ନାହିଁ ! ସମୟ ମୂକ ! ଭୁଲ୍ । ସମୟଠୁ ବଳି ବିପୁଳ ଆଶ୍ଚର୍ଯ୍ୟ ଅଛି କ'ଣ ? ତାର ଉଦ୍‌ବେଳିତ ତରଙ୍ଗ, ତା ତରଙ୍ଗର ଫେନିଳ ଚୂଡ଼ା, ସେଇ ଚୂଡ଼ାଶୀର୍ଷରେ ଆରୋହଣ କରି କେହି କେବେ ଚାହିଁ ଦେଖିଛି ଶୂନ୍ୟଲୋକକୁ ? କଳ୍ପନାର ଆକାଶ ସେଠୁ କେତେ ପାଖରେ ! ଯେମିତି ହାତ ବଢ଼ାଇଲେ ହିଁ ଶୂନ୍ୟର ନୀଳିମାକୁ ଛୁଇଁହେବ । ନୀଳିମାର ପ୍ରସାରିତ ବହୁଳତା । ତାରି ଭିତରେ ହଜି ଯାଇହେବ । ମେଘ-ଲୋକରେ ମିଶି ବିରାଟ ସେ ଆକାଶରୁ ବିଶାଳ ଏ ପୃଥିବୀଟି ପର୍ଯ୍ୟବେକ୍ଷଣ କରିହେବ । ଘାତପ୍ରତିଘାତ ଭିତରେ ହିଁ ମନର ଦ୍ୱନ୍ଦ୍ୱ ପାଏ ତାର ଅଭିବ୍ୟକ୍ତି । ନିଜକୁ ବ୍ୟକ୍ତ କରି ସେ ବଡ଼ ହୁଏ । ଉପେନ୍ ଭାବିଲା, ସେ ବି ବଡ଼ ହୋଇଉଠିବ ।

ଆଶ୍ଚର୍ଯ୍ୟ ଭାବରେ ବଡ଼ ହୋଇଉଠିବ ।

ମାତ୍ର ଗୋଟିଏ ଦିନର ସଫର । ପୁରୀ ଏକ୍ସପ୍ରେସ୍‌ରୁ କଟକ ପ୍ଲାଟଫର୍ମରେ ଓହ୍ଲାଇ ଉପେନ୍‌ର ଯେପରି ମନେହେଲା, ଚାରିଆଡ଼ କେମିତି ନୂଆ ନୂଆ । ଦୁନିଆଁରେ ଅନେକ କିଛି ଦେଖି, ପୃଥିବୀର ଶହ ଶହ ମାଇଲ ଅତିକ୍ରମ କରି, ଲକ୍ଷ ଲକ୍ଷ ଜୀବନର ସଂସ୍ପର୍ଶରେ ଆସି ସେ ଅନେକ ଅନୁଭୂତି ଭିତରେ ହଠାତ୍ ଯେପରି ଆଶ୍ଚର୍ଯ୍ୟ କିଛି ହୋଇଉଠିଛି ।

ହୁଇଲର୍ ବୁକ୍ ଷ୍ଟଲଟା ସବୁ ଦିନ ପରି ଖୋଲା ହେଇଛି । ଶିକ୍ଷିତ ଯାତ୍ରୀଙ୍କର ଭିଡ଼ ସକାଳର ଖବରକାଗଜ ପୃଷ୍ଠା ଓଲଟାଇ ଦେଖିବାରେ । ଅନେକଗୁଡ଼ିଏ ପରିଚିତ ମୁହଁ । ଉପେନ୍‌ର ଇଚ୍ଛା ହେଲା, ସେମାନଙ୍କ ପାଖକୁ ଯାଇ ପଦେ ଅଧେ କଥାବାର୍ତ୍ତା ହେବ । ସେ ଯେପରି ବହୁ ଅଭିଜ୍ଞତା ନେଇ ଫେରିଛି ମହାନଗରୀରୁ । କିନ୍ତୁ ବେଳ ନାହିଁ । ତାକୁ ପ୍ରେସକୁ ଯିବାକୁ ହେବ । ଚାରି ଦିନ-ଛୁଟି ମାଗି ଯାଇଥିଲା ସେ; ମାତ୍ର ଗୋଟାଏ ଦିନରେ ଫେରିଆସିବା ଦେଖି ନିଶ୍ଚୟ ଖୁସି ହେଇଯିବେ ପତ୍ରିକାର ସମ୍ପାଦକ । ଉପେନ୍ଦ୍ରର ଦାୟିତ୍ୱଜ୍ଞାନକୁ ତାରିଫ୍ କରିବେ ରଙ୍ଗନାଥବାବୁ ।

ପ୍ଲାଟଫର୍ମ ବାହାରକୁ ଆସି ଗୋଟାଏ ରିକ୍ସା ଡାକି ଉପେନ୍ ବସାକୁ ଫେରିଲା । କୂଅମୂଳେ ଦି ଡାଳ ପାଣି ଢାଳିହେଇ ଲୁଗା ପିନ୍ଧି ଘରୁ ବାହାରି ଯାଉଯାଉ ତା ନଜର ପଡ଼ିଲା ଖଟ ଉପରେ ଥୁଆ ହୋଇଥିବା ଗଣ୍ଠିଲି ଉପରେ ଚୂଡ଼ା, ହୁଡ଼ୁମ ପଠେଇଥିଲା ବୋଉ ଗାଁରୁ । ପଇସାର ସଦ୍‌ବ୍ୟବହାର କରି ଶିଖିବା ଉଚିତ୍ । ଦୋକାନରେ ଖାଇ କି ଲାଭ ? ତାଟିଆରେ କିଛି ଚୂଡ଼ା ନେଇ ଉପେନ୍ ଗୁଡ଼ ପକେଇ ବେଶ୍ ତୃପ୍ତିର ସହିତ ଜଳଖିଆ କଲା । ତାପରେ ଦୁଆରେ ତାଲା ପକେଇ ପତ୍ରିକା ଅଫିସକୁ ଆସିଲା । ଅଫିସ୍ ଦୁଆରମୁହଁରେ ରଙ୍ଗନାଥବାବୁଙ୍କ ସହିତ ଦେଖା । ଉପେନ୍ ନମସ୍କାର କଲା ।

—ଦୁଇ ଦିନ ଛୁଟି ନେଇଥିଲ ପରା ! ଗାଁକୁ ଗଲ ନାହିଁ ? କାଲି କିନ୍ତୁ ତୁମକୁ ଖୋଜିବାକୁ ବ୍ରଜବାବୁ ଆସିଥିଲେ । ଦେଖା ହୋଇଚ ?

—ନା, ମୁଁ ସିଧା ଗାଡ଼ିରୁ ଆସୁଚି ।

—ଗାଡ଼ି ! କୁଆଡ଼େ ଯାଇଥିଲ ତମେ ?

—କଲିକତା ।

ରଙ୍ଗନାଥବାବୁ ଟିକିଏ ଆଶ୍ଚର୍ଯ୍ୟ ହେଲେ, ପଚାରିଲେ—କି କାମ ଥିଲା ତୁମର କଲିକତାରେ ?

—ବ୍ୟକ୍ତିଗତ ।

—ହୁଁ । ରଙ୍ଗନାଥବାବୁ ଟିକିଏ ଗମ୍ଭୀର ହେଲେ । ଉପେନ୍‌ର 'ବ୍ୟକ୍ତିଗତ' ଉତ୍ତରଟା ତାଙ୍କୁ ଭଲ ଲାଗିଲା ନାହିଁ । କହିଲେ—ଯାଅ, ଅଫିସରେ କାମ ଦେଖ । ତାପରେ ତାଙ୍କର ଖାସ୍ କାମରାକୁ ସେ ଚାଲିଗଲେ ।

ନିଜ ଟେବୁଲ ଉପରକୁ ଆସି ଉପେନ୍ ତାର ନିତିଦିନିଆ ପ୍ରୁଫ୍ କପି ନେଇ ବସିଲା । ସାପ୍ତାହିକ ସାହିତ୍ୟ ସ୍ତମ୍ଭରେ ସେ ଭାବିଲା ଓଡ଼ିଆ ପ୍ରବାସୀ ଜୀବନ ସମ୍ବନ୍ଧରେ ଲେଖିବ ତାର ଦିନକର ଅନୁଭୂତି । କାଗଜ କଲମ ନେଇ ସେ ବସିଲା । ଆଖି ବୁଜି ଧ୍ୟାନସ୍ଥ ହୋଇ ଟିକିଏ ଚିନ୍ତା କଲା । ତାପରେ ଠିକ୍ ଲେଖିବାକୁ ବାହାରିଚି, ସାମନାରେ ଦେଖିଲା, ବ୍ରଜବଲ୍ଲଭ ଆସି ଗମ୍ଭୀରଭାବେ ଠିଆ ହୋଇଚି ।

—ଆଶ୍ଚର୍ଯ୍ୟ ! ପରଅଦିନ ସନ୍ଧ୍ୟାବେଳୁ କୁଆଡ଼େ ଯାଇଥିଲୁ ତୁ ? କାଲି ସାରା ଦିନଟା ଧରି କଟକର ଗଳିକନ୍ଦି ଖୋଜି ମୁଁ ନାକେଦମ୍ ।

—କାହିଁକି ଖୋଜୁଥିଲୁ ତୁ ? ଆଉ ଖୋଜିଲୁ ଯଦି, ତୋର ଦମ୍ ବାହାରିଯିବା କଥା ନ କହିବା ଉଚିତ୍ । କଷ୍ଟ କଲେ ପରିଣାମ ମିଳେ ।

—ଅନୁଶୀଳନ ବୁଦ୍ଧି ଅଛି ତୋର, ତା ମୁଁ ଜାଣେ । କିନ୍ତୁ ପଅରଦିନ ସଞ୍ଜରେ ଆମ ଘରକୁ ଗଲୁ, ଅଥଚ ମୋ ସାଙ୍ଗରେ ଦେଖା ନ କରି, ବନିତା ସାଙ୍ଗରେ କ'ଣ ପଦେ କଥା ହୋଇ, କୁଆଡ଼େ ବେମାଲୁମ୍ ହୋଇଗଲୁ । ମୋର ମନେହେଉଛି, ତୁ ଯେପରି ଏକ ରହସ୍ୟମୟ ଚରିତ୍ରରୂପେ ଦିନକୁ ଦିନ୍ କ୍ରମବୃଦ୍ଧିକମାକାର ହୋଇଉଠୁଛୁ । କଥା କ'ଣ ?

—କଥା କିଛି ନୁହେଁ । ହଠାତ୍ ଗୋଟେ ଉତ୍ତେଜନାରେ କାଲି ଦିନକ ପାଇଁ ମୁଁ କଲିକତା ଚାଲିଯାଇଥିଲି ।

—ଆଉ ଆଜି ସକାଳେ କଟକରେ ଆସି ହାଜର୍ !

—ଦେଖୁଚୁ ତ । ତୋ ସାମନାରେ ସଶରୀରରେ ଯେତେବେଳେ !

—ତା ଅବଶ୍ୟ ଦେଖୁଚି; କିନ୍ତୁ ହଠାତ୍ କଲିକତା ଯାଇ ପୁଣି କଟକ ଫେରିଆସିବା ପଛରେ ମତଲବ ?

—ମତଲବର ବିଶେଷ କିଛି କୁଳକିନାରା କରିପାରିଲିନି ଯେତେବେଳେ, ତତେ କହି ଆଉରି ବୋକାମୀ କରିବାକୁ ଚାହେଁନି । କହି ଉପେନ୍ ଟିକେ ଗମ୍ଭୀର ହୋଇ ବସିଲା । ତାପରେ କହିଲା—ହଁ, ତୋ ପାଖରେ ମୋର ଗୋଟାଏ ଜରୁରୀ କାମ ଥିଲା ବ୍ରଜ ! ତୋର ପରାମର୍ଶ ଉପରେ ହିଁ ଅନେକ କିଛି ନିର୍ଭର କରୁଛି । ମୋ ଦେଇ କ'ଣ ହୋଇପାରିବ, କହିପାରିବୁ ?

ବ୍ରଜବଲ୍ଲଭ ଥକ୍କା ହୋଇ କିଛି କ୍ଷଣ ଚାହିଁଲା ଉପେନ୍ ଆଡ଼େ । ତାପରେ କହିଲା—ମୁଁ ତ ଭାବୁଚି କ'ଣ ନ ହୋଇପାରିବ, ତୋ ଦେଇ !

—ନା, ନା, ତା ନୁହେଁ; ବାସ୍ତବିକ ମୋର କେମିତି ନିଜ ପ୍ରତି ଗୋଟାଏ ଅବିଶ୍ୱାସ ଭାବ ବଢ଼ିଉଠୁଚି କ୍ରମଶଃ । ମୋ ଦେଇ ଯେମିତି

କିଛି ହେବନି; ମୁଁ ସେମିତି କିଛି କରିପାରିବିନି । ମୁଁ ଯେପରି ଏକ ଚର୍ଫଲ ଚରିତ୍ର ଏ ପୃଥିବୀରେ । ପୂରାପୂରି ଏକ ନାଲାୟକ୍ ।

—ଏ କ'ଣ ! ହଠାତ୍ ତୋ ଜୀବନରେ ଏମିତି ଫ୍ରଷ୍ଟ୍ରେସନ୍ କାହିଁକି ଉପେନ୍ ? କ'ଣ ହୋଇଛି ତୋର ହଠାତ୍ ? ଗତ ଚାରି ଦିନ ତଳେ ଯା' ଦେଖିଥିଲି, ଆଜି ଆଉ ତା ନାହିଁ । କଲିକତା ଯାଇ ଫେରି ଆସିବାର ଚବିଶ ଘଣ୍ଟା ଭିତରେ ତୁ ସେମିତି ଏକ ହତାଶବାଦର ଜୀବନ୍ତ ସ୍ଲୋଗାନ୍ ହୋଇଉଠିଛୁ ।

—ତା' ବି ସତ ହୋଇ ପାରିଥାଏ, ତାହେଲେ ତ କିଛି ଗୋଟାଏ ହୋଇଛି ବୋଲି ଗର୍ବ କରିବା କଥା । ସ୍ଲୋଗାନ୍‌ଟାର ବି ଗୋଟାଏ ନିଜସ୍ୱ ମହିମା ଅଛି ବ୍ରଜ ! ସ୍ଲୋଗାନ୍ ଇ ତ ବିପ୍ଳବର ପୂର୍ବାଭାସ, ବିଦ୍ରୋହର ସଙ୍କେତ ଆଉ ଧ୍ୱଂସର ତାଣ୍ଡବ, ଯାହା ଉପରେ ନୂତନତାର ସୃଜନସ୍ତମ୍ଭ ଠିଆହୁଏ ।

—ବେଶ୍ ଭାବୁକ ହୋଇଉଠିଛୁ ଦେଖୁଛି । ବ୍ରଜବଲ୍ଲଭ ଟିକିଏ ରହସ୍ୟ ଗଳାରେ କହିଲା । ତୋ ଦେଇ କବିତା ଇ ଲେଖି ହେବ ।ଆଉ କିଛି ନ ହେଉ, ତୁ ଯେ ଏକ ଅପ୍ରତିଦ୍ୱନ୍ଦୀ କବି ହୋଇପାରିବୁ, ଏ ସାର୍ଟିଫିକେଟ ମୁଁ ତତେ ନିର୍ବିବାଦରେ ଦେଇପାରେ ।

—ଆଉ କବିଗୁଡ଼ାଇ ସବୁଠୁ ଅଭିଶପ୍ତ ଜୀବ ସମାଜରେ, ଜାଣୁ ନିବୋଧ ।

—ଅଭିଶପ୍ତ ଇ ତ ଶାପମୋଚନର ଅଗ୍ରଦୂତ, ସଂଘର୍ଷର ସ୍ଫୁଲିଙ୍ଗ ।

—ଥାଉ, ଥାଉ । ମୋର ବନ୍ଧୁ ହିସାବରେ ଟିକିଏ ଅଧେ ପ୍ରଶସ୍ତିକୁ ଅବଶ୍ୟ ମୁଁ ଡାଇଜେଷ୍ଟ୍ କରିପାରେ । ଯା ବୋଲି ଅତିରିକ୍ତ ଖୁସାମତ୍···କହୁ କହୁ ଉପେନ୍ ବ୍ରଜବଲ୍ଲଭ ଆଡ଼େ ଚାହିଁ କହିଲା—ମୋର ପ୍ରଥମ କବିତା ବହିଟାକୁ ତତେ ଇ ଉତ୍ସର୍ଗ କଲେ କିଛି ଲାଭର ଆଶା ଅଛି ?

—ନିଶ୍ଚୟ ଅଛି । ଉତ୍ତର ସୁନିଶ୍ଚିତ । କିନ୍ତୁ କବିତା ବନ୍ଧୁ'ଟା ଲେଖୁଚୁ ଟିକେ ଟିକେ ?

—ସେ ବି ଏକ ଜଟିଳ ପ୍ରଶ୍ନ । ବେକାରଗ୍ରସ୍ତ ଜୀବନରେ ଇ ସମୟର ଅଭାବ ବେଶି । ତେବେ ଆଜିଠୁ ଚେଷ୍ଟା କରେ ।

—ଚେଷ୍ଟା କଲେ ଇ ତୁ ଅନେକ କିଛି କରିପାରିବୁ ଉପେନ୍ ! ବ୍ରଜବଲ୍ଲଭ କହିଲା ।

—ଚେଷ୍ଟା କରି ତ ଏତେ ଦିନ ଘୂରିବୁଲି, ଶେଷକୁ ତୋର ଶରଣା-ପନ୍ନ ହୋଇ, ରମଣୀବାବୁଙ୍କ ସୁପାରିଶରେ ଏ କାମ ଖଣ୍ଡିକ ପାଇଚି । ଉପେନ୍ ନିଜ ଦୁଃଖ ଟିକିଏ ଚାପିଲାପରି ହସ ହସି କହିଲା—ଖାଲି ଚେଷ୍ଟା ଇ ସବୁ କରିପାରିବାର ମୂଳ ମନ୍ତ୍ର ନୁହେଁ ବ୍ରଜ ! ସେଥିପାଇଁ ଆଉରି କିଛି ଦରକାର ।

—ହବ, ସବୁ ହବ । କହି ବ୍ରଜ ଉଠି ଛିଡ଼ା ହେଲା ।

—କୁଆଡ଼େ ଆସିଥିଲୁ ?

—ହଁ, ଅସଲ କଥା କହିବାକୁ ଭୁଲିଯାଇଚି । କାଲିଠୁ ଖୁଡ଼ୀ ଖାଇନି । ତାର ଆଶଙ୍କା, ତୁ କଉଁଠି ଗୁଡ଼ାଏ କୁଆଡ଼େ ପଡ଼ିଲେଇଚୁ । ସେଦିନ ସନ୍ଧ୍ୟାରେ ତୋର ଉଦ୍‌ଭ୍ରାନ୍ତ ଚେହେରାଟାରୁ ଖୁଡ଼ୀ ବି ସେମିତିକା କିଛି ଅନୁମାନ କରି ମତେ ଯିବାପାଇଁ ତରେଇ ଦେଇଥିଲେ । ଯଦି ପାରୁ ଆଜି ସଞ୍ଜବେଳେ ଟିକିଏ ଯିବୁ ଆମ ଘର ଆଡ଼େ ।

—ତୁ ନ ଡାକିଥିଲେ ବି ମୁଁ ଯାଇଥାନ୍ତି । ମୋର ବି କିଛି ଦରକାରୀ କାମ ଅଛି । କହି ଉପେନ୍ କେତେଗୁଡ଼ାଏ କପି ହାତରେ ଧରି ବ୍ରଜକୁ ଫାଟକ ପାଖରେ ଛାଡ଼ିଦେଇ କମ୍ପୋଜିଂ ରୁମ୍‌କୁ ଗଲା । କାଶୀ-ନାଥକୁ କପି ବୁଝେଇ ଦେଇ ଉପେନ୍ ତା ଅଫିସରେ ବସିବାକୁ ଯାଉଚି, ହଠାତ୍ ହରିବନ୍ଧୁବାବୁଙ୍କ ଆବିର୍ଭାବ । ଉପେନ୍ ହାତ ଧରି ସେ ବଡ଼ ହା ଆଗ ମନଭରି ହସିନେଲେ । କହିଲେ—କଲିଙ୍ଗ ଥିଏଟର୍‌ର "ଦାନା"

ନାଟକ ଦେଖି ଯୁ' ସମାଲୋଚନା କରନ୍ତୁ ଠିକ୍ ହୋଇଛି । ଠିକ୍ ଲେଖିଛନ୍ତି···ସେ କ'ଣ ଥିଏଟର ! 'ଭେରିଟି ସୋ', 'ଭେରିଟି ସୋ' ସହରର ସବୁ ଲୋକ କହୁଛନ୍ତି ।

ଉପେନ୍ ମିଃ ମହାନ୍ତିଙ୍କର 'ଭେରିଟି ସୋ' ଉଚ୍ଚାରଣ ଶୁଣି ହସିଉଠିଲା । କହିଲା—କୁଆଡେ଼ ଆସିଲେ ?

—ଆସିଲି ଆପଣଙ୍କୁ ଆମ ଥିଏଟର ଦେଖିଯିବାକୁ ନିମନ୍ତ୍ରଣ କରିବାକୁ । ଉଦୟଶଙ୍କରଙ୍କ ନାଚ, ତିମିର ବରନ୍‌ଙ୍କ ମିଉଜିକ୍, ଅହୀନ୍ ଚୌଧୁରୀଙ୍କର ଏକ୍‌ଟିଙ୍ଗ୍ । କାନନବାଳାଙ୍କ ପରି ଜଣେ ଖୁବ୍ ସୁନ୍ଦରୀ ଅଭିନେତ୍ରୀ ନୂଆ ଉତୁରିଛି । ଆପଣଙ୍କୁ ଯିବାକୁ ଇ ହବ ।

—ହାଡ଼ବନ୍ଧୁ ବାବୁ ନଚ୍ଛୋଡ଼ବନ୍ଦା ! !

—ଉପେନ୍ ବାଧ୍ୟ ହୋଇ ପ୍ରତିଶ୍ରୁତି ଦେଲା ।

ରାତି ଆଠଟା ବେଳକୁ ଉପେନ୍ ଥିଏଟର ପେଣ୍ଡାଲ ପାଖକୁ ଆସି ଦେଖିଲା, ପେଣ୍ଡାଲ ସାମନା ଫାଟକ ପାଖରେ ଭୀଷଣ ଲୋକାରଣ୍ୟ । ରିକ୍ସା, ଘୋଡ଼ାଗାଡ଼ି, ସାଇକଲ, ମଟରରେ ଭରିଯାଇଛି ସମସ୍ତ ରାସ୍ତା । ଟିକଟ ଘର ପାଖରେ ଭିଡ଼ଟା ଟିକଏ ଦେଖିଲା ଢେର ଦୃଶ୍ୟ । ଠେଲା ଠେଲି, ପେଲା ପେଲି, ଧକ୍କା ଧକ୍କି । ଲୋକ ଉପରେ ଲୋକ । ସମସ୍ତେ ଝାଳ ନାଳ । କାହାର ଲୁଗା ଫିଟିଗଲଣି, ତଥାପି ଟିକଟ କିଣିବାର ଅଦମ୍ୟ ଚେଷ୍ଟାରୁ କେହି ବିରତ ନୁହନ୍ତି ।

ଦୁର୍ଦ୍ଦିନରେ ଆଜି ଖାଇବାକୁ ଦାନା ନାହିଁ—ରେସନ କିଣିବାକୁ ଟଙ୍କା ନାହିଁ, ଅଥଚ ସିନେମା-ଥିଏଟର ଦେଖିବା ସଉକରେ କାହାର କୌଣସି ବାଧା ନାହିଁ । ଓଳିଏ ଉପାସ ରହିବେ ପଛେ, ସିନେମା-ଥିଏଟର କିନ୍ତୁ ଦେଖିବେ । ଉପେନ୍ ମନକୁ ମନ ବଦ୍‌ରୂପର ହସ ହସି ରାସ୍ତାର ସେ ପାଖକୁ ଅନେଇଲା । ଦେଖିଲା, ଠିଆ ହୋଇଛନ୍ତି କାଙ୍ଗାଳ-ଭିକ୍ଷୁକର ଦଳ ! ଉଲଗ୍ନ, କଦାକାର, ବୀଭତ୍ସ । ସେମାନଙ୍କ ମୁହଁରେ ରାସ୍ତାର ଏପାଖ ଲୋକଙ୍କ ଉଦ୍ଦେଶ୍ୟରେ ବ୍ୟାକୁଳ ଚିତ୍କାର !

ଥରେ ଆଖି ଫେରାଇ ଚାହିଁବା ପାଇଁ···ପଇସାଟିଏ ହାତ ଟେକି ଦବା ପାଇଁ ବୁକୁଫଟା କରୁଣ ମିନତି !!

ଉପେନ୍ କିଛିକ୍ଷଣ ସ୍ତବ୍ଧ ହୋଇ ଏଇ ମର୍ମନ୍ତୁଦ ଦୃଶ୍ୟ ଦେଖିଲା । ଉଃ, ଦେଶର ମାନବଜାତି ଅନାହାରରେ କି ନିଦାରୁଣ ଭାବରେ ପିଷ୍ଟ ହୋଇ ମରୁଛି ! ବାବୁ-ଭାୟାଙ୍କର ଯୁ ପଇସା, ଅଧଲାଟିଏ ପାଇଁ ଶହ ଶହ ଭୋକୀ ରଙ୍କୀ ଆଜି ରାସ୍ତାରେ ହାତ ପାତି ଠିଆ ହୋଇଛନ୍ତି···ସେଇ ପଇସା ମଧ୍ୟବିତ୍ତର ସିଗାରେଟ, ପାନ, ଥିଏଟର, ସିନେମା ଦେଖା, ମଉଜ ମଜଲିସରେ କିପରି ଅପବ୍ୟୟ ହଉଛି, ବେପରୁଆ ଭାବରେ ଥରେ ହେଲେ କେହି ଚିନ୍ତା କରି ଦେଖୁ ନାହିଁ ! କି ସର୍ବଗ୍ରାସୀ ଭୂତ ଚଢ଼ି ବସିଛି କେଜାଣି···ଦେଶର ବୁଝିବା ସୁଝିବା ଲୋକଙ୍କର ବି ଆଜି ଶୋଚନୀୟ ଅଧଃପତନ !! ଦେଶର ହଜାର ହଜାର ଜୀବନ୍ତ ନର କଙ୍କାଳ ଉପରେ ସେ ଅନ୍ଧ-ପାଗଳ ପରି ଛୁଟାଇ ଚାଲିଛି ତା ସଭ୍ୟତାର ରଥଚକ୍ର ।

ଗୋଟାଏ ଦୀର୍ଘନିଶ୍ୱାସ ନିକ୍ଷେପ କରି ଉପେନ ଆସିଲା ରଙ୍ଗମଞ୍ଚ ନିକଟକୁ । ହାଡିବନ୍ଧୁବାବୁ ସାଦର ଅଭ୍ୟର୍ଥନା କରି ନେଇଗଲେ ଭିତରକୁ । ନେଇ ବସାଇଲେ ସବା ଆଗ ରିଜର୍ଭ ସିଟରେ । ବାସ୍ତବିକ୍ ରଙ୍ଗମଞ୍ଚର ସାଜସଜ୍ଜା ଅତି ସୁନ୍ଦର ।

ସମୟ ହୋଇ ଯାଇଥିଲା । ଘଣ୍ଟି ବାଜିଲା । ଅଭିନୟ ଆରମ୍ଭ ହେଲା । ଉପେନ୍ ଦେଖିଲା, ସେଟ୍ ସିନଗୁଡ଼ିକ ଚମତ୍କାର; କିନ୍ତୁ ଭାଷା କି ବାଜେ ! ବଙ୍ଗଳାରୁ ଓଡ଼ିଆ ଅନୁବାଦ କରାଯାଇଛି । ଭଙ୍ଗା ଭଙ୍ଗା ବିକୃତ ଓଡ଼ିଆ !! ପୁଣି ଅଭିନୟ କି କଦର୍ଯ୍ୟ !! ବଙ୍ଗାଳି ଢାଞ୍ଚାରେ, ବଙ୍ଗାଳୀ ସ୍ୱର ଅନୁକରଣରେ, ଗୁଡ଼ାଏ ମୁଖସ୍ଥ କରା କଥା କେବଳ ଆବୃତ୍ତି କରି ଚାଲିଛନ୍ତି ସ୍ୱନାମଧନ୍ୟ ଅଭିନେତାମାନେ !

ଗର୍ବରେ କୁଣ୍ଢେମୋଟ ସେମାନଙ୍କ ଛାତି; କାରଣ ସେମାନେ ପେଣ୍ଡାଲ ଉପରେ ଠିଆ ହୋଇଛନ୍ତି—ପୋଷାକ ସାଜ ପିନ୍ଧିଛନ୍ତି—ଥିଏଟର କରୁଛନ୍ତି । ଯେତେସବୁ ଗଜମୂର୍ଖର ଦଳ ! ଯାହା କହୁଛନ୍ତି ତା ମାନେ ବୋଧହୁଏ ସେମାନେ ନିଜେ ବୁଝି ନାହାନ୍ତି । ଅଭିନୟ ଆଉ

ସାହିତ୍ୟ ବୁଝିବାର ଲୋକ ଯେ ଓଡ଼ିଶାରେ ହେଲେଣି, ସେ ଆଡ଼କୁ ଖିଆଲ ନାହିଁ । ରଙ୍ଗମଞ୍ଚ ଉପରେ ଠିଆ ହୋଇ—ସିନ୍ ସିନେରି ଟଙ୍ଗେଇ ଥିଏଟର କଲେ ମଧ୍ୟ ଏମାନେ ସେଇ ରାମଲୀଳା ସୁଆଙ୍ଗର ଦଳ !!

ଉପେନ୍ ଦୁଇ ଦିନ ତଳେ କଳଙ୍ଗ ଥିଏଟର୍ସ ଯାଇଁ ଦେଖି ଆସିଥିଲା—ଆଜି ଲକ୍ଷ୍ମୀ ଥିଏଟର୍ସ ବି ଦେଖିଲା । ଓଡ଼ିଶାର ଦୁଇଟି ପ୍ରଧାନ ବ୍ୟବସାୟୀ ଥିଏଟର କମ୍ପାନୀ । ପ୍ରଥମଟିରେ ସିନେମା ଗ୍ରେଡ୍ ପ୍ଲଟ ସାଙ୍ଗରେ ଯୋଡ଼ା ହୋଇଛି ଦେଶାତ୍ମବୋଧର' କେତୋଟା ବଡ଼ ବଡ଼ କଥା, ଶସ୍ତା ଜାତୀୟତା, କୋଣାର୍କର ଶିଳ୍ପବୁଝୁଣି, ବଡ଼ ଠାକୁର, ବଡ଼ ଦାଣ୍ଡର ତୀର୍ଥ ମାହାତ୍ମ୍ୟ ଆଉ ଓଡ଼ିଆ ଜାତିର ଅତୀତ ଗୌରବ ଉପରେ ଦିଇଟା ଗରମାଗରମ କଥା । ବଙ୍ଗାଳୀ, ବିହାରୀଙ୍କୁ ଗାଳି ଦେଇ ଓଡ଼ିଆ ଦର୍ଶକଙ୍କୁ ଟିକିଏ ଜାତୀୟ ଭାବରେ ଅନୁପ୍ରାଣିତ କରାଇ ଦେବାର ବ୍ୟବସାୟୀ ବୁଦ୍ଧି ! ତାପରେ ନିମ୍ନ ଶ୍ରେଣୀର ଦେଖଣାହାରୀଙ୍କ ମନ ଭୁଲେଇବା ପାଇଁ ବମ୍ବେ ଟକିଜ ଫିଲ୍ମ୍ର ଗୀତ ଅନୁକରଣରେ ମାଇଚିଆ ଭାଷାରେ ଲେଖା କେତୁଟା ଗୀତ ବଜାରୀ ଟୋକାଙ୍କ ବାହାବା ପାଇଁ ! ତା ପରେ ବି ତିନଟା ଟୋକୀଙ୍କ ମୁହଁରେ···ଆଖି ଠାର, ନାକ କାନ୍ଦଣା, ମୁହଁଛଟାର ଅଭିନୟ ଶୈଳୀ ମାଇପି ମହଲର ତାରିଫ୍ ଶୁଣିବା ପାଇଁ । ଅଭିନୟ ମଝିରେ ମଝିରେ···ଦୋଳିଖେଳ, ଦାସ-କାଠିଆ, ବୋହୂ ବୋହୂକା, ପୁଚି, ଆଖି ବୁଜା ବୁଜି, ବାଗ୍ ଡୁ ଡୁ, କୁସ୍ତି କସରତ, ପହିଲମାନ ନଣନ୍ଦମୋଡ଼ା, ଖାନଦାନଗଡ଼ିଆ ହେରସାମିରି ଗୋଟାଏ ଗୋଟାଏ ଦୁଆ !! ପୁଣି...ଲକ୍ଷ୍ମୀବାଈଙ୍କ ଠୁମ୍ରି ନାଚ, ଆଉ କବାଲି, କୀର୍ତ୍ତନ, ପାଲା, କାହାଳୀ, ପେଁ କାଳୀ, ଢାଡ଼ି ଢୋଲ ବାଦ୍ୟର ବ୍ୟବସ୍ଥା ବି ଅଛି । ମୋଟ ଉପରେ କଳଙ୍ଗ ଥିଏଟର୍ସରେ ସବୁ ଅଛି; କାରଣ ତାର ମାଲିକ ଏକାଧାରରେ ସବୁ । ମାନେ କେବଳ ପରିଚାଳକ ସେ ନୁହନ୍ତି···ସେଇ ଲେଖକ, ସେଇ ନାଟ୍ୟକାର, ସେଇ କବି, ସେଇ ଓସ୍ତାଦ୍ ! ଅଭିନୟ ଶିଖେଇବେ ସେ, ସିନ୍ ଟାଣିବେ ସେ, ଟିକଟ ବିକିବେ ସେ—ଟଙ୍କା ଗଣିବେ ସେ । ସେ ଏକାଧାରରେ ସବୁ···ସେ ଏକା ହିଁ ସବୁ !! ତାଙ୍କଠୁ ବେଶୀ ଆଉ ଓଡ଼ିଶାରେ କିଏ ଅଛି ସେ ଜାଣନ୍ତି ନାହିଁ କି ସ୍ୱୀକାର କରନ୍ତି ନାହିଁ । ଓଡ଼ିଶାର ଗଜପତି ତାଙ୍କୁ କବିଚନ୍ଦ୍ର

ଉପାଧି ଦେଇଛନ୍ତି·· ପ୍ରବୀଣ ସାହିତ୍ୟ ସମିତି ତାଙ୍କୁ ନାଟ୍ୟରତ୍ନାକର ଉପାଧି ଦେଇଛନ୍ତି···ଆଉ ସାହିତ୍ୟ ସମିତିର ସମ୍ପାଦକ କହିଛନ୍ତି ସେ ଉତ୍କଳର ରବି ଠାକୁର ।

କେହି କହିବାରେ ନୁହେଁ···ସେ ଜାଣନ୍ତି, ସେ ବାସ୍ତବିକ ଓଡ଼ିଆ ସାହିତ୍ୟ ଓ ଓଡ଼ିଶୀ ଅଭିନୟ କଳାର ଅଧିରଥି । ଏ ବିଷୟରେ ସେ ଖଣ୍ଡମତ ଭାଷଣ ବି ଦେଇଛନ୍ତି ପ୍ରବୀଣ ସାହିତ୍ୟ ସମିତି ଭବନରେ । ସେ ଆଉର ବି ଜାଣନ୍ତି—ଓଡ଼ିଶା ଦେଖଣାହାରିଙ୍କ ବୁଦ୍ଧିର ଦୌଡ଼ କେତେ ଦୂର । ଥିଏଟର ଦେଖିବା ଲୋକ ଓଡ଼ିଶାରେ ଏପର୍ଯ୍ୟନ୍ତ ନାହାନ୍ତି— ଗୁଆଙ୍ଗ ହେଣ୍ଡଲ ବଜାରି ଦଳ ଆସିବେ । ବାସ୍ ! ଜଣ କେତେଙ୍କୁ ନେଇ ସାହିତ୍ୟ ନୁହେଁ, ଗଣଙ୍କୁ ନେଇ ଦେଶ ଆଜି ଦେଶର ସବୁ କିଛି !! ସେଇଥିପାଇଁ "ଗଣ"ଙ୍କ ମୁହଁର ଭାଷାରେ ସେ ଲେଖୁଛନ୍ତି ଏବଂ ଲେଖିବେ । ତା ଛଡ଼ା 'ଅଭିନୟ ଭଲ ହଉଛି' ବୋଲି ଓଡ଼ିଶାର "ପ୍ରବୁଦ୍ଧ ଭାରତ"ର ପଣ୍ଡିତ ସମ୍ପାଦକ ମତ ଦେଇ ସାରିଛନ୍ତି । କମ୍ୟୁନିଷ୍ଟ ଲେଖକ କେତେ ଜଣ ନାକ ଟେକିଲେ ବି ସେ ଅଭିନେତାଙ୍କର ସିଗାରେଟ୍ ଫୁଙ୍କା, ପେଣ୍ଟ ପକେଟରେ ହାତ ରଖି ଭଙ୍ଗିମା ପୋଜ୍—ଆଉ ଅଭିନେତ୍ରୀଙ୍କ ଓଠରେ ମୃଦୁ ହସ, ଚଙ୍ଗ ଚଙ୍ଗ ଚାଲି···ଛନ ଛନ ଚାହାଁଣୀ କିଛି ବାଦ୍ ଦେବେ ନାହିଁ···ଦେବେ ନାହିଁ···ଏହା ଧ୍ରୁବ ସତ୍ୟ !!

କାହିଁକି ବା ଦେବେ ? କି ଦୁଃଖରେ ବା ଦେବେ ? କ'ଣ ନ ହେଉଛି ? କି ସମ୍ମାନ ପାଇବାର ଆଉ ବାକି ଅଛି ତାଙ୍କର ? ଯୁ' ବହି ଲେଖିଲେ, ସେ ବହି ତ ଚାଲିଲା···ସାତ ସାତ ରାତି, ମାସେ, ଦୁ' ମାସ, ଚାରି ମାସ ଧରି ଧାରାବାହିକ ଭାବରେ । ଲାଟ ସାହେବଙ୍କ ପୌରୋହିତ୍ୟରେ ଜୟନ୍ତୀ ଉତ୍ସବ ବି ହଉଛି । ଅଭିନନ୍ଦନ ପତ୍ର ମିଳୁଛି ହଜାର ହଜାର । ରାଏସାହେବଙ୍କ ଫାଉଣ୍ଟେନ୍ ପେନ୍ ମିଳୁଛି । ରାଜା ମହାରାଜାଙ୍କ ପାଦଧୂଳି ମିଳୁଛି । ଏଇ ଗର୍ବରେ କଳିଙ୍ଗ ଥିଏଟର୍ସ ମାଲିକ ସେତେବେଳେ ଫ୍ରେଟନ୍ ଗାଡ଼ିରେ କଟକ ରାଜପଥରେ ଉଡ଼ୁଛନ୍ତି···ଲକ୍ଷ୍ମୀ ଥିଏଟର୍ସର ମ୍ୟାନେଜର ହ୍ୟାଟ୍ କୋଟ ସୁଟ୍ ପିନ୍ଧି···ଗ୍ରୁପ୍ ପରେ ଗ୍ରୁପ୍ ଟେକି···ବଙ୍ଗଳା ବହିକୁ ଅନୁବାଦ କରି···ବଙ୍ଗାଳୀ ଅନୁକରଣରେ କରି ଚାଲିଛନ୍ତି ଅଭିନୟ···

ରୋଜ ଗୋଟାଏ ଗୋଟାଏ ନୂଆ ବହି ! ! ଅସଂଖ୍ୟ ବହି···ଗଦା ଗଦା ବହି ! ବହିର ଅଭାବ ନାହିଁ କି ଅଭିନେତା ଅଭିନେତ୍ରୀଙ୍କର ଅଭାବ ନାହିଁ । ଟଙ୍କା ଥାଉ ନ ଥାଉ—ଥାଟ ଅଛି—ଥୋବଡ଼ାମି ଅଛି—ଆଉ ସର୍ବୋପରି ମାଲୁମ ଅଛି ଧପଗା ଦବାଇ କଟକୀ ଗୁଲ୍ ! କୌଣସିମତେ ଗୋଟାଏ ଦୃଶ୍ୟ ଦେଖି ଉପେନ୍ ଉଠି ଛିଡ଼ା ହେଲା ଯିବାକୁ । ହାଡ଼ବନ୍ଧୁ-ବାବୁ କହିଲେ—ଏ କ'ଣ ? ସ୍ତା'ର ଭିତରେ ଗୁଲିଯିବେ ? ନାଚ ତ ଦେଖି ନାହାନ୍ତି ? ନାଚ ନ ଦେଖି ଯିବେ ! ସାଧନା ବୋଷଙ୍କ ନାଚ । ଆମର ମି: ବୋଷ ଗୋଟିଏ ଝିଅକୁ ନୂଆ ତାଲିମ ଦେଇଛନ୍ତି । ଆସିଛନ୍ତି ଯେତେବେଳେ, ସେଇଟି ଦେଖିଯିବେ—ବସନ୍ତୁ ।

—ଭଲ ଲାଗୁନି । ଉପେନ୍ କହିଲା ।

—ନା ନା, ଖୁବ୍ ଭଲ ଲାଗିବ । ନୂଆ ଝିଅଟିଏ—କି ସୁନ୍ଦର ନାଚୁଛି ଦେଖିବେ । କଲିଙ୍ଗ ଥିଏଟର୍ସର ସେ ହଇଟାପାକ ଝିଅଙ୍କୁ ଗିଳି ଖାଇଯିବ ଏ ! ଯେମିତି ରୂପ, ସେମିତି ଗଳା । କଲିଙ୍ଗ ଥିଏଟର୍ସ ସେଇ ହଳ୍ପଟା ଝିଅ ଯୋଗୁ ଏତେ ନାଁ କରିଗଲା ସିନା—ଆଉ ପାରିବନି ଯେ ମୋ ସାଙ୍ଗରେ······

ଉପେନ୍ ମନେ ମନେ ହସିଲା । ଲୋକଟା କ'ଣ ଯେ କହେ କେତେବେଳେ, ଠିକ୍ ନାହିଁ । ପ୍ରତି କଥାରେ କଲିଙ୍ଗ ଥିଏଟର୍ସର ଉଲ୍ଲେଖ । ଯେମିତି ପ୍ରତି ମୁହୂର୍ତ୍ତରେ କଲିଙ୍ଗ ଥିଏଟର୍ସର ମାଲିକ ତା ପଛେ ପଛେ ଭୂତ ପରି ଗୋଡ଼ାଇଛି ତଣ୍ଟି ଚିପି ଧରିବାକୁ । ମୁହଁରେ ଯେତେ ଦମ୍ଭ ଦେଖାଇ କହିଲେ ବି ମର୍ମେ ମର୍ମେ କିନ୍ତୁ ସେ କଲିଙ୍ଗ ଥିଏଟର୍ସର ନାଁ ଶୁଣି ଯେପରି ଭିତରେ ଚମକୁଛି ! !

—ହାଡ଼ବନ୍ଧୁବାବୁ ସିଗାରେଟ୍ ଦେଲେ ।

—ଧନ୍ୟବାଦ, ମୁଁ ଖାଏନା ।

—ଚା' ଆଣି ଦେବ ?

ଉତ୍ତରକୁ ଅପେକ୍ଷା ନ କରି ମ୍ୟାନେଜର ଦୁଆର ଆଡ଼େ ମୁହଁ ପାଟି କରି ଡାକିଉଠିଲେ । ଅଭିନୟ ଚାଲିଛି—ଦର୍ଶକମାନେ ବିରକ୍ତ

ହେବେ, ସେଥିପ୍ରତି ଖିଆଲ ହିଁ ନାହିଁ । ଉପେନ୍ ହାତକୁ ଗ୍ଲାସ୍‌ଟା ଦେଇ ହାଡ଼ବନ୍ଧୁ ବାବୁ କହିଲେ—କାଲି ଦ'ପଦ ଭଲ କରି ଲେଖିବେ ଆମ ଥିଏଟର ସମ୍ବନ୍ଧରେ । ଏ ପାର୍ଟି ତ ଆପଣଙ୍କର । କରଣ ଭାଇ ହେଇ ମୋ ପ୍ରତି ଦୟା ଦେଖେଇବେନ—ଅଶୀ ପ୍ରାଣୀ କୁଟୁମ୍ବ ନେଇ ମୁଁ କ'ଣ ଆଉ ବଡ଼ଦାଣ୍ଡରେ ବସିବି ?

—ହଉ, ହଉ, ଦେଖିବା । ଉପେନ୍ ବାଧ୍ୟ ହେଇ କହିଲା—ଅଭିନୟଟା ଟିକେ ଭଲ କରନ୍ତୁ, ଆଉ, ଓଡ଼ିଆ ବହି କରନ୍ତୁ । ଓଡ଼ିଶାରେ ଆଜକାଲି ଯୁଗରେ ଆଉ ବଙ୍ଗାଳୀଙ୍କ ତମତ୍ମାଳ ଚଳିବ ନାହିଁ । କହି ଉପେନ୍ ଗ୍ଲାସ୍ ଖାଇଲା ।

ହଠାତ୍ ପ୍ରେକ୍ଷାଗୃହର ସମସ୍ତ ଆଲୋକ ଲିଭିଗଲା । ସ୍କ୍ରିନ୍ ଉଠିଲା । ଦେଖାଗଲା—ଗୋଲାପୀ ଆଲୁଅରେ ରଙ୍ଗମଞ୍ଚ ଉଦ୍ଭାସିତ ! ଦୃଶ୍ୟସଜ୍ଜା ମନମୁଗ୍ଧକର ! ଶ୍ୟାମଳ ବନଭୂମି ତଳେ କୁଳୁ କୁଳୁ ନିନାଦରେ ବହିଯାଉଛି ଝରଣା । ଗୋଧୂଳିର ରକ୍ତାଭ ବର୍ଣ୍ଣବୈଭବ ଭିତରେ ପ୍ରକୃତି ଯେପରି ହସିଉଠିଛି !

ହାଡବନ୍ଧୁ ବାବୁ ଉପେନ୍ କାନ ପାଖରେ ଫୁସ୍‌ଫାସ୍ କରି କହିଲେ—ଏଇଠି ନାଚ ହବ...

ବେହେଲା ଆଉ କ୍ଲାରିଓନେଟର ଉଚ୍ଛ୍ୱସିତ ସ୍ୱରତରଙ୍ଗରେ ବିରାଟ ରଙ୍ଗାଳୟ ସ୍ପନ୍ଦିତ ହେଇଉଠିଲା । ତାପରେ ଅନ୍ତରାଳରୁ ଭାସି ଆସିଲା ନାରୀକଣ୍ଠର ଲଳିତ ଝଙ୍କାର ।

ପ୍ରତ୍ୟେକ ଦର୍ଶକ ଉତ୍କଣ୍ଠିତ ହେଇ ଅନେଇ ରହିଲେ ।

ଧୀରେ ଧୀରେ ଝାପ୍‌ସା ହେଇଆସିଲା ଗୋଧୂଳିର ନାଲିଆ ଆଲୁଅ । ବନର ମଥାନ ଉପରେ ଭାସିଉଠିଲା କଇଁ ଫୁଲିଆ ଜହ୍ନ । ରଙ୍ଗମଞ୍ଚ ଭରିଗଲା ଶୁଭ୍ର ନୀଳାଭ ଜ୍ୟୋତ୍ସ୍ନାରେ ।

ତା ପରେ ସୁରର ଉଦ୍ଦାମ ଛନ୍ଦ ଭିତରେ ନୂପୁରର ସିଞ୍ଜନ । ସବୁଜ ଉଡ଼ଣିପ୍ସ ଭିତରେ ମୁଖଦେଶଟିକୁ ଗୋପନ କରି ଲୀଳାୟିତ ଭଙ୍ଗିରେ

ପ୍ରବେଶ କଲା ଅବଗୁଣ୍ଠିତା ନର୍ତ୍ତକୀ—ବନ ସୁନ୍ଦରୀ ! ପ୍ରେକ୍ଷାଗୃହ ପ୍ରକମ୍ପିତ ହେଲା ଦର୍ଶକଙ୍କ ଉଚ୍ଛ୍ୱସିତ କରତାଳିରେ ।

ଆସିଲା ଦକ୍ଷିଣ ହାଓ୍ୱା । ଉଡ଼ାଇନେଲା ସୁନ୍ଦରୀର ସଲଜ୍ଜ ଅବଗୁଣ୍ଠନ··· ଉଦ୍ଭାସିତ ହୋଇଉଠିଲା ସୁନ୍ଦରୀର ଅପୂର୍ବ ରୂପ-ଲାବଣ୍ୟ ।

—କିଏ ? ଉପେନ୍ ଚମକି ଉଠିଲା । କିଏ ସେ—ମାଧବୀ ?

ହାଡ଼ିବନ୍ଧୁ ବାବୁ କହିଲେ—ଚିହ୍ନନ୍ତି ଆପଣ ? ମସଜିଦ୍ ଗଳିରେ ଆସି ଥିଲା···

ଉପେନ୍‌ର ମୁଣ୍ଡ ଯେପରି ଘୂରିଗଲା । ଏ ସେ କ'ଣ ଶୁଣୁଛି ? କାହାକୁ ଦେଖୁଛି ? ମାଧବୀ ଆସି ଏଠି ?

ନା, ନା, ଏ ଦୃଶ୍ୟ ସେ ଦେଖିପାରିବ ନାହିଁ । ଆଖି ବୁଜି ପଳେଇ ଆସିଲା ବାହାରକୁ ।

ପଛେ ପଛେ ଆସିଲେ ହାଡ଼ିବନ୍ଧୁ ବାବୁ—କ'ଣ ହେଲା ଆପଣଙ୍କର ?

ଉପେନ୍ ମୁହଁରୁ କେବଳ କ୍ଷୀଣ ଆର୍ତ୍ତନାଦ ପରି ବାହାରିଲା—ମାଧବୀ ଆଜି ନର୍ତ୍ତକୀ !

ଉପେନ୍‌ର ଭାବାନ୍ତର ଦେଖି ହାଡ଼ିବନ୍ଧୁ ବାବୁ ସ୍ତମ୍ଭିତ ହୋଇଗଲେ ।

—କ'ଣ ହେଲା ? ସେ ଭୟକମ୍ପିତ ଗଳାରେ ପଚାରିଲେ ।

—ଯେ ନାଚୁଥିଲା, ତା ପାଖକୁ ମତେ ନେଇଯାଇପାରିବେ ? ଉପେନ୍ ବିନମ୍ର ଗଳାରେ ପଚାରିଲା । ମାଧବୀ ମୋର ଆତ୍ମୀୟା ।

ହାଡ଼ିବନ୍ଧୁ ବାବୁ ଯେପରି କାହାଣୀ ଶୁଣୁଛନ୍ତି !—ନାହିଁ ଆଜ୍ଞା, ସେ ଲାବଣ୍ୟ ! ! ମସ୍‌ଜିଦ ଗଳିର ବେଶ୍ୟା ଲାବଣ୍ୟବତୀ ! ଆପଣ ଭୁଲ ଦେଖିଛନ୍ତି ।

ଉପେନ୍ ଏତେ ଦୁଃଖରେ ମଧ୍ଯ ଟିକିଏ ହସିଲା । କହିଲା—ମୁଁ ଜାଣେ, ମସ୍‌ଜିଦ ଗଳିର ସାର୍ଟିଫିକେଟ ନ ଥିଲେ ତମ ରଙ୍ଗମଞ୍ଚରେ କେହି ସ୍ଥାନ ପାଇବେ ନାହିଁ । କିନ୍ତୁ ମାଧବୀକୁ ଚିହ୍ନିବାରେ ମୋର ଭୁଲ ହବ ନାହିଁ । ପଦିଏ ମାତ୍ର କଥା ତା ସାଥିରେ ମୋର । ମତେ ବିଶ୍ୱାସ କରନ୍ତୁ ।

—ଆସନ୍ତୁ ହାଡ଼ବନ୍ଧୁ ବାବୁ । ଉପେନ୍‌କୁ ଡାକି ନେଇଗଲେ ଭିତରକୁ ।

ସାମନାରେ ଉପେନକୁ ଦେଖି ମାଧବୀ ଭୟରେ ଆର୍ତ୍ତନାଦ କରିଉଠିଲା । ଝଡ଼ ବେଗରେ ଛୁଟି ପଳେଇ ଯାଉଥିଲା—ଉପେନ୍ ଧରି ପକେଇଲା ତା ହାତକୁ ଟାଣି କରି ।

—ନା, ନା, ଛାଡ଼ିଦିଅ ମତେ । ତଳେ କଣ୍ଠୁଡ଼ି ହୋଇ ପଡ଼ି ମାଧବୀ ଉପେନ୍‌ର ଦି' ପାଦ ଜାବୁଡ଼ି ଧରି ଭୋ ଭୋ ହୋଇ କାନ୍ଦି-ଉଠିଲା । ମତେ ଛାଡ଼ିଦିଅ ଉପେନ୍‌ନା ! ପୋଖରୀରେ ଯାଇଁ ବୁଡ଼ି ମରିବାକୁ ଦିଅ ! ମୁଁ ଅଜି ମରିବି । କଳଙ୍କିନୀର ଦେହକୁ ତୁମେ ସ୍ପର୍ଶ କର ନାହିଁ । ଛାଡ଼ି ଦିଅ । ମୁଁ ନାରକୀ—ମୁଁ ପାପିନୀ ।

ମାଧବୀର ବୁକୁଫଟା କୋହରେ ଉପେନ୍‌ର ଆଖି ଛଳଛଳ ହୋଇଆସିଲା । ତଳୁ ଉଠେଇ ଧରିଲା ସେ ମାଧବୀକୁ । କହିଲା—ତୋର ଏ ପତନ ଲାଗି ମୁଁ ହିଁ ଦାୟୀ ମାଧବୀ ! ତୋର ଏ ଅଧଃପତନ ଆଜି ମୋର ଲଜ୍ଜା ! ! ! ମରିବାକୁ ଛାଡ଼ିଦେଇ ପାରେନା ତତେ ଏମିତି ଏକାକିନୀ ! ତତେ ମରିବାକୁ ଛାଡ଼ିଦବା ପୂର୍ବରୁ ମୋର ଆଗେ ଆତ୍ମହତ୍ୟା କରି ମରିବା ଉଚିତ ।

—ନା ନା, ସେ କଥା କୁହନା ମତେ । କଳଙ୍କିନୀ ମୁଁ ମୋ ନିଜ ଇଚ୍ଛାରେ । ତମର ତ କିଛି ଦୋଷ ନାହିଁ !

—କିଛି ଶୁଣିବି ନାହିଁ ମୁଁ । କହିଲା ଉପେନ୍—ଆଖି ଆଗରେ ତୋର ଏ ଶୋଚନୀୟ ଅଧଃପତନ ଦେଖି ପାପର ଦାବାନଳ ଭିତରେ

ଜଳପୋଡ଼ି ଭସ୍ମ ହୋଇ ମରିବାକୁ ଗ୍ରୁଡ଼ିଦେଇ ପାରିବନି କେବେ !

ଏ ପାପିନୀର କ ଆଉ ସଦ୍‌ଗତି ହୋଇପାରେ ଉପେନ୍‌ନା ? କାହିଁକି ଲାଗିଛ ମୋ ସାଙ୍ଗରେ ? ମୋ ଭାଗ୍ୟରେ ଆଉ ସୁଖ ନାହିଁ । ମୁଁ ଅଲକ୍ଷଣୀ । ବିବାହର ଛ' ମାସରେ ସ୍ୱାମୀଙ୍କୁ ଖାଇଲି—ବୋଉକୁ ବି ମୋରି ଚିନ୍ତାରେ ଦହଗଞ୍ଜ କରି ମାରିଲି । ଭାଇଙ୍କ ଚିରଦିନ ପାଇଁ ହରେଇଲି । ଆଉ କିଏ ଅଛି ? କାହାପାଇଁ ବଞ୍ଚିବି ?

—କିନ୍ତୁ ତୁ ଗାଁରୁ ଆସିଲୁ କେମିତି ? ଉପେନ୍ ପଚାରିଲା—କିଏ ସେ ତତେ ଆଣିଲା ଏଠିକି ?

ଅଶ୍ରୁ ଗଦ୍‌ଗଦ କଣ୍ଠରେ କହିଲା ମାଧବୀ—ବୋଉ ମଲା ପରେ ଦଶ ପନ୍ଦର ଦିନ ଗୋଟାଏ ଘରେ ପଡ଼ି ପଡ଼ି କାନ୍ଦିଲି । ଆଖିରୁ ଲୁହ ଶୁଖିଲା—କିନ୍ତୁ ତଥାପି ଏ ପ୍ରାଣ ଗଲା ନାହିଁ । ମନ ବିରକ୍ତିରେ କନିଅର ମଞ୍ଜି ଆଣି ଖାଇବାକୁ ବାଡ଼ପଟ କନିଅର ଗଛ ପାଖକୁ ଯାଇଛି, ହଠାତ୍ ବିହାରୀ ସାଥିରେ ଦେଖା···କହି ମାଧବୀ ଟିକିଏ ରହିଗଲା ।

ଉପେନ୍ କହିଲା—ହଉ, ବୁଝିଲି ସବୁ, ସେଇ ତତେ ଏଠି ଆଣି ଛାଡ଼ିଚି ବୋଧେ ! ଚାଲ୍ ମୋ ସାଙ୍ଗରେ ।

—ନା, ତୁମ ସାଙ୍ଗରେ ଆଉ ଯିବା କଥା କୁହନା ମତେ । ପାପ ଭିତରେ ଧାଣ୍ଡି ହୋଇଚି; ଏଇ ପାପ ଭିତରେ ମୋତେ ଧାଣ୍ଡି ହୋଇ ମରିବାକୁ ଦିଅ ।

—ପାପ ତୁ କରିନୁ କି ମୁଁ ବଞ୍ଚି ଥାଉ ଥାଉ ତତେ ଏମିତି ନଷ୍ଟ ହୋଇଯିବାକୁ ଦେବିନି । ମାଧବୀର ହାତ ଧରି ଉପେନ୍ ନେଇ-ଆସିଲା ବାହାରକୁ ।

ଅବାକ୍ ହୋଇ ଅନେଇ ରହିଲେ ସେତେ ଅଭିନେତା ଆଉ ଅଭିନେତ୍ରୀ । ହାଡ଼ିବନ୍ଧୁ ବାବୁ ଏମିତି ଏକ ସୁନ୍ଦରୀ ଅଭିନେତ୍ରୀ ହାତଛଡ଼ା ହୋଇ ଯାଉଥିବା ଦେଖି ଅସ୍ଥିର ହୋଇଉଠିଲେ । ଡାକିଲେ

କ୍ୟାସିଅରଙ୍କୁ । କାନ ପାଖରେ ଫୁସ୍‌ଫୁସ୍ କରି କହିଲେ—ଆଣ ବେଗେ ଦୁଇଶ' ଟଙ୍କା ।

ଜନତାର ବିଦ୍ରୂପକୁ ଉପେକ୍ଷା କରି ଉପେନ୍ ଯେତେବେଳେ ମାଧବୀକୁ ନେଇଆସି ରିକ୍ସାରେ ବସିଲା, ହାଡ଼ିବନ୍ଧୁବାବୁ ଗଳଦଘର୍ମ ହୋଇ ଉପେନ୍ ପାଖକୁ ଆସି କହିଲେ—ଦ'ଶ ନେଇ ଦେଇଯାଅନ୍ତୁ ମାଧବୀକୁ ।

ପ୍ରଚଣ୍ଡ ବିରକ୍ତିରେ ଉପେନ୍ ଏକ ଧକ୍କା ଦେଲା ହାଡ଼ିବନ୍ଧୁଙ୍କୁ । ସମ୍ଭାଳି ନ ପାରି ପଛେଇ ହୋଇ ତଳେ କଚଡ଼ି ହୋଇ ପଡ଼ିଲେ ହାଡ଼ିବନ୍ଧୁ । ରିକ୍ସା ଆଗେଇ ଚାଲିଲା । ପ୍ରତିଶୋଧ ନେବାର ପ୍ରଚଣ୍ଡ ପ୍ରତିଜ୍ଞାରେ ନିଆଁ ପରି ଜଳି ଉଠି ଗର୍ଜିଉଠିଲେ ହାଡ଼ିବନ୍ଧୁ—ଆଚ୍ଛା, ଦେଖିନେବି ।

ମଙ୍ଗଳାବାଗରେ ଉପେନ୍ଦ୍ରର ମେସ୍‌ଘର ଚେହେରା ବଦଳି ଯାଇଛି । ଦି' ବଖରା ଛୋଟ ଛୋଟ ଘର, ବାହାର ପଟେ ଦି' ହାତ ଚଉଡ଼ାର ଲମ୍ବା ଟିକେ ବାରଣ୍ଡା; ଆଉ ଭିତର ପଟକୁ ଚେନାଏ ଅଗଣା । ଅଗଣାର ଗୋଟେ ପାଖକୁ ଛୋଟ ଗୋଟିଏ ରନ୍ଧାଘର । ସାମାନ୍ୟ ଟିକେ ଜାଗା ଭିତରେ ଦି' ଚାରି ଜଣଙ୍କ ଗୁଜରାଣ ହେଲା ପରି ମେସ୍‌ର ବ୍ୟବସ୍ଥା । କଟକରେ ପଢ଼ିଲା ଦିନୁ ରହିଆସିଛି ଉପେନ୍ । ସାଙ୍ଗ ସାଥି କେତେ ଜଣ ମଝିରେ ମଝିରେ ଆସନ୍ତି ଆଉ ପୁଣି ସୁବିଧା ଦେଖି ଅନ୍ୟ ଜାଗାକୁ ଚାଲିଯାଆନ୍ତି । ଉପେନ୍ କିନ୍ତୁ ଛାଡ଼ିନି । ଏଇ କେତେକ ବର୍ଷ ଭିତରେ ଏଇ ଘରର ସଂକୀର୍ଣ୍ଣତା ସତ୍ତ୍ୱେ ଦାରିଦ୍ର୍ୟ ପ୍ରାନ୍ତର ସ୍ନେହ ସୌହାର୍ଦ୍ଦ୍ୟର ଘନିଷ୍ଠତା କ୍ରମଶଃ ବଢ଼ି ଉଠିଛି ସିନା, କମି ଯାଇ ନାହିଁ । ଅବଶ୍ୟ ଘରକୁ ସଫା ସୁତୁରା କରି ରଖି ତା' ଚେହେରାରେ ସମ୍ଭ୍ରାନ୍ତ ରୁଚିବୋଧ ଫେରାଇ ଆଣିବା କଥା । ଉପେନ୍ କିନ୍ତୁ କେବେ ଭାବି ଦେଖିନି । ଯେମିତି ତାର ବାଉବୁଲା ଫୁଙ୍ଗୁଳା ଜୀବନ, ସେଇମିତି ଏ ଘରର ଅଲରା ଅସନା ରୂପ । ଯେମିତି ବେପରୁଆ ଭାବରେ ତା ଜୀବନର ଚଳପ୍ରଚଳ, ସେଇମିତି ଅଣଓଳାଜଟରେ ବିବର୍ଣ୍ଣ ହୋଇ ପଡ଼ିରହିଛି ଘରର ଚତୁଷ୍କୋଣ । ଝାଡ଼ଝୁଡ଼ ଚହଟ ଚିକଣ କରି, ଆସବାବପତ୍ର ସଜେଇ ରଖି, ଘରର ଗୋଟାଏ ମହାର୍ଘ ଚେହେରା ଫେରାଇ ଆଣିବା କଥା କେବେହେଲେ ମନ ଭିତରେ ଆସିନାହିଁ ଉପେନ୍‌ର । ଏ ଘର ଯେ ଏକ ଅମୃତର ମାଡ଼, ଏହା ଭିତରେ ଯେ ସୁଖ ଶାନ୍ତିର ଅଜସ୍ରତା ଭରି ରହିଛି, ମାଧବୀର ଉପସ୍ଥିତି ହିଁ ପ୍ରଥମ କରି ସେ ଭାବ ଆଣିଦେଲା ଉପେନ୍ ମନରେ । ଅଫିସ୍‌ରୁ ସେଦିନ ଫେରିଆସି ସେ ଦେଖିଲା, ଘରଟିରେ ଅଳନ୍ଧୁର ଲେଶ ନାହିଁ । କାନ୍ଥ ଝଡ଼ାଝଡ଼ି ହୋଇ ପରିଷ୍କାର ହୋଇଛି । ଘରର ସିମେଣ୍ଟ ଚଟାଣ ଓଦାକନାରେ ପୋଛା ହୋଇ ଝକ୍ ଝକ୍ କରୁଛି । ଭଙ୍ଗା ଟ୍ରଙ୍କ୍ ଥୁଆ ହୋଇଛି ଗୋଟିଏ ଉଞ୍ଚ ପିଢ଼ା ଉପରେ । ଦଦରା ଟେବୁଲ ଉପରେ

ସଜାହୋଇ ଥୁଆ ହୋଇଛି ପୁରୁଣା କଲେଜ ବହି । 'ସ୍ୱାଧୀନ' କାଗଜର ପୁରୁଣା ସଂଖ୍ୟା ଚଉଡ଼ା ହୋଇ ରଖା ହୋଇଛି କାନ୍ଥର ପ୍ରଶସ୍ତ ଖୋପ ଭିତରେ । ଗ୍ରେଟ ଅଇନା ଆଉ ଚିରୁଣୀ, ତା ବି ଏକ ଶୋଭନ ଭଙ୍ଗୀରେ ଟଙ୍ଗା ହୋଇଛି କାନ୍ଥ ଦେହରେ । ଘର ଭିତରେ ପରିଚ୍ଛନ୍ନତାର ଏକ ସହଜ ସରଳ ଶ୍ରୀ । ଗୋଟିଏ ନିପୁଣ ହାତର କଲ୍ୟାଣ ଯେପରି ଏଇ ଇଟା ପଥରର ନିର୍ଜୀବ ଘର ଭିତରେ ସଞ୍ଚାରିତ କରିଛି ଉଦ୍ଦାମ ପ୍ରାଣପ୍ରାଚୁର୍ଯ୍ୟର ସ୍ୱରସ ସ୍ନିଗ୍ଧତା । ନ ଖାଇ ନ ପିଇ ଘରର ଚଟାଣ ଉପରେ ଚିତ୍ ହୋଇ ପଡ଼ି ରହି ଯେମିତି ଅସରନ୍ତି ରଙ୍ଗୀନ୍ ସ୍ୱପ୍ନରେ ଆତ୍ମପର ଭୁଲିଯାଇ ସୁଖରେ ନିଦ୍ରା ଯାଇ ହେବ । ଉପେନ୍ ଭାବିଲା—ମାଧବୀ କି ସୂକ୍ଷ୍ମଦର୍ଶୀ ! ମାଧବୀର ରୁଚି କି ଚମତ୍କାର !

ଶତମୁଖରେ ପ୍ରଶଂସା କରିବସିଲା ସେ । କହିଲା—ଏଇ ଦୁଇଟା ଦିନ ଭିତରେ ଏ ଘରର ଚତୁଷ୍କୋଣ ଯେମିତି କଥା କହିଉଠିଛି । ପ୍ରାଣବନ୍ତ ହୋଇଉଠିଛି ଏକ ଆଦର ସ୍ପର୍ଶ ପାଇ ଏଇ ମାଟିର ଚଟାଣ । ସବୁ ହେଲା, ଯାହା ଚାହିଁଥିଲି ତତେ ଅଧଃପାତରୁ ମୁକ୍ତ କରି ଆଣିବାକୁ, ତା କଲି । କିନ୍ତୁ ଏସ୍ତା ପରେ, ସମାଜରେ ପ୍ରତିଷ୍ଠା ହୋଇପାରିବ ତୋର କେମିତି ? କ'ଣ କରିବୁ-ତୁ ? କିଛି ଭାବିଚୁ ? ଉପେନ୍ ଆଡ଼କୁ ସ୍ଥିର ଦୃଷ୍ଟିରେ କିଛି କ୍ଷଣ ଚାହିଁଲା ମାଧବୀ । କହିଲା—ମୋ ପାଇଁ ବ୍ୟସ୍ତ ହବନି ଉପନନା, ମୁଁ ଗାଁକୁ ଇ ଫେରିବି । ବୋଉ ସିନା ନାହିଁ, ଭାଇଙ୍କି ତ ଦେଖି ଆସିଚି ତମେ କଲିକତାରେ । ତାଙ୍କୁ ଖଣ୍ଡେ ଚିଠି ଦିଅ । ସେ ଆସନ୍ତୁ । ବାହା ସାହା ହେବେ, ସେଇ ଦିନ ପୁଣି ହସିଉଠିବ । ଘର ତ ଅଛି, ବାରନନା ରୋଜଗାର ତ କଲେଣି । ହାତକୁ ଦି'ହାତ ହେଲେ ଘରର ଦାୟିତ୍ୱ ବୁଝିବେ ସେ ।

—ସେ ସିନା ବାର କଥା, କିନ୍ତୁ ତୋର କ'ଣ ହେବ ? ସେ ଗାଁରେ କ'ଣ ତୁ ଆଉ ବାଟ ଚାଲିପାରିବୁ ?

—କିଛି ଦିନ ହାଉ ହାଉ କାଉ କାଉ ହେବେ ସମସ୍ତେ । ମୁହଁରେ ଛିଗୁଲାଇ କହିବେ, ଦେଖେଇ ଦେଖେଇ ଘୃଣା ଦେବେ । ତାପରେ ସବୁ ଠିକ୍ ହୋଇଯିବ ଉପନନା ! ସବୁ ବିହସହା ହୋଇଯିବ ।

ମରି ତ ପାରିବନି । ଜୀବନଟାକୁ ଭାରି ଲୋଭ । କନିଅରି ମଞ୍ଜି ଆଣିବାକୁ ଯାଇଥିଲି, ବିଡ଼ାଖାଏ ଦେଖିଦେଲି କେମିତି । ହାତରୁ ଛଡ଼ାଇନେଲି । ତା' ଛଡ଼ାରେ ବା ଭୁଲିଲି କାହିଁକି ? ସେଇ ମତେ ବାରଜଣାଙ୍କ କଥା କହି ତାଙ୍କ ପାଖରେ କଲିକତାରେ ଛାଡ଼ିଦେବ ବୋଲି କହିଲା । ସରଳ ବିଶ୍ୱାସରେ ଘରୁ ଗୋଡ଼ କାଢ଼ିଲି । କଟକ ପର୍ଯ୍ୟନ୍ତ ତା' ସାଙ୍ଗେ ଗାଡ଼ିରେ ଆସି ବୁଝିଲି, ସେ ମତେ ଗୋଟେ ଚକ୍ରାନ୍ତରେ ନେଇଆସିଚି । ଓହ୍ଲେଇ ପଡ଼ିଲି ସେଇ କଟକରେ । ତା ପରେ···ଆଉ ସବୁ ତ ତୁମେ ଜାଣ ।

ଉପେନ୍ ଟିକେ ବିରକ୍ତ ହେଲା—ଗଲି ବି ଦିନ ଧରି ତୋ ସାଙ୍ଗେ ଯେତେବେଳେ ଆଲୋଚନା କରି କିଛି ଗୋଟାଏ କୂଳକିନାରା ବାହାର କରିବା କଥା ଭାବୁଚି, ତୁ ସେଇ ପଚା କଥା କହି ଆଡ଼େଇ ହେଇ ଯାଉଚୁ ।

—ନା, ମୋ ନେଇ ତୁମେ ଚିନ୍ତା କରନା ଉପେନନା ! ମୋ କଥା ମୁଁ ଭାବିପାରିଚି । ଭାବି ନ ଶିଖିଥିଲେ ବି ମୋର ତ ଆଉ ଭବିଷ୍ୟତ କିଛି ନାହିଁ । ଜୀବନଟାକୁ କୌଣସିମତେ କଟେଇଦେବା କଥା । ଗାଁରେ ଧାନ କୁଟି, ନଇଲେ କା'ଘରେ ବାସନ ମାଜି···କହୁ କହୁ ଗୋଟାଏ ରୁଦ୍ଧ ଆବେଗକୁ ଚାପି ରଖିବା ପାଇଁ ଅଗଣା ଆଡ଼େ ଚାଲିଗଲା ମାଧବୀ ।

ସ୍ତବ୍ଧ ହେଇ କିଛି କ୍ଷଣ ବସିରହିଲା ଉପେନ୍ ।

ଗଲା ଦୁଇ ଦିନ ଧରି ଉପେନ୍ ସିଧା ଖବର କାଗଜ ଅଫିସ୍‌ରୁ ଆସି ମାଧବୀ ସମ୍ବନ୍ଧରେ ଚିନ୍ତା କରି ଚୁପ୍ ହୋଇ ବସି ରହୁଚି ଘର ଭିତରେ । ମାଧବୀକୁ ସେ ଉଦ୍ଧାର କରି ଆଣିଲା ରଙ୍ଗାଳୟର ବ୍ୟଭିଚାର ଭିତରୁ । ସେଠି ଗୀତ, ନୃତ୍ୟ, ଅଭିନୟର ଉତ୍କର୍ଷତା ଭିତରେ ମାଧବୀ ହୁଏତ ତାର ଭବିଷ୍ୟତ ଜୀବନର କିଛି ସଦ୍‌ଗତିର ପଥ ଖୋଜି ବାହାର କରି-ଥାଆନ୍ତା । ସେଥିରୁ ତାକୁ ଟାଣି ଆଣି, ମାଧବୀ ପାଇଁ କି ମହତ୍ ଜୀବନ-ଯାପନର ସମ୍ମାନିତ ପନ୍ଥା ବା ନିର୍ଦ୍ଦିଷ୍ଟ କରି ରଖିଚି ଉପେନ୍ ? କୁଆଡ଼େ ନେଇଯିବ ସେ ମାଧବୀକୁ ? କ'ଣ କରିବ ସେ ମାଧବୀକୁ ନେଇ ? ଗ୍ରାମ୍ୟ ଜୀବନର ସେଇ କୁତ୍ସିତ ବେଷ୍ଟନୀ ଭିତରକୁ ସେ ପୁଣି ଠେଲି ତାକୁ ଜୋର୍ କରି ପେଲିଦିଏ—ତା'ହେଲେ ? ତୁଷାନଳରେ କୁହୁଳି କୁହୁଳି ମରିବା

ଛଡ଼ା ମାଧବୀର କ ଉପାୟ ରହିବ ଆଉ ? ନା, ନା, ସେ ନିଶ୍ଚୟ ଗୋଟାଏ କିଛି ନୂତନ ରାସ୍ତା ଖୋଜି ବାହାର କରିବ ମାଧବୀ ପାଇଁ। ମାଧବୀକୁ ସେ ପ୍ରତିଷ୍ଠା କରିବ ସମାଜର ବୃହତ୍ତମ ପ୍ରାଣକେନ୍ଦ୍ରରେ। ସେଠି ମାଧବୀ ହୋଇଉଠିବ ଅସାଧାରଣ, ଅସାମାନ୍ୟ। ସେଠି ମାଧବୀ ହେବ ନାରୀ ଜାତିର ଗର୍ବ। ଜୀବନର ସାଧନା ପଥରେ ସେ ଦେଶ ଓ ଦଶର ସେବା କରି ହେବ ପୂଜ୍ୟା ଆଉ ନମସ୍ୟା। ସେ ହେବ ଦଶ ଜଣଙ୍କର ଆଦର୍ଶ। ସେ ହେବ ଦଶ ଜଣଙ୍କଦ୍ୱାରା ସମ୍ମାନିତ। ମାଧବୀ ବଡ଼ ହେବ। ମାଧବୀ ହେବ ତା ସାମାଜିକ ଅହଂକାରର ଅତୁଳନୀୟା ଯୁଗ ନାରୀ।

ସନ୍ଧ୍ୟାର ଅନ୍ଧକାର ଭିତରେ ଉପେନ୍ ଭାବି ଚାଲିଥିଲା। ଅଗଣା ପଟେ, ଭିତର ଘରେ ରାତିର ରନ୍ଧାବଢ଼ା ନେଇ ବ୍ୟସ୍ତ ରହିଥିଲା ମାଧବୀ। ଏତିକିବେଳେ ବାହାରେ ବ୍ରଜର ପାଟି ଶୁଭିଲା। ଧଡ଼ପଡ଼ ହୋଇ ଉଠିଲେ ଉପେନ୍ଦ୍ର ବାହାରକୁ।

—ରାତି ହେଲାଣି, ଲଣ୍ଠନ ନ ଜାଳି ଘର ଭିତରେ ଅନ୍ଧାରରେ ବସିଚୁ?

—ମନଟା ଭଲ ନାହିଁ ବ୍ରଜ! ଘର ଭିତରକୁ ଆ।

—ଚାଲ୍ ବରଂ କମିଜଟା ଗଳେଇ ତୁ ଆ ମୋ ସାଙ୍ଗେ।

—କିନ୍ତୁ ମୁଁ ଯେ ଯାଇପାରିବିନି ବ୍ରଜ! ଘରେ ମାଧବୀ ଏକା......

—ମାଧବୀ! ବ୍ରଜ ଚମକି ଉଠିଲା ପରି ପ୍ରଶ୍ନ କଲା। ମାଧବୀ ଏଠିକି ଆସିଲା କେମିତି?

—ସେ ଅନେକ କଥା ବ୍ରଜ! ଆ, ମୁଁ ତତେ କହିବି। ତୋର ପରାମର୍ଶ ବି ମୋର ଦରକାର।

ଉପେନ୍ ଯେପରି ସହଜ ଭାବରେ ମାଧବୀ ସମ୍ବନ୍ଧରେ କହିଗଲା, ବ୍ରଜବଲ୍ଲଭକୁ ଆଶ୍ଚର୍ଯ୍ୟ ଲାଗିଲା ସବୁ କିଛି ଶୁଣି। ଘର ଭିତରକୁ ଯାଇ

ମାଧବୀକୁ ଦେଖିବାକୁ ତାର ଗୋଟେ ପ୍ରବଳ ଇଚ୍ଛା ହେଲ; କିନ୍ତୁ କପରି ଗୋଟେ ସଂକୋଚରେ ସେ ସେପରି ଅସ୍ୱସ୍ତି ବୋଧ କଲ । କହିଲ— ମାଧବୀ ସମ୍ବନ୍ଧରେ ମୋତେ କହିବୁ କ'ଣ ତାକୁ ସାମ୍ନାରେ ବସେଇ ରଖି ? ତା'ଠୁ ବରଂ ଚାଲ୍ ଆମ ଘରକୁ । ବାଟରେ ମାଧବୀ କଥା ବି ଶୁଣାଯିବ, ଆଉ ମୋ ପ୍ରଗମର୍ଶଟା ବ ସେଇଠି ଆଦାୟ କରନବୁ ।

—ତା ହେଲେ ମାଧବୀକୁ ମୁଁ ପଚାରିଆସେ, ସେ ଏକା ରହି-ପାରିବ କି ?

—ବେଶ୍, ପଚାରି ଆ । କିନ୍ତୁ ମାଧବୀ ଏକା ରହି ନ ପାରିବାର କ'ଣ ଅଛି ଉପେନ୍ ? ଏଠି ଭୟ କ'ଣ ?

—ଭୟ ! ମନକୁ ମନ ଅକ୍ଷର ଏଟାକୁ ଉଚ୍ଚାରଣ କରି ଉପେନ୍ ଟିକିଏ ଚମକିଲ । ମାଧବୀକି ନେଇ ତାର ଭୟର ତ ଶେଷ ନାହିଁ ! କାହିଁକି ? ମାଧବୀକୁ ନେଇ ତାର ଡରିବାର କ'ଣ ଅଛି ? ମାଧବୀକୁ ଏକା ଛାଡ଼ିଯିବାରେ ବା ଦୁଶ୍ଚିନ୍ତାର କାରଣ କ'ଣ ?

କିନ୍ତୁ ଏସବୁ ଆଲୋଚନା କରି ଦେଖିବାର ବେଳ ଏ ନୁହେଁ । ତରତରରେ ମାଧବୀକୁ ଶୀଘ୍ର ଫେରି ଆସିବାର ନିର୍ଭୟ ଦେଇ କମିଜଟା ପିନ୍ଧି ଉପେନ୍ ରାସ୍ତା ଉପରକୁ ଆସି ହଠାତ୍ କ'ଣ ଭାବି ପୁଣି ଘର ଭିତରକୁ ଫେରିଯାଇ ଛିଡ଼ା ହେଲା ମାଧବୀ ଆଗରେ ।

—କ'ଣ ଉପେନନା ! ଫେରିଲ କାହିଁକି ? ପଚାରିଲା ମାଧବୀ ।

—ତୋ ପାଖରେ ଟଙ୍କା ଅଛି ଯଦି, କୋଡ଼ିଏଟା ମତେ ଧାର ଦେଇଥିବୁ ? ମୁଁ ଦରମା ପାଇଲେ ଫେରେଇଦେବି ।

ମାଧବୀ ଟିକିଏ ହସିଲ, କହିଲ — ଫେରେଇଦବାର ପ୍ରତିଶ୍ରୁତି ନ ଦେଲେ କ'ଣ ମୁଁ ଟଙ୍କା ଦଅନ୍ତିନ !

—ନା, ନା, ତା ନୁହେଁ, ଏ ଭିତରେ ତୋ ରୋଜଗାର ଟଙ୍କାରୁ ମୁଁ ଅନେକ ନେଇ ଖର୍ଚ୍ଚ କଲଣି । ମୋର ତ ଗୋଟାଏ କର୍ତ୍ତବ୍ୟ ଅଛି ତୋ ପ୍ରତି !

—କର୍ତ୍ତବ୍ୟଟା କ'ଣ ନେଇଥିବା ଟଙ୍କା ଫେରେଇଦବାରେ ? କହୁ କହୁ ଶୋଇଲା ଘର ଭିତରକୁ ପଶିଯାଇ ମାଧବୀ ଟଙ୍କା ଆଣି ଉପେନ୍ ହାତରେ ଗୁଞ୍ଜିଦେଲା । ପଚାରିଲା—କେତେବେଳକୁ ଫେରିବ ?

—ବ୍ରଜ ସାଙ୍ଗରେ ଯାଉଚି, ତା'ରି ଘରୁ କଥା ହେଇ ଫେରି ଆସିବି । ତାପରେ ଟିକିଏ ରହିଯାଇ କହିଲା—ତତେ ଭୋକ ହବଣି, ରନ୍ଧା ସରିଗଲେ ତୁ ଖାଇନବୁ ।

—ସେମିତି କ'ଣ କିଏ ଖାଏ ! ମାଧବୀ କହିଲା—ହଁ, ବ୍ରଜବାବୁଙ୍କୁ ଘରକୁ ଡାକିଲନି ? ମୁଁ ଅଛି ବୋଲି ତମରି ବଡ଼ ଅସୁବିଧା ହଉଚି ନା ?

—ନା, ନା, ଅସୁବିଧା କ'ଣ ? ବ୍ରଜକୁ ମୁଁ ଡାକିଲି, କିନ୍ତୁ ସେ ନିଜେ ଇ ଆସିବାକୁ ମନା କଲା ।

—ସେ କ'ଣ ଆଉ ନିଜେ କହନ୍ତେ ଆସିବା ପାଇଁ ? ତୁମେ ତାଙ୍କୁ ଜୋର କରି ଆଣିଥାନ୍ତ ସିନା !

—ଡାକିଆଣେ ତେବେ । ମୁଁ ଭାବିଲି, କାଳେ ତୋର କିଛି ଅସୁବିଧା ହେବ !

—ମୁଁ ତ ଆଉ କୁଳଭୁଆସୁଣୀ ନୁହେଁ, ଆଉ ହେବ ! ଅସୁବିଧା କ'ଣ ? ଥିଏଟରରେ ନାଚୁଥିଲି ଯେତେବେଳେ, ଲଜ ସରମରି ମୁଣ୍ଡ ଖାଇଚି ବହୁ ଦିନୁ । କହୁ କହୁ ମାଧବୀର ଗଳା ଅନୁଶୋଚନାରେ ଟିକିଏ ଭଗ୍ନ ହେଇଆସିଲା ।

ଏହା ପରେ ମାଧବୀ ଆଉ କ'ଣ କହିବ, ଏଇ କେତେ ଦିନ ଭିତରେ ପାଖରେ ରହି ଉପେନ୍ ଅନୁମାନ କରିବାରେ ଅଭ୍ୟସ୍ତ ହେଇ ଉଠିଥିଲା । ମାଧବୀ ଆଘାତ ପାଇଚି, ପ୍ରଚଣ୍ଡ ଆଘାତ । ସେ ଭାଜି ପଡ଼ିଚି । ତାର ଭୁଲ ପାଇଁ ପ୍ରାୟଶ୍ଚିତ୍ତ କରିବାର ବାଟ ଖୋଜି ବୁଲୁଚି ସେ ସବୁବେଳେ । ସବୁ କଥା ଭିତରେ ସେ ବ୍ୟକ୍ତ କରୁଚି ତା କଳୁଷିତ ଜୀବନର ଅନ୍‌ଶୋଷ ।

ସେଥିରୁ ତାକୁ ନିବୃତ୍ତ କରିବା ଚେଷ୍ଟାର ଫଳ କିଛି ନାହିଁ । ଅନୁଶୋଚନା ଭିତରେ ହିଁ ଅପକର୍ମର ପ୍ରାୟଶ୍ଚିତ୍ତ । ନିଜ ଦୋଷତ୍ରୁଟିର ସ୍ୱୀକାରୋକ୍ତି ହିଁ ଚରିତ୍ର ସଂଶୋଧନର ପ୍ରକୃଷ୍ଟ ମାର୍ଗ । ମାଧବୀ ଜଳୁଚି । ଜଳିବାର ଦାହରେ ତାର ସମସ୍ତ ଦେହ ହାଉ ହାଉ କରି ଉଠିଚି । ଛଟପଟ ହୋଇ ଚିତ୍କାର କରିବା ସ୍ୱାଭାବିକ୍ ତାର । ଆର୍ତ୍ତକ୍ରନ୍ଦନରେ କାନ୍ଦି, ମୁଣ୍ଡ ପିଟି ନିଜକୁ ବ୍ୟକ୍ତ କରିବାରେ ହିଁ ତାର ଶାନ୍ତି ।

ଉପେନ୍ ଭାବିଲା, ସେଥିରେ ସେ ବାଧା ଦେବ ନାହିଁ । ବାଧା ନ ଦେଇ, ଟିକିଏ ହେଲେ ପ୍ରତିବାଦ ନ କରି, ମାଧବୀ ହାତରୁ ଟଙ୍କାତକ ନେଇ ଉପେନ୍ ଫେରିଆସିଲା ବ୍ରଜ ପାଖକୁ । ଏ ଭିତରେ ଗୋଟାଏ ରିକ୍ସା ଡାକି ବ୍ରଜ ଅପେକ୍ଷା କରିଥିଲା ।

ଉପେନ୍ ବସିଲା ପରେ ରିକ୍ସା ଚାଲିଲା । ମାଧବୀ ସମ୍ବନ୍ଧରେ ଗୋଟି ଗୋଟି କରି କହିଚାଲିଲା ଉପେନ୍ । ତାର କଳଙ୍କିତ ଜୀବନର ଉଦ୍ଦେଶ୍ୟ ଆଉ ଅସୁନ୍ଦର ଭାବରେ ଲକ୍ଷ୍ମୀ ଥିଏଟରର ରଙ୍ଗମଞ୍ଚରେ ଅଭିନୟ ମଝିରେ ମାଧବୀ ସହିତ ହଠାତ୍ ଦେଖାର ଆମୂଳଚୂଳ ବୃତ୍ତାନ୍ତ ।

ସବୁ ଶୁଣି କହିଲା ବ୍ରଜ—ଏ ଏକ ଜଟିଳ ସମସ୍ୟା । ମାଧବୀ ପ୍ରତି ତୋର ଏକ କର୍ତ୍ତବ୍ୟ ଅଛି, ମୁଁ ଅସ୍ୱୀକାର କରୁନି । କିନ୍ତୁ କ'ଣ କରି-ପାରିବୁ ତୁ ମାଧବୀ ଲାଗି ? ଆମ ସମାଜର ବ୍ୟବସ୍ଥା ଯାହା—

—ବ୍ୟବସ୍ଥାକୁ ଡରିଲେ ତ ଚଳିବନି ବ୍ରଜ ! ଯାହା ସମୟୋପ-ଯୋଗୀ ନୁହେଁ, ତାକୁ ବଦଳେଇ ଦେବାକୁ ହିଁ ପଡ଼ିବ । ଯାହା ଦରକାର ତାକୁ କାଏମ୍ କରିବା ପାଇଁ ବାଟ ଖୋଜି ବାହାର କରିବାକୁ ହିଁ ହେବ । ତତେ କିଛି ସାହାଯ୍ୟ କରିବାକୁ ହେବ । ତୋର ସାହାଯ୍ୟ ଦରକାର । ତୁ ମତେ ସାହସ ଦେଲେ…

—କିନ୍ତୁ କ'ଣ କରିବାକୁ ଚାହୁଁ ତୁ ମାଧବୀକୁ ନେଇ ? ବ୍ରଜ ପୁଣି ଥରେ ପଚାରିଲା—କିଛି ଠିକ୍ କରିଚୁ ?

କ'ଣ ଗୋଟାଏ ଉତ୍ତର ଦବାକୁ ଯାଉ ଯାଉ ହଠାତ୍ ରିକ୍ସାଟାକୁ ଟିକଏ ଛୁଆ କରବାକୁ ପାଟି କରି ଉଠିଲା ଉପେନ୍ । ତାପରେ ବ୍ରଜକୁ ଅପେକ୍ଷା କରବାକୁ କହି ରାସ୍ତାକଡ଼ର ଗୋଟେ ସୁନାରୂପା ଦୋକାନ ଭିତରକୁ ପଶିଗଲା ଉପେନ୍ । ଅଳ୍ପ କିଛି ସମୟ ଡେରି । ତାପରେ ବ୍ରଜ ପାଖକୁ ସେ ପୁଣି ଫେରିଆସି ରିକସାରେ ବସି କହିଲା— ଚାଲ ।

ରମଣୀବାବୁଙ୍କ କୋଠା ସାମନାକୁ ଆସି ଉପେନ୍ ଶୁଣିଲା ଏସ୍ରାଜର ଝଙ୍କାର । —ବିନତା ଏସ୍ରାଜ ବଜେଇ ଜାଣିଛି ନା କ'ଣ ? ପଚାରିଲା ଉପେନ୍ ।

—ନା, ଏସବୁ ସୁର ସଙ୍ଗୀତର ଧାର ଧାରେନା ସେ । ପଢ଼ାବହି ଛଡ଼ା ତା ଜୀବନର ସୁଖ ସଉକ ଆଉ କିଛି ନାହିଁ । ଏସ୍ରାଜ ବଜାଉଛନ୍ତି ଖୁଡ଼ୀ । ଚମତ୍କାର ବଜାନ୍ତି ସେ ଏସ୍ରାଜ । ଗୀତ ବି ଗାଆନ୍ତି ସୁନ୍ଦର । ଗୃହିଣୀ ଛୁଆର ମା ହୋଇ ବି କଣ୍ଠର ଲାଳିତ୍ୟ ତାଙ୍କର ଏବେ ମଧ୍ୟ ଅଟୁଟ ରହିଛି । ବ୍ରଜ ସାଙ୍ଗରେ ଉପେନ୍ ବି ରିକ୍ସାରୁ ଓହ୍ଲେଇ ତଳେ ଠିଆ ହେଲା ।

ପାଞ୍ଚ ଛ' ଦିନ ପରେ ଉପେନ୍ ଆସିଛି ଏ ଘରକୁ । ସେ ଭାବିଲା, ବିନତା ତା'ଠୁ କୈଫିୟତ ତଲବ କରିବ । ବ୍ରଜ ପଛେ ପଛେ ଶଙ୍କିତ ପଦକ୍ଷେପରେ କୋଠା ଭିତରକୁ ଯାଇ ଉପେନ୍ ଥରେ ବିନତାର ପଢ଼ାଘର ଦୁଆର ମୁହଁରେ ଚୂପ୍ କରି ଠିଆହେଲା । ଗୋଟେ କ ଉତ୍ତର ମନେ ମନେ ଠିକ୍ କଲା । ତାପରେ ଚଞ୍ଚଳ ପଦକ୍ଷେପରେ ବିନତା ଉଦ୍ଦେଶ୍ୟରେ ତଳ, ଉପର ମହଲାର ସମସ୍ତ କକ୍ଷଗୁଡ଼ିକୁ ବ୍ୟାକୁଳ ଆଗ୍ରହରେ ଖୋଜି ଦେଖିଲା ।

—ଖୁଙ୍କା ନାହିଁ, ଦାଦାଙ୍କ ସଙ୍ଗେ ଯାଇଛି ସିନେମା ଦେଖି । ପ୍ରଭାତରେ ଗୋଟାଏ କି ଇଂରାଜୀ ଛବି ଆସିଚି । ଟିକଏ ଅପେକ୍ଷା କର ।

—ତା' ସମ୍ଭବ ନୁହେଁ ବ୍ରଜ ! ମାଧବୀ ଏକା ଅଛି ଘରେ । ତୁ ଜାଣୁ, ସେ ଜାଗାଟା ଭଲ ନୁହେଁ । ତା ଛଡ଼ା···କ'ଣ କହିବାକୁ ଯାଉ ଯାଉ ହଠାତ୍ ରହିଗଲା ଉପେନ୍ ।

—ବ୍ରଜ ଟିକଏ ଆଶ୍ଚର୍ଯ୍ୟ ହେଲା । ଉପେନ୍ ଏତେଦୂର ଅବ୍ୟବସ୍ଥିତ ହୋଇଉଠିଚ କାହିଁକି ? ମାଧବୀଙ୍କ ସେ ଖୁଡ଼ୀ ଆସିଚ; କିନ୍ତୁ ରାତି ତ ବେଶି ହୋଇନି ! ରାତିର ଏଇ ପ୍ରଥମ ପ୍ରହରରେ ସେଇ ଅପ୍ରଶସ୍ତ ଷ୍ଟ୍ରୀଟ ଘରଟି ଭିତରେ ମାଧବୀର ଡରିବାର କ'ଣ ଅଛି ? ଆଉ ଜାଗାଟାର ପାରିପାର୍ଶ୍ୱିକ ଆବହାଓ୍ୱା ବିଶେଷ ଭଦ୍ର ନ ହେଲେ ବି ମାଧବୀ ସମ୍ବନ୍ଧରେ ଉପେନ୍‌ର ଆଶଙ୍କା କରିବାର କ'ଣ ଅଛି ? କିନ୍ତୁ ତା ମନରେ ଏତେଗୁଡ଼ାଏ ଭାବାନ୍ତର କଥା ନ ଜଣେଇ ସ୍ମିରଗଳାରେ ପଚାରିଲା ବ୍ରଜବଲ୍ଲଭ—ତୁ ଆସିବାର ଜାଣିଥିଲେ ଖୁଡ଼ୀ ହୁଏତ ସିନେମା ଦେଖି ଯାଇ ନ ଥାନ୍ତା । ବହୁତ ଦିନ ଧରି ଦେଖା ହୋଇ ନାହିଁ । ଝିଅ ଫେରିବା ପର୍ଯ୍ୟନ୍ତ ତୋର ରହିବାଟା ଉଚିତ ବୋଲି ମୁଁ ଭାବୁଚି । ତେବେ ସେ ତୋର ଏକାନ୍ତ ଭିତରର କଥା, ମୋର କହିବାର କିଛି ନାହିଁ ।

—ମୁଁ ସବୁ ବୁଝିପାରୁଚି ବ୍ରଜ ! କିନ୍ତୁ ବନିତା ସହିତ ଦେଖା କରିବା ଅପେକ୍ଷା ମାଧବୀର ଦାୟିତ୍ୱ ନେଇ ମୁଁ ବଡ଼ ଅଡୁଆରେ ପଡ଼ିଚି । ତୁ ମତେ କ୍ଷମା କରିବୁ । ସମ୍ଭବ ହେଲେ କାଲି ଅଫିସ୍ ଯିବା ଆଗରୁ ମୁଁ କିଛି ସମୟ ପାଇଁ ଆସି ବନିତା ସହିତ ଦେଖା କରିବି···କହି ଉପେନ୍ ଦ୍ରୁତ ପଦକ୍ଷେପରେ ପୁଣି ଫେରିଆସିଲା ।

ସେଇ ରାତିର ନିସ୍ତୁପ୍ତ ପ୍ରହର ।

ମାଧବୀ ଶୋଇଛି ଘର ଭିତରେ । ଆଉ ଉପେନ୍ ବାହାର ପଟ ଘର ଭିତରେ ସପ ପକେଇ ଶୋଇଯାଇଛି । ଟିକକ ଆଗ ପର୍ଯ୍ୟନ୍ତ ନିଦ ଲାଗି ନ ଥିଲା ତାକୁ । କିଛି କ୍ଷଣ ହେଲା ଗୁଲଇଗୁଲଇଆ ନିଦ ଲାଗି ଆସିଛି । ବାହାର କବାଟରେ କାହା ଆଙ୍ଗୁଠିର ମୃଦୁ ଟିପା ଶୁଣି ଉପେନ୍ କଞ୍ଚାନିଦରୁ ଉଠି ବସିଲା ।—କିଏ ? ଉପେନ୍ ଗଳା ଶୁଣେଇ ପଚାରିଲା ।

—ଦୁଆର ଖୋଲ୍ ।

—କିଏ ବ୍ରଜ ?

—ହଁ, ମୁଁ ।

ଉପେନ୍ ଉଠିଯାଇ ଦୁଆର ଖୋଲିଲା ।—ଏତେ ରାତିରେ ?

—ହଁ, ରାତି ଟିକେ ହେଇଛି । ତୁ ଟିକେ ବାହାରକୁ ଆସି-ପାରିବୁ ? ଝୁଙ୍କା ଅପେକ୍ଷା କରିଛି ରାସ୍ତା ଉପରେ ।

—ଏତେ ରାତିରେ ସେ କାହିଁକି ? ପ୍ରଶ୍ନ କରି ଉପେନ୍ ମନେ ମନେ ଟିକିଏ ଆଶ୍ଚର୍ଯ୍ୟ ହେଲା ।

—ମୁଁ ଠିକ୍ ଜାଣେନି, କିନ୍ତୁ······

—ଏଠିକି ଆସିବେ ନାହିଁ ସେ ?

—ବୋଧେ ନୁହେଁ ।

—କାହିଁକି ? କ'ଣ ହେଇଛି ? ମୋ ପାଖକୁ ଆସିଲେ ଯଦି, ମୋ ଘରକୁ ନ ଆସିବାର ଅର୍ଥ କ'ଣ ?

—ତା' ମୁଁ କହିପାରିବିନି । ବରଂ ତୁ ଯାଇ ଥିକେ ବୁଝି ଆସ । ଏଇ ବାରଣ୍ଡାରେ ମାଧବୀକୁ ଜଗି ବସୁଚି ମୁଁ ।

—ଜଗି ବସିବାର କ'ଣ ଅଛି ଗୁଜ ! ମୁଁ ଠିକ୍ ବୁଝିପାରୁନି ତୋ କଥାର ମର୍ମ ! କହି ଉପେନ୍ ବ୍ୟତିବ୍ୟସ୍ତ ହୋଇ ଆଗେଇଗଲା ରାସ୍ତାର ରିକ୍ସା ଆଡ଼େ ।

ରିକ୍ସାରୁ ଓହ୍ଲାଇ ରାସ୍ତାର ଗୋଟେ କଡ଼କୁ ଠିଆ ହୋଇଥିଲା ବନଲତା । ନକ୍ଷତ୍ରର ଧୂସର ଆଲୋକ ଝରି ପଡ଼ୁଥିଲା ଆକାଶରୁ । ତାର ଭିତରେ ଅସ୍ପଷ୍ଟ ହୋଇ ବାରି ହେଉଥିଲା ବନଲତାର ଗୌରକାନ୍ତ ମୁଖମଣ୍ଡଳ ।

—ଏତେ ରାତିରେ ହଠାତ୍ ? ଉପେନ୍ ପଚାରିଲା ।

—ହଠାତ୍ ଭିତରେ ଇ ତ ଗୁରୁତ୍ୱ । ମାଧବୀକୁ ମୁଁ ଦେଖିବାକୁ ଆସିଚି ।

—ଏତେ ରାତିରେ ?

—ଦେଖିବାର ପ୍ରୟୋଜନୀୟତା ଭିତରେ ରାତି ବା ଦିନର ପ୍ରଭେଦ କ'ଣ ?

—ତା' ଅବଶ୍ୟ ନାହିଁ; କିନ୍ତୁ ମାଧବୀକୁ ଦେଖିବା ମୂଳରେ ତୁମର ପ୍ରୟୋଜନ କ'ଣ ?

—ଏ ପ୍ରଶ୍ନର ଉତ୍ତର କୌଣସି ନାରୀ କେବେ ପୁରୁଷକୁ ଦେଇ-ପାରେନା ।

ଯା ପରେ ଆଉ କି ପ୍ରଶ୍ନ କରିବ ଖୋଜି ଠିକ୍ କରିପାରିଲାନି ଉପେନ୍ । ଥିକିଏ ଇତସ୍ତତଃ ହେଲା ସେ । ତା ପରେ କହିଲା—ବେଶ୍, ଆସ ତେବେ । ମାଧବୀ ଶୋଇଚି । ତାକୁ ଉଠେଇବାକୁ ହେବ ।

ବନଲତା ପାଦେ ଆଗେଇଲା, ତା ପରେ କ'ଣ ଭାବି ପୁଣି ରିକ୍ସା ପାଖକୁ ଫେରିଆସିଲା । କହିଲା—ମୋର ଅନେକ କିଛି ପଚାରି ବୁଝିବାର ଅଛି ।

—ମୁଁ ଜାଣେ, ଉପେନ୍ କହିଲା, ତୁମର ଅନେକ ପ୍ରଶ୍ନ କରି ବୁଝିବାର କଥା ନୁହେଁ, ମୋର ଅନେକ କୈଫିୟତ ଦେଇ ବୁଝେଇବାର ଅଛି; କିନ୍ତୁ ସ୍ଥିତିର ଏଇ ନିସ୍ତବ୍ଧ ପ୍ରହର ତା ପାଇଁ ଅନୁକୂଳ ନୁହେଁ । ତୁମେ ମତେ କିଛି ସମୟ ଦିଅ । ମୁଁ ଠିକ୍ ସମୟରେ ଯାଇ ତୁମକୁ ସବୁ ବୁଝାଇ ଆସିବି ।

—ସମୟର କ'ଣ ଦରକାର ? ବନିତା ପଚାରିଲା । ଯେ ଅସମୟରେ ସବୁ କରେ—

—ଅସମୟରେ ସବୁ କଲେ ମଧ୍ୟ ମୁହୂର୍ତ୍ତର ସମୟାନୁବର୍ତ୍ତିତା ଭିତରେ ତା ଆପେ ସର୍ଜନ ହୋଇଉଠେ । ଆଜି ତା'ର ଅପେକ୍ଷାରେ ମୁଁ ତୁମଠୁ କିଛି ସମୟର ମହଲତ ମାଗି ନେଉଚି ବନିତା ! ତୁମକୁ ତା' ଦେବାକୁ ହିଁ ହେବ ।

ଉପେନ୍ଦ୍ରର ଉତ୍ତର ଶୁଣୁଶୁଣୁ ଆକାଶକୁ କିଛିକ୍ଷଣ ଚୁପ୍ କରି ଚାହିଁରହିଲା ବନିତା । ପବନର ଲେଶ ନାହିଁ । ମଧ୍ୟରାତିର ଶିଶିର ବିନ୍ଦୁ ପଡ଼ୁଚି ଆକାଶରୁ । ସେଥିରୁ ଗୋଟିଏ ବିନ୍ଦୁ ପଡ଼ିଲା ବନିତାର କପାଳରେ । କୋମଳ ଆଉ କରୁଣ । କରୁଣ, ପ୍ରଶାନ୍ତ ଅନ୍ଧାର ପରି । ଅନ୍ଧାର ଭିତରେ ହିଁ ବନିତା ଚାହିଁଲା ଉପେନ୍ ଆଡ଼େ । ଉପେନ୍‌ର ଆଖି ଡୋଳା ଚକ୍‌ଚକ୍ କରୁଚି ।

—ଭାଇଙ୍କି ଡାକିଦିଅ, ମୁଁ ଯାଏ । ବନିତା କହିଲା—ଭାଇ ସେଠି ବାରଣ୍ଡାରେ ବସିଚନ୍ତି କାହିଁକି ?

—ତା'ର ବନ୍ଧୁର ଅପମାନଟାକୁ ସେ ମୁହାଁମୁହିଁ ଦେଖି ସହ୍ୟ କରିପାରିବେନି ବୋଲି ହୁଏ ତ ।

—ମୋର ତୁମକୁ ଅପମାନ ଦେବାର କ'ଣ ଅଛି ?

—କ'ଣ ଥିଲେ କେବଳ ଅପମାନ ଦିଆଯାଏନି ବନିତା ! ଅନେକ ସମୟରେ ଅପମାନ ଦେବା ପାଇଁ ଅପମାନ ଦିଆଯାଏ । ଯେମିତି

ମୋ ଚରିତ୍ର ସମ୍ବନ୍ଧରେ ଗୋଟାଏ କିଛି ମନେ ମନେ କଳ୍ପନା କରି ତୁମେ ଏତେ ରାତିରେ ବି ଆସିଚ ପରୀକ୍ଷା କରିବା ପାଇଁ ।

—ପରୀକ୍ଷା ! ସ୍ୱୀକାର କରୁଚ ତା'ହେଲେ ! ପରୀକ୍ଷାରେ ବସିଲା ପରି ପାଠ ଏ ଭିତରେ ତୁମେ ପଢ଼ି ପ୍ରସ୍ତୁତ ହେଇଚ !

—ଏଥିରେ ଲଜ୍ଜାର କ'ଣ ଅଛି ? ମୁଁ ତ ଭାବେ, ମଣିଷଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଇ ସମୟର ଅବଧାନତା ଭିତରେ ପରୀକ୍ଷିତ ହେଉଚି । ଆଉ ତା ଛଡ଼ା ତୁମ ପାଖରେ ପରୀକ୍ଷା ଦେବାରେ ବି ଗୋଟେ ଗର୍ବ ଅଛି ବନଜା ! ମୋର ପଛେଇବାର କିଛି ନାହିଁ । କହି ଉପେନ୍ ସେଇ ଅନ୍ଧାରରେ ବ୍ରଜକୁ ହାତ ହଲେଇ ଡାକିଲା ପାଖକୁ ଆସିବାକୁ ।

—ତୋର ଏଇ ଜାଗାଟା ବିଶେଷ ସୁବିଧାଜନକ ନୁହେଁ । ରିକ୍ସା ପାଖକୁ ଆସି କହିଲା ବ୍ରଜ । ତୁମେମାନେ କଥା ହେଉଥିଲାବେଳେ ଟିକେ ଦୂରରେ ଦି' ତିନି ଜଣ କିଏ ଅନେଇବାର ମୁଁ ଦେଖିଲି । ଏତେ ରାତିରେ ସେମାନେ ନ ଶୋଇ ଆମମାନଙ୍କ ସମ୍ବନ୍ଧରେ କୌତୂହଳତା ପ୍ରକାଶ କରିବାରେ କ'ଣ ଥାଇପାରେ ?

—ଯଥେଷ୍ଟ ଅଛି । ଅର୍ଦ୍ଧ ସ୍ୱଗତ କଣ୍ଠରେ କହିଲା ଉପେନ୍ । ଏଇ ତ ସମାଜ ! ପରସ୍ପରର ଗତିବିଧି ପ୍ରତି ଲକ୍ଷ୍ୟ ରଖିବା ଆଉ ଅନ୍ୟର ଭଲମନ୍ଦ ଜାଣିବାରେ ନିଜକୁ ବି ଉତ୍ସାହୀ ମନେ କରିବା, ଏହା ହିଁ ତ ସାମାଜିକ ଚେତନାବୋଧର ଜୀବନ୍ତଶକ୍ତି । ଆମମାନଙ୍କ ପ୍ରତି ଯଦି ବାସ୍ତବିକ୍ ଏତେ ରାତିରେ କେହି ଲକ୍ଷ୍ୟ ରଖିଥାଏ, ମୁଁ ତ କହିବି, ସେମାନେ ଏ ପଡ଼ାର ସତର୍କ ସୈନିକ ।

—ତୋ ପର୍ଯ୍ୟାଲୋଚନା ଭିତରେ ସୂକ୍ଷ୍ମଦର୍ଶିତା ଅଛି, ସନ୍ଦେହ ନାହିଁ । ବ୍ରଜ କହିଲା—ସତର୍କ ସୈନିକତାର ଅର୍ଥ ଅତର୍କ ଆକ୍ରମଣ ବି ତ ହୋଇପାରେ ।

ହୋ ହୋ କରି ହସିଉଠିଲା ଉପେନ୍ । କହିଲା—ସେଥିପାଇଁ ତୋର ଭୟ ଥାଇପାରେ, ବନଜାଙ୍କର ନିଶ୍ଚୟ ନାହିଁ । କାରଣ……

କିନ୍ତୁ ମନ୍ତବ୍ୟ କରିବାକୁ ସୁନ୍ଦର ମନେ କଲା ନାହିଁ ବିନତା । ଖାଲି କହିଲା—ଯେ ଦୁର୍ବଳ ସେ ଅନ୍ୟର ଆକ୍ରମଣ କଥାଟାକୁ ଆଗ ଭାବେ ।

—ମୁଁ ଦୁର୍ବଳ ? ବ୍ରଜ ପ୍ରତିବାଦ କରି କହିଲା ।

ତପନ୍ ଦେଖିଲା ଭାଇ ଭଉଣୀଙ୍କ ଭିତରେ ଯୁକ୍ତିତର୍କର ଗତି ବିଶେଷ ଉତ୍ସାହଜନକ ନୁହେଁ । ରାତିର ଗଭୀରତା ସମ୍ବନ୍ଧରେ ଉଭୟଙ୍କୁ ସଚେତନ କରାଇଦେଇ ସେମାନଙ୍କୁ ଫେରିଯିବା ପାଇଁ ଅନୁରୋଧ କଲା ।

ବିଦାୟ ମୁହୂର୍ତ୍ତରେ ଗୋଟାଏ ଶେଷ ଅନୁରୋଧ କିଛି କରିବାକୁ ଭାବୁଥିଲା ବିନତା । କିନ୍ତୁ ତା ନାରୀତ୍ୱର ଅହଂକାର ଠିଆ ହେଲା ଏକ ପ୍ରତିବନ୍ଧକ ରୂପେ । ଯେପରି ଅତର୍କିତ ଭାବରେ ଆସି ପହଞ୍ଚିଥିଲା ସେ, ସେଇପରି ଅବାଞ୍ଛିତ ମୌନତା ଭିତରେ ବିଦାୟ ନେଇ ଚାଲିଗଲା ।

ଘର ଭିତରକୁ ଫେରିଆସିଲା ତପନ ।

ସନ୍ଧ୍ୟାରେ ବଙ୍ଗଳାର ଜଣେ ପ୍ରସିଦ୍ଧ ଲେଖକଙ୍କର ଭାଷଣ ଥିଲା ଉତ୍କଳ ସାହିତ୍ୟ ସମାଜ ଭବନରେ । ସେଥିପାଇଁ 'ସ୍ୱାଧୀନ' ପତ୍ରିକାର ସମ୍ପାଦକଙ୍କୁ ନିମନ୍ତ୍ରଣ କରିବା ଲାଗି ସାହିତ୍ୟର ଅଥରିଟି ଖୋଦ ବିରୂପାକ୍ଷ-ବାବୁ ଆସି ହାଜର ଉପେନ୍ ପାଖେ ।

ବହୁ ଦିନ ତଳେ ପୁରୀରେ ନବୀନ ସାହିତ୍ୟ ସଂସଦର ବୈଠକରେ ଯୋଗଦେବାକୁ ଯାଇ ବିରୂପାକ୍ଷବାବୁଙ୍କ ସଙ୍ଗେ ଦେଖା ହୋଇଥିଲା । ସେଇ କେତେ ଘଣ୍ଟା ଦେଖାରୁ ଉପେନ୍ର ଯେପରି ମନେ ହୋଇଥିଲା, ବିରୂପାକ୍ଷବାବୁଙ୍କର ଯଥେଷ୍ଟ ଆତ୍ମମ୍ଭରିତା ଅଛି । ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନ ଯୋଗୁଁ ଯାହା ତା' ସାଙ୍ଗରେ କଥାବାର୍ତ୍ତା ହେଇ ନିଜକୁ ହାଲ୍କା କରିବା ସମ୍ବନ୍ଧରେ ସେ ଅସାଧାରଣ ଭାବରେ ସତର୍କ । ଓଡ଼ିଶାର ସାହିତ୍ୟିକ ମହଲରେ ତାଙ୍କର ଯେ ଏକ ବିଶିଷ୍ଟ ସ୍ଥାନ ଅଛି ଏବଂ ତାଙ୍କର ଆସ୍ଥାନ ପାଖକୁ 'ଯେ' 'ସେ' ଲୋକ ହଠାତ୍ ପଶିଆସିବା ଯେ ଉଚିତ୍ ନୁହେ, ଏହା ସେ ନିଜର ହାବଭାବ ଓ ଚାଲିଚଳନରେ ପରିଷ୍କାର ଦେଖେଇ ଦିଅନ୍ତି । ସେଇ ଦୃଷ୍ଟିରୁ ନିମନ୍ତ୍ରଣ ପତ୍ର ନେଇ ଖୋଦ୍ ବିରୂପାକ୍ଷବାବୁଙ୍କୁ 'ସ୍ୱାଧୀନ' ପତ୍ରିକାର ସାହିତ୍ୟ ଦପ୍ତରରେ ଆବିର୍ଭାବ ହେବାର ଦେଖି ଉପେନ୍ ବେଶ୍ ଟିକେ ଆଶ୍ଚର୍ଯ୍ୟ ହେଲା ।

—ଆପଣଙ୍କୁ କେଉଁଠି ଦେଖିଲା ଭଳି ମନେ ହେଉଛି । ବିରୂପାକ୍ଷ-ବାବୁ ଉପେନ୍ ଆଡ଼କୁ ଟିକଏ ଚାହିଁ ବହୁ ଦିନ ତଳର ଗୋଟାଏ ଘଟଣାକୁ ସ୍ମରଣ କଲା ପରି କହିଲେ—ଆପଣ ଇ ବୋଧେ ଉପେନ୍ବାବୁ ?

—ମତେ କେଉଁଠି ଦେଖିଥିବା କଥା ସ୍ମରଣ ହେଲା, ନା ମୋ ନାଁ କାହାଠାରୁ ଶୁଣି ମୁଁ ସେଇ ଲୋକ ବୋଲି ସନ୍ଦେହ କରୁଚନ୍ତି ?

—ଆପଣଙ୍କର ଦିଇଟାଯାକ କଥା ଠିକ୍ । ପୁରୀରେ ସାହିତ୍ୟ ସଭାରେ ଆପଣଙ୍କୁ ଦେଖିଥିବା କଥା ମନେ ବି ପଡ଼ିଲା । ଆଉ ଭୋଲାନାଥ-

ବାବୁ ଆପଣ 'ସ୍ୱାଧୀନ' ପତ୍ରିକାରେ ସହକାରୀ ସମ୍ପାଦକ ହିସାବରେ ଯୋଗ ଦେଇଥିବା କଥା ମଧ୍ୟ ମନେ ପକାଇ ଦେଇଥିଲେ ।

—କହନ୍ତୁ, କୁଆଡ଼େ ଆସିଲେ ?

—ବଙ୍ଗଳାର ପ୍ରସିଦ୍ଧ ସାହିତ୍ୟିକ ଆସିଛନ୍ତି । ଓଡ଼ିଶା ତରଫରୁ ତାଙ୍କୁ ଯେପରି ସମୟୋପଯୋଗୀ ଅଭ୍ୟର୍ଥନା ଦିଆଯାଏ, ସେଥିପାଇଁ ପ୍ରତ୍ୟେକ ସାହିତ୍ୟିକ ଚେଷ୍ଟା କରିବା ଉଚିତ । ସବୁଠୁ ବଡ଼ କଥା ହେଲା ସଭାରେ ଶ୍ରୋତା ଯେପରି ବେଶି ସଂଖ୍ୟାରେ ପହଞ୍ଚିବେ । ଆପଣଙ୍କର ବନ୍ଧୁବାନ୍ଧବଙ୍କୁ ନେଇଯିବା ପାଇଁ ମୋର ବିଶେଷ ଅନୁରୋଧ । ତା ଛଡ଼ା ପତ୍ରିକାର ଆଜିର ସଂସ୍କରଣରେ ତାଙ୍କ ଭାଷଣ ଯେପରି ବିଶେଷଭାବରେ ପ୍ରକାଶ ପାଏ, ତାର ସୁବନ୍ଦୋବସ୍ତ କରିବେ ଆପଣ ।

—ସମ୍ପାଦକଙ୍କ ସହିତ ଆପଣ କଥାବାର୍ତ୍ତା କରନ୍ତୁ । ମୋ ମତରେ ବଙ୍ଗଳାର ଜଣେ ସାହିତ୍ୟିକଙ୍କ ଭାଷଣ ଓଡ଼ିଆ ଦୈନିକ କାଗଜରେ ବିଶେଷ ଭାବରେ ବାହାରିବାର ପ୍ରୟୋଜନ କ'ଣ ? ଯେ ଆସିଛନ୍ତି, ସେ ନିଶ୍ଚୟ ପ୍ରାଚୀନ ହେଉ, ନବୀନ ହେଉ, କୌଣସି ଓଡ଼ିଆ ସାହିତ୍ୟିକର ଖଣ୍ଡେ ବହି ବୋଧେ ପଢ଼ିବା ତ ଦୂରର କଥା, ସ୍ୱପ୍ନରେ ବି ଦେଖି ନ ଥିବେ । ଆଉ ଯଦି ବା ଦେଖିଥିବେ, ତାକୁ ପଢ଼ି ନ ଥିବେ । ନ ପଢ଼ି ଯଦି ବା କାହାଠୁ ଶୁଣିଥିବେ, ତେବେ ସେ ଲେଖା ଉପରେ ଯେ ବଙ୍ଗଳା ସାହିତ୍ୟର ଖୁବ ପ୍ରଭାବ ପଡ଼ିଚି, ଆଉ ଓଡ଼ିଆ ସାହିତ୍ୟ ଯେ ବଙ୍ଗଳା ସାହିତ୍ୟ ପାଖରେ ବହୁକାଳରୁ ଋଣୀ, ସେ କଥା ରାଧାନାଥ ଆଉ ମଧୁସୂଦନ ରାଓଙ୍କ ନଜିର ଦେଇ ଉଚ୍ଚ ଗଳାରେ କହିବାରେ ବିଶେଷ ଅସୁବିଧା ହେବ ନାହିଁ । ଅଥଚ ବଙ୍ଗଳା ଲେଖକର ଏ ଔଦ୍ଧତ୍ୟଙ୍କୁ ଓଡ଼ିଶାର ସାଂସ୍କୃତିକ ପୀଠ ଏଇ କଟକରେ ଆପଣମାନେ କେବଳ ହସି ହସି ସ୍ୱାଗତ କରିବେ ନାହିଁ, ସେଥିପାଇଁ ଟଙ୍କା ପଇସା ଖର୍ଚ୍ଚ କରି ମିଟିଂର ଆୟୋଜନ କରି ଫୁଲମାଳ ଦେଇ ଅଭ୍ୟର୍ଥନା ବି କରିବେ ।

· ବିରୂପାକ୍ଷବାବୁ କ'ଣ କହିବାକୁ ଆସି ଯେପରି କ'ଣସବୁ ଶୁଣିବାର ବିପଦ ଭିତରେ ଛଟପଟ ହେଇଉଠିଲେ । କହିଲେ—ଦି,

ବଙ୍ଗଳାର କେତେକ ଲେଖକ ଅବଶ୍ୟ ଓଡ଼ିଆ ସାହିତ୍ୟକୁ ପସନ୍ଦ କରନ୍ତି ନାହିଁ; କିନ୍ତୁ ସମସ୍ତେ ତା ବୁଝନ୍ତି । ତା ଛଡ଼ା "ବଙ୍ଗ ଉତ୍କଳ ତ ଦୁଇ ଭଗିନୀ" । ଭାଷାର ସାମଞ୍ଜସ୍ୟ, ସାହିତ୍ୟର ଆଦାନପ୍ରଦାନ ତ ଅଛି, ଆଉ ରହିବା ସ୍ୱାଭାବିକ ।

—"ପ୍ରବୁଦ୍ଧ ଭାରତ"ରେ ମୁଁ ଆପଣଙ୍କ ପ୍ରବନ୍ଧ ପଢ଼ିଛି । ବଙ୍ଗ, ଉତ୍କଳକୁ ଦୁଇ ଭଗିନୀ ରୂପେ ଦେଖିବାର ଦିବ୍ୟଦୃଷ୍ଟି ଆପଣଙ୍କର ହୋଇ-ପାରେ, ମାନେ ଆପଣଙ୍କ ପରି ଜଣେ ଓଡ଼ିଆ ସାହିତ୍ୟିକର ହୋଇପାରେ; କିନ୍ତୁ ବଙ୍ଗଳାର କେଉଁ କବି ବା ସାହିତ୍ୟିକ ଉତ୍କଳର ସାହିତ୍ୟ ଓ ସଂସ୍କୃତିକୁ ସମ୍ମାନ ଦେଇ ତାଙ୍କ ଦେଶର ପତ୍ରପତ୍ରିକାରେ କେବେ ଲେଖି-ଥିବାର ଦୃଷ୍ଟାନ୍ତ ଆପଣ ଦେଇପାରିବେ କି ?

ଯା'ର ଉତ୍ତର କ'ଣ ଦେବେ, ହଠାତ୍ ବିରୂପାକ୍ଷବାବୁ ଖୋଜି ପାଇଲେ ନାହିଁ ।

—ମୁଁ ଯିବି ଆପଣଙ୍କ ସାହିତ୍ୟ ସଭାକୁ । କିନ୍ତୁ ମତେ ଆପଣ କିଛି କହିବାକୁ ସୁଯୋଗ ଦେବେ ସେଠି ? ପଚାରିଲି ଉପେନ୍ ।

—ଆପଣ କ'ଣ କହିବେ ?

—କହିବି ମୁଁ ସ୍ପଷ୍ଟ ଗୋଟାଏ କଥା । ଭାରତରେ ଯୁ' ଜାତି ଉତ୍କଳର ସାହିତ୍ୟ ଓ ସଂସ୍କୃତିକୁ ସବୁଠାରୁ ବେଶି ବିରୋଧ କରେ, ସ୍ଥଳ-ବିଶେଷରେ ଘୃଣା ଓ ବିଦ୍ରୂପ କରେ, ସେ ଜାତିର ସାହିତ୍ୟିକଙ୍କୁ ଯେ ଆଣି କଟକରେ ଅଭ୍ୟର୍ଥନା କରେ, ଦରକାର ପଡ଼ିଲେ ଓଡ଼ିଆ ଭାଷା ଭୁଲି, ବଙ୍ଗଳା କହି ଜାଣିଥିବା ଗର୍ବରେ, ବଙ୍ଗଳାରେ ଭାଷଣ ଦବା ଆରମ୍ଭ କରିଦିଏ, ତାର ସାହିତ୍ୟିକ ଅବଦାନ, ସେ ଯେତେ ମହାର୍ଘ ହେଉନା କାହିଁକି, ନିଆଁ ଲଗାଇ ପୋଡ଼ି ପାଉଁଶ କରିଦେବା ଉଚିତ ।

—ଏ ଅପମାନ ତାହେଲେ ଆପଣ ମତେ ଦେଲେ ! ସ୍ୱରରେ ଉମତମ ହୋଇ ଠିଆ ହେଲେ ବିରୂପାକ୍ଷବାବୁ ।

ବିରୂପାକ୍ଷବାବୁ କହିଲେ—ଜାଣନ୍ତି, ଆପଣଙ୍କ ସମ୍ପାଦକ ରଙ୍ଗନାଥବାବୁ ମୋର ବ୍ୟକ୍ତିଗତ ବନ୍ଧୁ। ଯଦି ଶୁଣିବ······କହୁ କହୁ ହଠାତ୍ ବନ୍ଦ ହୋଇଗଲେ ବିରୂପାକ୍ଷବାବୁ । ତାପରେ ରାଗରେ ଥରିଯାଇ ବାହାରିଗଲେ ଘର ଭିତରକୁ ।

ଶାନ୍ତ, ସୌମ୍ୟ ଚେହେରାର ପ୍ରବୀଣ ସାହିତ୍ୟିକ ବିରୂପାକ୍ଷବାବୁ ହଠାତ୍ ଏପରି କୋପାନଳରେ ଜଳିଉଠିଲେ କାହିଁକି ଠିକ୍ ବୁଝି ପାରିଲା ନାହିଁ ଉପେନ୍ ! ନିଜ ଅଜାଣତରେ ସେ କିଛି ଅପ୍ରିୟ ସତ୍ୟ କହିଥିବା ହେତୁ ଟିକିଏ ମନସ୍ତାପ ବି କଲା । କିନ୍ତୁ ତାର ପ୍ରକୃତି ଏଇଆ । ଏ ପର୍ଯ୍ୟନ୍ତ ସେ ଯାହା ଠିକ୍ ଭାବି ଆସିଛି, ତାହା ନିର୍ଭୀକ ଗଳାରେ କହିଛି ଏବଂ ଯା' କହିଛି ତା ପଛରେ ତାର ବହୁଦର୍ଶିତାର ଦୃଷ୍ଟାନ୍ତ ବି ଅଛି ।

ଛାପାଖାନାର ପିଅନ କେତେ ଖଣ୍ଡ ପ୍ରୁଫ୍ସିଟ ଦେଇଗଲା । ଫାଇନାଲ ପ୍ରୁଫ୍ ରିଡ଼ିଙ୍ଗ୍ ଦାୟିତ୍ୱ ଉପେନ୍ ଉପରେ । କପି ସହିତ ମିଶାଇ ସେ ପ୍ରୁଫ୍ ଦେଖି ଚାଲିଛି । ଏତିକିବେଳେ ହେଡ଼ମିସ୍ତ୍ରୀ ମୁସ୍ତାଫା ଆଲି ପଶିଆସି ସଲାମ କଲା ।

—କ'ଣ ମିଆଁ ସାହେବ, ତୁମର ୟୁନିଅନ କେତେ ଦୂର ଗଲା ?

—ସେ କଥା କିଛି କହନ୍ତୁ ନାହିଁ ହଜୁର ! ବଡ଼ା ମୁସ୍କିଲ ବାତ୍ । ବଡ଼ା ହଜୁରଙ୍କୁ କେଇଟା ବଦମାସ୍ ସବ୍ ଚୁଗୁଲି କରିଦେଇଛି । ହାମେ ସବ୍ ମିଶି ୟୁନିଅନ କରୁଚୁ ବୋଲି ବଡ଼ ହଜୁର ଜାଣି ମୋତେ ତଲବ୍ କରିଥିଲେ । ମୁଁ ପୁରାପୁରି ଫାଙ୍କିଦେଇଚି ହଜୁର ! କହିଦେଇଚି, ହରଗିଜ୍ ନେଇଁ । ଏ ହୋ ନେଇ ସକ୍ତା । ଯିସ୍କା ନିମକ ଖାତା, ଉସିକା ନିମକହାରାମି, ତୋବା ତୋବା ।

ଉପେନ୍‌ର କଲମ ରହିଗଲା । ପ୍ରୁଫ୍ କଟା ତାର ବନ୍ଦ । ସେ କାବା ହୋଇ ଅନେଇଲା ମୁସ୍ତାଫା ଆଲି ଆଡ଼କୁ । କହିଲା—ମିଆଁ ସାହେବ, ତୁମେ ତ ପୁରାପୁରି ପାଲଟି ଯାଇଛ ! ଏ ବୟସରେ ତୁମେ ଏତେ ମିଛ କହିବ, ଏ ଧାରଣା ମୋର ନ ଥିଲା । ବଡ଼ ହଜୁରଙ୍କ ପାଖରେ ମିଛ

କହିଲ କାହିଁକି ? ୟୁନିଅନ ତୁମେ କରିଚ । ୟୁନିଅନ ଗଢ଼ିବା ତୁମର ହକ୍ । ଏ ସତଟାକୁ ମାନିଥିଲେ ଝଗଡ଼ ହୋଇଥାନ୍ତା କ'ଣ ?

—ଆରେ ବାପ୍ ରେ ! ହାତେ ଜିଭ କାଟି, ମୁସ୍ତାଫା ତାର ଦି ହାତ କାନରେ ଲଗେଇ, ଦି ଆଖି ମେଲିଦେଇ ତଟସ୍ଥ ଗଳାରେ କହିଲା—ତବ୍ ତୋ ଆଜ୍ ହାମାରା ନୌକରି ଗୟାଥା ।

—ଚାକରିକି ଯଦି ଏତେ ଭୟ, ଏସବୁରେ ଦଖଲ ନଉଚ କାଇଁକି ? ମୁଁ ତ ଆଗରୁ କହିଚି, ୟୁନିଅନ ଗଢ଼ିବାକୁ ହେଲେ ହକ୍ ପାଇଁ ମୁହଁରେ କହିବାର ସାହସଟା ସବୁଠୁ ବଡ଼ । ଆଉ ସେଇଟା ହିଁ ବେଶି ଦରକାରୀ ।

—ସଚ କହିବୁ ଯେ ହଜୁର୍, କିନ୍ତୁ ବଖତ୍ ପଡ଼ିଲେ ସିନା ! ଆମ ଭିତରେ ଯେତନା ସବ୍ ତୋ ଡରପୋକ୍ । ହମ୍ ଅକେଲା, ହିମ୍ମତ ବାନ୍ଧିଲେ କ'ଣ ହେବ ?

—ବେଶ୍, କ'ଣ କହିବାକୁ ଆସିଚ ମୋତେ ?

—ହଜୁର୍, ଆପଣଙ୍କୁ ଯଦି ବଡ଼ା ହଜୁର୍ କିଛି ସବାଲ କରିବେ ଆପଣ ସିଧା ନାହିଁ କରିଦେବେ ଯେ ମୁସ୍ତାଫା ମିଆଁ ଏ ସବ୍‌ମେ ନେହିଁ ହେ, ଉସ୍‌କା କାମ ଭଲା ତୋ ଓ ଭଲା, ଓ ନିମକହାରାମି ନେହିଁ କରେଗା । ଔର୍ ସତ କଥା ବାବୁ, ନମକହାରାମି କଲେ କ'ଣ ବରଖତ୍ ଅଛି ?

—କୋରାନର ସବୁ ଇଲମତକ ତମେ ଅକ୍ଷରେ ଅକ୍ଷରେ ମାନି ଚଳୁଚ ଜାଣି ଖୁସି ହେଲି ମୁସ୍ତାଫା ! କିନ୍ତୁ ଗୋଟାଏ କଥା ମୋର ସନ୍ଦେହ ରହିଯାଉଚି, ଏତେ ସବୁ ମୋତେ କହିବାର ଅର୍ଥ କ'ଣ ? ମୋ ଆଡ଼ୁ କିଛି ବିପଦର ଆଶଙ୍କା ଅଛି ନା କ'ଣ ତମ ଉପରେ ?

ଏଥର ଚୋରଙ୍କ ପରି କାକୁସ୍ଥ ହୋଇ ଠିଆହେଲା ମୁସ୍ତାଫା ଆଲି ।

—ତା ଯଦି ଅଛି ବୋଲି ଭାବୁଚ, ମୁଁ ତୁମକୁ କଥା ଦେଲି, ପ୍ରେସ କର୍ମଚାରୀଙ୍କୁ ନେଇ ୟୁନିଅନ ଗଢ଼ିବାର ଦୁର୍ବୁଦ୍ଧି ମୋର ମୁଣ୍ଡରୁ

ବାହାରିଚି ବୋଲି ମୁଁ ରଙ୍ଗନାଥବାବୁଙ୍କୁ ଧରକାର ପଡ଼ିଲେ କହିବି । ତୁମେ ଅବା କାଶୀନାଥ କାହା ଉପରକୁ ବିପଦ ଆସିବାକୁ ମୁଁ ଦେବିନି ।

—ହଜୁର୍‌! ମୁସ୍ତାଫାର ଗଳା କୃତଜ୍ଞତାରେ ଗଦ୍‌ଗଦ ।

—ନ ଦେବାର କାରଣ ମୋ ଆତ୍ମ ଦୟାର କଥା ନୁହେଁ, ତା ମୋର ଆତ୍ମବିଶ୍ଳେଷଣର ସ୍ୱୀକୃତି । ଅସଲରେ ପ୍ରେସ କର୍ମଚାରୀମାନେ ୟୁନିଅନ ଗଢ଼ିବାର ମତଲବ ପ୍ରଥମେ ଠିକ୍ କଲେ ମତେ ଇଏଠି ଦେଖି । ମୋ ଚେହେରା ଆଉ ତୁମମାନଙ୍କ ସହିତ ମୋର ମିଳାମିଶା, ଆଉ ଟିକେ ଟିକେ କଥାରେ ତୁମମାନଙ୍କୁ କ୍ଷିପ୍ତ କରି ତୋଳିବାର ଦୁଷ୍କର୍ମଟା ଇ ମୋର ଆଉ ଆରମ୍ଭ ହୋଇଛି । ମୁଁ ଜାଣେ, ମୁଁ ଏଠିକୁ ନ ଆସିଲା ପର୍ଯ୍ୟନ୍ତ ପ୍ରେସର ସୁନାପୁଅ ଭାବରେ ତୁମେମାନେ ରାତିଦିନ ଖଟି ସମ୍ପାଦକଙ୍କର ବାହାବା ପାଉଥିଲ । ମୁଁ ଆସିଲା ପରଠାରୁ ମୋ ଚାଲିଚଳନରୁ ତୁମେ ସବୁ କ ଆଭାସ ପାଇଲ କେଜାଣି, ମତେ ନେଇ ଗୋଟିଏ ୟୁନିଅନ ଗଢ଼ି ହଇଚଇ କରିବାକୁ ତିଆର ହୋଇଗଲ । ଦୋଷ ମୋର । ରଙ୍ଗନାଥବାବୁଙ୍କୁ ମୁଁ ବୁଝେଇ ଦେବି । ତୁମେ ନିଶ୍ଚିନ୍ତରେ ଯାଇ କାମ କର । କହି ଉପେନ୍ ପ୍ରୁଫ୍ କାଗଜଗୁଡ଼ିକୁ ଧରି କମ୍ପୋଜିଂ ରୁମ୍ ଆଡ଼େ ଉଠିଗଲା ।

କାଶୀନାଥ ହାତକୁ କରେକ୍‌ସନ୍ କପି ବଢ଼େଇଦେଇ ଉପେନ୍ ଥରେ ଭାବିଲା ସିଧା ଯାଇ ରଙ୍ଗନାଥବାବୁଙ୍କୁ ଦେଖା କରିବ । କିନ୍ତୁ ଡାକରା ନ ପାଇଲା ପର୍ଯ୍ୟନ୍ତ ସେ ସ୍ୱତଃପ୍ରବୃତ୍ତ ହୋଇ କିଛି କହିବାକୁ ଗଲେ କାଳେ କର୍ମଚାରୀଙ୍କ ଉପରେ ବିପଦର ମାତ୍ରାଟା ବଢ଼ିଯିବ, ଏହି ଭୟରେ ପୁଣି ନିଜ ଅଫିସକୁ ଫେରିଆସିଲା । ଫେରିଆସି ଦେଖିଲା, ବ୍ରଜ ବସିଛି ତାରି ଅପେକ୍ଷାରେ । କିନ୍ତୁ ଏ କ'ଣ ! ବ୍ରଜର ମୁହଁ ଏମିତି ଶୁଖିଯାଇଛି କାହିଁକି ? କ'ଣ ହୋଇଛି ?

—ଚାଚା ମୋ ସାଙ୍ଗରେ ଏଇକ୍ଷଣି ଯିବାକୁ ପଡ଼ିବ । ବ୍ରଜ ଗମ୍ଭୀର ଗଳାରେ କହିଲା ।

—ଅଫିସକୁ ଆସିବାର ମାତ୍ର ଘଣ୍ଟାଏ ଘଣ୍ଟା ହେଇଚି । ଦୀର୍ଘ ଆଠ ଘଣ୍ଟାର କାର୍ଯ୍ୟସମସ୍ତ ବାକି । ତୋ ସାଙ୍ଗରେ ନ ଯାଇ କ'ଣ ଏଇଠି ଦରକାରୀ କଥା ହେଇପାରିବ ନି ?

—ବୋଧେ ନୁହେଁ । ଯା' ବାହାରେ ଦରକାର, ତା' ଏଠି ଭିତରେ ହବ କେମିତି ? ସମ୍ପାଦକଙ୍କୁ କହି ତୋ ପାଇଁ ଛୁଟି ମୁଁ ମାଗି ଆଣିଚି ।

—ଦେଖୁଚି ତୋର ସୁପାରିଶ ଉପରେ କେବଳ ମୋର କାମ ଖଣ୍ଡିକ ନୁହେଁ, ଏ ଅଫିସରେ ପ୍ରବେଶ-ପ୍ରସ୍ଥାନ ମଧ୍ୟ ତୋର ନିର୍ଦ୍ଦେଶରେ ନିୟନ୍ତ୍ରିତ ।

—ତା ଯଦି ତୋର ଆତ୍ମସମ୍ମାନରେ ଆଞ୍ଚ ଆସିଚି, ତା ହେଲେ କାମ ଖଣ୍ଡିକ ଛାଡ଼ି ଦେଇପାରୁ । ସେଥିପାଇଁ ମୋତେ ଆକ୍ଷେପ କରି ଲାଭ କ'ଣ ?

ଉପେନ୍ ବୁଝିଲା, ବ୍ରଜ ଆଜି ଗୋଟେ କିଛି ଗୁରୁତର ସମସ୍ୟାରେ ବ୍ୟସ୍ତ ହୋଇଉଠିଚି । ଗୋଟାଏ କିଛି ଆଲୋଚନା ପାଇଁ ସେ ସ୍ଥିରମତି ନିଜକୁ ପ୍ରସ୍ତୁତ କରି ଆସିଚି । କହିଲା—ଆଚ୍ଛା, ବାହାରକୁ ଯିବାକୁ ହେବ । କିନ୍ତୁ କୁଆଡ଼େ ? ଭଗ୍ନାବଶେଷ ବାରବାଟୀ ଦୁର୍ଗ ପାଖକୁ ନା ମହାନଦୀ କୂଳର କୌଣସି ଛାୟାଶୀତଳ ବଟବୃକ୍ଷ ତଳକୁ ?

—ଏ ଦୁଇଟିରୁ କୌଣସିଟିକୁ ନୁହେଁ । ସିଧାସଳଖ ତୋର ଘରକୁ । ମଙ୍ଗଳାବାଗର ସେଇ ମେସ୍ ଘରର ନିର୍ଜନ ନିଭୃତକୁ ।

ରାସ୍ତା ଉପରେ ରିକ୍ସା ଅପେକ୍ଷା କରି ରହିଥିଲା । ଦୁହେଁ ପାଖାପାଖି ବସି ମଙ୍ଗଳାବାଗର ସେଇ ମେସ୍ ଘର ପାଖକୁ ଆସିଲା ପର୍ଯ୍ୟନ୍ତ କାହା ମୁହଁରେ ପଦେ ହେଲେ କଥା ନାହିଁ । ଦୁଆର ମୁହଁରେ ରିକ୍ସାକୁ ବିଦା କରିଦେଇ ଏ ଘର ସହିତ ବହୁ ଦିନର ଆନ୍ତରିକ ସମ୍ପର୍କ ଥିଲା ପରି ଭିତରକୁ ପଶିଯାଇ ବ୍ରଜ କହିଲା—ମୁଁ ତୋ ସହିତ

ଅଜ ଗୋଟେ ଶେଷ ନିଷ୍ପତ୍ତି କରିବାକୁ ଆସିଛି ଉପେନ୍ ! ଆଉ ସେ ନିଷ୍ପତ୍ତି ମାଧବୀ ସମ୍ମୁଖରେ ହିଁ ନିଆଯିବ । ତୋର କ'ଣ କିଛି ଆପତ୍ତି ଅଛି ? କହୁ କହୁ ଦାଣ୍ଡ ଘର ଟପି ଭିତରପଟକୁ ପଶିଯାଇ ବ୍ରଜବଲ୍ଲଭ ବେଶ୍ ସହଜଭଙ୍ଗୀରେ କାନ୍ଥ ପାଖକୁ ପଡ଼ିଥିବା ଖଟିଆ ଉପରେ ବସିଲା ।

ଘରର ଗୋଟିଏ କଣକୁ ଲେଉଟକୋଚି ହୋଇ ବସିଥିଲା ମାଧବୀ । ଉପେନ୍‌ର ମନେ ହେଲା, ସକାଳ ଦଶଟାରୁ ଖାଇପିଇ ଅଫିସ ଗଲା ପରଠୁ ଏଇ ତିନି ଚାରି ଘଣ୍ଟା ଭିତରେ ଯେପରି ବିରାଟ ଏକ କରୁଣ ନାଟକର ଦୃଶ୍ୟାଭିନୟ ହୋଇଯାଇଛି । ଆଉ ସେଇ ଅଭିନୟର ସମାପ୍ତି ପରେ ବଜ ଛୁଟିଯାଇଛି ତାକୁ ଅଫିସରୁ ଡାକି ନେଇ ଆସିବାକୁ, ଅଉ ମାଧବୀ ଘରକଣରେ ଅପେକ୍ଷା କରି ବସିଛି ଏକ ଅପରାଧିନୀ ପରି ସକରୁଣ ଭଙ୍ଗୀରେ ।

—ସକାଳେ ତୁ ଏଠିକି ଆସିଥିଲୁ ? ସହଜ କଣ୍ଠରେ ଉପେନ୍ ପଚାରିଲା ।

—ଏ ପ୍ରଶ୍ନର ଅର୍ଥ କିଛି ନାହିଁ । ଯୁ' ପ୍ରଶ୍ନ ତୋର ମୋତେ ପଚାରିବାର କଥା, ତା ପଚାରିବାର ସତ୍‌ସାହସ ତୁ ଦେଖାଇ ପାରିଲୁନି, ସେଥିପାଇଁ ମୁଁ ବଡ଼ ଦୁଃଖିତ । ତୋର ପଚାରିବା ଉଚିତ ଥିଲା, ତୋର ଅନୁପସ୍ଥିତିରେ ମୁଁ ତୋର ଘରକୁ ଆସିଥିଲି କାହିଁକି, ଆଉ ଅସି ଅପରିଚିତା ମାଧବୀ ସହିତ ଦୀର୍ଘ ଚାରି ଘଣ୍ଟା କାଳ ଆଲୋଚନା କରି ତୋତେ ଡାକିଆଣି ସ୍ୱତମତ କାଠଗଡ଼ାରେ ଠିଆ କରେଇଛି କାହିଁକି ?

—ଏତେଗୁଡ଼ାଏ ପ୍ରଶ୍ନ କରିବାର ଉପସ୍ଥିତ ବୁଦ୍ଧି ମୋର ନ ଥିଲେ ମଧ୍ୟ ମୁଁ ଗୋଟାଏ କଥା ତୋତେ ପଚାରିବାକୁ ଅବଶ୍ୟ ଠିକ୍ କରିଥିଲି । ତା ହଉଛି, ତୋର ଏ ଗୁଇନ୍ଦାଗିରି ମୂଳରେ ଅସଲ କାରଣ କ'ଣ ?

—କାରଣ ଖୁବ୍ ସ୍ପଷ୍ଟ । ମାଧବୀକୁ କେନ୍ଦ୍ର କରି ପ୍ରାୟ ଭିତରେ ସାରା କଟକ ସହରରେ ତୋ ସମ୍ବନ୍ଧରେ ଯେ ଆଲୋଚନା ଚାଲିଛି, ତାର କିଛି ଅଭାସ ପାଇଲୁଣି ?

—ଯାହାକୁ କେନ୍ଦ୍ର କରି ଆଲୋଚନା ଚାଲେ, ଆଶ୍ୱାସ ପାଇବାକୁ ତାକୁ ଟିକେ ବିଳମ୍ବ ହୁଏ । ଆଲୋଚନାର ସଙ୍କେତ ତୁ ପ୍ରଥମେ ଦେଇ ନିଶ୍ଚୟ କରୁଛୁ ପ୍ରଶଂସାର ହକଦାର ହୋଇଚୁ । ଆଲୋଚନା ସମ୍ବନ୍ଧରେ ସବିଶେଷ ବ୍ୟାଖ୍ୟା ଶୁଣିବାର ଦରକାର ନାହିଁ ମୋର, ବିଶେଷତଃ ମାଧବୀ ଉପସ୍ଥିତିରେ । ମୋର ଜିଜ୍ଞାସ୍ୟ ପ୍ରସ୍ତାବ ହେଲା, ଆଲୋଚନା ଯେତେବେଳେ ଶୁଣିଚୁ ତୁ, ସେ ଦୃଷ୍ଟିରୁ ତୋର ମୂଲ୍ୟବାନ୍ ପରାମର୍ଶଟା କ'ଣ ସେତିକି ଜାଣିଲେ ଇ ମୋର ଚଳିବ ।

—ପରାମର୍ଶ ଦେବାର ଧୃଷ୍ଟତା ମୋର ନାହିଁ । ମୁଁ ଖାଲି ଜାଣିବାକୁ ଚାହେଁ, ଏପରି ଭାବରେ ମାଧବୀକୁ ଏ ଘରେ ରଖି ତୁ ତୋ ଆଦର୍ଶର କି ମହତ୍ ଉଦ୍ଦେଶ୍ୟସାଧନ ପଥରେ ଆଗେଇଛୁ ?

—ଓଃ, ଏଇ ତାହେଲେ ମତେ ଆଜି ମାଧବୀକୁ କେନ୍ଦ୍ର କରି ସହରର ଉତ୍ସାହୀ ସମାଜବାଦୀମାନଙ୍କର ଚିନ୍ତାର ଭଲେଣି ! କହି ଉପେନ୍ ଟିକେ ରହିଯାଇ ପୁଣି ପ୍ରଶ୍ନ କଲା—ଆଚ୍ଛା ବ୍ରଜ, ମୋର ଏଠିକି ଆସିବା ଆଗରୁ ଏକ ଅଖ୍ୟାତ ପଲ୍ଲୀର କୁତ୍ସିତ ଅନ୍ଧକାରରେ ପଚିସଢ଼ି ମରୁଥିଲା ମାଧବୀ । ତାପରେ କିଛି ଦିନ ତଳେ କଟକକୁ ଆସି ମସ୍ଜିଦ୍ ଗଳିର କଦର୍ଯ୍ୟ ବାତାବରଣ ଭିତରେ ଆହତ ପ୍ରାଣ ନେଇ ଜୀବନର ବିଭୀଷିକା ଦେଖୁଥିଲା ମାଧବୀ । ସେଥିରୁ ନିସ୍ତାର ପାଇ ସେ ରଙ୍ଗମଞ୍ଚର ନର୍ତ୍ତକୀ ହେବାର ସୌଭାଗ୍ୟ ଝଲକା ମଧ୍ୟ ବାଛିନେଲା । କାହିଁ—ସମାଜର ରକ୍ଷଣଶୀଳ ବଡ଼ପଣ୍ଡାମାନେ ସେତେବେଳେ ତ ଆଗେଇଆସି ତା ସମ୍ବନ୍ଧରେ ଆଲୋଚନାରେ ଶତମୁଖ ହୋଇ ଉଠି ନ ଥିଲେ ? ମୁଁ ତାକୁ ଆଣି ପାଖରେ ରଖିଲାମାତ୍ରେ ତାର ନାରୀତ୍ୱର ସମ୍ମାନ ଆଉ ସତୀତ୍ୱର ଆଦର୍ଶ ଚାଲିଯିବା ଆଶଙ୍କାରେ ମତେ କେନ୍ଦ୍ର କରି ଏପରି ଅସ୍ଥିର ହୋଇ ଉଠିବାର କ'ଣ ଅଛି ?

—ଏ ଏକ ଦୁରୂହ ପ୍ରଶ୍ନ ଉପେନ୍ ! ଏ ପ୍ରଶ୍ନର ଅର୍ଥ କିଛି ନାହିଁ । ଏ ପ୍ରଶ୍ନର ଉତ୍ତର ଖୋଜିଲେ ବି ମିଳେ ନାହିଁ । ରକ୍ଷଣଶୀଳଙ୍କ ରକ୍ଷିତ ଜଙ୍ଗଲରେ ତୋ ପରି ବ୍ୟକ୍ତିବିଶେଷର ଶିକାର କରିବା ତ ଦୂରର କଥା,

ପାଦ ପକାଇବା ଯେ ଏକ ଚରମ ଦୁଃସାହସିକତା, ଏ ବିଷୟରେ ମୋର ବୁଝେଇ କହିବାର କିଛି ନାହିଁ ।

ଉପେନ୍ ଟିକିଏ ହସିଲା । ସେ ହସ ଯେପରି ବଜ୍ରପରି ଶାଣିତ ତରବାରି ପରି ଝକ୍‌ଝକ୍, ଉଜ୍ଜ୍ୱଳ । କହିଲା—ସମାଜବାଦୀଙ୍କ ଖାସ-ମାହାଲ ସମ୍ବନ୍ଧରେ ତୁ ଏତେ ବିତର୍କ କରୁଚୁ ଶୁଣି ଅବଶ୍ୟ ଖୁସି ହେଲି । ତୁ ଉପେନ୍‌ର ବନ୍ଧୁ ହୋଇପାରୁ; କିନ୍ତୁ ଖୋଦ ଉପେନ୍ ନୋହୁଁ । ତୁ ରକ୍ଷଣଶୀଳଙ୍କର ଦଲାଲ୍; ମୁଁ ଦଲାଲ୍ ନୁହେଁ କି ରକ୍ଷଣଶୀଳଙ୍କର ଉଚ୍ଚ ପୁଲମ୍ମଣ୍ଡ ବି ମୋର ନାହିଁ । ମୁଁ କିଛି ବ୍ୟତିକ୍ରମ । ମୁଁ କିଛି ବେପରୁଆ ।

ଏଥର କଥା କହିଲା ମାଧବୀ—ତମେ ନିଜ ପାଇଁ ବେପରୁଆ ହୋଇପାର; କିନ୍ତୁ ଜଣେ କୁଳଟାର ନିନ୍ଦାପସରାକୁ ମୁଣ୍ଡରେ ମୁଣ୍ଡେଇ ବାହାଦୁରି ଦେଖାଇବାରେ ଲାଭ କ'ଣ ?

—କୁଳଟା ! ଉପେନ୍ ହଠାତ୍ ନିଆଁ ବାଣ ପରି ଜଳିଉଠିଲା —କିଏ କହେ ତତେ କୁଳଟା ? ମୁଁ ଶୁଣିପାରେ ସେ ଚରିତ୍ରବାନ୍ ମହାପୁରୁଷଟି କିଏ, ଯେ ତୋ ପରି ଜଣେ ନିଷ୍ପାପ ଝିଅକୁ ଏପରି ଆକ୍ଷେପ କରି କହିବାର ଧମାକ୍ ଦେଖେଇପାରେ ?

—ତୁମେ ମିଛରେ ରାଗିଯାଉଚ ଉପେନ୍‌ନା ! ତୁମେ ନିଜ ଚରିତ୍ରର ବଡ଼େଇ କରିପାର; କିନ୍ତୁ ମୋ ପାଇଁ କହିବାର ହକ୍ ତୁମର ଆସିଲା କେଉଁଠୁ ? ମୁଁ ତୁମକୁ ଅବଶ୍ୟ ମାନେ; କିନ୍ତୁ ମୋ ମନ ଭିତରେ ଯେ ପାପ, ତାକୁ ଖୋଲି ଦେଖେଇବାରେ ମୁଁ କ'ଣ କପଟ କରି ନାହିଁ ? ଏହା କ'ଣ କହିପାରିବ ? ମୋ ଜୀବନର ବହୁତ କିଛି ଜାଣି ବି ତୁମେ କ'ଣ ସବୁଠା ଜାଣିଚ ବୋଲି ଗର୍ବ କରିପାରିବ ? ତା ଛଡ଼ା କୁଳର ବୋହୂ ମୁଁ । ଘର ଛାଡ଼ି ପରପୁରୁଷ ସହିତ ଦାଣ୍ଡକୁ ଗୋଡ଼ କାଢ଼ିଚି । ବାରବୁଲା ଛତରଖାଇଙ୍କ ପରି କାହିଁ ମସ୍‌ଜିଦ୍ ଗଲି, କାହିଁ ଥିଏଟରର ନାଚଘର ବୁଲି ଦେଖିଆସିଲା ପରେ ମୁଁ କ'ଣ ମୋ ଚରିତ୍ରର ବଡ଼େଇ କରିପାରିବି ? ମୁଁ କ'ଣ ତୁଳସୀପତ୍ର ? ମୁହିଁ

ଟେକ ବାଟ ଘୁଲବାର ବଡ଼ମା କ'ଣ ସତରେ ଅଛି ଦଶ ଜଣଙ୍କ ଆଗରେ ?

—ବୁଝିଲି । କିନ୍ତୁ ଘରୁ ଗୋଡ଼ କାଢ଼ି ଦାଣ୍ଡକୁ ଆସିଲୁ ତୁ କାହିଁକି ? ଗାଁରୁ କଟକ ଆଉ କଟକରୁ ଏଠାରେ ଘର ତୁ ଘୂରି ବୁଲିଲୁ କି ଦୁଃଖରେ ? ଏସବୁ ମୂଳରେ ସମାଜର କ'ଣ କିଛି ଦାୟିତ୍ୱ ନାହିଁ ? ସେମାନେ ଆଜ ତୋ ଚରିତ୍ର ସମ୍ବନ୍ଧରେ ଟିପ୍ପଣୀ କାଟି ଗୀତ ଦାନ ବିସ୍ତାର କରିବାରେ ଲାଗି ପଡ଼ିଚନ୍ତି, ନ ଖାଇ ନ ପିଇ ଗାଁରେ ଉପାସ ତୁ ରହୁଥିଲୁ ଯେତେବେଳେ, ଖବର ଦେଖିବାର ବିଚାରବୁଦ୍ଧି କୁଆଡ଼େ ଯାଇଥିଲା ସେମାନଙ୍କର ? କହୁ କହୁ ରହିଯାଇ ବ୍ରଜ ଆଡ଼କୁ ଅନେଇ ଉପେନ୍ ପୁଣି ପ୍ରଶ୍ନ କଲା—ତୁ କହିପାରିବୁ ବ୍ରଜ, ମାଧବୀ ପରି ଶହ ଶହ ଝିଅ ଆଜ ଗାଁଗଣ୍ଡାରେ ପୂତିଗନ୍ଧମୟ ଅନ୍ଧକାରରେ ନ ଖାଇ ନ ପିଇ ମରୁଚନ୍ତି । ପ୍ରଲୋଭନରେ ପଡ଼ି, ଅଭାବରେ ସ୍ୱଭାବ ନଷ୍ଟ କରି ଆଜ ଦେଶର ଲକ୍ଷ ଲକ୍ଷ ଯୁବତୀ ଭ୍ରଷ୍ଟା । ଭାରତର ନାରୀଜାତି ପ୍ରତି ସେମାନଙ୍କର ଦୁଷ୍କର୍ମ ଆଜ ଏକ କଳଙ୍କ । କହିପାରିବୁ, କଳଙ୍କିନୀଙ୍କୁ ପାପପଥରୁ ଉଦ୍ଧାର କରିବା ପାଇଁ ସମାଜ ଆଜ କି ମହତ୍ ପଥର ବ୍ୟବସ୍ଥା କରି ରଖିଚି ? ଖାଲି କାହାକୁ ଦୁଶ୍ଚରିତ୍ରା ଓ କଳଙ୍କିନୀ ବୋଲି କହିଦେଲେ କ'ଣ ସମାଜର ରକ୍ଷଣଶୀଳ ସଂସ୍କାରକମାନଙ୍କର ଦାୟିତ୍ୱ ଶେଷ ହୁଏ ?

— ତା ଅବଶ୍ୟ ହୁଏନା, ବ୍ରଜ କହିଲା । କିନ୍ତୁ ସମାଜର ସଂସ୍କାରକମାନେ ସେମାନଙ୍କର ଦାୟିତ୍ୱ ସମ୍ବନ୍ଧରେ ଯଥେଷ୍ଟ କର୍ତ୍ତବ୍ୟଶୀଳ ନୁହନ୍ତି ବୋଲି କ'ଣ ତୁ ଆବହମାନ କାଳରୁ ଚଳି ଆସୁଥିବା ସାମାଜିକ ପ୍ରଥାକୁ ଅବଜ୍ଞା କରିବୁ ?

—ଅବଜ୍ଞା ତ ମୁଁ କରୁ ନାହିଁ ବ୍ରଜ ! ମୁଁ ମାଧବୀ ପ୍ରତି ମୋର କର୍ତ୍ତବ୍ୟ କରିବାକୁ ଆଗଭର ହେଉଚି । ମାଧବୀକୁ ମୁଁ ଦିନେ ଭଲ ପାଇଥିଲି । ସେ ଭଲ ପାଇବା ଭିତରେ ମୋର ଦୈହିକ ସ୍ୱାର୍ଥର ହୀନ ପ୍ରବୃତ୍ତି ନ ଥିଲା । ମାଧବୀକୁ ମୋର ଭଲ ପାଇବାର ନିଷ୍ପାପ ମନର ଆଦର୍ଶକୁ ସ୍ୱୀକାର କଲା ନାହିଁ ମୋର ପରିବାର । ନ କରୁ, ସେଥିରେ ମୋର ଦୁଃଖ ନାହିଁ । କିନ୍ତୁ ତୁ କହିପାରିବୁ, ମାଧବୀକୁ ମୁଁ ବିବାହ କରି ନ ପାରିଲେ

ବୋଲି ତା ପାଇଁ ମୋର କର୍ତ୍ତବ୍ୟ କରିବାର ଆଉ ପ୍ରୟୋଜନ ନାହିଁ ? ଏ କ'ଣ ଏକ ଆଦର୍ଶବାଦୀ ଯୁବକର ଚରିତ୍ର କଥା ହୋଇପାରେ ? ଯୌବନର ଏକ ଫଗୁଣ ଉନ୍ମେଷରେ ମୋତେ ମାଧବୀକୁ ଭଲ ଲାଗିଥିଲା । ସୃଷ୍ଟିର ରଙ୍ଗମଞ୍ଚରେ ମୋ ଜୀବନ-ନାଟିକାର ଶେଷ ଯବନିକା ପଡ଼ି ନାହିଁ । ପ୍ରକୃତିର ଲୀଳା ଉତ୍ସବରୁ ଫଗୁଣ ସବୁ ଦିନ ପାଇଁ ନିଶ୍ଚିହ୍ନ ହୋଇ ଯାଇନି । ମୋ ଜୀବନରେ ମାଧବୀକୁ କେନ୍ଦ୍ର କରି ଦିନେ ଯେଉଁ ଭଲ ପାଇବାର ଫଗୁ ଉତ୍ସବର ହୋରିଖେଳ ଆରମ୍ଭ ହୋଇଥିଲା, ତାର ବା ଶେଷ ହୋଇଯିବ କାହିଁକି ? ହୃଦୟ ଯେଉଁଠି ଆସକ୍ତିହୀନ, ମନ ସେଠି ନିଷ୍କଳଙ୍କ । ଆଉ ଯେଉଁଠି କଳୁଷର କାଳିମା ନାହିଁ, ସେଠି ପ୍ରକୃତି ପରି ପ୍ରେମ ସବୁଜ ଓ ସତେଜ ।

—ତୁ ଟିକେ ଉତ୍ତେଜିତ ହୋଇଉଠିଛୁ ଉପେନ୍ ! ତୋ ଚରିତ୍ରକୁ ଆକ୍ଷେପ କରି କହିବାର ମୋର କିଛି ନାହିଁ । ତୋ ନିଷ୍ପାପ ଚରିତ୍ରର ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ବନ୍ଧରେ ମୁଁ ଜାଣେ ବୋଲି ଆଜି ଲୋକେ ଆକ୍ଷେପ କରି ଯେଉଁଠି ଦଶ ଜଣ କହିବାକୁ ଦୁଃସାହସ କରିଛନ୍ତି, ସେଠି ପ୍ରତିବାଦ କରିବା ଆଗେ ସାଗେ ମୁଁ ତୋ ପ୍ରତି ମୋର ବନ୍ଧୁର କର୍ତ୍ତବ୍ୟ କରିବାକୁ ମଧ୍ୟ ଓହରିବାକୁ ଚାହେଁନ ।

ଉପେନ୍ ଟିକେ ଗମ୍ଭୀର ହେଲା ।

ମାଧବୀ କହିଲା—ମୁଁ ଗାଁକୁ ଚାଲିଗଲେ ଇ ସବୁ ନିନ୍ଦା ଅପଯଶର ଶେଷ ହେବ ।

କିନ୍ତୁ ମାଧବୀର ମନ୍ତବ୍ୟ ପ୍ରତି ବିଶେଷ ଧ୍ୟାନ ନ ଦେଇ ଉପେନ୍ କିଛି କ୍ଷଣ ବ୍ରଜ ଆଡ଼େ ଚାହିଁ କ'ଣ ଭାବିଲା । କହିଲା—ଆଚ୍ଛା, ମତେ କହି-ପାରିବୁ, ମାଧବୀ ସମ୍ବନ୍ଧରେ ଲୋକେ କଏ କ'ଣ କହୁଚି ? କାହାଠୁ କ'ଣ ତୁ ଶୁଣିଛୁ ?

—ହଁ । ଶୁଣି ବିଶେଷ ଫଳ କ'ଣ, ବ୍ରଜ କହିଲା । ତୋ 'ସ୍ୱାଧୀନ' ପତ୍ରିକାର ସମ୍ପାଦକଙ୍କ ପାଖକୁ ଲକ୍ଷ୍ମୀ ଥିଏଟରର ମାଲିକ ଯାଇ ଅଭିଯୋଗ କରିଛନ୍ତି । କେବଳ ଅଭିଯୋଗ ନୁହେଁ, ରଙ୍ଗନାଥବାବୁ ତୋ ବିରୁଦ୍ଧରେ

ଉଚିତ୍ ବ୍ୟବସ୍ଥା ନ କଲେ 'ସ୍ୱାଧୀନ' କାଗଜର ସହକାରୀ ସମ୍ପାଦକ ତାଙ୍କ ଥିଏଟରର ଏକ ସୁନ୍ଦରୀ ନର୍ତ୍ତକୀକୁ ଜବରଦସ୍ତ ନେଇଆସିଛି ବୋଲି କଟେଶ୍ୱରେ କେଶ୍ କରି କାଗଜର ସୁନାମ ଓ ପ୍ରତିଷ୍ଠା ଉପରେ ମଧ୍ୟ କଳଙ୍କର କାଳିମା ବୋଳିବେ । ଯା' ଛଡ଼ା ଆମରି ସାଙ୍ଗେ ପଢ଼ୁଥିବା କେତେ ଜଣ କଲେଜ ବନ୍ଧୁ, ଯୁ'ମାନେ ସୁଚ୍ଛବ ଭାବରେ ତୋର ସୁନାମ-ଟାକୁ କେବେହେଲେ ବରଦାସ୍ତ କରିପାରି ନାହାନ୍ତି, ସେଇମାନେ ମାଧବୀକୁ କେନ୍ଦ୍ର କରି ତୋ ଚରିତ୍ର ସମ୍ବନ୍ଧରେ ସାରା ସହରରେ ହଇଚଇ ସୃଷ୍ଟି କରିବାରେ ବେଶ୍ ତତ୍ପର ହୋଇ ଉଠିଛନ୍ତି । ଖାଲି ଏତିକି ନୁହେଁ, ...କହୁ କହୁ ହଠାତ୍ ମାଧବୀ ଆଡ଼କୁ ଅନେଇ ବ୍ରଜବଲ୍ଲଭ ଗୋଟେ କି କଥାକୁ ଚାପିଦେଲା ।

—କହ, କହ, ଚୁପ୍ ହେଲୁ କାହିଁକି ?

—ଚୁପ୍ ନୁହେଁ । ମୋଟ ଉପରେ, ଆମ କଲେଜ ବନ୍ଧୁଙ୍କର ସେଇଁ କୀର୍ତ୍ତି ତା ତୋର ଶୁଣିବା ଉଚିତ୍ ନୁହେଁ ବୋଲି ମୁଁ କହିବାକୁ ପସନ୍ଦ କରୁ ନାହିଁ ।

—ପସନ୍ଦ ତୁ ନ କରିପାରୁ, କିନ୍ତୁ ଶୁଣିବାରେ କ୍ଷତି କ'ଣ ?

—ବନ୍ଧୁ ଦଳଙ୍କ କୀର୍ତ୍ତିକାହାଣୀର ରୋମାଞ୍ଚକର ଅଂଶଟିକ ତୁ ବରଂ ଶୁଣିବୁ ମାଧବୀଠୁ । ତୁ ଅଫିସ୍ ଚାଲିଯିବା ଅବସ୍ଥାରେ ସେମାନେ ତୋ ଅନ୍ୱେଷଣରେ ଏଠିକି ଆସି ମେସ୍ ଦୁଆର ମୁହଁରେ କି ହାସ୍ୟକର ଦୃଶ୍ୟ ସୃଷ୍ଟି କରିଚନ୍ତି, ତା ତୋର ପାଖ ପଡ଼ୋଶୀମାନେ ବି କହିବେ । ହେନେ କାଲେ ନାହିଁ, ଯୁ'ମାନେ ଭୁଲରେ ବି ତୁ କପରି ଅଛୁ, କି କଷ୍ଟରେ ପଡ଼ିଛୁ, ଆସି ଖୋଜ ଖବର ନଅନ୍ତି ନହିଁ, ମାଧବୀ ଆସି ଏଠି ରହିବାର ସମ୍ବାଦ ପାଇଲା ପରେ ସେମାନେ କଟକର ଭୌଗୋଳିକ ମାନ-ଚିତ୍ରରେ ମଙ୍ଗଳାବାଗର ଅବସ୍ଥିତି ଆଉ ତୋର ଏ ମେସ୍ ଘରର ଧୂସର ବିବର୍ଣ୍ଣ ଚେହେରାକୁ ଦେଖି ଜୀବନ ସାର୍ଥକ କରିବା ପାଇଁ କି ସାଧନା କରିଚନ୍ତି, ତା ଜାଣିଲେ ତୁ ନିଶ୍ଚୟ ଆଶ୍ଚର୍ଯ୍ୟ ହେବୁ ।

—ଏତେ କିଛି କାଣ୍ଡ ଘଟିଯାଇଚି ଏ ଭିତରେ; କିନ୍ତୁ କାଇଁ,

ମାଧବୀ ତ ମତେ ଘୁଣାକ୍ଷରେ କିଛି କହି ନାହିଁ ! କହି ଉପେନ୍ ଆଶ୍ଚର୍ଯ୍ୟରେ ମାଧବୀ ମୁହଁକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲା ।

—ତାଚ୍ଛଲ୍ୟର ହସ ଟିକେ ହସିଲା ମାଧବୀ । କହିଲା—ତୁମକୁ ଖୋଜିବାର ଛଳ କରି, ତୁମର ଯୁବକ ବନ୍ଧୁମାନେ ମତେ ଆସି ଦେଖିଯିବାର ଚଞ୍ଚର୍ଗ ମତଲବ ସମ୍ବନ୍ଧରେ ମୋର ଭୟ କରିବାର କିଛି ନ ଥିଲା । ଘରୁ ଗୋଡ଼ କାଢ଼ି ଆସି ଥିଏଟରରେ ନାଚିବା ପରେ ଲୋକଙ୍କର ଏସବୁ ଛକାପଞ୍ଝା ଚାଲିଚଳନ ମୋର ବେଶ୍ ସହସହା ହୋଇଯାଇଛି । ମୁଁ ଜାଣେ, ଯୁ'ମାନଙ୍କର ଚରିତ୍ର ନାହିଁ ସେଇମାନେ ଇ ଅନ୍ୟର ଦୋଷତ୍ରୁଟିକୁ ଖୋଜି ବୁଲିବାରେ ବେଶି ପାରଙ୍ଗମ । ଦଳ ଦଳ ହୋଇ ଆସିଚନ୍ତି ସେମାନେ ମେସ୍ ଦୁଆର ମୁହଁକୁ । କିଛି ଦୂରରେ ରାସ୍ତା ଉପରେ ଠିଆ ହୋଇ, ଚାହିଁ ରହିଚନ୍ତି ଘରର ଝରକା ଆଡ଼କୁ । ଚାରି ପାଞ୍ଚ ଜଣ ଏକାଠି ହୋଇ, ସିଗାରେଟ୍ ଖାଇ, ଘଣ୍ଟା ଘଣ୍ଟା ଧରି ହେଁ ହେଁ ଫେଁ ଫେଁ ହୋଇଚନ୍ତି । ତୁମକୁ ଖୋଜିବାର ବାହାନା କରି, ଦୁଆର ମୁହଁକୁ ଆସି, ଦ'ଗୁରି ଡାକ ଡାକି ମୋଟ କଡ଼ା ସ୍ୱରର ଜବାବ ପାଇ, କାନମୁଣ୍ଡା ଆଉଁସି ଫେରି ଯାଇଚନ୍ତି ସିନା, ସାହସ କରି କ'ଣ ପଶୁଚନ୍ତି ପଦେହେଲେ କିଛି ? ମୁଁ ଜାଣେ, ସମାଜରେ ଏ ଧରଣର ଯୁବକଙ୍କର ସାହସ କେତେ । ଆଉ ତା ଛଡ଼ା ଏ ଘରେ ରହିଲା ପରଠୁ ଯେତେ ଯେତେ ହସ ଠାରି, ନାଚ କୁଦ, ରଙ୍ଗ ଢଙ୍ଗ ଚାଲିଚି, ସେ ବିଷୟରେ କିଛି ହେଲେ କହିବାକୁ ମୁଁ ଉଚିତ ମନେ କରିନ । କାହିଁକି ଜାଣ ? ଅସଲରେ ମୁଁ ନିଜକୁ ଅସହାୟ କି ଦୁର୍ବଳ ମନେ କରେନି । ଯେ କୌଣସି ବିପଦରେ ସେମାନଙ୍କୁ ମୁକାବିଲା କରିବା ଧୈର୍ଯ୍ୟ ମୋର ଏବେ ବି ଅଛି । ତୁମକୁ କହିବାର ଅର୍ଥ, ମୋ ଦୁର୍ବଳ ମନର ଏକ ସଫେଇ ଛଡ଼ା ଆଉ କିଛି ନୁହେଁ । ଏସବୁ ଶୁଣିଥିଲେ ତୁମେ ନିଶ୍ଚୟ ଭାବିଥାନ୍ତ, ମୁଁ ହତାଶ ହୋଇଯାଇଚି । ତୁମେ ନ ଥିଲାବେଳେ ମୁଁ ଏକାଠିଆ ଘରେ ରହିବାକୁ ଭୟ କରୁଚି । ତାପରେ ତୁମେ ନିଶ୍ଚୟ ଦୁଶ୍ଚିନ୍ତାରେ ଭାଙ୍ଗି ପଡ଼ିଥାନ୍ତ । ଏମିତି ତ ମୋ ଦାୟିତ୍ୱ ନେଇ ତୁମେ ହିନସ୍ତା ହଉଚ, ସେଥିରେ ପୁଣି ଏଇସବୁ ସାମାନ୍ୟ ଘଟଣା ତୁମକୁ କହି ବିରକ୍ତ କରିଥାନ୍ତି……

ହଠାତ୍ କ'ଣ ଭାବି ଉପେନ୍ ଉଠି ଛିଡ଼ାହେଲା । କହିଲା— ଘରେ କିଛି ଅଛି, ବ୍ରଜକୁ ଖାଇବାକୁ ଦବୁ ?

କିଛି ନ ବୁଝିଲା ପରି ମାଧବୀ ଚାହିଁଲା ଉପେନ୍ ଆଡ଼େ । କ'ଣ ଅଛି ଘରେ ? ମନକୁ ମନ ସେ ଭାବିଲା । ଚୂଡ଼ା, ଗୁଡ଼, ନଡ଼ିଆ—ବ୍ରଜ ଖାଇବେ ତ ?

—ଅଛି ? ଉପେନ୍ ପୁଣି ଥରେ ଅନ୍ୟମନସ୍କ ଭାବେ ପ୍ରଶ୍ନ କଲା ।

—ଅଛି । ଛକମୁଣ୍ଡରୁ ଦି'ଅଣାର ଚନା ଆଣିଦିଅ ।

—ନା, ନା, ମତେ ଖାଇବାକୁ ଦବା ପାଇଁ ବ୍ୟସ୍ତ ହୁଅନ୍ତୁନି । ଲେମ୍ବୁ ସରବତ୍ ହେଲେ ଚଳିଯିବ । କିନ୍ତୁ ମୋର ଖାଇବା ନେଇ ହଠାତ୍ ତୁ ବ୍ୟସ୍ତ ହେଇଗଲୁ କାହିଁକି ଉପେନ୍ ? ମୁଁ ଯେଉଁ ପ୍ରଶ୍ନ ନେଇ ଆସିଥିଲି, ତାର ସେ ଏଯାଏଁ କିଛି ସମାଧାନ ହେଲାନି !

—ତାର ଆଉ ସମାଧାନ କ'ଣ ? ମାଧବୀ ଏଠି ଅଛି । ମାଧବୀ ଏଠି ରହିବ । ସମାଜଟା କେତେ ଜଣ ରକ୍ଷଣଶୀଳଙ୍କର ନୁହେଁ । ସମାଜର ସଂସ୍କୃତି ସୁକୃତି ଓ ଦୁଷ୍କୃତିର ସମନ୍ୱୟରେ । ସମାଜରେ ଭଲ ମଣିଷ ଯେପରି ଅଛନ୍ତି, ଖରାପ ବି ସେଇପରି ରହିବେ । ମୁଁ ଯଦି ଚରିତ୍ରହୀନ ହେଇଥାଏ, ସେ କଳଙ୍କ ଏକାନ୍ତ ଇ ମୋର । ତାହା କାହା ଉପରକୁ ସଂକ୍ରମିତ ହେବାକୁ ଯାଉ ନାହିଁ । ତା ଛଡ଼ା ମାଧବୀ ଯଦି କଳଙ୍କିନୀ ହୋଇଥାଏ, ସମାଜର ବିରାଟ ଭୂଖଣ୍ଡକୁ କାଳିମାରେ ଢାଙ୍କିଦେବାର ଶକ୍ତି ବା ତାର କେତେ ?

—ଏ ତ ଜଣେ ଅଭିମାନୀର ଯୁକ୍ତିର କଥା ଉପେନ୍ ! ତୁ କ'ଣ କହୁଚୁ, କାହାର କୌଣସି ଅପକର୍ମକୁ ସମାଜ ଦେଖି ନ ଦେଖିଲା ପରି ଏଡ଼ି ଚାଲିଯିବ ? ପ୍ରତିକାରର ବ୍ୟବସ୍ଥା ନ କଲେ, ଖରାପର ନିରାକରଣ ପାଇଁ ସୁଦୃଢ଼ ହୋଇ ଛିଡ଼ା ନ ହେଲେ, ଦିନେ 'ମନ୍ଦ'ର ପ୍ରାଦୁର୍ଭାବରେ ସମାଜରୁ ସବୁ 'ଭଲ' ଲିଭି ପୋଛି ନିଶ୍ଚିହ୍ନ ହୋଇଯିବା ପାଇଁ ସମୟ ଲାଗିବ ନାହିଁ, ଯା କ'ଣ ତୁ ଅସ୍ୱୀକାର କରିବୁ ?

—ତେବେ ତୁ କ'ଣ କରିବାକୁ ଚାହୁଁଚୁ ମୁଁ ବୁଝିପାରୁ ନାହିଁ । ଶେଷ ସିଦ୍ଧାନ୍ତର ଭାର ମୁଁ ତୋର ଉପରେ ଛାଡ଼ିଦେଲି । ତୋ ମତରେ ଅପକର୍ମ ଯେତେବେଳେ ମୁଁ କରିଚି, ପ୍ରତିକାରର ନିର୍ଦ୍ଦେଶ ତୋର ଆଡୁ ହିଁ ଆସିବା ଉଚିତ୍ । ମୁଁ ଚା ନେଇ ଆସେ । ଲେମ୍ବୁ ପଣା ଟିକେ ତୁ ଆଗ ଥଣ୍ଡା ହ, ତାପରେ······

ଉପେନ୍ ଭାରାକ୍ରାନ୍ତ ମନ ନେଇ ବାହାରକୁ ଚାଲିଗଲା ।

ଜାଡ଼ୁଆ ମା'ଙ୍କ ଅସ୍ଥାନ ତଳେ ଗଳବସ୍ତ୍ର ହୋଇ ପଡ଼ିଛନ୍ତି ବ୍ରାହ୍ମଣୀ । ଘିଅ ଦୀପ ଜଳୁଛି । ନେଥି ମାଜଣାର ବ୍ୟବସ୍ଥା କରି ଘରର ଗୋଟାଏ ଜଣକୁ ଜଗି ବସିଚି ମଧୁ ପଧାନ । ମନ୍ଦିରର ମନ୍ଦିରେ ଅଭୟବାଣୀ ଶୁଣେଇଲା ପରି କହୁଚି, ସାନବାବୁ ସେପରି ପିଲା ନୁହନ୍ତି । ଅଧିକାରୀବାବୁ କଟକ ଗଲେ ସୁନାପୁଅଙ୍କ ପରି ଘରକୁ ଫେରିଆସିବେ ସାନବାବୁ । କାଲି ରାତିରେ ମାନସି କରି ମୁଁ ଠାକୁରାଣୀଙ୍କ ସିନ୍ଦୂର ମୁଣ୍ଡତଳେ ରଖି ଶୋଇଥିଲି । ମତେ ସବୁ ସପନରେ କହିଚନ୍ତି । ସବୁ ଦୋଷ ସେଇ ଟୋକାଟାର । କୁଟଚକର କରି ସାନବାବୁଙ୍କୁ ଫସେଇ ଦେଇଚି ସେ । ସଜ ହବ ମୁଁ ବି ଯିବି ଅଧିକାରୀଙ୍କ ସାଙ୍ଗରେ । ଠାକୁରାଣୀଙ୍କ ସିନ୍ଦୂର ମନ୍ତ୍ରେଇ ନେବି । ଟିକିଏ ସଇଥିଲଆ ଦେଖି ପୁଅ ମୁଣ୍ଡରେ ଲଗେଇ ଦେଲେ ଘରମୁହାଁ ଧାଇଁବାକୁ ବେଳ ତରସିବନି ।

ଆରତି କରିସାରି, ମାଟି ଉପରେ ସାଷ୍ଟାଙ୍ଗ ହୋଇ ହାମୁଡ଼େଇ ପଡ଼ିଲେ ବ୍ରାହ୍ମଣୀ । ଚାରି ପାଞ୍ଚ ଥର ଠୋ ଠୋ କରି ମୁଣ୍ଡ ପିଟି ଦେଇ ମନକୁ ମନ କ'ଣସବୁ ବକ୍‌ବକ୍ ହୋଇ ସେ ପୁଣି ହାତ ଯୋଡ଼ି ମାଆଙ୍କ ମୁହଁକୁ ଅନେଇ ବସିଲେ । ମଧୁ ପଧାନ ସ୍ପଷ୍ଟ ଲକ୍ଷ୍ୟ କଲା, ଆଖିରୁ ଧାର ଧାର ହୋଇ ଲୁହ ବୋହିଯାଉଚି, ସମୁଦ୍ରର ଜୁଆର ପରି କୋହ ଉଠୁଚି, ଓଠ ଥର ଥର କମ୍ପୁଚି । ସତେ ଯେମିତି ଆଜି ଟିକକରେ ଅଧିକାରିଆଣୀଙ୍କର ଚେତା ବୁଡ଼ିଯିବ ।

ଏ ଗାଁକୁ ବୋହୂ ହୋଇ ଆସିଲା ଦିନୁ ହାଣ୍ଡିଶାଳରୁ କେବେ ଗୋଡ଼ କାଢ଼ି ଦାଣ୍ଡପିଣ୍ଡାକୁ ଆସିବାର ବି କେହି ଦେଖି ନ ଥିଲେ ବ୍ରାହ୍ମଣୀଙ୍କୁ । ରାତି ଘଡ଼ିଏ ହୋଇଯାଇଥିଲେ ବି ଗାଁ ସେ ମୁଣ୍ଡରୁ ଏ ମୁଣ୍ଡକୁ ଚାଲି ଚାଲି ଆସି ଠାକୁରାଣୀଙ୍କ ପାଖରେ ଅଧିଆ ପଡ଼ିବା କଥା ସାରା ଗାଁରେ ରାଷ୍ଟ୍ର ହୋଇଗଲା ଦଣ୍ଡକ ଭିତରେ । ଚୁହାଳୀ ଘରେ ବସୁର

ବସିଲ । ନାଥ ଜେନା କହିଲ—ମଧୁ ପାହାନ କୁ'ଠୁ କ'ଣ ଶୁଣି ଆସି ତୁଣ୍ଡାଟାରେ ଗୋଟାଏ ହପା ଉଠେଇ ଦେଇଚ । ସାନବାବୁ ସେମିତିଆ ପିଲ ନୁହନ୍ତି । ଅଧିକାରୀଙ୍କ ଅଣ୍ଟାରୁ କିଛି ଝଟେଇବା ପାଇଁ ମଧୁଆର ଏ ଗୋଟେ ଫିକର ।

କୃଷ୍ଣପକ୍ଷ ରାତି । ଅନ୍ଧାର ଥମଥମ କରୁଚ । ମୁହଁକୁ ମୁହଁ ଦିଶୁ ନାହିଁ । ଗଲା ବାର ହବା କଥା । କିନ୍ତୁ ନାଥ ଜେନା କଥାକୁ ଗାଲୁ ଭୁଟୁଡ଼ି କରି ଉଡ଼େଇ ଦେଇ ମଧୁ ପ୍ରଧାନ ପକ୍ଷ ନେଇ କିଏ ଯେ ସେଠୁ ଗୋଟାଏ କ'ଣ ପ୍ରତିବାଦ କଲା, ଠିକ୍ ଠଉରି ହେଲା ନାହିଁ । ତା' କଥାରେ ବାଧା ଦେବା ପାଇଁ ଏତେ ବଡ଼ କଲିଜା କାହାର ବୋଲି ଗର୍ବରେ ଟିକିଏ ମୁଣ୍ଡ ହଲାଇ ନାଥ ଜେନା ବାକି ମାଟିଲ ପରି କହିଲା—ଯେତେକ ଚୋରର ଚୁଗୁଲିଆ, ସବୁ ଏଇ ଗାଁରେ । ଯାହାଠୁ ଚୂନପତ୍ର ଟିକିଏ ପାଇବେ, ତା' ଆଡ଼କୁ ଗୋଟିପଣେ ଢଳି ପଡ଼ିବେ । ସାନବାବୁ ମୁହଁରେ ତ ଦିନେ ଏ ଗାଁରେ କାହାକୁ କହିବାର ମୁଁ ଶୁଣି ନ ଥିଲି, ଅଜ ହାଲ ହକିକତ କିଛି ନ ବୁଝି ମାଧିଆ କଥାରେ ଏଠି ଦି ଚାରି ଜଣ ଥେଇ ଥେଇ ନାଚୁଛନ୍ତି । କୁ' ଲୋକଟା ଏମିତି ଧର୍ମ ଯୁଧିଷ୍ଠିର, ହଳଲ ପାଣିକି ଗୋଡ଼ ବଢ଼ାଏନି ଯେ ଆଜ ସାନବାବୁ ଚଉ ଦେବତା ନାଁରେ ଥଣ୍ଟା ଟାପରା କରି ଫୁଙ୍କ ମାରୁଚ । ହଉ, ହଉ, ଯାଉଚନ୍ତି ତ ଅଧିକାରୀ ପୁଅକୁ ଦେଖି ଆସିବାକୁ, କା' ଜିଭରେ ହାଡ଼ ଅଛି, ସେଇ ଦିନ ମୁହାଁମୁହିଁ କହିବ ଯେ ଦେଖିବା ।

—ହେ ନାଥିଆ ! ସେ ଅନ୍ଧାର ଭିତରେ ଗୋଟାଏ କେ' ପାଟିକରି ଡାକି ଉଠିଲ ।

—ଆରେ, ତୁ ଗୋଟାଏ ବେହିଆଙ୍କ ପରି ବୁଢ଼ା ଦିନରେ ଆଉ ଗୋଟାଏ ବାହା ହେଇଚୁ ବୋଲି ସାନବାବୁଙ୍କ ଅପଦଛଟାକୁ ବାହାଦୁରି-ପଣିଆ ବୋଲି ଫୁଲେଇ ହଉଚୁ । ସାନବାବୁ ଭଲ, କିଏ ନ ଜାଣେ କି ? ହେଲେ, ରାଣ୍ଡ ମାଇପିଟା, ଗାଁ ଗୁଡ଼ି କଟକ ଯାଇଁ ଶେଷକୁ ଥେଟରରେ ନାଚିଲ, ତାକୁ ଫେଣ୍ଟ୍ ଘର ଭିତରେ ନେଇ ରଖିଲେ ଆମରି ସାନବାବୁ । ଦାଣ୍ଡକୁ କେଡ଼େ ସୁନ୍ଦର ଦିଶିଲ ଏ କଥାଟା !

—ଆରେ, କୁ ଅକଳରେ ପଡ଼ି ସାନବାବୁ ତାଙ୍କୁ ଘରେ ଠାଏ ଦେଲେ, ସେ କଥାଟା ସିନା ମୂଳରୁ ଆଗ ପର୍ଯ୍ୟନ୍ତେ ଶୁଣି ଭଲମନ୍ଦ ବିଚାର କରିବ ! କଟକ ଯାଇ କୁ'ଠି । କାଲି ହାଟକୁ ଯାଇ ମଧୁ ପ୍ରାହାନ କା' ମୁହଁରୁ କୁ' ଉଡ଼ା ଖବର ଶୁଣି ଆସିଲି, ଆଜି ଗାଁଟାଯାକ ଗୋଟେ ହାଇ ହୁଲୁରି ଚଡ଼ିଚି—କ'ଣ ନା, ସାନବାବୁ ମାଧିକ ବାହା ହେଇପଡ଼ିଲେ । ନାଥ ଜେନା କହିଲି, ଏତେ଼ ଅବିଚାର ଧରମ ସଇବଟି ?

—ନାଥ କ'ଣ ଆଜିକାଲି ଘର ଧରମକୁ ଡାକୁଚି ଆ । କେହି ଜଣେ ଭୁଣ୍ଡ ଶୁଣେଇ କହିଲା ।

—ଗୁହ ଗୋଡ଼ିଘି, ବଣ ବୁଲି ଆସି, ଲୁଗା ନ ପାଲଟି, ଭିତର ଘରେ ବସି ପଖାଳ ଟେପିବୁ, ଏତେ଼ ଧରମିଆଟା ତୁ ହେଇଗଲୁ କେବଠୁ ?

ଠୋ, ଠୋ ହୋଇ ହସିଉଠିଲେ ସମସ୍ତେ । ନାଥ ଜେନା ଉପରେ ମନ୍ତବ୍ୟଟା ବଡ଼ ସମୟୋପଯୋଗୀ ବୋଲି ସେ ହସରୁ ସ୍ପଷ୍ଟ ବୁଝାଗଲା । "ମଧୁରେଣ ସମାପୟେତ୍" ଭଳି ଥୋକେ ସଭାରୁ ଉଠି ଚାଲିଗଲେ । ଆଉ ଜଣେ ଦି ଜଣ ଯେ ରହିଲେ, ସେମାନେ ହୁଏତ ଅପେକ୍ଷା କଲେ, ଠାକୁରାଣୀଙ୍କ ଘରୁ ମଧୁ ପାହାନର ଫେରନ୍ତା ବାଟକୁ । କିନ୍ତୁ ରାତି ଗଡ଼ିଗଲେ ବି ମଧୁ ପଧାନ ଫେରି ଆସିବାର କୌଣସି ଲକ୍ଷଣ ଦେଖା ଗଲାନି । ଖବର ନେବାରେ ଜଣାଗଲା, ସାରା ରାତି ଧରି ହାଗ୍ରମଣି ଜାଉ଼ଁଆ ମା'ଙ୍କ ପାଖରେ ଅଧିଆ ପଡ଼ିବେ । ମଧୁ ପଧାନ କଥା ଦେଲା, ରାତି ଅଧକଟି ଠାକୁରାଣୀ ଉଭାନ୍ ହେଇ ବର ଦେବେ । ଆଉ ସେ ବର ଦେଲାବେଳେ ତାଙ୍କ କାନରୁ ଯୁ' ଫୁଲ ଖସି ପଡ଼ିବ, ସେ ଫୁଲରେ ସିନ୍ଦୂର ବୋଳି ମନ୍ତୁରି ମନ୍ତୁରି କରି ମଧୁ ପଧାନ ଦବ, ଆଉ କାଲି ଇନାରୁ ଅଧିକାଂଶ ତାକୁ ଅଣ୍ଟାରେ ଖୋସି ଏକମୁହାଁ ହୋଇ ଯିବେ କଟକ ।

ତାପରେ……

ଉପେନ୍ ଜୀବନରେ ଏକ ଆଶ୍ଚର୍ଯ୍ୟ ଅନୁଭୂତି ।

ଉତ୍କଳ ସାହିତ୍ୟ ସମାଜ ଭବନରେ ଆଗନ୍ତୁକ ବଙ୍ଗୀୟ ସାହିତ୍ୟ-ରଥୀଙ୍କର 'ଆମାଦେର୍ ବାଙ୍ଗ୍ଲା' ଭାଷଣ ଶୁଣିବାରେ ଉପେନ୍ ଯେତେବେଳେ ଖୁବ୍ ତନ୍ମୟ, ହଠାତ୍ ଗୋଟାଏ ହୋ-ହଲ୍ଲା ଶୁଣାଗଲା ବାହାରେ ।

"ଆମର ମାଙ୍ଗ୍ ଦେବାକୁ ହେବ"

"ପ୍ରେସ୍ ମଜଦୁର୍ ଏକ୍ ହୁଅ"

"ପ୍ରେସ୍ ୟୁନିଅନ ଜିନ୍ଦାବାଦ୍"

ଦୁର୍ଭିକ୍ଷ ସ୍ଲୋଗାନ୍ ଯେତେବେଳେ ଶୁଣିଲା ଉପେନ୍, ଭାଷଣ ମଣ୍ଡପରୁ ବାହାରକୁ ଉଠି ଚାଲିଆସିଲା ଗୋଟାଏ ଉତ୍ତେଜନାରେ । ଆସି ଦେଖିଲା, ସମାଜ ଭବନ ସାମ୍ନା ରାସ୍ତା ଆଗରେ ଗୋଟାଏ ଝଣ୍ଡା ଉଡ଼େଇ, ଦୈନିକ 'ସ୍ୱାଧୀନ' କାଗଜର ସମସ୍ତ ପ୍ରେସ କର୍ମଚାରୀ ଧାଡ଼ି ବାନ୍ଧି ଠିଆ ହୋଇଛନ୍ତି । ଦେଖଣାହାରୀ ଦଳେ ଘେରି ଠିଆ ହୋଇଛନ୍ତି ତାଙ୍କର ଚାରିପାଖେ । ଚାଲ୍ ଚାଲ୍ ହୋଇ ଘଟଣାର ବୃତ୍ତାନ୍ତ ବୁଝିବାକୁ ଉପେନ୍ ଗଲା ପାଖକୁ । ବୁଢ଼ା କମ୍ପୋଜିଟର କାଶୀନାଥ ଉପେନ୍‌କୁ ଦେଖିଲା ମାତ୍ରେ ହଠାତ୍ ଗୋଟାଏ ସ୍ଲୋଗାନ୍ ଉଠାଇଦେଲା—

"ଉପେନ୍‌ବାବୁ ଜିନ୍ଦାବାଦ୍"

ତାପରେ ଅବସ୍ଥାକୁ ଆଉ ସମ୍ଭାଳେ କିଏ! ଚାରି ପାଞ୍ଚ ଜଣ ଦଳ ଭିତରୁ ବାହାରି ଆସି ଉପେନ୍‌କୁ ଟେକିନେଇ ଗଲେ ତାଙ୍କ ମଣ୍ଡଳୀକୁ । କି ଆଶ୍ଚର୍ଯ୍ୟ ! ଉପେନ୍‌ର କୌତୂହଳର ସୀମା ନାହିଁ । କ'ଣ ହୋଇଛି ? ସମସ୍ତଙ୍କୁ ଟିକିଏ ଶାନ୍ତ ହେବା ପାଇଁ ହାତ ଦେଖେଇ ଉପେନ୍ ପଚାରିଲା—ମୁଁ କିଛି ବୁଝି ପାରୁ ନାହିଁ କାଶୀନାଥ ! ହଠାତ୍

ଏ ଶୋଭାଯାତ୍ରା, ଏ ସ୍ଲୋଗାନ୍, ଏ ପ୍ଲାକାର୍ଡ଼ର ମତଲବ କ'ଣ ?

ସେଇ ହୋ, ହୋ ଭିତରେ ଉପେନ୍ କାନ ପାଖରେ କହିଲା କାଶୀନାଥ—ମୁସ୍ତାଫା ଆଲିକୁ ଦିନ ଦି'ଟାରେ ବଡ ହଜୁର୍ ଡକେଇ ପେଚ୍ଛା ତା' ଶୋଧିଲେ । ସେ ଶୋଧାରେ ପୃଷ୍ଠା ଧବଦରେଇ ଗଲା ଆଲି ମିଆଁ । ମୋ ନାଁ ଆଉ ଯଦୁ, ନିରଞ୍ଜନ, ବୈଷ୍ଣବ, ରଘୁର ଜଣଙ୍କ ନାଁ ଖୋଲି କହିଦେଲା···ଆଗ ଚଛ କାଟି ନ ହବ । ତା'ପରେ ଆମକୁ ଡାକ ପଡ଼ିଲା ଶୋଧା ଆଉ ବରଖାସ୍ତର ଧମକ । ମୁହେଁ ମୁହେଁ ଜବାବ୍ ଦେଲି । ଡର କ'ଣ ? ଆପଣ ତ ସେଦିନ କହିଥିଲେ, ଆମ ହକ୍ କଥା ଆମେ ଇ କହି ଶିଖିବା ଉଚିତ୍ । ସେଇ କଥା ମନେ ପଡ଼ିଗଲା । କହିଲି— ବର୍ଷ ବର୍ଷ ଧରି ଖଟୁଚୁ । ଆମରି ମେହନତ ଉପରେ ଖବର କାଗଜର ଏ ମହଲା କୋଠା, ଅଥଚ ଦରମା ବଢ଼େଇବା କଥା କହିଲେ ବାହାର କରିଦେବାର ଧମକ । ସହରର ଆଉରି କୋଡ଼ିଏ ତିରିଶଟା ଛାପାଖାନା ଅଛି । ସମସ୍ତେ ଏକ ହୋଇ ୟୁନିଅନ ଗଢ଼ିଲୁ, ସେ କି ଆମର ଦୋଷ ।

ଉପେନ୍ ଏକ ଧ୍ୟାନରେ ସବୁ ଶୁଣିଗଲା । ମଝିରେ ଜଣେ କିଏ ଗୋଟିଏ ହାଣ୍ଡବିଲ୍ ବଢ଼େଇ ଦେଲା ଉପେନ୍ ହାତକୁ । କହିଲା— ପଢ଼ନ୍ତୁ ।

ଗସ୍ତା ଉପରେ ଅବଶ୍ୟ ଗୋଟାଏ ବତିଖମ୍ବ ଥିଲା; କିନ୍ତୁ ଆଲୁଅ ଖୁବ୍ ଅସ୍ପଷ୍ଟ । ପଢ଼ି ଦେଖିବାର କ'ଣ ଅଛି ? କହିଲା କାଶୀନାଥ !—ସବୁତ ଶୁଣିଲେ ଆମ ମୁହଁରୁ, ଏଥର ବାଟ ବତାନ୍ତୁ । କ'ଣ କେମିତି ହବ ? ଆପଣ ଇ ଆମର ସବୁ ।

ବେଶ୍ ଟିକେ ଚିନ୍ତାରେ ପଡ଼ିଲା ଉପେନ୍ । କି ବାଟ ବତେଇବ ସିଏ ? ଏମାନଙ୍କୁ ନେଇଯିବାର ବାଟ କୁଆଡେ, ସେ ବା କ'ଣ ଜାଣେ ? କିନ୍ତୁ ଗୋଟାଏ କଥା ଦେଖି ସେ ବଡ଼ ଆଶ୍ଚର୍ଯ୍ୟ ହେଲା । ତା ପ୍ରତି ସହରର ସମସ୍ତ ପ୍ରେସ୍ କର୍ମଚାରୀଙ୍କର ଅଟଳ ବିଶ୍ୱାସ । ସେ ଯେପରି ଏକ ଆଶା ଓ ଭରସାର ଦିଗବାରଣ ଖୁଣ୍ଟି । ତାର ଦୈନ୍ୟ ବିକ୍ଷୁବ୍ଧ ପ୍ରାଣ ନାଚିଉଠିଲା । ହଠାତ୍ ଯେପରି ମନେହେଲା, ତା' ଅଜାଣତରେ

ସେ ଦଶ ଜଣଙ୍କ ପାଖରେ ହୋଇଉଠିଛି ହାସ୍ୟାସ୍ପଦ । ନିଜ ଉପରେ ଆତ୍ମପ୍ରତ୍ୟୟ ନ ଥିଲେ ମଧ୍ୟ ସେ ଆଜି ଦଶ ଜଣଙ୍କର ଆସ୍ଥାଭାଜନ । ସେ ଭାବିଲା, ଏମାନଙ୍କର ବିଶ୍ୱାସରେ ସେ ଆଘାତ ଦେବ କିପରି ? ଆଗେଇ ଯିବାର ଦୁର୍ଦ୍ଧର୍ଷ ପ୍ରତିଜ୍ଞାରୁ ସେ ଏମାନଙ୍କୁ ନିବୃତ୍ତ କରାଇବ ବା କିପରି ? କ'ଣ କହି ସେ ବୁଝାଇବ ? ଯାହାର ବାସି ଓଳିକ ଦାନା ନାହିଁ, ତା ପକ୍ଷରେ ହଠାତ୍ କ୍ଷିପ୍ତ ହୋଇ ଉଠି, ସ୍ଲୋଗାନ୍ ଦେଇ, ବିଦ୍ରୋହ କରି ପଞ୍ଝୁଆରରେ ବାହାରିବା ଉଚିତ୍ ନୁହେଁ । ସେ କେମିତି ବୁଝାଇବ ହକ୍ ଆଦାୟ କରିବାକୁ ବିପ୍ଳବ ହିଁ ଏକମାତ୍ର ପନ୍ଥା ହେଲେ ବି ଅନାହାରର ବିଭୀଷିକା କଥା ଧୀର ଭାବରେ ଚିନ୍ତା କରି ସିଦ୍ଧାନ୍ତ ଗ୍ରହଣ କରିବାକୁ ହୁଏ । ଟୁଡ଼ା ଟୁଡ଼ାରେ ଏଇସବୁ ଚିନ୍ତା କରି, ସେଇ ପଞ୍ଝୁଆର ଭିତରୁ କାଶୀନାଥକୁ ରାସ୍ତାର ଗୋଟାଏ କଡ଼କୁ ଡାକିନେଇ ଥରେ ବୁଝାଇବାର ଆପ୍ରାଣ ଚେଷ୍ଟା କଲା ଉପେନ । କିନ୍ତୁ ସବୁ ବୃଥା । ବୈଶାଖର ନିଦାରୁଣ ତାତିରେ ଯୁ' କାଠ ଶୁଖି ନିଷ୍ପ୍ରାଣ ହୋଇଯାଇଛି, ତାକୁ ନିଆଁ ଲଗେଇ ଜାଳିବାରେ କଷ୍ଟ କ'ଣ ? ସମାଜର ଦୀନ, ଦରିଦ୍ର, ଯେଉଁମାନେ ଦୁଃଖର ଜ୍ୱାଳାରେ ଶୁଖିଲା କାଠ ପରି ଅନ୍ତଃସାରଶୂନ୍ୟ, ସେମାନେ ଯଦି ବିଦ୍ରୋହର ସ୍ଫୁଲିଙ୍ଗରେ ଲେଲିହାନ ଅଗ୍ନିଶିଖା ପରି ଥରେ ଜଳି ଉଠନ୍ତି, ତାଙ୍କୁ ନିର୍ବାପିତ କରିବ କିଏ ? ବରଂ ଯେ ଜଳି ଉଠିଛି, ତାକୁ ଜଳିବାକୁ ଛାଡ଼ିଦେବାରେ ହିଁ ବିପ୍ଳବର ଚିରଚରିତ ଧର୍ମର ସାର୍ଥକତା ।

ପୁଣି ସ୍ଲୋଗାନ୍‌ର ଧୁଆଁ ଉଠିଲା । କାଶୀନାଥ ସାଙ୍ଗରେ ପଞ୍ଝୁଆର ମଝିକୁ ଫେରିଆସିଲା ଉପେନ୍ । ସାହିତ୍ୟ ସଭାରେ ବଙ୍ଗ ସାହିତ୍ୟିକଙ୍କ ଭାଷଣ ଶୁଣିବା କଥା ଦୂରଦୂର ଭୁଲିଗଲା ସେ । ସ୍ଲୋଗାନ୍‌ର ତୋଫାନ୍ ଭିତରେ ତା ପ୍ରାଣ ଯେପରି ଅଦିନ ବର୍ଷାର ଦୁରନ୍ତ ଝଡ଼ ପରି ନାଚି ଉଠିଲା । ମନେ ହେଲା, ଯେପରି ଯୁଗ ଯୁଗ ଧରି ପୃଥିବୀର ବଞ୍ଚିତ ଆତ୍ମା ତା ଦାବିର ହକ୍ କଣ୍ଠ ଫିଟାଇ ଚିତ୍କାର କରି ମାଗୁଛି । ଏ ମାଗିବା ଭିତରେ ଯେପରି ବହୁ ବର୍ଷର ଶାଣିତ ଶପଥ ଆଉ ବହୁ ପ୍ରତିଜ୍ଞାର ଅଟଳ ନିର୍ଭୀକତା ଥମ୍‌ଥମ୍ କରୁଛି । ଥରି ଉଠିଛି ସମଷ୍ଟିରେ ଏକୀଭୂତ ପ୍ରାଣ । ନାଚି ଉଠିଛି "ମୈଁ ଭୁଖା ହୁଁ"ର ଉଲଙ୍ଗ ପ୍ରେତାତ୍ମା ।

ଆକାଶଫଟା ସ୍ଲୋଗାନର ଧ୍ୱନି ଭିତରେ ହଠାତ୍ ଜଣେ କହିଲା, ଆମେ ଯେତେବେଳେ ନ ଖାଇ ଜଳୁଚୁ, ସାହିତ୍ୟ ଭବନ ଭିତରେ 'ସ୍ୱାଧୀନ' ପତ୍ରିକାର ସମ୍ପାଦକ ବସି ସାହିତ୍ୟ ଉମେଦାରି ଦେଖଉଚନ୍ତି ଟାଣି ଆଣ ତାଙ୍କୁ ଟିକେ। ଜବାବ୍ ଦଅନ୍ତୁ ସେ ଆମକୁ—ଯୁଁ ଗୃହ କର୍ମୀଙ୍କୁ ସେ ବରଖାସ୍ତ କରିଚନ୍ତି, ତାଙ୍କୁ ନେବେ କି ନାହିଁ ?

ଏ ହଟ୍ଟଗୋଳ ଭିତରେ ହସ୍ତ କ୍ଷେପିବାର ନୁହେଁ। ହଲ୍ ଭିତରୁ ବାହାରି ଆସିଲେ ସମସ୍ତେ। ଲୋକାରଣ୍ୟରେ ଟାଉନ୍‌ହଲ ଚାରିପାଖ ଯେପରି ଭୂମିକମ୍ପରେ ଚଉଚିର୍ ହୋଇ ଫାଟିଗଲା ପରି ଜଣା-ପଡ଼ିଲା। ଉପେନ୍ ଭାବିଲା, ସେମାନଙ୍କ ଭିତରୁ ରଙ୍ଗନାଥବାବୁଙ୍କୁ ଖୋଜି ଗୋଟାଏ କିଛି ମୀମାଂସାର ବ୍ୟବସ୍ଥା ଏଇଠି ହିଁ କରିବ। ଖୁବ୍ ଉତ୍ସାହ ସହକାରେ ସେ ଆଗେଇଗଲା; କିନ୍ତୁ ଯାହା ଶୁଣିଲା ସେଥିରେ ଆଶ୍ଚର୍ଯ୍ୟର ଅନ୍ତ ରହିଲା ନାହିଁ ତାର।

ବହୁ ଆଗରୁ ସ୍ଲୋଗାନର ପ୍ରଥମ ଆବାଜ ରଙ୍ଗନାଥବାବୁଙ୍କ କାନରେ ପଡ଼ିଲା ମାତ୍ରେ ଇ ସମାଜ ଭବନର ପଛ ଦୁଆରବାଟେ ଲୁଚି ଅନ୍ତର୍ଦ୍ଧାନ ହୋଇ ଯାଇଚନ୍ତି ସମସ୍ତଙ୍କ ଅଗୋଚରରେ। ଉପେନ୍ ଭାବିଲା, ହୁଏ ତ ଏ ଭିତରେ 'ସ୍ୱାଧୀନ' କାଗଜର ଦ୍ୱିତଳ ପ୍ରାସାଦକୁ ନିମେଷମାଇ ତାଙ୍କ ଖାସ୍ କାମରାରେ ଆତ୍ମଗୋପନ କରି ସମ୍ପାଦକ ମହାଶୟ ପୁଲିସ୍‌ର ସାହାଯ୍ୟ ପାଇଁ ଥାନା ଅଫିସରଙ୍କ ସହିତ ଗମ୍ଭୀର ମନୋଯୋଗ ସହିତ ଆଲୋଚନାରତ କିମ୍ବା ସହରର କେଉଁ ନିଭୃତ ସ୍ଥାନରେ ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଧାରଣ ଚିନ୍ତାରେ କୌଣସି ଆଇନ-ବ୍ୟବସାୟୀ ସହିତ ପରାମର୍ଶବ୍ୟସ୍ତ।

ସଭାମଞ୍ଚରୁ ସମ୍ପାଦକଙ୍କ ଭୀରୁ ପଳାୟନର ସମ୍ବାଦ ପ୍ରଚାର ହେବା ସଙ୍ଗେ ସଙ୍ଗେ ପ୍ରେସ୍ କର୍ମଚାରୀଙ୍କ ପଟୁଆର 'ସ୍ୱାଧୀନ' କାଗଜ ଦପ୍ତର ଆଡ଼େ ନିର୍ଦ୍ଦିଷ୍ଟ ପଦକ୍ଷେପରେ ଆଗେଇଲା।

ସେଇ ଅନ୍ତରରେ ଛନ୍ଦ ଭିତରେ ଉପେନ୍‌ର ପଦକ୍ଷେପ ଦୃପ୍ତ ହୋଇଉଠିଲା ନିର୍ଭୀକ ତେଜସ୍ୱିତାରେ।

ଅଧା ନିର୍ବାପିତ ଚୁରୁଟରେ ପୁଣିଥରେ ଅଗ୍ନିସଂଯୋଗ କଲେ ଅଡ଼୍‌ଭୋକେଟ ରମଣୀବାବୁ । ତାଙ୍କର ଗୌରକାନ୍ତ ମୁଖମଣ୍ଡଳ ଚିନ୍ତାରେ ରକ୍ତାଭ, କପାଳର ରେଖା କୁଞ୍ଚିତ, ଆଖିର ଦୃଷ୍ଟି ସ୍ଥିର ଅଥଚ ପ୍ରଶାନ୍ତ । ମନ ଭିତରେ ଗୋଟାଏ କି ଦ୍ୱନ୍ଦ୍ୱର ସଂଘର୍ଷ ଭିତରେ ସେ ଯେପରି ଛଟପଟ କରୁଚନ୍ତି । ତାଙ୍କ ମୁହଁରେ କଥା ନାହିଁ ।

—ମୋ କଥାକୁ ଆପଣ ନିଶ୍ଚୟ ବିଶ୍ୱାସ କରିପାରୁ ନାହାନ୍ତି, କହିଲେ ରଙ୍କନାଥବାବୁ—ନ କରିବା ସ୍ୱାଭାବିକ । ନିଜ ଆଖିରେ ନ ଦେଖିଥିଲେ ମୁଁ ବି ହୁଏ ତ ବିଶ୍ୱାସ କରି ନ ଥାନ୍ତି ରମଣୀବାବୁ ! ଉପେନ୍ଦ୍ର ପରି ପିଲା ଏପରି ସାଂଘାତିକ ହୋଇପାରେ ?

—କିନ୍ତୁ ନିର୍ଭରଯୋଗ୍ୟ ପ୍ରମାଣ କିଛି ପାଇଚନ୍ତି ଉପେନ୍ ବିରୁଦ୍ଧରେ ? ପଚାରିଲେ ରମଣୀବାବୁ ।

—ତା ଅବଶ୍ୟ ପାଇନି । କିନ୍ତୁ ସାହିତ୍ୟ ଭବନ ଆଗରେ ପ୍ରେସ୍ କର୍ମଚାରୀଙ୍କ ପଟୁଆର ମଝିରେ ଉପେନ୍ ପହଞ୍ଚିଲା କିପରି ? ଖାଲି ସେତିକି ନୁହେଁ, ଉପେନ୍ ନାଁରେ ଜିନ୍ଦାବାଦ ସ୍ଲୋଗାନ ବି ମୁଁ ଶୁଣିଲି ।

—ଆପଣଙ୍କ କଥାକୁ ମୁଁ ଅବିଶ୍ୱାସ କରୁ ନାହିଁ ରଙ୍କନାଥବାବୁ ! ମୁଁ ଖାଲି ଭାବୁଚି, ଉପେନ୍ ଆପଣଙ୍କ ପାଖରେ କାମ କରିବାର ସାମାନ୍ୟ କେତେଟା ଦିନ ଭିତରେ ଆପଣଙ୍କ ପ୍ରେସ୍ କର୍ମଚାରୀଙ୍କର ଏପରି ବିଶ୍ୱାସ-ଭାଜନ ହୋଇପାରିଲା କିପରି ?

ଯାର ଉତ୍ତର କ'ଣ ଦେବେ, ଖୋଜି ପାଇଲେ ନାହିଁ ରଙ୍କନାଥ-ବାବୁ । କହିଲେ—ଗୁପ୍ତ ଅବସ୍ଥାରେ ସେ କମ୍ୟୁନିଷ୍ଟ ପାର୍ଟି ପାଇଁ ଭିତରେ ଭିତରେ କାମ କରୁଥିବା କଥା ମୁଁ ଜଣେ ବନ୍ଧୁଙ୍କ ପାଖରୁ ଶୁଣିଚି ।

ରମଣୀବାବୁ ହସିଲେ ଟିକିଏ । କହିଲେ—କମ୍ୟୁନିଷ୍ଟ ପାର୍ଟିରେ କାମ କଲେ ବୋଧହୁଏ ଦଶ ଜଣଙ୍କର ବିଶ୍ୱାସଭାଜନ ହେବା ପାଇଁ ଆଉ

କୌଣସି ଯୋଗ୍ୟତାର ଦରକାର ପଡ଼େନା ! କହି ସଜ୍ଜେନା ଉଦ୍ଦେଶ୍ୟରେ ଚାଟିକରି ଡାକଉଠିଲେ ରମଣୀବାବୁ—ଗୃ' ଆଣ•••

—ମତେ ଆପଣଙ୍କୁ ସାହାଯ୍ୟ କରିବାକୁ ହିଁ ହେବ । ମୋ ସମ୍ମାନ ଉପରେ ଯେ ଆଞ୍ଚ ଆସିଛି•••

—ଉପେନ୍‌କୁ ଗିରଫ କରେଇଦେଲେ ଆପଣଙ୍କ ସମ୍ମାନ ଫେରି ପାଇବେ ବୋଲି ଆଶା କରନ୍ତି ? ଗମ୍ଭୀର ଗଳାରେ ପଚାରିଲେ ରମଣୀବାବୁ ।

—ତା ଛଡ଼ା ମୁଁ ଆଉ କିଛି ଉପାୟ ଦେଖୁ ନାହିଁ ।

—କିନ୍ତୁ ଗିରଫ କରାଇବାର ଆଇନଟା କ'ଣ ? ପଚାରିଲେ ଆଡ଼ଭୋକେଟ ।

—ତା' କ'ଣ ମତେ କହିବାକୁ ପଡ଼ିବ ଆପଣଙ୍କୁ ? ବରଂ ଯେତେ ଟଙ୍କା ଖର୍ଚ୍ଚ ହବ••••••

—ଖର୍ଚ୍ଚ ଯଦି କରିବେ, ଅଯଥାରେ କାହିଁକି ? ବରଂ କର୍ମଚାରୀଙ୍କ ଦାବୀ ସମ୍ବନ୍ଧରେ ବିଚାର କର•••

—ତା' ମୁଁ କୌଣସିମତେ ଗ୍ରହଣ କରିପାରେନା ରମଣୀ-ବାବୁ ! ଯେଉଁମାନଙ୍କୁ ମୁଁ ପୋଷିଛି, ସେମାନେ ମୋ ମୁଣ୍ଡ ଉପରେ ବସି ଦାବୀ ହାସଲ କରିବେ ? ରାଗରେ ଥରିଉଠି ଛିଡ଼ା ହେଲେ ସମ୍ପାଦକ ମହୋଦୟ । କହିଲେ, ମତେ ସାହାଯ୍ୟ ନ କଲେ ନାହିଁ, ଉପେନ୍ ପକ୍ଷ ନେଇ ଆପଣ ମୋ ବିରୁଦ୍ଧରେ••••••

ରମଣୀବାବୁ ଚମକି ଉଠିଲା ପରି ଚାହିଁଲେ ରଙ୍ଗନାଥବାବୁଙ୍କୁ । କହିଲେ—ମୁଁ ଆପଣଙ୍କ ଲିଗାଲ୍ ଆଡ଼ଭାଇଜର, ମାସିକ ଫି ନିଏ, ତା ବୋଲି ମୋର ବିବେକ ବୋଲି କ'ଣ କିଛି ନାହିଁ ? ଉପେନ୍‌କୁ ଡାକି ପଚାରିବି ସବୁ । ଯଦି ତା'ର କିଛି ଭୁଲ ଦେଖେ, ତା'ହେଲେ ଆପଣଙ୍କ ଅପେକ୍ଷା ମୁଁ ହିଁ ତାର ପରମ ଶତ୍ରୁ ଭାବେ ଠିଆ ହେବି ସର୍ବାଗ୍ରେ । ଏବେ ବି

ସମସ୍ତ ଅଛି, ଉଂପେନ୍‌କୁ ହଠାତ୍ ଗିରଫ କରେଇ ଗୋଟାଏ ଅଶୋଭନୀୟ ପରସ୍ଥିତି ସୃଷ୍ଟି କରନ୍ତୁ ନାହିଁ ଆପଣ—ମୁଁ ବ୍ରଜକୁ ପଠେଇ ସବୁ କଥା ବୁଝୁଚି । ତା'ପରେ......

ହାତରେ ଚା' ନେଇ ଘର ଭିତରକୁ ଆସିଲା ବନତା ।

—ଚା' ନଅନ୍ତୁ ।

—ନା, ମୁଁ ଟିକଏ ବ୍ୟସ୍ତ ଅଛି । କହି ରଙ୍ଗନାଥବାବୁ ଦୁଆର ଆଡ଼େ ଆଗେଇଲେ ।

ବାଧା ଦେଲେ ନାହିଁ ରମଣୀବାବୁ । କେବଳ ଗୋଟାଏ ଅସହଜ ଭଙ୍ଗୀରେ କୁର୍ଚି ଉପରୁ ଉଠିପଡ଼ି ଘର ଭିତରେ ପଦଚାରଣ କଲେ । ତା'ପରେ ବଆସିଲି ମାର ପୁଣି ଥରେ ଚୁରୁଟରେ ଅଗ୍ନି ସଂଯୋଗ କରି ବନତା ଆଡ଼କୁ ଚାହିଁ ପ୍ରଶ୍ନ କଲେ—ଉପେନ୍‌କୁ ବହୁ ଦିନ ହେଲା ଦେଖି ନାହିଁ, କ'ଣ ହେଇଚି ?

—କିଛି ନ କହି ଚୁପ୍ ହୋଇ ଠିଆ ହେଲା ବନତା ।

—ବ୍ରଜ ଘରେ ଅଛି ?

—ନା ।

—ରାତି ନଅଟା ହେଲଣି, ଏପର୍ଯ୍ୟନ୍ତ ଆସି ନାହିଁ ? କୁଆଡ଼ି ଥାଇପାରେ ଯେ ?

—କ୍ଲବରେ । ଡାକ ଅଣିବ ? ନମ୍ର କଣ୍ଠରେ ପଚାରିଲା ବନତା ।

—ନା, ଫେରୁ ସେ କେତେବେଳେ ଫେରିବ ।

ହଠାତ୍ ଫୋନ୍ ବାଜଉଠିଲା । ରିସିଭରଟା ଉଠେଇ ପଚାରିଲା ବନତା—ରଙ୍ଗନାଥବାବୁଙ୍କୁ ଖୋଜୁଚନ୍ତି ? ଟିକକ ଆଗରୁ ସେ ଚାଲି-ଯାଇଛନ୍ତି । କହି ଆଉ କ'ଣ ପଚାରିବାକୁ ଯାଉଥିଲା, ଚଞ୍ଚଳ ପଦକ୍ଷେପରେ

ଝରକା ପାଖକୁ ଆଗେଇଆସି ବନତା ହାତରୁ ଫୋନ୍‌ଟା ଧରିଲେ ରମଣୀବାବୁ । ତାପରେ କ'ଣ ଶୁଣୁ ଶୁଣୁ ହଠାତ୍ ଯେପରି ତାଙ୍କ ମୁହଁ ଉତ୍ତେଜନାରେ ଲାଲ ହୋଇଉଠିଲା । —ଓ, ସବୁ ବ୍ୟବସ୍ଥା କରିସାରି ମୋ ପାଖକୁ କେବଳ ଦୋଷ ଛଡ଼େଇବାକୁ ଆସିଥିଲେ ରଙ୍ଗନାଥ, ନା ? ମନକୁ ମନ କଥା କେତେ ପଦ ଉଚ୍ଚାରଣ କରି ଫୋନ୍‌ଟାକୁ ରଖିଦବାକୁ ଯାଉ ଯାଉ ପୁଣି ପାଟିକରି ଉଠିଲେ ରମଣୀବାବୁ—କନ୍ତୁ କୁ' ଆଇନ ବଳରେ ଆପଣ ସେମାନଙ୍କୁ ଗିରଫ କରିଚନ୍ତି ଇନ୍‌ସପେକ୍‌ଟରବାବୁ ? ଅପରାଧଟା କ'ଣ ? ପ୍ରେସ୍ ଘର ଉପରେ କାଳେ ଚଡ଼ାଉ କରିବେ, ଏଇ ଆଶଙ୍କାରେ ? ନନ୍‌ସେନ୍‌ସ !···କହି ରାଗରେ ଜଳଉଠି ରିସିଭରଟା ରଖିଦେଲେ ରମଣୀବାବୁ । ତାପରେ ବନତାକୁ ଚାହିଁ କହିଲେ, କ୍ଲବଟା ପାଖରେ ନା ? ଗାଡ଼ି ନେଇ ବ୍ରଜକୁ ଧରି ଥାନାକୁ ଯାଇ ଦେଖ, ଉପେନ୍‌କୁ ଯଦି ସେମାନେ ଅରେଷ୍ଟ କରିଥାଆନ୍ତି, ସେଇଠୁ ଫୋନ୍ କରିବୁ ମତେ ।

ଆଶ୍ଚର୍ଯ୍ୟରେ ସମସ୍ତ ଦେହ ଥରିଉଠିଲା ବନତାର । କ'ଣ ହୋଇଛି ? ପ୍ରଶ୍ନିଳ ଦୃଷ୍ଟିରେ ସେ ଥରେ ଚାହିଁଲା ରମଣୀବାବୁଙ୍କୁ··· ତାପରେ ଚଞ୍ଚଳ ପଦକ୍ଷେପରେ ବାହାରିଗଲା ଗ୍ୟାରେଜ ଆଡ଼େ ।

ଗାଡ଼ି ନେଇ କ୍ଲବ ଘରେ ସେ ଯେତେବେଳେ ପହଞ୍ଚେ, ବ୍ରଜ ତାର ବନ୍ଧୁମାନଙ୍କ ଗହଣରେ ବସି କ'ଣ ଗୋଟାଏ ଗୁରୁତର ଆଲୋ-ଚନାରେ ବ୍ୟସ୍ତ । ବନତାକୁ ଏପରି ଅସମୟରେ ଦେଖି ସେ ବେଶ୍ ଟିକଏ ଆତଙ୍କିତ ହୋଇଉଠିଲା—କ'ଣ ହୋଇଚି ? ପଚାରିଲା ବ୍ରଜବଲ୍ଲଭ ।

—ଉପେନ୍‌ବାବୁ ଆରେଷ୍ଟ ହୋଇଛନ୍ତି । କପରି ଗୋଟାଏ କମ୍ପିତ ଗଳାରେ କହିଲା ବନତା । ବାପା ମତେ ପଠେଇଲେ ତମକୁ ସାଙ୍ଗରେ ନେଇ ଥାନାକୁ ଯିବାକୁ ।

କଛି ଉତ୍ତର ନ ଦେଇ ବ୍ରଜ ଗାଡ଼ିରେ ବସିଲା ।

ଥାନା ଦୁଆର ମୁହଁରେ ଅସମ୍ଭବ ରକମର ଭିଡ଼ । କଟକର ଦେତେ ପ୍ରେସ କର୍ମଚାରୀ, ସମସ୍ତଙ୍କର ଯେପରି ଏକ ବରାଟ ସଭାର

ଇଜଲାସ । ରାସ୍ତା ଉପରେ ଗଞ୍ଜା ଗଞ୍ଜା ଠିଆ ହୋଇ ଆଲୋଚନାରେ ବ୍ୟସ୍ତ । ଗାଡ଼ିରୁ ଓହ୍ଲାଇ ବ୍ରଜ ସିଧାସଳଖ ପଶିଗଲା ଥାନା ଭିତରକୁ । ଥାନାବାବୁଙ୍କ ସାମନାରେ ବସିଛି ଉପେନ୍‌......ତାକୁ ଘେରି ଠିଆ ହୋଇଛନ୍ତି ଚାରି ପାଞ୍ଚ ଜଣ ସିପାହୀ ଆଉ କେତେ ଜଣ ପ୍ରେସ କର୍ମଚାରୀ ।

ବ୍ରଜକୁ ବୁଝିବାକୁ ଆଉ କିଛି ବାକି ରହିଲା ନାହିଁ—ଜାମିନ୍ ମିଳିବ ତ ? ଥାନାବାବୁଙ୍କୁ ଉଦ୍ଦେଶ୍ୟ କରି ସେ ପଚାରିଲା କଠିନ ଗଳାରେ ।

—କିଏ ନେବ ?

—ଆଡ଼ଭୋକେଟ୍ ରମଣୀବାବୁ । ସ୍ପର୍ଦ୍ଧିତ ଗଳାରେ ଜବାବ ଦେଲା ବ୍ରଜ ।

—ସେ କ'ଣ ସମସ୍ତଙ୍କୁ ନେବେ ଜାମିନ୍‌ରେ ?

ବ୍ରଜ ଟିକିଏ ଚିନ୍ତା କଲା ।

—କିଛି ଦରକାର ନାହିଁ ବ୍ରଜ ! ଦାଦାଙ୍କୁ କାହିଁକି ଏସବୁ ମାମଲା-ମକଦ୍ଦମା ଭିତରକୁ ଟାଣିବୁ ? ହାଜତ ଭିତରକୁ ଥରେ ଯାଇ କିଛି ଅନୁଭୂତି ସଞ୍ଚୟ କରେ ନା, କ୍ଷତି କ'ଣ ?

—ଉପେନ୍‌ବାବୁ ଆଗ ଚାଲିଯାନ୍ତୁ, କାଶୀନାଥ କହିଲା, ଆମେ ପରେ ଯିବୁ ।

—ନା, ନା, ତା ହୁଏନା କାଶୀନାଥ ! ତୁମମାନଙ୍କୁ ଏ ଅବସ୍ଥାରେ ଛାଡ଼ି ମୁଁ ଯାଇପାରେନା । ଏ ଦେଶରେ ଆଇନର ସଦ୍‌ବ୍ୟବହାର ଯଦି ନିରୀହ ଲୋକଙ୍କୁ ଏଇପରି ଭାବରେ ଜବତ କରିବା ପାଇଁ ଉଦ୍ଦିଷ୍ଟ, ତେବେ ତା ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ କିଛି ଦିନ ହାଜତରେ ଆବଦ୍ଧ କୋଠରୀରେ ରହି ଶକ୍ତି ସଞ୍ଚୟ କରିବାର ସୁଯୋଗ ମୁଁ ନେଲେ କ୍ଷତି କ'ଣ ?

ଥାନାବାବୁ ଲଜ୍ଜାରେ ତଳକୁ ମୁହଁ ପୋତି ନମ୍ର ସ୍ୱରରେ କହିଲେ—ଆପଣଙ୍କୁ ଜାମିନ୍‌ରେ ଛାଡ଼ିଦେବାରେ ଆପତ୍ତି ନାହିଁ ।

—ଆପଣଙ୍କର ଆପତ୍ତି ଥିଲେ ବି ମୋର ବିଶେଷ କିଛି ଯାଏ ଆସେ ନାହିଁ । ଜାମିନ୍‌ରେ ମୁଁ ଯିବାକୁ ଚାହେଁନା ।

—ଜାମିନ୍‌ରେ ନ ଯିବେ ଯଦି ଏଇମିତି ଯାଆନ୍ତୁ ।

—ମୁଁ ଏକା ନା ସମସ୍ତେ ? ପଚାରିଲି ଉପେନ୍ ।

—ଆପଣ ଏକା ।

—ମୋ ପାଇଁ ଆଇନର ଏ କୋହଳ ବ୍ୟବସ୍ଥା କାହିଁକି ?

—ଆପଣଙ୍କ ଦୋଷ ସେପରି ଗୁରୁତର ନୁହେଁ ।

—ତା'ହେଲେ ଏଠିକି ଧରିଆଣିଲେ କାହିଁକି ? ଦୃପ୍ତ କଣ୍ଠରେ ପଚାରିଲି ବ୍ରଜ ।

—ସେ କୈଫିୟତ ମୁଁ ଆପଣଙ୍କୁ ଦବାକୁ ବାଧ ନୁହେଁ ।

—ବାଧ ନ ହେଇପାରନ୍ତି, କିନ୍ତୁ କହିବାରେ ଆପତ୍ତି କ'ଣ ?

—ତା ମୋର ବ୍ୟକ୍ତିଗତ । ଆପଣ ଉପେନ୍‌ବାବୁଙ୍କୁ ନେଇ-ଯିବାକୁ ଚାହାନ୍ତି ଯଦି, ନେଇଯାଇ ପାରନ୍ତି ।

—ନେଇଯିବା ଆଗରୁ ମୁଁ ଜାଣିବାକୁ ଚାହେଁ, ଆପଣ ତାଙ୍କୁ ଥାନାକୁ ଆଣିଲେ କାହିଁକି ?

—ପ୍ରେସ କର୍ମଚାରୀଙ୍କୁ ସେ ଉତ୍ତେଜିତ କରି, 'ସ୍ୱାଧୀନ' ପ୍ରେସ ଉପରେ ଆକ୍ରମଣ କରିବାକୁ ଯାଉଥିଲେ ।

—ତା'ହେଲେ ଅନ୍ୟାନ୍ୟମାନଙ୍କ ଅପେକ୍ଷା ମୋ ଅପରାଧ ତ ଗୁରୁତର ! ମତେ ଛାଡ଼ି ଦିଆଯାଉଛି କାହିଁକି ? ଉପେନ୍ କହିଲି ।

ଏଥର ଥାନାବାବୁ ଟିକିଏ ଗମ୍ଭୀର ହେଲେ —ବେଶ୍, ଆପଣ ବସନ୍ତୁ । କହି ସେ କେତେ ଜଣ ସିପାହୀଙ୍କୁ ନିର୍ଦ୍ଦେଶ ଦେଲେ ଥାନା ବାହାରେ ଠିଆ ହୋଇଥିବା ଲୋକମାନଙ୍କୁ ଘଉଡ଼େଇ ଦବା

ଯାଇଁ—ଯାଅ, ଯାଅ ! ପାଟି ଶୁଣାଇ ଚିତ୍କାର କରିଉଠିଲେ ଇନ୍‌ସପେକ୍‌ଟର ।

—ନା, କେହି ଯିବୁନି ଆମେ । ଯଦି ଯିବୁ, ସମସ୍ତଙ୍କୁ ସାଙ୍ଗରେ ନେଇ······ଛାପରେ ହଠାତ୍ ସ୍ଲୋଗାନର ତୋଫାନ······ରାସ୍ତା ଉପରେ ।

—ମୁଁ ଟିକିଏ ଫୋନ୍ କରିପାରେ ? ପଚାରିଲା ବ୍ରଜବଲ୍ଲଭ ।

—କରନ୍ତୁ । ଥାନା ଅଫିସର ସ୍ୱୀକୃତି ଦେଲେ ।

—କାନ୍ଥ ଘଡ଼ିରେ ଠନ୍ ଠନ୍ କରି ଦଶଟା ବାଜିଲା ।

ବ୍ରଜ ଫୋନ୍ କଲା ।

—ଦାଦା ଆପଣଙ୍କୁ କ'ଣ କହିବାକୁ ଚାହାନ୍ତି । ବ୍ରଜ ରିସିଭର ବଢ଼ାଇଦେଲା ଥାନାବାବୁଙ୍କ ଆଡ଼କୁ ।

—ହଁ, 'ସ୍ୱାଧୀନ' କାଗଜର ସମ୍ପାଦକ ରଙ୍ଗନାଥବାବୁଙ୍କ ଅଭିଯୋଗ ଉପରେ ଆମେ ବ୍ୟବସ୍ଥା ଗ୍ରହଣ କରିଚୁ । ଉପେନ୍‌ବାବୁଙ୍କୁ ଛାଡ଼ିଦେବାକୁ ଆମେ ରାଜି ଅଛୁ । କିନ୍ତୁ······ଥାନାବାବୁ ଟିକିଏ ରହିଯାଇ ରମଣୀବାବୁଙ୍କ ଆଉ ଗୋଟାଏ କି ପ୍ରଶ୍ନର ଜବାବରେ ପୁଣି କହିଲେ, ଆପଣ ଯଦି ସେ ଦାୟିତ୍ୱ ନେବେ, ଆମେ ସମସ୍ତଙ୍କୁ ଛାଡ଼ି ଦଉଚୁ···କହି ରିସିଭରଟା ରଖିଦେଇ ଥରେ ସମସ୍ତଙ୍କୁ ଗଭୀର ମନଯୋଗ ସହିତ ନିରୀକ୍ଷଣ କଲେ । ତାଙ୍କ ମୁହଁରେ ଯେପରି ଏକ ଭୟ ଆଉ କ୍ରୋଧର ମିଶ୍ରିତ ଅଭିବ୍ୟକ୍ତି ଫୁଟିଉଠିଲା ।

—ସମସ୍ତେ ଯିବେ ତା'ହେଲେ ? ପଚାରିଲା ବ୍ରଜ ।

—ଯାଆନ୍ତୁ । କପରି ଟିକିଏ ଶଙ୍କିତ ଗଳାରେ କହିଲେ ଇନ୍‌ସପେକ୍‌ଟରବାବୁ ।

ଉଠି ଛିଡ଼ାହେଲା ବ୍ରଜ ।

ଜିନ୍ଦାବାଦର ସ୍ଲୋଗାନ ଭିତରେ ଥାନାରୁ ରାସ୍ତା ଉପରକୁ ଆସିଲା ଉପେନ୍। ଆସି ଆଶ୍ଚର୍ଯ୍ୟ ହେଲା। ଏ କ'ଣ ଗାଡ଼ି ଭିତରେ ବନଜା? ଜିଜ୍ଞାସୁ ଦୃଷ୍ଟିରେ ସେ ଥରେ ଚାହିଁଲା ବ୍ରଜ ଆଡ଼େ; କିନ୍ତୁ ଲୋକଙ୍କୁ ଧାଡ଼ି ବାନ୍ଧି ଠିଆ କରେଇ, ପଟୁଆରରେ ଯିବା ପାଇଁ ନିର୍ଦ୍ଦେଶ ଦେବାରେ ତାକୁ ଯେପରି ବ୍ୟସ୍ତ ରହିବା ଲକ୍ଷ୍ୟ କଲା। ସେ ଅବସ୍ଥାରେ ବନଜା ସମ୍ବନ୍ଧରେ ଅଧିକ କିଛି ପଚାରି ବୁଝିବା ପାଇଁ ସେ ଉଚିତ ମନେ କଲା ନାହିଁ। କେବଳ ବନଜା ଆଡ଼େ ଥରେ ସହଜ ଭଙ୍ଗୀରେ ଚାହିଁ ସେ ମୁହଁ ଫେରେଇନେଲା। ଗାଡ଼ି ଭିତରେ ଗଭୀର ଧୂସର ଅନ୍ଧାର। ବନଜାର ପିନ୍ଧା ଶାଢ଼ୀର ଶୁଭ୍ରତା ସେ ଅନ୍ଧାର ଭିତରେ ଅସାଧାରଣ ଭାବରେ ସ୍ପଷ୍ଟ।

—ତୁ ପଟୁଆର ମଝିକୁ ଆ। ବ୍ରଜ ଉଲ୍ଲସିତ କଣ୍ଠରେ ଡାକିଲା ଉପେନ୍‌କୁ।

—ମୁଁ ଆଉ କାହିଁକି, ତୁ ହିଁ ପଟୁଆର ଆଗରେ ଏମାନଙ୍କୁ ଚାଲିବାର ନିର୍ଦ୍ଦେଶ ଦେ ବ୍ରଜ! ଥାନାରୁ ଏମାନଙ୍କୁ ମୁକ୍ତ କରେଇ ଆଣିବା ଆଜି ତୋରି ଦ୍ୱାରା ହି ତ ସମ୍ଭବ ହୋଇଛି। କହି ଉପେନ୍ କାଶୀନାଥକୁ ଇଙ୍ଗିତ ଦେଲା ବ୍ରଜକୁ ନେଇ ଆଗରେ ଛିଡ଼ା କରାଇବା ପାଇଁ।

ଖୁସିର ଏକ ତରଙ୍ଗ ଖେଳିଗଲା ସମସ୍ତଙ୍କ ମୁହଁରେ।

ଗାଡ଼ି ଭିତରୁ ତଳକୁ ଓହ୍ଲେଇ ଛିଡ଼ା ହେଲା ବନଜା। ଲୋକ-ଗହଳି ମଝିରେ ରାଜନୀତିର ଅଭିନବ ନିଶା ପ୍ରଥମ କରି ଲାଗିଲା ତା ମୁଣ୍ଡରେ। ପ୍ରଥମ କରି ସେ ପାଇଲା ଭୋକୀ ମଣିଷର ଦାମ୍ଭିକତାର ଉତ୍ତାପ। ପ୍ରଥମ କରି ସେ ଦେଖିଲା ସର୍ବହରା ଦଳର ଶପଥଦୃପ୍ତ ମନର ତେଜ, ଆଉ ସେଇ ତେଜର ଶିଖାପ୍ଲୁତ ଅହଙ୍କାର ନେଇ ସମସ୍ତଙ୍କ ଭିତରେ ସଗର୍ବେ ଠିଆ ହୋଇଥିବା ଉପେନ୍······ସେ ଯେପରି ରାତିର କାଳିମା ପରି ଅନ୍ଧ ବିପର୍ଯ୍ୟସ୍ତତା ଭିତରେ ଉଦୟମୁଖୀ ଦଶମୀ ଚନ୍ଦ୍ରର ମୁଠାଏ ଜ୍ୟୋତ୍ସ୍ନାର ଅଭୟ!

—ପଟୁଆର ଯିବ କେଉଁଠିକି? ଗହଳି ଭିତରେ ପଚାରିଲା ଉପେନ୍।

—ଅଲସା ବଜାର । ଉତ୍ତର ଦେଲ କାଶୀନାଥ···ସେଠି ସମସ୍ତେ ଏକଜୁଟ ହୋଇ ବସିଛନ୍ତି ଆପଣଙ୍କଠୁ ପଦେ କଣ୍ଟୁ ଶୁଣିବାକୁ ।

—ମୋଠୁ ଯାହା ଶୁଣିବା କଥା, ତା ତମେ ଶୁଣିସାରିଚ କାଶୀନାଥ ! ବ୍ରଜବଲ୍ଲଭଠୁ ପ୍ରଥମ କରି ଶୁଣିବାର ସୌଭାଗ୍ୟ ଆଜି ତୁମମାନଙ୍କର ।

—ଏ ସୁଯୋଗ ଛାଡ଼ିବାର ନୁହେଁ, କହି ସେ ବ୍ରଜ ପାଖକୁ ଆଗେଇ ଯାଇଁ କହିଲ—ରାତିः ଅନେକ ହୋଇଚି, ମାଧବୀ ସେଣେ ଏକା ଥିବ, ମୁଁ ଯାଏଁ ।

—କିନ୍ତୁ ତମେ କ'ଣ ଏମାନେ ଛାଡ଼ିବେ ?

—ଏମାନଙ୍କ ସାଙ୍ଗରୁ ମୁଁ ଅଲଗା ନୁହେଁ ବ୍ରଜ ! ମତେ ଧରି ରଖିବାର ଚିନ୍ତା ନାହିଁ ଏମାନଙ୍କର । ଠିକ୍ କହୁଚି ନା କାଶୀନାଥ ଉପେନ୍ ସପ୍ରଶ୍ନଭ ଦୃଷ୍ଟିରେ ଚାହିଁଲ ସମସ୍ତଙ୍କ ମୁହଁକୁ ।

—ଅପଣଙ୍କୁ ଦେଖିଲା ପରେ ଇ ଆମର ଏ ସଂଗଠନର ଚିନ୍ତା । କାଶୀନାଥ କହିଲ । ଆପଣଙ୍କ ପ୍ରେରଣା ହିଁ ତ ଏସବୁ ମୂଳରେ । ବରଂ ଆମେ ଆପଣଙ୍କୁ ଛାଡ଼ି ଚାଲିଯିବାର ଭୟ ଅଛି; କିନ୍ତୁ ଆପଣ, ନା, ସେ ଅବିଶ୍ୱାସ ନାହିଁ ଆମ କାହାର ।

ଆଶ୍ଚର୍ଯ୍ୟ ହେଲ ବ୍ରଜ । କି ଅଗାଧ ବିଶ୍ୱାସ ଏମାନଙ୍କର ଉପେନ୍ ଉପରେ ! ଜଣାଶୁଣା ହବାର ଅଳ୍ପ କେତୋଟା ଦିନ ଭିତରେ, ପ୍ରତ୍ୟୟ ଓ ପ୍ରତିଶ୍ରୁତିର କି ଆଦର୍ଶ ମଣିଷ ହୋଇଉଠିଚି ବାସ୍ତବିକ ! ଆସ୍ଥାଭାଜନ ହେବାର କି ଅସାଧାରଣ ବ୍ୟକ୍ତିତ୍ୱ ଅଛି ଉପେନ୍ର ! ସେ କିଛିକ୍ଷଣ ପ୍ରଶଂସିତ ଦୃଷ୍ଟିରେ ଚାହିଁଲ ଉପେନ୍କୁ, ତାପରେ ବିନମ୍ର ଗଳାରେ କହିଲ—ତୋ ହୁକୁମ୍ ମୋର ଶିରୋଧାର୍ଯ୍ୟ । ମୁଁ ଯାଉଚି ଏମାନଙ୍କ ପଟୁଆରରେ । ତୁ ଫେରିଯା ଘରକୁ । ବିନତା ତତେ ନେଇ ଗାଡ଼ିରେ ଚଢ଼ାଇଦେବ । କାଲି ସକାଳେ ଦେଖା କରିବ ।

ସ୍ଲୋଗାନ ଭିତରେ ପଚ୍ଛଆଡ଼ୁ ଆଗେଇ ଗଲା । ଦୁ ହାତରେ ବିଶାଳ ପ୍ଲାକାର୍ଡ ଧରି ବ୍ରଜବଲ୍ଲଭ ଯେତେବେଳେ ହୁଙ୍କାର ଦେଇ "ଶ୍ରମିକରାଜ କାଏମ୍ ହେଉ"ର ପ୍ରଥମ ଧ୍ୱନି ଉଠେଇଲା···ଗାଡ଼ି ଦୁଆର ମୁହଁରେ ଠିଆହେଇ ଗର୍ବିତ ଭଙ୍ଗୀରେ ମୁଣ୍ଡ ଟେକି ବନତାକୁ ଧନ୍ୟବାଦର ଆନ୍ତରିକ ସମ୍ଭାଷଣ ଜଣାଇଲା ଉପେନ୍···

—ଧନ୍ୟବାଦ ମତେ କାହିଁକି ? ପଚାରିଲା ବନତା ଗାଡ଼ିର ଲକ୍ ଖୋଲି ଷ୍ଟିଅରିଂ ପାଖରେ ବସୁ ବସୁ ।

—ସର୍ବହରା ଦଳଙ୍କୁ ଜଣେ ଦର୍ପଭରା ଯୁବନେତା ଦେଇଚ ବୋଲି । କହି ଉପେନ୍ ଆଗ ସିଟରେ ବସିଲା ।

—ମୁଁ ଦେଇଚି ? ବନତା ଗାଡ଼ିରେ ଷ୍ଟାର୍ଟ ଦେଇ ପଚାରିଲା ।

—ହଁ, ତମେ ତ ! ଉପେନ୍ କହିଲା—ବ୍ରଜକୁ ସାଙ୍ଗରେ ନେଇ ଆସି ନ ଥିଲେ···

ହସିଲା ଟିକିଏ ବନତା । କହିଲା—ମୁଁ ସାଙ୍ଗରେ ନେଇଆସିଲି ସିନା, କିନ୍ତୁ ତମେ ଯେ ତାଙ୍କୁ ନେତା କରିଦେଲ ।

—ସେଇଟା ମୋ ଅନୁଗ୍ରହ ନୁହେଁ, ବନତା ! ସେଇଟା ବ୍ରଜର ପ୍ରାପ୍ୟ । ଏମାନଙ୍କର ଭାଗ୍ୟ ଭଲ, ବ୍ରଜ ପରି ଜଣେ ବଳିଷ୍ଠ-ପ୍ରାଣ ଯୁବକର ନେତୃତ୍ୱ ପାଇପାରିଛନ୍ତି ।

ଗାଡ଼ିରେ କିଛି ଅଧିକ ସ୍ପିଡ୍ ଦେଇ ଦେଇ ବନତା ଚାହିଁଲା ଉପେନ୍ ଆଡ଼େ । କହିଲା—ତୁମଠୁ ବେଶୀ ବଳିଷ୍ଠ ?

—ନିଶ୍ଚୟ ! ସହସ୍ର ଗୁଣରେ । ଉପେନ୍ କହିଲା—ତା ଛଡ଼ା ମୁଁ କ'ଣ ବଳିଷ୍ଠ ?

—ଆଉ କ'ଣ ? ବନତା ପଚାରିଲା ।

—[illegible]ବଳ ! ଖାଲି !

—ମାନେ ? ବନଲତା ନସ୍ରେଜ୍ଜ ଗଳାରେ ପଚାରିଲା । ତା ଅଜାଣତରେ ଗାଡ଼ିର ଗତି ମନ୍ଥରୀଭୂତ ହୋଇଆସିଲା ।

—ଯେ ଅକର୍ମଣ୍ୟ, ତା ପରି ଦୁର୍ବଳ ଲୋକ କେହି ନାହିଁ ବନଲତା ! ଆଉ ଯେ ଦୁର୍ବଳ···ସେ ଖାଲି ଘୃଣ୍ୟ ନୁହେଁ, ଚରିତ୍ର-ହୀନ ।

—ଛି, ଛି, ଏ ତମେ କ'ଣ କହୁଚ ? ବନଲତା କହିଲା—ହଠାତ୍ ମତେ ଆଘାତ ଦେଇ ବସିଚ କାହିଁକି ?

—ତୁମକୁ ଆଘାତ ଦବାର କୌଣସି ଅଧିକାର ମୋର ନାହିଁ ବନଲତା ! ମୁଁ କେବଳ ମୋ ଅପାରଗତା ସମ୍ବନ୍ଧରେ ତୁମ ପାଖରେ ସ୍ୱୀକୃତି ଜଣାଉଚି । ସେଦିନ ରାତିରେ ତମେ ମୋ ଘର ଭିତରକୁ ନ ଯାଇ ରାସ୍ତାରୁ ଠିଆ ଠିଆରେ ଫେରିଆସିଲ । କହିପାରିବ, ମତେ ଚରିତ୍ରହୀନ ଭାବରେ ଘୃଣା କରିବା ଛଡ଼ା ଆଉ କ'ଣ ଭାବିଥିଲ ମନ ଭିତରେ ?

—ମୁଁ କାହିଁକି କ'ଣ ଭାବିବି ? ବନଲତା ଅନୁତପ୍ତ ଗଳାରେ କହିଲା—ମାଧବୀକୁ ତମେ ଆଶ୍ରା ଦେଇଚ, ମାଧବୀ ତମ ଟାଁର ଝିଅ··· ତମର ଆତ୍ମୀୟା···

—ମାଧବୀକୁ ମୁଁ ହିନେ ଭଲ ବି ପାଇଥିଲି ବନଲତା ! ଉପେନ ଅର୍ଦ୍ଧସ୍ୱଗତ ଗଳାରେ କହିଲା···ତାର ଚରମ ଦୁର୍ଦ୍ଦିନରେ ତାକୁ ପାଖରେ ଆଣି ଆଶ୍ରା ଦବାର ସତ୍‌ସାହସ ଯଦି ମୋର ଚରିତ୍ରହୀନତା ହୁଏ, ହେଉ ପଛେ, ମୁଁ ଯାହା ଠିକ୍ ଭାବଚି, ତା କରିବାରେ କେବେ ପଛେଇନ । ବୃଜ ମତେ ସେଦିନ ପ୍ରଶ୍ନ କରିଚି ଅବଶ୍ୟ, ମାଧବୀକୁ ନେଇ ଶେଷ ପର୍ଯ୍ୟନ୍ତ ମୁଁ କ'ଣ କରିବାକୁ ଚାହେଁ···ତା ପାଇଁ କି ମହତ୍ତ୍ୱ ଜୀବନର ପଥ ଠିକ୍ କରି ରଖିଚି ମୁଁ ?

—ସେ ପଚାରିବା କ'ଣ ତାଙ୍କର ଭୁଲ୍ ? ବନଲତା ହଠାତ୍ ସଦର ରାସ୍ତାରୁ ବାଁ ହାତି ମୋଡ଼ ରାସ୍ତାକୁ ଗାଡ଼ି ବୁଲେଇ ପଚାରିଲା··· ସେଇଥିରୁ କ'ଣ ତମେ ଭାବି ନେଇଚ ମୁଁ ତୁମକୁ ଚରିତ୍ରହୀନ ବୋଲି ଘୃଣା କରିଚି···

—ଘୃଣା ନ କରିତ ଯଦି, ସେ 'ତୁମର ମୋ ପ୍ରତି ଅନ୍ଧ ଆସକ୍ତିର ମୋହାଚ୍ଛନ୍ନ ଦୁର୍ବଳତା । କହି ହଠାତ୍ ଚମକି ଉଠିଲେ ପରି ପଚାରିଲ—ଗାଡ଼ିଟା ଏଣେ ବଙ୍କେଇଲ କୁଆଡ଼େ ?

—ଆମ ଘରକୁ ଯିବନି ? ଦାଦାଙ୍କୁ ଦେଖା ନ କରି···

—ମତେ ମାଫ୍ କର ବନଲତା ! ରାତି ଅନେକ ହୋଇଛି । ମାଧବୀ ସେଣେ ଏକା ଥିବ । କାଲି ସକାଳେ ବରଂ ମୁଁ ଆସି ଆଡ଼ଭୋକେଟଙ୍କ ସାଙ୍ଗେ ଦେଖା କରିବି··· । ତେବେ ଏ ବାଟେ ଆସିଲଣି ଯଦି···ତମେ ଫେରିଯାଅ ଘରକୁ । ମତେ ଏଇଠି ଓହ୍ଲେଇ ଦିଅ । ଗୋଟାଏ ରିକ୍ସା ନେଇ ମୁଁ ଚାଲିଯିବି···କହି ଗାଡ଼ିର ଲକ୍ ଖୋଲି ଓହ୍ଲେଇ ପଡ଼ିବାକୁ ଉଦ୍ୟତ ହେଲେ ଉପେନ୍ ।

ହଠାତ୍ ବ୍ରେକ୍ ଦେଇ ଗାଡ଼ି ଠିଆ କଲା ବନଲତା । —ଏ କ'ଣ, ଚାଲିବା ଅବସ୍ଥାରେ ଦୁଆରଟା ଖୋଲୁଚ ? ଆସ ନା ମୁଁ ନେଇ ଛାଡ଼ିଦେଇ ଆସିବି ।

—ନା, ନା, ତମେ କାହିଁକି ସେଠିକି ଯିବ ? ଥରେ ଯୁ' ଦୁଆର ମୁହଁରୁ ଘର ଭିତରକୁ ନ ଯାଇଁ ଫେରିଆସିଚ···ସେଠିକି ପୁଣି କାହିଁକି ?

—କି ଅଭିମାନୀ ତମେ ! କମ୍ପିତ ଗଳାରେ କହିଲା ବନଲତା । ମୋର ସେଦିନ ରାସ୍ତାରୁ ଫେରିଆସିବା କଥାଟାକୁ ଏତେ ବଡ଼ ଦୋଷ ବୋଲି ମନେରଖିଚ, ହେଲେ ତମେ ବି କ'ଣ ଘର ଭିତରକୁ ଯିବା ପାଇଁ ଡାକିଥିଲ ସେଦିନ ?

—ମୋ ଘର ଭିତରକୁ ଯିବା ପାଇଁ ତମକୁ ତ ମୁଁ କେବେହେଲେ ଅନୁରୋଧ କରି ନ ଥିଲି ବନଲତା—ସେଦିନ ବା କରିଥାନ୍ତି କାହିଁକି ? ମୋ ଡାକକୁ ଅପେକ୍ଷା ନ କରି ତମେ ଯଦି ଆଗରୁ ବହୁ ବାର ଯାଇଚ, ସେଦିନ ରାସ୍ତା ଉପରେ ରିକ୍ସାରେ ବସିରହି ମୋ ଡାକକୁ ଅପେକ୍ଷା କଲ କାହିଁକି ? କାହିଁକି, କହିପାରିବ ? ତମେ ଭାବିଲ, ମୁଁ ଏକା

ଅପରାଧୀ । ମୁଁ ଚରିତ୍ରହୀନ । ମାଧବୀଙ୍କୁ ତୁମ ପାଖରେ ଲୁଚେଇ ରଖିବା ପାଇଁ ମୁଁ ହୁଏ ତ ଗୃହେଁ । ଏଇ ସନ୍ଦେହ ତମ ମନରେ ସେଦିନ ନ ଉଠିଥିଲେ ତମେ କʼଣ ସବୁ ଦିନ ପରି ସ୍ୱଚ୍ଛନ୍ଦ ଗତିରେ ଘର ଭିତରକୁ ପଶି ନ ଯାଇ, ହତଭାଗିନୀ ମାଧବୀ କ ଅବସ୍ଥାରେ ସେଠି ଆଶ୍ରୟ ନେଇଚ ଥରେ ପଚାରି ନ ଦେଖି ବାହାରୁ ବାହାରୁ ଫେରି ଆସିଥାଆନ୍ତ ? ମୋ ବାନ୍ଧବୀ ହିସାବରେ ତାଙ୍କୁ ପଦେ ସାନ୍ତ୍ୱନା ଦବାର ଦାୟିତ୍ୱ କଥା ଉପଲବ୍ଧି କରି ନ ଥାନ୍ତ ? କହି ଉପେନ୍ଦ୍ର ଗୋଟାଏ ଦୀର୍ଘ ନିଶ୍ୱାସ ଛାଡ଼ି କହିଲା—କିନ୍ତୁ ସେ ଗୋଟାଏ ରକମର ଭଲ ହେଇଚି ବନିତା ! ମୋର ଅନେକ ଅଭିଜ୍ଞତା ହେଇଚି । ତମ ପାଖରେ ମୋ ପରି ଏକ ଚରିତ୍ର ବି ସନ୍ଦେହର କାରଣ ହେଇପାରେ, ଏକଥା ଜାଣିଲା ପରଠୁ ସମାଜର ଦୁର୍ନୀତିଗ୍ରସ୍ତ ଲୋକଙ୍କ ସମ୍ବନ୍ଧରେ ମୁଁ ପୁଣି ଥରେ ନୂଆ କରି ଭାବି ଦେଖିବାକୁ ଆରମ୍ଭ କରୁଚି । ଭୀଷଣ ଭାବରେ ନିଜକୁ ନିଜେ ସମାଲୋଚନା କରିବା ଆରମ୍ଭ କରିଚି । ମନେ ହଉଚି, ଏପର୍ଯ୍ୟନ୍ତ ଯାହାସବୁ ଅନ୍ୟାୟ ବୋଲି ଭାବିଆସିଲି, ସବୁ ଯେପରି ମୋର ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଅନ୍ୟାୟ, ସମାଜର ଦଶ ଜଣଙ୍କ ଆଖିରେ ତା ଅନ୍ୟାୟ ନୁହେଁ । ଯାହାକୁ ଦୁର୍ନୀତି ଆଉ ବ୍ୟଭିଚାରର ହଳାହଳ ବୋଲି କହିଆସିଲି, ଦୁନିଆର ଅଧିକାଂଶଙ୍କ ପାଖରେ ହୁଏ ତ ସେଇଆ ହିଁ ବଞ୍ଚିବାର ମାନଦଣ୍ଡ ।

—ଏ କʼଣ, ଇମିତି ଉତ୍ତେଜିତ ହେଇଉଠୁଚ କାହିଁକି ? ଉପେନ୍‌ର ହାତ ଖପ୍‌କରି ଧରି ପକେଇଲା ବନିତା—ମୋ ଉପରେ ରାଗିଚ, ନା ?

—ତମ ଉପରେ ରାଗିବି କାହିଁକି ? ଉପେନ୍ କହିଲା—ଏଥିରେ ରାଗ ଅଭିମାନର କିଛି ନାହିଁ ବନିତା ! ଏସବୁ ଜୀବନର ନିଦାରୁଣ ଅନୁଭୂତିର କଥା । କହି ନିସ୍ତ ପଦକ୍ଷେପରେ ସଦର ରାସ୍ତା ଆଡ଼େ ମୁହାଁଇଲା ।

—ଶୁଣ, ପଛେ ପଛେ ଧାଇଁଲା ବନିତା —ମୋର କିଛି କଥା ଅଛି...

—ସେ କଥା ମାଧବୀ ମୋ ପାଖରେ ଥିଲା ପର୍ଯ୍ୟନ୍ତ କହିବା ଉଚିତ ନୁହେଁ—ଉପେନ୍ ଆଗେଇ ଯାଉ ଯାଉ କହିଲା ।

ସଂକୀର୍ଣ୍ଣ ଗଳିର ଅନ୍ଧାର ଭିତରେ ହଠାତ୍ ସ୍ତବ୍ଧ ହେଇ ଛିଡ଼ା ହେଇପଡ଼ିଲା ବନିତା । ତା ଆଖି ଛଳ ଛଳ ହେଇଆସିଲା ଲୁହରେ । ଅସହ୍ୟ କୋହରେ ଛାତି ବିଦୀର୍ଣ୍ଣ ହୋଇଗଲା ପରି ଜଣାପଡ଼ିଲା ତାକୁ । ଗଳା ଫଟାଇ ଆଉ ଥରେ ଡାକିବାକୁ ସେ ଭାବିଲା ଉପେନ୍‌କୁ·· ଡାକି ଦେଖେଇ ଦବାକୁ ତା ଆଖିର ଲୁହ·· ତା ଛାତିର ସ୍ପନ୍ଦନ···ତା ପ୍ରାଣର ଦାହ । କିନ୍ତୁ ଅନ୍ଧାରର ଗମ୍ଭୀରତା ଭିତରେ ହଠାତ୍ ଯେପରି କୁଆଡ଼େ ନିଶ୍ଚିହ୍ନ ହେଇଯାଇଥିଲା ଉପେନ୍···

କହିବାର ସବୁ ବାକୀ ରହିଗଲା ବନିତାର ।

ଅପୂର୍ଣ୍ଣ ରହିଗଲା ମନର ପ୍ରାର୍ଥନା···

ଦୁଆରେ ଠକ୍ ଠକ୍ ଶବ୍ଦ ଶୁଣି ମାଧବୀ ଚମକି ଉଠିଲା । ଉପେନ୍ ତ ଏପରି ଇସାରା ଦେଇ ଘରକୁ ଆସେ ନାହିଁ । ଏତେ ରାତିରେ ତେବେ କିଏ ଆସିଛି ? ଦୋ ଦୋ ପାଞ୍ଚ ହେଇ ମାଧବୀ ଝରକା ପାଖକୁ ଆସି ରାସ୍ତାକୁ ଚାହିଁଲା ।

ଟେବଲ୍ ଉପରେ ଲଣ୍ଠନଟା ଧକ ଧକ ହେଇ ଜଳୁଛି । ଭଲକରି ତେଜିଦେଲା ଟିକିଏ ମାଧବୀ । ତାପରେ ସନ୍ତର୍ପଣରେ ଦୁଆର ଆଡ଼କୁ ଚାଲି ଚାଲି ହେଇ ଆସି କବାଟ ପାଖରେ କାନ ଡେରି ଧାଇଁ ସ ବାରିଲା ।

—ଉପ ! ଘରେ ଅଛୁ ? ବାହାରେ ଅଧିକାରୀଙ୍କ ଗଳା । ମାଧବୀର ସମସ୍ତ ହାତ ଗୋଡ଼ ଥରି ଉଠିଲା । କୁହା ନାହିଁ, ବୋଲା ନାହିଁ, ହଠାତ୍ ଇମିତି ଆସିଚନ୍ତି କାହିଁକି ଅଧିକାରୀ ? କ'ଣ କରିବ ସେ ? କୁଆଡ଼େ ଯିବ ?

ପୁଣି ଠକ୍ ଠକ୍ ଶବ୍ଦ ।

ଆଗ ପଛ ହେଇ ମାଧବୀ କବାଟ ଖୋଲିଲା । ଘର ଭିତରକୁ ପଶିଆସିଲେ ଅଧିକାରୀ । ସାଙ୍ଗରେ ମଧୁ ପ୍ରଧାନ ।

ତଳେ ମୁଣ୍ଡ ଲଗେଇ ଜୁହାର କଲା ମାଧବୀ ।

—ତୁ ଏଠି ? ପଚାରିଲେ ଅଧିକାରୀ । ଗଳାରେ କିନ୍ତୁ ଅଶ୍ଚର୍ଯ୍ୟର ଅଭିବ୍ୟକ୍ତି ନାହିଁ । ସେ ଯେମିତି ଅଳ୍ପ ବହୁତ ଜାଣି ଆସିଚନ୍ତି ମାଧବୀର ଏଠି ଅବସ୍ଥାନ ସମ୍ବନ୍ଧରେ । ଘର ଚାରିପାଖକୁ ଥରେ ବଲ ବଲ କରି ଅନେଇ କହିଲେ—ଉପେନ୍ କାହିଁ ?

—ଦାଣ୍ଡକୁ ଯାଇଚନ୍ତି । ଏଇକ୍ଷଣି ଆସିବେ । ରାତି ଅନେକ ହେଲଣି । କୁ' ଦିନ ଏତେ ଡେରି କରନ୍ତି ନାହିଁ । ଆଜ କ'ଣ ହେଇଚି କେଜାଣି ?···

ଏକା ନିହସରେ କଥାଗୁଡ଼ାକ କହିଗଲା ମାଧବୀ । ସେ ଆଉରି କେତେ କଥା ଖୋଜୁଥିଲା କହିଯିବା ପାଇଁ । ଅସରନ୍ତି କଥାର ଭଣ୍ଡାର ! ଅଧିକାରୀ କିଛି ଭାବିବା ପଇଁ ଯେମିତି ତର ନ ପାଆନ୍ତି । କଥା ପରେ କଥା କହି ସେ ରାତିର ଭାରି ମୁହୂର୍ତ୍ତିଗୁଡ଼ିକୁ ହାଲ୍‌କା କରିଦେବାକୁ ଚାହୁଁଥିଲା । କିନ୍ତୁ ମଧୁ ପଧାନର ଅସ୍ୱସ୍ତି ଆଉ ଅଧିକାରୀଙ୍କ ଅସହଜ ଭାବ ଲକ୍ଷ୍ୟକରି ଦବିଗଲା ।--ଅଗଣା ପଟକୁ ଚାଲନ୍ତୁ ଗୋଡ଼ ଧୋଇଦେବ, କହି ମାଧବୀ ନିଜେ ଚାଲି ଚାଲି ହେଇ ବାହାରକୁ ଗଲା ।

—ଗୋଡ଼ ଆଉ ଧୋଇବ କ'ଣ ? ଅଧିକାରୀ ସେଇ ଠିଆ ଠିଆରେ ମାଧବୀକି କଟମଟ କରି ଚାହିଁ କହିଲେ—କେତେ ଦିନ ହେଲା ଅଛୁ ତୁ ଏଠି ?

—ଛ' ସାତ ଦିନ ହେଲା ।

—କିନ୍ତୁ ଗାଁରୁ ତ ପଳେଇ ଆସିଲୁଣି ଅନେକ ଦିନ ହେଲା ! କୁଆଡ଼େ ଥିଲୁ ଆଜଯାଏଁ ?

ଅଗଣାପଟ ଦୁଆର ବନ୍ଧ ସେପାଖେ ନିର୍ଜୀବଙ୍କ ପରି ଠିଆ ହେଲା ମାଧବୀ । କ'ଣ ଉତ୍ତର ଦେବ ମନକୁ ମନ ଆକାଶ ପାତାଳ କେତେ କ'ଣ ଭାବିଗଲା । କିନ୍ତୁ କୂଳକିନାରା କିଛି ପାଇଲା ନାହିଁ ଖାଲି ମଧୁ ପଧାନ ଆଡ଼କୁ କଣେଇ କରି ଚାହିଁ କହିଲା—ମଉସା, ଟିକିଏ ଏଣିକି ଆସି ଶୁଣିଗଲ ।

--କ'ଣ ଆଉ ଶୁଣିବି ? ମଧୁ ପଧାନ ମାମଲତକାରିଆ ଗଳାରେ କଥା କେତେ ପଦ ଅର୍ଦ୍ଧସ୍ୱଗତ ଭାବରେ ଉଚ୍ଚାରଣ କରି ଚାଲି ଚାଲି ହେଇ ଅଗଣାପଟକୁ ଗଲା । ଅଧିକାରୀଙ୍କ ଆଡ଼ୁଆଳ ହେଲା ପରେ ଟିକିଏ ବାରଣ୍ଡା

ସେପଟକୁ ଘୁଞ୍ଚିଯାଇ ମାଧବୀ କହିଲା, ତମେ ଆସିଚ, ଭଲ ହେଇଚ ମଞ୍ଜୁସା, ମୁଁ ଜଣେ କାହାକୁ ଖୋଜୁଥିଲି ଗାଁକୁ ଯିବା ପାଇଁ । ସକାଳେ ଯିବ ଯଦି ମତେ ନେଇଯିବ ।

—ସକାଳ ପହରକୁ ରହିବା ପାଇଁ ଅଧିକାରୀଏ ମଙ୍ଗିଲେ ହିନା ! ଏଇ ବଡ଼ି ରାତି ଫେରିଯିବେ କି କ'ଣ କେଜାଣି···

—କାହିଁକି, ଏ ଘର କ'ଣ ଦୋଷ କଲା ମଞ୍ଜୁସା, ଏତେ ରାତିରେ କେହି ଏମିତି ଯାଏ ? ସତ କହୁଚି, ଉପେନନାଙ୍କର କିଛି ଦୋଷ ନାହିଁ । ସବୁ କଥା ଶୁଣିଲେ ବୁଝିବ, ମତେ କେତେ ବଡ଼ ନରକରୁ ଉଦ୍ଧାର କରିଚନ୍ତି ସେ ।

—ସାନବାବୁଙ୍କ କଥା କ'ଣ ମୁଁ ଜାଣେ ନାହିଁ ? ହେଲେ ତାଙ୍କ ବାପ ମାନିଲେ ହିନା ! କାନରେ ଯାହା ଶୁଣୁଥିଲେ ଶୁଣୁଥିଲେ, ଯେତେବେଳେ ନିଜେ ଇମିତି ଆଖିରେ ଦେଖିଲେ···

—କ'ଣ ଦେଖିଲେ ମଞ୍ଜୁସା ? ମୁଁ ଏ ଘରେ ଅଛି, ଏଇ ତ ? ଗାଁ ଲୋକ ହେଇ ଉପେନନା ମତେ ଟିକିଏ ଆଶ୍ରା ଦେଲେ । ଏତିକି କ'ଣ ପାଇବାର ହକ ନାହିଁ ମୋର ତାଙ୍କ ପାଖରୁ ?

—ପାଇବୁନି କାହିଁକି ? ହେଲେ କଥାଟା ବେଆଡ଼ଆ ହେଲା ଦେଖିବାକୁ । ମୁଁ କ'ଣ, ଦାଣ୍ଡର ଦଶ ଜଣ ବି କାଇଲି କରିବେ । ଏ ଘରେ ମାଇପି ଝିଅ ଆଉ କେହି ଜଣେ ଅଧେ ଥିଲେ, କାହାର କିଛି କହିବାକୁ ବାହାପ ହେଇ ନ ଥାନ୍ତା, ବୁଝିଲୁ···

—ମଧୁ ! ଘର ଭିତରୁ ପାଟି ଶୁଭେଇ ଡାକିଲେ ଅଧିକାରୀ ।
—ଆ, ଦାଣ୍ଡକୁ ଯିବା ଆ···

—ଏତେ ରାତିରେ କୁଆଡ଼େ ଯିବ ମଞ୍ଜୁସା ! ମାଧବୀ ପୁଣି ଘର ଭିତରକୁ ଧାଇଁ ଆସି, କାନ୍ଦ କାନ୍ଦ ଳୋରେ କହିଲା—ଯାହା ଦୋଷ ସବୁ ମୋର, ଅପଣେ ଆସନ୍ତୁ ଗୋଡ଼ ଧୋଇବେ ।

—ଏ ଘରେ ମୁଁ ଜଳ ସ୍ପର୍ଶ କରିବି ନାହିଁ । ଉପକୁ କହିଦେବୁ, ଆଜିଠୁ ମୋ ସହିତ ତା'ର କୌଣସି ସଂପର୍କ ନାହିଁ ।

—ମଉସା ! ମାଧବୀ ଲଥ୍ କରି ତଳେ ବସିପଡ଼ି ଅଧିକାରୀଙ୍କ ଦି' ଗୋଡ଼ ଜାବୁଡ଼ି ଧରିଲା, ଉପନନା ମତେ ଅମଡ଼ା ବାଟରୁ ଫେରେଇ-ଛନ୍ତି ମଉସା, ତାଙ୍କର କିଛି ଦୋଷ ନାହିଁ । ମୁଁ ଅଲକ୍ଷଣୀ, ତାଙ୍କର କଳଙ୍କ ହେଇଛି ।

—ମୁଁ ପିଲା ନୁହେଁ ମାଧବୀ, ଦୋଷ କାହାର ମୁଁ ସବୁ ଜାଣେ । ଗାଁରେ ମୁଣ୍ଡ ଟେକି ବାଟ ଚାଲିପାରୁ ନାହିଁ ମୁଁ—ଏପରି ପୁଅ ଥିଲେ କେତେ, ମଲେ କେତେ···କହି ଦୁଆର ଖୋଲି ଦାଣ୍ଡକୁ ବାହାରିଯିବା ବେଳକୁ ହଠାତ୍ ଉପେନ୍‌ର ଆବିର୍ଭାବ ।

—କିଏ ଗ୍ରେଟବାବୁ ? ଆନନ୍ଦରେ ପାଟିକରି ଉଠିଲା ମଧୁ ପଧାନ । ଏତେ ରାତିଯାଏ···

ଉପେନ୍ଦ୍ର ତଳେ ମୁଣ୍ଡ ଲଗେଇ ବାପାଙ୍କୁ ପ୍ରଣାମ କଲା, ତାପରେ ଟିକିଏ ବ୍ୟସ୍ତ ହେଲା ପରି ମାଧବୀ ଆଡ଼କୁ ଚାହିଁ କହିଲା—ଏଠି କାହିଁକି ଛିଡ଼ା ହେଇଚନ୍ତି ବାପା ? ଭିତର ପଟକୁ ଡାକି ବସେଇଲୁନି...

—ନା, ମୋର ବସିବା ଦରକାର ନାହିଁ, ମୁଁ ଚାଲିଲି । ଯାହା ଦେଖିବାକୁ ଆସିଥିଲି ସବୁ ତ ଦେଖିଲି, ଆଉ କ'ଣ ରହିଲା ଯେ !

—ବାପା ! ଆଶ୍ଚର୍ଯ୍ୟ-ସ୍ତବ୍ଧ ଗଳାରେ ଡାକିଲା ଉପେନ୍, ଆପଣ ସେ ଘରକୁ ଆଗେ ଚାଲନ୍ତୁ ତ ! କହି କାନ୍ଥ ଦେହକୁ ଡେରି ହେଇଥିବା ବଙ୍କୁଲି ବାଡ଼ି ଆଉ ଛତାଟାକୁ ଧରିଲା ଉପେନ୍ ।

—ଛାଡ଼, ଛାଡ଼, ମତେ ଯିବାକୁ ଦେ । କହି ଅଧିକାରୀ ଉପେନ୍ ହାତରୁ ବାଡ଼ି ଆଉ ଛତା ଛଡ଼େଇନେଇ ମଧୁ ପଧାନ ଆଡ଼କୁ ବଢ଼େଇ ଦେଲେ ।

—ମୋ ଅପରାଧ କ'ଣ ?

—ଅପରାଧ ତୋର ନୁହେଁ, ମୋର । ତତେ ପାଠ ପଢ଼େଇଛି ।

—ପାଠ ପଢ଼େଇବା ଆପଣଙ୍କର କର୍ତ୍ତବ୍ୟ ବାପା, ଅପରାଧ ନୁହେଁ ।

—ମୋ କର୍ତ୍ତବ୍ୟ ସମ୍ବନ୍ଧରେ ନୂଆ କରି ତୋଠୁ ଶିଖିବାକୁ ପଡ଼ିବ ନା ? ଅଧିକାରୀ ଗମ୍ଭୀର ହୋଇ କହିଲେ, ତୁ ଏତେ ବଡ଼ କୁଳାଙ୍ଗାର ହୋଇ ମୋର ସର୍ବନାଶ କରିବୁ, ଏ ଧାରଣା ମୋର ନ ଥିଲା ।

—ଆପଣ କିଛି ନ ବୁଝି…

ଦୁନିଆଟାଯାକ ସବୁ ବୁଝିସାରିବା ପରେ. ମତେ ଆଉ କ'ଣ ବୁଝେଇବା ବାକି ରହିଗଲା ତୋର ?;

—ମାଧବୀର କିଛି ଦୋଷ ନାହିଁ । ଉପେନ୍ ଉତ୍ତେଜିତ ହୋଇ କହିଲା ।

—କିନ୍ତୁ ମାଧବୀ ଠିକିକି ଆଗରୁ କହୁଛି, ତାରି ସବୁ ଦୋଷ ।

—ମୋରି ସବୁ ଦୋଷ ମଉସା, ମତେ ଆପଣ ଶାସ୍ତି ଦିଅନ୍ତୁ । ମାଧବୀ କଇଁ କଇଁ ହୋଇ କାନ୍ଦିଉଠିଲା ।

ଏପରି ଏକ ପରିସ୍ଥିତିର ସମ୍ମୁଖୀନ ହେବାକୁ ହେବ ଜୀବନରେ, ଉପେନ୍‌ର କଳ୍ପନା ବାହାରେ ଥିଲା । କାହାକୁ କ'ଣ କହି ଶାନ୍ତ କରିବ କିଛି ବୁଝିପାରିଲା ନାହିଁ । କୋହ-ଉଚ୍ଛ୍ୱସିତା ମାଧବୀର ଅସହାୟ ଅବସ୍ଥା କଥା ଭାବି ସେ ସଂପୂର୍ଣ୍ଣ ଦୁର୍ବଳ ହୋଇପଡ଼ିଲା । ବାପାଙ୍କୁ କୌଣସିମତେ ବୁଝାଇବାକୁ ହେବ, ନ ହେଲେ …

କିନ୍ତୁ ଅଧିକାରୀ ଏକ ନିର୍ଦ୍ଦିଷ୍ଟ ମନ ଆଉ କଠିନ ପ୍ରତିଜ୍ଞା ନେଇ ଆସିଥିଲେ ଗୋଟାଏ ଶେଷ ନିଷ୍ପତ୍ତି ପାଇଁ । ସତକୁ ସତ ଯଦି ଉପେନ୍

ମାଧବୀକୁ ତା ଘରେ ଆଶ୍ରା ଦେଇଥାଏ, ତାହେଲେ ସବୁଦିନ ପାଇଁ ସେ ଉପେନ୍‌ଠାରୁ ବିଚ୍ଛିନ୍ନ ହୋଇ ରହିବେ—ଏହା ହିଁ ଥିଲା ତାଙ୍କର ସିଦ୍ଧାନ୍ତ ।

ସେଇ ସିଦ୍ଧାନ୍ତ ହିଁ ସେ ଜଣେଇଦେଲେ ସ୍ପଷ୍ଟ ଗଳାରେ । କହିଲେ—ଶିକ୍ଷିତ ସନ୍ତାନର ଆଦର୍ଶ ନେଇ ତୁ ରହ କଟକରେ । ବାପ-ମାଙ୍କୁ ରୋଜଗାର କରି ପୋଷିବା ଦୂରେ ଥାଉ, ବଂଶର ମର୍ଯ୍ୟାଦା ପ୍ରତି କର୍ତ୍ତବ୍ୟ କରିବାରେ ତୁ ଯେତେବେଳେ ଏତେ ଦୂର ଦାୟିତ୍ୱହୀନ, ସେତେବେଳେ ମୁଁ ତୋ ସାଙ୍ଗେ ଯୁକ୍ତିତର୍କ କରି ଶାସନ କରିବାକୁ ଚାହେଁନା । ମୋର ଦୁଃଖ, ଗାଁର ଦଶ ଜଣ ତୋ ଚରିତ୍ର ସମ୍ବନ୍ଧରେ ଯାହା ଭାବିଥିଲେ ତୁ ତା ନୋହୁଁ । ଜୀବନର ଆଦର୍ଶ କେବଳ ନିଜ ଦୃଷ୍ଟିକୋଣରୁ ବିଚାର୍ଯ୍ୟ ନୁହେଁ । ସମାଜ ଅଛି, ସମାଜର ବିଚାରବୋଧକୁ ସମ୍ମାନ ଦେବାକୁ ହୁଏ । ମୋର ମନେହୁଏ ··ତୁ ନିଜକୁ ଏକ ଆଦର୍ଶ ମଣିଷ ଭାବରେ ଗଢ଼ିବାକୁ ଯାଇଁ ସମାଜଠାରୁ ବିଚ୍ଛିନ୍ନ ହୋଇପଡ଼ୁଛୁ । ସମସ୍ତଙ୍କୁ ଅଗ୍ରାହ୍ୟ କରି ନିଜର ମତବାଦ ଉପରେ ମଣିଷ ହୋଇ ଉଠିବାର ଗର୍ବକୁ ମୁଁ ସ୍ୱୀକାର କରିପାରିବିନି···
କହି ସେ ବାହାରକୁ ଯାଇଁ ରାସ୍ତା ଉପରେ ଠିଆହେଲେ ।

ମଧୁ ପଧାନ·ଧୀରେ ଧୀରେ ପାହାଚ ଓହ୍ଲାଇ ଯାଉ ଯାଉ ଉପେନ୍‌ର ହୋଇ କ'ଣ ଗୋଟାଏ ଅନୁରୋଧ କରିବାକୁ ଯେପରି ଟିକିଏ ଚେଷ୍ଟା କଲା । କିନ୍ତୁ ଅଧିକାରୀ କର୍ଣ୍ଣପାତ କଲେ ନାହିଁ ।

ଅଧିକାରୀ ଚାଲିଗଲେ ।

ଦୁଆର ମୁହଁରେ· ଉପେନ୍ ଶୂନ୍ୟ ଦୃଷ୍ଟିରେ କେତେବେଳ ଯାଏ ତଳ ରାସ୍ତା ଉପରକୁ ଚାହିଁ ଠିଆହେଲା, ତା ମାଧବୀ ବି ଦେଖିବାକୁ ନ ଥିଲା ।

ଅଧିକାରୀ ଉପେନ୍‌କୁ କଟୂକ୍ତି ଗଳାରେ ଭର୍ତ୍ସନା କରି କହୁଥିବା ବେଳେ ସେ ନିଃଶବ୍ଦରେ ଭିତର ପଟକୁ ଚାଲିଯାଇ ବାରଣ୍ଡାର ଗୋଟିଏ କଣକୁ ଭୁଇଁରେ ମୁହଁ ମାଡ଼ି କାନ୍ଦି କାନ୍ଦି ଶୋଇ ପଡ଼ିଥିଲା ।

ବଡ଼ ଭୋରୁ ଶୀତଳ କାକରର ହେମାଳ ଲାଗି ଯେତେବେଳେ ତା ନିଦ ଭାଙ୍ଗେ, ଦେଖେ, ପାଖ ଶୋଇଲା ଘରର ଦୁଆର ମେଲା । ପାହାନ୍ତା ପହରର ନେଳୀ ଫରଚ୍ଚ ଆଲୁଅ ଅନ୍ଧାରର ଧୂସରତା ଭିତରେ କ୍ରମଶଃ ସ୍ପଷ୍ଟ ହୋଇଆସୁଚି । ଧଡ଼ପଡ଼ ହୋଇ ସେ ଉଠି ଛିଡ଼ା ହେଲା । ଉପେନ୍ କ'ଣ ରାତିରେ କିଛି ନ ଖାଇ ଶୋଇଲା ?

ଧୀର ଧୀର ହୋଇ ସେ ଗଲା ଦାଣ୍ଡ ଘରକୁ । ଏ କ'ଣ, ଦୁଆରଟା ସେମିତି ଧର ଆଉଜା ହୋଇ ରହିଚି ? ତା ଛାତି ଥର ଉଠିଲା । ଘରେ କ'ଣ ଚୋର ପଶିଥିଲା ? ସେ ପୁଣି ଭିତରପଟ ଘରକୁ ଆସିଲା । କିନ୍ତୁ ଉପେନ୍ କାହିଁ ? ରାତିରେ କ'ଣ ସେ ଘରେ ନ ଥିଲା ? ବାପାଙ୍କୁ ଫେରେଇ ଆଣିବାକୁ ପଛେ ପଛେ ଯାଇଚି, ଆଉ ଫେରିନ ?

କିଛି ଭଲ ଲାଗିଲା ନାହିଁ । ଗୋଟାଏ ଅସ୍ୱସ୍ତିରେ ଛଟପଟ କଲା ମାଧବୀ । ଝାଡ଼ୁଣୀଟା ନେଇ ଘର ଓଲେଇବା ଆରମ୍ଭ କରିଦେଲା । କୂଅରୁ ପାଣି କାଢ଼ି ମୁହଁ ଧୋଇଲା । ଶେଷରେ ଘରକୁ ଯାଇ ବାସନ କାଢ଼ିଲା ମାଜିବା ପାଇଁ । କିନ୍ତୁ ବାସନ ତ ସଙ୍ଗୁଡ଼ି ହୋଇନି, ମାଜିବ କ'ଣ ? ହାଣ୍ଡିରେ ଭାତ ଶୁଖି ପଥର ପରି ଚଣ୍ଡା ହୋଇ ବସିଯାଇଚି । ଡାଲି କାଠୁଆ ହୋଇ ଛେଲା ବାନ୍ଧି ଗନ୍ଧଉଚି । ତରକାରୀ କେମିତି ଫୁରୁଫୁରିଆ ବାସନା ଛାଡ଼ୁଚି । ଡାଲି, ତରକାରୀ ହାଣ୍ଡି ନେଇ ସେ ନଳା ପାଖରେ ଅଜାଡ଼ ଦେଲା । ଥାଳି, ଗିଲାସ ମାଜିଲା; ଚୂଲିରେ ଚଉକା ଦେଲା । କୁଆଡ଼େ ଯାଇଚି ଉପେନ୍, ହୁଏତ ଏଇକ୍ଷଣି ଫେରିଆସିବ । ଆସିଲେ ଭଜାଭଜି କରି ପଖାଳ ଦେବ ଖାଇବାକୁ । ଭାତ ହାଣ୍ଡିରେ ପାଣି ଅଜାଡ଼ି ହାତରେ ମକଚି ଚଣ୍ଡା ଛଡ଼େଇଲା······ତାପରେ, ପଲମ ଘୋଡ଼େଇ ଅଗଣାକୁ ଆସିଲା ।

ସକାଳର କଅଁଳ ଖରା ସଜନାଗଛ ସନ୍ଧିରେ ଆସି ବାରଣ୍ଡା ଉପରେ ଚକ୍ ଚକ୍ କରୁଚି ।

ଉପେନ୍ ଗଲା କୁଆଡ଼େ ? ଇମିତି ତ ହଠାତ୍ କୁଆଡ଼େ ନ କହି ଯାଏନା ସେ । ମାଧବୀର ମନ କୁଆଡ଼େ ଲାଗିଲା ନାହିଁ । ଘରଆଡ଼ ତାକୁ ଖାଁ ଖାଁ ଗୋଡ଼େଇଲା ପରି ମନେ ହେଲା । ଅନ୍ୟମନସ୍କ ଭାବରେ ସେ

ଦାନ୍ତ ଘଷିଲା, ଗାଧୋଇଲା, ଲୁଗା ପାଲଟିଲା, ତାପରେ ଯାଇଁ ଠିଆ ହେଲା ଝରକା ପାଖରେ ଦାଣ୍ଡକୁ ଅନେଇ··· ।

ଦୁଶ୍ଚିନ୍ତାରେ ତା ମନ ଭାରି ହୋଇଆସିଲା । ତାକୁ ଘରେ ଆଶ୍ରା ଦେଇ ଉପେନ୍‌କୁ କେତେ କଥା ଶୁଣିବାକୁ ପଡ଼ିଲା ଅଧିକାରୀଙ୍କଠୁ । ଦାଣ୍ଡର ଦଶ ଜଣ ବି ଛି-ଛାକାର କରୁଚନ୍ତି । କିନ୍ତୁ ଉପେନ୍ ବା ତାକୁ ଜବରଦସ୍ତ ଘରେ ରଖିଚି କାହିଁକି ? କ'ଣ କରିବ ସେ ତାକୁ ନେଇ ? ଉଦ୍ଦେଶ୍ୟ କ'ଣ ? କି କାମରେ ବା ଲଗେଇବ ତାକୁ ?

ସେଦିନ ବ୍ରଜବଲ୍ଲଭ କଥା ପ୍ରସଙ୍ଗରେ ଉପେନ୍ଦ୍ରକୁ ସବୁ କହିଲେ । ମାଧବୀକୁ ଇମିତି ଘରେ ଆଣି ରଖିବା ସୁନ୍ଦର ହୋଇନି । ଗୋଟାଏ କିଛି ବ୍ୟବସ୍ଥା କରିବା ଉଚିତ । ହୁଏ ତ ସେଇ ଆୟୋଜନରେ ବ୍ୟସ୍ତ ରହିଚି ଉପେନ୍ । ଟିକିଏ ସମୟ ଲାଗିପାରେ । ହଠାତ୍ ଗୋଟାଏ କିଛି ସୁବିଧା କେମିତି ବା କରିହେବ ? ଉପେନ୍‌ର ଦୋଷ କ'ଣ ?

ମନକୁ ମନ ଭାବିଲା ମାଧବୀ ।

ତା ଲାଗି ଉପେନ୍ଦ୍ର ଆଜି ଅନେକ କିଛି ବିପଦ ଆଉ ଦୁର୍ନାମକୁ ହସି ହସି ବରଣ କରିଚି । ଅନେକ ଦାୟିତ୍ୱ ଆଉ ଅନେକ ଝଞ୍ଜାଳର ବୋଝ ନେଇ ସେ ତା ନିଷ୍କଳଙ୍କ ଜୀବନକୁ ଭାରାକ୍ରାନ୍ତ କରିଚି । ଏତେ ସବୁ କରିବା ପଛରେ ତାର କ'ଣ ଏକମାତ୍ର ଉଦ୍ଦେଶ୍ୟ କର୍ତ୍ତବ୍ୟ ? କେଉଁ ପାଶୋରା ଅତୀତରେ ସେ ମନେ ମନେ ତାକୁ ଭଲ ପାଇଥିଲା, ତାକୁ ପ୍ରଶ୍ରୟ ଦେଇଥିଲା ଅନ୍ତରଙ୍ଗ ହୋଇ ଉଠିବା ପାଇଁ, ତାକୁ ଆଶ୍ୱାସ ଦେଇଥିଲା ତା ଚଲା ବାଟର ସାଥୀ ହେବା ପାଇଁ; କିନ୍ତୁ ତା ତ ସମ୍ଭବ ହେଲା ନାହିଁ, ହେଲା ନାହିଁ ଅନେକ କିଛି ସାମାଜିକ ପ୍ରତିବନ୍ଧକ ଯୋଗୁଁ । ସେଥିରେ ଉପେନ୍ଦ୍ରର ତ ଦୋଷ କିଛି ନ ଥିଲା । ଦୋଷ ଥିବା କଥା ଅନ୍ତତଃ ତା ତରଫରୁ ସେ ତ କେବେ ଭୁଲ୍‌ରେ ବି ଥରେ ଭାବି ନାହିଁ । ତେବେ ଉପେନ୍ଦ୍ର ବା କାହିଁକି ଅତୀତର ସେଇ ନିଷ୍ଫଳ କାମନାର କେତେକ ତୁଚ୍ଛ ସ୍ମୃତିକୁ ମନେରଖି ଆଜି ଏତେ ବଡ଼ ବିପଦ ବରଣ କରି ନିଜକୁ ଦୁନିଆ ଆଖିରେ ଛୋଟ କରିବାକୁ ଯାଉଚି ? ନା, ନା,

ଉପେନ୍ଦ୍ରକୁ ସେ ସ୍ଥୋଟ ହେବାକୁ ଦବ ନାହିଁ । ଉପେନ୍ଦ୍ରର ବ୍ୟର୍ଥତା ସେ ବଞ୍ଚି ଥାଉ ଥାଉ ଦେଖିପାରିବ ନାହିଁ । ମାଧବୀ ଭାବିଲା, ତା ପରି ଏକ ନଷ୍ଟଜୀବନ ପାଇଁ ଉପେନ୍ଦ୍ର ବରବାଦ ହେବ ରେ କୌଣସି ଯଥାର୍ଥତା ନାହିଁ । ତା ପରି ଏକ ଭ୍ରଷ୍ଟଚରିତ୍ରକୁ ସମାଜରେ ପ୍ରତିଷ୍ଠା କରିବା ପ୍ରତିଜ୍ଞା ଏକ ଜିଦ୍‌ଖୋର ମନର ଅପରିଣାମଦର୍ଶିତା ଛଡ଼ା ଆଉ କିଛି ନୁହେଁ । ଉପେନ୍ଦ୍ରକୁ ସେ ଏ ଜିଦ୍‌ରୁ ନିବୃତ୍ତ କରାଇବ । ବୁଝେଇଦବ ସେ ଉପେନ୍ଦ୍ରକୁ—ପୋଡ଼ା ଅଙ୍ଗାର ପରି ଯୁଁ ଜୀବନ ବ୍ୟର୍ଥ ହୋଇଯାଇଚି, ତାକୁ ପୁଣି ଉଜ୍ଜ୍ୱଳ ଶୁଭ୍ର କରି ସୃଷ୍ଟିର କି ମହତ୍ତ୍ୱ ଉଦ୍ଦେଶ୍ୟ ବା ସାଧିତ ହେବ ? କାହା ପୂଜାରେ ଲାଗିବ ମଳିନ ଝରା ଫୁଲର ଛିନ୍ନ ଦଳ ?

ଭାବନାର ଓଲଟ-ପାଲଟ ଭିତରେ ଗୋଟାଏ ଦୀର୍ଘଶ୍ୱାସ ବାହାରି ଆସିଲା ମାଧବୀର ।

ଏତିକବେଳେ ଗୋଟାଏ ରିକ୍‌ସାରେ ବ୍ରଜକୁ ସାଙ୍ଗରେ ନେଇ ଆସି ପହଞ୍ଚିଲା ଉପେନ୍ ।

ଝରକା ପାଖରୁ ଧାଇଁ ଯାଇ ବାହାର ପଟ ଘରର କବାଟ ଖୋଲିଦେଲା ମାଧବୀ, କହିଲା—ମତେ ନ ଡାକି କାଲି ରାତିରେ ଗଲ କୁଆଡ଼େ ?

କିଛି ଉତ୍ତର ନ ଦେଇ ଉପେନ୍ଦ୍ର ଗମ୍ଭୀର ହୋଇ ଘର ଭିତରକୁ ଆସି ସିଧା ଗଲା ରୋଷେଇ ଘର ପାଖକୁ । କହିଲା, ସବୁ କୈଫିୟତ ତତେ ପରେ ଦେବି, ଆଗ ଆମ ବାବୁଙ୍କ ପାଇଁ ଚା' ଟିକିଏ କର । ଆଉ ଚୁଡ଼ା ଯଦି ଅଛି···

—ହଁ, ଅଛି ସବୁ । ମୁଁ ଭାଜି ଦଉଚି । ତମେ ଗାଧୋଇ ପଡ଼ । ଖୁସିର ଝଲକରେ ବିଦ୍ୟୁତ୍ ପରି ଚଞ୍ଚଳ ହୋଇଉଠିଲା ମାଧବୀ । ସବୁ ମନସ୍ତାପ···ସବୁ ଦୁଶ୍ଚିନ୍ତା ସେ ଭୁଲିଗଲା ମୁହୂର୍ତ୍ତକରେ । ତାର ଯେମିତି ବହୁତ କାମ, ବହୁତ ଜଞ୍ଜାଳ, ବହୁତ ଝିନ୍‌ଝଟ ।

ଶୋଇଲା ଘର ଭିତରୁ ଚୂଡ଼ା ବାଉଁଶିଆ ନେଇ ଚୂଲି ମୁଣ୍ଡଆଡ଼େ ଯାଉ ଯାଉ ମାଧବୀ ଥରେ ବ୍ରଜ ଆଡ଼େ ବ କଟେଇ କରି ଚାହିଁଲା । ପଚାରିଲା, କାଲି ରାତିରେ କ'ଣ ଆମରି ଘରେ ଯାଇ ଥିଲେ ଉପେନ୍ନା ?

—ଆମ ଘରେ ନୁହେଁ, ମୋ ପାଖରେ । ଅଲିସା ବଜାରରେ ଗୋଟାଏ ମିଟିଂ ଥିଲା ଗୃହଳଥିଲା ସାରା ରାତି ଧରି । ସେଇଠୁ ସିଧା ଦୁହେଁ ଏଠିକି ଆସୁଚୁ ।

—ଏତେ ରାତିରେ ତମେ ପୁଣି ଗଲ ମିଟିଂ ପାଖକୁ ? ମାଧବୀ ରନ୍ଧାଘର ବାରଣ୍ଡା ଉପରେ ବସି ଚୂଡ଼ାରୁ ଧାନ ବାଛୁ ବାଛୁ ପଚାରିଲା ।

—ବାପା ଯେମିତି ଅପମାନ ଦେଇଗଲେ, ଉପେନ୍ଦ୍ର ଥଙ୍ଗ ଥଙ୍ଗ ହେଇ କହିଲା—ମୋର ଆଉ ମନ ହେଲା ନାହିଁ ତତେ ବସେଇ ସେସବୁ ଆଲୋଚନା କରିବା ପାଇଁ । କଥା ଘା'ରେ ଚୂନ ଦେଲା ପରି ହେଇଥାନ୍ତା···କହି ଗାମୁଛା ନେଇ କୂଅ ପାଖକୁ ଗାଧୋଇବାକୁ ଗଲା ଉପେନ୍ ।

—କାହିଁ, ତୁ ତ ମତେ ବାପାଙ୍କ ଆସିବା କଥା କହିଲୁ ନାହିଁ କିଛି ? ଅଗଣା ମଝିରେ ଚାଲି ବୁଲି କରୁ କରୁ ପଚାରିଲା ବ୍ରଜ ।

—କ'ଣ ଆଉ କହିଥାନ୍ତି ? ପୁଅ ପାଖକୁ ବାପର ଆସିବା ଟା ଚମକପ୍ରଦ ନୁହେଁ, କି ପୁଅର ଭୁଲ ବାଛି ଆକଟି କରି ଦୁ'ପଦ ଗାଳି ଦେଇ ଅଭିମାନ କରି ଘରେ ନ ଖାଇ ଫେରିଯିବା ଦୃଶ୍ୟ ସାମାଜିକ ଇତିହାସରେ ଏଇଟା ସର୍ବପ୍ରଥମ ବି ନୁହେଁ । ମାଧବୀ ମୋ ପାଖରେ ଅଛି···ଏ ଦୃଶ୍ୟଟା ତୁ ବି ତ ସେଦିନ ପସନ୍ଦ କରି ନ ଥିଲୁ, ଆଉ ବାପା, ତାଙ୍କର ପସନ୍ଦ ଯୁଁଠି ନିର୍ଭର କରେ ଗାଁ ଲୋକଙ୍କ ମତାମତ ଉପରେ, ସମାଜର ଦଶ ଜଣଙ୍କର ମନ୍ତବ୍ୟ ଉପରେ, ସେଠି, ରାତି ଅଧରେ ହଠାତ୍ ମୋ କୁକର୍ମକୁ ତଦାରଖ କରିବାକୁ ଗୁଇନ୍ଦା ପୁଲିସ ପରି ଆବିର୍ଭାବ ହେଇ, "ଉପେନ୍—ମାଧବୀ" ଉପାଖ୍ୟାନର ପ୍ରତ୍ୟକ୍ଷ ପ୍ରମାଣ ପାଇଲା ପରେ,

ସେପରି ହଠାତ୍ ପଦ ପ୍ରସ୍ଥାନ କରି ନ ଥାନ୍ତେ କେତେଗୁଡ଼ାଏ ଗାଳି ଗୁଲଜର ଗରମାଗରମ ବକ୍ତୃତା ଦେଇ, ତା ହେଲେ ମୋ ଜୀବନର ସାର୍ଥକ ନାଟକର ଦୃଶ୍ୟଗୁଡ଼ିକୁ ଗୋଟିକ ପରେ ଗୋଟିଏ ଭୁ ବା ଉପଭୋଗ କରୁଥାନ୍ତୁ କେମିତି ?

ଠୋ ଠୋ କରି ହସିଉଠିଲା ବ୍ରଜ । କହିଲା—ଏତେ ବଡ଼ ଏକ ସାଂଘାତିକ ଘଟଣାକୁ କଥାର ମାରପେଞ୍ଚରେ ଏପରି ଭାବରେ ହାଲ୍କା କରିଦେବାରେ ଅବଶ୍ୟ ତୋର ବାହାଦୁରି ଅଛି । କିନ୍ତୁ ଗୋଟାଏ କଥା ମୁଁ ବି ଜାଣିବାକୁ ଚାହୁଁଛି—ଏସବୁ ପରିସ୍ଥିତି ସହିତ ମାଧବୀ ନିଜକୁ ଅଭ୍ୟସ୍ତ କରି ନେଇପାରିବେ ତ ?

—ସେଇ କଥାଟା ମାଧବୀଙ୍କ ପାଖରୁ ବୁଝିବାକୁ ତ ତାଙ୍କୁ ଆଣିଛି ଏଠିକି । କହି ଉପେନ୍ଦ୍ର ବାଲ୍‌ଟିରେ ପାଣି କାଢ଼ି ମୁଣ୍ଡରେ ଢାଳି ଢାଳି ହୋଇ ଅଜାଡ଼ି ଗାଧୋଇବାରେ ବ୍ୟସ୍ତ ହୋଇଉଠିଲା ।

ଏଇ ଅବକାଶରେ ମାଧବୀ ଚଣ୍ଡୀ ଭାଜି, ନଡ଼ିଆ କୋରି ଦି'ଟା ପ୍ଲେଟରେ ସଜାଡ଼ି ଶୋଇବା ଘରକୁ ନେଇଆସିଲା ।

ବ୍ରଜ ଗୋଟାଏ ବହିର ପୃଷ୍ଠା ଓଲଟାଇ ଦେଖି ଦେଖି ଉପେନ୍ଦ୍ରର କଥାଟିକୁ ଗମ୍ଭୀର ମନଯୋଗ ସହିତ ଆଲୋଚନା କରୁଥିଲା···ଆଜି ଭାବୁଥିଲା ମାଧବୀଙ୍କ ଏସବୁ ବିଷୟରେ ଟିକିନିଖି ପ୍ରଶ୍ନ କରି ଉତ୍ତର ଆଦାୟ କରିବା ତାର କ'ଣ ଉଚିତ ହେବ ?

'ସ୍ୱାଧୀନ' କାଗଜର ଜିପ୍ ଆସି ଠିଆ ହେଲା ଦୁଆର ମୁହଁରେ । ଚା' କପ୍ ରଖିଦେଇ ବ୍ରଜ ଉଠିଗଲା ଦାଣ୍ଡକୁ । ଡ୍ରାଇଭର ହାତରେ ଚିଠି ଦେଇଚନ୍ତି ସମ୍ପାଦକ ରଙ୍ଗନାଥବାବୁ । କହିଛନ୍ତି, ଉପେନ୍ଦ୍ରଙ୍କୁ ନେଇଯିବା ପାଇଁ । ସେଇ କଥା ଜଣେଇଲା କପିଲ ସ୍ୱାଇଁ । ମୁଦା ଖାମର ଚିଠି ନେଇ ଘର ଭିତରକୁ ଆସିଲା ବ୍ରଜ ।

ବିଶେଷ କିଛି ଲେଖା ନାହିଁ ଚିଠିରେ । ସମ୍ପାଦକ ଡକେଇ ପଠେଇଚନ୍ତି—ଦୁଇଟି ଧାଡ଼ିରେ ପ୍ରେସ୍ ବନ୍ଦ ରହିଥିବାର ଦୁଃସମ୍ବାଦ ଜଣେଇ । କାମକୁ କେହି ଆସି ନାହାନ୍ତି ସକାଳୁ । ଗୋଟାଏ କିଛି ବ୍ୟବସ୍ଥା କରିବା ପାଇଁ ଆଲୋଚନା ଦରକାର । ଉପେନ୍‌ର ଉପସ୍ଥିତି ଏକାନ୍ତ ପ୍ରୟୋଜନ ।

ଚିଠିଟା ପଢ଼ିସାରି ବ୍ରଜ ଆଡ଼କୁ ବଢ଼େଇଦେଲା ଉପେନ୍ । କହିଲା—ତୋ ମତ କ'ଣ ? ମୁଁ ଯିବା ଉଚିତ ସେ ଆଲୋଚନା ଭିତରକୁ ?

—କ୍ଷତି କ'ଣ ? ଜାଣିବା ତ ଉଚିତ, ରଙ୍ଗନାଥବାବୁ କି ବ୍ୟବସ୍ଥା ଗ୍ରହଣ କରିବାକୁ ଠିକ୍ କରୁଚନ୍ତି !

ଉପେନ୍ ଟିକିଏ ଚିନ୍ତା କଲା ପରି କ'ଣ ଭାବିଲା । ତାପରେ କହିଲା, ତୁ ଏଇଠି ଥା; ମୁଁ ଯାଇଁ ଦେଖେ । ଯଦି ଦରକାର ପଡ଼େ ତତେ ହୁଏତ ଯିବାକୁ ପଡ଼ିବ ।

—ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ମିଳାମିଶାର ପ୍ରଶ୍ନ କିଛି ନାହିଁ । ବ୍ରଜ ତାଗିଦ କରିଦେଲା ।

ଉପେନ୍ ଠିକ୍ଏ ହସିଲା । ଦାବୀ ପୂରଣ ସମ୍ବନ୍ଧରେ ଲଢ଼େଇ କରିବୁ ତ ଭୁ । ଗୋଟାଏ ଚଠା ପ୍ରସ୍ତୁତ କରି ରଖ । କହି କାମିଜଟା ପିନ୍ଧି ଘରଭିତରୁ ବାହାରି ଯାଉ ଯାଉ କହିଲା—ବଡ଼ଲୋକ ଘର ପିଲା ହଉଚ ଭୁକ । ଯେତେବେଳେ ଗରିବ ମଜ୍‌ଦୁରଙ୍କ ନେତୃତ୍ୱ ଗ୍ରହଣ କଲଣି, ବଗଡ଼ା ଗୁଣ୍ଡଳର ଭାତ ଆଉ ପାଣିଆ ହରଡ଼ ଡାଲିର ସ୍ୱାଦ ସହିତ ଆଜଠୁ ଠିକ୍ଏ ଅଭ୍ୟସ୍ତ ହେଉ । ବୁଝିଲୁ ମାଧବୀ, ବୃଜ ଆଜ ଏଇଠି ଖାଇବ, ରନ୍ଧାବଢ଼ା କର ।

ଗୋଟାଏ ମୋଟା ବହି ହାତରେ ଧରି ଉପେନ୍ ଯାଇଁ ଗାଡ଼ିରେ ବସିଲା ।

ପ୍ରେସ୍‌ରେ ପଦାର୍ପଣ ଉପେନ୍ ଦେଖେ ବିରାଟ ହଲ୍ ଘର ନିର୍ଜ୍ଜନ-ନିସ୍ତବ୍ଧ । ସମସ୍ତ ମେସିନ୍, ଆସବାବପତ୍ର ଯେପରି ଆରାମରେ ହାଇ ମାରି ଢୁଲଉଛନ୍ତି । ଯୁ' କର୍ମଚଞ୍ଚଳତା ପ୍ରତିଦିନର ମୁହୂର୍ତ୍ତଗୁଡ଼ିକୁ ଏଠି ପ୍ରାଣବନ୍ତ କରି ରଖେ, ତା ଯେପରି କୁଆଡ଼େ ନିଶ୍ଚିହ୍ନ ହୋଇଯାଇଚି ।

ଉପର ସିଡ଼ି ଉଠି ସେ ଅଫିସ ଘରଭିତରକୁ ଗଲା । କରାଣୀ ଜଣେ କେତେ, ସବ୍-ଏଡ଼ିଟର ତିନି ଜଣ, ପ୍ରୁଫ ରିଡ଼ର ପାଞ୍ଚ ଜଣ ଚୁପ୍ ଚାପ୍ ବସି ସମ୍ପାଦକଙ୍କୁ ଅପେକ୍ଷା କରୁଚନ୍ତି । କାହା ମୁହଁରେ କଥା ନାହିଁ । ସମସ୍ତେ ଯେପରି ଗୋଟାଏ ଅପ୍ରତ୍ୟାଶିତ ଦୁର୍ଘଟଣାର ସମ୍ମୁଖୀନ ହୋଇଚନ୍ତି ।

ପ୍ରେସ କର୍ମଚାରୀଙ୍କ ଭିତରେ ଏପରି ଆଶ୍ଚର୍ଯ୍ୟ ସଂଗଠନର ଐକ୍ୟ ସମଗ୍ର ସହରରେ ହୈ-ଚୈ ସୃଷ୍ଟି କରି ଦେଇପାରେ—ଏ ଧାରଣା ଆଗରୁ ନ ଥିଲା ଉପେନ୍‌ର । ସେ ଅନୁଭବ କଲା, ବହୁଦିନର ପୁଞ୍ଜୀଭୂତ ଖେଦ ଆଉ ଅସନ୍ତୋଷ ତାର ନିର୍ଦ୍ଦିଷ୍ଟ ସୀମାରେଖା ଅତିକ୍ରମ କରି ନ ଥିଲେ ଜଳି ଉଠିବାର ଏ ଦୀପ୍ତ ଶିଖା କେବେହେଲେ ଏତେ ପ୍ରବଳ ଆଉ ଭୟଙ୍କର ରୂପ ଧାରଣ କରି ନ ଥାନ୍ତା । ଏ ସଂସ୍ଥା ସହିତ ଅଳ୍ପ କେତେ ଦିନର କର୍ମ-ଜୀବନର ସମ୍ବନ୍ଧ ସ୍ଥାପିତ ହୋଇଥିଲେ ମଧ୍ୟ ଶିଟ୍‌ର ଚେୟାରମ୍ୟାନ୍ ଦାବି ତାକୁ ବି ଉଦ୍ଦୀପ୍ତ କରିବାରେ କିଛି କମ୍ ଶକ୍ତିମାନ୍ ନୁହେଁ ।

କାନ୍ଥରେ କଲିଂ ବେଲ୍ ବାଜିଉଠିଲା । କିନ୍ତୁ ଯିବ କିଏ ? ଅଫିସ୍ ବଏ ଚାରି-ପାଞ୍ଚ ଜଣ ମଧ୍ୟ ଧର୍ମଘଟରେ ଯୋଗ ଦେଇଛନ୍ତି । ସମ୍ପାଦକଙ୍କୁ ଶୁଣିବାକୁ ହେଲେ ଉପସ୍ଥିତ କର୍ମଚାରୀଙ୍କ ଭିତରୁ କାହାକୁ ଉଠି ଭିତରକୁ ଯିବାକୁ ହେବ । କିନ୍ତୁ କେହି ଜଣେ ଉଠି ଛିଡ଼ା ହେବାର ଲକ୍ଷ୍ୟ କଲା ନାହିଁ ଉପେନ୍ । ସେ ବୁଝିଲା, ଏମାନେ ସବୁ ଶୃଙ୍ଖଳା ମାନି ଆସିଥିଲେ ମଧ୍ୟ କାମ କରିବାର ମନୋବୃତ୍ତି ନାହିଁ ।

କିଛି ସମୟ ପରେ ଦ୍ୱିତୀୟ ଥର ପାଇଁ ପୁଣି ବେଲ୍ ବାଜିଲା । ଆଉ ତା ସାଙ୍ଗେ ସାଙ୍ଗେ ଖାସ୍ କାମରାର ପରଦା ଆଡ଼େଇ ଦେଇ ରଙ୍ଗନାଥବାବୁ ନିଜେ ଅଫିସ ଘର ଆଡ଼କୁ ଆସିବାର ଦେଖିଲା ଉପେନ୍ । ସେ ଟିକିଏ ପଛକୁ ଘୁଞ୍ଚି ଠିଆ ହେବାକୁ ଚେଷ୍ଟା କରୁଥିଲା—ହଠାତ୍ ଚମକି ଉଠିଲା ପରି ରଙ୍ଗନାଥବାବୁ କହିଲେ—କେତେବେଳୁ ଆସିଲଣି ଉପେନ୍‌ବାବୁ !··· ଡ୍ରାଇଭର ମତେ ଖବର ଦେଲାନି କାହିଁକି ? ହଉ ଆସ···ତମ ସାଙ୍ଗରେ ଇ ମୋର୍ ବିଶେଷ କଥା ଅଛି । କହି ଦୁଆର ମୁହଁରୁ ଫେରିଗଲେ ପୁଣି ଅଫିସ ଘର ଭିତରକୁ ।

—ପଛେ ପଛେ ଗଲା ଉପେନ୍ ।

କୁର୍ଚିରେ ବସିବାକୁ ସଙ୍କେତ ଦେଇ ପଚାରିଲେ ରଙ୍ଗନାଥବାବୁ—ହଠାତ୍ ଏପରି ଗୋଟାଏ ପରିସ୍ଥିତି ହେଲା, କ'ଣ କରାଯିବ ?

—କିଛି ଉତ୍ତର ନ ଦେଇ ଉପେନ୍ ଚୁପ୍ କରି ବସିରହିଲା ।

—କାଲି ସନ୍ଧ୍ୟାରେ ପ୍ରେସ୍ କର୍ମଚାରୀଙ୍କ ପଟୁଆର ପାଖରେ ଥିଲ ତମେ ?

—ହଁ ।

—ପଟୁଆରର ଅଗ୍ରଣୀ ହୋଇଥିଲ ।

—ନା, ମୁଁ ସଭା ଶୁଣିବାକୁ ଯାଇଥିଲି ।

—ଟିକିଏ ଆଗରୁ କହିଲ ଯେ ପଟୁଆର ପାଖରେ ଥିଲ ?

—ପଟୁଆର ସେଠି ପହଞ୍ଚିବା ପରେ···ମୁଁ ପାଖକୁ ଗଲି ।

—ହୁଁ ! ରଙ୍ଗନାଥବାବୁ ଗମ୍ଭୀର ହୋଇ କହିଲେ, ଏପରି ଗୋଟାଏ ପଟୁଆର ସେମାନେ ବାହାର କରିବେ, ଏକଥା ମତେ କହିଲ ନାହିଁ କାହିଁକି ?

—ମୁଁ ତ କିଛି ଜାଣି ନ ଥିଲି ।

—କିନ୍ତୁ ମୋ ପାଖରେ ଯା' ଖବର ରହିଛି, ସେଥିରୁ ମୁଁ ନିର୍ଭୁଲ ଭାବରେ ଜାଣେ, ପ୍ରେସ୍ କର୍ମଚାରୀଙ୍କ ଏ ବିଦ୍ରୋହ ଅନେକ ଦିନର ପ୍ରସ୍ତୁତିର ସୁଚିନ୍ତିତ କାର୍ଯ୍ୟାନୁଷ୍ଠାନ । ଆଉ ସେ ପ୍ରସ୍ତୁତି ପଛରେ ତୁମର ପ୍ରଚ୍ଛନ୍ନ ସମର୍ଥନ ଅଛି ।

—ପ୍ରଚ୍ଛନ୍ନ ନୁହେଁ, ପ୍ରକାଶ୍ୟ । ଉପେନ୍ ନିର୍ଭୀକ ଗଳାରେ କହିଲା ।

—ତା'ହେଲେ ମତେ କହିବା କ'ଣ ଉଚିତ ନ ଥିଲା ?

—ଉଚିତ-ଅନୁଚିତ କଥା ନୁହେଁ; କାରଣ ମୋର ସମର୍ଥନ ଥିବା ଅର୍ଥ ଏ ନୁହେଁ•• ଦୁଃଖ-ଅନାଟନର ଅଭିଯୋଗଟା ମୋର । ଅଭିଯୋଗ ଯାହାବି, ତା'ର ହିଁ କହିବା ଉଚିତ ଆପଣଙ୍କ ପାଖରେ ।

—ଓ, ତୁମେ ବଡ଼ ଲଜିକାଲ ଦେଖୁଛି । ଅଚ୍ଛା, କର୍ମଚାରୀଙ୍କ ଅଭିଯୋଗକୁ ତୁମେ ସମର୍ଥନ କର । କହିପାରିବ, ସେମାନଙ୍କର ଅଭିଯୋଗ କ'ଣ ?

—ତା ସେଇମାନେ ହିଁ କହିବେ ।

—ସେମାନେ ଯଦି କହିବେ , ତୁମେ ତାଙ୍କ ନେତୃତ୍ୱ ନେଇ ସାହିତ୍ୟ ସମାଜ ଭବନ ପାଖରୁ ଗୃହମାଚୌକ ଛକ ପାଖକୁ ପଟୁଆର ଆଗରେ ଆସିଲ କାହିଁକି ?

—ସେ କୈଫିୟତ ଦବାର ବେଳ ଏପର୍ଯ୍ୟନ୍ତ ଆସି ନାହିଁ । ଉପେନ୍ଦ୍ର ଦୃଢ଼ ଗଳାରେ କହିଲା ।

— କେତେବେଳେ ଆସିବ, ଶୁଣିପାରେ ?

—ମୁଁ ସେମାନଙ୍କର ସମର୍ଥକ, ଧର୍ମଘଟର ନିୟାମକ ନୁହେଁ ।

—କାହା ନିର୍ଦ୍ଦେଶରେ ତେବେ ଏସବୁ ହେଉଛି ?

—ତା' ମୁଁ ଏପର୍ଯ୍ୟନ୍ତ ଜାଣେନା ।

—ଜାଣ ନା ? ରଙ୍ଗନାଥବାବୁ ଦର୍ପ ଗମ୍ଭୀର ସ୍ୱରରେ ପଚାରିଲେ—ଜାଣ ନା ଯେଉଁ କାଲି ସନ୍ଧ୍ୟାରେ ଅଲିସା ବଜାରରେ ଯୁ' ମିଟିଂ ହେଇଥିଲା, ସେଠି ଭାଷଣ ଦେଉଥିଲ କାହିଁକି ?

—ଭାଷଣଟା ମୋ ସହାନୁଭୂତିର କଥା ।

—କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହଉଛି···ରଙ୍ଗନାଥବାବୁ ଟିକିଏ ରହିଯାଇ କହିଲେ···ମୋ ପାଖେ ଚାକିରି କରି, ମୋ ପଇସାରେ ଭରଣପୋଷଣ ହୋଇ···ମୋ କର୍ମଚାରୀଙ୍କ ପ୍ରତି ହଠାତ୍ ତମେ ଏମିତି ସହାନୁଭୂତିଶୀଳ ହେଇ ଉଠିବାର କାରଣ କ'ଣ ?

—କାରଣ ଶ୍ରେଣୀଗତ ।

—ମାନେ ?

—ମାନେ, ସେମାନେ ଯୁ' କର୍ମଚାରୀ ମୁଁ ସେଇ କର୍ମଚାରୀ । ମୁଁ ମାଲିକ ନୁହେଁ ।

—ଓ, ଏଇ କେତେଟା ଦିନ ଭିତରେ ପ୍ରେସ୍ ଆଉ କାଗଜର ମାଲିକ ନ ହେଇ ପାରିଥିବାର ଅବଶୋଷ ବି ତୁମ ମନରେ ?

—ଭୁଲ୍ ବୁଝୁଛନ୍ତି ଆପଣ ? ମାଲିକ ନ ହେଇ ପାରିବାର ଅବଶୋଷ ନୁହେଁ···କର୍ମଚାରୀର ବି ମଣିଷ ହିସାବରେ ବଞ୍ଚିବାର ଦାବୀ ଅଛି···ଏଇ ଦାବୀକୁ ମାଲିକ ସମ୍ମାନ ନ ଦେଉଥିବା ଯୋଗୁଁ ଅବଶୋଷ ।

—ଏ ଗୋଟାଏ ଅବାନ୍ତର ଅଭିଯୋଗ । ଟିକିଏ ଉତ୍ତେଜିତ ଗଳାରେ କହିଲେ ରଙ୍ଗନାଥବାବୁ···ସେମାନଙ୍କର ମଣିଷ ହିସାବରେ ବଞ୍ଚିବାର ଦାବୀଟା କ'ଣ ମୋ ପାଖରେ କହିପାରିବ ?

—ଯେଉଁମାନେ ଅମଣିଷ ଭାବରେ ନିର୍ଯ୍ୟାତିତ ହୋଇ ଛଟପଟ କରୁଚନ୍ତି, ସେଇମାନଙ୍କ ମୁହଁରୁ ଆପଣ ଶୁଣନ୍ତୁ ଦାବୀ ସମ୍ବନ୍ଧରେ ।

—ନା, ନା, ମୁଁ ସେମାନଙ୍କ ସହିତ କୌଣସି ଆଲୋଚନା କରିବାକୁ ଚାହେଁନା । ସେତେବେଳେ ଚିଡ଼ିଗଲେ ରଙ୍ଗନାଥବାବୁ । କହିଲେ—ତମର ଯଦି କିଛି ଅଛି କହିପାର ।

—ମୋର କିଛି ନାହିଁ । ଉପେନ୍ଦ୍ର ସ୍ଥିର ଗଳାରେ କହିଲା ।

—ତା'ହେଲେ ତୁମେ ଆଜ ଯାଅ ବ୍ରହ୍ମପୁର । କମ୍ପୋଜିଟର ଆଉ ମେସିନ୍‌ମ୍ୟାନ ନେଇ ଚାଲିଆସିବ ।

—ତା ମୁଁ ପାରିବି ନାହିଁ । ଉପେନ୍ ଉଠି ଛିଡ଼ା ହୋଇ ପଡ଼ିଲା ।

—ପାରିବନି ମାନେ ?

—ମାନେ, ଅପରିଣ ଜଣଙ୍କ ଖାଇବା ହାଣ୍ଡିରେ ଧୂଳି ଦେଇ ପାରିବିନି ମୁଁ ।

—ତା ହେଲେ, ତୁମ ସମ୍ବନ୍ଧରେ ଯାହାସବୁ ଶୁଣିଛି ଠିକ୍ ?

—ଆପଣ କ'ଣ ଶୁଣିଛନ୍ତି ଆପଣ ଜାଣନ୍ତି । ଠିକ୍ କି ଭୁଲ ତା ଆପଣ ହିଁ ବିଚାର କରିବେ । ଭଲମନ୍ଦ କରିବାର ସ୍ୱାଧୀନତା ଏକାନ୍ତ ହିଁ ମୋର, ତା ଆପଣଙ୍କ ମତାମତଦ୍ୱାରା ଅଦଳ ବଦଳ ହୋଇ ନ ପାରେ ।

—ତୁମର ଏପରି ସ୍ୱେଚ୍ଛାଚାରିତାର ଆଭାଷ ଆଗରୁ ପାଇଥିଲେ ମୁଁ ତୁମକୁ କଦାପି ଏଠି ରଖି ନ ଥାନ୍ତି ।

—ଏବେ ବି ଆପଣ ମତେ ନ ରଖିବାର ସିଦ୍ଧାନ୍ତ ଜଣାଇପାରନ୍ତି । ଏଇ ସାମାନ୍ୟ କେତେଟା ଦିନ ଭିତରେ ମୁଁ,ଆପଣଙ୍କ ଅମାର ଲୁଟି ନେଇ ନାହିଁ ।

—ମୁଁ ଜାଣେ, ତୁମେ ସବୁ ଯୁ' କର୍ମ'ରେ ଲିପ୍ତ ରହିଛ···ସେସବୁ ଏଠି ରହି କରିବାରେ ସୁବିଧା ହେବ ନାହିଁ ।

—କି କର୍ମ'ରେ ଲିପ୍ତ ରହିଛି ମୁଁ ? ଉପେନ୍ ସ୍ପଷ୍ଟ ଗଳାରେ ପଚାରିଲା ।

—କର୍ମ' ତୁମର ବହୁମୁଖୀ ! ପ୍ରେସ୍ କର୍ମଚାରୀଙ୍କୁ ମତେଇ 'ସ୍ୱାଧୀନ' କାଗଜ ବନ୍ଦ କରିବାରେ କେବଳ ନୁହେଁ···କଳା-ସଂସ୍କୃତିର ଜାଗିଦ୍ର ପୀଠ···ଲକ୍ଷ୍ମୀ ଥିଏଟର'ର ଅଭିନେତ୍ରୀକୁ ନେଇ···

—ବନ୍ଦ କରନ୍ତୁ, ପାଟିକରି ଉଠିଲ ଉପେନ୍, ଆପଣ ଏତେ ବଡ଼ କାଗଜର ସମ୍ପାଦକ ହୋଇ ଏସବୁ'କି କୁତ୍ସିତ ଇଙ୍ଗିତ କରୁଚନ୍ତି ସାମାନ୍ୟ କଥାରେ ?

—କୁତ୍ସିତ ମୁଁ ନା ତମେ ? ରଙ୍ଗନାଥବାବୁ ଏଥର ଦର୍ପିତ ଗଳାରେ କହିଲେ—ମାଧବୀ ବୋଲି ଗୋଟିଏ ଝିଅକୁ ତମେ ଟାଣି ନେଇନ ଲକ୍ଷ୍ମୀ ଥିଏଟର୍‌ରୁ ?

—ଟାଣି ନେଇନି । ମାଧବୀ ସ୍ୱଇଚ୍ଛାରେ ଆସିଚି ମୋ ପାଖକୁ । ସେ ମୋର ଆତ୍ମୀୟା ।

—ଗୋଟାଏ ପତିତା ତୁମର ଆତ୍ମୀୟା ? ଚରିତ୍ରର ଏଇ ଆଦର୍ଶ ନେଇ ତମେ ଦେଶର ସମ୍ବାଦପତ୍ର ସମ୍ପାଦନା କରିବ ? କର୍ମଚାରୀଙ୍କୁ ମଣିଷତ୍ୱର ହକ୍ ଆଦାୟ କରିଦେବାରେ ସାହାଯ୍ୟ କରିବ, ନେତୃତ୍ୱ ଦେବ ?

—ମୋ ଚରିତ୍ରର ଧର୍ମ କିନ୍ତୁ ଆପଣଙ୍କ ସମ୍ପାଦକୀୟ ଅଧିକାରର ବାହାର୍ ଉପରେ, ଏକଥା ମନେ ରଖିବେ । ଉପେନ୍ ଦାବାନଳ ପରି ଜଳି ଉଠି କହିଲା—ହଜାର ହଜାର ଟଙ୍କାର ପ୍ରଲୋଭନରେ ଅନ୍ୟାୟକୁ ଯେ କରେ ସମର୍ଥନ, ଗଡ଼ଜାତ ରାଜାଙ୍କ ପରାକ୍ରମ ପାଖରେ ଯେ ଖୋସାମଦ କରେ, ଜେଲ୍ ଯିବା ଡରରେ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ସତ ଲେଖିବାକୁ ଯେ ଭୟ କରେ, "ଚରିତ୍ର" ସମ୍ବନ୍ଧରେ ତା'ର କି ଧାରଣା ଅଛି ଯେ ସେ ଦୁନିଆର ଅନ୍ୟ କାହାକୁ ଆକ୍ଷେପ କରିବାର ହିମ୍ମତ ଦେଖାଏ ? ଖବର କାଗଜର ମାଲିକ ହୋଇ ଯାହାର ନିର୍ଦ୍ଦିଷ୍ଟ ମତବାଦ ନାହିଁ, ଆଜି କଂଗ୍ରେସ, କାଲି କୋଆଲିସନ ମିନିଷ୍ଟ୍ରି ସପକ୍ଷରେ ଯେ ସରକାରୀ ବିଜ୍ଞାପନ ଲୋଭରେ ଏ ପାଖ ସେ ପାଖ ହୁଏ, ଲୋକଙ୍କ ସେବା, ଜନତାର ଦୁଃଖ, ସମାଜର ଦୁର୍ଗତି ସମ୍ବନ୍ଧରେ କହୁଚି ବୋଲି ସମ୍ପାଦକୀୟ ଆଦର୍ଶ ପ୍ରଚାର କରି ଯେ ଭିତରେ ମାଡ଼ୁଆଲୀ ଆଉ ମିଲ୍‌ମାଲିକଙ୍କ ହାତ-ବାରିସି ହୁଏ, ତା ମୁହଁରେ ଚରିତ୍ର ସମ୍ବନ୍ଧରେ ଟିପ୍‌ପଣୀ ଖୁବ୍ ଚମତ୍କାର

ଶୁଣାଯାଏ ବାସ୍ତବିକ । କହୁ କହୁ ରାଗରେ ଗୋଟିଏପଣେ ଥରିଉଠିଲା ଉପେନ୍ ।

ଭୟରେ ଥରିଉଠିଲେ ରଙ୍ଗନାଥବାବୁ । ନିର୍ଭୀକତାର ଏପରି ଦୁର୍ଦ୍ଧାନ୍ତ ରୂପ ସେ ଦେଖି ନ ଥିଲେ ଆଜି ପର୍ଯ୍ୟନ୍ତ । ସୌମ୍ୟ-ଶାନ୍ତ ଚେହେରା ଭିତରେ ଆଗ୍ନେୟଗିରିର ସ୍ଫୁଲିଙ୍ଗ ଶିଖା କି ଭୟଙ୍କର !

—ରହିଲା ଆପଣଙ୍କ ଚାକିରି । ପ୍ରେସ୍ କର୍ମଚାରୀଙ୍କ ଧର୍ମଘଟ ପାଇଁ ଆପଣ ମୋ ଚରିତ୍ର ଉପରେ ଏପରି ବ୍ୟକ୍ତିଗତ ଆକ୍ରମଣ କରିବେ · ଏତେ ସଂକୀର୍ଣ୍ଣ ଦୃଷ୍ଟିକୋଣର ଲୋକ ଭାବି ନ ଥିଲି ଆପଣଙ୍କୁ । ମୁଁ ବଡ଼ ଦୁଃଖିତ···ଆପଣ ସାମାନ୍ୟ ଦୁର୍ଘଟଣାରେ ଏପରି ବିଚାରବୁଦ୍ଧି ହରେଇ ବସିଛନ୍ତି । କହି ଚାଲିଆସିଲା ଉପେନ୍ ବାହାରକୁ ।

—ଶୁଣ, ଶୁଣ । ରଙ୍ଗନାଥବାବୁ କମ୍ପିତ ଗଳାରେ ଡାକି-ଉଠିଲେ ପଛରୁ ।

କର୍ଣ୍ଣପାତ କଲା ନାହିଁ ଉପେନ୍ । ଚଞ୍ଚଳ ପଦକ୍ଷେପରେ ସିଡ଼ି ଓହ୍ଲାଇ ଚାଲିଆସିଲା ବାହାରକୁ ।

ରାସ୍ତା ଉପରେ ପ୍ରେସ୍ କର୍ମଚାରୀଦଳ ସେଇପରି ଠିଆ ହୋଇଛନ୍ତି, ଠାଏ ଠାଏ ମେଳି ବାନ୍ଧି । ଉପେନ୍ଦ୍ରର ନିଷ୍ପ୍ରଭ ମୁଖାକୃତିରୁ ସମସ୍ତେ ଅନୁମାନ କଲେ ଯେପରି କିଛି ଗୋଟାଏ ଦୁର୍ଘଟଣା ଘଟିଛି । ହୁଏତ ସେମାନେ ପ୍ରସ୍ତୁତ ରହିଥିଲେ, ନିର୍ଦ୍ଦେଶ ପାଇଲେ ମୁହାଁମୁହିଁ କୈଫିୟତ ତଲବ କରିବେ ରଙ୍ଗନାଥବାବୁଙ୍କଠାରୁ । କିନ୍ତୁ ଉପେନ୍ଦ୍ର କାହା ମୁହଁକୁ ଲକ୍ଷ୍ୟ ନ କରି ସିଧା ସଳଖ ଯାଇଁ ବସିଲା ରିକ୍ସାରେ । ବ୍ରଜ ତା ପାଇଁ ଅପେକ୍ଷା କରିଥିବ···ସେ ଭାବିଲା, ଯାଇଁ ନିଯୁକ୍ତ କରିବ ବ୍ରଜକୁ—ରଙ୍ଗନାଥବାବୁଙ୍କ ପରି ଜଣେ କୁତ୍ସିତ ଚରିତ୍ରର ଲୋକ ପାଖରେ କାମ କରିବାକୁ ଅଡ଼ଭୋକେଟ୍ କାହିଁକି ସୁପାରିଶ କରିଥିଲେ ?

ମାତ୍ର ଦୁଇଟି ଦିନ ।

'ସ୍ୱାଧୀନ' କାଗଜ ସମ୍ପାଦକଙ୍କ ବିରୁଦ୍ଧରେ "ପ୍ରେସ୍ କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ ଯେତିକି ବଢ଼ି ଚାଲିଲା, ଉପେନ୍ ଚନ୍ଦନକୁ ଆକ୍ଷେପ କରି କୁତ୍ସାରଟନାର ମାତ୍ରା ସେତିକି ପ୍ରବଳ ବେଗରେ ଆଗେଇ ଚାଲିଲା ହାଡ଼ିବନ୍ଧୁବାବୁଙ୍କ ନିର୍ଦ୍ଦେଶରେ । ଆଉ ଲକ୍ଷ୍ମୀ ଥିଏଟର୍ସ ମାଲିକଙ୍କ ଏ ଅଭିଯାନ ପଛରେ ରଙ୍ଗନାଥବାବୁଙ୍କର ପ୍ରକାଶ୍ୟ ସମର୍ଥନ ଓ ଆର୍ଥିକ ସାହାଯ୍ୟ ଯେ ରହିଥିଲା, ତା ବି ଉପେନ୍ଦ୍ରର ଜାଣିବା ବାକି ରହିଲା ନାହିଁ ।

ଦଳ ଦଳ ହୋଇ ଆସିଲେ ଉପେନ୍‌ର କଲେଜ ବନ୍ଧୁ । ପ୍ରେସ କର୍ମଚାରୀଙ୍କ ପକ୍ଷ ନେଇ ସେମାନଙ୍କ ହକ୍ ପାଇଁ ଲଢ଼େଇ କରୁଥିବା ଯୋଗୁଁ ଅଭିବାଦନ ଜଣାଇବା ଉଦ୍ଦେଶ୍ୟରେ ନୁହେଁ, ଲକ୍ଷ୍ମୀ ଥିଏଟର୍ସର ନର୍ତ୍ତକୀ ମାଧବୀକୁ ନେଇ ସେ ବିପଦରେ ପଡ଼ିଛି ଏବଂ ଦରକାର ହେଲେ ସେମାନେ ଆର୍ଥିକ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି, ଦାତବ୍ୟ-ପଣିଆର ଏଇ ବଡ଼ଲୋକ ଆତ୍ମମ୍ଭରିତା ଦେଖେଇ ଦେବା ଲାଗି ।

କିନ୍ତୁ ସବୁ କିଛି ସାହାଯ୍ୟକୁ ହସି ହସି ପ୍ରତ୍ୟାଖ୍ୟାନ କଲା ଉପେନ୍ । ଶେକ୍‌ଠୋକ୍ ଶୁଣେଇଦେଲା ସେ ହିତୈଷୀ ବନ୍ଧୁମାନଙ୍କୁ, କୁଆଡ଼େ ଥିଲ ଏତେ ଦିନ ? ଏଇ ମାଧବୀ ପଲ୍ଲୀର ପୂତିଗନ୍ଧମୟ ଅନ୍ଧକାରରେ ନ ଖାଇ ନ ପିଇ ମରିବାକୁ ବସିଥିଲା, ସେତେବେଳେ ସହରର ମଧ୍ୟବିତ୍ତ ସୌଖୀନ ଯୁବକ ଦଳ ସମସ୍ତେ ତ ଥିଲ, ଦିନେ ଯାଇଥିଲ ତା' ଭଲମନ୍ଦର ଖବର ନେବା ପାଇଁ ? ଆଜି ବି ମାଧବୀ ପରି ହଜାର ହଜାର ଝିଅ କୋଠରୀରେ ନ ଖାଇ ନ ପିଇ ମରୁଛନ୍ତି, କେହି ଯାଉଛ ତମମାନଙ୍କ ଭିତରୁ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ? ଅଥଚ ଏଇ ମାଧବୀ ଅଭାବରେ ପଡ଼ି ତା

ଗୁଡ଼ିଲା, ରାସ୍ତା ଉପରକୁ ଆସିଲା, ରଙ୍ଗମଞ୍ଚରେ ନର୍ତ୍ତକୀ ସାଜିଲା, ତା ଇଜ୍ଜତ ମହତ ସବୁ ବିକିଦେଲା ମୁଠାଏ ଭାତ ପାଇଁ । ମୁଁ ତାକୁ ସେ ଅଧଃପାତରୁ ଉଦ୍ଧାର କଲି, ତାପରେ ତୁମମାନଙ୍କର ସହାନୁଭୂତିର ନାହିଁ ନ ଥିବା ଉଚ୍ଛ୍ୱାସ ! କ'ଣ ପାଇଁ ଏ ଉଚ୍ଛ୍ୱାସ ? କ'ଣ ପାଇଁ ଏ ଲୋକଦେଖାଣିଆ ବଦାନ୍ୟତା ? କି କାମରେ ଆଉ ଲାଗିବ ମାଧବୀର ? ସବୁ କିଛି ହରେଇ ଆସିଚି ସେ ଲକ୍ଷ୍ମୀ ଐଶ୍ୱର୍ଯ୍ୟର ରଙ୍ଗମଞ୍ଚରେ । ସେ ଆଜି ଚରିତ୍ରହୀନା ! ସେ ଆଜି କଳଙ୍କିନୀ ! ଅଛି କେହି ତମମାନଙ୍କ ଭିତରେ ସାହାଯ୍ୟ କରିବ ? ଟଙ୍କା ଦେଇ ଶାଢ଼ୀ କିଣି ଦେବାକୁ ନୁହେଁ…ତା' ନାଁରେ ଇଜ୍ଜତ ଫେରେଇ ଦେଇ…କପାଳରେ ସଧବାର ସିନ୍ଦୂର ଟୋପା ପିନ୍ଧେଇ ଦବା ପାଇଁ… ଅଛି କେହି ?

ଶୁଣୁଥିଲେ ବନ୍ଧୁଦଳ ସମସ୍ତେ ନିର୍ବାକ୍ ହୋଇ କେବଳ ଉପେନ୍ଦ୍ରକୁ ଅନେଇଛନ୍ତି, ତା'ପରେ ଫେରି ଯାଇଚନ୍ତି ମାନେ ମାନେ । ଉତ୍ତର ଦେବାକୁ କଥା ଖୋଜି ପାଇ ନାହାନ୍ତି ମୁହାଁମୁହିଁ । ହେଲେ, ଅପମାନିତ ହୋଇ ଫେରିଯାଇ ସେମାନେ ନିଶ୍ଚେଷ୍ଟ ରହି ନାହାନ୍ତି । ପ୍ରତିଶୋଧ ନେବାର ଅଭୁମାରି ପନ୍ଥା ଉଦ୍ଭାବନ କରିଛନ୍ତି । ମାଧବୀ-ଉପେନ୍ଦ୍ର ଉପାଖ୍ୟାନର ବିସ୍ତୃତ କୁତ୍ସା ସେମାନେ ବୟାନ କରିଚନ୍ତି ସହରର ଗଳି କନ୍ଦରେ, ଘରେ ବାହାରେ, ଦଶ ଜଣଙ୍କ ମେଳ ମଜଲିସ୍‌ରେ ।

କିନ୍ତୁ ଉପେନ୍ଦ୍ରର ଆଶ୍ଚର୍ଯ୍ୟ ସୀମା ଅତିକ୍ରମ କଲା ଯେତେବେଳେ ସେଦିନ ସନ୍ଧ୍ୟାରେ ଆଡ଼ଭୋକେଟ୍ ରମଣୀବାବୁଙ୍କ ଖାସ୍ କାମରା ପରଦା ବାହାରେ ସେ ଶୁଣିଲା ସେଇ ଉପାଖ୍ୟାନର ବିସ୍ତାରିତ ଆଲୋଚନା । ଜନତା ଓ ବ୍ରଜବଲ୍ଲଭଙ୍କୁ ଛାଡ଼ି କରି ଆଡ଼ଭୋକେଟ୍‌ଙ୍କର ଅଜସ୍ର ପ୍ରଶ୍ନବାଣ । ମାଧବୀ ସହିତ ତାକୁ ଜଡ଼ିତ କରି କେତେଗୁଡ଼ାଏ କଟୁ-ତିକ୍ତ ମନ୍ତବ୍ୟର ଶାଣିତ ବିଦ୍ରୂପ ।

ସେଇ ସନ୍ଧ୍ୟାରେ ପ୍ରେସ୍ କର୍ମଚାରୀଙ୍କ ଧର୍ମଘଟର ଏକ ଶେଷ ମୀମାଂସା ହେବାର ଥିଲା ରମଣୀବାବୁଙ୍କ ମଧ୍ୟସ୍ଥତାରେ । 'ସ୍ୱାଧୀନ' କାଗଜର ସମ୍ପାଦକ ରଙ୍କନାଥବାବୁଙ୍କର ମେରୁଦଣ୍ଡ ଭାଙ୍ଗି ପଡ଼ିଛି । ଗଲା ଆଠ ଦିନ ଧରି ପ୍ରେସ୍ କର୍ମଚାରୀ ଦଳ ଅଟଳ ରହିଛନ୍ତି ସେମାନଙ୍କ ପ୍ରତିଜ୍ଞାରେ ।

ରଙ୍ଗନାଥବାବୁଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ପୁରୀ, ବାଲେଶ୍ୱର, ବ୍ରହ୍ମପୁର—କୌଣସି ଜାଗାରୁ କାମ ଚଳେଇଲା ଭଳି ଜଣେ କେହେ କମ୍ପୋଜିଟର କି ମେସିନ୍‌ମେନ୍ ଦୁଇ ଗୁଣା ଦରମା ଯାଚିବା ସତ୍ତ୍ୱେ ବି ମିଳି ନାହାନ୍ତି ।

ପ୍ରଦେଶର ଶ୍ରେଷ୍ଠ ଦୈନିକ କାଗଜ 'ସ୍ୱାଧୀନ' ବନ୍ଦ ହୋଇଛି । ରଙ୍ଗନାଥବାବୁଙ୍କ ସାମାଜିକ ପ୍ରତିଷ୍ଠାରେ ଲାଗିଛି ଅପମାନର କାଳିମା । ଦୀର୍ଘ ପନ୍ଦର ବର୍ଷର ସୁନାମ ତଳାତଳାନ୍ତ ହୋଇଯାଇଛି ।

ଏତେ ଦିନ ଧରି ସେ ନିର୍ଭୀକ ସାମ୍ବାଦିକତାର ଯେଉଁ କୀର୍ତ୍ତିସ୍ତମ୍ଭ ଗଢ଼ି ତୋଳିଥିଲେ, ତାହା କେତେ ଜଣ ମୁଷ୍ଟିମେୟ ପ୍ରେସ୍ କର୍ମଚାରୀଙ୍କର ସ୍ଲୋଗାନର ଝଡ଼ରେ ତୋହଲି ଯାଇଛି । କ'ଣ କରିବେ ସେ ? ତାଙ୍କର ପଇସାର ଗର୍ବ ଆଉ ମାଲିକାନା ମନୋବୃତ୍ତିର ଅହଂକାରକୁ ଜାବୁଡ଼ି ଧରି ସେ କ'ଣ ତାଙ୍କର ସାରା ଜୀବନର କଷ୍ଟସାଧ୍ୟ ସାମ୍ବାଦିକ ସୁଖ୍ୟାତିକୁ ସବୁ ଦିନ ପାଇଁ ହରେଇବେ ? ନା, ନା, ଅସମ୍ଭବ । ରଙ୍ଗନାଥବାବୁଙ୍କର ହୋସ୍ ଫେରିଆସିଛି । ନୂତନ ଚେତନା ଉଦୟ ହୋଇଛି । ଭାବିବାର ଚିନ୍ତାଧାରା ଆଉ ବିଚାର କରିବାର ଦୃଷ୍ଟିକୋଣ ବଦଳି ଯାଇଛି । ସେ ବି ଦିନେ ତାଙ୍କର ପ୍ରେସ୍ କର୍ମଚାରୀଙ୍କ ପରି ଗରିବ ଥିଲେ । ମା'ର ଧାନକୁଟା ପଇସାରେ ଛାତ୍ରଜୀବନରୁ ସଂଘର୍ଷ କରି ସେ ବି ଟ୍ରେଣିରୁ ବଡ଼ ହୋଇଛନ୍ତି । ବଡ଼ ହେବାର ଅଭିଳାଷ ମଣିଷର ସହଜାତ, ପୁଣି ହାଡ଼ଭଙ୍ଗା ପରିଶ୍ରମ କରି, ମୁଠାଏ ଭଲ ଖାଇ, ଭଲ ପିନ୍ଧିବାର ଅଭିଳାଷ— ସେ ତ ଯେ କୌଣସି ଲୋକର ଏକ ଜନ୍ମଗତ ଦାବୀ । 'ସ୍ୱାଧୀନ' କାଗଜର ହେଡ୍ କମ୍ପୋଜିଟର ବୃଦ୍ଧ କାଶୀନାଥ ଦୀର୍ଘ ପନ୍ଦର ବର୍ଷର ବିଶ୍ୱସ୍ତ ଚାକିରି ପରେ ଯଦି ତାଙ୍କ ପାଖରେ ନିଜର ଦୁଃଖକଷ୍ଟ ଅଭାବ କହି ଦରମା ବଢ଼େଇବା ଦାବୀ ନ ଜଣାଏ, ତା'ହେଲେ ସେ ହାତ ପତେଇବ ଦୁନିଆରେ କାହା ପାଖରେ ? ମେସିନ୍‌ମେନ୍ ମୁସ୍ତାଫା ଅଲି ବର୍ଷ ବର୍ଷ ଧରି ଖିଦ୍‌ମତ କରିବା ପରେ ତା' ଭାଗ୍ୟର ନିୟାମକ ପ୍ରେସ୍‌ମାଲିକଙ୍କ ପାଖରେ ଯଦି ଦି' ପଇସା ବେଶି ପାଇବା ଉମେଦାରୀ ନ ରଖେ, ତାହେଲେ ତା' କୋରାନ୍‌ର ଅଲ୍ଲା— ସେ କ'ଣ ସତରେ ତାକୁ ଛପରଫାଡ଼ି ଦେବା ପାଇଁ ଆସମାନ୍‌ରୁ ଓହ୍ଲାଇ ଆସିବେ ଜମିନ୍‌କୁ ? ରଙ୍ଗନାଥବାବୁ ନିଜର ବିବେକ ପାଖରେ

ଶେଷରେ ହାରି ମାନିଲେ । ଏତେ ଦିନ ଧରି ସାମ୍ବାଦିକତା କରିଥିଲେ, କିନ୍ତୁ ସାମ୍ବାଦିକତାର ଅନ୍ତର୍ନିହିତ ସତ୍ୟ ସହିତ ତାଙ୍କର ଏତେ ଦିନ ପ୍ରତ୍ୟକ୍ଷ ମୁକାବିଲା ହୋଇ ନ ଥିଲା । ହୁଏ ତ କର୍ମଚାରୀଙ୍କ ସହିତ ଏ ସଂଘର୍ଷ ନ ଘଟିଥିଲେ ସେ ଜୀବନର ଶେଷ ପର୍ଯ୍ୟନ୍ତ ସାମାଜିକ ଜୀବନରେ ସାମ୍ବାଦିକତାର ନିଚ୍ଛକ ସତ୍ୟଟିକୁ କେବେହେଲେ ଉପଲବ୍ଧି କରି ପାରି ନ ଥାନ୍ତେ । ସେଇଥିପାଇଁ ଉପଲବ୍ଧିର ପ୍ରଥମ ସ୍ପନ୍ଦନରେ ହିଁ ସେ ଆଗେଇ ଆସିଲେ ପ୍ରେସ୍ କର୍ମଚାରୀଙ୍କ ସହିତ ଏକ ସମ୍ମାନଜନକ ନିଷ୍ପତ୍ତି ଲାଗି । କିନ୍ତୁ ସର୍ତ୍ତ ରଖିଲେ, ପ୍ରେସ୍ କର୍ମଚାରୀଙ୍କ ଦାବୀ ସମ୍ବନ୍ଧରେ ପ୍ରେସ୍ କର୍ମଚାରୀ ହିଁ କହିବେ । ତାଙ୍କ ପାଇଁ ମଧ୍ୟସ୍ଥତା କେହି କରିବେ ନାହିଁ । ତାଙ୍କ ପାଇଁ କାହାର ନେତୃତ୍ୱ କରିବାର ଅଧିକାରକୁ ସେ ସ୍ୱୀକାର କରିବେ ନାହିଁ । ଉପେନ୍ଦ୍ର କଥାର ନଜିର ସେ ବାଢ଼ିଲେ କାଶୀନାଥ ଆଉ ମୁସ୍ତାଫା ଆଲି ଆଗରେ । କିନ୍ତୁ ଉପେନ୍ଦ୍ରର ବ୍ୟକ୍ତିତ୍ୱ ଉପରେ ସାମାନ୍ୟତମ ଆଞ୍ଚକୁ ମଧ୍ୟ ବରଦାସ୍ତ କରିବେନି ବୋଲି ଜଣେଇଦେଲେ ପ୍ରେସ୍ କର୍ମଚାରୀଦଳ । ଅଟଳ ରହିଲେ ତାଙ୍କର ପ୍ରତିଜ୍ଞାରେ । ଶେଷରେ ରଙ୍ଗନାଥବାବୁଙ୍କର ପରାଜୟ ହେଲା ଦ୍ୱିତୀୟ ଥର ପାଇଁ ଗରିବ ମଜଦୁରଙ୍କ ସଙ୍ଗଠିତ ବିବେକର ମହାମାନବିକତା ଆଗରେ । ଧର୍ମଘଟର ସପ୍ତମ ଦିନ ଶେଷରେ, ଏକ ରୁଦ୍ଧ ପ୍ରକୋଷ୍ଠର ଶୂନ୍ୟତା ଭିତରେ ସେ ଦେଖିଲେ, ତାଙ୍କର ବହୁ ବର୍ଷର ପ୍ରବୀଣ ସାମ୍ବାଦିକତାର ଅହଙ୍କାର ଉପେନ୍ଦ୍ରର ମାନବିକ ଶକ୍ତି ପାଖରେ କେବଳ ତୁଚ୍ଛ ନୁହେଁ, ଯେପରି ଏକ ଉପହାସର ପରାଜିତ ଗ୍ଲାନି । ସେଇ ମୁହୂର୍ତ୍ତରେ ସେ ଆଡ଼ଭୋକେଟ୍ ରମଣୀବାବୁଙ୍କୁ ଫୋନ୍ କରି ଜଣାଇଦେଲେ ତାଙ୍କର ସର୍ତ୍ତହୀନ ସାଲିସ୍‌ର ନିଷ୍ପତ୍ତି । ସେଇ ନିଷ୍ପତ୍ତି ଉପରେ ଏକ ମିଳାମିଶାର ଆଲୋଚନା କରିବା ପାଇଁ ନିର୍ଦ୍ଧାରିତ ହୋଇଥିଲା ସେଇ ସନ୍ଧ୍ୟା । ଆଉ ପ୍ରେସ୍ କର୍ମଚାରୀମାନଙ୍କୁ ସାଙ୍ଗରେ ନେଇ ଉପେନ୍ ଆସିଥିଲା ଆଡ଼ଭୋକେଟ୍‌ଙ୍କ ପାଖକୁ । ଫାଟକ ବାହାରେ ସେମାନଙ୍କୁ ଅପେକ୍ଷା କରିବାକୁ ନିର୍ଦ୍ଦେଶ ଦେଇ ଉପେନ୍ ଯେତେବେଳେ ଆଗଭୁରା ରମଣୀବାବୁଙ୍କ ସହିତ ଦେଖା କରିବାକୁ ଆସି ଖାସ୍ କାମରା ଦୁଆର ମୁହଁରେ ଝୁଲୁ ହେଉଥିବା ପରଦା ପାଖରେ ପହଞ୍ଚି ଆଡ଼ଭୋକେଟ୍‌ଙ୍କ ଶାସନସୂଚକ ଗଳାର ଆବାଜ ଶୁଣେ, ସେତେବେଳେ ସେ ହଠାତ୍ ଭାବି ପାରିଲାନି ଯେଉଁ

ଫେରିଯିବ କମଳଙ୍କ ମୁହଁରେ ଯିବ ଘର ଭିତରକୁ । ତଟସ୍ଥ ହୋଇ ଛିଡ଼ାହୋଇଲା ସେ କିଛିକ୍ଷଣ ।

ବ୍ରଜବଲ୍ଲଭଙ୍କୁ ଲକ୍ଷ୍ୟକରି ସ୍ପଷ୍ଟ ଗଳାରେ ପଚାରିଲେ ଆଡ଼ଭୋକେଟ୍—ମାଧବୀ ସହିତ ଉପେନ୍ଦ୍ରର ସମ୍ପର୍କ କ'ଣ କହିପାରିବୁ ?

—ସେ ତାର ଆତ୍ମୀୟା । ବ୍ରଜର ନମ୍ର ଉତ୍ତର ।

—ଆତ୍ମୀୟା ! କିଛି ଦିନ ହେଲା ଉପେନ୍ ସହିତ ମେଳାମିଶା କଲା ପରଠୁ ଦେଖୁଛି, ତୁ ତା'ର ପରି କେବଳ ନେତା ହେବାର ସୌଭାଗ୍ୟ ଅର୍ଜ୍ଜନ କରି ନାହୁଁ, ବେଶ୍ ସାହିତ୍ୟିକ ମଧ୍ୟ ହୋଇଉଠିଛୁ । ମାନେ କ'ଣ ଆତ୍ମୀୟାର ? Be frank । ମୁଁ ତୋଠାରୁ ଗୋଟିଏ ଖୋଲାଖୋଲି ଉତ୍ତର ଚାହେଁ ।

—ଆତ୍ମୀୟା ମାନେ ମାଧବୀ ଉପେନ୍ଦ୍ର ଗାଁର ।

—ମାନେ, ତାର ପରିଚିତା ? ମାନେ, ମୁଁ ଆଉ କ'ଣ କହିପାରେ ? ବିନତା, ତୁ ମତେ ଠିକ ସାହାଯ୍ୟ କରିପାରିବୁ ? ପରିଚିତା'ର ଅର୍ଥ କ'ଣ ହୋଇପାରେ ? ରମଣୀବାବୁ କ୍ରୋଧଦୃପ୍ତ ଗଳାରେ ପଚାରିଲେ ।

ଉପେନ୍ଦ୍ର ଅନୁଭବ କଲା ଯେପରି ତା ଗୋଡ଼ତଳର ମାଟି କୁଆଡ଼େ ଧସେଇ ଯାଉଛି ।

ପୁଣି ଆଡ଼ଭୋକେଟ୍‌ଙ୍କ ଗଳା—ବିନତା ମତେ ବୁଝେଇ ପାରୁନ । ତୁ ତାକୁ ଠିକ ସାହାଯ୍ୟ କର ବ୍ରଜ ! ମୁଁ ଆଶ୍ଚର୍ଯ୍ୟ ହଉଛି, ମୋ ସାମନାରେ ତୁ ଉପେନ୍ଦ୍ର ପରି ଗୋଟିଏ ଚରିତ୍ରହୀନକୁ, ସେ ତୋର ଯେତେ ବଡ଼ ବନ୍ଧୁ ହଉନା କାହିଁକି······

—ଦାଦା !

—ମୁଁ ଜାଣେ, ତୁ ନିଜକୁ ବଡ଼ ଅସହାୟ ମନେ କରୁଛୁ । ତୁ ଉତ୍ତର ଖୋଜି ପାଉନୁ । ବେଶ୍, ଉତ୍ତର ଦେବାରେ ମୁଁ ତତେ ସାହାଯ୍ୟ

କରିପାରେ···With more facts । ତୋ ବନ୍ଧୁ ଉପେନ୍ଦ୍ରର ଝରିତା ମାଧବୀ, ଗାଁ ଛାଡ଼ି ଆସି ଲକ୍ଷ୍ମୀ ଥିଏଟର୍ସରେ ନାଚ କରୁଥିଲା, ତୁ ଜାଣୁ ?

—ଶୁଣିଛି ।

—ଉପେନ୍ଦ୍ର ତାକୁ ଆଣି ଘରେ ରଖିଛି, ତା ବି ଜାଣୁ ?

— ଦେଖିଛି ।

—ଶୁଣିବା, ଦେଖିବା ସତ୍ତ୍ୱେ ତୁ ସେଠିକି ଯାଉ କାହିଁକି ? ଆଉ ମନେ ବା ଆଜି ପର୍ଯ୍ୟନ୍ତ କହୁନୁ କାହିଁକି ?

—କହିବାର ପ୍ରୟୋଜନ ଦେଖି ନ ଥିଲି ।

—ମାନେ ? ପ୍ରେସ୍ କର୍ମଚାରୀଙ୍କୁ ସଂଗଠିତ କରି, 'ସ୍ୱାଧୀନ' କାଗଜ ସମ୍ପାଦକଙ୍କ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ କରି ଉପେନ୍ଦ୍ର ଗୋଟିଏ ବିଖ୍ୟାତ ନେତା ହୋଇଉଠିଛି, ସେ ସମ୍ବାଦ ଦେଇପାରିଲୁ, ଅଥଚ ଗୋଟାଏ ନର୍ତ୍ତକୀକୁ ରଙ୍ଗମଞ୍ଚରୁ ଟାଣିଆଣି, ଘରେ ରଖି ଆଦର୍ଶ ଚରିତ୍ରର ଏକ କୀର୍ତ୍ତିମାନ୍ ମହାପୁରୁ ହୋଇପାରିଛି ତୋ ବନ୍ଧୁ, ଏ ଚମକପ୍ରଦ ସମ୍ବାଦଟା ପରିବେଷଣ କରିବାରେ ବାଧା କ'ଣ ଥିଲା ?

— ଚମକପ୍ରଦ ନୁହେଁ ବୋଲି ପରିବେଷଣ କରି ନ ଥିଲି ।

—ଚୁପ୍ କର, ଗର୍ଜିଉଠିଲେ ଆଡ୍‌ଭୋକେଟ୍ । ତୁ ଜାଣୁ, ଏ ଘରର ଗୋଟାଏ ସମ୍ମାନ ଅଛି ? ସେ ସମ୍ମାନ ଆଖିରେ ତୋ ମତରେ ଏ ସମ୍ବାଦ ଚମକପ୍ରଦ ନୁହେଁ, ସେ ସିଦ୍ଧାନ୍ତ ନିର୍ଭର କରେନା । ଉପେନ୍ଦ୍ର ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର ହୋଇପାରେ; କିନ୍ତୁ ଶିକ୍ଷା ହିଁ ସମ୍ମାନର ଏକମାତ୍ର ମାନଦଣ୍ଡ ନୁହେଁ । ମୋ ମତରେ, ହୁଏ ତ ଆଦୌ ନୁହେଁ । ପୁରୁଷର ସମ୍ମାନ ବୋଲି ଯଦି କିଛି ଥାଏ, ସେ ହେଉଛି ତା' ଚରିତ୍ର ।

—କିନ୍ତୁ ଉପେନ୍ ଚରିତ୍ରହୀନ ନୁହେଁ ଦାଦା ! ଗମ୍ଭୀର ଗଳାରେ କହିଲା ବ୍ରଜବଲ୍ଲଭ ।

—ଚରିତ୍ରହୀନ ନୁହେଁ ? ରୁକ୍ଷ ଗଳାରେ କହିଲେ ରମଣୀବାବୁ । ତୁ ସେ ଘରକୁ ଧାଁ ଧପଡ଼ କରୁଚୁ କି ନା, ସେଇଥିପାଇଁ ଉପେନ୍ଦ୍ରର ହେଇ ଚୋର ଏତେ ବଡ଼ ଏକ ସଫେଇ ମୋ ଆଗରେ । କହି ଟିକିଏ ରହିଯାଇ ପୁଣି କହିଲେ—ଚରିତ୍ରହୀନ ନୁହେଁ ? ଚାହିଁଲେ ବନଲତାକୁ ? ପଚାର ! ମୁଁ ଜାଣେ, ଉପେନ୍ଦ୍ର ପ୍ରତି ବନିର କମ୍ ଝୁଙ୍କା ନ ଥିଲା । କିନ୍ତୁ ଆଜି ସେ କହିବ, ଉପେନ୍ଦ୍ର ଭଗାବାଣ୍ଡ ନୁହେଁ ? ହଁ, ତୋ ମୁହଁରୁ ବି ମୁଁ ଗୋଟେ ଉତ୍ତର ଚାହେଁ ବନଲତା ! Speak out, ଉପେନ୍ଦ୍ର ଚରିତ୍ରହୀନ ନୁହେଁ ?

ଥରେ……

ଦୁଇ ଥର… …

ତୃତୀୟ ଥର ପାଇଁ ପ୍ରଶ୍ନ କରି ରମଣୀବାବୁ ଯେତେବେଳେ ଫେରି ଦେଖିଲେ ବନଲତାକୁ, ସେତେବେଳେ କୁର୍ସି ଉପରୁ ଉଠିପଡ଼ିଲେ ଗୋଟାଏ ଉତ୍ତେଜନାରେ । ବାହାରୁ ସ୍ପଷ୍ଟ ଶୁଣିପାରିଲା ଉପେନ୍, କୁର୍ସି ଠେଲାର ଶବ୍ଦ । ଟେବୁଲ୍ ଉପରୁ ଚଟାଣ ଉପରେ Paper weight ଧଡ଼ାସ୍ କରି ଖସି ପଡ଼ିବାର ବି ଗୋଟାଏ ପ୍ରଚଣ୍ଡ ଆବାଜ୍ । ତା ପରେ ଘରର ଚଟାଣ ଉପରେ ଅସଂଯତ ପଦକ୍ଷେପ । ଜୋତାର ମଚ୍‌ମଚ୍ ଆବାଜ୍ ।

—ଆଜିଠୁ, ଏଇ ମୁହୂର୍ତ୍ତରୁ—ଆଦେଶଦର୍ପିତ ଗଳାରେ କହିଲେ ରମଣୀବାବୁ—ତମେ ନୁହେଁ, କେହି ଆଉ ଯିବନି ସେ ଘରକୁ । ଉପେନ୍ଦ୍ର ସହିତ ତୁମମାନଙ୍କର କୌଣସି ସଂପର୍କ ରହିବା ମୁଁ ଚାହେଁନା ।

ଆଡ଼ଭୋକେଟ୍‌ଙ୍କର ଏ ଆଦେଶକୁ ସମ୍ମାନ ଜଣାଇ କେତୋଟି ନୀରବ ମୁହୂର୍ତ୍ତ ଅତିବାହିତ ହେଇଗଲା । ନୀରବତାର ସେ ଦୀର୍ଘନିଶ୍ୱାସର ଆଘାତ ଯେପରି ଆସି ବାଜିଲା ପରଦାର ବହଳ ଆସ୍ତରଣ ଭେଦ କରି ଉପେନ୍ଦ୍ରର କମ୍ପିତ ବକ୍ଷରେ । ତା' ପିଞ୍ଜରାହାଡ଼ ଯେପରି ଖଣ୍ଡବିଖଣ୍ଡ ହେଇ ଆର୍ତ୍ତନାଦ କରିଉଠିଲା । ସ୍ତବ୍ଧ ହେଇ ସେ ବଜ୍ରପାତର ଆଘାତକୁ ଆଖି ବୁଜି, ଦାନ୍ତରେ ଓଠ ଚାପି ସହ୍ୟ କଲା ଉପେନ୍ । ଫେରିଯିବ ? ଏ ଆଘାତ ପରେ ତାର କ'ଣ ଏଠି ଆଉ ଛିଡ଼ା ରହିବା

ଉଚିତ ? ଏ ନିଦାରୁଣ ଅପମାନ ପରେ ତାର କ'ଣ ଏପରି ନିର୍ଲଜ୍ଜଙ୍କ ପରି ଏଠି ଛିଡ଼ା ରହିବା ଉଚିତ ? ସେ ଉତ୍ତେଜିତ ହୋଇଉଠିଲା । ହୁଏତ ଫେରିଯିବା ପାଇଁ ସେ ଗୋଟାଏ ପାଦ ବଢ଼ାଇଲା ଆଗକୁ; କିନ୍ତୁ ପରମୁହୂର୍ତ୍ତରେ ଚମକି ଉଠିଲା । କ'ଣ ପାଇଁ ସେ ଆସିଥିଲା ଏଠିକି ? କି ପ୍ରୟୋଜନ ଥିଲା ତାର ଏଠି ? ତା' କ'ଣ ବ୍ୟକ୍ତିଗତ ? ବାହାରେ ଫାଟକ ସେପାଖ ରାସ୍ତା ଉପରେ ଅପେକ୍ଷା କରିଛନ୍ତି ପ୍ରେସ୍ କର୍ମଚାରୀ ଦଳ । ସେମାନଙ୍କର ଜୀବନ-ମରଣର ସମସ୍ୟା ନେଇ ସେ ଆସିଥିଲା ଏଠିକି, ଗୋଟାଏ ସମାଧାନ ପାଇଁ । ହୁଏତ ଆଉ ଟିକିଏ ପରେ ରଙ୍କନାଥବାବୁ ଆସି ପହଞ୍ଚିବେ । ଆସି କ'ଣ ଦେଖିବେ ? ଏ ଅପମାନ ତାର ବ୍ୟକ୍ତିଗତ । ପ୍ରେସ୍ କର୍ମଚାରୀଙ୍କର କର୍ମଜୀବନର ଭବିଷ୍ୟତ ନିର୍ଭର କରୁଛି ତା'ର ପ୍ରତିନିଧିତ୍ୱ ଉପରେ । ଏଠୁ ନିଃଶବ୍ଦରେ ଫେରିଯାଇ ସେମାନଙ୍କୁ ସେ କ'ଣ କହିବ ? ଏ ଅପମାନର ପ୍ରତିଶୋଧ ସେ ନେବ କାହାଠୁ ? ଅଡଭୋକେଟ୍‌ଙ୍କଠାରୁ ନା ନିରୀହ ସର୍ବଦେବଙ୍କଠାରୁ ? ସେ କ'ଣ ତାଙ୍କୁ ବୁଝେଇ କହିପାରିବ, ତା' ଚରିତ୍ରକୁ ଆକ୍ଷେପ କରିଛନ୍ତି ରମଣୀବାବୁ ? ସେମାନଙ୍କର ହୋଇ ପ୍ରତିନିଧିତ୍ୱ କରିବା ଦାୟିତ୍ୱକୁ ସେ ଭୁଲିଇବାକୁ ଚାହେଁନା ? କିନ୍ତୁ ପରିଣାମ କ'ଣ ହେବ ? ତା' ଚରିତ୍ରର ବଡ଼ିମାକୁ ଟେକି ରଖିବା ପାଇଁ ତାକୁ ଯେ ବଳି ଦବାକୁ ହବ କର୍ମଚାରୀମାନଙ୍କର ହକ୍ ଆଦାୟ କରିବାର ଏତେବଡ଼ ସୁଯୋଗକୁ ! ସେ ଲାଞ୍ଛିତ ହୋଇଛି ବୋଲି କ'ଣ ପ୍ରେସ୍ କର୍ମଚାରୀମାନଙ୍କ ସୌଭାଗ୍ୟ ହାସଲର ଏତେ ବଡ଼ ସୁଯୋଗରୁ ବଞ୍ଚିତ କରାଇବ ? ନା, ଉପେନ୍ଦ୍ର ଠିକ୍ କଲା, ହେଉ ପଛେ ତା'ର ଅପମାନ, ହେଉ ପଛେ ତା'ର ଅବମାନନା, ଆଜିଠାରୁ ଆଡଭୋକେଟ୍‌ଙ୍କ ପାଖରେ ହେଉ ପଛେ ସେ ଏକ ଚରିତ୍ରହୀନ, ଏଇ ମୁହୂର୍ତ୍ତଠୁ ଏ ଘରେ ସବୁଦିନ ପାଇଁ ପଛେ ବିଚ୍ଛିନ୍ନ ହୋଇଯାଉ ତା'ର ସମ୍ପର୍କ, ତା' ଜୀବନର ଚରମ ଦୁର୍ଦ୍ଦିନକୁ ସେ ବରଦାସ୍ତ କରିନେବ ଦଶ ଜଣଙ୍କ ଭାଗ୍ୟ ଉଦୟର ସୁପ୍ରଭାତ ପାଇଁ ।

ଗୋଟାଏ ଅମିତ ତେଜରେ ନିଜକୁ ସୁଦୃଢ଼ କରିନେଲା ଉପେନ୍ । ପ୍ରସାରିତ ପଦକ୍ଷେପକୁ ସେ ପୁଣି ଫେରାଇନେଲା ପଛକୁ । ଛିଡ଼ା ହେଲା ପରଦା ସାମନାରେ । ତା'ପରେ ଝଡ଼ବିମୁକ୍ତ ଆକାଶର ଉଦାର ପ୍ରସନ୍ନତା ନେଇ ପଶିଗଲା ଘର ଭିତରକୁ ।

—ତମେ ?

ସାମନାରେ 'ଆଶ୍ଚର୍ଯ୍ୟ'ର ଏକ ପ୍ରତିମନ୍ତ ପ୍ରତିମୂର୍ତ୍ତିକୁ ଦେଖିଲା ପରି ଚମକି ଉଠିଲେ ରମଣୀବାବୁ —ତମେ କୁଆଡ଼େ ? ସେ ପଚାରିଲେ ।

ସବୁ ଦିନ ପରି ବିନମ୍ର ପ୍ରଣିପାତ ଜଣାଇ ଛିଡ଼ା ହେଲା ଉପେନ୍ । ଆଡ଼ଭୋକେଟ୍‌ଙ୍କୁ ପ୍ରକୃତିସ୍ଥ ହେବା ପାଇଁ ଟିକିଏ ସମୟ ଦେଲା ।

ଚଟାଣ ଉପରେ ରମଣୀବାବୁଙ୍କର ପ୍ରକ୍ଷିପ୍ତ ପଦକ୍ଷେପ ଅଧିକ ଚଞ୍ଚଳ ହୋଇଉଠିଲା । ଉପେନ୍‌କୁ ଦ୍ୱିତୀୟ ଥର ପ୍ରଶ୍ନ କରି ଟିକିଏ ତଳକୁ ମୁହଁ ଫେରାଇନେଲେ ରମଣୀବାବୁ । ଆକାଶରେ କେଉଁଠି ଟିକେ ମେଘ ଉଠିଥିଲା । ସନ୍ଧ୍ୟା ପରେ ସହରର ହାଓ୍ୱା ଭାରି ହୋଇ ଉଠିଥିଲା ଅଧିକ ଆଷାଢ଼ର ମେଘକଜ୍ଜଳ ବାୟୁମଣ୍ଡଳରେ । ରମଣୀବାବୁ ପିନ୍ଧିଥିଲେ ଧଳା ଟ୍ରାଉଜର ଉପରେ ଗୋଟିଏ ଲମ୍ବା ଓଭରକୋଟ । ପଛକୁ ହାତ ରଖି ସେ ଯେପରି ଏକ ଅଶାନ୍ତ ମୂର୍ତ୍ତି ପରି ଇତସ୍ତତଃ କରୁଥିଲେ । ସେଇ ଇତସ୍ତତଃ ଭିତରେ ସେ ଭାବିଲେ, ଉପେନ୍ଦ୍ରକୁ ସେ ତୃତୀୟ ପ୍ରଶ୍ନ କ'ଣ ପଚାରିବେ ? କ'ଣ ପଚାରିବା ତାଙ୍କର ଉଚିତ ହେବ ?

କିନ୍ତୁ ଆଡ଼ଭୋକେଟ୍‌ଙ୍କ ପୌରୁଷକୁ ଅସହାୟ ଅବସ୍ଥାରେ ଛଟପଟ କରିବାକୁ ଦେବାର ଉଦ୍ଦେଶ୍ୟ ନ ଥିଲା ଉପେନ୍‌ର । ପ୍ରଶ୍ନ ଖୋଜାର ବ୍ୟାକୁଳ ଉତ୍କଣ୍ଠାରୁ ବିନମ୍ର ଉଦାରତାରେ ମୁକ୍ତି ଦେଲା ଉପେନ୍ । କିଛି ନ ଶୁଣିଥିବାର ସହଜ ଅଭିବ୍ୟକ୍ତି ନେଇ ଅମାୟିକ ଗଳାରେ କହିଲା— ଆପଣଙ୍କୁ ଅସମୟରେ ଆସି ବିରକ୍ତ କଲି, ମୋତେ କ୍ଷମା କରନ୍ତୁ । କିନ୍ତୁ ଆପଣଙ୍କ ଆଶୀର୍ବାଦ ଛଡ଼ା ଏ ଗରିବ ପ୍ରେସ୍ କର୍ମଚାରୀଙ୍କର ଆଉ କୌଣସି ଗତି ନାହିଁ । ରଙ୍ଗନାଥବାବୁଙ୍କ ନିର୍ଦ୍ଦେଶରେ ମୁଁ ଆସିଚି ସମସ୍ତଙ୍କୁ

ସାଙ୍ଗରେ ନେଇ । ମିଳାମିଶାର ଶେଷ ନିଷ୍ପତ୍ତି ଆପଣ ଆଜି କରିଦେବେ, ଏଇ ମୋର ଅନୁରୋଧ ।

— ନା, ତା ମୋ ପକ୍ଷେ ସମ୍ଭବ ନୁହେଁ । ବୃଦ୍ଧ ମଧ୍ୟ ସେସବୁରେ ଲିପ୍ତ ହେବା ମୁଁ ଚାହେଁନା । ତୁମେ ଯାଇପାର ।

—ମୋ ବ୍ୟକ୍ତିଗତ ପ୍ରୟୋଜନରେ ମୁଁ ଏଠିକି କେବେ ଆସି ନାହିଁ । ଆଜି ବି ଆପଣ ମତେ କହିବା ଆଗରୁ ମୁଁ ହୁଏ ତ ନିଜେଇ ଚାଲି ଯାଇଥାନ୍ତି । ଆପଣ ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ଏ ଧର୍ମଘଟର ମଧ୍ୟସ୍ଥତା କରିବା ପାଇଁ ରାଜି ଅଛନ୍ତି ବୋଲି ମୁଁ ଜାଣିଥିଲି । ତା’ପରେ ଆପଣ କୌଣସି କାରଣ ଯୋଗୁଁ ଏଥିରେ ସଂପୃକ୍ତ ରହିବାକୁ ଉଚିତ ମନେ କରୁ ନାହାନ୍ତି । ମୁଁ ଯଦି ଜାଣି ପାରିଥାନ୍ତି……କିନ୍ତୁ କହୁ କହୁ ଉପେନ୍‌ର ଗଳା ବାଷ୍ପରୁଦ୍ଧ ହୋଇଆସିଲା ।

ଘର ଭିତରେ ପୁଣି କିଛିକ୍ଷଣ ପାଇଁ ନୀରବତାର ଉପସ୍ଥାବିହ ପ୍ରତିଛବି । ସେ ଛବି ନିଦାରୁଣତାର ବୀଭତ୍ସତାରେ ଯେପରି ପ୍ରକ୍ଷିପ୍ତ ଓ ଅଶ୍ଳୀଳ, କରୁଣତାରେ ସେଇପରି ନିଷ୍ପ୍ରାଣ ଅଭ ନବେଦ । ଏ ଜଡ଼ ନୀରବତା ଯେପରି ବିକଳାଙ୍ଗ ଉଲଗ୍ନତା ପରି ଅଟ୍ଟହାସ୍ୟ କରିବାକୁ ଚାହେଁ । ରମଣୀବାବୁ ଥରି ଉଠିଲେ । ତାଙ୍କୁ ଚାରିଆଡ଼ ଝାପ୍‌ସା ଦେଖାଗଲା । ତାଙ୍କର ମନେହେଲା, ସେ ଯେପରି ତଳେ ତଳି ପଡ଼ିବେ । ଘରର ଦକ୍ଷିଣ କାନ୍ଥ ପାଖରୁ ସେ ପ୍ରସାରିତ ପଦକ୍ଷେପରେ ଧାଇଁ ଆସିଲା ପରି ଆସି ଧରି ପକେଇଲେ କୁର୍ଚ୍ଚିଟାକୁ । କିନ୍ତୁ ଏ ଆଶ୍ରା ବି ତାଙ୍କର ଯଥେଷ୍ଟ ନୁହେଁ । ଅଭିର ଟିକିଏ ଦମ୍ଭରେ ଠିଆ ହେବା ପାଇଁ ଆଉ କ’ଣ କିଛି ଆଶ୍ରା ନାହିଁ ? ମନେ ମନେ କାହାକୁ ଖୋଜିଲା ପରି ସେ ଘରର ଚାରିପାଖକୁ ଟିକିଏ ଚାହିଁଲେ ।

ଏତିକିବେଳେ ପରଦା ବାହାରେ ଶୁଣାଗଲା ରଙ୍ଗନାଥବାବୁଙ୍କର ପାଦଶବ୍ଦ ।
ରମଣୀବାବୁ ଆଶ୍ରା ପାଇଲେ ।

ଏକା ଆସି ନ ଥିଲେ ରଙ୍ଗନାଥବାବୁ । ସାଙ୍ଗରେ ଡାକି ନେଇ ଆସିଥିଲେ ଫାଟକ ବାହାରେ, ରାସ୍ତା ଉପରେ ଅପେକ୍ଷା କରିଥିବା

ତାଙ୍କର ପ୍ରେସ୍ କର୍ମଚାରୀମାନଙ୍କୁ । ସପ୍ରତିଭ ଭଙ୍ଗୀରେ ପରଦା ଆଡ଼େଇ ଘର ଭିତରକୁ ପଶିଯାଇ କହିଲେ—ଆପଣଙ୍କ ଅନୁମତି ନ ନେଇ ମୁଁ ଲୋକମାନଙ୍କୁ ଡାକି ଆଣିଚି ସାଙ୍ଗରେ । କ୍ଷମା କରିବେ, ଆପଣଙ୍କୁ ବିରକ୍ତ କଲି । କିନ୍ତୁ ଆପଣଙ୍କ ଛଡ଼ା ମୋତେ ଏ ବିପଦରୁ ବଞ୍ଚାଇବାକୁ ଆଉ କେହି ନାହାଁନ୍ତି ରମଣୀବାବୁ ! 'ସ୍ୱାଧୀନ' କାଗଜ ବାହାର କରିବା ମୂଳରେ ଆପଣ ହିଁ ଥିଲେ ମୋର ପ୍ରଥମ ଶୁଭାକାଙ୍କ୍ଷୀ । ଆଜି ମନେପଡ଼ୁଛି ପନ୍ଦର ବର୍ଷ ତଳର କଥା··· ··

ସାମ୍ବାଦିକ ରଙ୍ଗନାଥବାବୁ ହଠାତ୍ ଯେପରି ସାହିତ୍ୟିକ ହୋଇ ଉଠିଚନ୍ତି । ସୁଦୂର ଅତୀତକୁ ସେ ଟାଣି ଆଣିଚନ୍ତି ସ୍ମୃତିର ସୁଡ଼ଙ୍ଗ ଭିତରୁ । ଆଉ ତାଙ୍କ ଜୀବନର ପ୍ରଥମ ଶୁଭେଚ୍ଛୁ ବନ୍ଧୁ ପାଖରେ ସେ ତା'ର ଛିନ୍ନ ପତ୍ରଗୁଡ଼ିକୁ ଗୋଟି ଗୋଟି କରି ଯୋଡ଼ି ଯେପରି ସୃଷ୍ଟି କରିବାକୁ ଚାହାଁନ୍ତି ଏକ ଅାହ୍ଲାଦକର ଲ୍ୟାମ୍ପ୍‌ର ଆରବ୍ୟ ଉପନ୍ୟାସ—ଥ୍ରିଲ୍ ଆଉ ସସପେନ୍‌ସରେ ସ୍ପନ୍ଦିତ । କାହାଣୀର ପ୍ରତି ଛତ୍ର ସଂଗ୍ରାମ ଆଉ ବୀରତ୍ୱର କୀର୍ତ୍ତିକଳାପରେ ଉଜ୍ଜ୍ୱଳ ।

ଠିକ୍ କିଛି ଆଗରୁ ଯେଉଁ ଚମ୍ପୀର ପରିବେଶ ଭିତରେ ସମସ୍ତ କକ୍ଷଟି ନିଦାରୁଣ ବେଦନାରେ ଫାଟି ପଡ଼ୁଥିଲା, ତାହା ଯେପରି ଏକ ଆନ୍ତରିକମୟ ଖୁସିରେ ଝକ୍‌ମକ୍ କରି ଉଠିଲା । ଗୋଟିଏ ଦୁଃସ୍ୱପ୍ନକୁ ଝାଡ଼ିଝୁଡ଼ି ଫିଙ୍ଗିଦେଲା ପରି ସ୍ୱାଗତ ସମ୍ଭାଷଣ ଜଣାଇଲେ ଆଡ଼ଭୋକେଟ୍ ରଙ୍ଗନାଥବାବୁଙ୍କ ଉଦ୍ଦେଶ୍ୟରେ । କହିଲେ—ଆସନ୍ତୁ, ଉପେନ୍ ଅନେକ ବେଳୁ ଆପଣଙ୍କୁ ଅପେକ୍ଷା କରିଛନ୍ତି । ଘର ଭିତରକୁ ଡାକନ୍ତୁ କର୍ମଚାରୀ-ମାନଙ୍କର ପ୍ରତିନିଧିଙ୍କୁ ।

—କିନ୍ତୁ ତ ସେମାନଙ୍କ ପ୍ରତିନିଧି । ସମସ୍ତଙ୍କୁ ଘରଭିତରକୁ ଡାକି ଆଣିବାର କୌଣସି ପ୍ରୟୋଜନ ନାହିଁ । ସେମାନେ ବାହାରେ ରହନ୍ତୁ । କହି ଉପେନ୍ ପରଦା ଆଡ଼େଇ କାଶୀନାଥ ଆଉ ମୁସ୍ତାଫା ଆଲିଙ୍କୁ ଇଙ୍ଗିତ ଦେଇ ଘର ଭିତରକୁ ଡାକି କହିଲା—ତୁମେ ଦୁହେଁ ଆସ । ସେମାନେ ଅପେକ୍ଷା କରିଥାନ୍ତୁ ବାହାରେ ।

ମୁହୂର୍ତ୍ତକ ଭିତରେ ସମସ୍ତ ଅସବାବପତ୍ର ଯେପରି ଜୀବନ୍ୟାସ ପାଇ କଥା କହିଉଠିଲେ । ବଡ଼ ସେକ୍ରେଟେରିଏଟ୍ ଟେବୁଲ ଗୁଡ଼ାପାଖେ ଏତେବେଳଯାଏ ଯେଉଁ କେତୋଟି କୁର୍ଚ୍ଚି ନିଃସଙ୍ଗତାର ହାଇ ମାରୁଥିଲେ, ସେମାନେ ଯେପରି ହୋଇଉଠିଲେ ଚଞ୍ଚଳ । ଭରି ଉଠିଲା ତାଙ୍କର ନିଃସଙ୍ଗତା ।

ସମସ୍ତଙ୍କୁ ଆରାମରେ ବସି ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କଲେ ରଙ୍ଗନାଥବାବୁ । ଆଡ଼ଭୋକେଟ୍ ଜଣାଇଲେ ତାଙ୍କର ଅକପଟ ସମର୍ଥନ । ସେ ସମର୍ଥନ ସୌହାର୍ଦ୍ଦ୍ୟ ଆଉ ସହାନୁଭୂତିର ଉଷ୍ମତାରେ ଏତେଦୂର ଆନ୍ତରିକମୟ ମନେହେଲା, ସତେ ଯେପରି ଟିକକ ଆଗରୁ ଏ ଘର ଭିତରେ ଯେ ଅସହିଷ୍ଣୁତାର ଏକ ବିରୋଧୀ ପ୍ରାଣ ନିର୍ମମତାର କଠିନ ଶପଥ ନେଇ ହୁଙ୍କାର ଛାଡ଼ୁଥିଲେ, ତା' ମନେ ହେଲନି ।

—ଏଇ ହାଇକୋର୍ଟ ଆଡ଼ଭୋକେଟ୍ ରମଣୀବାବୁ, ଏଇଠି ଖୁବ୍ ଗମ୍ଭୀର ସମ୍ମାନର ସହିତ ଚିହ୍ନାଯାଏ ଆଡ଼ଭୋକେଟ୍ ରମଣୀବାବୁଙ୍କ ହୃଦୟକୁ । ଏଇଠି ଧରାପଡ଼ନ୍ତି କଠୋର ଶହ ଶହ ଆଇନଜୀବୀଙ୍କ ଭିତରେ ଅନନ୍ୟସାଧାରଣ ଆଡ଼ଭୋକେଟ୍ ରମଣୀବଲ୍ଲଭ । ଦୀର୍ଘ ଦେହାକୃତି, ଉଜ୍ଜ୍ୱଳ ବର୍ଣ୍ଣ ଆଉ ପ୍ରଶାନ୍ତ ଲଲାଟର ଉଦାରତା ଭିତରେ ଏଇଠି ଦେଖାଦିଏ କଠିନତାର ବର୍ମ ଭିତରେ ଶାନ୍ତ କୋମଳ ଏକ ନିଷ୍କପଟ ପ୍ରାଣ—ଶାସନର ସ୍ପର୍ଦ୍ଧାରେ ଯେପରି ଅଟଳ ହିମାଳୟ, ଦୟାର ଦାକ୍ଷିଣ୍ୟରେ ସେହିପରି କ୍ଷମାର ଉଦ୍‌ବେଳ ସମୁଦ୍ର ।

ଚରିତ୍ରର ଏଇ ବିଶେଷତ୍ୱ ଲାଗି ଉପେନ୍ଦ୍ରର ମନେ ପଡ଼ିଲା, ପ୍ରଥମେ ସେ ଯେଉଁ ଦିନ ଆସିଥିଲା ଏ ଘରକୁ ବ୍ରଜବଲ୍ଲଭ ସାଙ୍ଗରେ ଆଉ ଦେଖିଥିଲା, କଥା କହିଥିଲା ଆଡ଼ଭୋକେଟ୍‌ଙ୍କ ସାଙ୍ଗରେ, ମୁଗ୍ଧ ହୋଇ ଯାଇଥିଲା ସେ । ତାଙ୍କର ଅସାମାନ୍ୟ ବ୍ୟକ୍ତିତ୍ୱ ପାଖରେ ନଇଁ ପଡ଼ିଥିଲା ସେ । ସଶ୍ରଦ୍ଧ ପ୍ରଣିପାତରେ ଜଣାଇଥିଲା ଭକ୍ତି ଆଉ ସମ୍ମାନ । ଆଜି ବି କେତୋଟି ମୁହୂର୍ତ୍ତ ଆଗରୁ ତା ପ୍ରତି ଆଡ଼ଭୋକେଟ୍‌ଙ୍କର କେତେକ ଭର୍ତ୍ସନା ଶୁଣି ବି ସେ ଏତେ ଶୀଘ୍ର ତା' ହରାଇ ନାହିଁ । ହୁଏତ ହରାଇବା

ସମ୍ଭବ ବି ନୁହେଁ । ବଳିଷ୍ଠ ବ୍ୟକ୍ତିତ୍ୱର ସଂସ୍ପର୍ଶରେ ଥରେ ଆସିଲେ, ସେ ପ୍ରଭାବରୁ ସହଜରେ ମୁକ୍ତି ମିଳେନା । ଆଉ ସେଇଥିପାଇଁ ରଙ୍କନାଥ-ବାବୁଙ୍କର ଅନୁରୋଧ ପରେ ଆଡ଼ଭୋକେଟ୍‌ଙ୍କର ସମର୍ଥନକୁ ପ୍ରଥମ ସମ୍ମାନ ଜଣେଇଲା ଉପେନ୍ । ସମସ୍ତେ ଆସନ ଗ୍ରହଣ କଲା ପରେ ସେଇ ଆରମ୍ଭ କଲା ତାର ପ୍ରଥମ ବକ୍ତବ୍ୟ । ଅଭିବାଦନ ସେ ଜଣେଇଲା ରଙ୍କନାଥବାବୁଙ୍କୁ । କୃତଜ୍ଞତା ଜଣାଇଲା ଆଡ଼ଭୋକେଟ୍‌ଙ୍କ ଉଦ୍ଦେଶ୍ୟରେ······ପ୍ରେସ୍ କର୍ମଚାରୀଙ୍କ ଧର୍ମଘଟର ମୀମାଂସା ପାଇଁ ମଧ୍ୟସ୍ଥତା କରିବାର ପ୍ରତିଶ୍ରୁତି ଦେଇଥିବା ଯୋଗୁଁ । କିନ୍ତୁ ଧନ୍ୟବାଦ ଜଣେଇ ସେ ଯେତେବେଳେ ବ୍ରଜବଲ୍ଲଭର ନିରବଚ୍ଛିନ୍ନ ପରିଶ୍ରମ ଆଉ ପ୍ରେସ୍ କର୍ମଚାରୀଙ୍କ ଦୁର୍ଦ୍ଦିନରେ ନିଜକୁ ଅକପଟ ହୃଦୟରେ ଉତ୍ସର୍ଗ କରିବାର ଆଦର୍ଶକୁ ପ୍ରଶଂସା କରି ଶତମୁଖ ହୋଇଉଠିଲା, ରମଣୀ-ବାବୁଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ମନକୁ ମନ ଭାବିଲେ ସେ, ବ୍ରଜବଲ୍ଲଭର ଦାଦା ହୋଇ ସେ ଯେଉଁ ପରିଚୟ ପାଇ ନାହାନ୍ତି ଏତେ ଦିନ ଧରି, ଉପେନ୍ଦ୍ର ବ୍ରଜର ବନ୍ଧୁ ହିସାବରେ କେବଳ ଗର୍ବିତ ନୁହେଁ, ସମାଜର ଦଳିତ, ନିଷ୍ପେଷିତ ର ନେତୃତ୍ୱ ପାଇଁ ତାକୁ ପିନ୍ଧାଇ ଦେଇଛି ସୁଖ୍ୟାତିର ଜୟମାଲ୍ୟ । କି' ବନ୍ଧୁ ପାଇଁ କିଏ କରେ ! ଉପେନ୍ଦ୍ର କି ଉଦାର ! ପ୍ରେସ୍ କର୍ମଚାରୀଙ୍କର ଏ ନେତୃତ୍ୱକୁ ହୁଏ ତ ସେ ତାର ସାମାଜିକ ପ୍ରତିଷ୍ଠା ପାଇଁ ଏକାନ୍ତ ସ୍ୱାର୍ଥପର ଭାବରେ ବିନିଯୋଗ କରି ପାରିଥାନ୍ତା; କିନ୍ତୁ କାଇଁ ! ବକ୍ତବ୍ୟର ପ୍ରତିଟି ଅକ୍ଷର ଯେ ବ୍ରଜର ସୁଖ୍ୟାତିରେ ଭରପୂର ! ଉପେନ୍ଦ୍ର ନିଜକୁ ପ୍ରେସ୍ କର୍ମଚାରୀଙ୍କ ଭିତରେ ଜଣେ ବୋଲି ମନେ କରି ବ୍ରଜବଲ୍ଲଭକୁ ନେତୃତ୍ୱର ଯେ ସମ୍ମାନ ଜଣାଇଲା, କାହିଁ, ତା ଭିତରେ ଛଳନା ବା ପ୍ରବଞ୍ଚନା ତ କିଛି ନାହିଁ ? ହଠାତ୍ ଯେପରି ଭାବିବସିଲେ ଆଡ଼ଭୋକେଟ୍, ସେ କ'ଣ ତେବେ ଭୁଲ୍ କରିଛନ୍ତି ? ଏଇ ଘରେ କିଛି ସମୟ ଆଗରୁ ବ୍ରଜ ଆଉ ବନିତା ଉଭୟଙ୍କୁ ଉପେନ୍ଦ୍ର ସହିତ ସମସ୍ତ ସଂପର୍କ ଛିନ୍ନ କରିବା ପାଇଁ ସେ ଯେଉଁ ଆଦେଶ ଦେଇଛନ୍ତି, ତା' କ'ଣ ଯଥାର୍ଥ ହୋଇଛି ? ଆଲୋଚନା ମଝିରେ ରମଣୀବାବୁ ଅନ୍ୟମନସ୍କ ହୋଇପଡ଼ିଲେ ।

ଉପେନ୍ କହିସାରିଲା ପରେ ରଙ୍ଗନାଥବାବୁ ପ୍ରେସ୍ କର୍ମଚାରୀଙ୍କ ତରଫରୁ ବ୍ରଜବଲ୍ଲଭର ନେତୃତ୍ୱକୁ ପ୍ରଶଂସା କରି ସାଲିସ୍‌ର ଅସଲ ସର୍ତ୍ତ ସମ୍ବନ୍ଧରେ ବୁଝାଇବାକୁ କହିଲେ ।

ଉଠି ଛିଡ଼ା ହେଲ ବ୍ରଜବଲ୍ଲଭ । କହିଲା, ମୋର ବୁଝାଇବାର କିଛି ନାହିଁ । ମୋର ବନ୍ଧୁ ଉପେନ୍ଦ୍ରଠାରୁ ପ୍ରେସ୍ କର୍ମଚାରୀଙ୍କର ଏଇ ଧର୍ମଘଟ ସମ୍ବନ୍ଧରେ ମୁଁ ଯେତିକ ବୁଝିଛି, ତାରି ଉପରେ ମୋର ଏ ଆଲୋଚନା । କର୍ମଚାରୀମାନଙ୍କ ଦାବୀର ମୂଳ ମନ୍ତ୍ର ଯାହା ଉପେନ୍ ବୁଝେଇଛି—ଶିଳ୍ପସଂସ୍ଥାର ମାଲିକ କେବଳ ସର୍ବମୟ କର୍ତ୍ତା ନୁହେଁ, ସଂସ୍ଥାର କର୍ମଚାରୀ ଯାହାର ଖଟେଣି ଉପରେ ପ୍ରେସ ବା କାଗଜ ନୁହେଁ ଯେ କୌଣସି ମିଲ୍ ବା ଫାକ୍ଟରୀର ଭବିଷ୍ୟତ ନିର୍ଭର କରେ, ସେ ବି ଏକ ଅଂଶୀଦାର । ପ୍ରଥମ ନ ହୋଇପାରେ, ପ୍ରଧାନ ବି ନ ହୋଇପାରେ, କିନ୍ତୁ ବିଶିଷ୍ଟ ଓ ଅପରିହାର୍ଯ୍ୟ । ଶିଳ୍ପସଂସ୍ଥାରୁ କର୍ମଚାରୀମାନଙ୍କର ମେହନତି ମୂଲ୍ୟକୁ ଯଦି ବାଦ୍ ଦିଆଯାଏ, ଆଉ ଅଳବାଲର ଟଙ୍କାରେ ତାହା ଗଢ଼ା ହୋଇଛି ବୋଲି ପୁଞ୍ଜିପତି ଯଦି ହୁଏ ତାର ସର୍ବମୟ କର୍ତ୍ତା, ତେବେ ପ୍ରେସକୁ ସବୁ ଦିନ ପାଇଁ ଚଳେଇବା, ଆଉ କାଗଜକୁ ସବୁ ଦିନ ପାଇଁ ବାହାର କରିବା ଦାୟିତ୍ୱ କ'ଣ କର୍ମଚାରୀମାନଙ୍କର ? କେବଳ ଖଟି ଉପାର୍ଜ୍ଜନ କରିବା ? ତା' ଯଦି ହୁଏ, ସେ ଯେଉଁଠି ବେଶି ପାଇବ, ସେଠିକି ବା ନ ଯିବ କାହିଁକି ? ପୁଣି ଶିଳ୍ପସଂସ୍ଥାର ଆର୍ଥିକ ଉନ୍ନତି ସହିତ ଯଦି କର୍ମଚାରୀମାନଙ୍କର ଭାଗ୍ୟର କ୍ରମୋନ୍ନତି ଓତପ୍ରୋତ ଭାବରେ ଜଡ଼ିତ ନ ରହେ, ତେବେ ମୁଣ୍ଡଝାଳ ତୁଣ୍ଡରେ ମାରି ଆନ୍ତରିକ ଖଟେଣିର ମୂଲ୍ୟ କ'ଣ ? ରଙ୍ଗନାଥବାବୁଙ୍କର ପ୍ରେସ୍ କର୍ମଚାରୀ କାଶୀନାଥ ଯଦି ପନ୍ଦର ବର୍ଷ ତଳେ 'ସ୍ୱାଧୀନ' କାଗଜର ସେଇ ଚାଳଘରର କ୍ରମୋନ୍ନତିକୁ ଆଜିର ଦୁଇମହଲା କୋଠାର ବର୍ଦ୍ଧିଷ୍ଣୁ ଐଶ୍ୱର୍ଯ୍ୟ ଦିଗରୁ ବିଚାର କରି ଦେଖେ, ଆଉ ପନ୍ଦର ବର୍ଷ ତଳର ତାର ସେଇ ଦୈନ୍ୟ ଅବସ୍ଥା କଥା ଆଜି ସେଇପରି ଅପରିବର୍ତ୍ତିତ ରହିଥିବା ଯୋଗୁଁ ହତାଶ ହୁଏ ଆଉ ବିଦ୍ରୋହ କରେ, ନିଜର ହକ୍ ଦାବୀ ପାଇଁ ସଂଘର୍ଷ ପଥରେ ବିପ୍ଳବୀ ସାଜେ, ତା'ହେଲେ ତାକୁ ନେତୃତ୍ୱ ଦବା ପାଇଁ ଉପେନ୍ଦ୍ର ପରି ଯୁବନେତାର ଅଭାବ ରହିବ ନାହିଁ ଏବଂ ସେ ନେତୃତ୍ୱ ଭିତରେ ଯଦି ରହିଥାଏ

ମହତ୍ତ୍ୱ ଚରିତ୍ରର ଆଦର୍ଶ, ତା ହେଲେ ମୋ ପରି ଶହ ଶହ ଯୁବକ ସେ ନେତୃତ୍ୱ ପଛରେ ପ୍ରାଣପାତ କରିବାକୁ ମଧ୍ୟ ପଛେଇବେନି । କାରଣ ରଙ୍ଗନାଥବାବୁଙ୍କ 'ସ୍ୱାଧୀନ' କାଗଜର ପ୍ରେସ କର୍ମଚାରୀ ମୁସ୍ତାଫା ଅଲ୍ଲୀ ଜୀବନରେ ଯୁ' ସମସ୍ୟା ଦେଖା ଦେଇଚି, କାଲି ପାଠ ପଢ଼ିସାରି ମୁଁ ଯଦି କୌଣସି ମିଲ୍, ଫାକ୍ଟରୀ ବା କର୍ମସଂସ୍ଥାରେ ଖଟି ଖାଇବା ପାଇଁ ଯୋଗ ଦିଏ, ତା ହେଲେ ମୋ ଜୀବନରେ ହୁଏ ତ ସେଇୟା ହିଁ ଦେଖା ଦେବ । ସେଇଥିପାଇଁ ହୁଏ ତ ଦାଦାଙ୍କ ଅନିଚ୍ଛା ସତ୍ତ୍ୱେ ମୁଁ ଏ ଧର୍ମଘଟ ପରିଚାଳନାରେ ସାହାଯ୍ୟ କରିଛି ।

କଥା ମଝିରେ ବାଧା ଦେଲେ ରଙ୍ଗନାଥବାବୁ, କହିଲେ—ଯା ପରେ ତୁମେ ଆଉ ଯା' କହିବ ବ୍ରଜବଲ୍ଲଭ, ମୁଁ ଜାଣେ । ତୁମେ ହୁଏ ତ କହିବ, ମୁଁ ଜଣେ କାଗଜର ସମ୍ପାଦକ ହୋଇ, ମାଲିକ ଆଉ ମୂଲିଆର ସହଯୋଗୀମୂଳକ ସଂପର୍କକୁ ଏପର୍ଯ୍ୟନ୍ତ ହୃଦୟଙ୍ଗମ କରି ନ ଥିବା ଘୋର ପରିତାପର କଥା । ମୋର ତ ମନେ ହୁଏ, ମତେ ଏଇ କଥାଟା ବେଶ୍ ନିର୍ଭୀକ ଗଳାରେ ଉପେନ୍ଦ୍ରବାବୁ ପ୍ରଥମରୁ କହି ନିର୍ମମ ଆଘାତ ଦେଇ-ଥିଲେ ଭଲ ହୋଇଥାନ୍ତା । ସ୍ପଷ୍ଟବାଦିତାକୁ ସାଧାରଣତଃ ସହ୍ୟ କରା-ଯାଏନା; କିନ୍ତୁ କାଗଜର ସମ୍ପାଦକ, ଯେ ସତ୍ୟ ଆଉ ସ୍ପଷ୍ଟକୁ ଜୀବନର ଆଦର୍ଶ କରି ସାମ୍ବାଦିକତାର ଜୀବନ ବାଛି ନେଇଛି, ତାର ଯଥେଷ୍ଟ ଉଦାର ହବା ଉଚିତ···ସ୍ପଷ୍ଟବାଦୀକୁ ସମ୍ମାନ ଜଣେଇବା ପାଇଁ । ହୁଏ ତ ତା ମୁଁ ଜଣାଇବି; କିନ୍ତୁ ଦୀର୍ଘ ପନ୍ଦର ବର୍ଷ ସାମ୍ବାଦିକତା କଲା ପରେ, ଆଉ ଦୀର୍ଘ ସାତ ଦିନ ଧରି କାଗଜ ବନ୍ଦ ହେଲା ! ପରେ, ପୁଣି ମୋ ବିରୁଦ୍ଧରେ ମୋ କର୍ମଚାରୀମାନଙ୍କର ସଂଗଠିତ ସଂଗ୍ରାମକୁ ଦଳି ଚକଟି ଧ୍ୱଂସ କରିଦେବାର ସମସ୍ତ କୂଟ ଚକ୍ରାନ୍ତରେ ବ୍ୟର୍ଥମନୋରଥ ହେଲା ପରେ ମୋର ଆଜି ଏ ଯେଉଁ ସ୍ପଷ୍ଟବାଦିତାକୁ ଅଭିନନ୍ଦନ କରିବାର ସ୍ୱୀକୃତି, ତାହା ସୁନ୍ଦର ଶୁଣାଗଲେ ବି ଚମକପ୍ରଦ କିଛି ନୁହେଁ । ଏଥିପାଇଁ ମୁଁ ଅଭିନନ୍ଦିତ ହେବାର ଯୋଗ୍ୟ ବି ନୁହେଁ । ସମାଜର ଅନ୍ୟାୟ, ଅନାଚାର ଆଉ ଦୁର୍ନୀତିକୁ ମୂଳପୋଛ କରିବା ସାମ୍ବାଦିକତାର ଯେଉଁ ଅପରିହାର୍ଯ୍ୟ

କର୍ତ୍ତବ୍ୟ; ଦୁଃଖର କଥା, ମୁଁ ଏତେ ଦିନ ସେଇ ଦୋଷରେ ନିଜେ ଵି ଅଭିଯୁକ୍ତ ହେଇ ଦୋଷୀରୂପେ ଠିଆ ରହିଥିଲି । ଆଜି ଉପେନ୍ଦ୍ର ବାବୁଙ୍କ ପରି ଯୁବକ ଯଦି ସେ ଭୁଲକୁ ମୋର ଭାଙ୍ଗିଦେବା ପାଇଁ ଆଗେଇ ଆସି ନ ଥାନ୍ତେ, କିଏ ଜାଣେ, ହୁଏ ତ ଜୀବନର ବାକି କେତେ ବର୍ଷ ପାଇଁ ସାମ୍ବାଦିକତା କରିବାର ଅହଂକାର ମୋର କେବଳ ଏକ ଦିନ-ମାସ-ବର୍ଷ ଗଣତିର ଗାଣିତିକ ସଙ୍କେତ ରୂପେ ରହିଯାଇଥାନ୍ତା । ସାମ୍ବାଦିକତାର ସଂସ୍କୃତି କି ଯୁଗ ଯୁଗ ବିପ୍ଳବ ଛଛରେ ସାମ୍ବାଦିକତାର ଦାନ ସମ୍ବନ୍ଧରେ ଅନ୍ତର୍ନିହିତ ସତ୍ୟକୁ ଉପଲବ୍ଧି କରିବାରେ ପୂରାପୂରି ଅନ୍ଧାରରେ ରହିଯାଇଥାନ୍ତି । ସାମ୍ବାଦିକତା ମୋ ପାଇଁ ହେଇଥାନ୍ତା କେବଳ ଏକ ଜୀବିକାର କଥା—ଆଦର୍ଶର କଥା ନୁହେଁ କି ମହାମାନବର ସେବାର କଥା ନୁହେ । କିଛି କିଛି ଯେପରି ଭାବପ୍ରବଣ ହେଇଉଠିଲେ ରଙ୍କନାଥବାବୁ, ଆଉ ସେହି ଭାବୋଚ୍ଛ୍ୱାସ ଭିତରେ ସେ ଯେତେବେଳେ କହିଲେ—ଉପେନ୍‌ବାବୁ ଦାବୀ କରିଛନ୍ତି, ପ୍ରେସ ଓ କାଗଜ ସଂସ୍ଥାର ଆର୍ଥିକ ବିକାଶ ଭିତରେ ଆଜିଠୁ ତାର କର୍ମିବୃନ୍ଦମାନେ ରହିବେ ଅଂଶୀଦାର, ମୁଁ ସେ ଦାବୀକୁ ସର୍ବାନ୍ତଃ-କରଣରେ ସ୍ୱୀକାର କରୁଛି । ସେତେବେଳେ ସମସ୍ତଙ୍କ କରତାଳି ଭିତରେ ପ୍ରଥମ ଆଉ ଶେଷ ପର୍ଯ୍ୟନ୍ତ ଆଡ୍‌ଭୋକେଟ୍ ରମଣୀ-ବଲ୍ଲଭଙ୍କର କରତାଳିର ଦୀର୍ଘତା ଶୁଣାଯାଇଥିଲା ପ୍ରଶଂସିତ ଧ୍ୱନିରେ ।

ତା ପରେ ହୋଇଥିବା ଚୋଟିଏ ଲମ୍ବା ଫର୍ଦ୍ଦକୁ ଅଡ୍‌ଭୋକେଟ୍‌ଙ୍କ ଆଡେ ବଢ଼ାଇଦେଲେ ରଙ୍କନାଥବାବୁ । କହିଲେ—ମୋ ତରଫରୁ କର୍ମିବୃନ୍ଦମାନଙ୍କର ସମସ୍ତ ଦାବୀକୁ ସ୍ୱୀକାର କରି ଏ ଚିଠା ପ୍ରସ୍ତୁତ ହେଇଚି । ମଧ୍ୟସ୍ଥତା କରିବାର ଦୟା ଦେଖାଇଛନ୍ତି ଆପଣ, ମୋ ପାଇଁ, ପ୍ରେସ୍ କର୍ମିବୃନ୍ଦମାନଙ୍କ ତରଫରୁ ଆପଣ ଗୋଟିଏ କଥାର କେବଳ ନିଷ୍ପତ୍ତି ଜଣାଇବେ । ମୋ ପରି ପ୍ରେସ୍ ଆଉ କାଗଜର ଅଂଶୀଦାର ରହିଲେ କର୍ମିବୃନ୍ଦ; କିନ୍ତୁ ସେ ଅଂଶର ପରିମାଣ କେତେ, ତାହା ହିଁ ନିର୍ଦ୍ଧାରଣ କରିବେ ଆପଣ ।

ଅଧୈର ହେଇ ଉତ୍ତର ଦେଲା ଉପେନ । କହିଲା—ଅଂଶରେ ପରିମାଣଟା କର୍ମିବୃନ୍ଦମାନଙ୍କ ଦାବୀର ମୂଳ କଥା ନୁହେଁ, "ଅଂଶନାମା"କୁ

ସ୍ୱୀକାର କରିବା ହେଲା ଦାବୀର ପ୍ରଥମ ସର୍ତ୍ତ । ତା ସେତେବେଳେ ଆପଣ ମାନ ନେଇଛନ୍ତି, ଅଂଶର ପରିମାଣ ବ୍ୟାଖ୍ୟା ପରେ ହେଲେ ବି ଚଳିବ । ଆଜିଠୁ ସେମାନେ କାମରେ ଯୋଗ ଦିଅନ୍ତୁ, ଆଜି ରାତିରୁ ପ୍ରେସ୍ ଖୋଲୁ ହଉ, କାଲି ସକାଳୁ କାଗଜ ବାହାରୁ ।

—ଏଣିକି କାଗଜ ବାହାରିବା ନ ବାହାରିବା, ସେ ତୁମ ଦାୟିତ୍ୱ ଉପେନ୍ ! ଆଜିଠୁ ପ୍ରେସ କର୍ମଚାରୀଙ୍କ ସ୍ୱାର୍ଥ ସଂରକ୍ଷଣ କରିବା ଦିଗରେ ବ୍ରଜବଲ୍ଲଭଙ୍କୁ ନେତୃତ୍ୱ କରିବା ପାଇଁ ପରାମର୍ଶ ଦେବା କେବଳ ତୁମର ଦାୟିତ୍ୱ ନୁହେଁ, 'ସ୍ୱାଧୀନ' କାଗଜକୁ ଯଥାର୍ଥ ସ୍ୱାଧୀନ ଭାବରେ ଆତ୍ମପ୍ରକାଶ କରିବା ଦିଗରେ, ନିର୍ଭୀକ ସାମ୍ବାଦିକତାକୁ ବଜାୟ ରଖିବା ହେଲା ତୁମର ପରମ କର୍ତ୍ତବ୍ୟ···କହି ଉପେନ୍ ହାତରେ ଆଉ ଏକ ସ୍ୱାକ୍ଷରିତ ଦଲିଲ୍ ଗୁଞ୍ଜିଦେଲେ ରଙ୍ଗନାଥବାବୁ —ଆଜିଠାରୁ ସମ୍ବାଦ-ପତ୍ରର ପରିଚାଳନା ସମ୍ପାଦକ ରହିଲ ତୁମେ । ଆଉ ତୁମର ସେ ଦାୟିତ୍ୱ ତୁଲାଇବା ବିନିମୟରେ ପ୍ରେସ୍ ଓ ପତ୍ରିକାରେ ମୋର ସଂରକ୍ଷିତ ଅଂଶରୁ ମୁଁ ତୁମକୁ ଦେଲି ଏକ-ଚତୁର୍ଥାଂଶ ।

ଅବାକ୍ ହେଲା ଉପେନ୍ । ସାମାନ୍ୟ ଟିକେ ଆଘାତରେ ଏତେଦୂର ଭାଜି ପଡ଼ିଛନ୍ତି ରଙ୍ଗନାଥବାବୁ ? ସେ କ'ଣ ଏତେ ଦୁର୍ବଳ ? କିନ୍ତୁ ତାଙ୍କର ଏଇ ସ୍ୱେଚ୍ଛାପ୍ରଣୋଦିତ ମହାନୁଭବତା ପଛରେ ତ କୌଣସି ଦୁରଭିସନ୍ଧି ଥିଲା ପରି ଜଣା ପଡ଼ୁନାହିଁ ! ନା, ନା, ସନ୍ଦେହ କରିବାର କ'ଣ ଅଛି ? ରଙ୍ଗନାଥବାବୁ ପ୍ରଥମ ଜୀବନରେ ହୁଏ ତ ଥିଲେ ସାହିତ୍ୟିକ । ପରେ ଅବସ୍ଥାଚକ୍ରରେ ହୁଏ ତ ସାହିତ୍ୟକୁ ବଞ୍ଚିବାର ଅବଲମ୍ବନ ରୂପେ ଗ୍ରହଣ କରିବା ସମ୍ଭବ ନ ହେବାରୁ ସାମ୍ବାଦିକତାର ଆଶ୍ରୟ ନେଇଛନ୍ତି । କିନ୍ତୁ ସାହିତ୍ୟିକର ଭାବପ୍ରବଣତା ଏବେ ବି ନିଶ୍ଚିହ୍ନ ହୋଇଯାଇନି ତାଙ୍କ ପ୍ରକୃତିରୁ । ସେଇଥିପାଇଁ ଟିକିଏ ଆଘାତରେ ସତ୍ୟକୁ ସ୍ୱୀକାର କରିବାର ଅନ୍ତର୍ଦୃଷ୍ଟି, ଆଉ ଟିକିଏ ପ୍ରଶଂସାରେ ସବୁ କିଛି ଦେଇଦେବାର କାବ୍ୟିକ ଉଚ୍ଛ୍ୱାସ ଏବେ ବି ବିଲୁପ୍ତ ହୋଇନି । କିନ୍ତୁ ତାଙ୍କର ଏଇ ଭାବୋଚ୍ଛ୍ୱାସର ସେ କ'ଣ ସୁଯୋଗ ନେବା ଉଚିତ ?

ଚିନ୍ତା କରି ସିଦ୍ଧାନ୍ତରେ ପହଞ୍ଚିବାକୁ ଡେରି ହେଲାନି ଉପେନ୍ଦ୍ର । ବିନମ୍ର କୃତଜ୍ଞତା ଜଣାଇ ସେ କହିଲେ— ଆପଣଙ୍କ ସହୃଦୟତା ପାଇଁ ମୋର ଧନ୍ୟବାଦ ହିଁ କେବଳ ଯଥେଷ୍ଟ ନୁହେଁ । ଆପଣ ମତେ କାମରୁ ବାହାର କରି ଦେଇଥିଲେ ମଧ୍ୟ ମୁଁ ଆପଣଙ୍କୁ ମୋର ଅନ୍ନଦାତା ହିସାବରେ ଏବେ ବି ଅସ୍ୱୀକାର କରିବାର ଧୃଷ୍ଟତା କରେନା । ପୁଣି କର୍ମଚାରୀ-ମାନଙ୍କର ଦାବୀକୁ ଆପଣ ଯେପରି ସହଜରେ ଗ୍ରହଣ କରିଛନ୍ତି, ଆଉ ଯେପରି ସରଳ ପ୍ରାଣରେ ଶ୍ରମିକ-ଜୀବନର ଦୁଃଖ ଦୈନ୍ୟ ସହିତ ଏକ ହୋଇ ସହାନୁଭୂତି ପ୍ରକାଶ କରିଛନ୍ତି, ତା ଯେ କେତେ ବଡ଼ ମହାନୁଭବତାର ଆଦର୍ଶ, ତା ମର୍ମେ ମର୍ମେ ମୁଁ ଅନୁଭବ କରୁଛି । ସର୍ବାନ୍ତଃକରଣରେ ମୁଁ ଆପଣଙ୍କର ଉଦାରତାକୁ ପ୍ରଶଂସା କଲାବେଳେ କିନ୍ତୁ ଗୋଟିଏ କଥା ଭାବି ଆଶ୍ଚର୍ଯ୍ୟ ହେଉଛି, ଆପଣଙ୍କ ପାଖେ ନିଯୁକ୍ତିର ମାତ୍ର ଦେଢ଼ ମାସ ଭିତରେ ମୁଁ ଏପରି କି କୃତିତ୍ୱ ଦେଖେଇ ପାରିଛି, ଲେଖାରେ ବା କର୍ତ୍ତବ୍ୟରେ, ଯାହାର ମୂଲ୍ୟାୟନ ଆପଣଙ୍କ ସହିତ ଜଣେ ଅଂଶୀଦାର ହେବାର ସୌଭାଗ୍ୟ ମୋତେ ଆଣି ଦେଇପାରେ । ମୋର ମତ ହେଲା, ଜଣକୁ ତା ହକ୍ ପ୍ରାପ୍ୟରୁ କିଛି ଊଣା କରି ଦେବା ଯେପରି ଉଚିତ ନୁହେଁ, ଜଣକର ପ୍ରାପ୍ୟ ଯା' ନୁହେଁ ତାଠାରୁ ତାକୁ ଅଧିକ ଦେବା ବି ସେହିପରି ଅଯୌକ୍ତିକ । କାଶୀନାଥ ଆଉ ମୁସ୍ତାଫା ଆଲି ପ୍ରଭୃତି ପ୍ରେସ କର୍ମଚାରୀ-ମାନଙ୍କ ବହୁ ବର୍ଷ ଧରି ବିଶ୍ୱସ୍ତ କର୍ମଚାରୀ ଭାବରେ ସ୍ୱୀକାର କରିବା ତୁଳନାରେ ମୋର ମାତ୍ର ଦେଢ଼ ମାସର ସହକାରୀ ସମ୍ପାଦକତ୍ୱର ଗୁରୁତ୍ୱ ବା କେତେ ଟିକିଏ । ଅଥଚ ସେମାନଙ୍କର ଅଂଶର ପରିମାଣ ଆପଣ ନିଜେ ନିର୍ଦ୍ଧାରଣ କରି ନ ପାରିଥିବା ସ୍ଥଳେ, ଆପଣଙ୍କ ଅନୁଷ୍ଠାନର ଆର୍ଥିକ କ୍ଷତି, ଆଉ ଦୁର୍ନାମର କାରଣ ଯେ ହୋଇଛି, ତାକୁ ଏପରି ଭାବରେ ପୁରସ୍କୃତ କରିବାର ଯଥାର୍ଥତା କେଉଁଠି, ମୁଁ ଦେଖିପାରୁ ନାହିଁ...କହି ସେ ଉଠି ଠିଆହେଲେ । କହିଲେ—ମୁଁ ଯେଉଁ ଦିନ ଆପଣଙ୍କ ପାଇଁ କିଛି କରିବି, 'ସ୍ୱାଧୀନ' କାଗଜର ନିର୍ଭୀକ ମତବାଦକୁ ଦେଶ ଓ ଦଶରେ ଅକପଟ ପ୍ରଶଂସାର ଆଦର୍ଶ ରୂପେ ଠିଆ କରେଇ ପାରିବି, ସେଦିନ ହୁଏ ତ ମୋ ଦାବୀ ମୁଁ ମୁସ୍ତଫା ଆଲି ଓ କାଶୀନାଥଙ୍କ ପରି ଆପଣଙ୍କ ପାଖରେ ପେଶ୍ କରି ସ୍ୱତନ୍ତ୍ର ବିଚାର ପ୍ରାର୍ଥନା କରିବି । ଭବୋଚ୍ଛ୍ୱସିତ ଦୟା ବା ଅହେତୁକ ସହାନୁଭୂତିର ଆର୍ଥିକ ବଦାନ୍ୟତା ପାଇଁ ନୁହେଁ,

ମୁଁ କଥା ଦଉଚି, ପରିଚାଳନାର ଦାୟିତ୍ୱ ମୁଁ ଗ୍ରହଣ କରିବି । ହୁଏ ତ କମ୍ପାନୀ ଆର୍ଥିକ ସଚ୍ଛଳତା ପ୍ରତି ଆପଣ ଦୃଷ୍ଟି ଦେଇ ଉଚିତ ବିଚାର କରିବେ । କିନ୍ତୁ ହଠାତ୍ ମୋତେ ବଡ଼ଲୋକ କରିଦେବାର ଅନୁଗ୍ରହତା ଦେଖାଇବାର ମୂଲ୍ୟ କିଛି ନାହିଁ । ମୁଁ ପ୍ରେସ କର୍ମଚାରୀଙ୍କର ସଚ୍ଛଳତା ପାଇଁ ଆପଣଙ୍କ ପାଖେ ଦାବୀ କରୁଛି, ଅପ୍ରୟସ କରିବାର ପ୍ରାଚୁର୍ଯ୍ୟ ପାଇଁ ନୁହେଁ । ପ୍ରୟୋଜନ ଓ ପ୍ରାଚୁର୍ଯ୍ୟ ଦୁଇଟି ଅଲଗା ଜିନିଷ । ପୁଞ୍ଜିପତିଙ୍କର ପ୍ରାଚୁର୍ଯ୍ୟର ଅହଂକାର ଭାଙ୍ଗିଦେବା ପାଇଁ ଯଦି ଆଜି ସମାଜବାଦର ଦୁଆ ପୃଥିବୀର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ସାମୂହିକ ଶକ୍ତି ସଂଗ୍ରହ କରି ବଳିଷ୍ଠ ହୋଇ ଉଠୁଥାଏ, ତେବେ ସେଠି କେତେ ଟିକଏ ବା ଆପଣଙ୍କର ସଞ୍ଚୟ ! କେତେ ବା ବରବାଦ କରିପାରିବେ ଆପଣ ? ପ୍ରାଚୁର୍ଯ୍ୟରେ ବୁଡ଼ାଇରଖି ମୋ ଆଶା ଓ ଅଭିଳାଷକୁ କେତେ ଦୂର ବା ପରିତୃପ୍ତ କରିପାରିବେ ଆପଣ ? ପ୍ରାଚୁର୍ଯ୍ୟର ନିଶା ଥରେ ଘାରିଲେ ମୁଣ୍ଡକୁ, ତାର କ'ଣ ଶେଷ ଅଛି ? ପ୍ରାଚୁର୍ଯ୍ୟ ଇ ତ ମଣିଷର ରୌରବର ପଥ । ସେଥିରେ ମତେ ଆପଣ ପ୍ରଲୋଭିତ କରୁଛନ୍ତି କାହିଁକି ? ବଡ଼ ହେବାର ମୂଳ ମନ୍ତ୍ର ସଂଗ୍ରାମଶୀଳ ଜୀବନର କର୍ମପ୍ରବଣତା, ଅପ୍ରୟସ ବା ଆରାମ ନୁହେଁ । ମୁଁ ଯାଉଚି । ପ୍ରେସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଉଚି, ଆଜି ରାତିରୁ ସେମାନେ କାମରେ ଯୋଗ ଦେବେ । କାଲି ସକାଳଠୁ ବାହାରିବ କାଗଜ ।

ଉପେନ୍ କହୁଥିଲା ବେଳେ ଘର ଭିତରେ ଓ ବାହାରେ ଯେପରି ଗୋଟିଏ ଐନ୍ଦ୍ରଜାଲିକ ପ୍ରଭାବର ଅଦ୍ଭୁତ ଶକ୍ତି ପ୍ରାଣବନ୍ତ ହୋଇ କଥା କହୁଥିଲା, ଛୁଉଁଥିଲା ସମସ୍ତଙ୍କୁ ପ୍ରତ୍ୟକ୍ଷ ଭାବରେ । ଆଉ ସମସ୍ତଙ୍କୁ ଅଭିଭୂତ କରି ଦେଇଥିଲା ଏକ ମାନବିକ ସଂଭ୍ରମତାର ଉଦାର ଅନୁପ୍ରେରଣାରେ ।

ସେ ଅନୁପ୍ରେରଣାର ଉଚ୍ଛ୍ୱାସ ସବୁଠୁ ବେଶି ଉଠିଥିଲା ଆଡ଼ଭୋକେଟ୍ ରମଣୀବଲ୍ଲଭଙ୍କ ମନରେ । ଉପେନ୍ଦ୍ରର କଥା ଶୁଣୁ ଶୁଣୁ ସେ ଭାବୁଥିଲେ, ଏ ଯୁବକ କ'ଣ ଚରିତ୍ରହୀନ ?

ଏଇ ଗୋଟିଏ ପ୍ରଶ୍ନ । ହୁଏ ତ ରମଣୀବାବୁଙ୍କ ପକ୍ଷରେ ଏଇ ଆଲୋଚନାର ଘଣ୍ଟାକ ପୂର୍ବେ ଏଇ ପ୍ରଶ୍ନ ଥିଲା ପ୍ରଥମ, ଆଉ ଆଲୋଚନାର

ସମାପ୍ତି ପରେ ଏଇ ପ୍ରଶ୍ନ ହିଁ ଶେଷ ପ୍ରଶ୍ନ । କିନ୍ତୁ ଉତ୍ତର କାହିଁ ? ଉତ୍ତର ଦେବ କିଏ ରମଣୀବାବୁଙ୍କୁ, ଯଦି ଉତ୍ତର ସେ ନିଜେ ଖୋଜି ବାହାର ନ କରନ୍ତି···! ! ପ୍ରଶ୍ନଟା କିନ୍ତୁ ତାଙ୍କ ମନରେ ଉଦୟ ହେଉଥିଲା ଦଶ ଜଣଙ୍କ କଥାରେ । ସେ କ'ଣ ଉତ୍ତର ପାଇଁ ଧାଇଁ ଯିବେ ସେଇ ଦଶ ଜଣଙ୍କ ପାଖକୁ ? କୁ'ଠି ଅଛନ୍ତି ସେ ଦଶ ଜଣ ଆଜି ସମାଜରେ ? ରଖିଚନ୍ତି ସେ ତାଙ୍କ ଠିକଣା କେଉଁ ଡାଏରୀରେ ? ଉପେନ୍ଦ୍ର ଯଦି ଆଜି ଅଦାଲତରେ କେସ୍ କରେ, ତା ଚରିତ୍ରକୁ ଆକ୍ଷେପ କରି ତା ସାମାଜିକ ପ୍ରତିଷ୍ଠା ଉପରେ ସେ ଆଞ୍ଚ ଆଣିଚନ୍ତି ବୋଲି ? ଦୁର୍ଦ୍ଧର୍ଷ ଆଡ୍‌ଭୋକେଟ୍ ସେ । ଆଣିପାରିବେ ସେ ଦଶ ଜଣଙ୍କୁ ସାକ୍ଷୀ କରି ମିସଲ ଉପରକୁ ? ତାଙ୍କ ଉପାର୍ଜନର ଅର୍ଦ୍ଧେକ ସମ୍ପତ୍ତି ଖର୍ଚ୍ଚ କରି ବି ସେ ସମାଜର ଆଉ କେତେଟାଙ୍କୁ ଆର୍ଥିକ ପ୍ରଲୋଭନ ଦେଖାଇ ସାକ୍ଷୀ ସଂଗ୍ରହ କରିବାର ଅଭିଯାନରେ ବାଜିମାତ୍ କରିପାରିବେ ? ତାଙ୍କ ଜୀବନରେ ବହୁତ କେସ୍ ସେ ବାଜିମାତ୍ କରିଛନ୍ତି । କିନ୍ତୁ ଏ ସାମାନ୍ୟ କେସ୍, ଯୁ' କେସ୍‌କୁ ତାଙ୍କ ପରି ଲୋକ ଦଶ ଜଣଙ୍କ କଥାରେ ପ୍ରଭାବିତ ହୋଇ ସୃଷ୍ଟି କରିଚି, ଆଉ ଯୁ' ସୃଷ୍ଟି ଏକ ସାଧାରଣ ବିଷୟବସ୍ତୁର ଘଟଣାରୁ ଉପେନ୍ଦ୍ର ପରି ଏକ ଉଦୀୟମାନ ଜନନାୟକର ଚରିତ୍ରସଂହାର ପାଇଁ ସଂଯୋଜିତ ପରିକଳ୍ପନା—କି ସାଂଘାତିକ ଚରିତ୍ରସଂହାର !! ସେ ତ ଖୁନ୍‌ଠୁ ବି ବଳି ଜଘନ୍ୟ । ତା ହେଲେ ସେ ତ ଏକ ଖୁଣୀ ଅପରାଧୀ ପରି ଆଜି ଉପେନ୍ ପାଖରେ । ହୁଏ ତ ଉପେନ୍ ଜାଣେନା, ତା ଅଲକ୍ଷ୍ୟରେ ତାକୁ କପରି ଛୁରିବିଦ୍ଧ କରି ଆହତ କରିଛନ୍ତି ସେ । କ୍ଷତବିକ୍ଷତ କରିଛନ୍ତି ତା' ପୌରୁଷକୁ । ତା ପୁଣି ତାର ପରମ ବନ୍ଧୁ ବ୍ରଜ ଆଉ ତାର ସ୍ତାବକ ବନିତା ପାଖରେ । ସେ ଯିବେ କୁଆଡ଼େ ? ଏ ଘରେ ରହି ବନିତା ଆଉ ବ୍ରଜ ପାଖରେ ସେ ତାଙ୍କର ଅପରାଧୀ ମୁହଁକୁ ଆଉ ଦେଖାଇ ପାରିବେ ତ ? ଛି, ଛି, ଏତେ ବଡ଼ ଭୁଲ୍ ସେ କରିପାରିଲେ ଏ ପ୍ରୌଢ଼ ବୟସରେ ? ଆଇନ ବିଦ୍ୟାରେ ଏତେ ପ୍ରଖରତା ନେଇ ତାଙ୍କ ପରି ଲୋକ ଏତେ ବଡ଼ ଭୁଲ କରିପାରିଲା ? ସେ ମୁହୂର୍ତ୍ତିକ ପାଇଁ ରହିଯାଇ ପୁଣି ଭାବିଲେ, ସେ ଯଦି ଏତେ ବଡ଼ ଭୁଲ୍ କରି-ପାରିଲେ, ସାମାନ୍ୟ ଉତ୍ତେଜନାରେ ଭଲମନ୍ଦ ବିଚାରବୁଦ୍ଧି ହରେଇ··· ସେ ଯଦି ଉପେନ୍ଦ୍ର ପରି ଏକ ନିଷ୍କଳଙ୍କ ଜୀବନକୁ ଚରିତ୍ରହୀନ କହି-

ପାରଲେ, ତା ହେଲେ ଲକ୍ଷ୍ମୀ ଥିଏଟର୍ସର ଅଭିନୟ ମଞ୍ଚପରୁ ତା ଟାଁର ପତିତା ମାଧବୀକୁ ଅଧଃପାତରୁ ଉଦ୍ଧାର କରିବା ପାଇଁ ଉପେନ୍ ଯଦି ଏକ ଉତ୍ତେଜିତ ମୁହୂର୍ତ୍ତରେ ଟାଣିଆଣି ଘରେ ଆଶ୍ରୟ ଦେଇଥାଏ ତା ଚରିତ୍ରକୁ ସଂଶୋଧନ କରି ସମାଜରେ ତାକୁ ଭଲ ହୋଇ ବଞ୍ଚିବା ପାଇଁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ···ତା ହେଲେ ସେଥିରେ କ'ଣ ସେ ଭୁଲ୍ କରୁଥିଲା ? ସେ ଭୁଲ୍ କ'ଣ ତାର ଚରିତ୍ରହୀନତା ? ଆଶ୍ଚର୍ଯ୍ୟ ! ଆଇନ୍‌ର କୁ' ଦଫାରେ ଏ ଯୁକ୍ତିର ନଜିର ସେ କାଢ଼ି ଦେଖେଇ ପାରିବେ ? ମନକୁ ମନ ବିଦ୍ରୂପ କଲା ପରି ସମସ୍ତଙ୍କ ଅଲକ୍ଷ୍ୟରେ ସେ ଟିକିଏ ହସିଲେ । ଭାବିଲେ, ଜଣେ ଚରିତ୍ରବାନ୍ ଯୁବକକୁ ସେ ଦଶ ଜଣଙ୍କ କଥାରେ ଚରିତ୍ରହୀନ କହି ନିଜ ଚରିତ୍ରର ବଡ଼ିମା ଜାହିର କଲେ, ଅଥଚ ଜଣେ ଚରିତ୍ରହୀନାକୁ ସମାଜରେ ଚରିତ୍ରବତୀ କରି ପ୍ରତିଷ୍ଠା କରିବାରେ ଉପେନ୍ ସେଦିନ ତା ଚରିତ୍ରର ଏକ ଉଜ୍ଜ୍ୱଳ ଆଦର୍ଶ ଦେଖାଇଥିଲା—ତା ହେଲା ତାଙ୍କ ପାଖରେ ଚରିତ୍ରହୀନତା ? ଛି, ଛି, ଛି, କି ଭୁଲ ସେ କରିଚନ୍ତି ! କି ସାଂଘାତିକ ଭୁଲ୍ !! ଭାବୁ ଭାବୁ ନିଜ ଅଜାଣତରେ ସେ ଅସ୍ପଷ୍ଟ ଭାବରେ କ'ଣ କହି-ଉଠିଲେ ।

—କ'ଣ କହୁଛନ୍ତି ? କହନ୍ତୁ ରମଣୀବାବୁ ! ଅନୁରୋଧ କଲେ ରଙ୍ଗନାଥବାବୁ—ଆପଣ ଟିକେ ଉପେନ୍‌ବାବୁଙ୍କୁ ବୁଝାନ୍ତୁ ।

ଠିକ୍ ଏଇ ଅନୁରୋଧ ରଙ୍ଗନାଥବାବୁଙ୍କୁ କରିବା ପାଇଁ ଆଗେଇ ଯାଉଥିଲେ ରମଣୀବାବୁ । କିନ୍ତୁ କିଏ କାହାକୁ ଅନୁରୋଧ କରିବ ? ରଙ୍ଗନାଥବାବୁଙ୍କର ହୋଇ ରମଣୀବାବୁ କହିବେ, ନା ରମଣୀବାବୁଙ୍କ ପାଇଁ ରଙ୍ଗନାଥ ? ଏ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ହେବା ଆଗରୁ ସଶ୍ରଦ୍ଧ ନମସ୍କାର ଜଣେଇ, ଉପେନ୍ ବିଦାୟ ମାଗି ଆଗେଇଲା ଦୁଆର ଆଡ଼େ ।

—ଉଠିଲ ଯେ ! ବସ । ସସ୍ନେହ କଣ୍ଠରେ କହିଲେ ଆଡ଼-ଭୋକେଟ୍—କଥା ସରିନି । ମୋର କିଛି କହିବାର ଅଛି ।

ଆସିବାକୁ ଉଦ୍ୟତ ହଉହଉ ଟିକିଏ ଛିଡ଼ା ହେଲା ଉପେନ୍ । କହିଲା—କର୍ମଚାରୀମାନଙ୍କ ଅଂଶପରିମାଣ ନିର୍ଦ୍ଧାରଣ ସମ୍ବନ୍ଧରେ ଅପଣ

କହିବେ ବୋଧହୁଏ । କିନ୍ତୁ ତା ତ ଆପଣ ପରେ କହିଲେ ବି ଚଳିବ । ଆଉ ସେ ନିଷ୍ପତ୍ତି ମୋର ବା ପ୍ରେସ କର୍ମଚାରୀମାନଙ୍କ ଉପସ୍ଥିତିରେ ନ ହେଲେ ବୋଧହୁଏ ସୁନ୍ଦର ହୁଅନ୍ତା ।

—ନା, ନା, ସେ ବିଷୟ ନୁହେଁ । ମୁଁ କିଛି ଭୁଲ କରିଚି ।

କିଛି ନ ଜାଣିଲା ପରି ଆଡ୍‌ଭୋକେଟ୍‌ଙ୍କ ମୁହଁକୁ ଚାହିଁଲା ଉପେନ୍ । କହିଲା—ଆପଣ କି ଭୁଲ୍ କରିଚନ୍ତି ? ଆପଣଙ୍କର ସେ ଭୁଲ୍‌କୁ ଏତେ ଲୋକଙ୍କ ଆଗରେ ସ୍ୱୀକାର କରି ମତେ ଆପଣ ଲଜ୍ଜା ଦିଅନ୍ତୁନି ।

ଅସ୍ପଷ୍ଟ ଗଳାରେ ପଚାରିଲେ ରମଣୀବାବୁ—ଜାଣ ତୁମେ, ମୁଁ କି ଭୁଲ୍ କରିଚି ?

—ଜାଣେ । ଆପଣଙ୍କ ଘରେ ମତେ ପ୍ରଶ୍ରୟ ଦେଇଥିବାର ଭୁଲ୍ । ଜଣେ ଚରିତ୍ରହୀନ ଯୁବକକୁ ଆପଣଙ୍କ ପରିବାର ସହିତ ନିକଟ ସମ୍ପର୍କରେ ଆସିବାକୁ ସୁଯୋଗ ଦେଇଥିବାରୁ ଭୁଲ୍ । ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଦେଇ-ଯାଉଚି, ଆଲୋଚନା ପାଇଁ ଆଜି ମୁଁ ଯେତେବେଳେ ପ୍ରଥମେ ଏ ଘର ଭିତରକୁ ଆସିଲି, ଆପଣ ଯୁଁ ଦୃଷ୍ଟିକୋଣରୁ ମତେ ଫେରିଯିବାକୁ କହିଥିଲେ, ଆଉ ତାର କିଛି ସମୟ ଆଗରୁ ଆପଣ ବ୍ରଜ ଆଉ ବନିତାକୁ ମୋ ସହିତ ସମସ୍ତ ସଂପର୍କ ଛିନ୍ନ କରିବାକୁ ଯେଉଁ ଆଦେଶ ଦେଇଥିଲେ, ତା ମୁଁ ସବୁ ଶୁଣିଚି । ଆଉ ସେ ଆଦେଶ ପାଳନ କରିବାରେ ମୁଁ ହିଁ ତାଙ୍କୁ ସାହାଯ୍ୟ କରିବି ସର୍ବପ୍ରଥମେ । 'ଚରିତ୍ରହୀନ' ସହିତ ସଂସ୍ପର୍ଶରେ ଆସି ଯେ ନଷ୍ଟ ହୁଏ, ଦୋଷ ତାର ନୁହେଁ; ଯେ ନଷ୍ଟ କରଏ, ଅପରାଧ ତାରି ହିଁ ଗୁରୁତର । କହୁ କହୁ ଉପେନ୍ଦ୍ରର ଆଖି ଛଳଛଳ ହୋଇଆସିଲା ।

ଅଶ୍ରୁସଜଳ ଝାପ୍‌ସା ଦୃଷ୍ଟିରେ ଉପେନ୍ଦ୍ର ଘର ଭିତରୁ ଛୁଟି ଆସିଲା ବାହାରକୁ; କିନ୍ତୁ ଆସିଲାବେଳେ ସେ କ'ଣ ଲକ୍ଷ୍ୟ କରିବାର ସୁଯୋଗ ପାଇଲା ବ୍ରଜବଲ୍ଲଭକୁ ?

ବନିତାକୁ ?

ରମଣୀବାବୁଙ୍କୁ ?

ଆଡ୍‌ଭୋକେଟ୍ ରମଣୀବାବୁ କ'ଣ କାନ୍ଦୁଥିଲେ ?

ସୃଷ୍ଟିର ଗଭୀରତା ମାପିବାର ଯନ୍ତ୍ର ଅଛି, ଅନ୍ଧକାରକୁ ଦୀପ୍ତ କରି ତୋଳିବାର ମନ୍ତ୍ର ଅଛି; କିନ୍ତୁ ତମସାଚ୍ଛନ୍ନ ପ୍ରାଣର ବେଦନା-ବିକ୍ଷୁବ୍ଧ ଅତଳତାକୁ ବୁଝିବାର ଯନ୍ତ୍ର କ'ଣ ? ସେ ଯନ୍ତ୍ର କ'ଣ ଏପର୍ଯ୍ୟନ୍ତ ଉଦ୍ଭାବିତ ହୋଇଚି ପୃଥିବୀରେ ?

ଏ ପ୍ରଶ୍ନର ଉତ୍ତର ସୃଷ୍ଟିର ଆବହମାନ କାଳରୁ ଏପର୍ଯ୍ୟନ୍ତ ବି ଖୋଜି ବୁଲୁଚି କେତେ ବିଦଗ୍ଧ ପ୍ରାଣ । ନିଖୋଜିବାର ସାନନ୍ଦ ଆଗ୍ରହ ନେଇ କେତେ ରୌଦ୍ରଦଗ୍ଧ ମରୁଭୂମିକୁ ପ୍ରବଳ ଉତ୍ତେଜନାରେ ଅତିକ୍ରମ କରିଚି, କେବେ ଦିଗନ୍ତପ୍ରସାରୀ ସମୁଦ୍ରର ତରଙ୍ଗ-ଉଚ୍ଛ୍ୱାସ ଭିତରକୁ ଲମ୍ଫ ଦେଇଚି, ଆଉ କେତେବେଳେ କଳ୍ପନାର ନିରନ୍ଧ୍ର ଅରଣ୍ୟ ଘୂରି ଫେରି ଆସି ବାସ୍ତବ ଦୁନିଆର ରାଜପଥ ଉପରେ ହତାଶ ପ୍ରାଣ ନେଇ ସେ ହୁଏ ତ ସଭ୍ୟତାସମୃଦ୍ଧ ମହାନଗରୀକୁ ପ୍ରଶ୍ନ କରିଚି, ମନର ଦୁଃଖ ବୁଝିବାର ମନ୍ତ୍ର କ'ଣ ? ହୁଏ ତ ଏ ପ୍ରଶ୍ନର ପ୍ରତିଧ୍ୱନି ଫେରିଆସିଚି ଶୂନ୍ୟାକାଶରୁ ତାରି ପାଖକୁ ଆଉଥରେ, ଏକ ବିରାଟ ପ୍ରଶ୍ନବାଚକ ରୂପେ । ଉପେନ୍ଦ୍ର ଭାବିଲା, ପ୍ରତ୍ୟେକ ମଣିଷର ମନ ତାରି ପାଖରେ ଇ ଶ୍ରେଷ୍ଠ ପ୍ରଶ୍ନବାଚକ । ତାର ଦୁଃଖ ଏକାନ୍ତ ଇ ତାର । ଦୁନିଆରେ କାହାର କିଛି ଯାଏ ଆସେନା ଅନ୍ୟର ଦୁଃଖଦୁର୍ଦ୍ଦଶାରେ । ତା ଯଦି ସମ୍ଭବ ହଉଥାନ୍ତା, ତାହେଲେ କାହିଁକି ଖୋଜା ଚାଲିଥାନ୍ତା ଦରଦୀ ହୃଦୟର ? ହୃଦୟ ପାଇବା ପାଇଁ ବିଦଗ୍ଧ ପ୍ରାଣ କାହିଁକି ବାଛୁଥାନ୍ତା ସାଧନାର ପଥ ? ସହଜ ନୁହେଁ ବୋଲି ତ ସୃଷ୍ଟିର ଆଦିମ ସତ୍ୟ ଭିତରେ ସାଧନାର ମୂଲ୍ୟାୟନ,'ମାନବିକ ଜୀବନର ପରମତମ ଦର୍ଶନ !

ଆହତ ପ୍ରାଣ ନେଇ ଉପେନ୍ଦ୍ର ଆଲ୍‌ଭୋଟେକର୍‌ଙ୍କ ଘର ଭିତରୁ ବାହାରି କୋଠାର ପ୍ରାଚୀର ବେଷ୍ଟନୀ କ୍ଷିପ୍ର ପଦକ୍ଷେପରେ ଅତିକ୍ରମ କରୁକରୁ ଭାବିଲା, ତା ଜୀବନର ଜଟିଳତା ଭିତରେ ସାଧନାର ଦର୍ଶନ କ'ଣ ?—

ବ୍ରଜବଲ୍ଲଭର ବନ୍ଧୁତା ? ବନଜାର ସହୃଦୟତା ? ରମଣୀବାବୁଙ୍କର ସ୍ନେହ ? ଜଗନ୍ନାଥବାବୁଙ୍କର ଦୟା ? ନା ଏଇ ପ୍ରେସ୍ କର୍ମଚାରୀଙ୍କ ପାଇଁ ନେତୃତ୍ୱ କରିବାର ଅହଂକାର ?

ଏତେଗୁଡ଼ିଏ ପ୍ରଶ୍ନର ଉତ୍ତର ଖୋଜି ବାହାର କରିବା ପାଇଁ କିନ୍ତୁ ସୁଯୋଗ ନ ଥିଲା । ତା ପଛେ ପଛେ ଧାଇଁଥିଲେ ବିଜୟୋଲ୍ଲସିତ ପ୍ରେସ୍ କର୍ମଚାରୀ ଦଳ । ତାଙ୍କର ସବୁ 'ମାଗ୍' ହାସଲ ହୋଇଚି, ତାଙ୍କର ସବୁ ଦାବୀ ପୂର୍ଣ୍ଣ ହୋଇଚି ମାତ୍ର ଆଠ ଦିନର ସଂଗଠିତ ଧର୍ମଘଟରେ ।

ଫାଟକ ଅତିକ୍ରମ କରି ଉପେନ୍ ଯେତେବେଳେ ରାସ୍ତା ପାଖରେ ଟିକିଏ ଛିଡ଼ା ହେଲା, ଆଉ ସହିଁଲା ତାର ମେଇ ଅତି ପରିଚିତ ଦ୍ୱିମହଲା କୋଠାର ଦର୍ପିତ ଭଙ୍ଗୀ ଆଡ଼େ, ମିଳିତ କଣ୍ଠରେ ସବୁ କର୍ମଚାରୀ ପ୍ରଶ୍ନ କଲେ—ଏଇଠୁ ସିଧା ଯିବୁ ପ୍ରେସକୁ ? ଘରୁ ଖାଇ ଆସି ନାହୁଁ ।

—ଆଠ ଦିନ ହେଲା ତ ଖାଇ ନାହଁ । ଖାଇବା ସମ୍ବନ୍ଧରେ ଏପରି ଭାବରେ ସଚେତନ ହେଲେ, ବିପ୍ଳବପଥରେ ଆଗେଇବା ସମ୍ଭବ ନୁହେଁ । ଖାଇବା ଅପେକ୍ଷା କାର୍ଯ୍ୟ ପ୍ରତି କର୍ତ୍ତବ୍ୟବୋଧ ଓ ନିଷ୍ଠା ସର୍ବପ୍ରଥମ । ତୁମମାନଙ୍କ ତରଫରୁ ମୁଁ କଥା ଦେଇଚି, କାଲି ସକାଳେ କାଗଜ ବାହାରିବ ।

—ନିଶ୍ଚୟ ବାହାରିବ, କାଶୀନାଥ କହିଲା । ଆପଣଙ୍କ କଥା ଅମର ରହିବ । ଆପଣଙ୍କ ନିର୍ଦ୍ଦେଶ ଆମ ପ୍ରାଣଠାରୁ ବଳି ମୂଲ୍ୟବାନ୍ ।

—କଥାରେ ନୁହେଁ, କାର୍ଯ୍ୟରେ ଯେ ତୁମେମାନେ ତା କରୁଚ, ତାର ପ୍ରମାଣ ମୁଁ ଦେଖିବାକୁ ଚାହେଁ କାଲି ସକାଳେ । ଆଜି ମୋ ଅନୁପସ୍ଥିତିରେ ତୁମେ ଯେ ନିଜ ନିଜର କର୍ତ୍ତବ୍ୟ କରିବାରେ ଆଜଠାରୁ ବେଶି ମନଯୋଗୀ ହେବ, ସ୍ୱାଗ ବି ମୁଁ ଦେଖିବାକୁ ଚାହେଁ···କହି ଉପେନ୍ ନିର୍ଦ୍ଦେଶ ଦେଲା ସମସ୍ତଙ୍କୁ ପ୍ରେସକୁ ଯିବା ପାଇଁ ।

ସମସ୍ତେ ଚାଲିଗଲେ ପରେ ଉପେନ୍ ମୁହୂର୍ତ୍ତକ ପାଇଁ ସେହି ସୁଦୃଶ୍ୟ କୋଠାର ପଶ୍ଚିମ ପଟ ଉଦ୍ୟାନ ଆଡ଼େ ଚାହିଁଲା । ଉଦ୍ୟାନର କେତୋଟି ପ୍ରସ୍ଫୁଟିତ ଗୋଲାପ ଯେପରି ଚାହିଁଥିଲେ ରାସ୍ତାର ପଥିକ ଆଡ଼େ । ତାଳି ଦେଉଥିଲେ ଗନ୍ଧର ମୂର୍ଚ୍ଛନା । ଏ ଘର ସହିତ ସଂପୃକ୍ତ ହେଲା ଦିନୁ ଏହାର କକ୍ଷଗୁଡ଼ିକ କେତେ ମାୟା ମମତାରେ ଆଦର ଧରି ରଖିଥିଲେ ତା ପାଇଁ । ଏ କଠୋର ନିଭୃତ ପ୍ରାଣକେନ୍ଦ୍ରରେ ତା ପାଇଁ ସଞ୍ଚିତ ରହିଥିଲା କେତେ ସ୍ନେହ-ସୌହାର୍ଦ୍ଦ୍ୟର ମଧୁର ଉତ୍ତାପ । ଏହାର ଉଦ୍ୟାନର କୁଞ୍ଜଲତା, କୃଷ୍ଣଚୂଡ଼ା ଗଛର ଶିଖାୟିତ ଐଶ୍ୱର୍ଯ୍ୟ, ଝୁସଅନା ଗଛର ସବୁଜ ମାଧୁରିମା ଆଉ ପୁଷ୍ପିତ ଗୋଲାପର ସୁରଭି ଉଚ୍ଛ୍ୱାସ—ସେ ଯେପରି କେତେ ସଂବେଦନଶୀଳ ହୋଇ ଆସିଥିଲେ ତାରି ଦୁଃଖରେ, ତାରି ଭଙ୍ଗାଗଢ଼ା ଜୀବନର କର୍ମସାଧନା ପଥରେ । ସେ ଭାବିଥିଲା, ତା ଜୀବନଦର୍ଶନର ସାଧନା ପଥରେ ବିପ୍ଳବର ସଙ୍କେତ ସେ ହୁଏ ତ ଅନୁସରଣ କରିବ ଏଇ ଉଦ୍ୟାନର ପୁଷ୍ପକଳିର ବିକାଶ ପୂର୍ବରୁ, ଫୁଟିବାର ଉଚ୍ଛ୍ୱାସ ଭିତରେ ବିପ୍ଳବର ସଙ୍କେତ । ଉପେନ୍ଦ୍ର ଭାବିଥିଲା, ନିଜକୁ ପ୍ରକାଶ କରିବାର ଯେଉଁ ସାଧନା, ତା ଫୁଲ ପରି ଫୁଟି ଉଠିବାର ଏକ ସୃଜନ-ଧର୍ମ । ସେଇ ସୃଜନୀ ଭିତରେ ଚିରନ୍ତନର ସତ୍ତାକୁ ସେ ଉପଲବ୍ଧି କରି ଆସୁଥିଲା । ଆଉ ଅନୁଭବ କରି ଆସୁଥିଲା ଅସାଧାରଣତାର ମହିମାକୁ । ହୁଏ ତ ସେୟା ହିଁ ଥିଲା ତା ଜୀବନର ଆଭିମୁଖ୍ୟ—ସାଧନାର କର୍ମପଥ । କର୍ମ ହିଁ ତ ନିର୍ବାଣ, ହୁଏ ତ ଜୀବନର ଦର୍ଶନ ତାରି ଭିତରେ ।

କିନ୍ତୁ ଆଜିଠାରୁ ଏ କୋଠାର ପ୍ରବେଶପଥ ସବୁ ଦିନ ପାଇଁ ରୁଦ୍ଧ ହୋଇଗଲା । ଭାଙ୍ଗିଗଲା ତା କଳ୍ପନାର ତାଜମହଲ । ହୁଏ ତ ଏକ ପ୍ରକାର ଭଲ ହୋଇଚି । ତା ଅଭାବୀ ଜୀବନରେ ସେ କଳ୍ପନାକୁ ନେଇ କରିଥାନ୍ତା କ'ଣ ? ସେ କ'ଣ ସାଜାହାନ ? ସେ କ'ଣ ବାଦଶା'ର ସୌଭାଗ୍ୟ ନେଇ ଜନ୍ମ ହୋଇଚି ପୃଥିବୀରେ ? ମୂର୍ତ୍ତି ପ୍ରେମର ତାଜମହଲ ? ତାକୁ ଗଢ଼ିବାର ପରିକଳ୍ପନା କରିଥିଲେ ସାଜାହାନ···ସୁନ୍ଦରୀ ମମତାଜଙ୍କର ପ୍ରଣୟୀ ହେବା ସୌଭାଗ୍ୟ ପାଇଲା ପରେ, କିନ୍ତୁ ତାର କାହିଁ ସେ ସୌଭାଗ୍ୟ ? ଏକ ଅଖ୍ୟାତ ପଲ୍ଲୀର ବୁଭୁକ୍ଷୁ ପ୍ରାଣ ସେ । ବଞ୍ଚିବାର ସଂଘର୍ଷ ଭିତରେ ଜୀବନର ପ୍ରତିଟି ମୁହୂର୍ତ୍ତ ତାର ସଂଗ୍ରାମଶୀଳ । ଉପେନ୍ ଭାବିଲା, ସ୍ୱପ୍ନଜୀବୀ

କଳ୍ପନାଶ୍ରୟୀ ମଣିଷ ପୃଥିବୀର ସବୁଠାରୁ ବଳି ଅଭିଶପ୍ତ । ସେ ଦୁଃଖୀ, ବଞ୍ଚିବା ପାଇଁ, ଖଟିବାର ସଂଘର୍ଷ ଭିତରେ ସେ ସୁଖୀ, ସେ ଭାଗ୍ୟବାନ୍ । ଦଶ ଜଣଙ୍କ ସହିତ ଏକ ହୋଇ ହକ୍ ପାଇଁ ଲଢ଼ିବାର ସୈନିକ ପରି ଭାଗ୍ୟବାନ୍ ।

ସୈନିକ ପରି ଦୃପ୍ତ ବେଗରେ ସେ ଆଗେଇ ଚାଲିଲା ରାସ୍ତାରେ । ଭାବି ଭାବି ଚାଲିଲା—ଆଜିଠାରୁ ଆଉ ଟିକିଏ ବାସ୍ତବମୁଖୀ ହେବ ସେ । କେବଳ ଆଦର୍ଶ ହିଁ ବଞ୍ଚିବାର ବଡ଼ କଥା ନୁହେଁ । ସବୁ ସମୟରେ ଆଦର୍ଶକୁ ଦେଖିଲେ ବାଟ ବି ଚାଲି ହୁଏନା । ମଣିଷ ବିଶେଷରେ ଆଦର୍ଶର ବିଚାରଧାରା ମଧ୍ୟ ଭିନ୍ନ ଆଉ ପୃଥକ୍ । ମାଧବୀର ଭଲ କରିବା ଛଡ଼ା ସେ ଭାବିଲା କି ଉଦ୍ଦେଶ୍ୟ ଆଉ ଥିଲା ତାର ? ହୁଏ ତ ସେ ଭାବିଥିଲା, ମାଧବୀକୁ ଗୋଟାଏ ସାମାଜିକ ପ୍ରତିଷ୍ଠା ଆଣିଦେବାରେ ସେ ତାର ବଞ୍ଚିବା ଭିତରେ ଆଦର୍ଶର ଗୋଟାଏ ବଡ଼ କୀର୍ତ୍ତିସ୍ତମ୍ଭ ଗଢ଼ିପାରିବ । କିନ୍ତୁ ରମଣୀବାବୁଙ୍କ ଦୃଷ୍ଟିରେ ତା' ତ ଆଦର୍ଶ ରୂପେ ଦେଖାଗଲା ନାହିଁ ! ତା' ଭିତରେ ସେ ଦେଖିଲେ ଏକ ବ୍ୟଭିଚାରର ମନୋବୃତ୍ତିର କୁତ୍ସିତ ରୂପ । ଅଥଚ ଯେଉଁମାନେ ପ୍ରକାଶ୍ୟରେ ବ୍ୟଭିଚାରର ରସାତଳକୁ ଯାଇ ଅର୍ଥ ଉପାର୍ଜ୍ଜନର ଜଘନ୍ୟ ପଥ ବାଛି ନେଇଛନ୍ତି, କାହିଁ ଆଡ଼ଭୋକେଟ୍ ରମଣୀବାବୁ ସେମାନଙ୍କୁ ଦେଖି ମଧ୍ୟ ନ ଦେଖିଲା ପରି ଚୁପ୍ ରହିଛନ୍ତି । ପ୍ରତିକାର କରିବା ତ ଦୂରର କଥା, ପ୍ରତିବାଦ କରିବାର ମଧ୍ୟ ସତ୍ସାହସ ନାହିଁ ତାଙ୍କର ।

ପୁଣି ରମଣୀବାବୁ କ'ଣ ସର୍ବମୟ କର୍ତ୍ତା ଏ ସମାଜର ? ମୁଁ ଆସିଛି ବୋଲି ତାଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ; କିନ୍ତୁ ଗାରେନ୍ ପରି ଲକ୍ଷ ଲକ୍ଷ ଭଦ୍ର ଲମ୍ପଟ ଦଳ, ଯୁ'ମାନେ ମିଲିଟାରୀ ପୋଷାକରେ ହାତରେ ବାଓନେଟ୍ ଧରି ଶାସନ କରିବାର ଦାୟିତ୍ୱ ନେଇ ଦୁର୍ନୀତି ଆଉ କଳା ଭିତରେ ଛୁଟେଇ ଚାଲିଚନ୍ତି ନାଙ୍କର ଲଗାମହୀନ ଘୋଡ଼ା, ଆଉ ମିସେସ୍ ରାଏଙ୍କ ପରି ଆଧୁନିକ ମହିଳା, ଯେଉଁମାନେ ନାରୀ ହୋଇ ବି ନାରୀକୁ ଏକ ପଣ୍ୟରୂପେ ବ୍ୟବସାୟ କରି ଉପାର୍ଜ୍ଜନ କରୁଚନ୍ତି ହଜାର ହଜାର ଟଙ୍କା, ସେମାନଙ୍କୁ ଜବତ୍ କରିବା ପାଇଁ, ସେମାନଙ୍କୁ ଖୋଜି ଚାବୁକ୍ ଦେବା ପାଇଁ କି ବ୍ୟବସ୍ଥା କରିଚନ୍ତି ଆଡ଼ଭୋକେଟ୍ ରମଣୀବାବୁ ? ଅଥଚ

ମାଧବୀ, ଅଶିକ୍ଷିତ ପଲ୍ଲୀ ଗାଁର ଝିଅ ବୋଲି ସମାଜର କୌଣସି ଭଦ୍ର ଯୁବକ ସହିତ ସସମ୍ମାନରେ ହାʼହାତ ଚାଲିବାର ବି ଅଧିକାର ପାଇ-ପାରେନା । ବେଶ୍, ତାʼ ସହିତ ନ ହୋଇପାରିବ, ସେ ତେବେ ଯିବ କୁଆଡ଼େ ? ସମାଜରେ କି ରାସ୍ତା ଖୋଲି ଅଛି ତା ପାଇଁ ? ନର୍କ ଆଉ ହଳାହଳର କୁତ୍ସିତ ପଥ ? ମଣିଜବନର ଘୃଣିତ ବ୍ୟଭିଚାରର ଭିତରେ ଅଭିନେତ୍ରୀର କୁତ୍ସିତ ବୃତ୍ତି ?

ମାଧବୀର ସେ ନର୍ତ୍ତକୀ ଜୀବନ ବିରୁଦ୍ଧରେ ସେ ପ୍ରତିବାଦ କଲା । ଟାଣି ଆଣିଲା ତାଙ୍କୁ ପାଖକୁ । ସେ ହେଲା ଚରିତ୍ରହୀନ ! ଆଶ୍ଚର୍ଯ୍ୟ ! ମାଧବୀ ତେବେ ଯିବ କୁଆଡ଼େ ? କରିବ କʼଣ ? ଆତ୍ମହତ୍ୟା ?

ସାମ୍ନାରେ ଗୋଟିଏ ମିଲିଟାରୀ ଟ୍ରକ୍ ।

ବିକଟାଳ ଶବ୍ଦ କରି ଗର୍ଜ୍ଜି ଉଠିଲା ଇଲେକ୍ଟ୍ରିକ୍ ହର୍ଣ୍ଣ ।

ଖିଏଷଣ ଅନ୍ୟମନସ୍କ ଉପେନ୍ । ଆଉ ଟିକକରେ ଧକ୍କା ବାଜିଥାନ୍ତା ଟ୍ରକ୍ ଦେହରେ । ହୁଏ ତ ତଳେ କଚିଡ଼ି ହୋଇ ପଡ଼ିଥାନ୍ତା ସେ, ତା ଉପରେ ଦୁର୍ଦ୍ଧର୍ଷ ବେଗରେ ମାଡ଼ି ଯାଇଥାନ୍ତା ତିନି ଟନ ଓଜନର ବିରାଟ ଟ୍ରକ୍ । ଧୂଳିସାତ୍ ହୋଇଯାଇଥାʼନ୍ତା ତାର ଗୋଡ଼, ହାତ, ପିଞ୍ଜରା ହାଡ଼ । ସେ ବଞ୍ଚିଗଲା ! ଆଶ୍ଚର୍ଯ୍ୟ ଭାବରେ ବଞ୍ଚିଗଲା । କିଏ ଜାଣେ, ହୁଏ ତ ତାʼଦ୍ୱାରା କିଛି ମହତ୍ ଉଦ୍ଦେଶ୍ୟ ସାଧିତ ହବ ଏ ପୃଥିବୀରେ ।

ପୃଥିବୀ ! ହେଃ···

ଏଇ ଭିତରେ କଟକର ମଙ୍ଗଳାବାଗ୍ ଅଞ୍ଚଳଟା ନଟ୍ଟନ୍ ହୋଇ-ଯାଇଛି ।

ଲରୀର ଘର୍ଘର ଶବ୍ଦ ମିଳେଇ ଯାଉଛି ସେଇ ନିଝୁମ ରାତିରେ । ନାଲି ବ୍ୟାକ୍‌ଲାଇଟ୍···ସେଇଟା କିନ୍ତୁ ଲାଲ ହୋଇ ଦେଖାଯାଉଛି ବହୁ ଦୂରରୁ । ଦୂରତାର କ୍ରମବର୍ଦ୍ଧିଷ୍ଣୁ ବ୍ୟବଧାନ ଭିତରେ ଆଲୁଅର ସେହି ଲାଲ ବିନ୍ଦୁଟି କ୍ଷୀଣରୁ କ୍ଷୀଣତର ହୋଇ ଆସୁଛି । ଉପେନ୍ ଲକ୍ଷ୍ୟ କରି କରି ଚାଲିଛି । ଟ୍ରକ୍‌ର ଛୁଟି ଚାଲୁଥିବାର ଛନ୍ଦ ସହିତ ତାର

ଯେମିତି ଚାଲିବାର ପ୍ରତିଯୋଗିତା । ତା' ଅଲକ୍ଷ୍ୟରେ ଧାଇଁବାର ପ୍ରମିତ ବେଗ ଯେମିତି ସଞ୍ଚାରିତ ହୋଇ ଉଠୁଛି ତା ପାଦରେ ।

ଆଲୁଅର ଶେଷ ବିନ୍ଦୁଟି ନିଶ୍ଚିହ୍ନ ହୋଇଗଲା ହଠାତ୍ । ରାସ୍ତାର ଗୋଟେ ମୋଡ଼ରେ ଟ୍ରକ୍‌ଟା ହୁଏ ତ ବଙ୍କେଇଗଲା ।

ଲକ୍ଷ୍ୟ ସହିତ ଛୁଟି ଚାଲିବା ପ୍ରତିଯୋଗିତାର ଉତ୍ତେଜନା ହଠାତ୍ ଥମିଗଲା ଉପେନ୍‌ର । ମନେ ମନେ ଯେମିତି ସେ ଚମକି ଉଠିଲା । ଭାବିଲା, ସଦର ରାସ୍ତାର ବାଙ୍କମୁଣ୍ଡରେ ଟ୍ରକ୍‌ର ବ୍ୟାକ୍‌ଲାଇଟ୍ ନିଶ୍ଚିହ୍ନ ହୋଇଗଲା ପରି ଜୀବନର ଚଲା ବାଟରେ ଲକ୍ଷ୍ୟର ନିଶାନ୍ ଅଙ୍କାବଙ୍କା ତିର୍ଯ୍ୟକତା ଭିତରେ ଏହିପରି ହଠାତ୍ ହୁଏ ତ ନିଭିଯାଏ । ଯା ବୋଲି ବାଟଚାଲିବା କ'ଣ ବନ୍ଦ ହୋଇଯିବ ? ମୋ ଦୃଷ୍ଟି ପଥରୁ ଟ୍ରକ୍‌ର ବ୍ୟାକ୍-ଲାଇଟ୍ ନିଶ୍ଚିହ୍ନ ହୋଇଗଲା, ତା ବୋଲି ଟ୍ରକ୍‌ର ଧାଇଁବାର ପ୍ରମତ୍ତ ବେଗ, ତା କ'ଣ ବନ୍ଦ ହୋଇଯାଇଛି ? ଏଇ ତ ରାତିର ନିଃସୁପ୍ତି ଭିତରେ ଏବେ ବି ବାୟୁତରଙ୍ଗରେ ଭାସିଆସୁଛି ସେଇ ଟ୍ରକ୍‌ର ଘର୍‌ଘର୍ ଆୱାଜ୍ ।

ଟ୍ରକ୍ ଧାଇଁଲା ପରି ଆଗେଇ ଯିବାର ନିଶାର ଅନ୍ଧ ଉନ୍ମାଦନା ନ ଥିଲେ ଦଶ ଜଣଙ୍କ କଥାରେ ବାଧାର ଯେଉଁ ହିମାଳୟ ଦେଖାଦିଏ, ତାକୁ ଅତିକ୍ରମ କରିଯିବା କେବଳ ଆୟାସସାଧ୍ୟ ହୋଇଉଠେନା, ହୁଏ ତ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼େ ସ୍ଥଳ ବିଶେଷରେ । ଆଗେଇ ଯିବାକୁ ହେଲେ ଦଶ ଜଣଙ୍କ ବାଧାକୁ ବେପରୁଆ ଭାବରେ ଅତିକ୍ରମ କରିବାକୁ ହେବ । ଗୋଟାଏ ଭଲ କାମ କରିବାକୁ ହେଲେ ଶହେ ଜଣଙ୍କର ବିଷ ଦୃଷ୍ଟିରେ ପଡ଼ିବାକୁ ହେବ । ଗୋଟିଏ ସତ୍ୟକୁ ପ୍ରତିଷ୍ଠା କରିବାକୁ ହେଲେ ହୁଏ ତ ଶତ ସହସ୍ର ଲୋକ ଯେଉଁ ଭୁଲ୍ ଆଜି ଅନ୍ୟାୟକୁ ବଞ୍ଚିବାର ମାନଦଣ୍ଡ ରୂପେ ଜାବୋଡ଼ି ଧରି ସେମାନଙ୍କ ସାମନ୍ତବାଦୀରାଜ ଚଳେଇଛନ୍ତି, ତାକୁ ଭାଙ୍ଗି ଚୂରମାର୍ କରିଦେବାକୁ ହେବ ।

ଆଜି ତାହା ହିଁ ସେ କରିବ ।

ରଙ୍ଗନାଥବାବୁଙ୍କର ଭୁଲକୁ ସେ ଭାଙ୍ଗିଛି । ରମଣୀବାବୁଙ୍କର ଏକଦର୍ଶୀ ଆଦର୍ଶର ଭୁଲ୍‌କୁ ସେ ଭାଙ୍ଗିବ । ସେ ଦେଖାଇଦେବ ଯେ ସେ

ଚରିତ୍ରହୀନ ନୁହେଁ । ସେ ମାଧବୀକୁ ପ୍ରତିଷ୍ଠା କରିବ । ତା' ହାତମୁଠାରେ ବଜ୍ରର ଶପଥ । ତା ମନଭିତରେ ହିମାଳୟର ଅଟଳତା । ତା ହୃଦୟ ପୃଥିବୀ ପରି ସର୍ବଂସହା ।

ମାଧବୀ କପାଳରେ ସେ ଲେଖିଦେବ ସାମାଜିକ ପ୍ରତିଷ୍ଠାର ଲୋହିତ ଟିକା ।

ଉପେନ୍ଦ୍ରର ମନେ ହେଲା, ସେ ଯେମିତି ଅନେକଗୁଡ଼ିଏ ବାଟ ଚାଲି ଚାଲି ଆସିଛି । ରାସ୍ତା ଭୁଲିଯାଇ ନାହିଁ ତ ? ହଠାତ୍ ଦର୍ଦ୍ଧତା ଏତେ ବଢ଼ିଗଲା କେମିତି ? ନିଜର ଗାଣିତିକ ବୁଦ୍ଧିକୁ ସେ ଅବିଶ୍ୱାସ କଲା ପରି ରାସ୍ତାର ଗୋଟାଏ ଜାଗାରେ ଥକ୍କା ହୋଇ ଛିଡ଼ା ହେଲା । ଗୋଟେ କଳା ଛାଇ ଯେମିତି ଲମ୍ବି ଆସୁଚି ପାଖ ଚାଳଘର ସନ୍ଧିରୁ । ସେ ଟିକେ ଆଶ୍ଚର୍ଯ୍ୟ ହେଲା । କାହାର ସେ ଛାଇ ? ଅନ୍ଧାର ଭିତରେ ସେ ଚିହ୍ନିବାକୁ ଚେଷ୍ଟା କଲା । କିନ୍ତୁ ତା' ଚିହ୍ନିବା ଆଗରୁ ସେ ଛାୟାମୂର୍ତ୍ତିଟି ତାକୁ ଇ ପରିଚିତ କଣ୍ଠରେ ପ୍ରଶ୍ନ କଲା—ଏତେ ରାତିରେ କୁଆଡ଼ୁ ?

ଚମକି ଉଠିଲା ପରି ଉପେନ୍ ଟିକେ ତଫାତ୍ ହୋଇଯାଇ ମନ-ଯୋଗ ସହିତ ନିରୀକ୍ଷଣ କଲା ଛାୟାମୂର୍ତ୍ତିକୁ—ତାପରେ କହିଲା—କିଏ ବାରେନ୍ ! ତୁ ଏଠି ?

—ଟିକେ କାମ ଥିଲା ମାର୍କେଟରେ ।

—ଏତେ ରାତିରେ କି କାମ ?

—ଅମର କ'ଣ ରାତି ଦିନ କିଛି ଅଛି ? ଯୁଦ୍ଧର କ'ଣ ବିରାମ ଅଛି ? ଯୋଦ୍ଧାର କ'ଣ ବିଶ୍ରାମ ଅଛି ?

—ବାଃ, ବେଶ୍ କଥା କହି ଶିଖିଛୁ ତ ! ଉପେନ୍ ଟିକିଏ ଆମୋଦିଆ ଗଳାରେ କହିଲା, ତୋର ବିଶ୍ରାମ ନାହିଁ ବଜାର କରିବାରେ ନା ? କି ଦୁର୍ଦ୍ଦାନ୍ତ ଯୋଦ୍ଧା ତୁ !

—ମୋ ଉପରେ ତୋର ଉପହାସ୍ୟ ନା ? ଟିକିଏ ଆହତ ଗଳାରେ

କହିଲା ବୀରେନ୍ । କିନ୍ତୁ ଆଶ୍ଚର୍ଯ୍ୟ ! ଅନ୍ୟକୁ ଉପହାସ କରିବା ଆଗରୁ ତୁ ଯେ ଆଜି ସାରା କଟକ ସହରର ଉପହାସ୍ୟ, ଯା ବୁଝୁନୁ କାହିଁକି ?

କଥାର ନିଗୂଢ଼ ଅର୍ଥ ହଠାତ୍ କିଛି ବୁଝିପାରିଲା ନାହିଁ ଉପେନ୍ । ଅନ୍ଧାର ଭିତରେ ସେ କେତେ ମାସ ତଳର ଦେଖା ବୀରେନ୍ ସହିତ । ପୁଣି ଥରେ ଚିହ୍ନି ଚିହ୍ନି କରି ଦେଖିବାର ଚେଷ୍ଟା କଲା । ସେଇ ଖାକି uniform, ସେଇ ମଚମଚ ବୁଟ୍, ସେଇ ପ୍ରଜାପତିଆ ନିଶ, ଆଉ ସେଇ ଭସ୍ ଭସ୍ ସିଗାରେଟ୍ ଫୁଙ୍କା । କିଛି ପରିବର୍ତ୍ତନ ନାହିଁ । ପରିବର୍ତ୍ତନ ହୋଇନି ତା ସବୁଭୁଲା ମନର । ପୁଲିଘାଟ ପାଖରେ ସେଦିନ ସେ ଧକ୍କାଟାଏ ଖାଇ-ଥିଲା ଉପେନ୍ଠୁ, ତା ବି ହୁଏ ତ ଭୁଲିଯାଇଛି । କିନ୍ତୁ ମିଲିଟାରୀରେ ନାଁ ଲେଖେଇ ସୈନିକ ହେଲା ପରେ ସିପାହୀ ପରି ପ୍ରତିଶୋଧପରାୟଣ ହୋଇଉଠିଛି ? ବୀରେନ କ'ଣ ସେଇ ଦୃଷ୍ଟିରୁ ତାକୁ ଏପରି ପ୍ରଶ୍ନ କଲା ? ମନେ ମନେ ଟିକେ ଆଶ୍ଚର୍ଯ୍ୟ ହୋଇ ପଚାରିଲା—କ'ଣ କହିଲୁ ? କଟକ ସହରରେ ମୁଁ ଉପହାସ୍ୟ ହୋଇଉଠିଛି ! ମାନେ ?

—ଏତେ ଢଙ୍ଗରେ ମାନେଟା ପଚାରିଲୁ ଯେ ! ବେଶ୍ କ୍ଷମତା-ଦର୍ପିତ ଗଳାରେ କହିଲା ବୀରେନ୍ । ସମସ୍ତଙ୍କ ମୁହଁରେ ଆଜି ତୋର କାହାଣୀ । ଲକ୍ଷ୍ମୀ ଥିଏଟରର ମାଧବୀକୁ ଆଣି ତୁ ଘରେ ରଖିଚୁ......

—ମାଧବୀ ! ଅର୍ଦ୍ଧସ୍ୱଗତ କଣ୍ଠରେ ତିନୋଟି ଅକ୍ଷର ଉଚ୍ଚାରଣ କରୁ କରୁ ଉପେନ୍ ଭାବିଲା, ବୀରେନ୍ ଏତେ ଦିନ ପରେ ହଠାତ୍ ତାକୁ ରାସ୍ତା ଉପରେ ଭେଟି ଏ ଅଦ୍ଭୁତ ପ୍ରଶ୍ନ ପଚାରି ବସିଚି କାହିଁକି ?

ଚିନ୍ତାଶୀଳ ଉପେନ୍‌କୁ ଚୁପ୍ ହୋଇ ଛିଡ଼ା ହେବାର ଦେଖି ପୁଣି କହିଲା ବୀରେନ୍— ମାଧବୀ ଖୁବ୍ ସୁନ୍ଦର ଦେଖିବାକୁ ।

—ସତେ ନା କ'ଣ ? ତୁ ଦେଖିଚୁ ?

—କିଏ ନ ଦେଖିଚି ତାକୁ ? ତାକୁ ଇ ଦେଖିବାକୁ ତ ଲକ୍ଷ୍ମୀ ଥିଏଟର୍‌ରେ ଅସମ୍ଭବ ଭିଡ଼ ହୁଏ । ଗୋଟାଏ ଡ୍ରାମାକୁ ଆଠ ଆଠ ଥର ଟିକେଟ୍ କାଟି......

—ଡ୍ରାମା ଦେଖିବାରେ ଏକ ବାହାଦୁର ତୁ । ପଇସା ଅଛି—ଭଲ ଖାଇବା, ଭଲ ପିନ୍ଧିବା, ଭଲ ଦେଖିବାର ଦମାକ୍ ତୋ ପରି ମିଲ୍‌ଟାଙ୍ଗି ଜୁଆନର ପଛ ନ ରହେ, ତା'ହେଲେ ଦେଶର କଳା, ସଂସ୍କୃତି ବଞ୍ଚିବ କେମିତି ? ...କହି ଉପେନ୍ଦ୍ର ବାଟ ଧରି ଚାଲିବାକୁ ଚେଷ୍ଟା କଲା ।

—ଶୁଣ୍ । ଖପ୍ କରି ଉପେନ୍ଦ୍ରର ହାତ ଧରି ପକାଇଲା ବୀରେନ୍ । କହିଲା—ସେଦିନ ବଡ଼ ଚରିତ୍ରବାନ ହେଇ ମତେ ଆକଟି ବସିଥିଲୁ, ମନେ ଅଛି ? କାଠଯୋଡ଼ି ନଦୀକୂଳେ ଧକ୍‌କାଟାଏ ପକେଇଥିଲୁ । ଆଜି ଆଜି ଗୋଟେ ନର୍ତ୍ତକୀକୁ ଆଣି ଘରେ ରଖିଚୁ, ଚରିତ୍ର ଯାଇନି ତୋର ? କହି ଅଳ୍ପ ଟିକଏ ରହିଯାଇ ପୁଣି ସହାନୁଭୂତିଶୀଳ କଣ୍ଠରେ କହିଲା—ଯେତେ ଦିନ ରଖିଲୁ ରଖିଲୁ । ଛାଡ଼ିଦେ ଏଥର ।

—କୁଆଡ଼େ ? ତୋ ମିଲ୍‌ଟାଙ୍ଗି ଟ୍ରକରେ ? ଉତ୍ତପ୍ତ କଣ୍ଠରେ ପଚାରିଲା ଉପେନ୍ ।

—ନା, ଟ୍ରକ୍‌ରେ ତତେ ଛାଡ଼ି ଦେବାକୁ ପଡ଼ିବ ନାହିଁ । ତୁ ଥିଏଟରରେ ନେଇ ମାଧବୀକୁ ଛାଡ଼ିଦେଲେ ହାଡ଼ିବନ୍ଧୁ ବାବୁ ତାକୁ ମୋ ଟ୍ରକରେ ଛାଡ଼ିବାର ବ୍ୟବସ୍ଥା କରିବେ...କହି ଉପେନ୍ଦ୍ରର ବାହୁକୁ ଟିକେ ଚିପି ଦେଇ ଗମ୍ଭୀର ଆନ୍ତରିକତାରେ କହିଲା—ମାଧବୀ ଏକ ପ୍ରତିଭା । ରଙ୍ଗମଞ୍ଚ ହିଁ ତା ପ୍ରତିଭାର ବିକାଶ-ପୀଠ ।

—ପ୍ରତିଭାର ବିକାଶ ସମ୍ବନ୍ଧରେ କେବେଠୁ ଚିନ୍ତା କରି ଦେଖିଚୁ ବୀରେନ୍ ? କଥା ମଝିରେ ବାଧା ଦେଇ କହିଲା ଉପେନ୍, ମାଧବୀ ପାଇଁ ତୋର ଏ ଦରଦ ବ୍ୟକ୍ତିଗତ ନା କାହାହାରି ପ୍ରରୋଚିତ ? ମିଲ୍‌ଟାଙ୍ଗି ନୌକରରୁ ଶେଷକୁ ଲକ୍ଷ୍ମୀ ଥିଏଟର୍‌ର ମାଲିକ ପାଇଁ ଦଲାଲି କରିବା ଆରମ୍ଭ କରିଦେଇଚୁ ?

ହଠାତ୍ ଏମିତି ଧରା ପଡ଼ିଯିବ ଉପେନ୍ଦ୍ର ପାଖରେ, ଆଶା କରି ନ ଥିଲା ବୀରେନ୍ । ଭିତରେ ଅନ୍ଧାର ଥମ୍‌ଥମ୍ କରୁଥିଲା ଚାରିଆଡ଼େ । କାଁ ଭାଁ ଗୋଟାଏ କଅଏ ଯା'ଆସ କରୁଥିଲେ । ଘଡ଼ିକେ ପଦାରିକେ ଆକାଶରେ ଶୂନ୍ୟପଥରେ ସବୁଜ ଆଲୋକର ନିଶାନ୍ ଜାଳି ଦୋଁ ଦୋଁ

କରି ଉଡ଼ିଯାଉଛି ଏରୋପ୍ଲେନ୍ । ଯୁଦ୍ଧ ସରି ଆସିବାର ଆଶା ଯେତିକି ଦୂରୀଭୂତ ହେଉଛି, ପଶ୍ଚିମ ରଣାଙ୍ଗନରେ ଟ୍ୟାଙ୍କର ଉତ୍ପାତ ଆଉ ବୋମାର ବିସ୍ଫୋରଣ ସେତିକି ବଢ଼ିବଢ଼ି ଚାଲିଛି । ହିଟ୍‌ଲର ଆଉ ମୁସୋଲିନୀ, ଚର୍ଚ୍ଚିଲ୍ ଆଉ ଷ୍ଟାଲିନ୍—ଦ୍ୱିତୀୟ ମହାଯୁଦ୍ଧର ଚାରି ଦୁର୍ଦ୍ଧର୍ଷ ନେତା, ଛକାପଞ୍ଝା ଖେଳ ଠିଆ ହେଇଚନ୍ତି ବିଜୟ ମୁହୂର୍ତ୍ତରେ । ସେଇ ବିଜୟ ଗାରିମାର ଅଣୁ ପରମାଣୁ ବୋମାର ବିଷାକ୍ତ ସ୍ଫୁଲିଙ୍ଗ ପରି ପୃଥିବୀର ଲକ୍ଷ ଲକ୍ଷ ମାଇଲ ଦୂରରେ ମଧ୍ୟ ଛିଟିକି ପଡ଼ୁଛନ୍ତି । ସବୁ କିଛିକୁ ଜାଳି ପୋଡ଼ି ଧ୍ୱଂସ କରିଦେବାର ଦର୍ପରେ ଉଦ୍ଧତ ସେମାନେ । ସେଇ ଉଦ୍ଧତତାର ବୀରେନ୍ ବି ଏକ ବହିଃପ୍ରକାଶ···ଏକ ବିଷାକ୍ତ ଶିଖା । ମାନିବାକୁ ସେ ଚାହେଁନା କିଛି । ଭ୍ରୂକ୍ଷେପ କରିବାକୁ ଚାହେଁନା କାହାକୁ । ଦଳି ଚକଟି, ଧସି ମାଡ଼ିଯିବାକୁ ସେ ଚାହେଁ ବର୍ଲିନ୍ ଟ୍ୟାଙ୍କ ପରି । କୂଟନୀତିଜ୍ଞ ଚର୍ଚ୍ଚିଲ୍ ପରି ସେ କାବୁ କରିଦେବାକୁ ଚାହେଁ ସବୁ ପ୍ରତିରୋଧକୁ । ଦୁର୍ଦ୍ଧର୍ଷ ମୁସୋଲିନୀ ପରି ହିଟଲରୀ ହୁଙ୍କାର ଦେଇ ସେ ରକ୍ତପାୟୀ ଷ୍ଟାଲିନ୍ ପରି ବେକ ମୋଡ଼ିବାକୁ ଚାହେଁ ତା' ମିଲିଟାରୀ ଜୀବନର ବେପରୁଆ ଅଟ୍ଟହାସ୍ୟ ଭିତରେ ।

ଉପେନ୍ଦ୍ରର ରକ୍ତ ଯେପରି ତାତି ଉଠିଲା । କହିଲା—ଗୁଣ୍ଡାମି କରିବାକୁ କେତେ ଟଙ୍କା ଦେଇଚି ହାଡ଼ିବନ୍ଧୁ ?

—ଟଙ୍କା ଦେଇଚି ନା ନେଇଚି ? ନିର୍ଲଜ୍ଜ ଗଳାରେ କହିଲା ବୀରେନ୍ । ବହୁତ ଟଙ୍କା ସେ ନେଇଚି ମୋଠୁ । ହଜାର ହଜାର ଟଙ୍କା ମୁଁ ତାକୁ କରେଇ ଦେଇଚି ମିସେସ୍ ରାଏଙ୍କଠୁ ।

—ଓଡ଼ିଶାର ବ୍ୟବସାୟୀ ନୃତ୍ୟକଳାପୀଠ ତା'ହେଲେ ଗୋଟେ ବ୍ରଥେଲ୍ ?

···ହଠାତ୍ ଗୋଟାଏ ଟ୍ରକ୍‌ର ଗର୍ଜ୍ଜନ । ହେଡ୍ ଲାଇଟ୍‌ର ତୀବ୍ର ଆଲୁଅରେ ରାସ୍ତାର ଅନ୍ଧକାର ହଠାତ୍ ଯେପରି ଫାଏଁ କରି ହସି ଉଠିଲା । ସେ ହସର ଉଦ୍‌ବେଳିତ ଢେଉ ପିଟିହେଲା ବୀରେନ୍‌ର ପ୍ରସାରିତ ଓଠ ଆଉ ବିସ୍ଫାରିତ ଆଖିର ଚଞ୍ଚଳ ଦୃଷ୍ଟିରେ । ଉପେନ୍ଦ୍ରର ମନ୍ତବ୍ୟକୁ ଏତେ ଟିକିଏ ପରବାୟ ନ କରି ବେଶ୍ ଗୋଟାଏ ମିଲିଟାରୀ

ଭଙ୍ଗୀରେ ସେ 'ବାଏ' 'ବାଏ' କଲା ଉପେନ୍‌କୁ । ଆଉ ବାଁ ହାତଟାକୁ ଉପରକୁ ଉଠେଇଦେଇ ହଲ୍‌ଚଲ କରେଇଲା ଲଗ୍ନଟାକୁ । ଆଉ ଗୋଟାଏ ଲମ୍ଫରେ ଉଠି ପଶିଗଲା ଲଗ୍ନ ଭିତରେ । ଗଲାବେଳେ କହିଗଲା—ମୋ ପରାମର୍ଶକୁ ବିଚାର କରି ଦେଖିବୁ । ମାଧବୀକୁ ଛାଡ଼ିଦେ' ଲକ୍ଷ୍ମୀ ଥିଏଟରକୁ । ତା ଜୀବନର ସଦ୍‌ଗତି ସେଇଠି ।

ଷ୍ଟାର୍ଟ ଦେଇ ପୁଣି ଚାଲିଗଲା ଲଗ୍ନ । ଗୋଟିଏ ରିକ୍‌ସା ଆସୁଥିଲା ଷ୍ଟେସନରୁ । ରାସ୍ତା ଦି ପାଖର ଦୋକାନଗୁଡ଼ା ଏପର୍ଯ୍ୟନ୍ତ ବି ବନ୍ଦ ହୋଇନି । ଗୋଟାଏ ଦୋକାନରେ ପେଟ୍ରୋମାକ୍ସ ଲାଇଟ୍‌ଟା ସନ୍ଧ୍ୟାରୁ ଜଳି ଜଳି କଳାବାଉଁଶ କାଚ ଭିତରେ ଧକ୍ ଧକ୍ କରୁଚି । ଆଉ ଗୋଟାଏ ଦୋକାନରେ ଲଣ୍ଠନଟାଏ ମାତାଲମୁହଁରେ ଅର୍ଦ୍ଧ ନିଃଶେଷିତ ବିଡ଼ି ନିଆଁ ପରି ମିଞ୍ଜି ମିଞ୍ଜି କରୁଚି । ମାନସିକ ଦ୍ୱନ୍ଦ୍ୱ ଭିତରେ ଅଜସ୍ର ଚିନ୍ତାର ସ୍ଫୁଲିଙ୍ଗ ନେଇ ମେସ୍ ଘର ଆଡ଼େ ଧାଇଁଲା ଉପେନ୍ । ଆଶ୍ଚର୍ଯ୍ୟ ! ବୀରେନ୍ ଏତେ ରାତିରେ ରାସ୍ତା କଡ଼ରେ ଆତ୍ମଗୋପନ କରି ରହିଥିଲା କାହିଁକି ? ହଠାତ୍ ସେ ତାକୁ ଦେଖେଇଲା ବା କେମିତି ? ମାଧବୀକୁ ପୁଣି ଥିଏଟରକୁ ଛାଡ଼ି ଦେବାର ପରାମର୍ଶ ଦେବା ପାଇଁ ସେ କ'ଣ ତାକୁ ଜଗିଥିଲା ସେଠି ? ହାଡ଼ିବନ୍ଧ ତରଫରୁ ସେ ହୁଏ ତ ଦଲାଲି କରିବାକୁ ଆସିଥିଲା; କିନ୍ତୁ ରାତିର ନିର୍ଜନ ପ୍ରହରରେ ତାକୁ ଭେଟିବା ପାଇଁ ଅପେକ୍ଷା କରିବାର ଧୈର୍ଯ୍ୟ ପଛରେ କିଛି ଗୂଢ଼ ଅଭିସନ୍ଧି ନ ଥିଲା ତ ?

ବୀରେନ୍ କ'ଣ ତା'ହେଲେ ମେସ୍ ଘରକୁ ଯାଇଥିଲା ? ଗୋଟାଏ ଆଶଙ୍କାରେ ଉପେନ୍‌ର ଛାତି କମ୍ପି ଉଠିଲା । ଲକ୍ଷ୍ୟଭ୍ରଷ୍ଟ ଉଲ୍‌କା ପରି ସେ ଧାଇଁଲା ମେସ୍ ଘର ଉଦ୍ଦେଶ୍ୟରେ

ଅଳ୍ପ କେତେ ପାହୁଣ୍ଡର ରାସ୍ତା ତାକୁ ଯେମିତି ଜଣାପଡ଼ିଲା ଶତ ଲକ୍ଷ ଯୋଜନ ଦୂର । ସେଇ ପରିଚିତ ମେସ୍‌ଘର ତା ଆଗରେ ଯେମିତି ଏକ ରହସ୍ୟାବୃତ ଭୂତକୋଠି ପରି ଭୟଙ୍କର ମନେହେଲା । କୌଣସିମତେ ଥଙ୍ଗ ଥଙ୍ଗ ହୋଇ ସେ ପାହାଚ ଉଠିଲା । କବାଟ ଉପରେ ହାତ ମାରିଲା । ଏ କ'ଣ ? ଭିତରୁ କିଳାଣି ହୋଇ ନାହିଁ କାହିଁକି ?

ଘରଟା ଏତେ଼ ଅନ୍ଧାର ! ଲଣ୍ଠନ କାହିଁ ? ପଶିଗଲା ସେ ଭିତରକୁ । କିଛି ନାହିଁ ସ୍ୱର ଶବ୍ଦ । ଭିତର ପଟ ଘରେ ମାଧବୀ ଶୋଇ ପଡ଼ିଚି ନା କ'ଣ ? ଶୋଇଲା ଯଦି, ଏପାଖ ଘର ଦୁଆରଟା ଦେଇନି କାହିଁକି ? ଏତେ ରାତି ହୋଇଚି, ଅଥଚ······

—ମାଧବୀ ! ବଡ଼ ପାଟିରେ ଡାକି ଉଠିଲା ଉପେନ୍ ସେଇ ବାଣ୍ଡ ଦୁଆର ମୁହଁରୁ ।—ଲଣ୍ଠନଟା ଲଗା ତ, ମତେ ଯେ କିଛି ଦିଶୁ ନାହିଁ ମାଧବୀ !···

କିଛି ଜବାବ୍ ନାହିଁ, କ'ଣ ହୋଇଚି ?

ଅନ୍ଧାର ଭିତରେ ଦରାଣ୍ଡି ଦରାଣ୍ଡି ଉପେନ୍ ଆସିଲା ଅଗଣାପଟ ବାରଣ୍ଡାକୁ । ଛିଡ଼ା ହେଲା ଶୋଇଲା ଘର ଦୁଆରମୁହଁରେ । କବାଟ ଦିଟା ସାହାଣ ମେଲା । କି ଆଶ୍ଚର୍ଯ୍ୟ ! ଏ କି ନିଦରେ ଶୋଇଚି ଆଜି ମାଧବୀ ? କେବେ ତ ଏମିତି ଶୁଏନା ! ସେ କ'ଣ ଅଜି ରାନ୍ଧିନି ? ଘର ଭିତରକୁ ପଶିଗଲା ଉପେନ୍ । ଏଇ ତ ଖଟିଆ ! ହାତ ମାରି ଦେଖିଲା । ଓ, ମାଧବୀ ଏଇଠି ଶୋଇପଡ଼ିଚି । ଆହା ! ଶୋଉ, ଶୋଉ ବିଚାରୀ, କି ଅଭିଶପ୍ତ ଭାଗ୍ୟ ନେଇ ଜନ୍ମ ହୋଇଥିଲା ଏ ପୃଥିବୀରେ !···

···

ଲଣ୍ଠନଟା ଅଛି କେଉଁଠି ? ଖୋଜିବାକୁ ଆଗେଇ ଯାଉ ଯାଉ ଗୋଟାଏ କ'ଣ ଝୁଣ୍ଟିଲା ସେ । ଗିଲାସଟା ଏଠି କାହିଁକି ? ଆଉରି ଗୁଡ଼ାଏ ଏଣୁ ତେଣୁ କ'ଣସବୁ ପଡ଼ିଚି ତଳେ । ମନେ ମନେ ଟିକେ ବିରକ୍ତ ହେଲା ଉପେନ୍ । ପୁଣି ଥରେ ବଡ଼ ପାଟି କରି ଡାକିଲା—ମାଧବୀ, ଏ କି ନିଦ ?

ଟେବୁଲ ଦେହରେ ହାକୁଡ଼ିଲା ତା ଗୋଡ଼ । ହାତରେ ଦରାଣ୍ଡିଲା ସେ ଦିଆସିଲି । କାଇଁ ? କିଛି ତ ନାହିଁ ଏଠି ! ଝରକାଟା ବନ୍ଦ ହୋଇଚି । ଇସ୍, କି ଗରମ ! ଏ ଗରମରେ ମାଧବୀ ଶୋଇଚି କମିତି ? ଟାଣିଦେଲା ସେ ଛିଟ୍କିଣି । ଖୋଲିଦେଲା ଝରକା । କିନ୍ତୁ ବାହାରେ ବି ତ ଅନ୍ଧାର ! ସେ ଅନ୍ଧାରର ଗାଢ଼ କଳା ଢେଉ ମାଡ଼ିଆସିଲା ଯେମିତି ଭିତରକୁ ।

ଆସି ଚଢ଼ିଗଲା ତା ଉପରେ । ଘରର ଗୃହ କଣ ଯେମିତି ବୁଡ଼ିଗଲା ସେଇ ଅତଳ ତରଙ୍ଗରେ । ତା ଦେହରେ ଯେମିତି ବାଜୁଚି ପ୍ରବଳ ଧକ୍କା । ଠାଣି ହୋଇ ଛୁଡ଼ା ହୋଇ ପାରୁନି ସେ । ଟଳମଳ ହୋଇ ଦୋହଲି ଉଠୁଚି ତା ଦେହ । ପଡ଼ିଯିବ ନା କ'ଣ ? ଧରି ପକେଇଲା ସେ କାନ୍ଥଟାକୁ । ତାପରେ ଶକ୍ତ ହୋଇ ଠିଆହେଲା । ଗୋଡ଼ ଦି'ଟାକୁ ମଜବୁତ୍ କଲା । ଆଉ ବେଶ୍ ଜୋର୍ ଦେଇ ହାଲ୍ଲା କଲା ପରି ଡାକିଲା— ମାଧବୀ ! ମାଧବୀ !

ଖଟ ପାଖକୁ ଆଗେଇଯାଇ ଏଥର ଗୋଟାଏ ବରକ୍ତରେ ସେ ଧକ୍କା ପକେଇଲା ମାଧବୀକୁ । —ଉଠ ! ଦିଆସିଲି କାହିଁ ?

ଧଳା ତକିଆ ଉପରେ ମୁଣ୍ଡ ଦେଇ ସେ ପାଖକୁ ମୁହଁ ବୁଲେଇ ଶୋଇଚି ମାଧବୀ ।

ଅନ୍ଧାର ଭିତରେ ତକିଆର ଶୁଭ୍ରତା ବେଶ୍ ବାରି ହଉଚି । ତକିଆଟାକୁ ଝିଙ୍କିଦେଲା ଉପେନ୍ ପ୍ରଚଣ୍ଡ ରାଗରେ ।

ଗୋଟାଏ କ'ଣ ଖଡ଼ଖଡ଼ ହେଲା । ଦିଆସିଲି ?

ଠିକ୍ ତ……

କାଠି କାଢ଼ି ମାରିଲା ଦିଆସିଲି । ଫସ୍ କରି ଜଳି ଉଠିଲା ବାରୁଦ । ଆଲୁଅର ଅଦ୍ଭୁତ ଶବ୍ଦ ଅନ୍ଧାରରେ ବି ହସେ । ଆଉ ସେ ହସ ଏମିତି ଝଲମଲ ଯେ ଆଖିକୁ ଝଲସେଇ ଦିଏ ।……

ଭଲ କରି କିଛି ଦେଖିବା ଆଗରୁ ଲିଭିଗଲା କାଠିଟା । ପୁଣି ଗୋଟିଏ କାଠି କାଢ଼ିଲା ଉପେନ୍ । ପୁଣି ରଚରଚ କରି ଦିଅର ଘଷିବାର ଶବ୍ଦ । ଏଥର ନିଆଁଟା ବେଶ୍ ଟିକେ ଉଜାଲା ଆଗ ଅପେକ୍ଷା । ମାଧବୀ ମୁହଁରେ ଦୃଷ୍ଟି ପଡ଼ିଲା ଉପେନ୍‌ର । ଚମକି ଉଠିଲା ସେ । ଏ କ'ଣ ? ମାଧବୀ ଏମିତି ଡଙ୍କ ମୋଡ଼ିଲା ପରି ଶୋଇଚି କାହିଁକି ? ମୁହଁରୁ ଫେଣ ବାହାରି ଶେଯଟା ଓଦା ହୋଇଯାଇଚି । ଇସ୍ ! କି ଗନ୍ଧ ! କ'ଣ ହେଇଚି

ମାଧବୀର ? ଭୟ ଓ ଆଶଙ୍କାରେ ଉପେନ୍‌ର ହାତ ଯେମିତି ଥରଉଠିଲା । ଛୁଇଁବାକୁ ହାତ ବଢ଼େଇ ସେ ଯେମିତି ଛୁଇଁ ପାରିଲାନି ।

ଏଥର ବି ଖାଡ଼ିଟା ଦପ୍‌କରି ଲିଭିଗଲା । କିନ୍ତୁ ଟେବୁଲ୍ ଉପରେ ଥୁଆ ହୋଇଥିବା ଅର୍ଦ୍ଧନିର୍ବାପିତ ମହମବତୀ ଉପରେ ଦୃଷ୍ଟି ପଡ଼ିଲା ଉପେନ୍‌ର । ଆଉ ଗୋଟିଏ କାଠି ମା'ରି ଲଗେଇଲା ସେ ମହମବତୀ । ଆଲୁଅର ସ୍ପଷ୍ଟତା ଭିତରେ ତା ମନର ଆଶଙ୍କା ଯେପରି ତା ଆଗରେ ଆଉରି ଭୟଙ୍କର ହୋଇ ଠିଆହେଲା । ସମସ୍ତ ଦେହ ବୁଡ଼ିଗଲା ଝାଳରେ । ସେ ସ୍ପଷ୍ଟ ବୁଝିପାରିଲା, ତା ଗୋଡ ଦିଟା ଥରୁଛି, ତା ମୁଣ୍ଡଟା ଘୂରୁଛି । ସବୁ କିଛି ଦେଖିଲା ପରି ମନେହେଲେ ବି କିଛି ଯେମିତି ଦେଖିପାରୁନି ସେ । ଝାପସା, ସବୁ ଯେମିତି ଝାପ୍‌ସା । ଅନ୍ଧାର ଭିତରେ ବରଂ ସେ ବେଶ୍ ନିର୍ଭିକ ରହିଥିଲା । ଆଲୁଅ ବି ଅନ୍ଧାରଠୁ ଏପରି ଅଁଶ୍ଚର୍ଯ୍ୟ ଭୟଙ୍କର, ଜୀବନରେ ଏଇ ପ୍ରଥମ ସେ ଅନୁଭବ କଲା । ଆଲୁଅ କି କଦର୍ଯ୍ୟ ! ଆଲୁଅ କି କଦାକାର ! କି ବୀଭତ୍ସ ଆଲୁଅର ଏଇ ଉଲଗ୍ନତା ! ସେ ଯେପରି ଚିତ୍କାର କରିଉଠିଲା । ଗଳା ଫଟେଇ କାହାକୁ ଡାକ ଛାଡ଼ିଲା; କିନ୍ତୁ କିଏ ଅଛି ତା ପାଖରେ ?

ସେ ସ୍ତବ୍ଧ ହେଇ ଠିଆହେଲା ।

ସ୍ତବ୍ଧତା ହିଁ ସାହସ ।

ସ୍ତବ୍ଧତା ହିଁ ବିସ୍ମୃତି ।

ଚୁପ୍ କରି କିଛି କ୍ଷଣ ଛିଡ଼ାହେଇ ପ୍ରକୃତିସ୍ଥ ହେଲା ପରେ ଏଥର ପୁଣି ଥରେ ସେ ଚାହିଁଲା ମାଧବୀକୁ । କି ଅଶ୍ଚର୍ଯ୍ୟ ! କୋମଳ ନିଦରେ ଶୋଇଛି ମାଧବୀ । କି କରୁଣ ଆଉ କାତର ତା' ଶୋଇବାର ଭଙ୍ଗୀ ! ହଲ୍‌ଚଲ୍ ନାଇଁ । ଶାଡ଼ୀର ବିପର୍ଯ୍ୟସ୍ତତା ଭିତରେ ସ୍ପନ୍ଦନ ନାହିଁ । ସବୁ କଠିନ ଆଉ ନିଷ୍ପ୍ରାଣ ।

ସେ ସ୍ପର୍ଶ କଲା ମାଧବୀର ଦେହ । ବରଫ ପରି ହେମାଳ ମାଧବୀର ହାତ । ଅନ୍ଧାର ପରି ନିଷ୍ପ୍ରାଣ ମାଧବୀର କେଶଗୁଚ୍ଛ ।

· ଆର୍ତ୍ତନାଦ କରିଉଠିଲି ଉପେନ୍ ।

ଘରର ଶୂନ୍ୟତା ଭିତରେ ମୃତ୍ୟୁର ହାହାକାର !

ଖଣ୍ଡିଏ କାଗଜ ଚଉତା ହୋଇ ଥୁଆହୋଇଚି ମୁଣ୍ଡ ପାଖରେ, ହଠାତ୍ ନଜର ପଡ଼ିଲି ଉପେନ୍‌ର ।

ଭୟ ଆଉ କ'ଣ ଅଛି ? ମୃତ୍ୟୁକୁ ମୁହାଁମୁହିଁ ଦେଖିସାରିଲା ପରେ, ତାର କଥା ଶୁଣିବାରେ ବିପଦର ଆଶଙ୍କା କ'ଣ ? ଖୋଲି ପଢ଼ିଲି —

"ଉପେନ୍‌ନା,

କେଉଁ ଜନ୍ମରେ କି ପାପ କରିଥିଲି, ଏ ଜନ୍ମରେ ନାରୀ ହୋଇ ଜନ୍ମ ହେଲି । କୁଳର ଝିଅ, ପେଟ ବିକଳରେ ଘରଦ୍ୱାର ଛାଡ଼ି ରାସ୍ତାରେ ଠିଆ ହେଲି । ନୂଆ ଜୀବନର ମୋହ ଦେଖେଇ ତୁମେ ମତେ ପାପ-ପଙ୍କରୁ ଉଦ୍ଧାର କରି ଆଣିଲ । କିନ୍ତୁ ମୁଁ ଯେ କଳଙ୍କିନୀ ! ବଞ୍ଚିବାର ଅଧିକାର ମୋର ନାହିଁ ସମାଜରେ । ଦଶ ବାର ଦିନ ଭିତରେ ସାରା ସହରରେ ତୁମର ଚରିତ୍ରରେ ଏ ଯେଉଁ କଳଙ୍କ ଲାଗିଚି, ତା ଶୁଣି ସହ୍ୟ କରିପାରିଲିନି ଉପେନ୍‌ନା ! ମୋ ପାଇଁ ତୁମେ ଅପମାନିତ ହେବ ଦଶ ଜଣଙ୍କ ପାଖରେ, ହା' କ'ଣ ମୁଁ ଦେଖି ବଞ୍ଚିପାରିବି ?

ଆଜି ସଞ୍ଜବୁଡ଼ି ବାରେନ୍ ବାବୁ ଆସିଥିଲେ । ସେ ତୁମର ଅତି ପୁରୁଣା ବନ୍ଧୁ ବୋଲି କହିଲେ । ତାଙ୍କର ଅନେକ ପାରିବାର-ପଣିଆର ବାହାଦୁରୀ ଭିତରେ ଯେ ମୋ ପରି ଝିଅଙ୍କୁ ବ୍ୟଭିଚାରର ନର୍କ ଦୁଆର ବାଟେ ମୁକ୍ତିର ସ୍ୱର୍ଗ ଆଡ଼େ ନିବାକୁ ସାହାଯ୍ୟ କରୁଚନ୍ତି ବୋଲି କହିଲେ । ମୋ ନର୍ତ୍ତକୀ ଜୀବନକୁ ସେ ଖୁବ୍ ପ୍ରଶଂସା କଲେ, ଆଉ ମୋତେ ସେ ଝଲମଲ ଜୀବନର ଐଶ୍ୱର୍ଯ୍ୟ ଭିତରୁ ଟାଣିଆଣି ଏ ବସାଘରର ନିବୁଜ ଅନ୍ଧାର ଭିତରେ ଛଟପଟ କରି ମାରୁଚ ବୋଲି ତୁମକୁ ଇତର ଆଉ ଅଧମ ବୋଲି ଭର୍ତ୍ସନା ବି କଲେ । ଏ ଘର ବାହାରେ ମୋ ରୂପ, ମୋ କଥା, ମୋ ହସ ଆଉ ନାଚର ଏତେ ମୂଲ୍ୟ ଅଛି...ପ୍ରଥମ କରି ଜାଣିଲି ତାଙ୍କ ହାତରେ ଦଶ ଖଣ୍ଡ ଟେହେଟଙ୍କିଆ ନୋଟର ଝକ୍‌ମକ୍

ବେହେରା ଦେଖି । ଜୀବନକୁ ଉପଭୋଗ କରିବାର ଏତେ ବଡ଼ ସୁଯୋଗରୁ ତୁମେ ମତେ କାହିଁକି ବଞ୍ଚିତ କଲ ଉପନନା ? ଏ ଘରେ ମତେ ତୁମେ କାହିଁକି ବନ୍ଦୀ କରି ରଖିଚ ? କ'ଣ କରିବ ମତେ ରଖି ?

ଦଶ ଦିନ ହେଲା ଲକ୍ଷ୍ୟ କରୁଚି, ମୋ ନେଇ ତୁମେ କି ବ୍ୟସ୍ତ ! ମତେ ସୁଖୀ କରିବା ପାଇଁ କି ଚିନ୍ତାରେ ତୁମେ ଛଟପଟ କରୁଚ ! କିନ୍ତୁ ଗୋଟାଏ କଳଙ୍କିନୀର ପାଇଁ ତୁମେ କି ଧନ୍ଦି ହଉଚ ! ବ୍ରଜବାବୁଙ୍କ ସହିତ ପରାମର୍ଶ କରୁଚ । ମୋ ଗୁଣଗ୍ରାମ ତାଙ୍କ ପାଖରେ ବଢ଼େଇ କରି କହି ତାଙ୍କ ମନରେ ମୋ ଚରିତ୍ର ଆଉ ସୁନ୍ଦରିମାର ରେଖାପାତ କରଉଚ । ହେଲେ କାହିଁକି ? ମତେ ସେ ବାହା ହେବେ ? ମତେ ଗୃହିଣୀ ହେବାର ସୌଭାଗ୍ୟ ଦେବେ ? ଆଉ ସେଇଥିରେ ତୁମେ ପାଇବ ମତେ ସମାଜରେ ପ୍ରତିଷ୍ଠା କରିଦେବାର ଗର୍ବ ?

ତୁମେ କ'ଣ ଏଇ ଗର୍ବ ଟିକକ ପାଇଁ ମତେ ସେଦିନ ରାତିରେ ଲକ୍ଷ୍ମୀ ଥିଏଟର୍ସରୁ ଟାଣି ଆଣିଥିଲ ?

କେତେଗୁଡ଼ାଏ ପ୍ରଶ୍ନ ଆଜି ମୋ ମନ ଭିତରେ ଅଡ଼ୁଆ ତଡ଼ୁଆ ହୋଇ ଗଣ୍ଠି ବାନ୍ଧୁଛି । ଭାବୁଥିଲି, ମୁହାଁମୁହିଁ ଥରେ ତୁମକୁ ପଚାରି ମୋ ଶେଷ ପଥ ବାଛିନେବି । କିନ୍ତୁ ତୁମକୁ ପଚାରିବାକୁ ସାହସ ନ କରି ପାରିବା କଥା ନୁହେଁ ଉପନନା, କାଇଁକି କେଜାଣି, ତୁମକୁ ଦେଖିଲେ ମୋ ମନ କ'ଣ ହୋଇଯାଏ । ସବୁ ରାଗ ଅଭିମାନ କୁଆଡ଼େ ଉଭେଇଯାଏ । ମୋର କମିତି ଦୟା ହୁଏ ତୁମ ଉପରେ । ଭାବେ, କାହାକୁ କ'ଣ ପଚାରିବି ? ମୋ ଭଲ ପାଇଁ, ମୋ ସୁଖ ପାଇଁ, ମୋ ଐଶ୍ୱର୍ଯ୍ୟ ପାଇଁ ଯେ ଏତେ ପାଗଳ, ଯେ ଏତେ ଅନ୍ଧ, ତାକୁ ବା ଅଧିକା କ'ଣ ପଚାରି ବୁଝିବି ? ପଚାରି ବସି ଆଉରି ଏକ ଗୁରୁତର ଭୁଲ୍ କରିବି ନାହିଁ ତ ? ଯୁ' ଭୁଲ୍‌ରେ ତୁମ ଭବିଷ୍ୟତ, ତୁମ କର୍ମମୟ ଜୀବନର ବିରାଟ ପୃଥିବୀ ଭୂମିକମ୍ପ ପରି ଥରଉଠି ଚୂରମାର ହୋଇ ଯିବନି ତ ? ନା, ନା, ନ ହେଲା ପଛେ ମୋ ଜୀବନର ଶେଷ ନିଷ୍ପତ୍ତି, ତୁମର ଏତେ ବଡ଼ ସର୍ବନାଶର କାରଣ ଶେଷକୁ ମୁଁ ହେବି ?

ମୁଁ ବଞ୍ଚିରହି ତୁମ ଜୀବନର ଏ ଅପଯଶ ଦେଖିପାରିବିନି, ଶୁଣିପାରିବିନି ।

କେତେ ବଡ଼ ନାଁ ଆଜି ତୁମର । ତୁମେ ଆମ ଗାଁବାଲାଙ୍କର ଶିକ୍ଷାର ଗର୍ବ, ତୁମେ ଦେଶର ଏତେ ବଡ଼ ଖବରକାଗଜର ସୁନାମୀ ଲେଖକ, ତୁମେ ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରିବା ପାଇଁ ଗରିବ ମୂଲିଆଙ୍କର ନେତା, ତୁମେ ଜନତାର ଅଗ୍ରଣୀ, ତୁମେ ଜାତିର ଯୁଗଜନ୍ମା......

କିନ୍ତୁ କାହା ବଳରେ ? ତୁମ ଚରିତ୍ର ଆଉ ମନର ଜୋର୍‌ରେ ପରା !

ହେଲେ ଏ ଘରେ ମୁଁ ଆସି ରହିଲା ଦିନଠୁ ତୁମ ମାନ୍ ଆଉ ଚରିତ୍ର, ଉଭୟଙ୍କୁ ଯେପରି ଲାଗିଛି କଳଙ୍କର ଦାଗ । ତୁମ ଜୀବନ ବିଷାକ୍ତ ହୋଇ-ଉଠିଛି ମୋ ସାନ୍ନିଧ୍ୟରେ ।

ବୁଝିପାରୁଛ, କି ଅନିଷ୍ଟକାରକ ମୁଁ ତୁମ ପାଇଁ ! କି ସାଙ୍ଘାତିକ ମୁଁ ! ମୁଁ ନର୍କର ହଳାହଳ । ତୁମକୁ ମୁକ୍ତି ନ ଦେଲେ ତୁମେ ଛାରଖାର ହୋଇ-ଯିବ । ତୁମର ଏତେ ବଡ଼ ମହାର୍ଘ ଜୀବନ ତଳାତଳାନ୍ତ ହୋଇଯିବ ।

ସେଇଥିପାଇଁ ମୁକ୍ତି ଦବା କଥା ଚିନ୍ତା କଲି ମୁଁ । ମୋ ଜଞ୍ଜାଳରୁ ତୁମକୁ ମୁକ୍ତ ଦେବି, ମୋ ଚିନ୍ତାରୁ ତୁମକୁ ମୁକ୍ତି ଦେବି—ଏଇ କଥା ଯେତେବେଳେ ଭାବିଲି, ସେତେବେଳେ ତୁମ ପାଇଁ ମରିବା ଛଡ଼ା ମତେ ଆଉ କିଛି ବାଟ ଦେଖାଗଲା ନାହିଁ । ମୁଁ ଦୁନିଆରେ ଯେ କୌଣସି ଜାଗାରେ ଯଦି ବଞ୍ଚି କରି ରହେ, ତୁମ ପାଖରୁ ପଳାଇଯାଇ ଯେତେ ସୁଖରେ ରହିଲେ ବି ତୁମେ କଅଣ ଶାନ୍ତ ହୋଇ ରହିବ ? ମୋ ପ୍ରତି ତୁମ କର୍ତ୍ତବ୍ୟ କରିବାରେ ତୁମର କେଡ଼େ ଆଗ୍ରହ, କେତେ ଉତ୍କଣ୍ଠା ! ତା' କ'ଣ ମୋତେ ଅଛପା ଅଛି ? ତୁମେ କେଡ଼େ ଜିଦ୍‌ଖୋର, ମୁଁ କ'ଣ ଜାଣେନା ? ମାଧବୀକୁ ତୁମେ ଥରେ ହେଲେ ମୁହଁ ଖୋଲି ଭଲ ପାଅ ବୋଲି କହିନ, ତେବେ ବି ମାଧବୀ ପାଇଁ କର୍ତ୍ତବ୍ୟ କରିବାରେ ତୁମର କି ଦୁର୍ବଳତା ! ଅନେକ ସମୟରେ ଭାବେ, ତୁମ ପରି ଏଡ଼େ ଠାଣୁଆ ମଣିଷ ପାଖରେ

କାହିଁକି ଆସିଲା ଏତେ ସ୍ନେହ କରିବାର ମମତା ? ମତେ ସମ୍ମାନର ସହିତ ବଞ୍ଚାଇ ରଖିବା ପାଇଁ ଚେଷ୍ଟା କରୁଥିଲ; କିନ୍ତୁ ମୋ ସମ୍ମାନ ପାଇଁ ତୁମ ସମ୍ମାନ ନଷ୍ଟ ହେବ, ଏହା କ'ଣ ମୁଁ ଦେଖିପାରିବ ?

ଶେଷ ବିଦାୟ ନେଇ ଚାଲିଲି ।

ତୁମ ସ୍ନେହର ମୂଲ୍ୟ ଦେଇପାରିଲି ନାହିଁ ।

ଦବାର ଆଉ କ'ଣ ଅଛି ଏ ହତଭାଗିନୀର ? ଝରାଫୁଲ ମୁଁ, ତୁମ ପୂଜାରେ ଲାଗିବାର ଯୋଗ୍ୟା ନୁହେଁ । ମତେ ବଞ୍ଚାଇ ରଖି, ସମାଜରେ ପ୍ରତିଷ୍ଠା କରି କିଛି ଲାଭ ହୋଇ ନ ଥାନ୍ତା । ଆଉ ମୋ ସଦ୍‌ଗତିର କଥା ? ସେକଥା ବିଚାର କରିବାକୁ ଅଛି ଆଠଣା ପଇସାର ବିଷ । ସେ ମୋତେ ସୁଖଶାନ୍ତିର ପଥ ଦେଖାଇଦବ । ସେଥିରେ କାହାର ଈର୍ଷା କରିବାର କିଛି ନାହିଁ ସମାଜରେ ।

ମୁଠିଏ ଭାତ ନ ପାଇ ଗାଁରୁ ଆସିଥିଲି ସହରକୁ । ଅଭିନେତ୍ରୀ ହୋଇଥିଲି ବିଧବା ଜୀବନର ବାକି କେତେଗୁଡ଼ିଏ ଦିନକୁ ଫାଙ୍କି ଦେବା ପାଇଁ । କିନ୍ତୁ ଧରା ପଡ଼ିଗଲି ତୁମ ପାଖରେ ।

ତାପରେ ?

ବଞ୍ଚି ରହିଥିଲେ କ'ଣ ହୋଇଥାନ୍ତା କେଜାଣି !

କିନ୍ତୁ···ଜହର ଖାଇ ମରି ଆଜି ମୁଁ ମୁକ୍ତିର ସ୍ୱର୍ଗ ଦେଖିବାକୁ ଯାଉଛି । ଆଉ···

ତୁମରି
ହତଭାଗିନୀ
ମାଧବୀ"

ପଡ଼୍ ପଡ଼୍ ସ୍ନେହଟି ପିଲାଟି ପରି କହିଁ କହିଁ ହୋଇ କାନ୍ଦିଉଠିଲା ଉପେନ୍ । କାନ୍ଦି କାନ୍ଦି ଟଳିପଡ଼ିଲା ମାଧବୀର ନିର୍ଜୀବ ଦେହ ଉପରେ ।

ଦମକାଏ ପବନ ପଶିଆସିଲା ଝରକା ବାଟେ । ଦପ୍ କରି ଲିଭିଗଲା ମହମବତୀ । ଲୁହର ଆବର୍ତ୍ତ ଭିତରେ ନିଛନ୍ ଅନ୍ଧକାର ଯେପରି

ପ୍ରେତ ପରି ଭୟଙ୍କର ହୋଇଉଠିଲି; କିନ୍ତୁ ଭୟରେ ଥରି ଉଠିଲେନି ଉପେନ୍ । ପ୍ରେତାୟିତ ମୃତ୍ୟୁକୁ ଏପରି ମୁହାଁମୁହିଁ ସାମ୍ନାରେ ଦେଖିବା ପରେ ଡରିବାର କ'ଣ ଅଛି ?

ଗୋଟିଏ ନିର୍ମମ ଉତ୍ତେଜନାରେ ପାଗଳଙ୍କ ପରି ଉଠି ଠିଆ ହେଲା ସେ । ତା'ର ଯେମିତି ମନ ହେଲା, ଏ ଘର ଭିତରୁ କେବଳ ନୁହେଁ, ଏଇ ପୃଥିବୀର ଅଭିଶପ୍ତ ସମାଜ ଭିତରୁ ସେ କୁଆଡ଼େ ଛୁଟି ପଳେଇଯିବ । ଏକା ନୁହେଁ, ମାଧବୀର ମୃତ ଦେହକୁ ସାଙ୍ଗରେ ନେଇ । ଯାଇ ଶାନ୍ତିର ନିଶ୍ୱାସ ମାରିବ । ଓ ! ଶେଷକୁ ମାଧବୀର ମୃତ୍ୟୁର କାରଣ ହେଲା ସେ ? ତା'ର ସେଇ ନର୍ତ୍ତକୀର ଜୀବନ, ହେଉ ପଛେ ନର୍କର ହଳାହଳ, କିନ୍ତୁ ବଞ୍ଚି ରହିଥାନ୍ତା ତ ସେ ! ଏପରି ଛଟପଟ ହୋଇ ମରି ନ ଥାନ୍ତା ତ ! କି ଭୁଲ୍ ସେ କରିଛି ମାଧବୀକି ସେଦିନ ଟାଣିଆଣି ! ଗୋଟାଏ ନୂତନ ଜୀବନର ମୋହ ଦେଖେଇ ଶେଷକୁ କୁ'ଟି ନେଇ ସେ ତାକୁ ଛିନ୍ଡ଼ା କରେଇଲା ? କି ସର୍ବନାଶ କଲା ସେ ମାଧବୀର ? ଛି, ଛି, ଏ ଭୁଲ ପାଇଁ ସେ କି ପ୍ରାୟଶ୍ଚିତ୍ତ କରିବ ?

କେତେବେଳ ଯାଏଁ ସେ ଅନ୍ଧାର ଭିତରେ ଗୁମ୍ ହୋଇ ବସି ରହିଲା ଉପେନ୍, ଠିକ୍ ବୁଝି ହେଲା ନାହିଁ । ବହି ଚାଲିଲା ରାତିର ନିଃସୁପ୍ତ ପ୍ରହରର ଭିତରେ ସମୟର ଚିରନ୍ତନ ପ୍ରବାହ । ଆଉ ସେଇ ପ୍ରବାହର ଏକ ଉଦ୍‌ବେଳିତ ଉଚ୍ଛ୍ୱାସ ଭିତରେ ଉପେନ୍ ହଠାତ୍ ଠିଆ ହୋଇପଡ଼ି ଦି ହାତରେ ଟେକି ଧରିଲା ମାଧବୀର ମୃତ ଦେହ । ପକେଇଲା କାନ୍ଧ ଉପରେ । ସୁଦୃଢ଼ ପଦକ୍ଷେପରେ ଆସିଲା ବାହାରକୁ ।

ରାସ୍ତା ଉପରକୁ ଗୋଡ଼ ବଢ଼େଇବା ଆଗରୁ ଦୁଆର ବନ୍ଧ ପାଖରେ ସେ ସ୍ତବ୍ଧ ହୋଇ ଠିଆ ହେଲା କିଛିକ୍ଷଣ । ନିଶୂନ୍ ଚାରିଆଡ଼ । ଖୋଲା ଦୁଆର ବାଟେ ଖୁବ୍ ଦୂରରେ ଅସ୍ପଷ୍ଟ ହୋଇ ବାରି ହେଉଛି ଗୋଟାଏ ଝଙ୍କାଳିଆ ଓସ୍ତଗଛର ପ୍ରସାରିତ ଛାଇ । ସ୍ତବ୍ଧତାର ନିଶ୍ୱାସ ପଡ଼ି ଝରୁଛି ତା ପରେ । ସମସ୍ତ ରାତି ସମର୍ପିତ, ଅନୁଭୂତିହୀନ, ଶୂନ୍ୟତାରେ ପ୍ରକ୍ଷିପ୍ତ ।

ଏଇ ତ ମୁହୂର୍ତ୍ତ ।

ନିର୍ଜନତାର ସୀମାରେଖା ଭିତରେ ମାଧବୀକୁ କାଛରେ ପକେଇ ଚାଲିଯିବା ପାଇଁ ଏଇ ତ ସୁଯୋଗ । କେହି ଜାଣିବେ ନାହିଁ, କେହି ଦେଖିବେ ନାହିଁ । ସମସ୍ତଙ୍କ ଅଗୋଚରରେ ସେ ଚାଲିଯିବ ଦୁର୍ଦ୍ଧର୍ଷ ବିକ୍ରମରେ, ରାତିର ପ୍ରେତାୟିତ ଅନ୍ଧକାର ଭିତରେ ଅପରାଜେୟ ସୈନିକ ପରି । ଆଜ ତା'ର ବିଜୟର ଦିନ ।

ଏତେ ଦିନ ଯେ ଦେଶ ଉପରେ, ଜାତି ଉପରେ ଅଭିମାନ କରି ଆସିଥିଲା । ଅନୁଶୋଚନା କରି ଆସିଥିଲା ତା ଦାରିଦ୍ର୍ୟ ପାଇଁ । କିନ୍ତୁ ଆଜ ସେ ପାଇଚି; ପାଇଚି ତା ଜାତିତ୍ୱ । ସେ ପାଇବାର ପ୍ରାଚୁର୍ଯ୍ୟରେ ସ୍ତବ୍ଧ ଆଜି ତାର ଭାବଧାରା । କି ବିରାଟ ତାର ପାଇବା ! କି ବିପୁଳ ସେ ପାଇବାର ମୂଲ୍ୟ ! ସମସ୍ତ ଦାରିଦ୍ର୍ୟ ଆଜି ତାର ଭରି ଉଠିଛି । ସମସ୍ତ ହାହାକାର ଆଜି କଥା କହିଉଠିଚି ।

ତା ଆଖି ଲୁହରେ ଛଳ ଛଳ ହୋଇଆସିଲା । ଦୁଆର ମୁହଁରୁ ସେ ଓହ୍ଲାଇଲା ତଳକୁ । ଗଲା ରାସ୍ତା ଉପରକୁ । ଚାରିଆଡ଼େ ଆଖି ବୁଲେଇ ଥରେ ଚାହିଁଲା । ନା, କେହି ନାହିଁ । କେବଳ ତ ଶୂନ୍ୟ । ବାଦଲ ଅନ୍ଧକାର ଭିତରେ ସମସ୍ତ ସହର ଯେପରି ହଠାତ ନିଶ୍ଚିହ୍ନ ହୋଇଯାଇଚି ।

ପାହୁଣ୍ଡ ଉଠେଇଲା । ପାଦେ ଆଗକୁ ଚାଲିଲା ।

ହଠାତ୍ ପଛରେ କାହାର ଧସ୍‌ସ । କିଏ ? ଉପେନ୍ ଚମକି ଉଠିଲା ।

—ମୁଁ । ଜନତାର ସକରୁଣ ଆର୍ତ୍ତକଣ୍ଠ । ଧଇଁସଇଁ ହୋଇ ଗୋଟାଏ ନିଶ୍ୱାସରେ ସେ ଯେପରି ପାଗଳଙ୍କ ପରି ଛୁଟି ଆସିଚି ।

—ଜନତା ? ଆଶ୍ଚର୍ଯ୍ୟ-ସ୍ତବ୍ଧ ଗଳାରେ ପଚାରିଲା ଉପେନ୍ । —ତୁମେ ? ଆଉ ପଛରେ ସେ କିଏ, ବ୍ରଜ ?

—ହଁ । ରଜତା ନବଡ଼ ହେଇଆସିଲା ।

—କୁଆଡ଼େ ଆସିଚ ?

—ତୁମର ପାଖକୁ । କମ୍ପିତ କଣ୍ଠରେ ପଚାରିଲା ରଜତା— ମାଧବୀକୁ ତୁମେ ସତରେ ଭଲ ପାଅ ?

—ସାଙ୍ଘାତିକ ଭାବରେ ଭଲ ପାଏ ରଜତା ! ଠୋ ଠୋ କରି ହସିଉଠିଲା ଉପେନ୍ । କି ବଜ୍ରଗମ୍ଭୀର ସେ ହସର ଉଚ୍ଛ୍ୱାସ !—ମାଧବୀକୁ ଭଲ ନ ପାଉଥିଲେ ମୋ କାନ୍ଧରେ ତାକୁ ଏପରି ଭାବରେ ପକେଇ ଚାଲିଥାନ୍ତି ?

—କୁଆଡ଼େ ନେଇଯାଉଚ ମାଧବୀକୁ ? ସନ୍ଦିଗ୍ଧ ଗଳାରେ ପଚାରିଲା ରଜତା ।

ଅନ୍ଧାର ଭିତରେ ସେ ମାଧବୀର ଶାଢ଼ୀ ଆଉ ଆଲୁଳାୟିତ କେଶର ଅଜସ୍ର ଭୟଙ୍କରତାକୁ କେବଳ ଦେଖି ପାରୁଥିଲା । ଭୟବିହ୍ୱଳ କଣ୍ଠରେ ସେ ପଛକୁ ମୁହଁ ଫେରାଇ ଡାକିଲା ବ୍ରଜକୁ । —ଭାଇ, କୁଆଡ଼େ ନେଇ ଚାଲିଚନ୍ତି ଏ ମାଧବୀକୁ ଦେଖ ତ ? କ'ଣ ହେଇଚି ମାଧବୀର ?

ପାଖେଇ ଆସିଲା ବ୍ରଜ । ଉପେନ୍ଦ୍ରର ଏ ଭୟଙ୍କର ମୂର୍ତ୍ତି ସେ କେବେ ଦେଖି ନ ଥିଲା ଆଗରୁ । ମାଧବୀ କ'ଣ ଅସୁସ୍ଥା ? କାନ୍ଧରେ ଏପରି ଭାବରେ ଝୁଲେଇ କୁଆଡ଼େ ଚାଲିଚି ଉପେନ୍ ରାତିର ଏ ନିଃସୁପ୍ତି ଭିତରେ ?

—କୁଆଡ଼େ ଯାଉଚ ତୁମେ ? ବ୍ୟାକୁଳ କଣ୍ଠରେ ପୁଣି ଥରେ ପ୍ରଶ୍ନ କଲା ରଜତା । —କୁହ, କ'ଣ ହେଇଚି ମାଧବୀର ? ତୁମେ କିଛି କହୁନ କାହିଁକି ? ସତ କହୁଚି, ମୁଁ ଜୀବନ-ମରଣର ଶେଷ ନିଷ୍ପତ୍ତି ପାଇଁ ଧାଇଁ ଆସିଚି, ଥରେ ତୁମ ମୁହଁରୁ ଶୁଣିବାକୁ, ତୁମେ ମାଧବୀକୁ ଭଲ ପାଅ ? କୁହ, କୁହ—ତୁମେ ମାଧବୀକୁ ଭଲ ପାଅ ?

ଅସହ୍ୟ ବେଦନାର ଜ୍ୱାଳାରେ ଯେପରି ଫାଟିଯାଉଚି ରଜତାର କଣ୍ଠ ! ତା ଗୁଡ଼ ଯେପରି ବଦାର୍ଣ୍ଣ ହେଇଯାଉଚି ।

ଉନ୍ମାଦମାଙ୍କ ପରି ସେ ଲାଗିଗଲା ଉପେନ୍ଦ୍ରର ଦେହ ପାଖକୁ… ଆନ୍ତରିକତାର ବ୍ୟାକୁଳ ଉତ୍କଣ୍ଠାରେ । ସେଇ ଅନ୍ଧାର ଭିତରେ ତା ସ୍ବପ୍ନ-ଚକିତ କରୁଣ ଦୃଷ୍ଟି ତୋଳି ସେ ଗୁହାଁରହିଲା ଉପେନ୍ଦ୍ରର କଠିନ-ସ୍ତବ୍ଧ ମୁହଁକୁ ସତୃଷ୍ଣ ନୟନରେ ପଦଏ ଉତ୍ତର ପାଇଁ…ତମେ କ'ଣ ସତରେ ମାଧବୀକୁ ଭଲ ପାଅ ?

—ଖୁବ୍ ଭଲ ପାଏ । ଉପେନ୍ଦ୍ରର ଧୂସର କଣ୍ଠସ୍ବର । ମାଧବୀକୁ ଭଲ ନ ପାଉଥିଲେ ମୋ କାନ୍ଧରେ ତା' ମୃତ ଦେହକୁ ଏପରି ଯତ୍ନରେ ବହିନେଇ ମୁଁ କ'ଣ ଗୁଲିଥାନ୍ତି ?

—ଏ, ମାଧବୀର ଶବ ? ସମସ୍ବରରେ ଆର୍ତ୍ତନାଦ କରିଉଠିଲେ ବନତା ଆଉ ବ୍ରଜ ।

—ମାଧବୀର ଶବ ! ମୋ ତରୁଣ ଜୀବନର ସାଫଲ୍ୟ ! କହି ଉପେନ୍ ଅଗେଇଲା ।

—କୁଆଡ଼େ ଯାଉଚ ? ଅଶ୍ରୁଳ କଣ୍ଠରେ ପଗ୍ଗରିଲା ବନତା ।

—ଶବ ନେଇ ଯୁଆଡ଼େ ଯିବାକୁ ହୁଏ । କହିଲା ଉପେନ୍ ।

—ମୁଁ ଯେ ଆସିଚି ଯିବି । ବନତା କଣ୍ଠରେ ଯେପରି କେତେ ଶତାବ୍ଦୀର ଆକୁତି ।

—କୁଆଡ଼େ ଯିବ ? ବିବ୍ରତ ଗଳାରେ କହିଲା ଉପେନ୍, ଏ ଏ ତୁମ ଗୁଲିବାର ବାଟ ନୁହେଁ ବନତା ! ଫେରିଯାଅ । ଆଉ ବ୍ରଜ, ତୁ ବ ଆସିଲୁ କାହିଁକି ଏ ଅସମୟରେ ? ଲୁଚି ଛପି ସମସ୍ତଙ୍କ ଅଜାଣତରେ ମୁଁ ଯେତେବେଳେ ବିଦାୟ ନେଇ ଗୁଲିଯିବାକୁ ବାହାରିଚି…

—କାହିଁକି ? ବାଟ ଓଗାଳି ସାମନାକୁ ଯାଇଁ ଛିଡ଼ା ହେଲା ବ୍ରଜ । କୁଆଡ଼େ ଯିବାକୁ ବାହାରିଚୁ ଉପେନ୍ ? କ'ଣ ହେଇଚି ତୋର ? କ ଦୁଃଖରେ ବା କରିଚୁ ଏ ସିଦ୍ଧାନ୍ତ ? ଆମମାନଙ୍କୁ ବିଜୟର ଉଦୟ ପଥରେ ଆଗେଇଦେଇ ତୁ କାହିଁକି ଆତ୍ମଗୋପନ କରି ଗୁଲିଯିବାକୁ ଗୁହୁଁ ଅନ୍ଧାରରେ !

—କାହିଁକି, ତୁ ତା' ବୁଝିବୁନି ବ୍ରଜ ! କ'ଣ ମୁଁ ପାଇଲି ଏ ଦୁନିଆରେ ? କ'ଣ ବା ହେବା ସମ୍ଭବ ଆଉ ମୋହାରି ? ମାଧବୀର

# ହା'ରେ ଦୁର୍ଭାଗା ଦେଶ

ମୃତ୍ୟୁର କାରଣ ହେବା ଛଡ଼ା କି କାମରେ ବା ଲାଗିଲା ମୋ ଜୀବନର କର୍ମ ସାଧନା···?

—ଏ ତୋର ଅଭିମାନର କଥା ଉପେନ୍ ! ତୋ ସାଧନା କ'ଣ ବ୍ୟର୍ଥ ହୋଇଯାଇଚି ? ବିଜୟପୁର କୀର୍ତ୍ତିମାଲ୍ୟ ଧରି କାଲି ସକାଳୁ ଯେ ଅଭିନନ୍ଦିତ କରିବାକୁ ଆସିବେ ତତେ ସହରର ସାତ ଶହ ପ୍ରେସ୍ କର୍ମୀବୃନ୍ଦ ! ମୁଁ ଆସିଚି ତାର ଦୂତାଭାସ ନେଇ, ଆଉ ଜନତା ବି ତା ଅନୁତପ୍ତ ପ୍ରାଣର ଦାହ ନେଇ ଆସିଚି ତୋ ଚଲାବାଟରେ ଦହୁଡ଼ି ହେଇ ଜଳିଯିବା ପାଇଁ ! ତୁ କ'ଣ ତାକୁ କ୍ଷମା ଦେବୁ ନାହିଁ ?

କଇଁ କଇଁ ହୋଇ କାନ୍ଦିଉଠିଲା ଜନତା ଅବୁଝ ଶିଶୁଟି ପରି ।

ଆଉ, ଉପେନ୍ଦ୍ର ସ୍କନ୍ଧର ଭାର ଲାଘବ କରିବା ପାଇଁ ଦୁଇଟି ହାତ ପ୍ରସାରିତ କରିଦେଲା ବ୍ରଜ । ମାଧବୀ ଦେହର କିଛି ଅଂଶ ସେ ବି ତୋଳିନେଲା ତା କାନ୍ଧରେ ।

ଦୁର୍ଭାଗା ଦେଶର ଦୁର୍ଗମ ପଥରେ ଆଗେଇ ଚାଲିଲା ଗୋଟିଏ ନର୍ତ୍ତକ ପ୍ରାଣ ପଛରେ ଦୁଇଟି ଅନୁଗତ ଆତ୍ମା···

କିନ୍ତୁ···

କେତେ ଦୂର ?

ଗହିର କେତୋଟି ନିଃସ୍ତବ୍ଧ ପ୍ରହର ଭିତରେ [ଖାନ୍‌ନଗର ମଶାଣି ଯାଏଁ, ନା···

ନୂତନ ପ୍ରଭାତର ଉଦୟ ଲଗ୍ନରେ ଆଗାମୀ ଯୁଗରେ ସାମ୍ୟ-ମୈତ୍ରୀ ସିଂହାସନ ଉପରେ ମହାମାନବର ଅଭିଷେକ ପର୍ଯ୍ୟନ୍ତ··· !!